# ଶ୍ରୀଦାରୁବ୍ରହ୍ମଙ୍କ
# ମହାପ୍ରସାଦ ରହସ୍ୟ

ଶ୍ରୀ ରବୀନ୍ଦ୍ରନାଥ ପ୍ରତିହାରୀ

CC-0. In Public Domain. Digtized by Muthulakshmi Research Academy

CC-0. In Public Domain. Digtized by Muthulakshmi Research Academy

CC-0. In Public Domain. Digtized by Muthulakshmi Research Academy

CC-0. In Public Domain. Digtized by Muthulakshmi Research Academy

# ଶ୍ରୀଦାରୁବ୍ରହ୍ମଙ୍କ
# ମହାପ୍ରସାଦ ରହସ୍ୟ

ଲେଖକ

ଶ୍ରୀ ରବୀନ୍ଦ୍ରନାଥ ପ୍ରତିହାରୀ

ଏସ୍‌ବି ପବ୍ଲିକେଶନ୍‌ସ
ବିନୋଦ ବିହାରୀ, କଟକ -୭୫୩୦୦୨

CC-0. In Public Domain. Digtized by Muthulakshmi Research Academy

ଶ୍ରୀଦାରୁବ୍ରହ୍ମଙ୍କ ମହାପ୍ରସାଦ ରହସ୍ୟ

ଶ୍ରୀ ରବୀନ୍ଦ୍ରନାଥ ପ୍ରତିହାରୀ, ଆଡ଼ଭୋକେଟ୍
ମଣିକର୍ଣ୍ଣିକା ସାହି, ପୁରୀ-୧ ମୋ-୯୮୬୧୪୫୫୨୪୮

ସର୍ବସ୍ୱତ୍ୱ- ଶ୍ରୀ ନାରାୟଣ ପ୍ରତିହାରୀ

ପ୍ରକାଶକ
ନଳିନୀକାନ୍ତ ନନ୍ଦ
ଏସ୍‌ବି ପବ୍ଲିକେଶନ୍‌ସ
ବିନୋଦ ବିହାରୀ, କଟକ-୭୫୩୦୦୨

ପ୍ରଥମ ସଂସ୍କରଣ- ୨୦୧୨
ମୂଲ୍ୟ- ୧୫୦.୦୦

---

# SRIDARUBRAMHANKA MAHAPRASAD RAHASYA

by

**Sri Rabindranath Pratihari**

Published by
**Nalini Kanta Nanda**
**SB PUBLICATIONS**
Binod Behari, Cuttack -753002

**1st. Edition -2012**

**Price- Rs. 150.00**
**ISBN 81 7404 138 9**

CC-0. In Public Domain. Digtized by Muthulakshmi Research Academy

ଓଁ

ଶ୍ରୀଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅନୁକମ୍ପା ରୂପକ
"ଶ୍ରୀଦାରୁବ୍ରହ୍ମଙ୍କ ମହାପ୍ରସାଦ ରହସ୍ୟ"
ଗ୍ରନ୍ଥଟିକୁ ତାଙ୍କରି ପାଦପଦ୍ମରେ
ନୈବେଦ୍ୟ ରୂପେ
ସମର୍ପଣ କରୁଅଛି ।

ବିନୟାବନତ ସେବକ

ରବୀନ୍ଦ୍ରନାଥ

CC-0. In Public Domain. Digtized by Muthulakshmi Research Academy

CC-0. In Public Domain. Digtized by Muthulakshmi Research Academy

# ଉପକ୍ରମଣିକା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଶେଷ କୃପା ଓ କରୁଣା ଫଳରେ ଦୁଇଖଣ୍ଡ ପୁସ୍ତକ ''ଶ୍ରୀଦାରୁବ୍ରହ୍ମଙ୍କ ଲୀଳା ରହସ୍ୟ'' ଓ ''ଶ୍ରୀଦାରୁବ୍ରହ୍ମଙ୍କ ଆଜ୍ଞାମାଳ ରହସ୍ୟ'' ଲେଖିବାର ସାହସ କରିପାରିଥିଲି । ଦ୍ୱିତୀୟ ପୁସ୍ତକଟି ଲେଖା ହେବା ସମୟରେ ଶ୍ରୀଦାରୁବ୍ରହ୍ମଙ୍କ ଶ୍ରୀମହାପ୍ରସାଦ ରହସ୍ୟ ବିଷୟରେ ଲେଖିବା ପାଇଁ ହଠାତ୍ ମନରେ ମହାପ୍ରଭୁ ପ୍ରେରଣା ଦେଲେ । ବିଷୟଟି ସିନା ମନକୁ ଆସିଲା, କିନ୍ତୁ ଶ୍ରୀମହାପ୍ରସାଦ ଭଳି ଏକ ରହସ୍ୟପୂର୍ଣ୍ଣ ବିଷୟରେ କଲମ ଚଳାଇବାକୁ ସାହସ ହେଲା ନାହିଁ । କିଛି ଦିନ ଧରି ମନ ଭିତରେ ଦ୍ୱନ୍ଦ୍ୱ ରହିଲା କଅଣ ଲେଖିବି ? କେଉଁଆଡୁ ଆରମ୍ଭ କରିବି ? କେଉଁଠୁ ପାଇବି ସହାୟକ ଗ୍ରନ୍ଥମାନ ? କିଏ ଏଥିରେ ସାହାଯ୍ୟ କରିବ ? ଏହିକଥା ଭାବି ଭାବି ଗତବର୍ଷ ପବିତ୍ର ରଥଯାତ୍ରା ଦିନ ମହାପ୍ରଭୁଙ୍କ ପାଦପଦ୍ମ ତଳେ ପଡ଼ି ତାଙ୍କୁ ହିଁ ପ୍ରାର୍ଥନା କଲି । ହଠାତ୍ କେଜାଣି କେଉଁଠୁ ପ୍ରଭୁ ପ୍ରେରଣା ଦେଲାଭଳି ଲାଗିଲା । ତା'ପରଦିନ ଦୌଡ଼ିଗଲି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଗବେଷଣା ଅଧିକାରୀ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ଘରକୁ । ମନ ବଡ଼ ଚଞ୍ଚଳ ହେଉଥାଏ କଅଣ କରିବି ? ମୋ'ର ମନଭାବ ଲକ୍ଷ୍ୟକରି ଡ. ମିଶ୍ର କହିଲେ, ''ଆଜି ଆପଣଙ୍କର ମନ ଚଞ୍ଚଳ ଜଣାପଡୁଛି ?'' ହଠାତ୍ ଦୀର୍ଘ ନିଃଶ୍ୱାସଟିଏ ପକାଇ ମୋ'ର ତାଙ୍କ ଘରକୁ ଯିବାର ଉଦ୍ଦେଶ୍ୟ କହିଲି । ମୋ' ଠାରୁ କଥାଟି ଶୁଣି ସେ ଗମ୍ଭୀର ହୋଇ କହିଲେ, ''ଆଜ୍ଞା ! ଦଶବର୍ଷ ପୂର୍ବେ ମୁଁ ଶ୍ରୀମହାପ୍ରସାଦ ବିଷୟରେ ବହିଟିଏ ଲେଖିବା ପାଇଁ ଉଦ୍ୟମ କରିଥିଲି, କିନ୍ତୁ ବହୁତ ବାଧା ସୃଷ୍ଟି ହେଲା । ମନ ବିଚଳିତ ହେଲା, ପାରିଲି ନାହିଁ । ଲେଖା ବନ୍ଦ କରିଦେଲି ।'' ସେ ଅଳ୍ପ ସମୟ ରହିଯାଇ କହିଲେ, ''କିନ୍ତୁ ଆପଣ ଶ୍ରୀଜଗନ୍ନାଥଙ୍କର ସେବକ । ଯଦି ମହାପ୍ରଭୁ ଆପଣଙ୍କର ମନରେ ଶ୍ରୀମହାପ୍ରସାଦ ବିଷୟରେ ଲେଖିବା ପାଇଁ ପ୍ରେରଣା ଦେଇଛନ୍ତି ସେ ହିଁ ସାହାଯ୍ୟ କରିବେ । ତେଣୁ ଆପଣ ପାରିବେ । ମଝିରେ ମଝିରେ ବାଧା ଆସିପାରେ, ବ୍ୟସ୍ତ ହୁଅନ୍ତୁ ନାହିଁ ।'' ପୁସ୍ତକଟି ଲେଖା ସମ୍ବନ୍ଧରେ ପ୍ରାଥମିକ କଥାବାର୍ତ୍ତା ଓ ତାଙ୍କର ସହଯୋଗର ପୂର୍ଣ୍ଣ ଆଶ୍ୱାସନା ପାଇ ଫେରିଲି ।

ଘରକୁ ଫେରିବା ବାଟରେ ମୋ'ର ପୁରାତନ ବନ୍ଧୁ ଓ ପୁସ୍ତକ ଲେଖାର ଅନ୍ୟତମ ପ୍ରେରଣାଦାତା ଦୋଳମଣ୍ଡପ ସାହି ବିଦ୍ୟାଭବନର ଶ୍ରୀ ରାଜକିଶୋର ମିଶ୍ରଙ୍କୁ ଦେଖାକଲି । ସେ ମୋ'ର ମନର ଉତ୍ସାହକୁ ଆହୁରି ବଢ଼ାଇ ଦେଇ କହିଲେ, ''ଆପଣ ଶୀଘ୍ର ଲେଖା

CC-0. In Public Domain. Digtized by Muthulakshmi Research Academy

ଆରମ୍ଭ କରନ୍ତୁ ।'' ସେ ଏଣେ ମୋତେ ଏକଥା କହି ବୋଧହୁଏ କଟକ ଏସ୍‌ବି ପବ୍ଲିକେଶନ୍‌ସର ସ୍ୱତ୍ୱାଧିକାରୀ ଶ୍ରୀଯୁକ୍ତ ନଳିନୀକାନ୍ତ ନନ୍ଦଙ୍କୁ ଜଣାଇଦେଲେ । ପରେ ପରେ ପୁସ୍ତକଟିକୁ ଶୀଘ୍ର ସମାପ୍ତ କରିବା ପାଇଁ ଶ୍ରୀଯୁକ୍ତ ନନ୍ଦଙ୍କ ଠାରୁ ପ୍ରେରଣାପୂର୍ଣ୍ଣ ବାକ୍ୟଗୁଡ଼ିକ ଦୂରଭାଷ ମାଧ୍ୟମରେ ଶୁଣିଲି । ମହାପ୍ରଭୁଙ୍କ କୃପା ଓ ବନ୍ଧୁମାନଙ୍କର ପ୍ରେରଣାକୁ ଭରସା କରି ଏହି ''ଶ୍ରୀଦାରୁବ୍ରହ୍ମଙ୍କ ମହାପ୍ରସାଦ ରହସ୍ୟ'' ପୁସ୍ତକଟି ପାଇଁ କଲମ ଚଳାଇବା ଆରମ୍ଭ କଲି ।

ପୁସ୍ତକଟି ଲେଖିବା ପାଇଁ ସିନା ମନ ବଳିଲା, କିନ୍ତୁ ବିଷୟଟି ଦିନକୁ ଦିନ ଅତି କଠିନ ଓ ରହସ୍ୟମୟ ମନେହେଲା । ଗୋଟିଏ କଥା ମନେ ପଡ଼ିଲା । ଥରେ ସମୁଦ୍ରରୁ ବାହାରିଥିବା ଖଣ୍ଡିଏ ଲୁଣଟେଳା ସମୁଦ୍ରର ଗଭୀରତା ମାପିବା ପାଇଁ ସମୁଦ୍ର ଭିତରେ ପଶି ଗଭୀରତା ମାପୁ ମାପୁ ପାଣିରେ ତା'ର ନିଜର ସତ୍ତା ହରାଇଲା । ବିଭିନ୍ନ ଶାସ୍ତ୍ର ଓ ସାହିତ୍ୟମାନଙ୍କରେ ବର୍ଣ୍ଣନା କରାଯାଇଥିବା ମତେ ଶ୍ରୀମହାପ୍ରସାଦ ହେଉଛନ୍ତି ନିଜେ 'ଅନ୍ନବ୍ରହ୍ମ' ଓ ବ୍ରହ୍ମ ଭଳି ନିର୍ବିକାର । ଶ୍ରୀଜଗନ୍ନାଥଙ୍କ ପ୍ରତିଭୂ ବା ପ୍ରତିରୂପ ହେଉଛନ୍ତି ଶ୍ରୀମହାପ୍ରସାଦ, ନିର୍ମାଲ୍ୟ ଓ କୈବଲ୍ୟ । ଦେବଗଣ, ଋଷିମୁନି, ସାଧକଗଣ ମହାପ୍ରଭୁଙ୍କ ରହସ୍ୟ ସମ୍ବନ୍ଧରେ ଆଜି ପର୍ଯ୍ୟନ୍ତ ନିର୍ଣ୍ଣୟ କରି ଶେଷ ନିଷ୍ପତ୍ତିରେ ପହଞ୍ଚି ପାରିନାହାନ୍ତି । ଦେବର୍ଷି ନାରଦ ସେଥିପାଇଁ 'ନେତି ନେତି' କହି ସେ ରହସ୍ୟର ଶେଷ ସୀମାକୁ ଯାଇ ପାରିନଥିବା କଥା ଘୋଷଣା କରିଛନ୍ତି । ମହାପ୍ରଭୁଙ୍କ ପ୍ରତିରୂପ ଭାବେ ତାଙ୍କ ସହିତ ଶ୍ରୀମହାପ୍ରସାଦ ସମାନ ଓ ରହସ୍ୟମୟ । ତେଣୁ ଶ୍ରୀମହାପ୍ରସାଦର ରହସ୍ୟ ତାଙ୍କ କୃପାବିନା କିଏ ଭେଦ କରିପାରିବା ତ ଦୂରର କଥା ସ୍ପର୍ଶ କରିପାରିବ କି ? ସମୁଦ୍ର ଭିତରେ ଲୁଣ ଖଣ୍ଡର ଅବସ୍ଥା ଭଳି ମୋ'ର ମଧ୍ୟ ସେହି ଅବସ୍ଥା ହୋଇପାରେ ଭାବି ମୁଁ ଗହନ ତତ୍ତ୍ୱ ମଧ୍ୟରେ ପ୍ରବେଶ କରିବା ଚେଷ୍ଟାରୁ ନିବୃତ ରହିଲି ।

ସଂସ୍କୃତ ସାହିତ୍ୟରେ ୨୬ଟି ପୁରାଣ, ଉପପୁରାଣ, ଔପ-ପୁରାଣ, ତନ୍ତ୍ର, ସଂହିତା ଓ ବିଭିନ୍ନ ପ୍ରାଦେଶିକ ଭାଷାମାନଙ୍କରେ ବହୁ ଗ୍ରନ୍ଥମାନଙ୍କରେ ଶ୍ରୀମହାପ୍ରସାଦ ବିଷୟରେ ବର୍ଣ୍ଣନା କରାଯାଇଅଛି ବୋଲି ଏପର୍ଯ୍ୟନ୍ତ ମିଳିଥିବା ତଥ୍ୟରୁ ଜଣାପଡ଼େ । ତନ୍ମଧ୍ୟରୁ କେତେକ ଗ୍ରନ୍ଥ ଲୁପ୍ତ, ଅପ୍ରକାଶିତ, ଅନାଲୋଚିତ ହୋଇ ରହିଛି । ପୃଥିବୀର କୌଣସି ଅର୍ଚ୍ଚା ବିଗ୍ରହଙ୍କ ପ୍ରସାଦ ସମ୍ବନ୍ଧରେ ଏତେ ଗ୍ରନ୍ଥ ନଥିବା ସ୍ଥଳେ ଶ୍ରୀଜଗନ୍ନାଥଙ୍କ ଶ୍ରୀମହାପ୍ରସାଦ ବିଷୟରେ ଏତେଗୁଡ଼ିଏ ଗ୍ରନ୍ଥ ରଚନା କରାଯାଇଥିବା ହିଁ ଶ୍ରୀମହାପ୍ରସାଦର ମହିମା, ପ୍ରସିଦ୍ଧି ଓ ରହସ୍ୟ ସୂଚାଇଥାଏ । ଏ ସମସ୍ତ ଗ୍ରନ୍ଥ ସଂଗ୍ରହ କରି ଶ୍ରୀମହାପ୍ରସାଦର ରହସ୍ୟ ବିଷୟରେ ଲେଖିବା ମୋ' ଭଳି ଜଣେ ସାଧାରଣ ଲେଖକ ପକ୍ଷରେ ସମ୍ଭବ

CC-0. In Public Domain. Digtized by Muthulakshmi Research Academy

ନୁହେଁ । ତଥାପି ତନ୍ମଧ୍ୟରୁ କେତେକ ଗ୍ରନ୍ଥ, ପୁସ୍ତକ ତଥା ଆଲେଖ୍ୟ ଯାହା ଦୃଷ୍ଟିକୁ ଆସିଛି ସେଗୁଡ଼ିକ ଦେଖିବା ପରେ ଶ୍ରୀମହାପ୍ରସାଦର ଅଲୌକିକତା ଓ ରହସ୍ୟ କଥା ଭାବିଲେ ଆଉ ଆଗକୁ କିଛି ବୁଝି ହୁଏନାହିଁ । ଯେଉଁ ଶ୍ରୀମହାପ୍ରସାଦର ରହସ୍ୟ ପୂଜ୍ୟ ଜଗଦ୍‌ଗୁରୁ ଆଦିଶଙ୍କରାଚାର୍ଯ୍ୟଙ୍କୁ ଚମତ୍କୃତ କରିଦେଇଥିଲା, ଯିଏ ଶ୍ରୀମନ୍ଦିର ଭିତରେ ବର୍ତ୍ତମାନର ଭୋଗମଣ୍ଡପ ସ୍ଥାନରେ ନିଜେ ଛତା ପୋତି ବସିରହି ସାମାନ୍ୟ ଚାଉଳ ମୁଠିଏରୁ ସୃଷ୍ଟି ହେଉଥିବା 'ଅନ୍ନବ୍ରହ୍ମ'ରୁ ପରଂବ୍ରହ୍ମଙ୍କ ସହିତ ମିଶାଇ ଦେବାର ଅସାମାନ୍ୟ ଶକ୍ତି ଅନୁଭବ କରିଥିଲେ, ସେ ପୁଣି ଦାର୍ଶନିକ ଦୃଷ୍ଟିରେ ତତ୍ତ୍ୱଟିକୁ ତଉଲାଇ ଅନୁଭବ କରିଥିଲେ ଯେ ଶ୍ରୀମହାପ୍ରସାଦର ଅର୍ଥ ମହାପ୍ରଭୁଙ୍କ ଅନୁକମ୍ପା, ଦୟା, ଅନୁଗ୍ରହ ବ୍ୟତୀତ ଆଉ କିଛି ନୁହେଁ । ବିଭିନ୍ନ ଶାସ୍ତ୍ର ମାନଙ୍କରୁ ଜଣାଯାଏ ଯେ, ମହାଦେବୀ ମହାଲକ୍ଷ୍ମୀଙ୍କ ଦ୍ୱାରା ରନ୍ଧା ହେଉଥିବା ବ୍ୟଞ୍ଜନ, ଜୀବଜଗତ, ପିତୃପୁରୁଷ, ଦେବଦେବୀ ସମସ୍ତଙ୍କ ମହାନନ୍ଦ ପାଇଁ ମହାପ୍ରଭୁ ନିଜେ ଭୋଜନ କରନ୍ତି ଓ ତାଙ୍କର ଉଚ୍ଛିଷ୍ଟ ହିଁ ଅମୃତରୂପୀ ଶ୍ରୀମହାପ୍ରସାଦ । ଯାହା ସମ୍ବନ୍ଧରେ ମହାପ୍ରଭୁ ନିଜେ କହିଛନ୍ତି- ''ମମାଧିକ୍ୟଂ ମମ କୈବଲ୍ୟଂ'' ତେଣୁ ''ମୋତେ ପଛେ ନିନ୍ଦା କର, ମୋ' ଶ୍ରୀମହାପ୍ରସାଦକୁ ନିନ୍ଦା କରନାହିଁ ।'' ସେହି ଶ୍ରୀମହାପ୍ରସାଦ ବିଷୟରେ ମୋ' ଭଳି ଏକ ସାମାନ୍ୟ ଲେଖକ କଅଣ ବା ଲେଖିବ ? ତଥାପି ସାହସ ବାନ୍ଧିଲି ଲେଖିବା ପାଇଁ । ଡ. ସୁରେନ୍ଦ୍ର କୁମାର ମିଶ୍ର କହିଥିବା କଥା ମନରେ ଥାଏ । ବହୁ ବାଧା ଆସିବ ଲେଖିବା ବେଳେ । ଆସିଲା ମଧ୍ୟ । ମାସ ମାସ ଧରି ପୁସ୍ତକ ଲେଖା ବନ୍ଦ ମଧ୍ୟ ହୋଇଗଲା ।

ପୁସ୍ତକଟି ସାତଗୋଟି ପରିଚ୍ଛେଦରେ ବିଭକ୍ତ । ଏକଥା ସମସ୍ତେ ଜାଣନ୍ତି ଯେ, ମହାପ୍ରଭୁଙ୍କ ଭୁକ୍ତାବଶେଷ ହେଉଛି ଶ୍ରୀମହାପ୍ରସାଦ । ପ୍ରଥମ ପରିଚ୍ଛେଦରେ ଶ୍ରୀମହାପ୍ରସାଦର ସନାତନୀୟ ଭିତ୍ତିଭୂମି ପ୍ରସଙ୍ଗରେ ସେହି ଭୁକ୍ତାବଶେଷ ଆଉ କିଛି ନୁହେଁ ତାହା ହେଉଛି ଭକ୍ତମାନଙ୍କ ମାଧ୍ୟମରେ ମହାପ୍ରଭୁ ଭୋଜନ କରୁଥିବା ବ୍ୟଞ୍ଜନ, ସେହି ବିଷୟରେ ହିଁ ଆଲୋଚନା କରାଯାଇଅଛି । 'ଅନ୍ନବ୍ରହ୍ମ' ହିଁ 'ସ୍ୱୟଂ ପରଂବ୍ରହ୍ମ' ବୋଲି ଶାସ୍ତ୍ରମାନଙ୍କରେ ଉଲ୍ଲେଖ ଅଛି । ଏହି ଅନ୍ନବ୍ରହ୍ମ ହିଁ ଶ୍ରୀମହାପ୍ରସାଦ । ଏକ ନିଷ୍କାମ ଯଜ୍ଞକର୍ମ ହିଁ ଶ୍ରୀମହାପ୍ରସାଦର ରହସ୍ୟ, ଯାହାକି ଆମର ପୂର୍ବ ପୁରୁଷମାନେ ଆଧ୍ୟାତ୍ମିକତାକୁ ବିଚକ୍ଷଣତାର ସହିତ ଦୃଷ୍ଟିରେ ରଖି ଏଭଳି ନିଷ୍କାମ ଯଜ୍ଞ ପ୍ରକ୍ରିୟା ସୃଷ୍ଟି କରିଦେଇଛନ୍ତି ଯେ, ଏହି ରହସ୍ୟ କିଏ ଜାଣୁ ବା ନଜାଣୁ, କିନ୍ତୁ ଶ୍ରୀମହାପ୍ରସାଦ ପ୍ରାପ୍ତିରେ ଯେ ଅମୃତ ପ୍ରାପ୍ତି, ଯାହା ପାଇଲେ ଜୀବବ୍ରହ୍ମ ପରଂବ୍ରହ୍ମଙ୍କ ସହିତ ମିଶିଯାଏ ଏକଥା ସାଧାରଣ ମଣିଷଟିଏ ଜାଣିପାରେ । ତାହାହିଁ ହେଉଛି ପ୍ରଥମ ପରିଚ୍ଛେଦର ବିଷୟବସ୍ତୁ ।

CC-0. In Public Domain. Digtized by Muthulakshmi Research Academy

ଦ୍ୱିତୀୟ ପରିଚ୍ଛେଦରେ ଶ୍ରୀମହାପ୍ରସାଦର ଶାସ୍ତ୍ରୀୟ ଭିତ୍ତିଭୂମି ସମ୍ବନ୍ଧରେ ଆଲୋଚନା ହୋଇଅଛି । ଶ୍ରୀଜଗନ୍ନାଥଙ୍କ ଦର୍ଶନ ଓ ତାଙ୍କର ଉଚ୍ଛିଷ୍ଟ ଭକ୍ଷଣର ଫଳ ସମାନ ବୋଲି ଏଥିରେ ଚର୍ଚ୍ଚା କରାଯାଇଅଛି । ଏହି ପରିଚ୍ଛେଦରେ ସମସ୍ତ ପୂଜିତ ଦେବଦେବୀଙ୍କର ବ୍ୟଞ୍ଜନକୁ ପ୍ରସାଦ କୁହାଯାଉଥିବେଳେ ଶ୍ରୀମନ୍ଦିରର ବ୍ୟଞ୍ଜନ ମହାପ୍ରସାଦ ରୂପେ କାହିଁକି ଖ୍ୟାତିଲାଭ କରିଛି ସେ ବିଷୟରେ ଚର୍ଚ୍ଚା କରାଯାଇଛି । ବହୁ ଲୋକଙ୍କର ଧାରଣା ଯେ, ଶ୍ରୀମନ୍ଦିରରେ ମା' ବିମଳାଙ୍କୁ ପ୍ରଥମେ ସମର୍ପିତ ମା'ପ୍ରସାଦ ହିଁ ଶ୍ରୀଜଗନ୍ନାଥଙ୍କୁ ସମର୍ପିତ ହେବାପରେ ଯାଇ ଶ୍ରୀମହାପ୍ରସାଦ ହୋଇଥାଏ । ତେଣୁ ଶ୍ରୀମନ୍ଦିରର ପ୍ରସାଦ ହେଉଛି 'ମା' ପ୍ରସାଦ ଯାହାକି ପରେ 'ଶ୍ରୀ ମହାପ୍ରସାଦ' ହୋଇଥାଏ । ଏହା କିନ୍ତୁ ଠିକ୍ ନୁହେଁ ବୋଲି ଚର୍ଚ୍ଚା କରାଯାଇଅଛି । ମା' ବିମଳାଙ୍କ ଅନ୍ୟ ନାମ କୈବଲ୍ୟଭୋଜିନୀ । ଶ୍ରୀଜଗନ୍ନାଥଙ୍କ ଶ୍ରୀମହାପ୍ରସାଦକୁ ହିଁ କୈବଲ୍ୟ କୁହାଯାଏ । ଯେଉଁ କୈବଲ୍ୟ କି ମା' ବିମଳାଙ୍କୁ ସମର୍ପିତ ହୋଇଥାଏ । ତେଣୁ ମା' ବିମଳାଙ୍କ ପ୍ରସାଦକୁ ଶ୍ରୀମହାପ୍ରସାଦ କହିବା ଏକ ତ୍ରୁଟିପୂର୍ଣ୍ଣ କଥା । ଶ୍ରୀମହାପ୍ରସାଦ ହେବାର ବିଧି ଓ ପ୍ରଚଳନର କାଳ ନିର୍ଣ୍ଣୟ ସମ୍ବନ୍ଧରେ ଏହି ପରିଚ୍ଛେଦରେ ଆଲୋଚନା କରାଯାଇଅଛି । ତୃତୀୟ ପରିଚ୍ଛେଦରେ ଶ୍ରୀମହାପ୍ରସାଦ ଓ ତାହାର ରୂପାନ୍ତରିତ ସ୍ୱରୂପ ନିର୍ମାଲ୍ୟ ଓ କୈବଲ୍ୟର ପରିଭାଷା ଓ ସେବନ ପଦ୍ଧତି, ଆନନ୍ଦବଜାରର ମହତ୍ୱ, ଅନ୍ନଦାନର ପୁଣ୍ୟଫଳ, ଯାତ୍ରୀପଣ୍ଡା, ଗୁମାସ୍ତା ସମ୍ବନ୍ଧରେ ଆଲୋଚନା କରାଯାଇଅଛି । ଚତୁର୍ଥ ପରିଚ୍ଛେଦରେ ଅମୃତ ମଣୋହିରେ ଅମୃତତ୍ୱ, କୋଠଭୋଗ ଓ ଅନ୍ୟାନ୍ୟ ଭୋଗ, ଅମୃତ ମଣୋହି ପାଇଁ ରାଜା ମହାରାଜାଙ୍କର ଜମି ଖଞ୍ଜା ଓ ଏ ସମ୍ବନ୍ଧୀୟ ଶିଳାଲେଖ, ଭୋଗମଣ୍ଡପ ଭୋଗର ମହତ୍ତ୍ୱ, ମଠମାନଙ୍କର ଭୂମିକା ତଥା ଇଂରେଜ ଶାସନ ସମୟରେ ଶ୍ରୀମନ୍ଦିରର ଆର୍ଥିକ ଅବସ୍ଥା ବିଷୟରେ ବିଚାର କରାଯାଇଅଛି । ପଞ୍ଚମ ପରିଚ୍ଛେଦରେ ମହାଯଜ୍ଞ ଭଳି ଶ୍ରୀମହାପ୍ରସାଦର ବିଶାଳ ପ୍ରସ୍ତୁତିରେ ରୋଷଶାଳା ଓ ରନ୍ଧନ ପ୍ରକ୍ରିୟାର ବୈଶିଷ୍ଟ ବିଷୟରେ ଆଲୋଚନା କରାଯାଇଅଛି । ଷଷ୍ଠ ପରିଚ୍ଛେଦରେ ଶ୍ରୀମହାପ୍ରସାଦର ମାହାତ୍ମ୍ୟ ସମ୍ବନ୍ଧରେ ବିଭିନ୍ନ ଶାସ୍ତ୍ର, ସଂସ୍କୃତ ସାହିତ୍ୟ ଓ ଅନ୍ୟାନ୍ୟ ପ୍ରାଦେଶିକ ସାହିତ୍ୟରେ ଥିବା ବର୍ଣ୍ଣନାରେ କେତେକ ତଥ୍ୟ ଉପସ୍ଥାପନ କରାଯାଇଅଛି । ଶେଷରେ ସପ୍ତମ ପରିଚ୍ଛେଦରେ କେତେକ ଭକ୍ତମାନଙ୍କ ଅନୁଭୂତିରେ ମହାମହିମାମୟ ଶ୍ରୀମହାପ୍ରସାଦର ଅଲୌକିକତା, ଚମତ୍କାରିତା ବିଷୟରେ ଆଲୋଚନା କରାଯାଇଅଛି ।

ଏହି ପୁସ୍ତକଟି ଲେଖିବା ଦିଗରେ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ମାର୍ଗଦର୍ଶନ, କେତେକ ପୁସ୍ତକ ଯୋଗାଣ, ପାଣ୍ଡୁଲିପି ସଂଶୋଧନ ଓ ବିଷୟ ଗୁଡ଼ିକର ବର୍ଗୀକରଣରେ

CC-0. In Public Domain. Digtized by Muthulakshmi Research Academy

ଅବଦାନ ଅବର୍ଣ୍ଣନୀୟ । ସଂସ୍କୃତ ସାହିତ୍ୟ ଗୁଡ଼ିକର ଗଦ୍ୟାନୁବାଦରେ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ଡ. କିଶୋର ଚନ୍ଦ୍ର ମହାପାତ୍ର ଓ ନୀଳାଚଳ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ନରେଶ ଚନ୍ଦ୍ର ଦାଶଙ୍କ ଭୂମିକା ସ୍ମରଣୀୟ ହୋଇ ରହିବ । ପାଣ୍ଡୁଲିପିଟିକୁ ଭକ୍ତିରସ, ଆଧ୍ୟାତ୍ମିକ ଗହନତତ୍ତ୍ୱରେ ମଜାଇ ଦେବାରେ ଝାଞ୍ଜିପିଟା ମଠର ଅଧ୍ୟକ୍ଷ ତଥା ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ପୂଜ୍ୟ ବାବା ସଚ୍ଚିଦାନନ୍ଦ ଦାସ ମହାରାଜଙ୍କ ଭୂମିକା ପ୍ରଶଂସନୀୟ । ଶ୍ରୀ ରାଜକିଶୋର ମିଶ୍ର, ବରିଷ୍ଠ ସୂପକାର ଶ୍ରୀ ହରେକୃଷ୍ଣ ପ୍ରତିହାରୀ (ମଧୁ), ଶ୍ରୀ ରବିନାରାୟଣ ମହାପାତ୍ରଙ୍କ ପ୍ରତିପାଦରେ ସହଯୋଗକୁ ଭୁଲିହେବ ନାହିଁ । ସେହିଭଳି କେତେକ ଆବଶ୍ୟକୀୟ ପୁସ୍ତକ ଯୋଗାଇ ଦେବାରେ ଶ୍ରୀମନ୍ଦିର ପୁରୋହିତ ଡ. ସିଦ୍ଧେଶ୍ୱର ମହାପାତ୍ର, କେନ୍ଦ୍ରୀୟ ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ସାହିତ୍ୟିକ ଶ୍ରୀ ଅସିତ୍ ମହାନ୍ତି, ଡ. ଭାସ୍କର ମିଶ, ବନ୍ଧୁ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଗୋଛିକାର, ପୁରୀର ଆଡ଼ଭୋକେଟ୍ ଶ୍ରୀ ବିଶ୍ୱଜିତ୍ ସେନାପତିଙ୍କ ସହଯୋଗ ସବୁଦିନ ପାଇଁ ମନେ ରହିବ । ସେହିପରି ମାମା ଷ୍ଟୁଡ଼ିଓ ପୁରୀର ସ୍ୱତ୍ୱାଧିକାରୀ ଶ୍ରୀ ଶରତ୍‌ଚନ୍ଦ୍ର ପାତ୍ର (ମାମା)ଙ୍କ ଅକୁଣ୍ଠ ସହଯୋଗ, ତାଙ୍କ ସଂସ୍ଥାରେ କାର୍ଯ୍ୟରତ ଶ୍ରୀ ବିଷ୍ଣୁ ପ୍ରସାଦ ମହାପାତ୍ର, ଶ୍ରୀ ରାଜେନ୍ଦ୍ର କୁମାର ମହାପାତ୍ର ଓ ସମସ୍ତ ସହଯୋଗୀଙ୍କ ଅକ୍ଳାନ୍ତ ପରିଶ୍ରମର ଫଳ ସ୍ୱରୂପ ପୁସ୍ତକଟିର ମୁଖ ପୃଷ୍ଠ ଓ ଭିତର ପୃଷ୍ଠାଗୁଡ଼ିକ ଜୀବନ୍ତ ଓ ସରସ ସୁନ୍ଦର ହୋଇଥିବାରେ ସେମାନେ ସମସ୍ତେ ଧନ୍ୟବାଦର ପାତ୍ର । ସେହିପରି ଚିତ୍ରଶିଳ୍ପୀ ଶ୍ରମତୀ ପୁଷ୍ପା ମିଶ୍ରଙ୍କର କଳ୍ପିତ କେତେକ ରେଖାଚିତ୍ରଗୁଡ଼ିକ ବାସ୍ତବ ଭଳି ମନେ ହେଉଥିବାର ତାଙ୍କର ନିଖୁଣ କଳା ସାଧନାକୁ ପ୍ରଶଂସା ନକରି ରହି ହେଉନାହିଁ । ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତିଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେଉଅଛି ।

ଧନ୍ୟବାଦ ଦେଉଛି ଶ୍ରମନ୍ଦିର ପ୍ରଶାସନର ଲୋକସମ୍ପର୍କ ଅଧିକାରୀ ଶ୍ରୀ ଲକ୍ଷ୍ମୀଧର ପୂଜାପଣ୍ଡାଙ୍କୁ । ଯାହାଙ୍କ ଠାରୁ ପ୍ରେରଣା ପାଇ 'ଶ୍ରୀମନ୍ଦିର ପତ୍ରିକା'ରେ 'ଓଡ଼ିଆ ସାହିତ୍ୟରେ ଶ୍ରୀମହାପ୍ରସାଦ', ଶାସ୍ତ୍ରୀୟ ଯଜ୍ଞ ପ୍ରକ୍ରିୟାର ପ୍ରତିଭୂ ଶ୍ରୀମହାପ୍ରସାଦ' ନାମକ ଲେଖା ପ୍ରକାଶିତ ହୋଇଥିଲା, ଯାହାକି ଏହି ପୁସ୍ତକଟି ଲେଖିବାର ପୃଷ୍ଠଭୂମି ସୃଷ୍ଟି କରିଥିଲା । ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପ୍ରତି କୃତଜ୍ଞତା ଜଣାଉଅଛି ।

ଧନ୍ୟବାଦ ଦେଉଛି ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ, ଭୁବନେଶ୍ୱରର ସଭାପତି ଶ୍ରୀ ଗୋପୀନାଥ ମହାନ୍ତି, ଆଇ.ଏ.ଏସ୍ ଓ ସଂସ୍ଥା ପକ୍ଷରୁ ପ୍ରକାଶିତ ହୋଇଥିବା ଏକ ଗ୍ରନ୍ଥ 'ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥ'ର ସମ୍ପାଦକ ଶ୍ରୀ ପୀତବାସ ରାଉତରାୟଙ୍କୁ । ସେ ମହାଶୟ ଉକ୍ତ ଗ୍ରନ୍ଥରେ 'ରହସ୍ୟମୟ ଶ୍ରୀମହାପ୍ରସାଦ' ବିଷୟକ ମୋ'ର ଏକ

CC-0. In Public Domain. Digtized by Muthulakshmi Research Academy

ଆଲେଖ୍ୟ ଛପାଇବାର ସୁଯୋଗ ସୃଷ୍ଟି କରି ମୋତେ ଏହି ପୁସ୍ତକଟିକୁ ଶୀଘ୍ର ପ୍ରକାଶିତ କରିବାରେ ଉତ୍ସାହିତ କରିଛନ୍ତି ।

ଏହି ଅବସରରେ ଧନ୍ୟବାଦ ଦେଉଛି ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀର କର୍ମକର୍ତ୍ତା ଓ ସହକାରୀଗଣଙ୍କୁ । ପ୍ରତିଷ୍ଠାନର ବୌଦ୍ଧିକ ପରିବେଶ ହିଁ ମୋତେ ପୁସ୍ତକଟି ଲେଖିବା ଦିଗରେ ପ୍ରେରିତ କରିଥିବାରୁ ଏହି ଅବସରରେ ମୁଁ ସଂସ୍ଥାଟିକୁ ସ୍ମରଣ କରୁଅଛି ।

ଶେଷରେ ସମସ୍ତଙ୍କ ପଛରେ ରହି ପୁସ୍ତକଟି ଶୀଘ୍ର ଲେଖିବା ପାଇଁ ବାରମ୍ବାର ପ୍ରେରଣା ଦେଉଥିବା ସ୍ମରଣୀୟ ବ୍ୟକ୍ତି ପୁସ୍ତକଟିର ଯଦି ପ୍ରକାଶନର ଦାୟିତ୍ୱ କଟକର ପ୍ରସିଦ୍ଧ ଏସ୍‌ବି ପବ୍ଲିକେଶନ୍‌ସର ସ୍ୱତ୍ତ୍ୱାଧିକାରୀ ଶ୍ରୀ ନଳିନୀକାନ୍ତ ନନ୍ଦ ନେଇ ନଥାଆନ୍ତେ, ତା'ହେଲେ ଏହି ସ୍ୱରୂପରେ ପୁସ୍ତକଟି କେବେହେଲେ ଆତ୍ମପ୍ରକାଶ କରିପାରି ନଥାନ୍ତା । ସେ କେବଳ ଦାୟିତ୍ୱ ନେଇ ନାହାନ୍ତି, ଆନ୍ତରିକତା ଓ ସଫଳତାର ସହ ପୂର୍ବରୁ ଦୁଇଖଣ୍ଡ ବହି ପ୍ରକାଶନ କଲାଭଳି ଏଥର ମଧ୍ୟ ଗୁରୁ ଦାୟିତ୍ୱ ତୁଲାଇଛନ୍ତି । ସେଥିପାଇଁ ମୁଁ ତାଙ୍କ ନିକଟରେ କୃତଜ୍ଞ । ମହାପ୍ରଭୁ, ଶ୍ରୀଜଗନ୍ନାଥ ତାଙ୍କର ତଥା ତାଙ୍କ ପରିବାରର ଏବଂ ତାଙ୍କ ପ୍ରକାଶନ ସଂସ୍ଥା ଏସ୍‌ବି ପବ୍ଲିକେଶନ୍‌ସର ଉତ୍ତୋରଉତ୍ତର ଉନ୍ନତି କରନ୍ତୁ, ଏହାହିଁ ତାଙ୍କ ଚରଣ କମଳରେ ପ୍ରାର୍ଥନା ।

ସର୍ବଶେଷରେ ମହାପ୍ରଭୁଙ୍କ ଚରଣରେ ବିନୀତ ପ୍ରାର୍ଥନା, ପୁସ୍ତକଟି ନୈବେଦ୍ୟ ରୂପେ ତାଙ୍କ ଦ୍ୱାରା ଗୃହୀତ ହୋଇ ତାଙ୍କରି ଶ୍ରୀମହାପ୍ରସାଦ ରୂପେ ପ୍ରକାଶିତ ଓ ଲୋକାର୍ପିତ ହେବାପରେ, ସର୍ବସାଧାରଣରେ ଆଲୋଚନା ହୋଇ ରହସ୍ୟମୟ ଶ୍ରୀମହାପ୍ରସାଦର ରହସ୍ୟ ଓ ତାହାର ଅଧିକ ପ୍ରଚାର ପ୍ରସାର ହୋଇପାରିଲେ ଲେଖକ ନିଜର ଅହୋଭାଗ୍ୟ ବୋଲି ମନେ କରିବ ।

ଶ୍ରୀଜଗନ୍ନାଥଙ୍କ ଚରଣାଶ୍ରିତ ସେବକ

ଶ୍ରୀ ରବୀନ୍ଦ୍ର ନାଥ ପ୍ରତିହାରୀ

**ଶ୍ରୀ ରବୀନ୍ଦ୍ରନାଥ ପ୍ରତିହାରୀ**

CC-0. In Public Domain. Digtized by Muthulakshmi Research Academy

# ସୂଚୀପତ୍ର

ବିଷୟ ପୃଷ୍ଠା

ଉପକ୍ରମଣିକା ୫-୧୦

୧. ପ୍ରଥମ ପରିଚ୍ଛେଦ

ଶ୍ରୀମହାପ୍ରସାଦର ସନାତନୀୟ ଭିତ୍ତିଭୂମି ୧୫-୨୯

ଉପକ୍ରମ- ୧୫, ମହାପ୍ରଭୁଙ୍କ ଭୋଜନର ରହସ୍ୟ- ୧୯, ପରମାନନ୍ଦପ୍ରାପ୍ତିରେ ଶ୍ରୀଦାରୁବ୍ରହ୍ମଙ୍କ ଭୂମିକା- ୨୧, ଅନ୍ନ ହିଁ ପରଂବ୍ରହ୍ମ- ୨୧, ଶ୍ରୀମହାପ୍ରସାଦ ଓ ଯଜ୍ଞକର୍ମ- ୨୨, ନିଷ୍କାମ ଯଜ୍ଞର ରୂପରେଖ ଶ୍ରୀମହାପ୍ରସାଦ- ୨୬ ।

୨. ଦ୍ୱିତୀୟ ପରିଚ୍ଛେଦ

ଶ୍ରୀମହାପ୍ରସାଦର ଶାସ୍ତ୍ରୀୟ ଭିତ୍ତିଭୂମି ୩୦-୫୫

ଦର୍ଶନ ଓ ଭକ୍ଷଣରେ ସାମ୍ୟତା- ୩୧, ମୁକ୍ତିପ୍ରଦାୟକ ଶ୍ରୀମହାପ୍ରସାଦ- ୩୨, ପାକଶାଳା ଏକ ଯଜ୍ଞଭୂମି- ୩୪, ଚରୁଅନ୍ନର ପ୍ରସ୍ତୁତି ରହସ୍ୟ- ୩୫, ନିର୍ବିକାର ଶ୍ରୀମହାପ୍ରସାଦ- ୩୬, ପ୍ରସାଦ ଓ ଶ୍ରୀମହାପ୍ରସାଦ- ୩୭, ପ୍ରସାଦ ଓ ଶ୍ରୀମହାପ୍ରସାଦର ଅର୍ଥ- ୩୯, ମା'ପ୍ରସାଦ ନୁହେଁ ଶ୍ରୀମହାପ୍ରସାଦ- ୪୧, ମହାପ୍ରସାଦ ଉଚ୍ଛିଷ୍ଟ ହୁଏନାହିଁ- ୪୪, ଶ୍ରୀମହାପ୍ରସାଦ ଓ ମନ୍ତ୍ରରାଜ- ୪୬, ଷଡ଼ଙ୍ଗ ସଂସ୍କାର- ୪୭, ଶ୍ରୀମହାପ୍ରସାଦ ପ୍ରଚଳନର କାଳନିର୍ଣ୍ଣୟ- ୫୦, ପାକଶାଳା ଓ ଦେବୀ ଦକ୍ଷିଣକାଳିକା- ୫୩ ।

୩. ତୃତୀୟ ପରିଚ୍ଛେଦ

ଶ୍ରୀମହାପ୍ରସାଦର ଆବାହନୀ ୫୬-୧୦୪

ଉପକ୍ରମ- ୫୬, ଭାବଗତଐକ୍ୟ ଓ ଶ୍ରୀମହାପ୍ରସାଦ- ୫୭, ନିର୍ଭୟଭାବ ସୃଷ୍ଟିକାରୀ ଶ୍ରୀମହାପ୍ରସାଦ- ୫୭, ନୀରୋଗର ମହାମନ୍ତ୍ର ଶ୍ରୀମହାପ୍ରସାଦ- ୫୮, ଭେଦାଭେଦଶୂନ୍ୟ ଭାବ ସୃଷ୍ଟିକାରୀ ଶ୍ରୀମହାପ୍ରସାଦ- ୫୮, ଅମୋଣିଆ ଓ ଭୋଗର ପାର୍ଥକ୍ୟ- ୫୮, ଶ୍ରୀମହାପ୍ରସାଦର ପ୍ରକାରଭେଦ- ୫୯, ବିଜେ ପ୍ରତିମାଙ୍କ ପ୍ରସାଦ ଶ୍ରୀମହାପ୍ରସାଦ- ୬୦, ଶ୍ରୀମହାପ୍ରସାଦ/ମାହାର୍ଦ୍ଦ/ଅବଢ଼ା- ୬୦, ଶ୍ରୀଗୁଣ୍ଡିଚା ମନ୍ଦିରର ଆଡ଼ପ ଅବଢ଼ା- ୬୧, ସଂହତି ଓ ସହବନ୍ଧନର ଦ୍ୟୋତକ ଶ୍ରୀମହାପ୍ରସାଦ- ୬୩, ଶ୍ରୀମହାପ୍ରସାଦର ରୂପାନ୍ତର 'ନିର୍ମାଲ୍ୟ'- ୬୭, 'ନିର୍ମାଲ୍ୟ'ର ଶାସ୍ତ୍ରୀୟ ଭିତ୍ତି- ୬୮, ନିର୍ମାଲ୍ୟ ଖଳା ଓ ପ୍ରାପ୍ତିସ୍ଥାନ- ୭୨, ମହାପ୍ରଭୁଙ୍କ ପ୍ରତିଭୂ ନିର୍ମାଲ୍ୟ- ୭୨, ଜନ୍ମମୃତ୍ୟୁ ଚକ୍ରରେ ନିର୍ମାଲ୍ୟର ପ୍ରଭାବ- ୭୬, ମୁକ୍ତିତତ୍ତ୍ୱ ଓ କୈବଲ୍ୟ- ୭୮, କୈବଲ୍ୟ ହିଁ ଅନ୍ନବ୍ରହ୍ମ- ୮୧, କୈବଲ୍ୟର

CC-0. In Public Domain. Digtized by Muthulakshmi Research Academy

ସ୍ୱରୂପ ଭେଦ- ୮୩, ଆନନ୍ଦବଜାରର ମହତ୍ତ୍ୱ- ୮୫, ଆନନ୍ଦର ଆମନ୍ତ୍ରଣ- ୮୭, ଅନ୍ନଦାନ ମହାପୁଣ୍ୟ- ୮୮, ଯାତ୍ରୀ ଆମନ୍ତ୍ରଣ ବ୍ୟବସ୍ଥା- ୯୨, ତୀର୍ଥଗୁରୁ ଓ ଯାତ୍ରୀପଣ୍ଡା- ୯୨, 'ଆଟିକା'ର ପରିଭାଷା- ୧୦୨, ଗୁମାସ୍ତାଙ୍କ ପରିଚୟ- ୧୦୩ ।

୪. ଚତୁର୍ଥ ପରିଚ୍ଛେଦ

ଶ୍ରୀମହାପ୍ରସାଦରେ ଅମୃତତ୍ୱ ୧୦୫-୧୬୮

କୋଠଭୋଗ- ୧୦୫, ଅମୃତମଣୋହିରେ ଅମୃତତ୍ୱ- ୧୦୫, ଅମୃତ ମଣୋହିର ପରିଭାଷା- ୧୦୭, କୋଠଭୋଗମାନଙ୍କରେ ସମର୍ପିତ ହେଉଥିବା ନୈବେଦ୍ୟ- ୧୦୯, ଶହେବର୍ଷର କୋଠଭୋଗର ତୁଳନାତ୍ମକ ବିବରଣୀ- ୧୧୦, କୋଠଭୋଗ ପ୍ରସ୍ତୁତି ଦ୍ରବ୍ୟତାଲିକା- ୧୧୪, ଛପନ ଭୋଗର ପରିଚିତି- ୧୧୫, ପର୍ବଯାତ୍ରାମାନଙ୍କରେ ସମର୍ପିତ ହେଉଥିବା ଭୋଗ- ୧୧୯, ରାଜା ମହାରାଜାଙ୍କର ଭୋଗ ଖଞ୍ଜା- ୧୨୨, ରାଜା ମହାରାଜାଙ୍କର ଭୋଗ ପାଇଁ ଜମି ଖଞ୍ଜା- ୧୨୪, ଶିଳାଲେଖରେ ଅମୃତମଣୋହି ଭୋଗ- ୧୨୫, ପୁରୀର ବିଭିନ୍ନ ସମ୍ପ୍ରଦାୟର ମଠ ତଥା ମଠାଧିପତିମାନଙ୍କୁ ଦାନସୂତ୍ରେ ମିଳିଥିବା ଅମୃତ ମଣୋହି ସମ୍ପତ୍ତି- ୧୩୦, ଛତିଶା ନିଯୋଗ ସୃଷ୍ଟି- ୧୩୯, ଭୋଗମଣ୍ଡପରେ ନୈବେଦ୍ୟ- ୧୪୦, ଅନ୍ୟାନ୍ୟ ଭୋଗ ସୃଷ୍ଟି- ୧୪୩, ଉପାଧି ଭୋଗ/ଛତ୍ରଭୋଗ- ୧୪୫, ପନ୍ତିଭୋଗ, ପନ୍ତିଘର, ଛାମୁପନ୍ତି- ୧୪୭, ପହିଲି ଭୋଗ- ୧୪୯, ଭୋଗ ମାରାର ପରିଭାଷା- ୧୫୪, ଶ୍ରୀମହାପ୍ରସାଦ ଓ ଶ୍ରୀକ୍ଷେତ୍ରର ମଠ- ୧୫୫, ଇଂରେଜ ଶାସନ ସମୟରେ ଭୋଗ ହ୍ରାସ- ୧୬୬ ।

୫. ପଞ୍ଚମ ପରିଚ୍ଛେଦ

ମହାଯଜ୍ଞ ଓ ଶ୍ରୀମହାପ୍ରସାଦ ୧୬୯-୧୯୩

ବିଶ୍ୱର ବୃହତ୍ତମ ପାକଶାଳା- ୧୬୯, ଶ୍ରୀମହାପ୍ରସାଦ ପ୍ରାପ୍ତିପାଇଁ ଶ୍ରୀକ୍ଷେତ୍ରରେ ମଠମାନଙ୍କର ସୃଷ୍ଟି- ୧୬୯, ଶ୍ରୀମନ୍ଦିରରେ ଚୁଲି, ସରଘର, ପନ୍ତିଘର, ପନ୍ତିଭୋଗ ଓ ଛାମୁପନ୍ତି- ୧୭୦, ରୋଷଚୁଲିର ବୈଶିଷ୍ଟ୍ୟ- ୧୭୧, ମେରଦା ରୋଷ, ବଲ୍ଲଭ ରୋଷ, ଚୂନାକୁଟା ଘର, ହାଣ୍ଡିକୁଡ଼ିଆ ଘର ଓ ଚାଉଳରଖା ଘର- ୧୭୩, ରୋଷଘରେ ବ୍ୟଞ୍ଜନର ସୁରକ୍ଷା ଓ ଶୁଦ୍ଧତା- ୧୭୭, ଶ୍ରୀମହାପ୍ରସାଦର ରନ୍ଧନରେ ମାଟିପାତ୍ରର ବୈଶିଷ୍ଟ୍ୟ- ୧୭୮, ଲାଲବର୍ଣ୍ଣର ମାଟିପାତ୍ରର ରହସ୍ୟ- ୧୮୧, ରୋଷଶାଳାରେ ବ୍ୟବହୃତ କାଠ- ୧୮୨, ରୋଷଶାଳାରେ ଜଳ ବ୍ୟବସ୍ଥା- ୧୮୩, ରନ୍ଧନ କାର୍ଯ୍ୟରେ ଅନ୍ୟାନ୍ୟ ବ୍ୟବହାରଯୋଗ୍ୟ ବସ୍ତୁ- ୧୮୩,

CC-0. In Public Domain. Digtized by Muthulakshmi Research Academy

ରୋଷଶାଳାର ରନ୍ଧନ ଶୈଳୀ- ୧୮୬, ସ୍ୱାସ୍ଥୋପଯୋଗୀ ଶ୍ରୀମହାପ୍ରସାଦ- ୧୮୭, ରୋଷଶାଳାରେ ସୂପକାରଙ୍କ ସମର୍ପଣ ଭାବ- ୧୮୮ ।

୬. ଷଷ୍ଠ ପରିଚ୍ଛେଦ

ଶ୍ରୀମହାପ୍ରସାଦର ମାହାତ୍ମ୍ୟ ୧୯୪-୨୧୮

ଉପକ୍ରମ- ୧୯୪, ସଂସ୍କୃତ ସାହିତ୍ୟରେ ଶ୍ରୀମହାପ୍ରସାଦ- ୧୯୫, ପିତୃପୁରୁଷଙ୍କ ଶ୍ରାଦ୍ଧ ପାଇଁ ଶ୍ରୀମହାପ୍ରସାଦ- ୨୦୧, ପଠାଣିସାମନ୍ତଙ୍କ ବର୍ଣ୍ଣନାରେ ଶ୍ରୀମହାପ୍ରସାଦ- ୨୦୧, ଓଡ଼ିଆ ସାହିତ୍ୟରେ ଶ୍ରୀମହାପ୍ରସାଦ- ୨୦୨, ଅନ୍ୟାନ୍ୟ ସାହିତ୍ୟରେ ଶ୍ରୀମହାପ୍ରସାଦ- ୨୧୦ ।

୭. ସପ୍ତମ ପରିଚ୍ଛେଦ

କେତେକ ଭକ୍ତମାନଙ୍କ ଅନୁଭୂତିରେ ମହିମାମୟ ଶ୍ରୀମହାପ୍ରସାଦ ୨୧୯-୨୪୮

ବିଦ୍ୟାପତି ଓ ନିର୍ମାଲ୍ୟ- ୨୧୯, ଶ୍ୱେତମାଧବ ଓ ଶ୍ରୀମହାପ୍ରସାଦ- ୨୨୦, କୃତବିଦ୍ୟ ବସୁଦେବ ଓ ଶ୍ରୀମହାପ୍ରସାଦ- ୨୨୨, ଆଚାର୍ଯ୍ୟ ଶାଣ୍ଡିଲ୍ୟ ଓ ଶ୍ରୀମହାପ୍ରସାଦ- ୨୨୩, ଆଚାର୍ଯ୍ୟ ପଦ୍ମପାଦ ଓ ଶ୍ରୀମହାପ୍ରସାଦ- ୨୨୫, ସ୍ୱାମୀ ଭାରତୀକୃଷ୍ଣ ଓ ଶ୍ରୀମହାପ୍ରସାଦ- ୨୨୫, ଶ୍ରୀମନ୍ତ ଶଙ୍କରଦେବ ଓ ଶ୍ରୀମହାପ୍ରସାଦ- ୨୨୬, ଶ୍ରୀମଦ୍ ବଲ୍ଲଭାଚାର୍ଯ୍ୟ ଓ ଶ୍ରୀମହାପ୍ରସାଦ- ୨୨୭, ଭକ୍ତ ସାଲବେଗ ଓ ନିର୍ମାଲ୍ୟ- ୨୨୯, ଭକ୍ତ ବିଦୁର ଓ ସୁଆର ପିଠା- ୨୩୦, ମଲୂକ ଦାସ ଓ ଶ୍ରୀମହାପ୍ରସାଦ- ୨୩୧, ଗୁରୁ ନାନକ ଓ ଶ୍ରୀମହାପ୍ରସାଦ- ୨୩୨, ଭକ୍ତ ଗୋପାଳ ଭଟ୍ଟ ଓ ଶ୍ରୀମହାପ୍ରସାଦ- ୨୩୩, କର୍ମାବାଈ ଓ ଶ୍ରୀମହାପ୍ରସାଦ- ୨୩୪, ଗୁରୁ ଇନ୍ଦ୍ରସ୍ୱାମୀ ଓ ଶ୍ରୀମହାପ୍ରସାଦ- ୨୩୬, ଲାଣ୍ଡିମାତା ଓ ଶ୍ରୀମହାପ୍ରସାଦ- ୨୩୮, ମାଣିକ ଗଉଡୁଣୀ ଓ ଶ୍ରୀଜଗନ୍ନାଥଙ୍କ ଦହିଖିଆ- ୨୩୯, ବାଲିଗାଁ ଦାସଙ୍କ ନଡ଼ିଆ ଓ ଆତ୍ମ ସମର୍ପଣ- ୨୪୧, ବନ୍ଧୁ ମହାନ୍ତି ଓ ଶ୍ରୀମହାପ୍ରସାଦ- ୨୪୩, ସାର୍ବଭୌମ ଭଟ୍ଟାଚାର୍ଯ୍ୟ ଓ ଶ୍ରୀମହାପ୍ରସାଦ- ୨୪୫, ଶ୍ରୀରାଧାରମଣ ବାବାଜୀ ଓ ଶ୍ରୀମହାପ୍ରସାଦ- ୨୪୬, ରିମାଛତ୍ର ରାଜା ଓ ଶ୍ରୀମହାପ୍ରସାଦ- ୨୪୬, ମୂକ ବ୍ୟକ୍ତିକୁ ମଧ୍ୟ କଥାକୁହାଇ ପାରିଲା ଶ୍ରୀମହାପ୍ରସାଦ- ୨୪୭ ।

ଉପସଂହାର ୨୪୯-୨୬୦

ସହାୟକ ଗ୍ରନ୍ଥସୂଚୀ- ୨୬୧-୨୬୪

CC-0. In Public Domain. Digtized by Muthulakshmi Research Academy

CC-0. In Public Domain. Digtized by Muthulakshmi Research Academy

## ପ୍ରଥମ ପରିଚ୍ଛେଦ

# ଶ୍ରୀମହାପ୍ରସାଦର ସନାତନୀୟ ଭିତ୍ତିଭୂମି

**ଉପକ୍ରମ :-**

କୈବଲ୍ୟାଧିପତି ଲୀଳାମୟ ଶ୍ରୀଜଗନ୍ନାଥ ହେଉଛନ୍ତି ପରମକାରୁଣିକ ଓ ଭକ୍ତବତ୍ସଳ । ସେ ଜୀବକଲ୍ୟାଣ ପାଇଁ ଜୀବମାନଙ୍କ ସହିତ ପ୍ରତ୍ୟକ୍ଷ ଭାବରେ ମିଶି ଯେଉଁ ଲୀଳା ରଚନା କରିଚାଲିଛନ୍ତି ତାହା ଅଚିନ୍ତନୀୟ ଓ ଅବର୍ଣ୍ଣନୀୟ । ତାଙ୍କର ଅନ୍ୟାନ୍ୟ ଲୀଳାମଧ୍ୟରେ 'ଶ୍ରୀମହାପ୍ରସାଦ' ମଧ୍ୟ ଏକ ଅନ୍ୟତମ ଲୀଳା । 'ଶ୍ରୀମହାପ୍ରସାଦ' କିପରି ମହାପ୍ରଭୁଙ୍କର ଲୀଳା ହୋଇପାରେ ତାହା ହଠାତ୍ ମନ ଗ୍ରହଣ କରିନପାରେ, କାରଣ ଯାହା ମହାପ୍ରଭୁଙ୍କ ନୈବେଦ୍ୟ ଆକାରରେ ସମର୍ପିତ ହୁଏ, ତାହାକୁ ନେଇ ଲୀଳା କିପରି ସମ୍ଭବପର ବୋଲି ମନ ଭିତରେ ପ୍ରଶ୍ନ ଆସିବା ସ୍ୱାଭାବିକ ।

ମହାପ୍ରଭୁ ଶ୍ରୀଜଗନ୍ନାଥ ତ ଲୀଳାମୟ ! ସେ ଅତୀତରେ ଶ୍ରୀମହାପ୍ରସାଦକୁ ନେଇ କରିଥିବା ଅନେକ ଲୀଳା ଭଳି ଏହି ପ୍ରଶ୍ନର ଉତ୍ତର ଦେବାପାଇଁ ବୋଧହୁଏ ମନେ ମନେ ସ୍ଥିର କରି ରଚନା କଲେ ଆଉ ଗୋଟିଏ ଲୀଳା । ଶ୍ରୀମନ୍ଦିରରେ ଗତ ୨୦୦୯ ମସିହା ଡିସେମ୍ବର ମାସ ୨୬ତାରିଖରେ ଏକ ଅଘଟଣ ଘଟିଗଲା । ଉପାସନାର ବ୍ୟବସ୍ଥା ସମ୍ବନ୍ଧୀୟ କେତେକ ଅସମାଧିତ ପ୍ରଶ୍ନ ଯୋଗୁଁ ମହାପ୍ରଭୁଙ୍କ ପାଖରେ କେବଳ କୋଠ ଭୋଗ ହିଁ ନୈବେଦ୍ୟ ଆକାରରେ ତାଙ୍କୁ ସମର୍ପିତ ହେଲା । ଲକ୍ଷ ଲକ୍ଷ ଟଙ୍କାର ବରାଦି ଭୋଗ ଶ୍ରୀଛାମୁକୁ ନ ଆସି ସେଗୁଡ଼ିକ ଜମା ହେଲା ବଡ଼ଦାଣ୍ଡରେ ଥିବା ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟରେ । ଏଭଳି ଅଭୂତପୂର୍ବ ଓ ଅଶ୍ରୁତପୂର୍ବ ଘଟଣା କେବେ ଘଟିନଥିଲା । ଶହ ଶହ ଦର୍ଶନାର୍ଥୀ, ସେବକ, ଗଣମାଧ୍ୟମର ପ୍ରତିନିଧି ସେଠାରେ ରୁଣ୍ଡ ହୋଇଗଲେ । ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ, ମହାପ୍ରଭୁ କଅଣ ଉପାସ ରହିବେ ? କେହି କେହି ଏହି ପ୍ରଶ୍ନର ଉତ୍ତରରେ କହିଲେ ମହାପ୍ରଭୁଙ୍କର ତ କୋଠ ଭୋଗରେ ଧରାବନ୍ଧା ନିୟମ ଅନୁସାରେ ନୈବେଦ୍ୟ ସମର୍ପିତ ହୋଇ କାମ ଚଳିଗଲା । ସେ ଉପାସ ରହିବେ କାହିଁକି ? କିନ୍ତୁ ଛପନପଉଟି ଭୋଗରେ ଯାହାଙ୍କର ପେଟ ପୁରେ ନାହିଁ, ତାଙ୍କର ପେଟ କଅଣ ଏ ସାମାନ୍ୟ କୋଠଭୋଗରେ ପୁରିଥିବ ? ଏ ପ୍ରଶ୍ନ ମନକୁ ଆସିବା ସ୍ୱାଭାବିକ । କୋଠଭୋଗ ତ ସେବକମାନଙ୍କର ପ୍ରାପ୍ୟ ଖେଇ ଆକାରରେ ବଣ୍ଟନ ହୋଇଯିବ । ତାହାହେଲେ ଅନ୍ୟ ଭକ୍ତଙ୍କ ପାଇଁ ସମର୍ପିତ ହେଉଥିବା ନୈବେଦ୍ୟ ଏହି ବରାଦି ଭୋଗ କଅଣ ହେବ ? ସାଧାରଣ ଭକ୍ତ ଶ୍ରୀମହାପ୍ରସାଦ ଟିକିଏ ପାଇବେ କେଉଁଠୁ ? ଏହିଭଳି ଅନେକ ଅସମାଧିତ ପ୍ରଶ୍ନ ସେଠାରେ ରୁଣ୍ଡ ହୋଇଥିବା ଭକ୍ତମାନଙ୍କ ମନକୁ ଆନ୍ଦୋଳିତ କରୁଥାଏ । ଶ୍ରୀମନ୍ଦିରରେ ଓ ଶ୍ରୀକ୍ଷେତ୍ରରେ ଏହି ବିଷୟ ହିଁ ପ୍ରମୁଖ ଆଲୋଚନାର ବିଷୟ ଥିଲା ।

CC-0. In Public Domain. Digtized by Muthulakshmi Research Academy

ବୈଦ୍ୟୁତିକ ଗଣମାଧ୍ୟମ ଓ ଖବରକାଗଜରେ ଏହାର ବିବରଣୀ ସଂପୂର୍ଣ୍ଣ ଓଡ଼ିଶାର କୋଣ ଅନୁକୋଣରେ ବିଦ୍ୟୁତ୍ ବେଗରେ ପ୍ରଚାରିତ ହୋଇଗଲା । ସମସ୍ତେ ଏହି ଖବର ପାଇ ହତବାକ୍ ହୋଇପଡ଼ିଲେ । ସେ ଦିନ ସମସ୍ୟାର କିନ୍ତୁ ସମାଧାନ ହୋଇପାରିଲା ନାହିଁ । ହଜାର ହଜାର ଭକ୍ତ ଶ୍ରୀମହାପ୍ରସାଦ ଟିକିଏ ନ ପାଇ ହତାଶ ମନରେ ନିଜ ନିଜ ଘରକୁ ଫେରିଗଲେ । ତା'ପର ଡିସେମ୍ବର ମାସ ୨୭ ଓ ୨୮ ତାରିଖ ଦିନ ମଧ୍ୟ ସେହି ସମସ୍ୟା ଲାଗି ରହିଲା । କୋଠଭୋଗ ବ୍ୟତୀତ ବରାଦି ଭୋଗ ଠାକୁରଙ୍କୁ ସମର୍ପିତ ହୋଇପାରିଲା ନାହିଁ । ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିରର ପ୍ରଶାସନିକ ଅଧିକାରୀଗଣ, ସଂପୃକ୍ତ ସେବକ ପ୍ରତିନିଧିମାନଙ୍କ ସହିତ ବାରମ୍ବାର ଆଲୋଚନା କରି ମଧ୍ୟ ସମାଧାନର ସୂତ୍ର ବାହାରିଲା ନାହିଁ । ଷାଠିଏ ପଉଟି[୧] (ଆଜି ଦିନରେ ସେହି ପୁରୁଣା ଛପନ ପଉଟିର ମାପରୁ କାହିଁ କେତେ ଅଧିକ ପରିମାଣ)ର ଭୋଗ ଯେଉଁ ମହାପ୍ରଭୁଙ୍କୁ ଦୈନନ୍ଦିନ ଭୋଗ କରାଯାଇଥାଏ, ସେହି ମହାପ୍ରଭୁ କୋଠଭୋଗ ନିର୍ଦ୍ଦିଷ୍ଟ ପରିମାଣର ସ୍ୱଳ୍ପ କୋଠଭୋଗ ନୈବେଦ୍ୟ ଆକାରରେ ଖାଇ କଅଣ ତାଙ୍କର ପେଟ ପୁରିଥିବ ? ଏହା ପରସ୍ପର ମଧ୍ୟରେ ଆଲୋଚନା କରାଯାଉଥିଲେ ମଧ୍ୟ ସମସ୍ୟାଟି ଅମମାଧିତ ହୋଇ ରହିଗଲା । ସମଗ୍ର ଭାରତବର୍ଷରେ ଘଟଣାଟି ଚହଳ ପକାଇଦେଲା । ଅସଂଖ୍ୟ ଭକ୍ତଙ୍କର ମନରେ ଦାରୁଣ ଦୁଃଖ ସୃଷ୍ଟି ହେଲା । ବିଭିନ୍ନ ପତ୍ରପତ୍ରିକା ଓ ଗଣମାଧ୍ୟମରେ ଘନଘନ ଘଟଣାଟିର ପ୍ରଚାର ଫଳରେ ଓଡ଼ିଶା ସରକାରଙ୍କ ମଧ୍ୟ ମୁଣ୍ଡବଥା ବଢ଼ିଲା ।

ଯେଉଁ ଶ୍ରୀମନ୍ଦିରକୁ ମହାପ୍ରଭୁଙ୍କ ଦର୍ଶନ ଓ ତାଙ୍କର ଉଚ୍ଛିଷ୍ଟରୂପୀ ଶ୍ରୀମହାପ୍ରସାଦ ଟିକିଏ ପାଇବାପାଇଁ କାହିଁ କେତେ ଦୂରରୁ ଭକ୍ତଟିଏ ଦଉଡ଼ିଆସେ, ଏଭଳି ହଜାର ହଜାର ଭକ୍ତଙ୍କ ସମାବେଶରେ ଶ୍ରୀମନ୍ଦିର, ଆନନ୍ଦବଜାର ସର୍ବଦା ଚଳଚଞ୍ଚଳ ଥାଏ, ସେହି ଶ୍ରୀମନ୍ଦିରର ପରିବେଶ କିନ୍ତୁ ଏହି ଘଟଣା ଫଳରେ ପରିବର୍ତ୍ତିତ ହୋଇ ସେତେବେଳେ ଥିଲା ଅତ୍ୟନ୍ତ ହତାଶାମୟ । ଶ୍ରୀମନ୍ଦିରଟି ଖାଁ ଖାଁ ଗୋଡ଼ାଉଥାଏ । ଶ୍ରୀମନ୍ଦିରର ଆନନ୍ଦ ବଜାର ସତେ ଯେପରି ଶ୍ରୀହୀନ ଦେଖାଯାଉଥାଏ । ଶ୍ରୀମନ୍ଦିରରେ ତଥା ଶ୍ରୀକ୍ଷେତ୍ରରେ ଥିବା ପାର୍ଶ୍ୱଦେବଦେବୀଙ୍କୁ ମଧ୍ୟ ଟିକିଏ ଶ୍ରୀମହାପ୍ରସାଦ ସମର୍ପଣ କରିବାପାଇଁ ମିଳିଲା ନାହିଁ । ଠାକୁର ଠାକୁରାଣୀ ଭୋକିଲା, ପିତୃ ପୁରୁଷଙ୍କ ଶ୍ରାଦ୍ଧରେ ପିଣ୍ଡଦାନ କରିବାପାଇଁ ଟିକିଏ ଶ୍ରୀମହାପ୍ରସାଦ ନାହିଁ । ଅର୍ଥାତ୍ ଦେବଦେବୀ, ପିତୃପୁରୁଷ, ଭକ୍ତ, ଦର୍ଶନାର୍ଥୀ ସମସ୍ତେ ସେହି ପବିତ୍ର ଶ୍ରୀମହାପ୍ରସାଦରୁ ବଞ୍ଚିତ । ସେବାୟତ କୁଳର କେତେକ ବିଧବା ସ୍ତ୍ରୀଲୋକ ଏବଂ ଏଭଳି କେତେକ ଭକ୍ତ ଅଛନ୍ତି ଯେଉଁମାନେ କି ଶ୍ରୀମହାପ୍ରସାଦ ବିନା ଅନ୍ୟ କିଛି ଭୋଜନ କରନ୍ତି ନାହିଁ, ସେମାନେ ତିନିଦିନ ଧରି ଖାଡ଼ା ଉପବାସ । ସେହିପରି ଶ୍ରୀମନ୍ଦିରରେ 'ଅନ୍ନ' କାହିଁ ଯେ 'ଅନ୍ନଦାନ' କରାଯିବ ? ଏପଟେ ଯେଉଁମାନେ 'ଅନ୍ନଦାନ' ଯାହା କି ଶ୍ରେଷ୍ଠଦାନ ବୋଲି ଶାସ୍ତ୍ରରେ ବିବେଚନା କରାଯାଇଅଛି, ସେଭଳି ଅନ୍ନଦାନ

୧. ୧ ପଉଟି- ୪ସେରିଆରେ ୨୦ଗୌଣୀ, ୮୦ସେର ଅର୍ଥାତ୍ ୧କ୍ୱିଣ୍ଟାଲ୍, ୬୦ପଉଟି- ୬୦କ୍ୱିଣ୍ଟାଲ୍ । ସଂଗୃହୀତ- ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର ।

CC-0. In Public Domain. Digtized by Muthulakshmi Research Academy

କରି ପୂଣ୍ୟ ଅର୍ଜନର ଭାବନା ନେଇ ଶ୍ରୀମନ୍ଦିରକୁ ଆସିଥିବା ଭକ୍ତମାନେ ହତାଶ । ଅନ୍ୟ ପଟେ କେତେକ ବ୍ରାହ୍ମଣ, ନିରାଶ୍ରୟା ଅସହାୟା ବିଧବା ସ୍ତ୍ରୀ ଲୋକ, ଶିଶୁ, କ୍ଷୁଧାର୍ତ୍ତ ଶ୍ରୀମନ୍ଦିରରେ କେବଳ 'ଅନ୍ନଦାନ' ଉପରେ ନିର୍ଭର କରୁଥିବା ଶହ ଶହ ବ୍ୟକ୍ତି ମଧ୍ୟ ଶ୍ରୀମହାପ୍ରସାଦର ଅନ୍ନ ନ ପାଇ ହତାଶ । ଶ୍ରୀମନ୍ଦିରରେ ମାଙ୍କଡ଼, କାଉଠାରୁ ଆରମ୍ଭ କରି ବହୁ ପଶୁ, ପକ୍ଷୀ ମଧ୍ୟ ଶ୍ରୀମହାପ୍ରସାଦ ଟିକିଏ ନପାଇ ଭୋକରେ ଆଉଟୁ ପାଉଟୁ । ସମସ୍ତଙ୍କ ଆଖିରୁ ଗଡ଼ିଯାଉଥାଏ ଲୁହ । କେତେ ଯେ ବ୍ୟକ୍ତି ଆକୁଳ ଭାବରେ ମହାପ୍ରଭୁଙ୍କୁ ପ୍ରାର୍ଥନା କରୁଥିଲେ 'ହେ ମହାପ୍ରଭୁ ! ଆପଣ ଦୟାକରି ନୈବେଦ୍ୟ ଗ୍ରହଣ କରନ୍ତୁ । ଆମକୁ ଟିକିଏ ଶ୍ରୀମହାପ୍ରସାଦ ମିଳୁ' । ତିନିଦିନ ଧରି ମହାପ୍ରଭୁଙ୍କର 'ଶ୍ରୀମହାପ୍ରସାଦ' ରୂପକ ମହାନ୍ କରୁଣାରୁ ସମସ୍ତ ବଞ୍ଚିତ ହୋଇ ଏକପ୍ରକାର ହତାଶ ହୋଇ ପଡ଼ିଥାନ୍ତି । ଏପଟେ କିନ୍ତୁ ଲୀଳାମୟ ଶ୍ରୀଜଗନ୍ନାଥ ତାଙ୍କର ଲୀଳା କରିଚାଲିଥାଆନ୍ତି । ବୋଧହୁଏ ହଜାର ହଜାର ଭକ୍ତ ଅଂସଖ୍ୟ ଜୀବଙ୍କର ଆକୁଳ ନିବେଦନ ଫଳରେ ମହାପ୍ରଭୁଙ୍କ ମନରେ ଟିକିଏ ଦୟା, ଅନୁକମ୍ପା ବା କରୁଣା ହେଲା । ତାଙ୍କର ମହାନ୍‌ପ୍ରସାଦ (ଅନୁକମ୍ପା)ରୁ ସମସ୍ୟାଟିର ସମାଧାନ ହୋଇଗଲା ।

ଏହି ଦିଗରେ ଛତିଶା ନିଯୋଗର ସେବକ ପ୍ରତିନିଧି, ପ୍ରଶାସନ ଅଧିକାରୀ, ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟଙ୍କର ହସ୍ତକ୍ଷେପ ଫଳରେ ପୁନର୍ବାର ଡିସେମ୍ବର ୨୯ ତାରିଖରୁ ଯଥାରୀତି ଶ୍ରୀମନ୍ଦିରରେ ପୂର୍ବଭଳି କୋଠଭୋଗ ସହିତ ବରାଦି ଭୋଗ ନୈବେଦ୍ୟ ଆକାରରେ ସମର୍ପିତ ହେବା ଦ୍ୱାରା ଶ୍ରୀମହାପ୍ରସାଦ ପାଇ ପ୍ରତ୍ୟେକେ ଆଶ୍ୱସ୍ତ ହେଲେ ଓ ସର୍ବତ୍ର ବାତାବରଣରେ ପରିବର୍ତ୍ତନ ଦେଖାଯାଇ ଶ୍ରୀମନ୍ଦିରରେ ପୁଣି ଆନନ୍ଦ, ଉଲ୍ଲାସ, ଚଳଚଞ୍ଚଳତା ଫେରି ଆସିଲା । ଏହା ଥିଲା ତିନିଦିନ ଧରି ମହାପ୍ରଭୁଙ୍କର ଏକ ପ୍ରତ୍ୟକ୍ଷ ଲୀଳା ଯାହା ହଜାର ହଜାର ଲୋକ ଅନୁଭବ କରିଥିଲେ ।

ଏଇଠି ଗୋଟିଏ ପ୍ରଶ୍ନ ମନକୁ ଛୁଏଁ ଯେ କେବଳ କୋଠଭୋଗ ଖାଇ କଅଣ ମହାପ୍ରଭୁ ସନ୍ତୁଷ୍ଟ ହୋଇଥିବେ ? ଯଦି ସନ୍ତୁଷ୍ଟ ହୋଇଥିବେ ବୋଲି ଧରାଯାଏ, ତାହାହେଲେ ଜୀବଜଗତ ଶ୍ରୀମହାପ୍ରସାଦ ପାଇବା ନ ପାଇବାରେ ମହାପ୍ରଭୁଙ୍କ କି ଯାଏ ଆସେ ? ଏହି ଗ୍ରାସ ତ କେବଳ ପ୍ରଭୁଙ୍କ ପାଇଁ ହିଁ ଉଦ୍ଦିଷ୍ଟ । କିନ୍ତୁ ପ୍ରକୃତରେ ତାହା ଠିକ୍ ନୁହେଁ । 'ବ୍ରହ୍ମପୁରାଣ'ର ଉକ୍ତି ଅନୁସାରେ ଏକଦା ଭଗବାନ୍ ପ୍ରଜାପିତା ବ୍ରହ୍ମାଙ୍କୁ କହିଥିଲେ ଯେ- ହେ ବ୍ରହ୍ମା ! ମୋର ଶାଳଗ୍ରାମାଦି ପ୍ରତ୍ୟେକ ସ୍ୱରୂପ ଆଗରେ ଯେଉଁ ନୈବେଦ୍ୟ ବସ୍ତୁ ନିବେଦିତ ହୁଏ ତାହା ମୁଁ ଦୃଷ୍ଟିଦ୍ୱାରା ସ୍ୱୀକାର ବା ଗ୍ରହଣ କରେ, ମାତ୍ର ଭକ୍ତର ଜିହ୍ୱା ଦ୍ୱାରା ମୁଁ ତାହା ଆସ୍ୱାଦନ ଓ ଭୋଜନ କରେ ।[୨]

---

*୨. ନୈବେଦ୍ୟଂ ପୁରତୋନ୍ୟସ୍ତ ଦୃଷ୍ଟ୍ୟୈବ ସ୍ୱୀକୃତଂ ମୟା*
*ଭକ୍ତସ୍ୟ ରସନାଗ୍ରେଣ ରସମଶ୍ନାମି ପଦ୍ମଜ ॥*
*(ସଂଗୃହୀତ- ମହାଲକ୍ଷ୍ମୀ, ମହାପ୍ରସାଦ, ମହାପ୍ରଭୁ-ରବୀନ୍ଦ୍ର ନାରାୟଣ ମିଶ୍ର, ପୃ.୪୭)*

CC-0. In Public Domain. Digtized by Muthulakshmi Research Academy

ଉପର୍ଯ୍ୟୁକ୍ତ ପ୍ରମାଣରୁ ସ୍ପଷ୍ଟ ହୁଏ ଯେ, ଭଗବାନ ନିଜେ ନୈବେଦ୍ୟ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଭକ୍ତମାନଙ୍କର ଜିହ୍ୱା ମାଧ୍ୟମରେ ମଧ୍ୟ ଭୋଜନ ଗ୍ରହଣ କରିଥାଆନ୍ତି । ଉପରେ ବର୍ଣ୍ଣନା କରାଯାଇଥିବା ତିନିଦିନର ଘଟଣାବଳୀରେ ହଜାର ହଜାର ଭକ୍ତ ଯେତେବେଳେ ଶ୍ରୀମହାପ୍ରସାଦ ନ ପାଇ ସଂପୂର୍ଣ୍ଣ ଭୋକିଲା, ସେତେବେଳେ ସେମାନଙ୍କର ରସନେନ୍ଦ୍ରିୟ (ଜିଭ) ଦ୍ୱାରା ଯେଉଁ ନୈବେଦ୍ୟ ମହାପ୍ରଭୁ ଗ୍ରହଣ କରିଥାନ୍ତି ବୋଲି ଯାହା ଉଲ୍ଲେଖ ଅଛି ସେହି ଅନୁସାରେ ତ ମହାପ୍ରଭୁ ନୈବେଦ୍ୟ ଗ୍ରହଣ ନକରି ଭୋକିଲା ରହିଲେ । ତାହାହେଲେ ତାଙ୍କର ପେଟ ପୁରିବାର ପ୍ରଶ୍ନ ଉଠୁଛି କେଉଁଠୁ ? ଯେଉଁ ଜୀବବ୍ରହ୍ମ ପରଂବ୍ରହ୍ମଙ୍କର ଅଂଶବିଶେଷ, ଯେତେବେଳେ ଜୀବବ୍ରହ୍ମ ଭୋକିଲା, ସେତେବେଳେ ପରଂବ୍ରହ୍ମ ମଧ୍ୟ ଭୋକିଲା । ଏହା ଶାସ୍ତ୍ର ଉକ୍ତିର ମର୍ମ । ଏହା ହିଁ ତ ପରଂବ୍ରହ୍ମ ଓ ଜୀବବ୍ରହ୍ମ ମଧ୍ୟରେ ଏକ ଅତୁଟ ସଂପର୍କ !

ଅସଂଖ୍ୟ ଭକ୍ତଙ୍କର ଶ୍ରୀଜଗନ୍ନାଥଙ୍କର ଉଚ୍ଛିଷ୍ଟ ଶ୍ରୀମହାପ୍ରସାଦ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶ୍ରୀଜଗନ୍ନାଥ ଚେତନାର ଚଳିତକଳ୍ପର ଶେଷ ଯୁଗର ଆଦ୍ୟ ପ୍ରବର୍ତ୍ତକ ମହାରାଜା ଇନ୍ଦ୍ରଦ୍ୟୁମ୍ନ କୈବଲ୍ୟପତି, ଭୋଜନପତି ମହାପ୍ରଭୁଙ୍କୁ ପ୍ରାର୍ଥନା କରି କହିଥିଲେ-

ରାତ୍ର ଚାରିଦଣ୍ଡ ଥାଇ ପହଡ଼ ଫିଟିବ
ଖାଇ ଧୋଇ ମହାପ୍ରଭୁ ହାତ ନ ଶୁଖିବ ।।[୩]

ଭକ୍ତର ମହାପ୍ରସାଦର ଆତୁରତାକୁ ଦୃଷ୍ଟିରେ ରଖି ମହାରାଜା ଇନ୍ଦ୍ରଦ୍ୟୁମ୍ନ ମହାପ୍ରଭୁଙ୍କୁ ପୁନଶ୍ଚ ପ୍ରାର୍ଥନା କରିଥିଲେ ଯେ-

ସବୁ ହୋଇ ତିନି ଘଡ଼ି ଶୟନ କରିବ ।
ଭୁଞ୍ଜୁଭୁଞ୍ଜୁ ଜଗନ୍ନାଥ ହାତ ନ ଶୁଖିବ ।।
ଦିନକ ଯାକର ଭୋଗ ଭୁଞ୍ଜୁଥିବ ରହି ।
ଏହି ବର ମୋତେ ଦେବ ତ୍ରୈଲୋକ୍ୟ ଗୋସାଇଁ ।।[୪]

ଏଥିରୁ ଜଣାପଡ଼େ ଯେ ପୌରାଣିକ ଯୁଗରୁ ଶ୍ରୀମହାପ୍ରସାଦର ପ୍ରଚଳନ ହୋଇଥିଲେ ମଧ୍ୟ ଐତିହାସିକ ଯୁଗରେ ଭକ୍ତମାନଙ୍କର ଶ୍ରୀମହାପ୍ରସାଦ ପ୍ରତି ଲୋଲୁପତା, ଆତୁରତା ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ତାହା ସହଜରେ ଉପଲବ୍ଧ ହେବା ପାଇଁ ଜଗଦ୍‌ଗୁରୁ ଆଦିଶଙ୍କରାଚାର୍ଯ୍ୟଙ୍କ ପରାମର୍ଶକ୍ରମେ ଇତିହାସରେ ବର୍ଣ୍ଣିତ ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ରୂପେ ପରିଚିତ ଯଯାତିକେଶରୀ ଭୋଗମଣ୍ଡପ ନିର୍ମାଣ କରି ଅଧିକ ଶ୍ରୀମହାପ୍ରସାଦର ବ୍ୟବସ୍ଥା

---

*୩. ସଂଗୃହୀତ- ଓଡ଼ିଆ ସଂସ୍କୃତିରେ ମହାପ୍ରସାଦର ଭୂମିକା, ଲେ-ପଙ୍କଜ ସାହୁ, 'ନିର୍ମାଲ୍ୟ', ୧୯୮୯-୯୦, ପୃ.୨୪ ।*

*୪. (ସଂଗୃହୀତ ''ଶ୍ରୀମନ୍ଦିର'', ରଥଯାତ୍ରା ବିଶେଷାଙ୍କ-୨୦୧୦, ଓଡ଼ିଆ ସାହିତ୍ୟରେ ଶ୍ରୀମହାପ୍ରସାଦ, ଲେ-ରବୀନ୍ଦ୍ରନାଥ ପ୍ରତିହାରୀ, ପୃ.୧୫)*

CC-0. In Public Domain. Digtized by Muthulakshmi Research Academy

କରିଥିଲେ । ତପ୍‌ରେ ୧୨୩୦ଖ୍ରୀ.ରେ ରାଜା ଅନଙ୍ଗଭୀମ ଦେବ ସେହି ଅନ୍ନ ଶ୍ରୀମହାପ୍ରସାଦ ପରିମାଣର ବୃଦ୍ଧି କରିଥିବା କଥା ଐତିହାସିକ କୃପାସିନ୍ଧୁ ମିଶ୍ର ବର୍ଣ୍ଣନା କରିଛନ୍ତି ।

ଉପର୍ଯ୍ୟୁକ୍ତ ତଥ୍ୟରୁ ଜଣାପଡ଼େ ଯେ, ମହାପ୍ରଭୁଙ୍କୁ ସମର୍ପିତ ଛପନ ପଉଟି ଅନ୍ନ ପ୍ରତିଦିନ ଭୋଗ ଲାଗୁଥିଲା । ପ୍ରକୃତ ପକ୍ଷରେ ଆଜି ତାହା କାହିଁ କେତେ ଗୁଣ ବଢ଼ିଗଲାଣି । ତାହା ସହିତ ଅନ୍ୟ ସମସ୍ତ ବ୍ୟଞ୍ଜନ ଛପନ ଭୋଗ ଭାବରେ ପରିଚିତ ହୋଇ ମହାପ୍ରଭୁଙ୍କୁ ନୈବେଦ୍ୟ ଆକାରରେ ସମର୍ପିତ ହେଉଅଛି, ଯାହାକି ମହାପ୍ରଭୁ ନିଜେ ପ୍ରତ୍ୟକ୍ଷ ଭାବରେ ଓ ଭକ୍ତମାନଙ୍କ ମାଧ୍ୟମରେ ପରୋକ୍ଷ ଭାବରେ ଗ୍ରହଣ କରିଥାନ୍ତି ।

## ମହାପ୍ରଭୁଙ୍କ ଭୋଜନର ମାଧମ ରହସ୍ୟ :-

ଭକ୍ତମାନଙ୍କ ମାଧ୍ୟମରେ ମହାପ୍ରଭୁ ଭୋଜନ କରୁଛନ୍ତି, ଏକଥା କିନ୍ତୁ ଶୁଣିବା ପରେ ମନ ଗ୍ରହଣ କରୁନାହିଁ । କାରଣ ସମସ୍ତଙ୍କର ବିଶ୍ୱାସ ଓ ଆସ୍ଥା, ମହାପ୍ରଭୁଙ୍କୁ ସମର୍ପିତ ଅନ୍ନ ତ ଶ୍ରୀମହାପ୍ରସାଦ ହେଲେ ଯାଇ ଜୀବ ଗ୍ରହଣ କରେ । ଏହା ହିଁ ତ ସତ୍ୟ । କିନ୍ତୁ ଭଗବାନ୍ ଶ୍ରୀକୃଷ୍ଣ ଶ୍ରୀମଭଗବତ୍ ଗୀତାରେ କହିଛନ୍ତି-

**ଅହଂ ବୈଶ୍ୱାନରୋ ଭୂତ୍ୱା ପ୍ରାଣିନାଂ ଦେହମାଶ୍ରିତଃ ।**
**ପ୍ରାଣାପାନସମାୟୁକ୍ତଃ ପଚାମ୍ୟନ୍ନଂ ଚତୁର୍ବିଧମ୍ ।।**[୫]

ଅର୍ଥାତ୍ ଜୀବର ଶରୀରରେ ମୁଁ ହେଉଛି ପାଚକ-ଅଗ୍ନି ଏବଂ ମୁଁ ହେଉଛି ପ୍ରାଣ ବାୟୁ ଓ ଅପାନ ବାୟୁ । ଏହାଦ୍ୱାରା ମୁଁ ଚାରି ପ୍ରକାର ଖାଦ୍ୟ ଯଥା ଚବ୍ୟ (ଚୋବାଇ), ଚୋଷ୍ୟ (ଶୋଷି), ଲେହ୍ୟ (ଚାଟି), ପେୟ (ପିଇ) ଖାଇ ଜୀର୍ଣ୍ଣ କରାଏ ।

ଆୟୁର୍ବେଦ ଶାସ୍ତ୍ର ଅନୁଯାୟୀ ଆମ୍ଭେମାନେ ଜାଣୁଁ ଯେ ପାକସ୍ଥଳୀରେ ପାଚକ ଅଗ୍ନି ଅଛି । ପାକସ୍ଥଳୀକୁ ଯେତେ ଖାଦ୍ୟ ଯାଏ ସେ ତାହା ଜୀର୍ଣ୍ଣ କରାଏ । ଯେତେବେଳେ ପାଚକ ଅଗ୍ନି ଟିକିଏ ମାନ୍ଦା ରହେ ସେତେବେଳେ କ୍ଷୁଧା ନଥାଏ । ଯେତେବେଳେ ପାଚକ ଅଗ୍ନି ତୀକ୍ଷ୍ଣ ଥାଏ ସେତେବେଳେ ଆମେ କ୍ଷୁଧାର୍ତ୍ତ ହୋଇପଡୁ । ଯେତେବେଳେ ପାଚକ ଅଗ୍ନି ଠିକ୍ ରୂପେ କାମ କରେ ନାହିଁ ସେତେବେଳେ ଅଗ୍ନିମାନ୍ଦ୍ୟ ହୁଏ ଓ ଚିକିତ୍ସାର ଆବଶ୍ୟକତା ପଡ଼େ । ଏହି ପାଚକ ଅଗ୍ନି ହିଁ ପରମ ପୁରୁଷ ଭଗବାନଙ୍କର ପ୍ରତିନିଧି ଅଟେ । ବେଦମନ୍ତ୍ରରେ ମଧ୍ୟ ଏହା ସ୍ୱୀକାର କରାଯାଇଅଛି ଯେ, ପରମେଶ୍ୱର କିମ୍ବା 'ବ୍ରହ୍ମନ୍'ପାକସ୍ଥଳୀରେ ଅଗ୍ନିରୂପରେ ବିଦ୍ୟମାନ ଏବଂ ଏହା ସମସ୍ତ ପ୍ରକାର ଖାଦ୍ୟକୁ ଜୀର୍ଣ୍ଣ କରୁଛନ୍ତି, ଯେଣୁ ସେ ସମସ୍ତ ପ୍ରକାର ଖାଦ୍ୟ ପଦାର୍ଥ ଜୀର୍ଣ୍ଣ କରିବାରେ ସାହାଯ୍ୟ କରୁଛନ୍ତି, ତେଣୁ ଜୀବ ଖାଦ୍ୟ ଗ୍ରହଣରେ ସ୍ୱାଧୀନ ନୁହେଁ । ଯେତେବେଳେ ପରମେଶ୍ୱର

---

*୫. ଶ୍ରୀମଭଗବଦ୍ ଗୀତା-୧୫।୧୪ ।*

CC-0. In Public Domain. Digtized by Muthulakshmi Research Academy

ଜୀର୍ଣ୍ଣ ପ୍ରକ୍ରିୟାରେ ସାହାଯ୍ୟ ନ କରିବେ, ସେତେବେଳେ ଜୀବ ଖାଦ୍ୟ ଗ୍ରହଣର କୌଣସି ସମ୍ଭାବନା ହିଁ ନାହିଁ । ତାହା ହିଁ ପରମବ୍ରହ୍ମଙ୍କର ଜୀବବ୍ରହ୍ମ ପ୍ରତି ଅଶେଷ କରୁଣା ।

ପରମେଶ୍ୱର ହିଁ ସଂପୂର୍ଣ୍ଣ ଜଗତରେ ଖାଦ୍ୟଦ୍ରବ୍ୟ ଉତ୍ପନ୍ନ ବା ସୃଷ୍ଟି କରୁଛନ୍ତି ଓ ନିଜେ ପ୍ରାଣୀମାନଙ୍କ ମାଧ୍ୟମରେ ଜୀର୍ଣ୍ଣ ମଧ୍ୟ କରୁଛନ୍ତି । ତାଙ୍କର ହିଁ କୃପାଯୋଗୁଁ ଆମ୍ଭେମାନେ ଜୀବନ ଧାରଣ କରିଅଛୁଁ । ବେଦାନ୍ତ ଶାସ୍ତ୍ର ଅନୁସାରେ 'ଶବ୍ଦାଦିଭ୍ୟୋଽନ୍ତଃ ପ୍ରତିଷ୍ଠାନାଚ୍ଚ' ଅର୍ଥାତ୍ ଭଗବାନ୍ ଧ୍ୱନି, ଶରୀର, ବାୟୁ ଓ ପାକସ୍ଥଳୀରେ (ଜୀର୍ଣ୍ଣଶକ୍ତି ରୂପେ) ସର୍ବତ୍ର ବିଦ୍ୟମାନ । ପ୍ରମାଣ ସ୍ୱରୂପ ଶ୍ରୀମଦ୍ ଭାଗବତ ପୁରାଣକୁ ଗ୍ରହଣ କରାଯାଇପାରେ ।

ଏଥିରେ ବର୍ଣ୍ଣିତ ହୋଇଛି ଯେ-ଅନ୍ତରିକ୍ଷ କହିଲେ- ହେ ମହାବାହୁ ! ଆଦିପୁରୁଷ ଭଗବାନ୍ ନାରାୟଣ ହେଉଛନ୍ତି ସକଳ ପ୍ରାଣୀଙ୍କର ଆତ୍ମା । ସେ ହିଁ ପଞ୍ଚମହାଭୂତରେ ଛୋଟ ବଡ଼ ସମସ୍ତ ପ୍ରକାର ପ୍ରାଣୀଙ୍କୁ ସୃଷ୍ଟି କରିଛନ୍ତି । ସେ ହିଁ ସମସ୍ତଙ୍କୁ ବିଷୟ ଭୋଗ ପ୍ରଦାନ କରିବା ନିମନ୍ତେ ଅନେକ ପ୍ରକାର ସାମଗ୍ରୀ ପ୍ରସ୍ତୁତ କରିଛନ୍ତି ଏବଂ ନିଜ ଆତ୍ମ ସ୍ୱରୂପର ଜ୍ଞାନକୁ ବିସ୍ତାର କରିବାପାଇଁ ସ୍ୱୟଂ ହିଁ ଅନେକ ରୂପ ହୋଇଯାଇଛନ୍ତି । ଏଣୁ ସକଳ ସୃଷ୍ଟି ହେଉଛି ପରମାତ୍ମାଙ୍କର ସ୍ୱରୂପ । ଶ୍ରୀମଦ୍ ଭାଗବତରେ ବର୍ଣ୍ଣିତ ଏହି ଉକ୍ତି ଅନୁସାରେ ଏହି ସକଳ ସୃଷ୍ଟିର ସ୍ଥାବର ଜଙ୍ଗମ ସମସ୍ତେ ପରମାତ୍ମାଙ୍କର ସ୍ୱରୂପ ।[୬] ତେଣୁ ସେ ନିଜେ ଏବଂ ଅନେକ ସ୍ୱରୂପ ମାଧ୍ୟମରେ ସେ ହିଁ ନୈବେଦ୍ୟ ଗ୍ରହଣ କରୁଛନ୍ତି କହିଲେ ଅତିଶୟୋକ୍ତି ହେବନାହିଁ ।

ପୁନଶ୍ଚ ମହାପୁରୁଷ ଅତିବଡ଼ି ଜଗନ୍ନାଥ ଦାସଙ୍କ ଭାଗବତ ମତରେ-

ବ୍ରାହ୍ମଣ ମୁଖେ ମୋ ଆହାର, ବିପଦ ଖଣ୍ଡଇ ତାହାର ।

ଏଠାରେ 'ବ୍ରାହ୍ମଣ' ଶବ୍ଦର ଅର୍ଥ ଜାତି ବାଚକ ନୁହେଁ, ବ୍ରହ୍ମ ପରାୟଣ ବ୍ୟକ୍ତିକୁ ବୁଝାଏ । ବ୍ରହ୍ମପରାୟଣ ବ୍ୟକ୍ତି ସମାଜର କଲ୍ୟାଣ ନିମିତ୍ତ ସର୍ବଦା ବ୍ରହ୍ମ ସଂଯୁକ୍ତ ହେବାପାଇଁ ଚେଷ୍ଟା କରିଥାଏ । ସେ ଯଦି ନିଜର ଆହାର ପାଇଁ ଚିନ୍ତା କରିବ ତାହାହେଲେ ତାହାର ବ୍ରହ୍ମ ସଂଯୁକ୍ତ କର୍ମ ବିଘ୍ନିତ ହେବ । ସେଥିପାଇଁ ସେ 'ଅନ୍ନଦାନ' ମାଧ୍ୟମରେ ଅନ୍ନ ଗ୍ରହଣ କରିଥାଏ । ତେଣୁ ଭଗବାନ୍ ମଧ୍ୟ ସେହି ବ୍ରହ୍ମ ପରାୟଣ ବ୍ୟକ୍ତି ମାଧ୍ୟମରେ 'ଅନ୍ନ' ସ୍ୱୀକାର କରନ୍ତି ଓ ତାହାର ସମସ୍ତ ବିପଦ ଖଣ୍ଡନ କରିଥାଆନ୍ତି ।

---

୬. *ଶ୍ରୀମଦ୍ ଭା.ମ-୧୧।୩।୩-୪*
*ଅନ୍ତରିକ୍ଷ ଉବାଚ :*
*ଏଭିର୍ଭୂତାନି ଭୂତାତ୍ମା ମହଭୂତୈର୍ମହାଭୁଜ*
*ସସର୍ଜୋଚ୍ଚାବଚାନ୍ୟାଦ୍ୟଃ ସ୍ୱମାତ୍ରାତ୍ମପ୍ରସିଦ୍ଧୟେ ॥*
*ଏବଂ ସୃଷ୍ଟାନି ଭୂତାନି ପ୍ରବିଷ୍ଟଃ ପଞ୍ଚଧାତୁଭିଃ ।*
*ଏକଧା ଦଶଧାଽଽତ୍ମାନଂ ବିଭଜଞ୍ଜୁଷତେ ଗୁଣାନ୍ ॥*

CC-0. In Public Domain. Digtized by Muthulakshmi Research Academy

## ପରମାନନ୍ଦପ୍ରାପ୍ତିରେ ଶ୍ରୀଦାରୁବ୍ରହ୍ମଙ୍କ ଭୂମିକା :-

ସ୍କନ୍ଦପୁରାଣ (୨୮।୪୦) ଓ ମହାପୁରୁଷ ବିଦ୍ୟା (୩।୧୫୧) ଅନୁସାରେ ସମସ୍ତ ଦୁଃଖୀ, ଆର୍ତ୍ତାର୍ଥୀ ବ୍ୟକ୍ତିଙ୍କର ଦୁଃଖକୁ ଖଣ୍ଡନ କରି ତାଙ୍କୁ ପରମାନନ୍ଦ ଦେବା ପାଇଁ ହିଁ ଶ୍ରୀଦାରୁବ୍ରହ୍ମଙ୍କର ଆବିର୍ଭାବ । ତାଙ୍କର 'ଶ୍ରୀମହାପ୍ରସାଦ'ର ବ୍ୟବସ୍ଥା ମଧ୍ୟ ପ୍ରତ୍ୟେକ ଲୋକଙ୍କୁ ଅତି ଆନନ୍ଦ ଦେବାପାଇଁ ଉଦ୍ଦିଷ୍ଟ । ଶ୍ରୀମହାପ୍ରସାଦ ପ୍ରାପ୍ତିରେ ହିଁ ଅତି ଦିବ୍ୟଆନନ୍ଦ ମିଳିଥାଏ । ପୂର୍ବ ତିନିଦିନ ବ୍ୟାପୀ ଶ୍ରୀମନ୍ଦିରରେ ଶ୍ରୀମହାପ୍ରସାଦ ନମିଳିବାରୁ ଶ୍ରୀମନ୍ଦିରର ଆନନ୍ଦବଜାର ଶ୍ରୀହୀନ ହୋଇ ସେଠାରେ ହତାଶାମୟ ବାତାବରଣ ଖେଳିଯାଇଥିଲା ଦିବ୍ୟ ଆନନ୍ଦ ଅଭାବରେ । ଶ୍ରୀକ୍ଷେତ୍ରରେ ଅନ୍ନ ବ୍ୟଞ୍ଜନର ପ୍ରଚୁର ବିକଳ୍ପ ବ୍ୟବସ୍ଥା ଉପଲବ୍ଧ ଥିଲେ ମଧ୍ୟ ଭକ୍ତ ଶ୍ରୀମହାପ୍ରସାଦ ଟିକିଏ ପାଇ ଯେତିକି ଦିବ୍ୟ ଅପାର ଆନନ୍ଦ ପାଇଥାଏ ବିକଳ୍ପ ବ୍ୟବସ୍ଥାରେ ତାହା ସମ୍ଭବ ନୁହେଁ ।

## ଅନ୍ନ ହିଁ ପରଂବ୍ରହ୍ମ :-

ନୀଳାଦ୍ରି ମହୋଦୟ ଅନୁସାରେ ଶ୍ରୀଜଗନ୍ନାଥଙ୍କ ଶ୍ରୀମହାପ୍ରସାଦ ଅନ୍ନ ସାକ୍ଷାତ୍ ବ୍ରହ୍ମ ସ୍ୱରୂପ । ତେଣୁ ଏଥିରେ କୌଣସି ସନ୍ଦେହ ବା ବିଚାର କରିବ ନାହିଁ ।[୭]

କେବଳ ସେତିକି ନୁହେଁ ଶ୍ରୀମହାପ୍ରସାଦର ନିନ୍ଦା ମହାପ୍ରଭୁଙ୍କ ନିନ୍ଦା ବୋଲି ସେ ନିଜେ କହିଥିବାର ଶାସ୍ତ୍ରୀୟ ପ୍ରମାଣ ରହିଅଛି ।[୮]

ଅର୍ଥାତ୍ ମୋର ଅନ୍ନକୁ ଯେ ନିନ୍ଦା କରେ ସେ ମୋତେ ନିନ୍ଦା କରିବା ସହ ସମାନ । ମୋତେ ଦର୍ଶନ କରିବା ଫଳରେ ତାହାର ଯେଉଁ ପୁଣ୍ୟଲାଭ ହୋଇଥାଏ ତାହା ସବୁ ମୋର ଅନ୍ନକୁ ନିନ୍ଦା କରିବା ଫଳରେ ନଷ୍ଟ ହୋଇଯାଏ ।

ଶ୍ରୀଜଗନ୍ନାଥଙ୍କ ଉପାସନା ବ୍ୟବସ୍ଥାରେ ଆମ୍ଭମାନଙ୍କ ମଧ୍ୟରୁ କେହି କେହି ଶାସ୍ତ୍ରୀୟ ମତ ଓ ଶ୍ରୀଜଗନ୍ନାଥ ଚେତନାର ଧାରାକୁ ଠିକ୍ ଭାବେ ବୁଝି ନପାରି ହେଉ ବା ପାଶୋରି ପକାଇ କେବେକେବେ ଏଭଳି କାର୍ଯ୍ୟ କରି ବସନ୍ତି ସେଥିରେ ଉପାସନାରେ ବିଭ୍ରାଟ ସୃଷ୍ଟି ହୋଇ ଆମର ପରମାରାଧ୍ୟ ଇଷ୍ଟ ଦାରୁବ୍ରହ୍ମ ଓ ତାଙ୍କର ହିଁ ବିରାଟ ସ୍ୱରୂପର ଅଙ୍ଗ ସ୍ୱରୂପ ଜୀବଜଗତ ଅତ୍ୟନ୍ତ କଷ୍ଟପାଇଥାଆନ୍ତି । ଏପରିକି ଆମର ମହାପ୍ରଭୁଙ୍କୁ କେବେ କେବେ ଉପବାସ ରହିବାକୁ ପଡ଼େ କିମ୍ବା ବିଳମ୍ବରେ ନୈବେଦ୍ୟ ଗ୍ରହଣ କରିବାକୁ

---

୭. ନୀ.ମ-୧୦।୧୨୭
*ବିଚାରଣା ନ କର୍ତ୍ତବ୍ୟା ନ କର୍ତ୍ତବ୍ୟା କଦାଚନ ।*
*ସାକ୍ଷାଦ୍ ବ୍ରହ୍ମସ୍ୱରୂପୋଽୟଂ ଜଗନ୍ନାଥୋ ନ ସଂଶୟଃ ॥*

୮. *ମମାନ୍ନଂ ନିନ୍ଦୟେଦ୍ୟସ୍ତୁ ମମ ନିନ୍ଦାଂ କରୋତି ସଃ ।*
*ମଦ୍ଦର୍ଶନେନ ଯତ୍ପୁଣ୍ୟଂ ତତ୍ସର୍ବଂ ତସ୍ୟ ନଶ୍ୟତି ॥*
*(ଚତୁର୍ବର୍ଗଯୋଗୀଶ୍ୱର, ସଂଗୃହୀତ ମୁକ୍ତିଚିନ୍ତାମଣି ।)*

CC-0. In Public Domain. Digtized by Muthulakshmi Research Academy

ପଡ଼ିଥାଏ । ଯେତେବେଳେ ପରମବ୍ରହ୍ମ କଷ୍ଟ ପାଆନ୍ତି ସେତେବେଳେ ଜୀବବ୍ରହ୍ମ ଯେ କି ତାଙ୍କର ହିଁ ଅଂଶ ସେ ମଧ୍ୟ ସମାନ କଷ୍ଟ ପାଇଥାଆନ୍ତି । ଅନ୍ୟ ଅର୍ଥରେ ଜୀବବ୍ରହ୍ମ କଷ୍ଟ ପାଇଲେ ପରଂବ୍ରହ୍ମ ମଧ୍ୟ କଷ୍ଟ ପାଇଥାଆନ୍ତି ।

## ଶ୍ରୀମହାପ୍ରସାଦ ଓ ଯଜ୍ଞକର୍ମ :-

ଶ୍ରୀମନ୍ଦିରରେ ଯେଉଁ ଅନ୍ନ ପ୍ରତିଦିନ ଶ୍ରୀଦେବୀଙ୍କର ଦ୍ୱାରା ରନ୍ଧନ କରାଯାଇ ମହାପ୍ରଭୁଙ୍କୁ ନୈବେଦ୍ୟ ଆକାରରେ ସମର୍ପିତ ହୋଇଥାଏ ତାହା ଏକ ଯଜ୍ଞ କର୍ମ ଅଟେ ।[୯] ତାହାହେଲେ ଆମକୁ ପ୍ରଥମେ ଯଜ୍ଞ କଅଣ ଏହା କାହିଁକି କରାଯାଏ, ଏହାର ଫଳ କଅଣ ଓ ଶ୍ରୀମହାପ୍ରସାଦ କିପରି ଯଜ୍ଞକର୍ମର ପର୍ଯ୍ୟାୟଭୁକ୍ତ ତାହା ବିଚାର କରିବାକୁ ପଡ଼ିବ ।

ଶ୍ରୀମଭଗବଦ୍ ଗୀତା ଅନୁସାରେ-

୧. ଯେଉଁ ବସ୍ତୁ ଯଜ୍ଞରେ ଅର୍ପିତ ହୁଏ ତାହା ବ୍ରହ୍ମ ।
୨. ହବି ବ୍ରହ୍ମ ।
୩. କର୍ତ୍ତା ନିଜେ ମଧ୍ୟ ବ୍ରହ୍ମ ରୂପ ହୋଇ ଯେଉଁ ବ୍ରହ୍ମରୂପ ଅଗ୍ନିରେ
୪. ଆହୁତି ଦେଇଥାନ୍ତି ତାହା ମଧ୍ୟ ବ୍ରହ୍ମ ।
୫. ଏହି ଯଜ୍ଞ କରିବା ଲୋକର ମଧ୍ୟ ବ୍ରହ୍ମରେ କର୍ମ ସମାଧି ହୋଇଯାଏ ।
୬. ଯଜ୍ଞର ଫଳ ମଧ୍ୟ ବ୍ରହ୍ମ ହିଁ ଅଟେ ।

ଶ୍ରୀମଭଗବଦ୍ ଗୀତାର ଏହି ଶ୍ଳୋକର ଭାବାର୍ଥ ଅନୁସାରେ ଯେଉଁ ପାତ୍ର ଯଥା ଶ୍ରୁବ, ଶ୍ରୁଚ ଆଦି ଦ୍ୱାରା ଯଜ୍ଞାଗ୍ନିରେ ଆହୁତି ଦିଆଯାଏ ସେହି ଉପର୍ଯ୍ୟୁକ୍ତ ଅର୍ପିତ ବସ୍ତୁକୁ ମଧ୍ୟ ବ୍ରହ୍ମ କୁହାଯାଏ । ରାଶି, ଧାନ, ଘୃତ, ତଣ୍ଡୁଳ ଆଦି ଯଜ୍ଞରେ ହବନ ହେଉଥିବା ଦ୍ରବ୍ୟ ମଧ୍ୟ ବ୍ରହ୍ମ । ଆହୁତି ବ୍ରହ୍ମ, ଆହୁତି ଦେଉଥିବା ବ୍ୟକ୍ତି ମଧ୍ୟ ବ୍ରହ୍ମ, ଅଗ୍ନି ବ୍ରହ୍ମ, ଆହୁତି କ୍ରିୟା ମଧ୍ୟ ବ୍ରହ୍ମ । ହବନ କରୁଥିବା ବ୍ୟକ୍ତି, ଶ୍ରୁବ, ଶ୍ରୁଚ, ଅଗ୍ନି, ଆଦିକୁ ବ୍ରହ୍ମର ସ୍ୱରୂପମାନି ଯେ ଯଜ୍ଞକାଳରେ ଯଜ୍ଞ କରେ ସେହି ବ୍ୟକ୍ତିର ବ୍ରହ୍ମ ସମାଧି ହୋଇଥାଏ । ସେଭଳି ବ୍ୟକ୍ତିପାଇଁ ବ୍ରହ୍ମ ବ୍ୟତୀତ ଅନ୍ୟ କୌଣସି ବସ୍ତୁର ଅସ୍ତିତ୍ୱ ନାହିଁ ।

ଯଜ୍ଞ କର୍ମରେ ସମଗ୍ର ଦ୍ରବ୍ୟ ଆହୁତି ଦେବାପୂର୍ବରୁ ପ୍ରକାର ଭେଦରେ ଅଲଗା ଅଲଗା ଥିଲେ ମଧ୍ୟ ଯଜ୍ଞରେ ଆହୁତି ଦେବାପରେ ସେ ସମସ୍ତ ବସ୍ତୁ ନିଜର ଅସ୍ତିତ୍ୱ ହରାଇ ଅଗ୍ନିରୂପ ହୋଇଯାଆନ୍ତି । ଯେତେବେଳ ପର୍ଯ୍ୟନ୍ତ କୌଣସି ଗୋଟିଏ ବସ୍ତୁ ବା ଦ୍ରବ୍ୟ ନିଜର କିୟଦଂଶର ସତ୍ତା ବା ଅସ୍ତିତ୍ୱ ନ ହରାଇ ଅଗ୍ନିରେ ଥାଏ ସେତେବେଳ

୯. *ଶ୍ରୀମଦ୍‌ଭ.ଗୀ.-୪।୨୪*
*ବ୍ରହ୍ମାର୍ପଣଂ ବ୍ରହ୍ମ ହବିର୍ବ୍ରହ୍ମାଗ୍ନୌ ବ୍ରହ୍ମଣା ହୁତମ୍ ।*
*ବ୍ରହ୍ମୈବ ତେନ ଗନ୍ତବ୍ୟଂ ବ୍ରହ୍ମକର୍ମସମାଧିନା ॥*

CC-0. In Public Domain. Digtized by Muthulakshmi Research Academy

ପର୍ଯ୍ୟନ୍ତ ଅଗ୍ନିରେ ସେହି ବସ୍ତୁକୁ ଆହୁତି ଦିଆଯାଇଅଛି ବୋଲି କୁହାଯାଇପାରିବ ନାହିଁ । କାରଣ ତାହା ଅଗ୍ନିରେ ସଂପୂର୍ଣ୍ଣ ବିଲୀନ ହୋଇନାହିଁ । ଯଜ୍ଞରେ ଅଗ୍ନିରୂପକ ବ୍ରହ୍ମରେ ସମସ୍ତ ଦ୍ରବ୍ୟ ନିଜର ସତ୍ତା ହରାଇଥାଏ ଓ ବିଲୀନ ହୋଇଯାଏ ।

ଉପର୍ଯ୍ୟୁକ୍ତ ଭାବାର୍ଥରୁ ଜଣାପଡ଼େ ଯେ, ଯଜ୍ଞ ପାଇଁ ଛଅଟି ମାଧ୍ୟମର ଆବଶ୍ୟକତା ରହିଅଛି । ସେହିଭଳି ନିଜ ଶରୀର ପାଇଁ ଭୋଜନ କରିବା କାର୍ଯ୍ୟ ଅର୍ଥାତ୍ ଅନ୍ନ ଯଜ୍ଞ କରିବା ସକାଶେ ନିମ୍ନଲିଖିତ ମତେ ଛଅଗୋଟି ମାଧ୍ୟମର ଆବଶ୍ୟକତା ରହିଅଛି ।

ଏଠାରେ ଆମକୁ 'ଅନ୍ନ'ର ଅର୍ଥ ସମ୍ବନ୍ଧୀୟ ବିଚାର କରିବାକୁ ହେବ । ଶାସ୍ତ୍ରବିଚାର ଅନୁସାରେ-

**ଅନ୍ନଂ ହି ଭୂତାନାଂ ଶ୍ରେଷ୍ଠଂ ତସ୍ମାତ୍-ସର୍ବୌଷଧମୁଚ୍ୟତେ ।**
**ପୃଥିବ୍ୟା ଔଷଧୟଃ ଔଷଧିଭ୍ୟୋଽନ୍ନମିତି ॥** *(ଶ୍ରୁତି ଶାସ୍ତ୍ର)*

ଅର୍ଥାତ୍ ଅନ୍ନତ୍ୱ କହିଲେ ଔଷଧିଜ ମାତ୍ର ବୋଲି ଅର୍ଥ କରାଯାଇଅଛି । ମନୁଙ୍କ ଉକ୍ତି ଅନୁସାରେ ''ଆଦିତ୍ୟାଜ୍ଜାୟତେ ବୃଷ୍ଟିଃ ବୃଷ୍ଟେରନ୍ନଂ ତତଃ ପ୍ରଜାଃ ।'' ଅର୍ଥାତ୍ ସୁବୃଷ୍ଟିରୁ ସୁସୃଷ୍ଟି । ସୁସୃଷ୍ଟିରେ ପ୍ରାଣ ଆନନ୍ଦିତ । ଆନନ୍ଦିତ ପ୍ରାଣ ପାଇଁ ଅନ୍ନ ହିଁ ବ୍ରହ୍ମ ଅଟେ । ଏହା ଛାନ୍ଦୋଗ୍ୟ ଉପନିଷଦ୍‌ରେ ବର୍ଣ୍ଣନା କରାଯାଇଅଛି । ସେଥିପାଇଁ ମନୁସ୍ମୃତି ଏବଂ ଶ୍ରୀମଦ୍‌ଭଗବଦ୍ ଗୀତାରେ କୁହାଯାଇଛି-

ସମସ୍ତ ପ୍ରାଣୀ ଅନ୍ନରୁ ଉତ୍ପନ୍ନ ହୁଅନ୍ତି । ଅନ୍ନ ବର୍ଷାରୁ ହୁଏ । ବର୍ଷା ଯଜ୍ଞରୁ ତଥା ଯଜ୍ଞ କର୍ମରୁ ନିଷ୍ପନ୍ନ ହୁଏ । କର୍ମ, ବେଦରୁ ଉତ୍ପନ୍ନ ଏବଂ ବେଦ ଅକ୍ଷର ବ୍ରହ୍ମରୁ ପ୍ରକଟ ହୋଇଥାଏ । ସେହି କାରଣରୁ ସର୍ବବ୍ୟାପୀ ପରମାତ୍ମା ଯଜ୍ଞ (କର୍ତ୍ତବ୍ୟ-କର୍ମ)ରେ ହିଁ ନିତ୍ୟ ପ୍ରତିଷ୍ଠିତ ହୋଇ ରହିଥାଆନ୍ତି ।[୧୦]

ଏହି ଶ୍ଳୋକର ଭାବାର୍ଥ ଅନୁସାରେ ଯେଉଁ ପ୍ରାଣୀର ଯାହା ଖାଦ୍ୟ, ଯାହା ଗ୍ରହଣ କଲେ ସେହି ପ୍ରାଣୀ ବଞ୍ଚିପାରିବ ତାହାର ନାମ ଅନ୍ନ । ସଂସ୍କୃତ ଭାଷାରେ ଅଦ୍ୟତେ (ଅଦ୍‌ଭକ୍ଷଣେ ଧାତୁ) ଯତ୍ ତତ୍ ଅନ୍ନମ୍ । ଶରୀରର ଉତ୍ପତ୍ତି, ଭରଣ ଓ ପୁଷ୍ଟି 'ଅନ୍ନ' ଦ୍ୱାରା ହିଁ ହୋଇଥାଏ । ଉଦାହରଣ ସ୍ୱରୂପ ମାଟିରେ ଥିବା ଜିଆ ସେହି ମାଟି ହିଁ ଖାଇ

---

୧୦. *ପ୍ରାଣସ୍ୟାନ୍ନମିଦଂ ସର୍ବଂ ପ୍ରଜାପତିରକଳ୍ପୟତ୍,*
*ସ୍ଥାବର ଜଙ୍ଗମଶ୍ଚୈବ ସର୍ବେ ପ୍ରାଣସ୍ୟ ଭୋଜନମିତି (ମନୁସ୍ମୃତିଃ-)*
*ଶ୍ରୀମଦ୍ ଭ.ଗୀ-୩।୧୪-୧୫*
*ଅନ୍ନାଦ୍ଭବନ୍ତି ଭୂତାନି ପର୍ଜ୍ଜନ୍ୟାଦନ୍ନସମ୍ଭବଃ ।*
*ଯଜ୍ଞାଦ୍ଭବତି ପର୍ଜ୍ଜନ୍ୟୋ ଯଜ୍ଞ କର୍ମସମୁଦ୍ଭବଃ ॥*
*କର୍ମ ବ୍ରହ୍ମୋଦ୍ଭବଂ ବିଦ୍ଧି ବ୍ରହ୍ମାକ୍ଷରସମୁଦ୍‌ଭବମ୍ ।*
*ତସ୍ମାତ୍‌ସର୍ବଗତଂ ବ୍ରହ୍ମ ନିତ୍ୟଂ ଯଜ୍ଞେ ପ୍ରତିଷ୍ଠିତମ୍ ॥*

CC-0. In Public Domain. Digtized by Muthulakshmi Research Academy

ବଞ୍ଚେ, ତେଣୁ ସେ ମାଟି ତା ପାଇଁ ଅନ୍ନ । ଜରାୟୁଜ (ମନୁଷ୍ୟ, ପଶୁ ଆଦି), ଉଦ୍ଭିଦଜ (ବୃକ୍ଷାଦି), ଅଣ୍ଡଜ (ପକ୍ଷୀ, ସାପ, ପିମ୍ପୁଡ଼ି ଆଦି), ସ୍ୱେଦଜ (ଜିଆ ଆଦି) ଏହି ଚାରିପ୍ରକାର ପ୍ରାଣୀ ଅନ୍ନରୁ ହିଁ ଉତ୍ପନ୍ନ ହୋଇ ଅନ୍ନ ଖାଇ ଜୀବିତ ରହନ୍ତି । ସମସ୍ତ ଖାଦ୍ୟ ପଦାର୍ଥ ଜଳରୁ ହିଁ ହୁଏ । ଜଳ ବିନା ଖାଦ୍ୟ ପଦାର୍ଥର ଉତ୍ପତ୍ତି ଅସମ୍ଭବ । ଅନ୍ନ, ଜଳ, ବସ୍ତ୍ର, ବାସୋପଯୋଗୀ ଗୃହ ଆଦି ଶରୀରର ନିର୍ବାହର ସମସ୍ତ ସାମଗ୍ରୀ ସୂକ୍ଷ୍ମ ବା ସ୍ଥୂଳ ରୂପରେ ଜଳ ବିନା ସମ୍ଭବପର ନୁହେଁ । ଏହି ଜଳର ଆଧାର ହେଉଛି ବର୍ଷା ।

'ଯଜ୍ଞ' ଶବ୍ଦର ଅର୍ଥ ମୁଖ୍ୟତଃ ଆହୁତି ବାଚକ ବୋଲି ଜଣାପଡୁଥିଲେ ମଧ୍ୟ ଶ୍ରୀମଦ୍‌ଭଗବଦ୍ ଗୀତାର ସିଦ୍ଧାନ୍ତ ଅନୁସାରେ 'ଯଜ୍ଞ' ଶବ୍ଦର ଅର୍ଥ ସଂପୂର୍ଣ୍ଣ କର୍ତ୍ତବ୍ୟ କର୍ମ ନିର୍ବାହନ । 'ଯଜ୍ଞ'ରେ ତ୍ୟାଗ କରିବା ହିଁ ମୁଖ୍ୟ । ଆହୁତି ଦ୍ୱାରା ଅନ୍ନ, ଘିଅ ପ୍ରଭୃତିର ତ୍ୟାଗ, ଦାନ କରିବାରେ ବସ୍ତୁର ତ୍ୟାଗ, ତପ କରିବାରେ ନିଜର ସୁଖ ସୁବିଧାର ତ୍ୟାଗ କରିବାକୁ ପଡ଼ିଥାଏ । ତେଣୁ 'ଯଜ୍ଞ' ଶବ୍ଦ ଯଜ୍ଞ (ହବନ), ଦାନ, ତପ ଆଦି ସଂପୂର୍ଣ୍ଣ ଶାସ୍ତ୍ର ବିହିତ କ୍ରିୟାକୁ ହିଁ ବୁଝାଏ । ନିଷ୍କାମ ଭାବପୂର୍ବକ କରାଯାଉଥିବା ଲୌକିକ ଏବଂ ଶାସ୍ତ୍ରୀୟ ସମସ୍ତ ବିହିତ କର୍ମର ନାମ ହିଁ ଯଜ୍ଞ ଅଟେ । ବ୍ରହ୍ମଚାରୀମାନଙ୍କର ଅଗ୍ନିହୋତ୍ରୀ ଭାବରେ କର୍ମ କରିବା, ସ୍ତ୍ରୀମାନଙ୍କର ରୋଷେଇ କରିବା, ଚିକିତ୍ସକମାନଙ୍କର ରୋଗୀ ଲୋକଙ୍କର ଚିକିତ୍ସା କରିବା, ବେପାରୀ ନିଜର ବେପାର କରିବା, ଛାତ୍ର ଅଧ୍ୟୟନ କରିବା ଆଦି କାର୍ଯ୍ୟ ଯଦି ଅନ୍ୟର ଉପକାର ପାଇଁ କରାଯାଏ ତାହାହେଲେ ତାକୁ ଯଜ୍ଞ କୁହାଯାଇପାରେ । ନିଜ ସ୍ୱାର୍ଥପାଇଁ କର୍ତ୍ତବ୍ୟକୁ କଦାପି ଯଜ୍ଞ କୁହାଯାଇ ନପାରେ । ଏଭଳି ଭାବରେ କର୍ତ୍ତବ୍ୟ କର୍ମର ବିଧିବିଧାନକୁ ବେଦ ନିର୍ଦ୍ଦେଶ ଦେଇଥାଏ (ଶ୍ରୀମଦ୍ ଭ.ଗୀ.-୪।୩୨) । ତେଣୁ ବେଦରୁ ହିଁ କର୍ମଗୁଡ଼ିକ ଉତ୍ପନ୍ନ ହୋଇଅଛି ବୋଲି କୁହାଯାଇଥାଏ । ଏହି ବେଦର ଅର୍ଥ କେବଳମାତ୍ର ଚାରିବେଦ ନହୋଇ ସ୍ମୃତି, ପୁରାଣ, ଉପପୁରାଣ, ରାମାୟଣ, ମହାଭାରତ ଆଦି ଇତିହାସ ଏବଂ ବିଭିନ୍ନ ଆଚାର୍ଯ୍ୟମାନଙ୍କର ସମସ୍ତ ବେଦାନୁକୂଳ ଶାସ୍ତ୍ରୀୟ ନିର୍ଦ୍ଦେଶମାନଙ୍କୁ ମଧ୍ୟ ଏହି ପର୍ଯ୍ୟାୟରେ ଗ୍ରହଣ କରାଯାଇପାରେ । 'ବେଦ' 'ସଚ୍ଚିଦାନନ୍ଦ ପରମାନନ୍ଦ'ଙ୍କ ଠାରୁ ଉତ୍ପନ୍ନ ହୋଇଥିବାରୁ (ଶ୍ରୀମଦ୍ ଭ.ଗୀ-୧୭।୨୩) 'ଅନ୍ନ'ଠାରୁ ଆରମ୍ଭ କରି 'ପରମାତ୍ମା'ଙ୍କ ପର୍ଯ୍ୟନ୍ତ ଉପରେ ବର୍ଣ୍ଣିତ ସମସ୍ତ ବିଷୟାବଳୀ ଗୋଟିଏ ସୂତାରେ ହିଁ ଗୁନ୍ଥା ହୋଇଅଛି । ତେଣୁ 'ଅନ୍ନବ୍ରହ୍ମ' 'ପରଂବ୍ରହ୍ମ'ଙ୍କ ଏକ ସ୍ୱରୂପ ପ୍ରକାଶ ମାତ୍ର । ଏହା ସୃଷ୍ଟି ଚକ୍ରର ନିୟମ ଅଟେ ।

ଉପରିଲିଖିତ ଭାବାର୍ଥ ଅନୁସାରେ 'ଅନ୍ନ' ଏହା ପରଂବ୍ରହ୍ମଙ୍କର ସ୍ୱରୂପ ହେତୁ 'ଅନ୍ନଦାନ', 'ଅନ୍ନଗ୍ରହଣ' ଏହା ମଧ୍ୟ ଯଜ୍ଞ ପର୍ଯ୍ୟାୟଭୁକ୍ତ ଓ ଯଜ୍ଞର ଫଳ ଅର୍ଥାତ୍ 'ଅମୃତ' ଅଟେ ।

ବିଦ୍ୱାନ୍ ପଣ୍ଡିତଗଣ ଶ୍ରୀମଭଗବଦ୍ ଗୀତାର ୪।୨୪ ଶ୍ଳୋକଟିକୁ ଭୋଜନ ପୂର୍ବରୁ ଆବୃତ୍ତି କରିଥାନ୍ତି । ଯାହା ଫଳରେ ଭୋଜନ କର୍ମ ମଧ୍ୟ ଯଜ୍ଞ କର୍ମ ହୋଇଯାଏ । ଯଜ୍ଞ

CC-0. In Public Domain. Digtized by Muthulakshmi Research Academy

କର୍ମରେ ଉପର ବର୍ଣ୍ଣିତ ମତେ ଛଅଗୋଟି ଜିନିଷର ଆବଶ୍ୟକତା ଥିବା ଭଳି ଭୋଜନ ରୂପକ ଯଜ୍ଞରେ ମଧ୍ୟ ଛଅଗୋଟି ଜିନିଷର ଆବଶ୍ୟକତା ଥାଏ, ଯଥା-

୧. ଭୋଜନରୂପ ଯଜ୍ଞ କର୍ମରେ ଯେଉଁ ହାତଦ୍ୱାରା ଭୋଜନ ଅର୍ପଣ (ଗ୍ରହଣ) କରାଯାଏ । ତାହା ବ୍ରହ୍ମରୂପ ଅଟନ୍ତି । ପ୍ରମାଣ ସ୍ୱରୂପ-

**ସର୍ବତଃପାଣିପାଦଂ ତତ୍ସର୍ବତୋଽକ୍ଷିଶିରୋମୁଖମ୍ ।**
**ସର୍ବତଃଶ୍ରୁତିମଲ୍ଲୋକେ ସର୍ବମାବୃତ୍ୟ ତିଷ୍ଠତି ॥**[୧୧]

ଅର୍ଥାତ୍ ସେହି ପରମେଶ୍ୱର ସର୍ବତ୍ର ହାତପାଦଯୁକ୍ତ, ନେତ୍ର, ଶିର, ମୁଖ ଓ କର୍ଣ୍ଣଯୁକ୍ତ ହୋଇ ସର୍ବତ୍ର ବ୍ୟାପ୍ତ ଅଛନ୍ତି ।

୨. ଭୋଜନ ପଦାର୍ଥ ମଧ୍ୟ ବ୍ରହ୍ମରୂପ ଅଟନ୍ତି । ଯଥା- *ଅହଂ କ୍ରତୁରହଂ ଯଜ୍ଞଃ ..... ହୁତମ୍ ॥* (ଶ୍ରୀମଦ୍ ଭ.ଗୀ.-୯।୧୬) ।

୩. ଭୋଜନ କରିବା ବ୍ୟକ୍ତି ମଧ୍ୟ ବ୍ରହ୍ମସ୍ୱରୂପ ଅଟନ୍ତି ।[୧୨]

ଅର୍ଥାତ୍ ଏହି ସଂସାରରେ ଜୀବ ହୋଇ ବାସ କରୁଥିବା ଆତ୍ମା ମୋର ହିଁ ସନାତନ ଅଂଶ ଅଟେ । ଏଠାରେ ଭଗବାନ୍ ଜୀବମାନଙ୍କ ପ୍ରତି ଅତ୍ୟନ୍ତ ଆତ୍ମୀୟତା ସହକାରେ ନିଜର ଅଂଶ ବୋଲି କହିଛନ୍ତି । ଭୋଜନ କରିବା ପରେ ଖାଦ୍ୟ ଯେଉଁ ଜଠରାଗ୍ନିରେ ଆହୁତି କ୍ରିୟା ସ୍ୱରୂପ ପହଞ୍ଚି ପାଚନ କାର୍ଯ୍ୟ ହୁଏ ସେହି ଜଠରାଗ୍ନି ମଧ୍ୟ ବ୍ରହ୍ମ ଅଟନ୍ତି । ଯଥା- ପୂର୍ବରେ ବର୍ଣ୍ଣିତ *"ଅହଂ ବୈଶ୍ୱାନରୋ"* (ଶ୍ରୀମଦ୍ ଭ.ଗୀ-୧୫।୧୪) ଜଠରାଗ୍ନିରେ ଜଳୁଥିବା ଅଗ୍ନିକୁ ଅନ୍ତର୍ଯଜ୍ଞ ବା ବ୍ରହ୍ମଯଜ୍ଞ କୁହାଯାଏ । ଅତି ଭୋକ ହେଲେ ବ୍ରହ୍ମ ଜଳିଲାଣି କୁହାଯାଏ । ଏହି ଭଳି ଭୋଜନ କରୁଥିବା ବ୍ୟକ୍ତିର ସମସ୍ତ କାର୍ଯ୍ୟ ଯଜ୍ଞ ରୂପେ ସଂପାଦିତ ହୋଇ ବ୍ରହ୍ମ ସ୍ୱରୂପ ହୋଇଥିବାରୁ ତାହାର ଫଳ ମଧ୍ୟ ଅମୃତ ତୁଲ୍ୟ ବ୍ରହ୍ମ ଅଟନ୍ତି ।[୧୩]

ଯଜ୍ଞରେ ବଳିଥିବା ଅମୃତକୁ ଅନୁଭବ କରିଥିବା ବ୍ୟକ୍ତି ସନାତନ ପରଂବ୍ରହ୍ମ ପରମାତ୍ମାକୁ ପ୍ରାପ୍ତ ହୁଏ । ଯଜ୍ଞ ନ କରୁଥିବା ବ୍ୟକ୍ତିପାଇଁ ମନୁଷ୍ୟଲୋକ ତ ସୁଖଦାୟୀ ହୁଏନାହିଁ, ତେଣୁ ପରଲୋକ ବା କିପରି ସୁଖଦାୟୀ ହେବ । ଏହି ଶ୍ଳୋକର ଭାବାର୍ଥରୁ ଜଣାଯାଏ ଯଜ୍ଞ ମାଧ୍ୟମରେ ନିଜେ ଭଗବାନ୍ ଭୋଜନ କରୁଥିବାରୁ ଯଜ୍ଞର ଅବଶିଷ୍ଟାଂଶ ତାହା ଅମୃତ । ତେଣୁ ଯଜ୍ଞର ଅବଶିଷ୍ଟାଂଶ ମଧ୍ୟ ଅମୃତ । ଅମୃତତ୍ୱ ପ୍ରାପ୍ତିରେ ବିଭୁ ଚୈତନ୍ୟ ଆସେ । ଜୀବ ମଧ୍ୟରେ ଅଣୁ ଚୈତନ୍ୟ ବିଦ୍ୟମାନ । ଅନେକ ଅଣୁ ଚୈତନ୍ୟର ସନ୍ତୋଷରେ ବିଭୁ ଚୈତନ୍ୟ ଆସେ ବୋଲି ପଣ୍ଡିତ ବଳଦେବ ବିଦ୍ୟାଭୂଷଣ, ବେଦାନ୍ତଚାର୍ଯ୍ୟଙ୍କ ପ୍ରମେୟ ରତ୍ନାବଳିରେ ନିର୍ଣ୍ଣୟ କରାଯାଇଅଛି ।

---

୧୧. *ଶ୍ରୀମଦ୍ ଭ.ଗୀ ୧୩।୧୩*

୧୨. *ମମୈବାଂଶୋ ଜୀବଲୋକେ ଜୀବଭୂତଃ ସନାତନଃ ॥* (ଶ୍ରୀମଦ୍ ଭ.ଗୀ-୧୫।୭)

୧୩. *ଯଜ୍ଞଶିଷ୍ଟାମୃତଭୁଜୋ ଯାନ୍ତି ବ୍ରହ୍ମ ସନାତନମ୍ ।*
*ନାୟଂଲୋକୋଽସ୍ତ୍ୟଯଜ୍ଞସ୍ୟ କୁତୋଽନ୍ୟଃ କୁରୁସତ୍ତମ ॥ (ଶ୍ରୀମଦ୍ ଭ.ଗୀ-୪।୩୧)*

CC-0. In Public Domain. Digtized by Muthulakshmi Research Academy

ଜଡ଼ବସ୍ତୁ ଚେତନଯୁକ୍ତ ହେଲେ ହିଁ ତାକୁ ଜୀବାତ୍ମା କୁହାଯାଏ । ତେଣୁ ବିଚାରବନ୍ତ ପଣ୍ଡିତ ବ୍ୟକ୍ତି ସର୍ବଦା ଜଡ଼ତାରୁ ବିମୁଖ ହୋଇ ଚେତନଯୁକ୍ତ ସଚ୍ଚିଦାନନ୍ଦ ପରମାତ୍ମାଙ୍କ ସହିତ ଲୀନ ହେବାପାଇଁ ଯେଉଁ କର୍ମ କରନ୍ତି ତାହାକୁ ହିଁ ଯଜ୍ଞ କୁହାଯାଏ । ଶାସ୍ତ୍ରମାନଙ୍କରେ ଦୈବଯଜ୍ଞ, ଦ୍ରବ୍ୟଯଜ୍ଞ, ତପଯଜ୍ଞ, ଯୋଗଯଜ୍ଞ, ଜ୍ଞାନଯଜ୍ଞ ଆଦି ବହୁପ୍ରକାର ଯଜ୍ଞର ବିସ୍ତୃତ ବର୍ଣ୍ଣନା କରାଯାଇଅଛି । ନିଷ୍କାମ ଭାବରେ କେବଳ ମାତ୍ର ଲୋକହିତପାଇଁ କରାଯାଇଥିବା ଅତି ସାଧାରଣରୁ ସାଧାରଣ କର୍ମ ମଧ୍ୟ ଭଗବତ୍ ପ୍ରାପ୍ତି କରାଇବାରେ ସମର୍ଥ ହୋଇଥିବା ବେଳେ ସକାମଭାବ ପୂର୍ବକ ବଡ଼ରୁ ବଡ଼ କର୍ମ କଲେ ମଧ୍ୟ ପରମାତ୍ମା ପ୍ରାପ୍ତ ହୁଅନ୍ତି ନାହିଁ କିମ୍ବା ପରମାନନ୍ଦ ଲାଭ ହୋଇନଥାଏ । ନିଷ୍କାମ ଭାବ ପୂର୍ବକ ଲୋକହିତ ପାଇଁ ତଥା ଅନ୍ୟମାନଙ୍କୁ ସୁଖଦେବା ଫଳରେ ସମାନତାର ଯଜ୍ଞଶିଷ୍ଟ 'ଅମୃତ'ର ଅନୁଭବ ହୋଇଥାଏ । ଏହି 'ଅମୃତ' ଅର୍ଥାତ୍ ଅମରତାର ଅନୁଭବ କରିଥିବା ବ୍ୟକ୍ତି ହିଁ ପରମାତ୍ମା ପରଂବ୍ରହ୍ମଙ୍କୁ ଲାଭ କରିଥାନ୍ତି । ସେଥିପାଇଁ ଆମର ଆର୍ଯ୍ୟ ପରମ୍ପରାରେ ମୁନିଋଷିମାନେ ଉଦ୍‌ଘୋଷଣା କରିଛନ୍ତି- *'ଶୃଣ୍ୱନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ'* । ଏହି 'ଅମୃତ ପୁତ୍ର' ହେବାର ମାଧ୍ୟମ ହିଁ ଯଜ୍ଞ । ଏହି ଯଜ୍ଞ କର୍ମଦ୍ୱାରା ବ୍ରହ୍ମଙ୍କୁ ଉପଲବ୍ଧି କରି ତାଙ୍କର ନିକଟରୁ ନିକଟତର ହେବାପାଇଁ ମନୁଷ୍ୟ ଶରୀର ସାମର୍ଥ୍ୟବାନ୍ ହେବାର ଆବଶ୍ୟକତା ରହିଅଛି । ଏହି ଶରୀର ନିର୍ବାହକୁ ଦୃଷ୍ଟିରେ ରଖି ଆମର ପ୍ରାଚୀନ ମୁନିଋଷିମାନେ ଯଜ୍ଞରେ 'ବ୍ରହ୍ମରୂପୀ ଅନ୍ନ'କୁ ଗ୍ରହଣ କରି ସେହି ପରଂବ୍ରହ୍ମଙ୍କ ନିକଟତର ହେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହା ଯଜ୍ଞ ବ୍ୟତୀତ ଆଉକିଛି ନୁହେଁ । ମନୁଷ୍ୟ ଶରୀର କେବଳ ଯଜ୍ଞ ପାଇଁ ହିଁ ଉଦ୍ଦିଷ୍ଟ । ମାନ, ମର୍ଯ୍ୟାଦା, ଅହଂକାର, ସୁଖ, ଆରାମ ଆଦିରେ ମନୁଷ୍ୟ ଲାଗି ରହିଲେ ମାୟାବନ୍ଧନରେ ବାନ୍ଧି ହୋଇଯାଏ । ଫଳରେ ସୁଖଶାନ୍ତି ଭଙ୍ଗ ହୋଇଥାଏ ଓ ପରଲୋକରେ ମଧ୍ୟ ଶାନ୍ତି ମିଳେ ନାହିଁ । କେବଳ ଯଜ୍ଞପାଇଁ କାର୍ଯ୍ୟ କଲେ କ୍ରମଶଃ ମନୁଷ୍ୟ ବନ୍ଧନ ରହିତ ହୋଇ ଶେଷରେ ସନାତନବ୍ରହ୍ମଙ୍କୁ ପାଇଥାଏ । ସେଥିପାଇଁ ପୂର୍ବପୁରୁଷମାନେ କହିଛନ୍ତି- ଏହା ଏକ ପବିତ୍ର ଯଜ୍ଞ କର୍ମ ।[୧୪]

## ନିଷ୍କାମଯଜ୍ଞର ରୂପରେଖ ଶ୍ରୀମହାପ୍ରସାଦ :-

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନିମନ୍ତେ ନୈବେଦ୍ୟ ପ୍ରସ୍ତୁତିଠାରୁ ଆରମ୍ଭ କରି ତାହା ଦାରୁବ୍ରହ୍ମଙ୍କ ନିକଟରେ ସମର୍ପିତ ହୋଇ ଶ୍ରୀମହାପ୍ରସାଦ ଆକାରରେ ଜୀବବ୍ରହ୍ମଙ୍କ ଦ୍ୱାରା ଅମୃତତୁଲ୍ୟ ଗ୍ରହଣ ହେବା ପର୍ଯ୍ୟନ୍ତ ଏହି ସମସ୍ତ କ୍ରିୟା ଲୋକହିତପାଇଁ ଏକ ନିଷ୍କାମକର୍ମ ଯଜ୍ଞ ବ୍ୟତୀତ ଆଉ କିଛି ନୁହେଁ । ଯେଉଁ ଯଜ୍ଞର ଫଳ ହିଁ ଜୀବଜଗତ ଦ୍ୱାରା ଅମୃତତୁଲ୍ୟ ଶ୍ରୀମହାପ୍ରସାଦ ପ୍ରାପ୍ତି ଓ ଶେଷରେ ମୁକ୍ତି ।

---

୧୪. *ଭୁଞ୍ଜିବା ପୂର୍ବରୁ ସଦା ମୁଁ ନିତ୍ୟ ଭକ୍ଷ୍ୟ*
*ଚିନ୍ତଇ ସନ୍ତୋଷମନେ ହରି ହେ ଦୟା ରଖ ।*
*ଅନ୍ନ ହିଁ ପୂର୍ଣ୍ଣଶକ୍ତି, ଅନ୍ନ ହିଁ ପୂର୍ଣ୍ଣବ୍ରହ୍ମ*
*ଉଦର ଭରଣ ନୁହେଁ ଜାଣ ଏ ଯଜ୍ଞ କର୍ମ ।*
(ଅଚ୍ୟୁତାନନ୍ଦ ଦାସ ଏକାଦଶୀ ଦାସ ମହାଗୋଟି, ଝାଞ୍ଜିପଟା ମଠ)

CC-0. In Public Domain. Digitized by Muthulakshmi Research Academy

ଏକଦା ଜଗଦ୍‌ଗୁରୁ ଶ୍ରୀଶଙ୍କରାଚାର୍ଯ୍ୟ ପୁରୁଷୋତ୍ତମ ଧାମକୁ ଆସି ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ନିର୍ଜୀବ ପଦାର୍ଥ ବା ଜଡ଼ ପଦାର୍ଥ ଚାଉଳ କିପରି ଚେତନାଯୁକ୍ତ ହୋଇ 'ବ୍ରହ୍ମ' ପାଲଟିଯାଏ ଓ ସେହି 'ବ୍ରହ୍ମ' ଜୀବବ୍ରହ୍ମ ମଧ୍ୟରେ ପ୍ରବେଶ କରିବାପରେ ଜୀବବ୍ରହ୍ମ ପରମାନନ୍ଦ ଲାଭ କରି ପରଂବ୍ରହ୍ମଙ୍କ ନିକଟବର୍ତ୍ତୀ ହୋଇ ମୁକ୍ତିଲାଭ କରେ ଏହା ଦେଖି ଚମତ୍କୃତ ହୋଇ ପଡ଼ିଥିଲେ । ସେଇଥିପାଇଁ ତ ସେ ଏଠାରେ ଛତା ପୋତି ବସିରହି ଗୋବର୍ଦ୍ଧନ ମଠ ସ୍ଥାପନ କଲେ । ପ୍ରତିଦିନ କିପରି ଜଡ଼ ପଦାର୍ଥ ଚାଉଳ ଚୈତନ୍ୟଯୁକ୍ତ ହୋଇ ବ୍ରହ୍ମରେ ପରିଣତ ହେଉଅଛି ସେହି ପଦ୍ଧତି ବା ପ୍ରକ୍ରିୟାକୁ ସେ ଦାର୍ଶନିକ ତତ୍ତ୍ୱରେ ତଉଲି ଆଶ୍ଚର୍ଯ୍ୟ ହୋଇ ଶ୍ରୀଜଗନ୍ନାଥଙ୍କ ଶରଣାଗତ ହୋଇଥିଲେ । ଯଜ୍ଞରୁ ବୃଷ୍ଟି ଓ ବୃଷ୍ଟିରୁ ସୃଷ୍ଟି ପରି ଏକ ଚିରନ୍ତନ ପ୍ରକ୍ରିୟା ଭଳି ଏହି ନିର୍ଜୀବ ଚାଉଳ ଏକ ବିଶିଷ୍ଟ ପ୍ରକ୍ରିୟା ମାଧ୍ୟମରେ ଯାଇ ପାଲଟିଯାଏ ବ୍ରହ୍ମରେ ।

ତାହାହେଲେ ଏଠାରେ ବିଚାର କରିବା ସେ ପ୍ରକ୍ରିୟା କଅଣ ? ସେହି ପ୍ରକ୍ରିୟାଟି ହେଲା ନିର୍ଜୀବ କେତେଗୁଡ଼ିଏ ଚାଉଳ ଯେତେବେଳେ ଶ୍ରୀମନ୍ଦିରରେ ପ୍ରବେଶ କରେ ସେ ପାଲଟିଯାଏ ଅମୋଣିହା (ଅର୍ଥାତ୍ ମଣୋହି ବା ସମର୍ପିତ ହୋଇନଥାଏ) । ଶ୍ରୀମନ୍ଦିର ରୋଷଘରେ ଅମୋଣିହା ଚାଉଳ ସିଦ୍ଧ ହୋଇଗଲେ ସେ ପାଲଟିଯାଏ ଅନ୍ନରେ । ଅନ୍ନକୁ ମହାପ୍ରଭୁଙ୍କ ନିକଟରେ ଭାରରେ ସୁଆରମାନେ ଆଣନ୍ତି । ତାହାକୁ ଛେକ କୁହାଯାଏ । ଛେକରେ ଆସୁଥିବା ସେହି ଅନ୍ନର ପରିବର୍ତ୍ତିତ ନାମ ହୋଇଯାଏ ଭୋଗ । ଶ୍ରୀଜୀଉମାନଙ୍କ ସମ୍ମୁଖରେ ଠିଆ ମୁରୁଜରେ ବଜାହେଲେ ତାହାର ପରିବର୍ତ୍ତିତ ନାମ ହୁଏ ନୈବେଦ୍ୟ । ପୂଜାପଣ୍ଡା ସେବକ ମନ୍ତ୍ରରେ ପ୍ରୋକ୍ଷଣ କରିବା ପରେ ସେହି ଅନ୍ନ ପାଲଟିଯାଏ ପ୍ରସାଦରେ । ଭୈରବୀ ଚକ୍ରରେ ସମର୍ପିତ ପ୍ରସାଦର ଉଚ୍ଛିଷ୍ଟ ପାଲଟିଯାଏ ଶ୍ରୀମହାପ୍ରସାଦରେ । ଯେଉଁ ଶ୍ରୀମହାପ୍ରସାଦ ମଧ୍ୟରୁ ଶ୍ରୀଜଗନ୍ନାଥଙ୍କ ଶାଳି ଅନ୍ନ ଲକ୍ଷ୍ମୀତନ୍ତ୍ର ଅନୁସାରେ (ପରବର୍ତ୍ତୀ ସମୟରେ ଥାଳି ଅନ୍ନ ବୋଲି କୁହାଗଲା) ତାହା ସମର୍ପିତ ହୁଏ ମା ବିମଳାଦେବୀଙ୍କୁ । ସେହି ସୁବାସିତ ଶ୍ରୀମହାପ୍ରସାଦ ଯେତେବେଳେ ଆନନ୍ଦବଜାରକୁ ନିଆଯାଏ ଓ ସେଠାରେ ପଞ୍ଚ ପରମେଶ୍ୱରଙ୍କ ଦୃଷ୍ଟି ତାହା ଉପରେ ପଡ଼ିଯାଏ ତାହା ପାଲଟିଯାଏ କୈବଲ୍ୟରେ ଅର୍ଥାତ୍ କେବଳ ମାତ୍ର ମୁକ୍ତିର ପଥ । ସେହି କୈବଲ୍ୟକୁ ଯେତେବେଳେ ନ ବାଢି ପଞ୍ଚ ପରମେଶ୍ୱର ପରମାନନ୍ଦରେ ପାଆନ୍ତି, ତାହା ପାଲଟିଯାଏ ଅବଢ଼ାରେ । ଅବଢ଼ା କୁଡ଼ିଆରେ ରହିଯାଇଥିବା ଉଚ୍ଛିଷ୍ଟକୁ ଶୁଖାଇ ଦିଆଗଲେ କିମ୍ବା ଧୋଇକରି ପାଇଲେ ତାହା ହୁଏ ନିର୍ମାଲ୍ୟ । ସେହି ନିର୍ମାଲ୍ୟ ହିଁ ବ୍ରହ୍ମ । ଯାହା ପାଇଲେ ମନ ଓ ଶରୀର ମଧ୍ୟରେ ଆଣିଦିଏ ନିର୍ମଳତା, ପ୍ରସନ୍ନତାର ଭାବ ଓ ତାହା ସେବନରେ ପ୍ରାପ୍ତ ହୋଇଥାଏ ପରଂବ୍ରହ୍ମଙ୍କ ସାନ୍ନିଧ୍ୟ, ଶେଷରେ ପରମଗତି । ଏକ ନିର୍ଜୀବ ଜଡ଼ ପଦାର୍ଥ ଚାଉଳ ଶେଷରେ କିପରି ବ୍ରହ୍ମରେ ପରିଣତ ହୋଇ ଜୀବବ୍ରହ୍ମକୁ ପରଂବ୍ରହ୍ମଙ୍କ ନିକଟତର କରାଏ ଏହା ଚିନ୍ତା କରାଯାଇପାରେନା । ଯାହାକି କେବଳମାତ୍ର ଶ୍ରୀଜଗନ୍ନାଥଙ୍କ ଉପାସନାରେ ପ୍ରତିଦିନ ହୋଇଚାଲିଛି । ଏହା ଏକ ଚିରନ୍ତନ ଯଜ୍ଞ ପ୍ରକ୍ରିୟା ଅଟେ ।

CC-0. In Public Domain. Digtized by Muthulakshmi Research Academy

ଶ୍ରୀମନ୍ଦିର ରୋଷଶାଳାରେ କେଉଁ ଯୁଗରୁ ଆଜି ପର୍ଯ୍ୟନ୍ତ ପାକକ୍ରିୟା ପୂର୍ବରୁ 'ରୋଷହୋମ' ନାମରେ ଯଜ୍ଞ ଆରମ୍ଭ ହୋଇ ଶାସ୍ତ୍ରୀୟ ବିଧିମୁତାବକ ଅଗ୍ନି ସ୍ଥାପନ କରାଯାଇ ରୋଷରେ ଥିବା ଚୁଲିମାନଙ୍କରେ ଉକ୍ତ ଅଗ୍ନିଦ୍ୱାରା ରନ୍ଧନ କାର୍ଯ୍ୟ କରାଯାଏ । ବାମଦେବ ସଂହିତା ୯ମ ଅଧ୍ୟାୟ ଷଷ୍ଠତମ ଶ୍ଳୋକ ଓ ନୀଳାଦ୍ରି ମହୋଦୟ ୨୪ତମ ଅଧ୍ୟାୟରେ ଉକ୍ତ ରୋଷହୋମ ସମ୍ବନ୍ଧରେ ଶାସ୍ତ୍ରୀୟ ବିଧି ଓ ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପିରେ ରୋଷହୋମ ନାମରେ ତାହାର ଉଲ୍ଲେଖ ଅଛି ।

ଦାରୁବ୍ରହ୍ମ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଉପର୍ଯ୍ୟୁକ୍ତ ପ୍ରକ୍ରିୟାରେ କେଉଁ ଅନନ୍ତ କାଳରୁ ଚାଲିଆସିଥିବା ନିତ୍ୟ ସମର୍ପିତ ନୈବେଦ୍ୟ ଶ୍ରୀମହପ୍ରସାଦ କୈବଲ୍ୟ ଓ ନିର୍ମାଲ୍ୟରେ ପରିଣତ ହେବା ଏକ ମହାନ୍ ଯଜ୍ଞ ବୋଲି ସାଧାରଣ ଲୋକଟିଏ ବୁଝେ ନାହିଁ । ସେତ ଭକ୍ତିଭାବରେ ଶ୍ରୀମହାପ୍ରସାଦ ପାଇ ଅମୃତ ପ୍ରାପ୍ତ ହୋଇଅଛି ବୋଲି ଆନନ୍ଦରେ ବିଭୋର ହୋଇଉଠେ । ସେହି ଯଜ୍ଞ ଫଳ ଯେ ଅମୃତରୂପୀ ଶ୍ରୀମହାପ୍ରସାଦ ସେ ବା ବୁଝିବ କାହୁଁ ଓ ତାହା ତା ପାଇଁ ଆବଶ୍ୟକ ବା କଅଣ ? କିନ୍ତୁ ଆମର ପୂର୍ବପୁରୁଷ ବିଦ୍ୱାନ୍‌ଗଣ ଏତେ ଦୂରଦୃଷ୍ଟି ଓ ସୂକ୍ଷ୍ମଦୃଷ୍ଟି ସଂପନ୍ନ ଥିଲେ ଯେ, ସେମାନେ ଏତେବଡ଼ 'ମହାଯଜ୍ଞ'କୁ ନିଷ୍କାମ ଭାବରେ ଓ ଲୋକହିତ ପାଇଁ ବୈଦିକ ରୀତିରେ ଶ୍ରୀମନ୍ଦିରରେ ପ୍ରଚଳିତ କରାଇ ଦେଇଗଲେ ଯାହାକି ଅଦ୍ୟାବଧି ପରମ୍ପରା ଅନୁସାରେ ଚାଲିଆସୁଅଛି ।

ପରମେଶ୍ୱରଙ୍କଠାରୁ ଉତ୍ପନ୍ନ ହୋଇଥିବା ବେଦ, ଉପନିଷଦ ଆଦିର ରହସ୍ୟ ସାଧାରଣ ବ୍ୟକ୍ତି ପକ୍ଷେ ବୁଝିବା ସହଜ ନଥିବାରୁ ମହର୍ଷି ବ୍ୟାସଦେବ ଯେ କି ଏହି ସନାତନ ଆର୍ଯ୍ୟାବର୍ତ୍ତର ରାଷ୍ଟ୍ରଗୁରୁ ଅଟନ୍ତି ସେ ଅଷ୍ଟାଦଶ ପୁରାଣରେ ସରଳ ଭାଷାରେ ବିଭିନ୍ନ ଚରିତ୍ର ମାଧ୍ୟମରେ ଛୋଟ ଛୋଟ କାହାଣୀମାନ ସୃଷ୍ଟିକରି ସାଧାରଣ ଲୋକ ବୁଝିପାରିବା ଭଳି ଲେଖି ଏହି ରାଷ୍ଟ୍ରର ଅଶେଷ ଉନ୍ନତି କରିପାରିଥିଲେ । ସଂସ୍କୃତ ଭାଷାରେ ଲିଖିତ 'ଶ୍ରୀମଦ୍ ଭାଗବତ ମହାପୁରାଣ' ତାଙ୍କ ମା'ଙ୍କର ପକ୍ଷରେ ବୁଝିବା ସମ୍ଭବପର ନ ହେବାରୁ ମହାପୁରୁଷ ଅତିବଡ଼ି ଜଗନ୍ନାଥ ଦାସ 'ନଅ ଅକ୍ଷର' ବୃତ୍ତରେ ଓଡ଼ିଆ ଭାଷା ଓ ଲିପିରେ ଭାଗବତ ରଚନା କରିଥିଲେ । କେବଳ ତାଙ୍କ ମା' ତାହା ବୁଝି ସଦ୍‌ଗତି ଲାଭ କରିନଥିଲେ, ଅତିବଡ଼ି ମହାଶୟ ଶ୍ରୀମନ୍ଦିରରେ କଳ୍ପବଟ ମୂଳରେ ବସି ସେହି ଭାଗବତର ଆବୃତ୍ତି, ବ୍ୟାଖ୍ୟା କରି ଅସଂଖ୍ୟ ଭକ୍ତମାନଙ୍କ ମନରେ ଭଗବତ୍ ପ୍ରେମ ସୃଷ୍ଟି କରିପାରିଥିଲେ । ପରବର୍ତ୍ତୀ ସମୟରେ ଓଡ଼ିଶାର ପୁରପଲ୍ଲୀରେ ଭାଗବତ ଟୁଙ୍ଗୀ ମାଧ୍ୟମରେ ଏହି ଭାଗବତ ପ୍ରଚାର ମାଧ୍ୟମରେ ଆଧ୍ୟାତ୍ମିକ ଚେତନା ଓ ଜାତୀୟ ସଂହତି ସୃଷ୍ଟି ହୋଇପାରିଥିଲା । ଆଜି ମଧ୍ୟ ଘରେ ଘରେ ଏହା ପାଠ, ଆଲୋଚନା ନ ହେଉଥିଲେ ମଧ୍ୟ ଗାଁ ଗହଳରେ ଓ ସହରାଞ୍ଚଳରେ ଏହାର ପ୍ରଚାର କେଉଁଠି କେଉଁଠି ହେଉଅଛି । ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଦିନ ଅନେକଙ୍କ ଘରେ ଏହା ପାଠ ହେଉଥିବା ମଧ୍ୟ ଦେଖିବାକୁ ମିଳେ ।

CC-0. In Public Domain. Digtized by Muthulakshmi Research Academy

ସେହିପରି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଉପାସନାରେ ବୁଝିବାକୁ ଅତ୍ୟନ୍ତ କଷ୍ଟକର ବୈଦିକ ଯଜ୍ଞ ପ୍ରକ୍ରିୟାର ସରଳୀକରଣ ଓ ସର୍ବସାଧାରଣଙ୍କ ଦ୍ୱାରା ଯଜ୍ଞଫଳ ପ୍ରାପ୍ତି ନିମନ୍ତେ ଉପର୍ଯୁକ୍ତ ବିଧି ବ୍ୟବସ୍ଥା କରାଯାଇଅଛି । ଏଥିରୁ ହିଁ ବୁଝାପଡ଼େ ଶ୍ରୀଜଗନ୍ନାଥ ଉପାସନାର ଶାସ୍ତ୍ରୀୟ ଭିତ୍ତିଭୂମି ବହୁ ପ୍ରାଚୀନ ଓ ଅତି ଗଭୀର ତତ୍ତ୍ୱ ମଧ୍ୟକୁ ଯାଇଅଛି । ଯେଉଁମାନେ ଏହି ଉପାସନାକୁ ଧାରକରା ଉପାସନା ବୋଲି ବ୍ୟଙ୍ଗୋକ୍ତି କରିଥାନ୍ତି ସେମାନେ ଏଭଳି ମତଦେବା ପୂର୍ବରୁ ତାଙ୍କୁ ବହୁବାର ଭାବିବାକୁ ପଡ଼ିବ ଯେ, ଆମର ଓଡ଼ିଶାର ବିଦ୍ୱାନ୍ ପ୍ରାଚୀନ ଚିନ୍ତାନାୟକମାନେ ବୈଦିକ ଯଜ୍ଞର ସମସ୍ତ ଶାସ୍ତ୍ରୀୟ ଜଟିଳତାକୁ ଭେଦକରି ଏକ ସରଳ ପ୍ରକ୍ରିୟା ପ୍ରଚଳନ କରିଛନ୍ତି ଯାହା କି ପରମ୍ପରାକ୍ରମେ ପୁରାତନ କାଳରୁ ଅଦ୍ୟାବଧି ଚାଲିଆସିଛି । ଜଣେ ସାଧାରଣ ମଣିଷଟିଏ ଯିଏ କି ବୈଦିକ ବିଧିବ୍ୟବସ୍ଥା କିଛି ବୁଝେ ନାହିଁ, ସେ କିପରି ଶ୍ରୀମନ୍ଦିରରେ ପ୍ରତିଦିନ ହେଉଥିବା 'ଅନ୍ନଯଜ୍ଞ'ର ଫଳ 'ଅନ୍ନବ୍ରହ୍ମ' ମାଧ୍ୟମରେ 'ଅମୃତତ୍ତ୍ୱ' ପାଇପାରିବ ତାହାର ଏକ ସରଳ ବ୍ୟବସ୍ଥା ଆମର ଚିନ୍ତାନାୟକମାନେ କରିଛନ୍ତି । ଏହା ହିଁ ଶ୍ରୀଦାରୁବ୍ରହ୍ମଙ୍କ ଶ୍ରୀମହାପ୍ରସାଦ ରହସ୍ୟ ଅଟେ ।

ଲୋକହିତପାଇଁ ଶ୍ରୀମନ୍ଦିରରେ ଦାରୁବ୍ରହ୍ମ ମହାପ୍ରଭୁଙ୍କର ପ୍ରତିଦିନର 'ଅନ୍ନଯଜ୍ଞ' ବା ଶ୍ରୀମହାପ୍ରସାଦ ଲୀଳା ହିଁ ଅନନ୍ୟ ! ଧନ୍ୟ ପ୍ରଭୁ ! ଧନ୍ୟ ତୁମର ଲୀଳା ! ଏହିଭଳି ବ୍ରହ୍ମ ସହିତ ନିକଟରୁ ନିକଟତର ହେବାପାଇଁ ଶ୍ରୀମନ୍ଦିରରେ କରାଯାଉଥିବା ଅନ୍ନଯଜ୍ଞ ଓ ତାହାର ଫଳ ସର୍ବସାଧାରଣ ସହଜରେ ପାଇବାର ବ୍ୟବସ୍ଥା କୌଣସି ମତେ ଓ କୌଣସି ପରିସ୍ଥିତିରେ ଖଣ୍ଡିତ ବା ବିଘ୍ନିତ ହେବା ଉଚିତ । ଏହାପ୍ରତି ସମସ୍ତଙ୍କର ସତର୍କତାର ଆବଶ୍ୟକତା ରହିଅଛି । ବିଘ୍ନିତ ଯଜ୍ଞକର୍ମ ଭଗବାନ୍‌ଙ୍କ ଦ୍ୱାରା ଗ୍ରହଣୀୟ ହୁଏନାହିଁ । ଯଜ୍ଞ ଈଶ୍ୱରଙ୍କ ଦ୍ୱାରା ଗ୍ରହଣୀୟ ନ ହେଲେ ଯଜ୍ଞର ଫଳ ମଧ୍ୟ ମିଳେନାହିଁ । ଫଳରେ ଅସଂଖ୍ୟ ଜୀବ ଯଜ୍ଞ ଫଳରୁ ବଞ୍ଚିତ ହୁଅନ୍ତି ଓ ବିଘ୍ନକାରୀମଧ୍ୟ ପାପରେ ଭାଗୀ ହୁଏ । ଆମର ପୂର୍ବପୁରୁଷ ଚିନ୍ତାନାୟକମାନେ ବୈଦିକ ତତ୍ତ୍ୱର ଏକ ସରଳ ବିଧିବ୍ୟବସ୍ଥା ମାଧ୍ୟମରେ ଯଜ୍ଞଫଳ ପ୍ରାପ୍ତି ପାଇଁ କରିଥିବା ସୁବନ୍ଦୋବସ୍ତକୁ ଆମ୍ଭେମାନେ ତାଙ୍କର ଉତ୍ତରପୀଢ଼ି ଭାବରେ କେହି ହେଲେ ଖଣ୍ଡିତ କରିବା ଉଚିତ ନୁହେଁ । ଉପାସନା ଧାରାର ଏହି ମହତ୍ତ୍ୱପୂର୍ଣ୍ଣ ଦିଗକୁ ବଳିଷ୍ଠ କରାଇବା ଆମ୍ଭମାନଙ୍କର ପରମ ଆଧ୍ୟାତ୍ମିକ ଏବଂ ସନାତନୀୟ କର୍ତ୍ତବ୍ୟ ଅଟେ ।

CC-0. In Public Domain. Digtized by Muthulakshmi Research Academy

## ଦ୍ୱିତୀୟ ପରିଚ୍ଛେଦ

# ଶ୍ରୀମହାପ୍ରସାଦର ଶାସ୍ତ୍ରୀୟ ଭିତ୍ତିଭୂମି

ପୂର୍ବ ପରିଚ୍ଛେଦରେ ଶ୍ରୀମନ୍ଦିରରେ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କୁ ସମର୍ପିତ ହେଉଥିବା ନୈବେଦ୍ୟ, ସାଧାରଣ ଅନ୍ନ ନୁହେଁ, ଏହା ବ୍ରହ୍ମ ସ୍ୱରୂପ ବୋଲି ଆଲୋଚିତ ହୋଇଅଛି । ସମର୍ପିତ ହୋଇଥିବା ନୈବେଦ୍ୟ 'ଅନ୍ନ'କୁ ଶ୍ରୀମହାପ୍ରସାଦ କୁହାଯାଏ । ପୂର୍ବ ପରିଚ୍ଛେଦରେ ମନୁଷ୍ୟ ଶରୀର କେବଳ ଯଜ୍ଞ ପାଇଁ ଉଦ୍ଦିଷ୍ଟ ବୋଲି ଶ୍ରୀମଭଗବଦ୍ ଗୀତାର ସିଦ୍ଧାନ୍ତ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଅଛି । ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ କେବଳମାତ୍ର ଜୀବକଲ୍ୟାଣ ପାଇଁ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ଆବିର୍ଭୂତ ହୋଇ ନିଜେ ସମସ୍ତ ଜୀବମାନଙ୍କ ସହିତ ମିଶି ବିଭିନ୍ନ ଲୀଳା କରିଚାଲିଛନ୍ତି । ସେହି ଲୀଳା ଭିତରେ ଲୋକଶିକ୍ଷା ଉଦ୍ଦେଶ୍ୟରେ ସେ ନିଜେ ଏକ ଆଦର୍ଶ ଗୃହସ୍ଥ ହିସାବରେ ଗୃହସ୍ଥ ଧର୍ମ ପାଳନ କରି ଓ ତାହାର ବିଭିନ୍ନ ଉଦାହରଣ ମଧ୍ୟ ସୃଷ୍ଟି କରିଚାଲିଛନ୍ତି ।[୧] ସେ ନୀଳକନ୍ଦରରେ ବିରାଜମାନ ହୋଇ ନାନାରୂପ ଧରି ବେଦ ଓ ଧର୍ମଶାସ୍ତ୍ରରେ ବିଧାନ କରାଯାଇଥିବା ସମସ୍ତ କର୍ମକୁ ସଂପାଦନ କରିଥାଆନ୍ତି ।

ସେ ଜଣେ ଗୃହସ୍ଥ ହିସାବରେ ତାଙ୍କର ଇଷ୍ଟ ବା ଈଶାଣ ଭାବରେ ଐଶାନ୍ୟ କୋଣରେ ଈଶାନେଶ୍ୱର ମହାଦେବଙ୍କୁ ଆରାଧନା କରିଥାଆନ୍ତି । ଜଣେ ଗୃହସ୍ଥ ମନୁଷ୍ୟର ପ୍ରତିଦିନ ଯଜ୍ଞ କରିବା ହିଁ କର୍ତ୍ତବ୍ୟ, ତାହା ସେ ଉଦାହରଣ ମାଧ୍ୟମରେ ଲୋକଶିକ୍ଷା ମଧ୍ୟ ଦେଉଛନ୍ତି । ପ୍ରତିଦିନ ମହାପ୍ରଭୁ ନିଜେ ଶ୍ରୀମନ୍ଦିରର କୂର୍ମବେଢାର ଅଗ୍ନିକୋଣରେ ଥିବା ରୋଷଶାଳାରେ ଯଜ୍ଞ କରିଥାଆନ୍ତି । ସେହି ଯଜ୍ଞରୁ ନିର୍ଗତ ଅଗ୍ନିରୁ ହିଁ ଚୁଲିମାନଙ୍କରେ ଅଗ୍ନିସ୍ଥାପନ କରାଯାଇ ରନ୍ଧନ କାର୍ଯ୍ୟ ଆରମ୍ଭ ହେବା କଥା ପୂର୍ବ ପରିଚ୍ଛେଦରେ ଉଲ୍ଲେଖ ଅଛି । ମହାପ୍ରଭୁ ଜଣେ ଗୃହସ୍ଥ ହିସାବରେ ପ୍ରତିଦିନ ମନୁଷ୍ୟ ଜୀବନର ଆବଶ୍ୟକତା ଓ ସାର୍ଥକତା କେବଳ ଯଜ୍ଞରେ ହିଁ ନିହିତ ଅଛି ବୋଲି ନିଜେ କର୍ତ୍ତବ୍ୟ ପାଳନ କରି ଲୋକଶିକ୍ଷା ଦେଉଛନ୍ତି । ଗୃହସ୍ଥାଶ୍ରମରେ ତାଙ୍କର ପତ୍ନୀ ମା' ଶ୍ରୀଦେବୀ (ଯାହାଙ୍କୁ ମା' ମହାଲକ୍ଷ୍ମୀ ବୋଲି କୁହାଯାଏ) ମଧ୍ୟ ଯଜ୍ଞକର୍ମରେ ନିଜର କର୍ତ୍ତବ୍ୟ ପାଳନ କରିଥାଆନ୍ତି । ଯଜ୍ଞକର୍ମରେ ଆହୁତି ଆକାରରେ 'ଅନ୍ନବ୍ରହ୍ମ'ର ଆବଶ୍ୟକତା ରହିଥିବାରୁ ଶ୍ରୀମନ୍ଦିର ପାକଶାଳାରେ ମା' ମହାଲକ୍ଷ୍ମୀ ଅନ୍ନବ୍ୟଞ୍ଜନ ରନ୍ଧନ କାର୍ଯ୍ୟ କରିଥାଆନ୍ତି ଓ ମହାପ୍ରଭୁଙ୍କୁ ଭୋଜନ ପରଶିଥାଆନ୍ତି । ସେହି ପାକାନ୍ନ ହିଁ ଯଜ୍ଞଅନ୍ନ ବା ବ୍ରହ୍ମ, ଯାହାକି ସ୍ୱୟଂ ପରଂବ୍ରହ୍ମ ଯଜ୍ଞର ଅବଶିଷ୍ଟାଂଶ ଅମୃତ ରୂପେ ଭୋଜନ କରିଥାଆନ୍ତି ।

---

୧. *ବା.ସଂ-୨୩।୯*
*ସୋଽୟଂ ତିଷ୍ଠତି ନୀଳାଦ୍ରୌ ନାନାକାରଧରଃ ପ୍ରଭୁଃ ।*
*ଶ୍ରୁତିସ୍ମୃତିଭ୍ୟାଂ ବିହିତଂ ଯତ୍‌କର୍ମ ତତ୍ କରୋତି ସଃ ॥*

CC-0. In Public Domain. Digtized by Muthulakshmi Research Academy

ଶ୍ରୀଜଗନ୍ନାଥଙ୍କ ନୈବେଦ୍ୟାନ୍ନ ସମ୍ବନ୍ଧରେ ଶାସ୍ତ୍ରମାନଙ୍କରେ ସ୍ୱୟଂ ବ୍ରହ୍ମ ବୋଲି ଉଲ୍ଲେଖ ରହିଅଛି । *''ବ୍ରହ୍ମବନ୍ନିର୍ବିକାର ହି ଯଥା ବ୍ରହ୍ମ ତଥୈବ ତତ୍''*-(ବୃହଦ୍ ବିଷ୍ଣୁପୁରାଣମ୍) । ଅର୍ଥାତ୍ ମହାପ୍ରଭୁଙ୍କର ଶ୍ରୀମହାପ୍ରସାଦ ବ୍ରହ୍ମ ଭଳି ନିର୍ବିକାର ଅଟେ । ବ୍ରହ୍ମ ଯେପରି ତାହା ମଧ୍ୟ ସେହିପରି । ଶ୍ରୀ ଦିବାକର ଦାସ କୃତ ଶ୍ରୀଜଗନ୍ନାଥ ଚରିତାମୃତରେ ପ୍ରସାଦ ମାହାତ୍ମ୍ୟରେ ଉଲ୍ଲେଖ ଅଛି- *''ବ୍ରହ୍ମବନ୍ନିର୍ବିକାରଂ ହି ଯଥା ବିଷ୍ଣୁସ୍ତଥୈବ ସଃ''* । ବ୍ରହ୍ମବୈବର୍ତ୍ତପୁରାଣରେ କୁହାଯାଇଅଛି ଯେ, ନୀଳାଚଳରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ଯେଉଁ ଫଳ ମିଳେ, ତାଙ୍କ ଶ୍ରୀମହାପ୍ରସାଦ ସେବନ ଦ୍ୱାରା ସେହି ଫଳପ୍ରାପ୍ତ ହୁଏ ।[୨]

ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ଯେପରି ସାକ୍ଷାତ ମୁକ୍ତିଲାଭ ହୋଇଥାଏ, ସେହିପରି ତାଙ୍କର ଅନ୍ନ ଭକ୍ଷଣ କଲେ ମଧ୍ୟ ନିଶ୍ଚିତ ମୁକ୍ତି ଘଟିଥାଏ ।

## ଦର୍ଶନ ଓ ଭକ୍ଷଣରେ ସାମ୍ୟତା :-

ଏଥିରୁ ହିଁ ସ୍ପଷ୍ଟ ହେଉଅଛି ଯେ, ଶ୍ରୀଜଗନ୍ନାଥ ନିଜର ଉଚ୍ଛିଷ୍ଟକୁ ମଧ୍ୟ ତାଙ୍କ ସହିତ ସମକକ୍ଷ କରିଛନ୍ତି । ଶ୍ରୀମଭଗବତ୍ ଗୀତା (୧୭।୧୦) ଅନୁସାରେ ଉଚ୍ଛିଷ୍ଟ ଭୋଜନ ନିଷେଧ କରାଯାଇଅଛି । *'ଉଚ୍ଛିଷ୍ଟମପି ଚାମେଧ୍ୟଂ ଭୋଜନଂ ତାମସପ୍ରିୟମ୍'* । କିନ୍ତୁ ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କର ଉଚ୍ଛିଷ୍ଟକୁ ମହାପ୍ରଭୁ ନିଜେ ହିଁ ଅତି ମର୍ଯ୍ୟାଦା ଦେଇଛନ୍ତି । ଏହା ଅତ୍ୟନ୍ତ ରହସ୍ୟମୟ ମନେହେଉଛି ।

ଅର୍ଥାତ୍ ଯେଉଁ ଅନ୍ନ ନିଜେ ମହାଲକ୍ଷ୍ମୀ ରନ୍ଧନ କରି ହରିଙ୍କୁ ପରିବେଷଣ କରିଥାଆନ୍ତି ସେହି ହରିଙ୍କର ଉଚ୍ଛିଷ୍ଟ ଭକ୍ଷଣ କରି କିଏ ବା ସଂସାର ପାରି ନ ହୋଇଛି ଅର୍ଥାତ୍ କାହାର ମୁକ୍ତି ହୋଇନାହିଁ ?[୩]

ଯେଉଁ ମନୁଷ୍ୟ ମୋର ଉଚ୍ଛିଷ୍ଟ ଆନନ୍ଦ ମନରେ ପାଏ ସେ ସମସ୍ତ ଧର୍ମ ଜ୍ଞାତା ସଙ୍ଗେ ସଙ୍ଗେ ପ୍ରତ୍ୟହ ଆନନ୍ଦିତ ହୋଇ ରହିଥାଏ । ମୁଁ ତାକୁ ମୋକ୍ଷ ଦେବା ସଙ୍ଗେ

---

୨. *ବ୍ରହ୍ମବୈବର୍ତ୍ତ ପୁରାଣ -*
*ସତ୍ୟଂ ସତ୍ୟଂ ପୁନଃ ସତ୍ୟଂ ସତ୍ୟମେବ ସୁନିଶ୍ଚିତଂ ।*
*ଭକ୍ତ୍ୟା ମମାନ୍ନଂ ଭୁଞ୍ଜାତୁ ସାନିଧ୍ୟଂ ମମ ଗଚ୍ଛତି ॥*
*(ସଂଗୃହୀତ ମହାପ୍ରସାଦ ମହାତ୍ମ୍ୟ, ଲେ-ଆଶୁତୋଷ ମିଶ୍ର, 'ନିର୍ମାଲ୍ୟ' ପତ୍ରିକା, ଶ୍ରୀଗୁଣ୍ଡିଚା ବିଶେଷାଙ୍କ ।)*

*କପିଳ ସଂହିତା-୫।୩୩*
*ଜଗନ୍ନାଥୋ ଯଥା ସାକ୍ଷାଦ୍ ଦର୍ଶନାନ୍ମୁକ୍ତିଦୋ ଧ୍ରୁବମ୍ ।*
*ତଥୈବ ମୁକ୍ତିଦଂ ହ୍ୟନ୍ନଂ ଜଗନ୍ନାଥସ୍ୟ ଭୋ ଦ୍ୱିଜାଃ ॥*

୩. *ଯଦନ୍ନଂ ପାଚୟେଲ୍ଲକ୍ଷ୍ମୀର୍ହରୟେ ପରିବେଶୟେତ୍ ।*
*ତଦୁଚ୍ଛିଷ୍ଟଂ ହରେର୍ଭୁକ୍ତ୍ୱା କଃ ସଂସରତି ପାର୍ବତି ॥*
*(ରୁଦ୍ରଯାମଳ ତନ୍ତ୍ର, ସଂଗୃହୀତ- ମୁକ୍ତିଚିନ୍ତାମଣି)*

CC-0. In Public Domain. Digtized by Muthulakshmi Research Academy

ସଙ୍ଗେ ତାହାର ସମସ୍ତ ପାପ ନାଶ କରି ତାକୁ ଚତୁର୍ବର୍ଗ ପ୍ରଦାନ କରେ ।[୪] ଏହା ମହାପ୍ରଭୁଙ୍କର ଭକ୍ତ ପ୍ରତି ସମବେଦନାର ଉଦାହରଣ । ଅନ୍ୟ ଉଦାହରଣ କଥା ବିଚାର କଲେ ଜଣାଯାଏ ।

ଶ୍ରୀମନ୍ଦିରର ଦୈନନ୍ଦିନ ସେବାପୂଜାରେ ଶ୍ରୀଜଗନ୍ନାଥ ମହାପ୍ରଭୁ ସ୍ନାନ (ଅବକାଶ) ପରେ ପରେ ବେଶ ହୋଇ ପ୍ରଥମ କାର୍ଯ୍ୟ କରନ୍ତି ସର୍ବସାଧାରଣ ଭକ୍ତମାନଙ୍କୁ ଦର୍ଶନ ଦେଇ ତାଙ୍କର ଦୁଃଖ ବୁଝନ୍ତି । ଯାହାକୁ ସାହାଣମେଲା କୁହାଯାଏ । ଏହି ସମୟରେ ଭକ୍ତମାନେ ରତ୍ନସିଂହାସନ ନିକଟକୁ ଆସି ନିଜର ଇଷ୍ଟ କାଳିଆ ସାଆନ୍ତଙ୍କୁ ସମସ୍ତ ଦୁଃଖ ଜଣାଇ ଆଖିରୁ ଲୁହ ଗଡ଼ାଇଥାଆନ୍ତି । ପରେ ସୂର୍ଯ୍ୟପୂଜା ଓ ତାଙ୍କର ଦ୍ୱାରପାଳ ଜୟବିଜୟଙ୍କ ପୂଜା ଓ ନୈବେଦ୍ୟ । ସେବକ ଜୟ ଓ ବିଜୟ ଅଭୁକ୍ତ ଥିବା ପର୍ଯ୍ୟନ୍ତ ମହାପ୍ରଭୁ ଜଳ ଗ୍ରହଣ ମଧ୍ୟ କରନ୍ତି ନାହିଁ । ସର୍ବତ୍ର ପ୍ରଥମେ ମୁଖ୍ୟ ଠାକୁରଙ୍କୁ ପ୍ରସାଦ ଭୋଗ ହେବା ଉତ୍ତାରେ ଅନ୍ୟମାନଙ୍କୁ ଭୋଗ ଲାଗିଥାଏ, କିନ୍ତୁ ଏଠାରେ ପରଂବ୍ରହ୍ମଙ୍କର ଏହା ହିଁ ବୈଶିଷ୍ଟ୍ୟ ଯେ, ନିଜର ଅନୁଚର ଓ ଭକ୍ତଗଣଙ୍କର ଦୁଃଖ ସୁଖ ସବୁ ବୁଝିବା ପରେ ଓ ସେମାନଙ୍କର ନୈବେଦ୍ୟ କଥା ବୁଝି ସାରି ନିଜ ବ୍ୟଞ୍ଜନ କଥା ସେ ପରେ ବୁଝିଥାଆନ୍ତି । ନିଜ ସୃଷ୍ଟି ପ୍ରତି କରୁଣାକରଙ୍କର କେତେ କରୁଣା ଏହା ଏହି କଥାରୁ ହିଁ ଜଣାପଡେ । ତା'ପରେ ତାଙ୍କର ଗୋପାଳବଲ୍ଲଭ (ଜଳଖିଆ) ଭୋଗ ହୁଏ । ଏହା ଏକ ବିରାଟ ଲୋକଶିକ୍ଷା । ଏହି ଉଦାହରଣରୁ ସ୍ପଷ୍ଟ ହେଉଅଛି ଯେ, ମହାପ୍ରଭୁ ନିଜର ପ୍ରତିନିଧି, ଆୟୁଧ, ବାହନ, ସେବକ, ସାଧାରଣ ଭକ୍ତ କଥା ବୁଝି ତାଙ୍କୁ ଯଥୋଚିତ ମର୍ଯ୍ୟାଦା ଦିଅନ୍ତି । ଏହିଭଳି ତାଙ୍କର ଅନ୍ୟ ନାମ 'ମାନଦ'କୁ ପ୍ରତିପାଦିତ କରୁଛନ୍ତି । ସେ ଜଗତର ଚିନ୍ତା କରିବାପାଇଁ ହିଁ ତ ଆବିର୍ଭୂତ ହୋଇ ଜଗତର ନାଥ ନାମକୁ ସାର୍ଥକ କରିଛନ୍ତି ।

## ମୁକ୍ତିପ୍ରଦାୟକ ଶ୍ରୀମହାପ୍ରସାଦ :-

ଜଗତର କଲ୍ୟାଣ ପାଇଁ ଜଡ଼ ପଦାର୍ଥ ମୁଠିଏ ଚାଉଳକୁ ସେ ଚୈତନ୍ୟଯୁକ୍ତ କରି ଶ୍ରୀମହାପ୍ରସାଦରେ ପରିଣତ କରିଛନ୍ତି । ତାକୁ ନିଜ ସହିତ ସମାନ ମର୍ଯ୍ୟାଦା ଦେଇ ଭକ୍ତମାନଙ୍କୁ ମୁକ୍ତି ପ୍ରଦାନ ପାଇଁ ପ୍ରବଳ ସାମର୍ଥ୍ୟ ସୃଷ୍ଟି କରିଛନ୍ତି ମହାପ୍ରଭୁ ନିଜ ଉଚ୍ଛିଷ୍ଟରେ । ତେଣୁ ଶ୍ରୀମଭଗବଦ୍ ଗୀତାରେ ଉଚ୍ଛିଷ୍ଟ ପଦାର୍ଥ ନିଷିଦ୍ଧ ହୋଇଥିଲେ ମଧ୍ୟ ମହାପ୍ରଭୁଙ୍କ ଅନ୍ନକୁ ସାଧାରଣ ଉଚ୍ଛିଷ୍ଟ ବୋଲି ଧରାଯିବା ଠିକ୍ ନୁହେଁ । ଏହି ଉଚ୍ଛିଷ୍ଟ ଭୁକ୍ତି ଓ ମୁକ୍ତି ପାଇଁ ଅସାଧାରଣ କ୍ଷମତା ରଖୁଥିବା ଶ୍ରୀଜଗନ୍ନାଥଙ୍କ ସମକକ୍ଷ ପଦାର୍ଥ । କାଳେ କିଏ

---

୪. *ଭଗବାନ୍ କହିଲେ-*
*ମମୋଚ୍ଛିଷ୍ଟୋପଭୋଗେନ ଯେ ପ୍ରହୃଷ୍ୟନ୍ତି ମାନବାଃ*
*ସର୍ବଧର୍ମୋଜ୍ଝିତାସ୍ତାନ୍ ବୈ ତେଭ୍ୟୋ ନିତ୍ୟମୁଦାନ୍ୱିତଃ*
*ମୋଚୟିତ୍ୱା ତୁ ପାପେଭ୍ୟଶ୍ଚତୁର୍ବର୍ଗଂ ଦଦାମ୍ୟହମ୍ (ଗରୁଡ଼ ପୁରାଣ, ସଂଗୃହୀତ-ମୁକ୍ତିଚିନ୍ତାମଣି)*

CC-0. In Public Domain. Digtized by Muthulakshmi Research Academy

ଏହି କଥାକୁ ଅବିଶ୍ୱାସ କରିବ ସେଥିପାଇଁ ସମସ୍ତ ଜଗତବାସୀଙ୍କର ବିଶ୍ୱାସ ସୃଷ୍ଟିପାଇଁ ନିଜେ ଭଗବାନ ଏହି ଉଚ୍ଛିଷ୍ଟରୂପୀ ଶ୍ରୀମହାପ୍ରସାଦ ତାଙ୍କ ସହିତ ସମାନ ଭୁକ୍ତି ଓ ମୁକ୍ତିର କ୍ଷମତା ଥିବା କଥା ତ୍ରିବାର ସତ୍ୟକରି କହିଛନ୍ତି ଯାହାକି ସ୍କନ୍ଦପୁରାଣ (୯।୬୭)ରେ ବର୍ଣ୍ଣିତ ହୋଇଅଛି । ଧନ୍ୟ ଧନ୍ୟ ପ୍ରଭୁ କରୁଣାମୟ ଶ୍ରୀଜଗନ୍ନାଥ ! ତୁମର କେତେ ଦୟା ପ୍ରଭୁ ! ଏହି ଜଗତର ଭୁକ୍ତି ଓ ମୁକ୍ତି ପାଇଁ କେତେ ଚିନ୍ତା ? ସେଇଥିପାଇଁ ତ ଭକ୍ତମାନେ କେତେଦୂରରୁ କେତେ କଷ୍ଟକରି ଦଉଡ଼ିଆସନ୍ତି ଆପଣଙ୍କର ଦର୍ଶନପାଇଁ । ମନପୁରାଇ ଦର୍ଶନ କରି ଆନନ୍ଦରେ ତଳେ ଗଡ଼ିଯାଆନ୍ତି ଆଖିରୁ ଲୁହ ଢାଳନ୍ତି । ଠିକ୍ ଯେପରି ଶ୍ରୀଚୈତନ୍ୟ ଦେବ ଓ ବହୁ ଭକ୍ତ ଆପଣଙ୍କୁ ଦର୍ଶନ କରି ଭାବବିହ୍ୱଳ ହୋଇ ଉଠୁଥିଲେ । ଚେତାଶୂନ୍ୟ ହୋଇପଡୁଥିଲେ । ସେହିଭଳି ଦଶା କେତେ ଯେ ଭକ୍ତଙ୍କର ପ୍ରତିଦିନ ଘଟିଚାଲିଅଛି ତାହାର ହିସାବ କିଏ ରଖୁଛି ? ଦର୍ଶନ ପାଇ ତୃପ୍ତିଲାଭ କଲା ପରେ ପରେ ଆପଣଙ୍କର ଉଚ୍ଛିଷ୍ଟରୂପୀ ଶ୍ରୀମହାପ୍ରସାଦ ପାଇ ଭକ୍ତ ଶରୀରରେ ଅପୂର୍ବ ପୁଲକ ଅନୁଭବ କରନ୍ତି ।

'ଚୈତନ୍ୟ ଚରିତାମୃତ'ରେ ବର୍ଣ୍ଣିତ ହୋଇଥିବା ଅନୁସାରେ ଶ୍ରୀମହାପ୍ରସାଦ ପାଇ, ଭାବରେ ଶ୍ରୀଚୈତନ୍ୟଦେବ ଚେତାଶୂନ୍ୟ ହୋଇପଡୁଥିଲେ । ଶିଷ୍ୟମାନଙ୍କର ମଧ୍ୟ ସେହି ଅବସ୍ଥା । ସେହି ସମାନ ଅବସ୍ଥା ଆଉ କେତେ ଯେ ଭକ୍ତଙ୍କର ପ୍ରତିଦିନ ଶ୍ରୀମନ୍ଦିରରେ ଆଜିମଧ୍ୟ ହୋଇଚାଲେ ତାହାର ମଧ୍ୟ କିଏ ହିସାବ ରଖେନା । ଭକ୍ତର ଶ୍ରୀମହାପ୍ରସାଦ ପ୍ରାପ୍ତି ପରେ ଆତ୍ମା ତୃପ୍ତ ହୁଏ । ସେ କହିପକାଏ ଯାହା ହେଉ ଆଜି 'ଶ୍ରୀମହାପ୍ରସାଦ ପାଇ ଆତ୍ମାତୃପ୍ତ' ହେଲା । ତାହାହେଲେ ବିଚାର କରାଯାଉ କଅଣପାଇଁ ତାହାର ଆତ୍ମା ତୃପ୍ତ ହେଲା ? ସେ ତ ଏହା ପୂର୍ବରୁ କେତେ ଭୁରି ଭୋଜନ ଖାଇଥିବ, ସେ ସେଥିରେ ଶାରୀରିକ ଓ ମାନସିକ ଆନନ୍ଦ ହୁଏତ ପାଇଥିବ, କିନ୍ତୁ ତାର ଆତ୍ମାକୁ ଆନନ୍ଦ ମିଳିନଥିବ । ପରମାତ୍ମାଙ୍କର ଶ୍ରୀମହାପ୍ରସାଦ ଜୀବାତ୍ମା ପାଇବାପରେ ଯେଉଁ ପରମାନନ୍ଦ ଲାଭକରେ, ତାହା କ'ଣ ସେହି ଭୁରି ଭୋଜନ ଭରି ଦେବାରେ ସମର୍ଥ ! ଶ୍ରୀମହାପ୍ରସାଦ ପାଇ ଶରୀରରେ ରୋମାଞ୍ଚ ସୃଷ୍ଟି ହୁଏ ଓ ଆଖିରୁ ଲୁହ ଗଡ଼ିପଡ଼େ । ସେତିକିବେଳେ ହିଁ ଅନୁଭବ କରିହୁଏ ମହାପ୍ରଭୁ ନିଜ ସହିତ ତାଙ୍କର ଶ୍ରୀମହାପ୍ରସାଦକୁ କାହିଁକି ସମାନ ସ୍ଥାନ ଦେଇଛନ୍ତି । ସେହି ଚେତନା ହିଁ ଭକ୍ତଟିକୁ ଶ୍ରୀମନ୍ଦିରକୁ ଟାଣି ଆଣି ମହାପ୍ରଭୁଙ୍କ ଦର୍ଶନ ପରେ ପରେ ଆନନ୍ଦ ବଜାରକୁ ନେଇଯାଏ ଶ୍ରୀମହାପ୍ରସାଦ ଟିକିଏ ପାଇବାପାଇଁ । ଆଉ ଏହା ପରେ କେବଳ ତୃପ୍ତି, ଆତ୍ମତୃପ୍ତି । ମନ ଶରୀର ପୁଲକିତ, ରୋମାଞ୍ଚିତ ଓ ନିଜ ଅସ୍ତିତ୍ୱର କିଛି ସମୟ ପାଇଁ ବିଲୁପ୍ତି । ଧନ୍ୟ ପ୍ରଭୁ ! ତୁମର କରୁଣା ଓ ତୁମ ଶ୍ରୀମହାପ୍ରସାଦର ଅନୁକମ୍ପା ।

ଶ୍ରୀଜଗନ୍ନାଥଙ୍କ ନୈବେଦ୍ୟ ହିଁ ହେଉଛି ସେହି ପବିତ୍ର ଶ୍ରୀମହାପ୍ରସାଦ, ଯାହାକି ଅତି ପବିତ୍ର । ନିଖିଳ ଜଗତର ଆଦିକାରଣ, ସୃଷ୍ଟିସ୍ଥିତି ପ୍ରଳୟକାରିଣୀ, ବିଷ୍ଣୁଦେହାର୍ଦ୍ଧଧାରିଣୀ ଅଦ୍ୱିତୀୟା ବୈଷ୍ଣବୀ ଶକ୍ତି ଦେବୀ କମଳା ଅମୃତତୁଲ୍ୟ ଅନ୍ନବ୍ୟଞ୍ଜନାଦି ପାକ କରନ୍ତି ଓ

CC-0. In Public Domain. Digtized by Muthulakshmi Research Academy

ପ୍ରଭୁ ନାରାୟଣ ତାହା ଭୋଜନ କରନ୍ତି । ଭଗବାନଙ୍କର ସେହି ଉଚ୍ଛିଷ୍ଟ ଭୋଜନରେ ସମସ୍ତ ପାପ ବିନଷ୍ଟ ହୁଏ । ବସ୍ତୁତଃ ଏହି ଶ୍ରୀମହାପ୍ରସାଦ ସଦୃଶ ପବିତ୍ର ବସ୍ତୁ ପୃଥିବୀରେ ଅନ୍ୟ କିଛି ନାହିଁ । ବାସ୍ତବରେ ତାହା ହିଁ ତ ଅମୃତ ! ସେହି ଯଜ୍ଞ ପାଇଁ ଉଦ୍ଦିଷ୍ଟ ଅନ୍ନ ହିଁ 'ଚରୁଅନ୍ନ' ।

ସ୍କନ୍ଦପୁରାଣ (୩୭।୨୦-୨୧)ରେ ବର୍ଣ୍ଣନା ଅଛି ଯେ, ଭଗବାନଙ୍କର ଅନ୍ନବ୍ୟଞ୍ଜନାଦି ବିଷୟରେ ଲୌକିକ ବ୍ୟବହାର ମଧ୍ୟ ରହିଅଛି । ସ୍ୱୟଂ ମା ଲକ୍ଷ୍ମୀଦେବୀ ହିଁ ପାକକାର୍ଯ୍ୟ କରନ୍ତି ଏବଂ ମୂର୍ତ୍ତିମାନ୍ ସାକ୍ଷାତ୍ ନାରାୟଣ ନିତ୍ୟ କମଳାଙ୍କ ସ୍ୱହସ୍ତ ସମ୍ପାଦିତ ଅନ୍ନଭୋଜନାଦି ଭୋଜନ କରନ୍ତି ।

## ପାକଶାଳା ଏକ ଯଜ୍ଞଭୂମି :-

ନୀଳାଦ୍ରି ମହୋଦୟ ନବମ ଅଧ୍ୟାୟରେ ପ୍ରଦତ୍ତ ସେବା ବ୍ୟବସ୍ଥାର ଚିତ୍ର ଏକ ଯଜ୍ଞର ଚିତ୍ର । ଏଥିରେ ଆଚାର୍ଯ୍ୟ (ସ୍ଥୂଳତଃ ପୂଜାପଣ୍ଡା ଅର୍ଥରେ) ବ୍ରହ୍ମା (ପତି ମହାପାତ୍ର ଅଥବା କେତେକଙ୍କ ମତରେ ଗରାବଡୁ) ପାତ୍ରହୋତା (ପତ୍ରୀବଡୁ) ଚରୁହୋତା (ମହାସୂପକାର) ଏବଂ ରାଜ ପ୍ରତିନିଧି ଭାବରେ ପରୀକ୍ଷା (ପରିଛା) ଓ ଅଗ୍ନିଶର୍ମା (ମୁଦ୍ରହସ୍ତ)ଙ୍କ ବିଷୟରେ ଉଲ୍ଲେଖ ରହିଅଛି । (ସଂଗୃହୀତ- ପୁରୀ ବୋଲି ପୃ.୨୧୧-୨୧୨)

ପାକଶାଳାରେ ଜଗତମାତା ମହାଲକ୍ଷ୍ମୀ ଅନ୍ନଯଜ୍ଞ ପାଇଁ ରନ୍ଧନ କରୁଥିବା କଥା ପୂର୍ବରେ ଶାସ୍ତ୍ରୀୟ ମତ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଅଛି । ଏହି ଅନ୍ନ ହିଁ ଚରୁ ଅନ୍ନ ବୋଲି ଉଲ୍ଲେଖ ଅଛି ।

ଧୂପକାଳରେ ସେହି ସ୍ଥାନକୁ ଉଲଂଘନ କରି ଅଗ୍ରସର ହେଲେ ପରିବେଷଣ କରାଯାଇଥିବା ସେହି ଭୋଜ୍ୟ ଦ୍ରବ୍ୟରୂପ ଚରୁକୁ ଦୀର୍ଘ ଖାତରେ ପ୍ରକ୍ଷେପଣ କରି ପୁନର୍ବାର ଭୋଗ କରିବ ।[୫]

---

୫. ବା.ସଂ-୮।୧୬
ଧୂପକାଳେ ତଦା ଶୀଘ୍ରଂ ଚରୁଂ ଚ ଦୀର୍ଘଖାତକେ ।
ପ୍ରକ୍ଷିପ୍ୟ ନୃପଶାର୍ଦ୍ଦୂଳ ପୁନର୍ଭୋଗଂ ସମାଚର ॥
ନୀ.ମ-୯।୪୩- ବ୍ରହ୍ମା ଚ ପାତ୍ରହୋତା ଚ ଚରୁ ହୋତା ତଥା ଦ୍ୱିଜାଃ ।
ଶୁଦ୍ଧଶୁକ୍ଳାମ୍ବରଧରାଃ ସଦାଚାରେ ପ୍ରତିଷ୍ଠିତାଃ ॥
ଅର୍ଥାତ୍ ବ୍ରହ୍ମା, ପାତ୍ରହୋତା, ଚରୁହୋତା ଆଦି ବ୍ରାହ୍ମଣ ସେବକ ଧଳା ଲୁଗା ପିନ୍ଧନ୍ତି ଓ ସଦାଚାରୀ ଅଟନ୍ତି ।
ବା.ସଂ-୮।୧୮- ସର୍ବାନ୍ ଚରୁନ୍ ଦୀର୍ଘଖାତେ ପାତୟିତ୍ୱା ଚରୁଂ କୁରୁ ।
ଅବଧାନପରୋ ରାଜନ୍ ଭବ ତ୍ୱଂ ଜଗଦୀଶିତୁଃ ॥
ଅର୍ଥାତ୍ ସେହି ଚରୁ (ନୈବେଦ୍ୟ)କୁ ଦୀର୍ଘ ଖାତରେ ନିକ୍ଷେପ କରି ପୁନର୍ବାର ଚରୁ ପ୍ରସ୍ତୁତ କରିବ ।

CC-0. In Public Domain. Digtized by Muthulakshmi Research Academy

ଶାସ୍ତ୍ରବର୍ଣ୍ଣିତ ପ୍ରମାଣରୁ ସ୍ପଷ୍ଟ ପ୍ରତିପାଦିତ ହେଉଅଛି ଯେ, ଶ୍ରୀମନ୍ଦିରରେ ମହାଲକ୍ଷ୍ମୀଙ୍କ ଦ୍ୱାରା ପାକାନ୍ନ ହେଉଛି ଯଜ୍ଞର ଚରୁ ଅନ୍ନ । ସେଥିପାଇଁ ଶ୍ରୀମନ୍ଦିରରେ ସେବା କରୁଥିବା ମହାସୁଆର ସେବକମାନଙ୍କୁ ଚରୁହୋତା ବୋଲି କୁହାଯାଏ । ଯଦି ଯଜ୍ଞରେ ବ୍ୟବହୃତ ଅନ୍ନ ଚରୁଅନ୍ନ ହୋଇ ନ ଥାଆନ୍ତା, ତାହା ହେଲେ ନୀଳାଦ୍ରି ମହୋଦୟ ନବମ ଅଧ୍ୟାୟ ୪୩ତମ ଶ୍ଳୋକରେ ରୋଷରେ ରନ୍ଧନ କରୁଥିବା ମହାସୁଆରମାନଙ୍କୁ ଚରୁହୋତା ବୋଲି କାହିଁକି କୁହାଯାଆନ୍ତା ? କିମ୍ବା ପାକାନ୍ନକୁ ଚରୁ ବୋଲି କାହିଁକି ବାମଦେବ ସଂହିତାରେ ଲେଖା ଯାଇଥାଆନ୍ତା ।

## ଚରୁଅନ୍ନର ପ୍ରସ୍ତୁତି ରହସ୍ୟ :-

ସ୍କନ୍ଦପୁରାଣରେ ଉଲ୍ଲେଖ ଅଛି ଯେ-

**ଜଗଦ୍ଧାତ୍ର୍ୟା ହି ଯତ୍‌ପକ୍ୱଂ ବୈଷ୍ଣବେଽଗ୍ନୌ ସୁସଂସ୍କୃତେ**
**ଭୁଙ୍କ୍ତେଽନ୍ୱହଂ ଚକ୍ରପାଣିର୍ଯୁଗମନ୍ୱନ୍ତରାଦିଷୁ ॥** *(ସ୍କ.ପୁ-୩।୨୦)*

ଅର୍ଥାତ୍ ଜଗଦ୍ଧାତ୍ରୀ ଲକ୍ଷ୍ମୀଦେବୀ ସ୍ୱୟଂ ସୁସଂସ୍କୃତ ବୈଷ୍ଣବାଗ୍ନିରେ ଏହା ପାକ କରନ୍ତି ଏବଂ ସ୍ୱୟଂ ଭଗବାନ ଚକ୍ରପାଣି ବହୁ ମନ୍ୱନ୍ତର ଓ ଯୁଗଯୁଗାନ୍ତରୁ ଆଜି ପର୍ଯ୍ୟନ୍ତ ଭୋଜନ କରି ଆସୁଛନ୍ତି । ପୁନଶ୍ଚ ଉଲ୍ଲେଖ ଅଛି ଯେ-

**ପ୍ରବୃତ୍ତିରୂପା ଶକ୍ତିଃ ଶ୍ରୀଃ ପ୍ରବର୍ତ୍ତୟତି ଯଦ୍ଧବିଃ**
**ତଦଶ୍ନାତି ଜଗନ୍ନାଥସ୍ତଚ୍ଛେଷଂ ଦୁରିତାପହମ୍ ॥** *(ସ୍କନ୍ଦ-୩।୨୩-୨୪)*

ଅର୍ଥାତ୍ ସେହି ପ୍ରବୃତ୍ତିରୂପୀ ପରମାତ୍ମା ବ୍ରହ୍ମଙ୍କ ନିମନ୍ତେ ସାକ୍ଷାତ ପ୍ରବୃତ୍ତିରୂପା କମଳାଦେବୀ ଯେଉଁ ଘୃତମୟ ଦ୍ରବ୍ୟ ପ୍ରସ୍ତୁତ କରନ୍ତି । ଭଗବାନ ଶ୍ରୀଜଗନ୍ନାଥ ତାହା ହିଁ ଭୋଜନ କରନ୍ତି ।

ଅର୍ଥାତ୍ ଯେଉଁ ଅନ୍ନକୁ ସ୍ୱୟଂ ମା ଲକ୍ଷ୍ମୀ ରନ୍ଧନ କରି ହରିଙ୍କୁ ପରିବେଷଣ କରିଥାନ୍ତି ସେହି ଉଚ୍ଛିଷ୍ଟକୁ ଭୋଜନ କରି ଏହି ସଂସାରରୁ କିଏ ବା ମୁକ୍ତି ନ ପାଇପାରିବ ? ଏଭଳି ପ୍ରସିଦ୍ଧ ଶ୍ଳୋକ ରୁଦ୍ରଯାମଳ ତନ୍ତ୍ରରୁ ସଂଗୃହୀତ ହୋଇ ମୁକ୍ତିଚିନ୍ତାମଣି ଗ୍ରନ୍ଥରେ ବର୍ଣ୍ଣନା କରାଯାଇଅଛି । ଯାହାକି ବେଦ ଓ ପୁରାଣ ସାହିତ୍ୟରେ ଶ୍ରୀମହାପ୍ରସାଦ ଶୀର୍ଷକ ପ୍ରବନ୍ଧରେ ପଣ୍ଡିତ ସଦାଶିବ କାବ୍ୟକଣ୍ଠ ଉଲ୍ଲେଖ କରିଛନ୍ତି ।

ସେହିପରି ଉପର୍ଯ୍ୟୁକ୍ତ ସଂଗ୍ରାହକଙ୍କ ଦ୍ୱାରା ସଂଗୃହୀତ ହୋଇଥିବା ଶ୍ଳୋକ ଅନୁସାରେ-

**ତତ୍ରାନ୍ନ ପାଚିକା ଲକ୍ଷ୍ମୀଃ ସ୍ୱୟଂ ଭୋକ୍ତା ଜନାର୍ଦ୍ଦନଃ ।**
**ତସ୍ମାତ୍ତଦନ୍ନଂ ବିପ୍ରର୍ଷେ ଦୈବତୈରପି ଦୁର୍ଲଭମ୍ ॥** *(ପଦ୍ମ ପୁରାଣ)*

CC-0. In Public Domain. Digtized by Muthulakshmi Research Academy

ଅର୍ଥାତ୍ ଏହି ଅନ୍ନକୁ ମା ମହାଲକ୍ଷ୍ମୀ ରନ୍ଧନ କରନ୍ତି ଓ ପ୍ରଭୁ ଜନାର୍ଦ୍ଦନ ଭୋଜନ କରନ୍ତି । ସେହି ଅନ୍ନ ଶ୍ରୀମହାପ୍ରସାଦ ବିପ୍ର ଓ ଦେବତାମାନଙ୍କ ପାଇଁ ମଧ୍ୟ ଦୁର୍ଲଭ ଅଟେ । ଉପର୍ଯ୍ୟୁକ୍ତ ଶାସ୍ତ୍ରୋକ୍ତ ପ୍ରମାଣରୁ ସ୍ପଷ୍ଟ ହେଉଅଛି ଯେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀମନ୍ଦିରରେ ନିଜେ ପାଚିକା ଜଗତମାତା ମହାଲକ୍ଷ୍ମୀ ଓ ଭୋକ୍ତା ଶ୍ରୀଜଗନ୍ନାଥ ଅଟନ୍ତି ।

ଶ୍ରୀ ଦିବାକର ଦାସ କୃତ ଶ୍ରୀଜଗନ୍ନାଥ ଚରିତାମୃତ ପ୍ରସାଦ ମାହାତ୍ମ୍ୟରେ (ପୃ.୨୭୮) ଭଗବାନ୍ ନିଜେ କହିଥିବା କଥା ବର୍ଣ୍ଣନା କରାଯାଇଅଛି ।

**ଇନ୍ଦ୍ରାଦ୍ୟା ଦେବତାଃ ସର୍ବା ମାନୁଷୀଂ ତନୁମାଶ୍ରିତାଃ ।**
**ଭୁଞ୍ଜନ୍ତି ନିତ୍ୟମେତତ୍ତୁ ମନୁଷ୍ୟାଣାଂ ଚ କା କଥା ॥**
**ଯଦନ୍ନ ପତ୍ନୀଲକ୍ଷ୍ମୀସ୍ତୁ ଭୋକ୍ତା ଚ ପୁରୁଷୋତ୍ତମଃ ।**
**ତେନ ଯତ୍ନେନ ଭୋକ୍ତବ୍ୟଂ ନାତ୍ର କାର୍ଯ୍ୟା ବିଚାରଣା ॥**

*(ଶ୍ରୀ ଦିବାକର ଦାସ କୃତ ଶ୍ରୀଜଗନ୍ନାଥ ଚରିତାମୃତ)*

ଅର୍ଥାତ୍ ଇନ୍ଦ୍ରାଦି ସମସ୍ତ ଦେବଗଣ ମନୁଷ୍ୟ ଶରୀର ଧରି ଯେତେବେଳେ ପ୍ରତିଦିନ ଶ୍ରୀମହାପ୍ରସାଦ ଭୋଜନ କରୁଛନ୍ତି ସେତେବେଳେ ସାମାନ୍ୟ ମଣିଷ କଥା କିଏ ବା ପଚାରେ ? ଯେଉଁ ଅନ୍ନକୁ ମା ମହାଲକ୍ଷ୍ମୀ ରନ୍ଧନ କରନ୍ତି ଓ ସ୍ୱୟଂ ନାରାୟଣ ଭୋଜନ କରନ୍ତି ତାହା ପାଇବା ମାତ୍ରେ କୌଣସି ବାଛ ବିଚାର ନ କରି ଅତି ଆଦରଯତ୍ନ ସହିତ ଭକ୍ଷଣ କରିବ ।

## ନିର୍ବିକାର ଶ୍ରୀମହାପ୍ରସାଦ :-

ଶ୍ରୀଦେବୀ ରନ୍ଧନ କରୁଥିବା ଅନ୍ନ ପୁଣି ସାଧାରଣ ଅନ୍ନ ନୁହେଁ । ଏହା ବ୍ରହ୍ମ ବୋଲି ପୂର୍ବରୁ ବର୍ଣ୍ଣନା କରାଯାଇଅଛି । ତାହା ମଧ୍ୟ ସାକ୍ଷାତ୍ ବିଷ୍ଣୁ ବୋଲି ସ୍କନ୍ଦପୁରାଣରେ ବର୍ଣ୍ଣନା ଅଛି ।[୬] ପୁନଶ୍ଚ 'ବ୍ରହ୍ମବିନିର୍ବିକାର ହି ଯଥା ବ୍ରହ୍ମ ତଥୈବ ତତ୍' (ବୃହତ୍ ବିଷ୍ଣୁପୁରାଣ) । ମୁକ୍ତିଚିନ୍ତାମଣିରୁ ସଂଗୃହୀତ ବୃହତ୍ ବିଷ୍ଣୁପୁରାଣରେ ଲିଖିତ ଉପର୍ଯ୍ୟୁକ୍ତ ଶ୍ଳୋକରେ କୁହାଯାଇଅଛି ଯେ ମହାପ୍ରଭୁଙ୍କର ଶ୍ରୀମହାପ୍ରସାଦ ବ୍ରହ୍ମ ଭଳି ନିର୍ବିକାର ଅଟେ । ଏହି ଅନ୍ନର ଉତ୍ପତ୍ତି ସମ୍ବନ୍ଧରେ ଉଲ୍ଲେଖ ଅଛି ଯେ-

**ଯସ୍ମାଦନ୍ନପତିର୍ଦ୍ଦେବୋ ଜଗନ୍ନାଥୋ ଜନାର୍ଦ୍ଦନଃ ।**
**ଅନ୍ନପୂର୍ଣ୍ଣା ସୁଭଦ୍ରା ସ୍ୟାଦ୍ଧେର୍ବିନା ନାନ୍ନମୁଦ୍ଭବେତ୍ ॥**

*(ଭବିଷ୍ୟ ପୁରାଣ, ସଂଗୃହୀତ- ମୁକ୍ତିଚିନ୍ତାମଣିଃ)*

ଅର୍ଥାତ୍ ଯେହେତୁ ଜନାର୍ଦ୍ଦନ ଶ୍ରୀଜଗନ୍ନାଥ ଅନ୍ନପତି ଅଟନ୍ତି ଓ ସୁଭଦ୍ରା ଦେବୀ ମା ଅନ୍ନପୂର୍ଣ୍ଣା ଅଟନ୍ତି । ଏମାନଙ୍କ ବିନା ଅନ୍ନ ଉତ୍ପନ୍ନ ହୋଇ ନପାରେ । ଏହି ମହାନ୍ ଶ୍ଳୋକର

୬. "ଯଥା ବିଷ୍ଣୁସ୍ତଥୈବତତ୍" (ସ୍କନ୍ଦ-୩୮।୬) ।

CC-0. In Public Domain. Digtized by Muthulakshmi Research Academy

ଅର୍ଥରୁ ହିଁ ବୁଝାପଡ଼େ ଯେ, ଅନ୍ନ କେବଳମାତ୍ର ଏକ ବସ୍ତୁ ନୁହେଁ । ଏହା ଅନ୍ନପତି ଶ୍ରୀଜଗନ୍ନାଥ ଓ ଦେବୀ ଅନ୍ନପୂର୍ଣ୍ଣା ଉଭୟଙ୍କ ଚୈତନ୍ୟରୁ ହିଁ ସୃଷ୍ଟ । ତେଣୁ ଏହା ବ୍ରହ୍ମ ବ୍ୟତୀତ ଆଉ କଅଣ ହୋଇପାରେ ?

ଶ୍ରୀଜଗନ୍ନାଥଙ୍କର ଭକ୍ଷ୍ୟଭୋଜ୍ୟାଦି ନୈବେଦ୍ୟ ଯଜ୍ଞର ପୁରୋଡାଶ (ପିଠାପଣା) ଠାରୁ ଏବଂ ରାଜସୂୟ ଓ ଅଶ୍ୱମେଧ ଯଜ୍ଞଠାରୁ ମଧ୍ୟ ଶତଗୁଣ ଫଳଦାୟକ ଅଟେ । ଶ୍ରୀଜଗନ୍ନାଥଙ୍କ ନୈବେଦ୍ୟରୁ ସାମାନ୍ୟତମ ଭକ୍ଷଣ କଲେ ଦୁର୍ଲଭ ମୁକ୍ତି ମିଳିଥାଏ ବୋଲି ମୁକ୍ତିଚିନ୍ତାମଣିରୁ ସଂଗୃହୀତ ବିଷ୍ଣୁଯାମଳ ଗ୍ରନ୍ଥରେ ନିଜେ ପ୍ରଜାପିତା ବ୍ରହ୍ମା କହିଥିବାର ପ୍ରମାଣ ମିଳେ ।

ଉପର୍ଯ୍ୟୁକ୍ତ ଶାସ୍ତ୍ରୋକ୍ତ ତଥ୍ୟମାନଙ୍କରୁ ହିଁ ଶ୍ରୀଜଗନ୍ନାଥଙ୍କୁ ସମର୍ପିତ ନୈବେଦ୍ୟ ବା ଅନ୍ନର ମହତ୍ତ୍ୱ ଜଣାପଡ଼େ । ଯାହାକୁ ଶ୍ରୀମହାପ୍ରସାଦ କୁହାଯାଏ ।

## ପ୍ରସାଦ ଓ ଶ୍ରୀମହାପ୍ରସାଦ :-

ସମସ୍ତ ଅର୍ଚ୍ଚାବିଗ୍ରହମାନଙ୍କୁ ଯେଉଁ ନୈବେଦ୍ୟ ସମର୍ପିତ ହୁଏ ତାହାକୁ ପ୍ରସାଦ କୁହାଯାଏ, କିନ୍ତୁ ଶ୍ରୀଜଗନ୍ନାଥଙ୍କୁ ସମର୍ପିତ ନୈବେଦ୍ୟକୁ ଶ୍ରୀମହାପ୍ରସାଦ କାହିଁକି କୁହାଯାଏ ଏହି ପ୍ରଶ୍ନ ମନକୁ ଛୁଇଁବା ସ୍ୱାଭାବିକ । 'ମହାପ୍ରସାଦ' ଶବ୍ଦ ଏକ ତାନ୍ତ୍ରିକ ପାରିଭାଷିକ ଶବ୍ଦ । ସ୍କନ୍ଦପୁରାଣ ଅନୁସାରେ-

ପୁରୁଷୋତ୍ତମ କ୍ଷେତ୍ରରେ ଭଗବାନ୍ ଶ୍ରୀଜଗନ୍ନାଥ ସାକ୍ଷାତ୍ ଭୋଜନ କରନ୍ତି । ଅନ୍ୟ ସ୍ଥାନରେ କେବଳ ଭକ୍ତ ପ୍ରଦତ୍ତ ନୈବେଦ୍ୟାନ୍ନକୁ ଦୃଷ୍ଟିପାତ କରନ୍ତି । ଶ୍ରୀମନ୍ଦିରରେ ଏହି ନୈବେଦ୍ୟାନ୍ନକୁ ଶ୍ରୀମହାପ୍ରସାଦ କୁହାଯାଏ ।[୭]

ମହାପ୍ରଭୁଙ୍କ ଆରାଧନା ପାଇଁ 'ପାକ ଅନ୍ନ'ର ଅର୍ପଣ ହିଁ ଅନ୍ନଯାଗ ଅଟେ । ଭାରତବର୍ଷରେ ଯେତେ ବୈଷ୍ଣବ ପୀଠ ବା କ୍ଷେତ୍ର ରହିଛି, ସୁସମୃଦ୍ଧ ଅନ୍ନ ଅର୍ପଣ ବ୍ୟବସ୍ଥା ଶ୍ରୀକ୍ଷେତ୍ର ପରି ଅନ୍ୟ କୁତ୍ରାପି ନାହିଁ । ନିଶ୍ଚିତ ରୂପେ ଏହା ପ୍ରତିଦିନ ତିନିଥର ହେବାର ବ୍ୟବସ୍ଥା ଥିଲେ ମଧ୍ୟ ପରିସ୍ଥିତି ଅନୁସାରେ ନିହାତି ପକ୍ଷେ ଅତିକମ୍‌ରେ ଥରେ ଅନ୍ନ ଅର୍ପଣ ବ୍ୟବସ୍ଥା ରହିଅଛି । ସେହିକାରଣରୁ ବର୍ଷକ ମଧ୍ୟରେ ତିନିଦିନ ଅର୍ଥାତ୍ ସ୍ନାନ ଉତ୍ସବ, ଶ୍ରୀଗୁଣ୍ଡିଚା ଓ ବାହୁଡ଼ାଯାତ୍ରା ଦିନ ଥରେ ମାତ୍ର ଅନ୍ନ ଭୋଗ ହୁଏ । ଶ୍ରୀଜଗନ୍ନାଥ ମନ୍ଦିରରେ ଏକାଥରକେ ହଜାର ହଜାର ଲୋକ ଶ୍ରୀମହାପ୍ରସାଦ ଭୋଜନ କଲାଭଳି ଅନ୍ନ ଅର୍ପଣର ବ୍ୟବସ୍ଥା ଅଛି ।[୮] ସେଇଥିପାଇଁ ବାମଦେବ ସଂହିତା (୯।୧୨)ରେ ପ୍ରତି କ୍ଷଣରେ ଏହି ପାକକର୍ମ କରିବାପାଇଁ ରାଜାଙ୍କୁ ନିର୍ଦ୍ଦେଶ ଅଛି । ଯାହା ଫଳରେ ହଜାର ହଜାର ଭକ୍ତ ଶ୍ରୀମହାପ୍ରସାଦ ପାଇପାରିବେ । ସେଥିରୁ କେହି ବଞ୍ଚିତ ହୋଇ ଯଜ୍ଞ ଫଳ ପ୍ରାପ୍ତି ଅମୃତରୁ ରହିତ ହେବେ ନାହିଁ ।

---

୭. ସ୍କ.ପୁ-୩୮।୪୯-"ଭୁଙ୍କ୍ତେ ତ୍ୱତ୍ରୈବ ଭଗବାନ୍‌ପଶ୍ୟତ୍ୟନ୍ୟତ୍ର ଚକ୍ଷୁଷା"

୮. ସଂଗୃହୀତ- ଶ୍ରୀଜଗନ୍ନାଥ ଚେତନାର ଶାସ୍ତ୍ରୀୟ ଭିତ୍ତିଭୂମି, ପୃ.୩୦୩ ।

CC-0. In Public Domain. Digtized by Muthulakshmi Research Academy

୧୯୧୦ ମସିହା ପୂର୍ବରୁ ଶ୍ରୀଜଗନ୍ନାଥଙ୍କ ଅନ୍ନ ଅର୍ପଣରେ ୪୩୫ ପ୍ରକାର ଭୋଗ ସାମଗ୍ରୀ ସମର୍ପିତ କରାଯାଉଥିବା କଥା ଐତିହାସିକ ଦଲିଲରୁ ପ୍ରମାଣ ମିଳେ । ବର୍ତ୍ତମାନ ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ଅନୁସାରେ ୧୧୦ ପ୍ରକାର ଭୋଗ ଅନ୍ନ ଅର୍ପଣର ବ୍ୟବସ୍ଥା ପ୍ରଚଳିତ ଅଛି । ଏହି ୧୧୦ ପ୍ରକାର ଭୋଗକୁ ସାନ ବଡ଼ ଆକାରର ହିସାବକୁ ନେଲେ ଛପନ ପ୍ରକାର ଭୋଗ ହିଁ ହେବ । ଏହି ସଂପର୍କରେ ବିସ୍ତୃତ ଆଲୋଚନା ପରବର୍ତ୍ତୀ ସମୟରେ କରାଯିବ । ଏଭଳି ବିଶାଳ ଅନ୍ନଯାଗ ଶ୍ରୀଜଗନ୍ନାଥ ମନ୍ଦିର ବ୍ୟତୀତ ବିଶ୍ୱରେ ଅନ୍ୟ କେଉଁଠାରେ ଦେଖିବାକୁ ମିଳେ ନାହିଁ । ତେଣୁ ଅନ୍ୟମନ୍ଦିରରେ ଏଭଳି ବ୍ୟବସ୍ଥା ନଥିବାରୁ ଶ୍ରୀବିଗ୍ରହମାନଙ୍କୁ ସମର୍ପିତ ହେଉଥିବା ନୈବେଦ୍ୟକୁ ପ୍ରସାଦ ଓ ଶ୍ରୀଜଗନ୍ନାଥଙ୍କୁ ସମର୍ପିତ ହେଉଥିବା ନୈବେଦ୍ୟକୁ ହିଁ ଶ୍ରୀମହାପ୍ରସାଦ କୁହାଯାଏ ।

ପ୍ରସାଦ ଓ ଶ୍ରୀମହାପ୍ରସାଦକୁ ନେଇ ଅନେକ ଶାସ୍ତ୍ରୀୟ ବିଚାର ମଧ୍ୟରୁ ଆମେ କିଛି ଅବଗତ ହେଲେ । ଏହାକୁ ନେଇ ଓଡ଼ିଶାରେ ଅନେକ ଲୋକକଥା, କିମ୍ବଦନ୍ତୀର ଐତିହ୍ୟ ମଧ୍ୟ ରହିଅଛି । ପ୍ରସାଦ ଓ ମହାପ୍ରସାଦ ଭିତରେ କି ପାର୍ଥକ୍ୟ ରହିଛି ତାହା ଓଡ଼ିଶାରେ ସାଧାରଣ ଲୋକ ମଧ୍ୟ ଜାଣିଥିଲେ । ତା'ର ଏକ ଦୃଷ୍ଟାନ୍ତ ପଣ୍ଡିତ କୃପାସିନ୍ଧୁ ମିଶ୍ର ଉଲ୍ଲେଖ କରିଛନ୍ତି । ସତ୍ୟବାଦୀ ଶ୍ରୀଗୋପାଳ ମନ୍ଦିରରେ ଶ୍ରୀମହାପ୍ରସାଦ ପ୍ରଚଳନ ଆରମ୍ଭ ବେଳେ ଘଟିଥିବା ଏହି ଘଟଣା ପ୍ରସଙ୍ଗରେ ସେ ଉଲ୍ଲେଖ କରିଛନ୍ତି ।

ସାକ୍ଷୀଗୋପାଳଙ୍କ ଦେଉଳ ସାମନାରେ ବସିଥାଏ ପଣ୍ଡିତ ସଭା । ଶ୍ରୀମନ୍ଦିର ମୁକ୍ତିମଣ୍ଡପର ପଣ୍ଡିତଙ୍କ ସାଥୀରେ ଥାନ୍ତି ରାଜପଣ୍ଡିତଗଣ । ପାତ୍ର, ମନ୍ତ୍ରୀ, ଗଜପତିଙ୍କ ଡାକରା ପାଇ ଯାଇଥାନ୍ତି କ୍ଷେତ୍ରର କିଛି ସାଧୁ ଓ ବାବାଜୀ । ଗଜପତି ରାମଚନ୍ଦ୍ର ଦେବଙ୍କ ଆସ୍ଥାନ କଡକୁ ଗଦା ମରା ହୋଇଥାଏ ଭଳିକି ଭଳି ହାଣ୍ଡିକୁଡୁଆ । ତା' ପାଖକୁ ବସିଥାନ୍ତି ସାକ୍ଷୀଗୋପାଳଙ୍କ ସେବକଗଣ । ସେଠାରେ ଠିଆ ହୋଇଥାଏ ଶ୍ରୀକ୍ଷେତ୍ରରୁ ଯାଇଥିବା କୁମ୍ଭାରପଡ଼ାର ଜଣେ କୁମ୍ଭାର ନାୟକ ।

ବିଚାର ଆରମ୍ଭ ହେଲା, ସାକ୍ଷୀଗୋପାଳଙ୍କ ପାଖେ ଅନ୍ନମହାପ୍ରସାଦ ବ୍ୟବସ୍ଥା କରାଯିବ । ଗଜପତିଙ୍କ ଇଚ୍ଛାକୁ ଜାଣିପାରି କେତେକ ହଁ କରୁଥାନ୍ତି । ପଣ୍ଡିତମାନଙ୍କ ଭିତରେ ଯୁକ୍ତିତର୍କ ଚାଲିଥାଏ । ଶେଷକୁ ନିଷ୍ପତ୍ତି ହେଲା ଅନ୍ନମହାପ୍ରସାଦ ବ୍ୟବସ୍ଥା ହେବ ।

କୁମ୍ଭାର ନାୟକ ଶେଷକୁ ହାତଯୋଡ଼ି କହିଲା- 'ୟେ ଅଧମ କିଛି କହିବାକୁ ଚାହୁଁଛି !' ସମସ୍ତଙ୍କ ନଜର ତା'ରି ଆଡକୁ । ଗଜପତି କହିଲେ କୁହ.. କୁହ.. । ମହାପ୍ରଭୁଙ୍କ ସେବକ ତମେ । କୁହ... । କୁମ୍ଭାର ନାୟକ କହିଲେ-ମଣିମା । ମୁର୍ଖ ବୁଦ୍ଧି ମୋର । ଘେନା କରିବେ । ଏହା କହି ଢଗଟିଏ ବୋଲିଲା-'ଜାଗର ନୁହେଁ, କି ପାଗର ନୁହେଁ, କି ମା' ବେଇଲା ଭାଗର ନୁହଁ..., ଅନ୍ନମହାପ୍ରସାଦ ହବ କେମିତି ?'

ବୁଝେଇଦେଲା । ମଣିମା ! 'ଯାଗ' ଅନ୍ନ ସମସ୍ତେ ମିଳିମିଶି ଖାଇବା ଚଳଣି ଅଛି । ଏଠି ତ 'ଯାଗ' ହେଇନି ! ଆପଣ କାଞ୍ଚିରୁ ଆଣି ବସେଇଛନ୍ତି । ଶ୍ରୀମନ୍ଦିରରେ

CC-0. In Public Domain. Digtized by Muthulakshmi Research Academy

ମା' ମହାଲକ୍ଷ୍ମୀଙ୍କ ପାଗ ବୋଲି ସମସ୍ତଙ୍କର ବିଶ୍ୱାସ । ପାଗ ଅନ୍ନ ସଭିଏଁ ଖାଆନ୍ତି । ଏହା ବିଶ୍ୱାସର କଥା । ଏଠି ତ ମା' ନାହାନ୍ତି । ସାକ୍ଷୀଗୋପାଳ ତ ମହାପ୍ରଭୁଙ୍କ ଭାଇଆ ନୁହଁ ! କି ଆଶ୍ଚର୍ଯ୍ୟ କଥା ! ସାକ୍ଷୀଗୋପାଳ ବି ତାଙ୍କ ପ୍ରତିନିଧି ନୁହଁନ୍ତି । ତେବେ... ?

କୁମ୍ଭାର ନାୟକେ ଭଲ କଥାଟିଏ କହିଲେ । ବ୍ରହ୍ମଚାରୀ ସାଧୁମାନଙ୍କ ମନକୁ ପାଇଲା । ବ୍ରାହ୍ମଣମାନେ ସହମତ ହେଲେ । ଗଜପତି ଘୋଷଣା କଲେ ଅନ୍ନମହାପ୍ରସାଦ ହେବା ଠିକ୍ ନୁହେଁ । ଆଦେଶ ହେଲା ହାଣ୍ଡିକୁଡୁଆ ଫେରିବନି । ଭାଙ୍ଗିଦିଅ । ଏକା ଠେଙ୍ଗାରେ ସହସ୍ର ହାଣ୍ଡି ଚୂନା ହୋଇଗଲା ସେଇଦିନ । ପ୍ରଚାର ହୋଇଗଲା 'ସହସ୍ର ହାଣ୍ଡି ଏକ ଠେଙ୍ଗା'ର କଥା ।[୯]

ଆଜିକାଲି ଅନେକ ଉପାସକ ବହୁ ସ୍ଥାନରେ ମନ୍ଦିରମାନ ସ୍ଥାପନ କରି ଭୋଗ ଲାଗୁଥିବା ପ୍ରସାଦକୁ 'ଶ୍ରୀମହାପ୍ରସାଦ' ଆଖ୍ୟା ଦେଇ ପ୍ରଚାରଧର୍ମୀ ବ୍ୟବସ୍ଥାରେ ଅଧିକ ପ୍ରଚାର କରିଚାଲିଛନ୍ତି । କିନ୍ତୁ ଶାସ୍ତ୍ରୋକ୍ତ ପ୍ରମାଣ ଅନୁସାରେ ଶ୍ରୀମନ୍ଦିରରେ ଅନ୍ନଯାଗ କରାଯାଇ ନିଜେ ଶ୍ରୀଜଗନ୍ନାଥ ଭୋଜନ କରୁଥିବା 'ଅନ୍ନ' ହିଁ ଶ୍ରୀମହାପ୍ରସାଦ । ତେଣୁ ଅନ୍ୟ ମନ୍ଦିରର ପ୍ରସାଦକୁ ଶ୍ରୀମହାପ୍ରସାଦ କହିବା ଉଚିତ ନୁହେଁ । କାରଣ ସେଠାରେ ଉପାସ୍ୟ ନୈବେଦ୍ୟ ପ୍ରତି ଦୃଷ୍ଟିପାତ କରନ୍ତି ଭୋଜନ କରି ନଥାଆନ୍ତି । ସାକ୍ଷୀଗୋପାଳ ମନ୍ଦିରରେ ଯେଉଁଠି ନିଜେ ଗଜପତି ଶ୍ରୀମହାପ୍ରସାଦ କରିବାପାଇଁ ଚେଷ୍ଟା କରି ଶେଷରେ ହାଣ୍ଡିଗୁଡ଼ିକ ଭାଙ୍ଗି ପକାଇଛନ୍ତି ସେତେବେଳେ ଅନ୍ୟ ମନ୍ଦିରରେ ପ୍ରସାଦକୁ ଶ୍ରୀମହାପ୍ରସାଦ କହିବା ଏକ ଅବାନ୍ତର କଥା ।

ଦ୍ୱିତୀୟତଃ ଶ୍ରୀଜଗନ୍ନାଥ ତନ୍ତ୍ରର ଦେବତା । ତେଣୁ ତାଙ୍କ ଉପାସନାରେ 'ଭୈରବୀ ଚକ୍ର'ର ନିଗୂଢ ତତ୍ତ୍ୱ ସମନ୍ୱିତ ହୋଇଅଛି । ଶ୍ରୀଜଗନ୍ନାଥଙ୍କ ପାଖରେ ନୈବେଦ୍ୟ ହେଉଥିବା ସାମଗ୍ରୀ ଶ୍ରୀମହାପ୍ରସାଦ ରୂପେ ସମଗ୍ର ବିଶ୍ୱରେ ପରିଚିତ ଓ ପରିଗଣିତ ହୋଇଆସିଅଛି । ସାରା ବିଶ୍ୱରେ ଅନ୍ୟ କାହାର ପ୍ରସାଦ ଶ୍ରୀମହାପ୍ରସାଦ ହୋଇନାହିଁ । ଶ୍ରୀଜଗନ୍ନାଥଙ୍କ ଉପାସନାରେ ଯନ୍ତ୍ର-ତନ୍ତ୍ର ଓ ମନ୍ତ୍ର ବିଜ୍ଞାନର ଶାସ୍ତ୍ରଭିତ୍ତିକ ସମନ୍ୱୟ ହୋଇଥିବାରୁ ଏହା ସମ୍ଭବ ହୋଇଅଛି । ତନ୍ତ୍ର ବିଜ୍ଞାନ ସମ୍ବଳିତ ଉଚ୍ଚତର କର୍ମକାଣ୍ଡ ବିଜ୍ଞାନର ପରାକାଷ୍ଠା ଯୋଗୁଁ ମହାପ୍ରଭୁଙ୍କ ପ୍ରସାଦ କୈବଲ୍ୟ, ନିର୍ମାଲ୍ୟ ଓ ଶ୍ରୀମହାପ୍ରସାଦ ଏହି ତିନି ତତ୍ତ୍ୱରେ ପରିଣତ ହୁଏ ।[୧୦]

## ପ୍ରସାଦ ଓ ଶ୍ରୀମହାପ୍ରସାଦର ଅର୍ଥ :-

ସଂସ୍କୃତ ସାହିତ୍ୟରେ 'ପ୍ରସାଦ' ଶବ୍ଦର ବ୍ୟୁତ୍ପତ୍ତି ପ୍ର + ସଦ୍‌ଧାତୁ + ଭାବ ଅର୍ଥାତ୍ ହୃଷ୍ଟ ବା ପ୍ରସନ୍ନ ହେବା । ଦେବ ନିବେଦିତ ଦ୍ରବ୍ୟ, ଗୁରୁଜନଙ୍କର ଅଇଁଠା ଖାଦ୍ୟ

---

*୯. ସହାୟତା- ପଣ୍ଡିତ କୃପାସିନ୍ଧୁ ମିଶ୍ର, ଉତ୍କଳ ଇତିହାସ ।*

*୧୦. ସଂଗୃହୀତ- ଶ୍ରୀଜଗନ୍ନାଥ ଚେତନାର ଶାସ୍ତ୍ରୀୟ ଭିତ୍ତିଭୂମି, ପୃ-୧୧୯, ପ୍ରକାଶନ- ଶ୍ରୀମନ୍ଦିର ପ୍ରଶାସନ ।*

CC-0. In Public Domain. Digtized by Muthulakshmi Research Academy

ଯାହାକୁ କି ଶିଷ୍ୟମାନେ ଭକ୍ତି ସହକାରେ ସେବା କରନ୍ତି, ସ୍ୱଚ୍ଛତା, ନିର୍ମଳତା, ଦୟା, ଅନୁଗ୍ରହ, କୃପା, ପ୍ରସନ୍ନତା, ମନର ଶାନ୍ତି, ମଙ୍ଗଳ, କଲ୍ୟାଣ, ସୌମ୍ୟତା ଆଦିକୁ ପ୍ରସାଦ କୁହାଯାଏ । ଯେଉଁଠାରେ ତାହା ଅଧିକ ବା ଅତିମାତ୍ରାରେ ରହେ ବା ଥାଏ ତାକୁ ମହାପ୍ରସାଦ କୁହାଯାଏ । ଅର୍ଥାତ୍ ମହାନ୍ ଅନୁକମ୍ପା, ମହାନ୍ ଅନୁଗ୍ରହ, ମହାନ୍ ଦୟା, ମହାନ୍ ପ୍ରସନ୍ନତା ଆଦି । ବ୍ୟାକରଣ ଶାସ୍ତ୍ରର ଅର୍ଥ ଦୃଷ୍ଟିରୁ ଦେଖିଲେ ଜଗତପିତା ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ସମସ୍ତ ଜୀବଜଗତ ପ୍ରତି ମହାନ୍ ଅନୁକମ୍ପା କରି ନିଜେ 'ଅନ୍ନବ୍ରହ୍ମ'କୁ ଭୋଜନ କରି ଅମୃତ ତୁଲ୍ୟ ନୈବେଦ୍ୟାନ୍ନ ସକଳ ଜୀବଜଗତ ପାଇଁ ବ୍ୟବସ୍ଥା କରିଛନ୍ତି । ତାଙ୍କର ଦର୍ଶନ ଓ ଶ୍ରୀମହାପ୍ରସାଦ ପାଇ ସମସ୍ତ ଜୀବଜଗତ ଯେପରି ମୁକ୍ତିଲାଭ କରିବ ସେହି ଉଦ୍ଦେଶ୍ୟ ନେଇ ହିଁ ସେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ଆବିର୍ଭୂତ ହୋଇଛନ୍ତି । ତାହା ହିଁ ତାଙ୍କର ମହାନ୍ କରୁଣା ସ୍ୱରୂପ 'ଶ୍ରୀମହାପ୍ରସାଦ' ଅଟେ ।

ଏଠାରେ ଗୋଟିଏ କଥା ମନକୁ ଆସେ ଯେ, ମହାପ୍ରଭୁ ଜୀବଜଗତ ପାଇଁ ଏଭଳି ଶ୍ରୀମହାପ୍ରସାଦର ବ୍ୟବସ୍ଥା କରିଛନ୍ତି କାହିଁକି ? ପୂର୍ବ ଅଧ୍ୟାୟରେ ପରଂବ୍ରହ୍ମ ଓ ଜୀବବ୍ରହ୍ମଙ୍କ ମଧ୍ୟରେ ଥିବା ସଂପର୍କ ସମ୍ବନ୍ଧରେ ଆଲୋଚନା କରାଯାଇଅଛି । ସକଳ ଆତ୍ମା ତାଙ୍କର ହିଁ ଅଂଶ ବିଶେଷ । ତେଣୁ ସେ ତାଙ୍କର ସୃଷ୍ଟି ସମସ୍ତ ଜୀବଜଗତ ପାଇଁ ଅତ୍ୟନ୍ତ ଦୟାଶୀଳ ହେବା ସ୍ୱାଭାବିକ । ସେଇଥିପାଇଁ ସେ ସମସ୍ତ ଜୀବବ୍ରହ୍ମକୁ ନିଜର ଶ୍ରୀମହାପ୍ରସାଦ ସ୍ୱରୂପ ଅନ୍ନବ୍ରହ୍ମ ଯୋଗାଇ ଦେଇଛନ୍ତି । ଜଗତ୍‌ପିତାଙ୍କ ଏହି କାର୍ଯ୍ୟରେ ଜଗତମାତା ମହାଲକ୍ଷ୍ମୀ କଷ୍ଟ ସ୍ୱୀକାର କରି ପରଂବ୍ରହ୍ମଙ୍କ ସହିତ ସମସ୍ତ ଜୀବବ୍ରହ୍ମଙ୍କ ପାଇଁ ମଧ୍ୟ ରନ୍ଧନ କାର୍ଯ୍ୟ କରିଚାଲିଛନ୍ତି ବୋଲି ଶାସ୍ତ୍ରମାନଙ୍କରୁ ପ୍ରମାଣ ମିଳେ । କାହିଁକି ମହାପ୍ରଭୁ ଓ ଜଗତ ମାତାଙ୍କର ଏଭଳି ପରିଶ୍ରମ ? ଏହା କଅଣ ଜଗତମାତା ମହାଲକ୍ଷ୍ମୀଙ୍କର ନିଛକ ବାତ୍ସଲ୍ୟ ମମତା ନୁହେଁ ? ସେମାନଙ୍କର ଏହା ପଛରେ କି ଉଦ୍ଦେଶ୍ୟ ରହିଅଛି ? ଏହା ମହାପ୍ରଭୁଙ୍କ କୃପା ବା ମହାନ୍ ପ୍ରସାଦ ବ୍ୟତୀତ ଆଉ କଅଣ ବା ହୋଇପାରେ ?

ମହାପ୍ରଭୁଙ୍କ ଶ୍ରୀମହାପ୍ରସାଦ ସେବନ ଦ୍ୱାରା ଜୀବର ମୁକ୍ତି ହେଉଥିବା କଥା ଭଗବାନ୍ ବ୍ୟାସଦେବକୃତ ମହାପୁରୁଷ ବିଦ୍ୟା ଗ୍ରନ୍ଥରେ ସୂତମୁନି ଶୌନକଙ୍କ ଆଗରେ ବର୍ଣ୍ଣନା କରିଛନ୍ତି । ପ୍ରତିଯୁଗରେ ଭଗବାନ୍ ବିଷ୍ଣୁଙ୍କର ଆଜ୍ଞାକାରିଣୀ ମାୟା କୋଟି କୋଟି ସଂଖ୍ୟକ ଅଣ୍ଡା ସୃଷ୍ଟିକରି ସମସ୍ତଙ୍କୁ ମୋହିତ କରନ୍ତି । ଏହି ପରମାତ୍ମା ଶେଷ ନାଗ ଉପରେ ନୀଳାଚଳରେ ଶ୍ରୀବଳଭଦ୍ର, ମା ସୁଭଦ୍ରା ଓ ଶ୍ରୀସୁଦର୍ଶନଚକ୍ରଙ୍କ ସହ ବିରାଜମାନ ଅଛନ୍ତି । ଯାହାଙ୍କର ପ୍ରସାଦ ସେବନ ଦ୍ୱାରା ଲୋକମାନେ ଜୀବନ୍ମୁକ୍ତ ହୁଅନ୍ତି ।[୧୧]

---

୧୧. ମ.ବି- ୨।୩୪

*ପ୍ରସାଦଭୋଜାନାଦ୍ ଯସ୍ୟ ଜୀବନ୍ମୁକ୍ତା ଭବନ୍ତି ବୈ ।*
*ଶେଷୋପରି ଜଗନ୍ନାଥୋ ନିତ୍ୟସ୍ଥାନ ଗତୋ ଦ୍ୱିଜ ॥*

CC-0. In Public Domain. Digtized by Muthulakshmi Research Academy

## ମା' ପ୍ରସାଦ ନୁହେଁ ଶ୍ରୀମହାପ୍ରସାଦ :-

ଭାରତର ସମସ୍ତ ତୀର୍ଥମାନଙ୍କ ମଧ୍ୟରେ ଶ୍ରୀନୀଳାଚଳ ଏକ ପ୍ରଧାନ ବୈଷ୍ଣବ ପୀଠ ଏବଂ ଅଧିଷ୍ଠାତୃ ଦେବ ଶ୍ରୀଜଗନ୍ନାଥ ହିଁ ମହାବିଷ୍ଣୁ । ବିଷ୍ଣୁପୀଠରେ ବୈଷ୍ଣବୀୟ ରୀତିରେ ସମସ୍ତ କ୍ରିୟା ସଂପାଦିତ ହୋଇଥାଏ । ଶାକ୍ତ ପରମ୍ପରା ଅନୁଯାୟୀ ଶ୍ରୀଦୁର୍ଗା ବା ମାତା ବିମଳା ଶ୍ରୀଜଗନ୍ନାଥଙ୍କର ଛାୟାଶକ୍ତି । ଏହା ବ୍ରହ୍ମସଂହିତାରେ ଉଲ୍ଲେଖ ଅଛି । କୌଣସି ମଣିଷ ବା ବସ୍ତୁର ଛାୟା ବା ଛାଇ ଯେପରି ତା'ର ପଛପଟେ ହିଁ ରହିଥାଏ କେବେ ହେଲେ ଆଗକୁ ଆସେ ନାହିଁ ସେହିପରି ଛାୟାଦେବୀ ସର୍ବଦା ମହାବିଷ୍ଣୁ ବା ଶ୍ରୀଜଗନ୍ନାଥଙ୍କର ପଛପଟରେ ହିଁ ଅବସ୍ଥାନ କରିଥାଆନ୍ତି । ଏହି ପ୍ରସଙ୍ଗରେ ଭଗବାନ୍ ଶ୍ରୀକୃଷ୍ଣ ଶ୍ରୀମଦ୍ ଭଗବଦ୍ ଗୀତାରେ କହିଛନ୍ତି-

**ଦୈବୀହ୍ୟେଷାଗୁଣମୟୀ ମମ ମାୟା ଦୁରତ୍ୟୟା ॥**

ଏଥିରେ ଥିବା 'ମାୟା' ଓ 'ମମ' ଶବ୍ଦରୁ ଓ ବିଷ୍ଣୁପୁରାଣୋକ୍ତ 'ବିଷ୍ଣୁଶକ୍ତିଃପରାପ୍ରୋକ୍ତା' ଇତ୍ୟାଦିରୁ ଶ୍ରୀଦୁର୍ଗା ଯେ ଶ୍ରୀବିଷ୍ଣୁଙ୍କର ଛାୟାଶକ୍ତି ଏହା ସ୍ପଷ୍ଟ ପ୍ରମାଣିତ ହୁଏ ।

ଛାୟାଶକ୍ତି ଶୋଭା ଓ ସିଦ୍ଧିର ପ୍ରତୀକ । ସେ ବିଦ୍ୟାସଙ୍ଗିନୀରୂପା ପରମ ବୈଷ୍ଣବୀ । ସେ ଷଡୈଶ୍ୱର୍ଯ୍ୟର ପ୍ରତୀକ ଶ୍ରୀଦେବୀ ଓ ଭୂଦେବୀଙ୍କର ମଧ୍ୟବର୍ତ୍ତିନୀ । ବୈଷ୍ଣବାଚାର୍ଯ୍ୟ ଶ୍ରୀରାମାନୁଜ, ଶ୍ରୀମଧ୍ୱାଚାର୍ଯ୍ୟ, ଶ୍ରୀନିମ୍ବାର୍କ, ଶ୍ରୀବିଷ୍ଣୁସ୍ୱାମୀ ପ୍ରଭୃତି ଶକ୍ତିକୁ ଯଥାର୍ଥ ସମ୍ମାନ ଦେଇଛନ୍ତି, ମାତ୍ର କେହିହେଲେ ଆବାହନ ବିସର୍ଜନଯୁକ୍ତ ପିତୁଳା ପୂଜା ସ୍ୱୀକାର କରିନାହାନ୍ତି ।

ଏହି ବୈଷ୍ଣବୀ ପୂଜା ପ୍ରକୃତ ଶାସ୍ତ୍ରୀୟ ବିଧାନରେ ଅର୍ଥାତ୍ ଅଗ୍ରେ ଶକ୍ତିମାନ ବିଷ୍ଣୁ ବା ଶ୍ରୀଜଗନ୍ନାଥଙ୍କୁ ପୂଜାକରି ସେହି ଶ୍ରୀମହାପ୍ରସାଦକୁ ଶକ୍ତି ଦେବୀ ବିମଳା ଦେବୀଙ୍କୁ ସମର୍ପଣ କରିବା ବିଧି କେବଳ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ର ଛଡ଼ା ଅନ୍ୟ କୁତ୍ରାପି ଦେଖାଯାଏ ନାହିଁ ।

କ୍ଷେତ୍ରର କ୍ଷେତ୍ରାଧୀଶ୍ୱରୀ ଦେବୀ ବିମଳାଙ୍କୁ ବିଭିନ୍ନ ତନ୍ତ୍ର ଗ୍ରନ୍ଥରେ ଭୈରବୀରୂପେ ଗ୍ରହଣ କରାଯିବା ସଙ୍ଗେ ସଙ୍ଗେ ଶ୍ରୀଜଗନ୍ନାଥଙ୍କୁ ଭୈରବ ରୂପେ ବର୍ଣ୍ଣନା କରାଯାଇଅଛି ।[୧୨]

ବାମଦେବସଂହିତାର ବର୍ଣ୍ଣନାନୁସାରେ ଯଦି ଭୋଗ ସ୍ଥାନରେ ବା ମଣ୍ଡଳ ବାହାରେ ନୈବେଦ୍ୟ ରଖାଯାଇ ପୂଜା କରାଯାଏ ତାହାହେଲେ ସେହି ନୈବେଦ୍ୟ ପୂଜାଯୋଗ୍ୟ

---

*୧୨. ଉତ୍କଳେ ନାଭିଦେଶସ୍ଥ ବିରଜାକ୍ଷେତ୍ରମୁଚ୍ୟତେ ।*
*ବିମଳା ସା ମହାଦେବୀ ଜଗନ୍ନାଥସ୍ତୁ ଭୈରବଃ ॥*
*(ସଂଗୃହୀତ- ଶ୍ରୀଜଗନ୍ନାଥ ଚେତନାର ଶାସ୍ତ୍ରୀୟ ଭିତ୍ତିଭୂମି, ପୃ-୧୩୩, ମହାପୀଠ ନିରୂପଣମ୍, ଶ୍ଳୋ.-୧୩)*

CC-0. In Public Domain. Digtized by Muthulakshmi Research Academy

ନୁହେଁ ।[୧୩] ସେଇଥିପାଇଁ ଶ୍ରୀବଳଭଦ୍ରଙ୍କ ଠାରୁ ଶ୍ରୀସୁଦର୍ଶନଙ୍କ ପର୍ଯ୍ୟନ୍ତ ପଡ଼ିଥିବା ଥାଳିମାନଙ୍କର ବାହାର ପଟେ ମୁରୁଜ କଟା ହୋଇଥାଏ । ମା' ମହାଲକ୍ଷ୍ମୀଙ୍କ ପାଖରେ ଗୋଟିଏ ଛୋଟ ପନ୍ତି ହୁଏ ।

ତନ୍ତ୍ରୋପାସକମାନଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ଭୈରବ ରୂପରେ କଳ୍ପିତ ହେବା ଅବସରରେ ତାଙ୍କର ଭୈରବୀ ବା ଶକ୍ତି ଥିଲେ ବିମଳା । ସମ୍ଭବତଃ ଏହି କାଳରେ ଶ୍ରୀମନ୍ଦିର ପରିସରରେ ବିମଳାଦେବୀଙ୍କ ମନ୍ଦିର ନିର୍ମିତ ହୋଇଥିଲା ଓ ଉଭୟ ମା' ବିମଳାଦେବୀ ଓ ଶ୍ରୀଜଗନ୍ନାଥଙ୍କୁ ତନ୍ତ୍ର ପଦ୍ଧତିରେ ଉପାସନା କରାଯାଉଥିଲା ବୋଲି ଅନେକ ମତ ଦିଅନ୍ତି । ଏବେ ମଧ୍ୟ ଶ୍ରୀମନ୍ଦିରରେ ଶାରଦୀୟ ଦୁର୍ଗୋତ୍ସବ ସମୟରେ ମା ଦୁର୍ଗା ଓ ଶ୍ରୀମାଧବଙ୍କର ଏକତ୍ର ଅବସ୍ଥାନ ଏହି ବ୍ୟବସ୍ଥାର ଆଭାସ ଦିଏ । ପରମ୍ପରା ଅନୁଯାୟୀ ମହାପ୍ରଭୁଙ୍କ କୋଠ ଭୋଗ ପ୍ରସାଦ ମା ବିମଳାଦେବୀଙ୍କଠାରେ ସମର୍ପିତ ହୁଏ । ସେଇଥିପାଇଁ ଶ୍ରୀମନ୍ଦିରରେ ବିମଳାଦେବୀଙ୍କୁ କୌଣସି ନୈବେଦ୍ୟ ସ୍ୱତନ୍ତ୍ର ଭାବରେ ଅର୍ପଣ କରାଯାଏ ନାହିଁ ।[୧୪]

ତନ୍ତ୍ରାଚାରରେ ଭୈରବୀ ଚକ୍ରରେ ଅନ୍ନବ୍ୟଞ୍ଜନାଦି ଭୋଗ ରଖି ଶ୍ରୀଜଗନ୍ନାଥଙ୍କୁ ପୂଜା କରାଗଲେ ତାହା ଶ୍ରୀମହାପ୍ରସାଦ ପଦବାଚ୍ୟ ହୁଏ । ଭୋଗ ଶେଷ ହେବାପରେ ଶ୍ରୀଜଗନ୍ନାଥଙ୍କ ନୈବେଦ୍ୟ ମା ବିମଳାଙ୍କ ନିକଟକୁ ସମର୍ପଣ ହେବାକୁ ଯାଏ । ଅନ୍ୟ ଥାଳିଗୁଡ଼ିକ ମା' ବିମଳା ଓ ଅନ୍ୟ ଦେବଦେବୀଙ୍କ ଉଦ୍ଦେଶ୍ୟରେ ପାଳିଆମାନେ ଦୂରରୁ ସମର୍ପଣ କରନ୍ତି । ବାମଦେବ ସଂହିତା ଅନୁସାରେ- ଧୂପକାଳ ପରେ ନୈବେଦ୍ୟ ସମର୍ପଣ କରିବ । ଯଦି ଧୂପ କାଳ ପରେ ସେହି ଅନ୍ନ ନୈବେଦ୍ୟ ଆକାରରେ ସମର୍ପଣ ନ କରାଯାଇଥାଏ ତାହାହେଲେ ହେ ରାଜା ! ତାହା ନ କରିଥିବା ସେବକକୁ ଉଚିତ ଦଣ୍ଡ ଦେବ ।[୧୫] ଏହି ପ୍ରଥା ଅନୁରୂପ ସକାଳ ଧୂପରେ ଶ୍ରୀଜଗନ୍ନାଥଙ୍କ ଶାଳି (ଥାଳି) ଅନ୍ନ,

---

*୧୩. ବା.ସଂ- ୮।୨୪*

*ଯତୋଽପି ଦେବସ୍ୟ ଚ ଭୋଜନସ୍ୟ ସ୍ଥାନଂ ହି ବିଦ୍ଧି କ୍ଷିତିପାଳପୂଜ୍ୟ ॥*

*ବା.ସଂ-୮।୨୯*

*ଯଦା ଭବେନ୍ନଣ୍ଡଳ ବାହ୍ୟମେବ ତସ୍ୟୋପରି ବଲ୍ଲବଭାଷଣଂ ଚ ॥*

*ପର୍ଶୁରାମ କଳ୍ପସୂତ୍ର*

*କ) ପୀଠ ନିର୍ଣ୍ଣୟ-ବିମଳା ଭୈରବୀ ସାକ୍ଷାତ୍ ଜଗନ୍ନାଥସ୍ତୁ ଭୈରବଃ*

*ଖ) ପୀଠ ନିର୍ଣ୍ଣୟ-ବିମଳା ଚ ମହାଦେବୀ ଜଗନ୍ନାଥଃ ଶ୍ରୀ ଭୈରବଃ*

*୧୪. ସଂଗୃହୀତ-ଶ୍ରୀଜଗନ୍ନାଥ ଚେତନାର ଶାସ୍ତ୍ରୀୟ ଭିତ୍ତିଭୂମି, ଶ୍ରୀମନ୍ଦିର ପ୍ରଶାସନ, ପୃ. ୧୨୨ ।*

*୧୫. ବା.ସଂ-୬।୯୨*

*ଧୂପକାଳେଽପି କର୍ତ୍ତବ୍ୟଂ ଯଦି ମୋହାନ୍ନ ତତ୍ କୃତମ୍ ।*

*ବା.ସଂ-୬।୯୩*

*ଧୂପାନନ୍ତରତୋ ଦେବି ତଦ୍ରବ୍ୟସ୍ୟ ସମର୍ପଣମ୍*

*କୃତ୍ୱା ରାଜା ସେବକେଭ୍ୟୋ ଦଣ୍ଡଂ ଦତ୍ତ୍ୱା ଚ ତାଡ଼ୟେତ୍ ॥*

CC-0. In Public Domain. Digtized by Muthulakshmi Research Academy

ଖେଚେଡି, ନୁଖୁରାଖେଚେଡି ଭଜା ଓ ଶାଗକୁ ପନ୍ତିବଡୁ ସେବକ ମା' ବିମଳାଙ୍କ ନିକଟକୁ ସମର୍ପଣ ପାଇଁ ନିଅନ୍ତି । ମଧ୍ୟାହ୍ନ ଧୂପରେ ଶ୍ରୀଜଗନ୍ନାଥଙ୍କ ଥାଳି ଅନ୍ନ ଓରିଆ ମରିଚିପାଣି, ପଖାଳ ଓ ମୁଗ, ସନ୍ଧ୍ୟା ଧୂପରେ ଥାଳିରେ ଶାକରା, ମାଠପୁଳି ଓ କଅଁଳପୁଳି ମା ବିମଳାଙ୍କୁ ସମର୍ପଣ ହୋଇଥାଏ । କିନ୍ତୁ ଶରତ୍‌କାଳୀନ ଷୋଳପୂଜା ସମୟରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମାତା ସୁଭଦ୍ରାଙ୍କ ତିନି ବାଡ଼ର ତିନି ଥାଳିଯାକ ମା ବିମଳାଙ୍କୁ ସମର୍ପଣ ନ ହୋଇ ତାଙ୍କ ନୈବେଦ୍ୟ ସହ ଷୋଡ଼ଶୋପଚାରରେ ପୁନର୍ବାର ପୂଜା ହୋଇଥାଏ ।[୧୬] ଏହି ସମୟରେ ବେଲପତ୍ରୀରେ ପୂଜା ହୁଏ । ପ୍ରତିଦିନ ସମର୍ପିତ ହେଉଥିବା ଶ୍ରୀମହାପ୍ରସାଦ ବ୍ୟତୀତ ଷୋଳପୂଜା ସମୟରେ ଅଧିକ ଭୋଗ ନିମ୍ନମତେ ମା ବିମଳାଙ୍କୁ ସମର୍ପିତ ହୁଏ । ସକାଳଧୂପ-କାନ୍ତି ୧ ସରା, ଖେଚେଡି ଫାଳେ, ମଧ୍ୟାହ୍ନ ଧୂପ-କାକରା ୫ଗୋଟି, ମାଠପୁଳି-୨, ସାନ ଆରିସା-୧, ବଡ଼ ଆରିସା-୧, ସନ୍ଧ୍ୟାଧୂପ-ବଡ଼ପଖାଳ-୧, ମାଠପୁଳି-୧, ପାରିଜାତକ-୯, ଅମାଲୁ-୨, ବଡ଼ସିଂହାର-କ୍ଷିରୀ-୧, ଟାକୁଆ-୧ ।[୧୭] କାରଣ ବାମଦେବ ସଂହିତା ୬।୧୬ ଅନୁସାରେ ବିମଳା ହେଉଛନ୍ତି ଶ୍ରୀବଳଭଦ୍ରଙ୍କର ଶକ୍ତି । ମା' ବିମଳାଙ୍କୁ ଶ୍ରୀମହାପ୍ରସାଦ ରୂପୀ ଉଚ୍ଛିଷ୍ଟ ସମର୍ପଣ ହେଉଥିବାରୁ ଏହି ପୀଠର ଅନ୍ୟନାମ ଉଚ୍ଛିଷ୍ଟ ପୀଠ ଅଟେ । ''ଉଡ୍‌ଡ଼ୀଶ ତନ୍ତ୍ର'' ପ୍ରକାରେ ଦେବୀ ସତୀଙ୍କ ଜିହ୍ୱା ଓଡ୍ର ବା ଉଡ୍ରପୀଠରେ ପଡ଼ିଥିବାରୁ ଏହି ପୀଠକୁ ଉଚ୍ଛିଷ୍ଟ ପୀଠ ବା ଜିହ୍ୱାପୀଠ କୁହାଗଲା । ରସନା ଓ ଉଚ୍ଛିଷ୍ଟକୁ ଏକ ଧରାଯାଇଛି ଏବଂ ଏହା ବିମଳା ପୀଠାରେ ନିପତିତ ହୋଇଥିଲା ବୋଲି କୁହାଯାଇଅଛି । କାରଣ ଶ୍ରୀଜଗନ୍ନାଥଙ୍କ ଶ୍ରୀମହାପ୍ରସାଦ ମା' ବିମଳାଙ୍କୁ ସମର୍ପଣ କରାଯାଇଥାଏ ଏବଂ ମା' ବିମଳାଙ୍କୁ ଉଚ୍ଛିଷ୍ଟ ଭୈରବୀ କୁହାଯାଏ । (ସଂଗୃହୀତ- ପୌରୁଷ, ଜୁନ୍ ୨୦୧୨, ପୃ- ୨୭, ଲେ- ଶ୍ରୀ ମହୀମୋହନ ତ୍ରିପାଠୀ) । ସମର୍ପଣ ହୋଇ ଫେରିବା ପରେ ଯେ ଶ୍ରୀମହାପ୍ରସାଦ ହୁଏ ଏହା ଏକ ଭ୍ରାନ୍ତଧାରଣା କିମ୍ବା ସମର୍ପଣ ହୋଇ ଆସିବା ପରେ ଉକ୍ତ ମା' ପ୍ରସାଦକୁ ରତ୍ନସିଂହାସନ ସମ୍ମୁଖରେ ଥିବା ସମସ୍ତ ନୈବେଦ୍ୟରେ ଟିକିଏ ଟିକିଏ ମିଶାଇଲେ ଶ୍ରୀମହାପ୍ରସାଦ ହୁଏ ବୋଲି ବହୁ ଲୋକଙ୍କର ଭ୍ରମଧାରଣା ରହିଅଛି । ଏ ସମ୍ବନ୍ଧରେ ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି (ସେବା ନମ୍ବର-୪୭ ପୃଷ୍ଠା ୯୪)ରେ ଲେଖାଅଛି ମହାସୁଆର ସେବକ ଭୋଗ ସରିଲେ ଭାତ, ତିଅଣ ଇତ୍ୟାଦି ସମସ୍ତ ଜିନିଷ ଭିତର ବେଢ଼ା ସେବକକୁ ଦେଇ ବିମଳାଭେଟି ତାଟ ନେଇ ଠାକୁରାଣୀଙ୍କ ନିକଟକୁ ଯାଇ ସମର୍ପଣ କରାଇବେ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗତ ତା୨୩.୧୨.୧୯୯୫ ପ୍ରଜାତନ୍ତ୍ରରେ ପ୍ରକାଶିତ ଏକ ସ୍ପଷ୍ଟୀକରଣରେ କୁହାଯାଇଅଛି ଯେ, ମା' ବିମଳାଙ୍କୁ ସମସ୍ତ ଭୋଗ ସମର୍ପଣ ପରେ ତାହା ଶ୍ରୀମହାପ୍ରସାଦ ହୁଏ ବୋଲି କୁହାଯିବା ଭ୍ରମାତ୍ମକ ଅଟେ । (ପୌରୁଷ, ଜୁନ୍ ୨୦୧୨, ପୃ-୨୭) । ଭୈରବୀଚକ୍ର

---

*୧୬. ସଂଗୃହୀତ- ଶ୍ରୀ ବିଶ୍ୱନାଥ ମହାନ୍ତି, ପନ୍ତିବଡୁ ସେବକ ।*

*୧୭. ସଂଗୃହୀତ-ଶ୍ରୀକ୍ଷେତ୍ରର ଅଜ୍ଞାତ ଅଧ୍ୟାୟ-ପଣ୍ଡିତ ହରିହର ମହାପାତ୍ର ।*

CC-0. In Public Domain. Digtized by Muthulakshmi Research Academy

ପ୍ରବର୍ତ୍ତିତ ହେଲେ ସମସ୍ତ ବର୍ଣ୍ଣ ଦ୍ୱିଜଜାତି ବା ବ୍ରାହ୍ମଣ ପରି ହୋଇଯାଆନ୍ତି ଓ ଏହି ଚକ୍ର ନିବୃତ ହେଲେ ସବୁ ବର୍ଣ୍ଣ ପୃଥକ୍ ହୁଅନ୍ତି ବୋଲି ଉଲ୍ଲେଖ ଅଛି ।[୧୮]

ମହାପ୍ରଭୁଙ୍କୁ ସମର୍ପିତ ସଙ୍ଗୁଡ଼ି ଅନ୍ନବ୍ୟଞ୍ଜନ, ଶୁଖୁଲି ମିଷ୍ଟାନ୍ନ ଏସବୁ ଶ୍ରୀମହାପ୍ରସାଦ । ଯେକୌଣସି ପ୍ରକାର ଖାଦ୍ୟଦ୍ରବ୍ୟ ଶ୍ରୀମହାପ୍ରସାଦ ନାମରେ ସ୍ପର୍ଶଦୋଷ ରହିତ ହୋଇ ସର୍ବଭାରତୀୟ ସ୍ତରରେ ସମସ୍ତ ମତ, ପନ୍ଥ, ସଂପ୍ରଦାୟଦ୍ୱାରା ଗ୍ରହଣୀୟ ହେବା ଏକ ଆଶ୍ଚର୍ଯ୍ୟକର ଘଟଣା । କାରଣ ମନୁଙ୍କର ପ୍ରବର୍ତ୍ତିତ ଜାତି, ବିଭାଗ, ଅସ୍ପୃଶ୍ୟତା, ପାତକୀ, ସଂସର୍ଗ ତ୍ୟାଗ ଏବଂ ରାଜଯୋଗ ଆଦର୍ଶର ଶୌଚ, ହିନ୍ଦୁ ସମାଜର ସାମାଜିକ ଆଚାର ରୂପେ ଗୃହୀତ ହୋଇ, ଶୌଚାଚାର ଭିତ୍ତିକ ଅସ୍ପୃଶ୍ୟତା ଜାତୀୟ ଜୀବନକୁ ନିୟନ୍ତ୍ରିତ କରୁଥିବାବେଳେ ଏହିପରି ଏକ ସ୍ପର୍ଶଦୋଷ ରହିତ ପ୍ରସାଦ, ଶ୍ରୀମହାପ୍ରସାଦ ନାମରେ ରୂଢ଼ୀବାଦୀ ଲୋକେ କାରଣାତିଶଯ୍ୟ ନଥିଲେ କୌଣସି ମତେ ଗ୍ରହଣ କରି ନ ଥାନ୍ତେ କିମ୍ବା କୌଣସି ରାଜଶକ୍ତି ତଥା ହିନ୍ଦୁ ସମାଜର ଭକ୍ତ ଏହାକୁ ପ୍ରଶ୍ରୟ ଦେଇ ନଥାନ୍ତେ । ତେଣୁ ଶ୍ରୀଜଗନ୍ନାଥଙ୍କୁ ସମର୍ପିତ ନୈବେଦ୍ୟରୂପୀ ଶ୍ରୀମହାପ୍ରସାଦତ୍ୱ ମନୁଙ୍କ ପୂର୍ବରୁ ପ୍ରଚଳିତ ହୋଇଥିବ ବୋଲି ମନେ ହୁଏ । ଶ୍ରୀଜଗନ୍ନାଥଙ୍କ ଆବିର୍ଭାବ କାଳରୁ ହିଁ ଜାତିଭେଦ ଓ ଅସ୍ପୃଶ୍ୟତାଠାରୁ ଊର୍ଦ୍ଧ୍ୱରେ । ମନୁଙ୍କର ଧର୍ମଶାସ୍ତ୍ର ପ୍ରବର୍ତ୍ତିତ ହେବା ପୂର୍ବରୁ ତନ୍ତ୍ରୋପାସନା ସର୍ବତ୍ର ପ୍ରଚଳିତ ଥିଲା । ଶ୍ରୀଜଗନ୍ନାଥ ପ୍ରଥମେ ତନ୍ତ୍ରର ନାୟିକା ମହାଶକ୍ତି ରୂପେ ପୂଜା ପାଉଥିଲେ ବୋଲି କେତେକ ଆଲୋଚକ ମତ ଦେଇଛନ୍ତି । ତେଣୁ ଏହି ଚକ୍ରରେ ନୈବେଦ୍ୟ ଗ୍ରହଣ ପାଇଁ ଜାତି ବିଚାର ପ୍ରତିବନ୍ଧକ ନୁହେଁ ।[୧୯]

## ମହାପ୍ରସାଦ ଉଚ୍ଛିଷ୍ଟ ହୁଏନାହିଁ :-

ସମାଜରେ ବିଭିନ୍ନ ବର୍ଣ୍ଣ ମଧ୍ୟରେ ଭେଦଭାବ ଭରି ରହିଥିଲେ ମଧ୍ୟ କେବଳ ଶ୍ରୀଜଗନ୍ନାଥ ଧାମରେ ହିଁ ବହୁ କାଳରୁ ଭେଦାଭେଦଶୂନ୍ୟ ପ୍ରଚଳିତ ବ୍ୟବସ୍ଥା ଏ କ୍ଷେତ୍ରରେ ବ୍ୟତିକ୍ରମ । ଏହା ଆକସ୍ମିକ ନୁହେଁ ବରଂ ଶାସ୍ତ୍ରଭିତ୍ତିକ ।

ପ୍ରାଣତୋଷିଣୀ ତନ୍ତ୍ର ଅନୁସାରେ 'ବ୍ରହ୍ମଗାୟତ୍ରୀ' ଚତୁର୍ବର୍ଗ ପ୍ରଦାୟିନୀ । ଏହାର ଆରାଧନା ସବୁକର୍ମର ଆରମ୍ଭରେ ଓ ଶେଷରେ ମଧ୍ୟ କରାଯାଇପାରେ । ଏଥିପାଇଁ ଯଜନ, ପୂଜନ, ସ୍ନାନ ଭୋଜନ କୌଣସି କାଳ ଅସିଦ୍ଧ ନୁହେଁ । ସମସ୍ତ କାର୍ଯ୍ୟକୁ ବ୍ରହ୍ମାର୍ପଣ କରିଦେଲେ ଆଉ କୌଣସି ଔପଚାରିକତାର ଆବଶ୍ୟକତା ନାହିଁ । ବ୍ରହ୍ମଗାୟତ୍ରୀ ଯେ କୌଣସି ସ୍ଥାନରେ, ଯେ କୌଣସି ସମୟରେ, ଯେ କୌଣସି ବ୍ୟକ୍ତିଦ୍ୱାରା

---

୧୮. *କୁଳାର୍ଣ୍ଣବ ତନ୍ତ୍ର*

*ପ୍ରବୃତ୍ତେ ଭୈରବୀଚକ୍ରେ ସର୍ବେବର୍ଣ୍ଣାଃଦ୍ୱିଜାତୟଃ ।*
*ନିବୃତ୍ତେ ଭୈରବୀଚକ୍ରେ ସର୍ବେ ବର୍ଣ୍ଣାଃ ପୃଥକ୍ ପୃଥକ୍ ॥*

୧୯. *ସଂଗୃହୀତ 'ନିର୍ମାଲ୍ୟ' ୧୯୮୩ ଜୁନ୍-ଜୁଲାଇ ସଂଖ୍ୟା, ମହାପ୍ରସାଦ ମାହାତ୍ମ୍ୟ, ଲେ- ଅଧ୍ୟାପକ ଶ୍ରୀ ଆଶୁତୋଷ ମିଶ୍ର ।*

CC-0. In Public Domain. Digtized by Muthulakshmi Research Academy

କରାଯାଇପାରେ । ଏଥିରୁ ମନେହୁଏ ବ୍ରହ୍ମଗାୟତ୍ରୀ ଉପାସନା ଶ୍ରୀଜଗନ୍ନାଥଙ୍କ ଉପାସନାର ଅନ୍ୟ ନାମ । ଶ୍ରୀଜଗନ୍ନାଥ ନିଜେ ପରଂବ୍ରହ୍ମ ଓ ତାଙ୍କର ଉପାସନା ବ୍ରହ୍ମ ଗାୟତ୍ରୀ ଉପାସନା । ଏଠାରେ ଭକ୍ଷାଭକ୍ଷ ଭେଦ, ଛୁଆଁଅଛୁଆଁ ଦୋଷରୁ ଉର୍ଦ୍ଧ୍ୱରେ । ଏଠାରେ ବର୍ଣ୍ଣ ବିଚାର ନାହିଁ, ଉଚ୍ଛିଷ୍ଟ ବିଚାର ନାହିଁ, ଶୌଚାଶୌଚ ନାହିଁ । ଏହା କିନ୍ତୁ ଶାସ୍ତ୍ରସମ୍ମତ ନ ହୋଇଥିଲେ ନୈଷ୍ଠିକ ବ୍ରାହ୍ମଣମାନେ ଏହାକୁ କଦାପି ଗ୍ରହଣ କରି ନଥାଆନ୍ତେ । ପ୍ରାଣତୋଷିଣୀର ନିମ୍ନୋକ୍ତ ଉକ୍ତି ହିଁ ତାହା ପ୍ରତିପାଦନ କରୁଅଛି ।

**ଭକ୍ଷ୍ୟାଭକ୍ଷ୍ୟ ବିଚାରୋଽତ୍ର ତ୍ୟାଜ୍ୟୋ ଗ୍ରାହ୍ୟୋ ନ ବିଦ୍ୟତେ ।**
**ନ କାଳଶୁଦ୍ଧିନିୟମୋ ନ ବା ସ୍ଥାନ ନିରୂପଣଂ**
**ଅଭକ୍ତୋ ବାପି ଭକ୍ତୋ ବା ସ୍ନାତୋ ବାଽସ୍ନାତ ଏବ ବା**
**ସାଧୟେତ୍ ପରମଂ ମନ୍ତ୍ର ସ୍ୱେଚ୍ଛାଚାରେଣ ସାଧକଃ ।**[୨୦]

ଶ୍ରୀମହାପ୍ରସାଦ ଭୋଜନ କରିବା ସମୟରେ ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ ଓ ଶୂଦ୍ର ସମସ୍ତେ ପଂକ୍ତିରେ ବସି ଏକାଠି ଭୋଜନ କରିବାରେ ବାରଣ ନାହିଁ । କେହି ସେଥିରେ ବାଛ ବିଚାର କଲେ ଘୋର ନର୍କଗାମୀ ହୁଏ ବୋଲି ସୌଭାଗ୍ୟମଞ୍ଜୁଷା (ବଙ୍ଗଳା) ଗ୍ରନ୍ଥରେ କୃଷ୍ଣାନନ୍ଦ ବ୍ରହ୍ମଚାରୀ (୧୩୩୩ ସାଲ, ପୃ.୬୧)ରେ ବର୍ଣ୍ଣନା କରିଛନ୍ତି । ଶ୍ରୀକ୍ଷେତ୍ରରେ କ୍ଷେତ୍ରାଧିଶ୍ୱରୀ ମା' ବିମଳା ଓ ସ୍ୱୟଂ ଶ୍ରୀଜଗନ୍ନାଥ ଭୈରବ ଭାବେ ବିଦ୍ୟମାନ ।[୨୧]

ସ୍କନ୍ଦପୁରାଣରେ ମହାପ୍ରଭୁଙ୍କ ଉଚ୍ଛିଷ୍ଟ ଭୋଜନକୁ ଅମୃତ ସ୍ଥାନ ଦିଆଯାଇଅଛି । ଉଚ୍ଛିଷ୍ଟକୁ ଶ୍ରୀମହାପ୍ରସାଦ କୁହାଯାଇଥିବାରୁ ଏହା ପାଇବାରେ ଉଚ୍ଛିଷ୍ଟ ଜ୍ଞାନ ନ ଥାଏ ବରଂ ଅମୃତ ତୁଲ୍ୟ ଜ୍ଞାନ ଥାଏ । ନିଖିଳ ଜଗତର ଆଦିକାରଣ, ସୃଷ୍ଟିସ୍ଥିତି ପ୍ରଳୟକାରିଣୀ, ବିଷ୍ଣୁପରିବେଷଣକାରିଣୀ, ଅଦ୍ୱିତୀୟା ବୈଷ୍ଣବୀ ଶକ୍ତି ଦେବୀ କମଳା ଅମୃତତୁଲ୍ୟ ଅନ୍ନ ବ୍ୟଞ୍ଜନାଦି ପାକ କରନ୍ତି ଏବଂ ଶ୍ରୀନାରାୟଣ ତାହା ଭୋଜନ କରନ୍ତି । ଭଗବାନଙ୍କର ସେହି ଉଚ୍ଛିଷ୍ଟ ଭୋଜନରେ ସମସ୍ତ ପାପ ବିଦୂରିତ ହୁଏ । ବସ୍ତୁତଃ ଏହି ଶ୍ରୀମହାପ୍ରସାଦ

---

୨୦. *ସଂଗୃହୀତ- ଶ୍ରୀ କ୍ଷେତ୍ର ଶ୍ରୀ ଜଗନ୍ନାଥ - ୧ମ ସ୍ତବକ - ଉତ୍କଳପାଠକ ସଂସଦ, ଲେ- ଶ୍ରୀ ସର୍ବେଶ୍ୱର ଶତପଥୀ, ପୃ-.୨୩୩ ।*

୨୧. *ବିମଳା ସା ମହାଦେବୀ ଜଗନ୍ନାଥସ୍ତୁ ଭୈରବଃ ॥*
*(ସଂଗୃହୀତ-ଶ୍ରୀଜଗନ୍ନାଥ ଚେତନାର ଶାସ୍ତ୍ରୀୟ ଭିତ୍ତିଭୂମି, ଶ୍ରୀମନ୍ଦିର ପ୍ରଶାସନ, ପୃ. ୧୩୪)*
*ବୃହଦ୍ ବିଷ୍ଣୁପୁରାଣ ମତରେ-*
*ନୈବେଦ୍ୟଂ ଜଗଦୀଶସ୍ୟ ଅନ୍ନପାନାଦିକଂ ଚ ଯତ୍ ।*
*ଭକ୍ଷ୍ୟାଭକ୍ଷ୍ୟବିଚାରସ୍ତୁ ନାସ୍ତି ତଦ୍‌ଭକ୍ଷଣେ ଦ୍ୱିଜ ॥*
*ଅର୍ଥାତ୍ ଶ୍ରୀଜଗନ୍ନାଥଙ୍କର ନୈବେଦ୍ୟ, ଅନ୍ନଜଳାଦି ଭକ୍ଷଣ କରିବା ସମୟରେ ଭକ୍ଷ୍ୟାଭକ୍ଷ ବିଚାର କରାଯାଏ ନାହିଁ । (ସଂଗୃହୀତ- ମୁକ୍ତିଚିନ୍ତାମଣିଃ)*

CC-0. In Public Domain. Digtized by Muthulakshmi Research Academy

ସଦୃଶ ପବିତ୍ର ବସ୍ତୁ ପୃଥିବୀରେ ଅନ୍ୟ କିଛି ନାହିଁ । ସେଥିପାଇଁ ଶ୍ରୀମହାପ୍ରସାଦ ପାଇବା ପରେ ମୁଣ୍ଡରେ ହାତ ବୋଳାଯାଇଥାଏ ।[୨୨]

ମହାପ୍ରଭୁଙ୍କୁ ନିବେଦିତ ଅନ୍ନ ପରମେଶ୍ୱର ଶ୍ରୀହରିଙ୍କ ଅପର ମୂର୍ତ୍ତି-ସ୍ୱରୂପ ହୋଇଥିବାରୁ ଭଗବାନଙ୍କର ଏହି ଉଚ୍ଛିଷ୍ଟାନ୍ନ ସମସ୍ତଙ୍କ ପାଇଁ ପବିତ୍ର ।

**ନିବେଦନୀୟମନ୍ୟାସୁ ମୂର୍ତ୍ତିଷ୍ୱୀଶସ୍ୟ ବର୍ତ୍ତତେ ।**
**ପାବନଂ ତଦପି ପ୍ରୋକ୍ତମୁଚ୍ଛିଷ୍ଟଂ ତୁ ବିମୋଚକମ୍ ॥** *(ସ୍କ.ପୁ-୩୮।୪୮)*

ତେଣୁ ଶ୍ରୀମହାପ୍ରସାଦକୁ ଯେ ଉଚ୍ଛିଷ୍ଟ ରୂପେ ବିଚାର କରେ ସେ ଘୋର ପାପରେ ଭାଗୀ ହୁଏ ।

## ଶ୍ରୀମହାପ୍ରସାଦ ଓ ମନ୍ତ୍ରରାଜ :-

'ମନ୍ତ୍ରରାଜ' ଶବ୍ଦର ପରିଭାଷା ମନ୍ତ୍ର ଉପଦେଶ ଅଧ୍ୟାୟରେ ମହର୍ଷି ଶାଣ୍ଡିଲ୍ୟ ସ୍ପଷ୍ଟ କରିଛନ୍ତି । ମନ୍ତ୍ର ଓ ଭାବ ମଧ୍ୟରେ କୌଣସି ଭେଦ ନାହିଁ ଓ ଅଭେଦତ୍ୱ ହିଁ ଭକ୍ତିର ମୂଳ ଉପାଦାନ । ଭକ୍ତିଯୁକ୍ତ ମନ୍ତ୍ରରେ ଋଷ୍ୟାଦିନ୍ୟାସ ନିୟମ ନାହିଁ । ଏହି ପ୍ରସଙ୍ଗରେ ସେ ଅଷ୍ଟାଦଶାକ୍ଷର *'କ୍ଲୀଂ କୃଷ୍ଣାୟ ଗୋବିନ୍ଦାୟ ଗୋପୀଜନ ବଲ୍ଲଭାୟ ସ୍ୱାହା' (ଶାରଦାତିଳକ)* ଶ୍ରୀ ଗୋପାଳ ମନ୍ତ୍ରକୁ 'ମନ୍ତ୍ରରାଜ' ବୋଲି ପ୍ରତିପାଦିତ କରିଛନ୍ତି । ସନାତନୀୟ ଧାରାରେ ସମସ୍ତଙ୍କ ମଧ୍ୟରେ ସବୁ ସଂପ୍ରଦାୟରେ 'ମନ୍ତ୍ରରାଜ' ଶ୍ରେଷ୍ଠ ବୋଲି ସେ ପ୍ରମାଣ କରିଛନ୍ତି । ଦେବତା ମନ୍ତ୍ରାଧୀନ । ତେଣୁ 'ମନ୍ତ୍ରରାଜ'ର ଦେବତା ହେଉଛନ୍ତି ଶ୍ରୀପୁରୁଷୋତ୍ତମ ।

*ପ୍ରଜାପତି ଋଷିସ୍ତସ୍ୟ ଗାୟତ୍ରୀଛନ୍ଦ ଇଷ୍ୟତେ, ଏତସ୍ୟ ମନ୍ତ୍ରରାଜସ୍ୟ ଦେବତା* ପୁରୁଷୋତ୍ତମଃ (ଶା.ସଂ-୪।୯।୧୯) । ଅତଏବ ମନ୍ତ୍ରରାଜ 'ଗୋପାଳମନ୍ତ୍ର'ର ଦେବତା ହେଉଛନ୍ତି ଶ୍ରୀପୁରୁଷୋତ୍ତମ । ଦୀର୍ଘ ୧୫ ଶହ ବର୍ଷ ଧରି 'ମନ୍ତ୍ରରାଜ'ର ପ୍ରୟୋଗ ଉପାସନାରେ ଅବିଚ୍ଛିନ୍ନ ଭାବରେ ପ୍ରଚଳିତ ରହିବା ମହର୍ଷି ଶାଣ୍ଡିଲ୍ୟଙ୍କର ପ୍ରତିପାଦିତ ଗୂଢ଼ତତ୍ତ୍ୱକୁ ଦୃଢ଼ୀଭୂତ କରୁଅଛି । ଶ୍ରୀପୁରୁଷୋତ୍ତମ ଚେତନା ଶ୍ରୀଜଗନ୍ନାଥ ଚେତନାରେ ରୂପାନ୍ତରିତ ହୋଇଅଛି । ଭାରତର ବୈଷ୍ଣବ ପରମ୍ପରାରେ ସମସ୍ତ ଧାରା 'ମନ୍ତ୍ରରାଜ'କୁ ଗ୍ରହଣ କରିଥିବାରୁ ଶ୍ରୀଜଗନ୍ନାଥ ସମସ୍ତ ଧାରା ବା ସଂପ୍ରଦାୟର ଇଷ୍ଟ ହୋଇଛନ୍ତି ।[୨୩]

---

*୨୨. ସ୍କ.ପୁ-୩୮।୨-୪*
*ସମସ୍ତଜଗତାଂ ଯା ଶ୍ରୀଃ ସୃଷ୍ଟିସ୍ଥିତିବିନାଶକୃତ୍*
*ବୈଷ୍ଣବୀ ଶକ୍ତିରତୁଳା ପରିବେଷଣକାରିଣୀ*
*ସୁଧୋପମଂ ସୁପକ୍ୱାନ୍ନଂ ଭୁଙ୍କ୍ତେ ନାରାୟଣଃ ପ୍ରଭୁଃ ।*
*ତଦୁଚ୍ଛିଷ୍ଟୋପଭୋଗୋ ହି ସର୍ବାଘକ୍ଷୟକାରକଃ*
*ନ ତାଦୃଶସମଂ ପୁଣ୍ୟଂ ବସ୍ତୁସ୍ତି ପୃଥିବୀ ତଳେ ॥*

*୨୩. ସଂଗୃହୀତ ଶ୍ରୀଜଗନ୍ନାଥ ଚେତନା-ସଂହତିର ସ୍ୱରଲିପି, ଲେ-ଡକ୍ଟର ସ୍ୱରେନ୍ଦ୍ର ମିଶ୍ର, ପୃ.୪୪ ।*

CC-0. In Public Domain. Digtized by Muthulakshmi Research Academy

ତେଣୁ 'ମନ୍ତ୍ରରାଜ' ଗୋପାଳମନ୍ତ୍ର ପ୍ରୟୋଗ ଦ୍ୱାରା ଶ୍ରୀମହାପ୍ରସାଦ ସମସ୍ତ ବର୍ଣ୍ଣ, ଜାତିଙ୍କ ଦ୍ୱାରା ମଧ୍ୟ ଗ୍ରହଣୀୟ ହୋଇଅଛି ବୋଲି କୁହାଯାଇପାରେ ।

ବାମଦେବ ସଂହିତା ୧୧।୪୦-୪୧ ଓ ନୀଳାଦ୍ରି ମହୋଦୟ ୭।୧୮-୨୦ ଅନୁସାରେ ଶ୍ରୀବଳଭଦ୍ରଙ୍କୁ ଦ୍ୱାଦଶାକ୍ଷର *'ଓଁ ନମୋ ଭଗବତେ ବାସୁଦେବାୟ'* ଦେବୀ ସୁଭଦ୍ରାଙ୍କୁ ଭୁବନେଶ୍ୱରୀ ଏକାକ୍ଷରୀ ମନ୍ତ୍ର ଯଥା *'ହ୍ରୀଂ'* ଓ ସୁଦର୍ଶନଙ୍କୁ ସପ୍ତାକ୍ଷରୀ ମନ୍ତ୍ର *'ହୁଂ ଫୁଟ୍ ଚକ୍ରାୟ ନମଃ'* ଲକ୍ଷ୍ମୀଙ୍କୁ ଏକାକ୍ଷରୀ *'ଶ୍ରୀ'* ମନ୍ତ୍ରରେ ପୂଜା କରାଯାଏ ।[୨୪]

ଶ୍ରୀଜଗନ୍ନାଥ ମନ୍ଦିରରେ ପଞ୍ଚଦେବ ପୂଜନ ଏକତ୍ର ହେଉଥିବାରୁ ଏହା ସର୍ବସଂପ୍ରଦାୟ ସମ୍ମତ ପୀଠ ଅଟେ । ଶୈବ, ଶାକ୍ତ, ବୈଷ୍ଣବ, ସୌର, ଗାଣପତ୍ୟ ସକଳ ସଂପ୍ରଦାୟର ସ୍ରୋତ ଯାଇ ସମ୍ମିଳିତ ହୋଇଛି ସେହି ପରଂବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ପାଖରେ, ସେହି କାରଣରୁ ଶ୍ରୀଜଗନ୍ନାଥଙ୍କ ନୈବେଦ୍ୟ ସାଂପ୍ରଦାୟିକ ସଂକୀର୍ଣ୍ଣତାରୁ ଉର୍ଦ୍ଧ୍ୱ କୁ ଯାଇ ଶ୍ରୀମହାପ୍ରସାଦ ରୂପେ ସର୍ବଜନ ଆଦୃତ ହୋଇପାରିଛି ।

ଉପର୍ଯ୍ୟୁକ୍ତ ଶାସ୍ତ୍ରୀୟ ବ୍ୟବସ୍ଥା ମତେ ଶ୍ରୀମହାପ୍ରସାଦ ଭୋଜନରେ ଭକ୍ଷାଭକ୍ଷ ଓ ଜାତିଭେଦ ବ୍ୟବସ୍ଥା ନାହିଁ । ତାହା ଯଦି ଥାଆନ୍ତା, ତାହାହେଲେ ମହାପ୍ରଭୁଙ୍କର ସମସ୍ତ ଜୀବମାନଙ୍କୁ ଶ୍ରୀମହାପ୍ରସାଦ ମାଧ୍ୟମରେ ମୁକ୍ତି ଦେବାର ବିଧାନ ବାଧାପ୍ରାପ୍ତ ହୋଇଥାଆନ୍ତା । ଅନ୍ୟାନ୍ୟ ମନ୍ଦିରରେ ଥିବା ପ୍ରସାଦ ଭୋଜନ ସମୟରେ ଏହି ବିରାଟ ଶାସ୍ତ୍ରୀୟ ବିଧିବ୍ୟବସ୍ଥା ଓ ପରମ୍ପରା ପ୍ରଚଳିତ ନଥିବାରୁ ଠାକୁରଙ୍କୁ ସମର୍ପିତ ନୈବେଦ୍ୟ କେବଳ ପ୍ରସାଦ ପଦବାଚ୍ୟ ସିନା ଶ୍ରୀମହାପ୍ରସାଦ ନୁହେଁ । ଶ୍ରୀଜଗନ୍ନାଥ ମନ୍ଦିରରେ ଭୋଗ ବ୍ୟବସ୍ଥାରେ 'ଅନ୍ନବ୍ରହ୍ମ'ର ସଫଳ ରୂପାୟନ ହୋଇଅଛି । ଅନ୍ନ ପ୍ରସାଦର ଷଡ଼ଙ୍ଗ ସଂସ୍କାର ପରେ ଅନ୍ନତ୍ୱର ବିଲୋପ ଘଟି ବ୍ରହ୍ମତ୍ୱ (ଚିନ୍ମୟ ଶକ୍ତିଯୁକ୍ତ) ଆରୋପିତ ହୋଇ ଶ୍ରୀମହାପ୍ରସାଦରେ ପରିଣତ ହୁଏ ଯାହାକି ଅନ୍ୟ କୁତ୍ରାପି ହୁଏନାହିଁ ।

**ଷଡ଼ଙ୍ଗ ସଂସ୍କାର :-**

ଷଡ଼ଙ୍ଗ ସଂସ୍କାର ବିଷୟ ବିଚାର କରିବାବେଳେ ନିମ୍ନୋକ୍ତ ଶ୍ଳୋକଟିକୁ ଅନୁଧ୍ୟାନ କରିବାକୁ ହେବ ।

**ଯଜ୍ଞାଗ୍ନୌ ପାଚିତଞ୍ଚୈବ ଯନ୍ତ୍ରରାଜେନ ନ୍ୟାସିତଂ ।**
**ପୁଟିତଂ ମନ୍ତ୍ରରାଜେନ ଗୋବିନ୍ଦେନ ନିବେଦିତମ୍ ॥**

---

୨୪. *ବା.ସଂ-୧୧।୪୦-୪୧*
*ଦ୍ୱାଦଶାକ୍ଷରମନ୍ତ୍ରେଣ ସୀରପାଣେଶ୍ଚ ବୀକ୍ଷଣମ୍ ।*
*ଦଶାକ୍ଷରେଣ ଗୋପାଳମନ୍ତ୍ରେଣ ଜଗଦୀଶିତୁଃ*
*ମନ୍ତ୍ରେଣ ଭୁବନେଶ୍ୱର୍ଯ୍ୟାଃ ଭଦ୍ରାୟାଃ ବୀକ୍ଷଣାଦିକମ୍*
*ସୌଦର୍ଶନେନ ମନ୍ତ୍ରେଣ ଚକ୍ରସ୍ୟ ପରିକୀର୍ତ୍ତିତମ୍ ॥*

CC-0. In Public Domain. Digtized by Muthulakshmi Research Academy

ଅର୍ଥାତ୍ ବେଦ ବିହିତ ଯଜ୍ଞାଗ୍ନିରେ ପାକ ହୋଇ ଯନ୍ତ୍ରରାଜ ଶ୍ରୀଯନ୍ତ୍ର ଉପରେ ପରିବେଷଣ କରାଯିବାପରେ ମନ୍ତ୍ରରାଜ ମନ୍ତ୍ରରେ ସଂସ୍କାର ହୋଇ ମହାପ୍ରଭୁଙ୍କୁ ଅର୍ପିତ ନୈବେଦ୍ୟ ହିଁ ଶ୍ରୀମହାପ୍ରସାଦ ହୁଏ ।

ଷଡ଼ଙ୍ଗ ସଂସ୍କାର ହେଉଛି ମାତା ମହାଲକ୍ଷ୍ମୀଙ୍କ ଦ୍ୱାରା ବୈଷ୍ଣବାଗ୍ନିରେ ରନ୍ଧନ । ଏହି ବୈଷ୍ଣବାଗ୍ନି ସ୍ଥାପନ ପୂର୍ବରୁ ବାମଦେବ ସଂହିତା ଅନୁସାରେ ପ୍ରଥମେ ଆଚାର୍ଯ୍ୟ ବିଘ୍ନବିନାଶନ ଗଣନାଥଙ୍କୁ ଆବାହନ କରି ଜଗତମାତା ମହାଲକ୍ଷ୍ମୀଙ୍କୁ ଶ୍ରୀଜଗନ୍ନାଥଙ୍କ ପାଇଁ ରନ୍ଧନ ପାଇଁ ପ୍ରାର୍ଥନା କରିବେ ।[୨୫]

ପାକଶାଳାରେ ଉତ୍ପନ୍ନ ହେଉଥିବା ସମସ୍ତ ଦୋଷ ବୈଷ୍ଣବାଗ୍ନିରେ ହିଁ ଆହୁତି ମାତ୍ରକେ ନାଶ ହୋଇଥାଏ ।

ଅସ୍ମିନ୍‌ସ୍ଥଳେ ଚ ଯୋ ଦୋଷୋ ବୈଷ୍ଣବାଗ୍ନୌ ସ ନଶ୍ୟତି ।(ବା.ସଂ-୯।୧୬)

ଏହି ପାକଶାଳାରେ ବୈଷ୍ଣବାଗ୍ନିର ରକ୍ଷକ ରୂପେ ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ଅନୁସାରେ ପ୍ଲଟ ନମ୍ବର ୧୧୬ରେ ଅଗ୍ନେଶ୍ୱର ମହାଦେବ ଅବସ୍ଥିତ ଅଛନ୍ତି ।

ତିନୋଟି ଯନ୍ତ୍ର ଯଥା ଶ୍ରୀବଳଭଦ୍ର, ମାତା ସୁଭଦ୍ରା ଓ ଶ୍ରୀଜଗନ୍ନାଥ ଯଥାକ୍ରମେ ତାରାଯନ୍ତ୍ର, ଭୁବନେଶ୍ୱରୀ ଯନ୍ତ୍ର ଓ କାଳୀ ଯନ୍ତ୍ରଯୁକ୍ତ ରତ୍ନସିଂହାସନ ଓ ତଳେ ଶ୍ରୀଯନ୍ତ୍ର ରୂପକ ଠାଆ ମୁରୁଜ (ମଣ୍ଡଳ)ରେ ନୈବେଦ୍ୟ ନିମନ୍ତେ ସୁବର୍ଣ୍ଣ, ରୌପ୍ୟ, ତାମ୍ର ବା ପିତଳ ପାତ୍ରରେ ପରିବେଷଣ, ଷୋଡ଼ଶୋପଚାର ବିଧିରେ ମନ୍ତ୍ରରାଜି ବା ଦ୍ୱିବିଂଶାକ୍ଷରୀ ନୃସିଂହ ତାପନୀୟ ପାତାଳ ନୃସିଂହ ମନ୍ତ୍ରରେ ପ୍ରେକ୍ଷିତ, ଜଗତ୍‌ପତିଙ୍କର ମନ୍ତ୍ରରାଜ ଅଷ୍ଟାଦଶାକ୍ଷର ଗୋପାଳ ମନ୍ତ୍ରରେ, ଶ୍ରୀବଳଭଦ୍ରଙ୍କର ପୂଜା ଶ୍ରୀବାସୁଦେବ ମନ୍ତ୍ରରେ, ମାତା ସୁଭଦ୍ରାଙ୍କର ପୂଜା ଭୁବନେଶ୍ୱରୀ ମନ୍ତ୍ରରେ ଓ ଶ୍ରୀସୁଦର୍ଶନଙ୍କର ସପ୍ତାକ୍ଷରୀ ମନ୍ତ୍ରରେ 'ଓଁ ସହସ୍ରାହୁଂ ଫଟ୍' ପୂଜା ନିବେଦିତ ହୋଇଥାଏ । ଭୈରବୀଚକ୍ରର ଉଚ୍ଛିଷ୍ଟ ଭୈରବୀ ମାତା ବିମଳାଙ୍କୁ ସମର୍ପଣ, ବୈଷ୍ଣବମାନଙ୍କୁ ସାତ୍ତ୍ୱିକ ଅନ୍ନବଳି ପ୍ରଦାନ ଯଥା-

**ବଳିବିଭୀଷଣୋଭୀଷ୍ମକପିଳୋ ନାରଦୋଽର୍ଜୁନଃ**
**ପ୍ରହ୍ଲାଦଶ୍ଚମ୍ବରୀଷଶ୍ଚ ବସୁର୍ବାୟୁସୁତଶୁକଃ**
**ବିଶ୍ୱକ୍‌ସେନୋ ଧ୍ରୁବକ୍ରୁରୋ ସନକାଦ୍ୟା ମହର୍ଷୟଃ**
**ପ୍ରସାଦଂ ବାସୁଦେବସ୍ୟ ସର୍ବେଗୃହ୍ଣନ୍ତୁ ବୈଷ୍ଣବାଃ**

*(ଇତି ଦତ୍ତ୍ୱା ପୂଜକଃ ସ୍ୱୟଂ ନିର୍ମାଲ୍ୟଂ ଶିରସି ଧାରୟେତ୍)*

ଏହି ଷଡ଼ଙ୍ଗ ସଂସ୍କାରରେ ଉପର୍ଯ୍ୟୁକ୍ତ ପ୍ରକ୍ରିୟାର ପ୍ରତ୍ୟେକର ଶାସ୍ତ୍ରୀୟ ମହତ୍ତ୍ୱ ଓ ବୈଶିଷ୍ଟ୍ୟ ରହିଅଛି । ଶ୍ରୀଯନ୍ତ୍ର କାରିକାରେ ଶ୍ରୀଚକ୍ର ବା ତ୍ରିପୁର ଭୈରବୀ ଯନ୍ତ୍ର ସଂପର୍କରେ ଆସିଲେ ଚାଣ୍ଡାଳ ମଧ୍ୟ ଦ୍ୱିଜତ୍ୱ ପ୍ରାପ୍ତ ହୋଇଥାଆନ୍ତି । ସେହି ମନ୍ତ୍ର ଉପରେ ପରିବେଷଣ

୨୫. କମଳେ ସିନ୍ଧୁଜେ ଦେବି ନୀଳାଚଳନିବାସିନଃ ।
ପ୍ରସାଦଂ ପ୍ରାପ୍ତୁମିଚ୍ଛାମି ଭବତ୍ୟା ଭକ୍ତବତ୍ସଳେ ॥ (ବା.ସଂ-୧।୬)

CC-0. In Public Domain. Digitized by Muthulakshmi Research Academy

ଏଠାରେ ଅନ୍ନ ହିଁ ବ୍ରହ୍ମ ''ଦ୍ୱାବିଂଶାକ୍ଷରୀ'' ମନ୍ତ୍ରରାଜ ଅଭିମନ୍ତ୍ରିତ ନୃସିଂହ ତାପନୀ ଉପନିଷଦାଦି ଗ୍ରନ୍ଥର ଅଭିମତ ଯେ, ଜଳରେ ଅଭିସିଞ୍ଚନ ଦ୍ୱାରା ଦ୍ରବ୍ୟ, ଶୁଦ୍ଧି ହୋଇ କୈବଲ୍ୟତ୍ୱ ପ୍ରାପ୍ତ ହୁଏ ।[୨୬] ତିନିଜଣ ପୂଜାପଣ୍ଡାଙ୍କ ମଧ୍ୟରୁ ଜଣେ ଶ୍ରୀବଳଭଦ୍ରଙ୍କର, ଜଣେ ମା' ସୁଭଦ୍ରାଙ୍କର ଓ ଅନ୍ୟ ଜଣେ ଶ୍ରୀଜଗନ୍ନାଥ, ଶ୍ରୀସୁଦର୍ଶନ, ମାତା ଶ୍ରୀଦେବୀ, ଭୂଦେବୀ ଓ ଶ୍ରୀମାଧବଙ୍କୁ ନୈବେଦ୍ୟ ସମର୍ପଣ କରିଥାନ୍ତି ।

ଶ୍ରୀଜଗନ୍ନାଥ ମନ୍ଦିରରେ ରନ୍ଧନ ପ୍ରକ୍ରିୟାରେ ସଂପୂର୍ଣ୍ଣ ରୂପେ ତାନ୍ତ୍ରିକତାର ପ୍ରଭାବ ପରିଲକ୍ଷିତ ହୁଏ । ସେ ସଂପର୍କରେ ଚତୁର୍ଥ ପରିଚ୍ଛେଦରେ ଉଲ୍ଲେଖ ଅଛି । ସେହି ପଦ୍ଧତି ଅନ୍ୟ କୌଣସି ମନ୍ଦିରରେ ପରିଲକ୍ଷିତ ହୁଏନାହିଁ ।

ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଥିବା ଅନ୍ନଯଜ୍ଞର ସନାତନୀୟ ଭିତ୍ତିଭୂମି ବହୁ ପ୍ରାଚୀନ ଶାସ୍ତ୍ରସମ୍ମତ ଅଟେ । 'ବେଦାନ୍ ଅନୁସରତି ଇତି ସ୍ମୃତିଃ' । ତେଣୁ ବୈଦିକ ବିଧି ବ୍ୟବସ୍ଥା ଅନୁସାରେ 'ନୀଳାଦ୍ରି ମହୋଦୟ' ପ୍ରାଚୀନ ସମୟରୁ ଶ୍ରୀଜଗନ୍ନାଥ ମନ୍ଦିରରେ ସ୍ମୃତିଶାସ୍ତ୍ର ଭାବରେ ପ୍ରଚଳିତ । ଏହା ବ୍ୟତିରେକେ ଶ୍ରୀଜଗନ୍ନାଥଙ୍କ ଉପାସନାର କଳ୍ପନା ମଧ୍ୟ କରାଯାଇପାରେନା । ଏହାର ପ୍ରଣୟନ ସମୟ ସମ୍ବନ୍ଧରେ ଗବେଷକମାନଙ୍କର ଭିନ୍ନ ଭିନ୍ନ ମତ ଥିଲେ ମଧ୍ୟ ପ୍ରଫେସର ଡକ୍ଟର ଗୋପୀନାଥ ମହାପାତ୍ରଙ୍କ ମତରେ ଏହାର ରଚନାକାଳ ୧୫ଶ ବା ୧୬ଶ ଶତାବ୍ଦୀ । ସେହିପରି ବାମଦେବ ସଂହିତା ଷୋଡ଼ଶ ଶତକର ଅନ୍ତିମାର୍ଦ୍ଧରେ ପ୍ରଣୟନ ହୋଇଥିବା ଗ୍ରନ୍ଥ । ଯେଉଁଥିରେ କି ଅଷ୍ଟମ ଅଧ୍ୟାୟ ଓ 'ନୀଳାଦ୍ରି ମହୋଦୟ' ଗ୍ରନ୍ଥରେ ଶ୍ରୀଜଗନ୍ନାଥଙ୍କ ଉପାସନା ସମ୍ବନ୍ଧରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଅଛି । ସେହି ଶାସ୍ତ୍ର ଆଧାରରେ ଶ୍ରୀମନ୍ଦିରରେ ଉପାସନା ସମ୍ବନ୍ଧୀୟ ବିଧି ବ୍ୟବସ୍ଥା ଅଦ୍ୟାବଧି ପ୍ରଚଳିତ । ସେହି ଗ୍ରନ୍ଥର ସପ୍ତମ ଓ ଅଷ୍ଟମ ଅଧ୍ୟାୟରେ ମହାପ୍ରଭୁଙ୍କ ଦୈନନ୍ଦିନ, ରୋଷହୋମ, ବୈଷ୍ଣବାଗ୍ନି ସ୍ଥାପନ, ରନ୍ଧନ କାର୍ଯ୍ୟ, ବାଳଭୋଗ (ନୈବେଦ୍ୟ), ସକାଳ ଧୂପ, ଭୋଗମଣ୍ଡପ, ମଧ୍ୟାହ୍ନଧୂପ, ସଂଧ୍ୟାଧୂପ, ବଡ଼ସିଂହାର ଭୋଗରେ ମଣୋହି ହେଉଥିବା ନୈବେଦ୍ୟର ଆକାର, ପ୍ରକାର ଓ ଦ୍ରବ୍ୟ ଆଦି ବିଷୟରେ ବିସ୍ତୃତ ବର୍ଣ୍ଣନା କରାଯାଇଅଛି । ପାକ କାଳରେ କେଉଁ କେଉଁ ବିଷୟ ପ୍ରତି କି ଭଳି ସତର୍କ ରହି ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ମା ମହାଲକ୍ଷ୍ମୀ ରନ୍ଧନ କରୁଛନ୍ତି ଓ ସମସ୍ତ କାର୍ଯ୍ୟ ତଦାରଖ କରୁଛନ୍ତି ଏହି କଥା ସ୍ମରଣ କରି ଅତ୍ୟନ୍ତ ସନ୍ତର୍ପଣ ଓ ସମର୍ପଣ ଭାବରେ ରନ୍ଧନ କାର୍ଯ୍ୟ କରାଯିବ ବୋଲି ଉଲ୍ଲେଖ ରହିଅଛି । ରନ୍ଧନ ପରେ ମଣୋହିକୁ ନୈବେଦ୍ୟ ନେବା ସମୟରେ ପୁନଃ ସନ୍ତର୍ପଣରେ ମୁଖ ବନ୍ଧନ କରି ସୂପକାରମାନେ ତାହା ନେଇ ଯତ୍ନରେ ରଖିବା କଥା ବାମଦେବ ସଂହିତା (୮।୭)ରେ ଲେଖାଅଛି । ଏହି ସମୟରେ ମୁହଁ ବାନ୍ଧିବାକୁ ଶ୍ରୀମନ୍ଦିରରେ ବାଘମୁହାଁ କୁହାଯାଏ ।

---

*୨୬. ସଂଗୃହୀତ 'ନିର୍ମାଲ୍ୟ' ୧୯୯୦-୯୧ ଡିସେମ୍ବର-ମାର୍ଚ୍ଚ ସଂଖ୍ୟା, ଶ୍ରୀମନ୍ଦିରର ମହାପ୍ରସାଦ ଏକ ଦୃଷ୍ଟିପାତ, ଲେ-ଶ୍ରୀ ଶରତ ଚନ୍ଦ୍ର ମହାପାତ୍ର, ପୃ.୫୮ ।*

CC-0. In Public Domain. Digtized by Muthulakshmi Research Academy

କେତେକ ଆଲୋଚକଙ୍କ ମତରେ ଆମର ମଧ୍ୟଯୁଗୀୟ କବି ଦିବାକର ଦାସଙ୍କ 'ଜଗନ୍ନାଥ ଚରିତାମୃତ' କାବ୍ୟରେ ଶ୍ରୀମହାପ୍ରସାଦ ହେବା ରୀତି ସମ୍ବନ୍ଧରେ ଅନ୍ୟ ଗୋଟିଏ ତଥ୍ୟର ଅବତାରଣା ଦେଖିବାକୁ ମିଳେ ।

ଯେ ଦ୍ରବ୍ୟ ଅମଣେହା ହେବ । ତା ବଳଦେବ ସମର୍ପିବ ॥
ସେ ଦେବ ସୁଭଦ୍ରାଙ୍କ ପାଖେ । ସେ ଦେବ ଜଗନ୍ନାଥ ମୁଖେ ॥
ଏଭାବେ ପ୍ରଭୁଙ୍କ ଆସ୍ୱାଦ । ଶେଷେ ହୁଏ ମହାପ୍ରସାଦ ॥

*(୪ର୍ଥ ଅଧ୍ୟାୟ)*

ଭକ୍ତମାନଙ୍କ ଅମୋଣିହା ଭୋଗ, ଫଳ, ମୂଳ, ଶୁଖିଲି ପ୍ରସାଦକୁ ନାଟ ମନ୍ଦିର ଉତ୍ତରପାର୍ଶ୍ୱରେ ଗରୁଡ଼ ଖମ୍ବ ସମ୍ମୁଖ ଭାଗରେ ଜଣେ ପୂଜାପଣ୍ଡା ବସି ସର୍ପାମଣୋହି ଭୋଗ କରୁଥାଆନ୍ତି । ଏହି ଖମ୍ବ ମୂଳରେ ଠିଆ ହୋଇ ରନ୍‌ସିଂହାସନ ଆଡ଼କୁ ଦେଖିଲେ କେବଳ ବଡ଼ଠାକୁର ହିଁ ଦୃଶ୍ୟମାନ ହୋଇଥାଆନ୍ତି ଓ ତାହାଙ୍କୁ ହିଁ ସର୍ପାମଣୋହି ଭୋଗ ସମର୍ପଣ ହୋଇ ଥାଏ । 'ଜଗନ୍ନାଥ ଚରିତାମୃତ' ଗ୍ରନ୍ଥ ଅନୁସାରେ ସାର୍ବଭୌମ ଭଟ୍ଟାଚାର୍ଯ୍ୟ ଓ ଶ୍ରୀ ଚୈତନ୍ୟଦେବଙ୍କ କଥୋପକଥନରେ ଏହା ହିଁ କୁହାଯାଇଅଛି ଯେ, ଅମୋଣିହା ପଦାର୍ଥ ପ୍ରଥମେ ଶ୍ରୀବଳଭଦ୍ରଙ୍କୁ ଦେଲେ ସେ ଦେବୀ ସୁଭଦ୍ରାଙ୍କୁ ଓ ପରେ ଦେବୀ ଶ୍ରୀଜଗନ୍ନାଥଙ୍କୁ ଦେଇଥାଆନ୍ତି ।[୨୭]

## ଶ୍ରୀମହାପ୍ରସାଦ ପ୍ରଚଳନର କାଳ ନିର୍ଣ୍ଣୟ :-

ଶ୍ରୀମନ୍ଦିରରେ ଶ୍ରୀମହାପ୍ରସାଦ ପ୍ରଚଳନ କେବେଠାରୁ ହେଲା ସେ ସମ୍ବନ୍ଧରେ ଆଲୋଚନା କଲେ ଆମକୁ ବିଭିନ୍ନ ପୁରାଣ, ତନ୍ତ୍ରଗ୍ରନ୍ଥ ଓ ମାଦାଳାପାଞ୍ଜି ଉପରେ ନିର୍ଭର କରିବାକୁ ହେବ । ବିଭିନ୍ନ ପୁରାଣ ଓ ତନ୍ତ୍ରଗ୍ରନ୍ଥମାନଙ୍କରେ ଶ୍ରୀମହାପ୍ରସାଦର ମାହାତ୍ମ୍ୟ ଉପରେ ମହତ୍ତ୍ୱ ଦିଆଯାଇଅଛି । କିନ୍ତୁ ମାଦଳାପାଞ୍ଜିରେ ଶ୍ରୀମହାପ୍ରସାଦ ପ୍ରଚଳନର ସମୟର ଏକ ମୋଟାମୋଟି ଆକଳନ କରାଯାଇପାରୁଛି । ଯଦ୍ୟପି ଉକ୍ତ ଆକଳନ ସମ୍ବନ୍ଧରେ ଆହୁରି ଗବେଷଣା କରିବାର ଆବଶ୍ୟକତା ରହିଅଛି । ଯେ ପର୍ଯ୍ୟନ୍ତ ଗବେଷକମାନେ ଆହୁରି ଅଧିକ ଗବେଷଣା କରି ନୂତନ ତଥ୍ୟ ଉନ୍ମୋଚିତ କରିନାହାନ୍ତି ସେ ପର୍ଯ୍ୟନ୍ତ ଉପଲବ୍ଧ ତଥ୍ୟକୁ ହିଁ ଗ୍ରହଣ କରିବାକୁ ପଡ଼ିବ ।

ମାଦଳାପାଞ୍ଜିକୁ ଅନୁଧ୍ୟାନ କଲେ ଜଣାଯାଏ ଗଜପତି ନରସିଂହ ଦେବ ଖ୍ରୀ.୧୬୨୧ ରୁ ୧୬୪୭ ମାଣିତିରି ଗଡ଼ରୁ ବ୍ରହ୍ମଙ୍କୁ ଆଣି ବନ୍ଦ ହୋଇଥିବା ସଙ୍କୁଡ଼ି ଭୋଗ ମଣୋହି ପୁନଃ ପ୍ରଚଳନ କରାଇଥିଲେ । ମାଦଳାପାଞ୍ଜିରେ ଉଲ୍ଲେଖ ଥିବା ମତେ ବିଧର୍ମୀଙ୍କ ଶ୍ରୀମନ୍ଦିର ଆକ୍ରମଣ ସମୟରେ ମହାପ୍ରଭୁ ଲୁଚକାଳି ଖେଳ କଳାଭଳି ଭକ୍ତମାନଙ୍କ ପାଖକୁ କେତେକ ସ୍ଥାନକୁ ଅସ୍ଥାୟୀ ଭାବରେ ଲୀଳା କରିବା ପାଇଁ ଯାଇଥିଲେ ।

*୨୭. ସଂଗୃହୀତ ଉତ୍କଳପ୍ରସଙ୍ଗ ୨୦୦୮ ଜୁଲାଇ, ମହାପ୍ରସାଦ - ଶ୍ରୀ ଲାଲମୋହନ ପଟ୍ଟନାୟକ ।*

CC-0. In Public Domain. Digtized by Muthulakshmi Research Academy

ସେହି ସ୍ଥାନମାନଙ୍କରେ କେତେକ ସ୍ଥାନରେ ମହାପ୍ରଭୁଙ୍କୁ ନିସଙ୍ଗୁଡ଼ି ଭୋଗ (ଶିତଳ ମଣୋହି) ହେଉଥିବା ବେଳେ କେତେକ ସ୍ଥାନରେ ସଙ୍ଗୁଡ଼ି ଭୋଗ ମଧ୍ୟ ହେଉଥିଲା । ଏହାଙ୍କ ପୂର୍ବରୁ ଭୋଇ ବଂଶ ରାଜା ରାମଚନ୍ଦ୍ର ଦେବ ଖ୍ରୀ.୧୫୬୮-୧୬୦୦ ସେବକମାନଙ୍କୁ ଘେନି ସଙ୍ଗୁଡ଼ି ଭୋଗ ମଣୋହି କରାଇଥିଲେ । ରାଜା ମୁକୁନ୍ଦଦେବଙ୍କ ସମୟରେ କଳାପାହାଡ଼ ଆକ୍ରମଣ କାରଣରୁ ଶ୍ରୀମନ୍ଦିରରେ ସଙ୍ଗୁଡ଼ି ଭୋଗ ବନ୍ଦଥିଲା । କେବଳ ନିସଙ୍ଗୁଡ଼ି ଭୋଗ ହେଉଥିଲା । ଆଉ ଟିକିଏ ପଛକୁ ଫେରିଲେ ନିଶଙ୍କ ଭାନୁଦେବ ଖ୍ରୀ.୧୩୩୭-୧୩୬୧ଙ୍କ ସମୟରେ ମହାପ୍ରଭୁଙ୍କ ଫୁଲକୁ ଶ୍ରୀମହାପ୍ରସାଦ ରୂପେ ଗ୍ରହଣ କରାଯିବା କଥା ମାଦଳାପାଞ୍ଜିରେ ଉଲ୍ଲେଖ ଅଛି ଯେ, 'ଫୁଲ ମହାପ୍ରସାଦ ପରମେଶ୍ୱରଙ୍କ ଲାଗିରେ ନଥିଲା ।'

ଏହାଙ୍କ ପୂର୍ବରୁ ଅନଙ୍ଗଭୀମ ଦେବ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ଭୈରବ ମୂର୍ତ୍ତି ସ୍ଥାପନ କରିଥିଲେ ଓ ଭୈରବ ମନ୍ତ୍ରରେ ଶ୍ରୀଜଗନ୍ନାଥଙ୍କୁ ପୂଜା କରୁଥିଲେ । ୨ୟ ପାଞ୍ଜିରେ ଉଲ୍ଲେଖ ଅଛି 'ମହାପ୍ରଭୁଙ୍କୁ ରନ୍ନସିଂହାସନରେ ବିଜେ କରାଇଲା ଉତ୍ତାରୁ ୮୪ ମଢଫୁଲି ସଙ୍ଗୁଡ଼ି ଭୋଗ ହେଲା' । ପଣ୍ଡିତ କୃପାସିନ୍ଧୁ ମିଶ୍ର ଉଲ୍ଲେଖ କରିଛନ୍ତି ଅନଙ୍ଗ ଭୀମ ଦେବ ୧୧୮୯-୧୨୨୩ ଯଯାତିଙ୍କ ସମୟରେ ଯାହାଥିଲା ତାହା ଉପରେ ଅଧିକ ଭୋଗ ବଢ଼ାଇଥିଲେ ।

ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ମତରେ ଜଗନ୍ନାଥଙ୍କଠାରେ ଅନ୍ନ ମହାପ୍ରସାଦ ଓ ପୂଜାବିଧି ବର୍ତ୍ତମାନ ଯେପରି ଚାଲୁଅଛି ତାହା ସବୁ ଯଯାତି (ଯଯାତି କେଶରୀଙ୍କ ସମୟ ଖ୍ରୀ.୫୫୨-୫୯୮) ବିଧାନ କରାଇଥିଲେ । ଏହି କାର୍ଯ୍ୟ ଲାଗି ଯଯାତି କେଶରୀଙ୍କୁ ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ବୋଲି କୁହାଯାଏ ।

ପୁନଶ୍ଚ 'ଜଗନ୍ନାଥ କୈଫିୟତ୍' ଗ୍ରନ୍ଥରେ ଶ୍ରୀମହାପ୍ରସାଦର ମାହାତ୍ମ୍ୟ ସମ୍ବନ୍ଧରେ ଯେଉଁ କିମ୍ବଦନ୍ତୀଟି ଉଲ୍ଲେଖ କରାଯାଇଅଛି ସେହି ଗ୍ରନ୍ଥ ଦୃଶ୍ୟମାନ ନ ହେଉଥିଲେ ମଧ୍ୟ ପଣ୍ଡିତ ସ୍ୱର୍ଗତଃ ସଦାଶିବ ରଥଶର୍ମାଙ୍କ ମତରେ ସେ ଏହି ଗ୍ରନ୍ଥ ସମ୍ବନ୍ଧରେ ବାରମ୍ବାର ଉଲ୍ଲେଖ କରିଥିବାରୁ ଏଠାରେ କେବଳ ତାଙ୍କର ମତ ଅନୁସାରେ 'ଜଗନ୍ନାଥ କୈଫିୟତ' ଗ୍ରନ୍ଥ ବୋଲି ଉଦ୍ଧାର କରାଯାଇଅଛି । ବିଭିନ୍ନ ସମୟରେ ବିଭିନ୍ନ ବଂଶର ରାଜାମାନଙ୍କ ଦ୍ୱାରା ଶ୍ରୀମହାପ୍ରସାଦର ମାନ, ଗୁଣ ଓ ପରିମାଣ ବୃଦ୍ଧି କରାଯାଇଥିବା ବିଷୟମାନ ପରବର୍ତ୍ତୀ ପୃଷ୍ଠାମାନଙ୍କରେ ଉଲ୍ଲେଖ କରାଯାଇଅଛି । ସେଥିରୁ ହିଁ ଜଣାଯାଏ ଯେ, ଯଯାତିଙ୍କ ସମୟରୁ ଶ୍ରୀମହାପ୍ରସାଦର ପ୍ରଚଳନ ହୋଇଥିଲା । ଉପର୍ଯ୍ୟୁକ୍ତ ଘଟଣାକୁ ଆଲୋଚନା କଲେ ଜଣାଯାଏ ଯେ ଅନ୍ନ ମହାପ୍ରସାଦର ବ୍ୟବସ୍ଥା ଯଯାତିଙ୍କ ସମୟରୁ ଅର୍ଥାତ୍ ଷଷ୍ଠ ଶତାବ୍ଦୀରୁ କରାଯାଇଥିଲା । ଯେତେବେଳେ କି ପରିଦୃଶ୍ୟମାନ ମନ୍ଦିର ନଥିଲା ।[୨୮]

---

*୨୮. ସଂଗୃହୀତ- ଶ୍ରୀକ୍ଷେତ୍ର, ଶ୍ରୀଜଗନ୍ନାଥ ପ୍ରଥମ ସ୍ତବକ, ୧୯୮୬ରୁ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ- ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର ।*

CC-0. In Public Domain. Digitized by Muthulakshmi Research Academy

ମାଦଳାପାଞ୍ଜି ଏକ ଐତିହାସିକ ଦଲିଲ । କେତେକ ଐତିହାସିକ ତାହାକୁ ଭୁଲ୍ ବୋଲି ପ୍ରମାଣିତ କରିବା ପାଇଁ ଅସଫଳ ଚେଷ୍ଟା କରିଛନ୍ତି । ସେହି ମାଦଳାପାଞ୍ଜିର ପ୍ରମାଣ ଅନୁସାରେ ଷଷ୍ଠ ଶତାବ୍ଦୀରେ ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ରୂପେ ଇତିହାସରେ ପରିଚିତ ଯଯାତି କେଶରୀ ଶ୍ରୀମନ୍ଦିରରେ ଅନ୍ନ ମହାପ୍ରସାଦ ପ୍ରଚଳନ କରାଇଥିଲେ । ଐତିହାସିକମାନେ କିନ୍ତୁ ପୌରାଣିକ ମତକୁ ଗ୍ରହଣ ନ କରିବା ଉଚିତ ନୁହେଁ । ଶାସ୍ତ୍ରୀୟ ମତରୁ ଜଣାଯାଏ ପଞ୍ଚମ ଶତାବ୍ଦୀର ମହର୍ଷି ଶାଣ୍ଡିଲ୍ୟ ସଂହିତାର ପଞ୍ଚମ ଖଣ୍ଡ 'ହରିଭକ୍ତି ଖଣ୍ଡ'ରେ ଶ୍ରୀପୁରୁଷୋତ୍ତମ ଓ ଶ୍ରୀନାରାୟଣଙ୍କୁ ଏକ ବୋଲି ଗ୍ରହଣ କରିଛନ୍ତି । ଶ୍ରୀପୁରୁଷୋତ୍ତମ ହିଁ ଶ୍ରୀପତି ଓ ନିତ୍ୟଲୀଳାନୁବିଗ୍ରହ । ଶ୍ରୀପୁରୁଷୋତ୍ତମ ଶ୍ରୀଜଗନ୍ନାଥ ଶ୍ରୀଦେବୀଙ୍କ ନାମରେ ନାମିତ ଓ ପ୍ରସିଦ୍ଧ ଶ୍ରୀମନ୍ଦିରରେ ବିରାଜିତ । ଶ୍ରୀଦେବୀଙ୍କ ପତି ଶ୍ରୀପତି ହିଁ ଶ୍ରୀପୁରୁଷୋତ୍ତମ ଶ୍ରୀଜଗନ୍ନାଥ । ଯେ କି ଚତୁର୍ଦ୍ଧାମୂର୍ତ୍ତି ବୋଲି ବର୍ଣ୍ଣନା ରହିଅଛି । ସେହି ଶ୍ରୀଜଗନ୍ନାଥ ହିଁ ଜଗତର ଜୀବମାନଙ୍କର ପାବନକର୍ତ୍ତା ରୂପେ ବର୍ଣ୍ଣିତ ।

ମହର୍ଷି ଶାଣ୍ଡିଲ୍ୟ ଶ୍ରୀଜଗନ୍ନାଥଙ୍କ ନୈବେଦ୍ୟ ପ୍ରସାଦ ମାହାତ୍ମ୍ୟ ପ୍ରସଙ୍ଗରେ ପ୍ରସାଦ ପୂର୍ବରୁ 'ଶ୍ରୀ' ସଂଯୋଗ କରି ଶ୍ରୀପ୍ରସାଦ ବୋଲି ନିର୍ମାଲ୍ୟକୁ ଅଭିହିତ କରିଛନ୍ତି । ଶ୍ରୀପ୍ରସାଦ ବା ନିର୍ମାଲ୍ୟର ମହିମା ମହର୍ଷି ଶାଣ୍ଡିଲ୍ୟଙ୍କ ମତରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ମହତ୍ତର ବୋଲି ଉଲ୍ଲେଖ ଥାଇ ଶ୍ରୀପ୍ରସାଦର ଗୁଣଗାନ କରାଯାଇଅଛି ।[୨୯]

ଶ୍ରୀବିଷ୍ଣୁପୁରାଣ ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ ଲେଖା ଯାଇଥିବା କଥା ଐତିହାସିକମାନେ ନିର୍ଦ୍ଧାରଣ କରିଛନ୍ତି । ଶ୍ରୀବିଷ୍ଣୁପୁରାଣରେ ମହର୍ଷି କଣ୍ଡୁ ଯାହାଙ୍କୁ ଉପାସନା କରୁଥିଲେ ସେ ବର୍ତ୍ତମାନ ଶ୍ରୀକ୍ଷେତ୍ରରେ ଶ୍ରୀଯମେଶ୍ୱର ମହାଦେବଙ୍କ ନିକଟରେ ଥିବା କଣ୍ଡୁନୃସିଂହ ଭାବରେ ପରିଚିତ । ସେ ଶ୍ରୀନୃସିଂହଙ୍କ ସହିତ ଶ୍ରୀଜଗନ୍ନାଥଙ୍କ ଉପାସକ ଥିଲେ ବୋଲି ସ୍ପଷ୍ଟ ହୁଏ । ମହର୍ଷି କଣ୍ଡୁଙ୍କ ସଂପର୍କରେ ରାମାୟଣ ଓ ଶ୍ରୀବିଷ୍ଣୁପୁରାଣରେ ବର୍ଣ୍ଣନା ଥିବାରୁ ତାଙ୍କୁ ପୌରାଣିକ ଋଷି ବୋଲି କୁହାଯାଇଥାଏ । କଣ୍ଡୁ ମହର୍ଷିଙ୍କ ଅଭିଶାପରୁ ମରୁ ପାଲଟିଯାଇଥିବା ଅଞ୍ଚଳକୁ ବୀର ଅଙ୍ଗଦ ଯାଇଥିବାର ବର୍ଣ୍ଣନା ରାମାୟଣର କିଷ୍କିନ୍ଧ୍ୟା କାଣ୍ଡରେ ଉଲ୍ଲେଖ ଅଛି । ପୁନଶ୍ଚ ଉତ୍ତର ରାମାୟଣରେ ଶ୍ରୀରାମଚନ୍ଦ୍ର ଅଯୋଧ୍ୟାକୁ ଫେରିବା ସମୟରେ ମାତା ସୀତାଦେବୀଙ୍କୁ ସେହି କଣ୍ଡୁମୁନିଙ୍କର ଆଶ୍ରମକୁ ନେଇଥିବାର ବର୍ଣ୍ଣନା ଅଛି । ଶ୍ରୀକ୍ଷେତ୍ରର ଶ୍ରୀଯମେଶ୍ୱର ମହାଦେବଙ୍କ ନିକଟ କଣ୍ଡୁ ଆଶ୍ରମ ଯାହାକୁ ସ୍ଥାନୀୟ ଲୋକେ ପଣ୍ଡୁ ଆଶ୍ରମ ବୋଲି କହିଥାଆନ୍ତି, ତାହା ହେଉଛି ସେହି ଆଶ୍ରମ ବୋଲି କୁହାଯାଏ । ସେହି ଅନୁସାରେ ରାମାୟଣଯୁଗରେ ମହର୍ଷି କଣ୍ଡୁଙ୍କ ଦ୍ୱାରା କଥିତ ଶ୍ରୀପୁରୁଷୋତ୍ତମ ଆଳୟ ହିଁ ଶ୍ରୀଜଗନ୍ନାଥ ମନ୍ଦିର ଅଟେ । ତେଣୁ ସେହି ସମୟରେ ଶ୍ରୀଜଗନ୍ନାଥଙ୍କୁ ସମର୍ପିତ ପ୍ରସାଦ ହିଁ ଶ୍ରୀମହାପ୍ରସାଦ ଥିବ । ଯାହାକି ସତ୍ୟଯୁଗ ସମୟର

*୨୯. ସଂଗୃହୀତ- ଶ୍ରୀଜଗନ୍ନାଥ ଚେତନା-ସଂହତିର ସ୍ୱରଲିପି, ଲେ-ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର ।*

CC-0. In Public Domain. Digtized by Muthulakshmi Research Academy

ବୋଲି ଅନୁମାନ କରାଯାଏ । ତ୍ରେତା ଯୁଗରେ ଶ୍ୱେତମାଧବ ରାଜାଙ୍କ ସମୟରେ ମହାପ୍ରଭୁଙ୍କୁ ଶ୍ରୀମହାପ୍ରସାଦ ନୈବେଦ୍ୟ ଆକାରରେ ସମର୍ପଣ ହେଉଥିବା କଥା ସ୍କନ୍ଦ ପୁରାଣରେ ଉଲ୍ଲେଖ ଅଛି । ପୌରାଣିକ ଯୁଗରୁ ଆଉ ଏକ ବଳିଷ୍ଠ ପ୍ରମାଣ ମିଳେ । ସ୍କନ୍ଦ ପୁରାଣ ମତରେ ପ୍ରଜାପିତା ବ୍ରହ୍ମାଙ୍କ ନିର୍ଦ୍ଦେଶରେ ମହର୍ଷି ଭରଦ୍ୱାଜ ଶ୍ରୀମନ୍ଦିର ପ୍ରତିଷ୍ଠା କରିଥିଲେ । ଯେ କି ମହାଭାରତ ସମୟର ଦ୍ରୋଣାଚାର୍ଯ୍ୟଙ୍କର ପିତା ଥିଲେ । କଳିଯୁଗ ଆଜକୁ ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ବର୍ଷ ହୋଇଥିବା ହେତୁ ଦ୍ୱାପର ଯୁଗ ନିଶ୍ଚୟ ୫୦୦୦ରୁ ଊର୍ଦ୍ଧ୍ୱ ସମୟର କଥା ଯେତେବେଳେ କି ଦ୍ରୋଣାଚାର୍ଯ୍ୟ ଥିଲେ । ତାଙ୍କର ପିତା ମହର୍ଷି ଭରଦ୍ୱାଜ ଯେତେବେଳେ ଶ୍ରୀମନ୍ଦିର ପ୍ରତିଷ୍ଠା କରିଥିଲେ ଏହା ନିଶ୍ଚୟ ପ୍ରାୟ ୬୦୦୦ ବର୍ଷ ତଳର କଥା । ତେଣୁ ଶ୍ରୀମନ୍ଦିର ୬୦୦୦ ବର୍ଷରୁ ମଧ୍ୟ ଅଧିକ ସମୟର କୁହାଯାଇପାରେ । ସେତେବେଳେ ମଧ୍ୟ ଶ୍ରୀବିଗ୍ରହମାନଙ୍କୁ ନିଶ୍ଚୟ ଶ୍ରୀମହାପ୍ରସାଦ ନୈବେଦ୍ୟ ରୂପେ ସମର୍ପଣ ହେଉଥିବ । ତେଣୁ ପୌରାଣିକ ଯୁଗରେ ଯେଉଁ ଦିନଠାରୁ ଶ୍ରୀଜଗନ୍ନାଥ ମହାପ୍ରଭୁ ସପ୍ତାବରଣ ସହ ରତ୍ନସିଂହାସନାରୂଢ଼ ହୋଇଛନ୍ତି, ସେହିଦିନଠାରୁ ଷୋଡ଼ଶୋପଚାର ପୂଜାରେ ପ୍ରଜାପିତା ବ୍ରହ୍ମାଙ୍କ ନିର୍ଦ୍ଦେଶରେ ସତ୍ୟଯୁଗରୁ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ଉପାସନାର ବ୍ୟବସ୍ଥା କରାଯାଇ ଆସୁଅଛି । ସେହି ଉପଚାର ମଧ୍ୟରେ ନୈବେଦ୍ୟ ମଧ୍ୟ ଏକ ଉପଚାର ବିଶେଷ । ଶାସ୍ତ୍ରମତେ 'ଅନ୍ନବ୍ରହ୍ମ' ହିଁ ଶ୍ରୀମହାପ୍ରସାଦ ଓ ମହାପ୍ରଭୁଙ୍କ ଆବିର୍ଭାବ ଦିବସ ଆଷାଢ଼ ଶୁକ୍ଳ ନବମୀ (ସଂଧ୍ୟା ନବମୀ) ଦିନଠାରୁ ହିଁ ଅନ୍ନମହାପ୍ରସାଦ ଭୋଗଲାଗି ଆସୁଥିବା ମନେହୁଏ । ତା ନ ହୋଇଥିଲେ ବିଭିନ୍ନ ଶାସ୍ତ୍ରମାନଙ୍କରେ ଏପରି ଶ୍ରୀମହାପ୍ରସାଦର ମାହାତ୍ମ୍ୟ ସମ୍ବନ୍ଧରେ ବହୁଳ ଭାବରେ ବର୍ଣ୍ଣନା ହୋଇ ନ ଥାଆନ୍ତା ।

## ପାକଶାଳା ଓ ଦେବୀ ଦକ୍ଷିଣକାଳିକା :-

ଶ୍ରୀମନ୍ଦିର ପାକଶାଳାରେ ଜଗତମାତା ମହାଲକ୍ଷ୍ମୀ ରନ୍ଧନ କାର୍ଯ୍ୟ କରୁଥିବା କଥା ଆମ୍ଭେମାନେ ଆଲୋଚନା କରିଅଛୁଁ । ତାଙ୍କ ବ୍ୟତୀତ ମା ଦକ୍ଷିଣକାଳିକାଙ୍କର ମଧ୍ୟ ପାକଶାଳାରେ ଭୂମିକା ରହିଅଛି । ଏଠାରେ ମା ଦକ୍ଷିଣକାଳିକା କିଏ ସେହି କଥା ବିଚାର କରିବାକୁ ହେବ । ଶ୍ରୀକ୍ଷେତ୍ରେ ତୁ ଜଗନ୍ନାଥଃ ସ୍ୱୟଂ ଦକ୍ଷିଣକାଳିକା ।[୩୦]

ଏହି କାରିକା ଆଧାରରେ କେତେକ ତନ୍ତ୍ରୋପାସକମାନଙ୍କ ମତରେ ଶ୍ରୀଜଗନ୍ନାଥ ନିଜେ ଦକ୍ଷିଣକାଳିକା । ପ୍ରଫେସର ଗୋପୀନାଥ ମହାପାତ୍ର ମତ ଦେଇଛନ୍ତି ଯେ ମହାବିଷ୍ଣୁ ଦାରୁବ୍ରହ୍ମ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୀଠ ପୁରୁଷୋତ୍ତମ କ୍ଷେତ୍ରରେ ଏକ ସମୟରେ ତନ୍ତ୍ରର ପ୍ରାଧାନ୍ୟ ଥିବାର ଦେଖିବାକୁ ମିଳେ । ତନ୍ତ୍ରର ପ୍ରଭାବରେ ଶ୍ରୀଜଗନ୍ନାଥ କାଳିକା ରୂପେ

---

*୩୦. ସଂଗୃହୀତ- ଶ୍ରୀଜଗନ୍ନାଥ ଚେତନାର ଶାସ୍ତ୍ରୀୟ ଭିତ୍ତିଭୂମି, ପୃ. ୧୩୮ ଓ ଉତ୍କଳ ପ୍ରସଙ୍ଗ ରଥସଂଖ୍ୟା-୧୯୮୯ ।*

CC-0. In Public Domain. Digtized by Muthulakshmi Research Academy

ଉପାସିତ ହୁଅନ୍ତି ଏହି ପୁଣ୍ୟଧାମ ପୁରୁଷୋତ୍ତମ ପୀଠରେ । ଏଥିରେ ପୁଂଲିଙ୍ଗ ବାଚକ ଶ୍ରୀଜଗନ୍ନାଥଙ୍କୁ ସ୍ତ୍ରୀଲିଙ୍ଗବାଚୀ ମହାଶକ୍ତି 'ଦକ୍ଷିଣକାଳିକା' ରୂପେ ଅଭିହିତ କରାଯାଇଅଛି । ପ୍ରକୃତରେ ଦେଖିଲେ କାଳ ହିଁ ବିଶ୍ୱନିୟନ୍ତା । କାଳର କୌଣସି ଲିଙ୍ଗ ନାହିଁ । ଶ୍ରୀଜଗନ୍ନାଥ ହେଉଛନ୍ତି ମହାକାଳ । ଲୋକାଚାରରେ କିନ୍ତୁ ଶ୍ରୀମନ୍ଦିର ଦକ୍ଷିଣ ଦିଗରେ ଥିବା ଦକ୍ଷିଣକାଳିକାଙ୍କୁ ପରମ ବୈଷ୍ଣବୀ ଓ ବିଷ୍ଣୁବଲ୍ଲଭୀ ହିସାବରେ ଗ୍ରହଣ କରାଯାଇଅଛି । ବିଷ୍ଣୁବଲ୍ଲଭୀ ଭାବେ ତାଙ୍କର ମଧ୍ୟ ରୋଷଶାଳାରେ ରନ୍ଧନ କାର୍ଯ୍ୟରେ ଅଧିକାର ଥିବା କଥା ଶାସ୍ତ୍ରମାନଙ୍କରେ ବର୍ଣ୍ଣିତ ଅଛି ।

ଭାଦ୍ରବମାସ କୃଷ୍ଣ ଚତୁର୍ଦ୍ଦଶୀ ଦିନ ଘଣ୍ଟ, ଛତା, କାହାଳୀ ବାଜି ମହାପ୍ରଭୁଙ୍କ ଆଜ୍ଞାମାଳ ମାତା ଦକ୍ଷିଣକାଳୀଙ୍କ ନିକଟକୁ ଯାଇ ସେବକ ଦେବୀଙ୍କୁ କହିବ 'ତୁମ୍ଭେ ବିଷ୍ଣୁଙ୍କର ପ୍ରିୟ ପତ୍ନୀ ଅଟ । ଶ୍ରୀଜଗନ୍ନାଥଙ୍କର ଏହି ଆଜ୍ଞା ଅନୁସାରେ ବର୍ତ୍ତମାନ ଶୁଭ ସମୟରେ ତୁମେ ଶୀଘ୍ର ପାକଶାଳାକୁ ଆସ ।' ତା' ପରଦିନ ଭାଦ୍ରବ ଅମାବାସ୍ୟା ସାତପୁରି ଅମାବାସ୍ୟା ଦିନ ମହାପ୍ରଭୁଙ୍କ ନୈବେଦ୍ୟ ପ୍ରସ୍ତୁତି ପାଇଁ ଆସ । ସେହି ଅନୁସାରେ ମା ଦକ୍ଷିଣକାଳୀଙ୍କଠାରୁ ଆଜ୍ଞାମାଳ ରୋଷଶାଳକୁ ଆସେ ଓ ସାତପୁରି ପିଠା ପ୍ରସ୍ତୁତ କରାଯାଏ । ମା ଦକ୍ଷିଣକାଳୀ ଆସି ତାହା ପ୍ରସ୍ତୁତ କରିଥାଆନ୍ତି ବୋଲି ବିଶ୍ୱାସ ।[୩୧] ଏହି ପରିପ୍ରେକ୍ଷୀରେ ବାମଦେବ ସଂହିତାରେ ମଧ୍ୟ ଉଲ୍ଲେଖ ଅଛି ଯେ-

**ଶୃଣୁ ଦେବି ଦକ୍ଷପାର୍ଶ୍ୱେ ସ୍ଥିତା ଦକ୍ଷିଣକାଳିକା ।**
**ସା ଦେବୀ ପାକଶାଳାୟାଂ ତସ୍ୟାଣ୍ଟାପ୍ୟଧିକାରିକା ॥** *(ବା.ସଂ୨୬୩)*

ଅର୍ଥାତ୍ ହେ ଦେବି ! ଶୁଣ । ଶ୍ରୀଜଗନ୍ନାଥଙ୍କର ଦକ୍ଷିଣପାର୍ଶ୍ୱରେ ଦକ୍ଷିଣକାଳିକା ଅବସ୍ଥାନ କରିଅଛନ୍ତି । ସେହି ଦେବୀ ଦକ୍ଷିଣକାଳିକା ଶ୍ରୀଜଗନ୍ନାଥଙ୍କର ପାକଶାଳାର ଅଧିକାରିଣୀ ଅଟନ୍ତି ।

**ବିଷ୍ଣୁପ୍ରିୟେ କାଳରାତ୍ରେ ତ୍ୱାଜ୍ଞାଂ କୁରୁ ଜଗତ୍ପତେ ।**
**ପାକଶାଳାଂ ସମାଗଚ୍ଛ ଦର୍ଶେ ପୂପନିମିତ୍ତକେ ॥** *(ବା.ସଂ-୨୬୭)*

---

**୩୧.** *ନୀ.ମ-୨୪୪-୬*

*ଗଚ୍ଛେତ୍ତ୍ର ତଦା କାଳୀଂ ପ୍ରାର୍ଥୟେନୃପସତ୍ତମ ।*
*କାଳରାତ୍ରି ନମସ୍ତୁଭ୍ୟଂ ସର୍ବବିଘ୍ନବିନାଶିନି*
*ତ୍ୱଂ ବିଷ୍ଣୁବଲ୍ଲଭା ନିତ୍ୟମାଜ୍ଞାଂ କୁରୁ ଜଗତ୍ପତେଃ ।*
*ପାକଶାଳାଂ ସମାଗଚ୍ଛ ଶୀଘ୍ରମେବଂ ଶୁଭେଽଧୁନା ॥*
*ଅମାବାସ୍ୟାଦିନଂ ପ୍ରାପ୍ୟ ନୈବେଦ୍ୟେ ବିଘ୍ନନାଶିନି ।*
*ତତ୍ପରା ଭବ ହେ ମାତ ନମସ୍ତୁଭ୍ୟଂ ସୁରେଶ୍ୱରି ॥*

CC-0. In Public Domain. Digtized by Muthulakshmi Research Academy

ହେ ଦେବି ବିଷ୍ଣୁପ୍ରିୟେ ! ହେ କାଳରାତ୍ରି ! ଶ୍ରୀଜଗନ୍ନାଥଙ୍କର ଆଜ୍ଞା ପାଳନ କରି ଅମାବାସ୍ୟା ଦିନ ବିହିତ ପିଠା ନୈବେଦ୍ୟ ପ୍ରସ୍ତୁତ କରିବାପାଇଁ ବର୍ତ୍ତମାନ ଏହି ଶୁଭବେଳାରେ ଶ୍ରୀଜଗନ୍ନାଥଙ୍କ ପାକଶାଳାକୁ ଶୀଘ୍ର ବିଜେ ହୁଅନ୍ତୁ ।

ଏଠାରେ ବର୍ଣ୍ଣନା କରାଯାଇପାରେ ଯେ, ଦକ୍ଷିଣକାଳୀଙ୍କୁ ନିବେଦନ କରିବା ପାଇଁ ଶ୍ରୀଜଗନ୍ନାଥଙ୍କ ସେବକ ମହାପ୍ରଭୁଙ୍କ ଆଜ୍ଞାମାଳ ନେଇ ଭାଦ୍ରବ କୃଷ୍ଣ ଚତୁର୍ଦ୍ଦଶୀ ଦିନ ଆଡ଼ମ୍ବର ସହକାରେ ମା' ଦକ୍ଷିଣକାଳୀ ମନ୍ଦିରକୁ ଯାଇଥାଆନ୍ତି । ନିବେଦନ ପରେ ଦକ୍ଷିଣକାଳୀ ସେବକମାନେ ଶ୍ରୀଜଗନ୍ନାଥଙ୍କ ସେହି ଆଜ୍ଞାମାଳା ଗ୍ରହଣ କରି ମାଙ୍କୁ ସମର୍ପଣ କରି ପୁନର୍ବାର ଆଡ଼ମ୍ବର ସହ ଶ୍ରୀମନ୍ଦିର ପାକଶାଳାକୁ ଧରିଆସନ୍ତି ଓ ପାକଶାଳାରେ ରଖି ଦିଅନ୍ତି । ପରଦିନ ଅର୍ଥାତ୍ ସାତପୁରି ଅମାବାସ୍ୟା ଦିନ ମା ଦକ୍ଷିଣକାଳୀ ଅତି ଯତ୍ନ ସହକାରେ ପ୍ରସ୍ତ ପ୍ରସ୍ତ ହୋଇ ସାତପ୍ରସ୍ତ ପୁରଦିଆ ପିଠା (ସାତପୁରି) ତିଆରି କରନ୍ତି । ଅର୍ଥାତ୍ ଚରୁହୋତା ମହାସୁଆରମାନେ ଏହି ପିଠାକୁ ମା ଦକ୍ଷିଣକାଳୀଙ୍କର ନିର୍ଦ୍ଦେଶରେ ତିଆରି କରନ୍ତି ବୋଲି କୁହାଯାଏ । ଯାହାକି ଶ୍ରୀଜଗନ୍ନାଥଙ୍କୁ ନୈବେଦ୍ୟ ଆକାରରେ ସମର୍ପଣ କରାଯାଏ । ତେଣୁ ଶ୍ରୀମନ୍ଦିର ରୋଷଶାଳାରେ ମା ମହାଲକ୍ଷ୍ମୀଙ୍କ ଭଳି ମା ଦକ୍ଷିଣକାଳୀଙ୍କର ବ୍ୟଞ୍ଜନ ପ୍ରସ୍ତୁତିରେ ଭୂମିକା ଥିବା କଥା ଉପର୍ଯ୍ୟୁକ୍ତ ଶ୍ରୀମନ୍ଦିର ଉପାସନା ପରମ୍ପରାରୁ ପ୍ରମାଣିତ ହୁଏ ।

CC-0. In Public Domain. Digtized by Muthulakshmi Research Academy

## ତୃତୀୟ ପରିଚ୍ଛେଦ

# ଶ୍ରୀମହାପ୍ରସାଦର ଆବାହନୀ

**ଉପକ୍ରମ :-**

ପୂର୍ବବର୍ଣ୍ଣିତ ବିଷୟବସ୍ତୁ ମତେ ଶ୍ରୀମହାପ୍ରସାଦର ଅମୃତତ୍ତ୍ୱ ହିଁ ଏହାର ରହସ୍ୟ ଓ ବୈଶିଷ୍ଟ୍ୟ । ଏଠାରେ ଦେବତାମାନଙ୍କର ଅଭିପ୍ସିତ ଓ ପ୍ରତ୍ୟେକ ଜୀବର ଶ୍ରୀମହାପ୍ରସାଦ ପ୍ରାପ୍ତିର ଆକାଂକ୍ଷାର ରହସ୍ୟ କଅଣ ଏହା ଚିନ୍ତା କରିବାକୁ ପଡିବ । ଏହି ବିଷୟରେ ବିଚାର କରିବାବେଳେ ଏହାର ପୃଷ୍ଠଭୂମି ଯେ, ସତ୍ୟଯୁଗରୁ ପରମ୍ପରାକ୍ରମେ ଅବିରତ ଭାବେ ଚାଲିଆସୁଅଛି ଏହା ଜଣାପଡ଼େ । ସ୍କନ୍ଦପୁରାଣ ଉତ୍କଳଖଣ୍ଡ ଅନୁସାରେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ଶ୍ରୀନୀଳମାଧବଙ୍କୁ ଠାବ କରିବାପାଇଁ ବିଦ୍ୟାପତିଙ୍କୁ ଉତ୍କଳକୁ ପଠାଇଥିଲେ । ବ୍ରାହ୍ମଣ ଶ୍ରେଷ୍ଠ ବିଦ୍ୟାପତି ଭକ୍ତଶିରୋମଣି ବିଶ୍ୱାବସୁଙ୍କ ସାହାଯ୍ୟରେ ଶ୍ରୀନୀଳମାଧବଙ୍କ ଦର୍ଶନ କରି ନୀଳାଚଳରୁ ଶବରପଲ୍ଲୀକୁ ଫେରିଆସିଲେ । ବିଶ୍ୱାବସୁ, ବିଦ୍ୟାପତିଙ୍କୁ ନିଜ ଘରକୁ ନେଇ ଅତିଥି ଚର୍ଚ୍ଚା କଲେ ଓ ଦିବ୍ୟ ଶ୍ରୀମହାପ୍ରସାଦ ପରଶିଲେ । ଶବର ଗୃହରେ ଏଭଳି ଦିବ୍ୟ ଶ୍ରୀମହାପ୍ରସାଦ କେଉଁଠୁ ପାଇଲେ ବୋଲି ବିଦ୍ୟାପତିଙ୍କ ପ୍ରଶ୍ନର ଉତ୍ତରରେ ବିଶ୍ୱାବସୁ କହିଲେ ଯେ, ଏହି ଜଗତ୍‌ପତିଙ୍କ ପୂଜା ନିମନ୍ତେ ଇନ୍ଦ୍ରାଦି ଦେବଗଣ ଦିବ୍ୟବସ୍ତୁ ଧରି ପ୍ରତିଦିନ ଏଠାକୁ ଆସି ନୈବେଦ୍ୟ ସମର୍ପଣ କରିଥାଆନ୍ତି । ତାହା ହିଁ ଏହି ଶ୍ରୀମହାପ୍ରସାଦ । ସେଦି ଦିବ୍ୟ ଶ୍ରୀମହାପ୍ରସାଦ ପାଇ ବିଦ୍ୟାପତି ଅତି ଆନନ୍ଦରେ ବିଭୋର ହୋଇ ପଡ଼ିଲେ । ପରବର୍ତ୍ତୀ ସମୟରେ ଶ୍ରୀନୀଳମାଧବଙ୍କ ସ୍ଥାନରେ ଶ୍ରୀପୁରୁଷୋତ୍ତମ ଦାରୁବ୍ରହ୍ମ ଲୀଳାମୟ ଶ୍ରୀଜଗନ୍ନାଥ ଏହି କ୍ଷେତ୍ରରେ ଜଗତମଙ୍ଗଳ ପାଇଁ ଆବିର୍ଭୂତ ହେଲେ । ଶ୍ରୀନୀଳମାଧବଙ୍କଠାରୁ ପରମ୍ପରା ଅନୁସାରେ ଶ୍ରୀଜଗନ୍ନାଥଙ୍କୁ ସମର୍ପିତ ନୈବେଦ୍ୟ ହିଁ ଦିବ୍ୟ ପରମାନନ୍ଦ ଓ ପରମଗତି ଦେବାରେ ସାମର୍ଥ୍ୟ ରଖୁଥିବା ସେହି 'ଅନ୍ନବ୍ରହ୍ମ' । ଶବର ଘରେ ଉଭୟ ବ୍ରହ୍ମବିତ୍ ବିଦ୍ୟାପତି ବ୍ରାହ୍ମଣ ଓ ବ୍ରହ୍ମଦର୍ଶୀ ବିଶ୍ୱାବସୁ ଶବରଙ୍କର ଏକତ୍ର ଶ୍ରୀମହାପ୍ରସାଦ ଭୋଜନ ହିଁ ପରବର୍ତ୍ତୀ ସମୟରେ ଜାତି ଅଜାତି ବାଛ ବିଚାର ନ ଥାଇ ଏକତ୍ର ଅବଢ଼ା ଆକାରରେ ଭୋଜନ କରିବାର ପୃଷ୍ଠଭୂମି ଅଟେ ।

ବିଶ୍ୱାବସୁ ଜାତିରେ ଶବର ଥାଇ ଏକ ପଛୁଆ, ଜଙ୍ଗଲୀ, ଅପାଠୁଆ ସମାଜର ବୋଲି ଯେଉଁମାନେ କହନ୍ତି ସେ ତାଙ୍କୁ ନିଜ ଅର୍ଥରେ ସଂକୁଚିତ କରିବାକୁ ଚେଷ୍ଟା କରନ୍ତି । ସେ ପ୍ରକୃତରେ ଜଣେ ବୈଦିକ ପୁରୁଷ ଥିଲେ । ଯେ କି ବ୍ରହ୍ମଙ୍କୁ ଠିକ୍ ଭାବରେ ଦେଖିଥିଲେ, ବୁଝିଥିଲେ ଓ ଅନୁଭବ କରିଥିଲେ । ଯାହାଙ୍କ ସହଯୋଗରେ ଅନ୍ୟ ଏକ ବୈଦିକ ପୁରୁଷ ବିଦ୍ୟାପତି ମଧ୍ୟ 'ବ୍ରହ୍ମ' ଦର୍ଶନ କରିପାରିଥିଲେ । ଉଭୟ ବ୍ରହ୍ମଦର୍ଶୀ ସେହି ଅଂଶୀ ପରମାତ୍ମାଙ୍କର ପ୍ରତ୍ୟେକ ଜୀବ ଅଂଶବିଶେଷ ବୋଲି ଉପଲବ୍ଧି କରି ଏକତ୍ର ଭୋଜନ କରି ପରସ୍ପର ନିଜର ପ୍ରାଣର ଆଧ୍ୟାତ୍ମିକ ଦିବ୍ୟ ଆବେଗତାକୁ ବୁଝି ପାରିଥିଲେ ।

CC-0. In Public Domain. Digtized by Muthulakshmi Research Academy

ତାହାହିଁ ତ ବ୍ରହ୍ମ ନିର୍ବିକାର ହେତୁ ଉଚ୍ଚନୀଚ ଜାତି ଭେଦଭାବନାରୁ ଉର୍ଦ୍ଧ୍ୱକୁ ଉଠିବାର ମୂଳଦୁଆ ଅଟେ । ପରବର୍ତ୍ତୀ ସମୟରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ, ଅନ୍ୟାନ୍ୟ ଆଚାର୍ଯ୍ୟଗଣ, ଶ୍ରୀଚୈତନ୍ୟ ଦେବଙ୍କଠାରୁ ବନ୍ଧୁମହାନ୍ତିଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ଏହି ଶ୍ରୀମହାପ୍ରସାଦର ମହନୀୟତାକୁ ଅନୁଭବ କରି ପାରିଥିଲେ । ଶ୍ରୀଚୈତନ୍ୟ ଦେବ ଓ ତାଙ୍କ ଶିଷ୍ୟଗଣ ଶ୍ରୀମହାପ୍ରସାଦ ପାଇବା ମାତ୍ରେ ତାଙ୍କ ଶରୀରରେ ଭକ୍ତିର ବିଦ୍ୟୁତ୍ ଚମକ ଖେଳି ଯାଉଥିଲା । ସେ ଆନନ୍ଦରେ ଭକ୍ତି ଗଦ୍ ଗଦ୍ ହୋଇ କାନ୍ଦି ପକାଉଥିଲେ ଓ ଭକ୍ତି ଭାବରେ ଅଜ୍ଞାନ ହୋଇପଡୁଥିଲେ । ଏହାହିଁ ତ ଶ୍ରୀମହାପ୍ରସାଦ ଭିତରେ ଅଦୃଶ୍ୟ ଭାବରେ ରହିଥିବା ଭକ୍ତିଚେତନା ଶକ୍ତିର ରହସ୍ୟ ।

## ଭାବଗତଐକ୍ୟ ଓ ଶ୍ରୀମହାପ୍ରସାଦ :-

ସହାବସ୍ଥାନ ଭିତ୍ତିକ ସହ ଭୋଜନ ବା ଗଣଭୋଜନ ପରମ୍ପରା ପୃଥିବୀରେ ବିରଳ । ବୈଦିକ ଚେତନାଠାରୁ ଏହା ଏକ ବିକାଶ ପ୍ରକ୍ରିୟାର ଚରମ ନିଦର୍ଶନ । ସମ୍ମିଳିତ ଭାବରେ ମିଶିକରି ଖାଇବା ବ୍ୟବସ୍ଥା ବୈଦିକ କାଳରୁ ରହିଥିବା ସ୍ଥଳେ ଗୋଟିଏ ପାତ୍ରରୁ ବା କୁଡୁଆରୁ ସମ୍ମିଳିତ ଭାବେ ଖାଇବାର ପରମ୍ପରା ଶ୍ରୀଜଗନ୍ନାଥ ଚେତନାର ଅନନ୍ୟ ନିଦର୍ଶନ । ଭାବଗତ ଏକତା ହିଁ ଆମର ସନାତନୀୟ ପରମ୍ପରା । ମହାପ୍ରଭୁ ନିଜେ ସନାତନ । ତାଙ୍କର ଶ୍ରୀମହାପ୍ରସାଦ ମଧ୍ୟ ସନାତନ ହୋଇଯିବା ସ୍ୱାଭାବିକ । ଶ୍ରୀମହାପ୍ରସାଦର ମହାପ୍ଲାବନରେ ଅବଗାହନ କଲେ ଭକ୍ତ ଆତ୍ମସତ୍ତା ବିସ୍ମୃତ ହୁଏ । ତା ମନରୁ ସ୍ୱତଃ ଦୂରେଇ ଯାଏ ଦୁଃଖ ଓ ଗ୍ଲାନି । ବାସ୍ତବିକ ମହାପ୍ରାଣତାର ମହାମାନବିକତାର ମହାନ୍ ପରିପ୍ରକାଶ ହେଉଛି ଶ୍ରୀମହାପ୍ରସାଦ । ଶ୍ରୀମହାପ୍ରସାଦ ହେଉଛି ଆନନ୍ଦ, ପ୍ରୀତି, ପବିତ୍ରତା ଓ ପ୍ରସନ୍ନତାର ପରିଚାୟକ । ଭାବଗତ ଏକତା ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଯେଉଁ ସମାଜରେ ଭାବଗତ ଏକତା ନାହିଁ, ତାହା ଏକ ସମୃଦ୍ଧ ସମାଜ ନୁହେଁ । ସମାଜରେ ଭାବଗତ ଏକତା ସୃଷ୍ଟି କରି ତାହାକୁ ଆଗକୁ ଆଗେଇ ନେବାରେ ଶ୍ରୀଜଗନ୍ନାଥଙ୍କ ଉପାସନାର ଅବଦାନ ରହିଛି । ଶ୍ରୀମହାପ୍ରସାଦର ସାମୂହିକ ଭୋଜନ ପରମ୍ପରା ତା'ର ଗୋଟିଏ ଉଦାହରଣ ।

## ନିର୍ଭୟଭାବ ସୃଷ୍ଟିକାରୀ ଶ୍ରୀମହାପ୍ରସାଦ :-

ସାଧକ ନିର୍ଭୟ ନ ହେଲେ ତାହାର ଶାନ୍ତି ମାର୍ଗ ପଥ କଠିନ୍ ହୋଇଯାଏ । କାରଣ ଭୟ ହିଁ ଶାନ୍ତିର ବାଧକ । ଭୟ ନିବାରଣ ପାଇଁ ନିର୍ବିକାର ଭାବର ଆବଶ୍ୟକତା ରହିଅଛି । ନିର୍ବିକାର ଲୋକର କାହାରିକୁ ଡର ଭୟ ନ ଥାଏ । କଠିନ ଯୋଗ ସାଧନା, କୁଚ୍ଛ ସାଧନା ଓ ଅସମ୍ଭବ ତପସ୍ୟାରେ ମଗ୍ନ ବ୍ୟକ୍ତିଟିଏ ନିର୍ଭୟତା ପ୍ରାପ୍ତ କରୁଥିବା ବେଳେ ଶ୍ରୀଜଗନ୍ନାଥ ଚେତନାରେ ଶ୍ରୀମହାପ୍ରସାଦ ତତ୍ତ୍ୱ ହିଁ ସହଜରେ ସାଧକକୁ ନିର୍ଭିକତା ହାସଲ କରାଇବାରେ ସଫଳ ହୋଇଥାଏ । (ତଥ୍ୟ ସହାୟତା- ଶ୍ରୀଜଗନ୍ନାଥ ଚେତନା :

CC-0. In Public Domain. Digtized by Muthulakshmi Research Academy

ସଂହତିର ସ୍ୱରଲିପି, ପୃ-୬୦) ମନୋବିଜ୍ଞାନ ସମ୍ମତ ଦୃଷ୍ଟିକୋଣରୁ ବିଚାର କଲେ ଆମକୁ ଆଶ୍ଚର୍ଯ୍ୟ ହେବାକୁ ହୁଏ ଯେ, ଆମର ଚିନ୍ତାନାୟକମାନେ ଉପାସନାର ଏକ ନୈବେଦ୍ୟ ମାଧ୍ୟମରେ ମଣିଷକୁ କିପରି ଭୟଶୂନ୍ୟ ମଣିଷଟିଏ କରି ଗଢ଼ି ତୋଳିବାର ଚିନ୍ତା ସେତେବେଳେ କରିଥିଲେ :

## ନୀରୋଗର ମହାମନ୍ତ୍ର ଶ୍ରୀମହାପ୍ରସାଦ :-

ଶ୍ରୀମହାପ୍ରସାଦକୁ କୌଣସି ଦୂଷଣ ସ୍ପର୍ଶ କରେ ନାହିଁ । ଏହା ଭକ୍ତି ଭାବର ନୁହେଁ ନିଛକ ଅନୁଭବ ଓ ସତ୍ୟ କଥା । ମହାପ୍ରଭୁଙ୍କ ଶ୍ରୀମହାପ୍ରସାଦ କେଉଁ ଅନନ୍ତକାଳରୁ ବୈଜ୍ଞାନିକ ଭିତ୍ତିରେ ପ୍ରତିଷ୍ଠିତ ଓ ଶରୀରର ସୁସ୍ଥତାକୁ ଦୃଷ୍ଟିରେ ରଖି ତାହା ରନ୍ଧନ କରାଯାଇଥାଏ । ତେଣୁ ଶ୍ରୀମହାପ୍ରସାଦ ସେବା କରି କେହି କେବେ ରୋଗାକ୍ରାନ୍ତ ହୁଏ ନାହିଁ କିମ୍ବା ସେହି ଖାଦ୍ୟ ବିଷାକ୍ତ ହୁଏ ନାହିଁ । ଶ୍ରୀମହାପ୍ରସାଦ ସହିତ ନିଜ ରୁଚି ଅନୁସାରେ କ୍ଷୀରା, ଛେନା, ରସାବଳୀ ଆଦି ଖାଇଲେ ହୁଏତ ପାର୍ଶ୍ୱ ପ୍ରତିକ୍ରିୟା ହୋଇପାରେ । ନୀରୋଗ ହେବାର ମହାମନ୍ତ୍ର ଶ୍ରୀମହାପ୍ରସାଦରେ ହିଁ ରହିଅଛି । (ଭାବ ସଂଗୃହୀତ- ଶ୍ରୀଜଗନ୍ନାଥ ଚେତନା-ସଂହତିର ସ୍ୱରଲିପି, ଲେଖକ-ଡଃ ସୁରେନ୍ଦ୍ର କୁମାର ମିଶ୍ର)

## ଭେଦାଭେଦଶୂନ୍ୟ ଭାବ ସୃଷ୍ଟିକାରୀ ଶ୍ରୀମହାପ୍ରସାଦ :-

ଶ୍ରୀମହାପ୍ରସାଦ ସେବାରେ ଜାତିଭେଦରୁ ଊର୍ଦ୍ଧ୍ୱକୁ ଉଠିବାରେ ଏକମାତ୍ର ଶକ୍ତି ଥିବା ବସ୍ତୁ ହେଉଛି ଶ୍ରୀଜଗନ୍ନାଥଙ୍କୁ ଅର୍ପିତ ନୈବେଦ୍ୟ, ଯାହାକି ଭେଦାଭେଦ ଶୂନ୍ୟ ଭାବ ସୃଷ୍ଟିକରେ । ଏ ବିଷୟରେ ପୂର୍ବରୁ ବର୍ଣ୍ଣନା କରାଯାଇଅଛି ।

## ଅମୋଣିଆ ଓ ଭୋଗର ପାର୍ଥକ୍ୟ :-

ଶ୍ରୀମନ୍ଦିରରେ ୧୯୧୦ ପୂର୍ବରୁ ପ୍ରଚଳିତ ୪୩୫ ପ୍ରକାର ଓ ତା'ପରେ ୧୫୦ ପ୍ରକାର ଭୋଗର ଆକାର ପ୍ରକାର ବଢ଼ସାନକୁ ହିସାବକୁ ନେଲେ ସର୍ବଜନ ବିଦିତ ଓ ଆଦୃତ ୫୬ ଭୋଗ ହିଁ ନୈବେଦ୍ୟ ଆକାରରେ ପ୍ରଚଳିତ । ତାହାକୁ 'କୋଠଭୋଗ' କୁହାଯାଏ । ଏହି କୋଠଭୋଗ ବର୍ତ୍ତମାନ ଶ୍ରୀମନ୍ଦିର ପରିଚାଳନା କମିଟି ଦ୍ୱାରା ପ୍ରଚଳିତ ଓ ଭକ୍ତଙ୍କର ଦାନକୁ ଅମୃତମଣୋହି ଦାନ ଯୋଜନା ବୋଲି କୁହାଯାଉଅଛି ।

ମହାପ୍ରଭୁଙ୍କୁ ନିଃସଙ୍କୁଡ଼ି ଅରନ୍ଧା ଦ୍ରବ୍ୟ ଓ ଫଳ ମୂଳକୁ ସମର୍ପଣ କରାଗଲେ ତାହାକୁ ଶିତଳ ମଣୋହି କୁହାଯାଏ । ଗୁଣ୍ଡିଚା ମନ୍ଦିର, ଶ୍ରୀମନ୍ଦିର ଜଗମୋହନ ନାଟମନ୍ଦିରରେ ବା.ସଂ ୧୬୩୩୦ ଓ ୧୭।୧୯ ଅନୁସାରେ ରଥାରୂଢ଼ ଥିବା ଅବସ୍ଥାରେ ଶ୍ରୀବିଗ୍ରହମାନଙ୍କୁ ଓ ବିଭିନ୍ନ ଉତ୍ସବାଦିରେ ସମର୍ପିତ ନୈବେଦ୍ୟକୁ 'ସର୍ପାମଣୋହି' କୁହାଯାଏ । ଏହା ବ୍ୟତୀତ ନୀଳଚକ୍ର ଯେତେଦୂର ପର୍ଯ୍ୟନ୍ତ ଦେଖାଯାଉଥିବା ଶ୍ରୀକ୍ଷେତ୍ରର ଯେ କୌଣସି ସ୍ଥାନରୁ ନୀଳଚକ୍ରଙ୍କ ଉଦ୍ଦେଶ୍ୟରେ ଯେଉଁ ମଣୋହି କରାଯାଏ ତାହାକୁ

CC-0. In Public Domain. Digtized by Muthulakshmi Research Academy

'ଚକ୍ର ମଣୋହି' କୁହାଯାଏ ଓ ତାହା ମଧ୍ୟ ଶ୍ରୀଜଗନ୍ନାଥଙ୍କୁ ସମର୍ପିତ ନୈବେଦ୍ୟ ବୋଲି ଧରାଯାଇ ଶ୍ରୀମହାପ୍ରସାଦ ଭାବେ ଗ୍ରହଣୀୟ ହୋଇଥାଏ ।

ଦେବଦେବୀଙ୍କ ମଣୋହି ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ଦ୍ରବ୍ୟକୁ ଭୋଗ ହେବା ପୂର୍ବରୁ ଅହ୍ଲୁଣିଆ, ଅମୁଣିହା, ଅମୋଣିହା କୁହାଯାଇଥାଏ । ଭୋଗଯୋଗ୍ୟ ଏହି ଦ୍ରବ୍ୟ ଅମୋଣିଆକୁ ନୈବେଦ୍ୟ ବୋଲି ମଧ୍ୟ କୁହାଯାଏ । ଖଇ, କୋରା, କଦଳୀ, ନଡ଼ିଆ ପ୍ରଭୃତି ଦ୍ରବ୍ୟ ସମର୍ପଣ କଲାବେଳେ ବସ୍ତୁତଃ କୌଣସି ମନ୍ତ୍ର ପାଠ କରାଯାଏ ନାହିଁ କିମ୍ବା ତାହା ଆବଶ୍ୟକ ମଧ୍ୟ ପଡ଼େ ନାହିଁ । ତାହା ସମର୍ପଣ କରିଦେଲେ ଉପାସ୍ୟ ସନ୍ତୁଷ୍ଟ ହୁଅନ୍ତି । ଅର୍ଥାତ୍ ମନ୍ତ୍ର ସଂସ୍କାର ବିନା ଉପାସ୍ୟଙ୍କୁ ନୈବେଦ୍ୟ ଦେଖାଇ ଦେଲେ ତାହା 'ଭୋଗ' ହୋଇଯାଏ । ମାତ୍ର ଶାସ୍ତ୍ରୀୟ ଔପଚାରିକତାକୁ ଅନୁସରଣ ପୂର୍ବକ ଆସନଶୁଦ୍ଧିଠାରୁ ନୈବେଦ୍ୟ ସମର୍ପଣ ପର୍ଯ୍ୟନ୍ତ କ୍ରମ ରକ୍ଷା କରି ଷୋଡ଼ୋଶୋପଚାର, ପଞ୍ଚୋପଚାର ପୂଜା ମାଧ୍ୟମରେ ଭୋଜ୍ୟ ବସ୍ତୁ 'ପ୍ରସାଦ'ର ମାନ୍ୟତା ଲାଭ କରେ । ଆମ୍ଭମାନଙ୍କର ଆଧ୍ୟାତ୍ମିକ ଜଗତରେ କଳ୍ପିତ ସମସ୍ତ ଦେବଦେବୀ ଅର୍ଚ୍ଚା ବିଗ୍ରହମାନଙ୍କୁ ନିବେଦିତ ନୈବେଦ୍ୟକୁ ପ୍ରସାଦ କୁହାଯାଉଥିବା ସ୍ଥଳେ ପୂର୍ବ ବର୍ଣ୍ଣିତ ବିଷୟ ଓ ତଥ୍ୟ ଅନୁସାରେ ଶ୍ରୀଜଗନ୍ନାଥଙ୍କ ମଣୋହି ପରେ ବଳିପଡ଼ିଥିବା ଅଇଁଠା ବା ଭଗବାନଙ୍କର ଉଚ୍ଛିଷ୍ଟକୁ ପବିତ୍ର ଶ୍ରୀମହାପ୍ରସାଦ କୁହାଯାଏ । ତେଣୁ ଶ୍ରୀଜଗନ୍ନାଥଙ୍କ ଭୁକ୍ତାବଶେଷ ବା ଉଚ୍ଛିଷ୍ଟ ବ୍ୟତୀତ ଅନ୍ୟ କୌଣସି ଅର୍ଚ୍ଚା ବିଗ୍ରହଙ୍କର ସମର୍ପିତ ନୈବେଦ୍ୟକୁ ଶ୍ରୀମହାପ୍ରସାଦ କୁହାଯାଇପାରିବ ନାହିଁ ବୋଲି ପୂର୍ବରୁ ଉଲ୍ଲେଖ କରାଯାଇଅଛି ।

ମହାନିର୍ବାଣ ତନ୍ତ୍ରରେ ଉଲ୍ଲେଖ ଥିବା ବ୍ରହ୍ମାନ୍ନ ଠାରୁ ଅଧିକ ପବିତ୍ରିତ ଓ ସମଧିକ ମହିମାନ୍ୱିତ ଭେଦାଭେଦ ଶୂନ୍ୟ ଶ୍ରୀଜଗନ୍ନାଥଙ୍କ ଭୁକ୍ତାବଶେଷ ଅନ୍ନବ୍ରହ୍ମ ଅନ୍ୟ ସମସ୍ତ ପ୍ରସାଦ ଠାରୁ ମହତ୍ତର ହେତୁ ଏହାର ନାମ ଶ୍ରୀମହାପ୍ରସାଦ । ବେଦାନ୍ତ ବର୍ଣ୍ଣିତ ଅନ୍ନମୟ-କୋଷ ଠାରୁ ଜ୍ଞାନମୟ-କୋଷ ପର୍ଯ୍ୟନ୍ତ ବ୍ରହ୍ମର ବିଭିନ୍ନ ସ୍ତର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀମହାପ୍ରସାଦ ସେବନ ଦ୍ୱାରା ପରିତୃପ୍ତ ଓ ଉତ୍‌ଫୁଲିତ ହୋଇଥାଏ ।[୧]

## ଶ୍ରୀମହାପ୍ରସାଦର ପ୍ରକାରଭେଦ :-

ଏହି ଶ୍ରୀମହାପ୍ରସାଦ ମୁଖ୍ୟତଃ ଦୁଇ ପ୍ରକାରରେ ବିଭକ୍ତ । ପ୍ରଥମତଃ ସଙ୍ଗୁଡ଼ି ଶ୍ରୀମହାପ୍ରସାଦ ଓ ଦ୍ୱିତୀୟରେ ନିସଙ୍ଗୁଡ଼ି ବା ଶୁଖିଲା ଶ୍ରୀମହାପ୍ରସାଦ । ସଙ୍ଗୁଡ଼ି ଶ୍ରୀମହାପ୍ରସାଦ ମଧ୍ୟରେ ୧) ଘିଅଅନ୍ନ, ସାଧା ଅନ୍ନ, କାନିକା, ଖେଚୁଡ଼ି, ମିଷ୍ଟାନ୍ନ, ଅନ୍ନ ରସାବଳୀ, ଡାଲି, ଡାଲମା, ବେସର, ମହୁର, ଶାଗ, ପିଠା, ପୋଟଳରସା, ଗୋଟିବାଇଗଣ, ଖଟା ଇତ୍ୟାଦି । ଶୁଖିଲା ଶ୍ରୀମହାପ୍ରସାଦ ମଧ୍ୟରେ ଖଜା, ଗଜା,

---

୧. *(ସଂଗୃହୀତ- ମହାପ୍ରସାଦର ପରିଭାଷା-ଲେଖକ ପଙ୍କଜ ସାହୁ, ଶ୍ରୀମନ୍ଦିର, ରଥଯାତ୍ରା ବିଶେଷାଙ୍କ ୨୦୦୪)*

CC-0. In Public Domain. Digtized by Muthulakshmi Research Academy

ନାଡ଼ି, ବଡ଼ି, ତିପୁରି, ମାଠପୁଳି, ଚଢ଼େଇନେଦା, ମନୋହର, ଝିଲି, ଆରିସା, ଅମାଲୁ, କାକରା ଆଦି । ଏହି ଶ୍ରୀମହାପ୍ରସାଦର ୧୯୧୦, ୧୯୮୬ ଓ ବର୍ତ୍ତମାନର ବିସ୍ତୃତ ବିବରଣୀ ପରବର୍ତ୍ତୀ ପରିଚ୍ଛେଦରେ ଦିଆଯାଇଅଛି ।

ମହାପ୍ରଭୁଙ୍କର ସ୍ନାନପରେ ସର୍ବସାଧାରଣ ଦର୍ଶନ ବା ସାହାଣମେଲା ହୁଏ । ସୂର୍ଯ୍ୟପୂଜା ଦ୍ୱାରପାଳ ପୂଜା ପରେ ରୋଷହୋମ ପ୍ରତ୍ୟହ କରାଯାଏ । ତା'ପରେ ଶ୍ରୀବିଗ୍ରହମାନଙ୍କୁ ଗୋପାଳବଲ୍ଲଭ ଭୋଗ (ଜଳଖିଆ) ଓ କାର୍ତ୍ତିକ ମାସରେ ଏକ ଅଧିକ ଭୋଗ ବାଳଭୋଗ ବା ବାଳଧୂପ ଭୋଗ ସମର୍ପିତ ହୋଇଥାଏ । ପ୍ରତ୍ୟହ ଗୋପାଳବଲ୍ଲଭ ଭୋଗ ରତ୍ନସିଂହାସନ ତଳେ ନ ହୋଇ କଳାହାଟ ଦ୍ୱାର ନିକଟରେ ଅଣସର ପିଣ୍ଡିରେ ନୈବେଦ୍ୟ ସମର୍ପିତ ହୁଏ । ଏହି ନୈବେଦ୍ୟ ସମ୍ବନ୍ଧରେ ବାମଦେବ ସଂହିତା ଓ ନୀଳାଦ୍ରି ମହୋଦୟ ସପ୍ତମ ଅଧ୍ୟାୟରେ ବର୍ଣ୍ଣନା କରାଯାଇଅଛି ।

## ବିଜେ ପ୍ରତିମାଙ୍କ ପ୍ରସାଦ ଶ୍ରୀମହାପ୍ରସାଦ :-

ମହାପ୍ରଭୁଙ୍କ ପ୍ରତିନିଧି ଭାବରେ ଯେଉଁ ଉତ୍ସବମୂର୍ତ୍ତି ବା ବିଜେ ପ୍ରତିମା ଆଜ୍ଞାମାଳ ପାଇ ବିଭିନ୍ନ ଯାନିଯାତ୍ରାରେ ଅଂଶଗ୍ରହଣ କରିଥାଆନ୍ତି, ତାଙ୍କୁ ସମର୍ପିତ ହେଉଥିବା ସମସ୍ତ ନିସଙ୍ଗୁଡ଼ି ନୈବେଦ୍ୟ ମଧ୍ୟ ଶ୍ରୀମହାପ୍ରସାଦରେ ପରିଣତ ହୋଇଯାଏ । ଶ୍ରୀଜଗନ୍ନାଥ ଓ ତାଙ୍କର ପ୍ରତିନିଧି ଭାବରେ ଯାନିଯାତ୍ରାରେ ଅଂଶଗ୍ରହଣ କରୁଥିବା ସମସ୍ତ ବିଗ୍ରହ ଉଭୟଙ୍କର ଉଦ୍ଦେଶ୍ୟ ହେଉଛି ଦର୍ଶନ ଓ ଶ୍ରୀମହାପ୍ରସାଦ ଦ୍ୱାରା ଜୀବଜଗତର ମୁକ୍ତି । ସେଇଥିପାଇଁ କୁହାଯାଇଛି-

**ଦୋଳେ ତୁ ଦୋଳଗୋବିନ୍ଦଂ ଚାପେ ତୁ ମଧୁସୂଦନମ୍ ।**
**ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମଂ ନବିଦ୍ୟତେ ।**

ଉପର୍ଯ୍ୟୁକ୍ତ ଶ୍ଳୋକ ଅନୁସାରେ ମୁଖ୍ୟ ବିଗ୍ରହ ଓ ଚଳନ୍ତି ପ୍ରତିମାମାନଙ୍କ ମଧ୍ୟରେ କୌଣସି ଫରକ ନାହିଁ । କାର୍ଯ୍ୟର ଉଦ୍ଦେଶ୍ୟ ମଧ୍ୟ ଏକ । ତେଣୁ ଉଭୟଙ୍କୁ ସମର୍ପିତ ନୈବେଦ୍ୟ ମଧ୍ୟ ଶ୍ରୀମହାପ୍ରସାଦ । ଆହା ମହାପ୍ରଭୁ ! ଜୀବଜଗତ ପ୍ରତି ଆପଣଙ୍କ କି ଅପାର କରୁଣା, ପ୍ରସାଦ, ଅନୁକମ୍ପା । ଧନ୍ୟ ପ୍ରଭୁ ! ଧନ୍ୟ ଶ୍ରୀଜଗନ୍ନାଥ ! କେବଳ ଜୀବଜଗତ ପାଇଁ ନୁହେଁ ତୁମେ ପରା ପ୍ରଭୁ ଜଡ଼, ଚେତନ ଅଶରୀରୀ, ଅମୋକ୍ଷ ଆତ୍ମାର ସଦ୍‌ଗତି ପାଇଁ ତୁମର ଶ୍ରୀମହାପ୍ରସାଦରୂପୀ ଅଧରପଣାର ବ୍ୟବସ୍ଥା କରି ତାଙ୍କୁ ସଦ୍‌ଗତି ଦେଉଅଛ । ଏଭଳି ଶ୍ରୀମହାପ୍ରସାଦ (ମହାନ୍ କରୁଣା) କଅଣ ଶ୍ରୀକ୍ଷେତ୍ର ବ୍ୟତୀତ ତ୍ରିଭୁବନରେ ଆଉ କେଉଁଠି ଅଛି ?

## ଶ୍ରୀମହାପ୍ରସାଦ/ମହାର୍ଦ୍ଦ/ଅବଢ଼ା :-

ଏହି ଶ୍ରୀମହାପ୍ରସାଦ ଶ୍ରୀମନ୍ଦିର ଭାଷାରେ ଲୋକମୁଖରେ 'ମାହାର୍ଦ୍ଦ' ବା 'ମହାର୍ଦ୍ଦ' ନାମରେ ପରିଚିତ । ପ୍ରତ୍ୟେକ ଶୁଭକାର୍ଯ୍ୟରେ ପ୍ରଥମେ ମହାର୍ଦ୍ଦ ପୁଡ଼ିଆର ଆବଶ୍ୟକତା

CC-0. In Public Domain. Digitized by Muthulakshmi Research Academy

ଅବଶ୍ୟମ୍ଭାବୀ । ଏହାକୁ ଯଥେଷ୍ଟ ମାନ୍ୟତା ପୂର୍ବକ ଶ୍ରୀଜଗନ୍ନାଥଙ୍କ ପ୍ରତିରୂପ ହୋଇଥିବାରୁ ଗୋଟିଏ ମାହାର୍ଦ୍ଦ ନକହି 'ମାହାର୍ଦ୍ଦ ଏକ ମୂର୍ତ୍ତି' ବୋଲି କହିଥାଆନ୍ତି । ଠାକୁରଙ୍କର ଓ ମାହାର୍ଦ୍ଦ ପାଇଁ ମୂର୍ତ୍ତି ଶବ୍ଦ ବ୍ୟବହାର କରାଯାଏ । ଯେ କୌଣସି ମାଙ୍ଗଳିକ କାର୍ଯ୍ୟରେ ଓଡ଼ିଆ ପରିବାରରେ ମାହାର୍ଦ୍ଦ ପୁଡ଼ିଆଟିର ଆବଶ୍ୟକତା ଅପରିହାର୍ଯ୍ୟ । ଅନ୍ନ ମହାପ୍ରସାଦର ନାମାନ୍ତର ହେଉଛି 'ଅବଢ଼ା' । ଏହାକୁ ନବାଢ଼ି ସେହି ରନ୍ଧା ଯାଇଥିବା କୁଡୁଆରେ ସେବନ କରାଯାଉଥିବା ବିଧିକୁ ପରମ୍ପରା ଓ ଶ୍ରୀଜଗନ୍ନାଥ ଚେତନା ମଧ୍ୟ ସମର୍ଥନ କରିଅଛି । ବେଦର *'ଓଁ ସହନୌ ଭୁନକ୍ତୁ, ସହ ବୀର୍ଯ୍ୟଂ କରବା ବହୈ'* ବାକ୍ୟ ଏଠାରେ କାର୍ଯ୍ୟକାରୀ ହେଉଛି ଅର୍ଥାତ୍ ସମସ୍ତେ ଏକାଠି ମିଶି ଭୋଜନ କରୁଛନ୍ତି । ଅବଢ଼ା ବାଢ଼ି କରି ଖାଇବା ଦ୍ୱାରା ଏହାର ପବିତ୍ରତା ଓ ଶୁଦ୍ଧତା ହ୍ରାସ ପାଇଥାଏ ବୋଲି କାହାର କାହାର ବିଶ୍ୱାସ ରହିଅଛି । ଯେଉଁ କୁଡୁଆ ବା ହାଣ୍ଡିରେ ଥରେ ରନ୍ଧାଯାଇଥାଏ ତାହା ପୁନର୍ବାର କାର୍ଯ୍ୟରେ ଆସେ ନାହିଁ । ସେହି ହାଣ୍ଡି କୁଡୁଆରୁ ଖାଇବା ପରେ ତାହା ନଷ୍ଟ କରି ଦିଆଯାଇଥାଏ । 'ଅବଢ଼ା' ଶବ୍ଦରୁ ଧୀରେ ଧୀରେ ଅପଭ୍ରଂଶ ହୋଇ କେହି କେହି 'ଅଭଡ଼ା' ବୋଲି କହନ୍ତି । ଭୋଜନର ସୁବିଧା ଦୃଷ୍ଟିରୁ ଏବେ ଶ୍ରୀମହାପ୍ରସାଦ କଦଳୀପତ୍ରରେ ବାଢ଼ି ଖିଆ ଯାଉଥିଲେ ହେଁ 'ଅବଢ଼ା' ଶବ୍ଦଟି ଲୋକମୁଖରୁ ଦୂରେଇ ଯାଇନାହିଁ । ଗୁଣ୍ଡିଚା ମନ୍ଦିରରେ ରନ୍ଧା ଯାଉଥିବା ଅନ୍ନ ଶ୍ରୀମହାପ୍ରସାଦକୁ 'ଆଡ଼ପ ଅବଢ଼ା' ଓ ଶ୍ରୀମନ୍ଦିରକୁ ଠାକୁର ଫେରି ଆସିବାପରେ ନୀଳାଦ୍ରି ବିଜେ ପ୍ରଥମ ଦିନ ଯେଉଁ ଅନ୍ନ ଶ୍ରୀମହାପ୍ରସାଦ ରନ୍ଧାଯାଏ ତାହାକୁ 'ନୀଳାଚଳ ଅବଢ଼ା' କୁହାଯାଏ । ଏହି 'ଅବଢ଼ା' କେବଳ ଅନ୍ନ ନୁହେଁ । ଏହା ପଛରେ ଏକ ଭକ୍ତିଚେତନ୍ୟ ରହିଅଛି । ଜନସାଧାରଣ ତାକୁ ସେହି ଭାବରେ ଗ୍ରହଣ କରି ଆସିଥିବା କଥା ଭଜନ ସମ୍ରାଟ ଭିକାରୀ ବଳଙ୍କ 'ଦାସିଆ ନଡ଼ିଆ ସିନା ତୋତେ ବଢ଼ିଆ, ହେଲେ ତୋ ଅବଢ଼ା ଅନ୍ନ ମୋତେ ବଢ଼ିଆ'ରୁ ବୁଝାପଡ଼େ । ତେଣୁ 'ଅବଢ଼ା' ଶବ୍ଦଟି ଆଜି ମଧ୍ୟ ଜନମାନସରେ ଏକ ପ୍ରଚଳିତ ଶବ୍ଦ ।

## ଶ୍ରୀଗୁଣ୍ଡିଚା ମନ୍ଦିରର ଆଡ଼ପ ଅବଢ଼ା :-

ମହାଭାରତର ବନପର୍ବରେ ଶ୍ରୀକ୍ଷେତ୍ରରେ ଥିବା ମହାବେଦୀ କିମ୍ବା ଆଜିର ଗୁଣ୍ଡିଚା ମଣ୍ଡପ ବିଷୟରେ ବିସ୍ତୃତ ବର୍ଣ୍ଣନା ରହିଅଛି । ସ୍କନ୍ଦପୁରାଣ ମତରେ ପ୍ରଥମେ ସେହି ମହାବେଦୀର ଯଜ୍ଞ ମଣ୍ଡପସ୍ଥଳରେ ଦାରୁବିଗ୍ରହ ରୂପରେ ଆବିର୍ଭୂତ ହୋଇ ମହାପ୍ରଭୁ, ମହାରାଜା ଇନ୍ଦ୍ରଦ୍ୟୁମ୍ନ ଓ ଦେବର୍ଷି ନାରଦଙ୍କୁ ଆଷାଢ଼ ଶୁକ୍ଳ ନବମୀ ସନ୍ଧ୍ୟାରେ ଦର୍ଶନ ଦେଇଥିଲେ । ସେହି ଦିନ ହିଁ ଠାକୁରମାନଙ୍କୁ ଯେଉଁ ଭୋଗ ଦିଆଗଲା ତାହାକୁ ଶ୍ରୀମହାପ୍ରସାଦ କୁହାଗଲା । ସେହି ଦିନଠାରୁ ସନ୍ଧ୍ୟା ଦର୍ଶନର ମାହାତ୍ମ୍ୟ ସର୍ବଜନ ବିଦିତ । ସେହି ଯଜ୍ଞବେଦୀକୁ କେହି କେହି ଆଡ଼ପମଣ୍ଡପ, ଆଟୋପମଣ୍ଡପ ବୋଲି କହନ୍ତି । ରଥଯାତ୍ରା ଅବସରରେ ମହାପ୍ରଭୁଙ୍କ ଆଡ଼ପମଣ୍ଡପ ରହଣି ସମୟରେ ଭକ୍ତ ଶ୍ରୀବିଗ୍ରହମାନଙ୍କୁ ବିଶେଷତଃ ସନ୍ଧ୍ୟା କାଳରେ ଦର୍ଶନ କଲେ ଶ୍ରୀମନ୍ଦିରରେ ଦର୍ଶନର

CC-0. In Public Domain. Digtized by Muthulakshmi Research Academy

ପୁଣ୍ୟଫଳର ଦଶଗୁଣ ବୃଦ୍ଧି ହୋଇଥାଏ ବୋଲି ଶାସ୍ତ୍ରମାନଙ୍କର ମତ । ସେଥିପାଇଁ ଶ୍ରୀବିଗ୍ରହମାନଙ୍କର ଆଡ଼ପମଣ୍ଡପ ରହଣି କାଳରେ ଅତ୍ୟଧିକ ଜନଗହଳି ଦେଖିବାକୁ ମିଳେ । ଆଡ଼ପମଣ୍ଡପରେ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସହିତ ବ୍ରାହ୍ମଣମାନଙ୍କୁ ଅନ୍ନଦାନର ବିଧି ରହିଅଛି । ଶ୍ରୀମହାପ୍ରସାଦରୂପୀ 'ଅନ୍ନ'କୁ ବ୍ରାହ୍ମଣଙ୍କୁ ଦାନ କଲେ ନାରାୟଣ ସ୍ୱରୂପ ବ୍ରାହ୍ମଣ ସନ୍ତୁଷ୍ଟ ହୁଅନ୍ତି ଓ ଅନ୍ନଦାନ କରିଥିବା ବ୍ୟକ୍ତିଙ୍କର ଅଶେଷ ମଙ୍ଗଳ ହୁଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ଅଛି । ସେଥିପାଇଁ ଶ୍ରୀମନ୍ଦିର ଭଳି ଆଡ଼ପମଣ୍ଡପରେ ମଧ୍ୟ 'ଅନ୍ନଦାନ' କରାଯାଇଥାଏ । ବାମଦେବ ସଂହିତା (୯।୧୨) ଅନୁସାରେ ମହାବେଦୀରେ ସାତଦିନ ପାଇଁ ପାକ କର୍ମ କରିବ ବୋଲି ଉଲ୍ଲେଖ ରହିଅଛି । ତେଣୁ ଶ୍ରୀଗୁଣ୍ଡିଚା ମନ୍ଦିରର ପାକ ଶାସ୍ତ୍ର ସମ୍ମତ ।

ଏହି ସ୍ଥାନରେ ମନକୁ ଗୋଟିଏ ପ୍ରଶ୍ନ ଆସେ, ଯେ ଶ୍ରୀମନ୍ଦିରରେ ରୋଷ ଘରେ ମାତା ମହାଲକ୍ଷ୍ମୀ ସ୍ୱୟଂ ପାଚିକା ଭାବରେ ରନ୍ଧନ କରିଥାଆନ୍ତି ଓ ମହାପ୍ରଭୁ ତାହା ଭୋଜନ କରନ୍ତି । ରଥଯାତ୍ରା ସମୟରେ ତ ମହାପ୍ରଭୁ ନିଜେ ସଙ୍ଗରେ ମାତା ମହାଲକ୍ଷ୍ମୀଙ୍କୁ ନେଇ ନ ଥାଆନ୍ତି, ତାହାହେଲେ କଅଣ ଶ୍ରୀଗୁଣ୍ଡିଚା ମନ୍ଦିର ପାକକୁ ଲକ୍ଷ୍ମୀପାକ ବୋଲି କୁହାଯାଇପାରିବ ? ଏ ବିଷୟରେ ଏତିକି କୁହାଯାଇପାରେ ଯେ ଏହି ପରିଚ୍ଛେଦରେ ପୂର୍ବରୁ ଆଲୋଚନା କରାଯାଇଥିବା ଶ୍ଳୋକର ଅର୍ଥ ଅନୁସାରେ ବିଷ୍ଣୁଦେହାର୍ଦ୍ଧଧାରିଣୀ ଅଦ୍ୱିତୀୟା ବୈଷ୍ଣବୀ ଶକ୍ତି ଦେବୀ କମଳା ଅମୃତତୁଲ୍ୟ ଅନ୍ନବ୍ୟଞ୍ଜନାଦି ପାକ କରନ୍ତି ଓ ମହାପ୍ରଭୁ ତାହା ଭୋଜନ କରନ୍ତି । ଲୀଳାମୟ ଶ୍ରୀଜଗନ୍ନାଥଙ୍କ ଲୀଳାରେ ସିନା ମାତା ମହାଲକ୍ଷ୍ମୀଙ୍କୁ ସଙ୍ଗରେ ଗୁଣ୍ଡିଚା ମଣ୍ଡପକୁ ନେଇ ନଥାଆନ୍ତି, କିନ୍ତୁ ସେ ପରା ବିଷ୍ଣୁଦେହାର୍ଦ୍ଧଧାରିଣୀ ! ସେ କଅଣ ମହାପ୍ରଭୁଙ୍କଠାରୁ ପୃଥକ୍ ରହି ପାରିବେ ?[୨]

ଶ୍ରୀମାଧବ, ଶ୍ରୀଜଗନ୍ନାଥ, ବିଶ୍ୱଧାତ୍ରୀ (ଭୂଦେବୀ) ଓ ମାତା ମହାଲକ୍ଷ୍ମୀଙ୍କ ମଧ୍ୟରେ କୌଣସି ଭେଦ ନାହିଁ । ତାହା ବ୍ୟତୀତ ଶ୍ରୀଜଗନ୍ନାଥଙ୍କ ସହ ମାତା ମହାଲକ୍ଷ୍ମୀ ଲୀଳା ସମୟରେ ରହିବା ନ ରହିବା ଏହା ମହାପ୍ରଭୁଙ୍କ ଲୀଳା, ଯାହା ଆମ ପାଇଁ ଦୁର୍ବୋଧ୍ୟ । ଗୋଟିଏ କଥା କିନ୍ତୁ ସ୍ପଷ୍ଟ ଯେ, ଶ୍ରୀମନ୍ଦିରରେ ନୈବେଦ୍ୟ ସମର୍ପଣ ପୂର୍ବରୁ ସୂପକାରମାନେ ଛେକରେ ଭୋଗ ନେବା ସମୟରେ ଭୋଜ୍ୟ ପଦାର୍ଥର କୌଣସି ସୁଗନ୍ଧ ନ ଥାଏ, କିନ୍ତୁ ଶ୍ରୀମହାପ୍ରସାଦ ଭାବେ ଆନନ୍ଦ ବଜାରକୁ ଯେତେବେଳେ ନିଆଯାଏ ସେତେବେଳେ ତାହାର ସୁଗନ୍ଧ ମନକୁ ଆହ୍ଲାଦିତ କରିଦିଏ । ତାହା ହିଁ ତ ସୂଚାଇ ଦିଏ ଯେ ମାତା ଲକ୍ଷ୍ମୀଙ୍କ ଦ୍ୱାରା ରନ୍ଧା ହୋଇଥିବା ନୈବେଦ୍ୟ ଚୈତନ୍ୟଯୁକ୍ତ ହେବାପରେ ମହାଲକ୍ଷ୍ମୀଙ୍କ ଉପସ୍ଥିତି ପ୍ରମାଣ କରିଥାଏ । ଶ୍ରୀଗୁଣ୍ଡିଚା ମନ୍ଦିରରେ ମଧ୍ୟ ସେହିଭଳି ଶ୍ରୀମହାପ୍ରସାଦର ମହ ମହ ବାସନା ହିଁ ପ୍ରମାଣିତ କରେ ଯେ ମହାଲକ୍ଷ୍ମୀ ସେଠାରେ

୨. ମାଧବସ୍ୟ ଚ ଦେବସ୍ୟ ଜଗନ୍ନାଥସ୍ୟ ସାମ୍ପ୍ରତମ୍ ।
ବିଶ୍ୱଧାତ୍ର୍ୟା ମହାଲକ୍ଷ୍ୟା ଭେଦୋ ନାସ୍ତି କଦାଚନ ॥ (ନୀଳାଦ୍ରି ମହୋଦୟ-୨୧)

CC-0. In Public Domain. Digtized by Muthulakshmi Research Academy

ମଧ୍ୟ ଗୁପ୍ତଭାବେ ପାଚିକା ଭାବରେ ରନ୍ଧନ କରିଥାଆନ୍ତି । ଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ମା ମହାଲକ୍ଷ୍ମୀଙ୍କର ନ ଯିବା କଥା କେବଳ ମାତ୍ର ଲୀଳା । ଯାହାକି ଆମପାଇଁ ବୋଧଗମ୍ୟ ହେଉନାହିଁ, କାରଣ ତାହା ଅତ୍ୟନ୍ତ ରହସ୍ୟମୟ ।

ଶ୍ରୀମନ୍ଦିରରେ ମାତା ବିମଳା ଦେବୀଙ୍କୁ ଶ୍ରୀଜଗନ୍ନାଥଙ୍କ ଥାଳି ଅନ୍ନ ସମର୍ପଣ କରାଯାଏ । ଗୁଣ୍ଡିଚା ମନ୍ଦିରରେ ତ ବିମଳା ନଥାଆନ୍ତି, ତାହାହେଲେ କାହାକୁ ସମର୍ପଣ କରାଯାଏ ବୋଲି କେହି କେହି ପ୍ରଶ୍ନ ପଚାରିଥାଆନ୍ତି । ସେଠାରେ ବିମଳା ଦେବୀଙ୍କୁ କଳ୍ପନା କରାଯାଇ ତାଙ୍କ ଉଦ୍ଦେଶ୍ୟରେ ଉକ୍ତ ଥାଳିକୁ ଗୁଣ୍ଡିଚା ମନ୍ଦିର ଦକ୍ଷିଣ ପଟକୁ ଉପରକୁ ଦେଖାଇ ସମର୍ପଣ କରାଯାଇଥାଏ ।

ଶ୍ରୀମନ୍ଦିର ଭଳି ଗୁଣ୍ଡିଚା ମନ୍ଦିରରେ ମଧ୍ୟ ଅନ୍ନଯଜ୍ଞ ହୁଏ । ଅଧିକନ୍ତୁ ଗୁଣ୍ଡିଚା ମଣ୍ଡପ ଯଜ୍ଞ ମଣ୍ଡପ ରୂପେ ପରିଚିତ । ତେଣୁ ସେଠାର ଅନ୍ନଯଜ୍ଞର ଅନ୍ନକୁ ଶ୍ରୀମନ୍ଦିର ଭଳି ଚରୁଅନ୍ନ କୁହାଯାଇଥାଏ ।

## ସଂହତି ଓ ସହବନ୍ଧନର ଦ୍ୟୋତକ ଶ୍ରୀମହାପ୍ରସାଦ :-

ପୂର୍ବରୁ କରାଯାଇଥିବା ବର୍ଣ୍ଣନାନୁସାରେ ଶ୍ରୀମହାପ୍ରସାଦ ହେଉଛନ୍ତି ଶ୍ରୀଜଗନ୍ନାଥଙ୍କର ଭଳି ସମାନ ସ୍ଥାନର ଅଧିକାରୀ, ତେଣୁ 'ପ୍ରତିଭୂ' । ସମଗ୍ର ଭାରତବର୍ଷରେ ବିଶେଷତଃ ଓଡ଼ିଶାରେ ଶ୍ରୀମହାପ୍ରସାଦକୁ ଠାକୁରଙ୍କ ଭଳି ସମ୍ମାନ ଦିଆଯାଇଥାଏ । ଶ୍ରୀମହାପ୍ରସାଦକୁ ଉଚ୍ଚସ୍ଥାନ ଦିଆଯାଏ ଓ ତାହା ପାଇବା ସମୟରେ ମୁଣ୍ଡିଆ ମାରି ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କରି କୌଣସି ଆସନରେ ବସି ପାଇବା ଅପରାଧ ବୋଲି ଜ୍ଞାନ କରାଯାଏ । ସେହିପରି ଶ୍ରୀମହାପ୍ରସାଦ ପାଇ କୁଳିକରି ମୁହଁରୁ ପାଣିକାଢ଼ି ଫୋପାଡ଼ିବାକୁ ମଧ୍ୟ ଅପରାଧ ବୋଲି ଚିନ୍ତା କରାଯାଏ । କାରଣ ଅଇଁଠା ପାଣି ସହ ଶ୍ରୀମହାପ୍ରସାଦର କିଛି ଅଂଶ ବାହାରକୁ ଫୋପାଡ଼ିବା ଶ୍ରୀମହାପ୍ରସାଦ ପ୍ରତି ଅପମାନ । ସେହିପରି କେତେକ ଭକ୍ତ ଶ୍ରୀମହାପ୍ରସାଦ ପାଇବା ପରେ ହାତ ନଧୋଇ ମୁଣ୍ଡରେ ବୋଳିଥାଆନ୍ତି କାରଣ ହାତ ଧୋଇଲେ ହାତରେ ଲାଗିଥିବା ଶ୍ରୀମହାପ୍ରସାଦର କିଛି ଅଂଶ ତଳେ ପଡ଼ିଗଲେ ଶ୍ରୀମହାପ୍ରସାଦ ପ୍ରତି ଅମର୍ଯ୍ୟାଦା ବୋଲି ବିଚାର କରାଯାଏ । ଶ୍ରୀମହାପ୍ରସାଦ ଦେଇ ଅତିଥି ସତ୍କାର କରିବା ଆମ ସମାଜର ଏକ ବୈଶିଷ୍ଟ୍ୟ, ମହତ୍ତ୍ୱପୂର୍ଣ୍ଣ ପରମ୍ପରା ଯାହାକି କେଉଁ ଅନନ୍ତ କାଳରୁ ଚାଲିଆସିଛି । ଓଡ଼ିଶାରେ ବିବାହ, ବ୍ରତୋପନୟନ, ଜନ୍ମଦିନ, ଗୃହ ପ୍ରବେଶ ଓ ଅନ୍ୟାନ୍ୟ ସାମାଜିକ ମିଳନ ସମୟରେ ଶ୍ରୀମହାପ୍ରସାଦ ସେବନକୁ ଅଗ୍ରାଧିକାର ପ୍ରଦତ୍ତ ଦିଆଯାଇଅଛି । କୌଣସି ଅଶୌଚକ୍ରିୟା କିମ୍ବା ଗୋ-ବଧ ଭଳି ମହାପାତକର ପ୍ରାୟଶ୍ଚିତ କର୍ମରେ ଶ୍ରୀମହାପ୍ରସାଦ ସେବନ ଦ୍ୱାରା ମୁକ୍ତି ହୁଏ ବୋଲି ସମାଜର ଦୃଢ଼ ଆସ୍ଥା ଓ ବିଶ୍ୱାସ । ଓଡ଼ିଶାରେ ଗ୍ରୀଷ୍ମଋତୁରେ ପଥପାର୍ଶ୍ୱରେ ପଥିକର ତୃଷାମେଣ୍ଟାଇବା ପାଇଁ ଜଳଦାନ କରିବା ଏକ ମହନୀୟ ପରମ୍ପରା । ସେହି ସମୟରେ ଶ୍ରୀମହାପ୍ରସାଦ ମିଶ୍ରିତ ଜଳବଣ୍ଟନ

CC-0. In Public Domain. Digtized by Muthulakshmi Research Academy

(ଅବଢ଼ା ତୋରାଣି) ଓଡ଼ିଶାର ଏକ ନିଜସ୍ୱ ପରିପାଟୀ ଓ ପରମ୍ପରା । ଏହି କଳୁଷହାରକ ଓ ଉଦାରଭାବର ପରିଚାୟକ ଅବଢ଼ା ତୋରାଣି ପ୍ରତ୍ୟେକ ନିଃସଙ୍କୋଚରେ ଜାତି ମତ ନିର୍ବିଶେଷରେ ଗ୍ରହଣ କରିଥାଆନ୍ତି ।

ପ୍ରତ୍ୟେକ ଓଡ଼ିଆ ଘରେ ଯେ କୌଣସି ମାଙ୍ଗଳିକ କାର୍ଯ୍ୟରେ ଶ୍ରୀମହାପ୍ରସାଦର ଆବଶ୍ୟକତା ଅତ୍ୟନ୍ତ ଅପରିହାର୍ଯ୍ୟ ଓ ଏହାର ସ୍ଥାନ ଅତ୍ୟନ୍ତ ଉଚ୍ଚରେ ଥିବା କଥା ପୂର୍ବେ ବର୍ଣ୍ଣିତ ହୋଇଅଛି । ସମାଜରେ ବନ୍ଧୁତାର ନିଦର୍ଶନ ସ୍ୱରୂପ ନିମନ୍ତ୍ରଣରେ ଶ୍ରୀମହାପ୍ରସାଦ ସହ ଗୁଆ ପଠାଇବା ଏକ ସର୍ବମାନ୍ୟ ସାମାଜିକ ଚଳଣି । ଶ୍ରୀମହାପ୍ରସାଦ ପରକୁ ଆପଣାର ଓ ଶତ୍ରୁକୁ ମିତ୍ର କରିବାର ଉପଯୁକ୍ତ ଓ ସଶକ୍ତ ମାଧ୍ୟମ ଅଟେ । ଓଡ଼ିଆ ପରିବାରରେ ଶ୍ରୀମହାପ୍ରସାଦ ପୁଡ଼ିଆ ହାତରେ ଧରି ବ୍ୟକ୍ତି ଶ୍ରୀଜଗନ୍ନାଥଙ୍କୁ ସାକ୍ଷୀ ରଖି ଏକ ମୈତ୍ରୀପୂର୍ଣ୍ଣ ପରିବେଶ ସୃଷ୍ଟିରେ ସହାୟକ ହୋଇଥାଏ । ପରସ୍ପର ପାଟିରେ ଶ୍ରୀମହାପ୍ରସାଦ ଦିଆଦେଇ ହୋଇ ଯେଉଁ ବନ୍ଧୁତା ସ୍ଥାପିତ ହୁଏ ତାହା ପବିତ୍ର ଓ ଅଚ୍ଛେଦ୍ୟ । ଲୋକେ ଶ୍ରୀମହାପ୍ରସାଦ ଦିଆଦେଇ ହୋଇ ଧର୍ମବାପ, ଧର୍ମପୁଅ, ଧର୍ମଭାଇ, ଧର୍ମଭଉଣୀ, ଧର୍ମମାଆ, ସଙ୍ଗାତ, ମଇତ୍ର ଆଦି ଧର୍ମ ସଂପର୍କ ପରସ୍ପରରେ ବସନ୍ତି । ଲୋକେ ଶ୍ରୀମହାପ୍ରସାଦ ଛୁଇଁ ହଲପ ବା ପ୍ରତିଜ୍ଞା କରନ୍ତି । 'ମହାପ୍ରସାଦ' ମୂଳକ ବନ୍ଧୁତା ବା ଶ୍ରୀମହାପ୍ରସାଦ ମାଧ୍ୟମରେ ବନ୍ଧୁ ରକ୍ତ ସଂପର୍କ ଅପେକ୍ଷା ଅଧିକ ନିକଟତର ଓ ନିବିଡ଼ତର ବୋଲି ସମାଜରେ ପ୍ରମାଣିତ ହୋଇଅଛି । ବିବାହ ପୂର୍ବରୁ କନ୍ୟାପିତା ଓ ବରପିତା ପରସ୍ପର ହାତକୁ ଶ୍ରୀମହାପ୍ରସାଦ ଟେକିଦେଇ ବୈବାହିକ ସଂପର୍କ ସ୍ଥାପନ ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନାମ ଉଚ୍ଚାରଣ କରି ଶ୍ରୀମହାପ୍ରସାଦକୁ ସାକ୍ଷୀ ରଖି ଶପଥ ଗ୍ରହଣ କରିଥାଆନ୍ତି । ଏହାକୁ ଶ୍ରୀମହାପ୍ରସାଦ ଟେକା ବା ଶ୍ରୀମହାପ୍ରସାଦ ନିର୍ବନ୍ଧ କହନ୍ତି । ଉକ୍ତ ନିର୍ବନ୍ଧ କର୍ମ ପରେ ଯଦି କୌଣସି ପକ୍ଷ ତରଫରୁ ବିବାହ ପ୍ରସ୍ତାବ ଭାଙ୍ଗିଯାଏ ବା କେହି ଭାଙ୍ଗି ଦିଏ ସେ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ଦ୍ରୋହୀ ହୁଏ ବୋଲି ସାମାଜିକ ଚଳଣିରେ ଦୃଢ଼ ବିଶ୍ୱାସ ରହିଅଛି । ବିବାହ ଉତ୍ସବରେ ପ୍ରଥମେ ବର ଓ ବରଯାତ୍ରୀଙ୍କୁ ଶ୍ରୀମହାପ୍ରସାଦ ଅର୍ପଣପୂର୍ବକ ସାଦର ଅଭ୍ୟର୍ଥନା କରାଯିବା ଏକ ସାଧାରଣ ବିଧି । ବିବାହ ପରେ ଝିଅ ବିଦା ସମୟରେ ସଙ୍ଗରେ ଶ୍ରୀମହାପ୍ରସାଦ ଯିବା ଏକ ସାମାଜିକ ସ୍ୱୀକୃତ ଚଳଣି । ସଭାସମିତିରେ ସତ୍ୟ ଆବିଷ୍କାର ଓ ସତ୍ୟପ୍ରତିଷ୍ଠାରେ ଶ୍ରୀମହାପ୍ରସାଦର ଏପରିକି ଶ୍ରୀମହାପ୍ରସାଦ କୁଡୁଆର ଏକ ବିଶେଷ ଭୂମିକା ରହିଥିବା କଥା ଆଜି ମଧ୍ୟ ସ୍ୱୀକୃତ । ବିଭିନ୍ନ ସ୍ଥାନରେ ଗ୍ରାମ୍ୟ କଳହରେ ଆପୋଷ ସମଧାନ ଦିଗରେ ଶ୍ରୀମହାପ୍ରସାଦ ତୁଣ୍ଡରେ ଦେଇ ପୁନଃ ବନ୍ଧୁତା ସ୍ଥାପନ ମଧ୍ୟ ଦେଖିବାକୁ ମିଳେ । 'ଶ୍ରୀମହାପ୍ରସାଦ' ଲଙ୍ଘନ କରି ଓ ତହିଁର ଦ୍ୱାହି ଦେଇ ଅକାର୍ଯ୍ୟ ସାଧନ କରିବା ଘଟଣା ପ୍ରତି ବ୍ୟଙ୍ଗ କରି ଲୋକେ କହିଥାଆନ୍ତି 'ମହାନଦୀ, ମହାପ୍ରସାଦ' ଏହାକୁ ବିଶ୍ୱାସ ନାହିଁ । ଏଭଳି ଲୋକକୁ ଶ୍ରୀମହାପ୍ରସାଦ ଦ୍ରୋହୀ ବୋଲି କୁହାଯାଇଥାଏ । ଏଭଳି ବ୍ୟକ୍ତିଙ୍କର ସାମାଜିକ ପ୍ରତିଷ୍ଠା ମଧ୍ୟ କମିଯିବାର ଦେଖିବାକୁ ମିଳେ ।

CC-0. In Public Domain. Digtized by Muthulakshmi Research Academy

ପ୍ରତ୍ୟେକ ଶ୍ରୀଜଗନ୍ନାଥଙ୍କର ଉପାସକ, ଭକ୍ତ ଓ ଦର୍ଶନାର୍ଥୀ ମହାପ୍ରଭୁଙ୍କ ଦର୍ଶନ ପରେ ସଙ୍ଗରେ ଅନ୍ନ ଶ୍ରୀମହାପ୍ରସାଦ କିମ୍ବା ଶୁଖିଲି ଶ୍ରୀମହାପ୍ରସାଦ ସଙ୍ଗରେ ନେଇ ଘରକୁ ଫେରି ସାଙ୍ଗ ସାଥି, ବନ୍ଧୁବାନ୍ଧବକୁ ବିତରଣ କରି ସଂହତି ସ୍ଥାପନ କରିଥାଏ । ଏହା ହିଁ ତାହାର ମହାପ୍ରଭୁଙ୍କୁ ଦର୍ଶନର ଉପଯୁକ୍ତ ନିଦର୍ଶନ । ଗୃହକୁ ବିପଦମୁକ୍ତ ରଖିବାପାଇଁ ଓଡ଼ିଆମାନେ ଗୃହର ପ୍ରବେଶ ପଥରେ ଶ୍ରୀମହାପ୍ରସାଦ ପୁଡ଼ିଆ କିମ୍ବା କେହି କେହି କୁଡୁଆ ଟାଙ୍ଗିଥାଆନ୍ତି । ଏହାକୁ ଦର୍ଶନ କରି ଯାତ୍ରା କଲେ ସମସ୍ତ ଯାତ୍ରା ସଫଳ ହେବା ସଙ୍ଗେ ସଙ୍ଗେ କାର୍ଯ୍ୟସିଦ୍ଧି ହୋଇଥାଏ ଏବଂ ଗୃହରେ କୌଣସି ଅମଙ୍ଗଳ ହୋଇ ନଥାଏ ବୋଲି ସମାଜରେ ଏକ ଦୃଢ଼ ବିଶ୍ୱାସ ।

ପୂର୍ବେ ବର୍ତ୍ତମାନର ଆନନ୍ଦ ବଜାର ନିର୍ମାଣ ପୂର୍ବରୁ ବାଇଶି ପାହାଚରେ ଶ୍ରୀମହାପ୍ରସାଦ ବିକ୍ରି ହେଉଥିଲା । ତେଣୁ ସେଠାରେ ଦୀପାବଳୀ ଉତ୍ସବ ଅବସରରେ ଓଡ଼ିଆ ପିତୃପୁରୁଷଙ୍କୁ ଶ୍ରୀମହାପ୍ରସାଦ ସେବନ ନିମିତ୍ତ ନିମନ୍ତ୍ରଣ କରି ସମ୍ବୋଧନ କରିଥାଏ । 'ବଡ଼ବଡୁଆ ହେ ! ଅନ୍ଧାରେ ଆସି ଆଲୁଏ ଯାଅ । ବାଇଶି ପାହାଚରେ ଶ୍ରୀମହାପ୍ରସାଦ ଖାଇ ଅମୃତ ମୁଖେ ଚାହିଁ ଥାଅ ।'

ଏକଦା ଖୋର୍ଦ୍ଧାର ବକ୍ସି ଜଗବନ୍ଧୁ ଶ୍ରୀଜୀଉଙ୍କ ଶ୍ରୀମହାପ୍ରସାଦ ନେଇ ପାଇକମାନଙ୍କ ମଧ୍ୟରେ ବଣ୍ଟନ କରିବା ଦ୍ୱାରା ସେମାନଙ୍କ ମନରେ ଅଭୂତପୂର୍ବ ଦେଶପ୍ରେମ ଓ ଜାତୀୟ ଚେତନା ଉଦ୍ଦୀପିତ ହୋଇଥିଲା । ଫଳରେ ସେମାନେ ନୈରାଶ୍ୟ ପରିହାର କରି ଅପୂର୍ବ ସାହସ ଓ ଧୈର୍ଯ୍ୟର ସହ ଶତ୍ରୁର ସମ୍ମୁଖୀନ ହୋଇଥିଲେ । ତେଣୁ ଶ୍ରୀମହାପ୍ରସାଦର ଏଭଳି ସାମାଜିକ, ଜାତୀୟ ପ୍ରଭାବ ରହିଥିବା କଥା ପ୍ରମାଣିତ ହୋଇଅଛି ।

୧୮୫୭ ମସିହାର ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମକୁ ଅବମୂଲ୍ୟାଙ୍କନ କରି ଇଂରେଜ ଶାସନର କେତେକ ସ୍ତାବକ ଐତିହାସିକ ଏହି ସଂଗ୍ରାମକୁ ମୁଷ୍ଟିମେୟ ସିପାହୀମାନଙ୍କର ବିଦ୍ରୋହ ବୋଲି ଆଖ୍ୟା ଦେଇଛନ୍ତି । ତାହା ଥିଲା ବାସ୍ତବ ଚିତ୍ରର ଭୁଲ ଚିତ୍ରଣ । ଝାନ୍‌ସୀ ରାଣୀ ଲକ୍ଷ୍ମୀବାଇ ତାଙ୍କ ଗୁରୁତୁଲ୍ୟ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସେବକ ଚାଖି ଖୁଣ୍ଟିଆ (ଚନ୍ଦନ ହଜୁରୀ)ଙ୍କୁ ଏହି ସଂଗ୍ରାମରେ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ । ସେ ମଧ ତାଙ୍କର ଶିଷ୍ୟାରୂପୀ ଲକ୍ଷ୍ମୀବାଇଙ୍କ ଅନୁରୋଧକୁ ଏଡ଼ାଇ ନପାରି ମହାନ୍ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ ।

ଜାନୁଆରୀ ମାସ ୧୮୫୭ ମସିହାର ଉତ୍ତର ଭାରତରେ ଗାଁକୁ ଗାଁ ହାତକୁ ହାତ ବଣ୍ଟା ଚାଲିଲା ଇଂରେଜ ଶାସନର ପ୍ରତିରୋଧର ଭାଷା ହୋଇ ସୁମିଷ୍ଟ ରହସ୍ୟମୟ ପଦାର୍ଥ । ଏହି ବାଣ୍ଟିବାର ମାଧମ ଥିଲେ ଗାଁ ଚୌକିଦାରମାନେ । ରାତି ଅଧରେ ଏହି ପଦାର୍ଥ ପହଞ୍ଚି ଯାଉଥିଲା ସେମାନଙ୍କ ଘରେ, କିନ୍ତୁ ରାତି ପାହିଲା ବେଳକୁ ଗାଁର ପ୍ରତ୍ୟେକ ଘରେ ସେହି ପଦାର୍ଥଗୁଡ଼ିକ ପହଞ୍ଚି ଯାଉଥିଲା । ଯୋଜନାର କିଛି ସୁରାକ ମଧ ଜଣା

CC-0. In Public Domain. Digtized by Muthulakshmi Research Academy

ପଡୁନଥିଲା । ପ୍ରତିରୋଧର ସ୍ୱର ଦିନକୁ ଦିନ ଜଙ୍ଗଲର ନିଆଁ ଭଳି ଗାଁକୁ ଗାଁ ମାଡ଼ି ଚାଲୁଥିଲା । ଗାଁ ଚଉକିଆମାନେ ଭାବିଲେ ଯେ ଏହା ସରକାରଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ନିକଟରେ ପହଞ୍ଚୁଛି । ତେଣୁ କାର୍ଯ୍ୟରେ ତତ୍ପରତା ପ୍ରକାଶ କରୁଥିଲେ । ସଫଳ ଯୋଜନା ମାଧ୍ୟମରେ ଇଂରେଜ ଶାସନ ସମୟରେ ରହସ୍ୟମୟ ଏକ ପଦାର୍ଥକୁ ଭିତ୍ତି କରି ମହମହ ବାସୁଥିବା ଏକ ଦୈବୀ ବସ୍ତୁ ଥିଲା ବିଦ୍ରୋହର ଦାବାଗ୍ନିର ଅସଲ ଚାବିକାଠି । ଏହା କିନ୍ତୁ କେହି ଜାଣିପାରୁ ନଥିଲେ । ଯେ ସେହି ରହସ୍ୟମୟ ପଦାର୍ଥ ଖାଇଲା ସେ ସ୍ୱତଃ ବିଦ୍ରୋହରେ ସାମିଲ ହୋଇଗଲା । ସେହି ରହସ୍ୟମୟ ପଦାର୍ଥଟି କଅଣ କିଏ ବୁଝୁ ବା ନବୁଝୁ ଓଡ଼ିଆ ଲୋକଙ୍କର ଏହା ବୁଝିବାରେ କିଛି ଅସୁବିଧା ନଥିଲା ଯେ, ରହସ୍ୟମୟ ଦ୍ରବ୍ୟଟି ଥିଲା ଶ୍ରୀଜଗନ୍ନାଥଙ୍କ ଶ୍ରୀମହାପ୍ରସାଦ । କୋଉଠୁ ଆସିଲା ଏ ଶ୍ରୀମହାପ୍ରସାଦ ? ସୁଦୂର ଉତ୍ତର ଭାରତରେ କିଏ ବାଣ୍ଟିଲା ଏ ଶ୍ରୀମହାପ୍ରସାଦ ? ଏହି ଶ୍ରୀମହାପ୍ରସାଦ ବିନା କଅଣ ଆଉ କୌଣସି ଅନ୍ନକଣାରେ ଜାତୀୟ ସଂହତି ଓ ଭାବଗତ ଏକତା ସୃଷ୍ଟି କରିବାର ଶକ୍ତି ଅଛି କି ? ଏହି ବାଣ୍ଟିବା କାର୍ଯ୍ୟଟି ମେରଠରୁ କାହିଁକି ଆରମ୍ଭ ହେଲା ? ମେରଠର ୱାଲେସ୍ ସାହେବଙ୍କ ମନରେ କଅଣ ଏହି ଜିନିଷଟି ଜାଣିବା ପାଇଁ କୌତୂହଳ ସୃଷ୍ଟି ହେଲା ! କର୍ମଚାରୀମାନେ ତାଙ୍କୁ ଉତ୍ତର ଦେଲେ ସାହେବ ! ଏହା ହେଉଛି 'ସ୍ୱିଟ୍ ହ୍ୱିଟନ୍ ବ୍ରେଡ୍' । ପୁଣି କୌତୂହଳୀ ହୋଇ ସାହେବ ରହସ୍ୟମୟ ପଦାର୍ଥରୁ ଟିକିଏ ଚାଖି ପଚାରିଲେ- ଏହି ବ୍ରେଡ଼ କାହିଁକି ଲୋକମାନେ ଖାଉଛନ୍ତି ? ଉତ୍ତର ମିଳିଲା, ହଳଦିଆ ବେମାରୀ ଅର୍ଥାତ୍ କାମଳ ରୋଗ ଆରୋଗ୍ୟ ପାଇଁ ତାହା ଲୋକମାନେ ଖାଉଛନ୍ତି । ପ୍ରକୃତରେ ସେତେବେଳେ ଏଭଳି କୌଣସି ମହାମାରୀ ନଥିଲା । କିନ୍ତୁ ସାହେବ ବୁଝିଗଲେ ଯେ ବେମାରୀରୁ ଭଲ ହେବାପାଇଁ ଲୋକେ ଏହା ଖାଉଛନ୍ତି । ଠୋ ଠୋ ହସି ଉଠିଲେ ସାହେବ ।

ବ୍ରିଟିଶ ଶାସନର ଖୁସାମତିଆ ଐତିହାସିକମାନେ ଏହି ଘଟଣାର ବର୍ଣ୍ଣନା କଲେ । ମହାମାରୀ ନିବାରଣ ପାଇଁ ଏକପ୍ରକାର ବ୍ରେଡ୍, ରୁଟି ବା ଚପାତି ବଣ୍ଟା ହେଉଥିଲା ବୋଲି ଲେଖି ଚାଲିଲେ । ସେ ରହସ୍ୟମୟ ବସ୍ତୁଟି ନା ଥିଲା ବ୍ରେଡ୍ ନା ଥିଲା ରୁଟି ନା ଥିଲା ଚପାତି । ଶ୍ରୀମହାପ୍ରସାଦ ବଦଳିଗଲା ରୁଟି ବା ଚପାତିରେ ଏହାହିଁ ତ ଥିଲା ବିଡ଼ମ୍ବନା ! ପ୍ରଥମେ ମେରଠ ଓ ତା'ପରେ ଶ୍ରୀମହାପ୍ରସାଦକୁ ଧରି ଗାଁକୁ ଗାଁ ସହରକୁ ସହର ବୁଲୁଥିବା ବ୍ୟକ୍ତିଟି କିନ୍ତୁ ସମ୍ପୂର୍ଣ୍ଣ ଉତ୍ତର ଭାରତ ଓ ମଧ୍ୟଭାରତକୁ ଚରାଭୂଇଁ କରି ଦେଇଥିଲା ଏହି ବିଦ୍ରୋହକୁ ଅଧିକ ସଶକ୍ତ କରିବା ପାଇଁ । ଯାହାକି ଇଂରେଜ ଶାସକମାନଙ୍କର ମୁଣ୍ଡବ୍ୟଥାର କାରଣ ହୋଇଥିଲା । ମେରଠ-ବିଠୁର-ଅମ୍ବାଲା-ମଥୁରା-ଝାନ୍‌ସୀ-ଗୋଆଲିଅର କ୍ଷେତ୍ର ପରିକ୍ରମା କରି ଚାଲିଲେ ସେ ବ୍ୟକ୍ତି ଜଣକ । କିଏ ସେ ଥିଲେ ସେ ବ୍ୟକ୍ତି ? ସେ ଆଉ କେହି ନୁହେଁ, ସେ ହେଉଛନ୍ତି ଶ୍ରୀଜଗନ୍ନାଥଙ୍କର ଜଣେ ଅନନ୍ୟ ସେବକ, ବିପ୍ଳବୀ ବୀର ଚନ୍ଦନ ହଜୁରୀ (ଚାଖି ଖୁଣ୍ଟିଆ) ।

CC-0. In Public Domain. Digtized by Muthulakshmi Research Academy

ଝାନ୍‌ସୀ ରାଣୀଙ୍କର ମୃତ୍ୟୁ ପରେ ଚାଖି ଖୁଣ୍ଟିଆ ଭାରତର ଉତ୍ତର ଓ ମଧ୍ୟାଞ୍ଚଳ ବନାଞ୍ଚଳରେ ଅଦୃଶ୍ୟ ହୋଇଗଲେ । ଇଂରେଜ ସରକାର ଶ୍ରୀମହାପ୍ରସାଦ ମାଧ୍ୟମରେ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମକୁ ସଂଗଠିତ କରୁଥିବା ଚାଖି ଖୁଣ୍ଟିଆଙ୍କର ପୁରୀରେ ସମସ୍ତ ସମ୍ପତ୍ତିକୁ ବାଜ୍ୟାପ୍ତ କରିବା ସଙ୍ଗେ ସଙ୍ଗେ ତାଙ୍କୁ ଫାଶୀ ଦିଆଯିବା କଥା ସବୁଆଡ଼େ ପ୍ରଚାର କଲେ । ତାଙ୍କ ସ୍ତ୍ରୀ କୌଳିକ ପଦ୍ଧତି ଅନୁସାରେ ହାତରୁ ଶଙ୍ଖା ଓ କାଚ କାଢ଼ି ବିଧବା ହୋଇ ଯାଇଥିଲେ । ହଠାତ୍ ଦିନେ ଚାଖି ଖୁଣ୍ଟିଆ ଘରକୁ ଫେରି ଆସିଥିବା ଦେଖି ତାଙ୍କର ମା' ଆନନ୍ଦରେ ତାଙ୍କ ବୋହୂକୁ କହି ଉଠିଲେ-

ନଈରେ ବାଳିଆ ଚହଟିଲା,
ସିନ୍ଦୂର, କଜଳ ନାଆଲୋ ରାଣ୍ଡ,
ପୁଣି ଚାଖିଆ ଲେଉଟିଲା ।

ଭାରତର ଜଣେ ସ୍ୱାଧୀନତା ସଂଗ୍ରାମୀ ବୀରପୁରୁଷ ଚନ୍ଦନ ହଜୁରୀ ବା ଚାଖି ଖୁଣ୍ଟିଆ ଶ୍ରୀମହାପ୍ରସାଦ ମାଧ୍ୟମରେ ବିଦ୍ରୋହର ଅଗ୍ନି ଉତ୍ତର ଓ ମଧ୍ୟ ଭାରତରେ ସୃଷ୍ଟି କରିଥିବା କଥା ଆଜି ଇତିହାସ କ୍ରମଶଃ ଭୁଲିଯାଇଅଛି ଏହାହିଁ ବିଡ଼ମ୍ବନା ।[୩]

ମୋଟ ଉପରେ ସାମାଜିକ ସହ ବନ୍ଧନର ଦ୍ୟୋତକ ହେଉଛି ଶ୍ରୀମହାପ୍ରସାଦ । ଉପର୍ଯୁକ୍ତ ଉଦାହରଣରୁ ସମଗ୍ର ଦେଶରେ ମଧ୍ୟ ଶ୍ରୀମହାପ୍ରସାଦ ପ୍ରତି ଅଖଣ୍ଡ ଶ୍ରଦ୍ଧା ଓ ଭକ୍ତି ରହିଥିବାର ପ୍ରମାଣ ମିଳୁଅଛି । ସେଇଥିପାଇଁ ଭାରତବର୍ଷର କେତେକ ରାଜା, ମହାରାଜା, ଆଚାର୍ଯ୍ୟ ଓ ଭକ୍ତଗଣ ମହାପ୍ରଭୁଙ୍କ ନୈବେଦ୍ୟରେ କେତେକ ନୂତନ ପଦାର୍ଥ ସୃଷ୍ଟି କରାଇ ଶ୍ରୀମହାପ୍ରସାଦ ଆକାରରେ ସମର୍ପଣ କରାଇଛନ୍ତି । ରାଷ୍ଟ୍ରୀୟ ସଂହତିରେ ଶ୍ରୀମହାପ୍ରସାଦର ଏକ ପ୍ରଭାବଶାଳୀ ଭୂମିକା ରହିଥିବା ଅନୁଭବ କରିହୁଏ ।

## ଶ୍ରୀମହାପ୍ରସାଦର ରୂପାନ୍ତର 'ନିର୍ମାଲ୍ୟ' :-

ଶ୍ରୀମହାପ୍ରସାଦର ଏକ ରୂପାନ୍ତର ହେଉଛି ନିର୍ମାଲ୍ୟ । ନିର୍ମଳ ଶବ୍ଦରୁ ନିର୍ମାଲ୍ୟ ଆସିଅଛି । ମଳ ଶବ୍ଦ ବାହ୍ୟ ଅର୍ଥରେ ବ୍ୟବହାର କରାଯାଏ ଯାହାକି ବର୍ଜ୍ୟ, ଆବର୍ଜନା, ଦୂଷିତ ବସ୍ତୁକୁ ବୁଝାଏ । ଆଧ୍ୟାତ୍ମିକ ଅର୍ଥରେ ଏହା ମନର ମଳକୁ ବା ସଂସାର ରୂପକ ମଳକୁ ବୁଝାଏ । ଦାର୍ଶନିକ ଅର୍ଥରେ ମଳ ହେଉଛି ଏକ ଦୋଷ । ଏହି ମଳ ଦୋଷରେ ଆବୃତ ହୋଇ ଜୀବାତ୍ମା ପରମାତ୍ମାଙ୍କୁ ଜାଣିପାରେ ନାହିଁ । ମଳର ଶୂନ୍ୟତା, ନିଃଶେଷତାକୁ ନିର୍ମଳ କୁହାଯାଏ । ଏଥିରେ ଅନୀୟ ପ୍ରତ୍ୟୟ ଲାଗିଲେ କରଣୀୟ ହୁଏ । ତେଣୁ ମଳର ଭାବ ନିର୍ମାଲ୍ୟ । ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀଅଙ୍ଗରେ ଯେଉଁ ପୁଷ୍ପ, ଚନ୍ଦନ ଓ ମାଳ

---

*୩. (ଶ୍ରୀ ହରପ୍ରସାଦ ଦାସଙ୍କ ରୁଟି ? ଚପାତି ? ବ୍ରେଡ଼ ? -ହାୟ ଇତିହାସ, ତା୧୪।୪।୨୦୧୨ ଶନିବାର ସମ୍ବାଦରେ ପ୍ରକାଶିତ ଏକ ଆଲେଖ୍ୟ ଆଧାରରେ ଲିଖିତ)*

CC-0. In Public Domain. Digtized by Muthulakshmi Research Academy

ପ୍ରଭୃତି ଯାହା ଧାରଣ କରିଥାନ୍ତି ତାହା ଯଥା ସମୟରେ ଅପସାରିତ/ମଇଳମ/ଉଲାଗି ହେବାପରେ ସ୍ୱତଃ ନିର୍ମାଲ୍ୟରେ ପରିଣତ ହୋଇଯାଏ ।[୪]

## 'ନିର୍ମାଲ୍ୟ'ର ଶାସ୍ତ୍ରୀୟ ଭିତ୍ତି :-

ନିର୍ମାଲ୍ୟ ସମ୍ବନ୍ଧରେ ସ୍କନ୍ଦପୁରାଣରେ ଉଲ୍ଲେଖ ଅଛି ଯେ-

**ନିର୍ମାଲ୍ୟଗ୍ରହଣସ୍ୟାସ୍ୟ ଫଳଂ ବକ୍ତୁଂ ନ ଶକ୍ନୁମଃ ।**
**ସାକ୍ଷାଦ୍‌ବ୍ରହ୍ମସ୍ୱରୂପେଣ ଧ୍ରିୟତେ ବପୁଷା ହି ତତ୍ ॥**
**ପୁଷ୍ପଚନ୍ଦନମାଲ୍ୟାଦି ଯଦଙ୍ଗେରୂପଧାର୍ଯ୍ୟତେ ।**
**ଅପନୀତଂ ଯଥାକାଳେ ନିର୍ମାଲ୍ୟଂ ତତ୍‌ପ୍ରକୀର୍ତ୍ତିତମ୍ ॥**

*(ସ୍କ.ପୁ-୩୮।୧୦୨-୧୦୩)*

ଅର୍ଥାତ୍ ସାକ୍ଷାତ୍ ବ୍ରହ୍ମ ସ୍ୱରୂପ ଭଗବାନ ଯାହା ନିଜ ଶରୀରରେ ଲେପନ କରନ୍ତି ଆମ୍ଭେମାନେ ସେହି ନିର୍ମାଲ୍ୟ ଗ୍ରହଣର ପ୍ରକୃତ ଫଳ କେତେବେଳେ ହେଲେ କହିବାକୁ ସମର୍ଥ ନୋହୁଁ । ହେ ମୁନିଗଣ ! ଭଗବାନଙ୍କ ଶ୍ରୀଅଙ୍ଗରେ ପୁଷ୍ପ ଚନ୍ଦନ ଓ ମାଲ୍ୟାଦି ଯାହା ଅର୍ପିତ ହୁଏ, ତାହା ଯଥା ସମୟରେ ଅଙ୍ଗରୁ ଅପସାରିତ ହେଲେ ତାହାକୁ ମନୀଷିମାନେ ନିର୍ମାଲ୍ୟ ବୋଲି କହିଥାନ୍ତି ।

କେବଳ ଏତିକି ନୁହେଁ ମହାପ୍ରଭୁଙ୍କ ବ୍ୟବହାର୍ଯ୍ୟ ପ୍ରତ୍ୟେକ ବସ୍ତୁ ନିର୍ଦ୍ଧାରିତ ସମୟ ଅତୀତ ହୋଇଗଲା ପରେ ନିର୍ମାଲ୍ୟ ରୂପେ ପରିଗଣିତ ହୋଇଥାଏ । କେଉଁ ବସ୍ତୁ କେତେ ସମୟ ଅତିବାହିତ ହେଲେ ନିର୍ମାଲ୍ୟ ରୂପେ ବିବେଚିତ ହୁଏ ସେ ସଂପର୍କରେ ବୃହତ୍ ତନ୍ତ୍ରସାର ପଞ୍ଚମ ପରିଚ୍ଛେଦରେ ଉଲ୍ଲେଖ ଅଛି ।[୫]

---

୪. *(ସଂଗୃହୀତ, ପୂର୍ଣ୍ଣଚନ୍ଦ୍ର ଭାଷାକୋଷ, ନିର୍ମାଲ୍ୟ ପତ୍ରିକା ଜାନୁୟାରୀ-ମାର୍ଚ୍ଚ ୧୯୯୦ ଓଡ଼ିଆ ସଂସ୍କୃତିରେ ମହାପ୍ରସାଦର ଭୂମିକା)*

୫. *ମଣିମୁକ୍ତାସୁବର୍ଣ୍ଣାନି ଦେବେ ଦତ୍ତାନି ଯାନି ବୈ ।*
*ନ ନିର୍ମାଲ୍ୟଂ ଦ୍ୱାଦଶାବ୍ଦ ତାମ୍ରପାତ୍ରଂ ତଥୈବଚ ॥*
*ପଟୀ ଶାଟୀ ଚ ଷଣ୍ଣାସଂ ନୈବେଦ୍ୟଂ ଦତ୍ତମାତ୍ରତଃ ।*
*ମୋଦକଂ କୃଷରଞ୍ଚୈବ ସମାର୍ଦ୍ଧେନ ମାହେଶ୍ୱରି ॥*
*ମସ୍ତକଂ ରୁଧିରଞ୍ଚୈବ ଅହୋରାତ୍ରେଣ ପାର୍ବତୀ ।*
*ମୂହୂର୍ତ୍ତଂ ଦଧିଦୁଗ୍ଧଞ୍ଚ ଆଜ୍ୟଂ ଯାମେନ ଶଙ୍କରି ॥*
*କରବୀର ଅହୋରାତ୍ରଂ ବିଲ୍ୱପତ୍ରଂ ତଥୈବଚ ।*
*ଜବାରଭଞ୍ଚ ମାଘ୍ୟଞ୍ଚ ନିର୍ମାଲ୍ୟଂ ସାର୍ଦ୍ଧଯାମଳେ ॥*
*ମାଲ୍ୟଂ ବୈ କରବୀରସ୍ୟ ପଦ୍ମସ୍ୟ ବିଲ୍ୱକସ୍ୟ ଚ ।*
*ଯାମାର୍ଦ୍ଧେନ ମହେଶାନି ତାମ୍ବୁଳଂ ଦତ୍ତମାତ୍ରତଃ ।*
*ନ ନିର୍ମାଲ୍ୟଞ୍ଚ ଦାଡିମ୍ବଂ ତଥା ବିଲ୍ୱଫଳଂ ପ୍ରିୟେ ॥ (ବୃହତ୍ ତନ୍ତ୍ରସାର, ପଞ୍ଚମ ପରିଚ୍ଛେଦ)*

CC-0. In Public Domain. Digtized by Muthulakshmi Research Academy

ମଣି, ମୁକ୍ତା, ସୁବର୍ଣ୍ଣ ଓ ତାମ୍ରପାତ୍ର ଦେବତାଙ୍କୁ ଅର୍ପଣ କରିବାର ବାରବର୍ଷ ପର୍ଯ୍ୟନ୍ତ ନିର୍ମାଲ୍ୟ ହୁଏନାହିଁ । ପାଟସୂତା ପ୍ରସ୍ତୁତ ଶାଢ଼ୀ ଛଅ ମାସରେ, ନୈବେଦ୍ୟ (ଆହାର) ଉତ୍ସର୍ଗ ମାତ୍ରେ, ମୋଦକ ଓ କୃଷର (ତିଳ ତଣ୍ଡୁଳ ଖାଦ୍ୟ ବିଶେଷ) ପ୍ରଭୃତି ଅର୍ଦ୍ଧ ପ୍ରହରରେ ନିର୍ମାଲ୍ୟରେ ପରିଣତ ହୁଏ । ଏତଦ୍‌ବ୍ୟତୀତ ପାଟଲୁଗା ତିନିମାସରେ, ଯଜ୍ଞସୂତ୍ର ଗୋଟିଏ ଦିନରେ ନିର୍ମାଲ୍ୟ ହୁଏ । ଅନ୍ନ ଓ ପରଶାନ୍ନ ଯେ ପର୍ଯ୍ୟନ୍ତ ଗରମଥାଏ ସେ ପର୍ଯ୍ୟନ୍ତ ନିର୍ମାଲ୍ୟ ହୁଏ ନାହିଁ । ମସ୍ତକ ଓ ରୁଧିର ଅହୋରାତ୍ରରେ, ଦୁଧ ଓ ଦହି ଏକ ମୁହୂର୍ତ୍ତରେ, ଘିଅ ଏକ ପ୍ରହରରେ ଓ ତାମ୍ବୁଳ ନିବେଦନ କଲାମାତ୍ରେ ନିର୍ମାଲ୍ୟରେ ପରିଣତ ହୋଇଥାଏ । କରବୀର ପୁଷ୍ପ ଓ ବେଲପତ୍ର ଅହୋରାତ୍ରରେ, ରକ୍ତଜବା ଓ କୁଳପୁଷ୍ପ ଦେଢ଼ ପହରରେ, କରବୀ, ପଦ୍ମ ଓ ବିଲ୍ୱ ମାଳ ଅର୍ଦ୍ଧ ପ୍ରହରରେ । ତାଳିମ୍ବ ଓ ବିଲ୍ୱଫଳ କଦାପି ନିର୍ମାଲ୍ୟ ହୁଏନାହିଁ ।[୬]

ମହାପୁରୁଷ ଅତିବଡ଼ି ଜଗନ୍ନାଥ ଦାସଙ୍କ ଭାଗବତରେ ଲେଖାଅଛି ଯେ, ଯେଉଁ ଦ୍ରବ୍ୟ ଠାକୁରଙ୍କ ଉଦ୍ଦେଶ୍ୟରେ ଥରେ ସମର୍ପିତ ହୁଏ ତାହା ଫେରସ୍ତ ନିଆଯାଏ ନାହିଁ । ଫେରସ୍ତ ନିଆଗଲେ ଦତ୍ତାପହରଣ ଦୋଷ ଲାଗିଥାଏ ।[୭] କିନ୍ତୁ ଶ୍ରୀମହାପ୍ରସାଦ ବା ନିର୍ମାଲ୍ୟପ୍ରତି ଏହା ପ୍ରଯୁଜ୍ୟ ନୁହେଁ । ଅର୍ଥାତ୍ ମହାପ୍ରଭୁଙ୍କ ପ୍ରୀତି ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ପଦାର୍ଥ ନିର୍ଦ୍ଧାରିତ ସମୟ ବ୍ୟବଧାନରେ ପ୍ରତିଗ୍ରହଣ କଲେ ତାହା ନିର୍ମାଲ୍ୟ ଭାବରେ ଗ୍ରହଣ ହୋଇଥାଏ ସିନା, କିନ୍ତୁ ସେଥିରେ ଦତ୍ତାପହରଣ ଦୋଷ ଲାଗିନଥାଏ ।[୮]

ଭଗବାନ ବେଦବ୍ୟାସକୃତ ଶ୍ରୀମଦ୍ ଭାଗବତ ମହାପୁରାଣ ଏକାଦଶସ୍କନ୍ଧ ଷଷ୍ଠ ଅଧ୍ୟାୟର ବର୍ଣ୍ଣନାନୁସାରେ ଯେତେବେଳେ ଦ୍ୱାପର ଯୁଗ ଶେଷ ପ୍ରାୟ ହେବାକୁ ବସିଲା ସେତେବେଳେ ଭଗବାନ୍ ଶ୍ରୀକୃଷ୍ଣ ଯଦୁବଂଶକୁ ପ୍ରଭାସ ତୀର୍ଥକୁ ଯିବାକୁ କହିଲେ ଓ ଭକ୍ତରାଜ ଉଦ୍ଧବଙ୍କୁ ବଦରିକା ଯିବାପାଇଁ ଉପଦେଶ ଦେଲେ । ଭକ୍ତ ଉଦ୍ଧବ ଶ୍ରୀକୃଷ୍ଣ ଭଗବାନଙ୍କର ଏହି ବାକ୍ୟ ଶୁଣି ମର୍ମାହତ ହୋଇପଡ଼ିଲେ ଓ ତାଙ୍କର ପ୍ରାଣ କାନ୍ଦି ଉଠିଲା । ସେ ଅତି ଅଧୀର ହୋଇ ପ୍ରଭୁଙ୍କୁ କହିଲେ ପ୍ରଭୁ ! ଆମ୍ଭେମାନେ ଆପଣଙ୍କ ପାଖେ ପାଖେ ରହି ସବୁ କାର୍ଯ୍ୟ ଆପଣଙ୍କର ସହିତ କରିଆସିଅଛୁ । ତେବେ ଆପଣଙ୍କୁ ଛାଡ଼ି ରହିବା ସମ୍ଭବପର ନୁହେଁ । ଆପଣ ଆମ୍ଭଙ୍କୁ ଆଉ ମାୟା ଭିତରକୁ ଠେଲନ୍ତୁ ନାହିଁ । ଆପଣଙ୍କୁ ଲାଗି ହୋଇଥିବା ମାଳା, ଚନ୍ଦନ, ଅଳଙ୍କାର ଆଦିକୁ ଆମ୍ଭେମାନେ ଆପଣଙ୍କ ପ୍ରସାଦ ରୂପେ ଉପଭୋଗ କରୁଅଛୁଁ । ଆମେ ଆପଣଙ୍କର ପ୍ରସାଦ ପାଉଥିବା ସେବକ,

---

୬. *(ସଂଗୃହୀତ- ଶ୍ରୀଜଗନ୍ନାଥ ତତ୍ତ୍ୱ ଓ ତଥ୍ୟ-୧ 'ନିର୍ମାଲ୍ୟ' ଲେଖକ-ଶ୍ରୀ ଆଶୁତୋଷ ନାୟକ, ନିର୍ମାଲ୍ୟ ପତ୍ରିକା, ସେପ୍ଟେମ୍ବର/ଅକ୍ଟୋବର ୧୯୯୯)*

୭. *ଯେ ଦ୍ରବ୍ୟ ମୋତେ ସମର୍ପିବ, ପୁଣି ଗ୍ରହଣ ନ କରିବ । (ଭାଗବତ-୧୧।୧୧ ଅଧ୍ୟାୟ)*

୮. *(ସଂଗୃହୀତ ମହାପ୍ରସାଦର ପରିଭାଷା-ଲେଖକ ଶ୍ରୀ ପଙ୍କଜ ସାହୁ, ଶ୍ରୀମନ୍ଦିର ରଥଯାତ୍ରା ବିଶେଷାଙ୍କ ୨୦୦୪)*

CC-0. In Public Domain. Digtized by Muthulakshmi Research Academy

ତେଣୁ ଆପଣଙ୍କର ମାୟାକୁ ନିଶ୍ଚୟ ଏହି ପ୍ରସାଦ ପାଉଥିବା କାରଣରୁ ବିଜୟ କରିପାରିବୁ । ଆମେ ଆପଣଙ୍କ ମାୟାକୁ ଡରୁନୁ କେବଳ ଡରୁଛୁ ଆପଣଙ୍କ ବିୟୋଗକୁ ।[୯]

ପରମାତ୍ମାନିଷ୍ଠ ଯୋଗୀଗଣ ପୂର୍ବକାଳରେ ଶ୍ରୀଜଗନ୍ନାଥ ଦେବଙ୍କ ନିକଟରେ ପ୍ରାର୍ଥନା କରି କହିଥିଲେ ଯେ ହେ ନାଥ ! ଆମ୍ଭେମାନେ ଆପଣଙ୍କ ନିର୍ମାଲ୍ୟ ଓ ଉଚ୍ଛିଷ୍ଟ ପାଇ ଆପଣଙ୍କ ମାୟାକୁ ଜୟ କରିପାରିବୁ ।[୧୦]

ଶାସ୍ତ୍ରୀୟ ମତ ଅନୁସାରେ ନିର୍ମାଲ୍ୟ ଆଘ୍ରାଣ କରିବା ମାତ୍ରେ ସମସ୍ତ ପାପ ବିଦୂରିତ ହୋଇଥାଏ । ନିର୍ମାଲ୍ୟ ଭିତରେ ତୁଳସୀ ନିର୍ମାଲ୍ୟର ଏକ ସ୍ୱତନ୍ତ୍ର ସ୍ଥାନ ରହିଅଛି ।[୧୧] ମାନବଗଣ ଭଗବାନ ଶ୍ରୀହରିଙ୍କର ଯେତେ ସଂଖ୍ୟକ ନିର୍ମାଲ୍ୟ ତୁଳସୀ ଭକ୍ଷଣ କରିବେ ସେହି ପରିମିତ ସହସ୍ରଜନ୍ମ ବିଷ୍ଣୁଲୋକରେ ପୂଜିତ ହେବେ, ମହାପ୍ରଭୁଙ୍କ ଜଳ ଜନିତ ନିର୍ମାଲ୍ୟର ମହତ୍ତ୍ୱ ମଧ୍ୟ ସ୍କନ୍ଦପୁରାଣରେ ବିଶଦ ଭାବରେ ବର୍ଣ୍ଣିତ ହୋଇଅଛି ।

ଉପର୍ଯ୍ୟୁକ୍ତ ଶାସ୍ତ୍ରୀୟ ମତମାନଙ୍କରୁ ଜଣାଯାଏ ଯେ ଶ୍ରୀଜଗନ୍ନାଥଙ୍କର ନିର୍ମାଲ୍ୟ ଓ ଉଚ୍ଛିଷ୍ଟ ଦ୍ୱାରା ମାୟାକୁ ଜୟ କରି ପ୍ରଭୁଙ୍କ ଶରଣାଗତି ମିଳିପାରିବ ।

ସ୍କନ୍ଦପୁରାଣ ଅନୁସାରେ ପୂର୍ବରୁ ବର୍ଣ୍ଣନା କରାଯାଇଅଛି ଯେ, ବ୍ରାହ୍ମଣ ଶ୍ରେଷ୍ଠ ବିଦ୍ୟାପତିଙ୍କୁ ଭକ୍ତ ଶିରୋମଣି ବିଶ୍ୱାବସୁ ନିଜ ଘରକୁ ଅତିଥି ଭାବରେ ନିମନ୍ତ୍ରଣ କରି ଶ୍ରୀନୀଳମାଧବଙ୍କର ଦିବ୍ୟ ଶ୍ରୀମହାପ୍ରସାଦ ପରଶିଥିଲେ । ସେହି ଶ୍ରୀମହାପ୍ରସାଦ ପାଇ ବିଦ୍ୟାପତି ଆଶ୍ଚର୍ଯ୍ୟ ହୋଇ କହିଥିଲେ-

**ଦିବ୍ୟାନ୍ୟେତାନି ବସ୍ତୂନି ନିର୍ମାଲ୍ୟାନି ଜଗତ୍‌ପତେଃ ॥**
**ଦତ୍ତାନି ତୁଭ୍ୟଂ ବିଦୁଷେ କଥଂ ବିସ୍ମୟତେ ଭବାନ୍ ।**
**ବିଷ୍ଣୋର୍ନିର୍ମାଲ୍ୟଭୋଗେନ କ୍ଷୀଣରୋଗଜରାବୟମ୍ ॥**

*(ସ୍କ.ପୁ-୮।୫୬-୫୭)*

ଉତ୍ତରରେ ବିଶ୍ୱାବସୁ କହିଲେ ହେ ବିପ୍ର ! ଏହି ପ୍ରସଙ୍ଗ ଅବଶ୍ୟ ପ୍ରକାଶ ଯୋଗ୍ୟ ନ ହୋଇଥିଲେ ମଧ୍ୟ ଆପଣ ବ୍ରାହ୍ମଣ ଓ ଅତିଥି, ମୁଁ ଆପଣଙ୍କ ପ୍ରତି ଶ୍ରଦ୍ଧାଭକ୍ତିଯୁକ୍ତ ହୋଇ କହୁଅଛି ଯେ ପ୍ରତିଦିନ ଇନ୍ଦ୍ରାଦି ଦେବଗଣ ଏହି ଦିବ୍ୟବସ୍ତୁ ସହ ଶ୍ରୀନୀଳମାଧବଙ୍କୁ

---

୯. *ତ୍ୱୟୋପଭୁକ୍ତସ୍ରଗ୍‌ଗନ୍ଧବାସୋଽଳଙ୍କାରଚର୍ଚ୍ଚିତାଃ ।*
*ଉଚ୍ଛିଷ୍ଟଭୋଜିନୋ ଦାସାସ୍ତବ ମାୟାଂ ଜୟେମହି ॥ (ଶ୍ରୀମଦ୍‌ଭାଗବତ-୧୧।୬।୪୬)*

୧୦. ସ୍କନ୍ଦପୁରାଣ ଅନୁସାରେ

*ନିର୍ମାଲ୍ୟୋଚ୍ଛିଷ୍ଟଭୋଗେନ ତବ ମାୟାଂ ଜୟେମହି ।*
*ଅନ୍ତ୍ୟତସ୍ତ୍ରିମିତାକ୍ଷାଣାମନାୟାସେନ ମୁକ୍ତିଦଃ ॥(ସ୍କ.ପୁ-୩୮।୫୦)*

୧୧. *ନିର୍ମାଲ୍ୟତୁଳସୀପତ୍ରଂ ଯାବଦ୍‌ଭକ୍ଷୟତେ ହରେଃ ।*
*ତାବଜ୍ଜନ୍ମସହସ୍ରଂ ତୁ ବିଷ୍ଣୁଲୋକେ ମହୀୟତେ ॥ (ସ୍କନ୍ଦ-୩୮।୧୨୩)*

CC-0. In Public Domain. Digtized by Muthulakshmi Research Academy

ପୂଜା କରିବାକୁ ଆସିଥାନ୍ତି ଓ ପୂଜାପରେ ସ୍ୱର୍ଗଲୋକକୁ ଫେରିଯାଆନ୍ତି । ମୁଁ ସେହି ଜଗତ୍‌ପତିଙ୍କର ଏହି ସବୁ ନିର୍ମାଲ୍ୟ ବସ୍ତୁ ଆପଣଙ୍କୁ ପ୍ରଦାନ କରୁଅଛି । ତେଣୁ ଆପଣ ବିସ୍ମିତ କାହିଁକି ହେଉଛନ୍ତି ? ବିଷ୍ଣୁ ନିର୍ମାଲ୍ୟର ମାହାତ୍ମ୍ୟ ସମ୍ବନ୍ଧରେ ବିଶ୍ୱାବସୁ ଅନେକ ବର୍ଣ୍ଣନା କରିଛନ୍ତି ।

ସ୍କନ୍ଦ ପୁରାଣରେ ନିର୍ମାଲ୍ୟର ସ୍ପର୍ଶଦୋଷହୀନତା, ପବିତ୍ରତା ସମ୍ବନ୍ଧରେ ବର୍ଣ୍ଣନା କରାଯାଇଅଛି ।[୧୨] ଏହି ଶ୍ରୀମହାପ୍ରସାଦ ଯଦି ବେଶ୍ୟାଳୟରେ ଥାଏ କିମ୍ବା କୌଣସି ପତିତ ବ୍ୟକ୍ତି ସେହି ଅନ୍ନ ସ୍ପର୍ଶ କରନ୍ତି ତଥାପି ତାହା ଦୂଷିତ ହୁଏନାହିଁ । କାରଣ ସେ ଅନ୍ନ ସାକ୍ଷାତ୍ ଶ୍ରୀବିଷ୍ଣୁଙ୍କର ସ୍ୱରୂପ । ପ୍ରତ୍ୟେକ ବ୍ୟକ୍ତି ଏହି ନିର୍ମାଲ୍ୟ ସେବନର ଅଧିକାରୀ ଅଟନ୍ତି । ଭଗବାନ୍ ଶ୍ରୀଜଗନ୍ନାଥ ଏକଦା ଶ୍ୱେତରାଜାଙ୍କ ଉପରେ ପ୍ରସନ୍ନ ହୋଇ ତାଙ୍କୁ ବର ଦେଇଥିଲେ ।

ବାମଦେବ ସଂହିତାର ବର୍ଣ୍ଣନାନୁସାରେ ଶ୍ରୀମନ୍ଦିର ବେଢ଼ାରେ ଥିବା ମା ବିମଳା ମଧ୍ୟ ସର୍ବଦା ଏହି ନିର୍ମାଲ୍ୟ ପ୍ରାପ୍ତିପାଇଁ ଧ୍ୟାନ କରୁଛନ୍ତି । ଯେଉଁଠାରେ ମା ବିମଳା ନିର୍ମାଲ୍ୟ ପ୍ରାପ୍ତି ପାଇଁ ଧ୍ୟାନରତା, ସେଠାରେ ସାମାନ୍ୟ ମନୁଷ୍ୟ କଥା କଅଣ କୁହାଯାଇପାରେ ?[୧୩] ଉପର୍ଯ୍ୟୁକ୍ତ ଶାସ୍ତ୍ରୀୟ ପ୍ରମାଣମାନଙ୍କରୁ ଜଣାଯାଏ କେଉଁ ଅନାଦି କାଳରୁ ଅଦ୍ୟାବଧି ନିର୍ମାଲ୍ୟର ମହତ୍ତ୍ୱ ଚାଲିଆସୁଅଛି । ନିର୍ମାଲ୍ୟ ହେଉଛି ନିର୍ମଳତାର ଭାବ । ଯେଉଁ ଶ୍ରୀମହାପ୍ରସାଦ ବିଶେଷ ନିର୍ମାଲ୍ୟ ପାଇଲେ ମନ, ଶରୀର ନିର୍ମଳ, ପ୍ରସନ୍ନ ହୋଇ ପରମାନନ୍ଦ ପ୍ରାପ୍ତ ହୁଏ ତାହା ନିର୍ମାଲ୍ୟ ।

ଶ୍ରୀମହାପ୍ରସାଦ ଅପେକ୍ଷା ନିର୍ମାଲ୍ୟ ଦ୍ରବ୍ୟର ପରିସର ଟିକିଏ ଅଧିକ ବ୍ୟାପକ । ପୂର୍ବେ ନିର୍ମାଲ୍ୟ କହିଲେ ସାତୋଟି ଜିନିଷକୁ ବୁଝାଉଥିଲା । ଯଥା:-

୧. ଶ୍ରୀଜଗନ୍ନାଥଙ୍କ ଶ୍ରୀମହାପ୍ରସାଦ
୨. ମଇଲମ ହୋଇଥିବା ଫୁଲ
୩. ତୁଳସୀ
୪. ଶିରିକାପଡା
୫. ଶୁଖିଲା ଶ୍ରୀମହାପ୍ରସାଦ (ଲୋକମୁଖରେ ନିର୍ମାଲ୍ୟ ବୋଲି ପରିଚିତ)
୬. ଗଉରୀ ସଉରୀ ବେତ
୭. ଶ୍ରୀଜଗନ୍ନାଥଙ୍କ ପଟି ଓ ଶାଢ଼ୀ ଶିରିପା

ଏତଦ୍‌ବ୍ୟତୀତ ବର୍ତ୍ତମାନ ଏଗୁଡ଼ିକ ଯଥା:-

---

୧୨. ସ୍କ.ପୁ.- ୩/୮/୫-୮
୧୩. ପ୍ରଥମାବରଣେ ଦେବୀ ବିମଳା ଚାଦ୍ୟଶକ୍ତିକା
ତିଷ୍ଠନ୍ତୀ ବିଷ୍ଣୁନିର୍ମାଲ୍ୟଂ ଧ୍ୟାୟନ୍ତୀ ଚ ସଦୋତ୍‌ଥିତା । (ବା.ସଂ-୨।୧୨-୧୩)

CC-0. In Public Domain. Digtized by Muthulakshmi Research Academy

୧. ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗ ଲାଗି ଚନ୍ଦନ ୨. କର୍ପୂର ୩. ଧଣ୍ଟାମାଳ
୪. ଅଧରମାଳ ୫. ତୁଳସୀମାଳ ୬. ନଖ ତୁଳସୀ ୭. ଦଅଣା
୮. ଖଡ଼ିପ୍ରସାଦ ୯. ଦଶମୂଳ ମୋଦକ ୧୦. ଫୁଲରି ତେଲ
୧୧. ଶ୍ରୀଅଙ୍ଗ ଫିଟା ପାଟ ୧୨. କରାଳ ୧୩. ଚନ୍ଦନ ୧୪. ତାମ୍ବୁଳ
୧୫. ସ୍ନାନଜଳ ୧୬. ଅଣସର ପଣା ୧୭. ଅଧରପଣା
୧୮. ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗରେ ଲାଗି ହୋଇଥିବା କିମ୍ବା ସମର୍ପିତ ହୋଇଥିବା ଯେ କୌଣସି ବସ୍ତୁ ଏ ସବୁ ନିର୍ମାଲ୍ୟର ଅନ୍ତର୍ଭୁକ୍ତ ।

ଭକ୍ତଟିଏ ଏ ସବୁ ମଧ୍ୟରୁ କୌଣସି ଗୋଟିଏ ବସ୍ତୁରୁ ସାମାନ୍ୟ ଟିକିଏ ପାଇଗଲେ ଆନନ୍ଦରେ ପ୍ରଫୁଲ୍ଲିତ ହୋଇଯାଏ । ସେ ଏହି ନିର୍ମାଲ୍ୟ ପାଇବାର ଅର୍ଥ ହିଁ ମହାପ୍ରଭୁଙ୍କର କରୁଣା ବୋଲି ଭାବେ । ତାହା ପାଇଗଲେ ତାର ଭାବାବେଗ ସୃଷ୍ଟି ହୁଏ । ସେ ତାହା ତୁଣ୍ଡରେ ପକାଇ ଭକ୍ତିରେ ମୁଣ୍ଡରେ ହାତ ବୋଳି ପକାଇଥାଏ ଓ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରିଥାଏ । ଭକ୍ତଟିଏ ଭାବବିହ୍ୱଳ ହୋଇ ଏପରି କରିବାର କାରଣ କଅଣ ତାହା ବିଚାର କରିବା ଆବଶ୍ୟକ ।

## ନିର୍ମାଲ୍ୟଖଳା ଓ ପ୍ରାପ୍ତିସ୍ଥାନ :-

ସାଧାରଣତଃ ଅନ୍ନ ଶ୍ରୀମହାପ୍ରସାଦ ଶୁଖିଗଲେ ତାକୁ ନିର୍ମାଲ୍ୟ ବୋଲି ସମସ୍ତେ କହିଥାଆନ୍ତି । ଏହି ଶ୍ରୀମହାପ୍ରସାଦକୁ ଶୁଖାଇ ନିର୍ମାଲ୍ୟରେ ପରିଣତ କରିବାପାଇଁ ଶ୍ରୀମନ୍ଦିର ବାହାର ବେଢ଼ାରେ ଦକ୍ଷିଣ ପଶ୍ଚିମ କୋଣରେ ଏକ ବିଶାଳ ମଣ୍ଡପ ରହିଅଛି । ବିକ୍ରୟଯୋଗ୍ୟ ନିର୍ମାଲ୍ୟ ଶୁଖାଇବାପାଇଁ ଏହି ନିର୍ମାଲ୍ୟ ମଣ୍ଡପକୁ ବ୍ୟବହାର କରାଯାଏ । ଯାହାକୁ ନିର୍ମାଲ୍ୟଖଳା ମଧ୍ୟ କହନ୍ତି । ନିର୍ମାଲ୍ୟ ଶୁଖିଯିବା ପରେ କନାମୁଣିରେ ପୁରାଇ ସିଂହଦ୍ୱାର ଓ ଅନ୍ୟାନ୍ୟ ଦୋକାନମାନଙ୍କରେ ବିକ୍ରୀ କରାଯାଏ । ଆନନ୍ଦ ବଜାର ଭଳି ନିର୍ମାଲ୍ୟ ଖଳାର ମଧ୍ୟ ବୈଶିଷ୍ଟ୍ୟ ରହିଅଛି । ଅତୀତରେ ଏହି ନିର୍ମାଲ୍ୟ ଖଳାର ଏପରି ପ୍ରସିଦ୍ଧି ଓ ମର୍ଯ୍ୟାଦା ଥିଲା ଯେ, ସେ ସମୟରେ ରାଜା, ମହାରାଜାମାନେ ମଧ୍ୟ ଏହାର ନିର୍ମାଣ ତଥା ମରାମତି କରିବାରେ ବ୍ରତୀ ଥିବାର ଇତିହାସରୁ ଜଣାଯାଏ । ଏ ବିଷୟରେ ମାଦଳା ପାଞ୍ଜିରେ ବର୍ଣ୍ଣନା ଅଛି ଯେ, 'ଏ ଉତ୍ତାରେ ରାମଚନ୍ଦ୍ର ଦେବଙ୍କ ପୁଅ ବୀରକିଶୋର ଦେବ ରାଜା ହୋଇଲେ । ଏ ରାଜାଙ୍କ ଠାକୁର ମା' ବଡ଼ ଦେଉଳ ଭିତରେ ନିର୍ମାଲ୍ୟ ମଣ୍ଡପ ଜୀର୍ଣ୍ଣ ହୋଇଥିବାରୁ କନକ ମଣ୍ଡପ ତୋଳାଇଲେ ।' (ସଂଗୃହୀତ- ନିର୍ମାଲ୍ୟ- ୧୯୯୯ ।)

## ମହାପ୍ରଭୁଙ୍କ ପ୍ରତିଭୂ ନିର୍ମାଲ୍ୟ :-

ଏହି ନିର୍ମାଲ୍ୟ ହିଁ ମହାପ୍ରଭୁଙ୍କର ପ୍ରତିଭୂ । କେବେକେବେ ଆଲୋଚନା ପ୍ରସଙ୍ଗରେ କୁହାଯାଏ 'ଅମୁକ ଠିକ୍ ତାଙ୍କ ବାପା ଅମୁକଙ୍କର ପ୍ରତିଭୂ' । 'ଅମୁକ ବ୍ୟକ୍ତି ଅମୁକଙ୍କର ସାକ୍ଷାତ୍ ପ୍ରତିଭୂ' । ତାହାହେଲେ 'ପ୍ରତିଭୂ' ଶବ୍ଦର ଅର୍ଥ କଅଣ ତାହା ଆଲୋଚନା କରିବା ।

CC-0. In Public Domain. Digtized by Muthulakshmi Research Academy

ଏଠାରେ ସାମାନ୍ୟ ଭାବରେ ବିଚାର କଲେ 'ପ୍ରତିଭୂ' ଶବ୍ଦର ଅର୍ଥ ସମାନ ବା ସାଦୃଶ୍ୟ ଅର୍ଥ ବୋଧକ ବୋଲି ମନେ ହେଉଅଛି । ଓଡ଼ିଆ ଭାଷାରେ ପୂର୍ଣ୍ଣଚନ୍ଦ୍ର ଭାଷାକୋଷରେ 'ପ୍ରତିଭୂ' ଶବ୍ଦର ଅର୍ଥ ଜାମିନ୍‌ଦାର ବୋଲି ଲେଖାଅଛି, କିନ୍ତୁ ସଂସ୍କୃତ ସାହିତ୍ୟରେ 'ବାଚସ୍ପତ୍ୟମ୍' ଅନୁସାରେ 'ପ୍ରତିଭୂ' ଶବ୍ଦର ବ୍ୟାଖ୍ୟା କରାଯାଇଅଛି ଯେ 'ପ୍ରତିରୂପଂ ଭବତି' ଅର୍ଥାତ୍ ପ୍ରତିରୂପ ଅଟେ । ସେହିପରି ଶବ୍ଦାର୍ଥ ଚିନ୍ତାମଣିରେ 'ପ୍ରତିନିଧି ଭବତି' ବୋଲି ବ୍ୟାଖ୍ୟା କରାଯାଇଅଛି । ସଂସ୍କୃତ ସାହିତ୍ୟରେ 'ପ୍ରତିଭୂ' ଶବ୍ଦର ଉଭୟ ବ୍ୟାଖ୍ୟା ଓଡ଼ିଆ ସାହିତ୍ୟର ପରିଭାଷା ଅପେକ୍ଷା ଅଧିକ ଗ୍ରହଣୀୟ ମନେହୁଏ । ଉପରିଲିଖିତ ବିଷୟରେ 'ନିର୍ମାଲ୍ୟ'କୁ ମହାପ୍ରଭୁଙ୍କର ପ୍ରତିରୂପ ଓ ପ୍ରତିନିଧି ଭାବରେ ହିଁ ବିଚାର କରାଯାଇପାରେ । ମହାପ୍ରଭୁଙ୍କୁ ସବୁ ସମୟରେ ଦର୍ଶନ କରିବା ବା ତାଙ୍କ ପାଖେ ପାଖେ ରହିବା ତ ସମ୍ଭବପର ନୁହେଁ । କିନ୍ତୁ ଯେ କୌଣସି ଦ୍ରବ୍ୟ ବା ବସ୍ତୁ ଥରେ ମହାପ୍ରଭୁଙ୍କ ସଂପର୍କରେ ଆସିବା ପରେ ଠିକ୍ ଯଜ୍ଞରେ ଆହୂତି ଦିଆଯାଇଥିବା ଯେ କୌଣସି ପଦାର୍ଥ ତାର ନିଜର ସତ୍ତା ହରାଇଲା ଭଳି ନିଜର ସତ୍ତା ହରାଇ ନିର୍ମାଲ୍ୟରେ ଅର୍ଥାତ୍ ମହାପ୍ରଭୁଙ୍କ ପ୍ରତିରୂପରେ ପରିଣତ ହୋଇଯାଏ ଓ ତାହାକୁ ହିଁ ମହାପ୍ରଭୁଙ୍କ ପ୍ରତିରୂପ ବୋଲି ଧରାଯାଏ । ସେଇଥିପାଇଁ ତ କିଛି ନ ହେଲେ ମଧ୍ୟ ଶୁଖିଲା ମହାପ୍ରସାଦ (ଅବଢ଼ା) କଣିକାଏକୁ ଭକ୍ତଟିଏ ଯେତେବେଳେ ତୁଣ୍ଡରେ ଦିଏ ସେତେବେଳେ ସେ ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କରି ତାଙ୍କ ନାମ ଉଚ୍ଚାରଣ କରି ସେହି ନିର୍ମାଲ୍ୟକୁ ଶ୍ରୀଜଗନ୍ନାଥଙ୍କ ପ୍ରତିରୂପ ବୋଲି ଭାବିନିଏ ଓ ତାହା ପାଇଲେ ସାକ୍ଷାତ୍ ମହାପ୍ରଭୁଙ୍କୁ ନିକଟରେ ପାଇଲା ବୋଲି ଭାବିଥାଏ ।

ଶ୍ରୀମନ୍ଦିର ଆକ୍ରମଣ କାଳରେ ସେବକମାନେ ମହାପ୍ରଭୁଙ୍କୁ ବାଣପୁରର ଘୋର ମାଳ ଅଞ୍ଚଳ ଜଙ୍ଗଲମୟ ବଙ୍କାଡ଼ଗଡ଼କୁ ନେଇଯାଇଥିଲେ । ସେହି ସମୟରେ ଠାକୁରଙ୍କ ସ୍ଥାନାନ୍ତର ଦେଖି ଭକ୍ତ ସାଲବେଗଙ୍କ ହୃଦୟ କାନ୍ଦି ଉଠିଥିଲା ଓ ସେ ଭାବାବେଗରେ 'କେଣେ ଘେନିଯାଉଛ ଜଗନ୍ନାଥଙ୍କୁ, ଆମ୍ଭେ ଦ୍ରଶନ କରିବୁ କାହାକୁ' 'କହଇ ସାଲବେଗ ନିର୍ମାଲ୍ୟ କାହୁଁ ହେବ, ଧିକ ଧିକ ଆମ୍ଭ ଜୀବନକୁ' । ଏଥିରୁ ସେତେବେଳର ପରିସ୍ଥିତି ଓ ନିର୍ମାଲ୍ୟ ସହିତ ତାଙ୍କର ତାଦାତ୍ମ୍ୟ ଭାବର ପରିଚୟ ମିଳେ ।

ଏହିପରି ଭାବିବାର କାରଣ ନୀଳାଦ୍ରି ମହୋଦୟ ଦଶମୋଧ୍ୟାୟରେ ବର୍ଣ୍ଣନା କରାଯାଇଅଛି ଯେ, ଶ୍ରୀଜଗନ୍ନାଥଙ୍କର ଶୁଖିଲା ମହାପ୍ରସାଦ (ନିର୍ମାଲ୍ୟ) ଭକ୍ତି ପୂର୍ବକ ବିଦେଶରେ ଯେଉଁମାନେ ପ୍ରତ୍ୟହ ସେବା କରନ୍ତି ସେମାନେ ସକଳ ପାପରୁ ମୁକ୍ତ ହୋଇ ପରମପଦ ଲାଭ କରନ୍ତି ।[୧୪]

---

୧୪. *ଜଗନ୍ନାଥାନ୍ନମେତଦ୍ ବୈ ଶୁଷ୍କଂ କୃତ୍ୱା ସୁଭକ୍ତିତଃ ।*
*ଦେଶାନ୍ତରେ ଜନୋ ଯସ୍ତୁ ଭକ୍ଷେତ୍ ପ୍ରତିଦିନଂ ଦ୍ୱିଜାଃ ।*
*ସର୍ବପାପବିନିର୍ମୁକ୍ତଃ ସ ଗଚ୍ଛେତ୍ ପରମଂ ପଦମ୍ ॥ (ନୀ.ମ-୧୦।୧୩୦-୧୩୧)*

CC-0. In Public Domain. Digtized by Muthulakshmi Research Academy

ଜୀବନର ଶେଷ ଅବସ୍ଥାରେ ନିର୍ମାଲ୍ୟମିଶା ଜଳଟିକକୁ (ପୁରୀରେ ପ୍ରଚଳିତ ଶବ୍ଦ ଅବଡ଼ା ତୋରାଣି) ପାଇବାକୁ ପ୍ରତ୍ୟେକର ଆଶା । ଶେଷ ମୁହୂର୍ତ୍ତରେ ନିର୍ମାଲ୍ୟ କଣିକାଟିକୁ ପ୍ରତ୍ୟେକ ବ୍ୟକ୍ତି ଜଗନ୍ନାଥଙ୍କର ପ୍ରତିରୂପ ବୋଲି ବିଚାର କରିଥାଆନ୍ତି । ମୁମୂର୍ଷୁ ଅବସ୍ଥାରେ ରହିଥିବା ମଣିଷଟିର କଥା କହିବାର ହୁଏତ ସେତେବେଳେ ଶକ୍ତି ନଥାଏ, କିନ୍ତୁ ତା ପାଖରେ ଥିବା ବନ୍ଧୁବାନ୍ଧବ କୁଟୁମ୍ବ ଶେଷ ମୁହୂର୍ତ୍ତରେ ନିର୍ମାଲ୍ୟ ମିଶା ଜଳଟିକକ (ଅଭଡ଼ା ତୋରାଣି ବା ମହାର୍ଦ୍ଦ ତୋରାଣି) ତାକୁ ଦେବାପାଇଁ ତତ୍ପର ହୋଇ ଉଠିଥାଆନ୍ତି । ତାହାହେଲେ ସେତେବେଳେ ସେହି ନିର୍ମାଲ୍ୟ ମିଶା ଜଳ କଅଣ ଶ୍ରୀଜଗନ୍ନାଥଙ୍କର ପ୍ରତିଭୂ କିମ୍ବା ପ୍ରତିରୂପ ନୁହେଁ ? ମହାପ୍ରଭୁଙ୍କ ଆବିର୍ଭାବ ଜୀବାତ୍ମାର ମୁକ୍ତିପାଇଁ । ସେହିପରି ଅନ୍ନବ୍ରହ୍ମର ସୃଷ୍ଟି ମଧ୍ୟ ଜୀବାତ୍ମାକୁ ମହାପ୍ରଭୁଙ୍କ ନିକଟତର କରାଇବା ସଙ୍ଗେ ସଙ୍ଗେ ତାହାର ମୁକ୍ତି ପାଇଁ ଉଦ୍ଦିଷ୍ଟ । ମହାପ୍ରଭୁଙ୍କର ନିର୍ମାଲ୍ୟକୁ ମଧ୍ୟ ତାଙ୍କର ପ୍ରତିନିଧି ହିସାବରେ ଗ୍ରହଣ କରାଯାଏ । ନିର୍ମାଲ୍ୟ ଭାବରେ ଗ୍ରହଣ କରାଯାଉଥିବା ଯେ କୌଣସି ଦ୍ରବ୍ୟକୁ ମହାପ୍ରଭୁଙ୍କ ପ୍ରତିନିଧି ଭାବରେ ଉଚିତ ସମ୍ମାନ ଓ ସ୍ଥାନ ଦିଆଯାଇଥାଏ । ସେଇଥିପାଇଁ ମହାପ୍ରଭୁଙ୍କର ଫୁଲ, ଚନ୍ଦନ, ମାଳ, ଆଜ୍ଞାମାଳ ଆଦିର ସ୍ଥାନ ସର୍ବଦା ଉଚ୍ଚରେ । ସେଗୁଡ଼ିକୁ ମହାପ୍ରଭୁଙ୍କ ପ୍ରତିନିଧି ଭାବରେ ଗ୍ରହଣ କରାଯାଇଥାଏ । ଯେ କୌଣସି ଶୁଭକାର୍ଯ୍ୟରେ ବା ଅଶୁଭ କାର୍ଯ୍ୟରେ ନିର୍ମାଲ୍ୟର ଆବଶ୍ୟକତାକୁ ଶ୍ରୀଜଗନ୍ନାଥଙ୍କର ପ୍ରତିରୂପ ଓ ପ୍ରତିନିଧି ଭାବରେ ଗ୍ରହଣ କରାଯାଇଥାଏ । ସେଥିପାଇଁ ଯଜ୍ଞ, ଗୃହ ପ୍ରତିଷ୍ଠା, ବିବାହ, ବ୍ରତାଦି ଶୁଭକର୍ମରେ ଶ୍ରୀଜଗନ୍ନାଥଙ୍କର ପ୍ରତିନିଧି ଭାବରେ ହୃଦୟ ପଲ୍ଲବ, କରପଲ୍ଲବ, ମାଳା, ଗୁଣା, ଝୁମ୍ପା, ଲଡୁ ଯେ କୌଣସି ଦ୍ରବ୍ୟକୁ ଏକ ବିଶିଷ୍ଟ ଉଚ୍ଚ ସ୍ଥାନରେ ରଖାଯାଇଥାଏ । ଶ୍ରୀଜଗନ୍ନାଥ ତାଙ୍କର ଏହି 'ନିର୍ମାଲ୍ୟ' ମାଧ୍ୟମରେ ସେଠାରେ ଉପସ୍ଥିତ ଅଛନ୍ତି ବୋଲି ସମସ୍ତଙ୍କର ଆସ୍ଥା ଓ ବିଶ୍ୱାସ । ସେହିପରି ବିଭିନ୍ନ ଦେବଦେବୀଙ୍କୁ ନିର୍ମାଲ୍ୟ ସମର୍ପଣ ସମୟରେ ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ସାନ୍ନିଧ୍ୟ ସେହି ଦେବଦେବୀଙ୍କ ସହିତ ହୋଇଥାଏ ବୋଲି ବିଶ୍ୱାସ କରାଯାଏ । ତେଣୁ ବାସ୍ତବରେ ସେହି ନିର୍ମାଲ୍ୟ ମହାପ୍ରଭୁଙ୍କର ପ୍ରତିଭୂ ଅଟନ୍ତି ।

ଶିଶୁଟିଏ ଜନ୍ମ ହେବାଠାରୁ ଆରମ୍ଭ କରି ଯେ କୌଣସି ଶୁଭ କାର୍ଯ୍ୟରେ ଆବଶ୍ୟକ ହୁଏ ଶ୍ରୀମହାପ୍ରସାଦ, ନିର୍ମାଲ୍ୟ ଆଦି । ସମାଜରେ ଏହି ଶ୍ରୀମହାପ୍ରସାଦ ବା ନିର୍ମାଲ୍ୟ ଶ୍ରୀଜଗନ୍ନାଥଙ୍କ ପ୍ରତିରୂପ ହିସାବରେ ଗ୍ରହଣୀୟ ହୋଇ ଆସିଅଛି । ସେହିପରି ବ୍ୟକ୍ତିଟିର ମୃତ୍ୟୁ ହୋଇଯିବା ଦିନ ଠାରୁ ଅଶୁଭ କାର୍ଯ୍ୟରେ ମଧ୍ୟ ଆବଶ୍ୟକ ପଡ଼େ ନିର୍ମାଲ୍ୟ । ବିନା ଶ୍ରୀମହାପ୍ରସାଦ ବା ନିର୍ମାଲ୍ୟରେ ଶୁଦ୍ଧିକାର୍ଯ୍ୟ ସମ୍ଭବପର ନୁହେଁ । ସେବକ ଇତର ପରିବାରରେ ଗୁଆ ଓ ନିର୍ମାଲ୍ୟ ମାଧ୍ୟମରେ ସମାଚାର ଦିଆଗଲା ବେଳେ ଶ୍ରୀଜଗନ୍ନାଥଙ୍କ ସେବକ ପରିବାରରେ କାହାର ଯଦି ମୃତ୍ୟୁ ଘଟେ ତାହାହେଲେ ତାହାର ବନ୍ଧୁବାନ୍ଧବ, ଜ୍ଞାତି କୁଟୁମ୍ବକୁ ଏହି ମୃତ୍ୟୁ ଖବର ଦେବାପାଇଁ ଆବଶ୍ୟକ ପଡ଼େ ନିର୍ମାଲ୍ୟ । ଶ୍ରୀକ୍ଷେତ୍ରବାସୀ

CC-0. In Public Domain. Digtized by Muthulakshmi Research Academy

ଶ୍ରୀଜଗନ୍ନାଥଙ୍କ ସେବକମାନଙ୍କ ପାଇଁ ମହାପ୍ରଭୁଙ୍କର ଅପାର କରୁଣା । ସେ ସେବକମାନଙ୍କର ସେବାର ପ୍ରତିଦାନ ସ୍ୱରୂପ କୌଣସି ସେବକ କିମ୍ବା ତାଙ୍କ ପରିବାରର କାହାର ମୃତ୍ୟୁ ହୋଇଗଲେ ତାକୁ ନିଜ ଶ୍ରୀମନ୍ଦିର ରୋଷଶାଳାରୁ ଶ୍ରୀଜଗନ୍ନାଥ ବୈଷ୍ଣବାଗ୍ନି ଦେଇଥାଆନ୍ତି । ସେଥିରେ ହିଁ ତାହାର ଶେଷକୃତ୍ୟ ମୁଖାଗ୍ନି ଦିଆଯାଏ । ମୃତ ସେବକ ବା ପରିବାରର ବ୍ୟକ୍ତିର ବେକରେ ଶ୍ମଶାନ ଯାତ୍ରା ସମୟରେ ମଧ୍ୟ ନିର୍ମାଲ୍ୟରୂପୀ ମହାପ୍ରଭୁଙ୍କ ଶିରିକାପଡ଼ା, ତୁଳସୀମାଳା ଚନ୍ଦନ ଟିକିଏ ମସ୍ତକରେ ଲଗାଇ ଦିଆଯାଇଥାଏ । ଉଦ୍ଦେଶ୍ୟ, ମହାପ୍ରଭୁଙ୍କ ସେବା ସମୟରେ ସେବକ ଓ ତାହାର ପରିବାର ପାଇଁ ଯେଉଁ କରୁଣା ମୃତ୍ୟୁ ପରେ ମଧ୍ୟ ସେହି କରୁଣା । ସେବକ ପରିବାରରେ କାହାରି ମୃତ୍ୟୁ ହୋଇଗଲେ ତାହାର ବୈକୁଣ୍ଠ ପ୍ରାପ୍ତି ହେଲା ବୋଲି କୁହାଯାଏ ।

ଶ୍ରୀକ୍ଷେତ୍ରରେ ବାସ କରୁଥିବା କୌଣସି ମନୁଷ୍ୟ, ପଶୁ, ପକ୍ଷୀର ମୃତ୍ୟୁ ନହୋଇ ମୁକ୍ତି ହୋଇଥାଏ ବୋଲି ଶାସ୍ତ୍ରରେ ପ୍ରମାଣ ଅଛି । ଏଠାରେ ବ୍ୟାବହାରିକ ଦୃଷ୍ଟିରେ ମଧ୍ୟ ତାହା ଦେଖିବାକୁ ମିଳିଥାଏ । ମହାପ୍ରଭୁଙ୍କର ସେବକ ପରିବାରର ମୃତ୍ୟୁ ହୋଇଗଲେ ଏହି ଅଶୁଭ ସମାଚାରକୁ ଅଶୁଭ ବୋଲି ବିଚାର ନ କରି ତାହାର ବୈକୁଣ୍ଠ ପ୍ରାପ୍ତି ହେବାର ଉଦାହରଣ ଦେଖିବାକୁ ମିଳେ । ମୃତ ବ୍ୟକ୍ତିର ବନ୍ଧୁବାନ୍ଧବମାନଙ୍କ ପରିବାରକୁ ଏହି ସମାଚାର ଦେବା ସମୟରେ ମଧ୍ୟ ଶ୍ରୀମହାପ୍ରସାଦ ବା ନିର୍ମାଲ୍ୟର ଆଶ୍ରୟ ନେବାକୁ ହୁଏ । ସେଥିପାଇଁ ମୃତବ୍ୟକ୍ତିର ନିକଟ ସଂପର୍କୀୟମାନଙ୍କ ଘରକୁ 'ତୁମ ଘରକୁ ଖାଣ୍ଡି ପଡ଼ିଲା' ବୋଲି କୁହାଯାଇ ସାମାନ୍ୟ 'ନିର୍ମାଲ୍ୟ' ଟିକିଏ ଦେଇ ତାଙ୍କୁ ସୂଚନା ଦିଆଯାଏ । ଏହାର ଅର୍ଥ ମୃତ ବ୍ୟକ୍ତିର ବୈକୁଣ୍ଠ ପ୍ରାପ୍ତି ପାଇଁ ଯେଉଁ ମୁମୂର୍ଷ ଅବସ୍ଥାରେ 'ଅଭଡ଼ା ତୋରାଣୀ' ବା ନିର୍ମାଲ୍ୟ ପାଣିର ଆଶ୍ରୟ ନିଆଯାଇଥାଏ, ଯେଉଁ ନିର୍ମାଲ୍ୟ ହିଁ ମୁକ୍ତିର ପଥ ଦେଖାଇଥାଏ, ସେହି ନିର୍ମାଲ୍ୟ ପ୍ରାପ୍ତିର ଫଳ ସ୍ୱରୂପ ମୁକ୍ତିର ସୂଚନା ମଧ୍ୟ ସାମାନ୍ୟ 'ନିର୍ମାଲ୍ୟ' ମାଧ୍ୟମରେ 'ହାଣ୍ଡି ଭାଙ୍ଗିଲେ ଖାଣ୍ଡି' ଅର୍ଥାତ୍ ଖାଣ୍ଡିରେ ଲାଗିଥିବା ନିର୍ମାଲ୍ୟ କଣିକା ମାଧ୍ୟମରେ ଦିଆଯାଏ । ଅନ୍ୟ ବନ୍ଧୁମାନଙ୍କୁ ମଧ୍ୟ 'ତୁମକୁ ଶିତଳ' ପଡ଼ିଲା ବୋଲି କହି ସମାଚାର ଦେବା ବ୍ୟକ୍ତି 'ଶ୍ରୀମହାପ୍ରସାଦ ପିଠାର ସାମାନ୍ୟ ଅଂଶ' ମାଧ୍ୟମରେ ସୂଚନା ଦେଇଥାଆନ୍ତି । ଏହି ସୂଚନା ପ୍ରାପ୍ତି ସ୍ୱରୂପ ବନ୍ଧୁବାନ୍ଧବମାନେ 'ମୁହଁ ଦେଖା ମହାର୍ଦ୍ଧ' ଅର୍ଥାତ୍ ଶ୍ରୀ ମହାପ୍ରସାଦ, ଡାଲି, ତରକାରୀ, ପିଠା ଆକାରରେ ମୃତ ବ୍ୟକ୍ତିର ବୈକୁଣ୍ଠ ପ୍ରାପ୍ତି ସମାଚାରକୁ ଗ୍ରହଣ କରି ଶ୍ରୀଜଗନ୍ନାଥଙ୍କ ସହିତ ମୃତ ବ୍ୟକ୍ତି ମିଶିଯାଇ ସାକ୍ଷାତ୍ ମୁକ୍ତିଲାଭ କଲା ବୋଲି ବିଚାର କରିଥାଆନ୍ତି । ମୃତ ବ୍ୟକ୍ତିର ପରିବାର ଘରକୁ ଶ୍ରୀମହାପ୍ରସାଦ ପଠାଇ ଦିଆଯାଇ ବୈକୁଣ୍ଠ ପ୍ରାପ୍ତିର ସମାଚାର ପ୍ରାପ୍ତି ସ୍ୱୀକାର କରାଯାଏ । ତାହା ସଙ୍ଗେ ସଙ୍ଗେ ବନ୍ଧୁ ହିସାବରେ ଶୁଦ୍ଧିକାର୍ଯ୍ୟରେ ବ୍ୟୟ ଭାର ଅଂଶ ବହନ କରିବା ପାଇଁ ନିଜ ଆର୍ଥିକ ସ୍ଥିତି ଅନୁସାରେ 'ବ୍ୟୟଭାର' (ଅପଭ୍ରଂଶ ହୋଇ 'ବେଭାର' ଶବ୍ଦ ହୋଇଅଛି) ପଠାଇଥାଆନ୍ତି । ମୃତ୍ୟୁ ଦିବସଠାରୁ ଶୁଦ୍ଧି ଦିବସ ପର୍ଯ୍ୟନ୍ତ

CC-0. In Public Domain. Digtized by Muthulakshmi Research Academy

ଶ୍ରୀମହାପ୍ରସାଦର ହିଁ ପ୍ରଭାବ ପରିବାର ମଧ୍ୟରେ ଦେଖିବାକୁ ମିଳେ । ସତେ ଯେପରି ଦଶଦିନ ବ୍ୟାପୀ ମୃତ୍ୟୁ ପରେ ମଧ୍ୟ ଉତ୍ସବ ଭଳି 'କୈବଲ୍ୟ ଲୀଳା' ବା 'ଶ୍ରୀମହାପ୍ରସାଦ' ଲୀଳା ଚାଲିଥାଏ । ସେତିକିବେଳେ ପ୍ରତ୍ୟକ୍ଷ ଅନୁଭବ ହୁଏ ଶ୍ରୀମହାପ୍ରସାଦ ବା ନିର୍ମାଲ୍ୟ ହିଁ ଶ୍ରୀଜଗନ୍ନାଥଙ୍କ ପ୍ରତିଭୂ ବା ପ୍ରତିରୂପ ।

ଏହି ଲୀଳା କାରଣରୁ ମୃତ୍ୟୁ ଫଳରେ ପରିବାରରେ ଉପୁଜିଥିବା ଦୁଃଖର ବାତାବରଣକୁ ମୁକ୍ତି ପ୍ରାପ୍ତିର ଆନନ୍ଦରେ ପରିବର୍ତ୍ତନ କରିଦେଇ ଶ୍ରୀମହାପ୍ରସାଦ ପ୍ରାପ୍ତିରେ ଆଣିଦିଏ ଏକ ଆଧ୍ୟାତ୍ମିକ ଚେତନା । ମନରେ ସୃଷ୍ଟିକରେ ଅଫୁରନ୍ତ ଆବେଗମୟୀ ଭାବନା । ଈଶ୍ୱର ସତ୍ତାର ଅନୁଭୂତି । ସେତେବେଳେ ପରିବାରର ବ୍ୟକ୍ତିମାନେ ଶୋକ ଦୁଃଖରେ ବୁଡ଼ି ନ ରହି 'ଶ୍ରୀମହାପ୍ରସାଦ' ପ୍ରାପ୍ତିର ଆନନ୍ଦରେ ବିଭୋର ହୋଇ ଯାଇଥାଆନ୍ତି । ସେତିକିବେଳେ ଅନୁଭବ ହୁଏ ଶ୍ରୀମହାପ୍ରସାଦ ହେଉଛି ମହାଭାବ, ମହାପ୍ରେମ, ମହାପବିତ୍ରତାର ମୂର୍ତ୍ତିମନ୍ତ ପ୍ରତୀକ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ୱରୂପ ହିଁ ଶ୍ରୀମହାପ୍ରସାଦ ନିର୍ମାଲ୍ୟ । ଶ୍ରୀଜଗନ୍ନାଥଙ୍କର ନିର୍ମାଲ୍ୟ ତାଙ୍କ ଭଳି ସମାନ ହୋଇଥିବାରୁ ମୃତ୍ୟୁର ଦୁଃଖରେ ଯେତେବେଳେ ପରିବାରର ଲୋକେ ବନ୍ଧୁବାନ୍ଧବ ଆଦି ଭାଙ୍ଗି ପଡ଼ିବାର କଥା ସେତେବେଳେ ଶ୍ରୀଜଗନ୍ନାଥ ସ୍ୱରୂପ ନିର୍ମାଲ୍ୟର ଦର୍ଶନରେ ଦଶଦିନ ଧରି ଶ୍ରୀମହାପ୍ରସାଦ ବା ଶ୍ରୀନିର୍ମାଲ୍ୟଲୀଳା ବାତାବରଣକୁ ସଂପୂର୍ଣ୍ଣ ବଦଳାଇ ଦେଇଥାଏ ।

## ଜନ୍ମମୃତ୍ୟୁ ଚକ୍ରରେ ନିର୍ମାଲ୍ୟର ପ୍ରଭାବ :-

ପୂର୍ବବର୍ଣ୍ଣିତ ବିଷୟବସ୍ତୁ ଅନୁସାରେ ଶ୍ରୀମହାପ୍ରସାଦ ଠାରୁ ଅଧିକ ବ୍ୟାପକ ନିର୍ମାଲ୍ୟ ହୋଇଥିଲେ ମଧ୍ୟ ଓ ତାହା ପ୍ରାୟ ପୂର୍ବରୁ ଲେଖା ହୋଇଥିବା ୨୫ଗୋଟି ବସ୍ତୁକୁ ବୁଝାଉଥାଏ । ଓଡିଶାବାସୀଙ୍କର ଜୀବନଚର୍ଯ୍ୟାରେ ନିର୍ମାଲ୍ୟ ତଥା ଶୁଖିଲା ଶ୍ରୀମହାପ୍ରସାଦ (ମାହାର୍ଦ୍ଦ)ର ଏକ ଉଲ୍ଲେଖନୀୟ ଭୂମିକା ରହିଅଛି ।

୧. ଓଡିଆଲୋକଟିଏ ନିର୍ମାଲ୍ୟ ସେବା ପରେ ଦୈନନ୍ଦିନ ସମସ୍ତ କାର୍ଯ୍ୟର ଶୁଭାରମ୍ଭ କରିଥାଏ ।

୨. ଓଡ଼ିଆ ଘରେ ଶିଶୁ ଜନ୍ମର ଦଶମ ଦିବସରେ ଅଶୌଚ ଦୋଷ ନିବାରଣ ନିମିତ୍ତ ପ୍ରସୂତିକୁ ସ୍ନାନ ପରେ ନିର୍ମାଲ୍ୟ ସେବନ କରିବାକୁ ଦେବା ସଙ୍ଗେ ସଙ୍ଗେ ନବଜାତକର ପାଟିରେ ନିର୍ମାଲ୍ୟ କଣିକା ସ୍ପର୍ଶ କରାଇ ସେହି ଦିନଠାରୁ ସେହି ନବଜାତକ ଶିଶୁଟି ଭିତରେ ଶ୍ରୀଜଗନ୍ନାଥ ଚେତନା ଆରୋପଣ କରାଯାଇଥାଏ ।

୩. ପ୍ରତ୍ୟେକ ବୈଷ୍ଣବ ଓଡ଼ିଆ ପ୍ରତ୍ୟହ ସ୍ନାନ ପରେ ନିର୍ମାଲ୍ୟ ସେବନ କରିବାକୁ ଜୀବନର ବ୍ରତ ରୂପେ ବରଣ କରିନେଇଥାନ୍ତି ।

୪. ନିର୍ମାଲ୍ୟ ସେବନ ପୂର୍ବରୁ ଅନେକ ବ୍ୟକ୍ତି ଜଳ ଟୋପାଏ ମଧ୍ୟ ସ୍ପର୍ଶ କରନ୍ତି ନାହିଁ ।

CC-0. In Public Domain. Digtized by Muthulakshmi Research Academy

୫. ଓଡିଆର କୋଥଳି ଓ ତିଳକ ପେଡ଼ିରେ ନିର୍ମାଲ୍ୟ ଏକ ଅପରିହାର୍ଯ୍ୟ ସଂରକ୍ଷିତ ସାମଗ୍ରୀ, ମାନସିକ ଭ୍ରମ, ଚିତ୍ତ ଚାଞ୍ଚଲ୍ୟ ଜନିତ ଭୟ ତଥା ଭୂତପ୍ରେତ ଗ୍ରାସ ନକରିବାପାଇଁ ନିଜ ପାଖରେ ନିର୍ମାଲ୍ୟ ରଖିବା ଓ ଭୂତପ୍ରେତ ଗ୍ରାସ କରିଥିବା ବ୍ୟକ୍ତିକୁ ନିର୍ମାଲ୍ୟ ସେବନ କରାଇଲେ ତାହାର ସ୍ୱାଭାବିକତା ଫେରି ଆସିଥାଏ ।

୬. ମୃତ୍ୟୁ ସମୟରେ ନିର୍ମାଲ୍ୟ ଜଳ ଆତ୍ମା ସଦ୍‌ଗତିର ମାଧ୍ୟମ ବୋଲି ଓଡ଼ିଆର ଦୃଢ଼ ବିଶ୍ୱାସ ରହିଆସିଅଛି ।

୭. ସର୍ବୋପରି ନିର୍ମାଲ୍ୟ ଦ୍ୱାରା ପିତୃପୁରୁଷଙ୍କୁ ପିଣ୍ଡ ପ୍ରଦାନ କଲେ ସେମାନେ ତୃପ୍ତ ହୋଇଥାଆନ୍ତି ବୋଲି ଆମର ବିଶ୍ୱାସ ।

ପୂର୍ବବର୍ଣ୍ଣିତ ମତେ ପ୍ରତ୍ୟେକ ଶୁଭ କାର୍ଯ୍ୟରେ ଶ୍ରୀମହାପ୍ରସାଦ (ମାହାର୍ଦ୍ଦ) ପୁଡିଆର ପ୍ରୟୋଜନ ଅବଶ୍ୟମ୍ଭାବୀ । ଏହି ଶ୍ରୀମହାପ୍ରସାଦ ପୁଡିଆକୁ ଯଥାର୍ଥ ମାନ୍ୟତା ପ୍ରଦର୍ଶନ ପୂର୍ବକ ପ୍ରତ୍ୟେକ ଓଡ଼ିଆ 'ମାହାର୍ଦ୍ଦ' ଏକ ମୂର୍ତ୍ତି ବୋଲି କହିଥାଆନ୍ତି । ପ୍ରତ୍ୟେକ ଓଡ଼ିଆର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ, ବାହାବେଦୀଠାରୁ ନ୍ୟାୟବେଦୀ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ନିର୍ମାଲ୍ୟର ପ୍ରଭାବରୁ ହିଁ ଅନୁଭବ କରିହୁଏ ଯେ, ଶ୍ରୀଜଗନ୍ନାଥ ହିଁ ପ୍ରତ୍ୟେକ ଓଡ଼ିଆର ଧାର୍ମିକ ଆସ୍ଥା ଓ ବିଶ୍ୱାସର କେନ୍ଦ୍ର ଓ ସମସ୍ତ ଆଧ୍ୟାତ୍ମିକ ପ୍ରେରଣାର ଭିତ୍ତିଭୂମି ଅଟନ୍ତି ।[୧୫]

ଗୋଟିଏ ଉପାସନା ଧାରାରେ ଇଷ୍ଟଙ୍କ ପ୍ରସାଦକୁ ପ୍ରତିଭୂ ରୂପେ ଗ୍ରହଣ କରି ଉଚ୍ଚତମ ମର୍ଯ୍ୟାଦା ଦେବାରେ ଶ୍ରୀଜଗନ୍ନାଥ ଚେତନା ବିଶ୍ୱରେ ଅନନ୍ୟ ଉଦାହରଣ ସୃଷ୍ଟି କରିଛି । ବିଶ୍ୱ ଶବ୍ଦ ଆମ୍ଭେ କହିବାର ତାତ୍ପର୍ଯ୍ୟ ସାମାନ୍ୟ ଛୋଟିଆ କନାମୁଣିରେ ନିର୍ମାଲ୍ୟ ଭର୍ତ୍ତି ହୋଇ ଦେଶ ବିଦେଶକୁ ଯାଇଥାଏ । ଶ୍ରୀଜଗନ୍ନାଥଙ୍କ ପ୍ରତିଭୂ ଆକାରରେ ନିର୍ମାଲ୍ୟ ମୁଣି ନେଇ ଓଡ଼ିଶା ବ୍ୟତୀତ ଦେଶ ଓ ବିଦେଶର ବିଭିନ୍ନ କ୍ଷେତ୍ରରୁ ଆସିଥିବା ଯାତ୍ରୀମାନେ ମଧ୍ୟ ନିର୍ମାଲ୍ୟକୁ ସେହିଭଳି ଶ୍ରଦ୍ଧା ଓ ଭକ୍ତିର ସହିତ ଶ୍ରୀଜଗନ୍ନାଥଙ୍କ ନିଦର୍ଶନ ରୂପେ ନିଜ ନିଜର ଘରକୁ ନେଇ ଯାଇଥାଆନ୍ତି ଓ ତା ମଧ୍ୟ ନିଜ ନିଜର ପଡ଼ୋଶୀ, ବନ୍ଧୁ ବାନ୍ଧବଙ୍କୁ ଦେଇଥାଆନ୍ତି । ଭକ୍ତମାନଙ୍କର ବିଶ୍ୱାସ ମହାପ୍ରଭୁ ଶ୍ରୀଜଗନ୍ନାଥ ସ୍ୱୟଂ ନିର୍ମାଲ୍ୟ କଣିକାରେ ବିଦ୍ୟମାନ ହୋଇ ପୃଥିବୀରେ ସର୍ବତ୍ର ବିରାଜିତ ହେଉଛନ୍ତି । ନିର୍ମାଲ୍ୟ ହେଉଛନ୍ତି ଶ୍ରୀଜଗନ୍ନାଥଙ୍କର ଅନ୍ନାବତାର । ଭକ୍ତର ବିଶ୍ୱାସ ମନୁଷ୍ୟ ବିନା ଜପତପରେ ନିର୍ମାଲ୍ୟ କଣିକାଏ ସେବନ କରି ଶ୍ରୀଜଗନ୍ନାଥଙ୍କର ଶରଣାପନ୍ନ ହୋଇପାରିଲେ ବିଷ୍ଣୁଲୋକକୁ ଗମନ କରିହୁଏ । ଶ୍ରୀଜଗନ୍ନାଥଙ୍କର ନିର୍ମାଲ୍ୟ ହେଉଛି ଅମୃତ ସ୍ୱରୂପ । ତାହା ପାଇ ଭକ୍ତଗଣ କହି ଉଠନ୍ତି-

**କୃତାର୍ଥୋଽହଂ କୃତାର୍ଥୋଽହଂ କୃତାର୍ଥୋଽହଂ ନ ସଂଶୟଃ ।**
**ଦେବ ଦେବ ଜଗନ୍ନାଥ ! ତବ ନିର୍ମାଲ୍ୟ ଭକ୍ଷଣାତ୍ ॥**

---

୧୫. *(ସଂଗୃହୀତ- 'ନିର୍ମାଲ୍ୟ' ୧୯୮୯-୯୦ ଜାନୁୟାରୀ-ମାର୍ଚ୍ଚ, ଓଡ଼ିଆ ସଂସ୍କୃତିରେ ମହାପ୍ରସାଦର ଭୂମିକା, ଲେ-ପଙ୍କଜ ସାହୁ ।)*

CC-0. In Public Domain. Digtized by Muthulakshmi Research Academy

ଅର୍ଥାତ୍ ହେ ଦେବ ଦେବ ଜଗନ୍ନାଥ ! ଆପଣଙ୍କ ନିର୍ମାଲ୍ୟ ସେବନ କରି ମୁଁ କୃତାର୍ଥ ହେଲି । ବାସ୍ତବରେ ଏହା ହେଉଛି 'ପ୍ରତିଭୂ ଲୀଳା' । କେବଳ ଜଗତ ଉଦ୍ଧାର ପାଇ ସିନା !

## ମୁକ୍ତିତତ୍ତ୍ୱ ଓ କୈବଲ୍ୟ :-

ମହାପ୍ରଭୁଙ୍କ ଏହି ଜଗତ ଉଦ୍ଧାର କାର୍ଯ୍ୟ କାଳେ କେତେବେଳେ ବନ୍ଦ ହୋଇଯିବ ସେଥିପାଇଁ ସେ ସର୍ବଦା ସତର୍କ । ସମଗ୍ର ଭାରତରେ ଉପାସକ ଏକାଦଶୀ ବ୍ରତରେ ଅନ୍ନ ଭୋଜନ ନ କରୁଥିଲେ ମଧ୍ୟ ଶ୍ରୀମନ୍ଦିରରେ ବାରଣ ନାହିଁ । ମହାପ୍ରଭୁ ନିଜେ ଏକାଦଶୀରେ ଅନ୍ନ ଗ୍ରହଣ କରି ଏଠାରେ ଏକାଦଶୀ ବ୍ରତରେ ଅନ୍ନଭୋଜନ ବର୍ଜନୀୟ ନୁହେଁ ବୋଲି ପ୍ରମାଣ କରି ପ୍ରତୀକାତ୍ମକ ଭାବେ ଏକାଦଶୀକୁ ବାନ୍ଧି ଗୋଟିଏ ଛୋଟିଆ ମନ୍ଦିରରେ ରଖି ଦେଇଥିବା କଥା ଜନପ୍ରବାଦ ଅଛି । ସେଇଥିପାଇଁ ଶ୍ରୀମନ୍ଦିର ନିଶା ତଳେ ଥିବା ଛୋଟିଆ ଏକାଦଶୀ ମନ୍ଦିର ଅଦ୍ୟାପି ରହିଅଛି । ବହୁ ଏକାଦଶୀ ବ୍ରତ ପାଳନ କରୁଥିବା ଭକ୍ତ ତାହା ସମ୍ପୂର୍ଣ୍ଣ କରିବା ପାଇଁ ଶ୍ରୀମନ୍ଦିରକୁ ଆସି ଏକାଦଶୀ ଦିନ ଶ୍ରୀ ମହାପ୍ରସାଦ ଗ୍ରହଣ କରି ମୁକ୍ତ ହୁଅନ୍ତି ବୋଲି ବିଶ୍ୱାସ ରହିଅଛି ।

ଶ୍ରୀମହାପ୍ରସାଦ ପ୍ରାପ୍ତିରେ ଯେଉଁ ମୁକ୍ତିତତ୍ତ୍ୱର ସାମଗ୍ରିକ ଗୂଢ଼ ରହସ୍ୟ ଲୁକ୍‌କାୟିତ ହୋଇ ରହିଛି ତାହା ହିଁ କେଉଛି 'କୈବଲ୍ୟ' । ନିର୍ମାଲ୍ୟର ନାମାନ୍ତର ହେଉଛି କୈବଲ୍ୟ । ଅନ୍ନବ୍ରହ୍ମ ବା ଶ୍ରୀମହାପ୍ରସାଦ ପ୍ରତି ଭଗବତ୍ ଭାବ ଅକ୍ଷୁର୍ଣ୍ଣ ରଖିବା ଉଦ୍ଦେଶ୍ୟରେ ପୂର୍ବାଚାର୍ଯ୍ୟଗଣ ଶ୍ରୀମହାପ୍ରସାଦକୁ ମୁକ୍ତିତତ୍ତ୍ୱର ଆଧାର 'ବିଷ୍ଣୁ କୈବଲ୍ୟ' ରୂପେ ଶୀର୍ଷସ୍ଥାନ ପ୍ରଦାନ କରିଛନ୍ତି । ପୁରୁଷୋତ୍ତମ ପରଂବ୍ରହ୍ମଙ୍କୁ ଶ୍ରୀମଦ୍ ଭାଗବତ ମହାପୁରାଣରେ 'କୈବଲ୍ୟପତି' ରୂପେ ଅବତାରଣା କରାଯାଇଅଛି । ଦ୍ୱାପର ଯୁଗରେ ମାତା କୁନ୍ତି ଭଗବାନଙ୍କୁ ପ୍ରାର୍ଥନା କରି କହିଛନ୍ତି-

**ନମୋଽକିଞ୍ଚନବିତ୍ତାୟ ନିବୃତ୍ତଗୁଣବୃତ୍ତୟେ ।**
**ଆତ୍ମାରାମାୟ ଶାନ୍ତାୟ କୈବଲ୍ୟପତୟେ ନମଃ ॥**

*(ଶ୍ରୀମଦ୍ ଭାଗବତ-୧।୮।୨୬)*

ଅର୍ଥାତ୍ ହେ ପ୍ରଭୁ ! ତୁମେ ହେଉଛ ଅକିଞ୍ଚନମାନଙ୍କର ପରମ ଧନ । ମାୟାର ପ୍ରପଞ୍ଚ ତୁମକୁ ସ୍ପର୍ଶ କରିପାରେ ନାହିଁ । ତୁମେ ତୁମରି ଭିତରେ ହିଁ ବିହାର କର । ତୁମେ ହେଉଛ ପରମ ଶାନ୍ତ ସ୍ୱରୂପ । ତୁମେ ହେଉଛ କୈବଲ୍ୟ ମୋକ୍ଷର ଅଧିପତି । ତୁମଙ୍କୁ ବାରମ୍ବାର ପ୍ରଣାମ ।

ପୁରୁଷୋତ୍ତମ ପରଂବ୍ରହ୍ମ ଶ୍ରୀଜଗନ୍ନାଥ ହିଁ ନିଜେ କୈବଲ୍ୟାଧିପତି । ସେ ଏହି ଶ୍ରୀକ୍ଷେତ୍ରରେ ଆବିର୍ଭୂତ ହୋଇ ଭକ୍ତମାନଙ୍କ ସହିତ ନିଜେ ମିଶି ବିଭିନ୍ନ ଲୀଳା ମଧ୍ୟରେ ଶ୍ରୀମହାପ୍ରସାଦ ଲୀଳା, ନିର୍ମାଲ୍ୟ ଲୀଳା ବା କୈବଲ୍ୟ ଲୀଳା କରି ନିଜ ଆବିର୍ଭାବର

CC-0. In Public Domain. Digtized by Muthulakshmi Research Academy

କାରଣ ସମସ୍ତ ଜୀବଜଗତକୁ ମୋକ୍ଷ ପ୍ରଦାନ କରିଚାଲିଛନ୍ତି । ସେହି ମୋକ୍ଷ ପ୍ରଦାନ ପାଇଁ ତ ଏତେ ବଡ଼ ଅନ୍ନ ଯଜ୍ଞ ରୂପୀ କୈବଲ୍ୟ ଲୀଳା ପ୍ରତିଦିନ ଶ୍ରୀମନ୍ଦିରରେ ଘଟି ଚାଲିଅଛି । ସେ ଅକିଞ୍ଚନମାନଙ୍କୁ କୈବଲ୍ୟ ପ୍ରଦାନ କରି ତାଙ୍କୁ ମୁକ୍ତ କରିଚାଲିଥିବାର ଅସଂଖ୍ୟ ଉଦାହରଣ ଘଟିଚାଲିଅଛି । ଭକ୍ତ ବନ୍ଧୁ ମହାନ୍ତି, ରଘୁ ଅରକ୍ଷିତ, ସନ୍ଥ ତୁଳସୀ ଦାସ ଆଦିଙ୍କ ବିଷୟରେ କଥା ସିନା ପ୍ରଚାରିତ ହୋଇଛି କିନ୍ତୁ ଅପ୍ରଚାରିତ, ଅପ୍ରକାଶିତ ଥାଇ ଏଭଳି ଅସଂଖ୍ୟ ଘଟଣା ଗୁପ୍ତ ରହିଅଛି । ଶ୍ରୀଜଗନ୍ନାଥ ହେଉଛନ୍ତି ପ୍ରକୃତରେ ଅକିଞ୍ଚନଙ୍କର କୈବଲ୍ୟ ଦାତା ।[୧୬]

କୈବଲ୍ୟଦାତା ଶ୍ରୀଜଗନ୍ନାଥ ମହାପ୍ରଭୁ କେବଳ ଅକିଞ୍ଚନଙ୍କୁ କୈବଲ୍ୟ ପ୍ରଦାନ କରିନଥାନ୍ତି । ଶ୍ରୀକ୍ଷେତ୍ରରେ ଓ ଶ୍ରୀକ୍ଷେତ୍ର ବାହାରେ ରହିଥିବା ସମସ୍ତ ଦେବଦେବୀଙ୍କୁ ମଧ୍ୟ 'ଶ୍ରୀମହାପ୍ରସାଦ' ଆକାରରେ କୈବଲ୍ୟ ଦେଇଥାଆନ୍ତି । ସମସ୍ତ ଦେବଦେବୀମାନଙ୍କୁ ସେଇଥିପାଇଁ ଶ୍ରୀମହାପ୍ରସାଦ ସମର୍ପଣ ହୋଇଥାଏ ।

ଶ୍ରୀକ୍ଷେତ୍ର ରାଜରାଜେଶ୍ୱରୀ ମା ବିମଳା ମଧ୍ୟ ଏହି କ୍ଷେତ୍ରରେ କୈବଲ୍ୟ ପ୍ରାପ୍ତି ପାଇଁ ଲୋଲୁପ ଦୃଷ୍ଟିରେ ଶ୍ରୀମନ୍ଦିର ବେଢ଼ା ଭିତରେ ଥାଇ ତପସ୍ୟାରତ ଥାଆନ୍ତି ବୋଲି ଶାସ୍ତ୍ର ପ୍ରମାଣ ରହିଅଛି ।[୧୭]

---

୧୬. *ଶ୍ରୀମଦ୍ କଳ୍ପବଟେ ମହୋଦଧିତଟେ ରତ୍ନାବଳୀସଂକଟେ ।*
*ନୀଳାଦ୍ରିପ୍ରକଟେ ସିତାମ୍ବୁନିକଟେ ନୀଳାଦ୍ରିକୂଟେ ସ୍ଥିତେ ॥*
*ସାଟୋପେ ମଣିମଣ୍ଡପେ ରସକଳା ଲାବଣ୍ୟଲୀଳାମୟ ।*
*ପୂର୍ଣ୍ଣାନନ୍ଦ ମହୋଦଧି ବିଦଧତେ କୈବଲ୍ୟଦାତା ହରିଃ ॥*
*(ସଂଗୃହୀତ- ପଣ୍ଡିତ ପ୍ରମୋଦ କୁମାର ଷଡ଼ଙ୍ଗୀ)*

୧୭. *ଆର୍ତ୍ତତ୍ରାଣକାରୀ ସଦାଶିବକରୀ କୈବଲ୍ୟଲୋଲୁପିନୀ ।*
*ନାନାଚିତ୍ରବିଚିତ୍ରଭୂଷଣଧରୀ କାରୁଣ୍ୟ ପୂର୍ଣ୍ଣେଶ୍ୱରୀ ॥*
*('ପାଠରତ୍ନମ୍', ଶ୍ରୀ ଶ୍ରୀ ବିମଳାଷ୍ଟକମ୍ (ଶ୍ଳୋକ-୪)*
*ସୌଭାଗ୍ୟ ମଞ୍ଜୁସା (ବଙ୍ଗଳା) କୃଷ୍ଣାନନ୍ଦ ବ୍ରହ୍ମଚାରୀ ପୃ.୬୧ରେ ବର୍ଣ୍ଣନା କରାଯାଇଅଛି ଯେ- (ଉଦ୍ଧୃତ ଶ୍ରୀଜଗନ୍ନାଥ ଚେତନାର ଶାସ୍ତ୍ରୀୟ ଭିତ୍ତିଭୂମି, ପୃ-୧୩୪)*

କ) *ଉତ୍କଳେ ନାଭିଦେଶେ ଚ ବିମଳା ପୁରୁଷୋତ୍ତମେ ।*
*ବିମଳା ଭୈରବୀ ଯତ୍ର ଜଗନ୍ନାଥସ୍ତୁ ଭୈରବଃ ॥*

ଖ) *ରସନା ଉଡ୍ରଦେଶେ ଚ ବିମଳା ପୁରୁଷୋତ୍ତମେ ।*
*ତଦୁଚ୍ଛିଷ୍ଟମହାପୀଠେ ଜଗନ୍ନାଥାଖ୍ୟୋ ଭୈରବଃ ॥*
*କୈବଲ୍ୟ ଦକ୍ଷିଣାଚାରଦ୍ରବ୍ୟଂ କୈବଲ୍ୟମେବ ଚ ।*
*ଉଡ୍ଡୀୟାନପରଂ କୈଳା ବିମଳା ବିମଳପ୍ରଦା ॥*

ଗ) *ବିମଳା ସା ମହାଦେବୀ ଜଗନ୍ନାଥସ୍ତୁ ଭୈରବଃ ।*

ଘ) *ଦକ୍ଷିଣାର୍ଣ୍ଣବତୀରେଣ ଉଡ୍ଡୀୟାନ ପରଂସ୍ଥଳମ୍ ।*
*ଉଡ୍ଡୀଶଭୈରବଃ ସାକ୍ଷାତ୍ ମାଧବଃ କମଳେକ୍ଷଣଃ ॥*
*ବିମଳା ଭୈରବୀ ନିତ୍ୟାନିତ୍ୟ କୈବଲ୍ୟଭୋଜିନୀ ।*
*ନିଜିକୌଳମଧ୍ୟଃ ସର୍ବେ କୌଳାଚାରପରାୟଣାଃ ॥*

CC-0. In Public Domain. Digtized by Muthulakshmi Research Academy

ପୂର୍ବରୁ ବର୍ଣ୍ଣନା କରାଯାଇ ଅଛି ଯେ, ଶ୍ରୀଜଗନ୍ନାଥଙ୍କୁ ସମର୍ପିତ ନୈବେଦ୍ୟ ଭୈରବୀ ଚକ୍ରରେ ପୂଜା ପରେ ଶ୍ରୀମହାପ୍ରସାଦ ହୁଏ । ଉକ୍ତ ଶ୍ରୀମହାପ୍ରସାଦର ଉଚ୍ଛିଷ୍ଟକୁ ଶ୍ରୀଜଗନ୍ନାଥଙ୍କ ଶାଳିଅନ୍ନ (ଥାଳି ଅନ୍ନ)କୁ ମା ବିମଳାଙ୍କୁ ସମର୍ପଣ କରାଯାଉଥିବା କଥା ପୂର୍ବେ ଆଲୋଚନା କରାଯାଇ ଅଛି । ସେଥିପାଇଁ ଏହି ପୀଠର ନାମ ମଧ୍ୟ 'ଉଚ୍ଛିଷ୍ଟ ପୀଠ' । ଶ୍ରୀଜଗନ୍ନାଥଙ୍କୁ ଅର୍ପିତ ନୈବେଦ୍ୟ ଶ୍ରୀମହାପ୍ରସାଦ ହେବାପରେ ଶ୍ରୀକ୍ଷେତ୍ର ରାଜେଶ୍ୱରୀ ମା ବିମଳାଙ୍କୁ କାହିଁକି ସମର୍ପଣ କରାଯାଏ ଏହି ସମ୍ବନ୍ଧରେ ଏକ କିମ୍ବଦନ୍ତୀ ରହିଅଛି । ଥରେ ଦେବର୍ଷି ନାରଦ ଭଗବାନ ବିଷ୍ଣୁଙ୍କର ଭୋଜନ ପରେ ତାଙ୍କ ଉଚ୍ଛିଷ୍ଟ ପ୍ରସାଦରୁ କିଛି ପାଇ ନିଜକୁ ଧନ୍ୟ ମନେକରି ଅତି ଆନନ୍ଦରେ କୈଳାଶ ପର୍ବତରେ ପହଞ୍ଚିଲେ । ତାଙ୍କର ଉଲ୍ଲାସ ଭାବର କାରଣ କଅଣ ତାହା ଦେବର୍ଷି ନାରଦଙ୍କ ଠାରୁ ବୁଝି ଦେବଦେବ ମହାଦେବ କୈବଲ୍ୟ ସେବାପାଇଁ ଲାଳାୟିତ ହେଲେ । ଦୈବାତ୍ ଦେବର୍ଷି ନାରଦଙ୍କ ଦାଢ଼ିରେ କଣିକାଏ କୈବଲ୍ୟ ଲାଗିଥିବା ଦେଖି ଶିବ ପରମ ଆନନ୍ଦରେ ତାକୁ ସେବା କଲେ ଓ ଅତ୍ୟନ୍ତ ଆନନ୍ଦିତ ହେଲେ । ଦେବର୍ଷି ନାରଦ ଓ ଦେବଦେବ ମହାଦେବ ପରମାନନ୍ଦରେ ଭାବବିହ୍ୱଳ ଥିବା ଅବସ୍ଥାରେ ଦେବୀ ପାର୍ବତୀ ସେଠାରେ ପହଞ୍ଚି ସମସ୍ତ ବୃତ୍ତାନ୍ତ ଜାଣିପାରିଲେ । ଦେବୀ ପାର୍ବତୀ, ଶିବଙ୍କ ଅର୍ଦ୍ଧାଙ୍ଗିନୀ ହୋଇଥିବାରୁ ସେହି ଅମୃତତୁଲ୍ୟ କଣିକାଏ କୈବଲ୍ୟରୁ ଅଧା କୈବଲ୍ୟ ପାଇବାପାଇଁ ମହାଦେବଙ୍କୁ ପ୍ରାର୍ଥନା କଲେ । ଦେବ ଦେବ ତାହା ନିଜେ ଭକ୍ଷଣ କରିଥିବାରୁ ଆଉ ସମ୍ଭବପର ନୁହେଁ ବୋଲି କହିଲେ । ସେହି କୈବଲ୍ୟ ପ୍ରାପ୍ତିପାଇଁ ମା ପାର୍ବତୀ ତପସ୍ୟାରତା ହେଲେ । ମା ପାର୍ବତୀଙ୍କର ତପସ୍ୟାରେ ପରଂବ୍ରହ୍ମ ବିଷ୍ଣୁ ସନ୍ତୁଷ୍ଟ ହୋଇ ତାଙ୍କୁ କୈବଲ୍ୟ ପ୍ରଦାନ କରିବା ପାଇଁ କହିଲେ ଯେ, ସେ ଯେତେବେଳେ ଶ୍ରୀଦାରୁବ୍ରହ୍ମ ଭାବରେ ନୀଳାଚଳରେ ବିରାଜମାନ କରିବେ ସେତେବେଳେ ମହାଦେବୀ ପାର୍ବତୀ, ମା ବିମଳା ରୂପରେ ସେଠାରେ ବିରାଜିତା ହୋଇଥିବେ ଓ ପ୍ରତ୍ୟହ ପ୍ରତ୍ୟେକ ଦିନ ତାଙ୍କୁ ଶ୍ରୀମହାପ୍ରସାଦ ସମର୍ପଣ କରାଯିବ । ମା ପାର୍ବତୀ ମାତ୍ର କଣିକାଏ କୈବଲ୍ୟ ପାଇଁ ଲୋଲୁପ ଦୃଷ୍ଟି ରଖି ପ୍ରାର୍ଥନା କରି ତପସ୍ୟା କରିଥିଲେ ସତ, କିନ୍ତୁ ତାଙ୍କ ପାଇଁ ମହାପ୍ରଭୁ କୈବଲ୍ୟ ଦାତା ଶ୍ରୀଜଗନ୍ନାଥ ପ୍ରତିଦିନ ପ୍ରତ୍ୟେକ ଧୂପ ପରେ କୈବଲ୍ୟ ଦେବାର ବ୍ୟବସ୍ଥା କରିଦେଲେ । ବିଭିନ୍ନ ପୁରାଣମାନଙ୍କରୁ ଜଣାଯାଏ ଭଗବାନ ଶିବଙ୍କ କାନ୍ଧରୁ ମା ସତୀ ଦେବୀଙ୍କ ଶବର କିଛି ଅଂଶ ରୋହିଣୀ କୁଣ୍ଡ ନିକଟରେ ପଡ଼ି ପରବର୍ତ୍ତୀ କାଳରେ ସେଠାରେ ଦେବୀ ବିମଳା ନାମରେ ପ୍ରଖ୍ୟାତା ହୋଇ ପ୍ରତିଦିନ କେବଳ ଶ୍ରୀମହାପ୍ରସାଦ ଭକ୍ଷଣ କରୁଅଛନ୍ତି ।[୧୮]

ଶ୍ରୀମହାପ୍ରସାଦ ପ୍ରାପ୍ତି ପାଇଁ ମା ବିମଳା ଏହି କ୍ଷେତ୍ରରେ ପ୍ରଥମେ ତପସ୍ୟାରତା ଥିଲେ ଓ ପରେ ଶ୍ରୀପୁରୁଷୋତ୍ତମ ଶ୍ରୀଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ରୂପରେ ଆବିର୍ଭୂତ ହେଲେ । ସେହି କାରଣରୁ ଶାକ୍ତ ତନ୍ତ୍ରରେ ପୁରୁଷୋତ୍ତମ ତୀର୍ଥକୁ 'ବିମଳାପୀଠ' ବୋଲି କୁହାଯାଏ

୧୮. ରୋହିଣୀକୁଣ୍ଡ ପାର୍ଶ୍ୱେଽପି ବିମଳା ନାମ ନାମତଃ ।
ଶ୍ରୀ ଜଗନ୍ନାଥଂ ପ୍ରତିଦିନଂ ଭକ୍ଷିତା ତତ୍ପ୍ରସାଦମ୍ ।। (ବି.ମ୍ ୧।୨୩-୨୪)

CC-0. In Public Domain. Digitized by Muthulakshmi Research Academy

କିନ୍ତୁ ବୃହଦ୍ଧର୍ମ ପୁରାଣ ଏହି ଦିଗରେ ଏକ ନୂତନତ୍ୱ ଆଣି ଏହି କ୍ଷେତ୍ରକୁ 'ବିମଳା କ୍ଷେତ୍ର' ବୋଲି କହିଛନ୍ତି । ବିମଳା କ୍ଷେତ୍ର ଏକ ପବିତ୍ର ମୁକ୍ତିକ୍ଷେତ୍ର । ଏହି କ୍ଷେତ୍ର ହିଁ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ବୋଲି କୁହାଯାଇଅଛି । ଏଥିରୁ ମନେହୁଏ ଶ୍ରୀପୁରୁଷୋତ୍ତମ ଶ୍ରୀଜଗନ୍ନାଥ ରୂପେ ପ୍ରସିଦ୍ଧ ହେବା ପୂର୍ବରୁ 'ମା' ବିମଳା' ଏହି କ୍ଷେତ୍ରର କ୍ଷେତ୍ରାଧିଶ୍ୱରୀ ଥିଲେ ଓ ତାଙ୍କରି ନାମ ଅନୁସାରେ ଏହି କ୍ଷେତ୍ର ବିମଳାକ୍ଷେତ୍ର ରୂପେ ପ୍ରସିଦ୍ଧ ।[୧୯]

## କୈବଲ୍ୟ ହିଁ ଅନ୍ନବ୍ରହ୍ମ :-

ପୂର୍ବ ବର୍ଣ୍ଣିତ ନିର୍ମାଲ୍ୟ ଏକାଦିକ୍ରମେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ସମର୍ପିତ ପୂଜା ଉପରାନ୍ତ ଅନେକଗୁଡ଼ିଏ ବସ୍ତୁକୁ ବୁଝାଉଥିଲେ ହେଁ ମୁଖ୍ୟତଃ ଶ୍ରୀମହାପ୍ରଭୁଙ୍କ ଶୁଖିଲା ଅନ୍ନ ଶ୍ରୀମହାପ୍ରସାଦକୁ ସର୍ବସାଧାରଣରେ ନିର୍ମାଲ୍ୟ ଭାବରେ ଗ୍ରହଣ କରାଯାଇଥାଏ । ଏହି ନିର୍ମାଲ୍ୟର ନାମାନ୍ତର ହେଉଛି 'କୈବଲ୍ୟ' । କୈବଲ୍ୟପତି ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ସ୍ୱୟଂ ଆବିର୍ଭୂତ ହୋଇ ସମସ୍ତ ଜୀବମାନଙ୍କୁ ଦର୍ଶନ ଦେଉଛନ୍ତି । ତାଙ୍କ ଉଦ୍ଦେଶ୍ୟରେ ଯେଉଁ ଭୋଜ୍ୟ, ନୈବେଦ୍ୟ, ଭୋଗ, ପ୍ରସାଦ, ଶ୍ରୀମହାପ୍ରସାଦ ରୂପେ ଓ ପରେ ଭୈରବୀ ଚକ୍ରରେ ପର୍ଯ୍ୟାୟକ୍ରମେ ପ୍ରକ୍ରିୟାରେ ସମର୍ପିତ ହେଉଥିବାରୁ ଏହାର ନାମ କୈବଲ୍ୟ ଯଥାର୍ଥ ଅଟେ ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମହାପ୍ରସାଦ ଯେହେତୁ ଶ୍ରୀଜଗନ୍ନାଥଙ୍କ ଅଙ୍ଗ ସ୍ୱରୂପ, ତେଣୁ ଶୁଖିଲା ଅନ୍ନ ମହାପ୍ରସାଦ ନିର୍ମାଲ୍ୟକୁ କୈବଲ୍ୟ ବୋଲି କୁହାଯାଇଥାଏ । ଶ୍ରୀଜଗନ୍ନାଥଙ୍କ ପାକଶାଳାରେ ପ୍ରସ୍ତୁତ ହେଉଥିବା 'ଅନ୍ନ' ମଧ୍ୟରେ 'ବ୍ରହ୍ମ' ରୂପ ପ୍ରତ୍ୟକ୍ଷ ଭାବରେ ରହିଥିବାରୁ ପ୍ରତ୍ୟେକ ଶ୍ରୀଜଗନ୍ନାଥ ପ୍ରାଣ ଭକ୍ତ ସେହି ଶ୍ରୀମହାପ୍ରସାଦକୁ 'କୈବଲ୍ୟ' ଜ୍ଞାନରେ ଗ୍ରହଣ କରିଥାଆନ୍ତି । କୌଣସି ଭକ୍ତ କୈବଲ୍ୟକୁ ପ୍ରଭୁଙ୍କ ଅପେକ୍ଷା ନ୍ୟୂନ ମନେ କରନ୍ତି ନାହିଁ । ମହାପ୍ରଭୁ ନିଜ ତୁଣ୍ଡରେ କହିଛନ୍ତି 'ମତ୍‌କୈବଲ୍ୟଂ ମମାଧିକମ୍' । ଅର୍ଥାତ୍ ମୋର କୈବଲ୍ୟ ମୋ' ଠାରୁ ହିଁ ଅଧିକ । 'ମହାପ୍ରଭୁଙ୍କ ଉକ୍ତି ଯେ, ମୋତେ ପଛେ ନିନ୍ଦା କର କିନ୍ତୁ ମୋ'ର କୈବଲ୍ୟକୁ ନୁହେଁ ।'

ଯେଉଁ କୈବଲ୍ୟ 'ଅନ୍ନବ୍ରହ୍ମ' ରୂପରେ ବିଦ୍ୟମାନ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ-୧ମ ଛାନ୍ଦରେ ତାହା ସମ୍ବନ୍ଧରେ ବର୍ଣ୍ଣନା କରି ଲେଖିଛନ୍ତି

ମୁକ୍ତି ଦେବା ଗୁପ୍ତ ହୋଇଅଛି ଯୁକ୍ତାକ୍ଷରେ ।
ବୈଷ୍ଣବ ବିହୁନେ କେହୁ ଜାଣିବ ସଂସାରେ ॥

ଅର୍ଥାତ୍ ଯେଉଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ 'ନ୍ନ' ଯୁକ୍ତାକ୍ଷର ରହିଅଛି ତାଙ୍କର 'ଅନ୍ନ'ରେ ମଧ୍ୟ 'ନ୍ନ' ଯୁକ୍ତାକ୍ଷର ରହିଅଛି । ଉଭୟ ଯୁକ୍ତାକ୍ଷର 'ନ୍ନ' କାର୍ଯ୍ୟ ହେଉଅଛି ଗୋଟିଏ । ତାହାହେଲା କେବଳ ମାତ୍ର ମୋକ୍ଷ ବା ମୁକ୍ତି । ତେଣୁ ସେହି 'ଅନ୍ନ' କୈବଲ୍ୟର କାର୍ଯ୍ୟ ହେଉଛି ମୁକ୍ତି । କୈବଲ୍ୟରେ କେବଳ ମୁକ୍ତିର ତତ୍ତ୍ୱ ହିଁ ଗୁପ୍ତ

୧୯. *(ସଂଗୃହୀତ- ଶ୍ରୀଜଗନ୍ନାଥ ଚେତନାର ଶାସ୍ତ୍ରୀୟ ଭିତ୍ତିଭୂମି, ପୃ୨୨୯)*

CC-0. In Public Domain. Digtized by Muthulakshmi Research Academy

ଭାବରେ ନିହିତ ରହିଅଛି । କେହି କେହି 'କେବଳ' ବ୍ରହ୍ମ ଶବ୍ଦରୁ 'କୈବଲ୍ୟ' ମୁକ୍ତିର ଉଦ୍ଭବ ବୋଲି ମତ ପ୍ରଦାନ କରିଥାଆନ୍ତି । ଜୈନମାନଙ୍କ ମତରେ କୈବଲ୍ୟ 'କେବଳୀ' ଭାବରେ ଓ ବୌଦ୍ଧମାନଙ୍କ ମତରେ ନିର୍ବାଣ ମଧ୍ୟ ଏକୀ ଭାବରେ ରୂପାନ୍ତରିତ ହୋଇଛି । କୈବଲ୍ୟ ସେବନରେ ନିର୍ବାଣ ପ୍ରାପ୍ତି ଅବଶ୍ୟମ୍ଭାବୀ । ପରମ ପଦାର୍ଥ ଅମୃତ କୈବଲ୍ୟ ହେଉଛି ମୋକ୍ଷ, ମୁକ୍ତି ବା ନିର୍ବାଣର ଅମୃତ ସୋପାନ ବା ସିଡ଼ି ଅଟେ । ଶ୍ରୀମହାପ୍ରସାଦ ଓ ଶ୍ରୀଜଗନ୍ନାଥ ଅଭିନ୍ନ । ପ୍ରଭୁଙ୍କଠାରୁ କୈବଲ୍ୟକୁ ଅଧିକ ମହତ୍ତ୍ୱ ଦିଆଯାଇଅଛି । ''ଦର୍ଶନ ତେଣିକି ଥାଉ କୈବଲ୍ୟ ମୁକତ'' । ଜୈନ ଧର୍ମ ଅନୁଯାୟୀ ଜୀବ ଯେତେବେଳେ ସର୍ବବିଧ ବୈଷୟିକ ଆସକ୍ତି ତ୍ୟାଗ କରି ଅଜୀବରେ ପରିଣତ ହୋଇଯାଏ, ସେତେବେଳେ ତାକୁ କୈବଲ୍ୟ ଜ୍ଞାନ ପ୍ରାପ୍ତ ହୁଏ । ଜୈନ ତୀର୍ଥଙ୍କର ମହାବୀର ସେହି ଦିବ୍ୟ କୈବଲ୍ୟ ଜ୍ଞାନ ପ୍ରାପ୍ତ ହୋଇଥିଲେ । ଜୀବ, ଅଜୀବର ଏକୀଭାବ ଉପରେ ପର୍ଯ୍ୟବେସିତ ଜୈନ ଦର୍ଶନର କେବଳୀ ଭାବରୁ କୈବଲ୍ୟ ସୃଷ୍ଟି ବୋଲି ଜୈନମାନଙ୍କର ମତ । ଜୈନ ମତବାଦର ଆଦି ପ୍ରବର୍ତ୍ତକ ଶ୍ରୀ ଋଷଭଦେବ ହିଁ ଏହି କେବଳି ଭାବର ପ୍ରବର୍ତ୍ତକ ଥିଲେ ବୋଲି ଐତିହାସିକଙ୍କର ମତ । ଜୈନ ଦର୍ଶନର କୈବଲ୍ୟ ଉପଲବ୍ଧି ଶ୍ରୀଜଗନ୍ନାଥ ଚେତନାରେ ପ୍ରତିଫଳିତ ହୋଇଅଛି ବୋଲି ପଣ୍ଡିତ ଶ୍ରୀ ନୀଳକଣ୍ଠ ଦାସ ଶ୍ରୀଜଗନ୍ନାଥଙ୍କୁ 'ଜୀନବର' ବୋଲି ଆଖ୍ୟାୟିତ କରିଛନ୍ତି । ଅପରପକ୍ଷରେ ଶ୍ରୀ ଋଷଭଦେବ ଓ ଶ୍ରୀଜଗନ୍ନାଥ ଚେତନାରେ ନିହିତ କେବଳ ଭାବ ମଧ୍ୟରେ ବହୁ ସାମଞ୍ଜସ୍ୟ ଉପଲବ୍ଧି କରି ଜୈନପନ୍ଥୀମାନେ ଶ୍ରୀଜଗନ୍ନାଥଙ୍କୁ ଶ୍ରୀ ଋଷଭଦେବ ଭାବରେ ଉପାସନା କରିଥାଆନ୍ତି ବୋଲି ବହୁ ଗବେଷକଙ୍କ ମତ ।[୨୦]

ଉପର୍ଯ୍ୟୁକ୍ତ ତଥ୍ୟଟି ଇତିହାସ ଉପରେ ଆଧାରିତ ସତ୍ୟ । କିନ୍ତୁ ଶ୍ରୀପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ 'କୈବଲ୍ୟ' କେଉଁ ଅନନ୍ତ କାଳରୁ ମୁକ୍ତିମାର୍ଗ ପ୍ରଶସ୍ତ କରାଇ କୋଟି କୋଟି ଜୀବମାନଙ୍କୁ ମୁକ୍ତ କରିଆସିଅଛି ତାହାର ପଟାନ୍ତର ନାହିଁ । ପୁନଶ୍ଚ ଏହି ଶବ୍ଦ ଶ୍ରୀମଦ୍ ଭାଗବତରେ ଥିବାରୁ ତାହା ଜୈନମାନଙ୍କଠାରୁ ପ୍ରାଚୀନ । ଜୈନ ପନ୍ଥୀମାନଙ୍କର କୈବଲ୍ୟ ଚେତନା ହୁଏତ ପୂର୍ବରୁ ପ୍ରଚଳିତ ଭାଗବତୀୟ ଚେତନାକୁ କେବଳ ସମର୍ଥନ କରିଛି ସିନା ନୂତନ ଚେତନା ସୃଷ୍ଟି କରିବାରେ ସମର୍ଥ ହୋଇନଥିବା ମନେ ହୁଏ ।

ଶ୍ରୀଜଗନ୍ନାଥଙ୍କୁ ଯେଉଁ ପରମାନ୍ନ ନୈବେଦ୍ୟରୂପେ ଅର୍ପଣ କରାଯାଏ ତାହା ମହାନିର୍ବାଣ ତନ୍ତ୍ରୋକ୍ତ ବ୍ରହ୍ମାନ୍ନଠାରୁ ଅଧିକ ପବିତ୍ରିତ ଓ ଅଧିକ ମହିମାନ୍ୱିତ । କେତେକଙ୍କ ମତରେ ବୌଦ୍ଧମାନଙ୍କ ପ୍ରଭାବରେ ଶ୍ରୀଜଗନ୍ନାଥ ବୁଦ୍ଧ ହୋଇଥିବାରୁ ତାଙ୍କର ନୈବେଦ୍ୟାନ୍ନ କୈବଲ୍ୟରେ ଜାତି ଧର୍ମ ବାଛ ବିଚାର ନାହିଁ । ସେହି କାରଣରୁ ତାହା ଶ୍ରୀମହାପ୍ରସାଦ ହୋଇଅଛି । କିନ୍ତୁ ଏହା ସ୍ପଷ୍ଟ ଯେ ଶ୍ରୀଜଗନ୍ନାଥ ଗୌତମବୁଦ୍ଧ ନୁହଁନ୍ତି । ଶ୍ରୀଜଗନ୍ନାଥ

---

୨୦. *(ସଂଗୃହୀତ- ମହାପ୍ରସାଦର ପରିଭାଷା, ଲେ-ପଙ୍କଜ ସାହୁ, ଶ୍ରୀମନ୍ଦିର, ରଥଯାତ୍ରା ବିଶେଷାଙ୍କ-୨୦୦୪)*

CC-0. In Public Domain. Digtized by Muthulakshmi Research Academy

ସ୍ୱୟଂ ଅବତାରୀ । ଗୌତମବୁଦ୍ଧ ଶ୍ରୀଜଗନ୍ନାଥଙ୍କର ଅବତାର ହୋଇପାରନ୍ତି । ବୌଦ୍ଧମତବାଦ ହିନ୍ଦୁଧର୍ମର ଏକ ଅଂଶବିଶେଷ । 'ସାଗରସ୍ୟ ତରଙ୍ଗମ୍' କହିବା ଶ୍ରେୟ, କିନ୍ତୁ 'ତରଙ୍ଗସ୍ୟ ସାଗରଂ' କହିବା ସମୀଚିନ ନୁହେଁ । ବୌଦ୍ଧ ପ୍ରଭାବରୁ ଶ୍ରୀମହାପ୍ରସାଦ କୈବଲ୍ୟ ସେବନରେ ଜାତି ଭେଦ ନାହିଁ । ଯଦି ଏହା ଠିକ୍, ତେବେ ବୌଦ୍ଧ ମତର ବିରୋଧୀ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଓ ଶ୍ରୀରାମାନୁଜାଚାର୍ଯ୍ୟ ଏହି ପଦ୍ଧତିର ବିରୋଧ କରି ଏହା ଉଠାଇ ଦେଇଥାଆନ୍ତେ । ତେଣୁ ଜୈନ ବା ବୌଦ୍ଧ ମତର ପ୍ରଭାବରେ ଶ୍ରୀଜଗନ୍ନାଥଙ୍କ ନୈବେଦ୍ୟାନ୍ନ କୈବଲ୍ୟ ଶ୍ରୀମହାପ୍ରସାଦ ହୋଇଅଛି ଏହା ନିରର୍ଥକ ଓ ଅଯୌକ୍ତିକ ମନେହୁଏ ।

ଭେଦାଭେଦ ଶୂନ୍ୟ ଏହି ଅନ୍ନବ୍ରହ୍ମ କୈବଲ୍ୟ ଅନ୍ୟ ସମସ୍ତ ପ୍ରସାଦଠାରୁ ମହାନ ହେତୁ ଏହାର ନାମକରଣ, ଶ୍ରୀମହାପ୍ରସାଦ, ଅବଢା, ନିର୍ମାଲ୍ୟ, କୈବଲ୍ୟ ଯଥାର୍ଥ । କାରଣ ବେଦାନ୍ତ ବର୍ଣ୍ଣିତ ଅନ୍ନମୟ କୋଷଠାରୁ ଜ୍ଞାନମୟ କୋଷ ପର୍ଯ୍ୟନ୍ତ ବ୍ରହ୍ମର ବିଭିନ୍ନ ସ୍ତର ଶ୍ରୀଜଗନ୍ନାଥଙ୍କ ପ୍ରୋକ୍ତ ଶ୍ରୀମହାପ୍ରସାଦ କୈବଲ୍ୟ ସେବନ ଦ୍ୱାରା ପରିତୃପ୍ତ ତଥା ଉତ୍‌ଫୁଲିତ ହୋଇଥାଏ । ଆପେ ଆପେ ପାଟିରୁ ଭାଷା ବାହାରି ଆସେ 'ଆତ୍ମା ପରିତୃପ୍ତ' । ଏହି ଆତ୍ମା ପରିତୃପ୍ତ ହିଁ ତ ପରମାନନ୍ଦ ପ୍ରାପ୍ତି ।

ଶ୍ରୀଜଗନ୍ନାଥଙ୍କୁ ଅର୍ପିତ ବସ୍ତୁ ପ୍ରଥମେ ନୈବେଦ୍ୟ ଓ ବିସର୍ଜିତ ପରେ ଶ୍ରୀମହାପ୍ରସାଦ ହୁଏ । ଏହି ଶ୍ରୀମହାପ୍ରସାଦକୁ ମନ ମୁତାବକ ପେଟ ପୁରାଇ ଖିଆଯାଇପାରେ । ନିର୍ମାଲ୍ୟରୁ ମାତ୍ର କଣିକାଏ ସେବନ କରାଯାଇଥାଏ । କିନ୍ତୁ କେବଳ ଭାବ ସହକାରେ ନିର୍ମଳ ମନରେ ଯେଉଁ ଶ୍ରୀମହାପ୍ରସାଦକୁ ଦୁଇ ଆଙ୍ଗୁଠିରେ ଅର୍ଥାତ୍ ଅତ୍ୟନ୍ତ ସ୍ୱଳ୍ପ ନିଆଯାଏ ତାହାକୁ କୈବଲ୍ୟ କୁହାଯାଏ । କୈବଲ୍ୟ ଓ ନିର୍ମାଲ୍ୟ ଖାଇଲେ ବା ପାଇଲେ ତାହା ଶରୀର ମଧ୍ୟରେ ଲୀନ ହୋଇଯାଏ । ମଳମୂତ୍ର ବାଟେ ବାହାରକୁ ଚାଲିଯାଇ ନଥାଏ ।

## କୈବଲ୍ୟର ସ୍ୱରୂପ ଭେଦ :-

**ନାମକୈବଲ୍ୟ-** ଭକ୍ତିମାର୍ଗରେ 'ହରେର୍ନାମୈବ କେବଳମ୍' ଅର୍ଥାତ୍ ଉପାସ୍ୟଙ୍କ ନାମକୁ କୈବଲ୍ୟ ରୂପେ ସ୍ୱୀକୃତି ପ୍ରଦାନ କରାଯାଇଅଛି । ଅଗଣିତ ଭକ୍ତ ଶ୍ରୀଜଗନ୍ନାଥଙ୍କ ନାମ ସ୍ମରଣ/କୀର୍ତ୍ତନ/ମନନ/ଚିନ୍ତନ/ଜପ କରି ଜୀବନର ଅବଶିଷ୍ଟ ସମୟତକ ପ୍ରେମାନନ୍ଦରେ ବଞ୍ଚି ରହିବାକୁ ଶ୍ରେୟସ୍କର ମନେ କରୁଛନ୍ତି ।

**ସାନିଧ୍ୟ କୈବଲ୍ୟ-**ଶ୍ରୀଜଗନ୍ନାଥ ଚେତନାରେ 'କୈବଲ୍ୟ'ର ଅନ୍ୟ ଏକ ଦିଗ ହେଉଛି ଉପାସ୍ୟଙ୍କର ନିତ୍ୟ ସାନିଧ୍ୟ । ଏଥିପାଇଁ ଭକ୍ତ ସର୍ବଦା ଶ୍ରୀକ୍ଷେତ୍ରରେ ଅବସ୍ଥାନ କରି ସେହି 'ଶ୍ରୀଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁମେ'ଙ୍କୁ ନିତ୍ୟ ଦର୍ଶନର ସୌଭାଗ୍ୟ ପ୍ରାପ୍ତ ହେବାକୁ ପ୍ରାର୍ଥନା କରିଥାଏ । ତାହା ହିଁ ହେଉଛି 'ସାନିଧ୍ୟ କୈବଲ୍ୟ' । ଭକ୍ତ ନିକଟରେ ଅନ୍ନ କୈବଲ୍ୟରୁ କଣିକାଏ ପାଖରେ ଥିଲେ ଭକ୍ତର ମହାପ୍ରଭୁଙ୍କ ସାନିଧ୍ୟ ସୁଯୋଗ ସଂପୂର୍ଣ୍ଣ ହୋଇଥାଏ ।

CC-0. In Public Domain. Digtized by Muthulakshmi Research Academy

**ଲୀଳା କୈବଲ୍ୟ**-ଶ୍ରୀମଦ୍ ଭାଗବତ ମହାପୁରାଣ ଓ ମହର୍ଷି ଶାଣ୍ଡିଲ୍ୟଙ୍କ ମତରେ ଶ୍ରୀଜଗନ୍ନାଥ ହେଉଛନ୍ତି ଲୀଳାବତାରୀ । ସେ ମର୍ତ୍ତ୍ୟ ଲୋକରେ ଜୀବମାନଙ୍କ ସହିତ ମିଶି ବିଭିନ୍ନ ଲୀଳା କରିଥାଆନ୍ତି । ସେଥିପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ବର୍ଷ ତମାମ ବିଭିନ୍ନ ଯାନିଯାତ୍ରା, ଉପଯାତ୍ରା, ବେଶ ଆଦି ଲୀଳା ଚାଲିଥାଏ । ଯାହା ଦର୍ଶନ କରିବାର ମହାପ୍ରଭୁ ନିଜେ ଜୀବଜଗତକୁ ସୁବିଧା ଦେଇଥାଆନ୍ତି । ଏହାର ଉଦ୍ଦେଶ୍ୟ କେବଳମାତ୍ର ମୋକ୍ଷ । ତାହା ହିଁ ହେଉଅଛି ଲୀଳା କୈବଲ୍ୟ ।

**ମୁକ୍ତି କୈବଲ୍ୟ**-ପ୍ରତ୍ୟେକ ସଂସାରୀ ପାଇଁ ଭୋଗଚକ୍ର ଓ ମୋକ୍ଷାଭିକାଂକ୍ଷୀଙ୍କ ନିମିତ୍ତ ମୁକ୍ତିକ୍ଷେତ୍ର ରୂପେ ପ୍ରସିଦ୍ଧ ଶ୍ରୀକ୍ଷେତ୍ରରେ ଅଧିଷ୍ଠିତ ଶ୍ରୀଜଗନ୍ନାଥଙ୍କୁ ମୁକ୍ତିକାମୀ ଭକ୍ତ ଯେଉଁ ପ୍ରାର୍ଥନା, ଭଜନ, ଗୀତ, ବାଦ୍ୟ, ନାଟ୍ୟ ଓ ଅନ୍ୟାନ୍ୟ ଯେତେ ପ୍ରକାର ଭକ୍ତି ନୈବେଦ୍ୟ ବାଢ଼ିଦିଏ, ତାହା ହିଁ ହେଉଛି ମୁକ୍ତି କୈବଲ୍ୟ ।[୨୧]

**କୈବଲ୍ୟ ବୈକୁଣ୍ଠ**-କେବଳ ଭଗବତ୍ ଚିନ୍ତା ଧାରାରେ ଜୀବନଯାପନ କଲେ ମନୁଷ୍ୟ ମର୍ତ୍ତ୍ୟରେ ବୈକୁଣ୍ଠର ଅମୂଲ୍ୟ ଅମରତ୍ୱ ଉପଲବ୍ଧି କରିଥାଏ । ତେଣୁ ଶ୍ରୀକ୍ଷେତ୍ର ସମଗ୍ର ପୃଥିବୀରେ ଅମର ବୈକୁଣ୍ଠ ବା ମର୍ତ୍ତ୍ୟ ବୈକୁଣ୍ଠ ରୂପେ ପ୍ରସିଦ୍ଧି ଲାଭ କରିଅଛି । ଏହି ପୃଷ୍ଠଭୂମିରେ ଶ୍ରୀମନ୍ଦିରରେ ଥିବା କୈବଲ୍ୟ ବୈକୁଣ୍ଠ ବା କୋଇଲି ବୈକୁଣ୍ଠର ମହତ୍ତ୍ୱ ଆଧ୍ୟାତ୍ମିକତାର ଶୀର୍ଷରେ ପ୍ରତିଷ୍ଠିତ । ଏହି କୋଇଲି ବୈକୁଣ୍ଠରେ ଶ୍ରୀଜୀଉମାନଙ୍କର ନବକଳେବର ଲୀଳା ହୋଇଥାଏ । ଶ୍ରୀମଦ୍‌ଭଗବତ୍ ଗୀତା (୨।୨୨) ଅନୁସାରେ ମନୁଷ୍ୟ ଯେପରି ପୁରୁଣା ବସ୍ତ୍ରମାନ ତ୍ୟାଗ କରି ନୂତନ ବସ୍ତ୍ର ଗ୍ରହଣ କରେ, ଜୀବାତ୍ମା ସେହିପରି ପୁରାତନ ଶରୀରମାନ ତ୍ୟାଗ କରି ନୂତନ ଶରୀରମାନ ଗ୍ରହଣ କରିଥାଏ ।

ଉପର୍ଯ୍ୟୁକ୍ତ ଅର୍ଥରେ ଏକ ସାଧାରଣ ମନୁଷ୍ୟ ଶରୀରରୁ ଆତ୍ମା ତ୍ୟାଗ କରି ଅନ୍ୟ ଶରୀରକୁ ପ୍ରବେଶ କରିବା ଘଟଣା, ଭଗବାନ୍ ନିଜେ ଲୀଳା ଆଚରଣ ଦ୍ୱାରା ଜୀବଜଗତକୁ ଶିଖାଇଛନ୍ତି । ଜୀବ ପାଇଁ ମୃତ୍ୟୁ ଏକ ସାଧାରଣ ଧର୍ମ । ଯାହାର ଜନ୍ମ ଅଛି, ତାହାର ମୃତ୍ୟୁ ମଧ୍ୟ ଅଛି । ଏହା ନିଜେ ମହାପ୍ରଭୁ ଯେ କି ଅଜନ୍ମା, ଅଜର, ଅମର ଅର୍ଥାତ୍ ଯାହାଙ୍କର ଜନ୍ମ ଓ ମୃତ୍ୟୁ ନାହିଁ, ସେ ଜୀବାତ୍ମାକୁ ମୃତ୍ୟୁତତ୍ତ୍ୱ ବୋଧ କରାଇବା ପାଇଁ ଏଭଳି ଏକ ମହାନ୍ ଦୃଷ୍ଟାନ୍ତ ସୃଷ୍ଟି କରି ମାନବୀୟ ଲୀଳା ପ୍ରଦର୍ଶନ କରିଆସିଅଛନ୍ତି । ଯାହାକୁ ନବକଳେବର ଲୀଳା କୁହାଯାଏ । ପ୍ରୋକ୍ତ କୋଇଲି ବୈକୁଣ୍ଠରେ ଶ୍ରୀ ଜୀଉମାନଙ୍କର ନବକଳେବର ଅନୁଷ୍ଠିତ ହେବା ସହିତ ମହାପ୍ରଭୁମାନଙ୍କର ଅନ୍ତିମ ଗୋଲକ ବିଶ୍ରାମ ଏଠାରେ ହିଁ ସମାହିତ ହୋଇଥାଏ । ଯାହାକୁ ପାତାଳି ଲୀଳା କୁହାଯାଏ ।

---

*୨୧. (ସଂଗୃହୀତ- ମହାପ୍ରସାଦର ପରିଭାଷା-ଲେ-ପଙ୍କଜ ସାହୁ, ଶ୍ରୀମନ୍ଦିର ରଥଯାତ୍ରା ବିଶେଷାଙ୍କ-୨୦୦୪)*

CC-0. In Public Domain. Digtized by Muthulakshmi Research Academy

## ଆନନ୍ଦବଜାରର ମହତ୍ତ୍ୱ :-

ପୂର୍ବ ପରିଚ୍ଛେଦମାନଙ୍କରେ ଶ୍ରୀମହାପ୍ରସାଦ, ନିର୍ମାଲ୍ୟ, କୈବଲ୍ୟର ମହତ୍ତ୍ୱ ଓ ମୁକ୍ତିର ମାଧ୍ୟମ ବୋଲି ଆଲୋଚନା କରାଯାଇଅଛି । ମହାନ୍ ଯଜ୍ଞ କର୍ମର ଫଳ ସ୍ୱରୂପ ଶ୍ରୀମହାପ୍ରସାଦ ଯେ କି ଅମୃତ ସେ ବିଷୟରେ ମଧ୍ୟ ଚର୍ଚ୍ଚା ହୋଇଅଛି । ଏଭଳି ଅମୃତ ପ୍ରାପ୍ତିର ସ୍ଥଳ ହେଉଛି ଆନନ୍ଦବଜାର । ମହାବିଷ୍ଣୁ ଶ୍ରୀଜଗନ୍ନାଥଙ୍କ ଅନ୍ୟ ଏକ ନାମ ଆନନ୍ଦ । 'ଆନନ୍ଦନନ୍ଦନାନନ୍ଦ ସତ୍ୟଧର୍ମା ତ୍ରିବିକ୍ରମଃ' (ଶ୍ରୀ ବିଷ୍ଣୁ ସହସ୍ରନାମ ୫୬) । ପୂର୍ବରୁ ଆଲୋଚନା କରାଯାଇଅଛି ଯେ ମହାପ୍ରଭୁଙ୍କ ପ୍ରତିଭୂ ହେଉଛି ଶ୍ରୀମହାପ୍ରସାଦ । ତେଣୁ ମହାପ୍ରଭୁଙ୍କ ଦର୍ଶନ ଓ ଶ୍ରୀମହାପ୍ରସାଦ ସେବନରେ ଆନନ୍ଦ ହିଁ ଆନନ୍ଦ, ପରମାନନ୍ଦ ପ୍ରାପ୍ତି । ଏଭଳି ଶ୍ରୀଜଗନ୍ନାଥଙ୍କ ଶ୍ରୀବିଗ୍ରହ ସ୍ୱରୂପ ଶ୍ରୀମହାପ୍ରସାଦର ବିପଣୀ ହେଉଛି ଆନନ୍ଦବଜାର । ଜଣେ ଭକ୍ତ ଯେଉଁଠାରେ ମହାପ୍ରଭୁଙ୍କ ଆନନ୍ଦ ସ୍ୱରୂପର ଦର୍ଶନ କରିପାରେ ।

ଶ୍ରୀମହାପ୍ରସାଦର ମହିମା ବର୍ଣ୍ଣନାତୀତ । ଏହା ଅମୃତ, ଅବଢା, କୈବଲ୍ୟ, ନିର୍ମାଲ୍ୟ ଓ ମାଧୁକରୀ ନାମରେ ପ୍ରଖ୍ୟାତ । ଏହି ଶ୍ରୀମହାପ୍ରସାଦ ଗୋଟାଇ ଖାଇବା ପାଇଁ ଇନ୍ଦ୍ରାଦି ଦେବତାମାନେ ଆନନ୍ଦବଜାରରେ ପହଞ୍ଚିଥାଆନ୍ତି । ଏହି ଶ୍ରୀମହାପ୍ରସାଦ ଦିବ୍ୟ ଭାବ ପ୍ରଦାନକାରୀ ହୋଇଥିବାରୁ ଏହାର ନାମ କୈବଲ୍ୟ । ଏହି କୈବଲ୍ୟ ଦେବଲୋକରେ ଦୁର୍ଲଭ । ବ୍ରହ୍ମପୁରାଣରେ କୁହାଯାଇଅଛି ଏଠାରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଓ ଆନନ୍ଦବଜାରରେ ଶ୍ରୀମହାପ୍ରସାଦ ପ୍ରାପ୍ତି ଯୋଗୁଁ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଭୂସ୍ୱର୍ଗ ପାଲଟିଯାଇଛି ।[୨୨] ଶ୍ରୀମନ୍ଦିର ସହିତ ଆନନ୍ଦ ବଜାର ଏକ ସଙ୍ଗେ ପ୍ରତିଷ୍ଠା ହୋଇଥିବା ଅନୁମାନ ।

ସ୍କନ୍ଦପୁରାଣ ମତରେ ଉକ୍ତ ଶ୍ରୀମହାପ୍ରସାଦର କ୍ରୟ ବିକ୍ରୟ ମଧ୍ୟ ପ୍ରଶସ୍ତ । ଯାହାକି ଆନନ୍ଦବଜାରରେ ପ୍ରାପ୍ତ ହୋଇଥାଏ ।[୨୩] ନିଜେ ଖାଇ ଅନ୍ୟ ଜଣଙ୍କୁ ଖୁଆଇବାରେ ଯେଉଁ ଆନନ୍ଦ ଥାଏ, ଶ୍ରଦ୍ଧା ଓ ଭକ୍ତିରେ ପରସ୍ପର ହାତରୁ ଚଣ୍ଡାଳଠାରୁ ବ୍ରାହ୍ମଣ ଛଡ଼ାଇ ଖାଇବାର ବିଷୟ ମହାପୁରୁଷ ବଳରାମ ଦାସ ଲକ୍ଷ୍ମୀପୁରାଣରେ ଉଲ୍ଲେଖ କରିଛନ୍ତି । ତାହା ହିଁ ଏହି ଆନନ୍ଦବଜାରର ବୈଶିଷ୍ଟ୍ୟ ।[୨୪]

---

୨୨. ପୁରୁଷୋତ୍ତମାତ୍ ପରଂକ୍ଷେତ୍ର ନାସ୍ତ୍ୟତ୍ର ପୃଥିବୀ ତଳେ ।
ଭୂସ୍ୱର୍ଗମିତିବିଖ୍ୟାତଂ ଦେବାନାମପି ଦୁର୍ଲଭମ୍ ॥ -ବ୍ରହ୍ମ ପୁରାଣ

୨୩. ନ'ବିକ୍ରୟଃ କ୍ରୟୋ ବାପି ପ୍ରଶସ୍ତସ୍ୟ ଭୋ ଦ୍ୱିଜାଃ ॥ (ସ୍କନ୍ଦ-୩୮।୧୩)

୨୪. ବ୍ରାହ୍ମଣ ଚଣ୍ଡାଳ ଯାଏ ଖୁଆଖୋଇ ହେବେ
ସମସ୍ତେ ଖାଇବେ ଜଳେ ହାତ ନଧୋଇବେ
ହାଡ଼ିର ହାତୁ ବ୍ରାହ୍ମଣ ଛଡ଼ାଇ ଖାଇବେ
ବ୍ରାହ୍ମଣ ଖାଇ ହାତକୁ ମୁଣ୍ଡରେ ପୋଛିବେ ॥ (ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣ)
ଜାତିଭେଦୋ ନ କର୍ତ୍ତବ୍ୟଃ ପ୍ରସାଦେ ପରମାତ୍ମନଃ । (ମହାନିର୍ବାଣ ତନ୍ତ୍ର)

CC-0. In Public Domain. Digtized by Muthulakshmi Research Academy

ପୂର୍ବରୁ ବର୍ଣ୍ଣନା କରାଯାଇଅଛି ଯେ ସତ୍ୟଯୁଗରେ ବ୍ରହ୍ମଦର୍ଶୀ ବିଶ୍ୱାବସୁ ବ୍ରହ୍ମବିଦ୍ ବିଦ୍ୟାପତିଙ୍କୁ ଅତିଥି ଭାବରେ ସତ୍କାର କରି ତାଙ୍କ ନିଜ ଘରେ ଦିବ୍ୟ ପ୍ରସାଦ ପରଶିଥିଲେ । ସେହି ଅମୃତତୁଲ୍ୟ ଦିବ୍ୟ ପ୍ରସାଦ ପାଇ ବିଦ୍ୟାପତି ଏଭଳି ପ୍ରସାଦ କେଉଁଠୁ ପାଇଲେ ବୋଲି ପଚାରିବାରେ ବିଶ୍ୱାବସୁ ସମସ୍ତ ଦେବତାମାନେ ମହାପ୍ରଭୁ ନୀଳମାଧବଙ୍କୁ ଅର୍ଚ୍ଚନା ପରେ ସମର୍ପିତ ନୈବେଦ୍ୟ ହିଁ ଏହି ପ୍ରସାଦ ବୋଲି ଉତ୍ତର ଦେଇଥିଲେ । ଉଭୟ ପରମ ଆନନ୍ଦରେ ବିଶ୍ୱାବସୁଙ୍କ ଘରେ ଏକତ୍ର ବସି ଭୋଜନ କରିଥିଲେ । ତାହା ହିଁ ଥିଲା ଆନନ୍ଦ ପ୍ରାପ୍ତିର ମୂଳ ଉତ୍ସ । ସେହି ଉତ୍ସର କ୍ରମ ବିକାଶ ହୋଇ ଆନନ୍ଦବଜାରରେ ପରିଣତ ହୋଇଅଛି ।

ଆନନ୍ଦବଜାରରେ ଜାତି ପତିର ଭେଦଭାବ ନାହିଁ । କାହିଁକି ବା ରହିବ, ସମସ୍ତେ ତ ଶ୍ରୀଜଗନ୍ନାଥଙ୍କର ଉପାସକ । ସମସ୍ତଙ୍କ ମଧ୍ୟରେ ଭାବଗତ ଏକତା ରହିଅଛି । ଏଠାରେ କୌଣସି ବିକାର ନାହିଁ, ଗୋଟିଏ କୁଡୁଆ ଭିତରେ ସମସ୍ତଙ୍କ ହାତ ପଶେ, କେହି ଉଚ୍ଛିଷ୍ଟ ଭାବେ ନାହିଁ । ନିଜ ଘରେ ଏକା ଥାଳିରେ ସମସ୍ତ ପରିବାରର ଲୋକେ ଏକାଠି ବସି ଖାଇବା ସମୟରେ କେହି କାହାର ଅଇଁଠା ଖାଆନ୍ତି ନାହିଁ । ବିକାର ଆସେ । ବିଜ୍ଞାନ ଦୃଷ୍ଟିରୁ ସ୍ୱାସ୍ଥ୍ୟରକ୍ଷା ଅନୁସାରେ କେହି କାହା ଉଚ୍ଛିଷ୍ଟ ଖାଇବା ଉଚିତ ନୁହେଁ ବୋଲି ଯୁକ୍ତି ବଢାଯାଏ । କିନ୍ତୁ ଆନନ୍ଦବଜାରରେ କୁଆଡ଼େ ଯାଏ ସେ ସ୍ୱାସ୍ଥ୍ୟରକ୍ଷାର ନିୟମ ? ସେ ବିକାର କେଉଁଠି ଲୁଚିଯାଏ ? ପରସ୍ପର ପରସ୍ପରକୁ ଶ୍ରୀମହାପ୍ରସାଦ ଖୁଆଇବାରେ ଯେଉଁ ଅପାର ଆନନ୍ଦ ତାହା କଅଣ ଅନ୍ୟ କେଉଁଠି ଦେଖିବାକୁ ମିଳେ ? କେବଳ ସେତିକି ନୁହେଁ ଯଦି କୌଣସି ଭକ୍ତ ଆନନ୍ଦବଜାରରେ ଶ୍ରୀମହାପ୍ରସାଦ ସେବା କରି କୁଡୁଆ ବା ଖାଣ୍ଡି ଛାଡ଼ି ଦେଇଥାଏ, ସେହି କୁଡୁଆ ଓ ଖାଣ୍ଡିରେ କିଏ ଖାଇଥିଲା ତାହା କେହି ନ ପଚାରି ସେଥିରେ ମଧ୍ୟ ଶ୍ରୀମହାପ୍ରସାଦ, ଡାଲି, ତରକାରୀ ଖାଆନ୍ତି । କୁଆଡ଼େ ଯାଏ ସେ ବିକାର ? ଏହା ହିଁ ଆନନ୍ଦବଜାରର ବୈଶିଷ୍ଟ୍ୟ ।

ସାଧାରଣ ଭାବେ ଏହା ଶାବର ସଂସ୍କୃତି କହି ଶ୍ରୀମହାପ୍ରସାଦର ମହାଭାବ ଶ୍ରୀଜଗନ୍ନାଥ ଚେତନାକୁ ଏତେ ହାଲକା ଭାବରେ ନେବା ଉଚିତ ନୁହେଁ ।

ସମ୍ଭବତଃ ଅଷ୍ଟାଦଶ ଶତାବ୍ଦୀ ଆରମ୍ଭ ପୂର୍ବରୁ ବାଇଶି ପାହାଚରେ ଶ୍ରୀମହାପ୍ରସାଦ ବିକ୍ରୟ ହେଉଥିଲା । କାରଣ ଭକ୍ତ ସାଲବେଗଙ୍କ ପିତା ଲାଲବେଗଙ୍କର ମୃତ୍ୟୁ ୨୬ ଏପ୍ରିଲ ୧୬୦୮ ମସିହାରେ ହୋଇଥିବା ଇତିହାସ କହେ । ଲାଲବେଗଙ୍କ ମୃତ୍ୟୁ ବେଳକୁ ସାଲବେଗ ଶିଶୁ ଥିଲେ । କିନ୍ତୁ ତାଙ୍କୁ ଯୌବନର ଅପରାହ୍ନ ବେଳକୁ ଯୁଦ୍ଧରେ ରକ୍ତାକ୍ତ ହୋଇ ମାତାଙ୍କ ଉପଦେଶରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶ୍ରିତ ହୋଇ ଆରୋଗ୍ୟ ଲାଭ କଲା ବେଳକୁ ଯଦି ତାଙ୍କୁ ୪୦ବର୍ଷ ହୋଇଥାଏ ତାହାହେଲେ ଅନ୍ତତଃ ୧୬୫୦ ବେଳକୁ ବାଇଶି ପାହାଚରେ ଶ୍ରୀମହାପ୍ରସାଦ ବିକ୍ରୟ ହେଉଥିଲା ବୋଲି ଅନୁମାନ କରାଯାଇପାରେ । ତା' ନହୋଇଥିଲେ ତାଙ୍କ ଭଜନରେ ବାଇଶି ପାହାଚକୁ 'କୈବଲ୍ୟ

CC-0. In Public Domain. Digtized by Muthulakshmi Research Academy

ପସରା' କୁହାଯାଇ ନଥାଆନ୍ତା କିମ୍ବା ସେଠାରେ କୈବଲ୍ୟ ଭୁଞ୍ଜିବା କଥା ଲେଖା ନଥାଆନ୍ତା ।[୨୫]

ବର୍ତ୍ତମାନର ଶ୍ରୀମହାପ୍ରସାଦ ବିକ୍ରୟସ୍ଥଳୀ ଆନନ୍ଦବଜାରରେ ଶ୍ରୀମହାପ୍ରସାଦ ପୂର୍ବରୁ ବିକ୍ରୟ ହେଉନଥିବା କଥା ଜଣାଯାଏ । ୧୯୨୯ ମସିହାରେ ପ୍ରକାଶିତ ଶ୍ରୀ କୃପାସିନ୍ଧୁ ମହାପାତ୍ରଙ୍କ କ୍ଷେତ୍ର ମାହାତ୍ମ୍ୟ (ପୃ.୪୦)ରେ ଲେଖାଅଛି ସ୍ନାନମଣ୍ଡପ ପଶ୍ଚିମ ତରଫରେ ନୂତନ ଆନନ୍ଦବଜାର ଗୋଟିଏ ଖୋଲି ଅଛି । (ପୁରୀ ବୋଲି ଡଃ ସିଦ୍ଧେଶ୍ୱର ମହାପାତ୍ର, ପୃ.୧୬୭) । ଏହି ଉକ୍ତିରୁ ଏଠାରେ ଆନନ୍ଦବଜାର ବା ଶ୍ରୀମହାପ୍ରସାଦ ବିକ୍ରୟସ୍ଥଳୀଟିଏ ନୂତନ ଭାବରେ ଖୋଲା ଯାଇଥିବା କଥା ସିଦ୍ଧାନ୍ତ ଭାବରେ ଗ୍ରହଣ କରାଯାଇପାରେ । ତାହାଛଡ଼ା ଉପରି ବର୍ଣ୍ଣିତ ପ୍ରାଚୀନ ଭଜନାବଳୀରୁ ମଧ୍ୟ ବାଇଶି ପାହାଚରେ ଆନନ୍ଦବଜାର ଥିବା କଥା ବା କୈବଲ୍ୟ ହାଟ ଥିବା କଥା ପ୍ରମାଣିତ ହେଉଅଛି ।

ଶ୍ରୀମନ୍ଦିର ସ୍ୱତ୍ୱଲିପି ପୃ.୨୫୭ ପ୍ଲୁ.୧୫୬ରେ ବର୍ତ୍ତମାନର ପରିଦୃଶ୍ୟମାନ ଆନନ୍ଦ ବଜାରର ପୁନର୍ନବିକରଣ କାର୍ଯ୍ୟ ପୂର୍ବତନ ଶ୍ରୀମନ୍ଦିରର ପ୍ରଶାସକ ସ୍ୱର୍ଗତଃ ପରମାନନ୍ଦ ତ୍ରିପାଠୀଙ୍କ ସମୟରେ ୧୯୭୮-୭୯ ମସିହାରେ କରାଯାଇଥିଲା । ପ୍ଲଟ ନମ୍ବର ୧୪୩ ପୃ.୨୫୧ରେ ଲେଖକଙ୍କର ଯଜମାନ ସ୍ୱର୍ଗତଃ ମଗନି ରାମ, ରାମକୁମାର ବାଙ୍ଗଡ଼ ନାମକ ଜଣେ ମାରୱାଡ଼ି ଭକ୍ତ ଜଳଛତ୍ର ବଣ୍ଟନର ବ୍ୟବସ୍ଥା ଏଠାରେ କରିଥିଲେ । ଆଜିକାଲି ଭଳି ସେତେବେଳେ ପାଣି କଳର ବ୍ୟବସ୍ଥା ନଥିବା ସମୟରେ ସେମାନେ ଏହି ଜଳଛତ୍ର ଭକ୍ତମାନଙ୍କୁ ଯୋଗାଇଦେଇ ଅଶେଷ ପୁଣ୍ୟର ଅଧିକାରୀ ହୋଇପାରିଥିଲେ । ଆନନ୍ଦ ବଜାର ଓ ଜଳଛତ୍ର ଘରେ ଲୋକମାନେ ଆନନ୍ଦରେ ଶ୍ରୀମହାପ୍ରସାଦ ସେବନ କରୁଥିଲେ । ଏଠାରେ ଉଚ୍ଚ ବାରଣ୍ଡା ଓ ମଣ୍ଡପରେ ଶ୍ରୀମହାପ୍ରସାଦ ବିକ୍ରୀ ସଙ୍ଗେ ସଙ୍ଗେ ଭୋଜନର ବ୍ୟବସ୍ଥା ଥିଲା ।

୨୦୦୯ ମସିହାରୁ ଶ୍ରୀମନ୍ଦିର ପରିଚାଳନା କମିଟିର ନିଷ୍ପତ୍ତିକ୍ରମେ ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଉଦ୍ୟମରେ ନାଲକୋ କମ୍ପାନୀ ଦ୍ୱାରା ଆନନ୍ଦ ବଜାରର ନବୀକରଣ, ଶ୍ରୀମହାପ୍ରସାଦ ବିକ୍ରୟସ୍ଥଳ, ଭୋଜନସ୍ଥଳ ଓ ବିପଣୀ ସମୂହର ନିର୍ମାଣ କାର୍ଯ୍ୟ ଚାଲୁଅଛି ଓ ଏହା ପ୍ରାୟତଃ ସମାପ୍ତ ହୋଇଆସିଲାଣି ।

## ଆନନ୍ଦର ଆମନ୍ତ୍ରଣ :-

ଆନନ୍ଦବଜାରରେ ଅମୃତ ପ୍ରାପ୍ତି ହୋଇଥାଏ ବୋଲି ଉପରେ ଆଲୋଚନା କରାଯାଇଅଛି । ଏହି ଅମୃତ ପ୍ରାପ୍ତିରୁ କାଳେ କିଏ ବଞ୍ଚିତ ରହିଯିବ ସେଥିପାଇଁ ଭକ୍ତଙ୍କୁ

---

୨୫. *ବାଇଶି ପାବଛେ ଯାଇ ସୁଖେ, କୈବଲ୍ୟ ପସରା ବେନି ପାଖେ ।*
*ଚଣ୍ଡାଳୁ ବ୍ରାହ୍ମଣ ଶୂଦ୍ର ପରିଯନ୍ତେ, କୈବଲ୍ୟ ଭୁଞ୍ଜନ୍ତି ମୁଖେ ସୁଖେ ।*
*ସେହିପରି ସାରିଆଭିକ କହିଛନ୍ତି-*
*ବାଇଶି ପାବଛେ ବିକା କୈବଲ୍ୟ ହେଉଛି ଚୋଖା*
*ଦ୍ୱାଦଶ ପଦେ ସିଜିକା, ସମ୍ବରଙ୍କା ଛଡ଼ାଇବା ।*

CC-0. In Public Domain. Digtized by Muthulakshmi Research Academy

ଆକୃଷ୍ଟ କରିବାପାଇଁ କେତେକ ରସରସିଆ ବୋଲି ମାଧ୍ୟମରେ ଭକ୍ତମାନଙ୍କୁ ଅମୃତ ପ୍ରତି ଆକୃଷ୍ଟ କରିବା ପାଇଁ କେତେକ ଉକ୍ତି ପ୍ରସିଦ୍ଧ ଅଟେ । ଆଗ କାଳରେ ଶ୍ରୀମହାପ୍ରସାଦ ବିକ୍ରୀ କରୁଥିବା ସୁଆରମାନେ ଏହି ବୋଲି ଆକର୍ଷଣୀୟ ଢଙ୍ଗରେ କହୁଥିଲେ । ଏହାର ବିକ୍ରୀ କରିବାର ବିଶିଷ୍ଟ ଶୈଳୀ ମଧ୍ୟ ଅଟେ । ବର୍ତ୍ତମାନ ଅବଶ୍ୟ ଏହା କେହି କେହି ପୁରୁଣା ସୁଆର କହୁଥିଲେ ମଧ୍ୟ ଅଧିକାଂଶ କହୁ ନଥିବା ଦେଖାଯାଏ । ଏହି ରସରସିଆ ପ୍ରାଚୀନ ବୋଲି ଓ ତାହାର ଅର୍ଥ ନିମ୍ନରେ ଦିଆଗଲା ।

୧. ଆସରେ, ଅନ୍ତ ମହକା ଖଟେଇ । କାହାକୁ ଦେବା ଚଟେଇ । (ପାଣିକଖାରୁ ଖଟା)
୨. ଦେବତା ପ୍ରସନ୍ନ ଡାଲି କିଏ ନେବରେ । (ମିଠା ଡାଲି)
୩. ବଳିବାମନ ମୁଗ କିଏ ଖାଇବରେ । (ଗୋଟାମୁଗ ଡାଲି)
୪. ପଇସାକୁ ପେଟେ, ଭାତ ନ ଖାଇବ ମୋଟେ । (ବାସି ତରକାରୀ)
୫. ଚାରିଜଣିଆ ଗୋଟିକିଆ କିଏ ନେବରେ । (ପୂର୍ବେ ବଗଡ଼ା ଅନ୍ନ ମିଳୁଥିଲା)
୬. ଏମନ୍ତ ଡାଲି ବଜାରେ ନଥିବରେ । (କନ୍ଦମୂଳମିଶା ଡାଲି)
୭. କୋଠ ଓରିଆ କିଏ ନେବରେ । (ଗୋଟିକିଆ ଉପରେ ଘୃତ ପ୍ରଲେପ)
୮. ଅସଲ ଜିରିଅନ୍ନ କୃଷ୍ଣଭୋଗ କାହା କପାଳେ ଅଛିରେ । (ଗୋଟିକିଆ ଭିତରେ ମଠ ବଗଡା ଅନ୍ନ ପୂର୍ବେ ମିଳୁଥିଲା)
୯. କାନପୁରୀ ହରଡ଼ ବାଣପୁରୀ ମୁଗ କିଏ ନେବରେ । (ଚଣାମିଶ୍ରିତ ହରଡ଼ ଓ ଚୋପାମୁଗ ଡାଲି)
୧୦. ନଡିଆ ମହୁର ଗୋଟି ବାଇଗଣ ବେସର ଆଉ ପାଇବନି । (ସାରୁ, ମଞ୍ଜା, ମୂଳା ବେସର)
୧୧. କାହାକୁ ଦେବାରେ ନିଦା, ବିଧା, ଖୁନ୍ଦାଟାଏ, କାହାକୁ ଦେବାରେ ବଉଁଶ ଖିଆଟେ । ଚାରି ଛଅ ଜଣିଆଟାକୁ କିଏ ନେବରେ । (୧୨ କିଲୋ ୨କିଲୋ ଅଭଡ଼ା କୁଡିଆ/ ଭୁଞ୍ଜା ନହୋଇ ନିଦା । କୁଡ଼ିଆର ଫଙ୍ଗ ପର୍ଯ୍ୟନ୍ତ ଅବଡା ଥିବ । ଚାରି ଛଅଜଣଙ୍କ ପାଇଁ ଯଥେଷ୍ଟ ।)

ଆନନ୍ଦ ବଜାରରେ କୁହାଟ ମାଧ୍ୟମରେ ଭକ୍ତ ମନରେ ଉତ୍ସାହ ଭରିଦେବାର ଏହା ଏକ ଅପରୂପ ପ୍ରୟାସ । ମହାପ୍ରଭୁଙ୍କ ସ୍ୱଜନମାନେ ହିଁ ମହାପ୍ରଭୁଙ୍କ ପ୍ରତିଭୂ ରୂପେ ଶ୍ରୀମହାପ୍ରସାଦକୁ ଭକ୍ତମାନଙ୍କ ନିକଟରେ ପହଞ୍ଚାଇ ଦେବାର ଏକ ଅପୂର୍ବ ପ୍ରୟାସ ।

**ଅନ୍ନଦାନ ମହାପୁଣ୍ୟ :-**

ପୁସ୍ତକଟିର ପ୍ରଥମ ଅଧ୍ୟାୟରେ 'ଅନ୍ନ'ର ଅର୍ଥ, ବ୍ରହ୍ମପରାୟଣ ବ୍ୟକ୍ତି ମାଧ୍ୟମରେ ମହାପ୍ରଭୁ ନିଜେ ଅନ୍ନ ଭୋଜନ କରୁଥିବା କଥା ଓ ଅନ୍ନଯଜ୍ଞ ବା ଅନ୍ନଯାଗ ବିଷୟରେ ଆଲୋଚନା କରାଯାଇଅଛି । ଏହି ଅନ୍ନକୁ ପରିଣତ ହେଉଥିବା ଶ୍ରୀମହାପ୍ରସାଦ ହିଁ

CC0. In Public Domain. Digitized by Muthulakshmi Research Academy

ଅମୃତ ବୋଲି ମଧ୍ୟ ଆଲୋଚନା କରାଯାଇଅଛି । ଶ୍ରୀମହାପ୍ରସାଦ ରୂପୀ ଅନ୍ନଭୋଜନରେ ଆତ୍ମତୃପ୍ତି ଓ ସେଥିରେ ମୁକ୍ତି ବୋଲି ଆଲୋଚନା କରାଯାଇଅଛି । ଶ୍ରୀମହାପ୍ରସାଦ (ଅନ୍ନ) ନିର୍ମାଲ୍ୟ କୈବଲ୍ୟକୁ କେବଳ ମନୁଷ୍ୟ ନୁହଁନ୍ତି, ଜୀବଜଗତ, ପତିତ (ଅଶରୀରୀ) ପିତୃପୁରୁଷ ଓ ଦେବଦେବୀମାନେ ମଧ୍ୟ ଅତି ଆନନ୍ଦରେ ଗ୍ରହଣ କରି ତୃପ୍ତି ଲାଭ କରିଥାଆନ୍ତି । ଆମ ଶାସ୍ତ୍ରମାନଙ୍କରେ ଅନ୍ନଦାନ ଶ୍ରେଷ୍ଠ ଦାନ ବୋଲି ବର୍ଣ୍ଣନା ଅଛି । ତେଣୁ ସମଗ୍ର ଭାରତବର୍ଷରେ ସର୍ବତ୍ର ଅନ୍ନଦାନ ଦିଆଯାଏ । କିନ୍ତୁ ଶ୍ରୀକ୍ଷେତ୍ରରେ ଅନ୍ନ ଦାନର ମହତ୍ତ୍ୱ ଅଧିକ ।[୨୬]

ଅର୍ଥାତ୍ ହଜାର ସଂଖ୍ୟକ ହାତୀ, ଘୋଡ଼ା, କୋଟିଏ ଗାଈ, ଭୂମି, ସୁନା, ରୂପା ପାତ୍ର ଓ କୋଟିଏ କନ୍ୟା ଭୂମଣ୍ଡଳରେ ଦାନ କଲେ ଉଭୟ କୁଳ ବିଶୁଦ୍ଧ ହୋଇଥାଏ । କିନ୍ତୁ ଏ ସମସ୍ତ ଦାନ ଅନ୍ନଦାନର ସମକକ୍ଷ ନୁହେଁ । ଅର୍ଥାତ୍ ଉକ୍ତ ଦାନଗୁଡ଼ିକଠାରୁ ଅନ୍ନ ଦାନର ମହତ୍ତ୍ୱ ଅଧିକ ।

ଏଠାରେ ଗୋଟିଏ ପ୍ରଶ୍ନ ମନକୁ ଆସେ ଶ୍ରୀଜଗନ୍ନାଥଙ୍କ ଶ୍ରୀମହାପ୍ରସାଦ ଅନ୍ନ ଦାନର ମହତ୍ତ୍ୱ କଅଣ ? କଅଣ ପାଇଁ ଭକ୍ତ ଶ୍ରୀମନ୍ଦିର ଆସି ଅନ୍ନଦାନ କରିଥାଏ । ଶ୍ରୀମନ୍ଦିର ଭିତରେ ଓ ବାହାରେ ଅନ୍ନଭକ୍ଷଣର ମହତ୍ତ୍ୱ ତ କେବଳ ହିଁ ମୁକ୍ତି ତାହା ହେଲେ ଅନ୍ନଦାନର ମହତ୍ତ୍ୱ ଓ ଫଳ କଅଣ ? ଏ ବିଷୟରେ ବିଚାର କରିବାକୁ ହେଲେ ଆମକୁ ଆମର ଶାସ୍ତ୍ର ଉପରେ ନିର୍ଭର କରିବାକୁ ହେବ । ଏ ବିଷୟରେ ବହୁ ଶାସ୍ତ୍ରରେ ବର୍ଣ୍ଣନା ଥିଲେ ମଧ୍ୟ ସାଙ୍କେତିକ ଭାବରେ ନିମ୍ନଲିଖିତ ଶାସ୍ତ୍ରୋକ୍ତ ବାକ୍ୟଗୁଡ଼ିକ ଅତି ମହତ୍ତ୍ୱପୂର୍ଣ୍ଣ ।

ଅର୍ଥାତ୍ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟୋପରାଗ ସମୟରେ ଧର୍ମକ୍ଷେତ୍ର କୁରୁକ୍ଷେତ୍ରରେ ଯେଉଁ ମହାଦାନ କରାଯାଏ, ବିଷ୍ଣୁଙ୍କୁ ଅର୍ପିତ ଅନ୍ନ ସେହି ଦାନ ସହିତ ସମାନ ଅଟେ । ବ୍ରହ୍ମାଦି ଦେବତାମାନଙ୍କ ଦ୍ୱାରା ଶ୍ରୀହରିଙ୍କ ପାଦରେ ପ୍ରଦତ୍ତ ବସ୍ତୁଦ୍ୱାରା ଯେଉଁ ଫଳ ପ୍ରାପ୍ତି ହୋଇଥାଏ । ସେହି ଫଳ ଶ୍ରୀଜଗନ୍ନାଥଙ୍କର ଅନ୍ନ ମହାପ୍ରସାଦ ଭକ୍ଷଣ ଦ୍ୱାରା ଲାଭ ହୋଇଥାଏ ।[୨୭]

ଅର୍ଥାତ୍ ସେହି କ୍ଷେତ୍ରରେ ନୀଳ ପର୍ବତରେ ବାସ କରୁଥିବା ଦାରୁରୂପୀ ଶ୍ରୀଜଗନ୍ନାଥଙ୍କର ନୈବେଦ୍ୟ ଓ ଯେଉଁ ଭକ୍ଷ୍ୟ ଭୋଜ୍ୟାଦି ବସ୍ତୁକୁ ବିଶେଷ କରି ଦେବତା,

---

୨୬. *ଗଜତୁରଗସହସ୍ରଂ ଗୋକୋଟିଭୂମିଦାନଂ*
*କନକ ରଜତପାତ୍ରଂ ମେଦିନୀମଣ୍ଡଳେଷୁ*
*ଉଭୟକୁଳବିଶୁଦ୍ଧଂ କୋଟି କନ୍ୟା ପ୍ରଦାନଂ*
*ନ ଭବନ୍ତି ସମତୁଲ୍ୟଂ ଅନ୍ନଦାନ ସମାନମ୍ ॥ (ସଂଗୃହୀତ ପ୍ରକ୍ଷିପ୍ତ ଶ୍ଳୋକ)*

୨୭. *କୁରୁକ୍ଷେତ୍ରେ ମହାଦାନଂ ଚନ୍ଦ୍ରସୂର୍ଯ୍ୟୋପରାଗଯୋଃ ।*
*ବିଷ୍ଣୋର୍ନିବେଦିତଂ ଚାନ୍ନଂ ତଦ୍ଦାନେନ ସମଂ ଭବେତ୍ ॥*
*ବ୍ରହ୍ମାଦିଭିଶ୍ଚ ଯତ୍ ଦତ୍ତଂ ହରେଃ ପଦମନାମୟମ୍ ।*
*ନୀଳଗିରୌ ଚ ଯତ୍ କିଞ୍ଚିତ୍ ଜଗନ୍ନାଥାନ୍ନଭକ୍ଷଣାତ୍ ॥ (ଗୁପ୍ତନିଧିନାମଣିରୁ ସଂଗୃହୀତ)*

CC-0. In Public Domain. Digitized by Muthulakshmi Research Academy

ପିତୃ ଓ ବ୍ରାହ୍ମଣମାନଙ୍କୁ ଯେଉଁ ରାଜା ବା ଅନ୍ୟ ମନୁଷ୍ୟମାନେ ପ୍ରଦାନ କରନ୍ତି, ସେମାନେ ପରମସ୍ଥଳକୁ ଯାଆନ୍ତି ଯେଉଁଠାରେ କି ଯୋଗେଶ୍ୱର ହରି ଅବସ୍ଥାନ କରନ୍ତି ।[୨୮]

ପୁନଶ୍ଚ ବର୍ଣ୍ଣନା ଅଛି ଯେ-

**ନିର୍ମାଲ୍ୟଦାନାତ୍ ପାପାନି କ୍ଷୟଂ ଯାନ୍ତି ନୃପୋତ୍ତମ ।**
**ଭକ୍ତିରୁତ୍ପଦ୍ୟତେ ପାପକ୍ଷୟାଦବ୍ୟଭିଚାରିଣୀ ॥**
**ଭକ୍ତ୍ୟା ବିଜ୍ଞାନମାପ୍ନୋତି ଜ୍ଞାନାନ୍ମୁକ୍ତିରବାପ୍ୟତେ**
**ତସ୍ମାଦ୍ୟତ୍ନେନ ନିର୍ମାଲ୍ୟଦାନଂ ଦଦ୍ୟାତ୍‌ଦ୍ୱିଜାତୟେ ॥**

(ସଂଗୃହୀତ- ମୁକ୍ତିଚିନ୍ତାମଣି, ତତ୍ତ୍ୱଯାମଳେ ଇନ୍ଦ୍ରଦ୍ୟୁମ୍ନଙ୍କ ପ୍ରତି ବଶିଷ୍ଠବାକ୍ୟମ୍)

ଅର୍ଥାତ୍ ହେ ରାଜା ! ନିର୍ମାଲ୍ୟ ଦାନ ଦ୍ୱାରା ପାପ ସମୂହ କ୍ଷୟ ହୁଅନ୍ତି । ପାପକ୍ଷୟ ହେତୁ ଅବ୍ୟଭିଚାରିଣୀ ଭକ୍ତି ଉତ୍ପନ୍ନ ହୁଏ । ଭକ୍ତିଦ୍ୱାରା ବିଶେଷ ଜ୍ଞାନ ଜାତ ହୋଇଥାଏ । ଜ୍ଞାନରୁ ମୁକ୍ତିଲାଭ ହୋଇଥାଏ । ତେଣୁ ଯତ୍ନପୂର୍ବକ ବ୍ରାହ୍ମଣଙ୍କୁ ନିର୍ମାଲ୍ୟ ଦାନ କରିବା ବିଧେୟ । ପୁନଶ୍ଚ ବର୍ଣ୍ଣନା ଅଛି-

**ଜଗନ୍ନାଥସ୍ୟ ମାହାତ୍ମ୍ୟଂ ବକ୍ତୁଂ ଶକ୍ନୋତି କଃ ପୁମାନ୍ ।**
**ଯସ୍ୟାନ୍ନଭୋଜନଂ କୃତ୍ୱା ନରୋ ମୋକ୍ଷମବାପ୍ନୁୟାତ୍ ॥**[୨୯]

ଅର୍ଥାତ୍ ଯାହାଙ୍କର ଅନ୍ନକୁ ଭୋଜନ କରି ମନୁଷ୍ୟ ମୁକ୍ତିଲାଭ କରିଥାଏ ସେହି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ମହିମା ବିଷୟରେ କହିବାପାଇଁ କେଉଁ ମନୁଷ୍ୟ ସମର୍ଥ ଅଟେ ?

କେବଳ ସେତିକି ନୁହେଁ ଅନ୍ନଦାତା ଓ ଭୋକ୍ତାଙ୍କର ମହାପ୍ରଭୁ ସହ ସାୟୁଜ୍ୟ ମୁକ୍ତି ହୋଇଥାଏ ବୋଲି ଉଲ୍ଲେଖ ରହିଅଛି ।[୩୦]

ଅର୍ଥାତ୍ ଯେଉଁ ବ୍ୟକ୍ତି ଯତ୍ନପୂର୍ବକ ମହାପ୍ରଭୁଙ୍କଠାରେ ସମର୍ପିତ ଅନ୍ନକୁ ଉତ୍ତମ ବ୍ରାହ୍ମଣଙ୍କୁ ସମର୍ପଣ କରନ୍ତି । ଉଭୟ ସେହି ଦାତା ଓ ଭୋକ୍ତା ଭଗବାନ୍ ଶ୍ରୀବିଷ୍ଣୁଙ୍କର ସାୟୁଜ୍ୟ ମୁକ୍ତିଲାଭ କରନ୍ତି ।

---

*୨୮. ତସ୍ମିନ୍ କ୍ଷେତ୍ରେ ନୀଳଗିରୌ ବସତୋ ଦାରୁରୂପିଣଃ ।*
*ଜଗନ୍ନାଥସ୍ୟ ନୈବେଦ୍ୟଂ ଭକ୍ଷ୍ୟଭୋଜ୍ୟାଦିକଂ ଚ ଯତ୍ ॥*
*ଦେବତାଭ୍ୟୋ ପିତୃଭ୍ୟଶ୍ଚ ବ୍ରାହ୍ମଣେଭ୍ୟୋ ବିଶେଷତଃ ।*
*ଯେ ପ୍ରଯଚ୍ଛନ୍ତି ରାଜାନୋ ଅନ୍ୟେ ବା ମାନବାସ୍ତଥା ॥*
*ତେ ଯାନ୍ତି ପରମଂ ସ୍ଥାନଂ ଯତ୍ର ଯୋଗେଶ୍ୱରୋ ହରିଃ । (ସ୍କନ୍ଦପୁରାଣ ଧ୍ରୁବକାବ୍ୟମ୍)*

*୨୯. ସଂଗୃହୀତ- ମୁକ୍ତିଚିନ୍ତାମଣି, ଚତୁର୍ବର୍ଗେଶ୍ୱର*

*୩୦. ସମର୍ପୟେତ୍ ପ୍ରଯତ୍ନେନ ତଦନ୍ନଂ ଯୋ ଦ୍ୱିଜୋତ୍ତମେ ।*
*ଉଭୌ ତୌ ଦାତୃଭୋକ୍ତାରୌ ବିଷ୍ଣୋଃ ସାୟୁଜ୍ୟମାପ୍ନୁତଃ ॥*
*(ସଂଗୃହୀତ- ମୁକ୍ତିଚିନ୍ତାମଣି, ଶୁଦ୍ଧଯାମଳେ)*

CC-0. In Public Domain. Digtized by Muthulakshmi Research Academy

ଉପର୍ଯ୍ୟୁକ୍ତ ଶାସ୍ତ୍ରୀୟ ପ୍ରମାଣମାନଙ୍କରୁ ଜଣାଯାଏ ଯେ ଶ୍ରୀମହାପ୍ରସାଦ ଅନ୍ନ ଭକ୍ଷଣ କଲେ ତ ଭକ୍ଷକଙ୍କ ନିଶ୍ଚୟ ମୁକ୍ତିଲାଭ ହୁଏ, ତାହାଛଡ଼ା ଯେ ଦାତା ବ୍ରାହ୍ମଣଙ୍କୁ ଅନ୍ନ ବା ନିର୍ମାଲ୍ୟ ଦାନ କରିଥାଏ ତାହାର କେବଳ ମୁକ୍ତି ହିଁ ମୁକ୍ତି । ତେଣୁ ଶ୍ରୀମନ୍ଦିରରେ ଅନ୍ନଦାନ କରି ପୁଣ୍ୟ ଅର୍ଜନ କରିବା ପାଇଁ କାହିଁ କେଉଁ କାଳରୁ ପରମ୍ପରା ଗଢ଼ିଆସିଅଛି ।

ଏକ ପ୍ରଚଳିତ ଜନପ୍ରବାଦ ଅନୁସାରେ ଭଗବାନ ଶ୍ରୀବିଷ୍ଣୁ ପ୍ରତିଦିନ ଭାରତ ବର୍ଷର ଚାରିଧାମଯାକ ଭ୍ରମଣ କରିଥାଆନ୍ତି । ସେ ବଦ୍ରିନାରାୟଣରେ ସ୍ନାନ, ଦ୍ୱାରକାରେ ଶୃଙ୍ଗାର ବେଶ, ଶ୍ରୀକ୍ଷେତ୍ରରେ ଭୋଜନ ଓ ରାମେଶ୍ୱରରେ ଶୟନ କରିଥାଆନ୍ତି । ଏହି ପ୍ରବାଦଟି ଅତ୍ୟନ୍ତ ଲୋକପ୍ରିୟ । ଯେଉଁଠାରେ ମହାପ୍ରଭୁ ନିଜେ ଭୋଜନ କରନ୍ତି ତାହା ଦେଖି ଅନୁଭବ କରିବା ପାଇଁ ପ୍ରତ୍ୟେକ ଭକ୍ତ ଦଉଡ଼ି ଆସେ ଶ୍ରୀମନ୍ଦିରକୁ । କାରଣ ଅନ୍ୟ ମନ୍ଦିରମାନଙ୍କରେ ଏହି ଦୃଶ୍ୟ ଦେଖିବା ଅସମ୍ଭବ । ମହାପ୍ରଭୁଙ୍କ ଭୋଜନ ଦେଖିବା ପାଇଁ ଭକ୍ତ ଏଠାରେ ଅନ୍ନଦାନ କରିଥାଏ । ମହାପ୍ରଭୁଙ୍କ ଅନ୍ନଭୋଜନ ଓ ଅନ୍ନଦାନ ଦ୍ୱାରା ଯେଉଁ ସାୟୁଜ୍ୟ ମୁକ୍ତି ମିଳିଥାଏ ତାହା ମହାପ୍ରଭୁ ଅନ୍ନଭୋଜନ ନ କଲେ କାଳେ ବାଧିତ ବା ବିଘ୍ନିତ ହେବ ସେଥିପାଇଁ ଅନ୍ୟତ୍ର ଏକାଦଶୀ ଉପବାସ ବ୍ରତ ପାଳନ କରି ଅନ୍ନଭୋଜନ ସଂପୂର୍ଣ୍ଣ ନିଷିଦ୍ଧ ଥିଲେ ମଧ୍ୟ, ଶ୍ରୀକ୍ଷେତ୍ରରେ ତାହା ବାରଣ ନାହିଁ । ସେଇଥିପାଇଁ ପଶ୍ଚିମଦ୍ୱାର ନିଶାତଳେ ଏକ ଛୋଟିଆ ମନ୍ଦିରରେ ଏକ ଛୋଟିଆ ମୂର୍ତ୍ତିଙ୍କୁ ଏକାଦଶୀ ଠାକୁର ବୋଲି କୁହାଯାଏ । ସେ ବନ୍ଧନ ଅବସ୍ଥାରେ ଥାଆନ୍ତି । ଅର୍ଥାତ୍ ମହାପ୍ରଭୁଙ୍କ ଏକାଦଶୀ ବ୍ରତ ପାଳନ ଓ ବ୍ରତଚାରୀଙ୍କ ବ୍ରତ ପାଳନ ଉଭୟ ଶ୍ରୀମହାପ୍ରସାଦ ଗ୍ରହଣ କରି ସମ୍ପୂର୍ଣ୍ଣ ହୋଇଥାଏ । କେହି କେହି ବ୍ରତଚାରୀ ଦୀର୍ଘ ବାରବର୍ଷଧରି ବ୍ରତ ପାଳନ କରି ଅନ୍ନ ଭକ୍ଷଣ ନ କରି ମଧ୍ୟ ଏକାଦଶୀ ବ୍ରତ ଦିନ ଶ୍ରୀମନ୍ଦିରରେ ଶ୍ରୀମହାପ୍ରସାଦ ପାଇ ବ୍ରତ ଭଙ୍ଗ କରିଥାଆନ୍ତି । ମୋଟ ଉପରେ କହିବାକୁ ଗଲେ ସମସ୍ତ ଜୀବଜଗତର ମୁକ୍ତିପାଇଁ ମହାପ୍ରଭୁ ଯେଉଁ ଅନ୍ନ ଶ୍ରୀମହାପ୍ରସାଦର ବ୍ୟବସ୍ଥା କରିଛନ୍ତି ତାହା ଯେପରି ବିଘ୍ନିତ ନହୁଏ, ସେଥିପ୍ରତି ଅଧିକ ଯତ୍ନ ନିଆଯାଇଅଛି । ସେଇଥିପାଇଁ ଅନ୍ନଦାନ ଓ ଅନ୍ନଭକ୍ଷଣର ସୁନ୍ଦର ବ୍ୟବସ୍ଥା କରାଯାଇଅଛି । ସନାତନୀୟ ବିଚାରଧାରା ଉପରେ ଆଧାରିତ ଆମରି ପରମ୍ପରା ଅନୁସାରେ 'ବହୁଜନ ହିତାୟ ବହୁଜନ ସୁଖାୟ' ହେଉଛି ଏହାର ମୂଳ ରହସ୍ୟ ।

ଉପନିଷଦୀୟ ବାକ୍ୟ ଅନୁସାରେ ଅନ୍ନଦାତା ନିଜେ ଶ୍ରୀମହାପ୍ରସାଦ ଗ୍ରହଣ କରି ମୁକ୍ତି ପାଇବା ସଙ୍ଗେ ସଙ୍ଗେ ବ୍ରହ୍ମପରାୟଣ ବ୍ୟକ୍ତି ବ୍ରାହ୍ମଣଙ୍କୁ ଅନ୍ନଦାନ ଦେଇ, ଅତିଥି ଅଭ୍ୟାଗତଙ୍କର ସତ୍କାର କରି ଦରିଦ୍ର, ନିଃସ୍ୱ, କାଙ୍ଗାଳ ବ୍ୟକ୍ତିଙ୍କୁ ମଧ୍ୟ ଅନ୍ନଦାନ ଦେଇ ସେମାନଙ୍କର ମୁକ୍ତି ସହ ନିଜେ ମଧ୍ୟ ମୁକ୍ତି ପାଇବାର ରାସ୍ତା ହେଉଛି ଅନ୍ନଦାନ । ସମଗ୍ର ବିଶ୍ୱରେ ଏଭଳି ବ୍ୟବସ୍ଥା ଓ ପରମ୍ପରା ବିରଳ ।

CC-0. In Public Domain. Digtized by Muthulakshmi Research Academy

## ଯାତ୍ରୀ ଆମନ୍ତ୍ରଣ ବ୍ୟବସ୍ଥା :-

ମୁକ୍ତିପ୍ରଦାୟକ ମହାପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତ ଜୀବଜଗତ ପାଇଁ ନିଜେ ଆବିର୍ଭୂତ ହୋଇ ଭକ୍ତକୁ କୋଳେଇ ନେବାପାଇଁ ହାତ ବଢ଼େଇ ସବୁବେଳେ ତାଙ୍କ ଆଡ଼କୁ ଡାକୁଥାଆନ୍ତି । ସେ ପ୍ରତ୍ୟେକ ଭକ୍ତକୁ ତାଙ୍କର ଦର୍ଶନ ଓ ଶ୍ରୀମହାପ୍ରସାଦ ଦେଇ ନିତ୍ୟ ସେହି ମୁକ୍ତି ଦେବା କାର୍ଯ୍ୟଟି କରିଚାଲିଛନ୍ତି । ଏଭଳି ମୁକ୍ତିପ୍ରଦ ଠାକୁରଙ୍କ ମହିମା ସମ୍ବନ୍ଧରେ ତାଙ୍କର ପରିଜନ ସେବକମାନେ ସମଗ୍ର ଭାରତବର୍ଷରେ ପ୍ରଚାର କରିଆସୁଛନ୍ତି । ଫଳରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାପାଇଁ ଦେଶର କୋଣ ଅନୁକୋଣରୁ ସ୍ମରଣାତୀତ କାଳରୁ ତୀର୍ଥଯାତ୍ରୀଙ୍କ ପ୍ରବାହ ଛୁଟିଚାଲିଅଛି । ଏହି ତୀର୍ଥଯାତ୍ରୀମାନଙ୍କୁ ସଂକ୍ଷେପରେ 'ଯାତ୍ରୀ' କୁହାଯାଏ । ନଦୀବନ୍ଧ, ରେଳ ଓ ସଡ଼କ ପରିବହନର ସୁବିଧା ନଥିଲାବେଳେ ଖରାବର୍ଷା ଖାଇ, ବଢ଼ିଲା ନଈ ପାରହୋଇ, ଚୋର, ତସ୍କର ଓ ହଇଜା ଆକ୍ରମଣର ଶିକାର ହୋଇ ଯାତ୍ରୀମାନେ କିଭଳି ଏହି ଶ୍ରୀକ୍ଷେତ୍ରକୁ ଆସୁଥିଲେ ତାର ରୋମାଞ୍ଚକର କରୁଣ କାହାଣୀ ବର୍ଣ୍ଣନା ଅଛି । ବ୍ୟାସ କବି ଫକୀରମୋହନ ସେନାପତିଙ୍କ 'ଲଛମା'ର ପ୍ରଥମ ପରିଚ୍ଛେଦରେ ଦଳେ ପଛିଆ (ପଶ୍ଚିମ ଭାରତର) ଯାତ୍ରୀଙ୍କ ଉପରେ ବର୍ଗୀ ଆକ୍ରମଣର ବର୍ଣ୍ଣନା ରହିଅଛି । ଯାତ୍ରୀମାନଙ୍କ ଉପରେ ବିଧର୍ମୀମାନଙ୍କର ରାସ୍ତାରେ ଅତ୍ୟାଚାର ସଙ୍ଗେ ସଙ୍ଗେ ହଇଜା ଆକ୍ରମଣରେ ବହୁ ଯାତ୍ରୀ ଶିକାର ହୋଇ ରାସ୍ତାଘାଟ, ଗଛତଳେ କୁଢ଼ କୁଢ଼ ଶବଗଦାର କରୁଣ ଛବି କଥା ଚିନ୍ତା କଲେ ହୃଦୟ ଫାଟିଯାଏ ।

ସମସ୍ତ କଷ୍ଟ ସହି ମଧ୍ୟ ଯାତ୍ରୀମାନେ ସେହି ମୁକ୍ତିପ୍ରଦ ମହାପ୍ରଭୁଙ୍କୁ ଦର୍ଶନ କରି ଅନ୍ନଦାନ ଓ ଅନ୍ନଭକ୍ଷଣ କରି ଜୀବନର ଶେଷ ଗତି ମୁକ୍ତିଲାଭ କରିବାପାଇଁ କେଉଁ ଅନନ୍ତ କାଳରୁ ଆଜି ପର୍ଯ୍ୟନ୍ତ ଦଉଡ଼ି ଆସୁଛନ୍ତି । ସେମାନେ ତାଙ୍କର ପଣ୍ଡାଙ୍କ ମାଧ୍ୟମରେ ଏହି କାର୍ଯ୍ୟଟି କରିଥାଆନ୍ତି । ଦର୍ଶନ କରିବା ଓ କରାଇବା ଓ ଅନ୍ନଦାନ ଗ୍ରହଣ କରି ତାହାର ସଦ୍‌ବିନିଯୋଗ କରିବା ହେଉଛି ତୀର୍ଥଗୁରୁ ବା ଯାତ୍ରୀପଣ୍ଡାଙ୍କ ଦାୟିତ୍ୱ, କର୍ତ୍ତବ୍ୟ ଓ ଅଧିକାର ।

## ତୀର୍ଥଗୁରୁ ଓ ଯାତ୍ରୀପଣ୍ଡା :-

ପୁରାଣକାରମାନଙ୍କ ମତରେ ସମଗ୍ର ବ୍ରହ୍ମାଣ୍ଡ ଏକ ଶକ୍ତି ଠାରୁ ଜାତ । ସେହି ଶକ୍ତିକୁ ଆଦ୍ୟାଶକ୍ତି ବା ମୂଳ ଶକ୍ତି ବୋଲି କୁହାଯାଏ । ଏହି ଶକ୍ତି ତିନି ଭାଗରେ ବିଭକ୍ତ । ଯଥା ଅପରାଶକ୍ତି, ପରାଶକ୍ତି ଓ ମାହେଶ୍ୱରୀ ଶକ୍ତି । ଏହି ଶକ୍ତିମାନଙ୍କର ଅନ୍ୟ ନାମ ହେଉଛି ଜଡ଼ ଶକ୍ତି ଓ ଚେତନ ଶକ୍ତି । ଏହି ଉଭୟ ଶକ୍ତି ନିୟନ୍ତ୍ରଣକାରୀ ଶକ୍ତିବିନା ପ୍ରକୃତରେ କାର୍ଯ୍ୟକାରୀ ହୋଇପାରେ ନାହିଁ । ଶ୍ରୀଜଗନ୍ନାଥଙ୍କ ସେବକମାନେ ହେଉଛନ୍ତି ନିୟନ୍ତ୍ରଣକାରୀ ଶକ୍ତି ବୋଲି ପାରମ୍ପରିକ ମତ ରହିଛି । ଭୌତିକ ଦୃଷ୍ଟିରୁ ବିଚାର କଲେ ନର ହେଉଛି ଜଡ଼ ଶକ୍ତି ଓ ନାରାୟଣ ହେଉଛନ୍ତି ଚେତନ ଶକ୍ତି । ଶ୍ରୀଜଗନ୍ନାଥଙ୍କ ଭକ୍ତ ଓ ଯାତ୍ରୀମାନଙ୍କୁ ନର ପର୍ଯ୍ୟାୟରେ ଓ ଶ୍ରୀଜଗନ୍ନାଥଙ୍କ ନାରାୟଣ ପର୍ଯ୍ୟାୟରେ ଗ୍ରହଣ

CC-0. In Public Domain. Digtized by Muthulakshmi Research Academy

କରାଯାଇଥାଏ । ଶ୍ରୀଜଗନ୍ନାଥ ଓ ତାଙ୍କର ଭକ୍ତ ଯାତ୍ରୀମାନଙ୍କୁ ସଂଯୋଗ କରିବାର ଶକ୍ତି ହିଁ ହେଉଛନ୍ତି ତୀର୍ଥଗୁରୁ ବା ଯାତ୍ରୀପଣ୍ଡା । ଏହି ଶକ୍ତିର ସହାୟତା ବିନା ନର ନାରାୟଣଙ୍କୁ ପାଇପାରେ ନାହିଁ । ଯାତ୍ରୀ ଓ ଭକ୍ତଗଣ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିରରେ ପ୍ରବେଶ କରିବା ପୂର୍ବରୁ ଏହି ଶକ୍ତିର ସହାୟତା ନେଇଥାଆନ୍ତି । ଦେବତାଙ୍କର ମହିମା ବା ତତ୍ତ୍ୱ ନଜାଣି ଦେବତାଙ୍କୁ ଦର୍ଶନ କଲେ ଦର୍ଶନ ଫଳ ମିଳେ ନାହିଁ । ଯେପରି ସ୍ତୋତ୍ରର ଅର୍ଥ ନଜାଣି ସ୍ତୋତ୍ର ପାଠ କଲେ ତାହା ବିଶେଷ ଫଳବତୀ ହୋଇନଥାଏ । ଏହି ଦୃଷ୍ଟିରୁ ଯାତ୍ରୀପଣ୍ଡାମାନଙ୍କର ପ୍ରୟୋଜନୀୟତା ଯାତ୍ରୀମାନଙ୍କ ପାଖରେ ଢେର ଅଧିକ । ସେମାନେ ହେଉଛନ୍ତି ନିୟନ୍ତ୍ରଣକାରୀ ଶକ୍ତି ବା ଦୈବୀ ଶକ୍ତି । ବ୍ୟାସଦେବ କୃତ ମହାପୁରୁଷ ବିଦ୍ୟା ଓ ନୀଳାଦ୍ରି ମହୋଦୟ ଗ୍ରନ୍ଥ ଅନୁସାରେ ସେବକମାନେ ମହାପ୍ରଭୁଙ୍କ ସ୍ୱଜନ ବା ପରିଜନ । ଶାସ୍ତ୍ର ଅନୁସାରେ ସେବକମାନେ ଦେବତା ଅଂଶରୁ ଜାତ । ତେଣୁ ଦେବତା ରୂପୀ ସେବକ ବା ଯାତ୍ରୀପଣ୍ଡାମାନେ ମହାପ୍ରଭୁଙ୍କ ବିଷୟରେ ତଥ୍ୟ ଜାଣିଥିବାରୁ ସେମାନେ ତାହା ଯାତ୍ରୀମାନଙ୍କୁ ଜଣାଇବାରେ ସାହାଯ୍ୟ କରିଥାଆନ୍ତି । ସେମାନଙ୍କୁ ତୀର୍ଥଗୁରୁ ବା ଯାତ୍ରୀପଣ୍ଡା ବୋଲି କୁହାଯାଏ ।[୩୧]

ପ୍ରଭାତ ମୁଖାର୍ଜୀଙ୍କ (History of the Jagannath Temple in the 19th Centuryର) ଐତିହାସିକ ପ୍ରମାଣରୁ ଜଣାଯାଏ ଯେ ପ୍ରଥମେ ପ୍ରତିହାରୀ ସେବକମାନେ ହିଁ ଯାତ୍ରୀମାନଙ୍କଠାରୁ ଘାଟମାନଙ୍କରେ ଯାତ୍ରୀକର ଆଦାୟ କରୁଥିଲେ ଓ ସେମାନଙ୍କର ପଣ୍ଡା ଭାବରେ ମହାପ୍ରଭୁଙ୍କୁ ଦର୍ଶନ ପ୍ରସାଦ କରାଉଥିଲେ । କାଳକ୍ରମେ ଅନ୍ୟ ସେବକମାନେ ଧୀରେ ଧୀରେ ଯାତ୍ରୀ ବୃତ୍ତିରେ ପ୍ରବେଶ କଲେ । ପରବର୍ତ୍ତୀ କାଳରେ ଅଣସେବକମାନେ ମଧ୍ୟ ଯାତ୍ରୀପଣ୍ଡା ହେବାରେ ସକ୍ଷମ ହୋଇଛନ୍ତି । ଗମନାଗମନର ସୁବିଧା ହେତୁ ଯାତ୍ରୀ ସମାଗମ ଅଧିକ ହେବାରୁ ସମଗ୍ର ଭାରତବର୍ଷର ବିଭିନ୍ନ ପ୍ରଦେଶର ଯାତ୍ରୀପଣ୍ଡା ବା ତୀର୍ଥଗୁରୁ ହିସାବରେ ସେହି ପ୍ରଦେଶର ରାଜା ମହାରାଜା ଓ ଜମିଦାରମାନେ ଯେଉଁ ପଣ୍ଡାଙ୍କୁ ସ୍ୱୀକାର କଲେ ସେହିମାନେ ହିଁ କାଳକ୍ରମେ ସେହି ଅଞ୍ଚଳ (ଇଲାକା)ର ଯାତ୍ରୀପଣ୍ଡା ହେଲେ । ରାଜା, ମହାରାଜାମାନେ ନିଜ ନିଜର ଯାତ୍ରୀ ପଣ୍ଡାମାନଙ୍କୁ ସନନ୍ଦ ଓ ଅନ୍ୟାନ୍ୟ ପ୍ରମାଣପତ୍ର ଦେଇଥିବାର ପ୍ରମାଣ ପ୍ରାୟଃ ସମସ୍ତ ଯାତ୍ରୀପଣ୍ଡାଙ୍କ ପାଖରେ ରହିଅଛି । ନିର୍ଦ୍ଦିଷ୍ଟ ଅଞ୍ଚଳର ଯାତ୍ରୀ ସେମାନଙ୍କର ପିତୃପୁରୁଷଙ୍କ ଦସ୍ତଖତ ଦେଖି ଯାତ୍ରୀପଣ୍ଡାମାନଙ୍କୁ ନିଜର ପୈତୃକ ପଣ୍ଡା ହିସାବରେ ମାନିଥାଆନ୍ତି ।

ଲେଖକ ଜଣେ ଯାତ୍ରୀପଣ୍ଡା । ପୁରୁଷାନୁକ୍ରମିକ ଭାବରେ ଅଠରାଭାଇ ଗୋବର୍ଦ୍ଧନ ନାମରେ ସେ ମଧ୍ୟପ୍ରଦେଶର ରତଲାମ, ଧାର, ଉଜ୍ଜେନ, ଇନ୍ଦୋର, ଝାବୁଆ ଜିଲ୍ଲା ଓ ରାଜସ୍ଥାନର ଡିଙ୍ଗୁଆଣା ଅଞ୍ଚଳ ପ୍ରଭୃତିର ଯାତ୍ରାପଣ୍ଡା ଅଟନ୍ତି । ମଧପ୍ରଦେଶର ରତଲାମ

*୩୧. (ସଂଗୃହୀତ- ଶ୍ରୀମନ୍ଦିର ସମାଚର ୧/୨ ଶ୍ରୀଜଗନ୍ନାଥଙ୍କ ସେବକ ଓ ଶ୍ରୀଜଗନ୍ନାଙ୍କ ସେବକ ସଂପ୍ରଦାୟ, ଲେ-ଅଧ୍ୟାପକ ଶ୍ରୀ ବ୍ରଜକିଶୋର ସାହୁ, ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ- ପ୍ରଥମ ସ୍ତବକ ପୃ.୨୩୪ ।)*

CC-0. In Public Domain. Digtized by Muthulakshmi Research Academy

ଷ୍ଟେଟର ରାଜଗୁରୁ ଭାବେ ଲେଖକଙ୍କର ପୂର୍ବପୁରୁଷ ରାଜାଙ୍କ ଠାରୁ ସନନ୍ଦ ପାଇଛନ୍ତି । ରତଲାମ ଇଷ୍ଟେଟର ବହୁ ରାଜା ମହାରାଜାଙ୍କ ସନନ୍ଦ ଲେଖକଙ୍କ ପାଖରେ ରହିଅଛି । ତନ୍ମଧ୍ୟରେ ଉଦାହାରଣ ଭାବେ ରାଜା ସଜ୍ଜନ ସିଂହଙ୍କର ଏକ ସନନ୍ଦ ଓ ତାଙ୍କର ଶ୍ରୀକ୍ଷେତ୍ର ଆଗମନ ସମୟରେ ମହାପ୍ରଭୁଙ୍କ ଛପନ ଭୋଗ ଆଟିକା ତତ୍‌କାଳୀନ ବ୍ୟବସ୍ଥା ଅନୁସାରେ ପଣ୍ଡାଙ୍କ ନାମରେ ଦେଇଥିବାର ପ୍ରମାଣ ପତ୍ର ଓ ରାଜସ୍ଥାନ ପ୍ରଦେଶର ଡିଡୁଆଣା ମାରୱାଡ଼ି ଶେଠ ମଗନିରାମ ରାମକୁଅଁର ବାଙ୍ଗଡ଼ ଲେଖକଙ୍କର ପୂର୍ବପୁରୁଷଙ୍କୁ ତାଙ୍କର ପଣ୍ଡା ହିସାବରେ ସ୍ୱୀକାର କରି ଦସ୍ତଖତ ବହିରେ ଦସ୍ତଖତ କରିଥିବା ପ୍ରମାଣପତ୍ରର ଜେରକ୍ସ ନକଲ ନିମ୍ନରେ ଦ୍ରଷ୍ଟବ୍ୟ ।



(ମଧ୍ୟପ୍ରଦେଶ ରତଲାମ ଇଷ୍ଟେଟର ରାଜା ସାହେବଙ୍କର ତା.୧୨।୭।୧୯୨୪ ମସିହାରେ ଲେଖକଙ୍କର ପିତୃପୁରୁଷଙ୍କୁ ପଣ୍ଡା ହିସାବରେ ଗ୍ରହଣ କରି ଦେଇଥିବା ପ୍ରମାଣ ପତ୍ରର ଜେରକ୍ସ ନକଲ ।)

CC-0. In Public Domain. Digtized by Muthulakshmi Research Academy



(ମଧ୍ୟପ୍ରଦେଶ ରତଲାମ ଇଷ୍ଟେଟର ରାଜପରିବାର ବିକ୍ରମ ସମ୍ବତ୍ ୧୯୨୬ ଅର୍ଥାତ୍ ଆଜକୁ ୧୪୩ ବର୍ଷ ପୂର୍ବେ ଲେଖକଙ୍କର ପୂର୍ବପୁରୁଷଙ୍କୁ ତାଙ୍କର ପଣ୍ଡା ହିସାବରେ ଗ୍ରହଣ କରି ସେମାନଙ୍କୁ ଦର୍ଶନ ଓ ପ୍ରସାଦ କରାଇବାର ଅଧିକାର ଦେଇଥିବାର ପତ୍ର ।)

CC-0. In Public Domain. Digtized by Muthulakshmi Research Academy



(ମଧ୍ୟପ୍ରଦେଶର ରତଲାମ ଇଷ୍ଟେଟର ମହାରାଜାଧିରାମ ସଜ୍ଜନ ସିଂହ ୧୯୦୬ ସମ୍ବତ୍‌ରେ ଲେଖକଙ୍କର ପୂର୍ବପୁରୁଷମାନଙ୍କୁ ତାଙ୍କର କୌଳିକ ପଣ୍ଡା ସ୍ୱୀକାର କରି ଛପନ ଭୋଗ ପାଇଁ ତତ୍‌କାଳୀନ ବ୍ୟବସ୍ଥା ଅନୁସାରେ ସତର ଶହ ପଚାଶ ଟଙ୍କା ଅନ୍ନଦାନ ଦେଇଥିବାର ପ୍ରମାଣ ପତ୍ର ।)

CC-0. In Public Domain. Digtized by Muthulakshmi Research Academy

श्रीमंत महाराज धिराज महाराज श्री सज्जन सिंह जी
साहेब बहादुर रियासत रतलाम का कलकत्ते व पधारना
जलसा प्रिन्स आफ् वेल्स मार्च जनवरी सन १९०६ व
में कलकत्ते तशरीफ् फर्मा हुवा था उस वक्त यहां पर
श्री जगन्नाथ जी के दर्शन वास्ते भी सवारी पधारी श्री आज
तारिख को - पंडा भाई अठारा भाई जगन्नाथ जी के बेटा नारायण जी
व इनके बेटे जोर धन जी के पास के कागजात पढ़े जो
~~श्री माननीय रणछोड़ जी साहेबान श्री माननीय भट्टि माननीय जी को~~
वा उनको मुकाबिला करने पर से पर ~~[illegible]~~
दास के लिख दिया जावाते
सवारी के साथ में कुंवर नाहरसिंह जी
व कुंवर जोधसिंह जी व सरदार सूरसिंह जी और
प्रा-सेक्रटरी उमरावसिंह जी वगैरह नौकर चाकर थे
तारीख ११ मोहे जनवरी सन १९०६

Bm [illegible]
Umrao Singh
Pr Secy to H.H.
Ranji Saheb of
Ratlam

(ମଧ୍ୟପ୍ରଦେଶ ରତଲାମ୍ ଇଷ୍ଟେଟ୍‌ର ରାଜା ସଜ୍ଜନ୍‌ସିଂହଙ୍କର ୧୧.୧.୧୯୦୬ ମସିହାର ଦସ୍ତଖତ । ଯେଉଁଥିରୁ ବଂଶ ପରମ୍ପରା କ୍ରମେ ରାଜପରିବାର ସହିତ ଲେଖକଙ୍କର ତୀର୍ଥଗୁରୁ ଓ ଶିଷ୍ୟତ୍ୱର ସମ୍ପର୍କ ପ୍ରତିପାଦିତ ହୁଏ ।)

CC-0. In Public Domain. Digtized by Muthulakshmi Research Academy

श्रीमंत महाराजाधिराज [illegible] श्री १०८

श्रीश्री [illegible] सज्जनसिंहजी साहेब बहादुर

के.सी.आई.ई. रतलाम नरेश का पधारना

व [illegible] चैमासिजनशिव [illegible] मेंवेल

खिलने वास्ते [illegible] हुवा था वहां से श्री

[illegible] श्री [illegible] नवाबी [illegible]

लिपि कार्य थे ता. 3 मार्च जनवरी सन १९१५ ई.

को. [illegible] अठारा भाई गोवर्धन नी चन्द नारायनजी

[illegible] १९०[illegible] का

जन [illegible] श्री [illegible]

[illegible]

लगा है. सवारी के साथ कर्मचारी ६० [illegible]

थे. कृहरिस्त नीचे लिखे मुताबिक है :—

१ [illegible] नी [illegible] सिकरटरी

२ गुरु साहेब मेताब सिंह जी [illegible]

3 प्राइवेट सिकरटरी उमराव सिंह

४ [illegible]

५ [illegible] भाई जी रतनजी

६ सरदार [illegible] सिंहजी

७ सरदार [illegible]

८ [illegible] जन चांद मुकुंदजी

CC-0. In Public Domain. Digtized by Muthulakshmi Research Academy

(ମଧ୍ୟପ୍ରଦେଶ ରତଲାମ୍ ଇଷ୍ଟେଟ୍‌ର ମହାରାଜା ସଜ୍ଜନ୍ ସିଂହଙ୍କର ୩. ୧. ୧୯୧୪ ମସିହାରେ ୧୯୦୬ ମସିହାର ପୂର୍ବ ଦସ୍ତଖତ ଦେଖି ଲେଖକଙ୍କର ପୂର୍ବପୁରୁଷଙ୍କୁ ପଣ୍ଡା ହିସାବରେ ଗ୍ରହଣ କରିବାର ସନନ୍ଦ ।)

CC-0. In Public Domain. Digtized by Muthulakshmi Research Academy



(ରାଜସ୍ଥାନ ପ୍ରଦେଶର ଡିଡୁଆଣା ଜିଲ୍ଲାର ମଗନିରାମଜୀ ବାଙ୍ଗଡ଼ ଲେଖକଙ୍କର ପୂର୍ବପୁରୁଷଙ୍କୁ ୧୯୧୧ ମସିହାରେ ଯାତ୍ରୀପଣ୍ଡା ହିସାବରେ ସ୍ୱୀକାରୋକ୍ତି କରି ଦସ୍ତଖତ ଦେଇଛନ୍ତି । ସେହି ବାଙ୍ଗଡ଼ଙ୍କ ଉତ୍ତରାଧିକାରୀମାନେ ଶ୍ରୀମନ୍ଦିରରେ ରୋଷ ପୁନର୍ନିର୍ମାଣ, ଆନନ୍ଦ ବଜାରର ଜଳଛତ୍ର ବ୍ୟବସ୍ଥା କରିଥିଲେ ।)

CC-0. In Public Domain. Digtized by Muthulakshmi Research Academy

(ଲେଖକଙ୍କର ଯାତ୍ରୀ ଶ୍ରୀ ଗୋବିନ୍ଦଲାଲ୍ ଓ ଶ୍ରୀ ଗୋକୁଳ ଚନ୍ଦ୍ର ବାଙ୍ଗଡ଼ ଯେ କି ୧୯୫୭ ମସିହାରେ ରୋଷଘର ମରାମତି କରିଥିଲେ, ତାଙ୍କର ଦସ୍ତଖତ ଅଟେ ।)

CC-0. In Public Domain. Digtized by Muthulakshmi Research Academy

ଏହି ଯାତ୍ରୀପଣ୍ଡାମାନଙ୍କର ଭିନ୍ନ ଭିନ୍ନ ପରିଚୟ ମଧ୍ୟ ପ୍ରଚଳିତ ହୋଇଯାଇଅଛି । ଯଥା ବଡ଼େ ହରିହର, ଛପନ ଭୋଗୀ, କବରାଘୋଡ଼ା, ୧୮ଭାଇ ଗୋବର୍ଦ୍ଧନ, ଛୋଟା ଗୋବର୍ଦ୍ଧନ, ହାତୀରାଜ, ଲାଲମୋହରିଆ, ଜଗନ୍ନାଥ ବଳଭଦ୍ର, ହଜୁରୀ ଆଦି । ଭାରତବର୍ଷର ବିଭିନ୍ନ ଅଞ୍ଚଳର ଯାତ୍ରୀମାନେ ଶ୍ରୀକ୍ଷେତ୍ରରେ ପହଞ୍ଚିଲେ ତାଙ୍କର ରହିବା, ଦର୍ଶନ, ପ୍ରସାଦ, ପଞ୍ଚତୀର୍ଥ ପର୍ଯ୍ୟଟନ ଓ ଶେଷରେ ବିଦାୟ ଦେବା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ଅତିଥିଦେବୋଽଭବ ଜ୍ଞାନରେ ଯାତ୍ରୀପଣ୍ଡା ତୁଲାଇଥାଆନ୍ତି । କେଉଁ ଯୁଗରୁ ଉଭୟ ଯାତ୍ରୀପଣ୍ଡା ଓ ଯଜମାନ ଯାତ୍ରୀମାନଙ୍କ ମଧ୍ୟରେ ତୀର୍ଥଗୁରୁ ଓ ଶିଷ୍ୟ ସଂପର୍କ ରହିଆସିଅଛି । ଉଭୟଙ୍କ ମଧ୍ୟରେ ପୁରୁଷାନୁକ୍ରମିକ ଭାବରେ ଯେଉଁ ଆତ୍ମୀୟତା ଓ ପାରିବାରିକ ସଂପର୍କ ତାହା ନ ଦେଖି ଅନୁଭବ ନ କରିବା ଯାଏଁ ବୁଝିହେବନାହିଁ । ଏଭଳି ସଂପର୍କ ଗଢ଼ି ଉଠିଛି ଯେ ଆବଶ୍ୟକ ସମୟରେ ଟଙ୍କା ଉଧାର ଦେଇ ଯାତ୍ରୀଙ୍କୁ ନିଜ ଘରକୁ ପଠାଇଥାଏ ଯାତ୍ରୀପଣ୍ଡା । ଯାତ୍ରୀ କେତେ ଦକ୍ଷିଣା ଦେବ ସେକଥା ଚିନ୍ତା ନ କରି ତନିଦିନ ପର୍ଯ୍ୟନ୍ତ ଯାତ୍ରୀପଣ୍ଡା ତାଙ୍କର ଖାଇବା ପିଇବାର ଓ ରହିବାର ସମସ୍ତ ଖର୍ଚ୍ଚ ବୁଝିଥାଏ । ଏହାଠାରୁ ଅଧିକ ଆତ୍ମୀୟତାର ପ୍ରମାଣ ଆଉ କଅଣ ଆବଶ୍ୟକ ? ଶ୍ରୀଜଗନ୍ନାଥ ଚେତନାକୁ ଆଧାର କରି ଯାତ୍ରୀପଣ୍ଡା ଓ ଯାତ୍ରୀମାନଙ୍କ ମଧ୍ୟରେ ଆବହମାନ କାଳରୁ ଗଢ଼ି ଆସିଥିବା ଆତ୍ମୀୟତାର ସମ୍ପର୍କ ରାଷ୍ଟ୍ରୀୟ ସଂହତିର ଏକ ବଳିଷ୍ଠ ଉଦାହରଣ ନୁହେଁ କି ?

## 'ଆଟିକା'ର ପରିଭାଷା :-

ଉପର୍ଯ୍ୟୁକ୍ତମତେ ଯାତ୍ରୀଟି ତାର ତୀର୍ଥଗୁରୁଠାରୁ ମହାପ୍ରଭୁଙ୍କ ମହିମା, ଅନ୍ନଭକ୍ଷଣ ଓ ଅନ୍ନଦାନର ମହତ୍ତ୍ୱ ବୁଝିକରି ନିଜର ପଣ୍ଡାଙ୍କୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଅନ୍ନଦାନ ଦେଇଥାଏ । ସେହି ଅନ୍ନ ଦାନକୁ ଆଟିକା କୁହାଯାଏ । ସ୍ୱର୍ଗତଃ କୃପାସିନ୍ଧୁ ମହାପାତ୍ରଙ୍କ କ୍ଷେତ୍ର ମାହାତ୍ମ୍ୟ (୧୯୨୯)ରେ ମହାପ୍ରଭୁଙ୍କର ଆଟିକା ବନ୍ଧନର ବିବରଣୀ ପ୍ରଦତ୍ତ । ଯାତ୍ରୀ ଆଟିକା ବନ୍ଧନ କରି ଶ୍ରୀଜୀଉଙ୍କୁ ନିତ୍ୟ ଭୋଗ ଦେଇ ପିତୃପୁରୁଷଙ୍କୁ ଉଦ୍ଧାର କରିବା ନିମିତ୍ତ ଶ୍ରୀକ୍ଷେତ୍ରରେ ଯାତ୍ରୀପଣ୍ଡାଙ୍କର ଉପଦେଶ ଅନୁସାରେ ନିଜ ନିଜ ମାତୃଭାଷାରେ ସଂକଳ୍ପ କରି ପୁରୁଷର ନାମ ଧାମ ଓ ସ୍ତ୍ରୀ ପକ୍ଷେ ସ୍ୱାମୀ ଶ୍ୱଶୁରଙ୍କ ନାମେ ନାମ ଦରଜ କରାଇ ବିଭିନ୍ନ ଭୋଗ ଯଥା ମାଖନମିଶ୍ରି ଭୋଗ, ଛପନ ଭୋଗ, ମୋହନ ଭୋଗ, କ୍ଷୀରି ପୁରି ଭୋଗ, ଖଜାଲଡୁ ଭୋଗ, ନିମଳଦାର ଖେଚେଡି, ଡାଲିଭାତ ଭୋଗ ଇତ୍ୟାଦି ଅନ୍ନଦାନ କରିଥାଆନ୍ତି । ଏହି ଅନ୍ନଦାନକୁ 'ଆଟିକା' କୁହାଯାଏ ।

ଆଗେ ଯାତ୍ରୀ ଦେଉଥିବା ଜିନିଷପତ୍ର ସଞ୍ଚା ଆକାରରେ ଆଟିକାରେ ସଜାଇ ଦିଆଯାଉଥିଲା । ବର୍ତ୍ତମାନ ସେହି ଚଳଣି ନଥିଲେ ମଧ୍ୟ 'ଆଟିକା' ଶବ୍ଦଟି ରହିଯାଇଅଛି ।[୩୨] ମୋଟ ଉପରେ ଏହି ଅନ୍ନଦାନର ମୂଳ ଲକ୍ଷ୍ୟ ହେଲା ନିଜର ଓ

*୩୨. ସଂଗୃହୀତ-ପୁରୀ ବୋଲି, ଲେ-ଡଃ ସିଦ୍ଧେଶ୍ୱର ମହାପାତ୍ର, ପୃ. ୧୩୦ ।*

CC-0. In Public Domain. Digtized by Muthulakshmi Research Academy

ପୂର୍ବପୁରୁଷମାନଙ୍କର ମୁକ୍ତି । ଶ୍ରୀଜଗନ୍ନାଥଙ୍କ ସେବକ ତଥା ଯାତ୍ରୀପଣ୍ଡାଙ୍କ ମାଧ୍ୟମରେ ଏହି ମୁକ୍ତି ମିଳୁଅଛି ବୋଲି ଏକ ଆସ୍ଥା ଓ ଦୃଢ଼ ବିଶ୍ୱାସ ଅଦ୍ୟାବଧି ଯାତ୍ରୀମାନଙ୍କ ରହିଥିବାରୁ ସେମାନେ ନିଜ ନିଜର ପଣ୍ଡାଙ୍କୁ ଶ୍ରୀଜଗନ୍ନାଥ ତୁଲ୍ୟ ମଣି ସମ୍ମାନ କରିଥାଆନ୍ତି ।

ଆଟିକା ଶବ୍ଦର ଆଉ ଗୋଟିଏ ଅର୍ଥ ହେଉଛି କୁଡୁଆ ବା କୁଡ଼ିଆ । ପୂର୍ବ ପରିଚ୍ଛେଦମାନଙ୍କରେ ଶ୍ରୀମନ୍ଦିର ରୋଷଶାଳାରେ କୁଡୁଆରେ ଭୋଗ ହୋଇ ଶ୍ରୀମହାପ୍ରସାଦରେ ପରିଣତ ହେଉଥିବା କଥା ଓ ତାହା ବଢ଼ା ନଯାଇ ସେବନ କରିବା କଥା ବର୍ଣ୍ଣନା କରାଯାଇଅଛି । ସେହି କୁଡୁଆ ବା ଆଟିକାର ଶ୍ରୀମହାପ୍ରସାଦକୁ ଅନ୍ନଦାନ ଦେଇ ନିଜେ ଓ ପିତୃପୁରୁଷମାନଙ୍କ ମୋକ୍ଷ ପାଇଁ ଭକ୍ତ ବା ଯାତ୍ରୀ ଯେଉଁ କାର୍ଯ୍ୟ କରେ ସେହି ପଦ୍ଧତିକୁ ସଂକ୍ଷେପରେ 'ଆଟିକା' ବୋଲି କୁହାଯାଏ । ଯଥା 'ଅମୁକ ଯାତ୍ରୀ ଏତେ ଟଙ୍କା ଆଟିକା ଦେଲା ।' ଏହା ଶ୍ରୀମନ୍ଦିରରେ ପ୍ରଚଳିତ ଭାଷା ଆକାରରେ ପ୍ରସିଦ୍ଧି ଲାଭ କରିସାରିଛି ।

ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ପୃ.୨୪୬ ଅନୁସାରେ ପ୍ଲଟ ୧୨୯ ପ୍ରତିହାରୀ ନିଯୋଗ ଘର ଓ ଅଫିସରେ ଓ ପୃ ୨୭୩ର ପ୍ଲଟ ୨୭୬ କୋଇଲି ବୈକୁଣ୍ଠରେ 'ଆଟିକା' କରାଯାଏ ବୋଲି ଲେଖାଥିଲେ ମଧ୍ୟ ବର୍ତ୍ତମାନ ଶ୍ରୀମନ୍ଦିର ଭିତର ବେଢ଼ା ଓ ବାହାର ବେଢ଼ାରେ ଅନ୍ୟ କେତେକ ସ୍ଥାନରେ 'ଆଟିକା' କରାଯାଉଅଛି ।

## ଗୁମାସ୍ତାଙ୍କର ପରିଚୟ :-

ତୀର୍ଥଯାତ୍ରୀମାନଙ୍କୁ ନିଜ ଅଞ୍ଚଳରୁ ଆଣିବାଠାରୁ ନିଜ ଘରକୁ ବାହୁଡ଼ିବା ପର୍ଯ୍ୟନ୍ତ ଓ ଯାତ୍ରୀପଣ୍ଡାମାନଙ୍କୁ ସମସ୍ତ କାର୍ଯ୍ୟରେ ସହଯୋଗ କରିବାପାଇଁ ଯେଉଁମାନେ ସାହାଯ୍ୟ କରନ୍ତି ସେମାନଙ୍କୁ ଗୁମାସ୍ତା କୁହାଯାଏ । ଏହିଭଳି ଗୁମାସ୍ତାମାନଙ୍କ ମଧ୍ୟରେ ପାଞ୍ଚପ୍ରକାର ଗୁମାସ୍ତା ଅଟନ୍ତି । ସେମାନେ ହେଲେ ୧. ସଦର ଗୁମାସ୍ତା, ୨. ବାଟ ଗୁମାସ୍ତା ୩. ଘାଟ ଗୁମାସ୍ତା ୪. ଧୂଳିଆ ଗୁମାସ୍ତା ୫. ସାଥୁଆ ଗୁମାସ୍ତା ।

**୧. ସଦର ଗୁମାସ୍ତା**-ଯାତ୍ରୀପଣ୍ଡାଙ୍କ କଚିରି ଘରେ ଲେଖାପଢ଼ା ଓ ହିସାବ କିତାବ ଲେଖାପଢ଼ା କରୁଥିବା ଗୁମାସ୍ତାଙ୍କୁ ସଦର ଗୁମାସ୍ତା କୁହାଯାଏ ।

**୨. ବାଟୁଆ ଗୁମାସ୍ତା**-ଦୂର ବାଟକୁ ଯାଇ ଯାତ୍ରୀଙ୍କ ଠାରୁ ବକେୟା ଅର୍ଥ ସଂଗ୍ରହ କରୁଥିବା ଗୁମାସ୍ତା । ଏମାନେ ସମଗ୍ର ଭାରତବର୍ଷର ବିଭିନ୍ନ ଦୂରବର୍ତ୍ତୀ ସ୍ଥାନମାନଙ୍କୁ ଯାଇ ବକେୟା ଅର୍ଥ ସଂଗ୍ରହ କରନ୍ତି ଓ ଯାତ୍ରୀମାନଙ୍କୁ ଶ୍ରୀକ୍ଷେତ୍ରକୁ ଆସିବା ପାଇଁ ପ୍ରୋତ୍ସାହିତ କରନ୍ତି । ଏମାନେ ମାସ ମାସ ଧରି ବାହାରେ ବୁଲି ଯାତ୍ରୀମାନଙ୍କ ଉପରେ ଥିବା ଆଟିକାର ବାକି ଟଙ୍କା କିମ୍ବା ଯାତ୍ରୀ ଯିବା ସମୟରେ ଅର୍ଥାଭାବ ଯୋଗୁଁ ଯାତ୍ରୀପଣ୍ଡାଠାରୁ ନେଇଥିବା ଉଧାର ଟଙ୍କା (ଯାହାକି ଘରୋଇ ଭାବରେ ରସିଦ ଖାତାରେ ଲେଖାଥାଏ ତାହାକୁ ଖତ କୁହାଯାଏ) ଆଦାୟ କରନ୍ତି । ଏମାନେ ମାସ ମାସ ଧରି ନିଜ ନିଜ ଇଲାକାର ଯାତ୍ରୀ

CC-0. In Public Domain. Digtized by Muthulakshmi Research Academy

ରହୁଥିବା ଅଞ୍ଚଳରେ ବୁଲୁଥାଆନ୍ତି । ଏମାନେ ମୁଣ୍ଡରେ ପଗଡ଼ି ହାତରେ ଛଡ଼ି (ବାନା ଲାଗିଥିବା) ବେଶରେ ବୁଲୁଥାଆନ୍ତି । ବଙ୍ଗଳା ପ୍ରଦେଶରେ ଏମାନଙ୍କୁ 'ଛଡ଼ିଦାର' କହନ୍ତି ।

**୩. ଘାଟୁଆ ଗୁମାସ୍ତା-** ପୂର୍ବେ ପୁରୀକୁ ଆସିବାପାଇଁ ୪ଟି ଘାଟ ଥିଲା । ଯାତ୍ରୀମାନେ ଏହି ଘାଟ ପାରିହୋଇ ଶ୍ରୀକ୍ଷେତ୍ରରେ ପ୍ରବେଶ କରୁଥିଲେ । ଯେଉଁ ଗୁମାସ୍ତାମାନେ ଘାଟମାନଙ୍କରେ ରହି ଯାତ୍ରୀ ସଂଗ୍ରହ କରୁଥିଲେ ତାଙ୍କୁ ଘାଟୁଆ ଗୁମାସ୍ତା କୁହାଯାଉଥିଲା । ସଂପ୍ରତି ଘାଟମାନ ଲୋପ ହୋଇଯିବାପରେ ରେଳଷ୍ଟେସନ ଓ ବସ୍‌ଷ୍ଟାଣ୍ଡଗୁଡ଼ିକ ଆଧୁନିକ ଘାଟରେ ପରିଣତ ହୋଇଯିବାରେ ଏହି ଗୁମାସ୍ତାମାନେ ଗାଡ଼ି ସମୟକୁ ଯାଇ ଯାତ୍ରୀମାନଙ୍କୁ ଆଣି ଯାତ୍ରୀପଣ୍ଡାଙ୍କ ନିକଟରେ ପହଞ୍ଚାଇଥାନ୍ତି । ଏମାନଙ୍କ ଦୈନିକ ପାଉଣାକୁ 'ଚିଟା' କହନ୍ତି ।

**୪. ଧୂଳିଆ ଗୁମାସ୍ତା-** ସ୍ୱାଧୀନ ଭାବରେ ଯାତ୍ରୀ ଆଣି ଜୀବିକା ନିର୍ବାହ କରୁଥିବା ବ୍ୟକ୍ତିଙ୍କୁ ଧୂଳିଆ ଗୁମାସ୍ତା କହନ୍ତି । ସେମାନେ ବେଳେ ବେଳେ ଯାତ୍ରୀମାନଙ୍କ ପଛରେ ଧାଇଁ ତାଙ୍କୁ ବୁଝାଇ ଶୁଝାଇ ଶ୍ରୀମନ୍ଦିରକୁ ଆଣନ୍ତି । ଧୂଳିଆ ଦୁଇ ପ୍ରକାର ଥିଲା । ୧. ସିଂହଦ୍ୱାର ଧୂଳିଆ ୨. ଜଗମୋହନ ଧୂଳିଆ । ଆଜିକାଲି ସେହି ନାମର ପରିବର୍ତ୍ତନ ହୋଇ ଯାତ୍ରୀ ପରିଚର୍ଯ୍ୟାକାରୀ ବୋଲି କୁହାଯାଉଅଛି ।

**୫. ସାଥୁଆ ଗୁମାସ୍ତା-** ଯାତ୍ରୀ ରହୁଥିବା ଅଞ୍ଚଳରେ କୌଣସି ବ୍ୟକ୍ତି (ଆଗେ ବ୍ରାହ୍ମଣ, ବା ପୁରୋହିତ) ଯାତ୍ରୀମାନଙ୍କୁ ସଙ୍ଗରେ ଆଣି ଶ୍ରୀକ୍ଷେତ୍ରରେ ଯାତ୍ରୀପଣ୍ଡାଙ୍କ ମାର୍ଫତ୍‌ରେ ପହଞ୍ଚାଉଥିଲେ ତାଙ୍କୁ ସାଥୁଆ ଗୁମାସ୍ତା କହନ୍ତି । କେତେକ ସ୍ଥାନରେ ଏମାନଙ୍କୁ 'ରୋଜଗାରି' କୁହାଯାଏ ।

ଉପର୍ଯ୍ୟୁକ୍ତ ବିବରଣୀରୁ ଜଣାଯାଏ ଯେ, ମହାଯଜ୍ଞ ଭଳି ଶ୍ରୀମହାପ୍ରସାଦ ପ୍ରସ୍ତୁତିର ଯେଭଳି ବିରାଟ ବ୍ୟବସ୍ଥା ଶ୍ରୀମନ୍ଦିରରେ ପ୍ରଚଳିତ ସେହିଭଳି ଯାତ୍ରୀମାନଙ୍କୁ ପୁଣ୍ୟଦାନ କରିବାର ବ୍ୟବସ୍ଥା ଦର୍ଶନ, ଅନ୍ନଦାନ ଓ ମୋକ୍ଷପ୍ରାପ୍ତି ପାଇଁ ମଧ୍ୟ ବିଶାଳ ବ୍ୟବସ୍ଥା । ଏ ସବୁ ବ୍ୟବସ୍ଥା ଦେଖିବା ପରେ ଆମ ପୂର୍ବପୁରୁଷମାନଙ୍କର ବିଚାର ଶକ୍ତି ଓ ମାନସିକ ସୁଖଶାନ୍ତି ଟିକିଏ ସାଧାରଣ ଭକ୍ତଟିଏ କିପରି ଲାଭକରି ପାରିବ ତା'ର ଏକ ମନୋବିଜ୍ଞାନ ଭିତ୍ତିକ ଯୋଜନାକୁ ବିଚାର କରିବା କଥା । ଏହା ମହାପ୍ରଭୁଙ୍କ କରୁଣାରୁ ହିଁ ସମ୍ଭବପର ହୋଇଅଛି । ଯାହାକି କେଉଁ ଅନାଦି କାଳରୁ ଚାଲି ଆସିଅଛି ।

CC-0. In Public Domain. Digtized by Muthulakshmi Research Academy

# ଚତୁର୍ଥ ପରିଚ୍ଛେଦ

# ଶ୍ରୀମହାପ୍ରସାଦରେ ଅମୃତତ୍ୱ

ପୂର୍ବବର୍ଣ୍ଣିତ ବିଷୟରେ ଶ୍ରୀମହାପ୍ରସାଦରେ ଅମୃତତ୍ତ୍ୱ ଭରି ରହିଥିବା କଥା ଉଲ୍ଲେଖ ଅଛି । ଏବେ ଏହି ଅମୃତ ରହିଥିବା କୋଠଭୋଗ କଅଣ ବିଚାର କରିବା ।

## କୋଠଭୋଗ :-

ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଅନୁସାରେ ଦେବତାଙ୍କ ନିକଟରେ ପ୍ରତିଦିନ ଭୋଗ ହେବାପାଇଁ ଖଞ୍ଜାଥିବା ନିର୍ଦ୍ଦିଷ୍ଟ ଭୋଗକୁ କୋଠଭୋଗ କୁହାଯାଏ । ଯେଉଁ ଭୋଗ ଖଞ୍ଜା ନଥାଏ ତାହା କୋଠଭୋଗ ଭାବେ ଗଣାଯାଏ ନାହିଁ, ତାହା ଯଜମାନ ଭୋଗ । ଭିତର ପୋଖରିଆରେ ଯେଉଁ ଭୋଗ ଦିଆଯାଏ ତହିଁ ମଧ୍ୟରେ କୋଠଭୋଗ ବ୍ୟତୀତ ନିର୍ଦ୍ଦିଷ୍ଟ ସ୍ଥାନ ଓ ସମୟରେ ଭୋଗ ଦେବାର ଅଧିକାର ଥିବା ଲୋକଙ୍କର ଛଡ଼ା ଅନ୍ୟ କାହାରିକୁ ଭୋଗ ବାଢ଼ିବାକୁ ଅନୁମତି ଦିଆଯାଏ ନାହିଁ ।

## ଅମୃତମଣୋହିରେ ଅମୃତତ୍ୱ :-

**ଧୂପତ୍ରୟେଽପି ହରୟେ ଯଦନ୍ନମୁପପାଦିତମ୍ ।**
**ତଦନ୍ନମମୃତଂ ଜ୍ଞେୟଂ ତଦ୍‌ଭୁକ୍ତ୍ୱା ମୁକ୍ତିମାପ୍ନୁୟାତ୍ ॥** *(ରୁଦ୍ରଯାମଳ)*

ଶାସ୍ତ୍ର ଅନୁସାରେ ତିନିଗୋଟି ଧୂପରେ ଭଗବାନ ହରିଙ୍କୁ ଯେଉଁ ଅନ୍ନ ପରିବେଷିତ ହୁଏ ସେହି ଅନ୍ନକୁ ଅମୃତ ବୋଲି ଜ୍ଞାନ କରିବ । ଯାହା ଭକ୍ଷଣ କଲେ ନିଶ୍ଚୟ ମୁକ୍ତି ହୋଇଥାଏ । ଏହାହିଁ ଶ୍ରୀମହାପ୍ରସାଦର ଅମୃତତ୍ୱ । ସ୍କନ୍ଦପୁରାଣ ମତରେ ପଣ୍ଡିତାଭିମାନୀ ଯେଉଁ ସମସ୍ତ ମୂଢ ବ୍ୟକ୍ତି, ଅମୃତାୟମାନ ଏହି ଶ୍ରୀମହାପ୍ରସାଦର ନିନ୍ଦା କରନ୍ତି, ସ୍ୱୟଂ ଭଗବାନ ସେହି ଅପରାଧ ସହ୍ୟ କରି ନ ପାରି ସେମାନଙ୍କୁ ଦଣ୍ଡ ଦେଇଥାଆନ୍ତି । ଏଥିରୁ ଶ୍ରୀମହାପ୍ରସାଦ ଅମୃତ ବୋଲି ମଧ୍ୟ ପ୍ରମାଣିତ ହେଉଅଛି ।[୧]

ସମଗ୍ର ବିଶ୍ୱର ପରମାରାଧ୍ୟ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଆଧ୍ୟାତ୍ମିକ ଜଗତର ସର୍ବଶ୍ରେଷ୍ଠ ସ୍ଥାନ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରସ୍ଥ ରତ୍ନସିଂହାସନରେ ବସାଇ ସତ୍ୟଯୁଗର କେଉଁ କାଳରୁ ନିଜ ଦ୍ୱାରା ନିର୍ଦ୍ଦେଶିତ ଓ ପ୍ରଜାପିତା ବ୍ରହ୍ମାଙ୍କ ଦ୍ୱାରା ଆଦିଷ୍ଟ ହୋଇ ତାଙ୍କର ରାଜକୀୟ ବିଧିରେ ପୂଜାର୍ଚ୍ଚନା ବୈଦିକ ବିଧାନ ଅନୁସାରେ ଅନୁସୃତ ହୋଇଆସୁଅଛି । ବେଦମାନଙ୍କ ଦ୍ୱାରା ଗୃହୀତ ହୋଇଥିବା ବୈଦିକ ବିଧାନ ଅନୁସାରେ ଅନୁସୃତ

---

୧. *ନିନ୍ଦନ୍ତି ଯେ ତଦମୃତଂ ମୂଢାଃ ପଣ୍ଡିତମାନିନଃ ।*
*ସ୍ୱୟଂ ଦଣ୍ଡଧରସ୍ତେଷୁ ସହତେ ନାପରାଧିନଃ ॥ (ସ୍କନ୍ଦପୁରାଣ-୩।୮।୧୧-୧୨)*

CC-0. In Public Domain. Digtized by Muthulakshmi Research Academy

ହୋଇଆସୁଥିବା ବିଷୟକୁ ଭଗବାନ୍ ବ୍ୟାସଦେବ ତାଙ୍କର ରଚିତ ଗ୍ରନ୍ଥ 'ମହାପୁରୁଷ ବିଦ୍ୟା'ରେ ଉଲ୍ଲେଖ ନ କରି ରହିପାରିନାହାନ୍ତି ।[୨]

ଅର୍ଥାତ୍ ଶଙ୍ଖାକାର କ୍ଷେତ୍ରମଧ୍ୟରେ ଶତଦଳ କମଳ ଉପରେ ରତ୍ନସିଂହାସନାଧିଷ୍ଠିତ ସର୍ବବିଧ ଅଳଙ୍କାରଯୁକ୍ତ ନୂତନ ମେଘ ସଦୃଶ ସୁନ୍ଦର, ଅଗ୍ରଜ ଶ୍ରୀବଳଭଦ୍ରଙ୍କ ସହ ସଂଯୁକ୍ତ, ଦେବୀ ସୁଭଦ୍ରାଙ୍କର ବାମ ପାର୍ଶ୍ୱରେ ବିଦ୍ୟମାନ, ଚକ୍ରରାଜ ଶ୍ରୀସୁଦର୍ଶନଙ୍କ ସହ ଯୁକ୍ତ, ବ୍ରହ୍ମା, ରୁଦ୍ର ଓ ଇନ୍ଦ୍ରଙ୍କ ଦ୍ୱାରା ବନ୍ଦିତ ବେଦମାନଙ୍କର ସାରତତ୍ତ୍ୱ, ସ୍ୱଜନମାନଙ୍କ ଦ୍ୱାରା ପରିବେଷ୍ଟିତ ସେହି ଈଶ୍ୱର ଶ୍ରୀଦାରୁବ୍ରହ୍ମଙ୍କୁ ମୁଁ ଭଜନ କରୁଅଛି ।

ପୂର୍ବ ଅଧ୍ୟାୟମାନଙ୍କରେ ଆଲୋଚିତ ହୋଇଥିବା ସମସ୍ତ ଶାସ୍ତ୍ରୀୟ ବିଧିବିଧାନରେ ସେହି ଜଗଦୀଶ୍ୱର ମହାପ୍ରଭୁ ପରଂବ୍ରହ୍ମଙ୍କୁ କେବଳ ବେଦସ୍ୱୀକୃତ ଇଷ୍ଟ ହିସାବରେ ନୁହେଁ, ଜନୈକ ସାର୍ବଭୌମ କ୍ଷମତା ସଂପନ୍ନ ରାଜଚକ୍ରବର୍ତ୍ତୀଙ୍କୁ ନାନାବିଧ ଭୋଜ୍ୟ ବସ୍ତୁରେ ଆପ୍ୟାୟିତ କରିବା ଭଳି ସମ୍ରାଟ, ଦେବାଧିରାଜ, ରାଜାଧିରାଜ ଶ୍ରୀଜଗନ୍ନାଥଙ୍କୁ ଅତିମାନବୀୟ ଭାବଧାରାରେ ଉପାସକଗଣ ଉପାସନା କରିଆସୁଛନ୍ତି ।[୩]

ପୂର୍ବରୁ ବର୍ଣ୍ଣନା କରାଯାଇଅଛି ଯେ ପରିଦୃଶ୍ୟମାନ ଶ୍ରୀମନ୍ଦିର ରାଜା ଅନଙ୍ଗଭୀମ ଦେବ ୩ୟଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ସେ ଠାକୁରମାନଙ୍କର ସେବା ପୂଜା ନୀତି, ଭୋଗରାଗର ସୁପରିଚାଳନା ପାଇଁ ଛତିଶା ନିଯୋଗ ସ୍ଥାପନା କଲେ । ସମସ୍ତ ରାଜତ୍ୱର ଅଧିକାର ସେ ଠାକୁରମାନଙ୍କ ନାମରେ ଉତ୍ସର୍ଗ କରିଦେଇ ନିଜେ ଠାକୁରଙ୍କର ରାଉତ ସେବକ ଭାବରେ ରାଜ୍ୟ ଶାସନ କଲେ । ସେହିଦିନଠାରୁ ଶ୍ରୀଜଗନ୍ନାଥ ହିଁ ଏ ରାଇଜର ରାଜା, ରାଜାଧିରାଜ, ସମ୍ରାଟ ବୋଲି ସେ ବିବେଚନା କଲେ । ଶ୍ରୀଜଗନ୍ନାଥ ଜଣ ଦେବତା ନୁହଁନ୍ତି ସେ ଏହି ରାଷ୍ଟ୍ରର ଦେବତା, ଗଣ ଦେବତା ବୋଲି ପ୍ରଚାର କଲେ । ସ୍ୱଳ୍ପ ସଂଖ୍ୟକ ସେବକମାନଙ୍କର ସେବା ଦ୍ୱାରା ଶ୍ରୀଜଗନ୍ନାଥଙ୍କର ଦୈନନ୍ଦିନ ସେବାପୂଜା ନୀତି ଚାଲି ପାରିଥାଆନ୍ତା । ତାହା ନ କରି ସେ ସମ୍ରାଟଙ୍କ ପାଇଁ ଯେଭଳି ଜଣ ସେବକ ପରିବର୍ତ୍ତେ ଗଣସେବକଙ୍କର ଆବଶ୍ୟକତା ପଡ଼େ ସେହିଭଳି ଅଧିକ ସେବକର ସେବା

---

୨. *ନୀଳାଦ୍ରୌଶଙ୍ଖମଧ୍ୟେ ଶତଦଳକମଳେ ରତ୍ନସିଂହାସନସ୍ଥଂ ।*
*ସର୍ବାଳଙ୍କାରଯୁକ୍ତଂ ନବଘନରୁଚିରଂ ସଂଯୁତଂଚାଗ୍ରଜେନ ॥*
*ଭଦ୍ରାୟା ବାମଭାଗେ ରଥଚରଣଯୁତଂ ବ୍ରହ୍ମରୁଦ୍ରେନ୍ଦ୍ରବନ୍ଦ୍ୟଂ ।*
*ବେଦାନାଂସାରମୀଂଶ ସ୍ୱଜନପରିବୃତଂ ବ୍ରହ୍ମଦାରୁଂ ଭଜେଽହମ୍ ॥ (ମ.ବି-୯।୩୨)*

୩. *ସର୍ବେଷାଂ ଚୈବ କ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମଃ ।*
*ସର୍ବେଷାଂ ଚୈବ ଦେବାନାଂ ରାଜା ଶ୍ରୀପୁରୁଷୋତ୍ତମଃ । (କପିଳ ସଂହିତା-୫।୩୯)*
*'ସେ କମ୍ବୁକଟକ ରାଜା ନାମ ଜଗନ୍ନାଥ,*
*ଚାରିବର୍ଣ୍ଣେ ଚତୁବର୍ଗ ଦେବାକୁ ସମର୍ଥ ହେ' (କୋ.ବ୍ର.ସୁ-୧।୧୬)*
*'ଦାସ ବସଳ ଶୂନ୍ୟ ଠୁଳକାୟେ,*
*ଆପଣେ ଓଡ଼ିଶାରେ ରାଜା ହୋଇ' (ଜଗନ୍ନାଥ ସ୍ତବ)*

CC-0. In Public Domain. Digitized by Muthulakshmi Research Academy

ବ୍ୟବସ୍ଥା ଓ ସେହି ସେବାକୁ ଅଧିକ ଶୃଙ୍ଖଳିତ କରିବାପାଇଁ ଛତିଶା ନିଯୋଗ ସୃଷ୍ଟି କଲେ । 'ନିଯୋଗ' ଶବ୍ଦର ଅର୍ଥ ସେବାରେ ନିଯୁକ୍ତ କରିବା ଓ ତାହାକୁ ନିୟନ୍ତ୍ରିତ କରିବା । ସେହି ଦିନଠାରୁ ସେବା ସୁପରିଚାଳନାର ଦାୟିତ୍ୱ ରାଜା ଅନଙ୍ଗଭୀମ ଦେବ ବିଭିନ୍ନ ନିଯୋଗମାନଙ୍କୁ ଦେଲେ । ମାଦଳା ପାଞ୍ଜି ଅନୁସାରେ 'ଅନଙ୍ଗଭୀମ ଦେବ ଓ ପୁରୁଷୋତ୍ତମ ଦେବ ମଧ୍ୟ ରାଜା ୨ଅଙ୍କ ଅଭିଷେକ ନହେଲେ । ଓଡ଼ିଶା ରାଜ୍ୟ ରାଜା ଶ୍ରୀଜଗନ୍ନାଥ ମହାପ୍ରଭୁ ଏମନ୍ତ କହି ଅଭିଷେକ ନୋହିଲେ । ଶ୍ରୀଜଗନ୍ନାଥ ଦେବଙ୍କୁ ସମସ୍ତ ସମର୍ପି ରାଉତ ପଣେ ଥାଆନ୍ତି'.... ରାଜା ଅନଙ୍ଗଭୀମ ଦେବ...'ଏ ରାଜା ଛତିଶା ନିଯୋଗ ଭିଆଇଲେ'... 'ତ୍ରିବିଧ ପ୍ରମାଣେ ଭୋଗ ଭିଆଇଲେ' ।[୪]

**କୋଠଭୋଗର ପ୍ରଚଳନ**-ରାଜାମାନଙ୍କ ମଧ୍ୟରେ ଜଣେ ସମ୍ରାଟଙ୍କ ଭଳି ଶ୍ରୀଜଗନ୍ନାଥ ମଧ୍ୟ ଦେବତାମାନଙ୍କର ସମ୍ରାଟ ଓ ତାଙ୍କ ନିକଟରେ ବିଭିନ୍ନ ଅନ୍ନବ୍ୟଞ୍ଜନ ଭୋଗ ଲାଗିବାପାଇଁ ବିଭିନ୍ନ ଦ୍ରବ୍ୟ ପ୍ରଚଳନ କରାଗଲା ଯାହାକି କୋଠଭୋଗ ନାମରେ ପରିଚିତ । ଭୋଗର ପରିମାଣ, ଭୋଗ ଦ୍ରବ୍ୟ ସଂଖ୍ୟା ଓ ଭୋଗ କାର୍ଯ୍ୟରେ ନିଯୁକ୍ତ ସେବକମାନଙ୍କର ବ୍ୟାପକତା ଓ ବିଶାଳତା ହିଁ ଶ୍ରୀଜଗନ୍ନାଥଙ୍କୁ ଦେବତାମାନଙ୍କ ମଧ୍ୟରେ ରାଜା ବୋଲି କପିଳ ସଂହିତା ବର୍ଣ୍ଣନା କରିଥିବା କଥାକୁ ଦୃଢ଼ୀଭୂତ କରିଅଛି । ଶ୍ରୀଜଗନ୍ନାଥଙ୍କର ଏଭଳି ବିଶାଳ ଭୋଗ ବ୍ୟବସ୍ଥା ହିଁ ତତ୍କାଳୀନ ରାଜା ମହାରାଜାଙ୍କ ଆର୍ଥିକ ସ୍ଥିତିର ପରିଚୟ ଦିଏ ।

## ଅମୃତ ମଣୋହିର ପରିଭାଷା :-

ଶ୍ରୀଜଗନ୍ନାଥଙ୍କ ଉପାସନାରେ ନୈବେଦ୍ୟ ସ୍ୱରୂପ ବିବିଧ ଅନ୍ନ ବ୍ୟଞ୍ଜନ, ସୁମିଷ୍ଟ ପିଷ୍ଟକାଦି ମଣୋହି କରାଯାଇଥାଏ । 'ମଣୋହି' ଶବ୍ଦ ସାଧାରଣତଃ ଦେବତା ବା ରାଜପୁରୁଷ ମାନଙ୍କର ଭୋଜନ ବିଶେଷକୁ କୁହାଯାଇଥାଏ । 'ଯଥା 'ମଣୋହି'କୁ ଆସିବା ହେଉ' । ଅର୍ଥାତ୍ ଭୋଜନ କରିବାପାଇଁ ଆସନ୍ତୁ । ପ୍ରତିଦିନ ଶ୍ରୀମନ୍ଦିରରେ ଗୋପାଳବଲ୍ଲଭ ଭୋଗଠାରୁ ବଡ଼ସିଂହାର ଭୋଗ ପର୍ଯ୍ୟନ୍ତ, ସ୍ନାନପୂର୍ଣ୍ଣିମା ଦିନ ସ୍ନାନମଣ୍ଡପରେ, ରଥଯାତ୍ରା ଅବସରରେ, ଗୁଣ୍ଡିଚା ମନ୍ଦିରରେ, ରଥ ଉପରେ ଶ୍ରୀବିଗ୍ରହମାନଙ୍କୁ ଓ ବିଭିନ୍ନ ପର୍ବଯାତ୍ରାମାନଙ୍କରେ ମହାପ୍ରଭୁଙ୍କ ପ୍ରତିନିଧିତ୍ୱ କରୁଥିବା ଉତ୍ସବ ବିଗ୍ରହମାନଙ୍କୁ ଯେଉଁ ନୈବେଦ୍ୟ ସମର୍ପିତ କରାଯାଇଥାଏ ତାହାକୁ 'ମଣୋହି' ହେବା କୁହାଯାଏ । ସେହି ମଣୋହି ସମୟରେ ମହାପ୍ରଭୁଙ୍କ ଅମୃତ ଦୃଷ୍ଟି ଫଳରେ ନୈବେଦ୍ୟ ସ୍ୱତଃ 'ଅମୃତ'ରେ ପରିଣତ ହୋଇଯାଏ । ତେଣୁ ତାକୁ ଅମୃତମଣୋହି ଭୋଗ କୁହାଯାଏ । ଶ୍ରୀଜଗନ୍ନାଥଙ୍କ ନିମନ୍ତେ ଅର୍ପିତ ନୈବେଦ୍ୟ ଓ ଉକ୍ତ ନୈବେଦ୍ୟ ନିମନ୍ତେ ଉତ୍ସର୍ଗୀକୃତ ଭୂସଂପତ୍ତିକୁ

---

୪. *(ସଂଗୃହୀତ ମାଦଳାପାଞ୍ଜି ରାଜଭୋଗ ଇତିହାସ-ପୃ. ୨୭,୩୨,୩୩ (୨ୟ ସଂସ୍କରଣ), ସଂକଳିତ ରାୟ ସାହେବ ଆର୍ତ୍ତବଲ୍ଲଭ ମହାନ୍ତି ।)*

CC-0. In Public Domain. Digtized by Muthulakshmi Research Academy

ଅମୃତମଣୋହି ସମ୍ପତ୍ତି କୁହାଯାଏ । ଦେବଦେବୀଙ୍କ ଖାଦ୍ୟ ଅମୃତୋପମ ବୋଲି କଳ୍ପିତ । ଏଣୁ ପୂଜାରେ କୁହାଯାଏ ''ଅମୃତ ନୈବେଦ୍ୟଂ ସ୍ୱାହା'' । ପ୍ରାଚୀନ ସାହିତ୍ୟରେ ଉତ୍କୃଷ୍ଟ ଖାଦ୍ୟର ସମ୍ଭାରକୁ ଅମୃତ ଯୋଗାଡ଼ କୁହାଯାଇଅଛି । ଗଙ୍ଗବଂଶକାଳୀନ ଶିଳାଲେଖରେ ଅମୃତମଣୋହିର ପ୍ରୟୋଗ ପରିଦୃଷ୍ଟ (ଦ୍ର- Inscription of Orissa Vol.V, Part-II, P.563) । କର୍ମାଙ୍ଗୀର ଅମୃତ ପରଷା ନିଯୋଗ । ଛତିଶା ନିଯୋଗ ପ୍ରସଙ୍ଗରେ ଅମୃତମଣୋହି ଖଟିବା ବିଶୋଇ ଏ କ୍ଷେତ୍ରରେ ସ୍ମରଣୀୟ ।[୫]

ପୂର୍ବ ବର୍ଣ୍ଣିତ ବିଷୟ ମତେ ଶ୍ରୀମନ୍ଦିରରେ ପ୍ରତିଦିନ ଯେଉଁ 'ଅନ୍ନଯଜ୍ଞ' ହୁଏ ତାହାର ଫଳ ହିଁ ଅମୃତ । ଅମୃତତ୍ତ୍ୱର ଅର୍ଥ ଅମରତ୍ୱ । ଯେଉଁ ଅନ୍ନବ୍ରହ୍ମକୁ ଜୀବବ୍ରହ୍ମ ପାଇବାପରେ ସ୍ୱୟଂ ପରଂବ୍ରହ୍ମଙ୍କ ସହିତ ଏକାକାର ହୋଇଯାଏ ସେହି ଅନ୍ନ ହିଁ ତ ଅମୃତ । ଭଗବଦୁଚ୍ଛିଷ୍ଟ ଅମୃତ ମଣୋହିରୁ କଣିକାଏ ପାଇଲେ ନିଶ୍ଚୟ ମୁକ୍ତିଲାଭ ହୁଏ ବୋଲି ଶାସ୍ତ୍ରମାନଙ୍କରେ ବର୍ଣ୍ଣନା ଅଛି । ତାହାହିଁ ଆମ୍ଭମାନଙ୍କର ଦୃଢ଼ ଆସ୍ଥା ଓ ବିଶ୍ୱାସ । ମନୁଷ୍ୟ କାହିଁକି ଦେବଦେବୀ, ପିତୃପୁରୁଷ, ଜୀବଜନ୍ତୁ, ପଶୁପକ୍ଷୀମାନେ ମଧ୍ୟ ସେହି 'ଅମୃତ' ମଣୋହି ଶ୍ରୀମହାପ୍ରସାଦରୁ ଟିକିଏ ହେଉ ପଛେ ତାହା ପାଇବାପାଇଁ ଲୋଲୁପ ଦୃଷ୍ଟିରେ ଅପେକ୍ଷାରତ ଥାଆନ୍ତି । ସେଇଥିପାଇଁ ସମସ୍ତଙ୍କ ଆନନ୍ଦ ଓ ତୃପ୍ତିପାଇଁ ଅମୃତ ମଣୋହି ଭୋଗ ଖଞ୍ଜା ହୋଇ ଅଛି ଓ ଏହି ଭୋଗ ଯେପରି ଖଣ୍ଡିତ ନହୁଏ ସେଥିପାଇଁ ତୀକ୍ଷ୍ଣ ଦୃଷ୍ଟି ଦିଆଯାଇଥାଏ ।

ଶ୍ରୀଜଗନ୍ନାଥଙ୍କ ଉପାସନାରେ ରତ୍ନସିଂହାସନ ତଳେ ଯେଉଁ ଦ୍ରବ୍ୟ ସମର୍ପିତ ହୋଇଥାଏ, ସେଥିରୁ ସକାଳଧୂପ, ଦ୍ୱିପ୍ରହର ବା ମଧ୍ୟାହ୍ନ ଧୂପ ଓ ସଂଧ୍ୟାଧୂପ ଷୋଡ଼ଶୋପଚାର ବିଧିରେ (ଯଥା:- ୧. ଆସନ, ୨. ସ୍ୱାଗତ, ୩. ପାଦ୍ୟ, ୪. ଅର୍ଘ୍ୟ, ୫. ଆବାହନ, ୬. ମଧୁପର୍କ, ୭. ଆଚମନ, ୮. ସ୍ନାନ, ୯. ବସନ, ୧୦. ଆଭରଣ, ୧୧. ସୁଗନ୍ଧ, ୧୨. ପୁଷ୍ପ, ୧୩. ଧୂପ, ୧୪. ଦୀପ, ୧୫. ନୈବେଦ୍ୟ, ୧୬. ବନ୍ଦନା ଦ୍ୱାରା) ପୂଜା କରାଯାଇଥାଏ । ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ସ୍ନାନ ମଣ୍ଡପରେ, ରଥଯାତ୍ରା ଓ ବାହୁଡ଼ା ବିଜେ ଦିନମାନଙ୍କରେ ଗୋଟିଏ ଭୋଗ ହୋଇ କେବଳ ଷୋଡ଼ଶୋପଚାରରେ ଧୂପ, ରଥ ଉପରେ, ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀମନ୍ଦିରଭଳି ବିଧିବିଧାନରେ ପୂଜାର୍ଚ୍ଚନା କରାଯାଏ । ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ଅନୁସାରେ ପ୍ଲଟ ନମ୍ବର ଅଣସର ଓ ବଲ୍ଲଭ ପିଣ୍ଡିରେ ଗୋପାଳ ବଲ୍ଲଭ ଭୋଗ, ରତ୍ନସିଂହାସନ ତଳେ ବଡ଼ସିଂହାର ଭୋଗ, ଭୋଗମଣ୍ଡପରେ ଭୋଗ, ଯାନିଯାତ୍ରା ସମୟରେ ପନ୍ତିଭୋଗ ଆଦି ସମସ୍ତ ପଞ୍ଚୋପଚାର (ଗନ୍ଧ, ପୁଷ୍ପ, ଧୂପ, ଦୀପ ଓ ନୈବେଦ୍ୟ) ବିଧିରେ ପୂଜାର୍ଚ୍ଚନା କରାଯାଇଥାଏ । ଶ୍ରୀଜୀଉମାନଙ୍କୁ ସମର୍ପିତ ଭୋଗମଣ୍ଡପ ବା ଭଅଣ୍ଡ ଭୋଗ ବ୍ୟତୀତ ଅନ୍ୟ ସମସ୍ତ ଭୋଗ ଅମୃତ ମଣୋହି ଖଞ୍ଜା ଭୋଗ । ସକାଳ ଧୂପ ଭୋଗକୁ ରାଜଭୋଗ,

୫. ସଂଗୃହୀତ- ପୁରୀ ବୋଲି, ଲେ-ଡକ୍ଟର ସିଦ୍ଧେଶ୍ୱର ମହାପାତ୍ର-ପୃ ୩୧୩-୩୧୪)

CC-0. In Public Domain. Digtized by Muthulakshmi Research Academy

ସରକାରୀ ଭୋଗ ବା କୋଠଭୋଗ କୁହାଯାଏ । ଏହି ଅମୃତ ମଣୋହି ଭୋଗ ପୂର୍ବେ ରାଜା ମହାରାଜା, ମଠବାଡ଼ି, ରାଜା ସୁପରିଟେଣ୍ଡେଣ୍ଟ, ଜମିଦାରମାନେ ଯୋଗାଉଥିଲେ । ବର୍ତ୍ତମାନ ଶ୍ରୀମନ୍ଦିର ପ୍ରଶାସନ ଯୋଗାଇ ଆସୁଅଛି । କେଉଁ କେଉଁ ସେବକଙ୍କର ଦୈନନ୍ଦିନ ନୀତି, ବିଶେଷ ନୀତି ଓ ପର୍ବଯାତ୍ରାମାନଙ୍କରେ କି କି ସେବା ଓ କୋଠଭୋଗର ବିଭିନ୍ନ ଦିନମାନଙ୍କରେ ହେଉଥିବା ନୈବେଦ୍ୟର ଏକ ସଂଗୃହୀତ ବିବରଣୀ ନିମ୍ନରେ ପ୍ରଦତ୍ତ ହୋଇଅଛି ।

ଏହି ସନ୍ଦର୍ଭରେ ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ ୧ମ ସ୍ତବକରେ ଶ୍ରୀ ସୂର୍ଯ୍ୟନାରାୟଣ ଦାଶଙ୍କ ଦ୍ୱାରା ଲିଖିତ 'ଶ୍ରୀଜଗନ୍ନାଥଙ୍କ ଦୈନିକ ନୀତି ଓ ଛପନ ଭୋଗ' ଶୀର୍ଷକ ପ୍ରବନ୍ଧରେ ବିଭିନ୍ନ ଭୋଗର ଦ୍ରବ୍ୟାବଳୀ ତାଲିକା ଶ୍ରୀ ଗୋପୀନାଥ ମହାପାତ୍ର 'The Land of Vishnu' ପୁସ୍ତକରୁ ସଂଗୃହୀତ ୧୯୧୦ ମସିହାର ଏକ ଭୋଗ ତାଲିକା ଓ ୧ମ ସ୍ତବକଟି ଛପା ହେବା ବେଳକୁ ୧୯୮୬ ମସିହାର ଭୋଗ ତାଲିକା ସହ ୫୬ ଭୋଗର ଏକ ବିବରଣୀ ଏଠାରେ ପ୍ରଦତ୍ତ ହୋଇଅଛି । ବର୍ତ୍ତମାନ ୨୦୧୨ ମସିହାରେ ପ୍ରଚଳିତ ଦୈନନ୍ଦିନ ଓ ବିଶେଷ ଦିନ ସହ ପର୍ବପର୍ବାଣି ଭୋଗ ତାଲିକା ଶ୍ରୀ ହରେକୃଷ୍ଣ ପ୍ରତିହାରୀ (ବିଶିଷ୍ଟ ସୂପକାର)ଙ୍କ ଠାରୁ ସଂଗୃହୀତ ହୋଇ ତାହା ମଧ୍ୟ ନିମ୍ନରେ ପ୍ରଦତ୍ତ ହେଲା ।

## କୋଠଭୋଗମାନଙ୍କରେ ସମର୍ପିତ ହେଉଥିବା ନୈବେଦ୍ୟ :-

### *୨୦୧୨ (ବର୍ତ୍ତମାନ) ବେଳର "ଗୋପାଳବଲ୍ଲଭ"*

ଭିତରପୋଖରିଆ, ଅଣସରପିଣ୍ଡି, ଭିତରକାଠ ଠାରୁ ଜୟବିଜୟ ଦ୍ୱାର ଭିତର ପର୍ଯ୍ୟନ୍ତ ଶୋଧ ହୋଇଥାଏ । ଅଣସର ପିଣ୍ଡିରେ ପାଣି ପଡ଼ିଲେ ଆନନ୍ଦବଜାରସ୍ଥ ବଲ୍ଲଭ ଘରେ ପ୍ରସ୍ତୁତ ହୋଇଥିବା ଖଇପାଗ ଓ କୋରାକୁ ବଡୁ ସେବକ ବାଘମୁହାଁ ବାନ୍ଧି ଆଣି ଭିତର କାଠ ପାଖରେ ରଖିବ । ବଲ୍ଲଭ ପିଣ୍ଡିରେ ଚାରିଥାଳି ପଡ଼ି ପାଳିଆ ମହାସୁଆର ଦ୍ୱାରା ଥାଳି ଓ ପିଙ୍ଗଣରେ, ଖଇପାଗ, କୋରା ସହ ବିଭିନ୍ନ ଫଳ, ସର, ଖୁଆମଣ୍ଡା, ଦହି, ମାଖନ ଇତ୍ୟାଦି ପନ୍ତୀରେ ବଢ଼ାଯିବ । ଶ୍ରୀମନ୍ଦିର କାର୍ଯ୍ୟାଳୟର ରେକର୍ଡ଼ ମୁତାବକ ସମ୍ପ୍ରତି ବଲ୍ଲଭ ଭୋଗରେ ପୂଜା ପାଉଥିବା ବିଭିନ୍ନ ଭୋଗ ସାମଗ୍ରୀ ମଧ୍ୟରେ ସାନ ନଡ଼ିଆକୋରା-୨୨୮ଟି, ବଡ଼ ନଡ଼ିଆକୋରା-୨୯ଟି, ପାଗଖଇ ୪୪ ଓଳି, ପାଚିଲା କଦଳୀ- ୩ ସରା ୭ମୂର୍ତ୍ତି, ପାତି ବା ଖୁଦି ନଡ଼ିଆ- ୩ ସରା, ଦହି- ୪ ବଢ଼ା (ପ୍ରାୟ ୪୦୦ ଗ୍ରାମ), ପୁରୀର ଜଗନ୍ନାଥ ବଲ୍ଲଭ ମଠ, ରାଘବ ଦାସ ମଠ, ଓଡ଼ିଆ ମଠ ମାନେ ଏହି ବଲ୍ଲଭ ଭୋଗ ଯୋଗାଉ ଥିବାର ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ଉଲ୍ଲେଖ ଅଛି । ମଠମାନଙ୍କରୁ ଆସିଥିବା ଖଇ, କୋରା, ଫଳ ମଧ୍ୟ ପୂଜା ବେଳେ ଲାଗିବ । ପୂଜାପଣ୍ଡା ତିନିଜଣ ଗନ୍ଧ, ପୁଷ୍ପ, ଧୂପ, ଦୀପ ଓ ନୈବେଦ୍ୟ ସମର୍ପଣ ଦ୍ୱାରା ପଞ୍ଚୋପଚାର ପୂଜାରେ ଚାରିବାଡ଼ି ଭୋଗ ସମର୍ପଣ କରିବେ ।

CC-0. In Public Domain. Digitized by Muthulakshmi Research Academy

ପ୍ରତିଦିନ ସକାଳ ଧୂପ ଉଠିବା ପୂର୍ବରୁ ପ୍ରଥମେ ଭିତର କାଠରେ ଟେରା ବନ୍ଧାଯାଏ । ସୁଆରବଡୁ ଭିତର ପୋଖରିଆ ଠାରୁ ଭିତର କାଠ ଅର୍ଗଳି ପର୍ଯ୍ୟନ୍ତ ପାଣି ପକାଇ ଧୁଏ । ଦୁଇଥର ଏ ପରି ଧୁଆଯିବା ପରେ ସୁଆରବଡୁ ଚାରିବାଡ଼ରେ ଥାଳି ପକାନ୍ତି । ପୂଜାପଣ୍ଡା, ଥାଳି ବାହାରେ ପୂର୍ବ ପରିଚ୍ଛେଦମାନଙ୍କରେ ବର୍ଣ୍ଣିତ ଭୈରବୀଚକ୍ର ବା ମଣ୍ଡଳ ପାଇଁ ମୁରୁଜ ପକାନ୍ତି । ମୁରୁଜ ବାହାରେ ନୈବେଦ୍ୟ ରହିଲେ ଶଙ୍ଖୁଡ଼ି ବୋଲି ଧରାଯାଏ । ପ୍ରତିହାରୀ ସେବକ ଭିତର ଟେରା ବାନ୍ଧି ପ୍ରଧାନୀ ସେବକ ସହ ଶ୍ରୀଛାମୁରେ ଜଣାଇ ରୋଷକୁ ଭୋଗ ଡାକି ଯାଆନ୍ତି । ଭୋଗ ଆଗରେ ପ୍ରଧାନୀ ଆସନ୍ତି । ତା'ପରେ ପ୍ରତିହାରୀ ଓ ଭୋଗ ଆସେ । ଏହିଭଳି ପ୍ରତ୍ୟେକ ଧୂପରେ ଭୋଗ ଡକାଯିବା ପାଇଁ ପ୍ରତିହାରୀ ରୋଷକୁ ଯାଇଥାଆନ୍ତି ।

## ଶହେ ବର୍ଷର କୋଠଭୋଗର ତୁଳନାତ୍ମକ ବିବରଣୀ:-

### ସକାଳ ଧୂପ ଭୋଗ ଓ ସମ୍ବନ୍ଧିତ ସୂପକାର ସେବକ

***୧୯୧୦ ବେଳର ଦ୍ରବ୍ୟାବଳୀ-***ବଡ଼କାନ୍ତି, ମାଠପୁଳି, ସାନକାନ୍ତି, ଚାନ୍ଦମୋଟା ପୁଳି, ହଂସକେଳି, କାକତୁଆ ଝିଲି, ଅଦା ପାଚେଡ଼ି, ଶାଗ, ଏଣ୍ଡୁରୀ, ଥାଳି ଖେଚେଡ଼ି, ନୁଖୁରା ଖେଚେଡ଼ି, ଓଳି ଖେଚେଡ଼ି, ସାନ ଓଳି ଖେଚେଡ଼ି, କାନିକା, ପୁଳି, ବୁନ୍ଦିଆ ଓ କ୍ଷିରୀ ।

***୧୯୮୬ ବେଳର ଦ୍ରବ୍ୟାବଳୀ-*** ବଡ଼କାନ୍ତି, କାନିକା, ତାଟ ଖେଚିଡ଼ି, ନୁଖୁରା ଖେଚେଡ଼ି, ମେଣ୍ଢାମୁଣ୍ଡିଆ, ସାନକାନ୍ତି, ମୋଟାପୁଳି, ଚାନ୍ଦମୋଟା ପୁଳି, ଝିଲି, ହଂସପୁଳି, ପିଠାପୁଳି, ଚାନ୍ଦପୁଳି, ଅଦାପାଚେଡ଼ି, ଏଣ୍ଡୁରୀ, ଶାଗ ଭଜା ।

***୨୦୧୨ (ବର୍ତ୍ତମାନ) ବେଳର ଦ୍ରବ୍ୟାବଳୀ-***

*ଅନ୍ନରନ୍ଧାପାଇଁ-*ଥାଳିସୁଆର ଓ ତୁଣ ସୁଆର ସେବକ ।

*ଛେକନେବାପାଇଁ-*ପ୍ରଥମେ ଚନ୍ଦ୍ରକାନ୍ତି ମହାସୁଆର ଓ ପରେ ପନ୍ତିବଡୁ, ବିଡୁଆ ପନ୍ତୀବଡୁ, ତୋଳାବଡୁ ଓ ବେହେରା ପନ୍ତୀବଡୁ ସେବକ ।

***ରନ୍ଧନ ଦ୍ରବ୍ୟ ଓ ପରିମାଣ-***

| | | |
|---|---|---|
| ଢଳାକୁଡ଼ିଆ ଖେଚେଡ଼ି ୪ଥାଳି ଓ ପାଞ୍ଚ ବାଡ଼ ପାଇଁ | - | ୧୪ଟା |
| ରଜାଘର ତାଟ ଢଳାକୁଡ଼ିଆ | - | ୩ଟା |
| ପାଳିଆ ମଜୁରୀ ଢଳାକୁଡ଼ିଆ(ପନ୍ତୀବଡୁ, ବିଡୁଆ, ପ୍ରଧାନୀ) | - | ୩ଟା |
| ଖେଚେଡି (ନୁଖୁରା) ଢଳାକୁଡ଼ିଆ | - | ୪ଟା |
| ଖେଚିଡ଼ି (ନୁଖୁରା) ଢଳାକୁଡ଼ିଆ | - | ୧ଟା |

CC-0. In Public Domain. Digtized by Muthulakshmi Research Academy

| | | |
|---|---|---|
| ଚକ ଓଳି ଖେଚେଡ଼ି | - | ୯ଟା |
| ରଜାଘର ତାଟ କାନିକା ଚକାନମ୍ବରୀ | - | ୩ଟା |
| ଅଧାକାନିକା ଚକାନମ୍ବରୀ | - | ୨ଟା |
| ମେଣ୍ଢାମୁଣ୍ଡିଆ ଖେଚେଡ଼ି ଚକଓଳି | - | ୧ଟା |
| ମଙ୍ଗଳା ମା'ଙ୍କ ଖେଚେଡ଼ି ଅଙ୍ଗାସ | - | ୨ଓଳି |
| ଶାଗ | - | ୫ଓଳି |

*ପିଠା ଜାତୀୟ ରନ୍ଧାପାଇଁ-* ପିଠାସୁଆର, ଚଣାପୁଆ, ପାଗୁଆ, ବିଣ୍ଡୁଆ ।

*ରନ୍ଧନ ପିଠା ଓ ପରିମାଣ-*

| | | | | |
|---|---|---|---|---|
| ବଡ଼କାନ୍ତି | - | ୫ସରା | - | ୧୦ପଟ |
| ସାନକାନ୍ତି | - | ୩ସରା | - | ୧୨ପଟ |
| ହଂସକେଳି | - | ସରା | - | ୨ଟା |
| ପୁଳିପିଠା | - | ସରା | - | ୪ଟା |
| କାକତୁଆ ଝିଲି | | | - | ୪ଟା |
| ଚଣ୍ଡପିଠା | | | - | ୯ଟା |
| ମାଠପୁଳି | | | - | ୬ଟା |
| ଏଣ୍ଡୁରୀ | | | - | ୬ଟା |
| ଅଦା ପାଚେଡି (କଟାସରା) | | | - | ୩ଟା |
| ପରିବା ଭଜା | | | - | ୧ସରା |

## ମଧ୍ୟାହ୍ନ ଧୂପର ଦ୍ରବ୍ୟାବଳୀ

***୧୯୧୦ ବେଳର-***ସୁଆର ଆରିସା, ଧଉଳା, ପଶୁପାଳକ ଧଉଳା, ସାନ ଆରିସା, ବଡ଼ ଆରିସା, ସାନ ଧଉଳା, ବଡ଼ ଧଉଳା, ତିପୁରି, ତଟାନାଡ଼ି, ତଟା ମଞ୍ଚରା, ବଡ଼ କାକରା, ମରିଚି ଲଡୁ, ବଡ଼ନାଡ଼ି, ଘିଅନାଡ଼ି, ବଡ଼ ପିଠା, ସାନ ପିଠା, ସରପଣା, ମୁଗମରିଚା, ବଡ଼ିଖୁରିସା, ଅମୃତଦୁଗ୍ଧ, ଥାଳିଅନ୍ନ, କଦମ୍ବ, ଅଂଶବାସ, ସୁବାସ ପଖାଳ, ସାକରା, ସାନଗଜା, ବଡ଼ଗଜା ।

***୧୯୮୬ ବେଳର-***ମରିଚ ଲଡୁ, ସାନ ପିଠା, ବଡ଼ା, ନିଯୋଗ ପିଠା, ବଡ଼ ଆରିସା, ସାନ ଆରିସା, ପଖାଳ, ଓଡ଼ିଆ କଦମ୍ବ, ବୁନ୍ଦିଆ କ୍ଷିରୀ, ତଟା ମନୋହରା, ଭଜା, ପିଠା, ମୋଟାପୁଳି, ପଶୁପାଳକ ଆରିସା, ତିପୁରି ସାକରା, ସୁଜିଖୀରି, ମୁଗସିଝା, ମନୋହର, ଥାଳିପକା, ପଣା ।

CC-0. In Public Domain. Digtized by Muthulakshmi Research Academy

*୨୦୧୨ (ବର୍ତ୍ତମାନ) ବେଳର ଦ୍ରବ୍ୟାବଳୀ-*

*ଅନ୍ନ ରନ୍ଧା ପାଇଁ-* ଥାଳିସୁଆର ଓ ତୁଣ ସୁଆର

*ଛେକ ନେବାପାଇଁ-*ପନ୍ତୀବଡୁ, ବିଡୁଆ ଓ ବେହେରା ପନ୍ତୀବଡୁ ସେବକ

*ରନ୍ଧନ ଦ୍ରବ୍ୟ ଓ ପରିମାଣ-*

| | | |
|---|---|---|
| ଓରିଆ ଅନ୍ନ ୪ଥାଳି ୫ବାଡ଼ ପାଇଁ | - | ୧୫କୁଡ଼ିଆ |
| ଓରିଆ ଅନ୍ନ ଚକଓଳି | - | ୧୨ଟା |
| ଭଜାମୁଗ ଡାଲି ଚକଓଳି | - | ୪ଟା |
| ମରିଚିପାଣି ଚକଓଳି | - | ୫ଟା |
| କଡ଼ମ୍ବା ଚକଓଳି | - | ୭ଟା |
| କଡ଼ମ୍ବା ଚକାନମ୍ବରୀ | - | ୨ଟା |
| ପଣା (ଚକଓଳି) | - | ୫ଟା |
| ସୁଜିଖିରୀ ଚକଓଳି | - | ୧ଟା |
| ବଡ଼ି ଖିରିସା ଚକଓଳି | - | ୧ଟା |
| ସୁବାସିତ ପଖାଳ ଚକଓଳି | - | ୧୧ଟା |
| ସାଧା ପଖାଳ ଚକଓଳି | - | ୬ଟା |

*ପିଠା ଜାତୀୟ ରନ୍ଧାପାଇଁ-*ପିଠାସୁଆର, ଚଣାପୁଆ, ପାଗୁଆ, ବିଣ୍ଡୁଆ ଓ ଅମାଳୁସୁଆର ।

*ଛେକ ନେବାପାଇଁ-*ତୋଳାବଡୁ (ପର୍ବଯାତ୍ରା ଦିନରେ ପାଳିଆ ମହାସୁଆର)

*ରନ୍ଧନ ଦ୍ରବ୍ୟ ଓ ପରିମାଣ-*

| | | |
|---|---|---|
| ପୁଳି ପିଠା | - | ୪ଟା |
| ମାଠପୁଳି | - | ୧୭ଟା |
| ଗୋଲପଟ ପିଠା | - | ୨୧ଟା |
| ଜେନାମଣି ପିଠା(୧୨ପଟ) | - | ୩ସରା |
| ପୁରଦିଆ ବିରିବଡ଼ା(ବଡ଼ସାନ) | - | ୧୮ଟା |
| ଗୋଟାଳି | - | ୧୦ଟା |
| ବିରିପିଠା (୫ପଟିଆ) | - | ୯ଟା |
| ବଡି ଚକଓଳି | - | ୫ଟା |
| ତ୍ରିପୁରୀ | - | ୫ଟା |
| ଫେଣି | - | ୧ସରା |
| ବୁନ୍ଦିଆ | - | ୧ସରା |
| କାକେରା ବଡ଼ | - | ୩ଟା |

CC-0. In Public Domain. Digtized by Muthulakshmi Research Academy

| | | |
|---|---|---|
| କାକେରା ସାନ | - | ୧୨ଟା |
| ଲଡୁ (ମରିଚି) | - | ୫୦ଟା |
| ଲଡୁ (ମନୋହର) | - | ୩୪ଟା |
| ଲଡୁ (ଡାଟ ମନୋହର) | - | ୮ଟା |
| ଲଡୁ (ଧଉଳା) | - | ୯ଟା |
| ଲଡୁ (ଖରଚୁଳ) | - | ୧ଟା |
| ଆରିସା (ବଡ଼/ସାନ ପାଗ ଆରିସା) | - | ୯ଟା |
| ଆରିସା (ବଡ଼/ସାନ ପଟୁ ଆରିସା) | - | ୪୯ଟା |
| ଗଜା ଲୁଣିଖୁରୁମା | - | ୨୬ଟା |
| ଅମ୍ବାଲୁ (ବଡ଼) | - | ୨୨ଟା |
| ଅମ୍ବାଲୁ (ସାନ) | - | ୮୮ଟା |
| ଅମ୍ବାଲୁ ଆଳତୀ କନା | - | ୪ଟା |
| ଅମ୍ବାଲୁ ହାତ ପୋଡ଼ | - | ୨ଟା |

**ସନ୍ଧ୍ୟାଧୂପର ଦ୍ରବ୍ୟାବଳୀ**

***୧୯୧୦ବେଳର***-ଝଡ଼େଇ ନେଦା, ସୁଆର ମଞ୍ଚାରା, ପାରିଜାତକ, ମାଣ୍ଡୁଅ, କଦଳୀପିଠା, ଜେନାମଣି ପିଠା, ହଂସବଲ୍ଲଭ ପିଠା, ମହାବୀର ପିଠା, ଝାଲିପକା, ମୋଟା ପୁଳି, ଫେଣି, କାନ୍ତପୁଳି, ସୁଆଳି ।

***୧୯୮୬ ବେଳର***-କମଳାପୁଳି, ଟାକୁଆ, ମୋଟାପୁଳି, ଭୋଗପିଠା, ଗୋଟାଳି, ବଡ଼ କାକରା, ସାନ କାକରା, ଲୁଣ ଖୁରୁମା, ଅମାଲୁ, ସୁଆରପିଠା, ଝଡ଼େଇ ନେଦା, ସୁବାସ ପଖାଳ, କଦମ୍ବ ।[୬]

***୨୦୧୨ (ବର୍ତ୍ତମାନ) ବେଳର ଦ୍ରବ୍ୟାବଳୀ-***

*ଅନ୍ନରନ୍ଧା ପାଇଁ*-ଥାଳି ସୁଆର ଓ ତୁଣ ସୁଆର ସେବକ

*ଛେକ ନେବାପାଇଁ*-ପନ୍ତୀବଡୁ ସେବକ

*ରନ୍ଧନ ଦ୍ରବ୍ୟ ଓ ପରିମାଣ-*

| | | |
|---|---|---|
| ଟଭା ପଖାଳ ଚକଓଳି ୫ବାଡ଼ର | - | ୩୦ଟା |
| ସାକେରା ଚକଓଳି | - | ୫ଟା |

*ପିଠା ଜାତୀୟ ରନ୍ଧାପାଇଁ*-ପିଠାସୁଆର, ଚଣାପୁଆ, ବିଣ୍ଡୁଆ ଓ ପାଗୁଆ

---

*୬. ଉପର୍ଯ୍ୟୁକ୍ତ ବିଭିନ୍ନ ଭୋଗର ୧୯୧୦ ଓ ୧୯୮୬ ମସିହାର ଦ୍ରବ୍ୟାବଳୀ ତାଲିକା ଶ୍ରୀ ଗୋପୀନାଥ ମହାପାତ୍ର 'The Land of Vishnu' ପୁସ୍ତକରୁ ସଂଗୃହୀତ ।*

CC-0. In Public Domain. Digtized by Muthulakshmi Research Academy

*ଛେକ ନେବାପାଇଁ-ତୋଳାବଡୁ*

*ରନ୍ଧନଦ୍ରବ୍ୟ ଓ ପରିମାଣ-*

| | | |
|---|---|---|
| ସୁଆର ପିଠା (ବଡ଼) | - | ୩ଟା |
| ସୁଆର ପିଠା (ସାନ) | - | ୪ଟା |
| ମାଠପୁଳି | - | ୨୨ଟା |
| ଝଡ଼େଇନେଦା (ବଡ଼ତାଡ଼) | - | ୧ଟା |
| କଅଁଳପୁଳି | - | ୩ଟା |
| ଟାକୁଆ | - | ୪ସରା |

***୨୦୧୨ (ବର୍ତ୍ତମାନ) ବଡ଼ସିଂହାର ଭୋଗ ଓ ସେବକ***

*ଅନ୍ନରନ୍ଧା ପାଇଁ-ତୁଣ ସୁଆର ସେବକ*

*ଛେକ ନେବାପାଇଁ-ବର୍ତ୍ତମାନ ତୁଣସୁଆର (ପୂର୍ବରୁ ପନ୍ତୀବଡୁ ଥିଲା)*

*ରନ୍ଧନ ଦ୍ରବ୍ୟ ଓ ପରିମାଣ-*

| | | |
|---|---|---|
| ମିଠା ପଖାଳ ଚକଓଳି | - | ୧୦ଟା |
| ଭାତ ଖିରୀ ଚକଓଳି | - | ୬ଟା |
| କାଞ୍ଜି ଚକଓଳି | - | ୧ଟା |
| କଞ୍ଚା ଘିଅ (ରୂପାପିଙ୍ଗଳ) ଚକଓଳି | - | ୧ଟା |

*ପିଠା ଜାତୀୟ ରନ୍ଧାପାଇଁ-ପିଠାସୁଆର*

*ଛେକ ନେବାପାଇଁ-ତୋଳାବଡୁ*

*ରନ୍ଧନ ଦ୍ରବ୍ୟ ଓ ପରିମାଣ-*

| | | |
|---|---|---|
| ଗୋଲପଟ (୨ପଟିଆ) | - | ୫ସରା |
| କଦଳୀ ବଡା | - | ୧୫ଟା |

## କୋଠଭୋଗ ପ୍ରସ୍ତୁତି ଦ୍ରବ୍ୟ ତାଲିକା :-

ଶ୍ରୀଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉମାନଙ୍କ ଉଦ୍ଦେଶ୍ୟରେ ପ୍ରତ୍ୟହ ହେଉଥିବା କୋଠଭୋଗର ସମସ୍ତ ଜିନିଷ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥାଏ । ସଂପ୍ରତି ଏଥିପାଇଁ ପ୍ରଶାସନ ପକ୍ଷରୁ ଦୈନିକ ପ୍ରାୟ ଦଶ ହଜାର ଟଙ୍କା ଖର୍ଚ୍ଚ କରାଯାଉଅଛି । ଦୈନନ୍ଦିନ ଗୋପାଳବଲ୍ଲବ ବ୍ୟତୀତ ସକାଳ ଧୂପ, ମଧ୍ୟାହ୍ନ ଧୂପ, ସନ୍ଧ୍ୟା ଧୂପ, ବଡ଼ସିଂହାର ଭୋଗ ଇତ୍ୟାଦିରେ ଏହି ରାଜଭୋଗ ଶ୍ରୀମନ୍ଦିରର ରତ୍ନସିଂହାସନ ନିକଟରେ ହୋଇଥାଏ ।

CC-0. In Public Domain. Digtized by Muthulakshmi Research Academy

କୋଠଭୋଗ ବା ରାଜଭୋଗ ନିମନ୍ତେ ଶ୍ରୀମନ୍ଦିରର କୋଠଭୋଗ ଗୋଦାମରୁ ନିମ୍ନଲିଖିତ ଜିନିଷମାନ ପ୍ରତ୍ୟହ ଯୋଗାଣିଆ ମେକାପଙ୍କ ଜରିଆରେ ରୋଷ ଘରକୁ ଯାଇଥାଏ । ଏହା ଅମୀନ ମହାସୁଆରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୀତି ସଂପୃକ୍ତ ପାଳିଆ ସୁଆରଙ୍କ ଦ୍ୱାରା ଶ୍ରୀମନ୍ଦିରର କୋଠଭୋଗ ଚୁଲିରେ ରନ୍ଧନ କରାଯାଇଥାଏ ।

ପ୍ରତ୍ୟହ ଏହି କୋଠଭୋଗ ନିମନ୍ତେ ଆବଶ୍ୟକ ହେଉଥିବା ଜିନିଷ ଓ ପରିମାଣ ନିମ୍ନରେ ପ୍ରଦତ୍ତ କରାଗଲା ।

ଖିସିମିସି-୫୦ଗ୍ରାମ୍, ଥାଳି ଚାଉଳ-୫୮କି.ଗ୍ରା ୮୪୦ଗ୍ରାମ୍, ଚୁନା ଚାଉଳ-୨୯କି.ଗ୍ରା ୬୫୦ଗ୍ରାମ୍, ମୁଗ-୭କି.ଗ୍ରା ୨୫୦ଗ୍ରାମ୍, ବିରି-୧୮କି.ଗ୍ରା, ଘିଅ-୨୯କି.ଗ୍ରା ୯୦୬ଗ୍ରାମ୍, ଗୁଡ଼-୨୮କି.ଗ୍ରା ୭୯୨ଗ୍ରାମ୍, ଚିନି-୨୦କି.ଗ୍ରା ୯୬୨ଗ୍ରାମ୍, ଅଟା-୨୫କି.ଗ୍ରା, ସୁଜି-୬୦୦ଗ୍ରାମ୍, ବେସନ-୩୦୦ଗ୍ରାମ୍, ଜିରା-୧୫୦ଗ୍ରାମ୍, ମରିଚ-୭୫ଗ୍ରାମ୍, ଅଳେଇଚ-୧୧୫ଗ୍ରାମ୍, ଲୁଣ-୨କି.ଗ୍ରା ୫୦୦ଗ୍ରାମ୍, ତେଲ (ରାଶି)-୫୦ଗ୍ରାମ୍, ହଳଦୀ-୫୦ଗ୍ରାମ୍, ମଧୁରୀ-୭୫ଗ୍ରାମ୍, ହରଡ ଡାଲି-୧କି.ଗ୍ରା, ଡାଲିଚିନି-୫୦ଗ୍ରାମ୍, ଲବଙ୍ଗ-୧୦ଗ୍ରାମ୍, ହେଙ୍ଗୁ-୧୦ଗ୍ରାମ୍, ଜାଇଫଳ-୧୨ଗ୍ରାମ୍, ଲିଆ-୫ଗଉଣି ବା ୨କି.ଗ୍ରା, ନଡିଆ (ବଲ୍ଲଭ ନିମନ୍ତେ)-୧୨ଟା, କୋଠଭୋଗ (ନଡ଼ିଆ)-୪ଟା, ପରିବା ମଧ୍ୟରେ କଖାରୁ-୨କି.ଗ୍ରା ୫୦୦ଗ୍ରାମ୍, ବାଇଗଣ ୨କି.ଗ୍ରା, ପୋଟଳ-୨୫୦ଗ୍ରାମ୍, ଅଦା-୩୦୦ଗ୍ରାମ୍, ଦେଶୀଆଳୁ-୨୫୦ଗ୍ରାମ୍, କଦଳୀ-୧୨ଟା, ଶାଗ (ବଡ଼ବିଡ଼ା)-୨ଟି, ତେନ୍ତୁଳି-୧୦୦ଗ୍ରାମ୍ । ଏହା ବ୍ୟତୀତ କେତେକ ନୀତି ସଂପୃକ୍ତ ସେବକଙ୍କୁ ଓ ପାର୍ଶ୍ୱ ଦେବଦେବୀ ମନ୍ଦିର ନିମନ୍ତେ ପ୍ରାପ୍ୟ ମୁତାବକ ଚାଉଳ, ଘିଅ, ଗୁଡ଼, ରାଶି ତେଲ ଇତ୍ୟାଦି ଦୈନିକ ଓ ମାସିକ ଆକାରରେ ପ୍ରଦାନ କରାଯାଇଥାଏ । (ସଂଗୃହୀତ-୧୯୯୮ ଶ୍ରୀମନ୍ଦିର ସମାଚାର)

## ଛପନ ଭୋଗର ପରିଚିତି :-

ଅନ୍ୟବ୍ୟଞ୍ଜନାଦି ପିଷ୍ଟକାଦି ବହୁବିଧ ନୈବେଦ୍ୟକୁ ଛପନ ଭୋଗ କୁହାଯାଏ । (ସଂଗୃହୀତ ପୁରୀବୋଲି) ମାଦଳାପାଞ୍ଜି ରାଜଭୋଗ ଇତିହାସରେ ଭୋଗ ନିଯୋଗ ସମ୍ବନ୍ଧରେ ଉଲ୍ଲିଖିତ ବିଷୟରେ ବହୁ ସ୍ଥାନରେ 'ଉପନ ଭୋଗ' 'ଛପନ ଭୋଗ' ଅର୍ଥରେ ଲେଖାଯାଇଅଛି ।[୭] ୫୬ଭୋଗ ଆକାରରେ କୌଣସି ସ୍ୱତନ୍ତ୍ର ଭୋଗ ନଥାଇ କେତେକ ଭୋଗର ସମାହାରକୁ ଛପନ ଭୋଗ କୁହାଯାଏ । ଶ୍ରୀଜୀଉମାନଙ୍କୁ ବହୁ ପ୍ରକାର ବ୍ୟଞ୍ଜନ ନୈବେଦ୍ୟ ଆକାରରେ ସମର୍ପିତ ହେଉଥିଲେ ମଧ୍ୟ ସମଗ୍ର ଭାରତ ବର୍ଷରେ ୫୬ ଭୋଗ ହିସାବରେ ପ୍ରସିଦ୍ଧି ରହିଅଛି । ମହାପ୍ରଭୁ ଛପନ ଭୋଗ ଖିଆ ଠାକୁର

---

୭. ପୃ.୫୩,୫୪,୫୬ପୃଷ୍ଠା ଦ୍ରଷ୍ଟବ୍ୟ *A manual of Jagannath Temple and other related Texts* ।

CC-0. In Public Domain. Digtized by Muthulakshmi Research Academy

'ଛପନଭୋଗୀ' ବୋଲି ଓଡ଼ିଶା ସମେତ ସମଗ୍ର ଦେଶରେ ଏହା ଏକ ପ୍ରଚଳିତ ଶବ୍ଦଟିଏ । ଭଜନ ସମ୍ରାଟ ଭିକାରୀବଳ ତାଙ୍କର ଭଜନରେ ଭାବବିହ୍ୱଳ ହୋଇ ଗାଇ ଉଠିଛନ୍ତି 'ଆରତି ବେଳ ଯେ ଗଡ଼ି ତ ଯାଉଛି, ଉଠ ହେ ଛପନ ଭୋଗୀ' । ସେହି ଛପନ ଭୋଗ ସମ୍ବନ୍ଧରେ ଆଲୋଚନା କରିବା ଆବଶ୍ୟକ । ମହାପ୍ରଭୁଙ୍କ ଛପନ ଭୋଗ ଅତି ପ୍ରିୟ ଅଟେ । ବହୁ ଯାତ୍ରୀ ଅନ୍ନଦାନ କରୁଥିବା ସମୟରେ ମହାପ୍ରଭୁଙ୍କୁ ଛପନ ଭୋଗ ଲଗାଇ ଅନ୍ନଦାନ କରିବା ପାଇଁ ଆଟିକା ନିମିତ୍ତ ଅର୍ଥ ଜମା ଦିଅନ୍ତି । ମୋଟ ଉପରେ କହିବାକୁ ଗଲେ କେଉଁ ଅନନ୍ତ କାଳରୁ ୫୬ ଭୋଗ ଶବ୍ଦଟି ଅତି ପରିଚିତ ମହାପ୍ରଭୁଙ୍କ ପ୍ରିୟ ଭୋଗ ହିସାବରେ ସର୍ବଜନ ବିଦିତ ।[୮]

ଶ୍ରୀଶ୍ରୀ ଜଗନ୍ନାଥ ଦେବଙ୍କ ବହୁବିଧ ନୈବେଦ୍ୟ ହିଁ ଶ୍ରୀକ୍ଷେତ୍ରର ବିଶିଷ୍ଟ ଭୋଗ ଦ୍ରବ୍ୟ । ଏହା ତିନି ଭାଗରେ ବିଭକ୍ତ, ୧. ବଳି ପୁରୋଡାଶ (ଅନ୍ନ, ପିଠା, ରସାଦି ଯାହା କିଛି ଥାଏ ତାହାକୁ ପୁରୋଡାଶ କୁହାଯାଏ ବୋଲି ଭବିଷ୍ୟପୁରାଣରେ ଲେଖାଅଛି ।) ୨. ଖେଚରାନ୍ନ ଓ ୩. ରାଜଖଞ୍ଜା ପୁରୋଡାଶ ଆଦାପାଚେଲି, କାନ୍ତି, ମାଠପୁଳି, ଏଣ୍ଡୁରି, ବଡ଼ା ଏମାନେ ହେଲେ ବଳି ପୁରୋଡାସ । ଏହା ନହେଲେ ନୈବେଦ୍ୟ ନହୁଏ । ନ'ଟା ଛ'ଟା ଖେଚୁଡ଼ିର ନାମ ଥାଳି, ଖେଚରାନ୍ନ ଏବଂ ଯେନାମଣି, ହଂସକେଳି, ବଡ଼ଖିରିସା, ବଡ଼ସିଂହାର ପଖାଳ ରାଜଖଞ୍ଜା ଏହାର ସଂଖ୍ୟା ତିନିଧୂପର ସମଷ୍ଟି ଛପନ ପ୍ରକାର ଏହାର ହିଁ ନାମ ଛପନ ଭୋଗ । ବଲ୍ଲଭଠାରୁ ବଡ଼ସିଂଙ୍ଗାର ପର୍ଯ୍ୟନ୍ତ ପ୍ରଚଳିତ ଭୋଗକ୍ରମରେ ନିମ୍ନରେ ନାମ ସହିତ ପ୍ରଦତ୍ତ ହେଲା ।

**ଗୋପାଳବଲ୍ଲଭ**-୧. ନଡ଼ିଆ ପାତି, ୨. ଗୁଆଳହୁଣି, ୩. ଦହି ୧ଓଳି, ୪. ବଲ୍ଲଭ, ୫. ନଡ଼ିଆ କୋରା, ୬. ଖୁଆମଣ୍ଡା, ପାପୁଡ଼ି, ୭. ରମ୍ଭା (କଦଳୀ), ୮. ଗୁଡ଼କୋରା ।

**ସକାଳଧୂପ**-୯. ଅଦାପାଚେଡ଼ି, ୧୦. ମହାଦେଈ ଖେଚୁଡ଼ି, ୧୧. ତାଚି ଖେଚୁଡି, ୧୨. ବଡ଼ ପିଠା, ୧୩. ନାଡ଼ି, ୧୪. କାକତୁଆ ଝିଲି, ୧୫. ହଂସକେଳୀ, ୧୬. ଜେନାମଣି, ୧୭. ମାଠପୁଳି, ୧୮. ଏଣ୍ଡୁରି, ୧୯. କଅଁଳପୁଳି, ୨୦. ଟାକୁଆ, ୨୧. ଶାଗ ।

**ମଧ୍ୟାହ୍ନ ଧୂପ**- ୨୨. ମାଠପୁଳି, ୨୩. ଭାତ ପୁରୀ, ୨୪. ଓରିଆ ଥାଳି, ୨୫. ସୁଆରି, ୨୬. ବଡା, ୨୭. ମୁଗ ପାଇଡି, ୨୮. ମରିଚିପାଣି, ୨୯. ବଡ଼ଖିରିସା,

---

୮. *ଅନ୍ନଷଡ଼ବିଧଶ୍ଚୈବ ମୁଗ୍ଧ ଷଡ଼ବିଧଂ ତଥା*
*ଅଷ୍ଟଧା ବ୍ୟଞ୍ଜନ ପୂପଂ ଅଷ୍ଟବିଧ ସହ ।*
*କ୍ଷୁଦ୍ରପୂପ ବିଂଶବିଧ ପାୟସାଷ୍ଟ ବିଧସ୍ତୁତ*
*ଷଷ୍ଟିଧିକ ପଚାଶଞ୍ଚ ନୈବେଦ୍ୟଂ ରାଜଭୋଗକଃ ।*
ଉଦ୍ଧୃତ ଛପନଭୋଗ, ଜେ- ପର୍ବତ୍ତ ପଦ୍ମଶ୍ରୀ ଲକ୍ଷ୍ମଣଶର୍ମା, ଶ୍ରୀକ୍ଷେତ୍ର ପ୍ରକାଶ୍ୟ ୨ୟ ସ୍ତବକ ।

CC-0. In Public Domain. Digitized by Muthulakshmi Research Academy

୩୦. ବୁନ୍ଦିଆ, ୩୧. ସାତପଟିଆ ପିଠା, ୩୨. ଶାକରା, ମଧୁରୁଚି, ୩୩. ମାଣ୍ଡୁଅ, ୩୪. ପାଗ ଆରିସା, ୩୫. ଖଇରଚୂଳ, ୩୬. କ୍ଷିରି, ୩୭. ତିପୁରି, ୩୮. ବୁନ୍ଦିଆ ଖିରି, ୩୯. ଛେନା ଖିରିସା, ୪୦. କାନିକା ।

**ସନ୍ଧ୍ୟାଧୂପ-** ୪୧. ମାଠପୁଳି ପୁରୋଡାଶ, ୪୨. ସୁଆରପିଠା, ୪୩. ଚକିଅମାଲୁ, ୪୪. କେଳି, ୪୫. ଖୁଦୁପିଡା, ୪୬. ମଣ୍ଡା, ୪୭. ଖୁରୁମା, ୪୮: ସୁଆରପିଠା, ୪୯. ଥାଳିଅନ୍ନ ।

**ବଡ଼ସିଂହାର-** ୫୦. ପାଞ୍ଚପଟିଆ ବିରିପିଠା, ୫୧. ଖଜା, ୫୨. ମିଠାପଖାଳ, ୫୩. ସୁଗନ୍ଧି ପଖାଳ, ୫୪. ପାରିଜାତକ, ୫୫. ଦହି ପଖାଳ, ୫୬. ଚଢ଼େଇନଦା (ଝଡେଇନଦା) ପରଖଘୃତ, ପୂର୍ଣ୍ଣାହୁତି ।

ଏହିପରି ଛପନଗୋଟି ଭୋଗକୁ ଛପନକୋଟି ଭୋଗ ମଧ୍ୟ କୁହାଯାଏ ।[୯]

ଶ୍ରୀମନ୍ଦିରରେ ତିନିଠାକୁରଙ୍କୁ ଅର୍ପିତ ବିଭିନ୍ନ ଭୋଗ ସାମଗ୍ରୀକୁ ସାଧାରଣରେ 'ଛପନ ଭୋଗ' କୁହାଯାଏ । କିନ୍ତୁ ପ୍ରକୃତରେ ଭୋଗସାମଗ୍ରୀ ଗୁଡ଼ିକର ସଂଖ୍ୟା ତା'ଠାରୁ ଅନେକ ବେଶୀ । ୧୯୧୦ ବେଳକୁ ମୋଟ ୪୩୫ ପ୍ରକାର ଦ୍ରବ୍ୟ ଭୋଗ ଲାଗୁଥିଲା ଯାହାକି ୧୯୦୫ ମସିହାରେ ଗ୍ରୋମ୍ ସାହେବଙ୍କ ବିବରଣୀ ଫର୍ମ 'ବି'ରେ ଦିଆଯାଇ ଅଛି । ବର୍ତ୍ତମାନ ତାହା କମି ଆସି ପ୍ରାୟ ୧୫୦ଟି ଦ୍ରବ୍ୟରେ ରହିଛି । ମୋଟା, ସରୁ, ପତଳା, ସାନ, ବଡ଼ ଇତ୍ୟାଦି ଆକାର ପ୍ରକାର ଭେଦକୁ ବାଦ ଦେଲେ ପ୍ରକୃତରେ ଦ୍ରବ୍ୟର ସଂଖ୍ୟା ୫୬ହିଁ ରହିଛି । ଏହା ହେଉଛି- ୧. ଅଟକାଳି ୨. ଅମାଲୁ (ମାଲପୁଆ) ୩. ଆରିସା (ସାନ, ବଡ଼, ପାଗ, ଆରିସା ଇତ୍ୟାଦି) ୪. ଏଣ୍ଡୁରି (ନକ୍ଷତ୍ର ଏଣ୍ଡୁରୀ, ମୁଆଁ ଏଣ୍ଡୁରି ଇତ୍ୟାଦି) ୫. କଦମ୍ବ ୬. କାକରା (ସର, ସାନ, ବଡ଼ ଇତ୍ୟାଦି) ୭. କାନ୍ତି (ସାନ, ବଡ଼, କାନ୍ତି ଇତ୍ୟାଦି) ୮.କେଳି (ହଂସକେଳି) ୯. କୋରା (ବଲ୍ଲଭ କୋରା, ଶ୍ରୀହସ୍ତ କୋରା) ୧୦. ଖଇରଚୁଳ ୧୧. ଖଜା (ଅରଖ ଫୁଲିଆ, କୁରୁଜାତକ, ପାରିଜାତକ, ମେଣ୍ଢା ଶିଙ୍ଗିଆ, ଚଢ଼େଇଲଦା ଇତ୍ୟାଦି) ୧୨. କ୍ଷୀରି (ସେବତୀ କ୍ଷୀରି, ବୁନ୍ଦିଆ କ୍ଷୀରି) ୧୩. ଖିରିସା (ବଡ଼ ଖିରିସା), ୧୪. ଖୁରୁମା (ଲୁଣା ଖୁରୁମା), ୧୫. ଖେଚେଡ଼ି (ନୁଖୁରା, ଅଙ୍ଗବାସଓଳି, ସାନ ଓଳି, କାନିକା ପ୍ରଭୃତି) ୧୬. ଗଇଣ୍ଡା ୧୭. ଗଜା (ବଡ଼ ଗଜା, ସାନ ଗଜା) ୧୮. ଗୋଟାଳି ୧୯. ଚକଟା (ଛେନା, କଦଳୀ) ୨୦. ଚକୁଳି (ସରୁ, ମୋଟା, ବଡ଼ ପ୍ରଭୃତି) ୨୧. ଚିତଉ ୨୨. ଛୁଞ୍ଚିପତ୍ର ୨୩. ଜଗନ୍ନାଥବଲ୍ଲଭ ୨୪. ଜେନାମଣି ୨୫. ଝିଲି (କାକତୁଆ, ବଡ଼ ଝିଲି, ସାନ ଝିଲି, ସେବତୀ...ଇତ୍ୟାଦି) ୨୬. ଟାକୁଆ ୨୭. ଡାଳିମ୍ବ (ଦାନ୍ତଭଙ୍ଗା) ୨୮. ତାଡ଼ିଆ

---

୯. *ସଂଗୃହୀତ-ଛପନ ଭୋଗ, ଲେ-ପଦ୍ମଶ୍ରୀ ଶ୍ରୀ ସଦାଶିବ ରଥଶର୍ମା, ଶ୍ରୀକ୍ଷେତ୍ର : ଶ୍ରୀଜଗନ୍ନାଥ । ଉତ୍କଳ ପାଠକ ସଂସଦ-୨ୟସ୍ତବକ*

CC-0. In Public Domain. Digtized by Muthulakshmi Research Academy

(ଛେନା ତାଡ଼ିଆ) ୨୯. ତ୍ରିପୁରି ୩୦. ଧଉଳା (ସାନ, ବଡ଼, ପଶୁପାଳକ ଧଉଳା ଇତ୍ୟାଦି) ୩୧. ନାଡ଼ି (ସାନ, ବଡ଼, ଘିଅ) ୩୨. ପଣାସୁଆ ୩୩. ପଣା (ସର, ଛେନା, ମରିଚ ଇତ୍ୟାଦି) ୩୪. ପାଚେଡ଼ି (ଅଦା ପାଚେଡ଼ି) ୩୫. ପାପୁଡ଼ି (ସର ପାପୁଡ଼ି) ୩୬. ..... (ଖିରି, କାଟ, ମଣ୍ଡା ଇତ୍ୟାଦି) ୩୭. ପଖାଳ ୩୮. ପିଠା (ବଡ଼, ସାନ, ପୋଡ଼ା, ....., ସାତପୁରି, ସୁଆର, ମହାବୀର ଇତ୍ୟାଦି) ୩୯. ପୁରି ୪୦. ପୁଳି (ସର, ମୋଟା, କଅଁଳ, ଚାନ୍ଦ, ସାନ, ବଡ଼ ଇତ୍ୟାଦି) ୪୧. ଫେଣି (ଲୁଣା, ବଡ଼) ୪୨. ବଡା (ସାନ, ବଡ଼) ୪୩. ବଳୀବାମନ ୪୪. ଭଜା ୪୫. ମଣ୍ଡା (ଖୁଆ, ସର, .... ଉଦୁରିଚି, ଅତରଛ, ଫେଣିମଣ୍ଡା) ୪୬. ମନୋହର (ପାଟ, ଭୋଗ, ସୁଆର) ୪୭. ମହାଦେଇ ୪୮. ମାଣ୍ଡୁଆ (ଛେନା ମାଣ୍ଡୁଆ) ୪୯. ମୋହନ ଭୋଗ ୫୦. ରସାବଳୀ (ଅମୃତ, ଦୁଧ) ୫୧. ଲଡୁ (ନଦିଆ, ମରିଚ, ଶ୍ରୀଗୋପାଳ) ୫୨. ରାଧାବଲ୍ଲଭ ୫୩. ଲହୁଣିଆ ୫୪. ଲକ୍ଷ୍ମୀବିଳାସ ୫୫. ସରସ୍ୱତିଆ ୫୬. ହଂସବଲ୍ଲଭ ।[୧୦]

ଜମ୍ମୁକାଶ୍ମୀରର ପୂର୍ବତନ ରାଜା ୱ ହରିସିଂହ (ବର୍ତ୍ତମାନର ରାଜା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଓ ଅଧୁନା ରାଜ୍ୟସଭା ସଦସ୍ୟଙ୍କ ପିତା) ତାଙ୍କ ପଣ୍ଡାଙ୍କ ଦ୍ୱାରା ଏକ ଲକ୍ଷ ବତିଶି ହଜାର ଟଙ୍କା ଆଟିକା ଦେଇ ଶ୍ରୀଜଗନ୍ନାଥଙ୍କୁ କରାଇଥିବା ତତ୍କାଳୀନ ଛପନ ଭୋଗର ବିବରଣୀ ପ୍ରଦତ୍ତ ହେଲା ।[୧୧] ୧. ଅଟକାଳୀ, ଅମାଲୁ ୨. ଆରିସା (ସାନ ଓ ବଡ଼) ପାଗ ଆରିସା, ସୁଆର ଆରିସା, ତାଟ ଆରିସା ୩. ଏଣ୍ଡୁରି, ମୁଆଁ ଏଣ୍ଡୁରି, ନକ୍ଷତ୍ର ଏଣ୍ଡୁରି ୪. କଦମ୍ବା, କଡ଼ମ୍ବା ୫. କାକରା (ବଡ଼ ଓ ସାନ) ସର କାକରା ୬. କାନ୍ତି (ବଡ଼ ଓ ସାନ) ଚନ୍ଦ୍ରକାନ୍ତି ୭. କେଳି ୮. କୋରା, ବଲ୍ଲଭକୋରା, ଶ୍ରୀହସ୍ତଚୂଳ ୯. ଖଇରଚୂଳ ୧୦. ଖଜା, ଅରଖପୁରିଆ, କୁରୁଜାତକ, ପାରିଜାତକ, ମେଣ୍ଢା ସିଙ୍ଗିଆ, ସରଖଟ, ଝଡ଼େଇ ଲଦା ୧୧. ଖିରୀ, ସେବତି ଖିରୀ, ବୁନ୍ଦିଆ ଖିରୀ ୧୨. ଖିରିଷା, ବଡ଼ ଖିରିସା ୧୩. ଖୁରୁମା ଲୁଣଖୁରୁମା ୧୪. ଖେଚୁଡ଼ି, ନୁଖୁରା ଖେଚୁଡ଼ି, ମିଠା ଖିଚୁଡ଼ି ୧୫. ଗଇଣ୍ଡା ୧୬. ଗଜା, ସୁଜିଗଜା ୧୭. ଗୋଟାଳି, ଘେଉଡ଼ି ୧୮. ଚକଟା, ଛେନା ଚକଟା ୧୯. ଚକୁଳି, ସରୁଚକୁଳି, ମାଠଚକୁଳି ୨୦. ଛୁଞ୍ଚିପତ୍ର ୨୧. ଚିତୋଉ ୨୨. ଜଗନ୍ନାଥ ବଲ୍ଲଭ ୨୩. ଜେନାମଣି ୨୪. ଝିଲି, କାକତୁଆ ଝିଲି, ସେବତି ଝିଲି ୨୫. ଟାକୁଆ ୨୬. ତିପୁରି ୨୭. ଡାଳିମ୍ବ, ଦାନ୍ତଭଙ୍ଗା ୨୮. ତାଡ଼ିଆ, ଛେନା ତାଡ଼ିଆ ୨୯. ତରଭା ୩୦. ଧଉଳା, ପୁଷ୍ପାଳକ ଧଉଳା ୩୧. ନାଡ଼ି, ଘିନାଡ଼ି, ତାଟ ନାଡ଼ି ୩୨. ପଣସୁଆ ୩୩. ପଣା, ଛେନାପଣା, ମରିଚ ପଣା ୩୪. ପାଚିଡ଼ି, ଅଦା ପାଚିଡ଼ି ୩୫. ପାପୁଡ଼ି, ସରପାପୁଡ଼ି, ପାଲୁଅ ଖିରୀ, ପାଲୁଅ ପଖାଳ, ପାଲୁଅ କଟା, ପାଲୁଅ

---

୧୦. *ସଂଗୃହୀତ-ଶ୍ରୀ ସୂର୍ଯ୍ୟନାରାୟଣ ଦାଶ, ଶ୍ରୀଜଗନ୍ନାଥଙ୍କ ଦୈନିକ ନୀତି ଓ ଛପନ ଭୋଗ, ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ (ପ୍ରଥମ ସ୍ତବକ) ।*

୧୧. *ସଂଗୃହୀତ-ଜଗନ୍ନାଥ ସଂସ୍କୃତିର ଦିଗ ଓ ଦିଗନ୍ତ-୨ୟଭାଗ, ସଂଗ୍ରାହକ-ୱ ବୈଦ୍ୟନାଥ ଗୋସ୍ୱାମୀ, ପୃ.୪୭୨ ।*

CC-0. In Public Domain. Digtized by Muthulakshmi Research Academy

ମଣ୍ଡା, ପୋଟଳ ରସା ୩୬. ପିଠା, ପୋଡ଼ପିଠା, କଦଳୀପିଠୀ, ଭୋଗ ପିଠା, ସୁଆର ପିଠା, ରୋଷ ପାଇକ ପିଠା, ଖଡ଼ିକାମରା ପିଠା, ଛେନା ପିଠା, କାନ୍ତି ପିଠା, ସାତପୁରି ପିଠା ୩୭. ପୁଳି, ସରପୁଳି, କଅଁଳପୁଳି, ମାଠପୁଳି, ପିଠାପୁଳି, ମିଠାପୁଳି ୩୮. ପୁରି, ଚଉତାପୁରି, ବଡ଼ପୁରି ୩୯. ଫେଣି, ଲୁଣିଫେଣି ୪୦. ବଡ଼ା, ବଡ଼ବଡ଼ା, ସାନବଡ଼ା ୪୧. ଭଜା, କଦଳୀଭଜା, ଦେଶୀଆଳୁ ଭଜା, ପୋଟଳ ଭଜା ୪୨. ମଣ୍ଡା, ଖୁଆମଣ୍ଡା, ସରମଣ୍ଡା, ଅତରଛ ମଣ୍ଡା, ଖଣ୍ଡ ମଣ୍ଡା ୪୩. ମନୋହର, ତାଟ ମନୋହର, ସୁଆର ମନୋହର, ଭୋଗ ମନୋହର ୪୪. ମହାଦେଈ, ମରିଚପାଣି ୪୫. ମାଣ୍ଡୁଅ ୪୬. ମହନଭୋଗ ୪୭. ରସାବଳି ଅମୃତରସାବଳି ଦୁଧ ରସାବଳି ୪୮. ରାଧାବଲ୍ଲଭୀ, ୪୯. ଲଡ୍ଡୁ, ମଗଜ ଲଡ୍ଡୁ, ମରିଚ ଲଡ୍ଡୁ, ଗୋପାଳ ଲଡ୍ଡୁ ୫୦. ଲହୁଣିଆ ୫୧. ଲକ୍ଷ୍ମୀବିଳାସ ୫୨. ସରସ୍ୱତିଆ ୫୩. ଶାଗ ଲେଉଟିଆ କୋଶଳା, ୫୪. ହଂସବଲ୍ଲଭ ୫୫. ହଂସକେଳି ୫୬. କ୍ଷୀରସାଗର ।

ଏହି ଛପନ ଭୋଗ ସମ୍ବନ୍ଧରେ ଇଂରେଜ ପ୍ରଶାସକ ଏମ୍.ଗ୍ୟାରେଟଙ୍କର ୧୯୦୩ ମସିହା ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନିକ ରିପୋର୍ଟରେ ପୃ.୩୦-୩୧ରେ ଶ୍ରୀମନ୍ଦିର ଆୟ (୮) ଧାରାରେ Fee for being allowed to offer 56 kinds of eatables ବୋଲି ଅର୍ଥାତ୍ ୫୬ ପ୍ରକାର ଭୋଗ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି । ସେହିପରି ସେହି ରିପୋର୍ଟରେ ପୃଷ୍ଠା ୪୫ ପୃ ୪୮ ପର୍ଯ୍ୟନ୍ତ ବିଭିନ୍ନ ଭୋଗରେ ସମର୍ପିତ ହେଉଥିବା ଭୋଗମାନଙ୍କର ବିବରଣୀରୁ ମଧ୍ୟ ଏହା ପରିପୃଷ୍ଟ ହେଉଅଛି ।

## ପର୍ବଯାତ୍ରାମାନଙ୍କରେ ସମର୍ପିତ ହେଉଥିବା ଭୋଗ :-

### *ସାଧାରଣ ପର୍ବଯାତ୍ରା*

*ପ୍ରସ୍ତୁତକର୍ତ୍ତା ଓ ଛେକ ନେବା*-ଦୈନନ୍ଦିନ କାର୍ଯ୍ୟ ପରି

*ପରିମାଣ ଓ ରନ୍ଧନ ଦ୍ରବ୍ୟ*-ଓରିଆ ୧୦ ଚକଓଳି, ଖିରୀ ୪ଓଳି, ମୁଗ ୪ଓଳି, ସାନପିଠା ୧୦ଟା, ବଡ଼ପିଠା ୧୦ଟା, ଟିକିଲି ଆରିସା ୧୮ଟା, ପଟୁ ଆରିସା ୩ଟା, ବଡ଼ସାନ ଆରିସା ୧୬ଟା ।

### *ମକର ସଂକ୍ରାନ୍ତି ଭୋଗ*

*ପ୍ରସ୍ତୁତକର୍ତ୍ତା ଓ ଛେକ ନେବା ସେବକ*-ଦୈନ୍ଦିକ କାର୍ଯ୍ୟ ପରି

*ଭୋଗର ପରିମାଣ ଓ ରନ୍ଧନ ଦ୍ରବ୍ୟ*-ବଡ଼କାନ୍ତି ୫ ସରା, ବଡ଼ କାକେରା ୨୦ଟା, ମରିଚି ଲଡ୍ଡୁ ୮୦ଟା, ଲଡ୍ଡୁ ସାନ ଡାଳିମ୍ବ ୧୨ଟା, ଲଡ୍ଡୁ ବଡ଼ଡାଳିମ୍ବ ୪ଟା, ମକରନାଡ଼ି ୨୨ଟା, ତ୍ରିପୁରୀ ୬ଟା, ନଳି ୮ଟା, ଫେଣି ୮ସରା, ବଡ଼ଝିଲି ୪ଟା, ବଡ଼ପିଠା ୪ଟା, ପୁଳିପିଠା ୪ଟା, ବଡ଼/ସାନ ହଂସକେଳି ୮ସରା, ବଡ଼ ଆରିସା ୮ଟା, ସାନ ଆରିସା

CC-0. In Public Domain. Digtized by Muthulakshmi Research Academy

୮ଟା, ସରପୁଳି ପିଠା ୪ଟା, ଅତରଛ ମଣ୍ଡା ୪ଟା, ଲହୁଣିଆ ମଣ୍ଡା ୩୨, ବଡ଼ବଡ଼ା ୨୦ଟା, ସାନବଡ଼ା ୧୬ଟା, ସରକୁମ୍ଭା ୪, ଗୋଲବଡା ୪, ମୋଡ଼ିଆ (ଅମ୍ବାଲୁ) ୮, ସରୁଚକୁଳି ୨୦ଟା, ଧନୁଶରଣ ୪ସରା, ମନୋହର (ବଡ଼ସାନ) ୪୮, ପଣୁସୁଆ ୮, ଛେନାଲଡୁ ୮ଟା, ଶୋଧୁଅ ୮ସରା, ମଞ୍ଜକଡ଼େଇ ୪ସରା, ବଡ଼ ମହୁର ୮ସରା, ଗୋଟା କଦଳୀ ତଳିଆ ୨୦ଟା, ଅଦାପାଚେଡ଼ି ୩ସରା, ଆଳୁ କଦଳୀ ଭଜା ୧ତାଡ଼, ଚାଟି ଭାତ ୨୦ ସରା । ମକର ସଂକ୍ରାନ୍ତିରେ ମକର ଚଉରାଶୀ ଭୋଗ ଲାଗେ ।

***ଶ୍ରୀରାମଜନ୍ମ ଓ ଶ୍ରୀକୃଷ୍ଣଜନ୍ମ ପୂର୍ବଦିନ (ଜେଉଡ଼ଭୋଗ)***

*ପ୍ରସ୍ତୁତକର୍ତ୍ତା ଓ ଛେକ ନେବା*-ତୁଣ ସୁଆର ସେବକ ।

*ରନ୍ଧନ ଦ୍ରବ୍ୟ ଓ ପରିମାଣ*-ପରିବା ମିଶ୍ରଣ ସିଝା ୧୭୦ଓଳି

***ଦୟଣାବୋରୀ ଭୋଗ***

*ପ୍ରସ୍ତୁତ ହେବ*-ଜଗନ୍ନାଥ ବଲ୍ଲଭ ମଠରେ ।

*ପ୍ରସ୍ତୁତକର୍ତ୍ତା*-ବଡୁସୁଆର ଓ ତୁଣସୁଆର ସେବକ ।

*ରନ୍ଧନଦ୍ରବ୍ୟ ଓ ପରିମାଣ*-ଖିରୀ ୧୪ଓଳି, ସାନମାଣ୍ଡୁଅ ୫୭, ବଡ଼ମାଣ୍ଡୁଅ ୨୨, ଲଡୁ ବଡ଼ତାଳିମ୍ବ ୮, ଅଧା ମନୋହର ୯, ଅଟାଲଡୁ ୧୦୭, ପାରିଜାତକ ୮, ଛେନାଲଡୁ ୮ ।

***ଦୋଳଉତ୍ସବ ଓ ନନ୍ଦଉତ୍ସବ ଭୋଗ***

*ପ୍ରସ୍ତୁତକର୍ତ୍ତା*-ଦୈନିକ କାର୍ଯ୍ୟ ପରି ।

*ରନ୍ଧନ ଦ୍ରବ୍ୟ ଓ ପରିମାଣ*-କାନିକା ୧୦ଟା, ଓରିଆ ୧୦ଓଳି, ଖିରୀ, ୪ଓଳି, ମୁଗ ୪ଓଳି, ବଡକାନ୍ତି ୫ସରା, ସାନକାନ୍ତୀ ୩ସରା, ପୁଳି ପିଠା ୪ସରା, ବଡ଼ହଂସକେଳି ୨ସରା, ସାନହଂସକେଳି ୨ସରା, ଘିନାଡ଼ି ୪ଟା, ବଡ଼ ନାଡ଼ି ୪ଟା, ମାଠପୁଳି ୨୦ଟା, ବଡ଼ ସାନ ବଡ଼ା ୩୬ଟା, କାକେରା ୨୦ଟା, ତ୍ରିପୁରୀ ୫ଟା, ଟାକୁଆ ୭ସରା ।

***ଚନ୍ଦନଯାତ୍ରା (୪୨ଦିନ) ଭୋଗ***

*ପ୍ରସ୍ତୁତକର୍ତ୍ତା*-ତୁଣ ସୁଆର ସେବକ ।

***ଯାତଭୋଗ ଓ ମଧ୍ୟାହ୍ନ ଭୋଗ***

*ରନ୍ଧନଦ୍ରବ୍ୟ ଓ ପରିମାଣ*-ପଖାଳ ୪୬ଓଳି, ପଣା ୧୬ଓଳି, ଶାଗ ୧ଓଳି ।

***ପଣାଭୋଗ***

ପଣା ୧ତାଡ଼, ପଣା ୧୦ଓଳି ।

***ସ୍ନାନପୂର୍ଣ୍ଣିମା, ଉଭା ଅମାବାସ୍ୟା ଓ ଆଡ଼ପମଣ୍ଡପରେ ଭୋଗ***

*ପ୍ରସ୍ତୁତକର୍ତ୍ତା*-ବଡୁସୁଆର ଓ ତୁଣସୁଆର ସେବକ ।

CC-0. In Public Domain. Digtized by Muthulakshmi Research Academy

*ରନ୍ଧନଦ୍ରବ୍ୟ ଓ ପରିମାଣ*-କାନିକା ୨୦ଟା, ଓରିଆ ୧୦ଓଳି, ପଖାଳ ୧୬ଓଳି, ମୁଗ ୪ ଓଳି, ସାକେରା ୪ଓଳି, ଖିରୀ ୩ଓଳି, ବଡ଼କାନ୍ତୀ ୫ସରା, ସାନକାନ୍ତୀ ୩ସରା, ପୁଳିପିଠା ୪ସରା, ବଡ଼ ହଂସକେଳି ୨ସରା, ସାନ ହଂସକେଳି ୨ସରା, ଘିନାଡ଼ି ୪ଟା, ବଡ଼ନାଡ଼ି ୪ଟା, ମାଠପୁଳି ୨୦ଟା, ବଡ଼ସାନ ବଡ଼ା ୩୬ଟା, କାକେରା ୨୦ଟା, ତ୍ରିପୁରୀ ୫ଟା, ଟାକୁଆ ୭ସରା ।

***ରଥଯାତ୍ରା ଓ ବାହୁଡ଼ା ଯାତ୍ରା (କେବଳ ସକାଳଧୂପ) ଭୋଗ***

*ପ୍ରସ୍ତୁତକର୍ତ୍ତା ଓ ଛେକନେବା*-ଦୈନିକ କାର୍ଯ୍ୟପରି ।

*ରନ୍ଧନଦ୍ରବ୍ୟ ଓ ପରିମାଣ*-ଖେଚେଡ଼ି ୧୨ଟା, ଶାଗ ୫ଓଳି, ଭଜା ୧ ସରା, କାନ୍ତି(ବଡ଼) ୫ସରା, ପୁଳିପିଠା ୪ସରା, ଚଣ୍ଡ ମାଠପୁଳି ୨୬ଟା, ଟାକୁଆ ୭ସରା (ମଧ୍ୟାହ୍ନଧୂପ, ସନ୍ଧ୍ୟାଧୂପ ଓ ବଡ଼ସିଂହାର)

କୋରା, ଖଇ (ଭୋଗ ବାଢ଼ିବା-ପାଳିଆ ମହାସୁଆର)

***ଝୁଲଣ ଯାତ୍ରା ଭୋଗ***

*ପ୍ରସ୍ତୁତକର୍ତ୍ତା ଓ ଛେକନେବା*-ତୁଣ ସୁଆର ଓ ଅମାଲୁ ସୁଆର ।

*ରନ୍ଧନଦ୍ରବ୍ୟ ଓ ପରିମାଣ*-ଖିରି ୫ଓଳି, ଚକାନମ୍ବରୀ ୧ଟା, ଚକିଅମାଲୁ ୩୦୦ଟା

***ଷୋଳପୂଜାରେ ମା' ବିମଳା, କନକଦୁର୍ଗା, ଦକ୍ଷିଣକାଳୀ, ବେଢ଼ାକାଳୀଙ୍କ ଭୋଗ***

*ପ୍ରସ୍ତୁତକର୍ତ୍ତା ଓ ଛେକନେବା*-ଦୈନିକ କାର୍ଯ୍ୟପରି ବିଭିନ୍ନ ଭୋଗରେ ।

**ସକାଳ ଧୂପ**-*ରନ୍ଧନଦ୍ରବ୍ୟ ଓ ପରିମାଣ*-ଖେଚେଡ଼ି ୪, ଓରିଆ ୪, ପଖାଳ ୩ (ସମସ୍ତ କୁଡ଼ିଆ), ମୁଗ ୪ଓଳି, ମରିଚିପାଣି ୪ଓଳି, ସାକେରା ୪ଓଳି, (କନକ ଦୁର୍ଗାଙ୍କର ୨ଓଳି ଅନ୍ନ ଓ ହରଡ଼ତାଲି ୨ଓଳି), ଅଧାପୁଳି ୪ଟା, ବଡ଼କାନ୍ତି (୨ପଟ) ୩ସରା, ଏଣ୍ଡୁରୀ ୧ଟା ।

**ମଧ୍ୟାହ୍ନ ଧୂପ**- ସାନଝିଲି ୧୨ଟା, କାକେରା ୨୦ଟା, ଲଡ଼ୁ (ମରିଚି) ୯ଟା, ଗଜମଣ୍ଡା ୧ଟା, ଆରିସା ୧୦, ଭଜା ୧ଟା ।

***ପଣାସଂକ୍ରାନ୍ତି ଓ ପ୍ରଥମାଷ୍ଟମୀ***

ଏଣ୍ଡୁରୀ ୪୦ଟା, ଘେଉଡ଼ି (୪ଟା)-୫୦ଓଳି (୮ଟା) ୮ସରା ।

***ବଉଳ ଅମାବାସ୍ୟା***

ଗଇଁଠା (୮ଟା) ୭ଓଳି, ନଡ଼ିବଉଳ ୭ଓଳି, ଫେଣି ବଉଳ ୪ଓଳି, ଚୁନା ବଉଳ ୪ଓଳି ।

***ଚନ୍ଦନ ଚକଡ଼ାରେ ଭୋଗ***

*ପ୍ରସ୍ତୁତକର୍ତ୍ତା ଓ ଛେକନେବା*-ବଡ଼ୁସୁଆର ଓ ପାଳିଆ ମହାସୁଆର ସେବକ ।

CC-0. In Public Domain. Digtized by Muthulakshmi Research Academy

*ରନ୍ଧନଦ୍ରବ୍ୟ ଓ ପରିମାଣ*-ମାଣ୍ଡୁଅ (୫ପଟିଆ) ୯ସରା, (୩ପଟିଆ) ୬୭ ସରା, (୪ପଟିଆ) ୭୦ସରା, ମାଣ୍ଡୁଅ (ରସାବଳୀ ପଟ) ୪୪ଟା, କେଳି ବଡ଼ ୬ଟା, ଛୋଟ ୪୨ଟା, ମାଣ୍ଡୁଅ ଟିକିଲି ୧୬୦ଟା, ପଣା ୫ଓଳି, ଲଡୁ ୪୦ଟା ।

***ଅନବସର ଭୋଗ***

*ପ୍ରସ୍ତୁତକର୍ତ୍ତା ଓ ଛେକନେବା*-ତୁଣସୁଆର ଓ ପାଳିଆ ମହାସୁଆର ସେବକ ।

*ପ୍ରଥମ ପଣା ଭୋଗ*- ସରପଣା ୧ତାଡ଼, ୧୦ଓଳି ।

*ଦ୍ୱିତୀୟ ପଣାଭୋଗ*- ୯ଅଙ୍ଗାସ ଓଳି ।

(ଦଇତାଙ୍କ ଦ୍ୱାରା ଚକଟା ଭୋଗ, ପତିମହାପାତ୍ରଙ୍କ ସମର୍ପଣ)

***ଚିତାଲାଗି ଅମାବାସ୍ୟା ଭୋଗ***

*ପ୍ରସ୍ତୁତକର୍ତ୍ତା* -ବଡୁସୁଆର ସେବକ ।

*ରନ୍ଧନଦ୍ରବ୍ୟ ଓ ପରିମାଣ*-ଚିତଉ (୪ଟା ଲେଖାଏଁ) ୫୦ଓଳି, (୮ଟା ଲେଖାଏଁ) ୮ସରା, ଘେଉଡ଼ି (୪ଗୋଟା) ୫୦ଓଳି, ୮ଟା ଲେଖାଏଁ ୮ସରା ।

***ସାତପୁରୀ ଅମାବାସ୍ୟା ଭୋଗ***

*ପ୍ରସ୍ତୁତକର୍ତ୍ତା*-ବଡୁସୁଆର, ପୁରଖରଡ଼ା ସେବକ ।

*ଛେକନେବା*- ବିଡୁଆ ଓ ପନ୍ତିବଡୁ ।

*ରନ୍ଧନଦ୍ରବ୍ୟ ଓ ପରିମାଣ*-ବଡ଼ କାକେରା ୧୦ଟା, ଡାଟମୁଦ ୨୧ଟା, ଅଧାଡାଟ ୧୬ଟା, ଛୋଟକାକେରା ୨୦୮୦ଟା, ପୁର ଚକାନମ୍ବରୀ ୧୯ଟା ।

***ଗହ୍ଣାପୂର୍ଣ୍ଣିମା ଓ କୁମାର ପୂର୍ଣ୍ଣିମା ଭୋଗ***

*ପ୍ରସ୍ତୁତକର୍ତ୍ତା*-ବଡୁସୁଆର ।

*ରନ୍ଧନଦ୍ରବ୍ୟ ଓ ପରିମାଣ*-ମଣ୍ଡା ୫୨୦ଟା

***କାଳୀୟଦଳନ ଏକାଦଶୀ***

ଅମୃତଲଡୁ (ମାର୍କଣ୍ଡ ପୁଷ୍କରିଣୀ) ମାଖନ ଭୋଗ (ଲବଣୀଖିଆ) ।

***ବନଭୋଜି ବେଶ ଭୋଗ***

ସର (ପିଙ୍ଗଳ), ଖୁଆପେଡ଼ା ମାଳ ବନଭୋଜି ବେଶରେ ଲାଗି ହୁଅନ୍ତି ।

**ରାଜାମହାରାଜାଙ୍କର ଭୋଗ ଖଞ୍ଜା :-**

ଶ୍ରୀଜଗନ୍ନାଥଙ୍କ ପ୍ରୀତି ଓ ଆଶୀର୍ବାଦ ଉଦ୍ଦେଶ୍ୟରେ ସମୟର ଚାହିଦାକୁ ଆଖି ଆଗରେ ରଖି ଗଙ୍ଗବଂଶ ରାଜାମାନେ ବିଭିନ୍ନ ଭୋଗ ବ୍ୟବସ୍ଥା କରିଥିଲେ । ଅନେକ ରାଜା ବିଭିନ୍ନ କାର୍ଯ୍ୟରେ ସଫଳତା, ଯୁଦ୍ଧରେ ବିଜୟ, ଶରୀର ଆରୋଗ୍ୟ, କାମନାପୂର୍ତ୍ତି,

CC-0. In Public Domain. Digitized by Muthulakshmi Research Academy

ଶତ୍ରୁର ପରାଜୟରେ ଅତି ଆନନ୍ଦିତ ହୋଇ ମହାପ୍ରଭୁଙ୍କର ଦୟା ଆଶୀର୍ବାଦ ପାଇଁ କୃତଜ୍ଞତା ସ୍ୱରୂପ ଭୋଗ ଖଞ୍ଜିଥିଲେ । ଅନ୍ୟ କେତେକ ରାଜା ନିଜର ପିତୃପୁରୁଷଙ୍କ ପୁଣ୍ୟ ସ୍ମୃତି, ବୈକୁଣ୍ଠ ପ୍ରାପ୍ତି ଆଦି କାରଣରୁ ମହାପ୍ରଭୁଙ୍କ ନିକଟରେ ଭୋଗର ବ୍ୟବସ୍ଥା କରିଥିଲେ । (ମାଦଳା ପାଞ୍ଜି ରାଜଭୋଗ ଖଞ୍ଜା-୨୨, ପୃ.୧୯) ''ଯଯାତୀ କେଶରୀ ଅଠାର ବ୍ରହ୍ମପୁର କରି ଶାସନ ବସାଇ ପରମେଶ୍ୱରଙ୍କ ଭୋଗରାଗ କରାଇ ପରବ ଯାତ୍ରାମାନ ସେବକମାନ ଭିଆଣ କରି ବେସ ମାନନ୍ତ ଦେଇ ଦୁତି ଇନ୍ଦ୍ରଦ୍ୟୁମ୍ନ ବୋଲାଇ'' (ସଂଗୃହୀତ- ରାଜଭୋଗ ଖଞ୍ଜା A manual of Jagannath temple and other related texts) ଶ୍ରୀମନ୍ଦିରରେ ପ୍ରଚଳିତ ତ୍ରିଧୂପ ସମ୍ବନ୍ଧରେ ମାଦଳାପାଞ୍ଜି ରାଜଭୋଗ ଇତିହାସରେ ବର୍ଣ୍ଣନା ଥିବାରୁ ଏହାର ପ୍ରାଚୀନତା ପ୍ରମାଣିତ ହୁଏ । ଗଙ୍ଗବଂଶୀ ନରସିଂହ ଦେବ ୩ୟଙ୍କ ଏକ ଶିଳାଲେଖରେ ମନୋହର ଲଡ୍ଡୁ, ନିଶଙ୍କ ଭାନୁଦେବଙ୍କ ଏକ ଶିଳାଲେଖରେ ଆରିସା, ଲଡ୍ଡୁ, ପୁଳାପୁଳି, ବଡା, ଦୁଧ, ଜେଉଟ, ବିଡ଼ିଆ ପାନ ଆଦି ଅମୃତମଣୋହି ସାମଗ୍ରୀ, ସିଂହାଚଳମ୍ ଲକ୍ଷ୍ମୀନୃସିଂହ ମନ୍ଦିରର କପିଳେନ୍ଦ୍ର ଦେବଙ୍କ ଏକ ଶିଳାଲେଖରେ ଏଣ୍ଡୁରି, ଆରିସା, ପୁଳି ଓ ପୁରୁଷୋତ୍ତମ ଦେବଙ୍କ ଏକ ଶିଳାଲେଖରୁ ପୁଳି ଓ ଓରିଆ ଉଲ୍ଲେଖ ରହିଛି । (Inscription of Orissa Vol V, Part II P710 & 563, Evolution of Oriya script and language p255 & 282. ସଂଗୃହୀତ- ପୁରୀ ବୋଲି ପୃ୧୩୨ ।) ଏଥିରୁ ହିଁ ଏହି ଭୋଗର ପ୍ରାଚୀନତା ପ୍ରମାଣିତ ହେଉଅଛି । ଗଙ୍ଗ ରାଜାମାନଙ୍କର ବିଭିନ୍ନ ଖଞ୍ଜା ହୋଇଥିବା ଭୋଗ ମଧ୍ୟରେ ମହାଦେଇ ଖେଚୁଡ଼ି (ଚାଉଳ, ମୁଗ, ହଳଦୀ ପଡ଼ି ଏକ ଖେଚୁଡ଼ି) ପ୍ରଚଳିତ ଥିବାର ପ୍ରମାଣ ମିଳେ । ପୂର୍ବେ ରାମଦାସ ମଠ ପକ୍ଷରୁ ସକାଳଧୂପରେ ପାଟରାଣୀଙ୍କ ଭୋଗ, ଚୋଡ଼ଗଙ୍ଗ ଡାଟ, ମେଣ୍ଢାମୁଣ୍ଡିଆ ଖେଚୁଡ଼ି (ଅଦା ହେଙ୍ଗୁ ଲୁଣ ପଡ଼ି ପ୍ରସ୍ତୁତ ଖେଚୁଡ଼ି ଏହାକୁ ଚୂଳ କରି ସକାଳ ଧୂପରେ ଲଗାଯାଏ । ଏହି ଚୂଳ ଯୋଗୁଁ ଏହାକୁ ମେଣ୍ଢାମୁଣ୍ଡିଆ ଖେଚୁଡ଼ି କୁହାଯାଏ), ଜେନାମଣି ପିଠା (ଏକ ବିରିପିଠା ଯାହାକି ଦ୍ୱିପ୍ରହର ଧୂପରେ ଲାଗି ଯୁବରାଜଙ୍କ ପାଇଁ ନଅରକୁ ଯାଏ ।) ଜେନାମଣି ଶବ୍ଦ ମୂଳତଃ ଦ୍ରାବିଡ଼ ଚୋଡ଼ଗଙ୍ଗ ପୁତ୍ର କାମାର୍ଣ୍ଣବ ଦେବ ଯୁବରାଜ ଥିଲାବେଳେ 'ଜିୟନ' ଆଖ୍ୟା ଧାରଣ କରିଥିବାରୁ ଜେନାମଣି ହୋଇଥିବା ସମ୍ଭବ । (ସଂଗୃହୀତ-ପୁରୀ ବୋଲି ପୃ.୧୩୯) ଆଦି ଅନ୍ୟତମ ।

ଶ୍ରୀ ରାମଦାସ୍ ମଠ ପକ୍ଷରୁ ମହାଦେଇ ନାମକ ଏକ ଖେଚୁଡ଼ି ଭୋଗ ହେଉଥିଲା । ମରହଟ୍ଟା ଶାସକମାନଙ୍କ ସମୟରୁ ରଘୁଜୀ ଭୋନସଲେଙ୍କ ମାତାଙ୍କ ସ୍ମୃତି ଉଦ୍ଦେଶ୍ୟରେ 'ମୋହନଭୋଗ' (ହାଲୁଆ) ଭୋଗରେ ଖଞ୍ଜା ହେଲା । ଇଂରେଜ ଶାସନ ସମୟରେ ଶ୍ରୀମନ୍ଦିର ପରିଚାଳକ ଶ୍ରୀ ରାଜକିଶୋର ଦାସ ଶ୍ରୀଜଗନ୍ନାଥଙ୍କୁ ରାଜାଧିରାଜ କହି ତାଙ୍କ ଭୋଗରେ ରସାବଳୀ, ପାରିଜାତ ଖଞ୍ଜିଥିଲେ । ୧୯୧୩ ଖ୍ରୀ.ରେ ଶ୍ରୀମନ୍ଦିର ପରିଚାଳକ ଶ୍ରୀ ଗୌରୀଶ୍ୟାମ ମହାନ୍ତି ଶ୍ରୀଜଗନ୍ନାଥଙ୍କୁ ରାଷ୍ଟ୍ର ଦେବତା ମଣି ତାଙ୍କ ଭୋଗରେ ସରପୁଳି,

CC-0. In Public Domain. Digtized by Muthulakshmi Research Academy

ଆରିସା, ପିଠା, ଗଇଁଠା, ଚଢ଼େଇନେଦା, ଚାଉଳ ପାୟସ, କ୍ଷୀରି, ଚାଉଳ ତିଆରି ଡାଳିମ୍ବ ପ୍ରଭୃତି ଚାଉଳ ତିଆରି ଦ୍ରବ୍ୟମାନ ଭୋଗରେ ଖଞ୍ଜିଲେ । ୧୯୨୧ରୁ ୧୯୨୪ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ କାର୍ଯ୍ୟରତ ପରିଚାଳକ ବିହାରୀ ପ୍ରଦେଶ ନିବାସୀ ରାୟବାହାଦୁର ସଖୀଚନ୍ଦ, ଗହମ ଅଟା ପ୍ରସ୍ତୁତ ଖଳିରୁଟି, କାକରା, ଲୁଣଖୁରୁମା ମହାପ୍ରଭୁଙ୍କ ସେବାରେ ଖଞ୍ଜିଥିଲେ । (ସଂଗୃହୀତ- ଶ୍ରୀମନ୍ଦିର, କାର୍ତ୍ତିକ ସଂଖ୍ୟା ୨୦୦୪) । ନୀଳାଦ୍ରି ବିଜେ ଦିନ ମହାପ୍ରଭୁଙ୍କ ବାହୁଡ଼ା ବିଜେ ସମୟରେ ଅଭିମାନିନୀ ମା' ଲକ୍ଷ୍ମୀଙ୍କୁ ପ୍ରସନ୍ନ କରିବାପାଇଁ ମହାପ୍ରଭୁ ସଙ୍ଗରେ ରସଗୋଲା ନେଇ ଆସିଥାଆନ୍ତି । ଭଣ୍ଡାର ଘର ନିକଟରେ ତାହା ଭୋଗ ହୁଏ । ଏହାର ଐତିହାସିକତା ଗବେଷଣା ଯୋଗ୍ୟ ଅଟେ ।

## ରାଜାମହାରାଜାଙ୍କର ଭୋଗପାଇଁ ଜମି ଖଞ୍ଜା :-

ଐତିହାସିକମାନଙ୍କ ମତରେ ବହୁ ପାର୍ଥକ୍ୟ ରହିଅଛି । ଯେଉଁଥିରେ କେଉଁ ବଂଶର ରାଜା କେବେ ଓ କେତେବର୍ଷ ରାଜତ୍ୱ କରିଥିଲେ ଏହା ନିର୍ଣ୍ଣୟ କରିବା ବହୁ କଷ୍ଟକର । ଯେପରି କେତେକ ଐତିହାସିକଙ୍କ ମତରେ ଯଯାତି କେଶରୀ ନବମ ଶତାବ୍ଦୀର ରାଜା ଥିଲେ ବୋଲି ଉଲ୍ଲେଖ ଥିଲେ ମଧ୍ୟ ଆଉ କେତେକ ଐତିହାସିକଙ୍କ ମତରେ ସେ ଷଷ୍ଠ ଶତାବ୍ଦୀର ରାଜା ଥିଲେ ବୋଲି କୁହାଯାଏ । ଏଭଳି ବହୁ ମତ ପାର୍ଥକ୍ୟ ଐତିହାସିକମାନଙ୍କ ମଧ୍ୟରେ ରହିଥିଲେ ମଧ୍ୟ କେଶରୀ, ଗଙ୍ଗ, ସୂର୍ଯ୍ୟ ଓ ଭୋଇ, ଚାଲୁକ୍ୟ, ଯଦୁବଂଶର ବିଭିନ୍ନ ରାଜାମାନଙ୍କର ରାଜତ୍ୱ କାଳରେ ସେମାନେ ଶ୍ରୀଜଗନ୍ନାଥଙ୍କର ମନ୍ଦିର ନିର୍ମାଣ, ବିଭିନ୍ନ ତୀର୍ଥସ୍ଥାନ ନିର୍ମାଣ, ସେବା ପୂଜା, ରୀତି, ନୀତି, ଯାନି, ଯାତ୍ରା ଓ ଭୋଗ ରାଗ ପାଇଁ ହଜାର ହଜାର ଏକର ସଂପତ୍ତି ଖଞ୍ଜି ଦେଇଥିଲେ । ଉଦାହରଣସ୍ୱରୂପ ଯଯାତି କେଶରୀଙ୍କ ସମୟରେ ଶ୍ରୀମହାପ୍ରସାଦ ପ୍ରଚଳନ ହେଲା ।[୧୨] ଐତିହାସିକ ମତରେ ପୂର୍ବେ କାହାଣ, ପଣ, କଡ଼ା, ଗଣ୍ଡାରେ ଗଣତିରେ କଉଡ଼ି ଗଣନା ହେଉଥିଲା, ବାଟି, ମାଣ, ଗୁଣ୍ଠ, ବିଶ୍ୱାରେ ଜମି ମାପ ଓ ମହଣ, ସେର, ଅଧସେର, ପାଆ, ଛଟାଙ୍କିରେ ଦ୍ରବ୍ୟ ଓଜନ ହେଉଥିଲା । ଶସ୍ୟ ପାଇଁ ପଉଟି, ଗୌଣୀ ମାପ ଥିଲା । ସେହିପରି ଜମିର ମୌଜା, ପ୍ରଗଣା, ମୌଜାକୁ ତତ୍କାଳୀନ ପରିଭାଷା ଅନୁସାରେ ଲେମ୍ୱାଇ ଦଣ୍ଡପାଟ, ବାଆଁଚାଷବିସେ ଅନ୍ତରୋଧ ବିସେ, ଦସ୍ତି ଆଦି ଆକାରରେ ଉଲ୍ଲଖ ହେଉଥିଲା ଯାହାକି ଆଜି ପ୍ରଚଳିତ ନ ହେଉଥିବାରୁ ସାଧାରଣରେ ବୋଧଗମ୍ୟ ମଧ୍ୟ ହେଉନାହିଁ । ସେଇଥିପାଇଁ ବିଭିନ୍ନ ବଂଶର ରାଜାମାନଙ୍କ ସମୟରେ ଆଜିର ଜମି ପରିମାଣ ହିସାବରେ ହଜାର ହଜାର ହେକ୍ଟର ଜମି ଶ୍ରୀଜଗନ୍ନାଥଙ୍କ ନାମରେ ଖଞ୍ଜା ହୋଇଥିଲେ ମଧ୍ୟ ସାଧାରଣ ବ୍ୟକ୍ତି ପକ୍ଷରେ ହିସାବ କରିବା କାଠିକର ପାଠ । ମାଦଳା ପାଞ୍ଜି ରାଜଭୋଗ ଇତିହାସରୁ କିନ୍ତୁ ମୋଟାମୋଟି ଏକ ସ୍ପଷ୍ଟ ଚିତ୍ର ଆଙ୍କିହୁଏ ଯେ ପୂର୍ବ କାଳରେ ବହୁ ରାଜା ମହାରାଜା

୧୨. (*A Manual of Jagannath Temple and other related Texts. ମାଦଳାପାଞ୍ଜି ରାଜଭୋଗ ଖଞ୍ଜା ପୃ୧୫*) ।

CC-0. In Public Domain. Digtized by Muthulakshmi Research Academy

କେତେକ ଗଡ଼ଜାତ ଓ କରଦ ରାଜାମାନେ ମଧ୍ୟ ବିଭିନ୍ନ ଭୋଗ ଖଞ୍ଜା କରିଥିଲେ । ଯଯାତିକେଶରୀଙ୍କ କେଶରୀ ବଂଶର ଗଜ କେଶରୀ ଶ୍ରୀଜଗନ୍ନାଥଙ୍କ ବାଳଧୂପ ଭିଆଣ କଲେ ।[୧୩] ଗଙ୍ଗବଂଶର ଅନୀୟକ ଭୀମଦେବ ଶ୍ରୀଜଗନ୍ନାଥଙ୍କୁ ୬୦୪ବାଟୀ ଭୂମି ଦାନ କରିଥିଲେ । ଶ୍ରୀପୁରୁଷୋତ୍ତମ ଦେବ ରାଜା ଶ୍ରୀଜଗନ୍ନାଥଙ୍କୁ ୨୩୭୭ ବାଟୀ ଭୂମି ଦାନ କରିଥିଲେ (ପୃଷ୍ଠା ୨୯୦) ଗଙ୍ଗବଂଶର ରାଜା ନିଶଙ୍କ ଭାନୁଦେବ (ଶଙ୍ଖଭାଣୁ ଦେବ)ଙ୍କ ସମୟରେ 'ବାଳଧୂପ' ନୀତି ଖଞ୍ଜା ହେଲା ବୋଲି ପୃ.୨୯୨ରେ ଲେଖାଅଛି ।[୧୪]

ଗଙ୍ଗବଂଶ ରାଜତ୍ୱ ପରେ ସୂର୍ଯ୍ୟବଂଶ ପ୍ରତିଷ୍ଠାତା କପିଳେନ୍ଦ୍ର ଦେବ କିଶୋର ମଣୋହି ନାମରେ ଏକ ସ୍ୱତନ୍ତ୍ର ଭୋଗ ଶ୍ରୀମନ୍ଦିରରେ ପ୍ରଚଳନ କରିଥିବାର ଜୟବିଜୟ ଦ୍ୱାର ଶିଳାଲିପି ଲେଖାରୁ ଜଣାପଡୁଥିଲେ ମଧ୍ୟ ଆଜି ତାହା ବନ୍ଦ ହୋଇଯାଇଅଛି । ସେହିପରି ରାଜା କପିଳେନ୍ଦ୍ର ଦେବ ଶ୍ରୀଜଗନ୍ନାଥଙ୍କ ଅମୃତ ଆଶୀର୍ବାଦରୁ ବିଜୟ ନଗର ଜୟ କରି ବାହୁଡ଼ା ବିଜୟ ପରେ ବୀରକିଶୋର ମଣୋହି ଭୋଗର ବ୍ୟବସ୍ଥା କରିଥିବା କଥା ଜଣାପଡ଼େ । ଯାହାକି ବର୍ତ୍ତମାନ ବନ୍ଦ ଅଛି ।

ଭୋଇବଂଶର ରାଜାମାନେ ଶ୍ରୀମନ୍ଦିରରେ ଆଉ କେତେକ ଭୋଗର ପ୍ରବର୍ତ୍ତନ କରିଥିବା ଜଣାଯାଏ । ଅଦ୍ୟାବଧି ପ୍ରଚଳିତ ଥିବା ମୁକ୍ତିମଣ୍ଡପ (ବ୍ରହ୍ମଗାଦି) ଭୋଗ ବା ଷୋଳଶାସନ ଭୋଗ ସେହି ଭୋଗମାନଙ୍କ ମଧ୍ୟରୁ ଅନ୍ୟତମ । ସେହିପରି ନୃସିଂହ ମନ୍ଦିର ଶିଳାଲେଖ ୩୪ ଓ ପାତାଳେଶ୍ୱର ମନ୍ଦିର ଶିଳାଲେଖ ଯଥାକ୍ରମେ ୧୯ ଠାରୁ ୨୩ ଓ ୪୬ ଶିଳାଲେଖରୁ ଅମୃତ ମଣୋହି ଭୋଗ ପାଇଁ ନିମ୍ନଲିଖିତ ମତେ ଭୂମିଦାନ ସମ୍ବନ୍ଧରେ ତଥ୍ୟ ମିଳେ ।

## ଶିଳାଲେଖରେ ଅମୃତମଣୋହି ଭୋଗ :-

ଶ୍ରୀମନ୍ଦିରସ୍ଥ ନୃସିଂହ ମନ୍ଦିରରେ ଖୋଦିତ ସୂତ୍ର-ITP-1-6 । ଅନୁସାରେ ୭ଧାଡ଼ିର ଅସ୍ପଷ୍ଟ ଲେଖାରୁ ଜଣାପଡ଼େ ରାଜା ଚୋଡ଼ଗଙ୍ଗ ଦେବ ପୂରଣ ଗ୍ରାମରେ ୩ଗୋଟି ଗାଈ ଦାନ କରି ଶ୍ରୀପୁରୁଷୋତ୍ତମଙ୍କ ଭୋଗ ପାଇଁ ତହିଁରୁ ଦୁଧ ଓ ଦହି ଖଞ୍ଜା କରିଥିଲେ ।

ନୃସିଂହ ମନ୍ଦିରରେ ଖୋଦିତ ଶିଳାଲେଖ ସୂତ୍ର-ITP-II-34 । ସମ୍ବନ୍ଧରେ ଡଃ ସତ୍ୟନାରାୟଣ ରାଜଗୁରୁଙ୍କ ମତ ଅନୁସାରେ ଏହା ଓଡ଼ିଆ ଭାଷା ଓ ଉତ୍ତର ଭାରତୀୟ ଲିପି ବୋଲି କହିଥିଲେ ମଧ୍ୟ ଏହା ପ୍ରକୃତରେ ସଂସ୍କୃତ ଭାଷା । ଏହାର ପ୍ରବର୍ତ୍ତନ କାଳ ଶ୍ରୀ ଚୋଡ଼ଗଙ୍ଗ ଦେବଙ୍କ ୪୩ ଅଙ୍କ ବୋଲି ସେ ଅନୁମାନ କରିଛନ୍ତି । ସମ୍ଭବତଃ ତାହା ତାଙ୍କ ପୁତ୍ର ଅନଙ୍ଗଭୀମ ଦେବଙ୍କ ଅଙ୍କ ହୋଇପାରେ ଏଥିରେ ୧୦ ବ୍ରାହ୍ମଣ ଭୋଜନ ଗଙ୍ଗଦେବେନ ବୋଲି ଲେଖାଅଛି ।

---

*୧୩. ସଂଗୃହୀତ- ପ୍ରାଚୀନ ଉତ୍କଳ, ପ୍ରଥମଭାଗ, ଶ୍ରୀ ଜଗବନ୍ଧୁ ସିଂହ ପୃ୨୬୫ ।*

*୧୪. ମାଦଳାପାଞ୍ଜି ରାଜଭୋଗ ଇତିହାସ, ପୃ.୩୯ ।*

CC-0. In Public Domain. Digtized by Muthulakshmi Research Academy

୧. ଶ୍ରୀ ପାତାଳେଶ୍ୱର ମନ୍ଦିର ଅଭିଲେଖ ସୂତ୍ର-ITP-I-19 । ସାତଧାଡ଼ିଆ ଏହି ଅଭିଲେଖାଟି, ରାଜା ଅନଙ୍ଗଭୀମ ଦେବଙ୍କ ୧୫ ଅଙ୍କ ଆଷାଢ଼ ଶୁକ୍ଳ ପଞ୍ଚମୀ ବା ହେରାପଞ୍ଚମୀ ଦିନ ଶ୍ରୀପୁରୁଷୋତ୍ତମଙ୍କ ଉଦ୍ଦେଶ୍ୟରେ ନୈବେଦ୍ୟ ପାଇଁ ଚାଉଳ, ଦହି, ଘିଅ, ବ୍ୟଞ୍ଜନ ଯୋଗାଇଦେବା ପାଇଁ ରାଜା ଅନଙ୍ଗଭୀମ ଦେବ ଭୂମିଦାନ କରିଛନ୍ତି ।

୨. ଶ୍ରୀ ପାତାଳେଶ୍ୱର ମନ୍ଦିର ଅଭିଲେଖ ସୂତ୍ର-ITP-I-20 । ଆଠ ଧାଡ଼ିଆ ଅଭିଲେଖରେ ଶ୍ରୀପୁରୁଷୋତ୍ତମଙ୍କୁ ଚାଉଳ, ଦହି, ଘିଅ ଓ ବ୍ୟଞ୍ଜନ ପାଇଁ ଅନଙ୍ଗଭୀମ ଦେବଙ୍କର ୨୯ଅଙ୍କ ତଥା ୧୧୫୭ ଶକାବ୍ଦରେ କୁମ୍ଭ ଶୁକ୍ଳ ସପ୍ତମୀ ଦିନ ତାଙ୍କର କର୍ମଚାରୀ କୃତ୍ତିବାସ ନାୟକ ମହାଦେବ ପାଢ଼ୀଙ୍କ ଗୋଚରରେ ଭୂମିଦାନ କରିଛନ୍ତି ।

୩. ସୂତ୍ର-ITP-I-21 । ୧୦ଧାଡ଼ିଆ ଅଭିଲେଖ । ରାଜା ଅନଙ୍ଗଭୀମ ଦେବଙ୍କ ୩୧ଅଙ୍କ ବା ୧୧୫୮ ଶକାବ୍ଦ ଫାଲଗୁନ କୃଷ୍ଣ ପ୍ରତିପଦା ତିଥିରେ ପ୍ରବର୍ତ୍ତିତ । ଏଥିରେ ମଧ୍ୟ ଶ୍ରୀପୁରୁଷୋତ୍ତମ ଦେବଙ୍କ ଉଦ୍ଦେଶ୍ୟରେ ଅନଙ୍ଗଭୀମ ଦେବଙ୍କ କର୍ମଚାରୀ ସୁରୁ ସେନାପତି ଚାଉଳ, ଘିଅ, ଦହି, ବ୍ୟଞ୍ଜନ, ତାମ୍ବୂଳ ଯୋଗାଣ ନିମନ୍ତେ ମହାଦେବ ପାଢ଼ୀଙ୍କ ଗୋଚରରେ ଭୂମିଦାନ କରିଛନ୍ତି ।

୪. ସୂତ୍ର-ITP-I-22 । ଭିତର ଗମ୍ଭୀରାରେ ୪ଧାଡ଼ିଆ ଶିଳାଲେଖ । ଏଥିରେ ଶକାବ୍ଦ ୧୧୫୮ ମକର କୃଷ୍ଣପକ୍ଷରେ ଶ୍ରୀ ପୁରୁଷୋତ୍ତମଙ୍କ ନିମନ୍ତେ ଭୂମିଦାନର ଉଲ୍ଲେଖ ଅଛି । ଏହି ଦାନ କିଏ ଦେଇଛନ୍ତି ତାଙ୍କର ନାମ ଲିଭି ଯାଇଥିଲେ ମଧ୍ୟ ତାହା ନୈବେଦ୍ୟ ପାଇଁ ଦିଆଯାଇଥିବା ଅନୁମେୟ ।

୫. ସୂତ୍ର-ITP-I-23 । ଏହା ୫ଧାଡ଼ିଆ ଅଭିଲେଖ । ଏହା ଶକାବ୍ଦ ୧୧୫୮ ବା ଅନଙ୍ଗଭୀମ ଦେବଙ୍କର ୨୯ ଅଙ୍କରେ ପ୍ରବର୍ତ୍ତିତ ବୋଲି ଉଲ୍ଲେଖ ଥିଲେ ମଧ୍ୟ ଅଙ୍କ ସଂଖ୍ୟା ଅକ୍ଷର ଓ ଅଙ୍କରେ ପ୍ରଭେଦ ଅଛି । ଏଥିରେ ଶ୍ରୀପୁରୁଷୋତ୍ତମଙ୍କ ଯଉଠ ପାଲୀ ନୈବେଦ୍ୟ ପାଇଁ ବିଶୁ ପାଢ଼ୀଙ୍କ ଗୋଚରରେ ଭୂମିଦାନ କରାଯାଇଅଛି । ଏହି ଅଭିଲେଖରେ ହଳି, ଚକ୍ରୀ ଓ ସୁଭଦ୍ରାଙ୍କ ନାମରେ ଶ୍ରୀପୁରୁଷୋତ୍ତମଙ୍କର ତ୍ରିମୂର୍ତ୍ତିର ସୂଚନା ଦିଆଯାଇଅଛି ।

୬. ସୂତ୍ର-ITP-II-46 । ଏହି ୧୧ ଧାଡ଼ିଆ ଲେଖା ଉପରେ ଦୁଇଟି ମାଛ ଚିତ୍ର ଅଙ୍କିତ ହୋଇଥିବାରୁ ଏହାର ଦାତା ମତ୍ସ୍ୟକୂଳରେ ଜାତ ହୋଇଥିବା ସାଙ୍କେତିକ ହେଉଛି । ଡଃ ରାଜଗୁରୁଙ୍କ ମତରେ ଏହାର ପ୍ରବର୍ତ୍ତନ ହେଉଛି ଶକାବ୍ଦ ୧୧୮୮ ଭାଦ୍ରବ ମାସ ବୃହସ୍ପତି ବାର । ଶେଷ ଆଠ ଅକ୍ଷରଟି ଡଃ ରାଜଗୁରୁଙ୍କ ଦ୍ୱାରା ଅନୁମିତ । ଏହାର ଲିପି ତେଲୁଗୁ । ଭାଷା ମଧ୍ୟ ସଂସ୍କୃତ ମିଶ୍ରିତ ତେଲୁଗୁ । ଏହି ଅଭିଲେଖ ଶ୍ରୀପୁରୁଷୋତ୍ତମଙ୍କର ସେତେବେଳେ ଭାଦ୍ରବ ମାସରେ ଅନୁଷ୍ଠିତ ହୋଇଥିବା ନେତ୍ରୋତ୍ସବ ଅବସରରେ ଖୋଦିତ ହୋଇଥିଲା । ଏଥିରେ ମସୀ ବଂଶୀୟ ମୁକୁନ୍ଦ ଗିରିଙ୍କ ପୁତ୍ର ଶ୍ରୀପୁରୁଷୋତ୍ତମଙ୍କ ଉଦ୍ଦେଶ୍ୟରେ

CC-0. In Public Domain. Digtized by Muthulakshmi Research Academy

ନୈବେଦ୍ୟ ପାଇଁ ଚାଉଳ ପ୍ରଭୃତି ଦାନ କରିଛନ୍ତି ।[୧୫] (ଶ୍ରୀଜଗନ୍ନାଥଙ୍କ ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ରଥଯାତ୍ରା ହେବାର ଶାସ୍ତ୍ରୀୟ ପରମ୍ପରା ରହିଅଛି । ରଥଯାତ୍ରାର ଦିନେ କିମ୍ବା ଦୁଇଦିନ ପୂର୍ବରୁ ସାଧାରଣତଃ ନେତ୍ରୋତ୍ସବ ହୋଇଥାଏ । କିନ୍ତୁ ଏଠାରେ ଭାଦ୍ରବ ମାସରେ ନେତ୍ରୋତ୍ସବ ବିଷୟରେ ଲେଖା ଥିବାରୁ ମହାପ୍ରଭୁ ବହୁବାର ଲୀଳା କରିବାପାଇଁ ଅସ୍ଥାୟୀ ଭାବେ ସ୍ଥାନାନ୍ତରିତ ହୋଇ କେତେକ ଦିନ/ମାସ/ବର୍ଷ ଅନ୍ତରରେ ଶ୍ରୀକ୍ଷେତ୍ର ଫେରିଥିବା କଥା ମାଦଳାପାଞ୍ଜିରୁ ତଥ୍ୟ ମିଳୁଅଛି । ଏହି କ୍ଷେତ୍ରରେ ହୁଏତ ଭାଦ୍ରବ ମାସରେ ଫେରିଥାଇ ପାରନ୍ତି । ତେଣୁ ସେହି ଭାଦ୍ରବ ମାସରେ ନେତ୍ରୋତ୍ସବ ହୋଇଥିବା ଅନୁମେୟ । କିନ୍ତୁ ଏହି ଉକ୍ତି ଅବଶ୍ୟ ଗବେଷଣା ସାପେକ୍ଷ ଅଟେ ।)

ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ସମର୍ପିତ ରାଜକୀୟ ଭୋଗ, ଗଜପତି ରାଜା ମହାରାଜା, ଗଡ଼ଜାତରାଜା, ବିଭିନ୍ନ ମଠ, ଜମିଦାର, ଭକ୍ତମାନଙ୍କ ଦ୍ୱାରା ହିଁ ପ୍ରଚଳିତ ଥିଲା । ସେହି ଭୋଗଗୁଡ଼ିକ ପ୍ରଚଳିତ ହେବା ଉଦ୍ଦେଶ୍ୟରେ ବିଭିନ୍ନ ମଠମାନଙ୍କ ମାଧ୍ୟମରେ ଗଜପତି ମହାରାଜାମାନେ ତାଙ୍କୁ ହୁକୁମନାମା, ସନନ୍ଦ ବା ଅନୁମତି ପତ୍ର ଦେଇଥିଲେ ।

ଶ୍ରୀମନ୍ଦିରରେ ପ୍ରଚଳିତ ଭୋଗ ବ୍ୟବସ୍ଥା ଓଡ଼ିଶା ଜନଜୀବନର ପ୍ରାୟଃ ଏକ ହଜାର ବର୍ଷର ଏକ ଅଲେଖା ଇତିହାସ । ତେଣୁ ବିବିଧ ପ୍ରାଚୀନ ଗ୍ରନ୍ଥମାନଙ୍କରେ ଏ ସମ୍ବନ୍ଧୀୟ ସଠିକ୍ ବିବରଣୀ ଉପଲବ୍ଧ ହେଉନାହିଁ । ବହୁ ରାଜାମାନେ ଏଭଳି ବ୍ୟବସ୍ଥାକୁ ବଞ୍ଚାଇ ରଖିବା ଉଦ୍ଦେଶ୍ୟରେ ଗୁପ୍ତଦାନ ଆକାରରେ ଭୂମିଦାନ କରିଥିବାରୁ 'ପ୍ରସିଦ୍ଧିପରାଙ୍ମୁଖତା' ହିଁ ଇତିହାସରୁ ସଠିକ ପ୍ରମାଣ ପାଇବାରେ ବାଧକ ରୂପେ ଠିଆ ହୋଇ ରହିଅଛି । ତଥାପି କେତେକ ଉପଲବ୍ଧ ହେଉଥିବା ପ୍ରମାଣ ମଧ୍ୟରୁ ଶ୍ରୀମନ୍ଦିରରେ ରାଜା ମହାରାଜାମାନେ ଶ୍ରୀମନ୍ଦିରରେ ଭୋଗ ବ୍ୟବସ୍ଥାକୁ ଚଳାଇ ରଖିବା ସମ୍ବନ୍ଧରେ ଏଠାରେ ସଂକ୍ଷିପ୍ତ ଆଲୋଚନା କରିବା ଆବଶ୍ୟକ ମନେହୁଏ ।

ଗଜପତି କପିଳେନ୍ଦ୍ର ଦେବଙ୍କଠାରୁ ମୁକୁନ୍ଦଦେବଙ୍କ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କ ରୀତି ନୀତି ପାଇଁ ଦିଆଯାଇଥିବା ଦାନ ଅକ୍ଷୁର୍ଣ୍ଣ ରଖିଥିଲେ । ପରବର୍ତ୍ତୀ ସମୟରେ ବଙ୍ଗ ନବାବଙ୍କ ରାଜତ୍ୱ କାଳରେ ସେହି ସଂପତ୍ତିଗୁଡ଼ିକ ହସ୍ତାନ୍ତରିତ ହୋଇଥିଲା । ବିଧର୍ମୀମାନଙ୍କ ଓଡ଼ିଶା ଓ ଶ୍ରୀମନ୍ଦିରର ଆକ୍ରମଣ କାଳରେ ଶ୍ରୀଜଗନ୍ନାଥଙ୍କ ସଂପତ୍ତିଗୁଡ଼ିକ ଲୋପ ହେବାକୁ ବସିଲା । କଟକ ଓ ବାଲେଶ୍ୱର ଜିଲ୍ଲାର ଭୂରାଜସ୍ୱ ଆଦାୟ ମୋଟାମୋଟି ବନ୍ଦ ହୋଇଗଲା । ଖୋର୍ଦ୍ଧା ରାଜାମାନେ ଏଭଳି ଦୁର୍ଦ୍ଦିନ ଅବସ୍ଥାରେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ରୀତି ନୀତି ପ୍ରଭୃତି ତାଙ୍କ ଅଧୀନରେ ଥିବା ଭୂସଂପତ୍ତିର ଭୂରାଜସ୍ୱରୁ ହିଁ ଚଳାଉଥିଲେ ।

---

*୧୫. (ସଂଗୃହୀତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ, ପୁରୀ ଦ୍ୱାରା ପ୍ରକାଶିତ, ଶ୍ରୀମନ୍ଦିର ଅଭିଲେଖମାଳା, ସଂକଳକ-ଶ୍ରୀ ଜଗବନ୍ଧୁ ପାଢ଼ୀ) ।*

CC-0. In Public Domain. Digtized by Muthulakshmi Research Academy

ଗଞ୍ଜାମ ଜିଲ୍ଲାରେ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ପ୍ରଚୁର ସଂପତ୍ତି ଦାନ କରାଯାଇଥିବା ଭୂସଂପତ୍ତି ରେକର୍ଡରୁ ମିଳେ । ତତ୍କାଳୀନ ଖୋର୍ଦ୍ଧା ତହସିଲରେ ମଧ୍ୟ, ଏଭଳି ପ୍ରଭୂତ ସଂପତ୍ତି ଦାନ କରାଯାଇଥିବା କଥା 'ଶ୍ରୀଜଗନ୍ନାଥସ୍ଥଳବୃତ୍ତାନ୍ତମ୍' ନାମକ ଏକ ପ୍ରାଚୀନ ଲେଖାରୁ ଜଣାପଡ଼େ । ତାହା କର୍ଣ୍ଣେଲ ମେଙ୍କାଜି ସାହେବଙ୍କ ସମୟରେ କାଗଜରେ ଲେଖା ହୋଇ ବର୍ତ୍ତମାନ ଚେନେଇର ଓରିଏଣ୍ଟାଲ୍ ମାନୁସ୍କ୍ରିପ୍ଟ ଲାଇବ୍ରେରୀରେ ହସ୍ତଲିଖିତ ପାଣ୍ଡୁଲିପିର କେତେକ ଅଂଶ ନଷ୍ଟ ହେଇ ମଧ୍ୟ ଅବଶିଷ୍ଟ ଅଂଶ ରହିଅଛି । ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅଗ୍ରୀୟ ଗବେଷଣା କେନ୍ଦ୍ର ପକ୍ଷରୁ ଡଃ ସତ୍ୟନାରାୟଣ ରାଜଗୁରୁଙ୍କ ଦ୍ୱାରା ସମ୍ପାଦିତ ହୋଇ ପ୍ରକାଶିତ ହୋଇସାରିଛି । ଏହା ବ୍ୟତୀତ କଟକରେ ଓଡ଼ିଶା ରେଭିନ୍ୟୁ ରେକର୍ଡସ୍ ଅନୁସନ୍ଧାନ କଲେ ମଧ୍ୟ ବହୁ ଦାନ କରାଯାଇଥିବା ସଂପତ୍ତିର ତଥ୍ୟ ମିଳିପାରିବ ।

ଶ୍ରୀମନ୍ଦିର ପରିଚାଳନା ତଥା ମହାପ୍ରଭୁଙ୍କର କେତେକ ସ୍ୱତନ୍ତ୍ର ନୀତି, ଉତ୍ସବ ପର୍ବପର୍ବାଣି, ଭୋଗରାଗ ପାଇଁ ମରହଟ୍ଟା ଓ ଭୋଇ ବଂଶର ରାଜା, ମହାରାଜା, ଜମିଦାର, ଭକ୍ତ, ଦର୍ଶନାର୍ଥୀ ବହୁ ମୂଲ୍ୟବାନ ଭୂସଂପତ୍ତି ପୁରୀର କେତେକ ନିର୍ଦ୍ଦିଷ୍ଟ ସଂପ୍ରଦାୟର ମଠ ମହନ୍ତ ଓ ସେବକମାନଙ୍କ ମାଧ୍ୟମରେ ମହାପ୍ରଭୁଙ୍କୁ ଦାନ କରିଥିଲେ । ମଠ ମହନ୍ତ ଓ ସେବକମାନେ ସେହି ସଂପତ୍ତିଗୁଡ଼ିକର ଆୟରୁ ମହାପ୍ରଭୁମାନଙ୍କୁ ଭୋଗ କରି ଓ ଯଜମାନଙ୍କ କଲ୍ୟାଣ ପାଇଁ, ଅନ୍ନଦାନ, ଶ୍ରୀବିଷ୍ଣୁ ସହସ୍ରନାମ, ତୁଳସୀ ଅର୍ଚ୍ଚନା, ଚନ୍ଦନ ଲାଗି ପ୍ରଭୃତି କାର୍ଯ୍ୟ କରି ମହାପ୍ରଭୁଙ୍କୁ ପ୍ରୀତ କରିବା ସଙ୍ଗେ ସଙ୍ଗେ ଦାତା ବା ଯଜମାନଙ୍କ ମଙ୍ଗଳ କାମନା କରୁଥିଲେ । ଏଭଳି କାର୍ଯ୍ୟ କରିବା ପାଇଁ ଯଜମାନମାନେ ବା ଭୂମିଦାତାମାନେ ମଧ୍ୟ ମହାପ୍ରଭୁମାନଙ୍କର ଆଶୀର୍ବାଦ ପାଇବା ସଙ୍ଗେ ସଙ୍ଗେ ମଠାଧୀଶ ଓ ସେବକମାନଙ୍କ ପ୍ରତି ଗଭୀର ନିଷ୍ଠା ବିଶ୍ୱାସ ଓ ଶ୍ରଦ୍ଧା ରଖିଥିଲେ । ଆଜି କର୍ପୂର ଉଡ଼ି ଯାଇଥିଲେ ମଧ୍ୟ କନା ଥିବାଭଳି ସଂପତ୍ତିଗୁଡ଼ିକ ସରକାର ଜମିଦାରୀ ଉଚ୍ଛେଦ ଆଇନ ବଳରେ ଅଧିଗ୍ରହଣ କରି ସେଥିମଧ୍ୟରୁ କେତେକ ସଂପତ୍ତି ଶ୍ରୀମନ୍ଦିର ପ୍ରଶାସନ ନାମରେ ରେକର୍ଡ କରିଥିଲେ ମଧ୍ୟ ଯଜମାନଙ୍କର ସେବକ ବା ଯାତ୍ରୀପଣ୍ଡାମାନଙ୍କ ପ୍ରତି ଅଖଣ୍ଡ ଶ୍ରଦ୍ଧା ଓ ଭକ୍ତି ଅଦ୍ୟାବଧି ବଜାୟ ରହିଅଛି । କାଳକ୍ରମେ ଦାତାମାନଙ୍କର ଉକ୍ତ ସଂପତ୍ତି ସରକାରଙ୍କ ଦ୍ୱାରା ଅଧିଗ୍ରହଣ, ବିକ୍ରୟ ଓ ଜବରଦଖଲ ହେବା ଫଳରେ ସେହି ଭୂସଂପତ୍ତିମାନଙ୍କରୁ ଅର୍ଥ ଆଦାୟ ହୋଇ ଶ୍ରୀଜଗନ୍ନାଥଙ୍କର ସେବା ପୂଜା, ଭୋଗରାଗରେ ତାହା ବିନିଯୋଗ ହୋଇପାରୁନାହିଁ । ତେଣୁ ଶ୍ରୀମନ୍ଦିର ସହିତ ଉକ୍ତ ମଠ ଓ ସେବକମାନଙ୍କର ଭୋଗ ଜନିତ ସଂପର୍କ ଏକପ୍ରକାର ବିଚ୍ଛିନ୍ନ ହୋଇପଡ଼ିଅଛି । ଏହି ସମ୍ବନ୍ଧରେ କେଉଁ ମଠ କେତେ ସଂପତ୍ତି ଆମ ରାଜା ମହାରାଜାଙ୍କଠାରୁ ପାଇଥିଲେ ଏବଂ ବିଭିନ୍ନ ସଂପ୍ରଦାୟର କେତେକ ମଠ ଶ୍ରୀବିଗ୍ରହମାନଙ୍କର ବିଭିନ୍ନ ସେବା କରିବାପାଇଁ ଓ ନୈବେଦ୍ୟ ସମର୍ପଣ

CC-0. In Public Domain. Digtized by Muthulakshmi Research Academy

କରିବାପାଇଁ ଛାମୁଚିଟାଉ ପାଇଥିଲେ ତାହାର ଏକ ସଂକ୍ଷିପ୍ତ ବିବରଣୀ ନିମ୍ନରେ ପ୍ରଦାନ କରାଯାଇଅଛି ।[୧୬]

ଶ୍ରୀମନ୍ଦିର ପରିଚାଳନା କମିଟି ଅଧୀନରେ ବର୍ତ୍ତମାନ ଶ୍ରୀଜଗନ୍ନାଥଙ୍କ ଭୂସଂପତ୍ତିର ଏକ ଅନୁଧ୍ୟାନରୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରୁ ଯାହା ଜଣାପଡ଼େ ଓଡ଼ିଶାରେ ପୁରୀ, ଖୋର୍ଦ୍ଧା, କଟକ ଓ ଅନ୍ୟାନ୍ୟ ଜିଲ୍ଲାମାନଙ୍କରେ ଫଇସଲା ହୋଇଥିବା ଶ୍ରୀଜଗନ୍ନାଥଙ୍କର ଭୂସଂପତ୍ତିର ପରିମାଣ ପ୍ରାୟଃ ୫୬,୬୪୪.୯୦୯ଡେ. ରହିଅଛି । ସେହିପରି ପଶ୍ଚିମବଙ୍ଗରେ ୧୩୨୨.୯୩୦ଡେ., ଆନ୍ଧ୍ରପ୍ରଦେଶରେ ୧୧୮.୯୮୭ଡେ, ମହାରାଷ୍ଟ୍ରରେ ପ୍ରାୟଃ ୧୨୮.୨୧୮ଡେ., ମଧ୍ୟପ୍ରଦେଶରେ ପ୍ରାୟଃ ୧୨.୮୧୦ଡେ. ବିହାରରେ ୦.୨୭୪ଡେ. ରହିଅଛି । ଏଗୁଡ଼ିକ ଚିହ୍ନଟ ହୋଇ ମହାପ୍ରଭୁଙ୍କ ନାମରେ ରେକର୍ଡ ଫଇସଲା କରାଯାଇଅଛି । ଏହା ବ୍ୟତୀତ ହଜାର ହଜାର ଏକର ଜମି ଅଦ୍ୟାବଧି ଚିହ୍ନଟ ନ କରାଯାଇ ତାହା ଠାକୁରଙ୍କ ନାମରେ ଫଇସଲା ହୋଇନାହିଁ । ବହୁ ମୂଲ୍ୟବାନ ଜମି ଅଦ୍ୟାବଧି ବହୁ ବ୍ୟକ୍ତିଙ୍କ ଦ୍ୱାରା ଜବରଦଖଲ ଅଧିକାରରେ ରହିଅଛି । ଫଇସଲା ହୋଇଥିବା ଜମିଗୁଡ଼ିକ ବିକ୍ରୀ କରାଯାଇ ତାହାର ବିକ୍ରୀ ଲବ୍ଧ ଧନ ଶ୍ରୀମନ୍ଦିର ସ୍ଥାୟୀ ଜମା ପାଣ୍ଠିରେ ଗଚ୍ଛିତ ରହି ତାହାର ସୁଧରେ ଶ୍ରୀମନ୍ଦିରର ଭୋଗରାଗ, ପରିଚାଳନା କରାଯିବାର ନିଷ୍ପତ୍ତି ଶ୍ରୀମନ୍ଦିର ପରିଚାଳନା କମିଟି ଓ ଓଡ଼ିଶା ସରକାର କରିସାରିଛନ୍ତି । ଶ୍ରୀମନ୍ଦିର ପରିଚାଳନା କମିଟି ଏହି ଅମୃତମଣୋହି ଖଞ୍ଜା ଭୋଗ ବା କୋଠଭୋଗ ଯେପରି ଅବ୍ୟାହତ ରହେ ସେଥିପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇ 'ଅମୃତମଣୋହି କୋଠଭୋଗ ଦାନ ଯୋଜନା' ନାମରେ ମୁଖ୍ୟତଃ ଭକ୍ତମାନଙ୍କର ଦାନ ସୂତ୍ରରେ ଆଦାୟ ହେଉଥିବା ଅର୍ଥ ଦ୍ୱାରା ଦୈନିକ ଏହି ଭୋଗ ଅଖଣ୍ଡ ଭାବରେ ଚାଲିବା ବ୍ୟବସ୍ଥା କରିଛନ୍ତି । ସମଗ୍ର ଭାରତବର୍ଷରେ ଚିହ୍ନଟ କରାଯାଇଥିବା ଉପର୍ଯ୍ୟୁକ୍ତ ଜମିଗୁଡ଼ିକ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଦାନ ଦିଆଯାଇଥିବା ଭୂସଂପତ୍ତିମାନ ବିକ୍ଷିପ୍ତ ଭାବରେ ରହିଥିଲେ ମଧ୍ୟ ତାହା ମହାପ୍ରଭୁଙ୍କ କୋଠଭୋଗ ବା ଅମୃତମଣୋହି ଭୋଗ ପାଇଁ ଉଦ୍ଦିଷ୍ଟ ରହିଥିଲା ବୋଲି ପ୍ରମାଣ ମିଳେ । ଏଥିପାଇଁ ମଠମାନଙ୍କ ମାଧ୍ୟମରେ କେତେକ ସଂପତ୍ତି ଦିଆଯାଇଥିବାର ପ୍ରମାଣ ନିମ୍ନ ମତେ ଦିଆଗଲା । ଏହି ଭୂସଂପତ୍ତି ଦାନର ସାମାନ୍ୟତମ ଚିତ୍ରରୁ ଓଡିଶାର ରାଜା ମହାରାଜା, ଗଜପତି ମହାରାଜା, ଜମିଦାରଙ୍କ ଆର୍ଥିକ ସ୍ଥିତି କେତେ ସ୍ୱଚ୍ଛଳ ଥିଲା ଓ ସେମାନେ କିପରି ଶ୍ରୀଜଗନ୍ନାଥ ପ୍ରାଣ ଥାଇ ଠାକୁରଙ୍କ ଅମୃତମଣୋହି ଭୋଗ କିପରି ଚାଲୁରହିବ ସେଥିପାଇଁ କେତେ ଚିନ୍ତିତ ଥିଲେ ଏଥିରୁ ହିଁ ଜଣାପଡ଼େ ।

---

୧୬. ସଂଗୃହୀତ- ମଠ ସଂସ୍କୃତି, ଲେ-ଭାସ୍କର ମିଶ୍ର ।

CC-0. In Public Domain. Digtized by Muthulakshmi Research Academy

## ପୁରୀର ବିଭିନ୍ନ ସମ୍ପ୍ରଦାୟର ମଠ ତଥା ମଠାଧିପତିମାନଙ୍କୁ ଦାନସୂତ୍ରେ ମିଳିଥିବା ଅମୃତମଣୋହି ସଂପତ୍ତି :-

| ଗ୍ରହୀତାର ନାମ | ଦାତାର ନାମ | ସଂପତ୍ତିର ପରିମାଣ | ଦାତା କି ଅଭିପ୍ରାୟରେ ଏହି ଜମି ଖଞ୍ଜିଥିଲେ |
|---|---|---|---|
| **୧.ରାଘବଦାସ ମଠ** | | | |
| ମହନ୍ତ ସିତଲ ଦାସ | ମହାରାଜା କାନୁଜି ଭୋସଲା ହାକିମ ମରହଟ୍ଟା | ମୌଜା-ପାରକଣା -୫୫୭ମାଣ ୧୨ଗୁଣ୍ଠ ୭ବିଶ୍ୱା | ଅମୃତମଣୋହି ଖର୍ଚ୍ଚସକାଶେ |
| | | ମୌଜା-ଶଙ୍ଖୁଆ ବଡ଼ତରା ୬୮୧ ମାଣ ୨୨ଗୁଣ୍ଠ | ,, |
| | | ମୌଜା-ନାଲିହଣା ୭୪୪ମାଣ ୩ଗୁଣ୍ଠ ୧୦ବିଶ୍ୱା | |
| ମହନ୍ତ କୃଷ୍ଣ ଦାସ | ମହାରାଜା ବୀର କିଶୋର ଦେବ | ମୌଜା-ନହଡିଆ ୧୦୬ମାଣ ୧୫ଗୁଣ୍ଠ ୧୪ବିଶ୍ୱା | ଶ୍ରୀମନ୍ଦିର ଅଣସର, ଅଧରପେଣାଭୋଗ ସକାଶେ |
| ମହନ୍ତ ଦେବ ଦାସ | ଦେଓ୍ୱାନ ଭ୍ରମରବର ରାଏ | ମୌଜା-ଘାସିଭବାନିପୁର, ଦୋରବସ୍ତ ୩୦୧ମାଣ ୪ଗୁଣ୍ଠ ୩ ବିଶ୍ୱା | ଅମୃତମଣୋହି ଖର୍ଚ୍ଚ ସକାଶେ |
| ମହନ୍ତ ଦେବ ଦାସ | ରାଜା ଦିବ୍ୟସିଂହ ଦେବ | ମୌଜା-କଞ୍ଚି ଶାସନ ୪୮ମାଣ ୧୯ଗୁଣ୍ଠ ୧୧ ବିଶ୍ୱା | ଅମୃତମଣୋହି ଖେଚେଡ଼ି ଭୋଗ ସକାଶେ |
| **୨. ଭେଙ୍କଟ ମଠ** | | | |
| ମହନ୍ତ ରାମାନୁଜ ଆଚାରୀ ସ୍ୱାମୀ | କାନୁଜି ଭୋସଲା ହାକିମ ମରହଟ୍ଟା | ମୌଜା-ଚକ୍ରପଡା, ଡୋରିହଁ ବନ୍ଧ | ଅମୃତମଣୋହି ଖର୍ଚ୍ଚ ସକାଶେ |
| ମହନ୍ତ ଜଗନ୍ନାଥ ଭେଙ୍କଟଗିରୀ | ,, | ମୌଜା-ଉଜାଗଡ଼ | ,, |
| ମହନ୍ତ କୁମାର | ଚେତିନା ସୁବେଦାର | ମୌ-ବାଲିଆ ଶାସନ | ,, |
| ମହନ୍ତ ସଫତ କୁମାର | ଚେମନାସ ସୁବୋଦାର | ମୌ-ଡଭାର | ଅମୃତମଣୋହି ଓ ସଦର ଓ୍ୟାରଜାଙ୍କ ଖର୍ଚ୍ଚ ସକାଶେ |

CC-0. In Public Domain. Digtized by Muthulakshmi Research Academy

## ୩. ଗୋପାଳତୀର୍ଥ ମଠ

| | | | |
|---|---|---|---|
| ନାରାୟଣ ତୀର୍ଥ | ଏକାଜି ସୁକୁଦେବ | ମୌ-ବିଜିପୁର<br>୪୪୨ ମାଣ ୭ଗୁଣ୍ଠ ୩ ବିଶ୍ୱା<br>ମୌ-ବିଟିମୁଣ୍ଡେଇ<br>୩୨୨ମାଣ ୧୩ଗୁଣ୍ଠ ୧୩ବିଶ୍ୱା | ଅମୃତମଣୋହି |
| ବଳଦେବ ତୀର୍ଥସ୍ୱାମୀ | ରାଜେବରାତ୍ | ମୌ-ତରିସଂଘା<br>ମୌ-ଭଟପୁର<br>୪୭୯ମାଣ ୧ଗୁଣ୍ଠ ୧ବିଶ୍ୱା | ,, |

## ୪. ନେବଳ ଦାସ ମଠ

| | | | |
|---|---|---|---|
| ମହନ୍ତ ନବଳ ଦାସ | କାନୁଜି ଭୋସଲା<br>ରାଜେବରାତ | ମୌ-ପଦ୍ମପୁର<br>୩୮୫ ମାଣ ୨ଗୁଣ୍ଠ ୩ବିଶ୍ୱା | ଅମୃତମଣୋହି, ବୈଷ୍ଣବ, ସଦର ଓ୍ୟାରଦ ଖର୍ଚ୍ଚ ସକାଶେ |
| ମହନ୍ତ ବଲ୍ଲଭ ଦାସ | ରାଜେ କାନୁଜୀ ଭୋସଲା | ମୌ-ଟଙ୍କିପୁର<br>୩୭ମାଣ ୧୪ଗୁଣ୍ଠ<br>ମୌ-ଏରବସ୍ତ<br>୧୩୦୮ମାଣ ୧୮ଗୁଣ୍ଠ ୩ବିଶ୍ୱା | ଅମୃତମଣୋହି ଓ ସଦର ଓ୍ୟାରଜାଙ୍କ ଖବର ନେବା ଖର୍ଚ୍ଚ ସକାଶେ |

## ୫.ଦକ୍ଷିଣପାର୍ଶ୍ୱ ମଠ

| | | | |
|---|---|---|---|
| ମହନ୍ତ ଶ୍ରୀରାମ ଦାସ | ଏକାଜି ଶୁକଦେବ ନାୟକ, ସୁବେଦାର, ସରକାର ରାଜେବରାତ୍ | ମୌ-ନୁଆ ବଡ଼ାକେରା<br>୮୩୧ମାଣ ୮ଗୁଣ୍ଠ ୯ବିଶ୍ୱା | ଅମୃତମଣୋହି ଖର୍ଚ୍ଚ ସକାଶେ |
| ମହନ୍ତ ଶ୍ରୀରାମ ଦାସ | ଏକାଜି ଶୁକଦେବ | ମୌ-ସୁନ୍ଦରା<br>୫୮୮ ମାଣ ୧୦ବିଶ୍ୱା | ଅମୃତମଣୋହି ଖର୍ଚ୍ଚ ସକାଶେ |
| ମହନ୍ତ ରାମଜୟ ଗୋସାଇଁ | ରାଜା ବୀରକିଶୋର ଦେବ | ମୌ-ଦୁଗଲ<br>୧୧୦ବାଟି<br>ମୌ-ଆପିଲା<br>୬୦ ବାଟି | ଅମୃତମଣୋହି ଖର୍ଚ୍ଚ ସକାଶେ |
| ରାମଜଏ ଅଧିକାରୀ | ,, | ମୌ-ସମଂଗ<br>ରେବତୀ ରମଣ ବଗିଚା<br>୧୬ବାଟି ୧୦ମାଣ | ,, |
| ଶ୍ରୀ ରାମ ଦାସ | ହାକିମ ମରହଟ୍ଟା | ମୌ-ମାର୍କଣ୍ଡପୁର<br>୬୨୬ ମାଣ ୨୩ଗୁଣ୍ଠ ୯ବିଶ୍ୱା | ଅମୃତମଣୋହି ଓ ବୈଷ୍ଣବଙ୍କ ଖର୍ଚ୍ଚ ସକାଶେ |

CC-0. In Public Domain. Digtized by Muthulakshmi Research Academy

**୬. ସମାଧି ମଠ**

| | | | |
|---|---|---|---|
| | ଏକାଜି ଶୁକଦେବ | ମୌ-ରଥପୁରୁଷୋତ୍ତମପୁର<br>ମୌ-ବେରବୋଇ | ଅମୃତମଣୋହି<br>ଖର୍ଚ୍ଚ ସକାଶେ |

**୭. ରାମଜୀ ମଠ**

| | | | |
|---|---|---|---|
| ମହନ୍ତ ନାରାୟଣ ଦାସ | ରାଜେ କାନୁଯିଭୋଁସଲା | ମୌ-ପୋଡ଼ପୋ<br>୧୧୧ମାଣ ୨୨ଗୁଣ୍ଠ ୭ବିଶ୍ୱା | ଅମୃତମଣୋହି<br>ଖର୍ଚ୍ଚ ସକାଶେ |
| ଉମୋନିଧି ମୁନି<br>ପରମାର୍ଥୀ | ଦରଜୀ ଗଣେଷ<br>ସୁବେଦାର | ମୌ-କେନ୍ଦ୍ରୀ ଦେଉଳି | ଅମୃତମଣୋହି<br>ବୈଷ୍ଣବ ବ୍ରାହ୍ମଣମାନଙ୍କ<br>ସେବାରେ ଖର୍ଚ୍ଚ ସକାଶେ |

**୮. ବିକିଟି ମଠ**

| | | | |
|---|---|---|---|
| ଅଧିକାରୀ ଗୋଲାବ ଦାସ | ରାମ ପ୍ରସାଦ ଭଗତ | ମୌ-କଣ୍ଟି<br>ଦୋରଖଣ୍ଡ<br>୨୪୪ ମାଣ ୪ ଗୁଣ୍ଠ | ଅମୃତମଣୋହି ଖର୍ଚ୍ଚ<br>ସକାଶେ |

**୯. ବଳରାମ କୋଟ ମଠ**

| | | | |
|---|---|---|---|
| ଅଧିକାରୀ<br>ନଚ୍ଛମନ ଦାସ | ପର୍ଶୁରାମ ମହାପାତ୍ର<br>ଓଗେର ହାକିମ ମରହଟ୍ଟା | ମୌ-ଦାଳୁଅକଣି<br>୩୧୦ ମାଣ ୧୯ଗୁଣ୍ଠ ୫ ବିଶ୍ୱା | ଅମୃତମଣୋହି ଖର୍ଚ୍ଚ |

**୧୦. ଉତ୍ତରପାର୍ଶ୍ୱ ମଠ**

| | | | |
|---|---|---|---|
| ମହନ୍ତ ଜଏରାମ ଦାସ | କୃଷ୍ଣ ଦାସ ବେଧାଜୀ<br>ମହାରାଜ | ମୌ-ଗଏଣ୍ଡେଳ<br>୮୬୫ ମାଣ ୧୬ଗୁଣ୍ଠ ୧୨ବିଶ୍ୱା | ଅମୃତମଣୋହି<br>ଖର୍ଚ୍ଚ ସକାଶେ |

**୧୧. ମଙ୍ଗୁ ମଠ**

| | | | |
|---|---|---|---|
| ମହନ୍ତ ଶୁକଦେବ ଦାସ | ଏକାଜୀ ଶୁକୁଦେବ | ମୌ-କଣ୍ଟିଳି<br>୯୫୮ ମାଣ ୧୩ଗୁଣ୍ଠ ୧୫ବିଶ୍ୱା | ଖଏରାତ ସକାଶେ |
| ମହନ୍ତ ଉଦାସୀ<br>ରାମ ଦାସ | ଦେଓ୍ୱାନ ଭ୍ରମରବର ରାୟ | ମୌ-ଭିକାରୀ ପଡ଼ା,<br>ଦୋରବସ୍ତ, ୩୦ ବାଟି<br>୧୪ମାଣ ୧୫ଗୁଣ୍ଠ ୧୪ ବିଶ୍ୱା | ଅମୃତମଣୋହି ଖର୍ଚ୍ଚ<br>ସକାଶେ |
| ମହନ୍ତ ଶୁକଦେବ<br>ଉଦାସୀ | ରାଜା ବୀରକିଶୋର ଦେବ | ମୌ-ଖମାର, ଦୋରବସ୍ତ,<br>୩୫୨ମାଣ ୧୪ଗୁଣ୍ଠ ୪ ବିଶ୍ୱା | ଅମୃତମଣୋହି ଖର୍ଚ୍ଚ<br>ସକାଶେ |

**୧୨. ଓଡ଼ିଆ ମଠ**

| | | | |
|---|---|---|---|
| ଅଧିକାରୀ ପୁରୁଷୋତ୍ତମ<br>ଦାସ | ରାଜେବରାତ | ମୌ-ଭଗବାନ ସୁନ୍ଦରା | ଅମୃତମଣୋହି ଖର୍ଚ୍ଚ<br>ସକାଶେ |
| ,, | ରାଜା ବୀରକିଶୋର ଦେବ | ମୌ-ଖଟପିଙ୍ଗୀ<br>୫୬୧ମାଣ ୧୬ଗୁଣ୍ଠ ୩ବିଶ୍ୱା | ଶ୍ରୀଜଗନ୍ନାଥଙ୍କ ଗୋପାଳ<br>ବଲ୍ଲଭ ଭୋଗ ସକାଶେ |

CC-0. In Public Domain. Digtized by Muthulakshmi Research Academy

| | | | |
|---|---|---|---|
| ଅଧିକାରୀ ମୁକୁନ୍ଦ ଦାସ | ରାଜା ବୀରକିଶୋର ଦେବ | ମୌ-ସହାସପୁର<br>୨୮୪ମାଣ ୧୮ଗୁଣ୍ଠ ୮ବିଶ୍ୱା | ଅମୃତମଣୋହି ଖର୍ଚ୍ଚ ସକାଶେ |
| ଅଧିକାରୀ ବଂଶୀଧର ଦାସ | ରାଜା ଦିବ୍ୟସିଂହ ଦେବ | ମୌ-ନରେନ୍ଦ୍ରପୁର,<br>ଦୋରବସ୍ତ, ୮୬ବାଟି<br>୫ମାଣ ୧୪ଗୁଣ୍ଠ ୭ବିଶ୍ୱା | ଅମୃତମଣୋହି ଖର୍ଚ୍ଚ ସକାଶେ |

## ୧୩. ଦେଓଗିରି ମଠ

| | | | |
|---|---|---|---|
| ଦେଓଗିରି | ରାଜା ଦିବ୍ୟସିଂହ ଦେବ | ମୌ-ଆଠବାଟିଆ<br>ମୌ-ଭୋଗ ମୋଟେଇ<br>୧୩୦ମାଣ ୧୯ଗୁଣ୍ଠ ୧୩ବିଶ୍ୱା | ଅମୃତମଣୋହି ଖର୍ଚ୍ଚ ସକାଶେ |

## ୧୪. ରାମକୃଷ୍ଣବ୍ରହ୍ମଚାରୀ ମଠ

| | | | |
|---|---|---|---|
| ରାମକୃଷ୍ଣ ବ୍ରହ୍ମଚାରୀ | ରାଜା ବୀରକିଶୋର ଦେବ | ମୌ-ପାଟକେଣା<br>୬୫ ମାଣ ୧୦ଗୁଣ୍ଠ ୭ ବିଶ୍ୱା | ଅମୃତମଣୋହି ଖର୍ଚ୍ଚ |
| ,, | ,, | ମୌ-ଯାଡ଼ିପୁର<br>୧୩୧ମାଣ ୨୧ ଗୁଣ୍ଠ ୧୧ ବିଶ୍ୱା | ,, |

## ୧୫.ରାଜଗୋପାଳଦାସ ମଠ

| | | | |
|---|---|---|---|
| ମହନ୍ତ ସମଝା ଯାତ୍ରୀ | ରାଜାରାମ ପଣ୍ଡିତ ସୁବେଦାର | ମୌ-ନୀଳକଣ୍ଠ ପଡ଼ା<br>୧୨୭ମାଣ ୧୧ଗୁଣ୍ଠ ୧୪ବିଶ୍ୱା | ଅମୃତମଣୋହି ଓ ଚାମର ସେବା |
| ,, | ହାକିମ ମରହଟ୍ଟା | ମୌ-ଆଇସେକାଲୋ,<br>ଦୋରବସ୍ତ, ୧୩ ମାଣ<br>୮ ଗୁଣ୍ଠ ୧୨ ବିଶ୍ୱା | ଅମୃତମଣୋହି ଖର୍ଚ୍ଚ ସକାଶେ |
| ,, | ରାଜା ବୀରକିଶୋର ଦେବ | ମୌ-ଗୋରାଇ, ଦୋରବସ୍ତ<br>୭୬ବାଟି ୧୫ମାଣ<br>୧୬ଗୁଣ୍ଠ ୧ବିଶ୍ୱା | ଅମୃତମଣୋହି ଖର୍ଚ୍ଚ ସକାଶେ |
| ମହନ୍ତ ସମଝା ଯାତ୍ରୀ | ହାକିମ ମରହଟ୍ଟା | ମୌ-ପାଟଣିଆକେରା<br>୪୯ ବାଟି ୨ମାଣ<br>୨୪ଗୁଣ୍ଠ ୫ ବିଶ୍ୱା | ଅମୃତମଣୋହି ଖର୍ଚ୍ଚ ସକାଶେ |

## ୧୬. ସୁନ୍ଦରଦାସ ମଠ

| | | | |
|---|---|---|---|
| ଚୈତନ୍ୟ ଦାସ | ଗଦାଧର ସାନ୍ତରା ଓଗେର ଜମିଦାର ହାକିମ ମରହଟ୍ଟା | ମୌ-ସୁଜାନଗର ହରିପୁର<br>୩୫୮ ମାଣ ୬ ବିଶ୍ୱା | ଅମୃତମଣୋହି ଖର୍ଚ୍ଚ ସକାଶେ |

## ୧୭. ବଡ଼ସଙ୍କ ମଠ

| | | | |
|---|---|---|---|
| ମୁକୁଟରାମ ମହନ୍ତ | ରାଜା ବୀରକିଶୋର ଦେବ | ମୌ-ପରଡିହି,<br>ଦୋରବସ୍ତ, ୧୫୭୯ ମାଣ<br>୨୬ଗୁଣ୍ଠ ୧୩ ବିଶ୍ୱା | ଅମୃତ ମଣୋହି ଖର୍ଚ୍ଚ ସକାଶେ |

CC-0. In Public Domain. Digtized by eGangotri Lakshmi Research Academy

**୧୮. ସିଦ୍ଧବକୁଳ ମଠ**

| | | | |
|---|---|---|---|
| ମହନ୍ତ ବକୁଳଚିସନ ଦାସ | ରାଜାରାମ ପଣ୍ଡିତ ସୁବେଦାର | ମୌ-ଧର୍ମକୀର୍ତ୍ତି ୨୮୫ମାଣ ୧ଗୁଣ୍ଠ ୬ ବିଶ୍ୱା | ଅମୃତମଣୋହି ଖର୍ଚ୍ଚ ସକାଶେ |

**୧୯. ଜଗନ୍ନାଥବଲ୍ଲଭ ମଠ**

| | | | |
|---|---|---|---|
| ଗୁଦଡ଼ | ରାଜା ଦିବ୍ୟସିଂହ ଦେବ | ମୌ-ଗିଂପାଲ ୪୯୫୪ମାଣ ୧୫ଗୁଣ୍ଠ ୧୨ବିଶ୍ୱା | ଅମୃତମଣୋହି ଖର୍ଚ୍ଚ ସକାଶେ |

**୨୦. ଶଙ୍କରାନନ୍ଦ**

| | | | |
|---|---|---|---|
| ମହେଶ୍ୱରାନନ୍ଦ ସରସ୍ୱତୀ ସ୍ୱାମୀ | ରାଜା ବୀରକିଶୋର ଦେବ | ମୌ-ବେଦରପଡ଼ା | ଅମୃତମଣୋହି ଖର୍ଚ୍ଚ ସକାଶେ |
| ,, | ଦେଓ୍ୱାନ ଭ୍ରମରବର ରାଏ | ମୌ-ଜରକବର, ଦୋରବସ୍ତ ୬୪ମାଣ ୨୩ଗୁଣ୍ଠ ୩ବିଶ୍ୱା | ସନ୍ୟାସୀଙ୍କ ଭିକ୍ଷା ଓ ନବହର ଦାସ କଉପୁନି ସକାଶେ |
| ଶଙ୍କରାନନ୍ଦ ସରସ୍ୱତୀ ସ୍ୱାମୀ | ହାକିମ ମରହଟ୍ଟା | ମୌ-ଓଲ ୩୧୨ମାଣ ୨୪ଗୁଣ୍ଠ ୧୩ବିଶ୍ୱା | ଅମୃତମଣୋହି ଖର୍ଚ୍ଚ ସକାଶେ |

**୨୧.ରାଧାକାନ୍ତ ମଠ**

| | | | |
|---|---|---|---|
| ଶ୍ରୀ ରାଧାକାନ୍ତଙ୍କ ଭୋଗ ତଳେ | ମହାରାଜା ଦିବ୍ୟସିଂହ ଦେବ | ମୌ-ରେଜଂଗା, ୪୧୬ ମାଣ ୧୫ଗୁଣ୍ଠ ୧୪ ବିଶ୍ୱା | |

**୨୨. ତ୍ରିମାଳୀ ମଠ**

| | | | |
|---|---|---|---|
| ଅଧିକାରୀ ମଂଜୁରୀ ଦାସ | ଦେଓ୍ୱାନ ଭ୍ରମରବର ରାୟ | ମୌ-କାଣ୍ଡଗୋଦା ୬୫ ବାଟି ୧୧ ମାଣ | |
| ନାଥ ମୁନି ପରମାର୍ଥୀ | ରାଜା ଦିବ୍ୟସିଂହ ଦେବ | ମୌ-ଆଇଁସ, ୧୩ ବାଟି ୬ମାଣ ମୌ-ସୁନନ୍ଦ ୯୧୦ ବାଟି ୧ ବିଶ୍ୱା | ଅମୃତମଣୋହି ଓ ମଦନମୋହନ ଦେବଙ୍କ ରଥଯାତ୍ରାଭୋଗ ସକାଶେ |

**୨୩. ମଧୁସୂଦନ ଦାସ ମଠ**

| | | | |
|---|---|---|---|
| ଛାତରାମ ସେବକ | ହାମିକ ମରହଟ୍ଟା | ମୌ-କୁସୁପୁର | ଅମୃତମଣୋହି ଖର୍ଚ୍ଚ ସକାଶେ |

**୨୪. କଣାସ ମଠ**

| | | | |
|---|---|---|---|
| ମହନ୍ତ ରଘୁନାଥ ଦାସ | ଦେଓ୍ୱାନ ଭ୍ରମରବର ରାଏ | ମୌ-ଘରଙ୍ଗୁଆଁ ୬୬ମାଣ ୧୬ଗୁଣ୍ଠ ୧୫ବିଶ୍ୱା | ସଦର ଓ୍ୟାରଜା ଦହିଗୋଲା ଖର୍ଚ୍ଚସକାଶେ |

**୨୫. ବଳିବାମନଦାସ ମଠ**

| | | | |
|---|---|---|---|
| ନରସିଂହ ଦାସ ମହନ୍ତ | ରାଜାରାମ ପଣ୍ଡିତ ସୁବେଦାର | ମୌ-ଦୋରବସ୍ତ, ସନ୍ତରସ-୨୨୯ମାଣ ୧୬ଗୁଣ୍ଠ | ଅମୃତମଣୋହି ଓ ବୈଷ୍ଣବ ଓ ସଦର ଓ୍ୟାରଜାଙ୍କ ଖର୍ଚ୍ଚ ସକାଶେ |

CC-0. In Public Domain. Digtized by Muthulakshmi Research Academy

**୨୬. ଆହୁଲିଆ ମଠ**

| | | | |
|---|---|---|---|
| କୃଷ୍ଣଚନ୍ଦ୍ର ଅର୍ହଲି | ସଦାଶିବ ରାଏ ପୋଦାର | ମୌ-ନୁହାରକେରି | ଅମୃତମଣୋହି ଖର୍ଚ୍ଚ |
| | ଏକାଜୀ ଶୁକୁଦେବ | ୪୪୫ ମାଣ ୮ଗୁଣ୍ଡ ୩ବିଶ୍ୱା | ସକାଶେ |

**୨୭. କଉଶଲ୍ୟା ମଠ**

| | | | |
|---|---|---|---|
| ଗରୀବ ଦାସ | ଶିବଭଟ୍ଟ ସୁବେଦାର | ମୌ-ଡେଙ୍କଳ | ଅମୃତମଣୋହି ଖର୍ଚ୍ଚ |
| | | ୩୦୩ମାଣ ୬ଗୁଣ୍ଡ ୧୩ବିଶ୍ୱା | |

(ତଥ୍ୟ ସୂତ୍ର-ଶ୍ରୀଜଗନ୍ନାଥ ମନ୍ଦିର ରେକର୍ଡ ରୁମ୍-Sl. No 458/41 B rou II-1976)

ଇଂରେଜ ସରକାର ୧୮୦୩ ଖ୍ରୀ.ଅ.ରେ ଶ୍ରୀଜଗନ୍ନାଥ ମନ୍ଦିର ଅଧିକାର କରିସାରିବା ପରେ ପୁରୀ ଜିଲ୍ଲାପାଳ ଶ୍ରୀଜଗନ୍ନାଥ ମନ୍ଦିରର ସଂପତ୍ତିବାଡ଼ିର ଏକ ତାଲିକା ସଂଗ୍ରହ କରି ବଙ୍ଗ ସରକାରଙ୍କଠାରେ ଦାଖଲ କରିଥିଲେ । ସରକାରୀ ରେକର୍ଡରେ ଏହାର ବିସ୍ତୃତ ବିବରଣୀ ରହିଅଛି । ଉକ୍ତ ରେକର୍ଡ ଅନୁଯାୟୀ ପୁରୀର ମଠାଧୀଶମାନଙ୍କ ମାରଫତରେ ଯେଉଁ ସବୁ ଅମୃତମଣୋହି ସଂପତ୍ତି ଥିଲା ତାର ଏକ ତାଲିକା ଆମେ ଦେଉଛୁ ।

**୧. ବଂଶୀ ଅଧିକାରୀ**-ବଂଶୀ ଅଧିକାରୀ ନାମକ ଜଣେ ମହନ୍ତଙ୍କୁ ଶ୍ରୀଜଗନ୍ନାଥଙ୍କ ଅବକାଶ ସମୟରେ ଶିକୁଳି ଧରିବା ନିମନ୍ତେ ଚବିଶକୁଦ ପ୍ରଗଣାରେ ୨ଟି ମଉଜା, ରାହାଙ୍ଗ ପ୍ରଗଣାର ୩ଟି ମଉଜା, ନରେନ୍ଦ୍ରପୁର ମୌଜାର ଗୋଟିଏ ମଉଜା ଖୋର୍ଦ୍ଧା ରାଜା ଦାନ ଦେଇଥିଲେ ।

**କାର୍ଯ୍ୟ**-ପୌଷମାସରେ ମହାପ୍ରଭୁଙ୍କୁ ଭୋଗ ଦେବେ । ରଥଯାତ୍ରା ସମୟରେ ଭୋଗଦେବେ । ଶେଷ ସଂକ୍ରାନ୍ତି ଦିନ ମହାପ୍ରଭୁଙ୍କୁ ଭୋଗଲାଗି କରିବେ । ଚନ୍ଦନଯାତ୍ରା ସମୟରେ ଭୋଗ ଦେବେ । ଅଣସର ସମୟରେ ଭୋଗସାମଗ୍ରୀ ଯୋଗାଇବେ । ମକର ଯାତ୍ରାରେ 'ଛପନ ଭୋଗ' ତିଆରି କରି ଭୋଗ ଦେବେ । ଆଶ୍ୱିନ ମାସରେ ବିମଳାଠାକୁରାଣୀଙ୍କ ପାଇଁ ଭୋଗ ଯୋଗାଇବେ ।

ଆଶ୍ୱିନ ମାସରେ ଉତ୍ତରାୟଣୀଙ୍କ ପାଇଁ ଭୋଗ ଦେବେ । କାର୍ତ୍ତିକ ମାସରେ ମନ୍ଦିରରେ ଦୀପ ପାଇଁ ବ୍ୟବସ୍ଥା କରାଇବେ । ଗାଈଗୋରୁମାନଙ୍କ ଘାସ ପାଇଁ ସୁ-ବ୍ୟବସ୍ଥା କରାଇବେ । ଦୋଳମଣ୍ଡପ ସଫା ରଖିବାପାଇଁ ବ୍ୟବସ୍ଥା କରିବେ । ଶ୍ରୀଜଗନ୍ନାଥଙ୍କର ୬ଟି ମାଣ୍ଡି ପ୍ରସ୍ତୁତି କରାଇବେ । ଶ୍ରୀଜଗନ୍ନାଥଙ୍କର ୪ଟି ଲୁଗା ଯୋଗାଡ଼ କରି ଦେବେ । ରଥଯାତ୍ରାବେଳେ ଅତର ସିଂଚନ ପାଇଁ ବ୍ୟବସ୍ଥା କରିବେ । (ଶ୍ରୀଜଗନ୍ନାଥ ମନ୍ଦିର ଓ ଶ୍ରୀଜଗନ୍ନାଥ ତତ୍ତ୍ୱ-ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ) ।

**୨. ଜଗନ୍ନାଥବଲ୍ଲଭ ମଠ**-ଏହି ମଠକୁ ଖୋର୍ଦ୍ଧାର ରାଜମାତା ଶ୍ରୀଜଗନ୍ନାଥଙ୍କ ଫୁଲପାଇଁ ପାଟଣା, ଚାରିନଳା ଓ କୋକଲଗଡ (ବା ଗଡକୋକଲ, ଯାହାକି ବ୍ରହ୍ମଗିରିଠାରୁ ଉତ୍ତର

CC-0. In Public Domain. Digtized by Muthulakshmi Research Academy

ପଶ୍ଚିମ ଦିଗରେ କରମଳା ନିକଟରେ ଅବସ୍ଥିତ)ରେ ଦାନ ଦେଇଥିଲେ । ଉକ୍ତ ମଠକୁ ଖୋର୍ଦ୍ଧା ରାଜା ମଧ୍ୟ ଧର୍ମପୀଠ ପାଇଁ (ଆଲୋଚନା ଓ ପୁରାଣପାଠ) ଦାନ ଦେଇଥିଲେ ।

**୩. ରାଘବଦାସ ମଠ**-ଏହି ମଠର ମହନ୍ତ ଥିଲେ ଶ୍ରୀତୁକାମ ଦାସ । ମହନ୍ତ ଶ୍ରୀତୁକାମ ଦାସଙ୍କୁ 'କୃଷ୍ଣନରେନ୍ଦ୍ର' ଦାନ ଦେଇଥିଲେ । ଏହି ଦାନ ଶ୍ରୀଜଗନ୍ନାଥଙ୍କର ସ୍ନାନଯାତ୍ରା, ରଥଯାତ୍ରା, ଚନ୍ଦନଯାତ୍ରା, କୁମାରପୂର୍ଣ୍ଣିମା ଦିନମାନଙ୍କରେ ଭୋଗପାଇଁ ଦେଇଥିଲେ । ଏଥିପାଇଁ ରାହାଙ୍ଗ ପ୍ରଗଣାର ୩୦ଟି ମୌଜା ସେ ଦାନ ଦେଇଥିଲେ । ଯେଉଁଥିରେ ବିଜୟରାମଚନ୍ଦ୍ରପୁର, ଚନ୍ଦନପୁର, କଣ୍ଡପୁର, କୁମ୍ଭାରପଡ଼ା ବାଲୁଚର, ସାନ୍ତରାପୁର, ବାଲିକେରା ମୌଜା ଅନ୍ତର୍ଭୁକ୍ତ ଥିଲା ।

ଏତଦ୍‌ବ୍ୟତୀତ ସିରେଇପ୍ରଗଣାର ୪ଟି ମୌଜା, ଓଲାବର ମୌଜାରୁ ଗୋଟିଏ ଦେଇଥିଲେ । ଏହି ମଠର ଏକ ଶହରୁ ଊର୍ଦ୍ଧ୍ୱ ସେବା ଶ୍ରୀମନ୍ଦିରରେ ରହିଥିଲା ।

**୪. ମଠାଧିକାରୀ ଜୟରାମ ଦାସ**-ମହାରାଜା ଦିବ୍ୟସିଂହ ଦେବ ଶ୍ରୀଜଗନ୍ନାଥଙ୍କର ଗୋପାଳବଲ୍ଲଭ ଭୋଗ ନିମନ୍ତେ ଜମି ଦାନ ଦେଇଥିଲେ । ସେ ସିରେଇ ପ୍ରଗଣାର ଗୋଟିଏ ମୌଜା, ରାହାଙ୍ଗ ପ୍ରଗଣାର ବାଙ୍ଗୁରବା ମୌଜା ଏବଂ ଚାଷ ପ୍ରଗଣାର ଗୋଟିଏ ମୌଜା ଦାନ ଦେଇଥିଲେ ।

**୫. ମଠାଧିକାରୀ କୃଷ୍ଣଚନ୍ଦ୍ର ଗୋସ୍ୱାମୀ**-ଖୋର୍ଦ୍ଧା ରାଜା ପୁରୀସହରର କେତେକ ଅଞ୍ଚଳ, ବସନ୍ତପଞ୍ଚମୀ ତୋଟା, ପାଟଣାମକାପଡା ସହିତ ରାହାଙ୍ଗ ପ୍ରଗଣାର ଗୋଟିଏ ମୌଜା, କୋଠଦେଶ ପ୍ରଗଣାର ଗୋଟିଏ ମୌଜା ଦାନ ଦେଇଥିଲେ । ଶ୍ରୀଜଗନ୍ନାଥଙ୍କ ପାଖରେ ପଣା ଭୋଗ, ଫୁଲ ଓ ଦୀପଦାନ ନିମନ୍ତେ ଦେଇଥିଲେ ।

ପୁନଃ ଖୋର୍ଦ୍ଧାର ରାଜମାତା ଶ୍ରୀଜଗନ୍ନାଥଙ୍କ ନିକଟରେ 'ଆଲଟପଙ୍ଗା' ନିମନ୍ତେ ଅଣସର ସମୟରେ ବାର୍ଷିକ ଭିତିର ପନ୍ତିଭୋଗ, ଚାଳିଭୋଗ, ଭିତର ସରଭୋଗ ନିମନ୍ତେ ଲେମ୍ବେଇ ପ୍ରଗଣାର ୫ଟି ମୌଜା ଦାନ ଦେଇଥିଲେ ।

ତତ୍‌ପରବର୍ତ୍ତୀ ସମୟରେ ଖୋର୍ଦ୍ଧାରାଜା ଠାକୁରମାନେ ରଥଯାତ୍ରାବେଳେ ଗୁଣ୍ଡିଚାଘରକୁ ଯିବା ସମୟରେ ଚାଳିଭୋଗ ପାଇଁ ଉକ୍ତ ମହନ୍ତ ମହାରାଜାଙ୍କୁ ରାହାଙ୍ଗ ପ୍ରଗଣାର ଗୋଟିଏ ଏବଂ ଲେମ୍ବେଇ ପ୍ରଗଣାର ଗୋଟିଏ ମୌଜା ଦାନ ଦେଇଥିଲେ ।

ରାଣୀ ଇଚ୍ଛାବତୀ ମହାଦେବୀ ଠାକୁରଙ୍କ ପାଖରେ ଖେଚେଡ଼ିଭୋଗ ନିମନ୍ତେ ଚବିଶିକୁଦ ପ୍ରଗଣାର ଘଣ୍ଟାବୁରୀ (ବର୍ତ୍ତମାନର ନାମ ଘଟକୁଳି) ମୌଜା ଦାନ ଦେଇଥିଲେ ।

ଠାକୁରଙ୍କ ପାଖରେ ମଧ୍ୟ ଖେଚେଡ଼ିଭୋଗ ପାଇଁ ଜଗନ୍ନାଥ ପଟ୍ଟନାୟକ ନାମକ ଜଣେ ବ୍ୟକ୍ତି ଉକ୍ତ ମହନ୍ତଙ୍କ ମାରଫତରେ ଲେମ୍ବେଇ ଓ ରାହାଙ୍ଗ ପ୍ରଗଣାର ଗୋଟିଏ ଲେଖାଏଁ ମୌଜା ଦାନ ଦେଇଥିଲେ ।

CC-0. In Public Domain. Digitized by Muthulakshmi Research Academy

**୬. ମଠାଧିକାରୀ ଶ୍ରୀରାମଦାସ**-ଶ୍ରୀରାମଦାସଙ୍କୁ ଠାକୁରମାନଙ୍କ ନିକଟରେ ପ୍ରତିଦିନ ତିନିଥାଳି ଖେଚେଡ଼ି ଭୋଗ କରାଇବାପାଇଁ ପ୍ରିୟବତୀ ମହାଦେବୀ ସିରେଇ ଓ ଚବିଶକୁଦ ପ୍ରଗଣାର ଗୋଟିଏ ଲେଖାଏଁ ମୌଜା ଦାନ ଦେଇଥିଲେ ।

**୭. ମଠାଧିକାରୀ ଶମ୍ଭୁଭାରତୀ ଗୋସ୍ୱାମୀ**-ଖୋର୍ଦ୍ଧାରାଜା ଶ୍ରୀଜଗନ୍ନାଥଙ୍କ ପାଇଁ ଫୁଲମାଳ ଯୋଗାଇଦେବା ନିମନ୍ତେ ରାହାଙ୍ଗ ପ୍ରଗଣାର ୨ଟି ମୌଜା ଦାନ ଦେଇଥିଲେ ।

**୮. ଗଙ୍ଗାମାତା ମଠ**-ପଶ୍ଚିମବଙ୍ଗର ବର୍ଦ୍ଧମାନ ରାଜା କୀର୍ତ୍ତିଚନ୍ଦ୍ର ଶ୍ରୀଜଗନ୍ନାଥ ମନ୍ଦିର ପାଇଁ ଫୁଲ ଏବଂ ମାର୍କଣ୍ଡେଶ୍ୱରଙ୍କର ମନ୍ଦିର ସଂଲଗ୍ନ ଥିବା ବନ୍ଧ ଓଳେଇବା ନିମନ୍ତେ ଦୁଇଟି ମୌଜା ଦାନ ଦେଇଥିଲେ । ଗୋପୀନାଥ ପଟ୍ଟନାୟକ ଚାନ୍ଦିନୀ ପାଇଁ ରାହାଙ୍ଗ ପ୍ରଗଣାର ଦୁଇଟି ମୌଜା ଦେଇଥିଲେ ।

**୯. ଏମାର ମଠ**-ଶ୍ରୀଜଗନ୍ନାଥଙ୍କର ସେବାପୂଜା ନିମନ୍ତେ ବହୁ ମଠ ମାରଫତରେ ଦାତାମାନେ ଜମିବାଡ଼ି ଦାନ କରିଥିବା ଜଣାଯାଏ । ୧୮୦୩ ମସିହାରୁ ୧୮୦୭ ମସିହା ମଧ୍ୟରେ ଶ୍ରୀଜଗନ୍ନାଥ ମନ୍ଦିର ପାଇଁ ନିଯୁକ୍ତ ସ୍ୱତନ୍ତ୍ର ମାଜିଷ୍ଟ୍ରେଟ ସରକାରଙ୍କ ନିକଟରେ ଯେଉଁ ମଠ ଓ ମନ୍ଦିର ସମ୍ବନ୍ଧୀୟ ବିବରଣୀ ଦାଖଲ କରିଥିଲେ ସେଥିରୁ ଏହି ସମ୍ବନ୍ଧରେ ଅନେକ ତଥ୍ୟ ମିଳିଥାଏ । କିନ୍ତୁ ଉକ୍ତ ବିବରଣୀରେ ଅନେକ ଦାତାଙ୍କର ନାମ ନାହିଁ, ମୌଜା ବା ପଡ଼ାର ନାମ ରହିଛି । ଅନେକ ଦାନ କେଉଁ ଉଦ୍ଦେଶ୍ୟରେ ଦିଆଯାଇଥିଲା ତାର ମଧ୍ୟ ସୂଚନା ନାହିଁ । କେତେକ ଦାନ ବ୍ୟକ୍ତିଗତ ଭାବରେ ମହନ୍ତଙ୍କୁ ଦିଆଯାଇଛି ।

ଏମାର ମଠର ମହନ୍ତ 'ସୋମଜାମାତୃ'ଙ୍କୁ ଓଳାବର ପ୍ରଗଣାରେ ଗୋଟିଏ ମୌଜା, ରାହାଙ୍ଗ ପ୍ରଗଣାରେ ୪ଟି ମୌଜା ଖୋର୍ଦ୍ଧା ରାଜା ଦାନ କରିଥିଲେ । ଏହା ଶ୍ରୀଜଗନ୍ନାଥଙ୍କ ପାଇଁ ପୁଟୁଣି ଓ ଫୁଲ ଦେବାପାଇଁ ଦିଆଯାଇଥିଲା ।

***ଏମାର ମଠକୁ ଦିଆଯାଇଥିବା ଦାନ-***

୧) 'ରାହାଙ୍ଗ' ପ୍ରଗଣାର ୧୨ଟି ମୌଜା ଦିଆଯାଇଥିଲା । ତାହା ମଧ୍ୟରେ ପୁରୀସଦର ବ୍ଲକର ବାସୁଦେବପୁର, କେରାଣ୍ଡିପୁର ଓ ଜଗନ୍ନାଥବଲ୍ଲଭ ଅନ୍ତର୍ଭୁକ୍ତ ଥିଲା । ଜଗନ୍ନାଥବଲ୍ଲଭ ମୌଜା ମଧ୍ୟରେ ୩/୪ଖଣ୍ଡ ଗ୍ରାମ ଅନ୍ତର୍ଭୁକ୍ତ ।

୨) 'ଚବିଶକୁଦ' ପ୍ରଗଣାର ୫ଟି ମୌଜା ଦିଆଯାଇଥିଲା, ଏଥି ମଧ୍ୟରେ ତିନିକୁଦ, ବନ୍ଦାଳ ଓ ପଡ଼ା ଅନ୍ତର୍ଭୁକ୍ତ ।

୩) କୋଠଦେଶ ପ୍ରଗଣାର ୧୦ଟି ମୌଜା ଦାନ ଦିଆଯାଇଥିଲା, ଯେଉଁଥିଲେ ବାଙ୍ଗୁରଗାଁ ମୌଜା ସାମିଲ ଥିଲା ।

୪) ଭିତର ଆଠସାହି ପ୍ରଗଣାରୁ ଗୋଟିଏ ମୌଜା,

୫) ବାହାର ଆଠସାହି ମଧ୍ୟରୁ ଗୋଟିଏ ମୌଜା,

CC-0. In Public Domain. Digtized by Muthulakshmi Research Academy

୬) କରିଲୋ ପ୍ରଗଣାରୁ ଗୋଟିଏ ମୌଜା,
୭) ଅସ୍ତରଙ୍ଗ ପ୍ରଗଣା,
୮) ସବଙ୍ଗ ପ୍ରଗଣା,
୯) ବାଁ ଚାଷ ପ୍ରଗଣା,
୧୦) ରଣିଦିଆ ପ୍ରଗଣାରୁ ମୋଟ ୧୭ଖଣ୍ଡ ମୌଜା ଦାନ ଦିଆଯାଇଥିଲା ।

**୧୦. ମଠାଧିକାରୀ ଶ୍ରୀରାମଦାସ**-ବିଭିନ୍ନ ପ୍ରଗଣା ମଧ୍ୟରୁ ୮ଟି ପ୍ରଗଣାର ୧୮ଟି ମୌଜା ଦିଆଯାଇଥିଲା । ତନ୍ମଧ୍ୟରୁ ରାହାଙ୍ଗ ପ୍ରଗଣା ଅନ୍ତର୍ଗତ ପୁରୀସଦର ମଣ୍ଡଳ ଅନ୍ତର୍ଗତ ଗୋକୁଳପୁର ଶାସନ, ଜାନକାଦେଇପୁର, ପୁରୀସହର ସନ୍ନିକଟ 'ରେବତୀରମଣ' ମୌଜା ଦିଆଯାଇଥିଲା ।

**୧୧. ମଠାଧିକାରୀ ଜୟରାମ ଦାସ**-ସାତୋଟି ପ୍ରଗଣା ମଧ୍ୟରୁ ୧୪ଟି ମୌଜା ଦିଆଯାଇଥିଲା ।

**୧୨. ମଠଧାରୀ ଶୁକଦେବ ଦାସ**-୨ଟି ପ୍ରଗଣା ମଧ୍ୟରୁ ସମୁଦାୟ ୫ଟି ମୌଜା ଦିଆଯାଇଥିଲା ।

**୧୩. ମଠାଧିକାରୀ ନେବଳ ଦାସ**-୪ଟି ଗ୍ରାମ ଦିଆଯାଇଥିଲା ।

**୧୪. ମଠାଧିକାରୀ ଗୋବିନ୍ଦ ଦାସ**-୪ଟି ଗ୍ରାମ ଦିଆଯାଇଥିଲା ।

**୧୫. ମଠାଧିକାରୀ ରାମଜୀ ଦାସ**-୧୦ଟି ଗ୍ରାମ ଦିଆଯାଇଥିଲା ।

**୧୬. ମଠାଧିକାରୀ ମୌଜୀରାମ ଦାସ**-୨୨ଟି ଗ୍ରାମ, ଏ ଗ୍ରାମମାନଙ୍କ ମଧ୍ୟରେ ପୁରୀସଦରର ଚମାରକେରା, ଜଗନ୍ନାଥପୁର, ବୀର ଗୋବିନ୍ଦପୁର ଗ୍ରାମ ଦିଆଯାଇଥିଲା । ପୁରୀ ସହରର ବାଲିସାହି, କାଳିକାଦେବୀସାହି, ଖଣ୍ଡିଆବନ୍ଧ ବାସେଳୀ ସାହି ମଧ୍ୟ ଦାନ ଦିଆଯାଇଥିଲା ।

**୧୭. ମଠାଧିକାରୀ ନରସିଂହାଚାରୀ**-୬ଟି ମୌଜା ଦିଆଯାଇଥିଲା ।

**୧୮. ମଠାଧିକାରୀ ବାଳକଦାସ**-୩ଟି ଗ୍ରାମ ଦିଆଯାଇଥିଲା ।

**୧୯. ମଠାଧିକାରୀ ଜୁକୁଟଆଚାରୀ**-୩ଟି ଗ୍ରାମ ଦିଆଯାଇଥିଲା ।

**୨୦. ମଠାଧିକାରୀ ରାମାନୁଜ ଦାସ ଅଧିକାରୀ**-୩ଟି ଗ୍ରାମ ଦିଆଯାଇଥିଲା ।

**୨୧. ମଠାଧିକାରୀ ଆଉଲିଆ ଗୋସାଇଁ**-୧ଟି ଗ୍ରାମ ଦିଆଯାଇଥିଲା ।

**୨୨. ମଠାଧିକାରୀ ସବାଦାସ**-୨ଟି ଗ୍ରାମ ଦିଆଯାଇଥିଲା ।

**୨୩. ମଠାଧିକାରୀ ଚୈତନ୍ୟ ଦାସ**-ଖାକି ମଠର ଅଧିକାରୀ ଥିଲେ, ୨ଟି ଗ୍ରାମ ଶ୍ରୀଜଗନ୍ନାଥଙ୍କ ସେବାପାଇଁ ଦିଆଯାଇଥିଲା ।

**୨୪. ମଠାଧିକାରୀ ରାମପ୍ରସାଦ**-୨ଟି ଗ୍ରାମ ଦିଆଯାଇଥିଲା ।

CC-0. In Public Domain. Digtized by Muthulakshmi Research Academy

**୨୫. ମଠାଧିକାରୀ ବଂଶୀଅଧିକାରୀ**-୨୨ଟି ଗ୍ରାମ ଦାନ ଦିଆଯାଇଥିଲା, ତନ୍ମଧ୍ୟରେ ମାଣପଡ଼ା, ପ୍ରତାପପୁରୁଷୋତ୍ତମପୁର, ଗଙ୍ଗାନାରାୟଣପୁର, କାଳିଆକେରା ଏବଂ ଅଳଗୁମ୍ ଗ୍ରାମ ଅନ୍ତର୍ଭୁକ୍ତ । ପୂର୍ବୋକ୍ତ ବଂଶୀଅଧିକାରୀ ଇୟେ ନୁହଁନ୍ତି ।

**୨୬. ମଠାଧିକାରୀ ସିଦ୍ଧ ଭଗବାନ ଦାସ**-୨ଟି ଗ୍ରାମ ଦିଆଯାଇଥିଲା ।

**୨୭. ମଠାଧିକାରୀ କୃଷ୍ଣଚନ୍ଦ୍ର ଗୋସ୍ୱାମୀ**-୩ଟି ଗ୍ରାମ ଦିଆଯାଇଥିଲା ।

**୨୮. ମଠାଧିକାରୀ ରାଧାବଲ୍ଲଭୀ**-ରାଧାବଲ୍ଲଭମଠର ଅଧିକାରୀ ଥିଲାବେଳେ ୩ଟି ଗ୍ରାମ ଦିଆଯାଇଥିଲା ।

**୨୯. ମଠାଧିକାରୀ ଶ୍ୟାମାନନ୍ଦ (ସଦାନନ୍ଦ)**-ଶ୍ରୀଜଗନ୍ନାଥଙ୍କ ପାଖରେ ଭୋଗକରି ଖଇରାତି ନିମନ୍ତେ ଚାରୋଟି ଗ୍ରାମ ଦାନ ଦିଆଯାଇଥିଲା ।

**୩୦. ମଠାଧିକାରୀ ବଡସଛ**-ବଡ଼ସଛମଠର ମହନ୍ତଙ୍କୁ ଶ୍ରୀଜଗନ୍ନାଥଙ୍କ ସେବା ନିମନ୍ତେ ୨ଖଣ୍ଡି ଗ୍ରାମ ଦିଆଯାଇଥିଲା ।

**୩୧. ମଠାଧିକାରୀ କୌଶଲ୍ୟ ଦାସ**-କୌଶଲ୍ୟା ଦାସ ମଠର ମହନ୍ତ ମହାରାଜାଙ୍କୁ ୬ଖଣ୍ଡି ଗ୍ରାମ ଦିଆଯାଇଥିଲା ।

**୩୨. ମଠାଧିକାରୀ ରାମସେବକ**-୧ଗୋଟି ଗ୍ରାମ ଦିଆଯାଇଥିଲା ।

**୩୩. ମଠାଧିକାରୀ ନଉର୍ ଦାସ**-୧୪ଟି ଗ୍ରାମ ଦିଆଯାଇଥିଲା ।

**୩୪. ମଠାଧିକାରୀ ଗଙ୍ଗାମାତା**-ଗଙ୍ଗାମାତା ମଠର ପ୍ରତିଷ୍ଠାତ୍ରୀଙ୍କୁ ୩ ଖଣ୍ଡ ଗ୍ରାମ ଦିଆଯାଇଥିଲା ।

୧୮୦୩ ମସିହାରେ ଇଂରେଜ ସରକାର ଆସିବା ପରେ ଜିଲ୍ଲାପାଳଙ୍କ ଦ୍ୱାରା ସଂଗୃହୀତ ତାଲିକାରେ ପୁରୀର ମଠାଧୀଶମାନଙ୍କ ମାରଫତ୍‌ରେ ଥିବା ଅମୃତମଣୋହି ସମ୍ପତ୍ତି ଓ ତଦ୍ ସଂପୃକ୍ତ କେତେକ ସେବାର ବିବରଣୀ ଦିଆଗଲା । ଏହା ସଂମ୍ପୂର୍ଣ୍ଣ ନୁହେଁ । କେବଳ ଅମୃତମଣୋହି ସଂପତ୍ତି ବିଷୟ ଅବତାରଣା କଲେ ସ୍ୱତନ୍ତ୍ର ପୁସ୍ତକ ହୋଇଯିବ । ପ୍ରତ୍ୟେକ ମଠର ସେବା ମଧ୍ୟ ସେହିପରି, ତେଣୁ ପ୍ରସଙ୍ଗ ଦୃଷ୍ଟିରୁ ସାମାନ୍ୟ ଆଲୋକପାତ କରାଗଲା ।[୧୭]

## ଛତିଶା ନିଯୋଗ ସୃଷ୍ଟି :-

ଶ୍ରୀଜଗନ୍ନାଥ ମହାପ୍ରଭୁ ଗଣଦେବତା ରୂପେ ଉପାସିତ ହେଉଥିବାରୁ ତାଙ୍କର ଉପାସନାର ବିବିଧ ସେବାରେ ମଧ୍ୟ ଜଣ ପରିବର୍ତ୍ତେ ଗଣ ବା ସମୂହ ସେବକମାନେ ନିଯୁକ୍ତ ଥିବା ଦେଖାଯାଏ । ପ୍ରତ୍ୟେକ ସେବା କରିବା ପାଇଁ ଅଲଗା ଅଲଗା ସେବକ ନିଯୁକ୍ତି ହୋଇଅଛନ୍ତି । ମାଦଳାପାଞ୍ଜିରୁ ଜଣାଯାଏ ଯେ, ରାଜା ଅନଙ୍ଗଭୀମ ଦେବ ୩୬ ସେବକ ନିଯୋଗ ଭିଆଣ କରିଥିଲେ । ଗ୍ରୋମ୍ ସାହେବ ତାଙ୍କର ୫୩ ନମ୍ବର ତାଲିକାରେ

---

୧୭. *ସଂଗୃହୀତ-ଶ୍ରୀଜଗନ୍ନାଥଙ୍କ ସେବା ସନନ୍ଦ, ସଂପାଦକ-ଡଃ ସୁରେନ୍ଦ୍ର କୁମାର ମିଶ୍ର ।*

CC-0. In Public Domain. Digtized by Muthulakshmi Research Academy

୨୫୦ ପ୍ରକାର ସେବକଙ୍କର ନାମ ଉଲ୍ଲେଖ କରିଛନ୍ତି । ସେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ତାଙ୍କ ଦ୍ୱାରା ପ୍ରଦତ୍ତ ତାଲିକା ସମ୍ପୂର୍ଣ୍ଣ ନୁହେଁ । ତେଣୁ ସେବକଙ୍କର ସେତେବେଳର ସଂଖ୍ୟା ନିଶ୍ଚୟ ଅଧିକ ଥିବା ମନେହୁଏ । ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ପ୍ରଚଳିତ ସେତେବେଳର ସେବକ ସମ୍ପ୍ରଦାୟ ଓ ଗ୍ରୋମ ସାହେବଙ୍କ ରିପୋର୍ଟ ଉପରେ ନିର୍ଭର କରି ସର୍ବମୋଟ ୨୪୮ ସେବକଙ୍କ ତାଲିକା ଦେଇଥିବା କଥା (ବଂଶୀଧର ମହାନ୍ତିଙ୍କ ଶ୍ରୀଜଗନ୍ନାଥଙ୍କ ସେବା ଓ ସେବକ ପୁସ୍ତକର ଶ୍ରୀପୁରୁଷୋତ୍ତମ କର୍ମାଙ୍ଗୀରେ ପୃ. ୬୧ରୁ ୬୭ ପର୍ଯ୍ୟନ୍ତ) ଲେଖାଥିଲେ ମଧ୍ୟ ଏହାର ସଂଖ୍ୟା ୨୪୬ ଅଟେ ।

ଛତିଶା ନିଯୋଗର କୌଣସି ସ୍ପଷ୍ଟ ପରିଭାଷା ମିଳେନାହିଁ । କେହି କେହି ଛତିଶା ପାଟକକୁ ଛତିଶା ନିଯୋଗ କହନ୍ତି ବୋଲି ଡଃ ସିଦ୍ଧେଶ୍ୱର ମହାପାତ୍ରଙ୍କ ପୁରୀ ବୋଲିରେ ଉଲ୍ଲେଖ ଅଛି । ଶ୍ରୀଯୁକ୍ତ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଅନୁସାରେ ଇଂରେଜୀ ଭାଷାରେ ବ୍ରଜ କିଶୋର ଘୋଷଙ୍କ The History of Puri ସଂକଳିତ ପୁସ୍ତକରେ ଶ୍ରୀମନ୍ଦିରରେ ବିଭିନ୍ନ ଜାତୀୟ ୯୭ ପ୍ରକାର ସେବକ ଶ୍ରେଣୀ ଯୋଗୁଁ ୩୬ ନିଯୋଗ ଶବ୍ଦ ରହିଅଛି ବୋଲି ଲେଖାଅଛି । ଶ୍ରୀମନ୍ଦିରରେ ଦୈନନ୍ଦିନ ପ୍ରଚଳିତ ସେବା ବ୍ୟବସ୍ଥାରେ ବାହାର କାଠ ପାଖରୁ ଭିତର ପୋଖରିଆ ପର୍ଯ୍ୟନ୍ତ ଯେଉଁ ସେବକମାନେ ସେବା କରୁଛନ୍ତି ସେମାନେ ୩୬ ପ୍ରକାର ଶ୍ରେଣୀ ଅନ୍ତର୍ଭୁକ୍ତ ଥିବାରୁ ତାଙ୍କ ସେବା ନିଯୋଗ ଅନୁସାରେ ଛତିଶା ନିଯୋଗ ହୋଇଥାଇପାରେ ବୋଲି ମନେହୁଏ । ୧୯୫୨ ମସିହାରେ ପ୍ରସ୍ତୁତ କରାଯାଇଥିବା ସ୍ୱତ୍ତ୍ୱଲିପି ଅନୁସାରେ ୧୧୯ ପ୍ରକାର ସେବା ରହିଅଛି ।

ଅମୃତମଣୋହିରେ ସମର୍ପିତ ଭୋଗ ମୁଖ୍ୟତଃ ଗଜପତି ମହାରାଜାଙ୍କ ଠାରୁ ଆରମ୍ଭ କରି ସମସ୍ତ ପାଳିଆ ସେବକମାନଙ୍କୁ ଖେଇ ଆକାରରେ ମିଳିଥାଏ । ଅବିଶିଷ୍ଟ ଖେଇ ଆନନ୍ଦବଜାରରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଥିବା କୋଠଭୋଗ ପସରାରେ ପସରତିଆ ନାମକ ବ୍ୟକ୍ତି ଉକ୍ତ ଖେଇ ବିକ୍ରୟ କରିଥାଆନ୍ତି । ସାଧାରଣତଃ ପନ୍ତିରେ ଲାଗୁଥିବା ସଙ୍ଗୁଡ଼ି ଭୋଗ ବିକ୍ରୀ ହେଉଥିବା ସମୟରେ ନିସଙ୍ଗୁଡ଼ି ଭୋଗ କେବେ କେବେ ବିକ୍ରୟ ହୁଏ ଓ କେବେକେବେ ଭକ୍ତମାନଙ୍କ ମଧ୍ୟରେ ବଣ୍ଟା ହୋଇଥାଏ ।

## ଭୋଗମଣ୍ଡପରେ ନୈବେଦ୍ୟ :-

ଶ୍ରୀମନ୍ଦିର ନୀଳାଦ୍ରି ମଣ୍ଡପ ଭାବରେ ବିଖ୍ୟାତ । ଏହି ନୀଳାଦ୍ରି ମଣ୍ଡପ ମଧ୍ୟରେ ଓ ଶ୍ରୀକ୍ଷେତ୍ରରେ ବାଇଶି ଗୋଟି ମଣ୍ଡପ ରହିଅଛି ଯେଉଁଠାରେ କି ଶ୍ରୀବିଗ୍ରହମାନଙ୍କର କିଛି ନା କିଛି ଲୀଳା ଚାଲିଥାଏ ।[୧୮] ତନ୍ମଧ୍ୟରୁ ଭୋଗମଣ୍ଡପ ଅନ୍ୟତମ ପ୍ରସିଦ୍ଧ ମଣ୍ଡପ । ମଣ୍ଡପର ଶବ୍ଦର ଅର୍ଥ ବେଦୀ ବା ମନ୍ଦିର । ଯେଉଁ ବେଦୀ ବା ମନ୍ଦିରରେ ଭୋଗ

୧୮. ସଂଗୃହୀତ-ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର, ମଣ୍ଡପମାଳିନୀ ନୀଳାଦ୍ରିମଣ୍ଡପ । ଶ୍ରୀକ୍ଷେତ୍ର : ଶ୍ରୀଜଗନ୍ନାଥ- ଦ୍ୱିତୀୟ ସ୍ତବକ ।

CC-0. In Public Domain. Digtized by Muthulakshmi Research Academy

କରାଯାଇଥାଏ ତାହାକୁ ସାଧାରଣ ଭାବେ ଭୋଗମଣ୍ଡପ କୁହାଯାଏ । ପୂର୍ବରୁ ବର୍ଣ୍ଣନା କରାଯାଇଥିବା ମତେ ଗୋପାଳବଲ୍ଲଭ ଭୋଗ ଅଣସର ପିଣ୍ଡିରେ ହୋଇଥାଏ । ଅନ୍ୟ ଭୋଗ ଯଥା ସକାଳଧୂପ ବା ରାଜଭୋଗ, ମଧ୍ୟାହ୍ନ ବା ଦ୍ୱିପ୍ରହର ଧୂପ, ସଂଧ୍ୟାଧୂପ ଓ ବଡ଼ସିଂହାର ଭୋଗ ଶ୍ରୀବିଗ୍ରହମାନଙ୍କ ସମ୍ମୁଖରେ ରତ୍ନସିଂହାସନ ତଳେ ନିର୍ଦ୍ଧାରିତ ସ୍ଥାନରେ ହୋଇଥାଏ । ସକାଳ ଧୂପ ଭୋଗକୁ ରାଜଭୋଗ, ଅମୃତମଣୋହି ଭୋଗ, କୋଠଭୋଗ, ଆଦିଭୋଗ, ସରକାରୀ ଭୋଗ କୁହାଯାଇଥାଏ । ଶ୍ରୀଜଗନ୍ନାଥଙ୍କ ପ୍ରତ୍ୟେକ ସେବକ ଭକ୍ତିଭାବରେ ସମର୍ପିତ ହୋଇ ଶ୍ରୀଜଗନ୍ନାଥଙ୍କର ସେବା କରିଥାଆନ୍ତି । ବାମଦେବ ସଂହିତା (୧୧।୪) ଅନୁସାରେ ସେମାନେ ବ୍ରହ୍ମାଙ୍କ ବଂଶ ସମ୍ଭୂତ । ତାଙ୍କର ସେବାରେ ପ୍ରୀତ ହୋଇ ମହାପ୍ରଭୁ କରୁଣା କରି ଅମୃତ ସ୍ୱରୂପ 'ଶ୍ରୀମହାପ୍ରସାଦ'ରୁ କିଞ୍ଚିତ ମାତ୍ର ସେବାର ଲେଭା (ଶ୍ରୀମନ୍ଦିରର ପାରିଭାଷିକ ଶବ୍ଦ, ଯାହାର ଅର୍ଥ ପ୍ରାପ୍ୟ) ହିସାବରେ ଏହି କୋଠଭୋଗରୁ ସେବକଙ୍କୁ ଦେଇଥାଆନ୍ତି । ସେଥିରେ ହିଁ ତାଙ୍କର ପରମ ତୃପ୍ତି, ଆନନ୍ଦ । ଖରା ନାହିଁ ବର୍ଷା ନାହିଁ, ଶୀତ ନାହିଁ, ଦିନ ରାତି ନାହିଁ ସେବକଟି ତା'ର ସେବାରେ ବ୍ୟସ୍ତ । ଉଦାହରଣ ସ୍ୱରୂପ କୁହାଯାଇପାରେ ଯେ, ଗତ ୨୯-୩୧ତାରିଖ ୧୯୯୯ ମସିହାରେ ପ୍ରଚଣ୍ଡ ମହାବାତ୍ୟା ସମୟରେ ଯେତେବେଳେ ଓଡ଼ିଶା ଉଜୁଡ଼ି ଯାଇଥିଲା । ପ୍ରଚଣ୍ଡ ବାତ୍ୟାରେ ଘରୁ ବାହାରିବା ଅସମ୍ଭବ ସେତେବେଳେ କିନ୍ତୁ ଶ୍ରୀଜଗନ୍ନାଥଙ୍କର ଶ୍ରୀମନ୍ଦିରରେ ନୀତି ଯଥାରୀତି ଚାଲିଥିଲା । ସେବାରେ ତ୍ରୁଟି ହୋଇନଥିଲା । ସେବକମାନେ ନିଜ ଜୀବନକୁ ଖାତିର ନ କରି ମହାପ୍ରଭୁଙ୍କ ସେବା କରିବାପାଇଁ ଶ୍ରୀମନ୍ଦିରକୁ ଆସୁଥିଲେ । ସେମାନଙ୍କର ବିଶ୍ୱାସ ମହାପ୍ରଭୁ ହିଁ ଭରସା । ତାଙ୍କ ସେବାରେ ନିଯୁକ୍ତ ସେବକକୁ ସେ ହିଁ ରକ୍ଷା କରିବେ । ବାସ୍ତବରେ ତାହାହିଁ ହେଲା । କୌଣସି ଅଘଟଣ ଘଟି ନଥିଲା । ଜଗତର ଠାକୁର ଶ୍ରୀଜଗନ୍ନାଥଙ୍କର ସେବା କରିବା କଅଣ ସହଜ କଥା ? କେଉଁ ପୂର୍ବଜନ୍ମର ତପସ୍ୟା ଫଳରେ ପ୍ରଭୁଙ୍କର ସେବା ମିଳିଛି । ସେହି ସେବା ଗ୍ରହଣ କରି ମହାପ୍ରଭୁ ଆଶୀର୍ବାଦ ସ୍ୱରୂପ ଦେଇଥାଆନ୍ତି ଏହି କୋଠ ଭୋଗର କିଛି ଅଂଶ ଖେଇ ଆକାରରେ । ଆଜିକାଲି ମହରଗ ବଜାରକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପ୍ରତ୍ୟେକ ସେବକଙ୍କୁ ନିଜର ପ୍ରାପ୍ୟ ଖେଇ ସହିତ ଭିନ୍ନ ଭିନ୍ନ ପ୍ରକାର ସେବା ପାଇଁ ବିଭିନ୍ନ ପ୍ରକାର ପାଳିଆ ପୁରସ୍କାର ଦେଉଛନ୍ତି ଯାହାକି ସମୁଦ୍ରକୁ ଶଙ୍ଖେ ଭଳି ଅଟେ । ପ୍ରତ୍ୟେକ ଦିନ ପ୍ରତି ସେବକର ସେବା ପାଳି ନଥିଲେ ମଧ୍ୟ ସେ ସେବା ଦିନ ପାଉଥିବା ଖେଇ ଟିକକ ପାଇ ଅହୋଭାଗ୍ୟ ମନେ କରେ । କାରଣ ତାହା ତ ଅମୃତ । ଭାଗ୍ୟରେ ନଥିଲେ କଅଣ ଏହି ଅମୃତ ମିଳେ ?

ଏ ତ ଗଲା ଦୈନନ୍ଦିନ କୋଠଭୋଗ କଥା । ଯାହାକି ସେବକମାନେ ଖେଇ ଆକାରରେ ପାଇଥାଆନ୍ତି । ତାହାହେଲେ ସର୍ବସାଧାରଣଙ୍କ ପାଇଁ ଶ୍ରୀମହାପ୍ରସାଦ ପ୍ରାପ୍ତିର କି ବ୍ୟବସ୍ଥା କରାଯାଇଅଛି ତାହା ବିଚାର କରିବା । ପ୍ରଥମ ପରିଚ୍ଛେଦରେ ମହାରାଜା

CC-0. In Public Domain. Digtized by Muthulakshmi Research Academy

ଇନ୍ଦ୍ରଦ୍ୟୁମ୍ନ ଶ୍ରୀଦାରୁବ୍ରହ୍ମଙ୍କୁ ଅନୁରୋଧ କରି କହିଥିଲେ ଯେ, 'ମହାପ୍ରଭୁ ! ଆପଣ ଏତେଥର ଭୋଜନ କରି ହାତ ଧୋଇବେ ଯେ, ଯେପରି ଆପଣଙ୍କ ହାତ ଶୁଖିବ ନାହିଁ ।' ଯାହା କି ମହାପ୍ରଭୁ ସ୍ୱୀକାର କରିଛନ୍ତି । ସେହି କାରଣରୁ 'ଅମୃତମଣୋହି' ଭୋଗରେ ବିଭିନ୍ନ ଦ୍ରବ୍ୟ ସମର୍ପିତ ହେଉଥିବା କଥା ଉଲ୍ଲେଖ ଥିଲେ ମଧ୍ୟ ସର୍ବସାଧାରଣଙ୍କ ପାଇଁ ଯେଉଁ ଭୋଗ ମହାପ୍ରଭୁଙ୍କୁ ସମର୍ପିତ ହୁଏ ତାହାକୁ 'ଭୋଗମଣ୍ଡପ' ବା 'ଭଅଣ୍ଡ' ଭୋଗ, ଉପାଧି ଭୋଗ, ବରାଦି ଭୋଗ, ଛତ୍ରଭୋଗ କୁହାଯାଇଥାଏ । ଭକ୍ତମାନଙ୍କ ପାଇଁ ଅଧିକ ଭୋଗର ଆବଶ୍ୟକତା ପୂରଣ କରିବା ପାଇଁ ଏହି ଭୋଗର ବ୍ୟବସ୍ଥା କରାଯାଇଅଛି । ଏକାଧିକବାର ଏହି 'ଭୋଗମଣ୍ଡପ'ରେ ଅଧିକ ଭୋଗ ପଞ୍ଚଉପଚାରରେ ସମର୍ପିତ ହୋଇଥାଏ ।

ଯେତେବେଳେ ଅତି ଅଧିକ ପରିମାଣର ନୈବେଦ୍ୟ ଭକ୍ତି ସହକାରେ ବାଢ଼ିବାକୁ ହେବ ସେତେବେଳେ ଗରୁଡ଼ଙ୍କର ପଛରେ (ଭୋଗମଣ୍ଡପରେ) ଭୋଗ ଲଗାଇବ । ତ୍ରିକାଳ ପୂଜାରେ (ସକାଳଧୂପ, ଦ୍ୱିପ୍ରହର ଧୂପ ଓ ସନ୍ଧ୍ୟାଧୂପ) ସମର୍ପିତ ହେଉଥିବା ନୈବେଦ୍ୟକୁ ସେହି ମର୍ଯ୍ୟାଦାରେ ମାନ୍ୟ କରିବ ଏଥିରେ ସଂଶୟ ନାହିଁ । ଏଥିରେ ଆଦୌ ଶଙ୍କା କରିବ ନାହିଁ । ଏହି ଭୋଗ ସମ୍ବନ୍ଧରେ ଯେଉଁମାନଙ୍କର ଭେଦବୁଦ୍ଧି ଜାଗ୍ରତ ହୁଏ ସେମାନେ ରୌରବ ନର୍କରେ ପଡ଼ନ୍ତି ଏହା ଧ୍ରୁବ ସତ୍ୟ ଅଟେ ।[୧୯]

ଏହି ଶାସ୍ତ୍ରୀୟ ପ୍ରମାଣକୁ ସମର୍ଥନ କରି ମାଦଳାପାଞ୍ଜି ରାଜଭୋଗ ଇତିହାସର ପୃ୯୭୭ଷ୍ଠ ଭୋଗମଣ୍ଡପର ରୋବକାରୀ ପରୱାନାର ଏକ ନକଲ ଯାହାକି ରବକାରି ମିଷ୍ଟର ହେନରୀ ଚାରଲସ୍ ହମଲଟନ ସାହେବ ମେଯଷ୍ଟରେ ୮ ତାରିଖ ଡିସେମ୍ବର ୧୮୪୨ ମସିହାରେ ଜାରୀ କରିଥିଲେ । ସେହି ଅନୁସାରେ 'ଏହି ରୋବକାରୀରେ ହୁକୁମ ହେଲା କି ଏ ରୋବକାରୀ ନକଲ ମନ୍ଦିର ସଂପ୍ରଷ୍ଟଙ୍କ ଠାକୁ ପରୋୱାନା ଜରିଆରେ ଦଟୀଆ ଯାଉକି ଶ୍ରୀ ଜୀଉମାନଙ୍କର ଧୂପମାନଙ୍କରେ ବହୁତ ଅଭଡ଼ା ନ ତୋଳାଇ ପ୍ରତି ତିନି ଗୋଟା ଲେଖାଏ ଭୋଗ ମଣ୍ଡପ କରାଇ ତହିଁରେ ଯଜମାନୀ ଆଉ ସବୁ ତୋଳାଇବେ । ଯଦ୍ୟପି ସେ ହେତୁରୁ କେହି ମନସ୍ୱୀ ଯଖମୀ କିମ୍ବା ଖରାପ ହୁଅଇ ନବାବ ଦେହଦୀ ଆପଣା ଉପରେ ଜାଣିବେ-ଓ ଥାନା ଦାରୋଗାନାମରେ ପରେଓ୍ୱାନା ହେଉ ନ ସେ ଏ ହୁକୁମ ତାମିଲି ହେବା ବିଷୟରେ ନୀଘା ରଖିବ ।' ଉପର୍ଯ୍ୟୁକ୍ତ ହୁକୁମନାମାରୁ ଜଣାପଡ଼େ

---

୧୯. ନୈବେଦ୍ୟଂ ଚ ବହୁତରଂ ଭକ୍ତ୍ୟା ସଂପାଦ୍ୟତେ ସଦା ।
ତଦାସ୍ୟ ବୈନତେୟସ୍ୟ ପରପୃଷ୍ଠେ ନିବେଦୟତ୍ ॥
ତ୍ରିକାଳ ପୂଜାନାନ୍ନେଷୁ ଯା ବୁଦ୍ଧିର୍ଜାୟତେ ନୃପ ।
ତଦନ୍ନେଷୁ ତଥା ବୁଦ୍ଧିଃ କାର୍ଯ୍ୟା ଚ ନାତ୍ର ସଂଶୟଃ ॥
ଅତ୍ର ଶଙ୍କା ନ କର୍ତ୍ତବ୍ୟା ନ କର୍ତ୍ତବ୍ୟା କଦାଚନ ।
ଯସ୍ୟାତ୍ତ ଜାୟତେ ଶଙ୍କା ରୌରବେ ପଚ୍ୟତେ ଧ୍ରୁବମ୍ ॥
(ନୀଳାଦ୍ରି ମହୋଦୟ-୧୦।୧୧୦,୧୧୩,୧୧୪)

CC-0. In Public Domain. Digtized by Muthulakshmi Research Academy

ଯେ ଶ୍ରୀମନ୍ଦିରରେ ତିନି ଧୂପ ବ୍ୟତୀତ ଯେଉଁ ଭଅଣ୍ଡ ଭୋଗର ବ୍ୟବସ୍ଥା ଶାସ୍ତ୍ରରେ ଥିଲା ତାହା ପ୍ରଶାସନିକ ବ୍ୟବସ୍ଥାରେ ମଧ୍ୟ କଡ଼ାକଡ଼ି ଭାବରେ ତିନିଗୋଟି ଭୋଗମଣ୍ଡପ ବ୍ୟବସ୍ଥା ପାଳନ କରାଯାଉଥିଲା ।

ଏହି ଶାସ୍ତ୍ରୀୟ ଓ ଐତିହାସିକ ପ୍ରମାଣରୁ 'ଭୋଗମଣ୍ଡପ'ରେ ସମର୍ପିତ ନୈବେଦ୍ୟ ମଧ୍ୟ ଅନ୍ୟ ଭୋଗ ଭଳି ଅତି ପବିତ୍ର ଏହା ସ୍ପଷ୍ଟ । ଯେହେତୁ ମହାପ୍ରଭୁଙ୍କ ଠାରୁ ଦୂରରେ 'ଭୋଗମଣ୍ଡପ'ରେ ଭୋଗ ଲାଗୁଅଛି, ତେଣୁ ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ଅମୃତ ଦୃଷ୍ଟି ସେହି ଭୋଗ ଉପରେ ପଡୁନାହିଁ । ଏହି ଭୋଗ 'ଅମୃତମଣୋହି' ନୁହେଁ ବୋଲି କେତେକଙ୍କର ମତ । ଏହି ଯୁକ୍ତି ଅଶାସ୍ତ୍ରୀୟ ଓ ଅଯୌକ୍ତିକ ମନେହୁଏ । ଜଗତର ନାଥ ଶ୍ରୀଜଗନ୍ନାଥ ତାଙ୍କର ଦୃଷ୍ଟି କଅଣ କେବଳ ଭିତର ପୋଖରିଆ (ରତ୍ନସିଂହାସନ) ବା ଅଣସର ପିଣ୍ଡି ପର୍ଯ୍ୟନ୍ତ ଆବଦ୍ଧ ? ସେ କଅଣ ସେହି ପରିସୀମାରେ ମାତ୍ର ଦେଖିପାରନ୍ତି ? ତାହା ଠିକ୍ ନୁହେଁ । ଏହିପରି ଚିନ୍ତା କରିବା ବ୍ୟକ୍ତିର ଚିନ୍ତା ସଂକୁଚିତ ବୁଦ୍ଧିରେ ହିଁ ଆବଦ୍ଧ । ମହାପ୍ରଭୁଙ୍କର ତ ଦୃଷ୍ଟି ସଂପୂର୍ଣ୍ଣ ଜଗତଯାକ ପଡୁଅଛି । ତେଣୁ ଭୋଗମଣ୍ଡପରେ ସମର୍ପିତ ନୈବେଦ୍ୟ ମଧ୍ୟ 'ଅମୃତମଣୋହି' ହେବା କଥା । କିନ୍ତୁ 'ଅମୃତମଣୋହି' ଶବ୍ଦ ଓ ଭୋଗର ଏକ ନିର୍ଦ୍ଦିଷ୍ଟ ଭୋଗ ପାଇଁ ବ୍ୟବହାର ହେଉଥିବା କାରଣରୁ ଭାବୁକର ମନ ଏତେ ବ୍ୟାପକ ହୋଇପାରୁ ନାହିଁ । ବ୍ୟାପକ ହେବା ଉଚିତ, ତା ନହେଲେ ଆମ ମହାପ୍ରଭୁଙ୍କର ବିଶାଳତାକୁ ଆମ୍ଭେ ଚିହ୍ନିପାରୁ ନାହୁଁ ବୋଲି ଧରାଯିବ । ଅବଶ୍ୟ ତାଙ୍କର କରୁଣା ନହେବା ପର୍ଯ୍ୟନ୍ତ ଦୃଷ୍ଟି ଓ ଦୃଷ୍ଟିକୋଣର ବ୍ୟାପକତା ଆସିବ ବା କେଉଁଠୁ ? ମହାପ୍ରଭୁ ପରା କରୁଣାକର । ସେ ପରା ସମସ୍ତ ଜୀବଜଗତର ମୁକ୍ତି ପାଇଁ ଆବିର୍ଭୂତ । ସେ ତାଙ୍କର ଦର୍ଶନ ଓ ଶ୍ରୀମହାପ୍ରସାଦ ମାଧ୍ୟମରେ ଜୀବଜଗତର ମୁକ୍ତି ପାଇଁ ପରା ପ୍ରତିଶ୍ରୁତିବଦ୍ଧ । ଯଦି କୌଣସି ଜୀବ ଶ୍ରୀମହାପ୍ରସାଦ ପ୍ରାପ୍ତିରୁ ବଞ୍ଚିତ ହୁଏ ତାହାହେଲେ ମହାପ୍ରଭୁଙ୍କର ଆବିର୍ଭାବର ଉଦ୍ଦେଶ୍ୟ ପୂରଣ ହୋଇପାରିବ କି ? ସେଇଥିପାଇଁ ତ ଏହି ବିଶାଳ ଅନ୍ନଯଜ୍ଞ ମାଧ୍ୟମରେ 'ଅନ୍ନବ୍ରହ୍ମ'ର ଓ ଅମୃତତତ୍ତ୍ୱର ସୃଷ୍ଟି । ଭୋଗମଣ୍ଡପରେ ସମର୍ପିତ ହେଉଥିବା 'ଅନ୍ନବ୍ୟଞ୍ଜନ' ଅମୃତ ବ୍ୟତୀତ ଅନ୍ୟ କିଛି ହୋଇ ପାରେନା । ଯାହାକି ଶ୍ରୀମହାପ୍ରଭୁଙ୍କୁ ମଣୋହି କରାଯାଇଥାଏ । ତେଣୁ ଭୋଗମଣ୍ଡପର ଅନ୍ନବ୍ୟଞ୍ଜନ ମଧ୍ୟ ବ୍ୟାପକ ଅର୍ଥ ଦୃଷ୍ଟିରୁ 'ଅମୃତମଣୋହି' ଅଟେ । ନୀଳାଦ୍ରି ମହୋଦୟର ଉପର୍ଯ୍ୟୁକ୍ତ ଶ୍ଳୋକର ଭାବଗତ ଅର୍ଥ ଅନୁସାରେ କୌଣସି ଅନ୍ନ ବ୍ୟଞ୍ଜନ ମଧ୍ୟରେ ଫରକ ବୋଲି ଭାବିବା ହିଁ ପାପ ଅଟେ ।

## ଅନ୍ୟାନ୍ୟ ଭୋଗ ସୃଷ୍ଟି :-

ଉପର ବର୍ଣ୍ଣିତ ବିଷୟ ଅନୁସାରେ ମହାପ୍ରଭୁଙ୍କ ନିକଟରେ ପ୍ରତିଦିନ ଖଞ୍ଜା ହୋଇଥିବା ଭୋଗ ବ୍ୟତୀତ ଅନ୍ୟାନ୍ୟ ଯଜମାନୀ ଭୋଗକୁ ଭୋଗମଣ୍ଡପ ଭୋଗ କୁହାଯାଏ । ଏହା ବ୍ୟତୀତ ବହୁ ଭୋଗ ଶ୍ରୀମନ୍ଦିରରେ ପ୍ରଚଳିତ ହୋଇ ସମର୍ପିତ ହୋଇ

CC-0. In Public Domain. Digtized by Muthulakshmi Research Academy

ଚାଲିଛି । ପୂର୍ବ ବର୍ଣ୍ଣିତ ସମସ୍ତ ଭୋଗ ବ୍ୟତୀତ ଯେଉଁ ଯଜମାନୀ, ଉପାଧି ଭୋଗ ଅଧିକ ଆକାରରେ ସମର୍ପିତ ହୁଏ ତାହା ହିଁ ଭୋଗମଣ୍ଡପ ନୈବେଦ୍ୟ ସୃଷ୍ଟିର କାରଣ ।

**ଭୋଗମଣ୍ଡପ**-ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ଅନୁସାରେ ପ୍ଲଟ ନ.୧୧, ୧୧(କ), (ଖ) ଓ (ଗ)ରେ ଏହି ମଣ୍ଡପ ଅବସ୍ଥିତ । ଶ୍ରୀମନ୍ଦିରରେ ପ୍ରଚଳିତ ପଦ୍ଧତି ଅନୁସାରେ କୋଠଭୋଗ ବ୍ୟତୀତ ଅତିରିକ୍ତ ଭୋଗ ନିମନ୍ତେ ଭଦ୍ରମନ୍ଦିରାକୃତି ମଣ୍ଡପରେ ଯେଉଁ ନୈବେଦ୍ୟ ପଞ୍ଚୋପଚାରରେ ସମର୍ପିତ ହୁଏ, ମଣ୍ଡପର ନାମ ଅନୁସାରେ ଏହାର ନାମ ଭୋଗମଣ୍ଡପ ବା ଭଅଣ୍ଡ । ଭୋଗମଣ୍ଡପ ଭୋଗରେ ଅନ୍ନବ୍ୟଞ୍ଜନ ସହିତ ପନ୍ତିଭୋଗ ମଧ୍ୟ ଲାଗେ । ଶ୍ରୀମନ୍ଦିରରେ ପ୍ରଚଳିତ ବ୍ୟବସ୍ଥାନୁସାରେ ସକାଳଧୂପ ପରେ ଭୋଗମଣ୍ଡପ ବା ଭଅଣ୍ଡ ଭୋଗ ହୋଇଥାଏ । ଆବଶ୍ୟକତା ଅନୁସାରେ ଦ୍ୱିପ୍ରହର ଧୂପ ଓ ସନ୍ଧ୍ୟାଧୂପ ପରେ ମଧ୍ୟ ଯେଉଁ ଭଅଣ୍ଡ ଭୋଗ ହୋଇଥାଏ ତାହାକୁ 'ପଛ ଭଅଣ୍ଡ' କୁହାଯାଏ । ସମୟକ୍ରମେ ଭୋଗର ପରିମାଣର ଆବଶ୍ୟକତା ଓ ବିପୁଳ ପରିମାଣର ଭୋଗ ରତ୍ନସିଂହାସନ ତଳେ ଭିତର ପୋଖରିଆରେ ସ୍ଥାନାଭାବ କାରଣରୁ ଏହାର ସୃଷ୍ଟି ହୋଇଥିବ ।

ମାଦଳାପାଞ୍ଜିରୁ ଜଣାଯାଏ ମଣ୍ଡପଟି ସୂର୍ଯ୍ୟବଂଶୀ ପୁରୁଷୋତ୍ତମଙ୍କ ସପ୍ତମ ଅଙ୍କରେ ନିର୍ମିତ । ଶ୍ରୀଜଗନ୍ନାଥ ମନ୍ଦିରର ଭିତର ବେଢ଼ାରେ ଏହା ଅବସ୍ଥିତ । ଏହା ଉପରେ ଏକ ବିରାଟ ଭାଣ୍ଡ (ପାତ୍ର ବିଶେଷ) ଥିବାରୁ ଏହାକୁ କେହି କେହି ଭାଣ୍ଡ ମଣ୍ଡପ ବୋଲି କହିଥାନ୍ତି । କିନ୍ତୁ ଏହା ବହୁଳ ଭାବରେ ଭୋଗମଣ୍ଡପ ଓ ଭଅଣ୍ଡ ଘର ବୋଲି ପରିଚିତ ଓ ପ୍ରଚାରିତ । ଏହା ଦେଖିବାକୁ ପ୍ରଚୁର କାରୁକାର୍ଯ୍ୟଯୁକ୍ତ ଏକ ମନ୍ଦିର ଭଳି । ଜଗଦ୍‌ଗୁରୁ ଆଦି ଶଙ୍କରାଚାର୍ଯ୍ୟ ଏହି ଭୋଗମଣ୍ଡପ ନିର୍ମିତ ହୋଇଥିବା ସ୍ଥାନରେ ପ୍ରଥମେ ଛତ୍ର ପକାଇ ବସି ରହୁଥିଲେ । ସେ ସେହିଠାରେ ହିଁ ରହି ମହାପ୍ରଭୁ ଶ୍ରୀଜଗନ୍ନାଥ ଏଠାରେ ଶ୍ରୀକୃଷ୍ଣଲୀଳାର ମଧୁରତା ବିତରଣ କରୁଛନ୍ତି ବୋଲି ଅନୁଭବ କରିଥିଲେ । ଏହି ମଣ୍ଡପଟି ତାଙ୍କ ସମୟରେ ହିଁ ନିର୍ମିତ ହୋଇଥିଲା । ଏଠାରେ ପ୍ରତିଦିନ ସର୍ବସାଧାରଣ ଭୋଗ ହୋଇଥାଏ ।[୨୦] ଐତିହାସିକମାନଙ୍କ ମତରେ ଜଗଦ୍‌ଗୁରୁ ଆଦ୍ୟ ଶଙ୍କରଙ୍କର ନିର୍ଦ୍ଦେଶରେ ମହାରାଜା ଯଯାତିକେଶରୀ ଏହି ଭୋଗମଣ୍ଡପ ଗୃହ ନିର୍ମାଣ କରି ଭୋଗମଣ୍ଡପ ଭୋଗ ସୃଷ୍ଟି କଲେ । ସେହିପରି ପ୍ରାଚୀନ ଉତ୍କଳ ମତ ଅନୁସାରେ ରାଜା ପୁରୁଷୋତ୍ତମ ଦେବଙ୍କ ୭ମ ଅଙ୍କରେ ଶ୍ରୀମନ୍ଦିରର ଭୋଗମଣ୍ଡପ ଗୃହଟି ନିର୍ମାଣ ହୋଇଥିଲା ।[୨୧]

ମାଦଳାପାଞ୍ଜିରେ ବର୍ଣ୍ଣନା ଥିବା ବିଷୟ ମତେ ଯେତେବେଳେ ଜଗତ୍‌ଗୁରୁ ଶ୍ରୀ ଆଦିଶଙ୍କରାଚାର୍ଯ୍ୟ ଭୋଗବର୍ଦ୍ଧନ ଉଦ୍ଦେଶ୍ୟରେ ଏହି ମଣ୍ଡପଟି ନିର୍ମାଣ କରାଇଥିଲେ ସେତେବେଳେ ସଂପ୍ରଦାୟାଚାର୍ଯ୍ୟମାନେ ଠାକୁରମାନଙ୍କ ଠାରୁ ଏତେ ଦୂରରେ ଭୋଗ

---

୨୦. ସଂଗୃହୀତ- ମଣ୍ଡପମାଳିନୀ ନୀଳାଦ୍ରି ମଣ୍ଡପ-ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ, ୨ୟ ସ୍ତବକ, ଉତ୍କଳ ପାଠକ ସଂସଦ, ପ୍ରକାଶ କାଳ-୧୯୮୬) ।

୨୧. ପ୍ରାଚୀନ ମାଦଳା ପାଞ୍ଜି, ପ୍ରଥମ ଭାଗ, ଶ୍ରୀ ଭଗବାନ ବିହାରୀ ଦାସ, ପୃ.୧୮ ଶ୍ରୀ ।

CC-0. In Public Domain. Digitized by Muthulakshmi Research Academy

ଲାଗିବା ଶାସ୍ତ୍ରୀୟ ବିଧି ନୁହେଁ ବୋଲି କହି ଏଠାରେ ଲାଗୁଥିବା ଭୋଗର ପ୍ରସାଦ ପାଇଲେ ନାହିଁ । ମାତ୍ର ଜଗତ୍‌ଗୁରୁ ଆଦି ଶଙ୍କରାଚାର୍ଯ୍ୟ ଶ୍ରୀମନ୍ଦିରର କଳ୍ପବୃକ୍ଷ ଓ ବେଦି ମଧ୍ୟରେ ଯେ କୌଣସି ସ୍ଥାନରେ କେବଳ ମହାମନ୍ତ୍ର 'ନୃସିଂହ ମନ୍ତ୍ର'ରେ ନୈବେଦ୍ୟ କରିଦେଲେ ତାହା କୈବଲ୍ୟ ହୁଏ । ଏହା ଆର୍ଷଗ୍ରନ୍ଥମାନଙ୍କରେ ପ୍ରମାଣ ରହିଥିବା କଥା ସେ ଦର୍ଶାଇବାରେ ପରେ ସମସ୍ତ ସଂପ୍ରଦାୟାଚାର୍ଯ୍ୟମାନେ ଏହି ମତକୁ ଗ୍ରହଣ କଲେ । ତେଣୁ ଭୋଗମଣ୍ଡପ ଗୃହଟିରେ ଭୋଗମଣ୍ଡପ ପ୍ରଚଳନ ଫଳକ ଓ କାରୁକାର୍ଯ୍ୟରେ ତାହା ଅଙ୍କିତ ହୋଇଥିବା କଥା ଦେଖିବାକୁ ମିଳେ ।[୨୨]

ପୁରୀ ଶଙ୍କରାନନ୍ଦ ମଠାଧ୍ୟକ୍ଷ ଶଙ୍କର ଶ୍ରୀ ସଚ୍ଚିଦାନନ୍ଦ ସରସ୍ୱତୀଙ୍କ ମତରେ ସାଧୁସନ୍ଥ, ଅତିଥି ଅଭ୍ୟାଗତଙ୍କ ଚର୍ଚ୍ଚା ନିମନ୍ତେ ଭୋଗ ବ୍ୟବସ୍ଥା ଉଦ୍ଦେଶ୍ୟରେ ବିପୁଳ ଭୂସଂପତ୍ତି ଦାନସୂତ୍ରରେ ତାଙ୍କ ମଠ ଓ ଉପରିଲିଖିତ ମତେ ଅନ୍ୟାନ୍ୟ ମଠମାନଙ୍କୁ ମିଳିଥିବାରୁ ଏବଂ ଛତ୍ରଭୋଗର ପରିମାଣ ବୃଦ୍ଧିପାଇବାରୁ ତାଙ୍କର ପୂର୍ବବର୍ତ୍ତୀ କୌଣସି ମଠାଧୀଶଙ୍କ ନିର୍ଦ୍ଦେଶରେ ଭୋଗମଣ୍ଡପ ନିର୍ମିତ ହୋଇଥିଲା । ଏହାର କିନ୍ତୁ ଉପଯୁକ୍ତ ପ୍ରମାଣ ଅଦ୍ୟାବଧି ପ୍ରାପ୍ତ ହୋଇନାହିଁ ।

## ଉପାଧିଭୋଗ/ଛତ୍ରଭୋଗ :-

ଭୋଗମଣ୍ଡପ ବା ଭଅଣ୍ଡ ଘରେ ହେଉଥିବା ଭୋଗକୁ ଛତ୍ରଭୋଗ ମଧ୍ୟ କୁହାଯାଏ । ଏହାର ଅନ୍ୟ ନାମ ବରାଦି ଭୋଗ, ଉପାଧିଭୋଗ । ଉପାଧିଭୋଗର ଅର୍ଥ ହେଉଛି ବରାଦି ମୁତାବକ ଭୋଗ । ଏହି ଉପାଧିଭୋଗ କେବଳ ମହାରାଜା, ମହାରାଣୀ, ଜେନାମଣି, ଯୁବରାଣୀ, ରାଜମାତା, ମନ୍ତ୍ରୀ, ମହାମନ୍ତ୍ରୀ, ରାଜଗୁରୁ, ସେନାପତି ଓ ଅନ୍ୟ ଯାହାର ଇଚ୍ଛା ହେଲା ସେ ବରାଦ ମୁତାବକ କରାଇଥାଆନ୍ତି ଯାହାକି ଭଅଣ୍ଡ ଘରେ ଭୋଗ ହୁଏ । ଯାତ୍ରୀ, ଯଜମାନ, ମଠମାନଙ୍କ ଦ୍ୱାରା ଅତିଥି, ଅଭ୍ୟାଗତ, ସାଧୁସନ୍ନ୍ୟାସୀ, ଦରିଦ୍ର ବ୍ରାହ୍ମଣ, ଛାତ୍ରମାନଙ୍କୁ ଦିଆଯାଉଥିବା ଭୋଗକୁ ଛତ୍ର ଭୋଗ କୁହାଯାଏ । ପୁରୀ ଗେଜେଟିଅର ପୃ-୧୧୧ରେ ଇଂରେଜ ପ୍ରଶାସକ ଏମ୍.ଗ୍ୟାରେଟଙ୍କ ୧୯୦୩ ମସିହା ପ୍ରଶାସନିକ ରିପୋର୍ଟ ପୃ୪୭ରେ ଏହି ଭୋଗମଣ୍ଡପ ଓ ଛତ୍ର ଭୋଗ ଶବ୍ଦ ବ୍ୟବହାର କରାଯାଇଛି । 'ଛତ୍ର' ଶବ୍ଦର ଅର୍ଥ 'ସତ୍ର' । ସତ୍ର ଅର୍ଥ 'ଯଜ୍ଞ' । ଜଳଛତ୍ର, ଅନ୍ନଛତ୍ର ବସ୍ତୁତଃ ଜଳଯଜ୍ଞ ଓ ଅନ୍ନଯଜ୍ଞ । ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ଉଲ୍ଲେଖ ଥିବା ମତେ ଶ୍ରୀମନ୍ଦିର ବାହାର ବେଢ଼ା ପ୍ଲଟ ନମ୍ବର ୧୪୩ରେ ପାଣିଛତ୍ର ଘର ଲେଖା ଅଛି । ଏହି ଘର ବାଙ୍ଗଡ଼ ଶେଠଙ୍କ ଦ୍ୱାରା ତୟାର କରାଯାଇ ସେଠାରେ ଜଳଛତ୍ର ଦିଆଯାଉଥିଲା ବୋଲି ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ଉଲ୍ଲେଖ ଅଛି । ବର୍ତ୍ତମାନ ସେଠାରେ ଜଳଛତ୍ର ହେଉନାହିଁ ।

---

*୨୨. ସଂଗୃହୀତ-ଭୋଗମଣ୍ଡପର ଚିତ୍ରକଳା, ଶ୍ରୀ ସଦାଶିବ ରଥଶର୍ମା, ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ, ୨ୟ ସ୍ତବକ ।*

CC-0. In Public Domain. Digtized by Muthulakshmi Research Academy

ଏହି ଜଳଛତ୍ରରୁ ହିଁ ଜଣାଯାଏ ଯେ ଶ୍ରୀମନ୍ଦିରରେ ଅନ୍ନଯଜ୍ଞ ସହିତ ଜଳଯଜ୍ଞ (ଛତ୍ର)ର ମଧ୍ୟ ବ୍ୟବସ୍ଥା ଥିଲା । ଏହି ସବୁ ଯଜ୍ଞ ଦ୍ରବ୍ୟଯଜ୍ଞ ପର୍ଯ୍ୟାୟଭୁକ୍ତ ।

**ଦ୍ରବ୍ୟଯଜ୍ଞାସ୍ତପୋଯଜ୍ଞା ଯୋଗଯଜ୍ଞାସ୍ତଥାପରେ ।**
**ସ୍ୱାଧ୍ୟାୟଜ୍ଞାନଯଜ୍ଞାଶ୍ଚ ଯତୟଃ ସଂଶିତବ୍ରତାଃ ।।** *(ଗୀତା-୪।୨୮)*

ଅର୍ଥାତ୍ କେତେକ ବ୍ୟକ୍ତି ଦ୍ରବ୍ୟ ସମ୍ବନ୍ଧୀ ଯଜ୍ଞ କରନ୍ତି । କେତେକ ତପସ୍ୟା ରୂପକ, କେତେକ ଯୋଗ ରୂପକ ଓ ଆଉ କେତେକ ଅହିଂସା ଆଦି ତୀକ୍ଷ୍ଣ ବ୍ରତଯୁକ୍ତ ହୋଇ ସ୍ୱାଧ୍ୟାୟ ରୂପକ ଜ୍ଞାନଯଜ୍ଞ କରନ୍ତି ।

ଏହି ସନ୍ଦର୍ଭରେ 'ଶ୍ରୀମହାପ୍ରସାଦ'ହିଁ ଅନ୍ନଯଜ୍ଞର ଚରୁ ବୋଲି ପୂର୍ବରୁ ଲେଖା ଯାଇଅଛି । ସତ୍ର=ଛତ୍ରର ଅର୍ଥ ଯଜ୍ଞ ହୋଇଥିବାରୁ ଭୋଗମଣ୍ଡପରେ ଭୋଗ ଛତ୍ରଭୋଗ ବା ଯଜ୍ଞର ଫଳ ସ୍ୱରୂପ ଶ୍ରୀମହାପ୍ରସାଦ ଭୋଗ ଅଟେ । ଏହା ଏଠାରେ ଅଧିକ ସ୍ପଷ୍ଟ ହେଉଅଛି । ଏହି ଛତ୍ର ଅର୍ଥ ମଧ୍ୟ ମାଗଣାରେ ପ୍ରସାଦ ବଣ୍ଟନ ଅର୍ଥରେ ବ୍ୟବହାର କରାଯାଏ । ସାଧାରଣତଃ ଗରିବ ଦୁଃଖୀଲୋକଙ୍କ ପାଇଁ ବିଭିନ୍ନ ମଠବାଡ଼ି, ଦାତା, ଭକ୍ତମାନେ ମାଗଣାରେ ଯେଉଁ ପ୍ରସାଦ ବଣ୍ଟନ କରିଥାଆନ୍ତି ତାହାକୁ 'ଛତ୍ର' ବୋଲି କୁହାଯାଏ । ଏମାର ମଠ ପକ୍ଷରୁ ସିଂହଦ୍ୱାର ଚକଡାରେ ପ୍ରତିଦିନ ଅନ୍ନଦାନ 'ଛତ୍ର' ଦିଆଯାଉଥିଲା ଯାହାକି ଗତ କେତେବର୍ଷ ଧରି ବନ୍ଦ ହୋଇଗଲାଣି । ଏହା ବ୍ୟତୀତ ବଡ଼ଦାଣ୍ଡରେ ଉତ୍ତର ପ୍ରଦେଶର ରିମା ନାମକ ସ୍ଥାନର ରାଜା ଯାହାଙ୍କୁ 'ଅହିଛତ୍ର' କୁହାଯାଇଥାଏ । (ପୁରୀର ରାଜାଙ୍କୁ 'ଗଜପତି' ଭାବରେ ସମ୍ବୋଧିତ କରିବା ଭଳି ରିମା ରାଜାଙ୍କୁ 'ଅହିଛତ୍ର' ବୋଲି କୁହାଯାଏ ।) ସେ ବଡ଼ଦାଣ୍ଡର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ପାଖରେ ଥିବା ଯାଗାଟି ଯାହାକୁ ରିମାଛତ୍ର ବୋଲି କୁହାଯାଏ, ସେଠାରେ ଏମାର ମଠ ମାର୍ଫତରେ 'ଅନ୍ନଛତ୍ର' ଅନ୍ନଭୋଜନ କରାଉଥିଲେ । ଯାହା ବହୁ ବର୍ଷ ଧରି ବନ୍ଦ ଅଛି ।[୨୩]

ସାମାଜିକ ସ୍ତରରେ ଚଳନ୍ତି ଭାଷା ଓ ଭାବରେ ଏହି ଛତ୍ରରେ ବସୁଥିବା ବ୍ୟକ୍ତିମାନଙ୍କୁ 'ଛତରଖିଆ' ବୋଲି କହିଥାଆନ୍ତି ଓ ସେହି ବ୍ୟକ୍ତିଙ୍କୁ ଲୋକେ ନିମ୍ନ ଦୃଷ୍ଟିରେ ଦେଖିଥାଆନ୍ତି । ସାଧାରଣ ଚଳଣିରେ ଛତରଖିଆ କୁହାଯାଉଥିଲେ ମଧ୍ୟ ଏତେ ବଡ଼ ବ୍ୟାପକ ଅର୍ଥବୋଧକ ଶବ୍ଦକୁ କେଉଁ ଉଦ୍ଦେଶ୍ୟରେ କାହିଁକି ସଂକୁଚିତ ଶବ୍ଦର ଅର୍ଥରେ ବ୍ୟବହାର କରାଯାଏ ଜଣାପଡୁନାହିଁ । ଯାହାହେଉ କିନ୍ତୁ ଛତ୍ର=ସତ୍ର ଅର୍ଥ ଯେ ଯଜ୍ଞ ଓ ଅନ୍ନଛତ୍ର ଦ୍ରବ୍ୟଯଜ୍ଞ (ଅନ୍ନଯଜ୍ଞ) ଅନ୍ତର୍ଭୁକ୍ତ ବୋଲି ଅଧିକ ବାସ୍ତବ ବୋଧ ହେଉଅଛି ।

---

*୨୩. ଉକ୍ତ ଯାଗାଟି ୧୯୮୦ ମସିହାରେ ଏମାର ମଠ ଶ୍ରୀମନ୍ଦିର ପ୍ରଶାସନକୁ ୧ଲକ୍ଷ ଟଙ୍କାରେ ବିକ୍ରୀ କରିଦେଇଛନ୍ତି । ଏବେ ସେହି ସ୍ଥାନରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତନିବାସ ଓ ଯାତ୍ରୀ ନିବାସ ତିଆରି କରାଯାଇ ଯାତ୍ରୀଙ୍କ ନିବାସ ବ୍ୟବସ୍ଥା କରାଯାଇଅଛି ।*

CC-0. In Public Domain. Digtized by Muthulakshmi Research Academy

## ପନ୍ତିଭୋଗ, ପନ୍ତିଘର, ଛାମୁପନ୍ତି :-

ଶ୍ରୀମନ୍ଦିରରେ କୋଠଭୋଗ, ରାଜଭୋଗ, ଛତ୍ରଭୋଗ, ବରାଦି ଭୋଗ, ଭଅଣ୍ଡ ଭୋଗ, ଉପାଧିଭୋଗ ଭଳି ପ୍ରଚଳିତ ଭୋଗ ଶବ୍ଦ ସହିତ ପ୍ରାୟଃ ସାଧାରଣ ଲୋକ ସଂସ୍ପର୍ଶରେ ଆସିଥାଆନ୍ତି । ଯାହା ବିଷୟରେ ପୂର୍ବରୁ ଆଲୋଚନା କରାଯାଇଅଛି । ଏହା ବ୍ୟତୀତ ଅନ୍ୟ କେତେକ ଭୋଗ ସମ୍ବନ୍ଧରେ ସଂକ୍ଷିପ୍ତ ପରିଚୟ ଏଠାରେ ଦେବା ସମୀଚୀନ ମନେହୁଏ । ଏ ସମସ୍ତ ଭୋଗ ବିଭିନ୍ନ ଦିନ ଓ ପର୍ବପର୍ବାଣିରେ କରାଯାଉଥିଲେ ମଧ୍ୟ ଏହା ସବୁ ଶ୍ରୀମହାପ୍ରସାଦ ହିସାବରେ ପରିଚିତ ।

ଶ୍ରୀମନ୍ଦିର ରତ୍ନସିଂହାସନ ଓ ଗୁଣ୍ଡିଚା ଘର ସିଂହାସନ ସମ୍ମୁଖ ସ୍ଥାନ ଭିତର ପୋଖରିଆ ନାମରେ ପରିଚିତ । ସିଂହାସନରେ ବସିଥିବା ମହାପ୍ରଭୁଙ୍କ ସମସ୍ତ ସେବା ଓ ନୀତି ମଧ୍ୟରୁ ଅଧିକାଂଶ ସେହି ପୋଖରିଆରେ ହିଁ ହୋଇଥାଏ । ପୂର୍ବ ବର୍ଣ୍ଣିତ ମତେ ମଣ୍ଡଳ ଭିତରେ ଚାରି ବାଡ଼ରେ ଥାଳି ପଡ଼େ ଓ ସେଥିରେ ନୈବେଦ୍ୟ ବଢ଼ାଯାଏ । ଏହି ମୁରୁଜ କଟା ସୀମା ଭିତରେ କୋଠଭୋଗ ସଙ୍ଗୁଡ଼ି ସହ ନିସଙ୍ଗୁଡ଼ି ଭୋଗ ବାଢ଼ିବାକୁ ପନ୍ତି ଭୋଗ କୁହାଯାଏ । ମଣ୍ଡଳ ବାହାର ନୈବେଦ୍ୟ ଦେବଭୋଗ୍ୟ ଉପଯୋଗୀ ନୁହେଁ । ମହାପ୍ରଭୁ ଓ ତାଙ୍କର ପ୍ରତିନିଧିମାନଙ୍କର ଯାନିଯାତ୍ରା ଅବସରରେ ବିଭିନ୍ନ ସ୍ଥାନରେ ଯେଉଁ ନୈବେଦ୍ୟ ବଢ଼ାଯାଏ ସେଗୁଡ଼ିକ ମଧ୍ୟ ପନ୍ତି କୁହାଯାଏ ।

ପୂର୍ବେ ଆଲୋଚନା କରାଯାଇଅଛି ଯେ, ଭୋଗମଣ୍ଡପରେ ହେଉଥିବା ଭୋଗ ବ୍ୟତୀତ ରତ୍ନସିଂହାସନ ତଳ, ଅଣସର ଓ ବଲ୍ଲଭପିଣ୍ଡିର ଭୋଗଗୁଡ଼ିକ ଅମୃତମଣୋହି, କୋଠଭୋଗ ହୋଇଥିବାରୁ ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୋଠଭୋଗ ଗୋଦାମରୁ ସମସ୍ତ ଦ୍ରବ୍ୟ ଯୋଗାଇ ଦିଆଯାଇଥାଏ । ଭୋଗ ବାଢ଼ିବାକୁ ପନ୍ତିଭୋଗ କୁହାଯାଏ । ରତ୍ନସିଂହାସନ ତଳେ ବଢ଼ାଯାଇଥିବା ପନ୍ତିକୁ ଛାମୁପନ୍ତି କୁହାଯାଏ । ଶ୍ରୀସୁଦର୍ଶନ ଓ ମା' ମହାଲକ୍ଷ୍ମୀ (ଶ୍ରୀଦେବୀ)ଙ୍କ ପାଇଁ ମଧ୍ୟ ପନ୍ତି ବଢ଼ାଯାଏ । ସ୍ନାନପୂର୍ଣ୍ଣିମା ଦିନଠାରୁ ରତ୍ନସିଂହାସନ ତଳେ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଭିତର ପୋଖରିଆରେ ପନ୍ତି ବଢ଼ାଯାଏ ନାହିଁ । କେତେକ ମଠ ଓ ସେବକ ବ୍ୟକ୍ତିବିଶେଷ ମଧ୍ୟ ଶ୍ରୀଛାମୁରେ ପନ୍ତିଭୋଗ ବାଢ଼ିବାର ଅଧିକାର ସନନ୍ଦ, ଛାମୁଚିଟାଉ ମାଧ୍ୟମରେ ପାଇଛନ୍ତି । ସେମାନଙ୍କର ନାମ ଓ ପନ୍ତିର ପରିମାଣ ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ପ୍ରଥମ ଓ ଦ୍ୱିତୀୟ ଭାଗର ୨୦୫ ପୃଷ୍ଠାରୁ ୨୦୯ ପର୍ଯ୍ୟନ୍ତ ଦିଆଯାଇଅଛି । ଶ୍ରୀମନ୍ଦିରରେ ଯାତ୍ରା ସମୟରେ ଠାକୁରଙ୍କୁ ପନ୍ତି ଭୋଗ ଲଗାଇବାପାଇଁ ବିଭିନ୍ନ ମଠ ଓ ଅନୁଷ୍ଠାନମାନଙ୍କୁ ପନ୍ତିଘର ମିଳିଅଛି । ସେଥିମଧ୍ୟରୁ ପ୍ଲଟ-୧୨୨ ସାନଛତା ମଠ ପନ୍ତିଘର, ପ୍ଲଟ-୧୨୭ ଜଗନ୍ନାଥ ବଲ୍ଲଭମଠ ପନ୍ତିଘର, ପ୍ଲଟ-୧୨୮ ପ୍ରତିହାରୀ ନିଯୋଗ ପନ୍ତିଘର, ପ୍ଲଟ-୧୨୮ ତ୍ରିମାଳୀ ମଠ ପନ୍ତିଘର, ପ୍ଲଟ-୧୨୯ ବିମାନବଡୁ ନିଯୋଗ ଓ ପ୍ଲଟ-୧୫୦ କନିକା ରାଜା ପନ୍ତିଘର । ପୁସ୍ତକର କଳେବର ବୃଦ୍ଧି ହେବା ଆଶଙ୍କାରେ କେବଳ ସାଙ୍କେତିକ ଭାବରେ ଏଗୁଡ଼ିକ ଲେଖାଗଲା । ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି

CC-0. In Public Domain. Digtized by Muthulakshmi Research Academy

ପୃ୨୦୬ ଓ ୨୦୭ରେ ବଡ଼ବାଡ଼, ସୁଭଦ୍ରାଙ୍କ ବାଡ଼, ମହାପ୍ରଭୁଙ୍କ ବାଡ଼, ଶ୍ରୀସୁଦର୍ଶନଙ୍କ ବାଡ଼ରେ କେତେ ପରିମାଣ ପନ୍ତିଭୋଗ ଲାଗିଥାଏ ତାହା ଉଲ୍ଲେଖ ଅଛି । ଭୋଗମଣ୍ଡପ ଘରେ ମଧ୍ୟ ମଣୋହି ସମୟରେ ପନ୍ତିଭୋଗ ଲାଗିଥିବାର ପ୍ରମାଣ ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପିରେ ଉଲ୍ଲେଖ ଅଛି । ଏହା ବ୍ୟତୀତ ଯାନିଯାତ୍ରା ବା ବିଭିନ୍ନ ପର୍ବଯାତ୍ରାମାନଙ୍କରେ ମୁଖ୍ୟ ବିଗ୍ରହ ଓ ଆଜ୍ଞାମାଳ ମାଧ୍ୟମରେ ପ୍ରତିନିଧିତ୍ୱ କରୁଥିବା ବିଗ୍ରହମାନଙ୍କୁ କେଉଁ ସ୍ଥାନରେ କି ଭଳି, କେଉଁ ଦ୍ରବ୍ୟ ପନ୍ତିରେ ବଢ଼ାଯାଏ ଓ ସେହି ପନ୍ତିଭୋଗର ବ୍ୟବସ୍ଥା କେଉଁ ମଠ, ବ୍ୟକ୍ତିବିଶେଷ, ଅନୁଷ୍ଠାନ ବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କରାଯାଇ ଆସୁଅଛି ତାହା ମଧ୍ୟ ସ୍ୱତ୍ତ୍ୱଲିପିରେ ଉଲ୍ଲେଖ ରହିଅଛି । ଏହି ପନ୍ତିଭୋଗରେ ନିସଙ୍ଗୁଡ଼ି ଦ୍ରବ୍ୟ, ଫଳ, ମୂଳ, ଦୁଗ୍ଧଜାତୀୟ ଦ୍ରବ୍ୟ ଆଦି ହିଁ ଲାଗିଥାଏ । ଠାକୁରମାନଙ୍କୁ ସମର୍ପିତ ହେବାପରେ ତାହା ମଧ୍ୟ ଶ୍ରୀମହାପ୍ରସାଦ ହୋଇଯାଏ । ଏହି ପନ୍ତିଭୋଗ ଦେବାର ଅଧିକାର ବିକ୍ରୀ ଖରିଦ ସୂତ୍ରେ ହସ୍ତାନ୍ତର ହୋଇଥାଏ । ଗଜପତି ମହାରାଜା ୩ୟ ଦିବ୍ୟସିଂହ ଦେବଙ୍କ ୧୨୬୯ ସାଲ ଅର୍ଥାତ୍ ୧୮୬୧ ମକର ୫ଦିନେ ଓଡ଼ିଆ ମଠର ତତ୍କାଳୀନ ଅଧିକାରୀ ନୀଳାଦ୍ରି ଦାସ ଗୋସେଇଁଙ୍କୁ ଭୋବନି ମହାସୁଆର ଶ୍ରୀ ଜଗନ୍ନାଥଙ୍କ ଅମୃତମଣୋହି ନିମନ୍ତେ ଏଭଳି ଏକ ଅମୃତମଣୋହି ପନ୍ତି ସେବା ବିକ୍ରୀ କରିଦେବାର ଏକ ବିକ୍ରୟ ପତ୍ରର ଫଟୋ ନକଲ ୧୬୦ ପୃଷ୍ଠାରେ ଅଛି ।[୨୪]

**ବାଳଧୂପ ଭୋଗ(ବାଳଭୋଗ)**-ମାଦଳାପାଞ୍ଜି ରାଜଭୋଗ ଇତିହାସ ପୃ୩୯ ମତେ ନିଶଙ୍କ ଭାନୁଦେବ ରାଜା ଯାହାଙ୍କର ଶାସନକାଳ ୧୨୮୩ ଶକାବ୍ଦ ପର୍ଯ୍ୟନ୍ତ ଥିଲା । ମାଦଳା ପାଞ୍ଜି ବର୍ଣ୍ଣନା ଅନୁସାରେ *'ଏ ରାଜା ଦିନି ଦରଶନକୁ ଆସିଥିଲେ । ଫୁଲମହାପ୍ରସାଦ ପରମେଶ୍ୱରଙ୍କ ଲାଗିରେ ନଥିଲା । ରାଜାଙ୍କୁ ପ୍ରସାଦ ଦେବାକୁ କିଛି ନମିଳିଲା । ଏ ପଶୁପାଳକ ମୁଣ୍ଡରେ ଦୟଣାମାଳ ଥିଲା । ଏହା ମଥାରୁ ଆଣି ରାଜାଙ୍କୁ ପ୍ରସାଦ କରିଦେଲେ । ରାଜା ସେବକକୁ ବୋଇଲେ ଏ ଫୁଲମହାପ୍ରସାଦରେ ବାଳକାହୁଁ ଅଇଲା । ଡରେ ପଶୁପାଳକ ବୋଇଲା ପରମେଶ୍ୱରଙ୍କ ତ୍ରିମୁଣ୍ଡିରେ ବାଳ ଥିଲା । ଏହା ରାଜା ଶୁଣି ପଶୁପାଳକକୁ କୋପ କରି ଧରାଇଦେଇ ବୋଇଲେ ଠାକୁରଙ୍କ ତ୍ରିମୁଣ୍ଡିରେ ବାଳ ଦେଖାଇବ । ଏମନ୍ତ ବୋଲି ରାଜା ନଅର ବିଜେକଲେ । ମହାପ୍ରଭୁ ସେବକଙ୍କ ଆତଙ୍କ ଜାଣିଲେ ରାତ୍ର ରାଜାଙ୍କୁ ସପନରେ ଆଜ୍ଞା ହୋଇଲା । ଆମ୍ଭ ସେବକଙ୍କୁ କିଆଁ ଦୁଃଖ ଦେଉଅଛ । କାଲି ପାହାନ୍ତୀ ଅବକାଶ ଉଲାଗି ବେଳେ ଆମ୍ଭ ତ୍ରିମୁଣ୍ଡରେ ବାଳ ଦେଖିବୁ । ସପନ ନେଟି ରାଜା ଉଟି ପାହାନ୍ତୀ ଅବକାଶ ମଇଲମ ବେଳକୁ ଦରଶନକୁ ଅଇଲେ । ମହାପ୍ରଭୁଙ୍କ ତ୍ରିମୁଣ୍ଡିରେ ଦେଖିଲେ ବାଳ ଓଲମୁ ଅଛି । ଦେଖି ସେ ରାଜା ଆଶ୍ଚର୍ଯ୍ୟ ପାଇ ପାଏ ପଡ଼ିଶୋଇଲେ । ପଶୁପାଳକକୁ ହକରା କରି ଅନେକ ପ୍ରବୋଧିଲେ । ସେହି ଦିନୁ ରାଜା ବାଳଧୂପ ଭିଆଇଲେ ।'*

---

୨୪. ସଂଗୃହୀତ-ଶ୍ରୀଜଗନ୍ନାଥଙ୍କ ସେବା ସ୍ମରଣ, ସଂପାଦକ- ଡଃ ସୁରେନ୍ଦ୍ର କୁମାର ମିଶ୍ର ।

CC-0. In Public Domain. Digtized by Muthulakshmi Research Academy

ମାଦଳାପାଞ୍ଜିରେ ଉଲ୍ଲେଖ ଥିବା ଏହି ଘଟଣାପରେ ଯେଉଁ ବାଳଧୂପ ଭିଆଣ ହେଲା ତାହା ସେହିଦିନଠାରୁ ଆଜିପର୍ଯ୍ୟନ୍ତ ଆଶ୍ୱିନ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏକ ଅତିରିକ୍ତ ଧୂପ ବା ବାଳଧୂପ ଭୋଗ ହୋଇ ଆସୁଅଛି । ଏଥିରେ ତାଟକୋରା, ଖଇ, ଦୋଭଜାଲିଆ, ନଡ଼ିଆ ଖୁଦି, ପଇଡ଼, ଦହି, ପାପୁଡ଼ି, କଦଳୀ, ସାନକୋରା ଭୋଗ ହୁଏ ।

ଶ୍ରୀମନ୍ଦିରରେ ପ୍ରକୃତରେ ବାଳଭୋଗ (ଲଘୁ ଆହାର) ଅଭିହିତ ଗୋପାଳବଲ୍ଲଭ ପ୍ରତିଦିନ ହେବାପରେ ବାଳଭୋଗ ଶବ୍ଦଟି ଏହିଭଳି ଭାବରେ ତିଷ୍ଠି ରହିଛି । ବାଳଧୂପ ସମ୍ବନ୍ଧୀୟ କାହାଣୀଟି ଲୋକପ୍ରିୟତା ଅର୍ଜନ କରି କୌଣସି ସମୟରେ ମାଦଳାପାଞ୍ଜିରେ ପ୍ରବେଶ କରିଯାଇଅଛି ।[୨୫]

## ପହିଲି ଭୋଗ :-

ପହିଲି ବା ଶୀଘ୍ର ହେଉଥିବା ଭୋଗ ଅନ୍ୟନାମ ପାହାନ୍ତି ଭୋଗ । ଶ୍ରୀମନ୍ଦିରରେ ଧନୁସଂକ୍ରାନ୍ତିଠାରୁ ମକର ସଂକ୍ରାନ୍ତି ପୂର୍ବଦିନ ପର୍ଯ୍ୟନ୍ତ ସକାଳର ଗୋପାଳବଲ୍ଲଭ ଭୋଗ ସହିତ ପହିଲି ଭୋଗ ହୁଏ । ଏହି ଦିନମାନଙ୍କରେ ରାତି ଥାଇ ଦ୍ୱାରଫିଟା, ଆଳତି, ଅବକାଶ, ବେଶ, ଘୋଡ଼ ଓ ଅଳଙ୍କାର ଲାଗି ପରେ ଶୋଧ ହୁଏ । ଅଣସର ପିଣ୍ଡିରେ ବଲ୍ଲଭ ବଢ଼ା ହୁଏ । ଏହାପରେ ପହିଲି ଭୋଗ ହୋଇଥାଏ ।

*ପ୍ରସ୍ତୁତକର୍ତ୍ତା ଓ ଛେକନେବା*-ବଡୁସୁଆର ଓ ପାଳିଆ ମହାସୁଆର । ସେବକମାନେ କାର୍ଯ୍ୟ କରିଥାଆନ୍ତି ଓ ନିମ୍ନୋକ୍ତ ନୈବେଦ୍ୟ ସମର୍ପିତ ହୁଏ ।

*ରନ୍ଧନଦ୍ରବ୍ୟ ଓ ପରିମାଣ*-ବଡ଼ି(ବଡ଼) ୧୦୦, (ସାନ)୭୫୦, ଝିଲି (ଦରସୁଆ) ୬୦ଟା, (ବଡ)-୧୨ଟା, ନଳି ୧୨ଟା, କାକେରା ୨୪ଟା, ଆରିସା୧୮ଟା, ଏଣ୍ଡୁରୀ ୧୦୦ଟା, ମୁଗେଇ ୧୪ଟା, ଝଡ଼େଇନେଦା ୧ସରା, ଛତୁ ୨୪ଗୁଳା, ଚୁଡ଼ାଭଜା ବଡ଼ସରା ୧ ଓ ୫ଓଳି, କଣ୍ଟେଇ ସାନସରା-୧, ଗଇଁଠା ସାନସରା ୧, ମଣ୍ଡା ସାନସରା ୧, କାକେରୀ ୨୦ଟା, ମାଣ୍ଡି ୨ସରା, ଅମାଲୁ (ଛୋଟ) ୫୦ଟା । ଏଥିସହ ଦୈନିକ ଗୋପାଳବଲ୍ଲଭର ଦ୍ରବ୍ୟ ।

ପହିଲି ଭୋଗ ମାସରେ ମଙ୍ଗଳ ଆଳତି ପରେ ପରେ ରୋଷ ହୋମ ହୋଇଯାଏ । କାରଣ ଉପର୍ଯ୍ୟୁକ୍ତ ନୈବେଦ୍ୟଗୁଡ଼ିକ ପ୍ରସ୍ତୁତ କରିବାପାଇଁ ଯଥେଷ୍ଟ ସମୟର ଆବଶ୍ୟକତା ଥାଏ ।

ସ୍କନ୍ଦପୁରାଣ, ବାମଦେବସଂହିତା ଓ ନୀଳାଦ୍ରି ମହୋଦୟ ଗ୍ରନ୍ଥମାନଙ୍କରେ ଏହି ପହିଲି ଭୋଗ ସମ୍ବନ୍ଧରେ ଉଲ୍ଲେଖ ନଥିବାରୁ ମନେହୁଏ ଏହି ଗ୍ରନ୍ଥମାନ ପ୍ରଣୟନ ପରେ

*୨୫. ସଂଗୃହୀତ- ପୁରୀ ବୋଲି, ପୃ୧୪୨ ।*

CC-0. In Public Domain. Digtized by Muthulakshmi Research Academy

ବୋଧହୁଏ ପହିଲି ଭୋଗ ପ୍ରଚଳିତ ହୋଇଥାଇପାରେ, କିନ୍ତୁ ଆଲୋଚକ ଶ୍ରୀ ଆଶୁତୋଷ ନାୟକ ଭକ୍ତ କବି ମାଧବୀ ଦାସୀ ଧନୁମାସର ପହିଲି ଭୋଗ ବର୍ଣ୍ଣନା ଉଦ୍ଧାର କରି ଏହି ପହିଲିଭୋଗ ଖ୍ରୀଷ୍ଟୀୟ ୧୬ଶ ଶତାବ୍ଦୀରେ ପ୍ରଚଳିତ ଥିବାର ପ୍ରତିପାଦନ କରିଛନ୍ତି । ଏହି ଅନୁସାରେ ଯଶୋଦା ମାତା ରାତି ନ ପାହୁଣୁ ଶ୍ରୀକୃଷ୍ଣ ଓ ଶ୍ରୀବଳରାମଙ୍କୁ ବିଭିନ୍ନ ଲଘୁ ଦ୍ରବ୍ୟ ଖୁଆଇଥାନ୍ତି । ଅତଏବ ପୁତ୍ର ବାତ୍ସଲ୍ୟ, ନୈସର୍ଗିକ ପ୍ରେମର ନିଦର୍ଶନ ରୂପେ ଓ ପ୍ରାଚୀନକାଳରୁ ଏହି ଭୋଗ ଶ୍ରୀମନ୍ଦିରରେ ପ୍ରଚଳିତ ବୋଲି ଶ୍ରୀଯୁକ୍ତ ନାୟକ ପ୍ରକାଶ କରିଛନ୍ତି । ସେ ଏକ ପୌରାଣିକ ଆଖ୍ୟାୟିକାକୁ ଅବତାରଣା କରି ଲେଖିଛନ୍ତି ଯେ, ଥରେ ଦ୍ୱାରକାରେ ଭଗବାନ ଶ୍ରୀକୃଷ୍ଣ ମାତା ଯଶୋଦାଙ୍କ ସ୍ମୃତିରେ ବ୍ୟାକୁଳ ହୋଇ ବାଳଗୋପାଳ ରୂପ ଧାରଣ କରିଥିବାବେଳେ ଦେବର୍ଷି ନାରଦ ସେଠାରେ ପହଞ୍ଚି ଏହି ରୂପର ରହସ୍ୟ ଜାଣିବାପାଇଁ ଚାହିଁଲେ । ତାଙ୍କୁ ଭଗବାନ ଶ୍ରୀକୃଷ୍ଣ ଗୋପପୁରକୁ ଯିବାକୁ କହିବାରେ ସେ ସେଠାରେ ପହଞ୍ଚି ଶ୍ରୀକୃଷ୍ଣ, ଶ୍ରୀବଳରାମ ମାତା ଯଶୋଦାଙ୍କ କୋଳରେ ବସି ନାନା ସୁମିଷ୍ଟ ଦ୍ରବ୍ୟ ସେବନ କରୁଥିବାର ଦେଖିଲେ । ଶ୍ରୀଜଗନ୍ନାଥଙ୍କ ପହିଲି ଭୋଗ ଏହି ଶ୍ରୀକୃଷ୍ଣ ଲୀଳାର ଏକ ସ୍ମାରକୀ ହୋଇପାରେ । ଲୋକପ୍ରବାଦ ଅନୁସାରେ ଦେବୀ ରୁକ୍ମିଣୀ (ମାତା ଲକ୍ଷ୍ମୀ) ଶ୍ରୀକ୍ଷେତ୍ରର ମହୋଦଧି କୂଳରେ ଚକ୍ରତୀର୍ଥ ନିକଟରେ ଏହି ମାସରେ ନିଜ ପିତା ଗୃହକୁ ଯାଇଥିବାରୁ ତାଙ୍କର ଅନୁପସ୍ଥିତିରେ ମାତା ଯଶୋଦା ପୁତ୍ର ବାତ୍ସଲ୍ୟର ପ୍ରତୀକ ହିସାବରେ ଏହି ମାସକ ଯାକ ତାଙ୍କୁ ପହିଲି ଭୋଗ ଖୁଆଇ ଥାଆନ୍ତି । ଏହି ପ୍ରଥାକୁ ସ୍ମୃତିରେ ରଖି ଶ୍ରୀଜଗନ୍ନାଥଙ୍କ ସେବକ ବୋହୂମାନେ ଏହି ପୁଷମାସରେ ନିଜ ବାପ ଘରକୁ (ପିତ୍ରାଳୟ)କୁ ଯାଇଥାଆନ୍ତି । ଏହି ପହିଲି ଭୋଗ ପ୍ରଚଳନ ବ୍ୟବସ୍ଥା ସମ୍ବନ୍ଧରେ ଶାସ୍ତ୍ରୀୟ ଭିତ୍ତି କଅଣ ତାହା ଅଧିକ ଗବେଷଣା ସାପେକ୍ଷ ଅଟେ । [୨୬]

**ଜେଉଡ଼ ବା ଜେଉଟ ଭୋଗ**-ଏକ ପ୍ରକାର ଖଟା ଭୋଗ । ଶ୍ରୀରାମ ଓ ଶ୍ରୀକୃଷ୍ଣ ଜନ୍ମ ନୀତି ପୂର୍ବଦିନ ସନ୍ଧ୍ୟାଧୂପ ପରେ ଏହି ଭୋଗ ହୋଇଥାଏ । ଜେଉଟ ଫଳ, ତେନ୍ତୁଳି, ଗୁଡ଼, କଖାରୁ, କଦଳୀ ଆଦି ମିଶି ପ୍ରସ୍ତୁତ ହୁଏ ।

**ଚାଚେରୀ ଭୋଗ**-ପ୍ରତିବର୍ଷ ଫାଲଗୁନ ଶୁକ୍ଳ ଦଶମୀଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ୫ଦିନ ଧରି ରନ୍‌ସିଂହାସନାଧିଷ୍ଠିତ ଶ୍ରୀବିଗ୍ରହମାନଙ୍କର ଚାଚେରୀ ବେଶ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ହୁଏ । ଚାଚେରୀ ଭୋଗରେ ସାନ ଓ ବଡ଼ ଆରିସା, ଧଉଳା, ଘିନାଡ଼ି, ଖଇରଚୂଳ, କ୍ଷୀରି ଆଦି ନୈବେଦ୍ୟ ଅର୍ପିତ ହୁଏ ।

---

୨୬. ସଂଗୃହୀତ- ୧୯୯୯ ଶ୍ରୀମନ୍ଦିର ସମାଚାର, ପହିଲି ଭୋଗ, ଲେ-ଶ୍ରୀଜଗବନ୍ଧୁ ପାଢ଼ୀ । ଏବଂ ଏହି ପହିଲି ଭୋଗ ସମ୍ବନ୍ଧରେ ଇଂରେଜ ପ୍ରଶାସକ ଏମ୍ ଗ୍ୟାରେଟଙ୍କ ୧୯୦୩ ମସିହା ରିପୋର୍ଟରେ ମଧ୍ୟ ଉଲ୍ଲେଖିତ ।

CC-0. In Public Domain. Digitized by Muthulakshmi Research Academy

**ଚକଟା ଭୋଗ**-କ୍ଷୀର, ଛେନା, କଦଳୀ, ଅଳେଇଚ ଆଦି ମସଲା ପଡ଼ି ପ୍ରସ୍ତୁତ ଏକ ଭୋଗ ଯାହାକି ଅଣସର ସମୟରେ ତାଟି ମଧ୍ୟରେ ହୁଏ । ଏହା କିନ୍ତୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ମିଳେ ନାହିଁ ।

**ଷୋଳ ଶାସନ ଭୋଗ**-ପ୍ରତିବର୍ଷ କାର୍ତ୍ତିକ ଶୁକ୍ଳ ସପ୍ତମୀ ଦିନ ମୁକ୍ତିମଣ୍ଡପ ପକ୍ଷରୁ ହେଉଥିବା ଏକ ଭୋଗ । ଭୋଇବଂଶ ରାଜା ରାମଚନ୍ଦ୍ର ୧ମ କୁଜଙ୍ଗ ଗଡ଼ରୁ ବ୍ରହ୍ମୋଦ୍ଧାର କରି ଚତୁର୍ଦ୍ଧାମୂର୍ତ୍ତିଙ୍କ ପୁନଃ ପ୍ରତିଷ୍ଠା ଓ ସଙ୍ଗୁଡ଼ି ଭୋଗ ପ୍ରବର୍ତ୍ତନର ସ୍ମୃତିରେ ଏହି ଭୋଗ ଚାଲିଥିବା କୁହାଯାଏ ।

ମାଦଳାପାଞ୍ଜି ରାଜଭୋଗ ଇତିହାସ ପୃଷ୍ଠା ୬୨ ଓ ୬୩ରୁ ଏହି ସନ୍ଦର୍ଭରେ ଜଣାଯାଏ ଭୋଇବଂଶ ରାଜା ରାମଚନ୍ଦ୍ର ଦେବ *'ଅ୯ଙ୍କେ ରାଜା କୁଜଙ୍ଗ ଗଡ଼ରୁ ବ୍ରହ୍ମ ଅଣାଇଲେ । ଅ୧୧ଙ୍କ କକଡ଼ା ଦି୧୮ନ ଶ୍ରାବଣ ଶୁକ୍ଳ ନବମୀ ଦିନ ଶ୍ରୀପୁରୁଷୋତ୍ତମ ବଡ଼ଦେଉଳେ ରତ୍ନସିଂହାସନେ ବିଜେ କରାଇଲେ..... ପରମେଶ୍ୱର ମାଠସ ଯାଏ ନିସଙ୍ଗୁଡ଼ି ମଣୋହି କରୁଥିଲେ । ଭୟରେ ରାଜା ସଙ୍ଗୁଡ଼ି ନ କରାଇଲେ । ବ୍ରାହ୍ମଣ ସାଆନ୍ତ ଭଟ୍ଟ ମିଶ୍ରମାନଙ୍କୁ ସ୍ୱଦେଶୀ ପ୍ରଦେଶୀ ପଣ୍ଡିତମାନଙ୍କୁ ଘେନି ବିଚାରି ପରମେଶ୍ୱରଙ୍କ ଗହଣେ ଉପସ୍ଥିତ ହୋଇଲେ । ସେ ସେବକମାନଙ୍କୁ ଘେନି ସଙ୍ଗୁଡ଼ି ଭୋଗ ମଣୋହି କରାଇଲେ । ସକାଳ ଧୂପ ମଣୋହି ବଢ଼ିଲା ଉଭାରେ ଖେଚେଡ଼ି ମହାପ୍ରସାଦ କାଖରେ କରି ଶ୍ରୀ ରାମଚନ୍ଦ୍ର ଦେବ ମହାରାଜା ଜଏ ବିଜଏ ଦ୍ୱାର କଳାପାହାଚ ଉପରେ ଉଭା ହୋଇ ସମସ୍ତ ଭଟ୍ଟ ମିଶ୍ରମାନେ ପଟୋଆର କରୁଥିଲେ । ସମସ୍ତଙ୍କୁ ଚାହିଁଲେ । ରାମଚନ୍ଦ୍ର ଭଟ୍ଟ, ଗୋବର୍ଦ୍ଧନ ପ୍ରହରାଜେ, ମିଶ୍ର ଗୋସାଇଁ ତିନିଲୋକେ ରାଜାଙ୍କ ହାଥରୁ ଉନ୍ଦୁଡ଼ି ମହାପ୍ରସାଦ ସେବା କରି ମୁଣ୍ଡରେ ହାଥ ବୋଳିଲେ । ହରି ଶବ୍ଦ କରି ସମସ୍ତ ସନ୍ୟାସୀ ବ୍ରହ୍ମଚାରୀ, ଭଟ୍ଟ ମିଶ୍ରମାନ ମହାପ୍ରସାଦ ପାଇଲେ । ସମସ୍ତ ସନ୍ୟାସୀ ବ୍ରହ୍ମଚାରୀମାନେ ବ୍ରାହ୍ମଣମାନେ ଶ୍ରୀ ରାମଚନ୍ଦ୍ର ଦେବ ମହାରାଜାଙ୍କୁ ଦୁତୀ ଇନ୍ଦ୍ରଦୁମନ ବୋଲି ଶାଢ଼ି ଦେଲେ ।'* ସେହିପରି ମାଦଳାପାଞ୍ଜି ରାଜଭୋଗ ଇତିହାସ ପୁସ୍ତକର ପୃ୬୭ ଅନୁସାରେ ମାଦଳାପାଞ୍ଜିର ଉପର୍ଯ୍ୟୁକ୍ତ ଦୁଇଟି କଥା ସ୍ପଷ୍ଟ ହୁଏ । ପ୍ରଥମରେ ମହାପ୍ରଭୁଙ୍କ ବିଭିନ୍ନ ଲୀଳାକ୍ଷେତ୍ରମାନଙ୍କରେ ରହଣି ସମୟରେ ନିସଙ୍ଗୁଡ଼ି ଓ ସଙ୍ଗୁଡ଼ି ଭୋଗ ଲାଗୁଥିବା ଏବଂ ଶ୍ରୀମନ୍ଦିରକୁ ଆସିବା ପରେ ସଙ୍ଗୁଡ଼ି ଭୋଗର ପୁନଃ ପ୍ରଚଳନ । ରାଜା ରାମଚନ୍ଦ୍ର ଦେବଙ୍କ ସମୟରେ ସଙ୍ଗୁଡ଼ି ପ୍ରଚଳନର ସ୍ମୃତି ସ୍ୱରୂପ ମୁକ୍ତିମଣ୍ଡପ ପକ୍ଷରୁ ଷୋଳ ଶାସନ ଭୋଗ ଏବେ ମଧ୍ୟ ହେଉଅଛି ।

**ଶିତଳ ମଣୋହି ଭୋଗ**-ଯେ କୌଣସି ବିଶେଷ ପରିସ୍ଥିତିରେ ମହାପ୍ରଭୁଙ୍କୁ ଭୋଗ ହେଉଥିବା ନିସଙ୍ଗୁଡ଼ି ଭୋଗକୁ ଶିତଳ ମଣୋହି କୁହାଯାଏ । ମହାପ୍ରଭୁଙ୍କ ଅସ୍ଥାୟୀ ସ୍ଥାନାନ୍ତରଣ ଲୀଳା ସମୟରେ ମହାପ୍ରଭୁଙ୍କୁ ସଙ୍ଗୁଡ଼ି ଭୋଗ ନ ଲାଗି କେତେକ ସ୍ଥାନରେ ଶିତଳ ମଣୋହି ଭୋଗ ହେଉଥିବା ମାଦଳାପାଞ୍ଜିରୁ ପ୍ରମାଣ ମିଳେ । ମହାପ୍ରଭୁ ଲୀଳା

CC-0. In Public Domain. Digtized by Muthulakshmi Research Academy

କରିବା ଉଦ୍ଦେଶ୍ୟରେ ବହୁବାର ଶ୍ରୀକ୍ଷେତ୍ର ଛାଡ଼ି ଅସ୍ଥାୟୀ ଭାବରେ ସ୍ଥାନାନ୍ତରିତ ହୋଇଛନ୍ତି । ଏହି ସମୟରେ କେତେକ ସ୍ଥାନରେ ମହାପ୍ରଭୁମାନଙ୍କୁ ଶିତଳ ମଣୋହି କରାଯାଇଥିଲା । ଚିଲିକା ଭିତରେ ଚଢ଼େଇଗୁହା ପାହାଡ଼ ନିକଟ, ଗବପଦର, କାଙ୍କଣ ଶିଖରୀ ଆଦି ସ୍ଥାନରେ ଶିତଳ ମଣୋହି ହେଉଥିଲା । ଚିଲିକାରେ ଅନ୍ୟ ଫଳ ମିଳିବା ସମ୍ଭବ ନଥିଲା ବେଳେ ଯମୁନାଝରରୁ ଜଳନେଇ କାଙ୍କଣ ଶିଖରୀରେ କେବଳ କାଙ୍କଣ ଫଳ ମହାପ୍ରଭୁଙ୍କୁ ଶିତଳ ମଣୋହିରେ ଭୋଗ ଲାଗୁଥିଲା । ପରବର୍ତ୍ତୀ କାଳରେ କାଙ୍କଣ ଶ୍ରୀମନ୍ଦିରରେ ପ୍ରବେଶ କଲା ବୋଲି ଜନଶ୍ରୁତି ରହିଅଛି ।

ଯେଉଁ ସ୍ଥାନରେ ନଈ ବା ପୋଖରୀ ଥିଲା ସେଠାରେ ମହାପ୍ରଭୁଙ୍କ ସଙ୍ଗୁଡ଼ି ଭୋଗ ମଣୋହି ପାଇଁ କୌଣସି ଅସୁବିଧା ନଥିଲା । କିନ୍ତୁ ଯେଉଁ ସ୍ଥାନରେ ପାହାଡ଼ ଓ ଚିଲିକାର ଲୁଣି ପାଣି ଥିଲା ସେଠାରେ ମଣୋହି ପାଇଁ କୂଅମାନ ଖୋଳା ହୋଇଥିବାର ପ୍ରତ୍ୟକ୍ଷ ପ୍ରମାଣ ଆଜି ମଧ୍ୟ ଦେଖିବାକୁ ମିଳେ । ଏହା ମଧ୍ୟ ମାଦଳାପାଞ୍ଜିର ସମସ୍ତ ବୃତ୍ତାନ୍ତ ସତ୍ୟ ବୋଲି ସାକ୍ଷୀ ଦେଉଅଛି । କେବଳ ସେତିକି ନୁହେଁ ଗବପଦରରେ ଅମୃତମଣୋହି ପାଇଁ ଦେଢ଼ବାଟି ଜମି ଖଞ୍ଜା ହୋଇଥିଲା ଓ ବାଣପୁରର ବଡ଼ହନ୍ତୁଆଡ଼ରେ ରହଣି କାଳରେ ଅମୃତମଣୋହି ପାଇଁ ୬୦ବାଟି ଜମି ଖଞ୍ଜା ହୋଇଥିଲା । ଖମାର, ଅବଡ଼ା କୁଡୁଆର ପ୍ରମାଣ ଏବେ ବି ମାଟିତଳେ ମିଳୁଛି । କେତେକ ସ୍ଥାନରେ ଶିତଳ ମଣୋହି ହେଉଥିଲେ ମଧ୍ୟ ନଈରୀର ହରିହରେଶ୍ୱର ମଣ୍ଡପ ଓ ଗଞ୍ଜାମର ଚିକିଲିରେ ଦୁଇଟି କୂଅ ଥାଇ ସଙ୍ଗୁଡ଼ି ଭୋଗ ମଣୋହି ହେଉଥିଲା । ନଈରୀରେ ଶ୍ରୀଗୁଣ୍ଡିଚା ଯାତ୍ରା ମଧ୍ୟ ହେଉଥିଲା ଏବଂ ମଣୋହି ପାଇଁ ଗୁଣ୍ଡିଚା କୂଅ ମାତ୍ର ଗୋଟିଏ ଦିନରେ ଖୋଳାଯାଇଥିବାର ପ୍ରମାଣ ମିଳେ । ସେହିପରି ଚିଲିକା ଭିତରେ ଚକାନାସୀରେ ଗୋଟିଏ କୂଅ ଥିବାର ପ୍ରମାଣ ଓ ପୁରୀ ଜିଲ୍ଲାରେ ଭାର୍ଗବୀ ନଦୀକୂଳରେ ଗଡ଼କୋକଳ ଗ୍ରାମରେ ମଣୋହି ପାଇଁ କୂଅ ଥିବାର ପ୍ରମାଣ ରହିଅଛି । ସେଠାରେ ଚନ୍ଦନଯାତ୍ରା ଓ ଭୋଗ ରନ୍ଧା ପାଇଁ ରୋଷ ଘରର କେତେକ ପ୍ରମାଣ ଅଦ୍ୟାବଧି ମିଳୁଅଛି । ଭୋଇବଂଶ ରାଜା ରାମଚନ୍ଦ୍ର ଦେବଙ୍କ ରାଜତ୍ୱକାଳରେ ଶେଷଥର ଲୀଳା କରିବାପାଇଁ ମହାପ୍ରଭୁ ଗଞ୍ଜାମ ଜିଲ୍ଲା ଆଠଗଡ଼ ନିକଟ ମାରଦା ଯାଇ ସେଠାରେ ଦୁଇବର୍ଷ ରହିଥିଲେ ଓ ସଙ୍ଗୁଡ଼ି ଭୋଗ ହେବାପାଇଁ କୂଅଟିଏ ଖୋଳା ଯାଇଥିଲା ଯାହାକି ଅଦ୍ୟାବଧି ଅଛି । ସେଠାରୁ ୧୭୩୫ରେ ଠାକୁରମାନେ ଶ୍ରୀକ୍ଷେତ୍ର ଫେରିବା ପରେ ସଙ୍ଗୁଡ଼ି ଭୋଗ ପୁନଃ ପ୍ରଚଳନ ହେବା ମାଦଳାପାଞ୍ଜି ରାଜଭୋଗ ଇତିହାସ ପୃଷ୍ଠରେ ଲେଖାଅଛି, 'ପରମେଶ୍ୱରଙ୍କୁ ବିଜେ କରାଇଆଣି ଶ୍ରୀପୁରୁଷୋତ୍ତମ ବଡ଼ଦେଉଳ ଅଣସର ପିଣ୍ଡିରେ ବିଜେ କରି ସଙ୍ଗୁଡ଼ି ଭୋଗ ମଣୋହି ହୋଇଥିଲା ।' ଉପର୍ଯ୍ୟୁକ୍ତ ବିଷୟ ଏଠାରେ ଅବତାରଣା କରିବାର ଉଦ୍ଦେଶ୍ୟ ହେଉଛି ମହାପ୍ରଭୁଙ୍କୁ ବିଭିନ୍ନ ସ୍ଥାନରେ ଭୋଗ ଲାଗି ସଙ୍ଗୁଡ଼ି ଭୋଗ ବିଘ୍ନିତ ହୋଇ ପୁନଃ ପ୍ରଚଳିତ ହୋଇଥିଲେ ମଧ୍ୟ ତାହା ଶ୍ରୀମହାପ୍ରସାଦ ହିଁ ଅଟେ ବୋଲି ବିଷୟକୁ ପ୍ରତିପାଦିତ କରିବା ।

CC-0. In Public Domain. Digtized by Muthulakshmi Research Academy

**ଯାତ/ଯାତ୍ରାଙ୍ଗୀ ଭୋଗ**-ଠାକୁରମାନଙ୍କର ବିଭିନ୍ନ ଯାତ୍ରା ନୀତି ପୂର୍ବରୁ କରାଯାଉଥିବା ଏକ ଭୋଗ । ଏଥିରେ ବିବିଧ ପ୍ରକାର ସଙ୍ଖୁଡ଼ି ଭୋଗ ସମର୍ପିତ ହୁଏ ।

**ମଇଲମ ଭୋଗ**-ଅଣସର ସମୟର ସ୍ୱତନ୍ତ୍ର ଭୋଗ, ଧୂଆମୁଗ ଓ କୋରା ନଡ଼ିଆ ଏହି ଭୋଗରେ ଲାଗେ । ଧୂଆ ମୁଗରେ ଚୋପା ଓ କୋରା ନଡ଼ିଆରେ କତାଗୁଣ୍ଡ ଯେପରି ନ ରହେ ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯାଏ ।

**ମହାଦେଇ ଭୋଗ**-ଚାଉଳ, ମୁଗ, ହଳଦୀ ପଡ଼ି ଏକ ଖେଚେଡ଼ି ଯାହାକି ପୂର୍ବେ ଶ୍ରୀ ରାମଦାସ ମଠ ପକ୍ଷରୁ ପାଟରାଣୀ ମହାଦେଇଙ୍କ ଉଦ୍ଦେଶ୍ୟରେ ସକାଳଧୂପରେ କରାଯାଉଥିଲା । ବର୍ତ୍ତମାନ ଏହା ମଠପକ୍ଷରୁ ନ ହୋଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କରାଯାଉଛି ।

**ଅଣସରପଣା ଭୋଗ**-ଅଣସର ସମୟରେ ଶ୍ରୀବିଗ୍ରହମାନେ ଅଣସର ତାଟି ପଛପଟେ ରହିଥାଆନ୍ତି ଓ ସେମାନଙ୍କର ଗୁପ୍ତ ସେବାମାନ କରାଯାଇଥାଏ । ଉପରେ ବର୍ଣ୍ଣନା କରାଯାଇଥିବା ମତେ ମହାପ୍ରଭୁଙ୍କୁ ମଇଲମ ଭୋଗ ଓ ଚକଟା ଭୋଗ ବ୍ୟତୀତ ଦିବସର ଉଭୟ ସନ୍ଧ୍ୟାରେ କର୍ପୂର ମିଶ୍ରିତ ମିଶିରିପଣା ଭୋଗ କରାଯିବାର ବ୍ୟବସ୍ଥା ଉଲ୍ଲେଖ ଅଛି ।[୨୭] ଏହି ନୈବେଦ୍ୟ ସମୟରେ ବିଦ୍ୟାପତି ବଂଶ ସମ୍ଭୂତ (ପତିମହାପାତ୍ର) ସମର୍ପଣ କରି ଥାଆନ୍ତି ବୋଲି ଉଲ୍ଲେଖ ରହିଅଛି ।

**ପ୍ରପାନକାଦି ଭୋଗାଂଶ୍ଚ ବିଦ୍ୟାପତିକୁଳୋଦ୍ଭବାଃ ।**
**କୁର୍ବନ୍ତି ଭୋଗକାଳେ ତେ ଶବରାଶ୍ଚ ବହିଷ୍କୃତାଃ ।।** *(ବା.ସଂ-୧୫।୧୫)*

ତେଣୁ ଏହି ଅଣସର ପଣା ଭୋଗ ମଧ୍ୟ ଶ୍ରୀମହାପ୍ରସାଦ ଅନ୍ତର୍ଭୁକ୍ତ ।

**ଅଧରପଣା ଭୋଗ**-ଏହା ଷୋଡ଼ଶ ଶତାବ୍ଦୀରୁ ପ୍ରଚଳିତ ଭୋଗ । ରଥାରୂଢ଼ ଶ୍ରୀବିଗ୍ରହମାନଙ୍କୁ ଆଷାଢ଼ ଶୁକ୍ଳ ଦ୍ୱାଦଶୀ ଦିନ ଅଧରପଣା ଭୋଗ କରାଯାଏ । ଏହା ଅଶରୀରୀମାନଙ୍କ ପାଇଁ ଉଦ୍ଦିଷ୍ଟ । ଶ୍ରୀମହାପ୍ରସାଦ ପାଇ କେବଳ ଦେବତା, ପିତୃପୁରୁଷ ଓ ଜୀବଜଗତ ମୁକ୍ତ ହୋଇଥାଆନ୍ତି, ଅଶରୀରୀ ଯାହାଙ୍କୁ ଶ୍ରୀମନ୍ଦିର ପ୍ରବେଶ ମନା ସେମାନଙ୍କ ପାଇଁ ମଧ୍ୟ ମହାପ୍ରଭୁ ଅଧରପଣା ଶ୍ରୀମହାପ୍ରସାଦ ବ୍ୟବସ୍ଥା କରିଥାଆନ୍ତି ।

ମନେହୁଏ ଶାକ୍ତଦର୍ଶନ ଦୃଷ୍ଟିରୁ ଅଧରପଣା ହିଁ କୈବଲ୍ୟ । ଅଶରୀରୀମାନଙ୍କ ପାଇଁ ମହାପ୍ରଭୁଙ୍କୁ ଅଧରପଣା ଭୋଗ ଲାଗିବା ପରେ ଅଧର ହାଣ୍ଡି ଭଙ୍ଗାଯାଏ । ପତିତପାବନ ଶ୍ରୀଜଗନ୍ନାଥ ପତିତ ଉଦ୍ଧାର ପାଇଁ ଶ୍ରୀଗୁଣ୍ଡିଚା ଯାତ୍ରାରେ ନବଦିନ ଯାତ୍ରା କରିଥାଆନ୍ତି । ଏହି ପତିତମାନେ ଜାତିପତିତ ବା ଧର୍ମଭ୍ରଷ୍ଟ ପତିତ ବୋଲି ଅର୍ଥ କରାନଯାଇ ଏମାନେ ଅଶରୀରୀ ବୋଲି କୁହାଯାଇପାରେ । ଜନଶ୍ରୁତି ଅନୁସାରେ ସେମାନେ ଶ୍ରୀମନ୍ଦିରକୁ

୨୭. ବା.ସଂ-୧୫।୧୦ ।

CC-0. In Public Domain. Digtized by Muthulakshmi Research Academy

ଯାଇ ନ ପାରୁଥିବାରୁ ବଡ଼ଦାଣ୍ଡରେ ମହାପ୍ରଭୁଙ୍କୁ ଦର୍ଶନ କରିଥାଆନ୍ତି । କିନ୍ତୁ ସେହି ଦର୍ଶନରେ ସମସ୍ତେ ମୋକ୍ଷମାର୍ଗୀ ହୋଇ ପାରୁ ନଥିବାରୁ ଅଧରପଣାକୁ ଆଶ୍ରା କରିଥାଆନ୍ତି ବୋଲି କେତେକଙ୍କ ବିଶ୍ୱାସ ।

ଅଧରହାଣ୍ଡି ଭାଙ୍ଗିବାର ପରମ୍ପରା ଚାଲି ଆସୁଥିବାର କାରଣ ସେଠାରେ ସମର୍ପଣର ପ୍ରଥା ନାହିଁ । ତେଣୁ ହାଣ୍ଡି ଭଙ୍ଗାଯାଇ ଉତ୍ସର୍ଗ କରାଯାଏ । ତେଣୁ ଅଧର ହାଣ୍ଡି ଭଙ୍ଗା ପରମ୍ପରା କୈବଲ୍ୟ ଉତ୍ସର୍ଗର ପରମ୍ପରା । ଅଧରପଣା ଅଶରୀରୀମାନଙ୍କ ପାଇଁ ଉଦ୍ଦିଷ୍ଟ କାରଣରୁ ବହୁ ଭକ୍ତ ଏହା ସେବା କରନ୍ତି ନାହିଁ । କିନ୍ତୁ ଗତ କିଛି ବର୍ଷ ହେଲା ଅଧରପଣା ଉତ୍ସର୍ଗର ଭାବ ଓ ଅର୍ଥ ନ ବୁଝି ମହାପ୍ରଭୁଙ୍କ ସମସ୍ତ ଭୋଗ ଶ୍ରୀମହାପ୍ରସାଦ ବୋଲି ଧରି ନେଇ କେତେକ ଭକ୍ତ ଅଶରୀରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଅଧରହାଣ୍ଡି ଭଙ୍ଗାଦିନ ରଥତଳେ ଅଧରପଣା ନେବାପାଇଁ ଆତୁର ହୋଇ ଉଠୁଥିବା ଦେଖାଯାଏ ।[୨୮]

**ଖଡି ପ୍ରସାଦ**-ଅଣସରରେ ଶ୍ରୀମୁଖ ଚିତ୍ରଣରେ ଖଡ଼ି ଆଦି ସାମଗ୍ରୀର ଅବଶେଷକୁ ଖଡ଼ି ପ୍ରସାଦ କୁହାଯାଏ । ଅଣସର ତ୍ରୟୋଦଶୀ ଦିନ ଏହି ଖଡ଼ି ଦତ୍ତ ମହାପାତ୍ରଙ୍କ ଘରୁ ଘଣ୍ଟ ଛତା କାହାଳୀ ସହ ଶ୍ରୀମନ୍ଦିରକୁ ଆସେ । ଖଡ଼ିଲାଗି ପରେ ଖଡ଼ିପ୍ରସାଦ ଶ୍ରୀନଅରକୁ ପଟୁଆରରେ ବିଜେ ହୁଏ । ବହୁ ଲୋକଙ୍କର ଏହି ପ୍ରସାଦ ନୈବେଦ୍ୟ ଅନ୍ତର୍ଭୁକ୍ତ ବୋଲି ଭ୍ରମଧାରଣ ରହିଅଛି ।

**ଖଳି ପ୍ରସାଦ**-ଶ୍ରୀଅଙ୍ଗରେ ଲେପନ ନିମିତ୍ତ ଗହମରେ ପ୍ରସ୍ତୁତ ଖଳି । ଅଣସର ସୁଦୁସୁଆର ଏହାକୁ ପ୍ରସ୍ତୁତ କରନ୍ତି । ଅଣସର ତ୍ରୟୋଦଶୀ ଦିନ ଏହାଙ୍କ ଘରଠାରୁ ଶ୍ରୀମନ୍ଦିରକୁ ଖଳି ବିଜେ ହୁଏ । ଏହା କୌଣସି ନୈବେଦ୍ୟ ଅନ୍ତର୍ଭୁକ୍ତ ନୁହେଁ । ପ୍ରସାଦ ଶବ୍ଦ ବ୍ୟବହାର ହେଉଥିବାରୁ ବହୁ ଲୋକଙ୍କର ନୈବେଦ୍ୟ ବୋଲି ଭ୍ରମଧାରଣା ରହିଅଛି ।

## ଭୋଗ ମାରାର ପରିଭାଷା :-

ପୂର୍ବ ଆଲୋଚନା ମତେ ପାକଶାଳାରେ ରନ୍ଧନ ହେଉଥିବା ବ୍ୟଞ୍ଜନ ଓ ତାହାର ବ୍ୟବସ୍ଥା ଆଦି ଏକ ମହାନ୍ ଯଜ୍ଞ ସହିତ ସମାନ । ଏହି ଯଜ୍ଞକର୍ମରେ ଯେପରି କୌଣସି ତ୍ରୁଟୀ ନ ଘଟେ ସେଥିପାଇଁ ସୁରକ୍ଷା, ସ୍ୱଚ୍ଛତା, ଶୁଦ୍ଧତା ଦୃଷ୍ଟିରୁ ସବୁ କିଛି ବିଧି ବ୍ୟବସ୍ଥା ଶାସ୍ତ୍ରମତେ କରାଯାଇଅଛି । ତାହା ସତ୍ତ୍ୱେ ଯଦି କୌଣସି ତ୍ରୁଟୀ ଯଥା ପାକଶାଳାରେ ଅଗ୍ନିବିପ୍ଳାତ, ପାକଶାଳା ଭଙ୍ଗ ହୋଇଗଲେ, କୁକୁର, ଶୃଗାଳ, ଚଣ୍ଡାଳ, ଶବ ଓ ଅସ୍ଥିପତନ ହେଲେ, କୌଣସି ନିଷିଦ୍ଧ ବ୍ୟକ୍ତି ପ୍ରବେଶ କଲେ ତେବେ ନୈବେଦ୍ୟ ପାଇଁ ପ୍ରସ୍ତୁତ ହୋଇଥିବା ଭୋଜ୍ୟ ସବୁକୁ (ବା.ସଂ-୯।୨୫ ଅନୁସାରେ) ଗୋଟିଏ ଦୀର୍ଘ ଖାତ କରି ପୋତି ପକାଇ ପୁନର୍ବାର ରନ୍ଧନ କାର୍ଯ୍ୟ କରିବାପାଇଁ ନର୍ଦ୍ଦେଶ ଅଛି । ସେହିପରି ନୀଳାଦ୍ରି

୨୮. ସଂଗୃହୀତ- ଶ୍ରୀଜଗନ୍ନାଥଙ୍କ ସେବା ସମନ୍ଧ, ସଂପାଦକ- ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର ।

CC-0. In Public Domain. Digtized by Muthulakshmi Research Academy

ମହୋଦୟରେ ମଧ୍ୟ ନିର୍ଦ୍ଦେଶ ରହିଅଛି । ଯଦି ନୈବେଦ୍ୟ ପ୍ରସ୍ତୁତ ହୋଇ ରତ୍ନସିଂହାସନ ତଳେ ବଢ଼ାଯାଇଥିବା ଅବସ୍ଥାରେ (ବା.ସଂ-୮।୩୦ ଅନୁସାରେ) ପୂଜାସ୍ଥଳକୁ ବ୍ରାହ୍ମଣୋତର ବ୍ୟକ୍ତି କେହି ପ୍ରବେଶ କରନ୍ତି, କିମ୍ବା ସେଠାରେ ରୁଧିରପାତ, ବାନ୍ତି, ମଳତ୍ୟାଗ ପ୍ରଭୃତି ହୁଏ ତାହାହେଲେ ପୂଜା ହୋଇ ଭୋଗ କାର୍ଯ୍ୟ କରାଯିବ ନାହିଁ । ଭୋଗଗୁଡ଼ିକ ମାରା ହୋଇଯାଏ । ଅବଶ୍ୟ ଭୋଗଯୋଗ୍ୟ କି ନା ସେ ବିଷୟରେ ଅମୋଣିହା ପରିଛା ସେବକ (ଭିତରଛ ମହାପାତ୍ର) ନିଷ୍ପତ୍ତି ନେଇଥାନ୍ତି । ପୂଜାସ୍ଥଳରେ ଯଦି ଚରୁପାତ୍ର (ହାଣ୍ଡି, କୁଡୁଆ) ଆଦି ଭାଙ୍ଗିଯାଏ ତାହାହେଲେ ତାହାକୁ ବାହାରେ ନିକ୍ଷେପ କରାଯାଏ କାରଣ ତାହା ସଙ୍କୁଡ଼ି ହିସାବରେ ଗଣାଯାଏ । ଭୋଗ ମାରା ହୋଇଗଲେ ତାହା କୋଇଲି ବୈକୁଣ୍ଠରେ ଦୀର୍ଘ ଖାତ କରାଯାଇ ପୋତିଦିଆଯାଏ ଓ ପୁନର୍ବାର ରନ୍ଧନ କରାଯାଇ ନୈବେଦ୍ୟ ସମର୍ପଣ କରାଯାଇଥାଏ ।

କୋଠଭୋଗ ମାରାହେଲେ ଶ୍ରୀମନ୍ଦିର ପ୍ରଶାସନ ପୁନର୍ବାର କୋଠଭୋଗ କରାଇଥାଏ, କିନ୍ତୁ ଭଅଣ୍ଡ ଭୋଗ କି ବରାଦି ଭୋଗ ସେଗୁଡ଼ିକ ମାରା ହୋଇଗଲେ ବ୍ୟକ୍ତିଗତ ଭାବରେ ସୂପକାରମାନଙ୍କର ଲକ୍ଷ ଲକ୍ଷ ଟଙ୍କା କ୍ଷତି ହୋଇଥାଏ । କେବେ କେବେ ଏଭଳି ଅଭାବନୀୟ ଘଟଣା ଶ୍ରୀମନ୍ଦିରରେ ଘଟି ଭୋଗଗୁଡ଼ିକ ପୋଡା ହୋଇଗଲେ ତାହା ଅସଂଖ୍ୟ ଭକ୍ତଙ୍କୁ ମଧ୍ୟ ଦୁଃଖ ଦେଇଥାଏ । ଆଜିକାଲି ଗଣମାଧ୍ୟମରେ ପ୍ରଚାର ଯୁଗରେ ଏଭଳି ଘଟଣା ପ୍ରକାଶିତ ହୋଇଯିବା ପରେ ବହୁ ବସ୍ତୁବାଦୀମାନେ ଏଭଳି ଭୋଗ ପୋଡାକୁ ବିରୋଧ କରି ଗରିବ, ଦୁଃଖୀ ଲୋକମାନଙ୍କ ମଧ୍ୟରେ ବାଣ୍ଟିବାପାଇଁ ପରାମର୍ଶ ଦେଇ ସମାଲୋଚନା କରିଥାଆନ୍ତି । ପ୍ରସ୍ତାବଗୁଡ଼ିକ ଗ୍ରହଣଯୋଗ୍ୟ ଭଳି ମନେ ହେଉଥିଲେ ମଧ୍ୟ ଯେଉଁମାନେ ଏଭଳି ଅଭାବନୀୟ ଘଟଣାକୁ ଶ୍ରୀମନ୍ଦିରରେ ଥାଇ ନିକଟରୁ ଲକ୍ଷ୍ୟ କରନ୍ତି ସେମାନେ ଅନୁଭବ କରିଥାଆନ୍ତି ଯେ ଏଭଳି ଭୋଗ ନହୋଇ ପୋଡା ହେବା ଯୋଗ୍ୟ ପଦାର୍ଥଗୁଡ଼ିକୁ ମାଙ୍କଡ଼, କାଉ ଆଦି ମଧ୍ୟ ସ୍ପର୍ଶ କରନ୍ତି ନାହିଁ । ସେଗୁଡ଼ିକ ଜମାହୋଇଥିବା ସ୍ଥାନର ଚତୁଃପାର୍ଶ୍ୱରେ ସେମାନେ ବସି ରହିଥିଲେ ମଧ୍ୟ କାହିଁକି ଯେ ସେମାନେ ଖାଆନ୍ତି ନାହିଁ ତାହା ବୁଝିବା କଷ୍ଟକର । ଲେଖକଙ୍କର ଏହା ପ୍ରତ୍ୟକ୍ଷ ଅନୁଭୂତି । ଏଭଳି ଅନୁଭୂତିକୁ କେହି କେହି ବାଜେ କଥା କହି ଉଡ଼ାଇ ଦେଇପାରନ୍ତି କିନ୍ତୁ, ଏହା ବାସ୍ତବ ସତ୍ୟ । ତାହାର ରହସ୍ୟ କେବଳ ଶ୍ରୀଜଗନ୍ନାଥଙ୍କୁ ହିଁ ଜଣା । ପଶୁ, ପକ୍ଷୀ ଗ୍ରହଣ କରୁନଥିବା ଜିନିଷକୁ ମନୁଷ୍ୟକୁ ଦିଆଯିବା ଉଚିତ ନୁହେଁ ବୋଲି ବିଚାର କରାଯାଇଥାଏ ।

## ଶ୍ରୀମହାପ୍ରସାଦ ଓ ଶ୍ରୀକ୍ଷେତ୍ରର ମଠ :-

ଶ୍ରୀଜଗନ୍ନାଥ ଚେତନା ଏକ ଚମତ୍କାରୀ ପ୍ରାଚୀନ ଚେତନା । କାଳ ପ୍ରବାହରେ ଅତି ପ୍ରାଚୀନ କାଳରୁ ଅନେକ ମତବାଦ, ସଂପ୍ରଦାୟ ଏଥି ସହିତ ସଂପୃକ୍ତ ହୋଇ ଏହି ମହାନ୍ ଚେତନାରେ ଲୀନ ହୋଇଯାଇଛନ୍ତି । ବିଭିନ୍ନ ଆଚାର୍ଯ୍ୟଗଣ ସ୍ୱ ସ୍ୱ ମତବାଦର

CC-0. In Public Domain. Digtized by Muthulakshmi Research Academy

ପ୍ରଚାର କରୁ କରୁ ଶ୍ରୀକ୍ଷେତ୍ରର ଆଧ୍ୟାତ୍ମିକ ପ୍ରସିଦ୍ଧିରେ ପ୍ରଭାବିତ ହୋଇ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇ ଏହି ଶ୍ରୀକ୍ଷେତ୍ରକୁ ନିଜର ସାଧନାର ପ୍ରକୃଷ୍ଟ କ୍ଷେତ୍ର ରୂପେ ଗ୍ରହଣ କରିନେଇଛନ୍ତି । ଶ୍ରୀକ୍ଷେତ୍ରରେ ସେମାନେ ଯେଉଁଠି ଅବସ୍ଥାନ କରି ସାଧନ, ଭଜନ କରିଛନ୍ତି ସେଗୁଡ଼ିକ ପରବର୍ତ୍ତୀ ସମୟରେ ପାଲଟି ଯାଇଛନ୍ତି ଉକ୍ତ ସଂପ୍ରଦାୟର ମଠ, ଆଖଡ଼ା, ଆଶ୍ରମ, ଅନୁଶାସନ, କୋଟ, ଗଡ଼ ଆଦିରେ ଓ ସେହି ନାମରେ ହିଁ ପ୍ରସିଦ୍ଧି ଲାଭ କରିଛନ୍ତି । ସ୍ଥଳ ବିଶେଷରେ କାଳକ୍ରମେ ବିଭିନ୍ନ ସଂପ୍ରଦାୟର ମଠଗୁଡ଼ିକ ବିଭିନ୍ନ ରାଜାଙ୍କର ପୃଷ୍ଠପୋଷକତା ଲାଭ କରି ଶ୍ରୀଜଗନ୍ନାଥଙ୍କ ସେବା ସହିତ ସଂପୃକ୍ତ ହୋଇଥିଲେ ମଧ୍ୟ ଆଜି ତନ୍ମଧ୍ୟରୁ ଅଧିକାଂଶ ବିଲୁପ୍ତ ପ୍ରାୟ ।

ଶ୍ରୀ ଅନଙ୍ଗଭୀମ ଦେବଙ୍କ ରାଜତ୍ୱ କାଳରେ ପୁରୀରେ ମଠ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ବହୁ ମଠ ପ୍ରତିଷ୍ଠା ଲାଭ କରିଥିବା ଇତିହାସରୁ ପ୍ରମାଣ ମିଳେ । ଶ୍ରୀମନ୍ଦିର ଚାରିପାଖେ ଅନଙ୍ଗଭୀମ ଦେବ ବହୁ ମଠ ପ୍ରତିଷ୍ଠା କରାଇ ସୁରକ୍ଷାର ଏକ ବଳୟ ସୃଷ୍ଟି କରିଥିଲେ । ଏହି ମଠମାନଙ୍କ ଉପରେ ମୁଖ୍ୟତଃ ତିନିଗୋଟି ଦାୟିତ୍ୱ ନ୍ୟସ୍ତ ରହିଥିଲା । ସେଗୁଡ଼ିକ ହେଲା- ୧. ଶ୍ରୀଜଗନ୍ନାଥଙ୍କର ଭୋଗ ନିଯୋଗର ଭଲ ମନ୍ଦ ବୁଝିବା, ୨. ମୁଦିରଥ, ପଶୁପାଳକ ବ୍ରାହ୍ମଣ ସେବକମାନଙ୍କୁ ସନ୍ଧ୍ୟା ପୂଜା ଓ ସ୍ନାନବିଧି ଶିକ୍ଷା ଦେବା, ୩. ଶ୍ରୀକ୍ଷେତ୍ରର ସମସ୍ତ ଲୋକଙ୍କର ହାରିଗୁହାରୀ ବୁଝି ସେ ବିଷୟରେ ପରିଛାକୁ ପରାମର୍ଶ ହେବା । ପରବର୍ତ୍ତୀ କାଳରେ ଉପର୍ଯ୍ୟୁକ୍ତ ଦାୟିତ୍ୱ ତୁଲାଇବା ସଙ୍ଗେ ସଙ୍ଗେ କ୍ରମଶଃ ଦାୟିତ୍ୱଗୁଡ଼ିକର ବୃଦ୍ଧି ଘଟିଲା । ସେଗୁଡ଼ିକ ହେଲା- ୧. ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କର ପ୍ରଚାର, ୨. ବିଭିନ୍ନ ପ୍ରଦେଶରୁ ଆସୁଥିବା ତୀର୍ଥଯାତ୍ରୀଙ୍କର ଆତିଥେୟତା, ୩. ସାଧୁସନ୍ଥଙ୍କର ଅଭ୍ୟର୍ଥନା ଓ ସତ୍କାର, ୪. ସଂସ୍କୃତ ଭାଷାର ପ୍ରଚାର ପ୍ରସାର ଓ ଗରିବ ଛାତ୍ରଙ୍କୁ ମଠରେ ରଖି ଶିକ୍ଷାର ପ୍ରଚାର ପ୍ରସାର ଆଦି । (ସଂଗୃହୀତ- ଶ୍ରୀଜଗନ୍ନାଥଙ୍କ ସେବା ସନନ୍ଦ- ସମ୍ପାଦକ ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର, ପୃଷ୍ଠା- ୧୯-୨୦ ।)

ଶ୍ରୀକ୍ଷେତ୍ରର ମଠ ଐତିହ୍ୟ ପୁସ୍ତକର (ପୃ.୧୩-୧୫) ତଥ୍ୟ ଅନୁସାରେ ମୋଟ ଉପରେ ନିମ୍ନଲିଖିତ ୫୯ଟି ସମ୍ପ୍ରଦାୟର ବିଭିନ୍ନ ମଠଗୁଡ଼ିକ ଶ୍ରୀକ୍ଷେତ୍ରରେ ସ୍ଥାପିତ ହୋଇଥିବା କଥା ଉଲ୍ଲେଖ ଅଛି ।

**ମଠ ଓ ଆଶ୍ରମଗୁଡ଼ିକର ସମ୍ପ୍ରଦାୟ-**

୧. ଶୈବ ସଂପ୍ରଦାୟ ୨. ଆଙ୍ଗୀରସ ସମ୍ପ୍ରଦାୟ
୩. ଶ୍ରୀ ସଂପ୍ରଦାୟ ୪. ଅଦ୍ୱୈତ ସମ୍ପ୍ରଦାୟ
୫. ସନକ ସମ୍ପ୍ରଦାୟ ବା ନିମ୍ବାର୍କ ସମ୍ପ୍ରଦାୟ
୬. ରୁଦ୍ର ସମ୍ପ୍ରଦାୟ ୭. ବ୍ରହ୍ମ ସମ୍ପ୍ରଦାୟ

CC-0. In Public Domain. Digtized by Muthulakshmi Research Academy

୮. ଦଶନାମୀ ସମ୍ପ୍ରଦାୟ

(କ) ତୀର୍ଥ ସମ୍ପ୍ରଦାୟ- ଆନନ୍ଦ ତୀର୍ଥ (ମାଧ୍ୱାଚାର୍ଯ୍ୟ) ।

(ଖ) ଆଶ୍ରମ ସମ୍ପ୍ରଦାୟ- ଶାରଦା ପୀଠର ସନ୍ନ୍ୟାସୀଙ୍କ ଉପାଧି ।

(ଗ) ବନ ସମ୍ପ୍ରଦାୟ- ପଦ୍ମପାଦଙ୍କ ଶିଷ୍ୟଙ୍କର ଉପାଧି ।

(ଘ) ଅରଣ୍ୟ ସମ୍ପ୍ରଦାୟ- ବିଦ୍ୟାରଣ୍ୟ (ମାଧବାଚାର୍ଯ୍ୟ) ।

(ଙ) ଗିରି ସମ୍ପ୍ରଦାୟ- ତୋଟକାଚାର୍ଯ୍ୟଙ୍କ ଶିଷ୍ୟଙ୍କର ଉପାଧି ।

(ଚ) ପର୍ବତ ସମ୍ପ୍ରଦାୟ- ତୋଟକାଚାର୍ଯ୍ୟଙ୍କ ଶିଷ୍ୟଙ୍କର ଉପାଧି ।

(ଛ) ସାଗର ସମ୍ପ୍ରଦାୟ- ତୋଟକାଚାର୍ଯ୍ୟଙ୍କ ଶିଷ୍ୟଙ୍କର ଉପାଧି ।

(ଜ) ସରସ୍ୱତୀ ସମ୍ପ୍ରଦାୟ- ମଧୁସୂଦନ ସରସ୍ୱତୀ ।

(ଝ) ଭାରତୀ ସମ୍ପ୍ରଦାୟ- ସୁରେଶ୍ୱରାଚାର୍ଯ୍ୟଙ୍କ ଶିଷ୍ୟଙ୍କର ଉପାଧି ।

(ଞ) ପୁରୀ ସମ୍ପ୍ରଦାୟ- ତୋତାପୁରୀ ମହାରାଜ ।

୯. ଋଷିଦୀର୍ଘଉମା ସମ୍ପ୍ରଦାୟ
୧୦. ଶାକ୍ତ ସମ୍ପ୍ରଦାୟ
୧୧. ବଲ୍ଲଭ ସମ୍ପ୍ରଦାୟ
୧୨. ଆଚାରୀ ସମ୍ପ୍ରଦାୟ
୧୩. ପିପଳାୟନ ସମ୍ପ୍ରଦାୟ
୧୪. ଅଘୋରପନ୍ଥୀ ସମ୍ପ୍ରଦାୟ
୧୫. ନାଗା ସମ୍ପ୍ରଦାୟ
୧୬. ଅନନ୍ତ ସମ୍ପ୍ରଦାୟ
୧୭. ଉତ୍କଳୀୟ ବୈଷ୍ଣବ ସମ୍ପ୍ରଦାୟ
୧୮. ମାଧବାଚାର୍ଯ୍ୟ ସମ୍ପ୍ରଦାୟ
୧୯. ସଚ୍ଚମାତା ସମ୍ପ୍ରଦାୟ
୨୦. ବ୍ରହ୍ମଚାରୀ ସମ୍ପ୍ରଦାୟ

(କ) ଆନନ୍ଦ ସମ୍ପ୍ରଦାୟ

(ଖ) ସ୍ୱରୂପ ସମ୍ପ୍ରଦାୟ

(ଗ) ଚୈତନ୍ୟ ସମ୍ପ୍ରଦାୟ

(ଘ) ପ୍ରକାଶ ସମ୍ପ୍ରଦାୟ

୨୧. ପୁଷ୍ଟିମାର୍ଗ ସମ୍ପ୍ରଦାୟ
୨୨. କବୀରପନ୍ଥୀ ସମ୍ପ୍ରଦାୟ
୨୩. ମଧ୍ୱଗୌଡ଼ ସମ୍ପ୍ରଦାୟ
୨୪. ଅତିବଡ଼ି ସମ୍ପ୍ରଦାୟ
୨୫. ପଞ୍ଚରାମାନନ୍ଦୀ ସମ୍ପ୍ରଦାୟ
୨୬. ଇନ୍ଦ୍ରସ୍ୱାମୀ ସମ୍ପ୍ରଦାୟ
୨୭. ରାମାନନ୍ଦୀ ସମ୍ପ୍ରଦାୟ
୨୮. ଖଇରାତ ସମ୍ପ୍ରଦାୟ
୨୯. ନାନକପନ୍ଥୀ ଉଦାସୀନ ସମ୍ପ୍ରଦାୟ
୩୦. ଗୌଡ଼ୀୟ ସମ୍ପ୍ରଦାୟ
୩୧. ନାଥ ସମ୍ପ୍ରଦାୟ
୩୨. କୌଳ ସମ୍ପ୍ରଦାୟ
୩୩. ଶୂନ୍ୟବାଦୀ ସମ୍ପ୍ରଦାୟ
୩୪. କୃଷ୍ଟିମାର୍ଗ ସମ୍ପ୍ରଦାୟ
୩୫. ହରିହର ସମ୍ପ୍ରଦାୟ
୩୬. ସନାତନ ସମ୍ପ୍ରଦାୟ

CC-0. In Public Domain. Digtized by Muthulakshmi Research Academy

୩୭. ସନ୍ଥମହାବୀର ହୁକୁମ୍ ସିଂ ସମ୍ପ୍ରଦାୟ
୩୮. ପାଶୁପତ ଲିଙ୍ଗାୟତ ସମ୍ପ୍ରଦାୟ
୩୯. କାଳଭୈରବ ସମ୍ପ୍ରଦାୟ
୪୦. ଶାବରତନ୍ତ୍ର ସମ୍ପ୍ରଦାୟ
୪୧. ନକୁଳୀଶ ପାଶୁପତ ସମ୍ପ୍ରଦାୟ
୪୨. ଆଲ୍‌ବାର ସମ୍ପ୍ରଦାୟ
୪୩. ଭାଗବତ ସମ୍ପ୍ରଦାୟ
୪୪. ପାଞ୍ଚରାତ୍ର ସମ୍ପ୍ରଦାୟ
୪୫. ବୈଖାନସ ସମ୍ପ୍ରଦାୟ
୪୬. ଶିଶୁ ସମ୍ପ୍ରଦାୟ
୪୭. ହରିଦାସୀ ସମ୍ପ୍ରଦାୟ
୪୮. ରାଧାବଲ୍ଲଭ ସମ୍ପ୍ରଦାୟ
୪୯. ଲଳିତ ସମ୍ପ୍ରଦାୟ
୫୦. ପ୍ରଣାମୀ ସମ୍ପ୍ରଦାୟ
୫୧. ଚରଣଦାସୀ ସମ୍ପ୍ରଦାୟ
୫୨. ସଖୀଭାବ ଉପାସକ ସମ୍ପ୍ରଦାୟ
୫୩. ପୂର୍ଣ୍ଣକାଳ ସମ୍ପ୍ରଦାୟ- ଚୌରଙ୍ଗିନାଥ
୫୪. ସ୍ମାର୍ତ୍ତ ସମ୍ପ୍ରଦାୟ
୫୫. ପରମହଂସ ସମ୍ପ୍ରଦାୟ
୫୬. ଆନନ୍ଦବାର ସମ୍ପ୍ରଦାୟ- ଜ୍ୟୋତିଃପୀଠ ସମ୍ପୃକ୍ତ
୫୭. କୀଟବାର ସମ୍ପ୍ରଦାୟ- ଦ୍ୱାରକାପୀଠ ସମ୍ପ୍ରଦାୟ
୫୮. ଭୂରିବାର ସମ୍ପ୍ରଦାୟ- ଶୃଙ୍ଗେରୀମଠ ସମ୍ପ୍ରଦାୟ
୫୯. ଭୋଗବାର ସମ୍ପ୍ରଦାୟ- ଗୋବର୍ଦ୍ଧନ ମଠ ସମ୍ପ୍ରଦାୟ

**ବୈଷ୍ଣବ ସମ୍ପ୍ରଦାୟ-**

ବୈଷ୍ଣବ ସମ୍ପ୍ରଦାୟରେ ଚାରିଗୋଟି ପ୍ରସିଦ୍ଧ ସମ୍ପ୍ରଦାୟକୁ ଗ୍ରହଣ କରାଯାଏ । ଏହି ସମ୍ପ୍ରଦାୟଗୁଡ଼ିକରେ ନାରାୟଣଙ୍କ ଠାରୁ ଆରମ୍ଭ କରି ଗୁରୁ ପରମ୍ପରାର କ୍ରମ ପ୍ରତ୍ୟେକ ସମ୍ପ୍ରଦାୟରେ ମିଳେ । ଉକ୍ତ ଚାରୋଟି ସମ୍ପ୍ରଦାୟ ହେଲା-

**ଆଚାର୍ଯ୍ୟମତଭେଦେନ ଦୀକ୍ଷା ସା ସ୍ୟାଚ୍ଚତୁର୍ବିଧା ।**
**ପ୍ରାପ୍ୟ ସଂଚତ୍ରିଣୋଭେଦଃ କୁତ୍ରାପି ନୈବ ବିଦ୍ୟତେ ॥**
**ରାମାନୁଜୋଽଥ ମାଧ୍ୱଶ୍ଚ ବିଷ୍ଣୁସ୍ୱାମୀ ନିମାନୁଜଃ ।**
**ଇମେ ଚତ୍ୱାର ଆଚାର୍ଯ୍ୟାଃ ବିଷ୍ଣୁ ଭକ୍ତିପରାୟଣାଃ ॥**
**ଶ୍ରିୟୋ ରାମାନୁଜଃ ଶ୍ରୀମାନ୍ ମାଧ୍ୱଃ ପଙ୍କଜଜନ୍ମନଃ ।**
**ବିଷ୍ଣୁସ୍ୱାମୀ ମହେଶସ୍ୟ ସାନକସ୍ୟ ନିମାନୁଜଃ ॥**
**ସମ୍ପ୍ରଦାୟେ ପ୍ରବର୍ତ୍ତନ୍ତେ ହ୍ୟନୁଷ୍ଠାନଂ କ୍ରମାଦି ମେ ।**
**ପ୍ରସିଦ୍ଧଂ ସର୍ବଶାସ୍ତ୍ରେଷୁ ସମ୍ପ୍ରଦାୟ ଚତୁଷ୍ଟୟଂ ॥** *(ଉଦ୍ଧୃତ- ଅତିବଡ଼ି, ପୃ.-୨୦)*

ଉପରିଲିଖିତ ସଂପ୍ରଦାୟର ବିଭିନ୍ନ ଆଚାର୍ଯ୍ୟଗଣ ବିଭିନ୍ନ ସମୟରେ ପ୍ରବର୍ତ୍ତକ ଭାବରେ ବିଭିନ୍ନ ମଠ ସ୍ଥାପନ କରିଥିଲେ ।

CC-0. In Public Domain. Digtized by Muthulakshmi Research Academy

ଓଡ଼ିଶାରେ ଗଙ୍ଗବଂଶର ରାଜତ୍ୱର ପ୍ରତିଷ୍ଠାତା ମହାରାଜା ଚୋଡ଼ଗଙ୍ଗଦେବ ଶ୍ରୀଜଗନ୍ନାଥଙ୍କ ଦୃଶ୍ୟମାନ ମନ୍ଦିର ୧୧୩୫ରେ ଆରମ୍ଭ କରିଥିଲେ । ପରେ ତାଙ୍କର ଚତୁର୍ଥ ପୁରୁଷ ରାଜା ଅନଙ୍ଗଭୀମ ଦେବ ୨ୟଙ୍କ ଦ୍ୱାରା ୧୧୯୭ଖ୍ରୀ.ରେ ସଂପୂର୍ଣ୍ଣ କରିଥିଲେ । ବର୍ତ୍ତମାନର ପରିଦୃଶ୍ୟମାନ ମନ୍ଦିର ରାଜା ଅନଙ୍ଗଭୀମ ଦେବ ୩ୟଙ୍କ ଦ୍ୱାରା ୧୨୩୦ ଖ୍ରୀ.ରେ ପ୍ରତିଷ୍ଠିତ ହୋଇଥିବା କଥା ଇତିହାସ ଦ୍ୱାରା ସମର୍ଥିତ । ରାଜା ୨ୟ ଅନଙ୍ଗଭୀମଦେବ ତାଙ୍କର ସଂପୂର୍ଣ୍ଣ ସାମ୍ରାଜ୍ୟ ଶ୍ରୀଜଗନ୍ନାଥଙ୍କୁ ସମର୍ପଣ କରିଦେଇ ନିଜେ ତାଙ୍କର ରାଉତ (ଦାସ ବା ପ୍ରତିନିଧି) ଭାବରେ ରାଜ୍ୟ ଶାସନ କରୁଥିଲେ । ତାଙ୍କ ପରେ ତାଙ୍କ ପୁଅ ଓ ନାତି ମଧ୍ୟ ସେହି ମର୍ଯ୍ୟାଦାକୁ କାଏମ୍ ରଖିଥିଲେ । ସେହି ମର୍ଯ୍ୟାଦା ମରହଟ୍ଟା ଶାସନ ପର୍ଯ୍ୟନ୍ତ ଓଡ଼ିଶାରେ ପ୍ରଚଳିତ ଥିଲା ।

ମରହଟ୍ଟା ରାଜା ରାଘୋଜୀ ଭୋଁସଲାଙ୍କ ଶାସନାଧୀନ ଓଡ଼ିଶା ଥିବା ସମୟରେ ଅର୍ଥାତ୍ ୧୮୦୩ ମସିହା ପୂର୍ବରୁ ଶ୍ରୀଜଗନ୍ନାଥଙ୍କ ସେବାପୂଜା ପାଇଁ ମରହଟ୍ଟାମାନେ ବହୁ ସଂପତ୍ତିବାଡ଼ି ଖଞ୍ଜି ଦେଇଥିଲେ । ଖୋର୍ଦ୍ଧାର ଗଜପତି ମାନେ, ଓଡ଼ିଶା ତଥା ଓଡ଼ିଶା ବାହାରର ବହୁ ରାଜା, ମହାରାଜା, ଜମିଦାରମାନେ ବହୁ ଜମି ଦାନ କରିଥିଲେ ବୋଲି ପୂର୍ବେ ବର୍ଣ୍ଣନା କରାଯାଇଅଛି । ଏହାର ସୁବ୍ୟବସ୍ଥା ପାଇଁ ସଂପତ୍ତିଗୁଡ଼ିକ ମଠ ପରି ସ୍ଥାୟୀ ଅନୁଷ୍ଠାନମାନଙ୍କର ମାର୍ଫତରେ ରଖାଯାଇଥିଲା । କେତେକ ସଂପତ୍ତି ସିଧାସଳଖ ମଠକୁ ମଧ୍ୟ ଦାନ କରାଯାଇଥାଲା । ବିଭିନ୍ନ ବ୍ୟକ୍ତି ଓ ସଂସ୍ଥାମାନଙ୍କ ଦ୍ୱାରା ମଠ ମହନ୍ତମାନେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ସେବାପୂଜା, ଭୋଗରାଗ ପାଇଁ ଏହି ସଂପତ୍ତିଗୁଡ଼ିକର ଆୟ ବିନିଯୋଗ କରୁଥିଲେ । ସେହିସବୁ ସଂପତ୍ତିଗୁଡ଼ିକୁ ଅମୃତମଣୋହି ସଂପତ୍ତି କୁହାଯାଉଥିଲା ।

ମଠମାନଙ୍କୁ ମିଳିଥିବା ସଂପତ୍ତିର ବିବରଣୀ ଓ ତାହାର ଆୟକୁ ମହାପ୍ରଭୁଙ୍କ ଭୋଗରାଗ, ରୀତିନୀତିରେ ଖର୍ଚ୍ଚ କରାଯିବାର ବିସ୍ତୃତ ଭାବରେ ଉଲ୍ଲେଖ କରାଗଲେ ତାହା ଏକ ସ୍ୱତନ୍ତ୍ର ପୁସ୍ତକ ହେବ । ତଥାପି ଏହାର ଏକ ବିବରଣୀ ଏଠାରେ ପ୍ରଦତ୍ତ ହେଲା । (ସଂଗୃହୀତ- ମଠ ସଂସ୍କୃତି, ଡଃ ଭାସ୍କର ମିଶ୍ର)

ମଠ ମହନ୍ତମାନେ ବିଭିନ୍ନ ସେବାପାଇଁ ଓ ମହାପ୍ରଭୁଙ୍କ ନୈବେଦ୍ୟ ପାଇଁ ରୋଷଘରେ ଚୁଲି, ସରଘର, ପନ୍ତିଘର ଓ ପନ୍ତି ବାଢ଼ିବାର ଅଧିକାର ପାଇଥିବା କଥା ଅନ୍ୟତ୍ର ଉଲ୍ଲେଖ କରାଯାଇଅଛି । ରାଜାଙ୍କଠାରୁ ସନନ୍ଦ, ହୁକୁମନାମା, ଛାମୁଚିଟାଉ ମାଧ୍ୟମରେ ମଠାଧୀଶମାନେ ମହାପ୍ରଭୁଙ୍କ ସେବା ଓ ବିଭିନ୍ନ ଯାନିଯାତ୍ରା ମାନଙ୍କରେ ପନ୍ତି କରିବା ଓ ସେବା କରିବାର ଅଧିକାର ପାଇଥିଲେ । ତନ୍ମଧ୍ୟରୁ କେତେକ ସେବା ଓ ପନ୍ତି କାଳର କରାଳ ଗତିରେ ମଠମାନଙ୍କରୁ ବିଲୁପ୍ତ ହୋଇଗଲାଣି ।[୨୯]

---

*୨୯. ସଂଗୃହୀତ- ଶ୍ରୀଜଗନ୍ନାଥଙ୍କ ସେବା ସନନ୍ଦ, ସଂପାଦକ-ଡଃ ସୁରେନ୍ଦ୍ର କୁମାର ମିଶ୍ର ।*

CC-0. In Public Domain. Digtized by Muthulakshmi Research Academy

କେତେକ ସେବା ଓ ଅମୃତମଣୋହି ପାଇଁ ମିଳିଥିବା ସନନ୍ଦର ଫଟୋକପିର ନମୁନା ପାଠକମାନଙ୍କର ଅବଗତି ପାଇଁ ଉଲ୍ଲେଖ କରାଗଲା ।









*୧. ୧୮୬୧ ମସିହାରେ ୩ୟ ଦିବ୍ୟସିଂହ ମହାରାଜଙ୍କ ସମୟରେ ଓଡ଼ିଆ ମଠର ମହନ୍ତ (ଅଧିକାରୀ) ନୀଳାଦ୍ରି ଗୋସାଇଁ ଭୋବନି ମହାସୁଆରଙ୍କ ପୁଅ ରାମି ମହାସୁଆରଙ୍କ ଠାରୁ ଅମୃତମଣୋହି ଛାମୁପତ୍ତି କିଣିଥିବାର ନକଲ ଏଠାରେ ଦିଆଗଲା ।*

CC-0. In Public Domain. Digtized by Muthulakshmi Research Academy



୨. (ରାଧାବଲ୍ଲଭ ମଠ ମହନ୍ତ ଶ୍ରୀଜଗନ୍ନାଥ ଦାସଙ୍କୁ ଶ୍ରୀମନ୍ଦିରରେ ଦୈନନ୍ଦିନ ଓ ଯାନିଯାତ୍ରାମାନଙ୍କରେ ଅନ୍ନ, ତିଅଣ; ଖେଚେଡ଼ି, ପିଠା ଇତ୍ୟାଦି ଭୋଗ ମଣୋହି କରିବାପାଇଁ ଛାମୁ ଚିଟାଉର ଫଟୋ ଚିତ୍ର)

CC-0. In Public Domain. Digtized by Muthulakshmi Research Academy



୩. (ରାଧାବଲ୍ଲଭ ମଠ ମହନ୍ତ ଚରଣ ଦାସଙ୍କୁ ଶ୍ରୀମନ୍ଦିରରେ ଖେଚେଡ଼ି, ପିଠା, ଗଜା, ଖୁରୁମା ଇତ୍ୟାଦି ଭୋଗ କରିବା ପାଇଁ ଛାମୁଚିଟାଉର ଫଟୋଚିତ୍ର ।)

CC-0. In Public Domain. Digtized by Muthulakshmi Research Academy



୪. (ଗୋବର୍ଦ୍ଧନ ପୀଠର ଦାମୋଦର ତୀର୍ଥକୁ ଶ୍ରୀମନ୍ଦିର ଦ୍ୱାଦଶ ଯାତ୍ରାରେ ଶାଢ଼ୀ ଚନ୍ଦନ, କଳା ଓ ଅନ୍ୟାନ୍ୟ ଭୋଗ ପ୍ରଦାନ ସଂପର୍କୀୟ ଛାମୁଚିଟାଉ)

CC-0. In Public Domain. Digtized by Muthulakshmi Research Academy



୫. (ସୂର୍ଯ୍ୟମଣି ପାଟ ମହାଦେଇ ୧୨୯୮ ସାଲ ମକର ୬ ଦିନରେ ରାଧାବଲ୍ଲଭି ମଠର ଅଷ୍ଟମ ମଠାଧୀଶଙ୍କୁ ବାଇଶି ପାହାଚରେ ୫ବଖରା ଘର ଦଖଲ ଓ ଭୋଗ ସମ୍ପତ୍ତିର ଚାମ୍ପଟିଗାଡ଼)

CC-0. In Public Domain. Digtized by Muthulakshmi Research Academy




୬. (ଓଡ଼ିଆ ମଠ ଅଧିକାରୀ ରାମକୃଷ୍ଣ ଦାସଙ୍କୁ ରଥଯାତ୍ରା ସମୟରେ ଗୁଣ୍ଡିଚା ଘରଠାରେ ଆହୁଡ଼ା ବାହୁଡ଼ା ଭୋଗ କରିବା ନିମନ୍ତେ ରାଜା ମୁକୁନ୍ଦ ଦେବଙ୍କ ଛାମୁ ଚିଟାଉ) ୩୦

୩୦. ସଂଗୃହୀତ- ମଠ ସଂସ୍କୃତି, ଲେଖକ-ଡଃ ଭାସ୍କର ମିଶ୍ର ।

CC-0. In Public Domain. Digtized by Muthulakshmi Research Academy

## ଇଂରେଜ ଶାସନ ସମୟରେ ଭୋଗହ୍ରାସ :-

ଶ୍ରୀମନ୍ଦିରର ଦାୟିତ୍ୱ ୧୮୦୩ ମସିହା ସେପ୍ଟେମ୍ବର ମାସରେ ବ୍ରିଟିଶ ସରକାର ନିଜ ହାତକୁ ନେଇଥିବା ସମୟରେ ବହୁ ପ୍ରକାର ବ୍ୟଞ୍ଜନ ମହାପ୍ରଭୁଙ୍କୁ ନୈବେଦ୍ୟ ଆକାରରେ ସମର୍ପିତ ହେଉଥିବାର ପ୍ରମାଣ ମିଳେ । କୋଠଭୋଗ ପରିମାଣର ବିଶାଳତା ó ! A Manual of Jagannath Temple and other related Textsରେ 'ଭୋଗ ନିଯୋଗ' ବିଷୟ ପୃ୫୦ ରୁ ୫୫ରେ ବିସ୍ତୃତ ବିବରଣୀ ଦିଆଯାଇଅଛି । ସେହିପରି ଇଂରେଜ ପୁରୀ ଜିଲ୍ଲାପାଳ M.Garretଙ୍କ ପ୍ରଦତ୍ତ ୧୯୦୩ ମସିହା ରିପୋର୍ଟରେ ମଧ୍ୟ କୋଠଭୋଗର ବିବରଣୀ ପୃ ୪୭ ଓ ୪୮ରେ ଉଲ୍ଲେଖ ଅଛି । ୧୯୧୦ ମସିହା ପୂର୍ବରୁ ଶ୍ରୀଜୀଉମାନଙ୍କ ୪୩୫ ପ୍ରକାରର ଦ୍ରବ୍ୟ ସମର୍ପିତ ହେଉଥିବା ସ୍ଥଳେ କ୍ରମଶଃ ପରବର୍ତ୍ତୀ ସମୟରେ ଗଜପତି ମହାରାଜାମାନଙ୍କର ଆର୍ଥିକ ସ୍ଥିତି ଦୁର୍ବଳ ହୋଇଯିବା ପରେ ସେହି ଦ୍ରବ୍ୟର ସଂଖ୍ୟା ମଧ୍ୟ କମିଆସିଲା । ସେହି ସଂପର୍କରେ ନିମ୍ନଲିଖିତ ବିବରଣୀରୁ ଏକ ଆକଳନ କରାଯାଇପାରେ ।

ଓଡ଼ିଶା ଇତିହାସରୁ ଜଣାଯାଏ ଯେ ୧୮୦୮ ଖ୍ରୀ.ରେ ଖୋର୍ଦ୍ଧାରାଜା ମୁକୁନ୍ଦଦେବ ଇଂରେଜ ଶାସନ ବିରୁଦ୍ଧରେ ବିଦ୍ରୋହ କରିବାକୁ ଉଦ୍ୟମ କରୁଥିବା ଅଭିଯୋଗରେ ତାହାଙ୍କୁ ଇଂରେଜ ସରକାର ଅଟକ ରଖିଲେ ଏବଂ ଏହି ସମୟରୁ ଖୋର୍ଦ୍ଧା ରାଜବଂଶ ଉପାଧି ଲୋପ ପାଇଲା । ପରେ ଇଂରେଜ ସରକାର ମୁକୁନ୍ଦ ଦେବଙ୍କୁ ଛାଡ଼ିଦେଲେ ଓ ଶ୍ରୀଜଗନ୍ନାଥଙ୍କ ସେବାପୂଜା ବୁଝିବା ନିମନ୍ତେ ମାସିକ ଟ୨୩୩୩ଙ୍କା ବୃତ୍ତି, ଖୋରଧା ମାଲିକାନା ଦେଇ ପୁରୀରେ ରହିବାପାଇଁ ତାଙ୍କୁ ଅନୁମତି ଦେଲେ । ମୁକୁନ୍ଦଦେବଙ୍କ ରାଜ୍ୟ ବା ଜମିଦାରୀ ନଥିଲେ ମଧ୍ୟ ତାଙ୍କୁ 'ପୁରୀରାଜା' ଉପାଧି ସରକାର ଦେଲେ । ୧୮୦୯ ମସିହାରେ ଏକ ସ୍ୱତନ୍ତ୍ର ଆଇନ ବଳରେ ବଡ଼ଦେଉଳକୁ ଚଳାଇବାପାଇଁ 'ପୁରୀରାଜା'ଙ୍କୁ 'ମନ୍ଦିର ସୁପରିଟେଣ୍ଡେଣ୍ଟ୍' ପଦବୀ ଦେଇ ତାଙ୍କୁ ଦାୟିତ୍ୱ ଦିଆଗଲା । ଯାହାକି ମୌରସୀ ସୂତ୍ରରେ ରହିବାର ଘୋଷଣା କରାଗଲା । ଶ୍ରୀମନ୍ଦିର ଉପରେ କିନ୍ତୁ ତାଙ୍କର ମାଲିକତ୍ୱକୁ ସ୍ୱୀକାର କରାଯାଇ ନଥିଲା । ଶ୍ରୀମନ୍ଦିର ପରିଚାଳନାରେ ସୁପରିଟେଣ୍ଡେଣ୍ଟ୍‌କୁ ସାହାଯ୍ୟ କରିବାକୁ ତିନିଜଣ ମୁଖ୍ୟ ସେବକଙ୍କୁ ମନୋନୀତ କରାଗଲା । ଶ୍ରୀମନ୍ଦିରରେ ନୀତି ପରିଚାଳନାରେ କୌଣସି ତ୍ରୁଟି ଦେଖାଗଲେ ରାଜାଙ୍କ ବିରୁଦ୍ଧରେ ସରକାରଙ୍କଠାରେ ରିପୋର୍ଟ କରିବାପାଇଁ ଏମାନଙ୍କୁ କ୍ଷମତା ଦିଆଗଲା ।

ମରହଟ୍ଟାମାନଙ୍କ ଅମଳରେ ସରକାର ବହୁତ ସଂପତ୍ତି ଶ୍ରୀଜଗନ୍ନାଥଙ୍କ ଭୋଗ ଓ ସେବାପାଇଁ ଖଞ୍ଜିଥିଲେ । ମରହଟ୍ଟା ଶାସନ ସମୟରେ ସତାଇଶ ହଜାରୀ ମାହାଳ ସଂପୂର୍ଣ୍ଣ ଭାବେ ଠାକୁରଙ୍କ ଭୋଗ ଓ ସେବାପାଇଁ ଦିଆଯାଇଥିଲା । ଏହା ବ୍ୟତୀତ ଯାତ୍ରୀକର ମଧ୍ୟ ଆଦାୟ କରାଯାଇ ଶ୍ରୀମନ୍ଦିର ପରିଚାଳନାରେ ବ୍ୟୟ ହେଉଥିଲା । ଇଂରେଜ ସରକାରଙ୍କ ଅମଳରେ ସରକାର ପରବର୍ତ୍ତୀ ସମୟରେ ବ୍ୟବସ୍ଥା କାଏମ୍

CC-0. In Public Domain. Digitized by Muthulakshmi Research Academy

ରଖିଥିଲେ । ଇଂରେଜ ସରକାର ଶ୍ରୀମନ୍ଦିରର ଖର୍ଚ୍ଚ ପାଇଁ ପୂର୍ବ ସରକାରଙ୍କ ରୀତି ଅନୁସରଣ କରି ବାର୍ଷିକ ଟ୫୩,୦୦୦.୦୦ ଦେଉଥିଲେ । ୧୮୦୩ ଖ୍ରୀ.ରେ ଶ୍ରୀମନ୍ଦିର ଖର୍ଚ୍ଚ ତୁଲାଇବା ପାଇଁ ଇଂରେଜ ସରକାର ରାଜାଙ୍କ ହାତରେ ସତେଇଶ ହଜାରୀ ଇଲାକାଟି ଦେଲେ ଯାହାର ବାର୍ଷିକ ଆୟ ଟ୧୭୪୮୦.୦୦କ୍ରା ଥିଲା । ଏହା ବ୍ୟତୀତ ସରକାର ବାର୍ଷିକ ଟ୩୫୭୩୮.୦୦କ୍ରା ମଧ୍ୟ ଦେଉଥିଲେ ।

ଇଂରେଜ ଶାସନ ସମୟରେ ଶ୍ରୀମନ୍ଦିର ଓ ଯାତ୍ରିଯାତ୍ରାଗୁଡ଼ିକରେ ବହୁ ଉନ୍ନତି ମୂଳକ କାର୍ଯ୍ୟ କରାଯାଇଥିବାର ପ୍ରମାଣ ମିଳୁଥିଲେ ମଧ୍ୟ ଶ୍ରୀମନ୍ଦିର ଆୟ ଉପରେ ଇଂରେଜ ଶାସନ ଅଧିକ ଚାପ ପକାଇଥିଲେ । ମରହଟ୍ଟା ଶାସନ ସମୟରେ ଯେତିକି ଆୟ ଶ୍ରୀମନ୍ଦିରର ବିଭିନ୍ନ ଭୂରାଜସ୍ୱ ବାବଦରୁ ମିଳୁଥିଲା କାଳକ୍ରମେ ଇଂରେଜମାନେ ଷଡ଼ଯନ୍ତ୍ର ମୂଳକ ବୁଦ୍ଧି ପ୍ରୟୋଗ କରି ଅଧିକ ବ୍ୟୟ ଭାର ଶ୍ରୀମନ୍ଦିର ଉପରେ ଲଦି ଦେବାରେ ଅର୍ଥ ଅଭାବରୁ ଶ୍ରୀଜଗନ୍ନାଥଙ୍କର ବହୁ ପରିମାଣର ଭୋଗ କାଳକ୍ରମେ ବନ୍ଦ ହୋଇଗଲା । ତେଣୁ ୪୩୫ ପ୍ରକାର ଭୋଗ ସ୍ଥାନରେ କ୍ରମଶଃ ଭୋଗ କମ ହୋଇ ଆସିଲା ।

ପୂର୍ବରୁ ମରହଟ୍ଟାମାନଙ୍କ ଅମଳରେ କେତେକ ସଂପତ୍ତି ଠାକୁରମାନଙ୍କୁ ଦିଆଯାଇଥିଲା । ଏହାର ଆୟର ହିସାବ୍ କରାଯାଇ ପରେ ୧୮୪୫ ମସିହାରେ ସରକାରୀ ବାର୍ଷିକ ଅନୁଦାନ କମେଇ ଦିଆଯାଇ ଟ୨୩,୩୨୧.୦୦ରେ ରଖାଗଲା । ୧୮୫୬ ଖ୍ରୀ.ରେ ବାର୍ଷିକ ଅନୁଦାନରୁ ଟ୭,୦୦୦.୦୦ କଟାଯାଇ ସରକାରୀ ପୋଲିସ ମନ୍ଦିରରେ ରଖାଗଲେ । ବାର୍ଷିକ ଅନୁଦାନରୁ ମୁକ୍ତି ପାଇବାପାଇଁ ସରକାର ମନ୍ଦିର ପରିଚାଳନା ଖର୍ଚ୍ଚ ବାବଦକୁ ଏଖରାଜାତ ମାହାଲକୁ ଶ୍ରୀମନ୍ଦିର ସୁପରିଟେଣ୍ଡେଣ୍ଟଙ୍କ ହାତରେ ଦେଲେ ଯାହାର ଆୟ ଟ୧୬୫୧୭.୦୦ ଥିଲା । ୧୮୫୯ ମସିହାରେ ଶ୍ରୀମନ୍ଦିରର ନିରାପତ୍ତା ରକ୍ଷା କରିବାର ସଂପୂର୍ଣ୍ଣ ଭାର ସୁପରିଟେଣ୍ଡେଣ୍ଟଙ୍କ ଉପରେ ରହିଲା ଓ ସୁରକ୍ଷା ଦାୟିତ୍ୱରେ ବରକନ୍ଦାଜ ନିଯୁକ୍ତି ପାଇଲେ । ପୂର୍ବେ ପୋଲିସ ବିଭାଗକୁ ଏହି ବାବଦରେ ଯେଉଁ ଖର୍ଚ୍ଚ ଦିଆଯାଉଥିଲା ତାହା ବନ୍ଦ ହେଲା ।

ଇଂରେଜ ସରକାର ୧୮୪୦ ମସିହା ଶ୍ରୀମନ୍ଦିରର ପରିଚାଳନା ଆଇନରେ ୪ଟି ଧାରା ରଖିଥିଲେ ମଧ୍ୟ କୁଟୀଳ ବୁଦ୍ଧି ପ୍ରୟୋଗ କରି ବିଭିନ୍ନ ସମୟରେ ରାଜାଙ୍କ ଠାରୁ ସୁପରିଟେଣ୍ଡେଟ୍ ଅଧିକାର କାଟି ନେଇ ଓ ସେହି ଦାୟିତ୍ୱଟି ନିଜ ହାତକୁ ନେବାକୁ ଚେଷ୍ଟା କଲେ । ସେତେବେଳେ ରାଜା ମୁକୁନ୍ଦଦେବ ନାବାଳକ ଥିଲେ ତାଙ୍କର ମହାଫିସ ଭାବେ ତାଙ୍କ ପିତାମହୀ ସୂର୍ଯ୍ୟମଣି ପାଟମହାଦେବୀ ଇଂରେଜ ସରକାରଙ୍କ ଷଡ଼ଯନ୍ତ୍ର ବିରୁଦ୍ଧରେ ଅଦାଲତରେ ମୋକଦ୍ଦମା କଲେ । ସେତେବେଳେ ବାରିଷ୍ଟର ମଧୁସୂଦନ ଦାସ ତାଙ୍କ ପକ୍ଷରୁ ମୋକଦ୍ଦମା ଲଢୁଥିଲେ । ୧୮୮୮ଖ୍ରୀ.ରେ ତୀବ୍ର ଇଂରେଜ ବିରୋଧୀ ଆନ୍ଦୋଳନ ଓ ଅଦାଲତରେ ବିଚାରାଧୀନ ଥିବା ମୋକଦ୍ଦମାକୁ ଦୃଷ୍ଟିରେ ରଖି ପାଟ ମହାଦେଇଙ୍କ

CC-0. In Public Domain. Digtized by Muthulakshmi Research Academy

ସହିତ ଇଂରେଜମାନେ ଏକ ରାଜିନାମା ବା ଚୁକ୍ତି କଲେ ଓ ମୋକଦ୍ଦମାଟି ଉଠାଇ ନେଲେ । ମୁକୁନ୍ଦ ଦେବ ସାବାଳକ ହେବାପରେ ୧୮୯୭ରେ ତାଙ୍କୁ ସୁପରିଟେଣ୍ଡେଣ୍ଟ୍ ନିଯୁକ୍ତି ଦିଆଗଲା । ପୂର୍ବରୁ ସବୁ ଆଇନରେ ରାଜା ସୁପରିଟେଣ୍ଡେଣ୍ଟ୍‌ଙ୍କ କ୍ଷମତା ଗୁଡ଼ିକ ରଦ୍ଦ ହୋଇଯାଇଥିବାରୁ ସେହି ଆଇନ ୧୯୬୦ ମସିହାରୁ ଶ୍ରୀମନ୍ଦିରରେ ଲାଗୁହେଲା । ଯେଉଁଥିରେ ଏହି ସୁପରିଟେଣ୍ଡେଣ୍ଟ୍ ଘୋଷଣା ପଛରେ ଆଇନର କୌଣସି ବଳ ନଥିଲା ।

ମୁକୁନ୍ଦଦେବଙ୍କ ପରେ ରାଜା ରାମଚନ୍ଦ୍ର ଦେବ, ବୀରକିଶୋର ଦେବ ସୁପରିଟେଣ୍ଡେଣ୍ଟ୍ ହେଲେ । ଜଗନ୍ନାଥ ମନ୍ଦିର ଆଇନ ୧୯୫୪ ଅନୁସାରେ ଶ୍ରୀମନ୍ଦିର ପରିଚାଳନା ଏକ କମିଟି ଉପରେ ନ୍ୟସ୍ତ ରହିଲା ଯାହାର କି ରାଜା ବୀରକିଶୋର ଦେବ ଚେୟାରମ୍ୟାନ୍ ରହିଲେ । ସେହି ଦିନଠାରୁ ପରିଚାଳନାର ଦାୟିତ୍ୱ କମିଟି ଓ ଶ୍ରୀମନ୍ଦିର ପ୍ରଶାସକଙ୍କ ଉପରେ ନ୍ୟସ୍ତ ରହିଅଛି । ରାଜା ବୀରକିଶୋରଙ୍କ ଦେହାନ୍ତ ପରେ ତାଙ୍କର ନାବାଳକ ପୁତ୍ର ବର୍ତ୍ତମାନର ଗଜପତି ଶ୍ରୀ ଦିବ୍ୟସିଂହ ଦେବ ୧୯୬୦ ମସିହାରୁ ପୁରୀ ରାଜା ଭାବେ ଶ୍ରୀମନ୍ଦିର ପରିଚାଳନା କମିଟିର ଚେୟାରମ୍ୟାନ୍ ହିସାବରେ କାର୍ଯ୍ୟ ଚଳାଉଛନ୍ତି ।[୩୧]

---

୩୧. ସଂଗୃହୀତ- ଶ୍ରୀଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ, ଏକାଦଶ ପରିଚ୍ଛେଦ, ଲେ-ଶ୍ରୀ ସୂର୍ଯ୍ୟନାରାୟଣ ଦାଶ ।

CC-0. In Public Domain. Digtized by Muthulakshmi Research Academy

## ପଞ୍ଚମ ପରିଚ୍ଛେଦ

# ମହାଯଜ୍ଞ ଓ ଶ୍ରୀମହାପ୍ରସାଦ

### ବିଶ୍ୱର ବୃହତ୍ତମ ପାକଶାଳା :-

ଶ୍ରୀପୁରୁଷୋତ୍ତମ କ୍ଷେତ୍ର, ଶ୍ରୀମନ୍ଦିର, ଶ୍ରୀଜଗନ୍ନାଥ ଓ ଶ୍ରୀମହାପ୍ରସାଦ ଏଗୁଡ଼ିକ ସମସ୍ତେ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ଶ୍ରୀମହାପ୍ରସାଦର ମହିମା ଅବର୍ଣ୍ଣନୀୟ । ଶ୍ରୀମହାପ୍ରସାଦର ଉତ୍ପତ୍ତିସ୍ଥଳ ହେଉଛି ଶ୍ରୀମନ୍ଦିରରେ ଅଗ୍ନିକୋଣରେ ଥିବା ପବିତ୍ର ରୋଷଘର ଯେଉଁଠାରେ ମାତା ମହାଲକ୍ଷ୍ମୀ ରନ୍ଧନ କାର୍ଯ୍ୟ କରନ୍ତି ବୋଲି ପୂର୍ବରୁ ଉଲ୍ଲେଖ କରାଯାଇଅଛି । ବିଶ୍ୱର ଏହି ବୃହତ୍ତମ ପାକଶାଳା ସର୍ବପୁରାତନ ବୋଲି କୁହାଯାଏ । ମହାପ୍ରଭୁ ଯେପରି ବିରାଟ, ତାଙ୍କର ମହିମା ମଧ୍ୟ ବିରାଟ ଓ ସେ ପ୍ରତିଦିନ ଲକ୍ଷ ଲକ୍ଷ ଭକ୍ତଙ୍କୁ ଅନ୍ନଯଜ୍ଞ ମାଧ୍ୟମରେ ଯେଉଁ ଅମୃତ ଖୁଆଇଥାଆନ୍ତି ତାହା ଏକ ମହାଯଜ୍ଞ । ସେହି ମହାଯଜ୍ଞର ଆୟୋଜନ ମଧ୍ୟ ବିରାଟ । ଏକ ମହାଯଜ୍ଞର ଆୟୋଜନ ପାଇଁ ଯେପରି ସମସ୍ତେ ତତ୍ପର ଥାଆନ୍ତି, ବୃହତ୍ତମ ପାକଶାଳାରେ ମଧ ସେହିଭଳି ତତ୍ପରତା ଚଳଚଞ୍ଚଳତା ଦେଖାଯାଇଥାଏ ।

ଶ୍ରୀମନ୍ଦିର ରୋଷଘରର ସମସ୍ତ ଆବଶ୍ୟକୀୟ ସାମଗ୍ରୀ ସରଞ୍ଜାମ ଗଚ୍ଛିତ ଥାଏ ଗୋଦାମ ଘରେ । ଆବଶ୍ୟକତା ଅନୁସାରେ ଜିନିଷପତ୍ର ପୂର୍ବ ଦିନରୁ 'ନଡ଼ପ' ହୁଏ ଅର୍ଥାତ୍ ଦିଆଯାଏ । ଏଗୁଡ଼ିକ ରୋଷ ଘରେ ଜଗିଆ ମହାସୁଆର ଜିମାରେ ରହେ । ଗୋଦାମରେ ଦାରୋଗା, ଯୋଗାଣିଆ ବୋଝିଆ ଥାଆନ୍ତି । ଗୋଦାମରୁ ଗନ୍ଧଣ ମେକାପ ଜିନିଷପତ୍ର ରୋଷ ଘରକୁ ବୋହି ନିଅନ୍ତି । ଆଜିକାଲି ଏହି କାର୍ଯ୍ୟ ବୋଝିଆମାନଙ୍କ ଦ୍ୱାରା କରାଯାଉଅଛି ।

ଶ୍ରୀମନ୍ଦିରର ମୁଖ୍ୟ ରୋଷଘରଟି ତିନୋଟି ବଖରାରେ ବିଭକ୍ତ । ଯେଉଁଠାରେ ମହାପ୍ରଭୁଙ୍କ ପାଇଁ ବ୍ୟଞ୍ଜନ ପ୍ରସ୍ତୁତ ହୋଇ ପରେ ଶ୍ରୀମହାପ୍ରସାଦରେ ପରିଣତ ହୁଏ ।

### ଶ୍ରୀମହାପ୍ରସାଦ ପ୍ରାପ୍ତି ପାଇଁ ଶ୍ରୀକ୍ଷେତ୍ରରେ ମଠମାନଙ୍କର ସୃଷ୍ଟି :-

ଶ୍ରୀକ୍ଷେତ୍ରରେ ବିଭିନ୍ନ ସମ୍ପ୍ରଦାୟର ମଠମାନେ ନିଜ ସଂପ୍ରଦାୟ ପକ୍ଷରୁ ଶ୍ରୀଜଗନ୍ନାଥଙ୍କୁ ଶ୍ରୀମହାପ୍ରସାଦ କିପରି ଭୋଗ ଲାଗି ଅବାଧିତ ଭାବେ ମଠାଶ୍ରିତ ଭକ୍ତମାନେ ସେହି ଶ୍ରୀମହାପ୍ରସାଦ ପାଇବେ ତାହାର ବ୍ୟବସ୍ଥା କରିଥିଲେ । ଶ୍ରୀମନ୍ଦିର ରୋଷଶାଳାରେ ଥିବା ଚୁଲିମାନ ମଧ୍ୟ ବିଭିନ୍ନ ମଠ ନାମରେ ରାଜାଙ୍କଠାରୁ ସନନ୍ଦ ଛାମୁଚିଟାଉ ମାଧ୍ୟମରେ ସେମାନଙ୍କୁ ମିଳିଥିଲା । ଯାହାକି ୧୯୫୨ ମସିହାରେ ପ୍ରସ୍ତୁତ ହୋଇଥିବା ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପିରେ ବର୍ଣ୍ଣନା ଅଛି । ମଠମାନଙ୍କ ପକ୍ଷରୁ ସେହି ଚୁଲିମାନଙ୍କରେ ସୁଆର ମହାସୁଆରମାନେ ବିଭିନ୍ନ ଅନ୍ନବ୍ୟଞ୍ଜନ ରାନ୍ଧି ଥାଆନ୍ତି ।

CC-0. In Public Domain. Digtized by Muthulakshmi Research Academy

ଶ୍ରୀଜଗନ୍ନାଥଙ୍କ କୋଠଭୋଗ ରାନ୍ଧିବା ପାଇଁ ମଧ୍ୟ ସ୍ୱତନ୍ତ୍ର ଭାତ ଚୁଲି ଓ ପିଠା ଚୁଲିମାନ ରହିଅଛି । ଭୋଗ ରାନ୍ଧିବା ପୂର୍ବରୁ ଯେଉଁ ସ୍ଥାନରେ ଅମୁଣିଆ ବା ଅମୋଣିହା ପଦାର୍ଥମାନ ରଖାଯାଏ ତାହାକୁ ସରଘର କୁହାଯାଏ ।

## ଶ୍ରୀମନ୍ଦିରରେ ଚୁଲି, ସରଘର, ପନ୍ତିଘର, ପନ୍ତିଭୋଗ ଓ ଛାମୁପନ୍ତି :-

କେହି କେହି ରୋଷରେ ୭୫୨ ଚୁଲି ଥିବା ଭ୍ରମାତ୍ମକ ତଥ୍ୟ ପ୍ରଚାର କରୁଥିଲେ ହେଁ ପ୍ରକୃତପକ୍ଷେ ୧୯୫୨ ମସିହାରେ ପ୍ରସ୍ତୁତ ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପିରେ ଉଲ୍ଲେଖ ଥିବା ୨୦୫ ନମ୍ବର ପ୍ଲଟରେ ୨୪୦ଗୋଟି ଚୁଲିକୁ ୧୧ ଗୋଟି ବିଭାଗରେ ବିଭକ୍ତ କରାଯାଇ ସେଥିରେ ଥିବା ଶ୍ରୀଜଗନ୍ନାଥଙ୍କର କୋଠ ଭୋଗ ଚୁଲି, ରାଜା, ଜମିଦାର, ବ୍ୟକ୍ତିବିଶେଷ ଓ ମଠମାନଙ୍କ ନାମରେ ଥିବା ଚୁଲିମାନଙ୍କର ଏକ ବିବରଣୀ ପ୍ରସ୍ତୁତ କରାଯାଇଅଛି । ବିଭିନ୍ନ ମଠମାନଙ୍କ ନାମରେ ଥିବା ଚୁଲିମାନଙ୍କରେ ସେମାନଙ୍କ ପକ୍ଷରୁ ଓ ସେମାନଙ୍କ ଅନୁମତି କ୍ରମେ ସୁଆର ମହାସୁଆରମାନେ ଅନ୍ନବ୍ୟଞ୍ଜନ ରାନ୍ଧି ଆସୁଛନ୍ତି । ସେହି ମଠମାନଙ୍କର ନାମ ହେଲା ଏମାର ମଠ, ଶଙ୍କରାନନ୍ଦ ମଠ, ଗଙ୍ଗାମାତା ମଠ, କୌଶଲ୍ୟା ଦାସ ମଠ, ବଡ଼ସଛ ମଠ, ଶ୍ରୀରାମ ଦାସ ମଠ, ଲକ୍ଷ୍ମୀଭଦ୍ର ମଠ, ପଞ୍ଜାବୀ ମଠ, ବଉଳ ମଠ, ଜଗନ୍ନାଥବଲ୍ଲବ ମଠ, ରାଘବ ଦାସ ମଠ, ରାଧାକାନ୍ତ ମଠ, ବଡ଼ଝାଡୁ ମଠ, ମହୀପ୍ରକାଶ ମଠ, ଓଡ଼ିଆ ମଠ, ଆଚାରୀ ମଠ, ତ୍ରିମାଳୀ ମଠ, ଖଜୁରିଆ ମଠ, ଦୁଃଖ ଶ୍ୟାମ ବାବାଜୀ ମଠ, ଉତ୍ତରପାର୍ଶ୍ୱ ମଠ ।

୧୧ଗୋଟି ବିଭାଗରେ ବିଭକ୍ତ ହୋଇଥିବା ଚୁଲିଗୁଡ଼ିକ ନିମ୍ନପ୍ରକାରେ ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପିରେ ଉଲ୍ଲେଖ ଅଛି । (ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ବିଭାଗ-୬ ଭୁଲକ୍ରମେ ୨ ଥର ଲେଖାଅଛି କିନ୍ତୁ ତାହା ପ୍ରକୃତରେ ବିଭାଗ- ୭ ହେବ, ସ୍ୱତ୍ତ୍ୱଲିପିର ବିଭାଗ-୭ ହେବ ବିଭାଗ-୮, ସ୍ୱତ୍ତ୍ୱଲିପିରେ ଲେଖାଥିବା ବିଭାଗ-୮ ଓ ୯ ଯଥାକ୍ରମେ ଉଭୟ ବିଭାଗ କେବଳ ୯ ହେବ ।)

ବିଭାଗ ୧- ଭିତରଛ ରୋଷ- ଚୁଲି ନ ୧ ଠାରୁ ୩ ।

ବିଭାଗ ୨- ଏମାର ରୋଷ- ଏମାରମଠ, ଚୁଲି ୪ ନମ୍ବର ଠାରୁ ୧୨ । ଏମାର ମଠ ପକ୍ଷରୁ ସୁଆର ରାନ୍ଧନ୍ତି ।

ବିଭାଗ ୩- କୋଠଭୋଗ ରୋଷ- ଚୁଲି ୧୩ ଠାରୁ ୧୬ ପର୍ଯ୍ୟନ୍ତ । ଦେଉଳ କୋଠ ଭୋଗର ଭାତ ଚୁଲି ୧୭ ଠାରୁ ୨୦ ନମ୍ବର ଚୁଲି ପିଠା ଚୁଲି ଏଠାରେ ଦେଉଳର କୋଠଭୋଗ ପିଠା ରନ୍ଧାଯାଏ ।

ବିଭାଗ ୪- କୋଠ ଭୋଗ ସରଘର- ୨୦(କ) । ଏଠାରେ ଦେଉଳର କୋଠ ଭୋଗ ଅମୁଣିଆ ରଖାଯାଏ ।

CC-0. In Public Domain. Digtized by Muthulakshmi Research Academy

ବିଭାଗ ୫- ଥାଳିଆଡ଼ ରୋଷ- ଚୁଲି ନ ୨୧ ଠାରୁ ୫୬ ନମ୍ବର ପର୍ଯ୍ୟନ୍ତ ବିଭିନ୍ନ ମଠ ଓ ବ୍ୟକ୍ତି ବିଶେଷଙ୍କର ଭାତ ଚୁଲି ଓ ଚୁଲି ନ୯୨ ରୁ ୯୭ ନମ୍ବର ପର୍ଯ୍ୟନ୍ତ ବିଭିନ୍ନ ମଠ ଓ ବ୍ୟକ୍ତି ବିଶେଷଙ୍କର ପିଠାଚୁଲି ଥାଇ ରନ୍ଧାଯାଏ ।

ବିଭାଗ ୬- ସାତପୁରି ରୋଷ- ଚୁଲି ନ. ୫୭ ଠାରୁ ୯୭ ବିଭିନ୍ନ ମଠ ଓ ବ୍ୟକ୍ତିବିଶେଷଙ୍କ ଚୁଲି ।

ବିଭାଗ ୭- ପିଠାଆଡ଼ ରୋଷ- ଚୁଲି ନ. ୯୮ ଠାରୁ ୧୩୫ ପର୍ଯ୍ୟନ୍ତ ବିଭିନ୍ନ ମଠ ଓ ବ୍ୟକ୍ତିବିଶେଷଙ୍କ ଚୁଲି ।

ବିଭାଗ ୮- ବଡ଼ଆଡ଼ ରୋଷ- ଚୁଲି ୧୩୬ ଠାରୁ ୨୧୦ ପର୍ଯ୍ୟନ୍ତ ବିଭିନ୍ନ ମଠ ଓ ବ୍ୟକ୍ତିବିଶେଷଙ୍କର ଚୁଲି ।

ବିଭାଗ ୯- ରାଘବ ଦାସ ରୋଷ- ଚୁଲି ନ ୨୧୧ ଠାରୁ ୨୧୮ ରାଘବ ଦାସ ମଠ ତରଫରୁ ନିର୍ଦ୍ଦିଷ୍ଟ ସୁଆର ରାନ୍ଧନ୍ତି ।

ଶ୍ରୀରାମ ଦାସ ମଠ ରୋଷ- ଚୁଲି ନ ୨୧୯ । ମହାଦେଇ ଥାଳି ରୋଷ (ମହାଦେଇ ସୁଆର ରାନ୍ଧନ୍ତି) ଚୁଲି ନ-୨୨୦ ଠାରୁ ୨୨୫ ମଠ ପକ୍ଷରୁ ନିର୍ଦ୍ଦିଷ୍ଟ ସୁଆର ରାନ୍ଧନ୍ତି ।

ବିଭାଗ ୧୦- ଉତ୍ତର ପାର୍ଶ୍ୱ ମଠ ରୋଷ- ଚୁଲି ନ ୨୨୬ ଠାରୁ ୨୨୭ ପିଠା ଚୁଲି । ଚୁଲି ନ୨୨୮ ଠାରୁ ୨୩୨ ଭାତଚୁଲି । ମଠ ପକ୍ଷରୁ ନିର୍ଦ୍ଦିଷ୍ଟ ସୂପକାର ରାନ୍ଧନ୍ତି ।

ବିଭାଗ ୧୧- ଓଡ଼ିଆ ମଠ ରୋଷ - ଚୁଲି ୨୩୩ ପିଠା ଚୁଲି । ଚୁଲି ୨୩୪ ଠାରୁ ୨୪୦ ଭାତ ଚୁଲି । ମଠ ପକ୍ଷରୁ ନିର୍ଦ୍ଦିଷ୍ଟ ସୂପକାର ରାନ୍ଧନ୍ତି ।

## ରୋଷ ଚୁଲିର ବୈଶିଷ୍ଟ୍ୟ :-

ଶ୍ରୀଜଗନ୍ନାଥ ମନ୍ଦିରରେ ରନ୍ଧନ ପ୍ରକ୍ରିୟାରେ ସଂପୂର୍ଣ୍ଣରୂପେ ତାନ୍ତ୍ରିକତାର ପ୍ରଭାବ ପରିଲକ୍ଷିତ ହୁଏ । ବୈଷ୍ଣବାଗ୍ନି ସଂସ୍କାର ମଣ୍ଡଳଟି ନବଚକ୍ର ଯନ୍ତ୍ର ଉପରେ ନଅକୋଣ ବିଶିଷ୍ଟ କରାଯାଏ । ଯାହାକି ମେରୁତନ୍ତ୍ର ଦ୍ୱାରା ସ୍ୱୀକୃତ ଅଟେ । ରୋଷ ଘରେ ଥିବା ଚୁଲିଗୁଡ଼ିକ ବାମଦେବ ସଂହିତା ୯।୯ ଶ୍ଳୋକର ଆଧାରରେ ଭୂମିଠାରୁ ହରିଣ ଉଚ୍ଚତା ବିଶିଷ୍ଟ ହେବା ଉଚିତ ବୋଲି ଲେଖାଅଛି । ପ୍ରତ୍ୟେକ ଚୁଲିର ଛଅଟି ଝିଙ୍କା ଥାଏ । ଏହି ଷଟ୍‌କୋଣାତ୍ମକ ଝିଙ୍କା ହେଉଛି ଅଗ୍ନି ଯନ୍ତ୍ର । ଏଥିରେ ଥରକେ ନଅଗୋଟି ହାଣ୍ଡି ବସେ । ଏହି ନଅ ସଂଖ୍ୟାଟିର ମଧ୍ୟ ତାନ୍ତ୍ରିକ ମହତ୍ତ୍ୱ ରହିଅଛି । ଶାରଦା ତିଳକ ଗ୍ରନ୍ଥରେ କୁହାଯାଇଅଛି 'ମହତ୍ତ୍ୱଂ ନବଗୁଣିତତ୍ତମ୍' ଅର୍ଥାତ୍ ନଅ ବା ନଅର ଗୁଣାତ୍ମକ ହେଉଛି ଶ୍ରୀମହାପ୍ରସାଦର ଗୌରବମୟ ଲକ୍ଷଣ ଯାହାକି ଅନ୍ୟ ମନ୍ଦିରରେ ଦେଖାଯାଏ ନାହିଁ । ୬ଗୋଟି ଝିଙ୍କାରେ ୬ଟି ହାଣ୍ଡି ଓ ତାହାର ମଝିରେ ଥିବା ଫାଙ୍କରେ ତିନିଗୋଟି ହାଣ୍ଡି

CC-0. In Public Domain. Digtized by Muthulakshmi Research Academy

ଏପରି ମୋଟ ନଅଗୋଟି ହାଣ୍ଡି ବସିବା ପଦ୍ଧତି ମଧ୍ୟ ତାନ୍ତ୍ରିକ ପଦ୍ଧତି । ଗୋଟିଏ ଲେଖାଏଁ ଅହିଆରେ ବଡ଼ ବଡ଼ ଡାଲି ତରକାରୀ ହାଣ୍ଡିମାନ କାଠ କୋଇଲା (ଅଙ୍ଗାର) ଉପରେ ବସେ । ଏଥିରେ ଅନ୍ନ ହୁଏ ନାହିଁ । (ଚୁଲିଗୁଡ଼ିକର ଓ ଅହିଆର ଚିତ୍ରକାରଙ୍କ କାଳ୍ପନିକ ରେଖାଚିତ୍ର ରହିଅଛି ।)

ଉପର୍ଯ୍ୟୁକ୍ତ ଚୁଲିଗୁଡ଼ିକ ଜମିବାଡି ଭଳି ବିକ୍ରୀ ଖର୍ଦ୍ଦି ମଧ୍ୟ ହୋଇଥାଏ । ଏଗୁଡ଼ିକ ସୁଆର ମହାସୁଆରମାନଙ୍କ ବ୍ୟତୀତ ଅନ୍ୟ କେହି କ୍ରୟ ବିକ୍ରୟ ପାଇଁ ହକ୍‌ଦାର ନୁହଁନ୍ତି । ବିକ୍ରୀ ଖର୍ଦ୍ଦି ଯୋଗ୍ୟ ହୋଇଥିବା କାରଣରୁ ଏହି ସଂପର୍କୀୟ କେତେକ ମୋକଦ୍ଦମା ଫଇସଲା ହୋଇଥିଲେ ମଧ୍ୟ କେତେକ ବିବାଦୀୟ ଅବସ୍ଥାରେ ରହିଅଛି । ସେହି କାରଣରୁ ୧୯୫୨ ମସିହାରେ ପ୍ରସ୍ତୁତ ହୋଇଥିବା ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପିରେ ଏଗୁଡ଼ିକ ସଂପୂର୍ଣ୍ଣ ଭାବରେ ସ୍ଥାନ ପାଇପାରି ନାହିଁ । ତେଣୁ ଏହି ତାଲିକାଟି ଯେ ସଂପୂର୍ଣ୍ଣ ନିର୍ଭୁଲ ତାହା କୁହାଯାଇ ପାରିବ ନାହିଁ ।

ଆଲୋଚ୍ୟ ବିଷୟବସ୍ତୁର ଉଦ୍ଦେଶ୍ୟ ହେଲା ଯେ, ଅନ୍ନବ୍ରହ୍ମର ପରମପଦ ପ୍ରାପ୍ତି କରାଇବାର ଶକ୍ତିକୁ ଅନୁଭବ କରି ବିଭିନ୍ନ ସଂପ୍ରଦାୟର ମୁଖ୍ୟମାନେ ଶ୍ରୀଜଗନ୍ନାଥଙ୍କ ନିକଟରେ ସମର୍ପିତ ହେଉଥିବା ଅନ୍ନବ୍ୟଞ୍ଜନ ଆତ୍ମସମର୍ପଣ ଭାବର ସାକ୍ଷାତ ପ୍ରତୀକ ବୋଲି ଅନୁଭବ କରିଥିଲେ । ତାହାର ଉପଯୁକ୍ତ ବ୍ୟବସ୍ଥା କରିବା ଓ ଏହି ଅନ୍ନ ମହାପ୍ରସାଦ ବା ନିର୍ମାଲ୍ୟକୁ ସେହି ସଂପ୍ରଦାୟର ଅନୁଗାମୀ, ବ୍ରାହ୍ମଣ, ଦୁଃଖୀ, ରଙ୍କି, ଗରିବଛାତ୍ର, ଅସହାୟ, ବିଧବା, ନିରାଶ୍ରୟ ପ୍ରଭୃତି ଅକିଞ୍ଚନ ବ୍ୟକ୍ତିଙ୍କ ମଧ୍ୟରେ ବିତରଣ କରି ଅନ୍ନଦାନ କରିବା । ଏଥିରୁ ହିଁ ପ୍ରମାଣିତ ହେଉଅଛି ଯେ ଶ୍ରୀମଦ୍ ଭାଗବତ ବାଣୀ ଅନୁସାରେ କୈବଲ୍ୟଦାତା ହରି ଅକିଞ୍ଚନମାନଙ୍କୁ କୈବଲ୍ୟ ଦାନ କରିଥାଆନ୍ତି ଯାହା କି ବିଭିନ୍ନ ମଠମାନଙ୍କ ଦ୍ୱାରା ଓ ଶ୍ରୀମନ୍ଦିରରେ ବିଭିନ୍ନ ଦାତାମାନଙ୍କ ଦ୍ୱାରା କରାଯାଇଥାଏ । ସେହି ପୁଣ୍ୟପ୍ରଦ ଅନ୍ନଦାନର ସୃଷ୍ଟି ଏକ ମହାନ୍ ନିଷ୍କାମ ମହାଯଜ୍ଞରୁ । ଯାହାର ପ୍ରସ୍ତୁତି ମଧ ବିଶାଳ ।

**ସରଘର**-ରନ୍ଧନ ପୂର୍ବରୁ ଭୋଗ ନିମିତ୍ତ ସାମଗ୍ରୀକୁ ଅହ୍ଲଣିଆ କୁହାଯାଏ । ଶ୍ରୀମନ୍ଦିର ନିୟମ ଅନୁଯାୟୀ ଏହି ଅହ୍ଲଣିଆ ସାମଗ୍ରୀକୁ ପବିତ୍ର ଭାବେ ସ୍ୱତନ୍ତ୍ର ଘରେ ଜମା କରି ରଖାଯାଏ । ଆବଶ୍ୟକ ସାମଗ୍ରୀ ରୋଷଶାଳାକୁ ଯାଏ । ଅବଶିଷ୍ଟ ସାମଗ୍ରୀ ସେହି ଘରେ ଯତ୍ନର ସହ ରହିଥାଏ । ସେହି ଘରଟିକୁ 'ସରଘର' କୁହାଯାଏ । ଏପରି ଶତାଧିକ ସରଘର ରୋଷଶାଳା ବାହାରେ ଭିତର ବେଢ଼ା ଓ ବାହାର ବେଢ଼ାରେ ରହିଅଛି । ଯାହାର ବିସ୍ତୃତ ବିବରଣୀ ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପିରେ ଉଲ୍ଲେଖ ଅଛି । ଏହି ସରଘର ପାଇଁ ମଧ୍ୟ ଛାମୁ ଚିଟାଉ ବା ହୁକୁମନାମା ଥାଏ । ଏହିଭଳି ହୁକୁମନାମାର ଏକ ଅବିକଳ ନକଲ ଦିଆଯାଇଅଛି ।

CC-0. In Public Domain. Digtized by Muthulakshmi Research Academy

'ମୋହର ଶ୍ରୀ ପୁରୁଷୋତ୍ତମ ଦେଉଳ ପରିକ୍ଷାଙ୍କୁ ରୋଷନାଏକ ମାନଙ୍କୁ ସୁଆର ମସାସୁଆରଙ୍କୁ ମଧ୍ୟ ଚିଟାଉ । ରୋଷମେଇକାପ ସରଘର ବ୍ୟଖରାକୁ ଛହାଏଥକୁ କୋଠେ । ଏ ରୋଷନାଏକ ରଘୁନାଥ ମାହାସୁଆର ବାବି ପ୍ରତିଆରୀ ନିଳାଦ୍ରି ମହାସୁଆର, ଦାସ ମାହାପାତ୍ର ମଧ୍ୟ ଚାରି ଜଣ ଠାରୁ ତିନିସ ଟଙ୍କା ଘେନି କ୍ରେୟକରି ଆଜ୍ଞାଦେଲୁ ଏ ବଖରାକରେ ଏ ଚାରି ଜଣ ଚୂଲି କରି ଭୋଗ ରାନ୍ଧି ଅମଳ କରିବେ । ଏଥୀ କେହି ଅଟକ ନ କରିବ । ଏ ସରଘର ନିମିତ୍ତେ ଗଣେଶଙ୍କ ପାଖରୁ ବ୍ୟଖରା ଏଚାରିଜଣ ପଟାଭାଡି କରି ଉଚ୍ଚ କରି ଦେବେ । ଏଥିକି ଦେଣ ପତ୍ର କରିଦେଲୁ । ୧୭ ଅଙ୍କ ସିଂହ ଦି୧ୀନର ପତ୍ର ଶଙ୍ଖ ସନ୍ତକ' । (ପର ପୃଷ୍ଠା ଦ୍ରଷ୍ଟବ୍ୟ ।)

## ମେରଦାରୋଷ, ବଲ୍ଲଭଘର, ଚୂନାକୁଟାଘର, ହାଣ୍ଡିକୁଡ଼ିଆ ଘର ଓ ଚାଉଳରଖା ଘର :-

**ମେରଦାରୋଷ-** ଦୁଇଟି ବିଶାଳ ପାଚେରୀ ଦ୍ୱାରା ଶ୍ରୀମନ୍ଦିର ସୁରକ୍ଷିତ । ଭିତର ବେଢ଼ା ପାଚେରୀଟିର ନାମ କୂର୍ମବେଢ଼ା ଯାହାକି ସୁରକ୍ଷା ଦୃଷ୍ଟିରୁ ଶ୍ରୀମନ୍ଦିର ନିର୍ମାଣର ବହୁ ପରେ ନିର୍ମିତ ହୋଇଥିଲା । ବେଢ଼ା ଶବ୍ଦର ଅର୍ଥ ବେଢ଼େଇ ବା ଘେରେଇ ହେବା । ଶ୍ରୀମନ୍ଦିରଟି ଏକ କୂର୍ମ ଆକାରରେ ପାଚେରୀ ଦ୍ୱାରା ବେଢ଼େଇ ହୋଇଥିବାରୁ ଏହାକୁ କୂର୍ମବେଢ଼ା କୁହନ୍ତି । କୂର୍ମ ପ୍ରାଚୀରର ନିର୍ମାଣ କାଳ ସଂପର୍କରେ କୌଣସି ସଠିକ ଐତିହାସିକ ପ୍ରମାଣ ମିଳେନାହିଁ । ମାଦଳାପାଞ୍ଜି ବର୍ଣ୍ଣନାନୁସାରେ ମହାରାଜା ସୂର୍ଯ୍ୟବଂଶୀ ପୁରୁଷୋତ୍ତମ ଦେବଙ୍କ ୭ଅଙ୍କ ଅର୍ଥାତ୍ ୧୪୭୦ ମସିହାରେ କୂର୍ମ ପ୍ରାଚୀର ନିର୍ମାଣ କରାଯାଇଥିଲା ।[୧] ଏହି ତଥ୍ୟଟିର ସଠିକତା ଗବେଷଣା ଯୋଗ୍ୟ ।

ମେଘନାଦ ପାଚେରୀ ବା ବାହାର ବେଢ଼ା ପାଚେରୀ ଓ କୂର୍ମ ବେଢ଼ା ଭିତରେ ଦୂରତ୍ୱ ସ୍ଥଳ ବିଶେଷରେ ୧୦୦ ଫୁଟରୁ ୧୫୦ ଫୁଟ ଅନ୍ତର ଦେଖିବାକୁ ମିଳେ । ମାଦଳାପାଞ୍ଜିର ରାଜଭୋଗ ଇତିହାସ ଅନୁସାରେ ଗଜପତି କପିଳେନ୍ଦ୍ରଦେବ ଯାହାଙ୍କର ଶାସନ କାଳ ୧୪୦୧ ଶକାବ୍ଦ ପର୍ଯ୍ୟନ୍ତ ଥିଲା । ସେ ତାଙ୍କର ତୃତୀୟ ଅଙ୍କରେ ସେ ଶ୍ରୀପୁରୁଷୋତ୍ତମ ବଡ଼ଦେଉଳ ବାହାର ବେଢ଼ା କଲେ ।[୨] ତେଣୁ ଉଭୟ ପାଚେରୀର ନିର୍ମାଣ କାଳ ସମ୍ବନ୍ଧରେ ଅଧିକ ଗବେଷଣା ଆବଶ୍ୟକ ।

ଶ୍ରୀମନ୍ଦିରର କୂର୍ମବେଢ଼ାର ଅଗ୍ନିକୋଣର ସଂଲଗ୍ନରେ ରୋଷଘର ନିର୍ମାଣ ହୋଇଥିଲା । ଯାହାକି ପୂର୍ବେ ଚାଳଘର ଥିବା ପ୍ରମାଣ ମିଳେ । ଆଜି ପରିଦୃଶ୍ୟମାନ ରୋଷଶାଳାର ବିଶାଳତା ପୂର୍ବକାଳରେ ନଥିଲା । ଶାସ୍ତ୍ର ପ୍ରମାଣରୁ ଜଣାପଡ଼େ ଯେ ରୋଷ ଘରଟି ଚାଳଘର ଥିବାରୁ ଓ ନିଆଁ ଲାଗିଯିବାର ଭୟ ଆଦି ଥିବାରୁ ରୋଷ ଘରଟିର ବିକଳ୍ପ ରୋଷ ବ୍ୟବସ୍ଥା ଥିଲା । ସେଥିପାଇଁ ବର୍ଣ୍ଣନା ଅଛି ଯେ ଦୈବଯୋଗରୁ

---

୧. ସଂଗୃହୀତ- ଶ୍ରୀକ୍ଷେତ୍ର : ଶ୍ରୀଜଗନ୍ନାଥ ଉତ୍କଳ ପାଠକ ସଂସଦ, ଦ୍ୱିତୀୟ ସ୍ତବକ, କୂର୍ମବେଢ଼ା-ଲେ-ରବିନାରାୟଣ ପଣ୍ଡା ଏବଂ ପୁରୀ ବୋଲି ପୃ. ୧୮୨ ।

୨: ସଂଗୃହୀତ- ରାଜଭୋଗ ଇତିହାସ, ମାଦଳାପାଞ୍ଜି ।

CC-0. In Public Domain. Digitized by Muthulakshmi Research Academy

ଯଦି କୌଣସି ସମୟରେ ପାକ ଗୃହରେ ବିଘ୍ନ ଜାତ ହୁଏ ତେବେ କଳ୍ପବଟର ପୂର୍ବଭାଗରେ ଥିବା ଗୃହରେ ପାକ କର୍ମ କରିବ ।[୩]

ଏହି ପାକଶାଳା ଗୃହଟିର ଛପର ବା ମରାମତି ପ୍ରତିବର୍ଷ ନିର୍ଦ୍ଦିଷ୍ଟ ସମୟରେ ଅବଶ୍ୟ କରିବ । ବିନା ଆଚ୍ଛାଦନରେ ପ୍ରଭୁଙ୍କର ରନ୍ଧନ କର୍ମ ହୋଇପାରିବ ନାହିଁ ।[୪]



୩. ଦୈବଯୋଗାତ୍ ପାକଗୃହେ ବିଘ୍ନୋ ଭବତି ବୈ ଯଦା ।
ବଟସ୍ୟ ପୂର୍ବେଭାଗେ ତୁ ଯଦ୍‌ଗୃହଂ ତତ୍ର କାରୟେତ୍ ॥ (ବା.ସଂ-୯।୧୩)

୪. ପ୍ରତିବର୍ଷଂ ପିଧାନଂ ସ୍ୟାଦ୍‌କୃତଂ ବହୁଦୋଷକୃତ୍ ।
ଅତଃ ପିଧାନଭାବେ ନ ଭର୍ତ୍ତ୍ୟାଚ୍ଛାଦନଂ ଭବେତ୍ ॥ (ବା.ସଂ-୯।୪)

CC-0. In Public Domain. Digitized by Muthulakshmi Research Academy



(ସୁଆର ନାରଣ ସୁବୁଧି ପୁଅ ରଘୁନାଥ ମହାପାତ୍ରଙ୍କ ଠାରୁ ୧ ଗୋଟା ଚୁଲି କିଣି ମୁରାରୀଙ୍କ ମଠ ପୁରୁଷୋତ୍ତମ ଅଧିକାରୀଙ୍କୁ ନିତ୍ୟାନୀ (କ୍ଷୀର) ଯୋଗାଇବା ପାଇଁ ଚୁଲି ଯୋଗାଣ ଦେଶଣ ପତ୍ରର ଅବିକଳ ନକଲ ।)

CC-0. In Public Domain. Digtized by Muthulakshmi Research Academy

ଶାସ୍ତ୍ରୋକ୍ତ ବିଧାନରୁ ଜଣାଯାଏ ଆଗେ ରୋଷଘର ଚାଳ ଘର ଥିବାରୁ ପ୍ରତିବର୍ଷ ଛପରର ଆବଶ୍ୟକତା ଥିଲା । ତେଣୁ କାଳେ କେତେବେଳେ କେଉଁ ଅଘଟଣ ଘଟିପାରେ ସେଇଥିପାଇଁ ତାହାର ବିକଳ୍ପ ବ୍ୟବସ୍ଥା ପାଇଁ ଶ୍ରୀମନ୍ଦିରର କଳ୍ପବଟର ପୂର୍ବ ଭାଗରେ ମଧ୍ୟ କେତେକ ଛପର ଘର ନିର୍ମିତ ହୋଇଥିଲା ।

ଏହି ରୋଷ ଘରକୁ ଶ୍ରୀମନ୍ଦିରରେ ମେରଦାରୋଷ ବୋଲି କହନ୍ତି । ସାଧାରଣ ଲୋକେ ମେରଦାରୋଷ ବୁଝନ୍ତି ନାହିଁ । ପାକଶାଳାରେ ଦୈବଯୋଗରୁ ବିପତ୍ତି ପଡ଼ିଲେ ସେଠାରେ ଆଉ ପାକକର୍ମ କରିବ ନାହିଁ ବୋଲି ବାମଦେବ ସଂହିତା (୯।୧୯)ରେ ଉଲ୍ଲେଖ ଅଛି । ସେହି ବିପତ୍ତି ସମୟରେ ଅନ୍ୟତ୍ର ରନ୍ଧନ କାର୍ଯ୍ୟ କରିବାପାଇଁ ଯେଉଁ ବିକଳ୍ପ ବ୍ୟବସ୍ଥା ସେଥିରୁ ହିଁ ମେରଦାରୋଷର ସୃଷ୍ଟି । ଶ୍ରୀମନ୍ଦିର କଳ୍ପବଟ ନିକଟ କୂର୍ମବେଢ଼ା ସଂଲଗ୍ନ ସତ୍ୟନାରାୟଣ ମନ୍ଦିର ନିକଟରେ ଏହି ମେରଦାରୋଷ ରହିଅଛି । ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପିରେ ପୃ.୨୪୪ରେ ବର୍ଣ୍ଣିତ ମତେ ପ୍ଲଟ ନ ୧୦୪-ମେରଦାରୋଷ ଅଗଣା, ପ୍ଲଟ ୧୦୫ ଠାରୁ ୧୦୮ ପର୍ଯ୍ୟନ୍ତ ମେରଦାରୋଷର ଚୁଲି ଓ ଗୋଦାମ ଘର ଓ ଅନ୍ୟ ବନ୍ଦ ଥିବା ଦୁଇଟି ଘର ମେରଦାରୋଷ ଓ ତାହାର ସମସ୍ତ ଅଂଶ ଠାକୁରଙ୍କ ଖାସ ଦଖଲରେ ଥିଲେ ମଧ୍ୟ ବ୍ୟବହାର ନ ହେଉଥିବାରୁ ଅନ୍ୟମାନେ ଦଖଲ କରୁଛନ୍ତି । ପ୍ଲଟ ୧୦୯ ମେରଦାରୋଷ ସଂପୃକ୍ତ ଖୋଲାସ୍ଥାନ ପ୍ଲଟ ନ୍ ୧୧୦ ମେରଦାରୋଷ ୩ ବଖରା : ୧. କୋଠ ବୋଗ ବଖରା ୨. ସୁଆର ନିଯୋଗ ବଖରା ୩. ମଠବାଡି ରୋଷ ବଖରା ବର୍ତ୍ତମାନ ଚାଲୁଥିବା ରୋଷ ଖାଲି ହେଲେ ବା ମରାମତି ହେଲେ ଏଠାରେ ରୋଷ ହୁଏ । ଏଠାରେ ପୂର୍ବରୁ ରୋଷ ଥିଲା ।

ଶ୍ରୀମନ୍ଦିର ପାକଶାଳା ଜରାଜୀର୍ଣ୍ଣ ହୋଇ ପଡ଼ିବାରୁ ୧୯୫୭ ମସିହାରେ ଲେଖକଙ୍କର ଯଜମାନ ଯାତ୍ରୀ ପୂର୍ବ ବର୍ଣ୍ଣିତ ମଗନିରାମ ରାମ କୁମାର ବାଙ୍ଗଡ଼ଙ୍କ ଉତ୍ତରାଧିକାରୀଗଣ ଶ୍ରୀ ଗୋକୁଳଚନ୍ଦ ବାଙ୍ଗଡ଼ ଓ ଶ୍ରୀ ଗୋବିନ୍ଦଚନ୍ଦ ବାଙ୍ଗଡ଼ ନାମକ ଦୁଇଜଣ ମାରୱାଡ଼ି ଭକ୍ତ ରୋଷ ମରାମତି କରିଥିବା କଥା ଭୋଗ ବାଟରେ ଥିବା ଏକ ମାର୍ବଲ ଫଳକରୁ ଜଣାପଡ଼େ । ସେହି ସମୟରେ ରୋଷ ଘର ବନ୍ଦ ଥିବାରେ ଏହି ମେରଦାରୋଷରେ ନୈବେଦ୍ୟ ରନ୍ଧା ହେଉଥିଲା । ଗତ ତା୧୭.୭.୨୦୦୭ ମସିହାରେ ଓଡ଼ିଶା ସରକାର ରୋଷର ମରାମତି କାମ ବିଭାଗ ଅନୁସାରେ କରିଥିବାରେ ସଂପୂର୍ଣ୍ଣ ରୋଷ ବନ୍ଦ ନଥିଲା । ତେଣୁ ମେରଦାରୋଷ ବ୍ୟବହାର ଆବଶ୍ୟକ ପଡ଼ି ନଥିଲା । ଏହି କାର୍ଯ୍ୟ ପର୍ଯ୍ୟାୟକ୍ରମେ ବିଭାଗ ଅନୁସାରେ କରାଯାଇ ତା୩୦.୧୦.୨୦୧୦ରେ ମରାମତି ଶେଷ ହେଲା ।

କୌଣସି କୌଣସି ଗବେଷକଙ୍କ ମତରେ ବିକଳ୍ପ ରୋଷ ବ୍ୟବସ୍ଥା ନିମିତ୍ତ ତିଆରି କରାଯାଇଥିବା ମେରଦାରୋଷ ଘରଟି ସର୍ବ ପୁରାତନ ରୋଷଘର ରୂପେ ବ୍ୟବହାର ହେଉଥିଲା ।

CC-0. In Public Domain. Digtized by Muthulakshmi Research Academy

# ଚିତ୍ରକରଙ୍କ ଦ୍ୱାରା ଅଙ୍କିତ କାଳ୍ପନିକ ରେଖାଚିତ୍ର




ଅନ୍ନ (ଭାତ) ଚୁଲି



ରନ୍ଧନ ପ୍ରକ୍ରିୟାରେ ୬ ହାଣ୍ଡି
ତୀର ଚିହ୍ନିତ ସ୍ଥାନମାନଙ୍କରେ ଅଧିକ
୩ଟି ହାଣ୍ଡି ବସାଯାଇପାରେ



ଅହିଆ (କାଠ କୋଇଲାରେ ଡାଲି,
ତରକାରୀ ରନ୍ଧନ କରାଯାଏ)

ରନ୍ଧନ ପ୍ରକ୍ରିୟାରେ ୯ହାଣ୍ଡି

CC-0. In Public Domain. Digtized by Muthulakshmi Research Academy



ଚକ୍ର ଚିହ୍ନ ସହ ବିଭିନ୍ନ ଆକାରର ହାଣ୍ଡି, କୁଡୁଆ ପ୍ରସ୍ତୁତ କରୁଥିବା କୁମ୍ଭାର, ଭାଟି ଓ ପୋଡ଼ ହୋଇଥିବା କୁଡୁଆ



ଗୋଦାମଘରେ ସଂଗୃହୀତ ହୋଇ ରହିଥିବା ବିଭିନ୍ନ ହାଣ୍ଡି, କୁଡୁଆ, ଓଳି ଓ ତାଡ଼ ଇତ୍ୟାଦି

CC-0. In Public Domain. Digitized by Muthulakshmi Research Academy

## ହାଣ୍ଡି

ବାଇ | ସମାଧି | ଶ୍ରୀରାମଦାସିଆ | ଏମାର

## କୁଡୁଆ



ବଡ଼ ମଠ | ସାନ ମଠ | ଚକାନୟରୀ | ନୟରୀ | ଢଳା | ଭାତ

## ଓଳି



ସାନ ଭାତ | ଚକ | ପଖାଳ | ଅଙ୍ଗାସ | ପାଇକିଆ

## ତାଡ଼

ପାହାନ୍ତି | ମଝଲା | ଚାଟି

## ସରା

ପୁଳି | ପାଳି | କଟା

CC-0. In Public Domain. Digtized by Muthulakshmi Research Academy

ସିକା



ରନ୍ଧା ଦଉଡ଼ି



ରନ୍ଧା ଡଙ୍କା ପାକୁଆ ଡଙ୍କା

CC-0. In Public Domain. Digtized by Muthulakshmi Research Academy

ଶୁଖିଲା ଭୋଗ ପାଇଁ ତାଳପତ୍ର ଭୋଗେଇ

ଭୋଗେଇ

ମଳା

ବିଞ୍ଚଣା

CC-0. In Public Domain. Digtized by Muthulakshmi Research Academy

ମହାପ୍ରଭୁଙ୍କୁ ସମର୍ପିତ ହୋଇଥିବା ଶ୍ରୀମହାପ୍ରସାଦ

ମହାପ୍ରଭୁଙ୍କ ବିଜେ ପ୍ରତିମାଙ୍କୁ ସମର୍ପିତ ହେଉଥିବା
ନୈବେଦ୍ୟ (ପକ୍ଷୀ ଭୋଗ) ଶ୍ରୀମହାପ୍ରସାଦ

CC-0. In Public Domain. Digitized by Muthulakshmi Research Academy

ଶ୍ରୀମନ୍ଦିରରୁ ବାହାରୁଥିବା ଅବଢ଼ା

Public Domain. Digitized by Muthulakshmi Research Academy

ଭକ୍ତମାନେ ମହାଆନନ୍ଦରେ ଶ୍ରୀମହାପ୍ରସାଦ
ଗ୍ରହଣ କରୁଥିବାର ଦୃଶ୍ୟ

CC-0. In Public Domain. Digitized by Muthulakshmi Research Academy

**ବଲ୍ଲଭ ତିଆରି ସରଘର, କୋରାଘର, ଦହିଦୁଧଘର**-ମହାପ୍ରଭୁଙ୍କ ଭୋଗ ପ୍ରସ୍ତୁତି ନିମନ୍ତେ ଏକ ଅହ୍ଣଣିଆ ଘର ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ଅନୁସାରେ ପ୍ଲଟ ନମ୍ବର ୧୪୪ ଓ ୧୪୪(କ) ଯାହାକି ନକ୍ସାରେ ପ୍ଲଟ ୧୪୪ ନମ୍ବର ଅନ୍ତର୍ଭୁକ୍ତ ରହିଅଛି । ପୂର୍ବେ ଏଠାରେ ଦହିଦୁଧ ରହୁଥିଲା । ବର୍ତ୍ତମାନ ସାନିଟାରୀ ବିଭାଗ ଦଖଲରେ ଅଛି । ବଲ୍ଲଭ ଘରେ ବଲ୍ଲଭ ତିଆରି ହୋଇ ଶ୍ରୀମନ୍ଦିର ବେଢ଼ାରେ ଥିବା ଦେଉଳ ଓ ଶ୍ରୀନଅରକୁ ଯାଏ । କୋରା ଘରେ କୋରା ତିଆରି ହୁଏ ।

**ଚୁନାକୁଟା ଘର**-ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ପୃ ୨୬୦ ଅନୁସାରେ ପ୍ଲଟ ନମ୍ବର ୨୦୨ରେ ଦୁଇ ବଖରା ଘର ଅଛି । କୋଠଭୋଗ ପିଠାପାଇଁ ଯେଉଁ ଚୁନା ଆବଶ୍ୟକ ସେଥିପାଇଁ ଗୋଦାମରୁ ଚାଉଳ ଅଣାଯାଇ ଏଠାରେ ଢିଙ୍କିରେ କୁଟା ଯାଏ । ପ୍ରାୟଃ ସର୍ବତ୍ର ଢିଙ୍କି ପ୍ରଚଳନ ବନ୍ଦ ହୋଇଆସୁଥିଲେ ମଧ୍ୟ ଶ୍ରୀମନ୍ଦିରରେ ଢିଙ୍କି ଏ ପର୍ଯ୍ୟନ୍ତ ପ୍ରଚଳିତ ରହିଅଛି ।

**ହାଣ୍ଡି, କୁଡୁଆ ଓ ଚାଉଳରଖା ଘର**-କୋଠଭୋଗ ପାଇଁ ହାଣ୍ଡି କୁଡୁଆ ଓ ଚାଉଳ ପ୍ଲଟ ନ-୨୦୩ରେ ରଖାଯାଏ । ଶ୍ରୀମହାପ୍ରସାଦର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଥିବାରୁ କେବେ କେବେ ସୁଆର ମହାସୁଆର ନିଯୋଗ କୋଠ କରି ଏବଂ ଆଉ କେତେକ ସୁଆର ବ୍ୟକ୍ତିଗତ ଭାବରେ ବିଭିନ୍ନ ସ୍ଥାନରେ ପୂର୍ବେ ବର୍ଣ୍ଣିତ ହୋଇଥିବା ମତେ ହାଣ୍ଡିକୁଡ଼ିଆମାନ ବିଭିନ୍ନ ସ୍ଥାନରେ ରଖିଥାଆନ୍ତି ।

## ରୋଷଘରେ ବ୍ୟଞ୍ଜନର ସୁରକ୍ଷା ଓ ଶୁଦ୍ଧତା :-

ମହାପ୍ରଭୁଙ୍କ ନିମନ୍ତେ ମା ଲକ୍ଷ୍ମୀସାଆନ୍ତାଣୀ ପାକଶାଳାରେ ରନ୍ଧନ କରନ୍ତି ଓ ତଦାରଖ କରନ୍ତି ବୋଲି ପୂର୍ବେ କୁହାଯାଇଅଛି । ଯେଉଁ ସେବକମାନେ କେଉଁ ଅହୋଭାଗ୍ୟ ବଳରେ ଏଭଳି ସେବା କରିଆସିଛନ୍ତି ସେମାନେ ସର୍ବଦା ଏହି ନୈବେଦ୍ୟ ରାନ୍ଧିବା ପ୍ରତି ସତର୍କତା ଅବଲମ୍ବନ କରି ତାହା ଯେପରି ମାରା ହୋଇ ନଯାଏ ତେଣୁ ନିଜେ ଶୁଦ୍ଧ ଓ ସଦାଚାରୀ ହୋଇ ଭୋଗର ଶୁଦ୍ଧତା ଓ ସୁରକ୍ଷା ପ୍ରତି ସବୁ ସମୟରେ ଯତ୍ନବାନ୍ ଥାଆନ୍ତି । ସେହି ବ୍ୟବସ୍ଥା ଯେପରି ସୁରୁଖୁରୁରେ ଚାଲେ ସେଥିପାଇଁ ରାଜାଙ୍କ ସମୟରୁ କେତେକ ବ୍ୟବସ୍ଥାବଳୀ ତିଆରି କରାଯାଇଥିଲା ଯାହାକି ଅଦ୍ୟାବଧି ଚାଲୁଅଛି ।

କର୍ମାଙ୍ଗୀରେ ଛତିଶା ନିଯୋଗ ନାଏକ ପଙ୍ଗଯୋଶୀ ମହାପାତ୍ରଙ୍କୁ ଭୋଗ ପରିଛା, ଭିତରଛ ଓ ତଳିଛଙ୍କୁ ଅମୋଣିହା ପରିଛା ପୁଣି ତଳିଛଙ୍କୁ ଭୋଗ ବିଶୋଇ ପରିଛା କୁହାଯାଇଅଛି । ଏହାର ଅର୍ଥ ପର୍ଯ୍ୟବେକ୍ଷକ ଭୋଗକୁ ନୈବେଦ୍ୟ ଅର୍ଥରେ ନେଇ ଏହି ତିନିଜଣଙ୍କ କାର୍ଯ୍ୟ ଭାରକୁ ଆଲୋଚନା କରାଯାଇ ପାରିବ । କାରଣ ଏହି ତିନିଜଣଙ୍କର ଠାକୁରଙ୍କ ନୈବେଦ୍ୟ ସହିତ ସଂପର୍କ ରହିଛି । ପାଙ୍ଗଯୋଶୀ ମହାପାତ୍ର କୋଠଭୋଗ ପାଇଁ ରୋଷକୁ ଯିବା ଜିନିଷ ତନଖିବା, ଭୋଗ ରୀତିମତ ହେବା ନହେବା ଜଣାଇବା । ତଳିଛ ଓ ଭିତରଛ ଏହି ଶବ୍ଦ ମଧ୍ୟ ତଳପଟ (ରୋଷଆଡ଼) ଓ ଭିତରପଟ (ଗମ୍ଭୀରା ଭିତର)ର ପର୍ଯ୍ୟବେକ୍ଷଣକୁ ନେଇ ବ୍ୟବସ୍ଥା ତିଆରି ହୋଇଥିବା ଅନୁମେୟ । ତଳପଟର

CC-0. In Public Domain. Digtized by Muthulakshmi Research Academy

ପରୀକ୍ଷା ତଳିଛ ରୋଷଘର ଧୋ ପଖାଳ ରୋଷଆଡ଼େ ପୂର୍ବଦିନର ସମସ୍ତ ସଙ୍ଗୁଡ଼ି ବାହାର କରାଯାଇ ଚୂନପାଣି ଓ ଗୋବରପାଣି ପକାଇ ସ୍ୱଚ୍ଛ ଓ ଶୁଦ୍ଧ ହୋଇଅଛି କି ନାହିଁ ତାହା ଦେଖନ୍ତି ଓ ତା'ପରେ ହୋମ ପାଇଁ ଅନୁମତି ଦିଅନ୍ତି । ଅମୋଣିହା ଦ୍ରବ୍ୟ ରୋଷକୁ ଯିବାପୂର୍ବରୁ ଓ ରୋଷ ଘରେ ତନଖି କରନ୍ତି । ଭିତର ପଟର ପରୀକ୍ଷା ଭିତରଛ ମଣୋହି ଦ୍ରବ୍ୟ ଭୋଗ ପନ୍ତିରେ ଲାଗିବା ନ ଲାଗିବା, ଭୋଗ ମାରା ହେବା ନହେବା ଦେଖନ୍ତି । ତାଙ୍କୁ ଅମୋଣିହା ପରିଛା ମଧ୍ୟ କହନ୍ତି । ମାରା ହୋଇଗଲେ ପୂଜାପଣ୍ଡାଙ୍କୁ ପୂଜା ଛାଡ଼ି ଆସିବା ପାଇଁ କହିବା ଓ ଭୋଗ ସାମଗ୍ରୀ କଢ଼ାଇବା ଦାୟିତ୍ୱ ରହିଛି ।[୫]

## ଶ୍ରୀମହାପ୍ରସାଦ ରନ୍ଧନରେ ମାଟିପାତ୍ରର ବୈଶିଷ୍ଟ୍ୟ :-

ଶ୍ରୀମନ୍ଦିରରେ ରନ୍ଧନ ପ୍ରକ୍ରିୟାରେ ପ୍ରତିଦିନ ନୂଆ ନୂଆ ମାଟିପାତ୍ରରେ ହିଁ ରନ୍ଧନ କରାଯାଏ । ଛପନପଉଟି ଭୋଗଖିଆ ଠାକୁରଙ୍କୁ ଖୁଆଇବା ପାଇଁ ବିଶ୍ୱର ବୃହତ୍ତମ ପାକଶାଳା ଶ୍ରୀମନ୍ଦିର ରୋଷଶାଳାରେ କେବଳ ମାଟି ହାଣ୍ଡିରେ ରନ୍ଧାହୁଏ । ଏହାକୁ କରମାବାଇ ଦେବୀ ରାନ୍ଧିଥାଆନ୍ତି ବୋଲି ପଶ୍ଚିମ ଭାରତ ଓ ଉତ୍ତର ଭାରତୀୟ ଯାତ୍ରୀମାନଙ୍କ ବିଶ୍ୱାସ । ସେଥିପାଇଁ ସେହି ବଡ଼ ବଡ଼ ହାଣ୍ଡିକୁ 'କରମାବାଇ ହାଣ୍ଡି' ବା 'ବାଇହାଣ୍ଡି' କୁହାଯାଏ । ପ୍ରକୃତରେ କରମାବାଇ ନାମକ ଏକ ଭକ୍ତ ବଡ଼ ହାଣ୍ଡିରେ ଖେଚେଡ଼ି ଭୋଗ ଲଗାଇଥିବାରୁ ସେହି ହାଣ୍ଡି ତାଙ୍କ ନାମ ଅନୁସାରେ 'କରମାବାଇ' ହାଣ୍ଡି ବା 'ବାଇହାଣ୍ଡି' ରୂପେ ପରିଚିତ ହେଲା ବୋଲି ଜନଶ୍ରୁତି ରହିଅଛି ।

ସେହିପରି ପୁରୀ ସହରର ଶ୍ୱେତଗଙ୍ଗା ପୁଷ୍କରିଣୀ ନିକଟରେ 'ସମାଧି ମଠ' ନାମରେ ଏକ ମଠ ରହିଅଛି । ଆଗେ ଏହି ମଠଟିର ନାମ ସୀତାରାମକୋଟ ଥିଲା । ଏକଦା ଜଣେ ବିଖ୍ୟାତ ବୈରାଗୀ ସନ୍ନ୍ୟାସୀ ମାଧବ ଦାସ ଏହି ସ୍ଥାନରେ ସମାଧିସ୍ଥ ହୋଇ ପୁଣି ପ୍ରକୃତ ଅବସ୍ଥାକୁ ଫେରିଆସି ବିଭିନ୍ନ ଅଲୌକିକତା ପ୍ରଦର୍ଶନ କରିଥିବାରୁ ସେହି ସମୟରେ ଗଜପତି ମହାରାଜଙ୍କ ଆଜ୍ଞାନୁସାରେ ମଠଟିର ନାମ ସମାଧି ମଠ ରୂପେ ନାମିତ ହୋଇଥିଲା । ଏହି ସନ୍ନ୍ୟାସୀଙ୍କ ଅଲୌକିକତାରେ ବିମୁଗ୍ଧ ହୋଇ ଗଜପତି ମହାରାଜା ତାଙ୍କ ସମ୍ମାନ ସ୍ୱରୂପ ଶ୍ରୀମନ୍ଦିରରେ ପ୍ରତ୍ୟହ ଏକ ସମାଧି ହାଣ୍ଡି ଭୋଗ ଖଞ୍ଜିଥିଲେ । ତାହାର ସ୍ମୃତି ସ୍ୱରୂପ ଏବେ ବି ପ୍ରଚଳିତ ମାଟି ହାଣ୍ଡି (ବଡ଼ କୁଡୁଆ)ର ନାମ ସମାଧି ହାଣ୍ଡି ରୂପେ ପ୍ରଚଳିତ ।

ଶ୍ରୀ ରାମଦାସ ମଠ ପକ୍ଷରୁ ପ୍ରଦତ୍ତ ନୈବେଦ୍ୟ ଗୌଣିକିଆ ପ୍ରାୟଃ ୫କିଲୋ ଚାଉଳ ରନ୍ଧା ହେଲା ଭଳି ହାଣ୍ଡିକୁ 'ଦାସିଆ ହାଣ୍ଡି' ବୋଲି କୁହାଯାଏ । ଏମାର ମଠ ପକ୍ଷରୁ ପ୍ରଚଳିତ ଏମାର ହାଣ୍ଡି ମଧ୍ୟ ଆଜି ପର୍ଯ୍ୟନ୍ତ ଚାଲୁଅଛି । ବିଭିନ୍ନ ସଂପ୍ରଦାୟର ମଠ ମାନଙ୍କ ପକ୍ଷରୁ ପ୍ରଦତ୍ତ ନୈବେଦ୍ୟ ପାଇଁ ଯେଉଁ ହାଣ୍ଡି ଶ୍ରୀଜଗନ୍ନାଥଙ୍କ ମଣୋହିରେ ବ୍ୟବହାର କରାଯାଏ ସେଗୁଡ଼ିକ ନିମ୍ନପ୍ରକାରେ ଉଲ୍ଲେଖ କରାଗଲା ।

୫. ସଂଗୃହୀତ- ପୁରୀବୋଲି ଲେ-ଡଃ ସିଦ୍ଧେଶ୍ୱର ପଣ୍ଡାପାତ୍ର, ପୃ ୨୬୦-୨୬୧ ।

CC-0. In Public Domain. Digtized by Muthulakshmi Research Academy

ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ଅନୁସାରେ କୁମ୍ଭକାର ନିଯୋଗ ମାଟିପାତ୍ର ତିଆରି କରି ଶ୍ରୀମନ୍ଦିରକୁ ଯୋଗାଇଥାଆନ୍ତି । ଶ୍ରୀମନ୍ଦିରରେ ବ୍ୟବହାର ହେଉଥିବା ମାଟିପାତ୍ରଗୁଡ଼ିକ ମଧ୍ୟରେ ତିନି ପ୍ରକାରର ତାଡ଼ ଯଥା:- ୧.ପାହାନ୍ତି ତାଡ଼, ୨. ମଝଲା ତାଡ଼ ଓ ୩. ଚାଟି ତାଡ଼, ଚାରି ପ୍ରକାରର ସରା ଯଥା-ବଡ଼, ପୁଳି, ପାଳି ଓ କଟା । ଝଡ଼େଇନେଦା ଭୋଗ ଲାଗୁଥିବା ତାଡ଼ ବା ଚଢ଼େଇନଦା ତାଡ଼ । ଏହି ଚଢ଼େଇନେଦା ପିଠାର ଝଡ଼ିପଡ଼ିଥିବା ଅଂଶକୁ ଏକ ବଡ଼ ତାଡ଼ରେ ରଖି ଯଥେଷ୍ଟ ପରିମାଣର ଘିଅ ଦିଆଯାଇଥାଏ, ତାହାକୁ ଅପଭ୍ରଂଶରେ ଚଢ଼େଇନେଦା ତାଡ଼ ବୋଲି କହନ୍ତି ।

| ପାତ୍ରର ନାମ | ଚାଉଳର ପରିମାଣ | କେତେ ଲୋକ ସେବନ କରିପାରିବେ |
|---|---|---|
| ବାଇହାଣ୍ଡି | କି୧୦ଲୋ | ୭୦ ରୁ ୧୦୦ ଜଣ |
| ସମାଧି ହାଣ୍ଡି | କି୭ଲୋ | ୫୦ ରୁ ଊର୍ଦ୍ଧ୍ୱ |
| ଶ୍ରୀରାମ ଦାସିଆ ହାଣ୍ଡି | କି୫ଲୋ | ୩୦ ରୁ ୪୦ ଜଣ |
| ଏମାର ହାଣ୍ଡି | କି୩ଲୋ | ୨୦ ରୁ ୨୫ ଜଣ |
| ବଡ଼ ମଠ | କି୨,୫୦୦ଗ୍ରା | ୧୫ ରୁ ଊର୍ଦ୍ଧ୍ୱ |
| ସାନ ମଠ | କି୧,୫୦୦ଗ୍ରା | ୬ ଜଣରୁ ଊର୍ଦ୍ଧ୍ୱ |
| ଚକାନମ୍ବରି | କି୧ଲୋ | ୪ ଜଣରୁ ଊର୍ଦ୍ଧ୍ୱ |
| ନମ୍ବରି | କି୦.୭୦୦ଗ୍ରା | ୩ ଜଣ |
| ଧଳା କୁଡ଼ିଆ ବା ଢଳା କୁଡ଼ିଆ | କି୦.୫୦୦ଗ୍ରା | ୨ ଜଣ |
| ବଡ଼ଭାତ କୁଡ଼ିଆ | କି୦.୩୦୦ଗ୍ରା | ୧ ଜଣ |

ଏହା ବ୍ୟତୀତ ବଡ଼ଚକ (୧୦୦ଗ୍ରାମ ଚାଉଳ ଅନ୍ନ), ସାନଚକ (୫୦ଗ୍ରାମ ଚାଉଳ ଅନ୍ନ), ପଖାଳ ଓଳି (୫୦ଗ୍ରାମ ଚାଉଳ ଅନ୍ନ), ଅଙ୍ଗାସ ଓଳି (୫୦ଗ୍ରାମ ଚାଉଳ ଅନ୍ନ), ପାଇକିଆ ଓଳି (୫୦ଗ୍ରାମ ଚାଉଳ ଅନ୍ନ ପ୍ରସାଦ ପାଇବାପାଇଁ) । ଅନ୍ନ ବ୍ୟତୀତ ଡାଲି, ତରକାରୀ ପାଇଁ ଯେଉଁ ଓଳିମାନ ବ୍ୟବହାର କରାଯାଏ ତାହାକୁ ୧. ସାନ ଭାତ କୁଡ଼ିଆ, ୨. ଚକ ଓଳି, ୩. ପଖାଳ ଓଳି, ୪. ଅଙ୍ଗାସ ଓଳି, ୫. ପାଇକିଆ ଓଳି ଓ ୬. ମୁଗ ଓଳି କହନ୍ତି । ଏ ସମସ୍ତ ମାଟିପାତ୍ରଗୁଡ଼ିକ ମଧ୍ୟ ନାଲିରଙ୍ଗର ହୋଇଥାଏ । ଏହି ପାକଯୋଗ୍ୟ ମାଟି ପାତ୍ର ସମ୍ବନ୍ଧରେ ବାମଦେବ ସଂହିତା ଦଶମ ଅଧ୍ୟାୟ ନବମ ଶ୍ଳୋକଠାରୁ ତ୍ରୟୋଦଶ ଶ୍ଳୋକ ପର୍ଯ୍ୟନ୍ତ ବର୍ଣ୍ଣନା ଅଛି ।[୬]

---

୬. ତଦ୍ରୂପ କାଳେଽପି ଚ ପାତ୍ରବର୍ଣ୍ଣଂ
ରକ୍ତଂ ଚ କୁର୍ଯ୍ୟାନ୍ନ ତୁ କୃଷ୍ଣବର୍ଣ୍ଣମ୍ ।
ଏତାନି ପାତ୍ରାଣ୍ୟପିରକ୍ତବର୍ଣ୍ଣା
ନ୍ୟଥୋ ନ କୁର୍ଯ୍ୟାଦସିତାନି ତାନି । (ବା.ସଂ-୧୦।୮,୧୨)

CC-0. In Public Domain. Digtized by Muthulakshmi Research Academy

ରନ୍ଧନଯୋଗ୍ୟ ପାତ୍ର ଓ ପାକ କାର୍ଯ୍ୟରେ ବ୍ୟବହାର କରିବାପାଇଁ ସରା ମଧ୍ୟ ବଡ଼ସାନ ଭେଦରେ ଦୁଇ ପ୍ରକାର ତିଆରି କରାଇବ ଯାହାର ରଙ୍ଗ ରକ୍ତବର୍ଣ୍ଣ ହେବ। ପାକ କର୍ମରେ ବିନିଯୋଗ ହେବା ପାତ୍ରଗୁଡ଼ିକ ଭଙ୍ଗା, ଫଟା, କଣା ନ ହେବା ଉଚିତ ଓ ଏଥିରେ ନଖ, କେଶ, କୃମି, କୀଟ, ଶାମୁକା, କଉଡ଼ି ଆଦି ନଥିବା ଉଚିତ। ଥିଲେ ଏହା ପାକଯୋଗ୍ୟ ହୁଏନାହିଁ। ହସ୍ତପ୍ରମାଣ (ହାତେ ଉଚ୍ଚତାର) ପାତ୍ର ସର୍ବୋତ୍ତମ ଓ ସର୍ବବୃହତ୍ ହେବା ଉଚିତ ଅଥବା ସାର୍ଦ୍ଧପ୍ରଦେଶ (ଚାଖଣ୍ଡ) ପରିମିତ ଉଚ୍ଚତା ବିଶିଷ୍ଟ ପାତ୍ର ବିନିଯୋଗ କରିବ। ଦୁଇଖଣ୍ଡ ପାତ୍ରରେ ପ୍ରଭୁଙ୍କ ଉଦ୍ଦେଶ୍ୟରେ ଖେଚେଡ଼ି ମଧ୍ୟ ପ୍ରସ୍ତୁତ କରିବ ବୋଲି ଶାସ୍ତ୍ରୀୟ ନିର୍ଦ୍ଦେଶ ଅଛି। ଏହି ଶାସ୍ତ୍ରୀୟ ନିର୍ଦ୍ଦେଶ ଅନୁସାରେ ବର୍ତ୍ତମାନ ମଧ୍ୟ ଏହି ବ୍ୟବସ୍ଥା ପ୍ରଚଳିତ। ଉପରିଲିଖିତ ବ୍ୟବସ୍ଥା ଓ ହାଣ୍ଡିଗୁଡ଼ିକର ଆକାରକୁ ଦୃଷ୍ଟି ଦେଲେ ମନରେ ପ୍ରଶ୍ନ ଆସେ ଯେ ବାଇହାଣ୍ଡି ଓ ଅନ୍ନ ବଡ଼ବଡ଼ ହାଣ୍ଡି ଆଦିରେ ତ ରନ୍ଧା ହୁଏ ନାହିଁ। ତାହାହେଲେ ରନ୍ଧନ କାର୍ଯ୍ୟ ହୁଏ କିପରି ? ଡଙ୍କା ଓ ଦଉଡ଼ି ସାହାର୍ଯ୍ୟରେ ଭାତ ଚୁଲିରେ ଭାତ ଓ ଏକ ବିଶେଷ ପଦ୍ଧତିରେ ଅହିଆରେ ଡାଲି ତରକାରୀ ହୁଏ।

ଏହି ରନ୍ଧନ ପ୍ରକ୍ରିୟାରେ ବ୍ୟବହାର କରାଯାଉଥିବା ହାଣ୍ଡିଗୁଡ଼ିକର ମଧ୍ୟ ବୈଶିଷ୍ଟ୍ୟ ଦେଖିବାକୁ ମିଳେ। ଏହାର ତଳ ଭାଗକୁ ଲକ୍ଷ୍ୟ କଲେ ଦେଖିହେବ ଯେ, ପ୍ରାୟଃ ୩୦୦ରୁ ଊର୍ଦ୍ଧ୍ୱ କୁମ୍ଭକାରମାନେ ଏକ ବିଶେଷ ପଦ୍ଧତିରେ ହାଣ୍ଡିଗୁଡ଼ିକ ପ୍ରସ୍ତୁତ କରିଥାଆନ୍ତି। ଯାହାକି ଶ୍ରୀକ୍ଷେତ୍ର ବ୍ୟତୀତ ଅନ୍ୟ କୁତ୍ରାପି ଦେଖାଯାଏ ନାହିଁ। କୁମ୍ଭକାରମାନେ ଯେଉଁ ଛାଞ୍ଚରେ ଏହି ପାତ୍ରଗୁଡ଼ିକ ନିର୍ମାଣ କରିଥାଆନ୍ତି ସେଗୁଡ଼ିକର ଆକାର ଠିକ୍ ଏକ ଅର୍ଦ୍ଧପ୍ରସ୍ଫୁଟିତ ପଦ୍ମଫୁଲ ପରି। ତାହାରି ଉପରେ ହାଣ୍ଡିଗୁଡ଼ିକ ରଖି କୁମ୍ଭକାର ହାଣ୍ଡି ଗଢ଼ନ୍ତି। ସେଗୁଡ଼ିକ ପ୍ରସ୍ତୁତ ହୋଇଗଲେ ତାର ତଳ ଭାଗରେ ପଦ୍ମଫୁଲ ବା ଚକ୍ରଚିହ୍ନ ଭଳି ଅଙ୍କିତ ହୋଇଥିବା ଜଣାପଡ଼େ।

ବୈଷ୍ଣବାଗ୍ନି ପ୍ରଜ୍ୱଳନ ପରେ ମାତା ପଦ୍ମାଳୟା ଯେତେବେଳେ ରନ୍ଧନ କାର୍ଯ୍ୟ କରନ୍ତି, ରନ୍ଧନଯୋଗ୍ୟ ଚୁଲିଗୁଡ଼ିକର ଆକାର ପଦ୍ମଫୁଲ ଭଳି ଓ ପାତ୍ରଗୁଡ଼ିକରେ ମଧ୍ୟ ପଦ୍ମଫୁଲ ଭଳି ଚିହ୍ନ ଦେଖିବାକୁ ମିଳେ। ବାମଦେବ ସଂହିତାରେ ଉକ୍ତ ହାଣ୍ଡିଗୁଡ଼ିକରେ ଚକ୍ରମୁଦ୍ରା ଥିବା କଥା ବର୍ଣ୍ଣନା ଅଛି।[୭] ସମସ୍ତ ପାତ୍ରରେ ନିମ୍ନ ପ୍ରଦେଶରେ ଚକ୍ରମୁଦ୍ରା ଅଙ୍କନ କରାଯାଇଥିବ। ତେଣୁ କୁମ୍ଭକାରଙ୍କୁ ସେହିପରି ନିର୍ଦ୍ଦେଶ ପ୍ରଦାନ କରିବ।

---

୭. ବହ୍ନିପ୍ରଦେଶପ୍ରମିତଂ ତଥାତ୍ର
ପାକଂ ବିଦଧ୍ୟାଦିହ ଖେଚରାନ୍ନମ୍।
ପାତ୍ରେ ଚ କାର୍ଯ୍ୟା ଖଲୁ ଚକ୍ର ମୁଦ୍ରାଃ॥
ନୟେତ ସର୍ବେତତ ଖଲୁ ବସ୍ତ୍ରକାରଃ॥ (ବା ସଂ ୧୦।୩୦)

CC-0. In Public Domain. Digitized by Muthulakshmi Research Academy

ସାମାନ୍ୟ ହାଣ୍ଡି ଗଢ଼ା ହେବା ସମୟରେ ମଧ୍ୟ ଚକ୍ରାକାର ବା ପଦ୍ମାକାର ଚିହ୍ନ ହିଁ ମାତା ଲକ୍ଷ୍ମୀଙ୍କ ଦ୍ୱାରା ରନ୍ଧନ କାର୍ଯ୍ୟ ସୂଚାଇଥାଏ । ସାମାନ୍ୟ ମନୁଷ୍ୟ ବୁଝି ପାରୁନଥିଲେ ମଧ୍ୟ ମାତା ମହାଲକ୍ଷ୍ମୀ ବହୁ କ୍ଷେତ୍ରରେ ତାଙ୍କର ଉପସ୍ଥିତି ଓ ମହାପ୍ରଭୁଙ୍କ ପାଇଁ ବ୍ୟଞ୍ଜନ ପ୍ରସ୍ତୁତିର ପ୍ରମାଣ ଦର୍ଶାଇ ଚାଲିଛନ୍ତି, କିନ୍ତୁ ଆମେ ସାଧାରଣ ମନୁଷ୍ୟ ତାହା ବୁଝୁଛୁଁ କେଉଁଠୁ ?

## ଲାଲବର୍ଣ୍ଣର ମାଟିପାତ୍ରର ରହସ୍ୟ :-

ପାକଶାଳାରେ କେବଳ ଲାଲ ରଙ୍ଗର ମାଟିପାତ୍ର ରନ୍ଧନଯୋଗ୍ୟ ହୋଇଥାଏ ।[୮] ଶ୍ରୀମନ୍ଦିର ରୋଷଶାଳାରେ ଲାଲ ବର୍ଣ୍ଣର ହାଣ୍ଡି କୁଡ଼ିଆ ବ୍ୟବହାରର କାରଣ କଅଣ ଏହା ଏଠାରେ ଆଲୋଚନା କରିବା ଉଚିତ ହେବ । କୁମ୍ଭକାରମାନେ ଯେତେବେଳେ ହାଣ୍ଡି ତିଆରି କରି ନିଆଁରେ ପୋଡ଼ କରନ୍ତି ସେତେବେଳେ ହାଣ୍ଡିରେ ଅଧିକ ପୋଡ଼ ପଡ଼ିରେ ହିଁ ସେଗୁଡ଼ିକ କଳା ବର୍ଣ୍ଣ ହୋଇଯାଇଥାଏ । ଲାଲରଙ୍ଗ ହାଣ୍ଡିକୁ କମ୍ ପୋଡ଼ ଦରକାର ହୁଏ । ଶ୍ରୀମନ୍ଦିର ରୋଷଶାଳରେ ଚୁଲିମାନଙ୍କରେ ପ୍ରଚୁର କାଠ ବ୍ୟବହାର ଫଳରେ ଏକାଥରକେ ନଅନଅଟି ହାଣ୍ଡିପାଇଁ ଅଧିକ ଉତ୍ତାପର ଆବଶ୍ୟକତା ଥାଏ ଯାହାକି ଅଳ୍ପ ପୋଡ଼ ହୋଇଥିବା ଲାଲ ରଙ୍ଗର ହାଣ୍ଡିଗୁଡ଼ିକ ସେହି ଉତ୍ତାପ ସହିପାରିବ । କଳାରଙ୍ଗର ହାଣ୍ଡିଗୁଡ଼ିକ ପୂର୍ବରୁ ଅଧିକ ପୋଡ଼ ପାଇଥିବାରୁ ଅଧିକ ଉତ୍ତାପ ସହିବାରେ ସକ୍ଷମ ହୋଇପାରିବ ନାହିଁ । ସେଥିପାଇଁ ଶ୍ରୀମନ୍ଦିର ରୋଷଶାଳାରେ ଲାଲ ରଙ୍ଗର ହାଣ୍ଡି ବ୍ୟବହାର ହୁଏ ।

ଏହି ସନ୍ଦର୍ଭରେ ଆଲୋଚନା କରାଯାଇପାରେ ଯେ, ଭାରତବର୍ଷରେ ତିରୁପତି ଆଦି ବିରାଟ ଦେବାଳୟରେ ହଜାର ହଜାର ଲୋକଙ୍କର ଭୋଜନ ବ୍ୟବସ୍ଥା ଧାତୁ ପାତ୍ରରେ କରାଯାଉଅଛି । ଶ୍ରୀମନ୍ଦିରରେ ତାହା ହେଉନାହିଁ କାହିଁକି ? ଶ୍ରୀମନ୍ଦିରରେ ଯେତେ ପରିମାଣ ଅନ୍ନ ବ୍ୟଞ୍ଜନ ରନ୍ଧନ ହେଉଛି ତାହା ଅନ୍ୟ କୁତ୍ରାପି ନାହିଁ । ହଠାତ୍ ହଜାର ହଜାର ଯାତ୍ରୀ, ଦର୍ଶନାର୍ଥୀ ଶ୍ରୀମନ୍ଦିରରେ ପହଞ୍ଚିଗଲେ ଶ୍ରୀମହାପ୍ରସାଦ ପାଇବାରେ କିଛି ଅସୁବିଧା ହୁଏନାହିଁ । କିନ୍ତୁ ଏଠାରେ କୌଣସି ଧାତୁ ପଦାର୍ଥ ଦ୍ୱାରା ନିର୍ମିତ ରନ୍ଧନ ପାତ୍ରରେ ରନ୍ଧନ ନ ହେବାର କାରଣ ହେଉଅଛି ଯେ, ମୁଖ୍ୟତଃ ଶାସ୍ତ୍ରୀୟ ବ୍ୟବସ୍ଥା ଓ ବୈଜ୍ଞାନିକ କାରଣ । ଉପରିଲିଖିତ ଶାସ୍ତ୍ରୀୟ ପ୍ରମାଣରୁ ଉଦ୍ଧାର କରାଯାଇଅଛି ଯେ କେବଳ ମାଟି ପାତ୍ରରେ ହିଁ ରନ୍ଧନ କାର୍ଯ୍ୟ କରାଯିବ । କେତେକ ବୈଜ୍ଞାନିକଙ୍କ ମତରେ ଧାତୁ ନିର୍ମିତ ପାତ୍ରରେ ରନ୍ଧନ କଲେ ଧାତୁର କିୟଦଂଶ ନୈବେଦ୍ୟରେ ମିଶିବା ସ୍ୱାଭାବିକ ଯାହାକି ଶରୀର ପକ୍ଷରେ କ୍ଷତିକାରକ । ଧାତୁ ପାତ୍ରରେ ରୋଷେଇ ହେଲେ ପ୍ରତ୍ୟହ ମାଜିବା ଆବଶ୍ୟକ । କିନ୍ତୁ ମାଟି କୁଡ଼ିଆରେ ସେ ସମସ୍ୟା ନାହିଁ । ପ୍ରତିଦିନ ନୂଆ ମାଟି

---

୮. *ପାକଯୋଗ୍ୟାନି ପାତ୍ରାଣି ରକ୍ତବର୍ଣ୍ଣାନି କାରୟେତ୍ ।*
*କୃଷ୍ଣବର୍ଣ୍ଣାନି ପାତ୍ରାଣି ନ କୁର୍ଯ୍ୟାଚ୍ଚକଦାଚନ ॥ (ନୀ.ମ-୧୦।୧୦୨)*

CC-0. In Public Domain. Digtized by Muthulakshmi Research Academy

କୁଡ଼ିଆ ରନ୍ଧା ଯାଇଥାଏ । ତାହା ଦ୍ୱିତୀୟଥର ପାଇଁ ବ୍ୟବହାର ଯୋଗ୍ୟ ନୁହେଁ । ଆୟୁର୍ବେଦୀୟ ମତରେ ମାଟିପାତ୍ରରେ ରନ୍ଧା ବ୍ୟଞ୍ଜନ ରୁଚିକର ଓ ସ୍ୱାସ୍ଥ୍ୟ ପାଇଁ ହିତକର ଅଟେ । ସେଇଥିପାଇଁ କେତେକ ଭୋଜନାଳୟରେ ମାଟିହାଣ୍ଡିରେ ରନ୍ଧା ଖାଦ୍ୟ ପାଇଁ ଗ୍ରାହକମାନଙ୍କର ଭିଡ଼ ଜମିବା ଦେଖାଯାଏ । ମାଟି ପାତ୍ରରେ ରନ୍ଧନ କଲେ ସ୍କନ୍ଦପୁରାଣ ମତରେ କିଣା ବିକାକୁ ସୁବିଧା ହୋଇଥାଏ ।

**ନ ବିକ୍ରୟଃ କ୍ରୟୋ ବାପି ପ୍ରଶସ୍ତସ୍ତସ୍ୟ ଭୋ ଦ୍ୱିଜାଃ ॥** *(ସ୍କନ୍ଦ-୩।୮।୧୩)*

କେବଳ ସେତିକି ନୁହେଁ ମାଟି କୁଡୁଆକୁ ଭାଙ୍ଗି ଖାଣ୍ଡିରେ ଥାଳି, ତାଟିଆ, ଗିନାରେ ଭୋଜନ କଲାଭଳି ସେଗୁଡ଼ିକୁ ହିଁ ଶ୍ରୀମହାପ୍ରସାଦ ପାଇବାରେ ବ୍ୟବହାର କରାଯାଇଥାଏ । ଯାହାକି ଅନ୍ୟ କୌଣସି ଧାତୁ ପାତ୍ର ବ୍ୟବହାରରେ ସମ୍ଭବ ନୁହେଁ । ପ୍ରସାଦ ପାଇବା ପାଇଁ ଘରୁ କଂସା ବାସନ ଆଣିବାର ଆବଶ୍ୟକତା ନଥାଏ ।

ପ୍ରତିଦିନ ଯେତେ ପରିମାଣର ଅନ୍ନ ବ୍ୟଞ୍ଜନ ରନ୍ଧା ହୁଏ, ମାଟିପାତ୍ର ବ୍ୟତୀତ ଅନ୍ୟପାତ୍ରରେ ତାହା ରାନ୍ଧିବା ଅସମ୍ଭବ । ଧାତୁ ପାତ୍ରରେ ଅନ୍ନ ରନ୍ଧା ଗଲେ ଅତ୍ୟଧିକ ନିସ୍ରବ (ପେଜ) ବାହାର କରିବା କଷ୍ଟକର, କିନ୍ତୁ ମାଟିପାତ୍ର ବା କୁଡୁଆରେ ଡଙ୍ଗା ସାହାଯ୍ୟରେ କଣା କରି ପେଜ ବାହାର କରିବା ଅତି ସୁବିଧାଜନକ । ପେଜ ବାହାରିଯିବା ପରେ ଆବଶ୍ୟକୀୟ ପେଜ ଅନ୍ନ ସହିତ ମିଶି କରି ରହେ ଯାହାକି ସ୍ୱାସ୍ଥ୍ୟବର୍ଦ୍ଧକ ଓ ସ୍ୱାଦଯୁକ୍ତ । ମାଟିପାତ୍ର ବା କୁଡୁଆ କୁପରିବାହୀ (Non-conductor) । ତେଣୁ ଉତ୍ତାପ ବହୁ ସମୟଧରି ରହେ । ରନ୍ଧନ କରାଯାଇଥିବା ପଦାର୍ଥ ଶୀଘ୍ର ଥଣ୍ଡା ହୁଏନି । କୁଡୁଆର ଉପର ଅନ୍ନ ଥଣ୍ଡା ହୋଇଗଲେ ମଧ୍ୟ ତଳଅଂଶର ଅନ୍ନ ଗରମ ଥାଏ । ଏହି ସବୁ କାରଣରୁ ଶ୍ରୀମନ୍ଦିରରେ ମାଟି ପାତ୍ରରେ ରନ୍ଧନ କରାଯାଇଥାଏ ।। ଶୁଖିଲା ଭୋଗ ବ୍ୟବହାର ପାଇଁ ତାଳପତ୍ର ତିଆରି ଭୋଗେଇ ବ୍ୟବହାର କରାଯାଏ ।

## ରୋଷଶାଳାରେ ବ୍ୟବହୃତ କାଠ :-

ଶ୍ରୀମନ୍ଦିର ରୋଷଶାଳାରେ ରନ୍ଧନ କାର୍ଯ୍ୟରେ ଉପଯୁକ୍ତ ଜାଳେଣୀ କାଠମାନଙ୍କ ମଧ୍ୟରେ ପୋକ ଲାଗିନଥିବା, କଣ୍ଟା, କ୍ଷୀରଯୁକ୍ତ ଓ ବଜ୍ର ସଦୃଶ ହୋଇନଥିବା କାଠ ଉପଯୁକ୍ତ ଅଟେ । ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ଅନୁସାରେ ପ୍ଲଟ ନମ୍ବର ୨୩୪ ଠାରୁ ୨୪୦ ପ୍ଲଟରେ କାଠ ଅଡ଼ା ଅଛି । ସାଧାରଣତଃ ସୁବିଧା ଦୃଷ୍ଟିରୁ ଯୋଗ୍ୟ କାଠମାନଙ୍କ ମଧ୍ୟରେ ଏଠାରେ ଝାଉଁକାଠ ମିଳେ । ଅନ୍ୟାନ୍ୟ ଦେଶୀ କାଠ ମଧ୍ୟ ବ୍ୟବହାର ହୋଇଥାଏ । ଶ୍ରୀଗୁଣ୍ଡିଚାଯାତ୍ରାରେ ବ୍ୟବହୃତ ରଥ ଭଙ୍ଗା ହୋଇଗଲା ପରେ ରେଜାରେଜି କାଠମାନ ରୋଷଆଡ଼େ କୋଠଭୋଗ ରାନ୍ଧିବା କାର୍ଯ୍ୟରେ ବିନିଯୋଗ ହୁଏ । କେଉଁ କାଠ ଉପଯୁକ୍ତ ତାହା ବାମଦେବ ସଂହିତା (୯।୧୦)ରେ ଲେଖାଅଛି ।

CC-0. In Public Domain. Digtized by Muthulakshmi Research Academy

## ରୋଷଶାଳାର ଜଳ ବ୍ୟବସ୍ଥା :-

ଶ୍ରୀମନ୍ଦିର ରୋଷଶାଳା ନିକଟ ଉତ୍ତର ଦିଗରେ ଗଙ୍ଗା ଓ ଯମୁନା ନାମକ ଦୁଇଟି ପବିତ୍ର କୂଅ ରହିଅଛି । ଶ୍ରୀଜଗନ୍ନାଥଙ୍କ ଦୈନନ୍ଦିନ ସେବାପୂଜାରେ ବିମଳା ମାତାଙ୍କ ନିକଟରେ ଥିବା କୂଅର ଜଳ ବ୍ୟବହାର କରାଯାଇଥାଏ, କିନ୍ତୁ ଗଙ୍ଗା- ଯମୁନା କୂଅର ଜଳ କେବଳ ମାତ୍ର ପାକଶାଳାର ରନ୍ଧନ କାର୍ଯ୍ୟରେ ବ୍ୟବହାର କରାଯାଇଥାଏ । ଏହି କୂଅମାନଙ୍କ ସମ୍ବନ୍ଧରେ ବିସ୍ତୃତ ଭାବରେ ବାମଦେବ ସଂହିତା (ଅ.୯/ଶ୍ଳୋ ୪୪-୫୪)ରେ ବର୍ଣ୍ଣନା କରାଯାଇଅଛି । ଏହି କୂଅମାନଙ୍କରେ କୌଣସି କାରଣରୁ ଯଦି କୌଣସି ବିପତ୍ତି ଜାତ ହୁଏ ତାହାହେଲେ ତାହାର ଶୁଦ୍ଧିର ବ୍ୟବସ୍ଥା ମଧ୍ୟ ଏଥିରେ ବର୍ଣ୍ଣନା କରାଯାଇଅଛି ।

ଶ୍ରୀମହାପ୍ରସାଦ ପରି ସ୍ୱାଦଯୁକ୍ତ, ରୁଚିକର ତଥା ପୁଷ୍ଟିକର ପଦାର୍ଥ ବିଶ୍ୱରେ ବିରଳ । ଆଡ଼ପ ମଣ୍ଡପରେ ସମର୍ପିତ ହେଉଥିବା ଶ୍ରୀମହାପ୍ରସାଦ ଯେଉଁ କୂଅ ପାଣିରେ ପ୍ରସ୍ତୁତ ହୁଏ, ତାହା ଅଳ୍ପ ସମୟ ପରେ ଖଟା ଧରି ଆସୁଥିବାର ମନେହୁଏ । ସେହି ଜଳରେ କିଛି ରାସାୟନିକ ତ୍ରୁଟି ରହିଅଛି । କିନ୍ତୁ ଶ୍ରୀମନ୍ଦିର ରୋଷରେ ବ୍ୟବହୃତ ହେଉଥିବା ଗଙ୍ଗା ଓ ଯମୁନା କୂଅର ଜଳରେ ହିଁ ଏହି ନିରୋଗ, ସ୍ୱାଦଯୁକ୍ତ, ରୁଚିକର ନୈବେଦ୍ୟ ପ୍ରସ୍ତୁତ ହୋଇଥାଏ । ଏହି ଜଳରେ ନିଶ୍ଚିତ ଭାବରେ ପାକାନୁକୂଳ କିଛି ରାସାୟନିକ ଗୁଣ ଥାଇପାରେ ଯାହା ଫଳରେ ଶ୍ରୀମହାପ୍ରସାଦ ଅମୃତ ସମାନ ସ୍ୱାଦଯୁକ୍ତ ଓ ରୁଚିକର ହୋଇଥାଏ । ଜଳର ଗୁଣ ସମ୍ବନ୍ଧରେ ଏପର୍ଯ୍ୟନ୍ତ ବୈଜ୍ଞାନିକ ପଦ୍ଧତିରେ ଗବେଷଣା ହୋଇନାହିଁ, ତାହା ହୁଏତ ଭବିଷ୍ୟତରେ କରାଗଲେ ଏକ ମହନୀୟ ତଥ୍ୟ ପ୍ରକାଶକୁ ଆସିପାରନ୍ତା । କେଉଁ ପୁରାଣ ଯୁଗରେ ଏହି ଦୁଇଟି କୂଅ ଖୋଳାଯାଇ ରନ୍ଧନ କାର୍ଯ୍ୟରେ ବ୍ୟବହାର ହୋଇଆସୁଅଛି । ବର୍ତ୍ତମାନ ଶ୍ରୀମହାପ୍ରସାଦର ଚାହିଦା ପୂର୍ବାପେକ୍ଷା କାହିଁ କେତେଗୁଣ ବଢ଼ି ଯାଇଥିଲେ ମଧ୍ୟ କୂଅର ଜଳ ଅଭାବ ନପଡ଼ିବା ଆଶ୍ଚର୍ଯ୍ୟର କଥା । ଏବେ ୪/୫ ବର୍ଷ ହେଲା ଭୂ-ଜଳସ୍ତର କମି ଆସୁଥିବାରୁ ତା'ର କିଛି ପ୍ରଭାବ ଦେଖିବାକୁ ମିଳୁଅଛି । ସେଥିପାଇଁ ଭୂତଳ ଜଳକୁ ପମ୍ପ ସାହାଯ୍ୟରେ ଉଠାଯାଇ ଗତ ଦୁଇବର୍ଷରୁ ଖରାଦିନେ କୂଅମାନଙ୍କରେ ଭର୍ତ୍ତି କରାଯିବାର ବ୍ୟବସ୍ଥା କରାଯାଉଅଛି ।

## ରନ୍ଧନ କାର୍ଯ୍ୟରେ ଅନ୍ୟାନ୍ୟ ବ୍ୟବହାରଯୋଗ୍ୟ ବସ୍ତୁ :-

*୧. କାଠ କୋଇଲା*

(ଅଙ୍ଗାର)- ଅହିଆରେ ଏହି କାଠ କୋଇଲା ବା ଅଙ୍ଗାର ଉପରେ ବଡ଼ ବଡ଼ ଡାଲି, ତରକାରୀ ହାଣ୍ଡିମାନ ବସି ରନ୍ଧାଯାଏ । ଡାଲି, ତରକାରୀଗୁଡ଼ିକ ଭାତଚୁଲିରେ ରନ୍ଧାଯାଏ ନାହିଁ ।

*୨. ବିଞ୍ଚଣା-* ପାକଶାଳାରେ ଏହି ଅଙ୍ଗାର ବା ରଡ଼କୁ ବିଞ୍ଚଣାରେ ବିଞ୍ଚାଯାଏ ।

CC-0. In Public Domain. Digtized by Muthulakshmi Research Academy

୩. ରନ୍ଧାଦଉଡ଼ି- କଡାରେ ଚିଆରି ଦଉଡ଼ି ଦ୍ୱାରା ଶହ ଶହ କ୍ୟୁଣ୍ଟାଲ ଚାଉଳର ଅନ୍ନ ଓ ଡାଲି ତରକାରୀମାନ ଚୁଲି ବା ଅହିଆରେ ରନ୍ଧାଯାଏ । ହାଣ୍ଡି ଓ କୁଡୁଆର ଉପର ପାଖର ଚାରିପଟେ ଦଉଡ଼ିକୁ ଘୁଡ଼ାଇ ଚିପି ଧରାଯାଏ ଓ ତଳ ଉପର କରାଯାଏ । ବଡ଼ ବଡ଼ ଡାଲି ତରକାରୀ ହାଣ୍ଡିମାନଙ୍କୁ ମଧ୍ୟ ଏହି ଦଉଡ଼ି ସାହାଯ୍ୟରେ ଚିପି ବାଁ ହାତରେ ଧରାଯାଇ ଦଉଡ଼ିର ଧାରକୁ ଡାହାଣ ହାତରେ ଧରି ମା' ଦକ୍ଷିଣକାଳୀଙ୍କୁ ସ୍ମରଣ କରି ତଳ ଉପର କରାଯାଏ । ରନ୍ଧନ କାର୍ଯ୍ୟରେ ରନ୍ଧନ ଦଉଡ଼ିର ବହୁତ ମହତ୍ତ୍ୱ ଥାଏ ।

୪. ଡଙ୍କା- ଦଉଡ଼ି ଓ ଡଙ୍କା ସାହାଯ୍ୟରେ ରନ୍ଧନ କରିବା ଓ ରନ୍ଧା ହୋଇଥିବା ହାଣ୍ଡିରୁ ଉଠାପକା କରାଯାଇଥାଏ ।

୫. ପାକୁଆ ଡ଼ଙ୍କା- ଡାଲି ତରକାରୀ ଭୋଗ ଲାଗିବା ପରେ ବାହାରକୁ ଅଣାଯାଇ ସୁଆର ମହାସୁଆର ନିଜ ନିଜ ଖନ୍ଦାରେ (ନିର୍ଦ୍ଦିଷ୍ଟ ଯାଗାରେ) ଘିଅ, ନାଡ଼ି, ବଡ଼ି ଆଦି ବିଭିନ୍ନ ଦ୍ରବ୍ୟମାନ ପକାଇବା ପରେ ପାକୁଆ ନାମକ ଏକ ଛୋଟ ଡଙ୍କାରେ ଗୋଳାଇଥାଆନ୍ତି ଓ ପରେ ସୁନ୍ଦର ଭାବେ ଡାଲି ତରକାରୀକୁ ସାଇଜ୍ କରିଥାଆନ୍ତି ।

୬. ଗାମୁଛା- ରୋଷଆଡ଼େ ହାତ ପୋଛିବା ପାଇଁ ଗାମୁଛାର ଆବଶ୍ୟକତା ଥାଏ ।

୭. ହାତୁଆଣି- ସଙ୍ଗୁଡ଼ି ରାନ୍ଧିବା ସମୟରେ ପାଣି ବ୍ୟବହାର ପାଇଁ ବ୍ୟବହୃତ କୁଡୁଆକୁ ହାତୁଆଣି କହନ୍ତି ।

୮. ଶିକା- ବାଉଁଶ ଖଣ୍ଡରେ ଦୁଇପଟେ ଦୁଇଟି ଶିକା ଥାଇ ଯାହା ଭାଉରେ ଅଣାଯାଏ ତାହାକୁ ଶିକା ବାହୁଙ୍ଗୀ କହନ୍ତି । ଏଭଳି ଶିକାରେ ଆସୁଥିବା ଭୋଗକୁ ଛେକ କୁହାଯାଏ ।

୯. ପାଣିହାଣ୍ଡି- କୂଅରୁ ପାଣି ବାଇହାଣ୍ଡିରେ ବୋହିବା ଓ ରଖିବାକୁ ପାଣିହାଣ୍ଡି କହନ୍ତି ।

୧୦. ବାଲଟି- ଗଙ୍ଗା ଯମୁନା କୂଅରୁ ରନ୍ଧନ ପାଇଁ ପାଣି ବାହାର କରିବା ନିମିତ୍ତ ବାଲ୍‌ଟିର ଆବଶ୍ୟକତା ଥାଏ ।

୧୧. ଦଉଡି- କୂଅରୁ ପାଣି ବାହାର କରିବା ପାଇଁ ଦଉଡ଼ି ଆବଶ୍ୟକ ପଡ଼େ ।

୧୨. କୂଅପାଣି- ରନ୍ଧନ ପାଇଁ ଗଙ୍ଗା ଯମୁନା କୂଅର ପାଣି ଆବଶ୍ୟକ ହୁଏ ।

CC-0. In Public Domain. Digtized by Muthulakshmi Research Academy

୧୩. ସରଘର- ଯେଉଁ ଘରେ ଯତ୍ନର ସହିତ ଅମୋଣିହା ଦ୍ରବ୍ୟ ରଖାଯାଏ ।

୧୪. ଚୁଲି- ଭାତଚୁଲି, ପିଠାଚୁଲି ଆଦି ।

ପାଖ - ଚୁଲିର ଦୁଇ ପାର୍ଶ୍ୱକୁ ପାଖ କୁହାଯାଏ ।

ଥର- ଚୁଲିର ଡାହାଣ ଓ ବାଁ ପାଖର ପଖା ମଝିକୁ ଥର କୁହାଯାଏ । ଏହାକୁ ଆଗ ପଛ ଥର ମଧ୍ୟ କୁହାଯାଏ ।

ତାଳୁ- ଚୁଲିର ଶେଷ ପଖାକୁ ତାଳୁ କୁହାଯାଏ ।

୧୫. ଅହିଆ- ଯେଉଁ ଚୁଲିରେ ରଡ଼ ନିଆଁ ବା କାଠ କୋଇଲା ଅଙ୍ଗାରରେ ଡାଲି ତରକାରୀ ହାଣ୍ଡି ବସାଯାଏ ।

୧୬. ପିଠାଚୁଲି- ବିଭିନ୍ନ ପିଠା ପାଇଁ ଚୁଲି ।

୧୭. ଆସନ- ପିଠା କରିବା ପାଇଁ ସୁଆର ମହାସୁଆରଙ୍କ ଆସନ ।

୧୮. ବେଲଣାକାଠି- ଖଜା ଆଦି ପିଠା ବେଲିବା ପାଇଁ ଆବଶ୍ୟକ କାଠି ।

୧୯. ଖଜା ତିଆରି ପଟା- ଏକ ବଡ଼ ପଟାରେ ଖଜା ବେଲା ଯାଇଥାଏ ।

୨୦. ଖଜା କଟା- ଖଜା ତିଆରି ସମୟରେ କାଟିବା ପାଇଁ ଟିଣ ପାତିଆ ।

୨୧. ବଲ୍ଲଭ କଟା- ଅଟା, ଚିନି, ଘିଅରେ ତିଆରି ଜଗନ୍ନାଥ ବଲ୍ଲଭକୁ କାଟିବା ପାଇଁ ଏକ ଲୁହା ତିଆରି ଧାରୁଆ ଓ ଲମ୍ବା ଲୁହା ।

୨୨. କରେଇ- ଲୁହା, ପିତଳ କରେଇ ।

୨୩. ଚହି- ଅମାଲୁ ବା ମାଲପୁଆ ତିଆରି କରିବା ପାଇଁ ଏକ ବିଶେଷ ଧରଣର କରେଇ ।

୨୪. ପିଙ୍ଗଳ- ପିତଳ ପାତ୍ରରେ ଯେଉଁଥିରେ କୋଠଭୋଗ ଦ୍ରବ୍ୟ ରତ୍ନସିଂହାସନ ପର୍ଯ୍ୟନ୍ତ ନିଆଯାଏ ।

୨୫. ପଚାଭୁଇଁ- ଯେଉଁଠାରେ ରନ୍ଧନ ପାଇଁ ହାଣ୍ଡି ରଖାଯାଏ । ଛୋଟ ହାଣ୍ଡିରେ ରନ୍ଧାଯାଇ ଉକ୍ତ ହାଣ୍ଡିରେ ଅଜଡ଼ା ଯାଏ ।

୨୬. ମଳା- ହାଣ୍ଡିଗୁଡ଼ିକ ଯେପରି ଗଡ଼ି ନପଡ଼େ ସେଥିପାଇଁ କୁଟା ବା ପାଳ ତିଆରି ଗୋଲାକାର ସାନ ଓ ବଡ଼ ମଳା ।

୨୭. ଭୋଗେଇ- ତାଳପତ୍ରରେ ତିଆରି ବଡ଼ ଓ ସାନ ଭୋଗେଇ ।

CC-0. In Public Domain. Digtized by Muthulakshmi Research Academy

*୨୮. ବାହୁଡା-* ଶିକା, ବାହୁଙ୍ଗୀ ଓ ରନ୍ଧନ କାର୍ଯ୍ୟରେ ବ୍ୟବହୃତ ଦ୍ରବ୍ୟ ସମସ୍ତଙ୍କୁ ବାହୁଡ଼ା କୁହାଯାଏ ।

(ସଂଗୃହୀତ- ବରିଷ୍ଠ ସୂପକାର ଶ୍ରୀ ହରେକୃଷ୍ଣ ପ୍ରତିହାରୀ, ଶ୍ରୀ ପଙ୍କଜ ପ୍ରତିହାରୀ, ଶ୍ରୀ ମହାବୀର ପ୍ରତିହାରୀ)

## ରୋଷଶାଳାର ରନ୍ଧନ ଶୈଳୀ :-

ଶ୍ରୀଜଗନ୍ନାଥ ମନ୍ଦିର ପାକଶାଳା ହେଉଛି ବିଶ୍ୱର ଅଦ୍ୱିତୀୟ ସର୍ବବୃହତ ପାକଶାଳା ଯେଉଁଠାରେ ପ୍ରତ୍ୟହ ଲକ୍ଷାଧିକ ବ୍ୟକ୍ତିଙ୍କ ନିମନ୍ତେ ଖାଦ୍ୟ ପ୍ରସ୍ତୁତ ଲାଗି ବ୍ୟବସ୍ଥା ରହିଅଛି ।

ସେହି ନୈବେଦ୍ୟ ପ୍ରସ୍ତୁତି ପାଇଁ ପାକଶାଳାରେ ତିନିଗୋଟି ବଡ଼ ବଖରାରେ ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ଅନୁସାରେ ୨୪୦ଚୁଲି ଓ ପ୍ରାୟ ୬୦୦ ସୁଆର ଓ ୫୦୦ ଯୋଗାଣିଆ କାର୍ଯ୍ୟ କରନ୍ତି । ରୋଷେଇ ନିମନ୍ତେ ଆବଶ୍ୟକୀୟ ସମସ୍ତ ପଦାର୍ଥ ଶ୍ରୀମନ୍ଦିରରେ ଥିବା ମହାଲକ୍ଷ୍ମୀ ଭଣ୍ଡାର ନାମକ ଗୋଦାମ ଘରୁ ଆସିଥାଏ । ଯାହାକି ସୁଆର ମହାସୁଆର ନିଯୋଗ ସମବାୟ ସମିତି ଦ୍ୱାରା ପରିଚାଳିତ ହେଉଅଛି । ପ୍ରତିଦିନ ପ୍ରାୟଃ ୫୦କ୍ୱିଣ୍ଟାଲରୁ ୨୦୦କ୍ୱିଣ୍ଟାଲ ପର୍ଯ୍ୟନ୍ତ ଚାଉଳ ଓ ଡାଲି ୨୫କ୍ୱିଣ୍ଟାଲ ରୁ ୧୦୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଓ ସେହି ଅନୁପାତରେ ପରିବା ୧୮୦୦ ରୁ ୩୨୦୦ କିଲୋ, ନଡ଼ିଆ ୩୨୦୦ ଗୋଟା ମସଲା ଆଦି ବ୍ୟବହାର ହୋଇଥାଏ । ସାମାନ୍ୟ ଦିନ ଓ ଯାତ୍ରା ଦିନମାନଙ୍କରେ ଏହି ପରିମାଣ କମ୍ ବା ବେଶୀ ଆକାରରେ ବ୍ୟବହାର ହୋଇଥାଏ । ପାକଶାଳା ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ନୈବେଦ୍ୟ ନିମନ୍ତେ କୌଣସି ପ୍ରକାର ଦ୍ରବ୍ୟ ପ୍ରସ୍ତୁତ ହୋଇ ଶ୍ରୀଜଗନ୍ନାଥଙ୍କୁ ସମର୍ପଣ ହୁଏନାହିଁ । ଭୋଗ ଯେଉଁ ରାସ୍ତା ଦେଇ ଯାଏ ସେହି ରାସ୍ତାରେ ସିଦ୍ଧିଦାତା ଗଣେଶଙ୍କର ମୂର୍ତ୍ତି ରହିଅଛି । ସୁଆରମାନଙ୍କ ବିଶ୍ୱାସ ଯଦି ବ୍ୟଞ୍ଜନ ଅସିଦ୍ଧ ରହିଥାଏ ତେବେ ସେହି ରାସ୍ତାରେ ଯିବାବେଳେ ଶ୍ରୀଗଣେଶ ଆଘ୍ରାଣ କରିଦେଲେ ତାହା ସିଦ୍ଧ ଯାଏ । ସେହିପରି ସୁଆରମାନଙ୍କର ଆଉଗୋଟିଏ ବିଶ୍ୱାସ ରହିଅଛି ଯେ ଭୋଗ ବାଟରେ ଥିବା ଅଗ୍ନେଶ୍ୱର ମହାଦେବ ହେଉଛନ୍ତି ଅଗ୍ନିର ରକ୍ଷକ । ତେଣୁ ରୋଷଘର ବୈଷ୍ଣବାଗ୍ନି କେବେ ଲିଭି ଯାଇନଥାଏ ।

ଶ୍ରୀମନ୍ଦିର ବ୍ୟବସ୍ଥାରେ ସର୍ବତ୍ର ଏକ ସ୍ୱତନ୍ତ୍ରତା ଦେଖିବାକୁ ମିଳେ । ରନ୍ଧନ ପ୍ରକ୍ରିୟା ଓ ପାତ୍ରରେ ମଧ୍ୟ ତାହାର ସ୍ୱତନ୍ତ୍ରତା ବଜାୟ ରହିଅଛି । ଅନ୍ନ ରାନ୍ଧିବା ସମୟରେ ମାଣି ଓ ଚାଉଳ ଏକାଠି ଚୁଲିରେ ବସାଯାଏ । ଡାଲି ତରକାରୀ ଅହିଆରେ ବସେ । ଏହି ଅହିଆ ଏକ ସ୍ୱତନ୍ତ୍ର ଚୁଲି । ସେଥିରେ କେବଳ କାଠ ଅଙ୍ଗାର ଉପରେ ଡାଲି ତରକାରୀ ରନ୍ଧାଯାଏ । ସୂପକାରମାନେ ରୋଷଘରେ ଭୋଗ ସାମଗ୍ରୀ ରନ୍ଧନ ସମୟରେ ଲୁହାଡଙ୍ଗା ଓ ଦଉଡ଼ିର ସାହାଯ୍ୟ ନେଇଥାଆନ୍ତି । ସବୁଠାରୁ ଆଶ୍ଚର୍ଯ୍ୟ ବିଷୟ ନଡ଼ିଆ ଜଟାରେ ତିଆରି ଦଉଡ଼ିର ସାହାଯ୍ୟରେ କଡ଼ିଆ ବା ପାତ୍ରଗୁଡ଼ିକୁ ଚୁଲିରୁ ଉତ୍ତୋଳନ କରାଯାଏ ।

CC-0. In Public Domain. Digitized by Muthulakshmi Research Academy

ଏତେ ବଡ଼ ହାଣ୍ଡି ଉଠାପକା ସମ୍ଭବପର ନୁହେଁ ସେଥିପାଇଁ ଛୋଟ କୁଡ଼ିଆମାନଙ୍କରେ ରନ୍ଧନ କରାଯାଇ ବଡ଼ ବଡ଼ ହାଣ୍ଡିକୁ ଅନ୍ନ ଢଳାଯାଏ । ବଡ଼ ହାଣ୍ଡିର ତଳଭାଗରେ ଡଙ୍କା ଦ୍ୱାରା କଣା କରାଯାଇଥାଏ ଯାହା ଫଳରେ ପେଜ ବାହାରିଯିବା ସୁବିଧା ହୁଏ । ସାଧାରଣ ଭାବରେ କତା ଦଉଡ଼ି ଓ ଲୁହା ଡଙ୍କା ସାହାଯ୍ୟରେ କିପରି କ୍ୱିଣ୍ଟାଲ କ୍ୱିଣ୍ଟାଲ ଅନ୍ନ ଓ ଅନ୍ୟାନ୍ୟ ବ୍ୟଞ୍ଜନ ପଦାର୍ଥ ଚୁଲି ଉପରେ ରଖି ରନ୍ଧାଯାଇ ଉଠାପକା ହୋଇଥାଏ ତାହା ମଧ୍ୟ ଏକ ଆଶ୍ଚର୍ଯ୍ୟର ଦୃଶ୍ୟ ଯାହାକି ଶ୍ରୀମନ୍ଦିରର ରନ୍ଧନ ପ୍ରକ୍ରିୟାର ବୈଶିଷ୍ଟ୍ୟ ।

## ସ୍ୱାସ୍ଥ୍ୟୋପଯୋଗୀ ଶ୍ରୀମହାପ୍ରସାଦ :-

ଶ୍ରୀମନ୍ଦିର ପାକଶାଳାରେ ରନ୍ଧନର ଏକ ବୈଶିଷ୍ଟ୍ୟ ରହିଅଛି ତାହା ହେଉଅଛି ବାମ୍ଫ ଦ୍ୱାରା ରନ୍ଧନ କାର୍ଯ୍ୟ । ଯାହାଫଳରେ କି ଖାଦ୍ୟସାର କମ୍ ନଷ୍ଟହୁଏ ଓ ଜାଳେଣି ମଧ୍ୟ କମ୍ ବ୍ୟବହାର ହୁଏ । ଆଜିକାଲି ବ୍ୟବହାର ହେଉଥିବା ପ୍ରେସରକୁକ୍କର ପ୍ରଚଳନର କାହିଁ କେତେଯୁଗ ପୂର୍ବରୁ ଶ୍ରୀମନ୍ଦିରରେ ରନ୍ଧନରତ ସୂପକାରମାନେ ବୈଜ୍ଞାନିକ ପଦ୍ଧତି ବିଷୟରେ ଅଭିଜ୍ଞ ଥିଲେ ତାହା ଚିନ୍ତାକଲେ ଆଶ୍ଚର୍ଯ୍ୟ ଲାଗେ । ପୂର୍ବେ ପରିବାରୁ ଚୋପା ନଛଡ଼ାଇ ପାକଶାଳାରେ ବ୍ୟବହାର ହେଉଥିଲା । ଫଳରେ ଅଧିକ ଖାଦ୍ୟ ପ୍ରାଣ ନଷ୍ଟ ହେଉନଥିଲା । କିନ୍ତୁ ଏବେ ଲୋକମାନଙ୍କର ରୁଚିର ପରିବର୍ତ୍ତନକୁ ଦୃଷ୍ଟିରେ ରଖି ପୂର୍ବ ବ୍ୟବସ୍ଥାରେ କେତେକ ପରିବର୍ତ୍ତନ ହୋଇଗଲାଣି ଓ କେତେକ କ୍ଷେତ୍ରରେ ପରିବା ଚୋପା ଛଡ଼ାଯାଉଛି । ପୂର୍ବେ ମୁଖରୋଚକ ପାଇଁ ସୁସ୍ୱାଦୁ ମସଲା ରୋଷଶାଳାରେ ବ୍ୟବହାର ହେଉନଥିଲା । ଆଜି ମଧ୍ୟ ସେହି ବ୍ୟବସ୍ଥା ପ୍ରଚଳିତ ଅଛି । କିନ୍ତୁ ଖରିଦଦାରମାନଙ୍କର ରୁଚି ଓ ଚାହିଦାକୁ ଦୃଷ୍ଟିରେ ରଖି ମହାପ୍ରଭୁଙ୍କୁ ନୈବେଦ୍ୟ ହେବା ପରେ ବାହାରେ କେତେକ ଅହାନିକାରକ ଦେଶୀ ମସଲା ବ୍ୟବହାର କରାଯାଉଅଛି । ଗଜାମୁଗ, ପଖାଳଭଳି ଜୀବସାରଯୁକ୍ତ ଖାଦ୍ୟ ପାକଶାଳାର ଆଉ ଏକ ବୈଶିଷ୍ଟ୍ୟ । ଶ୍ରୀମନ୍ଦିର ରନ୍ଧନ ବ୍ୟବସ୍ଥାରେ ଘିଅ ବ୍ୟତୀତ ଅନ୍ୟ କୌଣସି ତେଲ, କଳାଜିରା, ଲଙ୍କାଗୁଣ୍ଡ, ଗରମ ମସଲା, ପୋସ୍ତକ ଇତ୍ୟାଦି ଅଦ୍ୟାବଧି ବ୍ୟବହାର ହେଉନାହିଁ । ସେହିପରି ପରିବାମାନଙ୍କ ମଧ୍ୟରେ ବିଲାତି ଆଳୁ, ଟମାଟୋ, ସଜନାଛୁଇଁ, ଲାଉ, ଅମୃତଭଣ୍ଡା, ଭେଣ୍ଡି, ଝୁଡ଼ଙ୍ଗଛୁଇଁ, ପୋଇ, ପିଆଜ, ରସୁଣ, କଞ୍ଚାଲଙ୍କା, ଶୁଖିଲାଲଙ୍କା, ଫୁଲକୋବି, ପତ୍ରକୋବି, ବିନ୍, ସଜିନ୍ଦ୍ରା, କଲରା, ବିଟ୍, ଗାଜର, ମଟରଛୁଇଁ, ପିଆଜଷଣ୍ଢା, କ୍ୟାପ୍‌ସିକମ୍, ଶାଗ ମଧ୍ୟରେ ଲେଉଟିଆ, କୋଶଳା ବ୍ୟତୀତ ଅନ୍ୟ କୌଣସି ଶାଗ ବ୍ୟବହାରଯୋଗ୍ୟ ନୁହେଁ । ଆୟୁର୍ବେଦ ପଦ୍ଧତିକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପାକଶାଳାରେ ତନ୍ତୁଯୁକ୍ତ ପରିବା ଦ୍ରବ୍ୟମାନ ବ୍ୟବହାର ହେଉଥିବାରୁ ଶ୍ରୀମହାପ୍ରସାଦ ସେବାକରି କେହି କେବେ ଅସୁସ୍ଥ ହୁଏନାହିଁ । ଏହାର ବହୁ ଉଦାହରଣ ମଧ୍ୟରୁ ଏଠାରେ ଗୋଟିଏ ଉଦାହରଣ ପ୍ରସ୍ତୁତ କରାଯିବା ପ୍ରାସଙ୍ଗିକ ମନେହୁଏ ।

CC-0. In Public Domain. Digtized by Muthulakshmi Research Academy

ଆଜକୁ ପ୍ରାୟଃ ୫୦ବର୍ଷ ପୂର୍ବେ ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ପ୍ରସିଦ୍ଧ ପ୍ରାକ୍ତନ ଅଧ୍ୟକ୍ଷ ଭାବେ ସ୍ୱର୍ଗତଃ ଗିରିଜା ଶଙ୍କର ରାୟ କାର୍ଯ୍ୟରତ ଥିଲେ । ତାଙ୍କର ପେଟ ଅନ୍ତନାଳୀ ଭିତରେ ଘା ହେବାରୁ ସେ ବହୁ ଔଷଧ ଖାଇବା ପରେ ନିରାଶ ହୋଇପଡ଼ିଲେ । ତାଙ୍କର ଚିକିତ୍ସକ କଲିକତାର ପ୍ରସିଦ୍ଧ ଡାକ୍ତର ତାଙ୍କୁ ଶ୍ରୀମନ୍ଦିରର ଶ୍ରୀମହାପ୍ରସାଦ କିଛି ମାସ ପାଇଁ ଖାଇବା ପାଇଁ ପରାମର୍ଶ ଦେବାରେ ଶ୍ରୀଯୁକ୍ତ ରାୟ ଆଶ୍ଚର୍ଯ୍ୟ ହେଲେ । ଉତ୍ତରରେ ଚିକିତ୍ସକ ତାଙ୍କୁ କହିଲେ ମୁଁ ଜଣେ ରକ୍ଷଣଶୀଳ ହିନ୍ଦୁ ଭାବରେ ନୁହେଁ, ଜଣେ ଚିକିତ୍ସକ ଭାବରେ ଏ ପରାମର୍ଶ ଦେଉଅଛି । ଶ୍ରୀଯୁକ୍ତ ରାୟ ମହାଶୟ କିଛି ମାସ ଶ୍ରୀମହାପ୍ରସାଦ ନିୟମିତ ଖାଇବାପରେ ସଂପୂର୍ଣ୍ଣ ଆରୋଗ୍ୟ ହୋଇଗଲେ । ଏଥିରେ ଶ୍ରୀମହାପ୍ରସାଦର ଅଲୌକିକତା ହୁଏତ ଥାଇପାରେ, କିନ୍ତୁ ଯେଉଁ ଆୟୁର୍ବେଦୀୟ ପଦ୍ଧତିରେ ପାକଶାଳାରେ ପାକ କରାଯାଏ ତାହାର ଔଷଧୀୟ ବୈଶିଷ୍ଟ୍ୟ ସମ୍ବନ୍ଧରେ ଆଲୋଚନା କରିବା ହେଉଛି ଏହି ଉଦାହରଣର ଉଦ୍ଦେଶ୍ୟ । ଆଜିକାଲି ନୈବେଦ୍ୟ ପରେ ରୁଚି ପାଇଁ ଯେଉଁ ମସଲା, ରାଗ, କ୍ଷୀରାଛେନା ଇତ୍ୟାଦି ବ୍ୟବହାର କରାଯାଉଅଛି ତାହା ହେଉଛି ରୋଗର କାରଣ ।

## ରୋଷଶାଳାରେ ସୂପକାରଙ୍କ ସମର୍ପଣ ଭାବ :-

ଗୋଟିଏ ମହାଯଜ୍ଞ କରିବାପାଇଁ ହେଲେ ଯେପରି ବିରାଟ ପ୍ରସ୍ତୁତି, ବହୁ ଲୋକଙ୍କର ଅକ୍ଳାନ୍ତ ପରିଶ୍ରମ ଓ ସହଯୋଗ ଦରକାର ସେହି ପ୍ରକାର ମହାପ୍ରଭୁଙ୍କର ନୈବେଦ୍ୟ ପ୍ରସ୍ତୁତି ପାଇଁ ମଧ୍ୟ ବହୁ ଲୋକଙ୍କର ପରିଶ୍ରମ ଓ ସହଯୋଗର ଆବଶ୍ୟକତା ପଡ଼େ । ପୂର୍ବ ପାଠରେ ବ୍ୟଞ୍ଜନର ସୁରକ୍ଷା, ଶୁଦ୍ଧତା ଓ ସ୍ୱଚ୍ଛତା ପ୍ରତି କିପରି ଦୃଷ୍ଟି ଦିଆଯାଇ ବ୍ୟବସ୍ଥା ଖଞ୍ଜା ଯାଇଅଛି ତାହା ଆଲୋଚନା କରାଯାଇଅଛି ।

ପାକଶାଳାରେ ମହାପ୍ରଭୁଙ୍କ ରନ୍ଧନ କାର୍ଯ୍ୟରେ ମୁଖ୍ୟତଃ ସୂପକାରମାନେ ଏବଂ ବିଭିନ୍ନ କାର୍ଯ୍ୟରେ ସେମାନଙ୍କର ସହଯୋଗୀମାନଙ୍କର ଆଚରଣବିଧି କି ପ୍ରକାର ହେବା ଉଚିତ ତାହା ନୀଳାଦ୍ରି ମହୋଦୟ (୧୦।୧୦୪)ରେ ଲେଖାଅଛି । ରନ୍ଧନ ସମୟରେ ସେମାନଙ୍କ ପୂର୍ଣ୍ଣ ସମର୍ପଣ ଭାବ ଦେଖିବାକୁ ମିଳେ । ପରିବାରରେ ଯେପରି ମା, ବୋହୂ, ଝିଅ, ଭଉଣୀମାନେ ପରିବାରର ଲୋକଙ୍କ ପାଇଁ ରୋଷେଇ କଲାବେଳେ ଅତ୍ୟନ୍ତ ଆତ୍ମୀୟତାର ସହ ରୋଷେଇ କରିଥାଆନ୍ତି, ଯେଉଁଥିପାଇଁ ବ୍ୟଞ୍ଜନ ଅତ୍ୟନ୍ତ ସ୍ୱାଦିଷ୍ଟ ହୋଇଥାଏ । ଅନ୍ୟମନସ୍କ ଥାଇ ମାନସିକ ଦୁଶ୍ଚିନ୍ତା, କ୍ରୋଧ ପ୍ରଭୃତି ମାନସିକ ବିକାରଗ୍ରସ୍ତ ହୋଇ ରୋଷେଇ କରାଗଲେ ପ୍ରସ୍ତୁତ କରାଯାଇଥିବା ଭୋଜ୍ୟ କେବେ କେବେ ସ୍ୱାଦ ରହିତ ହୋଇଥାଏ । ସେହିପରି ଶ୍ରୀମନ୍ଦିର ରୋଷଘରେ ଯେଉଁ ସୂପକାର ମାନେ ରନ୍ଧନ କରନ୍ତି ସେମାନେ ଅତ୍ୟନ୍ତ ସନ୍ତର୍ପଣରେ 'ଆମ ମହାପ୍ରଭୁଙ୍କ ନୈବେଦ୍ୟ ତାଙ୍କ ମନ ଲାଖି ହେବା ଉଚିତ ।' ପରମାତ୍ମାଙ୍କର ପ୍ରସନ୍ନତା ହିଁ ଜୀବର ଏକାନ୍ତ ଲକ୍ଷ୍ୟ ଓ ଧ୍ୟେୟ ବସ୍ତୁ । ତାଙ୍କ ଅର୍ପିତ ହୋଇଥିବା ନୈବେଦ୍ୟ ଆତ୍ମସମର୍ପଣ ଜୀବର ସାକ୍ଷାତ୍

CC-0. In Public Domain. Digitized by Muthulakshmi Research Academy

ପ୍ରତୀକ ବୋଲି ସୂପକାରମାନେ ବୁଝିଥାଆନ୍ତି । ସୂପକାରମାନେ ଏଭଳି ଆତ୍ମୀୟତା ଓ ସଂପୂର୍ଣ୍ଣ ସମର୍ପଣ ଭାବର ସହିତ ଅତି ଯତ୍ନରେ ରନ୍ଧନ କାର୍ଯ୍ୟ କରିଥାଆନ୍ତି । ସେତେବେଳେ ରୋଷେଇ କେମିତି ହେଉଛି ବୋଲି କେହି ତାଙ୍କୁ ପଚାରିଲେ ସହଜ ଉତ୍ତରଟିଏ ମିଳେ 'ଆମେ ଆମ କାମ କରୁଛୁ, ରୋଷେଇ କେମିତି ହେଉଛି କିଏ କରୁଛି ଆମେ କହିପାରିବୁ ନାହିଁ । ସବୁ ମା'ଙ୍କ ଇଚ୍ଛା ।' ଏଠାରେ ରୋଷେଇ 'ଜଣ' ଅର୍ଥାତ୍ ଜଣେ ନ କରି 'ଗଣ' ସମୂହ କରିଥାଆନ୍ତି । ଯିଏ ଭାତ ରାନ୍ଧେ ସେ ତୁଣ କରେ ନାହିଁ । ଯେ ପିଠା ରାନ୍ଧେ ସେ ବିଣ୍ଡ କରେନାହିଁ । ଯେ ବିଣ୍ଡ କରେ ସେ ପାଗ କରେ ନାହିଁ, ଏଠାରେ ଗଣଙ୍କର ମହତ୍ତ୍ୱ । ସମସ୍ତଙ୍କ ମନ ଭିତରେ ମା' ମହାଲକ୍ଷ୍ମୀଙ୍କ ଦୟାରୁ ନିଛକ ଆତ୍ମୀୟତା ଓ ସମର୍ପଣ ଭାବ ଦେଖିବାକୁ ମିଳେ । ସେ ଭାବ ହେଉଛି ଆମର ମହାପ୍ରଭୁ ଭୋଜନ କରିବେ, ତେଣୁ ପ୍ରତ୍ୟେକଟି ଜିନିଷ ସ୍ୱାଦିଷ୍ଟ ହେବା ଉଚିତ । ପ୍ରତ୍ୟେକଟି ପଦାର୍ଥ ଉପରେ ମା'ଙ୍କର ହାତ ସତେ ଯେପରି ଥରେ ବୁଲି ଆସେ । ନୈବେଦ୍ୟ ପାଇଁ ରତ୍ନସିଂହାସନ ନିକଟକୁ ଯାଉଥିବା ପଦାର୍ଥ ଶ୍ରୀମହାପ୍ରସାଦରେ ପରିଣତ ହୋଇଗଲେ ସୁଗନ୍ଧଯୁକ୍ତ, ଅମୃତ ଭଳି ସ୍ୱାଦିଷ୍ଟ ହୋଇଯାଏ । ତାହା ହିଁ ମା ମହାଲକ୍ଷ୍ମୀଙ୍କର ଉପସ୍ଥିତିର ଅନୁଭବ କରାଏ । ପ୍ରତିଦିନ ମାଙ୍କର ଉପସ୍ଥିତିର ଅନୁଭବ ହିଁ ସୂପକାର ସେବକମାନଙ୍କୁ ଆତ୍ମସମର୍ପିତ ଭାବ ଆଣିବାରେ ସହାୟକ ହୋଇଥାଏ ।

କେବଳ ସେତିକି ନୁହେଁ ଅନ୍ନମହାପ୍ରସାଦର ଏକ ବୈଶିଷ୍ଟ୍ୟ ମଧ୍ୟ ଦେଖିବାକୁ ମିଳେ । ଆମ୍ଭେମାନେ ଘରେ ଅରୁଆ ଚାଉଳ ରାନ୍ଧି ଭାତ କରିସାରିବା ପରେ ଯଦି ପାଣିପୁରାଇ ପଖାଳ କରିଦେଉ, ତାହାହେଲେ ଦ୍ୱିତୀୟ ଦିନକୁ ଆମ୍ବିଳା ହୋଇଯାଏ । ଅର୍ଥାତ୍ ଫଙ୍ଗସ୍ ସୃଷ୍ଟି ହୁଏ । ପରବର୍ତ୍ତୀ ଦିନରେ ସେଥିରେ ପୋକ ଭାସୁଥିବା ଦେଖାଯାଏ ଓ ତାହା ଭୋଜନ ପାଇଁ ସଂପୂର୍ଣ୍ଣ ଅଯୋଗ୍ୟ ହୋଇଯାଏ । କିନ୍ତୁ ଅନ୍ନମହାପ୍ରସାଦକୁ ପଖାଳ କରି ରଖିଦେଲେ ସେଥିରେ ଫଙ୍ଗସ୍ ସୃଷ୍ଟିହୁଏ ଓ ଆମ୍ବିଳା ହୋଇଯାଏ । ସେହି ଅନ୍ନମହାପ୍ରସାଦ ପଖାଳ ଅବଢାକୁ ପାଣି ମିଶାଇ, ଲୁଣ, ଲଙ୍କାଗୁଣ୍ଡ, ଜିରାଗୁଣ୍ଡ ମିଶାଇ ଖାଇଲେ ତାହା ଅତି ସ୍ୱାଦିଷ୍ଟ ହୋଇଯାଏ । ତାକୁ ଅବଢ଼ା ତୋରାଣି କହନ୍ତି । ଶ୍ରୀମନ୍ଦିରରେ କୋଶଳଡଙ୍ଗା ନାମକ ଡଙ୍ଗାରେ ରହିଥିବା ଏହି ଅବଢ଼ା ତୋରାଣି ପିଇବା ପାଇଁ ଭକ୍ତଙ୍କର ଆଗ୍ରହ ଏକ ଦୃଶ୍ୟ ସୃଷ୍ଟିକରେ । ଏହି ଅବଢ଼ା ତୋରାଣି ବହୁ ସମୟରେ ରୋଗ ନିରୋଧକ ଓ ରୋଗ ନିବାରକ ରୂପେ କାର୍ଯ୍ୟ କରେ । ଏହି ତୋରାଣି ପିଇବା ସମୟରେ କୌଣସି ବିକାର ନଥାଏ । ଗରମ ଦିନରେ ସେହି ଅବଢ଼ା ତୋରାଣି ବଣ୍ଟନ କେନ୍ଦ୍ରମାନ ପୁରୀ ସହରରେ ଖୋଲିଯାଏ । ବିଶେଷତଃ ବିଭିନ୍ନ ଯାତ୍ରା, ପର୍ବପର୍ବାଣିରେ ସେହି ଅବଢ଼ା ତୋରାଣି ପାଇବାପାଇଁ ବଣ୍ଟନ କେନ୍ଦ୍ରମାନଙ୍କୁ ହଜାର ହଜାର ଲୋକ ଆସନ୍ତି । ସେହି ତୋରାଣିକୁ ଟଙ୍କ ତୋରାଣି ମଧ୍ୟ କୁହାଯାଏ । କବିରଚୌରା ମଠ ଓ ବଡ଼ଓଡ଼ିଆ ମଠରେ ଟଙ୍କ ତୋରାଣି ପାଇବାପାଇଁ ବହୁ ଭକ୍ତ ଆସିଥାଆନ୍ତି । ଏହି ତୋରାଣିର ବୈଶିଷ୍ଟ୍ୟ ହେଉଛି ଦିନ ଦିନ ଧରି ରନ୍ଧା ହୋଇ ଯେଉଁ ଅନ୍ନ ମହାପ୍ରସାଦ ଟଙ୍କ ତୋରାଣିରେ

CC-0. In Public Domain. Digtized by Muthulakshmi Research Academy

ପରିଣତ ହୋଇଥାଏ ତାହା ଅଧିକରୁ ଅଧିକ ସ୍ୱାଦିଷ୍ଟ ହୋଇଥାଏ ସିନା ପୋକ ସାଲୁବାଲୁ ହୋଇନଥାଏ । ଏହା କେବଳ ଅନୁଭବୀ ବ୍ୟକ୍ତି ହିଁ ଅନୁଭବ କରିଥାଏ । ମାତା ମହାଲକ୍ଷ୍ମୀଙ୍କର ରୋଷେଇର ଏହା ମଧ୍ୟ ଏକ ବୈଶିଷ୍ଟ୍ୟ ।

ରନ୍ଧନଶାଳାରେ ରୋଷେଇ କରୁଥିବା ସମୟରେ ଅତ୍ୟନ୍ତ ଗରମ ଦିନରେ ପ୍ରାୟଃ ୪୫ଡିଗ୍ରୀ ଉତ୍ତାପ ରହୁଥିବା ଚୁଲି ନିକଟରେ ରହି କାମ କରିବା ଏହା ସହଜସାଧ୍ୟ ନୁହେଁ । ତାହା ସତ୍ତ୍ୱେ ସୁଆର ସେବକ ରାନ୍ଧିବା ସମୟରେ ଗୋଟିଏ କେବଳ ଚିନ୍ତା 'ମୋ ପ୍ରଭୁ ପରା ଭୋଜନ କରିବେ !' ଅବହେଳା କାରଣରୁ ଯଦି ବ୍ୟଞ୍ଜନ ଅସିଝା, ଅଲଣା, ପୋଡ଼ିଯାଏ ତାହାହେଲେ କଅଣ ମହାପ୍ରଭୁଙ୍କୁ ଏହି ବ୍ୟଞ୍ଜନ ରୁଚିକର ହେବ ? ତାହା କଅଣ ପ୍ରଭୁଙ୍କ ମନ ଲାଖି ହେବ ? ମା ମହାଲକ୍ଷ୍ମୀଙ୍କ ରାନ୍ଧଣା ବୋଲି କୁହାଯାଇପାରିବ ? ମା ମହାଲକ୍ଷ୍ମୀ ରୁଷ୍ଟା ହେବେନାହିଁ ତ ? ଏହି ଚିନ୍ତା ହିଁ ସୂପକାରଟିକୁ ଅତ୍ୟନ୍ତ ଭାବପ୍ରବଣ ଓ କର୍ମପ୍ରବଣ କରିଦିଏ । ବାତାବରଣ ଅତ୍ୟନ୍ତ ଉତ୍ତପ୍ତ ହେଉ ପଛେ ସେ ତାକୁ ଖାତିର କରେ ନାହିଁ । ଏହା ସେହି ମହାପ୍ରଭୁଙ୍କ ପ୍ରତି ସମର୍ପଣ ଭାବ ନୁହେଁ ତ ଆଉ କଅଣ ?

ପାଳିଆ ପୂଜାପଣ୍ଡା, ପାଳିଆ ସୂପକାରଙ୍କୁ ସେତେବେଳେ ପ୍ରଶ୍ନ ପଚାରିଥାଆନ୍ତି ଯେ, ନୈବେଦ୍ୟ ଶାସ୍ତ୍ରମତେ ପାକ ହୋଇଛି ତ ? ଏହାର ଉତ୍ତର ପାଳିଆ ମହାସୁଆର ବିନମ୍ରତାର ସହ ଦେଇଥାଆନ୍ତି । ରତ୍ନସିଂହାସନ ତଳେ ନୈବେଦ୍ୟ ବାଢ଼ିବାରେ ମଧ୍ୟ ଅତ୍ୟନ୍ତ ସତର୍କତା ଅବଲମ୍ବନ କରାଯାଏ । ସମସ୍ତ ନୈବେଦ୍ୟ ମହାପ୍ରଭୁ ଭୋଜନ କରିବା ଆବଶ୍ୟକ । ସେଇଥିପାଇଁ ଗୋଟିଏ କୁଡୁଆ ନୈବେଦ୍ୟ ଉପରେ ଆଉ ଗୋଟିଏ ରଖାଯାଏ ନାହିଁ । ପାଳିଆ ମହାସୁଆର ନୈବେଦ୍ୟ ପାଖରେ ଛିଡ଼ା ହୋଇ ବିନମ୍ରତାର ସହ ମହାପ୍ରଭୁଙ୍କୁ ହାତ ଯୋଡ଼ି ଭୋଜନ କରିବାପାଇଁ ଅନୁରୋଧ କରେ । ତା ମନରେ ସେତେବେଳେ ବହୁତ ଆନନ୍ଦ । ମହାପ୍ରଭୁ ପରା ଭୋଜନ କରିବେ । ନିଜ ଶରୀରରୁ ଗମ୍ ଗମ୍ ଝାଳ ବୋହିଯାଉଥାଏ । ଦୃଷ୍ଟି ନାହିଁ ନିଜର ଶରୀର ପ୍ରତି, ବୋହିଯାଉଥିବା ଝାଳ ପ୍ରତି । ପାଳିଆ ମହାସୁଆର ଖଦି ଧରି ମହାପ୍ରଭୁଙ୍କୁ ବିଞ୍ଚି ପକାଉଥାଏ ଓ ବାରମ୍ବାର ଅନୁରୋଧ କରୁଥାଏ ହେ ମହାପ୍ରଭୁ ! ପେଟ ପୁରାଇ ଭୋଜନ କରନ୍ତୁ । ସେତେବେଳେ କାଳେ ମହାପ୍ରଭୁଙ୍କୁ ଗରମ ଲାଗୁଥିବ, ସେହି କଷ୍ଟକୁ ଲାଘବ କରିବାପାଇଁ ସେ ଖଦିରେ ବିଞ୍ଚୁଥାଏ । ଏ ବିରାଟ ପୁରୁଷଙ୍କୁ ପବନ ହେଉଛି କି ନାହିଁ ସେଥିପ୍ରତି ତାର ନିଘା ନାହିଁ । ସମର୍ପଣ ଭାବ ସହିତ କେବଳ ହିଁ ସେବା । ଏହା ଅନନ୍ୟ ଭକ୍ତି ଛଡ଼ା ଆଉ କଅଣ ହୋଇପାରେ ? ଧନ୍ୟ ମହାପ୍ରଭୁ ! ଧନ୍ୟ ତୁମର ସେବକ । ସୂପକାରମାନେ ମହାପ୍ରଭୁଙ୍କ ପାଇଁ ନୈବେଦ୍ୟ ରନ୍ଧନ କରି ତାହା ଆଣି ରତ୍ନସିଂହାସନ ନିକଟରେ ରଖନ୍ତି ଓ ସମର୍ପିତ ହେବା ପରେ ଶ୍ରୀମହାପ୍ରସାଦକୁ ଆନନ୍ଦ ବଜାର ନେବା ଆଣିବା କରିବା, ବିକ୍ରୀ କରିବା ଆଦି କାର୍ଯ୍ୟରେ ବ୍ୟସ୍ତ ରହନ୍ତି । ମୋର ଭଗବାନ ଶ୍ରୀଜଗନ୍ନାଥଙ୍କ ଅଧରାମୃତ

CC-0. In Public Domain. Digitized by Muthulakshmi Research Academy

ଯାହାର ଶରୀରରେ ପରିବ୍ୟାପ୍ତ ହୁଏ ତାହାର ଦେହାଶ୍ରିତ ଆତ୍ମା କୌଣସି ପ୍ରକାର ପାତକରେ ଲିପ୍ତ ହୁଏନାହିଁ ବୋଲି ସ୍କନ୍ଦପୁରାଣ (୩୮।୪୯ ଶ୍ଳୋକ)ରେ ଉଲ୍ଲେଖ ଅଛି । ତେଣୁ ସୂପକାରମାନେ ପ୍ରକୃତରେ ନିଷ୍ପାପାତ୍ମା ଅଟନ୍ତି । ଏହାର ସରଳ ଅର୍ଥ ହେଲା ସବୁବେଳେ ଶ୍ରୀମହାପ୍ରସାଦ କାରବାର କରି ଶରୀରଯାକ ମହାପ୍ରଭୁଙ୍କ ଅଧରାମୃତ ଲାଗିବା ଫଳରେ ଶରୀରରୁ ସମସ୍ତ ପାପ ଦୂର ହୋଇଥାଏ ।

ଏହି ବ୍ୟଞ୍ଜନ ରନ୍ଧନ ସମୟରେ ବହୁ ପ୍ରକାର ସେବକ ବିଭିନ୍ନ ପ୍ରକାର ସେବା କରିଥାଆନ୍ତି । ଆମ୍ଭେମାନେ ବିଭିନ୍ନ ମୁଖ୍ୟ ନିଯୋଗକୁ ନେଇ ଛତିଶାନିଯୋଗ କଥା ଶୁଣି ଆସିଛୁ । କିନ୍ତୁ ବ୍ୟବସ୍ଥାବଳୀ ଅନୁସାରେ ପୂର୍ବେ କେବଳ ରୋଷପାଇଁ ରୋଷ ସମ୍ପୃକ୍ତ ଛତିଶା ନିଯୋଗ କାର୍ଯ୍ୟରତ ଥିଲା । ଏହାର ଅର୍ଥ ରୋଷ ସଂପୃକ୍ତ ବିଭିନ୍ନ ସେବକ ଗୋଷ୍ଠୀ । ପିଠା ସୁଆର, ବଗଡ଼ା ପିଠାସୁଆର, ପାଚେଲି ସୁଆର, ତୋଳାବଡୁ, ପନ୍ତିବଡୁ, ଭିତର ବଡ଼ା ସେବକ, ଘିଅପରଷା ସେବକ, ବ୍ରାହ୍ମଣ ସମର୍ଥା, ଶୂଦ୍ରସମର୍ଥା, ରୋଷ ସରଘର ମେକାପ, କୁଆଉଡ଼ା ସେବକ, ତୋଳାବତୀ ସେବକ, ରୋଷଦ୍ୱାର ଜଗିଆ, ବ୍ରାହ୍ମଣ ପାଇକ, ଶୂଦ୍ର ପାଇକ, ରୋଷ ଧୋପଖାଳିଆ ସେବକ, ରୋଷ ଅଙ୍ଗାରିଆ ସେବକମାନଙ୍କ ବିଷୟରେ ତଥ୍ୟ ରୋଷ ଛତିଶା ନିଯୋଗ ପ୍ରସଙ୍ଗରେ ପ୍ରଦତ୍ତ ହୋଇଅଛି । (ସଂଗୃହୀତ- ପୁରୀବୋଲି, ଲେ-ଡଃ ସିଦ୍ଧେଶ୍ୱର ମହାପାତ୍ର, ପୃ.୩୪୬ଷ୍ଠା) ଅନ୍ୟାନ୍ୟ ସେବାଗୁଡ଼ିକ କାଳକ୍ରମେ ବିଲୁପ୍ତ ହୋଇଥିବାରେ ସେଗୁଡ଼ିକର ସଠିକ୍ ତଥ୍ୟ ମିଳିପାରୁନାହିଁ ।

ରୋଷରେ ରାନ୍ଧୁଥିବା ସୂପକାରମାନେ ଅତି କଠିନ ପରିଶ୍ରମ କରି ରାନ୍ଧନ୍ତି ଓ ସେଗୁଡ଼ିକ ଭାର ବା ଛେକରେ ରଖି ନୃସିଂହାସନ ନିକଟକୁ ଆଣିଥାଆନ୍ତି । ଭୋଗ ଶ୍ରୀମହାପ୍ରସାଦରେ ପରିଣତ ହେବା ପରେ ମଧ୍ୟ ବେତାରେ କିମ୍ବା ଛେକରେ ବୋହି ଆଣିଥାଆନ୍ତି । ଏଭଳି ପରିଶ୍ରମ କାର୍ଯ୍ୟର ଅଭ୍ୟାସ ପାଇଁ ବ୍ରତ ହେବା ପରେ ସ୍ନାନପୂର୍ଣ୍ଣିମା ଦିନ ମହାପ୍ରଭୁଙ୍କୁ ମୁଣ୍ଡିଆମାରି ଛୋଟ ବୟସରୁ ପ୍ରଥମେ ରୋଷଆଡୁ ପ୍ରଥମ ଛେକ ଆଣି ସ୍ନାନମଣ୍ଡପରେ ରଖିଥାଆନ୍ତି । ତାହାକୁ ସୂପକାରଙ୍କ ଛେକଛୁଆଁ ବୋଲି କହନ୍ତି । ତା'ପରେ ଏହି କଠିନ ପରିଶ୍ରମ କାର୍ଯ୍ୟ କରିବା ପାଇଁ ଧୀରେ ଧୀରେ ପରିଶ୍ରମ କରି ନିଜକୁ ସକ୍ଷମ କରିଥାଆନ୍ତି ।

ପାକଶାଳାର ପିଠା ଓ ବ୍ୟଞ୍ଜନ ସମେତ ଅନ୍ନକୁ 'ପୂର୍ଣ୍ଣତମ ଭୋଜନ' ଯୋଗ୍ୟ ଅନ୍ନ କୁହାଯାଏ । ଅତଏବ 'ଦୈତ୍ୟାରି'ଙ୍କୁ ଅତି ପରମ ଶ୍ରଦ୍ଧା ସହକାରେ ତାହାଙ୍କୁ ନୈବେଦ୍ୟ ଦେବ ବୋଲି ନୀଳାଦ୍ରି ମହୋଦୟ (୧୦।୧୦୯)ରେ ବର୍ଣ୍ଣନା କରାଯାଇଅଛି । ଏହି ନୈବେଦ୍ୟଗୁଡ଼ିକର ପାକକର୍ତ୍ତା ମଧ୍ୟ ଅଲଗା ଅଲଗା ରହିବା ଉଚିତ ବୋଲି ନୀଳାଦ୍ରି ମହୋଦୟ (୧୦।୯୯ଶ୍ଳୋକ)ରେ ବର୍ଣ୍ଣନା କରାଯାଇଅଛି । ତେଣୁ ଏତେ ପରିମାଣର ଭୋଗ ରାନ୍ଧିବାପାଇଁ ଅନେକ ସେବକଙ୍କର ଆବଶ୍ୟକତା ପଡ଼ିଥାଏ । କେଉଁ ସେବକଙ୍କର ଦୈନନ୍ଦିନ ରୋଷରେ ସେବା ରହିଛି ତାହାର ନମୂନା ନିମ୍ନମତେ ପ୍ରଦତ୍ତ ହୋଇଅଛି ।

CC-0. In Public Domain. Digtized by Muthulakshmi Research Academy

***ଧୋ-ପଖାଳ ସେବା-*** ଏହି ସେବକ ପୂର୍ବଦିନ ରାତ୍ରରୁ ଅର୍ଥାତ୍ ବଡ଼ସିଂହାର ଶେଷ ପରେ କିମ୍ବା ସମୟ ଅଭାବରୁ ଅତି ପ୍ରତ୍ୟୁଷରୁ ରୋଷଶାଳାରେ ଥିବା ରୋଷଘରଗୁଡ଼ିକରେ ଥିବା ପୂର୍ବ ଦିନର ରନ୍ଧନ ପରେ ପଡ଼ିଥିବା ଅମୋଣିଆ ଦ୍ରବ୍ୟ ଓ ସଙ୍ଗୁଡ଼ିକୁ ଉତ୍ତମ ରୂପେ ପରିଷ୍କାର କରି ରୋଷ ଅଗଣାରେ ପକାଇବେ । ଗୋବରପାଣି ଛିଞ୍ଚି ଶୁଦ୍ଧ କରିବେ । କୋଠଭୋଗରେ ଦୈନିକ ହୋମ ବେଳେ ଅଗ୍ନି ରଖିବେ । ରବାଡ଼ିଆ ଦ୍ୱାରା ରୋଷ ଅଗଣା ସଫା ହେବ ।

***ଦୈନିକ ନୀତିରେ-***ରୋଷ ହୋମ ପୂର୍ବରୁ ପାଳିଆ ମହାସୁଆର, ରୋଷପାଇକ ଓ ପୂଜାପଣ୍ଡାଙ୍କ ଦ୍ୱାରା ଧୋପଖାଳ କରିଥିବା କାର୍ଯ୍ୟକୁ ତନଖି କରି ହୋମ କରିବାପାଇଁ ପ୍ରସ୍ତୁତି କରିବେ ।

***ଲେଙ୍କା ସେବକ-***ରୋଷ ଧୋପଖାଳ ସରିଲେ କୋଠଭୋଗ ଗୋଦାମରୁ ହୋମ କାଠ ଆଣି ରୋଷ ପାଇକ ଜିମା ଦେବ । ରୋଷ ପାଇକ ହୋମ କାଠ ଖଞ୍ଜିବ । ଲେଙ୍କା ସେବକ ଗୋଦାମଘରୁ ଘିଅ, ନଡ଼ିଆ, ମୁରୁଜ ଓ କୋରା ଆଣି ରୋଷପାଇକ ଜିମା ଦେବ । ପରେ ପୂଜାପଣ୍ଡାଙ୍କୁ ଡାକି ରୋଷପାଇକ ପାଳିଆ ମହାସୁଆର ଓ ଅମିନ୍ଦ ମହାସୁଆରଙ୍କ ଉପସ୍ଥିତିରେ ରୋଷରେ ହୋମ ପୂଜାପଣ୍ଡାଙ୍କ ଦ୍ୱାରା ସମାପନ ହେବ । ହୋମ ପରେ ଚୁଲିରେ ବୈଷ୍ଣବାଗ୍ନି ସ୍ଥାପିତ ହୋଇ ରନ୍ଧନ ପ୍ରକ୍ରିୟା ଆରମ୍ଭ ହେବ । ବିଭିନ୍ନ ଅମୋଣିଆ ଦ୍ରବ୍ୟ ବିଭିନ୍ନ ସେବକଙ୍କ ଦାୟିତ୍ୱରେ କୋଠଭୋଗକୁ ଆସିବ ।

***ବିରିମୁଣ୍ଡିଆ-***ବିରିମୁଣ୍ଡିଆ ଦ୍ୱାରା ବିରିବଟା କାର୍ଯ୍ୟ ହୋମ ପରେ ଆରମ୍ଭ ହୁଏ ।

***ଚୁନାମୁଣ୍ଡିଆ-***ଢିଙ୍କିରେ କୁଟାଯାଇଥିବା ଓଦା ଚାଉଳ ଚୁନା ହୋଇ ଚୁନାମୁଣ୍ଡିଆ ଦ୍ୱାରା କୋଠଭୋଗକୁ ଆସିବ । ଆଜି ପର୍ଯ୍ୟନ୍ତ ରୋଷଆଡ଼େ ଢିଙ୍କିକୁଟା ହୋଇ ଚାଉଳ ଚୁନା ହେଉଅଛି ।

***ଚାଉଳବଛା-***କୋଠଭୋଗ ଗୋଦାମର ଚାଉଳ ଓ ମୁଗ ଆଣି ପରିଷ୍କାର ପରିଚ୍ଛନ୍ନ କରି ରାନ୍ଧିବା ପାଇଁ କୋଠଭୋଗ ଥାଳି ଓ ତୁଣ ସୁଆର ପାଳିଆଙ୍କୁ ଦେବେ ।

***ନିକାପ ଯୋଗାଣିଆ-***କୋଠଭୋଗ ଗୋଦାମରୁ କୋଠଭୋଗ ରନ୍ଧାପାଇଁ ଦରକାର ହେଉଥିବା ସମସ୍ତ ଦ୍ରବ୍ୟ ଆଣି ଦେବ ।

***ପର୍ବଯାତ୍ରା ଯୋଗାଣିଆ-***ପର୍ବଯାତ୍ରା ଦିନମାନଙ୍କରେ ପର୍ବଯାତ୍ରା ରନ୍ଧନପାଇଁ ସମସ୍ତ ଦ୍ରବ୍ୟ ଗୋଦାମରୁ ଆଣି ଦେବ ।

***ହାଣ୍ଡି ଯୋଗାଣିଆ-***ସରକାରୀ ହାଣ୍ଡି କୁଡ଼ିଆ ଗୋଦାମରୁ ଦୈନିକ ବ୍ୟବହାର ପାଇଁ ସମସ୍ତ ହାଣ୍ଡିକୁଡ଼ିଆ କୋଠଭୋଗରେ ନେଇ ବିଭିନ୍ନ ପାଳିଆଙ୍କୁ ଦେବ ।

CC-0. In Public Domain. Digtized by Muthulakshmi Research Academy

***ଗନ୍ଧଣ ନିକାପ***-ରୋଷଦ୍ୱାରଠାରେ ଥିବା ଗନ୍ଧଣ ସରଘରେ କୋଠଭୋଗ ଗୋଦାମରୁ ଆଣି ରନ୍ଧନ ଆବଶ୍ୟକତାକୁ ନେଇ ଅଦା, ଜିରା, ଗୋଲମରିଚ, ହେଙ୍ଗୁ, ନଡିଆ ପାତି ଇତ୍ୟାଦି ପ୍ରସ୍ତୁତ କରି ବାଘମୁହାଁ ବାନ୍ଧି ରୋଷପାଇକ ଜିମା ଦେବ । ଏହି ବାଘମୁହାଁ ଶବ୍ଦଟି ଶ୍ରୀମନ୍ଦିରରେ ପ୍ରଚଳିତ ଏକ ପ୍ରାଚୀନ ଶବ୍ଦ । କାଳେ କେତେବେଳେ ଅମୋଣିହା ପଦାର୍ଥରେ ଛେପ ପଡ଼ିଯିବ ଏହି ଆଶଙ୍କାକୁ ଏଡ଼ାଇବା ପାଇଁ ଗୋଟିଏ ଗାମୁଛାକୁ ପାଟି ଓ ନାକ ତଳ ପର୍ଯ୍ୟନ୍ତ ମୁଣ୍ଡ ସହିତ ଗୁଡ଼ାଇ ଦିଆଯାଏ । ତାକୁ ବାଘମୁହାଁ କହନ୍ତି ।

***ବିରିବୁହା***-ବିରିବୁହା ସେବକ କୋଠଭୋଗ ପିଠା ରନ୍ଧାପାଇଁ ଆବଶ୍ୟକ ବଟାବିରି ବିରିମୁଣ୍ଡିଆ ଠାରୁ ଆଣି କୋଠଭୋଗରେ ଦେବ ।

***ଜଗିଆ ମହାସୁଆର ବା ରୋଷଅମିନ***-ଏହି ସେବକ ରନ୍ଧାବଢ଼ା କାର୍ଯ୍ୟ ସୂଚାରୁ ରୂପେ ହେଉଅଛି କି ନାହିଁ ତଦାରଖ କରିବେ । ରୋଷରେ ବଡୁସୁଆରଙ୍କୁ ଭୋଗ ପ୍ରସ୍ତୁତ ପାଇଁ କୋଠଭୋଗ ଜିନିଷ ଦେବେ । ମଧ୍ୟାହ୍ନ ଧୂପ ପରେ ତୋଳାବଡୁ ସେବକ ଦୀପ ତେଲ ଜାଳିବ ସନ୍ଧ୍ୟାଧୂପ ଓ ବଡ଼ସିଂହାର ଛେକ ସାଙ୍ଗରେ ଦୀପ ଧରି ଯିବ ଓ ମାଙ୍କଡ଼ ଜଗା ସେବକ କୋଠଭୋଗକୁ ଜଗି ରହିବ ।

***ପାଣିଆ ସେବକ***-କୋଠଭୋଗ ରନ୍ଧାପାଇଁ ଆବଶ୍ୟକ ପାଣି ଗଙ୍ଗାକୂଅରୁ ବାଲ୍‌ଟିରେ କାଢ଼ି ହାଣ୍ଡିରେ ଆଣି ଦେବ ।

***ରୋଷପାଇକ***-ଅମୋଣିଆ ଦ୍ରବ୍ୟକୁ ଜଗି ରହିବ । ବିଭିନ୍ନ ଭୋଗ ପାଇଁ ଆବଶ୍ୟକ ଦ୍ରବ୍ୟ ନିଜ ହେପାଜତରେ ରଖିବ । ସକାଳଧୂପ ଉଠିବାରେ ବାଘମୁହଁ ବାନ୍ଧି, ଭୋଗ ଆଗରେ ଭୋଗ ସୁରକ୍ଷା ପାଇଁ କାଠ ଖଣ୍ଡେ ଧରି କାଉ ଉଡ଼ାଇ ଯିବ । ଭିତର କାଠ ପାଖରେ କାଠ ରଖି ଗର୍ଭଗୃହରେ ଛେକ ସହ ପ୍ରବେଶ କରିବ । ଚାରି ଥାଳିରେ ଚନ୍ଦ୍ରକାନ୍ତୀ ମହାସୁଆର କାନ୍ତୀ ସରା ରଖିବା ପରେ ଓ ପନ୍ତୀବଡୁ ଖେଚେଡ଼ି ବାଢ଼ିବା ପରେ କାନ୍ତୀସରା ଥାଳିରୁ କାଢ଼ି ତଳେ ଥୋଇବ ।[୯]

ମୋଟ ଉପରେ ଦେଖିବାକୁ ଗଲେ ଶ୍ରୀମନ୍ଦିରର ରୋଷଶାଳାରେ ହେଉଥିବା ଅନ୍ନଯଜ୍ଞ ଏକ ମହାଯଜ୍ଞ । ସେହି ମହାଯଜ୍ଞ ପାଇଁ ମଧ୍ୟ ଶହ ଶହ ବ୍ୟକ୍ତି କାର୍ଯ୍ୟରତ । ତାହାର ସମସ୍ତ ବ୍ୟବସ୍ଥା ମଧ୍ୟ ବିଶାଳ ମହାଯଜ୍ଞର ବ୍ୟବସ୍ଥାରୁ କୌଣସି ଗୁଣରେ କମ୍ ନୁହେଁ । କମ୍ ହେବ ବା କେମିତି ? କଳା ଠାକୁରଙ୍କର ଚକାଆଖି ଯେପରି ବିଶାଳ, ତାଙ୍କର ସମସ୍ତ ବ୍ୟବସ୍ଥା ଓ ମହିମା ମଧ୍ୟ ବିଶାଳ ହେବା ସ୍ୱାଭାବିକ । ଧନ୍ୟ ମହାପ୍ରଭୁ ! ଧନ୍ୟ ତୁମର ବିଶାଳତା ।

●

*୯. ସଂଗୃହୀତ- ଶ୍ରୀ ହରେକୃଷ୍ଣ ପ୍ରତିହାରୀ (ମଧୁ) ବରିଷ୍ଠ ସୂପକାର ସେବକ ।*

CC-0. In Public Domain. Digtized by Muthulakshmi Research Academy

## ଷଷ୍ଠ ପରିଚ୍ଛେଦ

# ଶ୍ରୀମହାପ୍ରସାଦର ମାହାତ୍ମ୍ୟ

**ଉପକ୍ରମ :-**

ସତ୍ୟଯୁଗରୁ ଶ୍ରୀଜଗନ୍ନାଥ ଓ ଶ୍ରୀମହାପ୍ରସାଦର ପ୍ରସିଦ୍ଧି ଦେଶ ବିଦେଶରେ କାହିଁ କେଉଁ କାଳରୁ ଚାଲିଆସିଛି । ସନାତନୀୟ ସଂସ୍କୃତି ଓ ବିଶେଷକରି ଓଡ଼ିଶା ପରିଚିତିର ପ୍ରତୀକ ଶ୍ରୀଜଗନ୍ନାଥ ଓ ଶ୍ରୀମହାପ୍ରସାଦ । ଏହି ପ୍ରସିଦ୍ଧିର ପ୍ରଚାର ବିଭିନ୍ନ ସଂପ୍ରଦାୟର ପ୍ରତିଷ୍ଠାତା, ଆଚାର୍ଯ୍ୟଗଣ, ମଠାଧୀଶ, ସାଧୁ, ସନ୍ତ, ସନ୍ନ୍ୟାସୀ, ବୈରାଗୀ, ଗଜପତି ମହାରାଜା, ଅନ୍ୟାନ୍ୟ ରାଜା, ଜମିଦାର, ଶ୍ରୀଜଗନ୍ନାଥଙ୍କର ସେବକ ଓ ସେମାନଙ୍କର ଗୁମାସ୍ତା, ଭକ୍ତ, ଦର୍ଶନାର୍ଥୀ, ତୀର୍ଥଯାତ୍ରୀମାନଙ୍କ ଦ୍ୱାରା ହୋଇଆସିଛି ।

ମହିମାମୟ ଶ୍ରୀଜଗନ୍ନାଥଙ୍କର ପ୍ରସିଦ୍ଧି ଯେପରି ବ୍ୟାପକ, ତାଙ୍କର ମହିମା ଓ ଶ୍ରୀମହାପ୍ରସାଦର ପ୍ରସିଦ୍ଧି ମଧ୍ୟ ସେହିପରି ବ୍ୟାପକ । ଆମ ଶାସ୍ତ୍ରମାନେ ଏହି ବ୍ୟାପକ ପ୍ରସିଦ୍ଧିର ପରିପ୍ରଚାରରେ ପଛେର ନାହାନ୍ତି । ବିଭିନ୍ନ ଦୃଷ୍ଟିକୋଣରୁ ଶାସ୍ତ୍ରମାନେ ଶ୍ରୀମହାପ୍ରସାଦର ମହତ୍ତ୍ୱ ପ୍ରତିପାଦିତ କରିଥିବାରୁ ତାହା ସମଗ୍ର ଦେଶରେ ଗ୍ରହଣୀୟ ଓ ସମ୍ମାନନୀୟ ହୋଇପାରିଛି । ତେଣୁ ସେ ଦୃଷ୍ଟିରୁ ଆମ ଶାସ୍ତ୍ରଗୁଡ଼ିକ ଶ୍ରୀମହାପ୍ରସାଦର ମହିମାଗାନରେ ଶତମୁଖ ।[୧]

ଶ୍ରୀଜଗନ୍ନାଥଙ୍କ ଶ୍ରୀମହାପ୍ରସାଦ ଏପରି ପବିତ୍ର ଯେ ତାହାର ପ୍ରଶସ୍ତି ସମ୍ବନ୍ଧରେ ୨୬ଗୋଟି ମହାପୁରାଣ, ଉପପୁରାଣ ଓ ତନ୍ତ୍ର ଗ୍ରନ୍ଥମାନଙ୍କରେ ବର୍ଣ୍ଣିତ ହୋଇଅଛି । ସେଗୁଡ଼ିକ ହେଲା ୧-ବୃହଦ୍ ବିଷ୍ଣୁପୁରାଣମ୍, ୨-ପଦ୍ମପୁରାଣମ୍, ୩-ଶ୍ରୀମଦ୍ ଭାଗବତ ପୁରାଣମ୍, ୪-ବିଷ୍ଣୁଧର୍ମୋତ୍ତର ପୁରାଣମ୍, ୫-ଅଗ୍ନିପୁରାଣମ୍, ୬-ଭବିଷ୍ୟପୁରାଣମ୍, ୭-ବ୍ରହ୍ମବୈବର୍ତ୍ତ ପୁରାଣମ୍, ୮-ବରାହ ପୁରାଣମ୍, ୯-ସ୍କନ୍ଦପୁରାଣମ୍, ୧୦-ଗରୁଡ଼ ପୁରାଣମ୍, ୧୧-ବିଷ୍ଣୁଯାମଳ, ୧୨-ତତ୍ତ୍ୱଯାମଳ, ୧୩-ବହ୍ନିଚପର୍ଣ୍ଣିଶିଷ, ୧୪-ରୁଦ୍ରଯାମଳ, ୧୫-ଚତୁର୍ବର୍ଗ ଯୋଗୀଶ୍ୱର, ୧୬-ବ୍ରହ୍ମପୁରାଣମ୍, ୧୭-ବାୟୁପୁରାଣମ୍, ୧୮-ନୀଳାଦ୍ରି ମହୋଦୟଃ, ୧୯-ବାମଦେବ ସଂହିତା, ୨୦-ମହାପୁରୁଷବିଦ୍ୟା, ୨୧-ସିଦ୍ଧାନ୍ତଦର୍ପଣମ୍, ୨୨-ଆଦିପୁରାଣମ୍, ୨୩-ଶ୍ରୀଜଗଦୀଶଶତକମ୍,

---

୧. ଜିହ୍ୱାକୋଟି ସହସ୍ରୈସ୍ତୁ ବକ୍ତ୍ର କୋଟି ଶତୈରପି ।
ମହାପ୍ରସାଦ ମାହାତ୍ମ୍ୟଂ ବର୍ଣ୍ଣିତୁଂ ନୈବ ଶକ୍ୟତେ ॥
(ମହାନିର୍ବାଣ ତନ୍ତ୍ର, ତୃତୀୟ ଉଲ୍ଲାସ, ସଂଗୃହୀତ- ମହାଲକ୍ଷ୍ମୀ: ମହାପ୍ରସାଦ, ମହାଭ୍ରାନ୍ତ, ଲେ-ରବୀନ୍ଦ୍ର ନାରାୟଣ ମିଶ୍ର, ପୃ.୪୯)

CC-0. In Public Domain. Digtized by Muthulakshmi Research Academy

୨୪-ନୀଳାଦ୍ରିଚନ୍ଦ୍ରୋଦୟଃ, ୨୫-ଶ୍ରୀକୃଷ୍ଣଯାମଳ ମହାତନ୍ତ୍ରମ୍, ୨୬-କପିଳ ସଂହିତା ଓ କପିଳପୁରାଣମ୍ ।[୨]

ଉପର୍ଯ୍ୟୁକ୍ତ ଶାସ୍ତ୍ରମାନେ ଶତମୁଖରେ ଶ୍ରୀମହାପ୍ରସାଦର ଭୁରି ଭୁରି ପ୍ରଶସ୍ତି କରିଛନ୍ତି । ତା' ମଧ୍ୟରୁ କେତେକ ଉକ୍ତିର ପାଠୋଦ୍ଧାର ଆବଶ୍ୟକୀୟ ମତେ ପୂର୍ବ ପରିଚ୍ଛେଦମାନଙ୍କରେ କରାଯାଇଛି । ତେଣୁ ଏହି ପରିଚ୍ଛେଦରେ ସେଗୁଡ଼ିକର ଦ୍ୱିରୁକ୍ତି ନ କରି ସଂକ୍ଷେପରେ ଆଉ କେତେକ ପାଠୋଦ୍ଧାର କରାଯାଉଅଛି । ତଥାପି ପ୍ରଶସ୍ତିରୂପକ ସମୁଦ୍ରରୁ ଗୋଟିଏ ଢାଳ ପାଣି ଆଣିବା ପରି ତାହା ହୋଇପାରେ ।

## ସଂସ୍କୃତ ସାହିତ୍ୟରେ ଶ୍ରୀମହାପ୍ରସାଦ :-

ସଂସ୍କୃତ ସାହିତ୍ୟରେ ବ୍ରହ୍ମବୈବର୍ତ୍ତ ପୁରାଣ ଭଳି କପିଳ ସଂହିତାରେ ବର୍ଣ୍ଣନା କରାଯାଇଛି ଯେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ଯେପରି ନିଶ୍ଚୟ ମୁକ୍ତି ହୁଏ ସେହିପରି ତାଙ୍କର ଅନ୍ନ ଭକ୍ଷଣରେ ମଧ୍ୟ ମୁକ୍ତି ହୋଇଥାଏ । ତେଣୁ ଶ୍ରୀମହାପ୍ରସାଦ ହେଉଛି ଅତ୍ୟନ୍ତ ମୁକ୍ତିପ୍ରଦ ।[୩]

ସେହିପରି ଦେଶ ଭିତରେ ବା ବାହାରେ ହେଉ ଶ୍ରୀଜଗନ୍ନାଥଙ୍କର ଅନ୍ନ ଶୁଖିଲା ବା ଓଦା ହେଉ ତାହା ଭକ୍ଷଣ କଲେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଭଳି ମୁକ୍ତି ମିଳିଥାଏ ବୋଲି କପିଳ ସଂହିତାରେ ଉଲ୍ଲେଖ ଅଛି ।[୪]

କପିଳ ସଂହିତାରେ ପୁନଶ୍ଚ ବର୍ଣ୍ଣନା କରାଯାଇଛି ଯେ, କେଉଁ ପୁଣ୍ୟ ଓ ତପର ଫଳରୁ ଶ୍ରୀଦାରୁବ୍ରହ୍ମଙ୍କ ଅନ୍ନ ଭକ୍ଷ୍ୟ ହିସାବରେ ମିଳିଥାଏ । ତେଣୁ ଏହା କେତେ ପବିତ୍ର ତାହା ଅନୁମାନ କରାଯାଇପାରେ ।[୫]

ଶ୍ରୀମହାପ୍ରସାଦରେ ଛୁଆଁ ଅଛୁଆଁ ଦୋଷ ତ ଦୂରର କଥା କୁକୁର ମୁହଁରୁ ଯଦି ଶ୍ରୀମହାପ୍ରସାଦ ତଳେ ପଡ଼ିଥାଏ ଓ ତାହା ଯଦି ଭାଗ୍ୟବଶରୁ ମିଳେ ତେବେ ତାକୁ ବ୍ରହ୍ମା ପର୍ଯ୍ୟନ୍ତ ଗ୍ରହଣ କରିବେ ବୋଲି ବ୍ରହ୍ମ ପୁରାଣରେ ଲେଖାଅଛି ।[୬]

---

୨. *ସଂଗୃହୀତ- ଶ୍ରୀମନ୍ଦିର ସମାଚାର, ଜୁନ୍-୧୫।୨୦୦୬, ରଜ ସଂକ୍ରାନ୍ତି ସଂଖ୍ୟା, ୧ମ ସଂଖ୍ୟା ଓ ସେପ୍ଟେମ୍ବର ୧୭।୨୦୦୬, କନ୍ୟା ସଂକ୍ରାନ୍ତି ସଂଖ୍ୟା, ୪ର୍ଥ ସଂଖ୍ୟା ।*

୩. *ଜଗନ୍ନାଥୋ ଯଥା ସାକ୍ଷାଦ୍ ଦର୍ଶନାନ୍ମୁକ୍ତିଦୋ ଧ୍ରୁବମ୍ ।*
*ତଥୈବ ମୁକ୍ତିଦଂ ହ୍ୟନ୍ନଂ ଜଗନ୍ନାଥସ୍ୟ ଭୋ ଦ୍ୱିଜାଃ ॥ (କ.ସଂ-୫।୩୩)*

୪. *ଦେଶାନ୍ତରଗତଂ ବାପି ଶୁଷ୍କମାର୍ଦ୍ରମଥାପି ବା ।*
*ଭକ୍ଷଣାଦ୍ ଦର୍ଶନାଚ୍ଚୈବ ଦ୍ୱିଜାତୀନାଂ ଚ ମୁକ୍ତିଦମ୍ ॥ (କ.ସଂ-୫।୩୪)*

୫. *କିଂ ତେନ ନ କୃତଂ ପୁଣ୍ୟ କିଂ ତେନ ନ କୃତଂ ତପଃ ।*
*ଭକ୍ଷିତଂ ଯେନ ଚାନ୍ନାଦ୍ୟଂ ଦାରୁବ୍ରହ୍ମସ୍ୱରୂପିଣଃ ॥ (କ.ସଂ- ୫।୩୨)*

୬. *କୁକ୍କୁରସ୍ୟ ମୁଖାଭ୍ରଷ୍ଟଂ ମମାନ୍ନଂ ଯଦି ଜାୟତେ ।*
*ବ୍ରହ୍ମାଦ୍ୟୈରପି ଉଚ୍ଛିଷ୍ଟଂ ଭାଗ୍ୟତୋ ଯଦି ଲଭ୍ୟତେ ॥ (ବ୍ରହ୍ମ ପୁରାଣ)*

CC-0. In Public Domain. Digtized by Muthulakshmi Research Academy

କେବଳ ସେତିକି ନୁହେଁ ଏହି ମର୍ମରେ ସ୍କନ୍ଦପୁରାଣରେ ମଧ୍ୟ ବର୍ଣ୍ଣନା କରାଯାଇଅଛି ।[୭]

କୁକୁର ମୁଖ, କାକତୁଣ୍ଡ ବା ବିରାଡ଼ି ମୁହଁରୁ ପଡ଼ିଯାଇଥିବା ଶ୍ରୀମହାପ୍ରସାଦ ଅନ୍ନକୁ ପାଇବା ପାଇଁ ଦେବତାମାନେ ସ୍ୱର୍ଗଲୋକ ତ୍ୟାଗ କରି ପୁରୁଷୋତ୍ତମ କ୍ଷେତ୍ରକୁ ଓହ୍ଲାଇ ଆସନ୍ତି । ତେଣୁ ସାମାନ୍ୟ ମନୁଷ୍ୟ କଥା କଅଣ କୁହାଯାଇପାରେ ବୋଲି ଆପ୍ତବାକ୍ୟ ରହିଅଛି ।[୮]

ଶ୍ରୀଜଗନ୍ନାଥଙ୍କ ଶ୍ରୀମହାପ୍ରସାଦରେ କୌଣସି ପ୍ରକାର ଛୁଆଁଅଛୁଆଁ ଦୋଷ ନାହିଁ । ସେଥିରୁ କଣିକାଏ ଭକ୍ଷଣ କଲେ ମନୁଷ୍ୟ ସବୁ ପାପରୁ ମୁକ୍ତ ହୁଏ ବୋଲି ବିଷ୍ଣୁ ପୁରାଣରେ ଉଲ୍ଲେଖ ଅଛି ।[୯]

ଶ୍ରୀଜଗନ୍ନାଥଙ୍କର ନୈବେଦ୍ୟରେ ସ୍ପର୍ଶଦୋଷ ନଥିବା କଥା ବିଷ୍ଣୁଯାମଳ ଗ୍ରନ୍ଥରେ ଲେଖାଅଛି । ତାହା ଭକ୍ଷଣ କରିବାମାତ୍ରେ ମନୁଷ୍ୟର ପାପ ସଙ୍ଗେ ସଙ୍ଗେ ଦୂର ହୋଇଯାଏ ।[୧୦]

ପୁନଶ୍ଚ ମହାପାତକି ଛୁଇଁଲେ ମଧ୍ୟ ଶ୍ରୀଜଗଦୀଶଙ୍କର ନିର୍ମାଲ୍ୟ ଦୂଷିତ ହୁଏନାହିଁ, ତାହା ଗଙ୍ଗାଜଳ ଭଳି ପବିତ୍ର ଅଟେ ବୋଲି ସେହି ବିଷ୍ଣୁଯାମଳ ଗ୍ରନ୍ଥରେ ଲେଖାଅଛି ।[୧୧]

ଶ୍ରୀମହାପ୍ରସାଦାନ୍ନ ଶୁଖି ଯାଇଥିଲେ, ପଚିଯାଇଥିଲେ, ଦୂରଦେଶରୁ ଅଣା ଯାଇଥିଲେ କିମ୍ବା ଦୁଷ୍ଟଲୋକ ଦ୍ୱାରା ଛୁଆଁ ହୋଇଥିଲେ ସେଥିରେ କୌଣସି ପାପ ନଥିବା ହେତୁ ତାହା ଭକ୍ଷଣ କରିବା ଉଚିତ । ଶ୍ରୀମହାପ୍ରସାଦ ପାଇବାମାତ୍ରେ ସଙ୍ଗେ ସଙ୍ଗେ ଭକ୍ଷଣ କରିବା ଉଚିତ । ପାଇଲା ମାତ୍ରେ ଖାଇବ ବୋଲି ବାୟୁପୁରାଣରେ ଉଲ୍ଲେଖ ଅଛି ।[୧୨]

---

୭. କୁକ୍କୁରସ୍ୟ ମୁଖାଦ୍ଭ୍ରଷ୍ଟଂ ତଦନ୍ନଂ ପତିତଂ ଯଦି
ବ୍ରାହ୍ମଣେନାପି ଭୋକ୍ତବ୍ୟମିତରେଷାଂ ତୁ କା କଥା ॥ (ସ୍କନ୍ଦ ୩୮।୧୭)

୮. ଶୂନୀମୁଖଭ୍ୟୋଽପି ଚ କାକତୁଣ୍ଡାତ୍, ବିଡ଼ାଳ ବକ୍ତ୍ରାତ୍ ବର୍ଷତି ଯଦନ୍ନୌ
ସ୍ୱର୍ଗଂ ପରିତ୍ୟଜ୍ୟ ସମସ୍ତ ଦେବାଃ, ଭ୍ରମନ୍ତି ଭୂମୌ ପୁରୁଷୋତ୍ତମାଶ୍ରୈ
(ଲେ-ଆଶୁତୋଷ ମିଶ୍ର, ମହାପ୍ରସାଦ ମାହାତ୍ମ୍ୟ, ସ୍ତବକ-୧)

୯. ଜଗନ୍ନାଥସ୍ୟ ନୈବେଦ୍ୟଂ ନାସ୍ତି ସଂସ୍ପୃଷ୍ଟଦୂଷଣଂ ।
ସକୃଦ୍ ଭକ୍ଷଣ ମାତ୍ରେଣ ପାପେଭ୍ୟୋମୁଚ୍ୟତେ ପୁମାନ ॥

୧୦. ଜଗନ୍ନାଥସ୍ୟ ନୈବେଦ୍ୟଂ ନାସ୍ତି ସଂସ୍ପୃଷ୍ଟଦୂଷଣମ୍ ।
ସକୃତ୍ ଭକ୍ଷଣମାତ୍ରେଣ ପାପେଭ୍ୟୋ ମୁଚ୍ୟତେ ପୁମାନ୍ ॥

୧୧. ମହାପାତକିସଂସ୍ପୃଷ୍ଟଂ ନାସ୍ତି ଦୋଷୋଽତ୍ର ଭକ୍ଷଣେ ।
ନିର୍ମାଲ୍ୟଂ ଜଗଦୀଶସ୍ୟ ଗଙ୍ଗାବାରି ଦ୍ୱୟଂ ସମମ୍ ॥

୧୨. ଶୁଷ୍କଂ ପର୍ଯ୍ୟୁଷିତଂ ବାଽପି ନୀତଂ ବା ଦୂରଦେଶତଃ ।
ଦୁର୍ଜନେନାପି ସଂସ୍ପୃଷ୍ଟଂ ସର୍ବଥୈବାପ୍ରନାଶନମ୍ ॥

CC-0. In Public Domain. Digitized by Muthulakshmi Research Academy

ଶ୍ରୀକ୍ଷେତ୍ରରେ ଚଣ୍ଡାଳ ବ୍ରାହ୍ମଣ ବିଚାର ଶ୍ରୀମହାପ୍ରସାଦ ସେବନ ସମୟରେ କରାଯାଏ ନାହିଁ । ଚଣ୍ଡାଳ ମଧ୍ୟ ଯଦି ଏହି ଶ୍ରୀମହାପ୍ରସାଦ ସ୍ପର୍ଶ କରିଥାଆନ୍ତି ତାହା ବ୍ରାହ୍ମଣାଦି ସମସ୍ତେ ଗ୍ରହଣ କରିପାରିବେ ବୋଲି ପଦ୍ମ ପୁରାଣରେ ଉଲ୍ଲେଖ ଅଛି ।[୧୩]

ଶ୍ରୀମହାପ୍ରସାଦ ଯଦି ବେଶ୍ୟାଳୟରେ ଥାଏ କିମ୍ବା ପତିତ ବ୍ୟକ୍ତି ଯଦି ସେହି ଅନ୍ନ ସ୍ପର୍ଶ କରନ୍ତି ତଥାପି ଏହା ଦୂଷିତ ହେବ ନାହିଁ । ସମସ୍ତ ବର୍ଣ୍ଣାଶ୍ରମୀ, ବିଧବା, ବ୍ରତଧାରୀ, ଦିକ୍ଷୀତ, ଅଗ୍ନିହୋତ୍ରୀ ବ୍ୟକ୍ତିଗଣ ମଧ୍ୟ ଏହି ଶ୍ରୀମହାପ୍ରସାଦ ଭୋଜନରେ ପବିତ୍ର ହୋଇଥାନ୍ତି । କି ସ୍ୱଦେଶୀ, କି ବିଦେଶୀ, ଦରିଦ୍ର, କୃପଣ, ଗୃହସ୍ଥ ଏପରିକି ରାଜା ସମସ୍ତେ ଏହି ଶ୍ରୀମହାପ୍ରସାଦ ଭୋଜନରେ ସମାନ ଅଧିକାରୀ ଅଟନ୍ତି । ଏହା ସ୍କନ୍ଦ ପୁରାଣରେ ଉଲ୍ଲେଖ ଅଛି ।[୧୪]

ପଦ୍ମପୁରାଣ କ୍ରିୟାଯୋଗସାର ଅନୁସାରେ ଶ୍ରୀଜଗନ୍ନାଥଙ୍କ ଅନ୍ନ ଦେବତାମାନଙ୍କ ପାଇଁ ମଧ୍ୟ ଦୁର୍ଲ୍ଲଭ । ଏହିଭଳି ହରିଭୁକ୍ତ ଅନ୍ନାବଶେଷ ଠାରୁ ପୃଥିବୀରେ ଅନ୍ୟ କୌଣସି ପବିତ୍ର ଦ୍ରବ୍ୟ ନାହିଁ ବୋଲି ଉଲ୍ଲେଖ ଅଛି ।[୧୫]

ଶ୍ରୀଜଗନ୍ନାଥଙ୍କ ଶ୍ରୀମହାପ୍ରସାଦ ଭକ୍ଷଣ କଲେ ତତ୍‌କ୍ଷଣାତ୍ ମହାପାତକ ନାଶ ହୁଏ ଓ କୋଟିଏ କପିଳା ଧେନୁ ଦାନର ଫଳ ପ୍ରାପ୍ତି ହୋଇଥାଏ ବୋଲି ବ୍ରହ୍ମବୈବର୍ତ୍ତ ପୁରାଣ ଓ କପିଳ ସଂହିତାରେ ଉଲ୍ଲେଖ ଅଛି ।[୧୬]

କେବଳ ସେତିକି ନୁହେଁ ଦାରୁବ୍ରହ୍ମଙ୍କ ନିର୍ମାଲ୍ୟ ପାପନାଶ କରିଥାଏ । ତେଣୁ ଅନ୍ନ, ପିଠା ଯାହା ମିଳିବ ତାହା ସଙ୍ଗେ ସଙ୍ଗେ ଗ୍ରହଣ କରିବ ।[୧୭]

ଏହି ମର୍ତ୍ତ୍ୟମଣ୍ଡଳରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରଠାରୁ ପବିତ୍ର କ୍ଷେତ୍ର ଅନ୍ୟ କେଉଁଠି ନାହିଁ । ତେଣୁ ଅନ୍ନ ଓ ପିଠାକୁ ବ୍ରାହ୍ମଣମାନେ ଶ୍ରୀଜଗନ୍ନାଥଙ୍କ ଶ୍ରୀମହାପ୍ରସାଦ ଭାବେ ଗ୍ରହଣ କରିଥାଆନ୍ତି ବୋଲି କପିଳ ସଂହିତାରେ ଉଲ୍ଲେଖ ଅଛି ।[୧୮]

---

୧୩. ଚଣ୍ଡାଳେ ନାପି ସଂସ୍ପୃଷ୍ଟଂ ଗ୍ରାହ୍ୟଂ ତତ୍ରାନ୍ନମଗ୍ରଜୈଃ ।
ସାକ୍ଷାତ୍‌ବିଷ୍ଣୁର୍ଯତସ୍ତତ୍ର ଚଣ୍ଡାଳୋଽପି ଦ୍ୱିଜୋତ୍ତମଃ ॥ (ପଦ୍ମପୁରାଣ)

୧୪. ବ୍ରତସ୍ଥା ବିଧବାଶ୍ଚୈବ ସର୍ବେ ବର୍ଣ୍ଣାଶ୍ରମାସ୍ତଥା ॥ (ସ୍କନ୍ଦ, ୩୮।୬)
ତତ୍‌ପ୍ରାଶନେନ ପୂୟନ୍ତେ ଦୀକ୍ଷିତାସ୍ତାଗ୍ନିହୋତ୍ରିଣଃ ।
ଦରିଦ୍ରଃ କୃପଣୋ ବାପି ଗୃହସ୍ଥଃ ପ୍ରଭୁରେବ ବା ॥ (ସ୍କନ୍ଦ, ୩୮।୭)

୧୫. ତସ୍ମାତ୍ତଦନ୍ନଂ ବିପ୍ରର୍ଷେ ଦୈବତୈରପି ଦୁର୍ଲଭଂ ।
ହରିଭୁକ୍ତୋବଶିଷ୍ଟଂ ତତ୍ ପବିତ୍ରଂ ଭୁବି ଦୁର୍ଲଭଂ ॥

୧୬. ଜଗନ୍ନାଥସ୍ୟ ନୈବେଦ୍ୟଂ ମହାପାତକନାଶକମ୍ ।
ଭକ୍ଷଣାତ୍ ଫଳମାପ୍ନୋତି କପିଳାକୋଟିଦାନକମ୍ ॥ (କ.ସଂ-୫।୩୧)

୧୭. ତତ୍ର ଦାରୁସ୍ୱରୂପସ୍ୟ ନିର୍ମାଲ୍ୟଂ ପାପନାଶନମ୍ ।
ଅନ୍ନାଦ୍ୟଂ ପିଷ୍ଟକଂ ଚୈବ ଯଦନ୍ୟତ୍ ପ୍ରାପ୍ୟତେ ପରମ୍ ॥ (କ.ସଂ-୫।୩୦)

୧୮. ପୁରୁଷୋତ୍ତମାତ୍ ପରଂ କ୍ଷେତ୍ରଂ ନାସ୍ତି ନାସ୍ତି ମହାସୁରାଃ ।
ଦ୍ୱିଜାସ୍ତୁ ଶୂପଚାଦନ୍ନଂ ଯତ୍ର ଭୁଞ୍ଜନ୍ତି ପୂପକମ୍ ॥ (କ.ସଂ-୫।୩୫)

CC-0. In Public Domain. Digtized by Muthulakshmi Research Academy

ସ୍କନ୍ଦପୁରାଣ ମତରେ ଯେଉଁ ବ୍ୟକ୍ତି ଶୁଦ୍ଧାନ୍ତଃକରଣରେ ଶ୍ରୀମହାପ୍ରସାଦ ଭକ୍ଷଣ କରେ ସେ ସମସ୍ତ ପାପରୁ ବିମୁକ୍ତ ହୋଇ କ୍ରମଶଃ ବିଷ୍ଣୁଲୋକକୁ ଯାଏ ବୋଲି ଉଲ୍ଲେଖ ଅଛି ।[୧୯]

ଯେ କୌଣସି ପାପ ଗୁରୁରୁ ଗୁରୁତର ହେଉ ପଛେ ସେ ସବୁଗୁଡ଼ିକ ଶ୍ରୀବିଷ୍ଣୁ ନିର୍ମାଲ୍ୟ ଭକ୍ଷଣ କରିବା ମାତ୍ରେ ନାଶ ହୋଇଯାଏ ବୋଲି ବ୍ରହ୍ମବୈବର୍ତ୍ତ ପୁରାଣରୁ ପ୍ରମାଣ ମିଳେ ।[୨୦]

ବ୍ରହ୍ମ ହତ୍ୟା ଭଳି ଯେତେ ଗୁରୁତର ପାପ ହୋଇଥିଲେ ମଧ୍ୟ ବିଷ୍ଣୁ ନିର୍ମାଲ୍ୟ ଭକ୍ଷଣ କଲାମାତ୍ରେ ସମସ୍ତ ପାପ ନଷ୍ଟ ହୋଇଯାଏ ବୋଲି ଶ୍ରୀଜଗନ୍ନାଥ ଚରିତାମୃତରେ ଉଲ୍ଲେଖ ଅଛି ।[୨୧]

ଅତି ପାତକରୁ ପାତକ ମହାପାପ ଏ ସମସ୍ତ ଶ୍ରୀଜଗନ୍ନାଥଙ୍କର ଅନ୍ନ ଭକ୍ଷଣ କରିବା ମାତ୍ରେ ନାଶ ହୋଇଯାଆନ୍ତି ବୋଲି ଭବିଷ୍ୟ ପୁରାଣରେ ଉଲ୍ଲେଖ ଅଛି ।[୨୨]

ପଦ୍ମପୁରାଣ କ୍ରିୟାଯୋଗ ଅନୁସାରେ ସେହି ଅନ୍ନ ଅତ୍ୟନ୍ତ ପବିତ୍ର ଓ ପାପନାଶକାରୀ ଅଟେ । ସେ ଯଦ୍ୟପି ଅତି କୋମଳ ଓ ଦିବ୍ୟ ଭଳି ଦେଖାଯାଏ କିନ୍ତୁ ପାପରୂପୀ ପର୍ବତ ବିଦାରଣ ପାଇଁ ସେ ବଜ୍ରସମ କାର୍ଯ୍ୟ କରେ ଯାହାକି ପୂର୍ବ ଅର୍ଜିତ ପାପକୁ କ୍ଷୟ କରିଥାଏ ।[୨୩]

ପୁନଶ୍ଚ ଅନ୍ନରେ କୌଣସି ଦୋଷ ନଥିବା କଥା ଶ୍ରୀଜଗନ୍ନାଥ ଚରିତାମୃତରେ ବର୍ଣ୍ଣନା କରାଯାଇଅଛି ।[୨୪]

---

୧୯. ସର୍ବପାପବିନିର୍ମୁକ୍ତଃ ଶୁଦ୍ଧାନ୍ତଃକରଣୋ ନରଃ ।
ସ ଶୁଦ୍ଧଂ ବୈଷ୍ଣବସ୍ଥାନଂ କ୍ରମାଦ୍ୟାତି ନ ସଂଶୟଃ ॥ (୩୮।୧୫)

୨୦. ଯାନି କାନି ଚ ପାପାନି ଗୁରୁଣି ଗୁରୁତରାଣି ଚ ।
ତାନି ସର୍ବାଣି ନଶ୍ୟନ୍ତି ବିଷ୍ଣୁନିର୍ମାଲ୍ୟଭକ୍ଷଣାତ୍ ॥

୨୧. ଯାନି କାନି ଚ ପାପାନି ବ୍ରହ୍ମହତ୍ୟାଦି କାନି ଚ ।
ତତ୍ସର୍ବଂ ନାଶମାୟାତି ବିଷ୍ଣୋର୍ନିର୍ମାଲ୍ୟ ଭକ୍ଷଣାତ୍ ॥

୨୨. ଅତିପାତକପାପାନି ମହାପାପାନି ଯାନି ଚ ।
ତାନି ସର୍ବାଣି ନଶ୍ୟନ୍ତି ଜଗନ୍ନାଥାନ୍ନଭକ୍ଷଣାତ୍ ॥

୨୩. ତଥା ପବିତ୍ରଂ ସର୍ବତ୍ର ତଦନ୍ନଂ ପାପନାଶନଂ,
ତଦନ୍ନଂ କୋମଳଂ ଦିବ୍ୟଂ ଯଦ୍ୟପି ଦ୍ୱିଜସତ୍ତମ ॥
ତଥାପି ବଜ୍ରତୁଲ୍ୟଂ ସ୍ୟାତ୍ ପାପ ପର୍ବତଦାରଣେ
ପୂର୍ବାର୍ଜିତାନି ପାପାନି କ୍ଷୟଂ ଯାସ୍ୟନ୍ତି ଯସ୍ୟ ବୈ ॥

୨୪. ଅନ୍ନଂ ବ୍ୟଞ୍ଜନଯୁକ୍ତଂ ଚ ତୁଳସୀଦଳମିଶ୍ରିତମ୍ ।
ବିଷ୍ଣୁସ୍ମରଣମାତ୍ରେଣ ସଦ୍ୟୋ ନିର୍ମାଲ୍ୟଭକ୍ଷଣମ୍ ।
ଅନ୍ନଂ ବ୍ରହ୍ମ ରସୋବିଷ୍ଣୁର୍ଭୋକ୍ତାଦେବୋ ଜନାର୍ଦ୍ଦନଃ
ପଞ୍ଚଭୂତାତ୍ମାଭୁଂକ୍ତ୍ୱା ଅନ୍ନଦୋଷୋ ନ ବିଦ୍ୟତେ ॥ (ଶ୍ରୀଜଗନ୍ନାଥ ଚରିତାମୃତ ୮ମ ଅ.)

CC-0. In Public Domain. Digtized by Muthulakshmi Research Academy

ଶ୍ରୀବାସୁଦେବଙ୍କର ନୈବେଦ୍ୟ ହେଉଛି ମହାଭୟ ନିବାରକ । ମଣିଷକୁ ଅତ୍ୟନ୍ତ ନିର୍ଭୟ କରିଦିଏ ସେଇ ଶ୍ରୀମହାପ୍ରସାଦ । ଯାହା ଭୋଜନ କଲେ ଅତୀବ କଷ୍ଟ ଚାନ୍ଦ୍ରାୟଣ ବ୍ରତର ଫଳ ପ୍ରାପ୍ତି ସହ ସମାନ ହୋଇଥାଏ ବୋଲି ବ୍ରହ୍ମବୈବର୍ତ୍ତ ପୁରାଣରେ ଉଲ୍ଲେଖ ଅଛି ।[୨୫]

ଭଗବାନ ନିଜେ ତ୍ରିବାର ସତ୍ୟ କରି କହିଛନ୍ତି ଯେ ଭକ୍ତିର ସହ ମୋ'ର ଅନ୍ନକୁ ଭୋଜନ କରେ ସେ ମୋ'ର ସାନ୍ନିଧ୍ୟ ପାଏ । ଏହି କଥା ଚତୁର୍ବର୍ଗ ଯୋଗେଶ୍ୱରରେ ଲେଖାଅଛି ।[୨୬]

ସ୍କନ୍ଦପୁରାଣ ମତରେ ଯଦି କେହି କଠୋରପନ୍ଥୀ ବ୍ୟକ୍ତି ପାଚକମାନଙ୍କ ଦ୍ୱାରା ରନ୍ଧାଯାଇଥିବା ଭୋଜ୍ୟକୁ ସଂସର୍ଗ ଦୋଷ ହେତୁ ଗ୍ରହଣ କରିବାପାଇଁ କୁଣ୍ଠାବୋଧ କରନ୍ତି ତାହା ଆଦୌ ଉଚିତ ନୁହେଁ । କାରଣ ମାତା ମହାଲକ୍ଷ୍ମୀଙ୍କ ସାନ୍ନିଧ୍ୟ ହେତୁ ସେ ସବୁ ପବିତ୍ର ହୋଇଯାଏ ।[୨୭]

ଶ୍ରୀଜଗନ୍ନାଥଙ୍କ ଶ୍ରୀମହାପ୍ରସାଦ ଭୋଜନ କଲେ ସର୍ବରୋଗ ଶାନ୍ତି, ପୁତ୍ରପୌତ୍ରବୃଦ୍ଧି, ଦାରିଦ୍ର୍ୟ ନାଶ, ଦୀର୍ଘାୟୁ ଏବଂ ସମ୍ପଦଲାଭ ହୋଇଥାଏ । ଏହି ଶ୍ରୀମହାପ୍ରସାଦ ସକଳ ବସ୍ତୁ ମଧ୍ୟରେ ଶ୍ରେଷ୍ଠ ଓ ଶୁଭକର ଅଟେ ବୋଲି ସ୍କନ୍ଦ ପୁରାଣରେ ଉଲ୍ଲେଖ ଅଛି ।[୨୮]

ଗରୁଡ଼ପୁରାଣରେ ଲେଖାଯାଇଥିବା ଉକ୍ତି ଅନୁସାରେ କୌଣସି କାଳ, ନିୟମ, ଚାନ୍ଦ୍ରାୟଣ ବ୍ରତ ନ କରି ଯେଉଁ ବିପ୍ର (ମନୁଷ୍ୟ) ମୋକ୍ଷ ଇଚ୍ଛା କରେ, ସେ ଶ୍ରୀମହାପ୍ରସାଦ ପାଇବା ମାତ୍ରେ ସଙ୍ଗେ ସଙ୍ଗେ ଭକ୍ଷଣ କରିବା ଉଚିତ ବୋଲି ଲେଖାଅଛି ।

ଅନ୍ତ୍ୟବର୍ଣ୍ଣ, ହୀନବର୍ଣ୍ଣ, ବର୍ଣ୍ଣସଙ୍କର ଯିଏ ବା ହୁଅନ୍ତୁ, ମୋର ଅନ୍ନ ଭକ୍ଷଣ କଲେ ସେମାନେ ସମସ୍ତେ ମୋକ୍ଷଭାଗୀ ହୁଅନ୍ତି । ଜଗତ୍‌ପତିଙ୍କର ଅନ୍ନକୁ ସ୍ପର୍ଶ କଲେ ବା ଭକ୍ଷଣ କଲେ ସମସ୍ତ ପାପ ନାଶ ହୋଇଥାଏ ବୋଲି ଭବିଷ୍ୟ ପୁରାଣ ଗ୍ରନ୍ଥରେ ଉଲ୍ଲେଖ ଅଛି ।[୨୯]

---

୨୫. ନୈବେଦ୍ୟଂ ବାସୁଦେବସ୍ୟ ମହାଭୟନିବାରଣମ୍ ।
ଭକ୍ଷଣାତ୍ ସମବାପ୍ନୋତି ଚାନ୍ଦ୍ରାୟଣଶତୋଦ୍ଭବମ୍ ॥

୨୬. ସତ୍ୟଂ ସତ୍ୟଂ ପୁନଃ ସତ୍ୟଂ ସତ୍ୟମେବ ସୁନିଶ୍ଚିତମ୍ ।
ଭକ୍ତ୍ୟା ମମାନ୍ନଂ ଭୁକ୍ତ୍ୱା ତୁ ସାନ୍ନିଧ୍ୟଂ ମମ ଗଚ୍ଛତି ॥

୨୭. ପାକସଂସ୍କାରକର୍ତ୍ତୃଣାଂ ସମ୍ପର୍କାତ୍ତୁ ନ ଦୁଷ୍ୟତି ।(ସ୍କନ୍ଦ, ୩୮।୪)
ପଦ୍ମାୟାଃ ସନ୍ନିଧାନେନ ସର୍ବେ ତେ ଶୁଚୟଃ ସ୍ମୃତାଃ ॥(ସ୍କନ୍ଦ, ୩୮।୫)

୨୮. ସର୍ବରୋଗପଶମନଂ ପୁତ୍ରପୌତ୍ରପ୍ରବର୍ଦ୍ଧନମ୍ ।
ଦାରିଦ୍ର୍ୟହରଣଂ ଶ୍ରେଷ୍ଠଂ ବିଦ୍ୟାୟୁଃ ଶ୍ରୀପଦଂ ଶୁଭମ୍ ॥(ସ୍କନ୍ଦ,୩୮।୧୦)

୨୯. ଅନ୍ତ୍ୟବର୍ଣ୍ଣୈର୍ହୀନବର୍ଣ୍ଣୈଃ ସଙ୍କରପ୍ରଭବୈରପି
ଯେଭୁଜ୍ୟତେ ମମାନ୍ନନ୍ତୁ ତେ ସର୍ବେ ମୁକ୍ତିଭାଗିନଃ

CC-0. In Public Domain. Digtized by Muthulakshmi Research Academy

ସାମାନ୍ୟ କିଛି ନୈବେଦ୍ୟ ଭକ୍ଷଣ କଲେ ଦୁର୍ଲଭମୁକ୍ତି ଲାଭ ହୋଇଥାଏ । ଶ୍ରୀମହାପ୍ରସାଦ ଭକ୍ଷଣରେ ମହାପାତକୀ ସ୍ପର୍ଶ ଦୋଷ ରହେ ନାହିଁ ବୋଲି ବିଷ୍ଣୁଯାମଳ ଗ୍ରନ୍ଥରେ ଲେଖାଅଛି ।[୩୦]

ହେ ବିପ୍ରଗଣ ! ସତ୍ୟକଥା ଶୁଣ । ଶ୍ରୀଜଗନ୍ନାଥଙ୍କ ଶ୍ରୀମହାପ୍ରସାଦ ଭକ୍ଷଣ ଦ୍ୱାରା ଅନାୟାସରେ ମୁକ୍ତିଲାଭ କରି ଭବରୋଗରୁ ଆରୋଗ୍ୟ ଲାଭ କର ବୋଲି ମହାପ୍ରଭୁ ନିଜେ ରୁଦ୍ରଯାମଳ ଗ୍ରନ୍ଥରେ କହିଛନ୍ତି ।[୩୧]

ପୁନଶ୍ଚ ସେହି ରୁଦ୍ରଯାମଳ ଗ୍ରନ୍ଥରେ ଲେଖାଯାଇଅଛି ଯେ, ହେ ଦେବି ! ଧୂପକାଳରେ ଯେଉଁ ଅନ୍ନ ଶ୍ରୀହରିଙ୍କୁ ପ୍ରଦାନ କରାଯାଏ, ସେହି ଅନ୍ନ ଭକ୍ଷଣ ଦ୍ୱାରା ମନୁଷ୍ୟମାନଙ୍କର ମୁକ୍ତି କରଗତ ହୋଇଥାଏ ବୋଲି ମୁଁ ମନେ କରେ ବୋଲି ଭଗବାନ୍ ନିଜେ କହିଛନ୍ତି ।[୩୨]

ଏହି ବିଷୟରେ ରୁଦ୍ରଯାମଳ ଗ୍ରନ୍ଥରେ ପୁନର୍ବାର ଲେଖାଯାଇଅଛି ଯେ, ହେ ଦେବି ! ଶ୍ରୀଜଗନ୍ନାଥଙ୍କର ଅନ୍ନ ଭକ୍ଷଣ ଦ୍ୱାରା ମନୁଷ୍ୟମାନେ ସତତ ମୁକ୍ତି ଲାଭ କରନ୍ତି ଓ ସଂସାର ବ୍ୟାଧିରେ ପୀଡ଼ିତ ହୋଇ କଷ୍ଟ ପାଆନ୍ତି ନାହିଁ । ମହାପ୍ରଭୁଙ୍କର ଅନ୍ନଭକ୍ଷଣକାରୀ ମୃତ୍ୟୁ ବରଣ କରି ମୁକ୍ତି ଲାଭ କରିବା ନିଶ୍ଚିତ । ଶ୍ରୀମହାପ୍ରସାଦଭୋକ୍ତା ସର୍ବଦା ମୁକ୍ତିଯୋଗ୍ୟ ହୋଇଥାଆନ୍ତି ।[୩୩]

ପୁନର୍ବାର ରୁଦ୍ରଯାମଳ ଗ୍ରନ୍ଥରେ କୁହାଯାଇଅଛି ଯେ, ମନୁଷ୍ୟମାନେ ଅତ୍ୟନ୍ତ କଷ୍ଟଦାୟକ ଚାନ୍ଦ୍ରାୟଣାଦି ବ୍ରତଦ୍ୱାରା ଓ ଅଶ୍ୱମେଧାଦି ଯଜ୍ଞମାନଙ୍କ ଦ୍ୱାରା ଯେଉଁ ଫଳ ଲାଭ କରିଥାଆନ୍ତି ଶ୍ରୀଜଗନ୍ନାଥଙ୍କର ଅନ୍ନ ଭୋଜନ ଦ୍ୱାରା ସେହି ମୋକ୍ଷକୁ ପ୍ରାପ୍ତ ହୋଇଥାଆନ୍ତି ।[୩୪]

---

୩୦. ଯତ୍‌କିଞ୍ଚିତ୍ ଭକ୍ଷଣାଦେବ ମୁକ୍ତିଂ ପ୍ରାପ୍ନୋତି ଦୁର୍ଲ୍ଲଭାମ୍ ।
ମହାପାତକିସଂସ୍ପୃଷ୍ଟଂ ନାସ୍ତି ଦୋଷୋଽତ୍ର ଭକ୍ଷଣେ ॥

୩୧. ସତ୍ୟଂ ଶୃଣୁତ ଭୋ ବିପ୍ରା ମୁକ୍ତିମାୟାସବର୍ଜିତାମ୍ ।
ତରିଷ୍ୟଥ ଭବବ୍ୟାଧିଂ ଜଗନ୍ନାଥାନ୍ନଭକ୍ଷଣାତ୍ ॥

୩୨. ଯଦନ୍ନଂ ହରୟେ ଦତ୍ତଂ ଧୂପକାଳେ ମହେଶ୍ୱରି ।
ତଦନ୍ନଭକ୍ଷଣାନ୍ମୁକ୍ତିଂ ମନ୍ୟେ କରଗତାଂ ନୃଣାମ୍ ॥

୩୩. କିଂ କ୍ଲିଶ୍ୟନ୍ତି ଜନା ଦେବି ସଂସାରବ୍ୟାଧିପୀଡ଼ୟା ।
ନିୟତଂ ମୁକ୍ତିମେଷ୍ୟନ୍ତି ଜଗନ୍ନାଥାନ୍ନଭକ୍ଷଣାତ୍ ॥
ଅବିମୁକ୍ତେ ମୃତାନାଂ ତୁ ତଥା ମୁକ୍ତିର୍ଧ୍ରୁବା ମତା ।
ନିୟତଂ ମୁକ୍ତିଭାଜସ୍ତେ ଜଗନ୍ନାଥାନ୍ନଭକ୍ଷକାଃ ॥

୩୪. କୃଚ୍ଛ୍ରାତିକୃଚ୍ଛ୍ରୈର୍ଲ୍ଲବ୍ଧଂ ହୟମେଧାବିଭିଶ୍ଚ ଯତ୍ ।
ନରାସ୍ତନ୍ନୋକ୍ଷମାୟାନ୍ତି ଜଗନ୍ନଥାନ୍ନଭକ୍ଷଣାତ୍ ॥

CC-0. In Public Domain. Digtized by Muthulakshmi Research Academy

## ପିତୃପୁରୁଷଙ୍କ ଶ୍ରାଦ୍ଧ ପାଇଁ ଶ୍ରୀମହାପ୍ରସାଦ :-

ପିତୃପୁରୁଷମାନଙ୍କ ଶ୍ରାଦ୍ଧ ସମୟରେ ଶ୍ରୀମହାପ୍ରସାଦର ଆବଶ୍ୟକତା ରହିଥାଏ । ଶ୍ରୀମହାପ୍ରସାଦ ପାଇଲେ ସେମାନେ ଅତ୍ୟନ୍ତ ପ୍ରୀତ ହେବାର ଶାସ୍ତ୍ରୀୟ ପ୍ରମାଣ ରହିଅଛି । ସେଥିପାଇଁ ପଦ୍ମ ପୁରାଣରେ ଲେଖାଅଛି ଯେ ଯେଉଁ ବ୍ୟକ୍ତି ଶ୍ରାଦ୍ଧ ସମୟରେ ଶ୍ରୀମହାପ୍ରସାଦକୁ ଉତ୍ତମ ଭକ୍ତି ପୂର୍ବକ ପିତୃ ଓ ଦେବତାମାନଙ୍କ ଉଦ୍ଦେଶ୍ୟରେ ଦାନ କରନ୍ତି, ତତ୍ ସହିତ ତିଳ ମିଶ୍ରିତ ପିଣ୍ଡଗୁଡ଼ିକୁ ଅର୍ପଣ କରନ୍ତି ସେମାନଙ୍କର ପିତୃଗଣ କୋଟି କଳ୍ପ ପର୍ଯ୍ୟନ୍ତ ତୃପ୍ତ ହୋଇଥାଆନ୍ତି ।[୩୫]

ରୁଦ୍ରଯାମଳ ତନ୍ତ୍ର ଅନୁସାରେ ଯେଉଁ ଲୋକମାନେ ଶ୍ରାଦ୍ଧକାଳରେ ପିତୃପୁରୁଷମାନଙ୍କୁ ଶ୍ରୀଜଗନ୍ନାଥଙ୍କ ଅନ୍ନ ଆଦରର ସହିତ ଦିଅନ୍ତି, ସେମାନେ ନିଶ୍ଚୟ ଗୟାଶ୍ରାଦ୍ଧ ଫଳ ପାଇଥାଆନ୍ତି । ଏଥିରେ କୌଣସି ସନ୍ଦେହ ନାହିଁ ବୋଲି ଉଲ୍ଲେଖ ଅଛି । ନାନା ପ୍ରକାର ପିତୃ ଦେୟ ଶ୍ରାଦ୍ଧରେ ଯେଉଁ ଫଳ ମିଳିଥାଏ, ଦେବଲୋକରେ ଶ୍ରୀବିଷ୍ଣୁଙ୍କ ଶ୍ରାଦ୍ଧରେ ଯେଉଁ ଫଳ ମିଳିନଥାଏ, ଯଦି ଯତ୍ନପୂର୍ବକ ଶ୍ରୀହରିଙ୍କ ଅନ୍ନକୁ ଶ୍ରେଷ୍ଠ ବ୍ରାହ୍ମଣଙ୍କୁ ଅର୍ପଣ କରାଯାଏ, ତେବେ ଉଭୟ ଦାତା ଓ ଭୋକ୍ତା ଶ୍ରୀବିଷ୍ଣୁଙ୍କଠାରେ ସାୟୁଜ୍ୟମୁକ୍ତି ଲାଭ କରିଥାଆନ୍ତି ।[୩୬]

ସମୁଦ୍ର ସ୍ନାନ କରି ଶ୍ରେଷ୍ଠ ବଟ ବୃକ୍ଷକୁ ସ୍ପର୍ଶ କରି ସେହି କଳ୍ପବଟ ଓ ସାଗର ମଧ୍ୟରେ (ସମ୍ଭବତଃ ଶ୍ୱେତଗଙ୍ଗାରେ) ଭକ୍ତି ସହ ପିଣ୍ଡ ଦାନ କଲେ ସେହି କୈବଲ୍ୟ ପିଣ୍ଡ ପାଇ ଅତି ପ୍ରୀତ ହୋଇ ପିତୃପୁରୁଷ ପିତୃଲୋକ ତ୍ୟାଗ କରି ପରମ ଗତି ପାଇଥାଆନ୍ତି ବୋଲି ତନ୍ତ୍ର ଚୂଡ଼ାମଣିରେ ଉଲ୍ଲେଖ ଅଛି ।[୩୭]

## ପଠାଣିସାମନ୍ତଙ୍କ ବର୍ଣ୍ଣନାରେ ଶ୍ରୀମହାପ୍ରସାଦ :-

ଓଡ଼ିଶାର ଅଦ୍ୱିତୀୟ ଜ୍ୟୋତିର୍ବିଦ ଶତାବ୍ଦୀର ଶ୍ରେଷ୍ଠ ବୈଜ୍ଞାନିକ ମହାମହୋପାଧ୍ୟାୟ ଶ୍ରୀଚନ୍ଦ୍ରଶେଖର ସିଂହ ସାମନ୍ତ (ପଠାଣି ସାମନ୍ତ)ଙ୍କର ''ସିଦ୍ଧାନ୍ତ

---

୩୫. ଯଃ ଶ୍ରାଦ୍ଧକାଳେ ହରିଭୁକ୍ତଶେଷଂ
ଦଦ୍ୟାତ୍ ସୁଭକ୍ତ୍ୟା ପିତୃଦେବତାନାମ୍
ତେନୈବ ପିଣ୍ଡାଶ୍ଚତିଳୈର୍ବିମିଶ୍ରା
ନାକୋଟିକଳ୍ପଂ ପିତରଃ ସୁହୃପ୍ତାଃ ।

୩୬. ଶ୍ରାଦ୍ଧେ ଯେ ଦଦତେ ଲୋକା ଜଗନ୍ନାଥାନ୍ନମାଦରାତ୍ ।
ଗୟାଶ୍ରାଦ୍ଧଫଳଂ ସଦ୍ୟସ୍ତେ ଲଭନ୍ତେ ନ ସଂଶୟଃ ॥
ନାନାବିଧୈଃ ପିତୃଦେୟୈଃ ଶ୍ରାଦ୍ଧେ ଯତ୍‌ଫଳମଶ୍ନୁତେ ।
ଦେବଲୋକେ ନ ତଦ୍‌ବିଷ୍ଣୋଃ ଶ୍ରାଦ୍ଧେ ଯତ୍‌ଫଳମଶ୍ନୁତେ ॥

୩୭. ସ୍ନାତ୍ୱା ତୁ ସାଗରତୀରେ ସ୍ପୃଷ୍ଟ୍ୱା ତୁ ନ୍ୟଗ୍ରୋଧେତ୍ତମଃ ।
ବଟସାଗରୟୋର୍ମଧ୍ୟେ ଦତ୍ତ୍ୱା ପିଣ୍ଡଂ ସଭକ୍ତିତଃ ।
କୈବଲ୍ୟପିଣ୍ଡସଂପ୍ରାପ୍ତେ ଲଭନ୍ତି ତୃପ୍ତି ବିସ୍ତରୈଃ ।
ପିତୃଲୋକଂ ପରିତ୍ୟଜ୍ୟ ଯାନ୍ତି ପରମଗତିଂ ॥

CC-0. In Public Domain. Digitized by Muthulakshmi Research Academy

ଦର୍ପଣ'' ଏକ ଅନବଦ୍ୟ କୃତି । ଉକ୍ତ ଗ୍ରନ୍ଥରେ ସେ ଅତ୍ୟନ୍ତ ମାର୍ମିକ ସ୍ତୁତି କରିଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ । ''ଜଗନ୍ନାଥ ସ୍ତୋତ୍ର'' ଆକାରରେ ଡଃ ସୁରେନ୍ଦ୍ର କୁମାର ମିଶ୍ର, ଗବେଷଣା ଅଧିକାରୀ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀବିହାର, ପୁରୀ ସଂକଳିତ କରିଥିବା ''ଶ୍ରୀଜଗନ୍ନାଥ ସ୍ତୋତ୍ର ରତ୍ନାବଳୀ''ରୁ 'ଶ୍ରୀଜଗନ୍ନାଥ ସ୍ତୋତ୍ର'ରେ ଶ୍ରୀମହାପ୍ରସାଦ ସମ୍ବନ୍ଧରେ ସାମନ୍ତ ଆପଣେ ଯାହା ବର୍ଣ୍ଣନା କରିଛନ୍ତି ସେଥିରୁ ପାଠୋଦ୍ଧାର କରାଯାଉଅଛି । ସେହି ସ୍ତୁତି ଅନୁସାରେ ଯାହାଙ୍କର ଶ୍ରୀମହାପ୍ରସାଦ ହାତରେ ବା ତୁଣ୍ଡରେ ଧରି ବା ଉଦରସ୍ଥ କରିବା ପରେ ମନୁଷ୍ୟ କୃତକୃତ୍ୟ ବା ପବିତ୍ର ହୋଇଯାଏ, ସେହିପରି ମନୁଷ୍ୟର ସଂସ୍ପର୍ଶରେ ଆସିଥିବା ପବିତ୍ର ବାୟୁ, ମାର୍ଗରେ ଯାଉଥିବା ମୋପରି ପତିତମାନଙ୍କୁ ମଧ୍ୟ ପବିତ୍ର କରିଥାଏ । ସେହି ମହାପ୍ରଭୁଙ୍କର ତେଜ ସର୍ବଦା ମୋର ଦୃଷ୍ଟିରେ ରହି ଆନନ୍ଦ ଦେଉ ।[୩୮]

ଏହିପରି ସଂସ୍କୃତ ସାହିତ୍ୟରେ ଶ୍ରୀମହାପ୍ରସାଦ ସମ୍ବନ୍ଧରେ ବହୁଳ ବର୍ଣ୍ଣନା କରାଯାଇଅଛି । ଉପରିଲିଖିତ ବର୍ଣ୍ଣନାଗୁଡ଼ିକ ଲେଖକଙ୍କ ଦ୍ୱାରା ସଂଗୃହୀତ କେତେକ ଦୃଷ୍ଟାନ୍ତମୂଳକ ଉଦାହରଣ । ପରବର୍ତ୍ତୀ ସମୟରେ ହୁଏତ ଶ୍ରୀମହାପ୍ରସାଦ ସମ୍ବନ୍ଧରେ ଆଉ ଅନ୍ୟାନ୍ୟ ଗ୍ରନ୍ଥମାନଙ୍କରେ ବର୍ଣ୍ଣିତ ହୋଇଥିବା ବିଷୟଗୁଡ଼ିକ ଉପଲବ୍ଧ ହୋଇପାରେ, ଯାହାକି ପରବର୍ତ୍ତୀ ସଂସ୍କରଣମାନଙ୍କରେ କିମ୍ବା ଗବେଷକମାନଙ୍କ ଦ୍ୱାରା ଅଧିକ ଗବେଷଣା କରାଯାଇ ଲୋକଲୋଚନକୁ ଆସିପାରିବ ।

## ଓଡ଼ିଆ ସାହିତ୍ୟରେ ଶ୍ରୀମହାପ୍ରସାଦ :-

ସଂସ୍କୃତ ସାହିତ୍ୟ ଭଳି ବିଭିନ୍ନ ପ୍ରାଦେଶିକ ଭାଷାରେ ବିଭିନ୍ନ ଗ୍ରନ୍ଥରେ ଶ୍ରୀମହାପ୍ରସାଦ ସମ୍ବନ୍ଧୀୟ ବର୍ଣ୍ଣନା ଦେଖିବାକୁ ମିଳେ । ଓଡ଼ିଶାର ବହୁ ପ୍ରାଚୀନ କବି, ଲେଖକମାନଙ୍କଠାରୁ ଆରମ୍ଭ କରି ଆଧୁନିକ କବି ଓ ଲେଖକମାନଙ୍କ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟରେ 'ଶ୍ରୀମହାପ୍ରସାଦ' ସମ୍ବନ୍ଧରେ ଗ୍ରନ୍ଥମାନ ରଚନା କରିଚାଲିଛନ୍ତି । କେତେକ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଶ୍ରୀମହାପ୍ରସାଦ ସମ୍ବନ୍ଧରେ ଆଲୋଚନା ଓ ପ୍ରକାଶନକୁ ସମୟ ଅପେକ୍ଷା କରି ରହିଅଛି । ବର୍ତ୍ତମାନ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟରେ ପ୍ରକାଶିତ ହୋଇଥିବା ଗ୍ରନ୍ଥ, ଲେଖା, ଭଜନ, ଜଣାଣ, ଛାନ୍ଦ, ଚମ୍ପୂ ଆଦି ବର୍ଣ୍ଣନାରୁ ଶ୍ରୀଜଗନ୍ନାଥଙ୍କ ଭଳି 'ଶ୍ରୀମହାପ୍ରସାଦ'ର ମଧ୍ୟ ମହିମାର ବ୍ୟାପକତା ସମ୍ବନ୍ଧରେ ଏକ ଚିତ୍ର ଅଙ୍କା ଯାଇପାରେ ।

---

୩୮. *କୃତିପ୍ରତିନିବୃତ୍ତୟୋ ମନୁଜବୀଥୟୋ ଯନ୍ମହା-*
*ପ୍ରସାଦପରିପୂରିତୋଦରକଭାନନାଃ ପାବନାଃ*
*ପୁନନ୍ତି ପତିତାନ୍ ପଥି ସ୍ୱତନୁମାରୁତୈର୍ମାଦୃଶୋ*
*ଦୃଶୋର୍ବହତୁ ମେଽନ୍ନହଂ ମହମଦୋ ମହାନ୍ତଂମହଃ ॥ (୨୦।୧୧୨)*
*(ସଂଗୃହୀତ-ଶ୍ରୀଜଗନ୍ନାଥ ସ୍ତୋତ୍ରରତ୍ନାବଳୀ, 'ଶ୍ରୀଜଗନ୍ନାଥସ୍ତୋତ୍ରମ୍')*

CC-0. In Public Domain. Digtized by Muthulakshmi Research Academy

ପରଂବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଭଳି ଶ୍ରୀମହାପ୍ରସାଦ ମଧ୍ୟ ଅତି ପବିତ୍ର । ମହାପୁରୁଷ ଅତିବଡ଼ି ଜଗନ୍ନାଥ ଦାସ ତାଙ୍କ ଶିଷ୍ୟମାନଙ୍କୁ ଏ ସମ୍ବନ୍ଧରେ ଦେଇଥିବା ଉପଦେଶ ପ୍ରାଚୀନ କବି ଦିବାକର ଦାସ ଶ୍ରୀଜଗନ୍ନାଥ ଚରିତାମୃତରେ ବର୍ଣ୍ଣନା କରିଛନ୍ତି । ଏହି ବର୍ଣ୍ଣନା ମୁଖ୍ୟତଃ ଏକୋଇଶି ଓ ବାଇଶି ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି । ସେହି ବର୍ଣ୍ଣନାରେ ଶ୍ରୀମହାପ୍ରସାଦ ମଧ ବ୍ରହ୍ମଙ୍କ ଭଳି ନିର୍ବିକାର ବୋଲି ଉଲ୍ଲେଖ ଅଛି ।[୩୯]

ସେହିଭଳି ସନ୍ଥ ଶ୍ରୀଅଚ୍ୟୁତାନନ୍ଦ ତାଙ୍କ ଶୂନ୍ୟ ସଂହିତାରେ ଉଲ୍ଲେଖ କରିଛନ୍ତି ।[୪୦]

ଶ୍ରୀ ଦିବାକର ଦାସ ପୁନଶ୍ଚ ବର୍ଣ୍ଣନା କରିଛନ୍ତି ।[୪୧] କବି ଦିବାକର ଦାସଙ୍କ ଶ୍ରୀଜଗନ୍ନାଥ ଚରିତାମୃତ ମତରେ ଶ୍ରୀଜଗନ୍ନାଥ ହେଉଛନ୍ତି ଅନ୍ନପତି ଏବଂ ମାତା ଅନ୍ନପୂର୍ଣ୍ଣ ରୂପୀ ମା'ସୁଭଦ୍ରାଙ୍କ ଠାରୁ ଶ୍ରୀମହାପ୍ରସାଦ ସୃଷ୍ଟି ହୋଇଥିବା କଥା ଉଲ୍ଲେଖ କରିଛନ୍ତି ।[୪୨]

ଦିବାକର ଦାସଙ୍କ ଶ୍ରୀଜଗନ୍ନାଥ ଚରିତାମୃତ ବର୍ଣ୍ଣନାନୁସାରେ ମାତା ମହାଲକ୍ଷ୍ମୀ ଯେଉଁ ଅନ୍ନ ରାନ୍ଧନ୍ତି ତାହା ହିଁ ଶ୍ରୀମହାପ୍ରସାଦ । ଯାହାକି ନାରାୟଣ ଭୋଜନ କରନ୍ତି ।[୪୩]

ଏଠାରେ ମାତା ମହାଲକ୍ଷ୍ମୀ ନିଜେ ମହାପ୍ରଭୁଙ୍କ ପାଇଁ ବ୍ୟଞ୍ଜନ ରାନ୍ଧୁଥିବା କଥା ବର୍ଣ୍ଣନା ଅଛି । ସ୍କନ୍ଦପୁରାଣ ମତରେ ଶ୍ରୀମନ୍ଦିରରେ ମହାପ୍ରଭୁ ନିଜେ ଭୋଜନ କରୁଥିବା ସ୍ଥଳେ ଅନ୍ୟତ୍ର କେବଳ ଦୃଷ୍ଟି ପକାଇଥାଆନ୍ତି । ଏହି କଥାକୁ ଶ୍ରୀ ଦିବାକର ଦାସ ତାଙ୍କ ଶ୍ରୀଜଗନ୍ନାଥ ଚରିତାମୃତରେ ସମର୍ଥନ କରିଛନ୍ତି । ଅପରନ୍ତୁ ଯଦି କେହି କହେ ଯେ, ମହାପ୍ରଭୁ ନିଜେ ଭୋଜ୍ୟ ଉପରେ ଦୃଷ୍ଟି ପକାଇଥାଆନ୍ତି ତାହାହେଲେ ଶ୍ରୀ ଦିବାକର ଦାସ ସେ ବିଷୟକୁ ମଧ୍ୟ ସମର୍ଥନ କରି ମହାପ୍ରଭୁଙ୍କ ଆଗରେ ରଖାଯାଉଥିବା ଭୋଜ୍ୟଗୁଡ଼ିକ ତାଙ୍କର ଦୃଷ୍ଟିପାତ ଫଳରେ ମଧ୍ୟ ପବିତ୍ର ହେଉଥିବା କଥା ଉଲ୍ଲେଖ କରିଛନ୍ତି ।[୪୪]

---

୩୯. ଭକ୍ଷ ଅଭକ୍ଷ ଏ ବିଚାର, ପ୍ରସାଦ ଭୋଜନେ ନ ଧର ।
ବ୍ରହ୍ମପରି ଏ ନିର୍ବିକାର, ବିଷ୍ଣୁଙ୍କ ସଦୃଶ ବିଚାର ॥

୪୦. ପ୍ରଭୁଙ୍କ ନିର୍ମାଲ୍ୟ ଏହି ସ୍ୱୟଂ ବ୍ରହ୍ମ ହୋଇ,
ରେଣୁ ପ୍ରକାରେ ଭକ୍ଷିଲେ ପାତକ ନାଶଇ ॥
(ଅଚ୍ୟୁତାନନ୍ଦଙ୍କ ଶୂନ୍ୟ ସଂହିତା ୧୦ମ ଅଧ୍ୟାୟ)

୪୧. ଯେ, ଜଗନ୍ନାଥଙ୍କ ମୂରତି, ହୃଦ ପଦ୍ମରେ ଭାବୁଥାନ୍ତି ।
ମୁଖରେ ନାମକୁ ଉଚାରି, ନୈବେଦ୍ୟ ଗର୍ଭରେ ସଂହରି ॥
ନିର୍ମାଲ୍ୟ ପାଦୋଦକ ଆଣି, ମସ୍ତକେ ବହିଥାନ୍ତି ପୁଣି ।
ନାହିଁଟି ତାହାର ବିନାଶ, ଜାଣି ସେ ମୋହର ସଦୃଶ ॥

୪୨. ସେଠାରେ ଅନ୍ନପତି ଜାଣ, ଶ୍ରୀଜଗନ୍ନାଥ ଜନାର୍ଦ୍ଦନ ।
ଅନ୍ନପୂର୍ଣ୍ଣା ଯେ ସୁଭଦ୍ରାଟି, ଏ ଦୁଇ ବିନା କାହୁଁ ସୃଷ୍ଟି ॥

୪୩. ଲକ୍ଷ୍ମୀ ରାନ୍ଧନ୍ତି ଯେଉଁ ଅନ୍ନ; ଭୁଞ୍ଜନ୍ତି ସ୍ୱୟଂ ନାରାୟଣ ।

CC-0. In Public Domain. Digtized by Muthulakshmi Research Academy

ପୁସ୍ତକର ଦ୍ୱିତୀୟ ପରିଚ୍ଛେଦରେ ମହାଲକ୍ଷ୍ମୀଙ୍କ ସହିତ ମା ଦକ୍ଷିଣକାଳୀଙ୍କର ମଧ୍ୟ ରନ୍ଧନ କାର୍ଯ୍ୟରେ ଯୋଗଦାନ ଥିବା କଥା ବାମଦେବ ସଂହିତା ଓ ନୀଳାଦ୍ରି ମହୋଦୟରେ ବର୍ଣ୍ଣିତ ହୋଇଥିବା ଉଲ୍ଲେଖ କରାଯାଇଅଛି । ସେହିପରି ଓଡ଼ିଆ ସାହିତ୍ୟରେ ମଧ୍ୟ ସେହି ବିଷୟକୁ ସମର୍ଥନ କରାଯାଇଅଛି ।[୪୫]

ରଥଯାତ୍ରା ସମୟରେ ଯେତେବେଳେ ଅଶରୀରୀମାନେ ଅଧରପଣା ପାଇ ମୁକ୍ତ ହେବା ଆଶାରେ ଆସିଥାଆନ୍ତି, ଦେବତାମାନେ ମଧ ମନୁଷ୍ୟ ଶରୀର ଧରି ଶ୍ରୀମହାପ୍ରସାଦ ପାଇବା ପାଇଁ ଯେତେବେଳେ ଆସନ୍ତି ସେତେବେଳେ ସାମାନ୍ୟ ମନୁଷ୍ୟ ପକ୍ଷେ କଅଣ କୁହାଯିବ ? ଏ ସମ୍ବନ୍ଧରେ ଶ୍ରୀ ଦିବାକର ଦାସ କହିଛନ୍ତି-[୪୬]

କଠିନ ଚାନ୍ଦ୍ରାୟଣ ବ୍ରତ, ଯଜ୍ଞ, ଜପ, ତପ, ତୁଳା ପୁରୁଷ ଦାନ, କୋଟିଏ ବ୍ରାହ୍ମଣ ଭୋଜନ, ଆଦି ଯେତେ ବ୍ରତ କରି ପୂଣ୍ୟଫଳ ପାଇଥିଲେ ମଧ କେବଳ ବିଷ୍ଣୁ ନିର୍ମାଲ୍ୟ ଭକ୍ଷଣ କଲେ ସେହି ସବୁ ବ୍ରତ ସହିତ ସମାନ ପୂଣ୍ୟଫଳ ମିଳିଥାଏ ବୋଲି ଦିବାକର ଦାସ ଜଗନ୍ନାଥ ଚରିତାମୃତରେ ଲେଖିଛନ୍ତି ।[୪୭]

ଦିବାକର ଦାସ ପୁନଃ ବର୍ଣ୍ଣନା କରିଛନ୍ତି ଯେ, ବିଷ୍ଣୁ ନିର୍ମାଲ୍ୟ ଭକ୍ଷଣ କଲେ ସମସ୍ତ ପାପ କ୍ଷୟ ହୋଇ ନିର୍ମଳ ଭକ୍ତି ଜାତ ହୁଏ, ଭକ୍ତିରୁ ଜ୍ଞାନ ଜାତ ହୁଏ ଓ ସେହି

---

୪୪. ଏଣୁ ଏହାର ଅଗ୍ରତ, ଯେ ଭୋଗ ହେବ ସଂପାଦିତ ।
ଏହାଙ୍କ ଦୃଷ୍ଟିରେ ଯେ ପୂତ, ପିଷ୍ଟକ ନାନା ରସ ଯୁତ

୪୫. ଯେଉଁ ରୋଷ ଶାଳେ ଜଗତ ମାତ ରନ୍ଧନକାରୀ
ରୋଷର ଚରଚା ବୁଝନ୍ତି ମାତ ଦକ୍ଷିଣକାଳୀ
x x x
କିୟଦନ୍ତି ଲକ୍ଷ୍ମୀ, ବିମଳାଦେବୀ, ଦକ୍ଷିଣକାଳୀ
ନିଯୋଗୀ ସେ ରୋଷଶାଳରେ ନିତି ଖଟନ୍ତି ପାଳି ॥
ଅସମ୍ଭବ ତେଣୁ ସମ୍ଭବ ସେହି ପାକଶାଳାରେ
ଚନ୍ଦ୍ରଶେଖର କାଳ ସବୁ ଏହି ନିତ୍ୟସ୍ଥଳରେ
(ଉଦ୍ଧୃତ ଶ୍ରୀ ଚନ୍ଦ୍ରଶେଖର ପଟ୍ଟନାୟକଙ୍କ ନୀଳାଚଳ ମାଧୁରୀ, ସଂଗୃହୀତ-ମହାଲକ୍ଷ୍ମୀ, ମହାପ୍ରସାଦ, ମହାପ୍ରଭୁ, ଲେ-ରବୀନ୍ଦ୍ରନାରାୟଣ ମିଶ୍ର)

୪୬. ଇନ୍ଦ୍ରାଦି ଯେତେ ଦେବଗଣ, ମନୁଷ୍ୟ ତନୁକୁ ଦହିଣ
ନିତ୍ୟେ ଭୋଜନ କରୁଛନ୍ତି, ମନୁଷ୍ୟେ କି ଅଧିକ ଏଥି ॥

୪୭. ନିୟମ ବ୍ରତ ଉପବାସ, କୃଚ୍ଛ୍ରଚାନ୍ଦ୍ରାୟଣ ବିଶେଷ ।
ନାନା ପ୍ରକାର ଯଜ୍ଞକର୍ମ, ଜପ ହୋମ ତପସ୍ୟା ଧର୍ମ ॥
ତୁଳା ପୁରୁଷ ଆଦି ଦାନ, କୋଟିଏ ବ୍ରାହ୍ମଣ ଭୋଜନ ।
ବିଧି ପ୍ରକାରେ ଏତେ କଲେ, ଯେତେକ ପୁଣ୍ୟ ହୁଏ ଭଲେ ॥
ଯେ ବିଷ୍ଣୁ ନିର୍ମାଲ୍ୟ ଭୁଞ୍ଜଉ, ଏ ସର୍ବ ଫଳକୁ ଲଭଇ

CC-0. In Public Domain. Digtized by Muthulakshmi Research Academy

ଜ୍ଞାନରୁ ମୁକ୍ତି ମିଳିଥାଏ । ତେଣୁ ସେହି କାରଣରୁ ବ୍ରାହ୍ମଣଙ୍କୁ ଶ୍ରୀଜଗନ୍ନାଥଙ୍କ ଅନ୍ନ ଦେବା ଉଚିତ ।[୪୮]

ଶ୍ରୀ ଦିବାକର ଦାସ କୃତ ଶ୍ରୀଜଗନ୍ନାଥ ଚରିତାମୃତରେ ବର୍ଣ୍ଣନା କରାଯାଇଥିବା ମତେ ଶ୍ରୀମହାପ୍ରସାଦ ଭକ୍ଷଣରେ ସମସ୍ତ ପାପ ନାଶ ହୁଏ ।[୪୯]

ମହାପୁରୁଷ ଅଚ୍ୟୁତାନନ୍ଦ ତାଙ୍କ ଶୂନ୍ୟ ସଂହିତା ୧୦ମ ଅଧ୍ୟାୟରେ ପାପନାଶନ ସମ୍ବନ୍ଧରେ ଲେଖିଛନ୍ତି ।[୫୦]

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ତାଙ୍କର ପ୍ରସିଦ୍ଧ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀରେ ୧ମ ଛାନ୍ଦରେ ଉଲ୍ଲେଖ କରି ଲେଖିଛନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ 'ନ୍ନ' ରହିଅଛି ସେହିଭଳି ତାଙ୍କର ଅନ୍ନରେ ମଧ୍ୟ 'ନ୍ନ' ଶବ୍ଦ ରହିଅଛି । ଉଭୟ ଯୁକ୍ତାକ୍ଷର 'ନ୍ନ'ର କାର୍ଯ୍ୟ ହେଉଛି ମୋକ୍ଷ । ଅର୍ଥାତ୍ ଜଣକୁ ଦର୍ଶନ କଲେ ମୋକ୍ଷ ଅନ୍ୟ ଜଣକୁ ଭକ୍ଷଣ କଲେ ମୋକ୍ଷ ।[୫୧]

---

୪୮. ଇନ୍ଦ୍ରଦ୍ୟୁମନ ରାଜା ଆଗେ, ବଶିଷ୍ଠ କହନ୍ତି ସରାଗେ ।
ବିଷ୍ଣୁନିର୍ମାଲ୍ୟଦାନେ ପାପ, କ୍ଷୟ ହୁଅଇ ଆହେ ନୃପ ॥
ନିର୍ମଳ ଭକ୍ତି ହୁଏ ତାର, ପାପାଦି ହୋଇଯାଏ ଦୂର ।
ଭକ୍ତିରୁ ଜ୍ଞାନ ହୁଏ ଜାତ, ଜ୍ଞାନରୁ ପ୍ରାପ୍ତି ମୁକ୍ତି ପଥ ॥
ଏ ହେତୁ ଜଗନ୍ନାଥ ଅନ୍ନ, ଦିଅ ବ୍ରାହ୍ମଣେ ଅନ୍ନଦାନ ॥

୪୯. ପାତକ ଯେ ଅତିପାତକ, ପୁଣି ଯେହୁ ମହାପାତକ ॥
ଏ ସର୍ବ ବିନାଶ ହୁଅଇ, ଯେ ଜଗନ୍ନାଥ ଅନ୍ନ ଖାଇ ॥
x x x x
ମନରେ ଅର୍ଜିଥିବା ପାପ, ଆଘ୍ରାଣ କଲେ ହୁଏ ଲୋପ ॥
ଦୃଷ୍ଟିମାର୍ଗରେ ଅର୍ଜିଥିଲେ, ଦେଖିଲାକ୍ଷଣି ଯାଏ ଭଲେ ॥
ଆସ୍ୱାଦ କଲା ମାତ୍ରକରେ, କରି ପାପକୁ ସେ ହରେ ॥
ପ୍ରସାଦ ବୋଲି ଯେ ଶୁଣଇଁ, ତତ୍‌କାଳ ପାପ କ୍ଷୟ ଯାଇ ॥
ସ୍ମରଣ କଲାମାତ୍ରେ ନୃପ, ମିଥ୍ୟା ଦୁଷ୍କୃତ ହୁଏ ଲୋପ ॥
ଶରୀର ଯେତେ ପାପ ଥାଇ, ଅଙ୍ଗ ଲେପିଲେ ଦୂର ହୋଇ ॥

୫୦. ମାଧୁରୀକି ବୋଇଲେ ତୁ ପାଅ ଶ୍ରୀପ୍ରସାଦ,
ଅମୋକ୍ଷ ଦଣ୍ଡକୁ ମୋକ୍ଷ କରେ ଏହି ଦ୍ରବ୍ୟ ॥
x x x
ରେଣୁ ଭକ୍ଷିଲେ ପାତକ ନାଶଇ ॥
ଶ୍ରୀପୁରୁଷୋତ୍ତମପୁର ଶ୍ରୀମହାପ୍ରସାଦ,
ଦର୍ଶନେ ନିର୍ମଳ ଯେ ସ୍ପର୍ଶନେ ଖଣ୍ଡେ ପାପ ॥

୫୧. ମୁକ୍ତି ଦେବା ଗୁପ୍ତ ହୋଇଅଛି ଯୁକ୍ତାକ୍ଷରେ ।
ବୈଷ୍ଣବ ବିହୁନେ କେହୁ ଜାଣିବ ସଂସାରେ ॥
ଶ୍ରୀ ମହାପ୍ରସାଦ ଗଦ ପଦ ଘଣ୍ଟ ଘୋଷ ।
ଭକ୍ଷଣେ ଶ୍ରବଣେ କଳିବିଷ ବିଷ ନାଶ ॥

CC-0. In Public Domain. Digtized by Muthulakshmi Research Academy

ପୁନଶ୍ଚ ସମସ୍ତ ପାପ ନାଶ ହୋଇ ବ୍ୟକ୍ତି ମୁକ୍ତ ହେବା ସମ୍ବନ୍ଧରେ କବି ସମ୍ରାଟ ତାଙ୍କର ''ରସିକ ହାରାବଳୀ''ରେ ଲେଖିଛନ୍ତି । ଏଥିରୁ ହିଁ ମନୁଷ୍ୟ 'ଅନ୍ନତ୍ୱ'ରୁ 'ବ୍ରହ୍ମତ୍ୱ'ପ୍ରାପ୍ତ ହୋଇଥାଏ ବୋଲି କବି ସମ୍ରାଟ ପ୍ରତିପାଦିତ କରିଛନ୍ତି ।[୫୨]

ଶ୍ରୀ ଦିବାକର ଦାସଙ୍କ ବର୍ଣ୍ଣନାନୁସାରେ ଶ୍ରୀଜଗନ୍ନାଥ ଚରିତାମୃତରେ ଲେଖାଅଛି ଯେ, ପିତୃପୁରୁଷଙ୍କ ଶ୍ରାଦ୍ଧ ପାଇଁ ଶ୍ରୀମହାପ୍ରସାଦର ଆବଶ୍ୟକତା ରହିଅଛି । ଯାହା ପ୍ରାଇ କୋଟିଏ କଳ୍ପ ପାଇଁ ପିତୃଗଣ ତୃପ୍ତ ହୁଅନ୍ତି ।[୫୩]

ପୁନଶ୍ଚ ଶ୍ରୀଜଗନ୍ନାଥ ଚରିତାମୃତର ବର୍ଣ୍ଣନାନୁସାରେ- ଶ୍ରୀମହାପ୍ରସାଦ ସାମାଜିକ ସମରସତାର ଦ୍ୟୋତକ । ଯେଉଁଥିରେ ଜାତିଭେଦ ନଥାଏ ।[୫୪]

ପଞ୍ଚସଖାମାନଙ୍କ ମଧ୍ୟରେ ବୟୋଜ୍ୟେଷ୍ଠ ମହାପୁରୁଷ ବଳରାମ ଦାସ କେବଳ ଜଣେ ଶ୍ରୀଜଗନ୍ନାଥଙ୍କର ଭକ୍ତ ନଥିଲେ, ସେ ଥିଲେ ଜଣେ ସମାଜ ସଂସ୍କାରକ । ସମାଜରେ ଥିବା ଛୁଆଁ ଅଛୁଆଁ, ଭେଦାଭେଦ, ଉଚ୍ଚନୀଚ ଭାବକୁ ଦୂର କରିବାରେ ସେ ଶ୍ରୀମହାପ୍ରସାଦର ଆଶ୍ରୟ ନେଇ ତାଙ୍କ ଲକ୍ଷ୍ମୀ ପୁରାଣରେ ଲେଖିଛନ୍ତି ।[୫୫]

---

୫୨. ଯେବଣ କଟକେ ଛଟକେ ଦରାଟକେ ମୁକତି,
ମହାପ୍ରସାଦରେ ସାଦରେ ଲୋକମାନେ ଲଭନ୍ତି ।

୫୩. ଯେ ଶ୍ରାଦ୍ଧକାଳେ ଶ୍ରଦ୍ଧାମନ, ହରିଙ୍କ ଲୁଭ ଶେଷ ଅନ୍ନ ॥
ପିତୃ ଦେବତାଙ୍କୁ ବସାଇ, ତିଳ ମିଶାଇ ପିଣ୍ଡ ଦେଉ ॥
କୋଟିଏ କଳ୍ପଯାଏଁ ଜାଣ, ତୃପ୍ତ ହୁଅନ୍ତି ପିତୃଗଣ ॥

୫୪. ଭୁଞ୍ଜିଲେ ପ୍ରାଣୀ ମୁକ୍ତ ହୋଇ, ନାହିଁ ଜାତି ବିଚାର ତହିଁ ॥
ଅନ୍ୟବର୍ଣ୍ଣ ବା ହୀନ ବର୍ଣ୍ଣ, ବର୍ଣ୍ଣସଙ୍କର ଯେହୁ ଜନ ॥
ଛୁଇଁଲେ ପ୍ରଭୁ ଅବଶେଷ, ତାହା ଭୋଜନେ ଅଘନାଶ ॥
ଏ ଅଟେ ଶ୍ରୀମୁଖ ବଚନ, ସୁଜନେ କରି ଦୃଢ଼ ଯେନ ॥
x x x x x
ତେଣୁ ଯତ୍ନେ ଏହି ଭକ୍ଷିବ, ବାହ୍ର ବିଚାର ନ କରିବ ॥
x x x x x

ପୁନଶ୍ଚ ବର୍ଣ୍ଣନା କରାଯାଇଅଛି-

ଶ୍ରୀକୃଷ୍ଣ ଦାରୁ ରୂପ ଧରି, ବିହରୁଛନ୍ତି ଲୀଳା କରି,
ଶ୍ରୀଜଗନ୍ନାଥେ ଭୋଗ ଦେବ, ବିପ୍ରେ ଭୋଜନ କରାଇବ ॥
ବ୍ରାହ୍ମଣ ଚଣ୍ଡାଳ ପର୍ଯ୍ୟନ୍ତେ, ଉଦ୍ଧାର କରିବା ନିମନ୍ତେ
ଦର୍ଶନ ପ୍ରସାଦ ସେବନ, ତ୍ରିମଣ ତୀର୍ଥାଦିରେ ସ୍ନାନ
କଲାମାତ୍ରକେ ପ୍ରାଣୀଙ୍କର, ତ୍ରିବିଧ ତାପ ହୁଏ ଦୂର

୫୫. ବ୍ରାହ୍ମଣ ଚଣ୍ଡାଳ ଯାଏଁ, ଖୁଆ ଖୋଇ ହେବେ ।
ସମସ୍ତେ ଖାଇବେ ଜଳେ ହାତ ନ ଧୋଇବେ ॥
ହାଡ଼ିର ହାତରୁ ବ୍ରାହ୍ମଣ ଛଡ଼ାଇ ଖାଇବେ ।
ବ୍ରାହ୍ମଣ ଖାଇ ହାତକୁ ମୁଣ୍ଡରେ ପୋଛିବେ ॥

CC-0. In Public Domain. Digtized by Muthulakshmi Research Academy

କବିମାନେ ସେମାନଙ୍କ ଲେଖାରେ ଶ୍ରୀମହାପ୍ରସାଦ ସେବନବେଳେ ଛୁଆଁ ଅଛୁଆଁ ସାନ, ବଡ଼ ,ଭାବ ନଥିବା କଥା ଉଲ୍ଲେଖ କରିଛନ୍ତି । ଲେଖକମାନଙ୍କ ମଧ୍ୟରୁ ସନ୍ଥ ବଳରାମ ଦାସ ତାଙ୍କ ଭାବ ସମୁଦ୍ର ଗ୍ରନ୍ଥରେ ଲେଖିଛନ୍ତି ।[୫୬] ଏ ସମ୍ବନ୍ଧରେ କବି ବୈଷ୍ଣବ ଚରଣ ଦାସ ଲେଖିଛନ୍ତି-[୫୭] କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଲେଖା ଅନୁସାରେ-[୫୮] ଶ୍ରୀଜଗନ୍ନାଥ ଚରିତାମୃତ ଅନୁସାରେ ଶ୍ରୀମହାପ୍ରସାଦ ବାଞ୍ଛାକଳ୍ପତରୁ ସଦୃଶ । ଯେ ଯେଉଁ ବାଞ୍ଛା କରେ ଜାଣି, ତାକୁ ସେ ଫଳ ଦ୍ୟନ୍ତି ପୁଣି ॥

ଶ୍ରୀମହାପ୍ରସାଦ ଶୁଖିଲା ହେଉ, ବାସି ହେଉ, ପଖାଳ ହେଉ, ତୋରାଣୀ ହେଉ ନିକଟ ଦେଶରେ ହେଉ ବା ଦୂରଦେଶକୁ ଯାଉ ସବୁ କିନ୍ତୁ ଶ୍ରୀମହାପ୍ରସାଦ ରୂପେ ପରିଚିତ ଓ ଗ୍ରହଣୀୟ । ଏହାର ନାମର କୌଣସି ପରିବର୍ତ୍ତନ ହୁଏନାହିଁ । ସେ ଯେଉଁ ଅବସ୍ଥାରେ ଥିଲେ ମଧ୍ୟ ସର୍ବଦା ପବିତ୍ର । ତାହା ଭକ୍ଷ୍ୟ । ବିକାର ଯୋଗ୍ୟ ଆଦୌ ନୁହେଁ । ଭକ୍ଷ୍ୟ ବା ଅଭକ୍ଷ୍ୟ ଏଭଳି ବିଚାର କରିବା ହିଁ ମନା । ସେଇଥିପାଇଁ ଶ୍ରୀ ଦିବାକର ଦାସ ଲେଖିଛନ୍ତି- ଯେ ଏଭଳି ବିଚାର କଲେ ମଣିଷ ନରକଗାମୀ ହୁଏ ।[୫୯]

ଶାସ୍ତ୍ରରେ ବର୍ଣ୍ଣନା କରାଯାଇଥିବା ବିଷୟ ଅନୁସାରେ ଦେବତାମାନଙ୍କୁ ସମର୍ପିତ ନୈବେଦ୍ୟ ଓ ଅନ୍ୟାନ୍ୟ ବସ୍ତୁ ତାଙ୍କ ଦେହରୁ ଅପସାରିତ ବା ଉଲାଗି ହୋଇଗଲେ

---

୫୬. *କାହୁଁ ଭିଆଇଲୁ କ୍ଷେତ୍ର ତୋହର, ଚଉଦ ଭୁବନ ମଧ୍ୟ ବାହାର ॥*
*ନାଥ ତୋ କ୍ଷେତ୍ରେ ସାନ ବଡ଼ ନାହିଁ, ବ୍ରାହ୍ମଣ ଚଣ୍ଡାଳ ଯେ ସରି ହୁଇ ॥*

୫୭. *ସାନବଡ଼ ଭାବିବା ଅଜାତିଏ ବିଚାର,*
*ନାହିଁ ଟି କାହା ଚିତ୍ତରେ ତିଳେ ହେଁ ବିକାର ।*
*ଚଣ୍ଡାଳ ହସ୍ତୁ ବ୍ରାହ୍ମଣ ଛଡ଼ାଇ ଖାଏ,*
*କୁକୁର ଉଚ୍ଛିଷ୍ଟ ପିତୃଶ୍ରାଦ୍ଧ ଯୋଗ୍ୟ ହୁଏ ।*
*ଯହିଁ ତହିଁ ଶ୍ରୀମହାପ୍ରସାଦ ନେଇ କରି,*
*ଭୁଞ୍ଜନ୍ତି ସକଳ ପ୍ରାଣୀ କିଛି ନ ବିଚାରି ॥*
*(ସଂଗୃହୀତ କବି ବୈଷ୍ଣବଚରଣ ଦାସ କୃତ ଶ୍ରୀଜଗନ୍ନାଥ ପୁରାଣ)*

୫୮. *ଶୁଦ୍ରକରୁ ବ୍ରାହ୍ମଣ ତହିଁ ପାଇ ଅନ୍ନ*
*ଶଏ ବର୍ଷ ପାପଗଲା ଭାବି ତୋଷ ମନ ଯେ,*
*ସର୍ବଦାରେ ମୁକତି ପସରା ବସିଥାଇ*
*ସାରେ ପାପକରେ ବିରାଟକେ କିଣି ନେଇ ଯେ ।*

୫୯. *ଭକ୍ଷ୍ୟ ଅଭକ୍ଷ୍ୟ ଏ ବିଚାର, ପ୍ରସାଦ ଭୋଜନେ ନ ଧର ॥*
*ଯେ ବିପ୍ର ମହାପ୍ରସାଦରେ, ବିକାର ଆଣଇ ମନରେ ॥*
*'କୁଷ୍ଠ ରୋଗରେ ହୁଏ ଯୁକ୍ତ, ପୁତ୍ର ଦାରାଦି ବିବର୍ଜିତ ॥*
*ମଲେ ସେ ନରକେ ପଡ଼ିବ, ଯହୁଁ ଉଦ୍ଧାରଟି ଦୁର୍ଲଭ ॥*
*x x x x*
*ଶୁଷ୍କ ବା ପର୍ଯ୍ୟୁଷିତ ଅନ୍ନ, ଆନୀତ ଦୂରଦେଶୁଁ ପୁଣ ॥*
*ପ୍ରାପ୍ତିମାତ୍ରେ କରି ଭୋଜନ, କିଛି ନ ବଚାରିଣ ମନ ॥*

CC-0. In Public Domain. Digtized by Muthulakshmi Research Academy

(ଶ୍ରୀମନ୍ଦିରରେ ପ୍ରଚଳିତ ଭାଷା ଅନୁସାରେ ମଇଲମ ହୋଇଗଲେ) ତାହା ନିର୍ମାଲ୍ୟ ହେବା କଥା ପୂର୍ବ ପରିଚ୍ଛେଦମାନଙ୍କରେ ଆଲୋଚନା କରାଯାଇଅଛି । ଓଡ଼ିଆ ସାହିତ୍ୟରେ ଶ୍ରୀ ଦିବାକର ଦାସଙ୍କର ଶ୍ରୀଜଗନ୍ନାଥ ଚରିତାମୃତରେ ଲେଖାଯାଇଥିବା ମତେ ନୈବେଦ୍ୟ (ଶ୍ରୀମହାପ୍ରସାଦ) ସମେତ ଅନ୍ୟ ସମସ୍ତ ନିର୍ମାଲ୍ୟ ବସ୍ତୁ ମାୟା ନିବାରକ ଅଟେ । ଶ୍ରୀମଦ୍ ଭାଗବତ ମହାପୁରାଣ ଅନୁସାରେ, ଭଗବାନ୍ ଶ୍ରୀକୃଷ୍ଣଙ୍କୁ ପରମଭକ୍ତ ଉଦ୍ଧବ ଏହି ନିର୍ମାଲ୍ୟ ଗ୍ରହଣ କରି ସେ ମାୟା ଜଞ୍ଜାଳରୁ ମୁକ୍ତ ହୋଇଥିବା କଥା ପୂର୍ବରୁ ଆଲୋଚନା କରାଯାଇଅଛି । ଓଡ଼ିଆ ସାହିତ୍ୟରେ ଅତିବଡ଼ି ଜଗନ୍ନାଥ ଦାସ ମଧ୍ୟ ସେହି କଥା ତାଙ୍କ ଭାଗବତରେ ଉଲ୍ଲେଖ କରିଛନ୍ତି ।[୬୦]

ପ୍ରଚଳିତ ପଦ୍ଧତି ଅନୁସାରେ ଶ୍ରୀମହାପ୍ରସାଦକୁ ଶୁଖାଇ ଦେଲେ ତାହା ନିର୍ମାଲ୍ୟ ହୁଏ । ଏହା ମଧ୍ୟ ଶ୍ରୀମହାପ୍ରସାଦ ରୂପେ ପରିଚିତ ଓ ସେହିଭଳି ପବିତ୍ର । କେତେକ ବ୍ୟକ୍ତି ପ୍ରତିଦିନ ନିର୍ମାଲ୍ୟ କଣିକାଏ ନ ପାଇବା ପର୍ଯ୍ୟନ୍ତ ପାଣି ଟୋପାଏ ମଧ୍ୟ ପାଇ ନ ଥାଆନ୍ତି । ଏଭଳି ଭକ୍ତମାନଙ୍କ ମଧ୍ୟରୁ ଜଣେ ଭକ୍ତ ଥିଲେ ସାଲବେଗ । ସପ୍ତଦଶ ଶତାବ୍ଦୀର ସାଲବେଗ ବିଧର୍ମୀ ଥିଲେ ମଧ୍ୟ ଶ୍ରୀଜଗନ୍ନାଥଙ୍କର ଅନନ୍ୟ ଭକ୍ତ ଓ ଉପାସକ । ସେ ଏଭଳି ଭକ୍ତ ଥିଲେ ଯେ ରଥଯାତ୍ରା ସମୟରେ ୭୫୦ କୋଶରେ ରହି ଏତେ ଦୂର ଚାଲିବା ତାଙ୍କ ପକ୍ଷେ ସମ୍ଭବପର ନଥିବାରୁ ମହାପ୍ରଭୁଙ୍କୁ ପ୍ରାର୍ଥନା କରିଥିଲେ ଯେ ପର୍ଯ୍ୟନ୍ତ ସେ ଶ୍ରୀକ୍ଷେତ୍ରରେ ନ ପହଞ୍ଚିଛନ୍ତି ସେ ପର୍ଯ୍ୟନ୍ତ ରଥ ସେହିଠାରେ ହିଁ ରହୁ । ଶେଷରେ ସେଇୟା ହିଁ ହେଲା, ସେ ନ ପହଞ୍ଚିବା ପର୍ଯ୍ୟନ୍ତ ରଥର ଚକ ଗଡ଼ିଲା ନାହିଁ । ସେ ମହାପ୍ରଭୁଙ୍କର ଥିଲେ ପରମ ଭକ୍ତ ।

ଦୈନନ୍ଦିନ ନିର୍ମାଲ୍ୟ ସେବନ କରୁଥିବା ଭକ୍ତଟିଏ ନିର୍ମାଲ୍ୟ ପ୍ରାପ୍ତି ହେବନାହିଁ ବୋଲି ଜାଣିବା ପରେ ତାର ମନରେ ଯେଉଁ ଦୁଃଖ ତାହା ତାଙ୍କ କବିତାରୁ ଜଣାପଡ଼େ ।

ଶ୍ରୀଜଗନ୍ନାଥଙ୍କ ଶ୍ରୀମହାପ୍ରସାଦ ହେଉଛି ପରମାନନ୍ଦ ପାଇବାର ମାଧ୍ୟମ । ସାମାଜିକ ସମରସତାର ମିଳନ ସ୍ଥଳ ଆନନ୍ଦ ବଜାର ହିଁ ଏହି ଶ୍ରୀମହାପ୍ରସାଦର ପ୍ରାପ୍ତି ସ୍ଥଳ । ଏ ବିଷୟରେ ପୂର୍ବ ଅଧ୍ୟାୟରେ ଆନନ୍ଦ ବଜାର ଶୀର୍ଷକ ବିଷୟରେ ଆଲୋଚନା କରାଯାଇଅଛି । ଓଡ଼ିଆ ସାହିତ୍ୟରେ ବାଇଶି ପାହାଚରେ ଆନନ୍ଦ ବଜାର ପ୍ରଥମେ ଥିବା କଥାର ନିଖୁଣ ଚିତ୍ର ଦେଖିବାକୁ ମିଳେ ।

ଭକ୍ତ ସାଲବେଗ ''ଜଗବନ୍ଧୁ ଗୋସାଇଁ'' ଜଣାଣରେ ଗାଇଛନ୍ତି-

ବାଇଶି ପାବଚ୍ଛ ତଳେ ବିକା ହୁଏ ଭାତ ।
ଦର୍ଶନ ତେଣିକି ଥାଉ କୈବଲ୍ୟ ମୁକତ ॥

---

୬୦. ତୋହର ଅଙ୍ଗ ଉପହାର, ଶରୀର ଭୂଷଣ ମୋହର ॥
ଗନ୍ଧ, ବସନ ମାଲ୍ୟ ଯେତେ, ଭୁଞ୍ଜଇ ତୋର ଭୋଗ ଅନ୍ତେ ॥
ତୋର ନିର୍ମାଲ୍ୟ ନିତ୍ୟେ ଖାଇ, ତୋ ରୂପ ନୟନ ଦେଖଇ ॥
ତୁ ଅଟ ମୋହର ପ୍ରାଣବନ୍ଧୁ ଜାଣ ତୋର ମାୟା ସିନ୍ଧୁ ॥

CC-0. In Public Domain. Digitized by Muthulakshmi Research Academy

ସେହିପରି ଗଜପତି ବୀରକିଶୋର ଦେବ (ରାଜତ୍ୱ କାଳ ୧୭୩୭-୯୩) ତାଙ୍କର ''ଭୁଜ ତଳେ ମୋତେ ରଖ ମହାବାହୁ'' ଜଣାଣରେ ବର୍ଣ୍ଣନା କରିଛନ୍ତି-

ଶ୍ରୀକ୍ଷେତ୍ର ନବରେ ମହାଐଶ୍ୱର୍ଯ୍ୟରେ, ଥିଲେ ହେଁ କମଳା ସାଇଁ
ବାଇଶି ପାବଛ ନ ଉଠିବା ଯାଏଁ, ଆନନ୍ଦ ନ ପାଏ କାହିଁ ।

ଊନବିଂଶ ଶତାବ୍ଦୀର କବି ଗୌରଚରଣ ଅଧିକାରୀ ''ନୀଳଚକ୍ରେ ଉଡୁଛି ବାନା'' ଜଣାଣରେ ବର୍ଣ୍ଣନା କରିଛନ୍ତି-

ପାପଛଡ଼ାପୁରେ ବାସ କରିବାକୁ, ଯାହାକୁ ତାହାକୁ ନୁହଇ ମନା ।
ଆଚାଣ୍ଡାଳ ବିପ୍ର ପତ୍ରକେ ଭୁଞ୍ଜିବା, ବଡ଼ ଆଚମ୍ବିତ ଲାଗଇ ସିନା ॥

ଲୋକ କବିଙ୍କ ଭାଷାରେ ''କୈବଲ୍ୟ ମହାତ୍ମ୍ୟ'' ପୁସ୍ତକରେ କୈବଲ୍ୟ ହାଟର ବର୍ଣ୍ଣନା କରାଯାଇଅଛି ।

ରତ୍ନସିଂହାସନେ ଜଗନ୍ନାଥ ଦେଖ, ଦେଉଳରେ ଦେଖ ଧ୍ୱଜା ॥
ବାଇଶି ପାହାଚେ କଇବଲ୍ୟ ହାଟ, କିଣିଖିଆଙ୍କର ମଜା ॥

କବି ବନମାଳୀ ଦାସ ଆନନ୍ଦ ବିହ୍ୱଳରେ ଗାଇ ଉଠିଛନ୍ତି-

ଆନନ୍ଦ ବଜାରେ ଗାଇ ମୁଁ ମଜାରେ ଗାଉଥିବି ତୋର ନାମ ।
ତୋ ପ୍ରେମ ସାଗରେ ବୁଡ଼ି ଯାଉଥିବି ବୋଲି ହରେକୃଷ୍ଣ ନାମ ॥

ସଂସ୍କୃତ ସାହିତ୍ୟରେ ବ୍ରହ୍ମପୁରାଣ, ସ୍କନ୍ଦପୁରାଣ ଆଦି ଶାସ୍ତ୍ରର ବର୍ଣ୍ଣନାନୁସାରେ କୁକୁର,କାଉ ଆଦି ମୁହଁରୁ ପଡ଼ିଯାଇଥିବା ଅନ୍ନ ଶ୍ରୀମହାପ୍ରସାଦ ତାହାର ପବିତ୍ରତା ନ ହରାଇ ବ୍ରାହ୍ମଣମାନଙ୍କ ଦ୍ୱାରା ଗ୍ରହଣ ଯୋଗ୍ୟ ବୋଲି ବିବେଚିତ ହୋଇଅଛି । ସେହିଭଳି ଓଡ଼ିଆ ସାହିତ୍ୟରେ କବି ବୈଷ୍ଣବ ଚରଣ ଦାସଙ୍କ ରଚିତ ''ଶ୍ରୀଜଗନ୍ନାଥ ପୁରାଣ''ରେ ଏହି ସମ୍ବନ୍ଧରେ ବର୍ଣ୍ଣନା କରାଯାଇଅଛି । ଓଡ଼ିଶାର ପ୍ରସିଦ୍ଧ କବିସୂର୍ଯ୍ୟ ବଳଦେବ ରଥ (୧୭୮୯-୧୮୪୫) ତାଙ୍କର ''ଚନ୍ଦ୍ରକଳା'' କାବ୍ୟର ପ୍ରଥମ ଅଧ୍ୟାୟରେ ଉଲ୍ଲେଖ କରିଛନ୍ତି ଯେ, ପଶୁ ପକ୍ଷୀଙ୍କ ଦ୍ୱାରା ତ୍ୟକ୍ତ ହୋଇଥିଲେ ମଧ୍ୟ ଶ୍ରୀମହାପ୍ରସାଦ ପବିତ୍ର ଓ ଗ୍ରହଣୀୟ ।[୬୧]

ମହାମହିମାମୟ ଶ୍ରୀମହାପ୍ରସାଦ ସ୍ୱୟଂ ବ୍ରହ୍ମପରି ହୋଇଥିବାରେ ତାହା ନିନ୍ଦାଯୋଗ୍ୟ ନୁହେଁ । ଯଦି କେହି ମୂର୍ଖତା ବଶତଃ ନିନ୍ଦା କରେ ତାହାର ଘୋର ପାପ ହୁଏ ବୋଲି ସଂସ୍କୃତ ସାହିତ୍ୟ ଭଳି ଓଡ଼ିଆ ସାହିତ୍ୟରେ ବର୍ଣ୍ଣନା ଅଛି ।

ଶ୍ରୀ ଦିବାକର ଦାସଙ୍କ 'ଶ୍ରୀଜଗନ୍ନାଥ ଚରିତାମୃତ'ରେ ଲେଖାଯାଇଅଛି ଯେ-[୬୨]

---

୬୧. *କାକଚଞ୍ଚୁପୁଟ ଭ୍ରଷ୍ଟ ଯାହାଙ୍କର ଲବ*
*ବିତରଇ ତ୍ରିଲୋକ ନିର୍ବାଣ ମହୋତ୍ସବ ॥*

୬୨. *ମୋର ଅନ୍ନକୁ ଯେ ନିନ୍ଦଇ, ମୋତେ ନିନ୍ଦିବା ଦୋଷ ପାଇ ॥*
*ମୋର ଦର୍ଶନେ ପୁଣ୍ୟ ଯେତେ, ବିନାଶ ହୁଅଇ ତୁରିତେ ॥*

CC-0. In Public Domain. Digtized by Muthulakshmi Research Academy

ଉପରଲିଖିତ ବର୍ଣ୍ଣନାମାନଙ୍କରୁ ଶ୍ରୀମହାପ୍ରସାଦର ଅପୂର୍ବ ମହିମା, ଗୁଣାତୀତ, ଅଦ୍ୱିତୀୟ, ମୂର୍ତ୍ତିମନ୍ତ, ପବିତ୍ର, ସର୍ବରୋଗହର, ସର୍ବଶାନ୍ତିପ୍ରଦ, ସାମାଜିକ ସଂହତିର ଦ୍ୟୋତକ ଆଦି ବିଷୟମାନଙ୍କ ସମ୍ବନ୍ଧରେ ଓଡ଼ିଆ ସାହିତ୍ୟରେ ସଂସ୍କୃତ ସାହିତ୍ୟ ଭଳି ଯେଭଳି ଶ୍ରୀମହାପ୍ରସାଦର ମହାତ୍ମ୍ୟ ସମ୍ବନ୍ଧରେ ଉପସ୍ଥାପିତ କରାଯାଇଅଛି ସେଇଥିରୁ ହିଁ ଶ୍ରୀମହାପ୍ରସାଦର ମହନୀୟତାର ଏକ ସ୍ପଷ୍ଟ ଚିତ୍ରର ଆକଳନ କରାଯାଇପାରିବ ।

## ଅନ୍ୟାନ୍ୟ ସାହିତ୍ୟରେ ଶ୍ରୀମହାପ୍ରସାଦ :-

### *ହିନ୍ଦୀ ସାହିତ୍ୟରେ ଶ୍ରୀମହାପ୍ରସାଦ*

ସଂସ୍କୃତ ଓ ଓଡ଼ିଆ ସାହିତ୍ୟ ଭଳି ଶ୍ରୀମହାପ୍ରସାଦରେ ଜାତିଭେଦ ନଥିବା କଥା ହିନ୍ଦୀ ସାହିତ୍ୟରେ ଉଲ୍ଲେଖ ଅଛି ।

### *ଶ୍ରୀମଦ୍ ରାମାନନ୍ଦ ସ୍ୱାମୀଙ୍କ ଭାଷାରେ*

''ଜାତ-ପାତ ପୁଛେ ନହିଁ କୋଇ, ହରିକୋ ଭଜେ ସୋ ହରିକା ହୋଇ''

ସେହିପରି କବି କହିଛନ୍ତି ଯେ-

''ଉଡିୟା ମାଁଗେ ଖୀର-ଖିଚଡ଼ି, ବଙ୍ଗାଳୀ ମାଁଗେ ଭାତ
ଭକ୍ତ ମାଁଗେ ଦର୍ଶନ ତେରୋ, ଔର ମହାପ୍ରସାଦ''

କବିଙ୍କର ଏହି ବର୍ଣ୍ଣନାରୁ ହିଁ ସର୍ବଭାରତୀୟ ସ୍ତରରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଓ ଶ୍ରୀମହାପ୍ରସାଦର ବିଭିନ୍ନ ବ୍ୟଞ୍ଜନ ପ୍ରତି ଆଗ୍ରହ ଓ ସେଇଥିରେ ହିଁ ମୁକ୍ତି ଏହି ଭାବ ପ୍ରତି ଆଗ୍ରହ ଥିବା ପ୍ରକାଶ ପାଉଅଛି ।

### *ସନ୍ତ କବୀରଙ୍କ ଭାଷାରେ*

ହିନ୍ଦୁ ମତାବଲମ୍ବୀ ଅନୁଯାୟୀ ନଥାଇ ମଧ୍ୟ ମୁସଲମାନ ପନ୍ଥର ନିର୍ଗୁଣ ଭକ୍ତିର ସାଧକ ସୁଫି ଧାରାର ସନ୍ତ କବୀର ଦାରୁବ୍ରହ୍ମଙ୍କ ନିକଟକୁ ''ଠାକୁର ଭଲେ ବିରାଜେ ଜୀ'' କହିବାକୁ ଆସିଥିଲେ । ସୁଦୂର ବାରାଣସୀରୁ ଆସି ସମୁଦ୍ର କୂଳରେ ଲହଡ଼ିକୁ କୂଳ ଲଙ୍ଘିବାକୁ ନ ଦେବା ଉଦ୍ଦେଶ୍ୟରେ ଆଶା ବାଡ଼ି ଖଣ୍ଡିଏ ସେ ଯେଉଁଠି ପୋତି ଦେଇ ଲହଡ଼ିକୁ ରୋକି ଦେଲେ, ପରବର୍ତ୍ତୀ କାଳରେ ସେଇ ସ୍ଥାନଟି ହିଁ କବୀର ଚୌରା ବୋଲି ପ୍ରସିଦ୍ଧ ହୋଇଗଲା । ସେ ତାଙ୍କ ବାଣୀରେ କହିଗଲେ-

କାଶୀ ଛୋଡ଼ ଉଡ଼ିସା ଆୟେ, ଆସ ଗାଡେ ସିନ୍ଧୁତୀରେ
ଜାୟ ପୁରୀ ପୁରୁଷୋତ୍ତମ କେ ପ୍ରଭୁ, ବେକର ଦଣ୍ଡ ସମୁଦ୍ର ଭଟାରେ ॥

ମହାପ୍ରଭୁଙ୍କ ଶ୍ରୀମହାପ୍ରସାଦ ପ୍ରତି ସନ୍ତ କବୀରଙ୍କର ଗଭୀର ଭକ୍ତି ଓ ଅନୁରାଗ ଥିଲା । ସେ ବିଭିନ୍ନ ଭାଷାରେ ବର୍ଣ୍ଣନା କରି ଭଣିଛନ୍ତି

CC-0. In Public Domain. Digitized by Muthulakshmi Research Academy

ଉଖଡ଼ା ଔର ଦୁଧ-ଭୋଗ, ପ୍ରଭୁଜୀ ନେ ଖାଇ
ମହାପ୍ରସାଦ ଭୋଗ ଖାତ- ଆରତୀ ସଜାଇ ।

ଏଥିରୁ ମହାପ୍ରଭୁଙ୍କ ଗୋପାଳବଲ୍ଲଭର ଉଖୁଡ଼ା, ଦୁଧଦହି ଓ ଶ୍ରୀମହାପ୍ରସାଦ ସଙ୍ଗେ ସଙ୍ଗେ ଆଳତୀ ବର୍ଣ୍ଣନା ବିଷୟରେ ଜାଣିବାକୁ ମିଳୁଅଛି । କବୀର ଚୌରାରେ ଶ୍ରୀଜଗନ୍ନାଥଙ୍କ ଶ୍ରୀମହାପ୍ରସାଦର ତୋରାଣି 'ଟଙ୍କ ତୋରାଣୀ' ଭାବେ ସମସ୍ତ ମତ, ସଂପ୍ରଦାୟ ଲୋକେ ଗ୍ରହଣ କରିଥାଆନ୍ତି । ତାହା ଆଜି ମଧ୍ୟ ପ୍ରଚଳିତ ଅଛି ।

***କବି ଜାୟସୀ ପଦ୍ମାବତ୍‌ଙ୍କ ଭାଷାରେ***

୧୫୪୦ ମସିହାର ହିନ୍ଦୀ କବି ଜାୟସୀ ପଦ୍ମାବତ୍ ବର୍ଣ୍ଣନା କରିଛନ୍ତି-

ଜଗନ୍ନାଥ କହଁ ଦେଖାଥାଇ, ଭୋଜନ ରନ୍ଧା ଭାତ ବିକାଇ ।

ଏହି ବର୍ଣ୍ଣନାରୁ ହିଁ ମହାପ୍ରଭୁଙ୍କ ଦର୍ଶନ ଓ ଶ୍ରୀମହାପ୍ରସାଦ ବିକ୍ରୀ ବିଷୟରେ ଜଣାପଡ଼େ ।

ହିନ୍ଦୀ ସାହିତ୍ୟରେ ବିଭିନ୍ନ କବିଙ୍କ ଦ୍ୱାରା ଭିନ୍ନ ଭିନ୍ନ କବିତା ଲେଖା ଆଦି ଥିଲେ ମଧ୍ୟ ସର୍ବଭାରତୀୟ ସ୍ତରରେ ଉପର୍ଯ୍ୟୁକ୍ତ ପ୍ରସିଦ୍ଧ କବିମାନଙ୍କର ଅବତାରଣାରେ ଶ୍ରୀମହାପ୍ରସାଦର ସର୍ବଭାରତୀୟ ମାନ୍ୟତା ବିଷୟରେ ଜଣାଯାଏ ।

***ବଙ୍ଗଳା ସାହିତ୍ୟରେ ଶ୍ରୀମହାପ୍ରସାଦ***

ବ୍ରହ୍ମ ପୁରାଣ ବର୍ଣ୍ଣନା ପ୍ରକାରେ ବଙ୍ଗଳା ସାହିତ୍ୟରେ ଶ୍ରୀ ଚୈତନ୍ୟ ଚରିତାମୃତର ଅନ୍ତ୍ୟଲୀଳାରେ ମଧ୍ୟ କୁହାଯାଇଅଛି ଯେ, ଭଗବାନଙ୍କ ସମ୍ମୁଖରେ ନିବେଦିତ ନୈବେଦ୍ୟ ସେ ଗ୍ରହଣ କରନ୍ତି । ଭକ୍ତର ଜିହ୍ୱା ମାଧ୍ୟମରେ ସେ ନୈବେଦ୍ୟ ଗ୍ରହଣ କରନ୍ତି ଓ ଭୋଜନ କରନ୍ତି ଯାହାକୁ ଶ୍ରୀମହାପ୍ରସାଦ କୁହାଯାଏ । ଭକ୍ତ ସେହି ଶ୍ରୀମହାପ୍ରସାଦ ଗ୍ରହଣ କଲେ ହିଁ ତାହା ଶ୍ରୀମହାପ୍ରସାଦରେ ପରିଣତ ହୁଏ । ଏ ସମ୍ବନ୍ଧରେ ଶ୍ରୀଚୈତନ୍ୟ ଚରିତାମୃତରେ ଲେଖାଅଛି ।[୬୩]

---

*୬୩. ବୈଷ୍ଣବେର ଶେଷ ଭକ୍ଷଣେର ଏତେକ ମହିମା,*
*କାଳିଦାସେ ପାଓୟାଇଲ ପ୍ରଭୁର କୃପା ସୀମା*
*ତାତେ ବୈଷ୍ଣବେର ଝୁଟାଖାଏ, ଛାଡ଼ି ଘୃଣା ଲାଜ,*
*ଯାହାହୈତେ ପାଇବେ ବାଞ୍ଛିତ ସବ କାଯ ॥*
*କୃଷ୍ଣେର ଉଚ୍ଛିଷ୍ଟ ହୟ ମହାପ୍ରସାଦ ନାମ,*
*ଭକ୍ତ ଶେଷ ହୈଲ ମହାମହାପ୍ରସାଦାଖ୍ୟାନ ॥*
*ଭକ୍ତପଦଧୂଳି ଆର ଭକ୍ତପଦଜଳ,*
*ଭକ୍ତଭୁକ୍ତଶେଷ ଏହି ତିନି ମହାବଳ ॥*
*ତାତେ ବାରବାର କହି ଶୁନ ଭକ୍ତଗନ,*
*ବିଶ୍ୱାସ କରିୟା କର ଏ ତିନି ସେବନ ॥*

CC-0. In Public Domain. Digtized by Muthulakshmi Research Academy

ବଙ୍ଗଳା ସାହିତ୍ୟରେ ଶ୍ରୀଜଗନ୍ନାଥ ଓ ଶ୍ରୀମହାପ୍ରସାଦର ବିଶେଷ ବର୍ଣ୍ଣନା ରହିଅଛି । ଶ୍ରୀ ଚୈତନ୍ୟ ଦେବ ତାଙ୍କ ଶିଷ୍ୟଗଣଙ୍କ ସହିତ ଶ୍ରୀମହାପ୍ରସାଦ ଗ୍ରହଣ କରୁନଥିଲେ । କିନ୍ତୁ, ପରେ ତାଙ୍କର ମନରେ ଭାବର ପରିବର୍ତ୍ତନ ହେଲା ଓ ତାଙ୍କର ଶ୍ରୀମହାପ୍ରସାଦ ପ୍ରତି ଏତେ ଭକ୍ତି ଓ ଅନୁରକ୍ତି ଥିଲା ତାହା ''ଚୈତନ୍ୟ ଚରିତାମୃତ'' ଅଷ୍ଟମ ପରିଚ୍ଛେଦର ଅନ୍ତ୍ୟଲୀଳାରେ ଦେଖିବାକୁ ମିଳେ । ଶ୍ରୀ ଚୈତନ୍ୟ ଦେବ ଶ୍ରୀମହାପ୍ରସାଦ ପାଇ ଭକ୍ତିରସରେ ମଜ୍ଜି ଯାଇଥିବା ଓ ଶେଷରେ ମୂର୍ଚ୍ଛା ହୋଇଯାଉଥିବା କଥା 'ଚୈତନ୍ୟ ଚରିତାମୃତ'ରେ ବର୍ଣ୍ଣନା ଅଛି ।[୬୪]

ଶ୍ରୀ ଚୈତନ୍ୟ ଚରିତାମୃତରେ ସାର୍ବଭୌମ ଭଟ୍ଟାଚାର୍ଯ୍ୟଙ୍କୁ ଶ୍ରୀମହାପ୍ରସାଦ ଅର୍ପଣ କରି ଶ୍ରୀ ଚୈତନ୍ୟ ଦେବ ଯାହା କହିଥିଲେ ସେଇଥିରୁ ହିଁ ଶ୍ରୀମହାପ୍ରସାଦର ମାହାତ୍ମ୍ୟ ସ୍ପଷ୍ଟ ଭାବେ ଜଣାପଡ଼େ । (ଉଦ୍ଧୃତ ଶ୍ରୀମହାଲକ୍ଷ୍ମୀ, ମହାପ୍ରସାଦ, ମହାପ୍ରଭୁ- ଲେ- ଶ୍ରୀ ରବୀନ୍ଦ୍ର ନାରାୟଣ ମିଶ୍ର ।)[୬୫]

ଏକଦା ଶ୍ରୀ ଚୈତନ୍ୟ ଦେବ ସାର୍ବଭୌମଙ୍କ ନିକଟକୁ ଯେପରି ଅବସ୍ଥାରେ ଶ୍ରୀମହାପ୍ରସାଦ ନେଇ ଯାଇଥିଲେ ଓ ସାର୍ବଭୌମ ଯେଭଳି ଗ୍ରହଣ କରିଥିଲେ ତାହାର

---

୬୪. *ପରମାନନ୍ଦ ପୁରୀ କୈଲ ଚରଣ ବନ୍ଦନ ।*
*ପୁରୀ ଗୋସାଇଁ କୈଲ ତାରେ ଦୃଢ ଆଲିଙ୍ଗନ ॥*
*ମହାପ୍ରଭୁ କୈଲ ତାରେ ଦଣ୍ଡବତ ନତି ।*
*ଆଲିଙ୍ଗନ କରି ତିଁହ କୈଲ କୃଷ୍ଣ ସ୍ମୃତି ॥*
*ତିନିଜନେ ଇଷ୍ଟ ଗୋଷ୍ଠୀ କୈଲ ତତ୍‌କ୍ଷଣ ।*
*ଜଗଦାନନ୍ଦ ପଣ୍ଡିତ ତାଁରେ କୈଲ ନିମନ୍ତ୍ରଣ ॥*
*ଜଗନ୍ନାଥେର ପ୍ରସାଦ ଆନିଲ ଭିକ୍ଷାର ଲାଗିୟାଁ ।*
*ଯଥେଷ୍ଟ ଭିକ୍ଷା କରିଲ ତିହୋଁ ନନ୍ଦାର ଲାଗିୟାଁ ॥*
*ଭିକ୍ଷା କରି କହେ ପୁରୀ ଜଗଦାନନ୍ଦ ଶୁନ ।*
*ଅବଶେଷ ପ୍ରସାଦ ତୁମି କରହ ଭକ୍ଷଣ ॥*
*ଆଗ୍ରହ କରିୟାଁ ତାରେ ବସି ଖାଓୟାଇଲ ।*
*ଆପନେ ଆଗ୍ରହ କରି ପରିବେଶନ କୈଲ ॥*
*ଆଗ୍ରହ କରିୟା ପୁନଃ ପୁନଃ ଖାଓୟାଇଲା ।*

୬୫. *ଆଜି ମୋର ପୂର୍ଣ୍ଣହୈଲ ସବ ଅଭିଳାଷ,*
*ସାର୍ବଭୌମେର ହୈଲ ମହାପ୍ରସାଦେର ବିଶ୍ୱାସ ॥*
*ଆଜି ନିଷ୍କପଟେ ତୁମି ହେଲା କୃଷ୍ଣାଶ୍ରୟ,*
*କୃଷ୍ଣ ନିଷ୍କପଟେ ହୈଲା ତୋମାରେ ସଦୟ ॥*
*ଆଜି ସେ ଖଣ୍ଡିଲ ତୋମାର ଦେହାଦି ବନ୍ଧନ,*
*ଆଜି ଛିନ୍ନ କୈଲ ତୁମି ମାୟାର ବନ୍ଧନ ॥*
*ଆଜି କୃଷ୍ଣପ୍ରାପ୍ତି-ଯୋଗ୍ୟ ହୈଲ ତୋମାର ମନ,*
*ବେଦ ଧର୍ମ ଲଙ୍ଘି କୈଲ ପ୍ରସାଦ ଭକ୍ଷଣ ॥*

CC-0. In Public Domain. Digtized by Mahalakshmi Research Academy

ଏକ ସୁନ୍ଦର ବର୍ଣ୍ଣନା ''ଶ୍ରୀ ଚୈତନ୍ୟ ଚରିତାମୃତ''ରେ ଦିଆଯାଇଅଛି । (ଉଦ୍ଧୃତ-ଶ୍ରୀ ରବୀନ୍ଦ୍ରନାରାୟଣ ମିଶ୍ର, ମହାଲକ୍ଷ୍ମୀ, ମହାପ୍ରସାଦ, ମହାପ୍ରଭୁ)[୬୬]

ବଙ୍ଗଳା ଭାଷାରେ ସାହିତ୍ୟିକ ସ୍ୱର୍ଗତଃ ଭବାନୀଚରଣ ବନ୍ଦୋପାଧ୍ୟାୟ ୧୭୮୪ ମସିହାରେ ଚବିଶ ପ୍ରଗଣା ଜିଲ୍ଲାରେ ଜନ୍ମଲାଭ କରିଥିଲେ । ସେ ୧୮୪୪ ମସିହାରେ ''ଶ୍ରୀପୁରୁଷୋତ୍ତମ ଚନ୍ଦ୍ରିକା, ଶ୍ରୀକ୍ଷେତ୍ର ଧାମର ବିବରନ'' ନାମକ ଏକ ପ୍ରସିଦ୍ଧ ପୁସ୍ତକ ଯେଉଁଥିରେ କି ଓଡ଼ିଶାର ଇତିହାସ ଓ ତୀର୍ଥକ୍ଷେତ୍ର ସଂକ୍ରାନ୍ତ ବିବରଣୀ ସଂଗୃହୀତ କରି ବଙ୍ଗଳା ଭାଷାରେ ପ୍ରକାଶ କରିଥିଲେ । ଏହି ପୁସ୍ତକଟି ଶ୍ରୀ ଗୌରାଙ୍ଗ ଚରଣ ଦାଶଙ୍କ ଦ୍ୱାରା ସେପ୍ଟେମ୍ବର ମାସ ୨୦୧୧ ମସିହାରେ ଓଡ଼ିଆ ଲିପିରେ, ବଙ୍ଗଳା ଭାଷାରେ ଓ ତାହାର ସଂକ୍ଷିପ୍ତ ସାର ସହିତ ପ୍ରକାଶ ପାଇଛି ।

୧୮୪୪ ମସିହାର ''ଶ୍ରୀ ପୁରୁଷୋତ୍ତମ ଚନ୍ଦ୍ରିକା'' ଓଡ଼ିଶା ଇତିହାସ ଓ ଚତୁର୍ଦ୍ଧାମ ସଂକ୍ରାନ୍ତ ପ୍ରଥମ ଚର୍ଚ୍ଚାଗ୍ରନ୍ଥ । ଏହା ମୂଳ ବଙ୍ଗଳାର ପ୍ରଥମ ପ୍ରତିଲିପିକରଣ । ମାଦଳାପାଞ୍ଜି, ପୁରାଣ, ସଂହିତା, କିମ୍ବଦନ୍ତୀ ଓ ପରିବ୍ରାଜକୀୟ ଅନୁଭବରେ ପରିସିଦ୍ଧ ଏହି ଗ୍ରନ୍ଥ ଆଧୁନିକ ବଙ୍ଗଳା ଗଦ୍ୟ ଶୈଳୀର ନିଦର୍ଶନ ଏବଂ ଏହାର ଉଚୟିତା ଭବାନୀ ଚରଣ ଓଡ଼ିଶା-ବଙ୍ଗଳା ସାଂସ୍କୃତିକ ସଂପର୍କର ଅନ୍ୟତମ ସେତୁ ।

ଉକ୍ତ ପୁସ୍ତକରେ ଶ୍ରୀମହାପ୍ରସାଦ ସମ୍ବନ୍ଧରେ ''ଅଥ ଇନ୍ଦ୍ରଦ୍ୟୁମ୍ନକଳ୍ପିତ ଭୋଗ'' ସମ୍ବନ୍ଧରେ ଲିଖିତ ବିଷୟର ନିମ୍ନପ୍ରକାର ପାଠୋଦ୍ଧାର କରାଯାଉଅଛି ।

---

*୬୬. ପୂଜାରୀ ଆନିୟାଁ ମାଲା ପ୍ରସାଦାନ୍ନ ଦିଲା,*
*ପ୍ରସାଦାନ୍ନ ମାଲା ପାୟାଁ ପ୍ରଭୁହର୍ଷ ହୈଲା ॥*
*ସେଇ ପ୍ରସାଦାନ୍ନ ମାଲା ଆଞ୍ଚଲେ ବାନ୍ଧିୟା,*
*ଭଟ୍ଟାଚାର୍ଯ୍ୟର ଘରେ ଆଇଲା ତ୍ୱରାଯୁକ୍ତ ହୈୟା ॥*
*ଅରୁଣୋଦୟ କାଳେ ପ୍ରଭୁର ହୈଲ ଆଗମନ,*
*ସେଇକାଳେ ଭଟ୍ଟାଚାର୍ଯ୍ୟେର ହୈଲ ଜାଗରନ ॥*
*କୃଷ୍ଣ କୃଷ୍ଣ ସ୍ଫୁଟ କହି ଭଟ୍ଟାଚାର୍ଯ୍ୟ ଜାଗିଲା,*
*କୃଷ୍ଣ କୃଷ୍ଣ ଶୁନି ପ୍ରଚୁର ଆନନ୍ଦ ବାଜିଲା ॥*
*ବାହିରେ ପ୍ରଭୁର ସନେ ହୈଲ ଦରଶନ,*
*ଆସ୍ତେ ବ୍ୟସ୍ତେ କୈଲ ପ୍ରଭୁର ଚରନ ବନ୍ଦନ ॥*
*ବସିତେ ଆସନ ଦିୟାଁ ଦୋହତେ ବସିଲା ।*
*ପ୍ରସାଦାନ୍ନ ଖୁଲି ପ୍ରଭୁ ତାର ହସ୍ତେ ଦିଲା ॥*
*ପ୍ରସାଦ ପାୟାଁ ଭଟ୍ଟାଚାର୍ଯ୍ୟ ଆନନ୍ଦ ହଇଲ,*
*ସନ୍ଧ୍ୟାସ୍ନାନ ଦନ୍ତଧାବନ ଯଦ୍ୟପିନା କୈଲ ॥*

CC-0. In Public Domain. Digtized by Muthulakshmi Research Academy

''ପାଞ୍ଚ ଅବକାଶ : ଏଇ ପାଞ୍ଚ ଅବକାଶେ ପାଞ୍ଚପ୍ରକାର ଭୋଗ ହୟ । ତଦ୍ ବିଶେଷ : ପ୍ରାତଃକାଲେ ବଲ୍ଲଭ ଭୋଗ ଅର୍ଥାତ୍ ମୁଡ଼କୀ, ଦଧି, ଆମ୍ର, ଗୋପାଳବଲ୍ଲଭ କୋରା ଏବଂ ଦୁଗ୍ଧପୁରୀ ଅର୍ଥାତ୍ ସରଭଜା ଇତ୍ୟାଦି ଦ୍ୱାରା ଭୋଗ ହୟ ।

ଏଇ ବଲ୍ଲଭଭୋଗାନନ୍ତର ଖିଚଡୀ ଧୂପ ଅର୍ଥାତ୍ ସ୍ୱର୍ଣ୍ଣଥାଳିତେ ଖିଚଡୀ ଓ ଆର ଆର ପାତ୍ରେ ଅନ୍ନାଦି ନାନା ଦ୍ରବ୍ୟ ଦେଓୟା ଯାୟ ।

ତତ୍‌ପରେ ଦୁଇପ୍ରହର ସମୟେ ଧୂପ, ଅର୍ଥାତ୍ ଶାଲୀନ୍ନମୁଦ୍ଗ ଏଇ ପ୍ରଧାନ, ଆର ଆର ନାନା ପ୍ରକାର ଦ୍ରବ୍ୟ ଆଛେ ।

ସନ୍ଧ୍ୟାଧୂପ ଅର୍ଥାତ୍ ଦଧିପଖାଳ ଅନ୍ନେତେ ଜୀରା, ଆଦା, ନେବରସ ଆର ଦଧିମିଶ୍ରିତ କରିୟା ଦେୟ ଏବଂ ତତ୍ ସଙ୍ଗେ ଆର ଆର ଦ୍ରବ୍ୟ ଆଛେ ।

ରାତ୍ରିତେ ବଡ଼ଶୃଙ୍ଗାର ଧୂପ, ଅର୍ଥାତ୍ ନାନା ବିଧ ପୁଷ୍ପେର ମାଳା ଦିୟା ବେଶ କରେ । ପରେ ସରପୁରୀ ଏବଂ ନାନାପ୍ରକାର ପିଷ୍ଟକ ଭୋଗ ଦେଓୟା ଯାୟ କେବଳ ଅନ୍ନ ନୟଲ । ଏଇ ଭୋଗ ରତ୍ନବେଦୀର ନିକଟେ ନିବେଦିତ ହୟ ଏବଂ ପଞ୍ଚବିଧି ଭୋଗ କେ ରାଜଭୋଗ କହେ ଏବଂ କୋଟଭୋଗ ଓ ବଲାଯାୟ । ଏ କୋଟ ଭୋଗେର ଦ୍ରବ୍ୟାଦି ଶାନ୍ତିପୁରେର ଅଦ୍ୱୈତ ବଂଶ ଗୋସ୍ୱାମି ସନ୍ତାନେର ଜିମ୍ମାୟ ଥାକେ । ଏଇ ପଞ୍ଚପ୍ରକାର ଭୋଗ ବ୍ୟତୀତ ଶ୍ୱେତରାଜାର କଳ୍ପିତ ଅନେକ ପ୍ରକାର ଭୋଗ ହଇୟା ଥାକେ । ତାହାର ନାମ ଛତ୍ର ଭୋଗ । ତାହାର ବିଶେଷ ଲିଖନ ବାହୁଲ୍ୟ ଇତ୍ୟାଦି ତାବତ୍ ଭୋଗ ମନ୍ଦିରେ ନିବେଦିତ ହଇୟା । ଏ ବାଟୀର ମଧ୍ୟେ ବାଇଶ ପୈଠାୟ ଆନନ୍ଦ ବଜାରେ ବିକ୍ରୟ ହୟ । ଯାତ୍ରୀ ଲୋକେ ଯଦ୍ୟପି କେହ ଭୋଗ ଦିତେ ଚାହେନ, ତବେ ପଣ୍ଡାର ସ୍ଥାନେ ଟୀକା ଦିଲେ ତାହାରା ଦ୍ରବ୍ୟ ଆଦି କ୍ରୟ କରିୟା ସୂପକାର ଅର୍ଥାତ୍ ରସୁଇୟାକେ ଦେୟ । ପରେ ପାକଶାଲାୟ ରନ୍ଧନ ହଇଲେ, ଭୋଗ ମନ୍ଦିରେ ନିବେଦନ କରିୟା ସେହି ଯାତ୍ରିକେ ଦେଓୟା ଯାୟ । ଅପର ଛାପ୍ପାନ୍ନ ଭୋଗ ନାମକ ଏକ ଭୋଗ ଆଛେ । ତାହା ଅନ୍ନ ଭୋଗ ନହେ, କେବଳ ପାଞ୍ଚପ୍ରକାର ମିଷ୍ଟାନ୍ନ ଦେଇୟା ଯାୟ । ଏକା ଭୋଗ କେବଳ ଯାତ୍ରୀ ଲୋକେଇ ଦିୟା ଥାକେନ ।''

ଉପର୍ଯ୍ୟୁକ୍ତ ବର୍ଣ୍ଣନାରେ ଶାସ୍ତ୍ରୀୟ ଓ ପାରମ୍ପରିକ ପ୍ରଚଳିତ ବିଧିବ୍ୟବସ୍ଥାର ଉଲ୍ଲେଖରେ କେତେକ ତ୍ରୁଟି ପରିଲକ୍ଷିତ ହେଉଅଛି । ଯଥା ପଞ୍ଚ ଅବକାଶ । ଶ୍ରୀମନ୍ଦିରରେ ଅବକାଶ ନୀତି ଅର୍ଥାତ୍ ନିତ୍ୟକର୍ମ ନୀତି । ଶ୍ରୀଯୁକ୍ତ ଭବାନୀ ବାବୁ ୫ଥର ହେଉଥିବା ଭୋଗ ବଲ୍ଲଭ, ତିନିଧୂପ ଓ ବଡ଼ସିଂହାର ଏହି ପାଞ୍ଚଥର ହେଉଥିବା କୋଠ ଭୋଗକୁ ବୋଧହୁଏ ପଞ୍ଚ ଅବକାଶ ବୋଲି ଉଲ୍ଲେଖ କରିଥାଇପାରନ୍ତି କିମ୍ବା ବଲ୍ଲଭ ଭୋଗ ପରିବର୍ତ୍ତେ ଭୋଗ ମଣ୍ଡପକୁ ବୁଝିଥାଇ ପାରନ୍ତି । ବଲ୍ଲଭ ଭୋଗରେ 'ଲିଆ' (ଧାନ ଭାଜିଲେ ଲିଆ ହୋଇଥାଏ)କୁ ବୋଧହୁଏ ମୁଡ଼ି ବୋଲି ଭାବିଥାଇ ପାରନ୍ତି । ଠାକୁରମାନଙ୍କୁ

CC-0. In Public Domain. Digtized by Muthulakshmi Research Academy

ମୁଢି ଭୋଗହୁଏ ନାହିଁ । ବଲ୍ଲଭ ଭୋଗରେ ଦୁଗ୍ଧପୁରୀ ଭୋଗ ଲାଗିନଥାଏ । ସକାଳ ଧୂପ ଭୋଗକୁ ରାଜଭୋଗ ବା କୋଠଭୋଗ କୁହାଯିବା କଥା ଉପରେ ବର୍ଣ୍ଣନା କରାଯାଇଅଛି । କିନ୍ତୁ ସେହି ଭୋଗ ଶାନ୍ତିପୁରର ଅଦ୍ୱୈତ ବଂଶ ଗୋସ୍ୱାମୀଙ୍କ ସନ୍ତାନମାନଙ୍କ ଜିମାରେ ରହିବା କଥା ଠିକ୍ ନୁହେଁ । ଶ୍ୱେତରାଜା ସମୟର ଭୋଗ ସମ୍ବନ୍ଧରେ ସପ୍ତମ ପରିଚ୍ଛେଦରେ ଉଲ୍ଲେଖ ଅଛି ଯାହାକି ତ୍ରେତା ଯୁଗର କଥା । ତାହାର ସଠିକତା ଅନୁସନ୍ଧାନଯୋଗ୍ୟ ତଥାପି ଏହି ପ୍ରସଙ୍ଗଟି ଭୋଗର ପ୍ରାଚୀନତାର ପ୍ରମାଣ କରୁଅଛି । ଭୋଗମଣ୍ଡପ ଭୋଗକୁ ଛତ୍ରଭୋଗ କୁହାଯିବା କଥା ଠିକ୍ ଓ ବାଇଶି ପାହାଚରେ ଆନନ୍ଦ ବଜାରରେ ହାଣ୍ଡି, କୁଡ଼ିଆ ଓଳିରେ ଶ୍ରୀମହାପ୍ରସାଦ ବିକ୍ରୀ ହେବା କଥା ମଧ୍ୟ ପଦ୍ଧତିର ପ୍ରାଚୀନତାର ପ୍ରମାଣ ଦିଏ । ଯାତ୍ରୀ ଆଟିକା ଭୋଗ ପଣ୍ଡାକୁ ଦେବା ଓ ପଣ୍ଡା ସେହି ଅର୍ଥରେ ଦ୍ରବ୍ୟ କିଣି ଆଣି ସୂପକାର ସେବକ ଦ୍ୱାରା ରନ୍ଧନ କରାଇ ଭୋଗ ଲଗାଇ ଶ୍ରୀମହାପ୍ରସାଦ ଯାତ୍ରୀକୁ ଦେବା ତତ୍‌କାଳୀନ ପଦ୍ଧତି ଥିଲା । ସେଥିରେ ପରିବର୍ତ୍ତନ ହୋଇଥିଲେ ମଧ୍ୟ ଆଟିକା ପଦ୍ଧତି ବର୍ତ୍ତମାନ ମଧ୍ୟ ପ୍ରଚଳିତ ରହିଅଛି । ସେହି ଆଟିକା ଅର୍ଥାତ୍ ଅନ୍ନଦାନରେ ଛପନ ଭୋଗ ସମର୍ପିତ ହେଉଥିବା କଥା ପୁସ୍ତକଟିରେ ସମର୍ଥିତ ହେଉଅଛି । ମୋଟ ଉପରେ ସମୟ ଅନୁସାରେ କେତେକ ପରିବର୍ତ୍ତନ ହୋଇଥିଲେ ମଧ୍ୟ ଶ୍ରୀମନ୍ଦିରର ପ୍ରାଚୀନ ପଦ୍ଧତି ସମ୍ବନ୍ଧରେ ପୁସ୍ତକଟିରେ କେତେକ ତଥ୍ୟ ଉପଲବ୍ଧ ହୁଏ ।

### *ଅହମିୟା ସାହିତ୍ୟରେ ଶ୍ରୀମହାପ୍ରସାଦ*

ଭାରତବର୍ଷର ଅନ୍ୟତମ ସନ୍ଥଶିରୋମଣି ଶ୍ରୀମନ୍ତ ଶଙ୍କରଦେବ ଆସାମ ପ୍ରଦେଶରେ ୧୪୪୯ ମସିହାରେ ଜନ୍ମଗ୍ରହଣ କରି ୧୫୬୫ ମସିହା ପର୍ଯ୍ୟନ୍ତ ଜୀବିତ ଥିଲେ । ତାଙ୍କୁ ଯେତେବେଳେ ୩୨ବର୍ଷ ବୟସ ସେତେବେଳେ ସେ ତୀର୍ଥ ପର୍ଯ୍ୟଟନରେ ବାହାରି ଦୀର୍ଘ ୧୨ବର୍ଷ କାଳ ତୀର୍ଥ ଭ୍ରମଣ କରିଥିଲେ । ସେହି ସମୟରେ ସେ ଶ୍ରୀକ୍ଷେତ୍ରରେ ୮/୧୦ବର୍ଷ ପର୍ଯ୍ୟନ୍ତ ରହିଥିଲେ । ତାଙ୍କୁ ଯେତେବେଳେ ୮୦ବର୍ଷ ବୟସ ହୋଇଥିଲା ସେତେବେଳେ ସେ ପୁନର୍ବାର ଶ୍ରୀକ୍ଷେତ୍ର ଆସି ଅଢ଼େଇମାସ ପର୍ଯ୍ୟନ୍ତ ରହିଥିଲେ । ସେତେବେଳେ ବୋଧହୁଏ ତାଙ୍କର ଶ୍ରୀଚୈତନ୍ୟ ଦେବ ଓ ଅତିବଡ଼ିଙ୍କ ସହ ସାକ୍ଷାତ ହୋଇଥାଇ ପାରେ । କିନ୍ତୁ ତାହା କେଉଁଠାରେ ଉଲ୍ଲେଖ ନାହିଁ ।

ସନ୍ଥ ଶ୍ରୀମନ୍ତ ଶଙ୍କରଦେବ ଏକ ଶରଣ ନାମ ଉପାସନାର ପ୍ରବର୍ତ୍ତକ ଥାଇ କେବଳ ମାତ୍ର ଶ୍ରୀକୃଷ୍ଣଙ୍କୁ ଭକ୍ତି କରୁଥିଲେ ଓ ତାଙ୍କର ଶିଷ୍ୟମାନଙ୍କୁ ମଧ୍ୟ ଶ୍ରୀକୃଷ୍ଣଙ୍କ ବ୍ୟତୀତ ଆଉ କୌଣସି ଦେବତାଙ୍କୁ ଉପାସନା କରିବାପାଇଁ ବାରଣ କରିଥିଲେ । ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥଙ୍କୁ କିନ୍ତୁ ସେ ସ୍ୱୀକାର କରି ଶିଷ୍ୟମାନଙ୍କୁ ଉପାସନା କରିବାପାଇଁ କହିଥିଲେ ।

ସେ 'ଉରେଷା ବର୍ଣ୍ଣନ' ନାମକ ଏକ ଗ୍ରନ୍ଥ ରଚନା କରିଥିଲେ । ୨୧ଟି ଛାନ୍ଦକୁ ନେଇ ୨୧ କୀର୍ତ୍ତନ ସମ୍ବଳିତ ଉକ୍ତ ଗ୍ରନ୍ଥରେ କେବଳ ଓଡ଼ିଶା ପ୍ରଦେଶର, ମହୋଦଧି,

CC-0. In Public Domain. Digtized by Muthulakshmi Research Academy

ମହାନଦୀ, ଶ୍ରୀଜଗନ୍ନାଥ, ତାଙ୍କର ଯାତ୍ରାଯାତ୍ରା, ପର୍ବପର୍ବାଣୀ ତାଙ୍କର ମହିମା ଓ ଶ୍ରୀପ୍ରସାଦ ସଂପର୍କରେ ଉଲ୍ଲେଖ ଅଛି । ୨୧ତମ କୀର୍ତ୍ତନରେ କେବଳ ଶ୍ରୀମହାପ୍ରସାଦର ବର୍ଣ୍ଣନା ରହିଅଛି ।

ଶ୍ରୀମନ୍ତ ଶଙ୍କରଦେବଙ୍କ ପୂର୍ବରୁ ଯେ ଆସାମ ପ୍ରଦେଶରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ବନ୍ଧରେ ପ୍ରଚାର ହୋଇନଥିଲା ତାହା ନୁହେଁ । ମହାପୁରୁଷ ଅତିବଡ଼ି ଜଗନ୍ନାଥ ଦାସଙ୍କ ଭାଗବତ ଓ ଭାଗବତ ଟୁଙ୍ଗୀ ମାଧ୍ୟମରେ ଓଡ଼ିଶାରେ ସାମାଜିକ ଓ ଆଧ୍ୟାତ୍ମିକ ଚେତନା ଗଢ଼ି ଉଠିଥିବା ଭଳି ଆସାମରେ 'ଉରେପା ବର୍ଣ୍ଣନ' ଗ୍ରନ୍ଥ ମାଧ୍ୟମରେ ଶ୍ରୀଜଗନ୍ନାଥଙ୍କ ନାମ ସଂକୀର୍ତ୍ତନମାନ 'ନାମଘର' ବା 'ସତ୍ର' ମାଧ୍ୟମରେ ମଧ୍ୟ ସେହିଭଳି ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଥିଲା ଯାହାକି ଆଜି ପର୍ଯ୍ୟନ୍ତ ଚାଲିଆସି ଆହୁରି ଅଧିକ ପ୍ରଚାର ପ୍ରସାର ହୋଇଚାଲିଛି । ଆସାମ ଓ ଓଡ଼ିଶା ପ୍ରଦେଶରେ ଶ୍ରୀଜଗନ୍ନାଥ ଚେତନାର ବ୍ୟାପକ ପ୍ରଚାର ପ୍ରସାର ଉକ୍ତ ଗ୍ରନ୍ଥ ମାଧ୍ୟମରେ ହେବା ହିଁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ବିଷୟ ଅଟେ ।

ସଂସ୍କୃତ ସାହିତ୍ୟ, ଓଡ଼ିଆ ସାହିତ୍ୟ ଓ ଅନ୍ୟାନ୍ୟ ପ୍ରାଦେଶିକ ଭାଷାରେ ଲିଖିତ ସାହିତ୍ୟରେ ଶ୍ରୀମହାପ୍ରସାଦର ବିଭିନ୍ନ ଦୃଷ୍ଟିକୋଣରୁ ମହତ୍ତ୍ୱ ଥିଲାଭଳି ଅହମିଆ ସାହିତ୍ୟ 'ଉରେଷା ବର୍ଣ୍ଣନ'ରେ ମଧ୍ୟ ଉଲ୍ଲେଖ ରହିଅଛି ।

ପ୍ରାଚୀନ ଅହମିୟା ଲୋକ ଗୀତରେ ଶ୍ରୀମହାପ୍ରସାଦ ବିଷୟରେ ଲେଖାଅଛି ଯେ, ଶ୍ରୀଜଗନ୍ନାଙ୍କ ଅନ୍ନ ଖାଇବାକୁ ମିଠା ଲାଗେ । ତମ୍ବା କଳସୀରେ ପାଣି ନଥିଲେ ମୁଣ୍ଡରେ ହାତ ବୋଳିଦିଅ । (ଦ୍ୱିତୀୟ ପଦର ଅର୍ଥ ବୁଝିହେଉ ନାହିଁ)[୬୭]

ଶ୍ରୀମହାପ୍ରସାଦ ବିଷୟରେ ପୁନଃ ଲେଖା ହୋଇଅଛି ଯେ, ଶ୍ରୀମହାପ୍ରସାଦରେ ଜାତି ଅଜାତିରେ ବିଚାର ନଥାଏ ବୋଲି ପ୍ରାଚୀନ ଆସାମ ପ୍ରଦେଶର ଲୋକମାନେ ଜାଣିଥିଲେ । ପୁରୁଣା ଯୁଗରେ କଉଡ଼ିର ପ୍ରଚଳନ ଥିଲା । ଏହି ଗୀତରେ କୁହାଯାଇଅଛି ଯାହା ଘରେ କଉଡ଼ି ଅଛି ସେ ଦୋକାନକୁ (ଆନନ୍ଦ ବଜାରକୁ) ଯାଇ ପେଟପୁରା ମହାପ୍ରସାଦ ଖାଅ ।[୬୮]

---

୬୭. ଜଗନ୍ନାଥର ଅନ୍ନପ୍ରସାଦ ଖାଇତେ ବର ମିଠା
ତାମ କଳସୀତେ ପାନୀନାଇମାଥେ ହାତ ମୋଚା ॥
ଜଗନ୍ନାଥର ଅନ୍ନଖାୟ ସାତଥେଇକା ଚରୁ
ଅସୁରକେ ଖେଦି ଯାୟ ହାତ ସନାର ଲରୁ ॥

୬୮. ଥାଳ ଭରି ବ୍ୟଞ୍ଜନ ଗାମଲା ଭରି ଭାତ
ଜାତି ଓ ଅଜାତି ଖାୟ ବିଚାର ନାଇ ତାତ ।
ଯାର ଘରେ କଡି ଦକାନେ ଚଲିଯାୟ
ଛଲିବାର ଛଲେ ତାଇ ପେଟ ଭରିଖାୟ ॥

CC-0. In Public Domain. Digtized by Muthulakshmi Research Academy

ଶ୍ରୀମନ୍ତ ଶଙ୍କର ଦେବ ପ୍ରଥମେ ପ୍ରଥମେ ଶ୍ରୀମହାପ୍ରସାଦ ଗ୍ରହଣ କରୁନଥିଲେ । ପରେ ସେ କିନ୍ତୁ ନିଜର ଭୁଲ ବୁଝିପାରି ଶ୍ରୀମହାପ୍ରସାଦ ଗ୍ରହଣ କଲେ ଯେଉଁ ବିଷୟରେ ଷଷ୍ଠ ପରିଚ୍ଛେଦରେ ଉଲ୍ଲେଖ ଅଛି । କେବଳ ସେ ଶ୍ରୀମହାପ୍ରସାଦ ଗ୍ରହଣ କରିଥିଲେ ତାହା ନୁହେଁ 'ଉରେଷା ବର୍ଣ୍ଣନ'ରେ ୨୧ତମ ଅଧ୍ୟାୟର ଶ୍ରୀମହାପ୍ରସାଦର ମହିମା ଓ ବୈଶିଷ୍ଟ୍ୟ ସମ୍ବନ୍ଧରେ ସେ ଏକ ନିଖୁଣ ଚିତ୍ର ଦେଇଛନ୍ତି । ତାହା ନିମ୍ନରେ ବର୍ଣ୍ଣନା କରାଗଲା । ଯାହାର ଅର୍ଥ ହେଲା-

ଉରେଷା ବର୍ଣ୍ଣନର ଶେଷ କୀର୍ତ୍ତନ ହେଲା ଏକବିଂଶ କୀର୍ତ୍ତନ ଶ୍ରୀମହାପ୍ରସାଦ ମହାତ୍ମ୍ୟ-ଯଜ୍ଞ, ହୋମ, ତପ, ଦାନ ତଥା ତୁଳାପୁରୁଷଦାନରେ ଯେଉଁ ଫଳ ମିଳେ ଏବଂ କୋଟିଏ ବ୍ରାହ୍ମଣ ଭୋଜନରେ ଯେଉଁ ଫଳ ମିଳିଥାଏ ଶ୍ରୀମହାପ୍ରସାଦ ଭୋଜନରେ ତାଠାରୁ ଅଧିକ ଫଳ ମିଳିଥାଏ ।

ପିତୃଶ୍ରାଦ୍ଧ ଦିନରେ ଶ୍ରୀମହାପ୍ରସାଦ ଆଣି ଯେଉଁ ଲୋକ ପିତୃ ପୁରୁଷକୁ ଅର୍ପଣ କରେ ଏବଂ ତିଳ ସହିତ ମିଶାଇ ଭକ୍ତି ଭାବରେ ପିତୃପୁରୁଷଙ୍କୁ ଅର୍ପଣ କଲେ କୋଟିଏ କଳ୍ପ ପର୍ଯ୍ୟନ୍ତ ପିତୃଲୋକମାନେ ପରିତୃପ୍ତ ହୁଅନ୍ତି ।

ବ୍ରହ୍ମରେ ବିକାର ନଥିବା ଭଳି, ଶ୍ରୀମହାପ୍ରସାଦରେ ବିକାର ନାହିଁ । ଶ୍ରୀଜଗନ୍ନାଥଙ୍କ ଅନ୍ନ, ପିଠାପଣା ଆଦି ଯେତେ ଭୋଗ ପ୍ରସାଦ ରହିଛି, ତହିଁରେ ଭକ୍ଷ ଅଭକ୍ଷ ଯେଉଁ ଲୋକ ବିଚାର କରେ ସେ ଲୋକ ମନ୍ଦରୋଗୀ ହୁଏ । ଭାର୍ଯ୍ୟା ପୁତ୍ରମାନେ ତାକୁ ପରିତ୍ୟାଗ କରନ୍ତି । ତାର ନିସ୍ତାର ନାହିଁ । ସେ ଲୋକ ଘୋର ନର୍କରେ ବୁଡ଼ିଯାଏ ।

ଅସବର୍ଣ୍ଣ ତଥା ବର୍ଣ୍ଣସଙ୍କର ମନୁଷ୍ୟମାନେ ଖାଇକରି ଛାଡ଼ି ଯାଇଥିବା ଶ୍ରୀମହାପ୍ରସାଦ ଜାତି ଅଜାତି ବିଚାର ନକରି ଯେଉଁ ଲୋକ ତାକୁ ଆନନ୍ଦରେ ଭକ୍ଷଣ କରେ ସେ ଲୋକ ସମସ୍ତ ପାପରୁ ମୁକ୍ତ ହୋଇଯାଏ । ଛାଡ଼ିଯାଇଥିବା ଶ୍ରୀମହାପ୍ରସାଦ ବିକାର କରି ଯେଉଁ ଲୋକ ଖାଏ ନାହିଁ ସେ ଲୋକକୁ ବିପଦ ପଡ଼ିଥାଏ । ଘୋର ଦଣ୍ଡ ମିଳିଥାଏ ।

କାଳ, ନିୟମ, ବ୍ରତ ଆଦି ବିଚାର ନ କରି ଶ୍ରୀମହାପ୍ରସାଦ ପାଇବା ମାତ୍ରକେ ଭକ୍ଷଣ କଲେ ମୋକ୍ଷ ପ୍ରାପ୍ତି ହେବ । ହୃଦୟରେ ଶ୍ରୀଜଗନ୍ନାଥଙ୍କର ରୂପ, ମୁଖରେ ଶ୍ରୀଜଗନ୍ନାଥଙ୍କର ନାମ ଏବଂ ପେଟପୁରା ଶ୍ରୀମହାପ୍ରସାଦ ଭକ୍ଷଣ କରି ପାଦୋଦକ ନିର୍ମାଲ୍ୟ ମସ୍ତକରେ ଧାରଣ କରିବା ମନୁଷ୍ୟ ସାକ୍ଷାତ ବିଷ୍ଣୁଙ୍କ ଅବତାର ବୋଲି ବିଚାର କରିବାକୁ ହେବ । ଶ୍ରୀମନ୍ତ ଶଙ୍କରଦେବ ଶ୍ରୀକୃଷ୍ଣ ଚରଣ ଧରି ଭଣତି କଲେ ଏଥକୁ ପାତକ ଛାଡ଼ି ଯାଉ । ସମସ୍ତେ ହରି ହରି ବୋଲ ।

CC-0. In Public Domain. Digtized by Muthulakshmi Research Academy

ଏହି ଏକବିଂଶ କୀର୍ତ୍ତନରେ ଥିବା ଶ୍ରୀମହାପ୍ରସାଦ ମାହାତ୍ମ୍ୟକୁ ଶ୍ରୀମନ୍ତ ଶଙ୍କରଦେବ ସ୍କନ୍ଦପୁରାଣ ଉତ୍କଳଖଣ୍ଡରୁ ଉଦ୍ଧାର କରିଛନ୍ତି ।[୬୯]

ଏହି ପରିଚ୍ଛେଦରେ ଉଲ୍ଲେଖ ହୋଇଥିବା ଶାସ୍ତ୍ରୀୟ ତଥା ଅନ୍ୟାନ୍ୟ ପ୍ରାଦେଶିକ ଭାଷାରେ ଶ୍ରୀମହାପ୍ରସାଦ ସମ୍ବନ୍ଧରେ କେତେକ ବିଷୟ ସଂଗୃହୀତ ହୋଇପାରିଛି । କିନ୍ତୁ ଏହାର ଅର୍ଥ ନୁହେଁ ଯେ, ଶ୍ରୀମହାପ୍ରସାଦ ବିଷୟରେ କେବଳ ଏତିକି ମାତ୍ର ଉଲ୍ଲେଖ ଅଛି । ଆହୁରି ବହୁତ ବିଷୟ ଲେଖକଙ୍କ ଦ୍ୱାରା ସଂଗ୍ରହ କରାଯାଇପାରିନାହିଁ, ଭବିଷ୍ୟତରେ ଅନ୍ୟ ଲେଖାଗୁଡ଼ିକ ସଂଗୃହୀତ ହୋଇପାରିଲେ ପରବର୍ତ୍ତୀ ସଂସ୍କରଣମାନଙ୍କରେ ଦିଆଯାଇ ପାରିବ କିମ୍ବା ଅଧିକ ଗବେଷଣା କରାଯାଇ ପାରିବ । କିନ୍ତୁ ଏ କଥାଟି ସତ ଯେ, ପ୍ରଥମ ପରିଚ୍ଛେଦରେ ଉଲ୍ଲେଖ ଥିବା ବିଷୟ ମତେ ଶ୍ରୀମନ୍ଦିରରେ କରାଯାଉଥିବା ଅନ୍ନ ଯଜ୍ଞର ଫଳ ସର୍ବସାଧାରଣରେ ସହଜରେ ପାଇବାର ଯେଉଁ ବ୍ୟବସ୍ଥା କରାଯାଇଅଛି ତାହାର ପ୍ରତିଫଳନ ବିଭିନ୍ନ ଶାସ୍ତ୍ର ଓ ପ୍ରାଦେଶିକ ଭାଷାରେ ଲିଖିତ ସାହିତ୍ୟମାନଙ୍କରେ ଦେଖିବାକୁ ମିଳେ । ଫଳରେ ସମଗ୍ର ଦେଶରେ ଶ୍ରୀ ମହାପ୍ରସାଦର ମହନୀୟତା ଓ ମାନ୍ୟତାକୁ ସମାନ ଭାବରେ ଗ୍ରହଣ କରିବାରେ ସହାୟକ ହୋଇଅଛି । ଏହା ମହାପ୍ରଭୁଙ୍କର ଏକ ସାର୍ବଜନୀନ ଲୀଳା । ଧନ୍ୟ ପ୍ରଭୁ ! ଧନ୍ୟ ତୁମର ଲୀଳା ।

---

୬୯. ଜଗନ୍ନାଥନାମର ମହିମା କଇବକତ (କୈବୋକତ) । ମହାପ୍ରସାଦର ଏବେ ଶୁନି ଓ ମହତ ॥
ଯଜ୍ଞଫଳ ପାବେ ଜପ ହୋମ ତପ ଦାନେ । ଯେନ ଫଳ ପାବେ ତୁଳା ପୁରୁଷ ପ୍ରଦାନେ ॥
ଯେନ ଫଳ ଲଭେ ଭୁଞ୍ଜାଇ ବ୍ରାହ୍ମନ କୋଟିକି । ପାବେ ମହାପ୍ରସାଦ ଭକ୍ଷଣେ ତତୋଽଧିକ ॥
ପିତୃଶ୍ରାଦ୍ଧ ବିନା ଆନି ବିଷ୍ଣୁର ଅନ୍ନକ । ଭକ୍ତିଭାବେ ଦେୟ ଯିଟୋ ପିତୃଦେବତାକ ॥
ଆନେ ପିଣ୍ଡେ ଦେୟ ଯିଟୋ ତିଲେମିଶଲାଇ । କୋଟିକଳ୍ପମାନେ ତୃପ୍ତି ହୋନ୍ତ ପିତୃ ପାଇ ॥
ମହାପ୍ରସାଦ ତ ଯତ୍ନେ ହରିର ବିଚାର । ନାହିଁ କିଞ୍ଚିତେକେ ଯେନ ବ୍ରହ୍ମତ ବିକାର ॥
ବିଷ୍ଣୁର ନୈବେଦ୍ୟ ଯତ ଅନ୍ନ ପିଠାପନା । ଭକ୍ଷାଭକ୍ଷ ତାହାର ବିଚାରେ ଯିଟୋ ଜନା ॥
ହୋବେ ମନ୍ଦ ରୋଗୀ ତାକ ଭାର୍ଯ୍ୟା ପୁତ୍ରଏରେ । ନାହିଁକେ ନିସ୍ତାର ଘୋର ନରକତ ପରେ ॥
ଅନ୍ତ୍ୟବର୍ଣ୍ଣେ ହୀନବର୍ଣ୍ଣେ ଯିଟୋ ଅନ୍ନଛୋବେ । ତାରଭୁଞ୍ଜ ସମସ୍ତ ପାତକ ମୁକ୍ତ ହୋବେ ॥
ଛୋଟା ଗଞ୍ଜା ଗୁଲି ଯିଟୋ ଅନ୍ନ ନ ଖାୟ ମୋର । ବିପଦ ପାଇୟ ତାକ କରୋ ଦଣ୍ଡ ଘୋର ॥
ନାହିଁ କାଲ ନିୟମ ବ୍ରତେ ଦୋଷ ନାଇ । ପାଇଲେ ମାତ୍ରେ ଖାଇବେ ଅନ୍ନ ତେବେ ମୋକ୍ଷ ପାଇ ॥
ହୃଦୟତ ରୂପ ହରି ନାମ ଯାର ମୁଖେ । ବିଷ୍ଣୁର ନୈବେଦ୍ୟ ଉଦରତ ଭରେ ସୁଖେ ॥
ପାଦୋଦକ ନିର୍ମାଲ୍ୟ ମସ୍ତକେ ଥାକେ ଯାର । ବୋଲା ହରି ହରି ସେଇ ବିଷ୍ଣୁ ଅବତାର ॥
ଭଣିଲ ଶଙ୍କରେ କୃଷ୍ଣ ଚରନ ତ ଧରି । ପାତକ ଛାଡୋକ ତାକିଦେଲା ହରି ହରି ॥

(ଉରେଷା ବର୍ଣ୍ଣନ ୨୧ କୀର୍ତ୍ତନ ୧୦-୨୩)

(ସଂଗୃହୀତ- ଶ୍ରୀମନ୍ତ ଶଙ୍କର ଦେବ କୃତ 'ଉରେଷା ବର୍ଣ୍ଣନ', ଅନୁବାଦ- ସ୍ୱର୍ଗତ କୁମାର କବି ଅରକ୍ଷିତ ପ୍ରଧାନ, ପ୍ରକାଶକ- ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀ ।)

CC-0. In Public Domain. Digtized by Muthulakshmi Research Academy

## ସପ୍ତମ ପରିଚ୍ଛେଦ

# କେତେକ ଭକ୍ତମାନଙ୍କ ଅନୁଭୂତିରେ ମହିମାମୟ ଶ୍ରୀମହାପ୍ରସାଦ

ପୂର୍ବ ପରିଚ୍ଛେଦରେ ଶାସ୍ତ୍ରମାନେ ଓ ଅନ୍ୟାନ୍ୟ ପ୍ରାଦେଶିକ ଭାଷାରେ ରଚିତ ସାହିତ୍ୟଗୁଡ଼ିକ ଶ୍ରୀମହାପ୍ରସାଦର ମହିମାକୁ ବିଭିନ୍ନ ଦିଗରୁ ଉପସ୍ଥାପନା କରି ସମଗ୍ର ଦେଶରେ ଏହା ସମସ୍ତ ଆଶ୍ରମର ଲୋକମାନଙ୍କ ପାଇଁ ଗ୍ରହଣୀୟ ବୋଲି ପ୍ରମାଣ କରିଛନ୍ତି । ତାହା ନ ହୋଇଥିଲେ ଶ୍ରୀମହାପ୍ରସାଦ ପ୍ରତି ସମାନ ସାର୍ବଜନିକ ଦୃଷ୍ଟିକୋଣ ଓ ଗ୍ରହଣୀୟତା ସୃଷ୍ଟି ହେବା କଷ୍ଟକର ହୋଇଥାଆନ୍ତା ।

ଶାସ୍ତ୍ର ଓ ସାହିତ୍ୟ ଭଳି ଭାରତବର୍ଷର ବହୁ ମତସଂପ୍ରଦାୟର ଆଚାର୍ଯ୍ୟ, ସନ୍ଥ, ପରିବ୍ରାଜକ, ମହନ୍ତ, ଗଜପତି ମହାରାଜା, ଅନ୍ୟାନ୍ୟ ରାଜା ମହାରାଜା, ଜମିଦାର, ଶିଷ୍ୟ, ବିଦ୍ୟାର୍ଥୀ, ଦାର୍ଶନିକ, ଭକ୍ତ, ଦର୍ଶନାର୍ଥୀ, ସେବକ, ଯାତ୍ରୀପଣ୍ଡା, ଗୁମାସ୍ତା ଓ କାହିଁ କେତେ ବ୍ୟକ୍ତିଙ୍କର ଶ୍ରୀମହାପ୍ରସାଦର ମହିମାମୟ ଅନୁଭୂତି ମଧ୍ୟ ସମଗ୍ର ଭାରତବର୍ଷରେ ଶ୍ରୀଜଗନ୍ନାଥଙ୍କ ସହିତ ଶ୍ରୀମହାପ୍ରସାଦ ସମାନ ବୋଲି ଶାସ୍ତ୍ରୀୟ ଉକ୍ତିକୁ ଦୃଢ଼ ଭାବରେ ସମର୍ଥନ କରିଅଛି । ସମସ୍ତଙ୍କର ଏକାପ୍ରକାର ଅନୁଭୂତି ନଥିଲେ ମଧ୍ୟ ସମସ୍ତ ନଦୀ, ନାଳମାନ ଆସି ସମୁଦ୍ରରେ ମିଶିଲାଭଳି ଏମାନଙ୍କର ବିଭିନ୍ନ ପ୍ରକାର ଓ ବିଭିନ୍ନ ପରିସ୍ଥିତିରେ ସୃଷ୍ଟି ହୋଇଥିବା ଅନୁଭୂତି କିନ୍ତୁ ଗୋଟିଏ ସ୍ଥାନରେ ଠୁଳ ହୋଇଛି । ସେଇଟି ହେଲା ଶ୍ରୀଜଗନ୍ନାଥଙ୍କର ସ୍ୱରୂପ ଅର୍ଥାତ୍ ପରଂବ୍ରହ୍ମ ସ୍ୱରୂପ ଶ୍ରୀମହାପ୍ରସାଦ । ସେମାନଙ୍କ ଅନୁଭୂତି ମଧ୍ୟ ସମୟ କ୍ରମେ ଜଣଠାରୁ ଗଣ ପର୍ଯ୍ୟନ୍ତ ଗୋଟିଏ ବିଶ୍ୱାସ ଓ ଗ୍ରହଣୀୟତାର ଧାରାକୁ ନେଇ ଗଢ଼ି ଆସିଅଛି । ଏଭଳି ଅନୁଭୂତି କାହିଁ କେଉଁ ଯୁଗରୁ ପ୍ରବାହମାନ ହୋଇ 'ଚୀର ପୁରାତନ ନିତ୍ୟ ନୂତନ' ଭାବେ ଉଦାହରଣ ସୃଷ୍ଟି କରି କରି ଚାଲୁଥିଲେ ମଧ୍ୟ କିଏ ତା'ର ହିସାବ ରଖିଛି ବା ରଖୁଛି ? କାହାପକ୍ଷେ କଅଣ ହିସାବ ରଖିବା ସମ୍ଭବପର ? ପାଠକ ସମେତ କୋଟି କୋଟି ଭକ୍ତଙ୍କର ଜୀବନରେ ଘଟିଯାଉଥିବା ଅନୁଭବ କଅଣ କେହି ଲେଖି ରଖୁଛି କି ? ତେଣୁ ଏହି ପରିଚ୍ଛେଦରେ ସେ ବିଷୟରେ ବର୍ଣ୍ଣନା କରିବା ଏକ ଦୁଃସାହସିକ କର୍ମ ବୋଲି ମନେହୁଏ । କାରଣ ଏହା କେଉଁଠି ସଂଗୃହୀତ ହୋଇକରି ନାହିଁ ଯେ, ଶ୍ରୀମହାପ୍ରସାଦର ମହାମହିମାମୟ ଅନୁଭୂତି ବିଷୟକୁ ସେଠାରୁ ବିଷୟଗୁଡ଼ିକ ଉତ୍ତାରି ଆଣିହେବ । ତଥାପି ଦୃଷ୍ଟାନ୍ତମୂଳକ ଭାବରେ କେତେକ ଭକ୍ତମାନଙ୍କର ଅନୁଭୂତି ସଂପର୍କରେ ଏଠାରେ ଉଲ୍ଲେଖ କରାଯାଉଅଛି ।

### ବିଦ୍ୟାପତି ଓ ନିର୍ମାଲ୍ୟ :-

ସତ୍ୟଯୁଗରେ ମହାପ୍ରଭୁ ଶ୍ରୀନୀଳମାଧବଙ୍କ ପ୍ରସାଦକୁ ଜାତିରେ ଶବର କିନ୍ତୁ ବ୍ରହ୍ମଦର୍ଶୀ ବିଶ୍ୱାବସୁ ଓ ବ୍ରାହ୍ମଣ ଶ୍ରେଷ୍ଠ ଏକାଠି ଉଭୟ ବିଶ୍ୱାବସୁଙ୍କ ଘରେ ଶ୍ରୀବିଷ୍ଣୁ

CC-0. In Public Domain. Digtized by Muthulakshmi Research Academy

ନିର୍ମାଲ୍ୟ ଖାଇଥିବା କଥା ସ୍କନ୍ଦପୁରାଣ ଅଷ୍ଟମ ଅଧ୍ୟାୟରେ ବର୍ଣ୍ଣନା କରାଯାଇଅଛି । ଯାହାକି ଶବର ଓ ବ୍ରାହ୍ମଣ ଶ୍ରୀମହାପ୍ରସାଦ ଏକତ୍ର ବସି ଭୋଜନ କରିବାର ପରମ୍ପରାର ଭିତ୍ତିପ୍ରସ୍ତର ସ୍ଥାପନ କରିଅଛି । ସେହିଦିନଠାରୁ ସେହି ପରମ୍ପରା ଆଜି ପର୍ଯ୍ୟନ୍ତ ଗଡ଼ିଆସିଅଛି । ଆନନ୍ଦ ବଜାରରେ ଏକତ୍ର ଭୋଜନ ସେହି ପରମ୍ପରାର ଏକ ଦୃଷ୍ଟାନ୍ତ ବୋଲି କୁହାଯାଇପାରେ । ଉକ୍ତ ପୁରାଣ ଅନୁସାରେ ବିଦ୍ୟାପତିଙ୍କ ଦିବ୍ୟ ପ୍ରସାଦ କେଉଁଠୁ ପାଇଲ ଏହି ପ୍ରଶ୍ନର ଉତ୍ତର ଦେଇ ଭକ୍ତଶ୍ରେଷ୍ଠ ବିଶ୍ୱାବସୁ କହିଥିଲେ ଯେ, ଦେବତାମାନେ ଜଗତପତିଙ୍କର ପୂଜା ନିମିତ୍ତ ଯେଉଁ ଦିବ୍ୟ ବସ୍ତୁ ଆଣିଥାଆନ୍ତି, ସେହି ଦିବ୍ୟ ନିର୍ମାଲ୍ୟ ବସ୍ତୁ ହିଁ ମୁଁ ଆପଣଙ୍କୁ ପ୍ରଦାନ କରିଅଛି । ମୁଁ ଏହି ଶ୍ରୀବିଷ୍ଣୁ ନିର୍ମାଲ୍ୟ ଭୋଜନ କରି ରୋଗ ଓ ବୃଦ୍ଧାବସ୍ଥାରୁ ଦୂରରେ ରହିବା ସଙ୍ଗେ ସଙ୍ଗେ ପୁତ୍ର ଓ ବନ୍ଧୁମାନଙ୍କ ସହ ଦଶହଜାର ବର୍ଷ ପରମାୟୁ ପ୍ରାପ୍ତ ହୋଇ ସୁଖରେ ବାସ କରୁଅଛି । ହେ ବ୍ରାହ୍ମଣ ଶ୍ରେଷ୍ଠ ! ଯେଉଁ ଶ୍ରୀମହାପ୍ରସାଦ ସେବନରେ ମୁକ୍ତିଲାଭ ହୁଏ ତହିଁରେ ଯେ ସାମାନ୍ୟ ପାପରାଶିର ବିନଷ୍ଟ ହେବା ନିଶ୍ଚିତ ଏଥିରେ ସନ୍ଦେହ ନାହିଁ । ଏହି ପୌରାଣିକ ଉପାଖ୍ୟାନଟି ଶ୍ରୀମହାପ୍ରସାଦ ସେବନରେ ନିରୋଗ, ଦୀର୍ଘାୟୁ, ମୁକ୍ତି ଓ ପାପ ବିମୋଚନ ହେଉଥିବା କଥା ପ୍ରତିପାଦିତ କରୁଅଛି । ଶ୍ରୀନୀଳମାଧବଙ୍କ ମହାପ୍ରସାଦକୁ ଦେବତାମାନେ ଭୋଜନ କରୁଥିବା କଥା ଓ ପରକାଳରେ ଶ୍ରୀଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଅନ୍ନ ଶ୍ରୀମହାପ୍ରସାଦକୁ ଦେବତାମାନେ ମନୁଷ୍ୟରୂପ ଧରି ଭୋଜନ କରୁଥିବା କଥା ପୂର୍ବେ ବର୍ଣ୍ଣିତ ହୋଇଅଛି । ଶ୍ରାଦ୍ଧରେ ଶ୍ରୀମହାପ୍ରସାଦ ପାଇ ପିତୃପୁରୁଷମାନେ ପ୍ରୀତ ହେଉଥିବା କଥା ମଧ୍ୟ ବର୍ଣ୍ଣିତ ହୋଇଅଛି । ଅଶରୀରୀ ପ୍ରେତାତ୍ମା (ପତିତ)ମାନେ ମଧ୍ୟ ଅଧରପଣା ଆକାରରେ ଶ୍ରୀମହାପ୍ରସାଦ ପାଇ ମୋକ୍ଷ ବା ମୁକ୍ତି ହେଉଥିବା କଥା ବର୍ଣ୍ଣନା କରାଯାଇଅଛି ।

## ଶ୍ୱେତମାଧବ ଓ ଶ୍ରୀମହାପ୍ରସାଦ :-

ସେହିପରି ସ୍କନ୍ଦପୁରାଣର ୩୭ତମ ଅଧ୍ୟାୟ ଅନୁସାରେ ତ୍ରେତା ଯୁଗରେ ଶ୍ୱେତ ନାମରେ ଏକ ମହାରାଜା ଥିଲେ । ସେ ଭଗବାନ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କୁ ଅତ୍ୟନ୍ତ ଭକ୍ତି କରୁଥିଲେ । ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ପ୍ରଚଳିତ ଷଡ଼ରସ ବ୍ୟଞ୍ଜନକୁ ମହାରାଜା ଶ୍ୱେତମାଧବ ଶ୍ରୀଜଗନ୍ନାଥଙ୍କୁ ଭୋଗ ଲଗାଉଥିଲେ । ସେଥିରେ ସେ କେବେହେଲେ ତ୍ରୁଟି କରୁନଥିଲେ । ଦିନେ ଭୋଗ ସମୟରେ ରାଜା ଶ୍ୱେତମାଧବ ଶ୍ରୀମନ୍ଦିରରେ ଛିଡ଼ା ହୋଇ ଧ୍ୟାନସ୍ଥ ହୋଇ ମହାପ୍ରଭୁଙ୍କୁ ଚିନ୍ତା କରି ଭାବିଲେ ଯେତେବେଳେ ସମସ୍ତ ଦେବତାଗଣ ଦିବ୍ୟ ଉପଚାର ଦ୍ୱାରା ଯାହାଙ୍କର ଅର୍ଚ୍ଚନା କରିବାକୁ ସମର୍ଥ ନୁହଁନ୍ତି, ସେତେବେଳେ ସେ ଭୋଗ ପାଇଁ କରିଥିବା ବ୍ୟବସ୍ଥା ବିଶେଷତଃ ମନୁଷ୍ୟମାନଙ୍କ ଦ୍ୱାରା ରନ୍ଧନ କରାଇ ଶ୍ରୀଜଗନ୍ନାଥଙ୍କୁ ଭୋଗ ଲଗାଇବା ସମୟରେ କଅଣ ମହାପ୍ରଭୁ ତାହା ଗ୍ରହଣ କରୁଥିବେ ? ଏହି କଥା ଚିନ୍ତା କରିବା ସମୟରେ ପୁନର୍ବାର ମହାରାଜା ଶ୍ୱେତ ଧ୍ୟାନସ୍ଥ ହୋଇ ମନ ଚକ୍ଷୁରେ ଦେଖିଲେ, ଯେ ଭଗବାନ ଶ୍ରୀଜଗନ୍ନାଥ ଦିବ୍ୟ ଆସନରେ

CC-0. In Public Domain. Digtized by Muthulakshmi Research Academy

ବସି ସେହି ବ୍ୟଞ୍ଜନମାନ ଭୋଜନ କରୁଛନ୍ତି ଓ ମାତା ଶ୍ରୀୟା (ମହାଲକ୍ଷ୍ମୀ) ତାଙ୍କୁ ଦିବ୍ୟ ପାତ୍ରମାନଙ୍କରେ ପରିବେଷଣ କରୁଅଛନ୍ତି । ଭଗବାନଙ୍କର ପ୍ରତିମୂର୍ତ୍ତିମାନେ ଚାରିଦିଗରେ ପରିବେଷ୍ଟିତ ହୋଇ ଭୋଜନ କରୁଅଛନ୍ତି । ଏହି ଦିବ୍ୟ ଘଟଣା ଦର୍ଶନ କରି ତାଙ୍କର ଶ୍ରୀଜଗନ୍ନାଥଙ୍କ ପ୍ରତି ଭକ୍ତି ବଢ଼ିଗଲା । ସେ ତାଙ୍କ ରାଜ୍ୟର ପ୍ରଜାମାନଙ୍କର ଅକାଳ ମୃତ୍ୟୁନାଶ ଓ ମୃତବ୍ୟକ୍ତିଙ୍କର ମୁକ୍ତି କାମନା ଲାଗି ଅନାହାରରେ ରହି ମହତ୍ ତପସ୍ୟା ଆଚରଣ କରିବାକୁ ଲାଗିଲେ । ଏହିପରି ଶହେବର୍ଷ ଯିବା ଉତ୍ତାରେ ସେ ସକଳ ରିଷ୍ଟ ଖଣ୍ଡନକାରୀ ଭଗବାନ ନୃସିଂହ ଦେବଙ୍କୁ ଦର୍ଶନ କରିପାରିଲେ । ସେ ଦେଖିଲେ ଭଗବାନ୍ ନୃସିଂହ ଦେବ ପଦ୍ମାସନରେ ବସି ରହିଛନ୍ତି ଓ ତାଙ୍କ ବାମ ପାର୍ଶ୍ୱରେ ମା ଲକ୍ଷ୍ମୀଦେବୀ ବିରାଜମାନା । ଦେବଗଣ ଓ ସିଦ୍ଧଗଣ ତାଙ୍କୁ ସ୍ତୁତି କରୁଅଛନ୍ତି । ଏହି ଦୃଶ୍ୟ ଦେଖି ରାଜା ଅତି ଗଦ୍‌ଗଦ୍ ହୋଇ ପ୍ରାର୍ଥନା କରି କହିଲେ, ହେ ନାଥ ! ଆପଣ ପ୍ରସନ୍ନ ହୁଅନ୍ତୁ କହି ତଳେ ପଡ଼ିଗଲେ । ଭଗବାନ୍ ଶ୍ରୀନୃସିଂହ ତାଙ୍କୁ ଉଠିବାକୁ କହି ବର ପ୍ରାର୍ଥନା କରିବାକୁ କହିବାରୁ ସେ ପ୍ରଭୁଙ୍କୁ ସାରୂପ୍ୟ ଦର୍ଶନ ଓ ସାନିଧ୍ୟ ବର ଲାଭ କରିବାପାଇଁ ପ୍ରାର୍ଥନା କଲେ । ସେ ରାଜା ଥିବା ପର୍ଯ୍ୟନ୍ତ ତାଙ୍କ ରାଜ୍ୟରେ ଯେପରି ଅକାଳ ମୃତ୍ୟୁ ନହୁଏ ଓ ରାଜ୍ୟବାସୀ ଯଥା ସମୟରେ ମୃତ୍ୟୁଲାଭ କରି ମୁକ୍ତି ପାଇବା ପାଇଁ ପ୍ରାର୍ଥନା କଲେ । ଭଗବାନ ଶ୍ରୀନୃସିଂହ ତାଙ୍କର ପ୍ରାର୍ଥନା ସ୍ୱୀକାର କରି ତାଙ୍କର ଦକ୍ଷିଣ ପାର୍ଶ୍ୱରେ ଅବସ୍ଥାନ କରିବା ପାଇଁ ନିର୍ଦ୍ଦେଶ ଦେଲେ । ଆଉ ହଜାରେ ବର୍ଷ ବ୍ୟାପୀ ମହାସମୃଦ୍ଧିପୂର୍ଣ୍ଣ ରାଜ୍ୟ ଉପଭୋଗ ପୂର୍ବକ ତାଙ୍କର ଶ୍ରୀମହାପ୍ରସାଦ ଭୋଜନ ଦ୍ୱାରା ଅଖିଳ ପାପ ରାଶିରୁ ବିମୁକ୍ତ ଓ ନିର୍ମଳାନ୍ତଃକରଣ ହୋଇ ସାରୂପ୍ୟ ପ୍ରାପ୍ତ ହେବ ବୋଲି ବର ଦେଲେ । ଅକ୍ଷୟବଟ ଓ ସାଗର ମଧ୍ୟବର୍ତ୍ତୀ ଦୁର୍ଲଭ ମୁକ୍ତିକ୍ଷେତ୍ରରେ ମହାପ୍ରଭୁଙ୍କର ଆଦ୍ୟାବତାର ମତ୍ସ୍ୟରୂପୀ ନିର୍ମଳ ଦେହରେ ବାସ କରି ଭୂଲୋକରେ ଶ୍ୱେତମାଧବ ନାମ ନେଇ ବିଖ୍ୟାତ ହେବ । ତୁମ୍ଭମାନଙ୍କର ଉଭୟ ମଧ୍ୟ ସ୍ଥଳରେ ଯେଉଁ ସମସ୍ତ ମାନବଗଣ କିମ୍ବା ପଶୁପକ୍ଷୀ ବା କୀଟ ପତଙ୍ଗ ପ୍ରାଣତ୍ୟାଗ କରିବେ ସେମାନଙ୍କର ନିଃସନ୍ଦହରେ ମୁକ୍ତି ହେବ । ମନୁଷ୍ୟମାନଙ୍କର ତ ଦୂରର କଥା ଦେବତାମାନେ ମଧ୍ୟ ଏହି ସ୍ଥାନରେ ମୁକ୍ତି ବାଞ୍ଛା କରନ୍ତି । ତୁମ୍ଭର ନିବାସ ନିମନ୍ତେ ଯେଉଁ ସ୍ଥାନଟି ଉଦ୍ଦିଷ୍ଟ ତାହାର ଉତ୍ତର ଦିଗରେ ସର୍ବପାପ ବିନାଶକ ଯେଉଁ ସରୋବରଟି ରହିଛି, ତହିଁରେ ସ୍ନାନ ଓ ଆଚମନ କରି ତାହାର ଦକ୍ଷିଣ ତଟରେ ପ୍ରାଣତ୍ୟାଗ କଲେ ସମସ୍ତେ ଯେ ବିମୁକ୍ତ ହେବେ ଏଥିରେ ସନ୍ଦେହ ନାହିଁ । ହେ ଶ୍ୱେତ ରାଜା ! ତୁମ୍ଭ ରାଜ୍ୟ ଭିତରେ ଯେଉଁ ଲୋକମାନେ ମୋର ଶ୍ରୀମହାପ୍ରସାଦ ଭୋଜନ କରିବେ ସେମାନଙ୍କର କଦାପି ଅକାଳମୃତ୍ୟୁ ହେବନାହିଁ ।

ଏହି ପୌରାଣିକ ଉପାଖ୍ୟାନରୁ ହିଁ ପ୍ରତିପାଦିତ ହେଉଅଛି ଯେ, ସ୍ୱୟଂ ମାତା ମହାଲକ୍ଷ୍ମୀ ମହାପ୍ରଭୁଙ୍କ ନିମନ୍ତେ ବ୍ୟଞ୍ଜନ ପ୍ରସ୍ତୁତ କରି ତାଙ୍କୁ ସ୍ନେହର ସହିତ ଖୁଆଇଥାଆନ୍ତି ଓ ତାଙ୍କ ଗହଣରେ ଉପସ୍ଥିତ ଥିବା ଦେବତାମାନେ ଗ୍ରହଣ କରିଥାଆନ୍ତି । ଏହି ଶ୍ରୀମହାପ୍ରସାଦ ଗ୍ରହଣ କରିଥିବା ବ୍ୟକ୍ତିର ଅକାଳ ମୃତ୍ୟୁ ହୁଏନାହିଁ । ତାହାର ମୃତ୍ୟୁ

CC-0. In Public Domain. Digitized by Muthulakshmi Research Academy

ଉପଯୁକ୍ତ ସମୟରେ ହୁଏ ଓ ଶେଷରେ ସେ ମୁକ୍ତି ପାଏ । ତେଣୁ ଶ୍ରୀମହାପ୍ରସାଦ ଅକାଳ ମୃତ୍ୟୁହରଣ ତଥା ମୁକ୍ତିପ୍ରଦ ଅଟେ ବୋଲି ପ୍ରମାଣ ଦିଏ । ସେହି ବିଖ୍ୟାତ ପୁଷ୍କରିଣୀଟି ଅଦ୍ୟାବଧି ଶ୍ୱେତଗଙ୍ଗା ରୂପେ ପରିଚିତ ହୋଇ ପବିତ୍ରତା ଧାରଣ କରିଅଛି । ସେହି ପୁଷ୍କରିଣୀ ନିକଟରେ ଶ୍ୱେତମାଧବ ମୂର୍ତ୍ତି ପୂଜିତ ହେଉଛନ୍ତି ।

## କୃତବିଦ୍ୟ ବସୁଦେବ ଓ ଶ୍ରୀମହାପ୍ରସାଦ :-

ଦ୍ୱାପର ଯୁଗର କଥା । ବେଦୋକ୍ତ 'ତୀର୍ଥେସ୍ତରନ୍ତି' ଉପଦେଶକୁ ଗ୍ରହଣ କରି କୃତବିଦ୍ୟ ବସୁଦେବ ତୀର୍ଥ ପର୍ଯ୍ୟଟନରେ ବାହାରିଲେ । ଅନ୍ତରଙ୍ଗ ବନ୍ଧୁ ବ୍ରଜରାଜ ନନ୍ଦଙ୍କୁ ଅନୁରୋଧ କଲେ ତୀର୍ଥାଟନ ପାଇଁ । କିନ୍ତୁ କେତେକ ପାରିବାରିକ ଅସୁବିଧା ଯୋଗୁଁ ନନ୍ଦ ବସୁଦେବଙ୍କ ସହଯାତ୍ରୀ ହୋଇପାରିଲେ ନାହିଁ । କିନ୍ତୁ ବସୁଦେବଙ୍କୁ ବିଦାୟ ଦେବା ସମୟରେ ନନ୍ଦ ବ୍ୟାକୁଳତା ପ୍ରକାଶ କଲେ । ପୁଣ୍ୟଶ୍ଳୋକ ବସୁଦେବ ସାନ୍ତ୍ୱନା ଦେଇ ଧର୍ମକୁ ସାକ୍ଷୀ ରଖି କହିଲେ, 'ମୁଁ ତୀର୍ଥାଟନରେ ଯେଉଁ ପୁଣ୍ୟ ଅର୍ଜନ କରିବି ସେଥିରୁ ଅର୍ଦ୍ଧେକ ତୁମର ଓ ଅର୍ଦ୍ଧେକ ମୋର ।' ଶେଷରେ ବସୁଦେବ ଏକାକୀ ଭାରତର ସକଳ ତୀର୍ଥ ପର୍ଯ୍ୟଟନ କରି ଶେଷରେ ପରମ ପୁଣ୍ୟପ୍ରଦ କ୍ଷେତ୍ର ଶ୍ରୀକ୍ଷେତ୍ରରେ ପହଞ୍ଚିଲେ । ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଶ୍ରୀକ୍ଷେତ୍ରରେ ଚତୁର୍ମାସ୍ୟା ବ୍ରତ ପାଳନ କଲେ ।

ଥରେ କାର୍ତ୍ତିକ ମାସ ଶ୍ରୀହରିଉତ୍ଥାପନ ବଡ଼ ଏକାଦଶୀ ଦିନ ବସୁଦେବ ଶ୍ରୀମନ୍ଦିରରେ ତ୍ରୈଲୋକ୍ୟ ଚିନ୍ତାମଣି ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କରି ନିର୍ଜଳା ଏକାଦଶୀ ପାଳନ କରିଥାଆନ୍ତି । ସେତିକିବେଳେ ଜନୈକ ସେବକ କିଛି ଶ୍ରୀମହାପ୍ରସାଦ ଆଣି ବସୁଦେବଙ୍କ ହାତରେ ଦେଇଗଲେ । ଏଣେ ନିର୍ଜଳା ଏକାଦଶୀ, ତେଣେ ଶ୍ରୀମହାପ୍ରସାଦର ମାହାତ୍ମ୍ୟକୁ ସ୍ମରଣ କରି ବସୁଦେବ କଣିକାଏ ଶ୍ରୀମହାପ୍ରସାଦ ତୁଣ୍ଡରେ ଦେଲେ କିନ୍ତୁ ତାହା କଣ୍ଠ ସ୍ପର୍ଶ କଲା ନାହିଁ । ସେ ଦିନ ନିଶାର୍ଦ୍ଧ ରାତ୍ରିରେ ମହାପ୍ରଭୁ ମା ମହାଲକ୍ଷ୍ମୀଙ୍କ ସହିତ ଆସି ବସୁଦେବଙ୍କୁ ଦେବ ଦୁର୍ଲଭ ଦର୍ଶନ ଦେଇ କହିଲେ, 'ବସୁଦେବ ! ତୁମେ ଆଜି ଏକାଦଶୀ ବ୍ରତ ଓ ଶ୍ରୀମହାପ୍ରସାଦ ମାହାତ୍ମ୍ୟ ଉଭୟକୁ ସମ୍ମାନ ଦେଇଥିବାରୁ ମୁଁ ପରମ ପ୍ରୀତ । ତୁମେ ଇନ୍ଦ୍ରପଦ ବର ମାଗିଲେ ମଧ୍ୟ ମୁଁ ଦେବି । ତେଣୁ ତୁମେ କି ବର ମାଗୁଛ ମାଗ ।'

ବସୁଦେବ ମହାପ୍ରଭୁଙ୍କ କୋଟିକନ୍ଦର୍ପ ତୁଲ୍ୟ ରୂପ ଲାବଣ୍ୟରେ ବିମୋହିତ ହୋଇ କହିଲେ, 'ତୋତେ ଦେଖିଲେ ମତେ ପୁଅ ପରି ଲାଗୁଛି ।' କରୁଣାନିଧାନ ସର୍ବାନ୍ତର୍ଯ୍ୟାମୀ ଶ୍ରୀଜଗନ୍ନାଥ ଐକାନ୍ତିକ ବାତ୍ସଲ୍ୟ ପ୍ରେମରେ ବାନ୍ଧି ହୋଇପଡ଼ି କହିଲେ 'ଜନ୍ମଜନ୍ମାନ୍ତର ତୁମେ ମୋର ପିତା ଓ ମୁଁ ତୁମର ପୁତ୍ର । ତୁମେ ହିଁ ଦିନେ ମନୁ, ସୁତପା, କଶ୍ୟପ, ଦଶରଥ ଥିଲ । ଯେତେବେଳେ ମୁଁ ଧର୍ମରକ୍ଷା ପାଇଁ ଓ ଦିବ୍ୟଲୀଳା ଦେଖାଇବା ପାଇଁ ମର୍ତ୍ତ୍ୟରେ ଅବତରଣ ହୁଏ ତୁମେ ସେତେବେଳେ ମୋର ଜନ୍ମଦାତା ହୁଅ । ମୋର ଓ

CC-0. In Public Domain. Digtized by Muthulakshmi Research Academy

ତୁମର ସଂପର୍କ ଜନ୍ମଜନ୍ମାନ୍ତର, କଳ୍ପକଳ୍ପାନ୍ତର, ଅବିଚ୍ଛିନ୍ନ ଓ ଅବିଚ୍ଛେଦ୍ୟ ।' ଏ ପ୍ରସଙ୍ଗଟି ଘଟିବା ପର୍ଯ୍ୟନ୍ତ ବସୁଦେବଙ୍କର କୌଣସି ସନ୍ତାନ ସନ୍ତତି ନଥିଲେ । ସେ ହଠାତ୍ କହି ଉଠିଲେ ତାହା ହେଲେ ଏ ଜନ୍ମରେ କଅଣ ହେବ ? ମହାପ୍ରଭୁ ହସି ହସି କହି ଉଠିଲେ- ଆମେ ଦୁଇଭାଗ ହୋଇଯିବୁ । ନାମ ହେବ ବଳରାମ ଓ ଶ୍ରୀକୃଷ୍ଣ । ଏତିକି କହି ନୀଳାଦ୍ରି ଚନ୍ଦ୍ରମା ବାଞ୍ଛା କଳ୍ପତରୁ ହଠାତ୍ ଅନ୍ତର୍ଦ୍ଧାନ ହୋଇଗଲେ ।

ବସୁଦେବ ତୀର୍ଥାଟନରୁ ଫେରି ପ୍ରଥମେ ଗଲେ ଗୋପପୁରର ନନ୍ଦାଳୟ । ନନ୍ଦଙ୍କ ସମ୍ମୁଖରେ ସମସ୍ତ ତୀର୍ଥ ପର୍ଯ୍ୟଟନ ବୃତ୍ତାନ୍ତ ବର୍ଣ୍ଣନା କଲେ । ନନ୍ଦ ଅତି ଦୁଃଖରେ ଭାଙ୍ଗିପଡ଼ି କହିଲେ ମୁଁ ଅତି ଭାଗ୍ୟହୀନ । ସାମାନ୍ୟ ବନ୍ଧନରେ ମୁଁ ତୁମ ସହିତ ତୀର୍ଥାଟନରେ ଯାଇ ପୁଣ୍ୟଲାଭ କରିପାରିଲି ନାହିଁ । ସଙ୍ଗରେ ଥିଲେ ପ୍ରତ୍ୟକ୍ଷ ପ୍ରଭୁଙ୍କ ଦର୍ଶନ ଏ ଚର୍ମ ଚକ୍ଷୁରେ ପାଇପାରିଥାଆନ୍ତି । ମୋର ଭାଗ୍ୟରେ ଏହି ସୁଖ ଲେଖାନାହିଁ । ଏଭଳି କଥା ଶୁଣି ବସୁଦେବ ନନ୍ଦଙ୍କୁ ବୁଝାଇ କହିଲେ, 'ତୁମେ ମଧ୍ୟ ମୋ ଭଳି ଭାଗ୍ୟବାନ୍ । ମୁଁ ତୀର୍ଥାଟନରେ ଯିବା ସମୟରେ ତୁମ ନିକଟରେ ଶପଥ କରି କହିଥିଲି, ତୀର୍ଥାଟନରେ ଯାହା ପୁଣ୍ୟାର୍ଜନ କରିବି ସେଥିରୁ ଅର୍ଦ୍ଧେକ ତୁମର ଓ ଅର୍ଦ୍ଧେକ ମୋର । ଏହାର ଫଳ ସ୍ୱରୂପ ଯଦି ଭଗବାନ ଦୀନଦୟାଳୁ ନୀଳାଦ୍ରିନାଥ ମୋର ପୁତ୍ର ହୋଇ ଆସିବେ ତେବେ ଅଧା ଦିନ ସେ ମୋ ଘରେ ଓ ଆଉ ଅଧା ଦିନ ତୁମ ଘରେ ରହିବେ ।' ଶ୍ରୀଜଗନ୍ନାଥଙ୍କ ବର ଓ ବସୁଦେବଙ୍କ ଶପଥ ଅନୁସାରେ ଶ୍ରୀକୃଷ୍ଣ ଓ ଶ୍ରୀବଳରାମ ନନ୍ଦାଳୟରେ ବାଲ୍ୟାବସ୍ଥା ଓ ତରୁଣାବସ୍ଥାରେ ଜନ୍ମଦାତା ବସୁଦେବଙ୍କ ନିକଟରେ କଟାଇଲେ ।[୧]

ଏହି ଉପାଖ୍ୟାନରୁ ଦୁଇଟି କଥା ସ୍ପଷ୍ଟ ହେଉଅଛି ଯେ, ପୂର୍ବ ପରିଚ୍ଛେଦରେ ଶ୍ରୀମହାପ୍ରସାଦ ମାହାତ୍ମ୍ୟରେ ବର୍ଣ୍ଣନା କରାଯାଇଥିବା ମତେ ଶ୍ରୀଜଗନ୍ନାଥଙ୍କ ଶ୍ରୀମହାପ୍ରସାଦର ମାତ୍ର କଣିକାଏ ସେବନ କଲେ ମଧ୍ୟ ତାହା ଶ୍ରୀମଦ୍ ଭଗବଦ୍ ସାନିଧ୍ୟକାରୀ ସହିତ ପୁଣ୍ୟ ଓ ତପର ଫଳ ପ୍ରଦାନ କରିଥାଏ । ଦ୍ୱିତୀୟ କଥାଟି ହେଲା ବହୁ ଲୋକଙ୍କର ଧାରଣା ଯେ, ଶ୍ରୀକୃଷ୍ଣଙ୍କ ପରେ ଶ୍ରୀଜଗନ୍ନାଥ ବୋଧହୁଏ ଅବତାର ନେଇଛନ୍ତି । ତାହା ଭ୍ରମାତ୍ମକ ଅଟେ, ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଅବତାରୀ । ଭଗବାନ୍ ଶ୍ରୀକୃଷ୍ଣ ଓ ଶ୍ରୀବଳରାମ ଏମାନେ ଅବତାର ଗ୍ରହଣ କରିଛନ୍ତି । ବସୁଦେବ ଶ୍ରୀଜଗନ୍ନାଥଙ୍କ ଶ୍ରୀମହାପ୍ରସାଦରୁ କଣିକାଏ ସେବନ ପରେ ମହାପ୍ରଭୁଙ୍କ ଇଚ୍ଛାନୁସାରେ ଉଭୟ ଭାଇ ଅବତାର ଗ୍ରହଣ କରିଛନ୍ତି । ଏହା ଶ୍ରୀମହାପ୍ରସାଦ ପ୍ରାପ୍ତିର ପୁଣ୍ୟଫଳ ।

## ଆଚାର୍ଯ୍ୟ ଶାଣ୍ଡିଲ୍ୟ ଓ ଶ୍ରୀମହାପ୍ରସାଦ :-

ସ୍କନ୍ଦପୁରାଣର ଅଠତିରିଶ ଅଧ୍ୟାୟରେ ଆଉ ଏକ ପୌରାଣିକ ଉପାଖ୍ୟାନ ରହିଅଛି । ସେହି ଅନୁସାରେ ପୂର୍ବକାଳରେ ମହର୍ଷି ଶାଣ୍ଡିଲ୍ୟ ନାମରେ ଜଣେ ସଦାଚାରୀ,

*୧. ସଂଗୃହୀତ- ଶ୍ରୀମହାପ୍ରସାଦ, ଲେ-ଇଂ. ରଘୁନାଥ ପାତ୍ର, ଉତ୍କଳ ପ୍ରସଙ୍ଗ, ଜୁନ୍ ୧୯୯୮ ।*

CC-0. In Public Domain. Digtized by Muthulakshmi Research Academy

ଶାସ୍ତ୍ରାର୍ଥ ପାରଦର୍ଶୀ, ଗୃହୀ, ବ୍ରାହ୍ମଣ, ଶ୍ରୀପୁରୁଷୋତ୍ତମ କ୍ଷେତ୍ରକୁ ଆସିଥିଲେ । ସେ ଭଗବାନ ଶ୍ରୀବିଷ୍ଣୁଙ୍କୁ ନିୟମ ଅନୁସାରେ ପୂଜା କରି ତିନି ରାତି ରହିଲେ । ଶାସ୍ତ୍ର ଅନୁସାରେ ଶ୍ରୀମନ୍ଦିରରେ ଯଜ୍ଞ ନ ହେଉଥିବା କଥା ଜାଣି ଶ୍ରୀଜଗନ୍ନାଥ ଦେବଙ୍କ ଉଚ୍ଛିଷ୍ଟ ଗ୍ରହଣ କଲେ ନାହିଁ । ସାକ୍ଷାତ୍ ଦେବୀ ମହାଲକ୍ଷ୍ମୀ ଯେ ପାକ କରନ୍ତି, ଏ କଥା ନଜାଣି ଅନ୍ୟ ବ୍ୟକ୍ତି ରନ୍ଧନ କରୁଥିବା କଥା ସେ ଭାବିଲେ । ଶ୍ରୀମନ୍ଦିରରେ ଅନ୍ୟ ପାଚକମାନଙ୍କ ଦ୍ୱାରା ରନ୍ଧାଯାଉଥିବା ଅନ୍ନ କଦାପି ଦେବଯୋଗ୍ୟ ହୋଇ ନପାରେ । ତେଣୁ ଶ୍ରୀଜଗନ୍ନାଥଙ୍କ ନୈବେଦ୍ୟାନ୍ନ ତାଙ୍କ ପାଇଁ ଓ ଅନ୍ୟମାନଙ୍କ ପାଇଁ ଗ୍ରହଣ ଯୋଗ୍ୟ ନୁହେଁ ବୋଲି ସେ ବିଚାର କଲେ । ତେଣୁ ସେ ନିଜେ ଓ ତାଙ୍କର ଅନୁଚରବର୍ଗ କେହିହେଲେ ଶ୍ରୀମହାପ୍ରସାଦ ଗ୍ରହଣ କଲେ ନାହିଁ । ଶ୍ରୀମହାପ୍ରସାଦକୁ ଅବମାନନା କରିଥିବା ହେତୁ ଅପରାଧୀ ହୋଇ ସେ ଆଚାର୍ଯ୍ୟ ବ୍ରାହ୍ମଣ ତାଙ୍କର ଅନୁଚରବର୍ଗଙ୍କ ସହିତ ଭୀଷଣ ବ୍ୟାଧିଗ୍ରସ୍ତ ହୋଇପଡ଼ିଲେ । ସମସ୍ତଙ୍କର ଶରୀର ଅବଶ ଓ ବାକ୍‌ଶକ୍ତି ରୁଦ୍ଧ ହୋଇଗଲା । ସେ କଥା ସେମାନେ ଚିନ୍ତା କରି ଭାବିବାକୁ ଲାଗିଲେ ଆମ୍ଭେମାନେ ତ ଜ୍ଞାତସାରରେ ଏପରି କୌଣସି ଅପରାଧ କରିନାହୁଁ ଯାହା କି, ବ୍ୟାଧିର କାରଣ ହେବ । ଏହା ଭାବି ଶାସ୍ତ୍ରଜ୍ଞ ବ୍ରାହ୍ମଣ ଶ୍ରୀଜଗନ୍ନାଥଙ୍କୁ ଧ୍ୟାନ କରି ଜ୍ଞାନପାପ ଓ ଅଜ୍ଞାନ ପାପ ପାଇଁ କ୍ଷମା ମାଗିଲେ ଓ ସ୍ତବ ସ୍ତୁତି ଆଦି ପାଠ କଲେ । ସେ ଭଗବାନ ନୃସିଂହଙ୍କୁ ଦେଖିଲେ ଓ ହଠାତ୍ ତାଙ୍କର ସମଗ୍ର ଦେହରୁ ସମସ୍ତ କ୍ଲେଶ ଉପଶମ ହୋଇଗଲା । ଭଗବାନ ଦିବ୍ୟସିଂହାସନରେ ବସି, ଦିବ୍ୟ ଅଳଙ୍କାରରେ ଅଳଙ୍କୃତ ହୋଇ ନିଜ ହାତରେ ମା କମଳାଙ୍କ ଦ୍ୱାରା ଦିଆଯାଉଥିବା ପରମାନ୍ନ ଗ୍ରହଣ ପୂର୍ବକ ଭୁକ୍ତାବଶେଷକୁ ବହୁ ପାତ୍ରରେ ରଖୁଛନ୍ତି ଓ ଦେବୀ କମଳା ଦେଉଥିବା ବସ୍ତୁକୁ ଭୋଜନ କରୁଛନ୍ତି । ବ୍ରାହ୍ମଣ ଶାଣ୍ଡିଲ୍ୟ ଭଗବାନ ନୃସିଂହ ଦେବ ଓ ମା କମଳାଙ୍କର ଏହି ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ହେବା ସଙ୍ଗେ ସଙ୍ଗେ ଶ୍ରୀମହାପ୍ରସାଦ ପ୍ରତି ତାତ୍ସଲ୍ୟ ଭାବ ଯୋଗୁଁ ତାଙ୍କର ଓ ତାଙ୍କ ଅନୁଚରମାନଙ୍କର ଏହି ଅବସ୍ଥା ହେବା କଥା ବୁଝିପାରିଲେ ଓ ଭଗବାନଙ୍କୁ ସ୍ତବ କରିବାକୁ ଲାଗିଲେ । ଭଗବାନ ଶ୍ରୀନୃସିଂହ ଦେବ ଶାଣ୍ଡିଲ୍ୟଙ୍କ ପ୍ରତି ପ୍ରସନ୍ନ ହୋଇ ସେହି ଅଇଁଠା ହାତରେ ତାଙ୍କ ସର୍ବାଙ୍ଗରେ ଭୁକ୍ତାବଶେଷ (ପ୍ରସାଦାନ୍ନ) ବୋଳି ଦେବାରେ ବ୍ରାହ୍ମଣ ଶ୍ରେଷ୍ଠଙ୍କୁ ଅମୃତ ଅଭିଷେକ ତୁଲ୍ୟ ଲାଗିଲା ଓ ତାଙ୍କର ଶରୀର ସୁସ୍ଥ ହୋଇ ସୌନ୍ଦର୍ଯ୍ୟ ପ୍ରକାଶ ପାଇଲା । ସେ ତତ୍‌କ୍ଷଣାତ୍ ନିଜେ ମହାପ୍ରଭୁଙ୍କ ପାତ୍ରରୁ ପରମାତ୍ମା ଶ୍ରୀନୃସିଂହ ଦେବଙ୍କ ଉଚ୍ଛିଷ୍ଟାନ୍ନ ଗ୍ରହଣ ପରେ ନିଜକୁ କୃତାର୍ଥ ମନେ କଲେ ।

ଆଚାର୍ଯ୍ୟ ଶାଣ୍ଡିଲ୍ୟ ସେତେବେଳେ ଚିନ୍ତା କଲେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ସାଧାରଣ ଧର୍ମଶାସ୍ତ୍ର ଅନୁଯାୟୀ ସମସ୍ତ କଥା ବିଚାର କରିବା କର୍ତ୍ତବ୍ୟ ନୁହେଁ । ତତ୍ତ୍ୱତଃ ଏହି ସ୍ଥାନରେ ସ୍ୱୟଂ ମହାପ୍ରଭୁ ଯେଉଁ ଧର୍ମ ପ୍ରବର୍ତ୍ତନ କରିଛନ୍ତି ତାହା ହିଁ ପରମ ଧର୍ମ, କାରଣ ଧର୍ମ ଯେପରି ଆଚାରର ପ୍ରଭୁ, ସେହିପରି ଭଗବାନ ନାରାୟଣ ମଧ୍ୟ ଧର୍ମର ପ୍ରଭୁ । ଏହା ଭାବି ଆଚାର୍ଯ୍ୟ ଶ୍ରେଷ୍ଠ ମହାପ୍ରଭୁଙ୍କ ନୈବେଦ୍ୟାନ୍ନ ଦ୍ୱାରା ନିଜ ପରିଜନଙ୍କୁ ମାର୍ଜନ କଲେ । ତାହାପରେ ସମସ୍ତେ ଚେତନାଯୁକ୍ତ ହୋଇ ବାକ୍‌ଶକ୍ତି ଫେରିପାଇଲେ ।

CC-0. In Public Domain. Digitized by eGangotri Siddhanta Gyaan Kosha Mulakshmi Research Academy

ଏହି ପୌରାଣିକ ଆଖ୍ୟାୟିକାଟି ଶ୍ରୀମହାପ୍ରସାଦର ନିନ୍ଦାର ଫଳ ଓ ବ୍ୟାଧିହରଣକାରୀ ଶକ୍ତି ସମ୍ବନ୍ଧରେ ବଳିଷ୍ଠ ଉଦାହରଣ ପ୍ରତିପାଦିତ କରୁଅଛି ।

## ଆଚାର୍ଯ୍ୟ ପଦ୍ମପାଦ ଓ ଶ୍ରୀମହାପ୍ରସାଦ :-

ଆଚାର୍ଯ୍ୟ ଶଙ୍କର ଶ୍ରୀଜଗନ୍ନାଥଙ୍କ ୧୪୪ବର୍ଷ ପାତାଳି ଲୀଳା ପରେ ରାଜା ଯଯାତିକେଶରୀଙ୍କୁ ଶ୍ରୀବିଗ୍ରହମାନଙ୍କୁ ଶ୍ରୀପୁରୁଷୋତ୍ତମ କ୍ଷେତ୍ରକୁ ନେଇଯିବା ପାଇଁ ନିର୍ଦ୍ଦେଶ ଦେବା ସଙ୍ଗେ ସଙ୍ଗେ ଭକ୍ତମାନଙ୍କୁ ଅଧିକ ପରିମାଣରେ ଶ୍ରୀମହାପ୍ରସାଦ ଯେପରି ଉପଲବ୍ଧ ହେବ ସେଥିପାଇଁ ଭୋଗ ବଢାଇଥିଲେ ଯେଉଁଥିପାଇଁ ଭୋଗମଣ୍ଡପ ସୃଷ୍ଟି ହୋଇଥିବା କଥା ପୂର୍ବେ ବର୍ଣ୍ଣିତ ହୋଇଅଛି । ଆଚାର୍ଯ୍ୟ ପଦ୍ମପାଦ ହେଉଛନ୍ତି ଆଚାର୍ଯ୍ୟ ଶଙ୍କରଙ୍କର ପ୍ରଥମ ଶିଷ୍ୟ । ଏକଦା ସେ ଶ୍ରୀମହାପ୍ରସାଦ ଗ୍ରହଣ କରିବାରେ ଦ୍ୱିଧା ବୋଧ କରି ତାଙ୍କର ଗୁରୁପାଦଙ୍କ ନିର୍ଦ୍ଦେଶ ପ୍ରାପ୍ତି ଆଶାରେ ଧ୍ୟାନ କରିବାରେ ଶ୍ରୀଜଗନ୍ନାଥଙ୍କ ଶ୍ରୀବିଗ୍ରହ ଓ ଆଚାର୍ଯ୍ୟ ଶଙ୍କରଙ୍କ ମୂର୍ତ୍ତି ତାଙ୍କୁ ଧ୍ୟାନରେ ଦର୍ଶନ ଦେଲେ । ଶ୍ରୀଜଗନ୍ନାଥ ହେଉଛନ୍ତି ବୈଦିକ ଦେବତା ଓ ଶ୍ରୀମହାପ୍ରସାଦ ବେଦ ବିରୁଦ୍ଧ ନୁହେଁ ବୋଲି ତାଙ୍କୁ ଧ୍ୟାନରେ ଗୁରୁଙ୍କ ଦ୍ୱାରା ନିର୍ଦ୍ଦେଶ ମିଳିଲା । ମହାପ୍ରଭୁ ଶ୍ରୀଜଗନ୍ନାଥ ମଧ୍ୟ ତାଙ୍କୁ ଧ୍ୟାନରେ କହିଲେ ମୁଁ ସ୍ୱୟଂ ଶ୍ରୀଜଗନ୍ନାଥ ଓ ମୋ ନାମାନୁସାରେ ଗୋବର୍ଦ୍ଧନ ମଠ ସ୍ଥାପିତ । ମୋର ଉଚ୍ଛିଷ୍ଟ ଶ୍ରୀମହାପ୍ରସାଦ । ତୁମ୍ଭେ ତାହା ଗ୍ରହଣ କର । ଆଚାର୍ଯ୍ୟ ପଦ୍ମପାଦ ତା' ପରଦିନ ଦ୍ୱିପ୍ରହର ଧୂପବେଳେ ମହାପ୍ରଭୁଙ୍କୁ ଧ୍ୟାନ କରି ଦେଖିଲେ ମହାପ୍ରଭୁ ନିଜେ ଗୋବର୍ଦ୍ଧନ ଗିରି ଉପରେ ଶ୍ରୀକୃଷ୍ଣ ବସିଲା ପରି ଶ୍ରୀମହାପ୍ରସାଦ ଗଦା ଉପରେ ବସି ଭକ୍ଷଣ କରୁଛନ୍ତି । ସେହି ଦିନଠାରୁ ଆଚାର୍ଯ୍ୟ ପଦ୍ମପାଦଙ୍କର ଶ୍ରୀଜଗନ୍ନାଥ ଓ ଶ୍ରୀମହାପ୍ରସାଦ ବିଷୟରେ ସନ୍ଦେହ ମୋଚନ ହେଲା ଓ ସେ ତାହା ଆନନ୍ଦରେ ଭକ୍ଷଣ କଲେ । ଏଠାରେ ଶ୍ରୀମହାପ୍ରସାଦ ଓ ଶ୍ରୀଜଗନ୍ନାଥଙ୍କର ଶ୍ରୀକୃଷ୍ଣାବତାର ଏକ ରୂପେ ପ୍ରତିପାଦିତ ହେଉଅଛି ।[୨]

## ସ୍ୱାମୀ ଭାରତୀକୃଷ୍ଣ ଓ ଶ୍ରୀମହାପ୍ରସାଦ :-

ଶ୍ରୀକ୍ଷେତ୍ରର ସେହି ଗୋବର୍ଦ୍ଧନ ପୀଠର ଆଉ ଗୋଟିଏ ଘଟଣା । ଆଚାର୍ଯ୍ୟ ସ୍ୱାମୀ ଭାରତୀକୃଷ୍ଣ ପ୍ରଥମେ ଯେଉଁ ଦିନ ଗାଦିନସୀନ ହେଲେ ସେହିଦିନ ଜ୍ୱରାକ୍ରାନ୍ତ ହୋଇପଡ଼ିଲେ । ସମସ୍ତ ଚେଷ୍ଟା ସତ୍ତ୍ୱେ ତାଙ୍କର ରୋଗ ଉପଶମ ହେଲା ନାହିଁ । ଦିନକର କଥା । ସ୍ୱାମୀ ଭାରତୀକୃଷ୍ଣଙ୍କୁ ତାଙ୍କ ଗୁରୁ ସ୍ୱପ୍ନାଦେଶ ଦେଇ କହିଲେ ଯେ, ପ୍ରତିଦିନ ଶ୍ରୀମନ୍ଦିରରୁ ମଠକୁ ଶ୍ରୀମହାପ୍ରସାଦ ଆସୁଥିଲେ ମଧ୍ୟ ସେ ତାହା ଗ୍ରହଣ କରୁନାହାନ୍ତି କି ଶ୍ରୀମହାପ୍ରସାଦ ଦର୍ଶନ ମଧ୍ୟ କରୁନାହାନ୍ତି । ଏହା ଫଳରେ ସେ ଶ୍ରୀଜଗନ୍ନାଥ ଓ ଶ୍ରୀମହାପ୍ରସାଦର ଅବମାନନା କରୁଛନ୍ତି । ତାହାରି ଯୋଗୁଁ ଏତାଦୃଶ ବ୍ୟାଧିରେ ଆକ୍ରାନ୍ତ ହୋଇଛନ୍ତି । ସେ ଯଦି ଶ୍ରୀମହାପ୍ରସାଦ ଗ୍ରହଣ କରିବେ ତାହାହେଲେ ଶୀଘ୍ର ରୋଗମୁକ୍ତ

*୨. ଉଦ୍ଧୃତ- ଶ୍ରୀଦାରୁବ୍ରହ୍ମଙ୍କ ଲୀଳା ରହସ୍ୟ-ଲେଖକ-ଶ୍ରୀ ରବୀନ୍ଦ୍ରନାଥ ପ୍ରତିହାରୀ ।*

CC-0. In Public Domain. Digtized by Muthulakshmi Research Academy

ହେବେ । ମାତ୍ର ଭାରତୀକୃଷ୍ଣ ମହାରାଜ ଏହି ସ୍ୱପ୍ନାଦେଶ ପ୍ରତି ଧ୍ୟାନ ଦେଲେ ନାହିଁ କି ଶ୍ରୀମହାପ୍ରସାଦ ଗ୍ରହଣ କଲେ ନାହିଁ । ଜ୍ୱର ମଧ୍ୟ ଉପଶମ ହେଲା ନାହିଁ । ଗୁରୁଦେବ ପୁନର୍ବାର ସ୍ୱପ୍ନରେ ତାଙ୍କୁ ନିର୍ଦ୍ଦେଶ ଦେଲେ ଯେ ଭାରତୀକୃଷ୍ଣ ! ତୁମକୁ ପୂର୍ବରୁ ଶ୍ରୀମହାପ୍ରସାଦ ଗ୍ରହଣ କରିବାପାଇଁ ନିର୍ଦ୍ଦେଶ ଦିଆଯିବା ସତ୍ତ୍ୱେ ତୁମେ ତାହା ଗ୍ରହଣ କଲ ନାହିଁ କି ତାହାର ଦର୍ଶନ ମଧ୍ୟ କରିନାହଁ, ତୁମର ବ୍ୟାଧି ଉପଶମ ହେବନାହିଁ । ଏହା ତୁମର ଅକ୍ଷମଣୀୟ ଅପରାଧ । ତେଣୁ ତୁମକୁ ଦ୍ୱିତୀୟଥର ପାଇଁ ସତର୍କ କରାଇ ଦେଉଅଛି । ତୁମ୍ଭେ ଶ୍ରୀମହାପ୍ରସାଦ ପ୍ରତି ଯଥେଷ୍ଟ ସମ୍ମାନ ପ୍ରଦର୍ଶନ ପୂର୍ବକ କ୍ଷମାଭିକ୍ଷା କରି ଶ୍ରୀଜଗନ୍ନାଥଙ୍କ ଶରଣାପନ୍ନ ହୁଅ । ତାହାହେଲେ ତୁମେ ରୋଗମୁକ୍ତ ହେବ । ଏହି ସ୍ୱପ୍ନାଦେଶ ଅବମାନନା କଲେ ତୁମେ ଆରୋଗ୍ୟଲାଭ ତ କରିବ ନାହିଁ, ତୁମର ଗତି ପଥ ମଧ୍ୟ ନିଶ୍ଚିତ ଭାବରେ ବଦଳି ଯିବ । ଗୁରୁଙ୍କର ବଜ୍ର ଗୁରୁଗମ୍ଭୀର ବାଣୀ ଆଚାର୍ଯ୍ୟ ଭାରତୀକୃଷ୍ଣଙ୍କ ହୃଦୟରେ ବଜ୍ରାଘାତ କଲା । ସେ କ୍ଷମାପ୍ରାର୍ଥୀ ତଥା ନତ ମସ୍ତକ ହୋଇ ଶ୍ରୀମହାପ୍ରସାଦ ଦର୍ଶନ ଓ ସେବନ କଲେ । ଅଚିରେ ସେ ଜ୍ୱର ମୁକ୍ତ ଏବଂ ସୁସ୍ଥ ହୋଇ ଉଠିଲେ । ଶ୍ରୀମହାପ୍ରସାଦ ସମସ୍ତ ରୋଗବିନାଶକର ବୋଲି ପ୍ରମାଣ ଏହି ଘଟଣାରୁ ମିଳୁଅଛି ।[୩]

## ଶ୍ରୀମନ୍ତ ଶଙ୍କରଦେବ ଓ ଶ୍ରୀମହାପ୍ରସାଦ :-

ଆଉ ଏକ ସ୍ମରଣୀୟ ଘଟଣା । ଆଜକୁ ପାଞ୍ଚଶହ ବର୍ଷରୁ ଊର୍ଦ୍ଧ୍ୱ ହେବ ଆସାମ ପ୍ରଦେଶର ଏକଶରଣ ନାମ ଉପାସନାର ପ୍ରବର୍ତ୍ତକ ଶ୍ରୀମନ୍ତ ଶଙ୍କରଦେବ ଭାରତର ଜଣେ ପ୍ରସିଦ୍ଧ ସନ୍ଥ । ଯେ କି ପ୍ରାୟ ୧୧୬ ବର୍ଷ ପର୍ଯ୍ୟନ୍ତ ଜୀବିତ ଥିଲେ । ତାଙ୍କର ରଚନା ''ଉରେଷା ବର୍ଣ୍ଣନ'' ବିଷୟରେ ପୂର୍ବ ପରିଚ୍ଛେଦରେ ତାଙ୍କ ସମ୍ବନ୍ଧରେ ଲେଖାଯାଇଅଛି । ସେ ଯେତେବେଳେ ୩୨ବର୍ଷର ବୟସ୍କ ସେତେବେଳେ ଶ୍ରୀକ୍ଷେତ୍ର ଆସି ଏଠାରେ ବାରବର୍ଷ ରହିଥିଲେ । ପରେ ୮୦ବର୍ଷ ବୟସରେ ଦ୍ୱିତୀୟଥର ଶ୍ରୀକ୍ଷେତ୍ର ରହଣି ସମୟରେ କେବଳ ଅଢେଇମାସ ପାଇଁ ଥିଲେ । ଶ୍ରୀକ୍ଷେତ୍ରରେ ସମସ୍ତ ସନ୍ଥମାନେ ମିଶି ତାଙ୍କୁ ସନ୍ଥ ଶିରୋମଣି ବୋଲି ଗ୍ରହଣ କରିଥିଲେ ।

ଅତି ଆଶ୍ଚର୍ଯ୍ୟ କଥା ତାଙ୍କର ପ୍ରଥମ ଶ୍ରୀକ୍ଷେତ୍ର ରହଣି ସମୟରେ ସେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରୁଥିଲେ ମଧ୍ୟ ଶ୍ରୀମହାପ୍ରସାଦ ଗ୍ରହଣ କରୁନଥିଲେ । ସେ ଥିଲେ ଭଗବାନ ଶ୍ରୀକୃଷ୍ଣଙ୍କର ଏକନିଷ୍ଠ ଭକ୍ତ । ତେଣୁ ଭଗବାନ ଶ୍ରୀକୃଷ୍ଣଙ୍କର ନାମ କୀର୍ତ୍ତନ ବ୍ୟତୀତ ଅନ୍ୟାନ୍ୟ ଦେବଦେବୀମାନଙ୍କର ସେବା କରିବା, ନାମ କୀର୍ତ୍ତନ କରିବା, ସେମାନଙ୍କର ମନ୍ଦିରକୁ ଯିବା, ମୂର୍ତ୍ତି ଦର୍ଶନ କରିବା ଓ ସେମାନଙ୍କ ପ୍ରସାଦ ପାଇବା ଆଦିକୁ ଶ୍ରୀମନ୍ତ ଶଙ୍କରଦେବ ତାଙ୍କ ଶିଷ୍ୟମାନଙ୍କୁ ବାରଣ କରିଥିଲେ । ଶ୍ରୀକୃଷ୍ଣଙ୍କ ବ୍ୟତୀତ ଅନ୍ୟ କୌଣସି ଦେବଦେବୀମାନଙ୍କ ସେବା କରିବା ଓ ତାଙ୍କ ମନ୍ଦିରକୁ ଯାଇ ପ୍ରସାଦ ଖାଇବା ଦ୍ୱାରା ଭକ୍ତିର ବ୍ୟଭିଚାର ହେବ ବୋଲି ତାଙ୍କର ଦୃଢ଼ ମତ ଥିଲା ।

*୩. ଉଦ୍ଧୃତ- ମହାଲକ୍ଷ୍ମୀ, ମହାପ୍ରସାଦ, ମହାପ୍ରଭୁ-ଲେ-ଶ୍ରୀ ରତ୍ନାକର ମିଶ୍ର ।*

CC-0. In Public Domain. Digtized by Muthulakshmi Research Academy

ଶ୍ରୀମନ୍ତ ଶଙ୍କରଦେବ ଶ୍ରୀମନ୍ଦିରରେ ଶ୍ରୀମହାପ୍ରସାଦ ଗ୍ରହଣ କରୁନଥିଲେ ମଧ୍ୟ ବଡ଼ଦେଉଳକୁ ଯାଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରୁଥିଲେ । କାରଣ ସେ ଶ୍ରୀଜଗନ୍ନାଥଙ୍କୁ ଶ୍ରୀକୃଷ୍ଣ ବୋଲି ବିଚାର କରୁଥିଲେ । ତେଣୁ ସେ ଶ୍ରୀବଳରାମ, ଦେବୀ ସୁଭଦ୍ରାଙ୍କ ନାମ ଉଲ୍ଲେଖ କରି ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଶ୍ରୀକୃଷ୍ଣ ବୋଲି ଉଲ୍ଲେଖ କରିଛନ୍ତି । ପରବର୍ତ୍ତୀ କାଳରେ ଶ୍ରୀଶଙ୍କରଦେବ ଶ୍ରୀମହାପ୍ରସାଦ ଗ୍ରହଣ କରି ତାହାର ମାହାତ୍ମ୍ୟ ମଧ୍ୟ କୀର୍ତ୍ତନ କଲେ ।

ଏହି ସମ୍ବନ୍ଧରେ ଅହମିୟା ଲୋକ କଥାରେ ଗୋଟିଏ ସୁନ୍ଦର କାହାଣୀ ନିମ୍ନମତେ ଲେଖାଅଛି । ଦିନକର କଥା, ପୁରୀ ଅବସ୍ଥାନ କାଳରେ ଶ୍ରୀମନ୍ତ ଶଙ୍କରଦେବ ଶିଷ୍ୟମାନଙ୍କ ଗହଣରେ ନାମ କୀର୍ତ୍ତନରେ ତନ୍ମୟ ଥିବାବେଳେ ତିନିଟି ବିରାଡ଼ି ଆସି କୀର୍ତ୍ତନ ପାଇଁ ରଖାଯାଇଥିବା ବାଳଭୋଗରେ ବାରମ୍ବାର ମୁହଁ ମାରିବାପାଇଁ ଚେଷ୍ଟା କଲେ । ସେହି ତିନି ବିରାଡ଼ି ଭିତରୁ ଗୋଟିଏ ଧଳା, ଗୋଟିଏ କଳା ଓ ଅନ୍ୟଟି ହଳଦୀ ରଙ୍ଗର । ସେମାନେ ଯେତେଥର ବାଳଭୋଗରେ ମୁହଁ ମାରିବାକୁ ଆସିଲେ, ଶିଷ୍ୟମାନେ ତାଙ୍କୁ ଘଉଡ଼ାଇ ଦେଲେ । ଏ କଥା ଲକ୍ଷ୍ୟ କରି ଶ୍ରୀମନ୍ତ ଶଙ୍କରଦେବ ସେହି ବିରାଡିମାନଙ୍କୁ ଆଉ ନ ଘଉଡ଼ାଇବାପାଇଁ ଶିଷ୍ୟମାନଙ୍କୁ ନିର୍ଦ୍ଦେଶ ଦେଲେ । ଏଥର ବିରାଡ଼ିମାନେ ବାଳଭୋଗରୁ କିଛି କିଛି ଖାଇ ଚାଲିଗଲେ ।

ସେଦିନ ରାତିରେ ଶ୍ରୀମନ୍ତ ଶଙ୍କରଦେବ ସେଇ ବିରାଡ଼ିମାନଙ୍କୁ ସ୍ୱପ୍ନରେ ଦେଖିଲେ । ମଣିଷ ପରି ସେହି ବିରାଡ଼ିମାନେ କହିଲେ ଶଙ୍କର ! ତୁମେ ସିନା ଆମ ପ୍ରସାଦ ଖାଉନାହଁ ଆମେ କିନ୍ତୁ ତୁମ ବାଳଭୋଗ ପ୍ରସାଦ ଖାଇବାକୁ ଯାଇଥିଲୁ । ପ୍ରସାଦ ଖାଇବାପାଇଁ ଆମକୁ ନିମନ୍ତ୍ରଣ କରି ଆମକୁ ଘଉଡ଼ାଉଥିଲ କାହିଁକି ? ସ୍ୱପ୍ନ ଦେଖି ଶଙ୍କରଦେବଙ୍କ ନିଦ ଭାଙ୍ଗିଗଲା । ଏଥର ସେ ବୁଝିଗଲେ ଯେ ସେମାନେ ବିରାଡ଼ି ନୁହଁନ୍ତି ସେମାନେ ହେଲେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ମାତା ସୁଭଦ୍ରା । ସେହିଦିନଠାରୁ ଶିଷ୍ୟମାନଙ୍କ ସହ ଶ୍ରୀମନ୍ତ ଶଙ୍କରଦେବ ଭକ୍ତି ଚିତ୍ତରେ ଶ୍ରୀମହାପ୍ରସାଦ ସେବନ କଲେ ଓ ଏକ ଶରଣ ମତରେ ଶ୍ରୀମହାପ୍ରସାଦ ସେବା ପ୍ରଚଳିତ ହେଲା ।

## ଶ୍ରୀମଦ୍ ବଲ୍ଲଭାଚାର୍ଯ୍ୟ ଓ ଶ୍ରୀମହାପ୍ରସାଦ :-

ଆଜକୁ ପ୍ରାୟଃ ୪୫୦ବର୍ଷ ତଳର କଥା । ସେତେବେଳେ ଶ୍ରୀଶ୍ରୀ ଜଗଦ୍‌ଗୁରୁ ବଲ୍ଲଭାଚାର୍ଯ୍ୟ ଶ୍ରୀକ୍ଷେତ୍ରକୁ ଆସିଥିଲେ । ତାଙ୍କର ରହଣି କାଳରେ ତାଙ୍କ ସହିତ ତତ୍‌କାଳୀନ ଶ୍ରୋତ୍ରୀୟ ବ୍ରାହ୍ମଣମାନଙ୍କର ବହୁ ସମୟରେ ମତଭେଦ ଘଟୁଥିଲା । ତାଙ୍କର ପ୍ରଭାବ ବ୍ରାହ୍ମଣ ସମାଜରେ କେତେକଙ୍କର ଈର୍ଷାର କାରଣ ହୋଇଥାଏ ।

୧୫୪୫ ମସିହା ଏକ ଏକାଦଶୀର କଥା । ଶ୍ରୀମଦ୍ ବଲ୍ଲଭାଚାର୍ଯ୍ୟ ଏକାଦଶୀ ତିଥିରେ ଜଳସ୍ପର୍ଶ କରନ୍ତି ନାହିଁ । ସେ ଦିନ ସେ ମହାପ୍ରଭୁଙ୍କ ଦୁଇଟି ଆଖି ଉପରେ

CC-0. In Public Domain. Digtized by Muthulakshmi Research Academy

ନିଜର ଦୃଷ୍ଟି ପକାଇ ହାତଯୋଡ଼ି ସ୍ତବସ୍ତୁତି କରି ଭାବ ଗଦ୍‌ଗଦ୍ ହେଉଥାଆନ୍ତି । ଏତିକିବେଳେ କେହିଜଣେ ଈର୍ଷାପରାୟଣ ବ୍ୟକ୍ତି ଶ୍ରୀମଦ୍ ଆଚାର୍ଯ୍ୟଙ୍କର ଉପାସନା ନିଷ୍ଠାକୁ ନଷ୍ଟ କରିବା ଉଦ୍ଦେଶ୍ୟରେ ତାଙ୍କ ଅଞ୍ଜଳିରେ କିଛି ଶ୍ରୀମହାପ୍ରସାଦ ଥୋଇ ଦେଲେ । ଶ୍ରୀମଦ୍ ଆଚାର୍ଯ୍ୟ ଅଡୁଆରେ ପଡ଼ିଗଲେ । ଶାସ୍ତ୍ରମାନଙ୍କରେ ଉଲ୍ଲେଖ ଅଛି ଶ୍ରୀମହାପ୍ରସାଦକୁ ପାଇଲା ମାତ୍ରେ ଭକ୍ଷଣ କରିବ । 'ପ୍ରାପ୍ତି ମାତ୍ରେଣ ଭୋକ୍ତବ୍ୟମ୍' । ଆଜି ଏକାଦଶୀର ନିର୍ଜଳା ବ୍ରତ କିନ୍ତୁ, ଶ୍ରୀମହାପ୍ରସାଦ ନ ପାଇଲେ ତାହା ଶ୍ରୀମହାପ୍ରସାଦ ପ୍ରତି ଅବମାନନା, କଅଣ କରାଯିବ ? ଈର୍ଷାପରାୟଣ ବ୍ୟକ୍ତିଟି ଦୂରରେ ଥାଇ ମୁରୁକି ମୁରୁକି ହସୁଥାଏ ।

ଶ୍ରୀମଦ୍ ବଲ୍ଲଭାଚାର୍ଯ୍ୟ କିନ୍ତୁ ମହାପ୍ରଭୁଙ୍କର କରୁଣା ଦେଖି ଆଶ୍ଚର୍ଯ୍ୟ । ଦୁଇ ଆଖିରୁ ଅବିରତ ଅଶ୍ରୁ ଭକ୍ତିରେ ଗଳି ଯାଉଥାଏ । ତାଙ୍କର ସ୍ୱର ଓ ଭାବ ବଦଳିଗଲା । ଶ୍ରୀମଦ୍ ଭାଗବତ, ଶ୍ରୀ ପଦ୍ମପୁରାଣ, ସ୍କନ୍ଦପୁରାଣ, ବୃହତ୍ ତନ୍ତ୍ରସାର, ମହାନିର୍ବାଣ ତନ୍ତ୍ର, ଶ୍ରୀବିଷ୍ଣୁପୁରାଣ, ଶ୍ରୀବ୍ରହ୍ମବୈବର୍ତ୍ତ ପୁରାଣରେ ଶ୍ରୀମହାପ୍ରସାଦ ବିଷୟରେ ବର୍ଣ୍ଣିତ ହୋଇଥିବା ମହିମାଗୁଡ଼ିକୁ ସେ ଚିନ୍ତାକରି ଆବୃତ୍ତି କରି ଲାଗିଲେ ଓ ଏଭଳି ପ୍ରଶସ୍ତିଗାନରେ ସେ ଆତ୍ମହରା ହୋଇ ଉଠୁଥାଆନ୍ତି । ସେ ମହାବାହୁଙ୍କର ଶ୍ରୀମହାପ୍ରସାଦ ସ୍ୱରୂପକୁ ଦେଖି ଅତି ପୁଲକିତ ହୋଇ ଉଠୁଥାଆନ୍ତି । ତାଙ୍କର ଦୃଷ୍ଟି କ୍ଷଣେ ମହାପ୍ରଭୁଙ୍କ ଉପରେ ରହୁଥାଏ ଅପର କ୍ଷଣରେ ଅଞ୍ଜଳିରେ ଥିବା ଶ୍ରୀମହାପ୍ରସାଦ ଉପରେ ପଡୁଥାଏ । ଅଦୂରରେ ସେହି ଈର୍ଷାପରାୟଣ ବ୍ୟକ୍ତିଟି କିନ୍ତୁ ଠିଆହୋଇ ପରିସ୍ଥିତିକୁ ଲକ୍ଷ୍ୟ କରୁଥାଏ ଏବଂ କେତେବେଳେ ନିର୍ଜଳା ଉପବାସ ଭଙ୍ଗ ପାଇଁ ହେଉ କିମ୍ବା ଶ୍ରୀମହାପ୍ରସାଦକୁ ଅବମାନନା ପାଇଁ ହେଉ ଶ୍ରୀମଦ୍ ଆଚାର୍ଯ୍ୟଙ୍କୁ ଅପମାନ କରିବାର ସୁଯୋଗ ମିଳିବ, ସେ ସମୟକୁ ଅପେକ୍ଷା କରିଥାଏ ।

ଏ ଆଡ଼େ କିନ୍ତୁ ଶ୍ରୀମଦ୍ ଆଚାର୍ଯ୍ୟଙ୍କର ଦଣ୍ଡାୟମାନ ଅବସ୍ଥାରେ ସ୍ତବ ସ୍ତୁତି ଚାଲୁ ରହିଥାଏ । କ୍ରମଶଃ ରାତି ପାହି ଦ୍ୱାଦଶୀ ତିଥିର ସକାଳ ହେଲା । ଉଲ୍ଲସିତ ଚିତ୍ତରେ ଶ୍ରୀମଦ୍ ବଲ୍ଲଭାଚାର୍ଯ୍ୟ ମହାବାହୁଙ୍କ ସମକ୍ଷରେ ଶ୍ରୀମହାପ୍ରସାଦ ସେବନ କରି ଏକାଦଶୀ ବ୍ରତ ଉଦ୍‌ଯାପନ କଲେ । ଅଦୂରରେ ଛିଡ଼ା ହୋଇଥିବା ଈର୍ଷାପରାୟଣ ବ୍ୟକ୍ତିଟି କିନ୍ତୁ ରାତିରେ କେଉଁଆଡ଼େ ମିଳାଇଗଲା ଆଉ ଜଣାପଡ଼ିଲା ନାହିଁ । ଶ୍ରୀମଦ୍ ବଲ୍ଲଭାଚାର୍ଯ୍ୟ ମହାବାହୁ ଓ ଶ୍ରୀମହାପ୍ରସାଦକୁ ସମାନ ଭାବରେ ସ୍ତବ ସ୍ତୁତି କରି ଉଭୟଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନଥିବା ପ୍ରତିପାଦିତ କରିଦେଲେ । ମହାପ୍ରଭୁଙ୍କ କରୁଣାରୁ ନିର୍ଜଳା ଏକାଦଶୀ ପାଳନ ସଙ୍ଗେ ସଙ୍ଗେ ଶ୍ରୀମହାପ୍ରସାଦର ସମ୍ମାନ ରକ୍ଷା ମଧ୍ୟ ହୋଇଗଲା । ଏଇତ ଥିଲା ମହାପ୍ରଭୁଙ୍କ କରୁଣା ।

ଶ୍ରୀମଦ୍ ବଲ୍ଲଭାଚାର୍ଯ୍ୟ ଥିଲେ ପୁଷ୍ଟୀମାର୍ଗୀୟମତାବଲମ୍ବୀ । ଶ୍ରୀକ୍ଷେତ୍ର ବଡ଼ଦାଣ୍ଡର ଯେଉଁ ସ୍ଥାନରେ ଆସ୍ଥାନ କରି ସେ ଶିଷ୍ୟମାନଙ୍କ ଗ୍ରହଣରେ ଶ୍ରୀମଦ୍ ଭାଗବତ ପାଠ

CC-0. In Public Domain. Digtized by Muthulakshmi Research Academy

କରୁଥିଲେ ସେହି ସ୍ଥାନଟି 'ମହାପ୍ରଭୁଜୀକୀ ବୈଠକ' ନାମରେ ପରିଚିତ । ପ୍ରତିଦିନ ସେଠାରେ ଶ୍ରୀମଦ୍ ଭାଗବତ ଚର୍ଚ୍ଚା ସହିତ ଶ୍ରୀମହାପ୍ରସାଦ ସେବା ହେଉଥିବାର ପ୍ରମାଣ ରହିଅଛି ।[୪]

## ଭକ୍ତ ସାଲବେଗ ଓ ନିର୍ମାଲ୍ୟ :-

ଷୋଡ଼ଶ ଶତାବ୍ଦୀରେ ଦିଲ୍ଲୀ ବାଦଶାହ ଜାହାଙ୍ଗୀରଙ୍କ ଦ୍ୱାରା କଟକ ସୁବେଦାର ରୂପେ ନିଯୁକ୍ତି ପାଇଥିଲେ ଲାଲବାଗ । ତାଙ୍କର ପୁଅ ଥିଲେ ସାଲବେଗ । ମା ତାଙ୍କର ଥିଲେ ହିନ୍ଦୁ ବ୍ରାହ୍ମଣୀ । ଲାଲବାଗ ସେହି ହିନ୍ଦୁ ବିଧବା ରମଣୀଙ୍କୁ ଜବରଦସ୍ତ ବିବାହ କରି ତାଙ୍କର ନାଁ ରଖିଥିଲେ ଫତିମା ବିବି । ସେ କିନ୍ତୁ ଥିଲେ ଶ୍ରୀଜଗନ୍ନାଥଙ୍କର ପରମ ଭକ୍ତ । ଜାହାଙ୍ଗୀରଙ୍କର ଆଦେଶରେ ସୁବେଦାର ଲାଲବାଗ ବାରମ୍ବାର ଗଜପତିଙ୍କ ଉପରେ ଆକ୍ରମଣ କରିଚାଲିଥାଆନ୍ତି । ଉଦ୍ଦେଶ୍ୟ ଥାଏ ଗଜପତିଙ୍କୁ ପରାସ୍ତ କରି ଉତ୍କଳର ପ୍ରାଣର ଦେବତା ଶ୍ରୀଜଗନ୍ନାଥଙ୍କୁ ନଷ୍ଟଭ୍ରଷ୍ଟ କରି ସମସ୍ତ ଉତ୍କଳବାସୀଙ୍କର ମନ ବଳକୁ ଭାଙ୍ଗିଦେବା । ଲାଲବାଗଙ୍କ ଶାସନକାଳ ଶେଷ ହୋଇଯିବାରେ ସେ ଫତିମା ବିବି ଓ ସାଲବେଗଙ୍କ ଦାୟିତ୍ୱ ନୂତନ ନିଯୁକ୍ତ ସୁବେଦାରଙ୍କ ଉପରେ ଦେଇ ବଙ୍ଗ ଦେଶକୁ ଚାଲିଗଲେ ।

କିଛିକାଳ ଯିବା ପରେ ସାଲବେଗ ଯୁବକ ହୋଇ ମୋଗଲ ସେନାରେ ଯୋଗ ଦେଇ ଓଡ଼ିଶା ସେନାବାହିନୀ ବିରୁଦ୍ଧରେ ଯୁଦ୍ଧ କରିଚାଲିଲେ । ଏକଦା ଯୁଦ୍ଧକ୍ଷେତ୍ରରେ ସେ ଗୁରୁତର ଆହତ ହୋଇପଡ଼ିଲେ । ପୁଅର ଏ ଅବସ୍ଥା ଦେଖି ମା' ଫତିମା ବିବି ଅତ୍ୟନ୍ତ ବ୍ୟସ୍ତ ହୋଇପଡ଼ି ବିଭିନ୍ନ ଆଡୁ ଚିକିତ୍ସକ ଡକାଇ ଚିକିତ୍ସା କରାଇଲେ କିନ୍ତୁ କୌଣସି ଫଳ ହେଲାନାହିଁ । ଶରୀରର ଘା' ଗୁଡ଼ିକର ଯନ୍ତ୍ରଣା ସହି ନ ପାରି ସେ ଆତ୍ମହତ୍ୟା କରିବେ ବୋଲି ଚିନ୍ତା କରି ତାଙ୍କର ମନର କଥା ମା'ଙ୍କୁ ଜଣାଇଲେ । ମା' ପୁଅକୁ କହିଲେ ବାପାରେ ! ସମସ୍ତ ଚିକିତ୍ସା ତ ସରିଲା ଏବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଶ୍ରୀକୃଷ୍ଣ ରୂପେ ବିଶ୍ୱାସ କର, ତାହାଙ୍କୁ ପ୍ରାର୍ଥନା କର ।

ଦିନେ ରାତିରେ ମା' ପୁଅ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରି ଶୋଇପଡ଼ିଲେ । ଭକ୍ତର ଡାକ ଭଗବାନ ଶୁଣିଲେ । ସେହିଦିନ ରାତିରେ ସାଲବେଗ ତାଙ୍କର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କୁ ଶ୍ରୀକୃଷ୍ଣରୂପେ ଦର୍ଶନ କଲେ । ଭଗବାନ କହୁଛନ୍ତି ସାଲବେଗ ! ମନରୁ ସମସ୍ତ ଦୁଃଖ ଦୂରକରି ଏ ବିଭୂତିମୁଠାକ ନେଇ ତୁମ ଦେହର ସବୁ କ୍ଷତ ଯାଗାରେ ବୋଳିଦିଅ । ଶୀଘ୍ର ତୁମର ବେଦନା ଦୂର ହୋଇଯିବ ଓ ତୁମେ ସୁସ୍ଥ ହୋଇଯିବ । ଚଟ୍‌କରି ସାଲବେଗଙ୍କର ନିଦ ଭାଙ୍ଗିଗଲା ସେ ଦେଖିଲେ ତାଙ୍କର ହାତରେ ମୁଠାଏ ବିଭୂତି । ସେତକ ସଙ୍ଗେ ସଙ୍ଗେ ନିଜ ଶରୀରର କ୍ଷତ ସ୍ଥାନରେ ବୋଳିଦେଲେ । ସେ ଅନୁଭବ କଲେ କି ଦିବ୍ୟ ଆନନ୍ଦ, କି ପରମ ସୁଖ । କାହିଁ ତାଙ୍କ ଶରୀରରେ କେଉଁଠି

*୪. ଉଦ୍ଧୃତ- ମହାଲକ୍ଷ୍ମୀ, ମହାପ୍ରସାଦ, ମହାପ୍ରଭୁ, ଲେ-ରବୀନ୍ଦ୍ରନାରାୟଣ ମିଶ୍ର ।*

CC-0. In Public Domain. Digtized by Muthulakshmi Research Academy

ତ କିଛି କ୍ଷତ ନାହିଁ ? ଫେରିଆସିଛି ତାଙ୍କର ପୂର୍ବ ଚେହେରା । ସେ ସଙ୍ଗେ ସଙ୍ଗେ ମାଙ୍କୁ ଉଠାଇ ତାଙ୍କର ଅକ୍ଷତ ଶରୀର ଦେଖାଇ ବିଭୂତି ବୋଳା କଥା କହିଲେ । ଭକ୍ତିରେ ମା' ଓ ପୁଅଙ୍କ ଆଖିରୁ ଲୁହ ବର୍ଷା ହେବାରେ ଲାଗିଲା । ୭୧ ପୃଷ୍ଠାରେ ନିର୍ମାଲ୍ୟର ପରିଭାଷା ଅନୁସାରେ ମହାପ୍ରଭୁଙ୍କ ହସ୍ତରୁ ନିର୍ମାଲ୍ୟ ରୂପକ ବିଭୂତି ପାଇ ସାଲବେଗ ତାଙ୍କର ପରମ ଭକ୍ତ ପାଲଟିଗଲେ । ନିର୍ମାଲ୍ୟର ସର୍ବରୋଗ ବିନାଶକ ଶକ୍ତି ସମ୍ବନ୍ଧରେ ଏହି ଘଟଣା ମାଧ୍ୟମରେ ସେ ପ୍ରମାଣ କରିଦେଇଗଲେ । ସେ ଶ୍ରୀଜଗନ୍ନାଥଙ୍କର ପରମ ଭକ୍ତ ଥାଇ ପ୍ରତିଦିନ ନିର୍ମାଲ୍ୟ ସେବା କରୁଥିଲେ ।

## ଭକ୍ତ ବିଦୁର ଓ ସୁଆର ପିଠା :-

ସବୁକାଳେ ସବୁ ଯୁଗେ ଭଗବାନ ଭକ୍ତର ଭକ୍ତି ପାଖରେ ବନ୍ଧା । ଭକ୍ତର ମନର ଇଚ୍ଛା ପୂରଣ କରିବାପାଇଁ ସେ ସବୁକିଛି କରିପାରନ୍ତି । ଯେଉଁ ଭଗବାନଙ୍କର ପାଦ ଧୋଇବାପାଇଁ ଅଭିମାନୀ ବ୍ରହ୍ମାଙ୍କର କମଣ୍ଡଳୁରେ ଥିବା ବିଶାଳ ଗଙ୍ଗା ଅକ୍ଷମ ହୋଇଥିଲା, ତାଙ୍କର ପାଦ ପୁଣି ଧୋଇ ଦେଇଥିଲା ଜଣେ ସାମାନ୍ୟ ଧୀବର କେବଳମାତ୍ର ଆଞ୍ଜୁଳାଏ ଜଳରେ । ଯାହାଙ୍କ ପ୍ରସାଦ ଟିକିଏ ପାଇବାପାଇଁ ଦେବଦେବ ମହାଦେବ ଅତ୍ୟନ୍ତ ବ୍ୟାକୁଳ ଚିତ୍ତ ହୋଇ ତାହା ପାଇବାରେ ଅକ୍ଷମ ହୋଇ ଦେବର୍ଷି ନାରଦଙ୍କ ଦାଢିରୁ ସଂଗ୍ରହ କରିପାରି ଆନନ୍ଦରେ ନାଚି ଉଠିଥିଲେ । ସେ ପୁଣି ଦିନେ ଶବରୀର ଅଇଁଠା ଫଳ ଖାଇ ଅତି ପ୍ରସନ୍ନ ହୋଇଥିଲେ । ପ୍ରକୃତରେ ଭଗବାନ ଭକ୍ତର ଭକ୍ତି ଓ ବିଶ୍ୱାସର ଅଧୀନ ।

ଦ୍ୱାପର ଯୁଗରେ ଧର୍ମରାଜ ଯୁଧିଷ୍ଠିରଙ୍କ ବାର୍ତ୍ତାବହ ହୋଇ ଅଭିମାନୀ କୌରବ ରାଜ ଦୁର୍ଯ୍ୟୋଧନ ପାଖକୁ ଭଗବାନ ଶ୍ରୀକୃଷ୍ଣ ଯାଇଥିଲେ ପାଞ୍ଚଖଣ୍ଡି ଗାଁ ମାଗିବା ପାଇଁ କିନ୍ତୁ ଅସଫଳ ହୋଇ ଫେରି ଆସିଲେ । ପଥଶ୍ରାନ୍ତ, କ୍ଳାନ୍ତ, କ୍ଷୁଧାର୍ତ୍ତ ଭଗବାନ ଶ୍ରୀକୃଷ୍ଣ ପହଞ୍ଚିଗଲେ ସଖା ବିଦୁର ଘରେ । ଭଗବାନଙ୍କୁ ଅସମୟରେ ନିଜ ଦୁଆର ମୁହଁରେ ପାଇ ତାଙ୍କୁ କି ପ୍ରକାର ଆତିଥେୟତା ଦେବେ ବୋଲି ବିଦୁର ବ୍ୟସ୍ତ ହୋଇପଡ଼ିଲେ । ଶେଷରେ ଘରେ କିଛି ବଳି ପଡ଼ିଥିବା ଖୁଦପିଠା ଓ ଶାଗ ଦେଇ ବିଦୁର ଭଗବାନ୍ ଶ୍ରୀକୃଷ୍ଣଙ୍କର ଚର୍ଚ୍ଚା କରିଥିଲେ । ଯେଉଁ ଭଗବାନ ସଖା ସୁଦାମାଠାରୁ ଖୁଦ ଭଜା ଖାଇ ପରମ ପ୍ରୀତ ହୋଇଥିଲେ ସେହି ଭଗବାନ ସଖା ବିଦୁରଠାରୁ ଖୁଦ ପିଠା ଓ ଶାଗ ଖାଇ ଅତି ଆନନ୍ଦିତ ହେଲେ ।

ଏତ ଗଲା ଦ୍ୱାପର ଯୁଗର କଥା । କଳିଯୁଗରେ ସ୍ୱୟଂ ଅବତାରୀ ଶ୍ରୀଜଗନ୍ନାଥଙ୍କର ତାଙ୍କର କୃଷ୍ଣାବତାରରେ ବିଦୁର ଘରେ ଖୁଦ ପିଠା ଖାଇବା କଥା ମନେ ପଡ଼ିଲା । ସେ ଲୀଳା ରଚନା କଲେ । ତାଙ୍କର ଲୀଳାରେ ମହାତ୍ମା ବିଦୁର ନର ଦେହରେ ଆବିର୍ଭୂତ ହେଲେ ସ୍ୱର୍ଗଦ୍ୱାର ବଟସାଗର ମଧ୍ୟବର୍ତ୍ତୀ ଏକ ଚଉରା ନିକଟରେ । ବର୍ତ୍ତମାନ ସେହି ମଠଟି ସ୍ୱର୍ଗଦ୍ୱାର ନିକଟ ବାଉଳି ମଠ ପଛପଟେ 'ବିଦୁର ମଠ' ବା 'ବିଦୁର ଛତା' ଭାବେ ପରିଚିତ ।

CC-0. In Public Domain. Digtized by Muthulakshmi Research Academy

ଏହି ବିଦୁର ମଠ ସମ୍ବନ୍ଧରେ ଏକ ସୁନ୍ଦର ଆଖ୍ୟାୟିକା ରହିଅଛି । ଦ୍ୱାପର ଯୁଗ ଶେଷରେ ମହାତ୍ମା ବିଦୁର ଅନ୍ୟତ୍ର ଜନ୍ମଗ୍ରହଣ କରି କୁମ୍ଭୀର ପିଠିରେ ବସି ସମୁଦ୍ରରେ ଆସି ସ୍ୱର୍ଗଦ୍ୱାର ଠାରେ ପହଞ୍ଚିଲେ । ସେଠାରେ ଏକ ଚଉରା ପାଖରେ ଶ୍ରୀଜଗନ୍ନାଥଙ୍କୁ ସ୍ଥାପନା କରି ପ୍ରତ୍ୟହ ଚାଉଳ ଖୁଦରେ ୩ଟି ପିଠା ପ୍ରସ୍ତୁତ କରି ଠାକୁରଙ୍କୁ ନୈବେଦ୍ୟ ଦେଉଥିଲେ । ମହାପ୍ରଭୁ ଶ୍ରୀଜଗନ୍ନାଥ ପ୍ରତ୍ୟେକ ଦିନ ସେହି ପିଠାକୁ ଗ୍ରହଣ କରିବା ପାଇଁ ଭକ୍ତ ବିଦୁରଙ୍କ ପ୍ରତିଷ୍ଠିତ ଚଉରା ନିକଟରେ ଆବିର୍ଭାବ ହେଉଥିଲେ ।

ଏଣେ ଶ୍ରୀମନ୍ଦିରରେ ଏକ ଅଦ୍ଭୁତ ଦୃଶ୍ୟ ସୃଷ୍ଟି ହେଲା । ପ୍ରତିଦିନ ଶ୍ରୀମନ୍ଦିରରେ ପୂଜାପଣ୍ଡାମାନେ ଜଳଗଣ୍ଡୁଷ ଚଳୁକୁ ଧରି ମହାପ୍ରଭୁଙ୍କ ଭୋଜନ ସମୟରେ ଶ୍ରୀବିଗ୍ରହଙ୍କୁ ଚିନ୍ତା କରି ତାଙ୍କର ପ୍ରତିବିମ୍ବ ଦେଖାଗଲେ ତାହା ନୈବେଦ୍ୟ ସମର୍ପଣ ପୂର୍ବକ ଭୋଗ ଉପରେ ନିକ୍ଷେପ କରି ପଞ୍ଚମୁଦ୍ରା ପ୍ରଦର୍ଶନ କରନ୍ତି । ଯଦି ଶ୍ରୀବିଗ୍ରହମାନଙ୍କର ଶ୍ରୀବିମ୍ବପାତ ହୁଏନାହିଁ, ତାହାହେଲେ କିଛି ଅଶୁଦ୍ଧ ବା ସ୍ପର୍ଶାସ୍ପର୍ଶ ଦୋଷ ରହିଅଛି ବୋଲି ମନେ କରାଯାଏ । ସେହି ନୈବେଦ୍ୟକୁ ଅଲଗା କରି ପୋତି ଦିଆଯାଏ । ତାହାକୁ କେହି ଗ୍ରହଣ କରନ୍ତି ନାହିଁ ।

ଏକଦା ଏଭଳି ଏକ ଘଟଣା ପରମଭକ୍ତ ସ୍ୱର୍ଣ୍ଣକେଶରୀ ରାଜାଙ୍କ ସମୟରେ ଘଟି ରାଜାଙ୍କ କାନକୁ କଥା ଯିବାରେ ସେ ବଡ଼ ବିବ୍ରତ ହୋଇପଡ଼ିଲେ । ପଣ୍ଡିତମାନଙ୍କ ସହ ପରାମର୍ଶ କଲେ କିନ୍ତୁ ଏହାର କାରଣ କିଛି ଜଣାପଡ଼ିଲା ନାହିଁ । ଏକ ବହୁତ ବଡ଼ ପ୍ରମାଦ ଘଟିପାରେ ବୋଲି ସମସ୍ତେ ଆତଙ୍କିତ ହୋଇ ପଡ଼ିଥାଆନ୍ତି ।

## ମଳୂକ ଦାସ ଓ ଶ୍ରୀମହାପ୍ରସାଦ :-

ଏପରି ସମୟରେ ଆଉ ଗୋଟିଏ ଘଟଣା ଘଟିଲା । ଶ୍ରୀକ୍ଷେତ୍ରରେ ଆଉଜଣେ ପରମ ଭକ୍ତ ଥାଆନ୍ତି, ତାଙ୍କର ନାମ ମଳୂକ ଦାସ । ସେ ପ୍ରତିଦିନ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଶ୍ରୀମହାପ୍ରସାଦ ପାଇ କାଳାତିପାତ କରୁଥାଆନ୍ତି । ଶ୍ରୀମହାପ୍ରସାଦ ବିନା ସେ କୌଣସି ଖାଦ୍ୟ ସ୍ପର୍ଶ କରନ୍ତି ନାହିଁ । ଏଣେ ଶ୍ରୀମନ୍ଦିରରେ ଘଟିଥିବା ଅଘଟଣ ଯୋଗୁଁ ଶ୍ରୀମହାପ୍ରସାଦ ନପାଇ ମଳୂକ ଦାସ ଉପବାସ ରହି କୌଣସି ଖାଦ୍ୟ ଖାଇଲେ ନାହିଁ । ଶ୍ରୀମନ୍ଦିରରେ ଏହି ଘଟଣା କିଛି ଦିନ ଧରି ଲାଗି ରହିବା ଫଳରେ ଦୀର୍ଘଦିନ ଧରି ମଳୂକ ଦାସ ଉପବାସରେ ରହି ଜୀର୍ଣ୍ଣଶୀର୍ଣ୍ଣ ହୋଇ ପଡ଼ିଲେ । ଶ୍ରୀଜଗନ୍ନାଥଙ୍କ ତାଙ୍କ ପ୍ରତି ଦୟା ହେଲା । ସେ ସ୍ୱପ୍ନରେ ମଳୂକ ଦାସକୁ ଦର୍ଶନ ଦେଲେ । ମଳୂକ ଦାସ ସ୍ୱପ୍ନରେ ଦେଖିଲେ ମହାତ୍ମା ବିଦୁର ଦେହରେ ଆବିର୍ଭୂତ ହୋଇ ବଟସାଗର ମଧ୍ୟବର୍ତ୍ତୀ ସ୍ଥାନରେ ଏକ କୁଟୀର ତିଆରି କରି ପ୍ରତିଦିନ ତିନିଗୋଟି ଖୁଦପିଠା ତିଆରି କରି ଭୋଗ ଲଗାଉଛନ୍ତି । ଭକ୍ତବତ୍ସଳ ଶ୍ରୀଜଗନ୍ନାଥ ରତ୍ନସିଂହାସନ ତ୍ୟାଗ କରି ମହାତ୍ମା ବିଦୁର କୁଟୀରରେ ରହି ମହାଆନନ୍ଦରେ ନୈବେଦ୍ୟ ଗ୍ରହଣ କରୁଛନ୍ତି । ସେଇଥିପାଇଁ ପୂଜାପଣ୍ଡାଙ୍କ ଚଳୁରେ ଆଜି ବିମ୍ବପାତ ହେଉନାହିଁ ।

CC-0. In Public Domain. Digitized by Muthulakshmi Research Academy

ମଳୂକ ଦାସ ସ୍ୱପ୍ନରେ ପୂର୍ବଦିନ ରାତିରେ ଯାହା ସବୁ ଦେଖିଥିଲେ ତାହା ପରଦିନ ଶ୍ରୀ ପରିଛାମାନଙ୍କୁ କହିଲେ । ସେମାନେ ତାହା ବିଶ୍ୱାସ କଲେ ନାହିଁ ସତ, କିନ୍ତୁ କଥାଟିକୁ ପରଖିନେବା ପାଇଁ ଗୁପ୍ତରେ ଆସି ସେହି ଚଉରା ନିକଟରେ ଉପସ୍ଥିତ ରହି ମହାତ୍ମା ବିଦୁର ମହାପ୍ରଭୁଙ୍କୁ ତିନିଗୋଟି ଖୁଦପିଠା ଭୋଜନ କରାଉଥିବା ସ୍ୱଚକ୍ଷୁରେ ଦେଖିଲେ । ଅତି ଭକ୍ତିରେ ସେମାନଙ୍କର ଆଖିରୁ ଲୁହ ଗଡ଼ିପଡ଼ିଲା । ସେହି ଅଶ୍ରୁ ପ୍ରେମାଶ୍ରୁରେ ପରିଣତ ହେଲା । ତା' ପରଦିନ ଗଜପତିଙ୍କ ଆଦେଶ କ୍ରମେ ତିନିଗୋଟି ଖୁଦ ପିଠା ଶ୍ରୀଛାମୁରେ ପନ୍ତିରେ ବଢ଼ାଗଲା । ସୂପକାର ସେବକ ଅତି ଆନନ୍ଦ ଓ ଶ୍ରଦ୍ଧାର ସହ ସେହି ଖୁଦପିଠା ପନ୍ତିରେ ବାଢ଼ିବାରେ ମହାପ୍ରଭୁଙ୍କ ଶ୍ରୀବିଗ୍ରହଙ୍କର ଚଳୁରେ ବିନ୍ଦପାତ ହେଲା । ସମସ୍ତେ ଆନନ୍ଦରେ ନାଚିବାକୁ ଲାଗିଲେ । ମହାରାଜା ସ୍ୱର୍ଣ୍ଣକେଶରୀ ଅତି ପ୍ରସନ୍ନ ଚିତ୍ତରେ ଭକ୍ତ ବିଦୁର ବାସ କରୁଥିବା କୁଟୀରରେ ପହଞ୍ଚିଲେ, କିନ୍ତୁ ସେତେବେଳକୁ ଖାଲି କୁଟୀରଟି ରହିଥାଏ ସିନା, ମହାତ୍ମା ବିଦୁର ଅନ୍ତର୍ଦ୍ଧାନ ହୋଇଯାଇଥାଆନ୍ତି ।

ମହାରାଜା ଏ ଘଟଣାରେ ଅତି ବିମର୍ଷ ହୋଇପଡ଼ିଲେ । ମହାତ୍ମା ବିଦୁରଙ୍କ ଅନୁପସ୍ଥିତିରେ ସତ୍ୟଟି ଉଦ୍‌ଘାଟିତ କରିଥିବା ମଳୂକ ଦାସଙ୍କୁ ସେହି ଚଉରା ଆସ୍ଥାନଟି ଦେଲେ ଓ ସ୍ମୃତି ବଜାୟ ରଖିବା ପାଇଁ ଖୁଦରୁଟି ଚାଲୁ କରିବା ପାଇଁ କହିଲେ । ମଳୂକ ଦାସ ସେହି ଚଉରାଟିରେ ରହି ଭଗବାନଙ୍କର ନାମ ସଂକୀର୍ତ୍ତନ କରି ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେବା କରିଚାଲିଲେ ।

ଏଣେ ଶ୍ରୀମନ୍ଦିରରେ ମଧ୍ୟ ସେହିଦିନଠାରୁ ତିନିଗୋଟି ଖୁଦପିଠା ପ୍ରତିଦିନ ଭୋଗ ଲାଗି ଆସୁଅଛି । ସେହି ଖୁଦ ପିଠାର ବର୍ତ୍ତମାନର ନାମ ହେଉଛି ସୁଆର ପିଠା । ଯାହାକି କୋଠ ଭୋଗରେ ସମର୍ପିତ ହୁଏ । ଲୀଳାପ୍ରିୟ ଶ୍ରୀଜଗନ୍ନାଥଙ୍କ ଲୀଳା ବାସ୍ତବରେ ଭକ୍ତମାନଙ୍କ ନିକଟରେ ପରମ ସଂପଦ ଓ ଅବିସ୍ମରଣୀୟ ସ୍ମୃତି । ଭକ୍ତଙ୍କ ପ୍ରୀତି ପାଇଁ ସେ ରତ୍ନସିଂହାସନ ତ୍ୟାଗ କରି ଖୁଦପିଠା ଖାଇ ସମସ୍ତଙ୍କ ଉଦ୍ଦେଶ୍ୟରେ ପୁଣି କୋଠ ଭୋଗରେ ସେହି ଖୁଦ ପିଠାକୁ ସୁଆର ପିଠା ଆକାରରେ ଶ୍ରୀମହାପ୍ରସାଦ ସୃଷ୍ଟି କରାଇ ଭକ୍ତଙ୍କର ଅଶେଷ କଲ୍ୟାଣ କରିଛନ୍ତି ।[୫]

## ଗୁରୁ ନାନକ ଓ ଶ୍ରୀମହାପ୍ରସାଦ :-

ଆଜକୁ ପ୍ରାୟଃ ପାଞ୍ଚଶହ ବର୍ଷ ପୂର୍ବେ ଗୁରୁ ନାନକ ଦେବ ଶ୍ରୀକ୍ଷେତ୍ରକୁ ଆସିଥିଲେ । ସଙ୍ଗରେ ଥିଲେ ବହୁତ ଶିଷ୍ୟ ଓ ପଛଶିଷ୍ୟ ମର୍ଦ୍ଦନା (ଜଣେ ମୁସଲମାନ) ସେ ମୁସଲମାନ ଥିଲେ ମଧ୍ୟ ହିନ୍ଦୁ ମତବାଦ ପ୍ରତି ତାଙ୍କର କୌଣସି ଅସୂୟା ନଥିଲା । ସେ ଗୁରୁ ନାନକ ଦେବଙ୍କ ସଙ୍ଗରେ ଶ୍ରୀମନ୍ଦିର ସାମନାରେ ସିଂହଦ୍ୱାରରେ ପହଞ୍ଚିଲେ । ଭଜନ, କୀର୍ତ୍ତନ, ଖଞ୍ଜଣି ମାଡ଼ରେ ଯାଗାଟି ଆଧ୍ୟାତ୍ମିକ ପରିବେଶଯୁକ୍ତ ହୋଇଯାଇଥିଲା । ଗୁରୁଦେବଙ୍କ

*୫. ସଂଗୃହୀତ- ଭକ୍ତ ଓ ଶ୍ରୀଜଗନ୍ନାଥ- ୨ୟ ଖଣ୍ଡ, ଲେ- ଶ୍ରୀ ଚକ୍ରକିଶୋର ସାହୁ ।*

CC-0. In Public Domain. Digtized by Muthulakshmi Research Academy

ଆଦେଶ ପାଇ ମର୍ଦ୍ଦନା ଶ୍ରୀମନ୍ଦିରରୁ କିଛି ଶ୍ରୀମହାପ୍ରସାଦ ଆଣି କ୍ଷୁଧା ନିବାରଣ କରିବାପାଇଁ ବଡ଼ଦେଉଳକୁ ଯିବାକୁ ଚାହିଁବାରେ କେତେକ ସେବକଙ୍କ ଠାରୁ ଅନୁମତି ନପାଇ ସେ ତାଙ୍କ ଗୁରୁଦେବଙ୍କ ପାଖକୁ ଫେରି ଆସିଲେ । ଗୁରୁଦେବ ଅତି ବିମର୍ଷ ହୋଇ ମହାପ୍ରଭୁଙ୍କୁ ପ୍ରାର୍ଥନା କରି କହିଲେ ଏ କଅଣ କଲ ଶ୍ରୀଜଗନ୍ନାଥ ! ତୁମ ଶ୍ରୀମହାପ୍ରସାଦ ସେବନରୁ ମୋତେ ଓ ମୋ'ର ଶିଷ୍ୟକୁ କାହିଁକି ବଞ୍ଚିତ କଲ ? ହେ ପ୍ରଭୁ ! ସେ ମୁସଲମାନ ହୋଇ କଅଣ ତୁମର ଭକ୍ତ ନୁହେଁ ? ମହାପ୍ରଭୁଙ୍କ କାନରେ ଭକ୍ତ ଗୁରୁ ନାନକ ଦେବଙ୍କ ଡାକ ବାଜିଗଲା । ସେ ଦିନ ସନ୍ଧ୍ୟା ଆଳତି ବେଳେ ଗଜପତି ମହାରାଜା ଓ ଅନ୍ୟାନ୍ୟ ବହୁ ସେବକଙ୍କର ଉପସ୍ଥିତିରେ ଠାକୁରଙ୍କ ଆଳତି ହେଉଥାଏ । ସମସ୍ତେ ଉଲ୍ଲସିତ ଓ ଆନନ୍ଦିତ ।

ହଠାତ୍ ଆଳତି କରୁଥିବା ସେବକଙ୍କ ହାତରୁ ଶୂନ୍ୟେ ଶୂନ୍ୟେ ଉଡିଗଲା ଆଳତି ଥାଳି । ରାଜା ଆଶ୍ଚର୍ଯ୍ୟ ହୋଇ ସେହି ଥାଳିଟିକୁ ଅନୁସରଣ କରିଚାଲିଲେ । ଆଳତି ଥାଳିଟି ଆକାଶରେ ଶୂନ୍ୟେ ଶୂନ୍ୟେ ଉଡ଼ିଯାଇ ସମୁଦ୍ର କୂଳରେ ଶିଷ୍ୟ ମର୍ଦ୍ଦନାଙ୍କ ନିକଟରେ ବସିଥିବା ଗୁରୁ ନାନକ ଦେବଙ୍କ ଦୁଇହାତରେ ଆସି ପଡ଼ିଲା । ସମସ୍ତେ ଆଶ୍ଚର୍ଯ୍ୟ । ଗଜପତି ମହାରାଜା ଥାଳିକୁ ଅନୁଗମନ କରି ସେଠାରେ ପହଞ୍ଚିଗଲେ । ସେତେବେଳକୁ ଗୁରୁଦେବଙ୍କ ଆଖିରୁ ପ୍ରେମାଶ୍ରୁ ଧାର ଧାର ହୋଇ ବହିଯାଉଛି । ଗଜପତିଙ୍କ ଉଦ୍ଦେଶ୍ୟରେ ଗୁରୁଦେବ କହିଲେ ମହାରାଜ ! ଶ୍ରୀଜଗନ୍ନାଥ ପରା ସମସ୍ତଙ୍କ ଠାକୁର ? ତାଙ୍କ ନିକଟକୁ ଯାଇ ଦର୍ଶନ କରିବା ଓ ଶ୍ରୀମହାପ୍ରସାଦ ପାଇବାରେ କଅଣ କାହାପାଇଁ ବାରଣ କରାଯାଇପାରେ ? ଏହା କହିବା ମାତ୍ରେ ତାଙ୍କ ହାତ ପାପୁଲିରେ ଶ୍ରୀବିଗ୍ରହଙ୍କ ମୂର୍ତ୍ତି ପ୍ରକଟିତ ହେବାରେ ସେ ସମସ୍ତଙ୍କୁ ଦର୍ଶନ କରାଇଥିଲେ । ସମସ୍ତେ ଏହି ଦୃଶ୍ୟରେ ଆନନ୍ଦରେ ନାଚି ଉଠିଲେ ।

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀମହାପ୍ରସାଦ ଶ୍ରୀଗୁରୁଦେବଙ୍କ ସହିତ ଶିଷ୍ୟବର୍ଗ ପାଇ ଆନନ୍ଦିତ ହେଲେ । ଗୁରୁ ନାନକ ଦେବଙ୍କ ଶିଷ୍ୟ ଶ୍ରୀଚାନ୍ଦଙ୍କ ଦ୍ୱାରା ସ୍ଥାପିତ ମଙ୍ଗୁମଠ ସିଂହଦ୍ୱାର ସମ୍ମୁଖରେ ଅବସ୍ଥିତ । ଶ୍ରୀବିଗ୍ରହମାନଙ୍କର ଅମୃତମଣୋହି ଭୋଗ ପାଇଁ ଖଞ୍ଜା ଯାଇଥିବା ଜମି ଆୟରୁ ପୂର୍ବେ ଶ୍ରୀମହାପ୍ରସାଦ ମଠକୁ ଆସି ପ୍ରତିଦିନ ଶିଷ୍ୟମାନଙ୍କୁ ବିତରିତ ହେଉଥିଲା । ଯେଉଁ ସ୍ଥାନରେ ଗୁରୁ ନାନକ ଦେବ ବସି ଭଜନ କରୁଥିବା ଅବସ୍ଥାରେ ଆଳତି ଥାଳି ଶୂନ୍ୟେ ଶୂନ୍ୟେ ଆସି ତାଙ୍କ ପାପୁଲିରେ ପଡ଼ିଲା, ସେହି ସ୍ଥାନଟି ସମୁଦ୍ର କୂଳ ନିକଟରେ ଥିବା ଆଜିର ବାଉଳି ମଠ ରୂପେ ପ୍ରଖ୍ୟାତ ।[୬]

## ଭକ୍ତ ଗୋପାଳ ଭଟ୍ଟ ଓ ଶ୍ରୀମହାପ୍ରସାଦ :-

ପୂର୍ବେ ଦ୍ୱିତୀୟ ପରିଚ୍ଛେଦରେ ଷଡ଼ଙ୍ଗ ସଂସ୍କାରର ନିର୍ଦ୍ଦିଷ୍ଟ ବିଧି ପରେ ନୈବେଦ୍ୟ ଶ୍ରୀମହାପ୍ରସାଦ ହେବା କଥା ଆଲୋଚିତ ହୋଇଅଛି । ସେହି ଅନୁସାରେ ରତ୍ନସିଂହାସନ

---

*୬. ସଂଗୃହୀତ- ଭକ୍ତ ଓ ଜଗନ୍ନାଥ, ୨ୟଖଣ୍ଡ, ଲେ-ବ୍ରଜକିଶୋର ସାହୁ ।*

CC-0. In Public Domain. Digtized by Muthulakshmi Research Academy

ବ୍ୟତୀତ ଅନ୍ୟତ୍ର ସମର୍ପିତ ନୈବେଦ୍ୟ ଶ୍ରୀମହାପ୍ରସାଦ ନୁହେଁ । ଏହା ବିଧି ଥିଲେ ମଧ୍ୟ ବେଦ କର୍ମକାଣ୍ଡ ବ୍ୟବସ୍ଥା ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରରେ ଲାଗୁହୁଏ ନାହିଁ ବୋଲି ପୂର୍ବରୁ ଆଲୋଚନା ହୋଇଅଛି । ଭୋଗମଣ୍ଡପରେ ସମର୍ପିତ ହେଉଥିବା ଭୋଗ ଶ୍ରୀମହାପ୍ରସାଦ କି ନୁହେଁ ଓ ତାହା ଗ୍ରହଣଯୋଗ୍ୟ କି ନୁହେଁ ସେ ବିଷୟରେ ମଧ୍ୟ ପୂର୍ବେ ଆଲୋଚିତ ହୋଇଅଛି । ଶ୍ରୀଜୀଉମାନଙ୍କଠାରୁ ଏତେ ଦୂରରେ ରଖି ନୈବେଦ୍ୟ ସମର୍ପଣ କରାଗଲେ ଭୈରବୀଚକ୍ର (ମଣ୍ଡଳ) ବାହାରେ ଥିବା ନୈବେଦ୍ୟ ଶ୍ରୀମହାପ୍ରସାଦ ଯୋଗ୍ୟ ନୁହେଁ ତେଣୁ ଭୋଗମଣ୍ଡପର ନୈବେଦ୍ୟ ମଧ୍ୟ ଶ୍ରୀମହାପ୍ରସାଦ ନୁହେଁ ବୋଲି ବହୁ ଲୋକଙ୍କର ଏହା ଉପରେ ଭିନ୍ନ ମତ ଥିଲା । ଅବଶ୍ୟ ଶ୍ରୀମଦ୍ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ଏ ବିଷୟରେ ନିର୍ଣ୍ଣୟ ଦେବା ପରେ ସମସ୍ତ ଆଚାର୍ଯ୍ୟଗଣ ତାହାକୁ ଗ୍ରହଣ କରିନେଇଛନ୍ତି ।

ଏଭଳି ମଧ୍ୟ ସନ୍ଦେହ- ଥିଲା ଗୋପାଳ ଭଟ୍ଟ ନାମକ ଜନୈକ ଭକ୍ତଙ୍କର । ସେ ଭୋଗମଣ୍ଡପର ଶ୍ରୀମହାପ୍ରସାଦ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ନଥିଲେ । ଦିନକର ଘଟଣା । ଗୋପାଳ ଭଟ୍ଟ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରରେ ପ୍ରବେଶ କଲେ । ସେତେବେଳେ ଭୋଗମଣ୍ଡପ ପୂଜା ବସିଥାଏ । ଏତେ ଦୂରରୁ ଭୋଗ କରାଯିବା ଏକ ନିନ୍ଦନୀୟ ପ୍ରଥା ବୋଲି ଭାବି ଗୋପାଳ ଭଟ୍ଟ ଯେତେବେଳେ ରତ୍ନସିଂହାସନକୁ ଅନାଇଲେ ସେ ଯେଉଁ ଅଦ୍‌ଭୁତ ଦୃଶ୍ୟ ଦେଖିଲେ ସେଥିରେ ଆଶ୍ଚର୍ଯ୍ୟ ହୋଇଗଲେ । ସେ ଦେଖିଲେ ଶ୍ରୀରାମ କୃଷ୍ଣଙ୍କର ବାମପାଦ ସିଂହାସନ ଉପରେ, ଦକ୍ଷିଣ ପାଦ ଅଣସର ପିଣ୍ଡିରେ ଓ ବାମ ହାତ ଜୟ ବିଜୟ ଦ୍ୱାରରେ ରଖି ଦୁଇଭାଇ ଦକ୍ଷିଣ ହସ୍ତରେ ଭୋଗମଣ୍ଡପରୁ ନୈବେଦ୍ୟ ଭକ୍ଷଣ କରୁଛନ୍ତି । ଗୋପାଳ ଭଟ୍ଟ ବିରାଟ ଶ୍ରୀଗୋପାଳ ମୂର୍ତ୍ତି ଦର୍ଶନ କରି ଅତ୍ୟନ୍ତ ମୁଗ୍ଧ ହୋଇପଡ଼ି 'ଗୋପାଳାଷ୍ଟକ' ରଚନା କରି ମହାପ୍ରଭୁଙ୍କ ନିକଟରେ ତାହା ପାଠ କଲେ । ସେହିଦିନଠାରୁ ତାଙ୍କର ଧାରଣା ହେଲା ଯେ, ଶ୍ରୀକ୍ଷେତ୍ର ହେଉଛି ଶ୍ରୀଗୋପାଳ କ୍ଷେତ୍ର । ଭୋଗମଣ୍ଡପର ଶ୍ରୀମହାପ୍ରସାଦ ବିଷୟରେ ତାଙ୍କ ମନରେ ଯେଉଁ ସନ୍ଦେହ ଥିଲା ତାହା ଦୂର ହେଲା । କେବଳ ସେତିକି ନୁହେଁ ସେ ଶ୍ରୀକ୍ଷେତ୍ରରେ ଗୋପାଳବଲ୍ଲଭ ମଠ ସ୍ଥାପନ କରି ତାଙ୍କ ଶେଷ ଜୀବନ ପର୍ଯ୍ୟନ୍ତ ରହିଲେ । ଯେଉଁଦିନ ସେ ମହାପ୍ରଭୁଙ୍କ ଶ୍ରୀଗୋପାଳ ମୂର୍ତ୍ତି ଦର୍ଶନ କରିଥିଲେ ସେହିଦିନ ଥିଲା ଭାଦ୍ର କୃଷ୍ଣ ଦଶମୀ । ସେହି ଦିନକୁ ମନେ ରଖିବାପାଇଁ ଏବେ ସେହି ତିଥିରେ ଶ୍ରୀଜଗନ୍ନାଥଙ୍କର 'ବଣଭୋଜି' ବେଶ କରାଯାଉଅଛି ।[୭]

## କର୍ମାବାଈ ଓ ଶ୍ରୀମହାପ୍ରସାଦ :-

ସେଦିନ ଥିଲା ଶ୍ରାବଣ ଶୁକ୍ଳ ଏକାଦଶୀ । ଦଳ ଦଳ ହୋଇ ବହୁ ଯାତ୍ରୀ ଭାରତ ବର୍ଷର ବିଭିନ୍ନ ସ୍ଥାନରୁ ଶ୍ରୀକ୍ଷେତ୍ରକୁ ଆସୁଥାଆନ୍ତି । ତା ଭିତରେ ମହାରାଷ୍ଟ୍ର ପ୍ରଦେଶର ପଣ୍ଢରପୁରରୁ ଆସିଥିବା ଏକ ଯାତ୍ରୀ ଦଳ ମଧ୍ୟ ଥାଆନ୍ତି । ଏହି ଦଳରେ ଜଣେ ବିଦୁଷୀ

୭. ସଂଗୃହୀତ ଭକ୍ତ ଓ ଶ୍ରୀଜଗନ୍ନାଥ, ୨ୟଖଣ୍ଡ, ଲେ. ଶ୍ରୀ ଭକ୍ତିବିନୋଦ ସାହୁ ।

CC-0. In Public Domain. Digitized by Muthulakshmi Research Academy

ନାରୀ 'କର୍ମାବାଈ' ତାଙ୍କ ଗୁରୁ 'ଇନ୍ଦ୍ରସ୍ୱାମୀ'ଙ୍କ ସହିତ ଥାଆନ୍ତି । ଶ୍ରୀକ୍ଷେତ୍ରରେ ପହଞ୍ଚି ସେ ଭକ୍ତିରେ ପାଗଳିନୀ ଭଳି ହୋଇଯାଇଥାଆନ୍ତି । ମହାପ୍ରଭୁଙ୍କ ଝୁଲଣଯାତ୍ରା ଦର୍ଶନ କରି ସେ ଅତି ଆନନ୍ଦମଗ୍ନା ହୋଇ କହି ଉଠିଲେ ମୁଁ ଯାହା ଖୋଜୁଥିଲି ପାଇଗଲି । ସେ କହି ଉଠୁଥାଆନ୍ତି ହେ ଜଗନ୍ନାଥ ପରଂବ୍ରହ୍ମ ! ଆପଣ ତ ଜଗତର ସ୍ୱାମୀ, ମୋ'ର ମଧ୍ୟ ସ୍ୱାମୀ, ମୁଁ ଆପଣଙ୍କୁ ଛାଡ଼ି ଆଉ କେଉଁଠାକୁ ଯିବି ନାହିଁ । ଏହା କହି କହି ସେ ସର୍ବଦା ଭକ୍ତିରେ ବିଳାପ କରୁଥାଆନ୍ତି । ସର୍ବଦା ତାଙ୍କ ଆଖିରୁ ବୋହିଯାଉଥାଏ ପ୍ରେମାଶ୍ରୁ । ସେ କହୁଥାଆନ୍ତି ଏ ଜୀବନ ତୁମ ନିକଟରେ ତୁମରି ହିଁ ସେବାରେ କଟୁ । କିଛିଦିନ ଶ୍ରୀକ୍ଷେତ୍ରରେ ରହଣି ପରେ ମହାରାଷ୍ଟ୍ରରୁ ଆସିଥିବା ଯାତ୍ରୀ ଦଳଟି ସ୍ୱସ୍ଥାନକୁ ଯିବାକୁ ବାହାରିଲେ । ବହୁ ଅନୁନୟ ବିନୟ ସତ୍ତ୍ୱେ କିନ୍ତୁ ସ୍ୱସ୍ଥାନକୁ ଫେରିଲେ ନାହିଁ କର୍ମାବାଈ ଓ ତାଙ୍କର ପରମପୂଜ୍ୟ ଗୁରୁଦେବ ଶ୍ରୀଇନ୍ଦ୍ରସ୍ୱାମୀ ।

କର୍ମାବାଈ ବଡ଼ଦାଣ୍ଡ ପାଖରେ ଏକ ଉପବନରେ ଛୋଟିଆ କୁଡ଼ିଆଟିଏ କରି ରହିଲେ । ପ୍ରତିଦିନ ସେ ଶ୍ରୀମନ୍ଦିରକୁ ଆସି ମହାପ୍ରଭୁଙ୍କୁ ଦର୍ଶନ କରି ଆକୁଳ ପ୍ରାର୍ଥନା କରି ଚାଲିଥାଆନ୍ତି । ସେ ପ୍ରେମ ବିଗଳିତା ହୋଇ ସାତ୍ତ୍ୱିକ ବିଚାରରେ ମଣ୍ଡିତା ହୋଇ ଶ୍ରୀଜଗନ୍ନାଥଙ୍କ ନିକଟରେ ନିଜର ଭାବ-ସମୁଦ୍ରକୁ ମେଲି ଦେଉଥିଲେ । ଶ୍ରୀମନ୍ଦିରରୁ ନିଜ କୁଡିଆକୁ ଫେରି କର୍ମାବାଈ ଶ୍ରୀଜଗନ୍ନାଥଙ୍କର କୁମ୍ଭକାର ସେବକଙ୍କୁ ବରାଦ ଦେଇଥିବା ଏକ ନୂତନ ଧରଣର ବଡ଼ହାଣ୍ଡି ଆଣି ସେଥିରେ ଖେଚୁଡି ରାନ୍ଧି ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ନୈବେଦ୍ୟ ଦେଉଥିଲେ । ନୈବେଦ୍ୟ ପରେ ସେହି ହାଣ୍ଡିରୁ ଅତିଥି ଅଭ୍ୟାଗତଙ୍କୁ ଖେଚୁଡି ବଣ୍ଟନ କରି ସାରିବା ପରେ ଯାହା ବଳେ ତାହା ଭୋଜନ କରି ଆନନ୍ଦରେ ସେ କାଳାତିପାତ କରୁଥିଲେ । ସେ ଶ୍ରୀଜଗନ୍ନାଥଙ୍କୁ ନିବେଦିତ ପୁଷ୍ପପରି ସଦା ତେଜୀୟାନ୍ ଥାଇ ମଧୁର କଣ୍ଠରେ ମହାପ୍ରଭୁଙ୍କ ଯଶଗାନ କରି ଭଜନମାନ ଗାଉଥିଲେ, ଯାହାକି ଭକ୍ତମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଉଥିଲା । ସେମାନେ ତାଙ୍କୁ ରାଧାରାଣୀଙ୍କର ଅବତାର ବୋଲି ଭାବୁଥିଲେ ।

ଦିନେ ମହାପ୍ରଭୁ ଶ୍ରୀଜଗନ୍ନାଥ ତତ୍କାଳୀନ ରାଜା ଶ୍ରୀ ନୃପକେଶରୀଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ ରାଜା ! ମୋର ପରମ ଭକ୍ତା କର୍ମାବାଈ ତାର ଜୀବନ, ଯୌବନ ସବୁ କିଛି ମୋତେ ସମର୍ପି ଦେଇଅଛି । ତୁମେ ତାହାର ସବୁକିଛି ବ୍ୟବସ୍ଥା କରିଦିଅ । ଏହି ସ୍ୱପ୍ନ ଦେଖି ରାଜା ତାହା ଏକ ସାଧାରଣ ସ୍ୱପ୍ନ ଭାବି ତାକୁ ଏଡାଇଗଲେ । ମହାପ୍ରଭୁ ଏହା ଜାଣି ମନରେ କଷ୍ଟ ଅନୁଭବ କଲେ । ପରଦିନ ରତ୍ନସିଂହାସନ ତଳେ ଥାଳିରେ ଖେଚୁଡ଼ି ବଢ଼ା ହେବା ପୂର୍ବରୁ ତାହା ମାରା ହୋଇଗଲା । ଏହା ଦିନେ ନୁହେଁ କି ଦୁଇଦିନ ନୁହେଁ କ୍ରମାଗତ ଭାବରେ ଖେଚୁଡ଼ି ଥାଳିରେ ବଢ଼ାହେଲା ବେଳକୁ ମାରା ହୋଇଯାଏ । ଏକଥା ରାଜାଙ୍କ କାନକୁ ଯିବାରେ ରାଜା ବ୍ୟଥିତ ହୋଇପଡ଼ି ପୂର୍ବେ ଦେଖିଥିବା ସ୍ୱପ୍ନକୁ ସତ୍ୟବୋଲି ମଣି କର୍ମାବାଈଙ୍କ ସନ୍ଧାନ କଲେ । ପରେ ସେ କର୍ମାବାଈଙ୍କୁ

CC-0. In Public Domain. Digtized by Muthulakshmi Research Academy

ରାଜଯୋଗ୍ୟ ସମ୍ମାନ କଲେ । ତା'ପରେ କର୍ମବାଈଙ୍କର ସମସ୍ତ ରହିବା, ଖାଇବା ଆଦି ସବୁ ବ୍ୟବସ୍ଥା କଲେ ମଧ୍ୟ ସେ ତାହା ଗ୍ରହଣ କଲେ ନାହିଁ । ସେ ରାଜାଙ୍କ ପ୍ରତି କୃତଜ୍ଞତା ଜଣାଇ ତାଙ୍କ କୁଡ଼ିଆରେ ପ୍ରତିଦିନ ସମର୍ପିତ ହେଉଥିବା ଖେଚୁଡ଼ି ଭୋଗ ଶ୍ରୀମନ୍ଦିରରେ ମାତା ମହାଲକ୍ଷ୍ମୀ ପାକ ସହିତ ନୈବେଦ୍ୟରୂପେ ମହାପ୍ରଭୁଙ୍କୁ ସମର୍ପଣ କରିବା ପାଇଁ ଅନୁରୋଧ କଲେ । କିନ୍ତୁ ଏହା କଅଣ ସମ୍ଭବପର ? ଯାହା କେବେ ଶ୍ରୀମନ୍ଦିରରେ ହୋଇନାହିଁ ତାହା କିପରି ହୋଇପାରିବ ବୋଲି ରାଜା ତାଙ୍କର ଅନୁରୋଧକୁ ପ୍ରତ୍ୟାଖ୍ୟାନ କଲେ । କିନ୍ତୁ ତା ପରଦିନ ମଧ୍ୟ ଥାଳି ଖେଚୁଡ଼ି ମାରା ହୋଇଗଲା । ରାଜା ଅନ୍ୟ ଉପାୟ ନ ଦେଖି ମାତା ମହାଲକ୍ଷ୍ମୀ ପାକ ସହିତ କର୍ମାବାଈ ଖେଚୁଡ଼ି ମହାଦେଈ ପାକ ବାଢ଼ିବା ପାଇଁ ନିର୍ଦ୍ଦେଶ ଦେଲେ । କି ଆଶ୍ଚର୍ଯ୍ୟ ! ଖେଚୁଡ଼ି କିନ୍ତୁ ଆଉ ମାରା ହେଲା ନାହିଁ । ମହାପ୍ରଭୁ ମହାଦେଈ ଖେଚୁଡ଼ି ଗ୍ରହଣ କଲେ ଏହା ଦେଖି ସମସ୍ତେ କର୍ମାବାଈଙ୍କର ଭକ୍ତିକୁ ଭୁରି ଭୁରି ପ୍ରଶଂସା କଲେ ।

କର୍ମାବାଈଙ୍କ ବାସସ୍ଥାନଟି ତାଙ୍କ ଗୁରୁଙ୍କ ନାମ ଅନୁସାରେ 'ଇନ୍ଦ୍ରସ୍ୱାମୀ ଆଶ୍ରମ' ନାମରେ ପରିଚିତ ହେଲା । କର୍ମାବାଈଙ୍କୁ ମଧ୍ୟ ଶ୍ରୀମନ୍ଦିରର ଅନ୍ୟତମ ବ୍ୟବସ୍ଥାପିକା ଭାବରେ ନିଆଗଲା । ଭୋଗ ସମ୍ବନ୍ଧୀୟ ତାଙ୍କର ନିଷ୍ପତ୍ତିକୁ ମଧ୍ୟ ଗ୍ରହଣ କରାଗଲା । ସେ ଯେଉଁ ବଡ଼ ହାଣ୍ଡିରେ ଭୋଗ ଚଳାଇଲେ ତାକୁ 'ବାଈହାଣ୍ଡି' ନାମରେ ପ୍ରସିଦ୍ଧ କରାଗଲା । ତାଙ୍କର ଖେଚୁଡ଼ି ଭୋଗକୁ ମଧ୍ୟ 'କର୍ମାବାଈ ଖେଚୁଡ଼ି' ବା 'ମହାଦେଈ ଖେଚୁଡ଼ି' ବୋଲି ପ୍ରସିଦ୍ଧି ମିଳିଲା । ସେହି ଖେଚୁଡ଼ି ରୋଷଆଡ଼େ ଯେଉଁ ଚୁଲିରେ ରନ୍ଧାହୁଏ ତାହାକୁ ମଧ୍ୟ 'ମହାଦେଈ ଚୁଲି' ବୋଲି କହିଥାଆନ୍ତି । 'ବାଈହାଣ୍ଡି ଅନ୍ନ' ଓ 'କର୍ମାବାଈ ଖେଚୁଡ଼ି' ସେହିଦିନଠାରୁ ପ୍ରଚଳିତ ହୋଇ ଅଦ୍ୟାବଧି ଚାଲୁ ରହିଅଛି ।

ଜଣେ ମହାରାଷ୍ଟ୍ର ପ୍ରଦେଶର ଭକ୍ତ ହେଲେ ମଧ୍ୟ ମହାପ୍ରଭୁ ତାଙ୍କର ଭକ୍ତର ଗୁହାରୀ ଶୁଣି ତାଙ୍କର ନୈବେଦ୍ୟକୁ ସବୁଦିନ ପାଇଁ ଗ୍ରହଣ କରି ସେ ନିଜେ କେବଳ ହିଁ ଭକ୍ତର, କୌଣସି ପ୍ରଦେଶ, ଭାଷା, ଜାତି ତାଙ୍କୁ ବାନ୍ଧିପାରିବ ନାହିଁ ବୋଲି ପରଂବ୍ରହ୍ମ ପ୍ରମାଣ କରିଦେଲେ । ଏହା ହିଁ ତ ମହାପ୍ରଭୁଙ୍କ ଅଲୌକିକତା । ଭକ୍ତ ପାଇଁ ତାଙ୍କର ହୃଦୟ କେଡ଼େ ବ୍ୟାପକ, ତାର ଆକୁଳ ନିବେଦନ ସେ କେବେହେଲେ ସହି ପାରନ୍ତି ନାହିଁ ବୋଲି ଏହି ଘଟଣା ପ୍ରତିପାଦିତ କରିଦିଏ ।

## ଗୁରୁ ଇନ୍ଦ୍ରସ୍ୱାମୀ ଓ ଶ୍ରୀମହାପ୍ରସାଦ :-

ମହାରାଷ୍ଟ୍ରର ଭକ୍ତ କର୍ମାବାଈଙ୍କର ବାସଗୃହଟି ଶ୍ରୀକ୍ଷେତ୍ରରେ ତାଙ୍କ ଗୁରୁ ଇନ୍ଦ୍ରସ୍ୱାମୀଙ୍କ ନାମରେ 'ଇନ୍ଦ୍ରସ୍ୱାମୀ ମଠ' ନାମରେ ପରିଚିତ । ତାହା ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଅବସ୍ଥିତ । ଥରେ ରଥଯାତ୍ରା ଅବସରରେ ଚତୁର୍ଦ୍ଧା ବିଗ୍ରହ ରଥାରୂଢ ହୋଇ ସିଂହାସନରୁ ଆଡ଼ପ ମଣ୍ଡପ ଆଡ଼କୁ ଯିବା ସମୟରେ ଗୁରୁ ଇନ୍ଦ୍ରସ୍ୱାମୀ ଏକ ଲକ୍ଷ୍ୟରେ

CC-0. In Public Domain. Digtized by Muthulakshmi Research Academy

ଅନାଇ ରହିଲେ । ବ୍ରହ୍ମପୁରାଣ ଓ ସ୍କନ୍ଦପୁରାଣରେ ଲେଖାଥିବା ମତେ ମହାପ୍ରଭୁ ମନ୍ଦିର ଛାଡ଼ି ଯିବେ ନାହିଁ ବୋଲି ପ୍ରତିଜ୍ଞା କରିଥିବା କଥା ତାଙ୍କର ମନେ ପଡ଼ିଲା । ତେଣୁ ସେ ରଥାରୂଢ ଶ୍ରୀବିଗ୍ରହମାନଙ୍କ ଯାତ୍ରାକୁ ଗ୍ରହଣ କରିନପାରି ରତ୍ନସିଂହାସନରେ ଦର୍ଶନ କରିବାପାଇଁ ଯାଇ ସେଠାରେ କ୍ଷେତ୍ରପାଳ ଭୈରବଙ୍କ ବିକଟାଳ ମୂର୍ତ୍ତି ଦେଖି ଅତି ଭୟ ପାଇ ଶ୍ରୀଜଗନ୍ନାଥଙ୍କୁ ସ୍ତୁତି କରି କରି ନିଜ ଆଶ୍ରମକୁ ଫେରି ଆସିଲେ । ରାତିରେ ଶ୍ରୀଜଗନ୍ନାଥ ତାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ ସେ ପ୍ରକୃତରେ ଯାତ୍ରା କରି ଆଡ଼ପମଣ୍ଡପକୁ ଆସିଥିବାରୁ ସେଠାକୁ ଯିବାପାଇଁ ନିର୍ଦ୍ଦେଶ ଦେଲେ । ସ୍ୱପ୍ନରେ ଆଡ଼ପମଣ୍ଡପରେ ତାଙ୍କର ଦର୍ଶନ ଓ ଶ୍ରୀମହାପ୍ରସାଦ ପାଇବାପାଇଁ ନିର୍ଦ୍ଦେଶ ଦେଲେ ଯାହାକି ନିମ୍ନମତେ ବର୍ଣ୍ଣନା କରାଯାଇଅଛି ।

ଆଡ଼ପରେ ଯେ ଦେଖନ୍ତି ମୋ ଯଜ୍ଞସ୍ୱରୂପ
ବ୍ୟାଧି ଦୁଃଖ ଭୟ ତାର ନାଶ ଯାଏ ଶୋକ ॥
ବ୍ରହ୍ମହତ୍ୟା ପାତକରୁ ମୁକ୍ତି ଲଭେ ନର,
ନବଦିନ ପରିଯନ୍ତେ ଏହି କ୍ଷେତ୍ରବର ॥
ଆଡ଼ପେ ମୋ କଇବଲ୍ୟ ଭୁଞ୍ଜନ୍ତି ଯେ ନର,
ବ୍ରାହ୍ମଣଙ୍କୁ ଦେଇ ତୋଷ କରି ଏକ ବାର ॥
କୈବଲ୍ୟ କଣିକା ମୋର ନିତ୍ୟ ଯେବା ଆଣି,
ସମର୍ପଣ କରଇ ସେ ଅରଧଶୋଷଣୀ ॥

(ଗୁଣ୍ଡିଚା ମଙ୍ଗଳ, ନୀଳାମ୍ବର ଦାସ)

ସ୍ୱପ୍ନରେ ଶ୍ରୀଜଗନ୍ନାଥଙ୍କ ମୁଖରୁ ଗୁରୁ ଇନ୍ଦ୍ରସ୍ୱାମୀ ଆଡ଼ପମଣ୍ଡପ ବିବରଣ ଶୁଣି କୃତ୍ୟକୃତ୍ୟ ହୋଇ ମହାପ୍ରଭୁଙ୍କୁ ପ୍ରାର୍ଥନା କରି କହିଲେ-

ଏହି ବର ଦିଅ ପ୍ରଭୁ ନିତ୍ୟ ମୁଁ ଆଡ଼ପ ।
ବେଦୀ ପଖାଳିବି ଏହି ମୋ ସେବା ସ୍ୱରୂପ ॥
ମୁଣ୍ଡିଆମରାଙ୍କୁ ମୁହିଁ ସେବା ନିତ୍ୟ କରି ।
ଶରଧାବାଲି ପାଟଣା ଦାସ ଦିଅ ହରି ॥ (ଗୁଣ୍ଡିଚା ମଙ୍ଗଳ)

ସ୍ୱପ୍ନରେ ଏଭଳି ପ୍ରାର୍ଥନା କରି ତା ପରଦିନ ଇନ୍ଦ୍ରସ୍ୱାମୀ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କୁ ଦର୍ଶନ ଓ ଶ୍ରୀମହାପ୍ରସାଦ ସେବନ କରି କୃତ୍ୟକୃତ୍ୟ ହେଲେ । ଗୁଣ୍ଡିଚା ମନ୍ଦିର ନିକଟରେ ତାଙ୍କର ମଠ ସ୍ଥାପିତ ହୋଇ ସେ ସେହିଦିନଠାରୁ ଶ୍ରୀଜଗନ୍ନାଥଙ୍କ ସେବାରେ ନିଜକୁ ଅର୍ପିତ କଲେ । ଆଜି ମଧ୍ୟ ସେହି ମଠର କିଛି ଭଗ୍ନାବଶେଷ ଗୁଣ୍ଡିଚା ମନ୍ଦିର ନିକଟରେ ଇନ୍ଦ୍ରଦ୍ୟୁମ୍ନ ପୋଖରୀ ନିକଟରେ ରହିଅଛି । ଏହି ଉପାଖ୍ୟାନଟିରେ ଶ୍ରୀମନ୍ଦିରରେ ପ୍ରତିଦିନ ସମର୍ପିତ ହେଉଥିବା ଶ୍ରୀମହାପ୍ରସାଦ ଓ ଆଡ଼ପମଣ୍ଡପର

CC-0. In Public Domain. Digtized by Muthulakshmi Research Academy

ଶ୍ରୀମହାପ୍ରସାଦ ଉଭୟ ସମାନ ବୋଲି ପ୍ରତିପାଦନ କରେ । ଗୁଣ୍ଡିଚା ମନ୍ଦିରର ଶ୍ରୀମହାପ୍ରସାଦ ମାତା ମହାଲକ୍ଷ୍ମୀ ପାକ ନୁହେଁ ତେଣୁ ତାହା ଶ୍ରୀମହାପ୍ରସାଦ ନୁହେଁ ବୋଲି କେତେକଙ୍କର ଯେଉଁ ଭ୍ରମଧାରଣା ରହିଥାଏ ତାହା ଏହି ଉପାଖ୍ୟାନ ଦ୍ୱାରା ଦୂର ହେଉଅଛି ।

## ଲାଣ୍ଡିମାତା ଓ ଶ୍ରୀମହାପ୍ରସାଦ :-

ସମସ୍ତ ଭକ୍ତମାନଙ୍କ ସହ ଶ୍ରୀମନ୍ଦିରକୁ ପ୍ରତିଦିନ ବଡ଼ଦାଣ୍ଡ ଦେଇ ଗୋଟିଏ ଧୋକଡି ବୁଢୀ ଯାଏ । ନାଁଟି ତାର ଲାଣ୍ଡି ମାତା । ଶ୍ରୀମନ୍ଦିରକୁ ଯିବାବେଳେ ବୁଢ଼ୀଟିର ବାଁ ହାତରେ ଗୋଟିଏ ପଥୁରୀ ଡାହାଣ ହାତରେ ଗୋଟିଏ ବଙ୍କୁଲି ବାଡି ଥାଏ । ପଥୁରୀଟିରେ ଥାଏ ଟିକିଏ ପିଠା । ଶ୍ରୀମନ୍ଦିରରେ ନମୁଦ ଥିବା ପୋଲିସ ପଚାରିଲେ ବୁଢୀଟି ଉତ୍ତର ଦିଏ ପ୍ରତିଦିନ ମୋ ପୁଅ ଷାଠିଏ ପଉଟି ଖାଉଛି ତ, ତେଣୁ କାଳେ ମିଠା ଖାଇଖାଇ ପେଟ ଖରାପ ହୋଇଯିବ ସେଇଥିପାଇଁ ମୁଁ ଟିକିଏ ସବୁଦିନ ପିଠା ଆଣେ । ଦିନେ ଶ୍ରୀମନ୍ଦିର ପୋଲିସଟି ଲାଣ୍ଡିମାତା ବୁଢୀକୁ ଫେରାଇ ଦେଲା ଓ ପିଠା ପଥୁରୀଟି ହାତରୁ ଟାଣିଆଣି ଦୂରକୁ ଫିଙ୍ଗି ଦେଲା । ବୁଢୀଟି କାନ୍ଦି କାନ୍ଦି ତା'ର ଚାଳଘର କୁଡ଼ିଆକୁ ଫେରି ଆସି ଅଖିଆ ଅପିଆ ଶୋଇପଡ଼ିଲା । ରାତିରେ ସ୍ୱପ୍ନରେ ବୁଢୀ ଦେଖିଲା ସ୍ୱୟଂ ଶ୍ରୀଜଗନ୍ନାଥ କହୁଛନ୍ତି 'ମା' ! ଆଜି ବହୁତ ମିଠା ଖାଇଛି । ମୋର ପେଟ ମୋଡ଼ି ହେଉଛି । ମୋତେ ଟିକିଏ ପିଠା ଖାଇବାକୁ ଦେବୁନି ?' ମା' ଆଗରେ ପୁଅର ଅଳି । ଲାଣ୍ଡିମାତାର ସ୍ୱପ୍ନ ହଠାତ୍ ଭାଙ୍ଗିଗଲା । ସେ ଧଡ଼ପଡ଼ ହୋଇ ଉଠିପଡ଼ିଲା ।

ସେହିଦିନ ରାତିରେ ମହାପ୍ରଭୁ ଗଜପତି ମହାରାଜାଙ୍କୁ ମଧ୍ୟ ସ୍ୱପ୍ନରେ ଦେଖାଦେଇ କହିଲେ- ହେ ରାଜା ! ମୋର ମା' ମୋ ପାଇଁ ପିଠା ନେଇ ଆସିଲାବେଳେ ତୁମର କର୍ମଚାରୀ ଶ୍ରୀମନ୍ଦିରର ଦାରୋଗା ତାକୁ ଅପମାନ କରି ମୋ ପାଇଁ ସେ ଆଣିଥିବା ପିଠା ନଷ୍ଟ କରିଦେଇଛି । ପିଠା ଖାଇବାକୁ ମୋର ବହୁତ ଇଚ୍ଛା । ତୁମେ ଅତିଶୀଘ୍ର ମୋ ମା' ପାଖକୁ ଯାଇ ତାକୁ କହ, ସେ ମୋ ପାଇଁ ଶୀଘ୍ର ପିଠା ନେଇ ଆସି ମୋତେ ଖାଇବାକୁ ଦେବ । ଗଜପତି ମହାରାଜା ଏହି ସ୍ୱପ୍ନ ଦେଖି ଧଡ଼ପଡ଼ ହୋଇ ନିଦରୁ ଉଠି ସକାଳ ହେବା ପର୍ଯ୍ୟନ୍ତ ଅପେକ୍ଷା କରି ବସି ରହିଲେ ।

ତା'ପର ଦିନ ସକାଳେ ରାଜା ସମସ୍ତ କର୍ମଚାରୀମାନଙ୍କ ସହ ଲାଣ୍ଡିମାତା ସନ୍ଧାନରେ ବାହାରି ତା ଘରେ ପହଞ୍ଚିଗଲେ । ଲାଣ୍ଡିମାତା ନିଜର ଛୋଟିଆ କୁଡ଼ିଆରେ ମହାରାଜାଙ୍କୁ ଦେଖି ଆଚମ୍ବିତ ହୋଇପଡ଼ିଲେ । ମହାରାଜା ତାଙ୍କ କର୍ମଚାରୀଙ୍କ ବ୍ୟବହାର ଯୋଗୁଁ କ୍ଷମା ପ୍ରାର୍ଥନା କଲେ ଓ ପୁଣି ପିଠା ଟିକେ ବାଟି ଶ୍ରୀମନ୍ଦିରକୁ ନେବାପାଇଁ ଅନୁରୋଧ କଲେ । ମହାରାଜାଙ୍କ ଅନୁରୋଧକ୍ରମେ ଲାଣ୍ଡିମାତା ପିଠା ବାଟି ପଥୁରୀରେ ରଖି ଶ୍ରୀମନ୍ଦିରକୁ ମହାରାଜାଙ୍କ ସହିତ ବାହାରି ପଡ଼ିଲେ ଓ ପୂର୍ବଭଳି କୋଟିବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା ଲୀଳାମୟ ଶ୍ରୀଜଗନ୍ନାଥଙ୍କ (ଡାକର ଅତି ଆଗ୍ରହିଲ ପୁଅକୁ) ବଢ଼ାଇ ଦେଲେ ।

CC-0. In Public Domain. Digitized by Muthulakshmi Research Academy

ତାଙ୍କ ନୈବେଦ୍ୟ ସଙ୍ଗରେ ପିତା ମଧ୍ୟ ଭୋଗ ହେଲା । ତା'ପର ଠାରୁ ଶ୍ରୀମନ୍ଦିରରେ ରାଜାଙ୍କର ନିର୍ଦ୍ଦେଶକ୍ରମେ ମହାପ୍ରଭୁଙ୍କ ନୈବେଦ୍ୟରେ ପ୍ରତିଦିନ କୋଠଭୋଗରେ ମେଥିପଡ଼ି ପିତା ତରକାରୀ ଭୋଗ ହୋଇଚାଲିଲା । ମେଥି ଆୟୁର୍ବେଦୀୟ ମତ ଅନୁସାରେ ଶରୀର ପକ୍ଷେ ଅତି ଉପକାରୀ । ତେଣୁ ମହାପ୍ରଭୁଙ୍କୁ ପ୍ରତିଦିନ ସେହି ମେଥିପକା ପିତା ଭୋଗ ଲାଗି ଆସୁଅଛି । ଲାଣ୍ଡିମାତାର ଛୋଟିଆ ମଠଟିର ଭଙ୍ଗାରୁଜା ଅଂଶଟି ଆଜିମଧ୍ୟ ମୌ-ଦୋଳମଣ୍ଡପ ସାହି ଚିତ୍ରକାର ସାହିର ଜେନାରୀ ଗଛ ଛକର ଦକ୍ଷିଣପଟକୁ ବିଦ୍ୟମାନ ଥାଇ ଲାଣ୍ଡିମାତାର ଠାକୁରମାନଙ୍କୁ ପିତା ଖୁଆଇବା କଥା ମନେ ପକାଇ ଦେଉଛି ।

## ମାଣିକ ଗଉଡୁଣୀ ଓ ଶ୍ରୀଜଗନ୍ନାଥଙ୍କ ଦହିଖୁଆ :-

ଭକ୍ତ ଓ ଭଗବାନଙ୍କ ସଂପର୍କ ଚିରଦିନ ପାଇଁ ଶାଶ୍ୱତ । ତାଙ୍କୁ ହୃଦୟ ଦେଇ ପ୍ରେମ ଓ ଭକ୍ତି କରିପାରିଲେ ତାଙ୍କର ଆସନ ଥରିଉଠେ । ସେ ତାଙ୍କର ଭକ୍ତ ପାଖକୁ ନ ଆସି ରହିପାରନ୍ତି ନାହିଁ । ମାଣିକା ଗଉଡୁଣୀର ଡାକରେ ଏପରି ଥରେ ତାଙ୍କର ଶ୍ରୀମନ୍ଦିର ରତ୍ନସିଂହାସନ ଥରି ଉଠିଥିଲା । ସେ ରତ୍ନସିଂହାସନ ତ୍ୟାଗ କରି ପହଞ୍ଚି ଯାଇଥିଲେ ମାଣିକାର ଇଚ୍ଛା ପୂରଣ କରିବାପାଇଁ । ମାଣିକା ଗଉଡୁଣୀ ଏକ ସାମାନ୍ୟ ଗଉଡ ପରିବାରର ସ୍ତ୍ରୀ ନଥିଲା । ଆମ୍ଭେମାନେ ମାଣିକା ସମ୍ବନ୍ଧରେ ଉପାଖ୍ୟାନଟି ଯେଭଳି ପଢ଼ି ବା ଜାଣି ଧାରଣା କରିଥାଉ ଯେ, ସେ ଏକ ସାମାନ୍ୟ ନାରୀ ଥିଲା ପ୍ରକୃତରେ ତାହା ନୁହେଁ । ବହୁଦିନର ତପସ୍ୟା ଫଳରେ ସେ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କର ସଚ୍ଚିଦାନନ୍ଦ ବିଗ୍ରହ ଦର୍ଶନ କରିବାର ସୁଯୋଗ ପାଇଥିଲା । ଯେଉଁ ପରଂବ୍ରହ୍ମଙ୍କର ଶ୍ରୀବିଗ୍ରହ ତ ଦୂରର କଥା, ଯାହାଙ୍କର ପାଦପଦ୍ମ ଦର୍ଶନ କରିବାପାଇଁ ଦେବତାଗଣ, ମୁନିଋଷିମାନେ ବହୁ ବର୍ଷ ଧରି ତପସ୍ୟା କରି ମଧ୍ୟ ସହଜରେ ତାହା ପାଆନ୍ତି ନାହିଁ ସେହି ଠାକୁରଙ୍କ ଦର୍ଶନ କଅଣ ଜଣେ ସାମାନ୍ୟ ନାରୀ ପକ୍ଷେ ସମ୍ଭବପର ? ସେ ଥିଲା ଜଣେ ଅସାମାନ୍ୟା ନାରୀ, ବୃନ୍ଦାବନବିହାରୀ ଗୋପୀବଲ୍ଲଭ ବେଣୁଧରଙ୍କ ପ୍ରତି ତାର ଥିଲା ଅଗାଧ ବିଶ୍ୱାସ । ଜ୍ଞାନ ପାଇବା ଦିନଠାରୁ ସେ ସେହି ବ୍ରଜେନ୍ଦ୍ର ନନ୍ଦନଙ୍କ ପାଦ ପଦ୍ମରେ ତାର ଜୀବନ ସମର୍ପଣ କରିଦେଇଥିଲା । ତାହାର ବାହ୍ୟ ଓ ଅନ୍ତର ସଂପୂର୍ଣ୍ଣ କୃଷ୍ଣମୟ ହୋଇ ଯାଇଥିଲା ।

ମାଣିକ ପରିବାରର କୌଳିକ ବୃତ୍ତି ଥିଲା ଦୁଧ, ଦହି, ଲହୁଣୀ, ଛେନା ଆଦି ତିଆରି କରି ତାକୁ ବିକ୍ରୀ କରି ପେଟ ପୋଷିବା । ତାର ପରିବାରର ଘର ଥିଲା ପୁରୀ ଜିଲ୍ଲାର ଭାର୍ଗବୀ ନଦୀ କୂଳ ଓ ଚିଲିକାର ନିକଟବର୍ତ୍ତୀ ଅଞ୍ଚଳ । ସେ ଶୁଣିଥିଲା ଶ୍ରୀକୃଷ୍ଣ ଥିଲେ ଗଉଡ ଘରର ପିଲା । ତାଙ୍କର ବାଲ୍ୟଲୀଳା ସମୟରେ ସେ ଗୋପୀମାନଙ୍କ ଘରୁ ଦୁଧ, ଦହି, ଲହୁଣି ଆଦି ଚୋରି କରି ଖାଉଥିଲେ ଓ ସେମାନଙ୍କଠାରୁ ଗାଳି ଶୁଣି ଖୁସୀ ହେଉଥିଲେ । ଏ ସମସ୍ତ ଚରିତ ଶୁଣି ତା ମନରେ ଗୋଟିଏ ଅଦ୍ଭୁତ କଳ୍ପନା ପଶିଗଲା ଯେ, ଦିନେ ନା ଦିନେ ସେ ଶ୍ରୀକୃଷ୍ଣଙ୍କୁ ଦୁଧ, ଦହି ଖୁଆଇବ । ସେ ସବୁବେଳେ ପ୍ରାର୍ଥନା କରି କହୁଥିଲା ହେ ପ୍ରଭୁ ! କେବଳ ଥରେ ମୋ ହାତରୁ ଦହି ଖାଇଦେଇ ଯାଅ ।

CC-0. In Public Domain. Digtized by Muthulakshmi Research Academy

ପ୍ରତିଦିନ ସେହି ବ୍ରଜେନ୍ଦ୍ରନନ୍ଦନଙ୍କ ଉଦ୍ଦେଶ୍ୟରେ ଦହି ଆଣି ପ୍ରାତଃରୁ ସନ୍ଧ୍ୟା ପର୍ଯ୍ୟନ୍ତ ରାସ୍ତାରେ ଠିଆ ହୋଇ ତାଙ୍କର ବାଟକୁ ଚାହିଁ ରଖିଥାଏ । ହେଲେ ତାର ଇଚ୍ଛା ପୂରଣ ନ ହେବା ଦେଖି ପ୍ରତିଦିନ ଦୁଃଖ ମନରେ ସେହି ଶ୍ରୀକୃଷ୍ଣଙ୍କ ପାଇଁ ଆଣିଥିବା ଦହିତକ ଭାର୍ଗବୀ ନଦୀରେ ପକାଇ ଚାଲିଯାଏ । ତା ପରଦିନ ମଧ୍ୟ ସେ ଏକା କଥା । ଏମିତି କେତେ ଯେ ଦିନ ଗଡ଼ିଗଲାଣି କିନ୍ତୁ ମାଣିକର ଇଚ୍ଛା ପୂରଣ ହେଉ ନଥାଏ । ସେ ପ୍ରତିଦିନ ବଡ଼ଦେଉଳର ପତିତପାବନ ବାନାକୁ ଅନାଇ ହାତଯୋଡ଼ି ଦହିତକ ଭାର୍ଗବୀ ନଦୀରେ ମେଲେଇ ଦିଏ ।

ଏହିପରି ବାରମ୍ବାର ଅସଫଳ ହୋଇ ଦିନେ ମାଣିକ ଭାର୍ଗବୀ ନଦୀରେ ଦହି ସହିତ ନିଜକୁ ମଧ୍ୟ ମେଲାଣି କରି ଦେବ ବୋଲି ଚିନ୍ତା କଲା । ମହାପ୍ରଭୁ ସବୁ ସହ୍ୟ କରନ୍ତି, ମାତ୍ର ତାଙ୍କ ଅଦର୍ଶନରେ ତାଙ୍କ ଭକ୍ତ ମୃତ୍ୟୁ ବରଣ କରୁ ଏହା ସେ ସହିପାରନ୍ତି ନାହିଁ । କଳାଠାକୁରଙ୍କ କଳା ସିଂହାସନ ଏଥର ଥରି ଉଠିଲା । ଏଣେ ତାଙ୍କର ଅନ୍ୟତମ ଭକ୍ତ ଗଜପତି ମହାରାଜା ଶ୍ରୀପୁରୁଷୋତ୍ତମ ଦେବଙ୍କ କାଞ୍ଚିଯାତ୍ରା ସମୟରେ ତାଙ୍କୁ ସାହାଯ୍ୟ କରିବା ତେଣେ ମାଣିକ ଗଉଡୁଣୀର ଇଚ୍ଛାପୂରଣ କରିବା ଏହି ଦୁଇଟି ଉଦ୍ଦେଶ୍ୟ ଦୁଇଜଣ ଭକ୍ତଙ୍କର ପୂରଣ କରିବାପାଇଁ ମହାପ୍ରଭୁ ଏକ ଲୀଳା ରଚନା କଲେ । ତେଣୁ ଦୁଇଭାଇ ଦୁଇ ସେନାପତି ବେଶରେ ଗଜପତି ମହାରାଜାଙ୍କୁ ପଛରେ ପକାଇ ତାଙ୍କର ଉପସ୍ଥିତିର ପ୍ରମାଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଗେ ଆଗେ ଚାଲିଲେ ।

ବୋଇଲେ ଏ ମାଣିକକୁ ଦରଶନ ଦେବା,
ଅନେକ ଦିନରୁ ଏହୁ କରିଅଛି ସେବା ॥
ଏ ମାଣିକି ପସରାରୁ ଦଧିଯିବା ଖାଇ,
ରାଜା ଜାଣିବ ଯେ ଆଗେ ବିଜେ ବେନିଭାଇ ॥

(ସଂଗୃହୀତ କାଞ୍ଚି-କାବେରୀ ଶ୍ରୀ ପୁରୁଷୋତ୍ତମ ଦାସ)

ମହାପ୍ରଭୁ ଦୁଇଭାଇ ରାସ୍ତାରେ ହଠାତ୍ ମାଣିକ ଗଉଡୁଣୀକୁ ଦେଖି ଘୋଡ଼ା ପିଠାରୁ ଓହ୍ଲାଇ ପଡ଼ିଲେ, ଚମକି ପଡ଼ିଲା ମାଣିକ ଏମାନଙ୍କୁ ଦେଖି । କିଏ ଏ ଦୁଇଜଣ ? କଅଣ ଏମାନଙ୍କର ଉଦ୍ଦେଶ୍ୟ ? ଏଭଳି କେତେ ପ୍ରକାର ପ୍ରଶ୍ନ ଉଠି ମାଣିକର ମୁଣ୍ଡକୁ ବିଛା କାମୁଡ଼ିବାକୁ ଲାଗିଲା । ଏହି ସମୟରେ ମହାପ୍ରଭୁ ଅତି ନମ୍ର ଭାଷାରେ ମାଣିକକୁ କହିଲେ ମା ! ଆମ୍ଭେ ଦୁହେଁ ବହୁତ ଭୋକିଲା ହୋଇପଡିଛୁ । ବହୁତ ଶୋଷ ଲାଗୁଛି । ଆମକୁ କଅଣ ଖାଇବାକୁ ଦିଅ । ମାଣିକ ଅତି ନରମ କଣ୍ଠରେ ଉତ୍ତର ଦେଲା । ବୀର ସୈନିକ ! ମୋ ପାଖରେ କଅଣ ବା ଅଛି ତୁମକୁ ଖାଇବାକୁ ଦେବାକୁ । ଯାହା ବା ଅଛି ସେ କେତେକ ଦହି ଯାହାକି ବ୍ରଜେନ୍ଦ୍ର ନନ୍ଦନଙ୍କ ପାଇଁ ଉଦ୍ଦିଷ୍ଟ । ତାହା ତ ମୁଁ ତୁମ୍ଭମାନଙ୍କୁ ଦେଇ ପାରିବି ନାହିଁ । ଆଶା ରଖିଛି କାଳେ କେତେବେଳେ ସେ ଆସି ପହଞ୍ଚିଯିବେ । ସେ ଯଦି ନ ଆସିବେ ତା'ହେଲେ ସବୁଦିନ ଭଳି ନିଶ୍ଚୟ ତାଙ୍କୁ ଦେଇ ଦେଇ ଦିଅନ୍ତି । କିନ୍ତୁ

CC-0. In Public Domain. Digitized by Muthulakshmi Research Academy

ତୁମ୍ଭମାନଙ୍କୁ ଦେଇପାରିବି ନାହିଁ । ଏହା କହିବା ମାତ୍ରେ ଦୁଇ ଆଖିରୁ ବହି ଆସିଲା ଅଶ୍ରୁ ଜଳ । ହୃଦୟର ତନ୍ତ୍ରୀ କିନ୍ତୁ ଭକ୍ତିରେ ଥରି ଉଠିଲା । ଏତିକି ବେଳେ ସେ ଦେଖିଲା ଏକ ଅଦ୍ଭୁତ ଦୃଶ୍ୟ । ଲୀଳାମୟ କଳାଠାକୁର ସେହି ଦୁଇଜଣ ବୀରଙ୍କ ସୌମ୍ୟ ଚେହେରା ଭିତରେ ଶ୍ରୀକୃଷ୍ଣ ଓ ଶ୍ରୀବଳରାମଙ୍କକର ପ୍ରେମମୟ ମୂର୍ତ୍ତି ଝଲସି ଉଠିଲା । ମାଣିକର ମନ ଉଲ୍ଲସି ଉଠିଲା, ଆଖିରେ ଆନନ୍ଦାଶ୍ରୁ ଆଉ ବନ୍ଧବାଡ଼ ମାନୁନାହିଁ । ସେ ଭାବିଲା ତାର ତପସ୍ୟା ସଫଳ ହେଲା । ମାଣିକ ଆଉ କିଛି ଭାବି ପାରିଲା ନାହିଁ । ଦୁଇଜଣଙ୍କୁ ସେ ଖାଇବାକୁ ଦହି ବଢ଼ାଇ ଦେଲା । ଦୁଇଭାଇ ଆନନ୍ଦ ମନରେ ଦହିତକ ଖାଇଦେଲେ । ମାଣିକର ଆନନ୍ଦର ସୀମା ନାହିଁ ।

ଯେଉଁ ପ୍ରଭୁ ଦିନେ ଶବରୀ ହାତରୁ ଅଇଁଠା ବରକୋଳି, ବିଦୁର ଘରୁ ଖୁଦ ପିଠା, ଶାଗ ଓ ପଖାଳ ଓ ବନ୍ଧୁ ସୁଦାମା ହାତରୁ ଖୁଦ ଭଜା ଖାଇଥିଲେ ସେ ମାଣିକ ଗଉଡୁଣୀ ହାତରୁ ଦହି ବା ନଖାଇବେ କାହିଁକି ? ସେ ପରା ଭକ୍ତର ବନ୍ଧୁ । ଅନାଥର ନାଥ । ଭାବ ବିହ୍ୱଳା ମାଣିକ ମହାପ୍ରଭୁଙ୍କ ପାଦପଦ୍ମରେ ଲୋଟି ପଡ଼ିଲା । ଭକ୍ତଟିକୁ ଭଗବାନ ନିଜର କରି ତା ହାତରେ ସନ୍ତକ ହିସାବରେ ରତ୍ନମୁଦିଟିକୁ ଗଜପତି ପୁରୁଷୋତ୍ତମ ଦେବଙ୍କୁ ଦେଖାଇ କଉଡ଼ି ନେଇଯିବାପାଇଁ କହିଦେଇ ଆଗକୁ ବଢିଗଲେ । ଉଦ୍ଦେଶ୍ୟ ଥିଲା ଗଜପତିଙ୍କୁ ଜଣେଇବା ଯେ, ମହାପ୍ରଭୁ ଆଗେ ଆଗେ ଯାଉଛନ୍ତି । ତେଣୁ କାଞ୍ଚି ବିଜୟ ସୁନିଶ୍ଚିତ ।

ମହାପ୍ରଭୁଙ୍କୁ କେବଳ ଅଟଳ ଭକ୍ତି ହିଁ ରତ୍ନସିଂହାସନରୁ କାଞ୍ଚି ରଣକ୍ଷେତ୍ରକୁ ଟାଣି ଆଣି ପାରିଲା । ସେହିପରି ଜଣେ ସାଧାରଣ ନାରୀ ଯାହାପାଖରେ ନଥିଲା ଜ୍ଞାନ, ତତ୍ତ୍ୱ ତା'ର ଭକ୍ତି କିନ୍ତୁ ଟାଣି ଆଣିଲା ମହାପ୍ରଭୁଙ୍କୁ ରତ୍ନସିଂହାସନରୁ ରାସ୍ତାକୁ । ଷାଠିଏ ପଉଟିରୁ ବଞ୍ଚିତ କରି ପତ୍ର ଠୋଲାରେ ଦହି ଖୋଇବାକୁ । ଧନ୍ୟ ପ୍ରଭୁ ଧନ୍ୟ ତୁମ୍ଭର ଲୀଳା । ଭକ୍ତ ପ୍ରତି କରୁଣା, ଏହି ଘଟଣାଟିର ମୂକସାକ୍ଷୀ ଭାବେ ଆଜି ବି ଛିଡ଼ା ହୋଇ ରହିଛି 'ମାଣିକ ପାଟଣା' ଗ୍ରାମ । ସେହି ଦିନଠାରୁ ମାଣିକ ପାଟଣା ଦହି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଭୋଗରେ ଦହି ପଖାଳ ଆକାରରେ (ମିଠା ପଖାଳ) ବଡ଼ସିଂହାର ଭୋଗରେ ନୈବେଦ୍ୟ ଲାଗି ଆସୁଅଛି । ଯାହାକି ସ୍ୱାଦିଷ୍ଟ ଶ୍ରୀମହାପ୍ରସାଦ ଭାବେ ପରିଚିତ ।

ବୈଦିକ ରୀତି ନୀତିକୁ ଏଡ଼େଇ ଶ୍ରୀମନ୍ଦିରରେ ଚାଲି ଆସିଥିବା ନିସଙ୍କୁଡି ଭୋଗ ସର୍ପାମଣୋହିର ଏକ ନିଛକ ନମୁନା ମାଣିକର ଦହି ସମର୍ପଣ ବୋଲି ଏହି ଉପାଖ୍ୟାନ ପ୍ରତିପାଦିତ କରୁଅଛି ।

## ବାଲିଗାଁ ଦାସଙ୍କ ନଡିଆ ଓ ଆମ୍ବ ସମର୍ପଣ :-

ସେହିପରି ଆଉ ଏକ ଉଦାହରଣ ହେଉଛି ପୁରୀ ଜିଲ୍ଲାର ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ସାତସଙ୍ଗ ଓ ତେଇଶିପୁର ମଝିରେ ଥିବା ବାଲିଗାଁ ଦାସ୍ ବା ଦାସିଆ

CC-0. In Public Domain. Digtized by Muthulakshmi Research Academy

ବାଉରିଙ୍କର ଗାଆଁ । ଥରେ ରଥଯାତ୍ରା ଅବସରରେ ମହାପ୍ରଭୁଙ୍କୁ ଦର୍ଶନ କରି ଦାସିଆ ଭାବ ବିହ୍ୱଳ ହୋଇପଡ଼ି ଗାଁକୁ ଫେରି ପେଜରେ ଶାଗ ଦେଖି ଚକାଡୋଳା ଭାବି ପ୍ରେମ ଭାବରେ ଅଭିଭୂତ ହୋଇପଡ଼ିଥିବା କଥା ସମସ୍ତେ ଜାଣନ୍ତି । ସେହିପରି ଥରେ ଖଣ୍ଡିଏ ଲୁଗାବୁଣି ତାହା ବିକ୍ରୀ କରି ସେହି ପଇସାରେ ଗୋଟିଏ ନଡ଼ିଆ କିଣି ଜଣେ ଶ୍ରୀକ୍ଷେତ୍ର ଯାଉଥିବା ବ୍ରାହ୍ମଣଙ୍କ ହାତରେ ସେ ନଡ଼ିଆଟି ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ପଠାଇ କହିଲା, ଯେ ଗରୁଡ଼ ଖମ୍ବ ପଛପଟେ ରହି ମହାପ୍ରଭୁଙ୍କୁ କହିବ ଆପଣଙ୍କ ପାଇଁ ଦାସିଆ ନଡ଼ିଆଟି ପଠାଇଛି । ଯଦି ମହାପ୍ରଭୁ ତାହା ନନିଅନ୍ତି ତାହାହେଲେ ମୋତେ ଆଣି ଫେରାଇ ଦେବ । ବ୍ରାହ୍ମଣ ନଡ଼ିଆଟି ନେଇ ଗରୁଡ଼ ଖମ୍ବ ପାଖରେ ଛିଡ଼ା ହୋଇ ଏହି କଥା କହିବା ମାତ୍ରେ ଭକ୍ତବତ୍ସଳ ଶ୍ରୀଜଗନ୍ନାଥ ତାଙ୍କ ଅଦୃଶ୍ୟ ହାତଟିକୁ ବଢାଇ ସେହି ନଡ଼ିଆଟିକୁ ଶୂନ୍ୟେ ଶୂନ୍ୟେ ନେଇଯିବା କଥା ମଧ୍ୟ ସମସ୍ତେ ଜାଣନ୍ତି । ବ୍ରାହ୍ମଣ ହାତରୁ ମହାପ୍ରଭୁ ଦାସିଆ ପଠାଇଥିବା ନଡ଼ିଆ ନେଇଯିବାର ଖବର ପାଇ ସେ ଅତି ଆନନ୍ଦିତ ହୋଇପଡିଲା । ସେ ବାରମ୍ବାର ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରି ଲାଗିଲା । ସେହିଦିନଠାରୁ ତା'ର ମନରେ ଗୋଟିଏ ବଳବତୀ ଇଚ୍ଛା ଜାଗ୍ରତ ହେଲା କେମିତି ସେ ନିଜେ ମହାପ୍ରଭୁଙ୍କୁ କଅଣ ହେଲେ ଭୋଗ ବଢାଇ ଦେବ ।

ସେଭଳି ଏକ ଅପୂର୍ବ ସୁଯୋଗ ମହାପ୍ରଭୁ ଜୁଟାଇ ଦେଲେ । ଦିନେ ସେ ଜଣେ ମାଳୀ ଦୁଇଟୋକେଇ ସୁନ୍ଦର ପାଚିଲା ଆମ୍ବ ବିକ୍ରୀ କରୁଥିବା ଦେଖି ତାହା ଦାସିଆ କିଣି ଗୋଟିଏ ଭାରରେ ସେଗୁଡ଼ିକ ନେଇ ଶ୍ରୀକ୍ଷେତ୍ରରେ ପହଞ୍ଚିଲା । ସିଂହଦ୍ୱାରରେ ସେବକମାନେ ଭୋଗ ଲଗାଇବା ପାଇଁ ଇଚ୍ଛା କଲେ । ଦାସିଆର ତ ଇଚ୍ଛା ସେ ନିଜ ହାତରେ ଭୋଗ ଲଗାଇବ । ତେଣୁ ସେ ଅନ୍ୟ ସେବକମାନଙ୍କୁ ଭୋଗ କରିବାପାଇଁ ଦେଲା ନାହିଁ । ହଠାତ୍ ନୀଳଚକ୍ର ଉପରେ ତାର ଯେମିତି ଦୃଷ୍ଟି ପଡ଼ିଲା ସେ ସେଠାରେ ତାର ଆରାଧ୍ୟ ମହାପ୍ରଭୁଙ୍କୁ ମନଚକ୍ଷୁରେ ଦେଖି ପକାଇ ଆନନ୍ଦରେ ବିଭୋର ହୋଇଗଲା । ସେ ଆମ୍ବ ଦୁଇଟୋକେଇ ନୀଳଚକ୍ର ଆଡ଼କୁ ଟେକି ଦେଇ କହି ଉଠିଲା ହେ ମହାପ୍ରଭୁ ! ଏ ଦୀନ ହୀନ ଦାସିଆ ତୁମ ଭଳି ଐଶ୍ୱର୍ଯ୍ୟଶାଳୀ ଭଗବାନଙ୍କୁ ସାମାନ୍ୟ କେତୋଟି ଆମ୍ବ ଅର୍ପଣ କରୁଛି । ଏ ଅଧମର ଇଚ୍ଛା ପୂରଣ କର ପ୍ରଭୁ ! ଚାହୁଁ ଚାହୁଁ ଦୁଇଟି ଯାକ ଟୋକେଇର ଆମ୍ବ କେଉଁଆଡ଼େ ଉଭାନ୍ ହୋଇଗଲା । ଦାସିଆ ସମସ୍ତଙ୍କୁ କହିଲେ ଯେ ଆମ୍ବତକ ମହାପ୍ରଭୁ ଖାଇଛନ୍ତି । ଏକଥା କେହି ବିଶ୍ୱାସ କଲେ ନାହିଁ । କେତେକ ସେବକ ତତ୍କ୍ଷଣାତ୍ ରତ୍ନସିଂହାସନ ନିକଟକୁ ଦୌଡ଼ିଯାଇ ଦେଖିଲେ ଆମ୍ବ ଟାକୁଆ ଓ ଚୋପା ଏଆଡ଼େ ସିଆଡ଼େ ପଡ଼ିଛି ଓ ମହାପ୍ରଭୁଙ୍କ ଅଧରାମୃତରେ ଆମ୍ବରସ ଲାଗିଥିବା ଦେଖିଥିଲେ । ଧନ୍ୟ ପ୍ରଭୁ ଭକ୍ତବତ୍ସଳ ଶ୍ରୀଜଗନ୍ନାଥ । ଭକ୍ତ ଦ୍ୱାରା ସମର୍ପିତ ନଡ଼ିଆ ଓ ଆମ୍ବ ଆପଣ ନିଜେ ଖାଇ ତାହାକୁ ଅମୃତରୂପୀ ଶ୍ରୀମହାପ୍ରସାଦରେ ପରିଣତ କରିଦେଲେ ।

CC-0. In Public Domain. Digtized by Muthulakshmi Research Academy

## ବନ୍ଧୁ ମହାନ୍ତି ଓ ଶ୍ରୀମହାପ୍ରସାଦ :-

ଜଗତପତି ଶ୍ରୀଜଗନ୍ନାଥଙ୍କର କାହିଁ କେତେ ନାମ । କିଏ ତାଙ୍କୁ ଡାକେ ଦୀନବନ୍ଧୁ, ଭକ୍ତବନ୍ଧୁ, ଅନାଥର ବନ୍ଧୁ ଏଭଳି ଅସଂଖ୍ୟ ନାମ ତାଙ୍କର । ପବିତ୍ର ବିରଜାକ୍ଷେତ୍ର ଯାଜପୁରର ଜଣେ ତାଙ୍କ ଭକ୍ତ, ନାଁ ଟି ତାର ବନ୍ଧୁ ମହାନ୍ତି । ସ୍ତ୍ରୀ, ଗୋଟିଏ ପୁଅ ଓ ଦୁଇଟି ଝିଅକୁ ନେଇ ଛୋଟିଆ ସଂସାରଟି ଦୁଃଖ ସୁଖରେ ଚଳାଇଥାଆନ୍ତି ବନ୍ଧୁ ମହାନ୍ତି । ସବୁବେଳେ ସ୍ୱାମୀ ସ୍ତ୍ରୀଙ୍କର ଭଗବଦ୍ ଆରାଧନା, ଅତିଥି ଚର୍ଚ୍ଚା, ନାମ ସଂକୀର୍ତ୍ତନରେ ଦିନ କଟେ । ଭିକ୍ଷାବୃତ୍ତି କରି ସଂସାରଟିକୁ ଯଥା ତଥା କରି ଚଳାଇଥାଆନ୍ତି ଦୀନବନ୍ଧୁଙ୍କୁ ଆଶ୍ରୟ କରି ବନ୍ଧୁ ମହାନ୍ତି ।

ହଠାତ୍ ଓଡ଼ିଶାରେ ଦୁର୍ଭିକ୍ଷ ପଡିଲା । ବହୁ ଲୋକ ଭୋକ ଉପାସରେ ମରିବାକୁ ଲାଗିଲେ । ଏଭଳି ଅବସ୍ଥାରେ ବନ୍ଧୁଙ୍କୁ ଭିକ୍ଷା କେଉଁଠାରୁ ମିଳିବ ? ତିନି ଦିନ ଧରି ପରିବାରଟି ଖାଡ଼ା ଉପବାସ । ତିନିଗୋଟି ଶିଶୁଙ୍କର ଆର୍ତ୍ତଚିତ୍କାର ସମ୍ଭାଳିବା କଅଣ ମା ପକ୍ଷରେ ସମ୍ଭବପର ? ସେ ତାଙ୍କ ସ୍ୱାମୀଙ୍କୁ ଆକୁଳ ନିବେଦନ କରି କହିଲେ ସ୍ୱାମୀ ! ତୁମେ କହୁଥିଲ ନା କେତେ ଦୂରରେ ତୁମର କେହି ଜଣେ ବନ୍ଧୁ ଅଛନ୍ତି ବୋଲି ? ତାଙ୍କ ନିକଟକୁ ଏ ଅସମୟରେ ଗଲେ କଅଣ କିଛି ସାହାଯ୍ୟ ମିଳନ୍ତା ନି ? ଅନ୍ତତଃ ପିଲାମାନେ କିଛି ଖାଇବାକୁ ପାଇ ବଞ୍ଚିଯାଆନ୍ତେ । 'ଦୂରବନ୍ଧୁ'ଙ୍କ କଥା ଶୁଣି ବନ୍ଧୁଙ୍କ ମୁହଁରେ ଆନନ୍ଦ ଖେଳିଗଲା । ସେ ଉତ୍ତର ଦେଲେ ହଁ ମୋର ଜଣେ ହୃଦୟର ବନ୍ଧୁ, ପ୍ରାଣର ବନ୍ଧୁ ଅଛନ୍ତି । କିନ୍ତୁ, ତାଙ୍କ ପାଖରେ ପହଞ୍ଚିବାକୁ ପୁରା ପାଞ୍ଚଦିନ ଲାଗିବ । ତାଙ୍କ ପାଖରେ ପହଞ୍ଚିଲେ ଆମର ଭୋଗ ମେଣ୍ଟିଯିବ । ସ୍ୱାମୀଙ୍କ ଠାରୁ ଏକଥା ଶୁଣିବା ପରେ ବନ୍ଧୁଙ୍କ ସ୍ତ୍ରୀ କହିଲେ ଚାଲ ରାସ୍ତାରେ ଘାସ ପତ୍ର ଖାଇ ପିଲାଙ୍କୁ କାଖେଇ କଷ୍ଟେ ମଷ୍ଟେ ସେଠାରେ ପହଞ୍ଚିବା । ସ୍ତ୍ରୀଙ୍କ ଠାରୁ ଏ କଥା ଶୁଣି ବନ୍ଧୁ ପରିବାର ସହ ଚାଲିବା ଆରମ୍ଭ କଲେ ।

ରାସ୍ତା ଅତିକ୍ରମ କରିବାବେଳେ ବନ୍ଧୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମ ସ୍ମରଣ କରି ପୁଲକିତ ହେଉଥାଆନ୍ତି । ମନେ ମନେ କହୁଥାଆନ୍ତି ହେ ବିଶ୍ୱମ୍ଭର ! ତୁମକୁ ଦର୍ଶନ କରିବା ପାଇଁ କାହିଁ କେତେ ଦିନର ଇଚ୍ଛା ଅଚିରେ ପୂରଣ ହେବା ସଙ୍ଗେ ସଙ୍ଗେ ପରିବାରର ପେଟର ଜ୍ୱାଳା ଓ ମନର କେତେ ଦିନର ବାଞ୍ଛା ପୂରଣ ହେବାକୁ ଯାଉଛି ପ୍ରଭୁ ! ଦୀର୍ଘ ପାଞ୍ଚଦିନର ବାଟ ଚାଲିଚାଲି ଥକି ପଡ଼ିଥାଆନ୍ତି ପରିବାରର ସମସ୍ତେ । ଶେଷରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ସନ୍ଧ୍ୟାରେ ପହଞ୍ଚି ପତିତପାବନଙ୍କୁ ଦର୍ଶନ କଲେ ବନ୍ଧୁ ଓ ପରିବାର ଲୋକେ । ସିଂହଦ୍ୱାରରେ ଜନଗହଳି ଦେଖି ଶ୍ରୀମନ୍ଦିର ଭିତରେ ପଶିବାପାଇଁ ସାହସ ପାଇଲା ନାହିଁ ତାଙ୍କର । ଦକ୍ଷିଣ ଦ୍ୱାର ପେଜନଳା ପାଖରେ ପରିବାର ନେଇ ଥକ୍କା ମାରି ବସିପଡ଼ିଲେ ବନ୍ଧୁ । ସ୍ତ୍ରୀ ପଚାରିଲେ ଏଠାରେ କାହିଁକି ବସିଲ ? ଚାଲ ତୁମ ବନ୍ଧୁଙ୍କ ପାଖକୁ ଯିବା । ମହାନ୍ତିଏ ଉତ୍ତର ଦେଲେ ରାତି ଆସି ଅଧା ହେଲାଣି, ଆଜି ଏହି ଶ୍ରୀମନ୍ଦିରର ପେଜ ନଳାର ପେଜ ମୁନ୍ଦିଏ ମୁନ୍ଦିଏ ପିଇ ଶୋଇ ପଡ଼ିବା କାଲି ସକାଳେ

CC-0. In Public Domain. Digtized by Muthulakshmi Research Academy

ମୋର ବନ୍ଧୁଙ୍କୁ ଦେଖା କରିବା । ସମସ୍ତେ ସେହି ପେଜ ନଳାରୁ ଆନନ୍ଦରେ ମୁନ୍ଦିଏ ମୁନ୍ଦିଏ ପେଜ ପିଇ ସେହିଠାରେ ଗଡ଼ିପଡ଼ିଲେ । କ୍ଳାନ୍ତ ଶ୍ରାନ୍ତ ଶରୀରକୁ ଚାହୁଁ ଚାହୁଁ ନିଦ ମାଡ଼ିଆସିଲା । ବନ୍ଧୁଙ୍କୁ କିନ୍ତୁ ନିଦ ଲାଗୁ ନଥାଏ । ସବୁବେଳେ ସେ ଶ୍ରୀଜଗନ୍ନାଥଙ୍କୁ ଚିନ୍ତାକରି କରି କେତେବେଳେ ଟିକିଏ ଶୋଇପଡ଼ିଲେ ।

ଏଣେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପହୁଡ଼ ହୋଇଗଲା । ଦୀନବନ୍ଧୁଙ୍କୁ ନିଜ ଭକ୍ତ ବନ୍ଧୁ ମହାନ୍ତିଙ୍କ ଚିନ୍ତା ମାଡ଼ିବସିଲା । ଭକ୍ତ ଭୋକ ଉପାସରେ ପରିବାର ସହିତ ପେଜ ମୁନ୍ଦିଏ ପିଇ ଶୋଇଥିଲା ବେଳେ ଷାଠିଏ ପଉଟି ଖିଆ ଦୀନବନ୍ଧୁଙ୍କୁ ଅବା ନିଦ ଆସିବ କେଉଁଠୁ ? ଶ୍ରୀମନ୍ଦିର ଭଣ୍ଡାରରୁ ସୁନାଥାଳିରେ ବହୁ ପ୍ରକାର ବ୍ୟଞ୍ଜନ ଶ୍ରୀମହାପ୍ରସାଦ ଧରି ଦକ୍ଷିଣ ଦ୍ୱାରରେ ଜଣେ ବ୍ରାହ୍ମଣ ବେଶରେ ଯାଜପୁରିଆ ବନ୍ଧୁଙ୍କ ନାଁ ଧରି ସେ ତାହା ନେବା ପାଇଁ ଡାକ ପକାଇଲେ । ବନ୍ଧୁମହାନ୍ତି ତାଙ୍କ ନାଁ ଧରି କିଏ ଡାକୁଥିବା ଶୁଣି ଦକ୍ଷିଣ ଦ୍ୱାରଠାରେ ସେ ବ୍ରାହ୍ମଣଙ୍କ ହାତରୁ ସୁନାଥାଳିରେ ଶ୍ରୀମହାପ୍ରସାଦ ନେଇଗଲେ । ପେଜନଳା ପାଖରେ ପରିବାରର ସମସ୍ତେ ମିଶି ଶ୍ରୀମହାପ୍ରସାଦ ପାଇ ଅତି ଆନନ୍ଦିତ ହୋଇ ସଙ୍ଗେ ସଙ୍ଗେ ଶୋଇ ପଡ଼ିଲେ । ବନ୍ଧୁମହାନ୍ତି ଥାଳିଟିକୁ ଧୁଆଧୋଇ କରି ପୁଣି ଦକ୍ଷିଣ ଦ୍ୱାରରେ ସେହିଟିକୁ ଫେରାଇବା ପାଇଁ ଯେତେ ଅନିସା କଲେ କାହାକୁ ପାଇଲେ ନାହିଁ । ସେ ଦକ୍ଷିଣଦ୍ୱାର ବନ୍ଦ ଥିବା ଦେଖି ଫେରି ଆସି ସୁନାଥାଳିଟିକୁ ମୁଣ୍ଡତଳେ ରଖି ଭକ୍ତବତ୍ସଳ ଦୀନବନ୍ଧୁଙ୍କୁ ସ୍ମରଣ କରି ପରିବାର ସହ ଶୋଇପଡ଼ିଲେ ।

ଏଠାରେ ଲୀଳାମୟ ଶ୍ରୀଜଗନ୍ନାଥ ଗୋଟିଏ ଲୀଳା ରଚନା କଲେ । ପରଦିନ ସକାଳେ ଭଣ୍ଡାର ଘରେ ସୁନାଥାଳି ନଥିବା ଜଣା ପଡ଼ିବା ପରେ ଶ୍ରୀମନ୍ଦିର ସାରା ଖୋଜା ଲୋଡ଼ା ହେଲା । କିନ୍ତୁ କିଛି ଜଣାପଡ଼ିଲା ନାହିଁ । ଏତିକିବେଳେ କେହି ଜଣେ ପେଜନଳା ପାଖରେ ବନ୍ଧୁମହାନ୍ତିଙ୍କ ମୁଣ୍ଡତଳେ ସୁନା ଥାଳିଟିର ସନ୍ଧାନ କରି ରାଜକର୍ମଚାରୀଙ୍କୁ ଖବର ଦେଲେ । ସେମାନେ ଆସି ବନ୍ଧୁ ମହାନ୍ତିଙ୍କ ସହିତ ତାଙ୍କ ପରିବାରର ସମସ୍ତଙ୍କୁ ମାରଧର କରି ସୁନାଥାଳିଟିକୁ ଶ୍ରୀମନ୍ଦିର ଭଣ୍ଡାର ଘରେ ରଖି ମହାନ୍ତି ପରିବାରକୁ ବନ୍ଦୀଶାଳାରେ ରଖିଲେ । ସେଦିନ ରାତିରେ ପରିବାରର ସମସ୍ତେ ଶୋଇପଡ଼ିଥାଆନ୍ତି କିନ୍ତୁ ବନ୍ଧୁ ମହାନ୍ତିଙ୍କ ଆଖିକୁ ନିଦ ନାହିଁ । ସେ ଲୀଳାମୟଙ୍କ ଲୀଳା ଦେଖି ମନେ ମନେ ହସୁଥାଆନ୍ତି ଓ ଧ୍ୟାନ ଅବସ୍ଥାରେ ବସି ଥାଆନ୍ତି ।

ଏଣେ ରାଜା ପ୍ରତାପରୁଦ୍ର ଦେବଙ୍କ ଖୋର୍ଦ୍ଧା ଉଆସରେ ନିଜେ ମହାପ୍ରଭୁ ରାଜାଙ୍କୁ ସ୍ୱପ୍ନ ଆଦେଶରେ କହିଲେ ମୋର ଭକ୍ତ ବନ୍ଧୁ ମହାନ୍ତି ଓ ତାର ପରିବାରକୁ ତୁମର କର୍ମଚାରୀମାନେ ଅଯଥା ଦଣ୍ଡ ଦେଉଛନ୍ତି । ତୁମେ ସକାଳ ପାହିଲା ବେଳକୁ କାରାଗାରକୁ ଯାଇ ତାଙ୍କୁ କ୍ଷମା ପ୍ରାର୍ଥନା କର । ତାକୁ ଶାଢୀ ବନ୍ଧାଇ ରାଜକର୍ମଚାରୀ ଭାବରେ ନିଯୁକ୍ତି ଦେଇ ତାଙ୍କର ବାସ ଓ ଦୈନନ୍ଦିନ ଶ୍ରୀମହାପ୍ରସାଦର ବ୍ୟବସ୍ଥା କର । ସ୍ୱପ୍ନାଦେଶ ପାଇ ଗଜପତି ମହାରାଜା ପ୍ରତାପରୁଦ୍ର ଦେବ ଘୋଡ଼ା ଛୁଟାଇ ଶ୍ରୀକ୍ଷେତ୍ର କାରାଗାରରେ ପହଞ୍ଚି

CC-0. In Public Domain. Digtized by Muthulakshmi Research Academy

ବନ୍ଧୁ ମହାନ୍ତିଙ୍କ ପରିବାର ନିକଟରେ କ୍ଷମା ପ୍ରାର୍ଥନା କଲେ । ବନ୍ଧୁ ମହାନ୍ତିଙ୍କ ମୁଣ୍ଡରେ ଶାଢୀ ବନ୍ଧାଇ ତାଙ୍କୁ ହିସାବ ରକ୍ଷକ 'ଖରଶୋଧ' ରୂପେ ନିଯୁକ୍ତି ଦେଲେ । ଦକ୍ଷିଣ ଦ୍ୱାରରେ ତାଙ୍କୁ ରହିବା ପାଇଁ ବାସସ୍ଥାନ ଦେଇ ଦୈନନ୍ଦିନ ଶ୍ରୀମହାପ୍ରସାଦର ବ୍ୟବସ୍ଥା କରାଇଲେ । ଆଜି ପର୍ଯ୍ୟନ୍ତ ସେହି ପେଜନଳା ପାଖରେ ଗୋଟିଏ ବଡ଼ ବରଗଛମୂଳେ 'ବନ୍ଧୁ ମହାନ୍ତି ଆଶ୍ରମ' ଭାବରେ ପରିଚିତ ସ୍ଥାନଟି ଦୀନବନ୍ଧୁଙ୍କ ବନ୍ଧୁ ଚର୍ଚ୍ଚାରେ ଶ୍ରୀମହାପ୍ରସାଦ ବିଷୟ ମନେ ପକାଇ ଦେଉଅଛି । କୈବଲ୍ୟ ଭୋଜିନୀ ମା ପାର୍ବତୀ (ବିମଳା)ଙ୍କୁ ପ୍ରତିଦିନ ମହାପ୍ରଭୁ ଶ୍ରୀମହାପ୍ରସାଦ ଯୋଗାଇ ଦେଉଥିବା ଭଳି ଏହି ଘଟଣାର ବନ୍ଧୁ ମହାନ୍ତିଙ୍କୁ ବିଶ୍ୱମ୍ଭର ଶ୍ରୀଜଗନ୍ନାଥ ସୁନାଥାଳିରେ ଶ୍ରୀମହାପ୍ରସାଦ ଦେଇ ବନ୍ଧୁ ଚର୍ଚ୍ଚା କରିବା ସଙ୍ଗେ ସଙ୍ଗେ ସବୁଦିନ ପାଇଁ ଶ୍ରୀମହାପ୍ରସାଦର ବ୍ୟବସ୍ଥା କରିଦେବା କଥାଭଳି ପୌରାଣିକ ଉପାଖ୍ୟାନଟିକୁ ମନେ ପକାଇଦିଏ ।

## ସାର୍ବଭୌମ ଭଟ୍ଟାଚାର୍ଯ୍ୟ ଓ ଶ୍ରୀମହାପ୍ରସାଦ :-

ଶ୍ରୀ ଚୈତନ୍ୟ ଦେବଙ୍କ ପରମ ଶିଷ୍ୟ ସାର୍ବଭୌମ ଭଟ୍ଟାଚାର୍ଯ୍ୟ ଥିଲେ ଅତ୍ୟନ୍ତ ନୈଷ୍ଠିକ ବ୍ରାହ୍ମଣ । ଶ୍ରୀମନ୍ଦିର ମଧ୍ୟରେ ପାକ ହେଉଥିବା ନୈବେଦ୍ୟ ରନ୍ଧନ ପ୍ରକ୍ରିୟାର ଶୁଦ୍ଧତା ବିଷୟରେ ତାଙ୍କର ସନ୍ଦେହ ଥିବାରୁ ସେ ଶ୍ରୀମହାପ୍ରସାଦ ଗ୍ରହଣ କରୁନଥିଲେ । ସେ ତାଙ୍କର ଗୁରୁଦେବଙ୍କ ସହିତ ବାଲି ସାହି କାଶୀନାଥ ମିଶ୍ରଙ୍କ ବାସ ଭବନରେ (ରାଧାକାନ୍ତ ମଠରେ) ରହୁଥିଲେ । ଦିନେ ଶ୍ରୀଚୈତନ୍ୟ ଦେବ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସାରି ବାସଭବନକୁ ଫେରି ଆସି ତାଙ୍କର ଶିଷ୍ୟଙ୍କୁ ଡାକି କହିଲେ ସାର୍ବଭୌମ ! ନିଅ ନିଅ ଏହି ଶ୍ରୀମହାପ୍ରସାଦ । ଏହାକୁ ମୁଁ ଶ୍ରୀମନ୍ଦିର ଅଗଣାରୁ ଗୋଟାଇ ଆଣିଅଛି । ସାର୍ବଭୌମ ବଡ଼ ଅଡୁଆରେ ପଡିଲେ । ତାଙ୍କ ଗୁରୁଦେବ ଦେଉଥିବା ଶ୍ରୀମହାପ୍ରସାଦକୁ ଗ୍ରହଣ ନ କରିବେ ବା କିପରି ? ସଙ୍ଗେ ସଙ୍ଗେ ତାଙ୍କ ତୁଣ୍ଡରୁ ଶ୍ଳୋକ ବାହାରି ଆସିଲା-

**ଶୁଷ୍କଂ ପର୍ଯ୍ୟୁଷିତଂ ବାପି ନୀତଂ ବା ଦୂରଦେଶତଃ ।**
**ପ୍ରାପ୍ତିମାତ୍ରେଣ ଭୋକ୍ତବ୍ୟଂ ଯତ୍ର କାର୍ଯ୍ୟା ବିଚାରଣା ॥**

ଅର୍ଥାତ୍ ଶ୍ରୀମହାପ୍ରସାଦ ଶୁଖିଲାରେ ହେଉ କିମ୍ବା ଓଦାରେ ହେଉ ନିକଟରେ କିମ୍ବା ଦୂରଦେଶରେ ହେଉ ପାଇବା ମାତ୍ରେ ଆଉ କିଛି ବିଚାର ନ କରି ସଙ୍ଗେ ସଙ୍ଗେ ଗ୍ରହଣ କରିବା ଉଚିତ । ସେ ତାଙ୍କର ଭୁଲ୍ ବୁଝିପାରି ବଡ଼ ଆଗ୍ରହର ସହିତ ଗୁରୁଦେବଙ୍କ ହାତରୁ ଶ୍ରୀମହାପ୍ରସାଦ ଗ୍ରହଣ କରି ଆଗ୍ରହରେ ସେବା କଲେ । ସେହି ଦିନଠାରୁ ଶ୍ରୀମହାପ୍ରସାଦ ସମ୍ବନ୍ଧରେ ଥିବା ତାଙ୍କ ଭ୍ରମ ଦୂର ହୋଇଗଲା ଓ ପ୍ରତ୍ୟହ ସେ ଶ୍ରୀମହାପ୍ରସାଦକୁ ବଡ଼ ଭକ୍ତି ଭାବରେ ଗ୍ରହଣ କଲେ ।

CC-0. In Public Domain. Digtized by Muthulakshmi Research Academy

## ଶ୍ରୀରାଧାରମଣ ବାବାଜୀ ଓ ଶ୍ରୀମହାପ୍ରସାଦ :-

ଶ୍ରୀ ଚୈତନ୍ୟ ଦେବଙ୍କ ପାଦ ସ୍ପର୍ଶ କରିଥିବା ଶ୍ରୀକ୍ଷେତ୍ରର ପବିତ୍ର ସ୍ଥଳ ସେହି ଝାଞ୍ଜିପିଟା ମଠ । ୧୮୯୦ ମସିହାରୁ ୧୯୧୫ ମସିହା ପର୍ଯ୍ୟନ୍ତ ସେହି ମଠର ମଠାଧୀଶ ଥିଲେ ଶ୍ରୀ ରାଧାରମଣ ଚରଣ ଦାସ ଦେବଜୀ ମହାରାଜ । ଦିନେ ଜଣେ ଶିଷ୍ୟ ଅତି ଉତ୍କଟ ରୋଗରେ ପୀଡ଼ିତ ହୋଇ ତାଙ୍କ ପାଖରେ ପହଞ୍ଚି ଆକୁଳ ନିବେଦନ କଲେ ତାଙ୍କର ରୋଗ ଆରୋଗ୍ୟ କରିଦେବା ପାଇଁ । ମହନ୍ତ ମହାରାଜ ରୋଗୀଙ୍କର ରୋଗର ଅବସ୍ଥା ଦେଖି ଅତି ବିମର୍ଷ ହୋଇପଡ଼ି କହିଲେ ଯେ ତୁମର ଶ୍ରୀଜଗନ୍ନାଥଙ୍କ ଉପରେ ବିଶ୍ୱାସ ଅଛି ତ ? ଯଦି ରହିଅଛି ତାହାହେଲେ ଏତେ ଔଷଧ ଖାଇବାରେ ଯଦି ରୋଗ ଆରୋଗ୍ୟ ହେଲା ନାହିଁ ତାହାହେଲେ ଯାଅ ଶ୍ରୀମନ୍ଦିରର ଭିତର ବେଢ଼ାର ଉତ୍ତର ଦିଗରେ ଥିବା ପାଦୁକ କୁଣ୍ଡରେ ଲାଗିଥିବା ଶ୍ରୀମହାପ୍ରସାଦର କଣିକାଏ ଲେଖାଏଁ ପ୍ରତିଦିନ ଖାଅ । ରୋଗ ନିଶ୍ଚୟ ଭଲ ହୋଇଯିବ । ସତକୁ ସତ କିଛି ଦିନ ଏହିଭଳି ପ୍ରତିଦିନ କଣିକାଏ ଲେଖାଏଁ ଶ୍ରୀମହାପ୍ରସାଦ ପାଇବାରେ ରୋଗୀଙ୍କର ରୋଗ ସଂପୂର୍ଣ୍ଣ ଭଲ ହୋଇଗଲା । ଏହା ଏକ ଅନୁଭୂତିର କଥା ବୋଲି ସେହି ମଠର ବର୍ତ୍ତମାନର ମଠାଧୀଶ ବାବା ସଚ୍ଚିଦାନନ୍ଦ ଦାସ ମହାରାଜଙ୍କଠାରୁ ସଂଗୃହୀତ ବିବରଣୀରୁ ଜଣାଯାଏ ।

## ରିମାଛତ୍ର ରାଜା ଓ ଶ୍ରୀମହାପ୍ରସାଦ :-

ଉତ୍ତର ପ୍ରଦେଶର ବରେଲି ଜିଲ୍ଲାରେ ରିମା ନାମକ ରିୟାସତ୍ ରାଜ୍ୟ ଥିଲା । ସେଠାରେ ରାଜା 'ଅହିଛତ୍ର' ରୂପେ ପରିଚିତ । ଥରେ ସେ ଶ୍ରୀକ୍ଷେତ୍ର ଆସି ତାଙ୍କ ପଣ୍ଡାଙ୍କ ସଙ୍ଗେ ଶ୍ରୀମନ୍ଦିରକୁ ଯାଉଥିବା ବେଳେ ବଡ଼ଦାଣ୍ଡରେ ଏକ ଅଦ୍ଭୁତ ଦୃଶ୍ୟ ଦେଖିଲେ । ଗୋଟିଏ ପତ୍ରରେ କେତେକ ଶ୍ରୀମହାପ୍ରସାଦକୁ ଗୋଟିଏ ମଣିଷ, ଗୋଟିଏ କୁକୁର ଓ ଗୋଟିଏ କାଉ ଏକାଠି ଖାଉଛନ୍ତି । ଏହା ଦେଖି ଅହିଛତ୍ରଙ୍କ ମନରେ ବିକାର ଜାତ ହେଲା । ସେ ସେହି କଥା ତାଙ୍କର ପଣ୍ଡାଙ୍କୁ କହି ଆଉ ଶ୍ରୀମହାପ୍ରସାଦ ଗ୍ରହଣ କଲେ ନାହିଁ । ତାଙ୍କ ରିଆସତ୍‌କୁ ଫେରିଯାଇ ସାଂଘାତିକ ଭାବେ କୁଷ୍ଠ ରୋଗାକ୍ରାନ୍ତ ହୋଇପଡ଼ିଲେ । ସେତିକିବେଳେ ସେ ଭାବିଲେ ବୋଧହୁଏ ଶ୍ରୀମହାପ୍ରସାଦ ପ୍ରତି ବିକାର ଆସିଥିବାରୁ ତାଙ୍କର ଏପରି ଅବସ୍ଥା ହେଲା । ଶ୍ରୀଜଗନ୍ନାଥଙ୍କ ଶରଣାପନ୍ନ ହେବାପାଇଁ ସେ ପୁନର୍ବାର ଶ୍ରୀକ୍ଷେତ୍ରକୁ ଫେରି ଆସିଲେ । ଶ୍ରୀକ୍ଷେତ୍ରରେ ଏମାର ମଠର ତତ୍କାଳୀନ ମହନ୍ତ ମହାରାଜ ଶ୍ରୀ ରଘୁନନ୍ଦନ ଦାସଙ୍କ ପରାମର୍ଶ ଲୋଡ଼ିଲେ ।

ମଠାଧୀଶଙ୍କ ପରାମର୍ଶକ୍ରମେ ସେ ଶ୍ରୀଜଗନ୍ନାଥଙ୍କୁ କ୍ଷମା ପ୍ରାର୍ଥନା କଲେ ଓ ଶ୍ରୀମହାପ୍ରସାଦ ପାଇଲେ । ପ୍ରାୟଶ୍ଚିତ ସ୍ୱରୂପ ଏମାର ମଠ ଚକଡ଼ାରେ ପ୍ରତିଦିନ ହେଉଥିବା ଅନ୍ନଛତ୍ରରେ ସାମିଲ ହେଲେ । ବଡ଼ଦାଣ୍ଡରେ ଆଜି ବିଦ୍ୟମାନ ଅନ୍ନପୂର୍ଣ୍ଣା ଥିଏଟର ଓ ଗୋଏଙ୍କା ଧର୍ମଶାଳାର ମଧ୍ୟବର୍ତ୍ତୀ ସ୍ଥାନଟିକୁ ଏମାର ମଠଠାରୁ ହାସଲ କରି ସେଠାରେ

CC-0. In Public Domain. Digtized by Muthulakshmi Research Academy

ମଧ୍ୟ ପ୍ରତିଦିନ ଅନ୍ନଛତ୍ର କରାଇଲେ । ଅନ୍ନଛତ୍ରରେ ଦକ୍ଷିଣା ଆକାରରେ ସେତେବେଳେ ସାଢେ ସାତ ମହଣ ସୁନା ଦାନ କରିଥିବା କଥା ଜଣାଯାଏ । ଏହି ସ୍ଥାନଟିର ନାମ ସେହିଦିନଠାରୁ ରିମାଛତ୍ର ବୋଲି ଲୋକମୁଖରେ ପ୍ରଚାରିତ ହେଲା । ଅନ୍ନଛତ୍ର ଆରମ୍ଭ କରି ପ୍ରତିଦିନ ରିମାର ରାଜା ଶ୍ରୀମହାପ୍ରସାଦ ପାଇବା ଫଳରେ ସେ ଧୀରେ ଧୀରେ କୁଷ୍ଠବ୍ୟାଧି ମୁକ୍ତ ହୋଇଗଲେ । ଉକ୍ତ ରିମାଛତ୍ର ଓ ଏମାର ମଠ ଛତ୍ରରେ ବହୁ ଦୁଃଖୀ ରଙ୍କି ଲୋକମାନେ ଶ୍ରୀମହାପ୍ରସାଦ ପାଉଥିଲେ ଯାହାକି ବହୁବର୍ଷ ହେଲା ବନ୍ଦ ହୋଇଗଲାଣି । ରିମାଛତ୍ର ଯାଗାଟି ଏମାର ମଠ ନାମରେ ଥିବାରୁ ୧୯୮୦ ମସିହାରେ ଉକ୍ତ ସ୍ଥାନଟି ଏମାର ମଠ, ଶ୍ରୀମନ୍ଦିର ପରିଚାଳନା କମିଟିକୁ ବିକ୍ରୀ କବଲା କରି ଦେଇଛନ୍ତି । ସେହି ସ୍ଥାନରେ ବର୍ତ୍ତମାନ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତନିବାସ ଓ ଯାତ୍ରୀ ନିବାସ ନାମକ ଦୁଇଟି ଯାତ୍ରୀମାନଙ୍କର ରହଣି ସ୍ଥାନ ନିର୍ମାଣ କରାଯାଇ ଯାତ୍ରୀମାନଙ୍କ ସେବାରେ ଲାଗିଛି ।

## ମୂକ ବ୍ୟକ୍ତିକୁ ମଧ୍ୟ କଥା କୁହାଇ ପାରିଲା ଶ୍ରୀମହାପ୍ରସାଦ:-

ମହାରାଜା ଯଯାତିକେଶରୀଙ୍କ ରାଜତ୍ୱ ସମୟର କଥା । ରାଜା ସୋନପୁରର କୋଟ ସମଲାଇରେ ପାତାଳି ହୋଇଥିବା ମହାପ୍ରଭୁଙ୍କର ଶ୍ରୀବିଗ୍ରହମାନଙ୍କୁ ପୂଜ୍ୟ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶକ୍ରମେ ପୁନଃନିର୍ମାଣ କରାଇ ଶ୍ରୀକ୍ଷେତ୍ରକୁ ଅଣାଇଥିଲେ । ଏଠାରେ ସେତେବେଳକୁ ପ୍ରାଚୀନ ମନ୍ଦିର ଭାଙ୍ଗି ଯାଇଥିବା କାରଣରୁ ମାଦଳା ପାଞ୍ଜି ଅନୁସାରେ ୩୨ ପଟୋଳର ଏକ ଶ୍ରୀମନ୍ଦିର ତିଆରି କରି ଯଯାତି ଶ୍ରୀବିଗ୍ରହମାନଙ୍କୁ ସ୍ଥାପନା କଲେ । ଜଗଦ୍‌ଗୁରୁଙ୍କ ପରାମର୍ଶକ୍ରମେ ଶ୍ରୀମନ୍ଦିରରେ ଠାକୁରମାନଙ୍କର ଅସ୍ଥାୟୀ ସ୍ଥାନାନ୍ତରଣ ଲୀଳା ସମୟରେ ଶ୍ରୀମହାପ୍ରସାଦ ଭୋଗ ବନ୍ଦ ହୋଇଥିବାରୁ ଯଯାତି ପୁନଃ ଭୋଗ ପ୍ରଚଳନ କରିଥିବା କଥା ମାଦଳା ପାଞ୍ଜିରୁ ଜଣାପଡ଼େ ।

ଠାକୁରମାନଙ୍କୁ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତ ହୋଇ ଭୋଗ ଲାଗିଲା । ଯଯାତି ବହୁ ସାଧୁ, ସନ୍ଥ, ବ୍ରାହ୍ମଣମାନଙ୍କୁ ଶ୍ରୀମହାପ୍ରସାଦ ପାଇବାପାଇଁ ନିମନ୍ତ୍ରଣ କରିଥିଲେ । ସମସ୍ତେ ନିମନ୍ତ୍ରଣ ରକ୍ଷାକରି ଆସିଲେ ସିନା କିନ୍ତୁ କେହି ହେଲେ ଶ୍ରୀମହାପ୍ରସାଦ ପାଇଲେ ନାହିଁ । ଯଯାତି ମନ ଦୁଃଖରେ ନିଜେ ମଧ୍ୟ ଉପବାସ କରି ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କରି ରାତିରେ ଶୋଇପଡ଼ିଲେ । ରାତିରେ ଠାକୁରଙ୍କ ସ୍ୱପ୍ନାଦେଶ ହେଲା କାଲି ପୁଣି ବ୍ୟଞ୍ଜନ ଭୋଗ କରାଅ । ସ୍ୱପ୍ନାଦେଶ ଅନୁସାରେ ପୁନର୍ବାର ଭୋଗ କରାଗଲା । ତଥାପି ଯଯାତିକେଶରୀଙ୍କ ଅନୁରୋଧ ରକ୍ଷା କରି ସାଧୁ, ସନ୍ଥ, ବ୍ରାହ୍ମଣଗଣ ଶ୍ରୀମହାପ୍ରସାଦ ଗ୍ରହଣ କଲେ ନାହିଁ । ସେମାନେ ପବିତ୍ରତା ଓ ଶୁଦ୍ଧତା ସମ୍ବନ୍ଧରେ ପ୍ରଶ୍ନ ଉଠାଇଲେ ।

ଏତିକିବେଳେ ଜଣେ ମୂକ ବ୍ରାହ୍ମଣ ଠାକୁରଙ୍କୁ ଦର୍ଶନ କରିବାପାଇଁ ସେଠାରେ ପହଞ୍ଚିଲେ । ସମସ୍ତ ଅତିଥି ଗୋଟିଏ ସର୍ତ୍ତରେ ଶ୍ରୀମହାପ୍ରସାଦ ପାଇବେ ବୋଲି

CC-0. In Public Domain. Digtized by Muthulakshmi Research Academy

ମହାରାଜାଙ୍କୁ କହିଲେ । ସର୍ତ୍ତଟି ହେଲା ଏହି ମୂକ ବ୍ରାହ୍ମଣ ଯଦି ଶ୍ରୀମହାପ୍ରସାଦ ପାଇ କଥା କହିପାରିବେ ତାହା ହେଲେ ଏହି ଶ୍ରୀମହାପ୍ରସାଦ ଶୁଦ୍ଧ ଓ ପବିତ୍ର ଓ ମହାପ୍ରଭୁ ତାହା ଗ୍ରହଣ କରିଛନ୍ତି ବୋଲି ପ୍ରମାଣିତ ହେବ ଓ ସେମାନେ ମଧ୍ୟ ଶ୍ରୀମହାପ୍ରସାଦ ଗ୍ରହଣ କରିବେ । ରାଜା ମୂକ ବ୍ରାହ୍ମଣଙ୍କୁ ପେଟପୁରା ଶ୍ରୀମହାପ୍ରସାଦ ଖୁଆଇଲେ । ଶ୍ରୀମହାପ୍ରସାଦ ପାଇସାରିବା ପରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ମୂକ ବ୍ରାହ୍ମଣ ଏକ ଶ୍ଳୋକ ଗାଇବା ଆରମ୍ଭ କଲେ ଯାହାର ଅର୍ଥ ହେଉଛି ହେ ଜ୍ଞାନୀବୃନ୍ଦ ! ବେଦାର୍ଥ ନଜାଣି ଆପଣମାନେ ଅଯଥାରେ ଆତ୍ମାଭିମାନ ପ୍ରକାଶ କରୁଛନ୍ତି । ଗଳିତ ଶବରୁ ପଚାମାଂସ ଖସିପଡି ଗଙ୍ଗା ଜଳରେ ମିଶିଲେ ମଧ୍ୟ ଯେପରି ଗଙ୍ଗାଜଳ ସର୍ବଦା ଚିର ପବିତ୍ର, ସେହିପରି ମୁଁ ସେବା କରିଥିବା ଶ୍ରୀମହାପ୍ରସାଦ ମଧ୍ୟ ସଦା ପବିତ୍ର । ଏଥିରେ ତିଳେମାତ୍ର ସନ୍ଦେହ କରିବା ଅନୁଚିତ । ଏହାଶୁଣି ସେଠାରେ ଉପସ୍ଥିତ ଥିବା ସମସ୍ତ ଜ୍ଞାନୀ, ଗୁଣୀ, ସାଧୁ, ସନ୍ଥ, ବିଦ୍ୱାନ୍, ବ୍ରାହ୍ମଣଗଣ ଚାଣ୍ଡାଳମାନଙ୍କ ସହିତ ଏକାଠି ଶ୍ରୀମହାପ୍ରସାଦ ସେବନ କଲେ । ସେହି ପରମ୍ପରା ଆଜି ମଧ୍ୟ ପ୍ରଚଳିତ ଅଛି ।

ଏହିପରି ମହିମାମୟ ଶ୍ରୀମହାପ୍ରସାଦର ଚମତ୍କାରିତା, ଅଲୌକିକତା ଓ ପ୍ରସିଦ୍ଧି ସମ୍ବନ୍ଧରେ ଅସଂଖ୍ୟ ଅନୁଭୂତିର ଉଦାହରଣ ରହିଅଛି । ମହାପ୍ରଭୁଙ୍କ ଭଳି ରହସ୍ୟମୟ ଶ୍ରୀମହାପ୍ରସାଦ ବିଷୟରେ ମହନୀୟ ଅନୁଭୂତିର କଅଣ ବର୍ଣ୍ଣନା କରାଯାଇପାରିବ ? ମହାପ୍ରଭୁଙ୍କ ସେବକ ତଥା ଯାତ୍ରୀପଣ୍ଡାମାନେ ଭକ୍ତ, ଦର୍ଶନାର୍ଥୀମାନଙ୍କୁ ଶ୍ରୀମହାପ୍ରସାଦ ଦେଇ ତାଙ୍କର ମନବାଞ୍ଛାପୂରଣ କରିବାପାଇଁ ମହାପ୍ରଭୁଙ୍କୁ ପ୍ରାର୍ଥନା କରି ଥାଆନ୍ତି । ସେହି ଅନୁସାରେ ଭକ୍ତଙ୍କର ମଧ୍ୟ ବାଞ୍ଛା ପୂରଣ ହୋଇଥାଏ । ତାହାର ହିସାବ ରଖିବା ଅତି କଷ୍ଟକର । ତାହା ମଧ୍ୟ ସେହି ଶ୍ରୀମହାପ୍ରସାଦର ମହିମା ଛଡ଼ା ଆଉ କିଛି ନୁହେଁ । ତେଣୁ ଭକ୍ତମାନେ ନିଜର ଅଭିଳାଷ ପୂରଣ ହୋଇଥିବାରେ ବା ହେବା କାମନାରେ ମହାପ୍ରଭୁଙ୍କୁ ଅନ୍ନଦାନ କରାଇଥାଆନ୍ତି । ବାସ୍ତବରେ ମହାମହିମାମୟ ଶ୍ରୀମହାପ୍ରସାଦ ମହାପ୍ରଭୁଙ୍କ ଭଳି ରହସ୍ୟମୟ ଏଥିରେ କୌଣସି ସନ୍ଦେହ ନାହିଁ । ହେ ମହାପ୍ରଭୋ ! ଆମ୍ଭମାନଙ୍କ ହୃଦୟ ଦର୍ପଣରେ ଆପଣଙ୍କ ସେହି ଦିବ୍ୟ ରୂପକୁ ଦର୍ଶନ କରିବା ସଙ୍ଗେ ସଙ୍ଗେ ଆପଣଙ୍କ ସମତୁଲ୍ୟ ଶ୍ରୀମହାପ୍ରସାଦକୁ ପାଇବାର ସୌଭାଗ୍ୟ ଆମ୍ଭମାନଙ୍କୁ ସର୍ବଦା ମିଳୁଥାଉ ଏହାହିଁ ଆପଣଙ୍କ ପାଦତଳେ ପ୍ରାର୍ଥନା ।

CC-0. In Public Domain. Digtized by Muthulakshmi Research Academy

# ଉପସଂହାର

ଏହି ପୁସ୍ତକଟିର ଲେଖା ଆରମ୍ଭରେ କୈବଲ୍ୟାଧିପତି ଲୀଳାମୟ ଶ୍ରୀଜଗନ୍ନାଥଙ୍କର ୨୦୦୯ ମସିହା ଡିସେମ୍ବର ମାସ ୨୬ ତାରିଖ ଠାରୁ ୨୮ ତାରିଖ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଘଟି ଯାଇଥିବା ଏକ ବିଶେଷ ଘଟଣା ହିଁ ତାଙ୍କର ଲୀଳା ବ୍ୟତୀତ ଆଉ କିଛି ନୁହେଁ ବୋଲି ଉଲ୍ଲେଖ ରହିଅଛି । ଆଲୋଚନା ପ୍ରସଙ୍ଗରେ ଏହା ଶ୍ରୀମହାପ୍ରସାଦ ବା କୈବଲ୍ୟ ଲୀଳା ବୋଲି ଉଲ୍ଲେଖ ଅଛି । ସ୍ୱାଭାବିକ ମନରେ ପ୍ରଶ୍ନ ଉଠେ ଏହା ପୁଣି କି ଲୀଳା ? ମହର୍ଷି ଶାଣ୍ଡିଲ୍ୟଙ୍କ ଅନୁସାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି 'ନିତ୍ୟ ଲୀଳାନୁରାଗୀ ।' ଶ୍ରୀଚୈତନ୍ୟ ଦେବଙ୍କ ଭାଷାରେ ଶ୍ରୀ ମହାପ୍ରଭୁ ଏଠାରେ ନିତ୍ୟ ଲୀଳା କରିଥାନ୍ତି । ତେଣୁ ଲୀଳାମୟଙ୍କ ସମସ୍ତ କାର୍ଯ୍ୟ ଯେତେବେଳେ ଲୀଳା, ସେତେବେଳେ ଶ୍ରୀମହାପ୍ରସାଦ ବା କୈବଲ୍ୟକୁ ନେଇ ପ୍ରତିଭୂ ଲୀଳା କରିବା ତାଙ୍କ ପକ୍ଷରେ ଅସମ୍ଭବ କଅଣ ? ସେ ବିଷୟରେ ଆଲୋଚନା କରିବା ଅତ୍ୟନ୍ତ କଷ୍ଟକର କାରଣ, ତାହା ଅତ୍ୟନ୍ତ ରହସ୍ୟମୟ । ନିଜେ ମହାପ୍ରଭୁ ଓ ତାଙ୍କ କ୍ଷେତ୍ର, ତାଙ୍କର ଲୀଳା, ତାଙ୍କର ମହିମା ଓ ତାଙ୍କର ଶ୍ରୀମହାପ୍ରସାଦ ଏ ସମସ୍ତ ରହସ୍ୟମୟ । ସେଇଠି ମନକୁ ଗୋଟିଏ ପ୍ରଶ୍ନ ଆସେ ମହାପ୍ରଭୁ ରହସ୍ୟମୟ ହୋଇପାରନ୍ତି, ତାଙ୍କର ନୈବେଦ୍ୟ ବା ଶ୍ରୀମହାପ୍ରସାଦ କିପରି ରହସ୍ୟମୟ ? ଆସନ୍ତୁ ତାହାହେଲେ ଏ ବିଷୟରେ ଟିକିଏ ସାମାନ୍ୟ ଚିନ୍ତା କରିବା । ଅବଶ୍ୟ ତାଙ୍କର ଅନୁକମ୍ପା, ଦୟା (ଶ୍ରୀମହାପ୍ରସାଦ) ନହେଲେ ସେ ବିଷୟରେ ଚିନ୍ତା କରିବା ମଧ୍ୟ ସମ୍ଭବପର ନୁହେଁ ।

ସାଧାରଣ ଭକ୍ତଟିଏ ତା'ର ପରିବାର ସହିତ ଶ୍ରୀମନ୍ଦିର ଆନନ୍ଦ ବଜାରରେ କିଛି ଅର୍ଥ ବିନିମୟରେ ଶ୍ରୀମହାପ୍ରସାଦ କିଣି ଆଣି ସେହି ସ୍ଥାନରେ ବସିପଡ଼ି ସମସ୍ତେ ମିଶି ତାହା ପାଇଲେ । ବସିବା ସମୟରେ ତଳେ କଅଣ ପଡ଼ିଛି ତାହା ନଦେଖି ବିଚାର ନକରି ସମସ୍ତେ ବସିପଡ଼ିଲେ । ଶ୍ରୀମହାପ୍ରସାଦ ପାଇବା ପାଇଁ ତଳେ ପଡ଼ିଥିବା ଡାଲି ଅବଢ଼ାବୋଳା ଭଙ୍ଗା ଖାଣ୍ଡିଟିଏ ଓ ଓଳି କୋତୋଟି ଗୋଟାଇ ଆଣି ସେଇଥିରେ ଆନନ୍ଦରେ ସାରା ପରିବାର ଲୋକେ ଶ୍ରୀମହାପ୍ରସାଦ ପାଇଲାବେଳେ ମନରେ କି ଆନନ୍ଦ କି ପରମ ତୃପ୍ତି ! ସେତେବେଳେ ମନରେ ବିକାର ନାହିଁ । କେଉଁ ଲୋକ ଖାଇକରି ଅଇଁଠା ଖଣ୍ଡିଆ ଖାଣ୍ଡି ଓ ଓଳି ଛାଡ଼ିଯାଇଛି । ସେଥିରେ ଖାଇବା ସ୍ୱାସ୍ଥ୍ୟପକ୍ଷେ ହାନିକାରକ ବୋଲି ମନକୁ ଆସିଲା ନାହିଁ । ଏହା ହେଲା କାହିଁକି ? କାହିଁକି ଏଭଳି ନିର୍ବିକାର ଭାବ ? କଅଣ ଶ୍ରୀମନ୍ଦିର ଛଡ଼ା ଅନ୍ୟ କୌଣସି ସ୍ଥାନରେ ସେଭଳି ଅଇଁଠା ଭଙ୍ଗା ହାଣ୍ଡି ଓ ଓଳିରେ ବିକାରଶୂନ୍ୟ ମନରେ ଖାଇ ଅତ୍ୟନ୍ତ ଆନନ୍ଦ, ତୃପ୍ତି ପାଇବା କାହା ପକ୍ଷରେ ସମ୍ଭବପର କି ? ବିଳାସପୂର୍ଣ୍ଣ ହୋଟେଲମାନଙ୍କରେ ପ୍ରଚୁର ପଇସା ଖର୍ଚ୍ଚକରି ରୁଚିପୂର୍ଣ୍ଣ ଖାଦ୍ୟ ଖାଇ କଅଣ ଶ୍ରୀମହାପ୍ରସାଦ ଠାରୁ ଅଧିକ ତୃପ୍ତି ଲାଭ କରିହୁଏ ? ତାହାହେଲେ କଅଣ ଏହାର ରହସ୍ୟ ? ରହସ୍ୟଟି ହେଲା ସେହି ଶ୍ରୀମହାପ୍ରସାଦକୁ ନିଜେ ମା' ମହାଲକ୍ଷ୍ମୀ

CC-0. In Public Domain. Digtized by Muthulakshmi Research Academy

ରନ୍ଧନ କରିଥିବାରୁ ଓ ତାହା କୈବଲ୍ୟାଧିପତି ଭୋଜନ କରିଥିବା କାରଣରୁ ଏହା ଅମୃତ ଭଳି ଅତ୍ୟନ୍ତ ରୁଚିକର ହେବା ସଙ୍ଗେ ସଙ୍ଗେ ଦିବ୍ୟ ପ୍ରେମାନନ୍ଦରେ ପରିପୂର୍ଣ୍ଣ ହୋଇଅଛି । ଶ୍ରୀମଦ୍ ଭଗବଦ୍ ଗୀତା ୧୭/୧୦ ଶ୍ଳୋକ ଅନୁସାରେ ଉଚ୍ଛିଷ୍ଟାନ୍ନ ଭକ୍ଷଣ ନିଷିଦ୍ଧ ବୋଲି ନିଜେ ଭଗବାନ କହିଥିଲେ ମଧ୍ୟ, ସେହି ମହାପ୍ରଭୁ ଶ୍ରୀକ୍ଷେତ୍ରରେ ତାଙ୍କର ଉଚ୍ଛିଷ୍ଟାନ୍ନ ଶ୍ରୀମହାପ୍ରସାଦକୁ ଭକ୍ଷଣ କଲେ ଜୀବକୁ ମୋକ୍ଷ ମିଳିବା ସଙ୍ଗେ ସଙ୍ଗେ ତାହାର ପାପ ନାଶ ହୋଇ ତାକୁ ଚତୁବର୍ଗ ଫଳ ମିଳିବା କଥା କହିଥିବା ଏହା ପରସ୍ପର ବିରୋଧୀ ହୋଇଥିଲେ ମଧ୍ୟ ରହସ୍ୟପୂର୍ଣ୍ଣ ନୁହେଁ କି ?

ଆମ ଶାସ୍ତ୍ର ମାନଙ୍କର ବର୍ଣ୍ଣନାନୁସାରେ ଯଜ୍ଞର ଫଳ ଅମୃତ । ଲୋକହିତ ପାଇଁ କରାଯାଉଥିବା ନିଷ୍କାମ ଯଜ୍ଞ ଫଳରେ ଆହୁରି ଅଧିକ ଅମୃତତ୍ତ୍ୱ ଥାଏ । ସମସ୍ତ ଜୀବ ଜଗତର ମୁକ୍ତି ପାଇଁ ସ୍ୱୟଂ ଆବିର୍ଭୂତ ହୋଇଥିବା ମହାପ୍ରଭୁଙ୍କ ନୈବେଦ୍ୟ ଉଦ୍ଦେଶ୍ୟରେ ଯେଉଁ ରନ୍ଧନ କ୍ରିୟା ପ୍ରତିଦିନ ମା' ମହାଲକ୍ଷ୍ମୀଙ୍କ ଦ୍ୱାରା ଶ୍ରୀମନ୍ଦିରରେ ହେଉଅଛି, ତାହା ନିଛକ ଜନହିତ ଲାଗି ନିଷ୍କାମ ଯଜ୍ଞ କର୍ମ ବ୍ୟତୀତ ଆଉ କିଛି ନୁହେଁ । ଆମର ପୂର୍ବ ପୁରୁଷମାନେ ଆଧ୍ୟାତ୍ମିକ ଚିନ୍ତନରେ କେବଳ ଧନୀ ନଥିଲେ, ସେମାନେ ଅତ୍ୟନ୍ତ ଦାର୍ଶନିକ ଦୂରଦୃଷ୍ଟିସମ୍ପନ୍ନ ଥାଇ ଏଭଳି ଯଜ୍ଞର ଫଳ ସେ ଅମୃତ ସଦୃଶ । ତେଣୁ ଶ୍ରୀ ମହାପ୍ରସାଦର ବ୍ୟବସ୍ଥା କରିଦେଇ ଯାଇଛନ୍ତି, ଯେଉଁଥିରେ ସାଧାରଣ ମଣିଷଟିଏ ଯଜ୍ଞର ପ୍ରକ୍ରିୟା ବୁଝିବାର ଆବଶ୍ୟକତା ନାହିଁ କିନ୍ତୁ, ସେ ତା'ର ଫଳ ଅମୃତରୂପୀ ଶ୍ରୀମହାପ୍ରସାଦ ପାଇଥାଏ । ତାକୁ ସେହି ଅମୃତ ପାଇବା ପାଇଁ କୌଣସି ପରିଶ୍ରମ କରିବାକୁ ପଡ଼େନାହିଁ । କାରଣ ତାହାପାଇଁ କେହି ନା କେହି ନିଷ୍କାମ ଯଜ୍ଞ କରିଚାଲିଛି । ଯେଉଁଥିରୁକି ଅମୃତ ସୃଷ୍ଟି ହୋଇଚାଲିଛି । ଏହିଥିରୁ ଜଣାପଡ଼େ ଯେ, ଶ୍ରୀମହାପ୍ରସାଦର ସୃଷ୍ଟି ହିଁ ଅତ୍ୟନ୍ତ ରହସ୍ୟପୂର୍ଣ୍ଣ । କେବଳ ଏହି ଶ୍ରୀମହାପ୍ରସାଦ ସୃଷ୍ଟିର ରହସ୍ୟ ସାଧାରଣ ମଣିଷଟିଏ ବୁଝି ନଥାଏ ସିନା, ସେ ଏହା କିନ୍ତୁ ବୁଝିଥାଏ ଯେ, ଏହି ଶ୍ରୀମହାପ୍ରସାଦ ବା ନିର୍ମାଲ୍ୟ ପାଇବା ପାଇଁ ସମସ୍ତେ ଭକ୍ତିରେ ବାଇଆ ହୋଇଥାଆନ୍ତି । ସେଇଥିପାଇଁ ଭଜନ ସମ୍ରାଟ ଭିକାରୀ ବଳଙ୍କ କଣ୍ଠରୁ ଭାସିଆସେ ସେହି ନିଷ୍କାମ ଯଜ୍ଞର ଫଳ ନିର୍ମାଲ୍ୟ ବିଷୟରେ ଭଜନଟିଏ-

କାଳିଆରେ କାଳିଆ, କାଳିଆରେ କାଳିଆ
ଏ ଜନମ ପରେ ଆର ଜନମକୁ,
କରିବୁ ମୋତେ ତୋ ଜମି ହଳିଆ ॥
ତୋ ଜମିରେ ଖଟାଇ ବଳ, ଯୋଗାଇବି ସରୁ ଚାଉଳ
ସେଇ ଚାଉଳରେ ହୋଇବ ନିର୍ମାଲ୍ୟ,
ତାକୁ ପାଇ ଭକ୍ତ ହେବେ ବାଇଆ ॥୧॥
ସଙ୍ଗେ ଘେନି ଭଉଣୀ ଭାଇ, ସୁଖେ ଅନ୍ନ ଭୁଞ୍ଜିକୁ ତୁହି

CC-0. In Public Domain. Digtized by Muthulakshmi Research Academy

ଦୁଃଖ ବୁଝୁଥିବୁ ଦୁଃଖି ଜନଙ୍କର,
କରିଥିବୁ ମୋତେ ଗଳା ମାଳିଆ ।।୨।।
ତୋର ଏହି ସେବାରେ ମୁହିଁ, ଦିନ ମୋର ଦେବି ବିତାଇ
ଏତିକି ଗୁହାରି ପାଦ ତଳେ ତୋର,
ଭୁଲି ନଯିବୁରେ ଜଗନ୍ନାଥିଆ ।।୩।।

ସାଧରଣତଃ ମଣିଷଟିର ମନରେ ଯେତେବେଳେ ଆଧ୍ୟାତ୍ମିକ ଭକ୍ତି ଭାବ ସୃଷ୍ଟି ହୁଏ, ସେ ପ୍ରଭୁଙ୍କୁ ତା'ର ମୁକ୍ତି କିମ୍ବା ମୋକ୍ଷ ପାଇଁ ପ୍ରାର୍ଥନା କରିଥାଏ । କିନ୍ତୁ ଏହି ଭଜନରେ ନିଷ୍କାମ ଯଜ୍ଞ କର୍ମରେ ବ୍ରତୀ ମହାପ୍ରଭୁଙ୍କ ସେବକଟିଏ କୃଷକଭାବେ ସେବାକରି ଅମୃତ ମଣୋହି ଜମିରେ ସେ ନିଜେ ଚାଷକରି ମହାପ୍ରଭୁଙ୍କ ନୈବେଦ୍ୟ ଯୋଗ୍ୟ ଅମୃତ ମଣୋହି ପାଇଁ ସରୁଚାଉଳ ଯୋଗାଇ ଦେବା ଉଦ୍ଦେଶ୍ୟରେ ପ୍ରାର୍ଥନା କରୁଅଛି । ଯେଉଁଥିରୁ କି ଶ୍ରୀମହାପ୍ରସାଦ ବା (ନିର୍ମାଲ୍ୟ) ହେବ ଯାହା ପାଇ ଭକ୍ତ ପ୍ରେମାନନ୍ଦରେ ବୁଡ଼ିଯିବ । ନିଜ ବିଷୟରେ ଚିନ୍ତା ନକରି ଭକ୍ତର ସନାତନୀୟ ବହୁଜନହିତାୟ ଓ ବହୁଜନସୁଖାୟ ଚିନ୍ତାହିଁ ନିଷ୍କାମ ଯଜ୍ଞକର୍ମର ଏକ ସ୍ୱରୂପ ମାତ୍ର ନୁହେଁ କି ? ଏହାର ଫଳ ଅମୃତ ବ୍ୟତୀତ ଆଉ କଅଣ ହୋଇପାରେ ? ଏହା ପାଇବା ସଙ୍ଗେ ସଙ୍ଗେ ତୃପ୍ତି ମିଳିବ ନାହିଁ କି ? ଏକଥା ବିଚାର କଲେ ବିଷୟଟି ରହସ୍ୟମୟ ମନେ ହେଉନାହିଁ କି ?

ବ୍ରହ୍ମବୈବର୍ତ୍ତ ପୁରାଣର ଉକ୍ତି ଅନୁସାରେ ମହାପ୍ରଭୁ ନିଜେ ତ୍ରିବାର ସତ୍ୟ କରି କହିଛନ୍ତି ଯେ; ଯେଉଁ ବ୍ୟକ୍ତି ମୋ'ର ଅନ୍ନକୁ ଭକ୍ତିର ସହିତ ଭୋଜନ କରିବ ସେ ମୋ'ର ସାନ୍ନିଧ ଲାଭ କରିବ । ସେହିପରି କପିଳ ସଂହିତା (୫/୩୩ ଶ୍ଳୋକ) ଅନୁସାରେ ଯେଉଁ ବ୍ୟକ୍ତି ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବ ତାହାର ମୁକ୍ତି ହୋଇଥାଏ ସେହିପରି ଶ୍ରୀଜଗନ୍ନାଥଙ୍କ ଅନ୍ନ ଭକ୍ଷଣ କଲେ ତାହାର ମଧ୍ୟ ସାକ୍ଷାତ ମୁକ୍ତି ହୋଇଥାଏ । ଏଥିରୁ ହିଁ ଜଣାପଡ଼େ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଓ ତାଙ୍କର ଶ୍ରୀମହାପ୍ରସାଦ ଭକ୍ଷଣର ଫଳ ସମାନ । ସାଧାରଣ ଭାବେ ବିଚାର କଲେ ଠାକୁରଙ୍କ ଦର୍ଶନରେ ନିଶ୍ଚୟ ମୁକ୍ତି ହୁଏ ବୋଲି ଆମର ବିଶ୍ୱାସ, କିନ୍ତୁ କୌଣସି ଠାକୁରଙ୍କର ପ୍ରସାଦ ଭୋଜନ କଲେ ଭକ୍ତର ଦର୍ଶନର ପୁଣ୍ୟ ଭଳି ଫଳ ପ୍ରାପ୍ତି ହୋଇ ମୁକ୍ତିଲାଭ ହେଉଥିବା କଥା ଶ୍ରୀମନ୍ଦିର ବ୍ୟତୀତ ଅନ୍ୟ କେଉଁ ମନ୍ଦିରରେ କ'ଣ ଉଦାହାରଣ ଅଛି ? ଶ୍ରୀମହାପ୍ରସାଦ ଅନ୍ନ ଦିନ ଦିନ ଧରି ରହି ଅବଢ଼ା ତୋରାଣୀରେ ପରିଣତ ହୋଇ ମଧ୍ୟ ତାହା ନଷ୍ଟ ହେବା ପରିବର୍ତ୍ତେ ବହୁ ରୋଗ ନିବାରକ ଟଙ୍କ-ତୋରାଣୀରେ ସିନା ପରିବର୍ତ୍ତିତ ହୋଇଥାଏ କିନ୍ତୁ ଅଗ୍ରାହ୍ୟ ହୋଇନଥାଏ । ଏହା କଅଣ କମ୍ ରହସ୍ୟପୂର୍ଣ୍ଣ ! ସେହି ଟଙ୍କ-ତୋରାଣୀ ପାଇଁ ତ ବଡ଼ଓଡ଼ିଆ ମଠ ଓ କବୀରଚୌରା ମଠ ପ୍ରସିଦ୍ଧ ।

ଶ୍ରୀମନ୍ଦିରରେ ପ୍ରବାଦ ଅଛି ଶ୍ରୀକ୍ଷେତ୍ରରେ କେହି ଅଖିଆ ରହେନାହିଁ, ରହିବ ବା କେମିତି ? ପାକଶାଳା ହେଉଛି ପୃଥିବୀର ବୃହତ୍ତମ ପାକଶାଳା । ଯେଉଁଠି ଜଗତଜନନୀ

CC-0. In Public Domain. Digtized by Muthulakshmi Research Academy

ମା' ମହାଲକ୍ଷ୍ମୀ ନିଜେ ରାନ୍ଧନ୍ତି, ତାହା କଅଣ ଛୋଟିଆ ପାକଶାଳା ହୋଇପାରିବ ? ଯେଉଁ ପାକଶାଳାରେ ଏକାଥରକେ ହଜାର ହଜାର ଲୋକ ଭୋଜନ କରିବା ଭଳି ବ୍ୟଞ୍ଜନ ରନ୍ଧନ ହୁଏ । ଲକ୍ଷ ଲକ୍ଷ ଭକ୍ତ ଶ୍ରୀମନ୍ଦିରକୁ ଆସି କେବେ ଅଭୁକ୍ତ (ଅଖିଆ) ହୋଇ ଫେରି ନାହାନ୍ତି । ଜଗତର ଠାକୁରାଣୀ ତାଙ୍କ ସନ୍ତାନ ମାନଙ୍କୁ ବାତ୍ସଲ୍ୟ ମମତାରେ ବାନ୍ଧି ପକାଇ ତାଙ୍କୁ ନଖୁଆଇ କେବେ ଛାଡ଼ନ୍ତି ନାହିଁ । କାରଣ ସେ ପରା ଜଗତର ମାତା ! କୌଣସି ମା' କଅଣ ତା'ର ସନ୍ତାନକୁ ଅଖିଆ ରଖିଥାଏ ? ମା'ଙ୍କର ଏଭଳି ରନ୍ଧନ ବ୍ୟବସ୍ଥା କଅଣ ବାସ୍ତବରେ ରହସ୍ୟମୟ ନୁହେଁ ? ଯେଉଁ ପାକଶାଳାରେ ହଜାର ହଜାର ଭକ୍ତ ଭୋଜନ କରିବାର ବ୍ୟବସ୍ଥା ଅଛି ସେଠାରେ ଏକାଥରକେ ୨୪୦ ଚୁଲି, ହଜାର ହଜାର ସୂପକାର ଏବଂ ତାଙ୍କର ସହଯୋଗୀ, ବହୁପ୍ରକାର ବ୍ୟଞ୍ଜନ, ଶହ ଶହ ସରଘର, ପନ୍ତିଘର ଥାଇ ଶ୍ରୀମନ୍ଦିରରେ ଏକ ମହାଯଜ୍ଞର ବ୍ୟବସ୍ଥା କରାଯାଉଥିବା ଏହା ପ୍ରକୃତରେ ରହସ୍ୟପୂର୍ଣ୍ଣ । ଯାହା ଭୋଜନ କଲେ ରୋଗ ହେବା ତ ଦୂରର କଥା ରୋଗୀ ଆରୋଗ୍ୟଲାଭ କରେ । ଏହା ରହସ୍ୟମୟ ନୁହେଁ କି ? ସେହିପରି ପାକଶାଳାରେ ବ୍ୟବହୃତ ହେଉଥିବା ଲାଲରଙ୍ଗର ମାଟି ହାଣ୍ଡି କୁଡ଼ିଆ ଗୁଡ଼ିକର ନିମ୍ନଭାଗରେ ନିର୍ମାଣ କାଳରେ ଚକ୍ରଚିହ୍ନ ରଖାଯାଇ ଚୁଲିରେ ବ୍ୟବହାର କରାଯିବା ଓ ଥରେ ବ୍ୟବହାର କରାଯାଇଥିବା ହାଣ୍ଡି, କୁଡୁଆ ଆଦି ପୁନର୍ବାର ବ୍ୟବହାରଯୋଗ୍ୟ ନହୋଇ ସେଗୁଡ଼ିକ ଭାଙ୍ଗି ଥାଳି, ଗିନା, ତାଟିଆ ଭଳି ବ୍ୟବହାର ହେବା ରହସ୍ୟପୂର୍ଣ୍ଣ ନୁହେଁ କି ? ପାକଶାଳାରେ କେବଳ ଡଙ୍କା ଓ ଦଉଡ଼ି ସାହାଯ୍ୟରେ ପ୍ରତିଦିନ ହଜାର ହଜାର ଲୋକଙ୍କ ପାଇଁ ବ୍ୟଞ୍ଜନ ରନ୍ଧାଯିବା ଏହା କଅଣ କମ୍ ରହସ୍ୟପୂର୍ଣ୍ଣ ବୈଶିଷ୍ଟ୍ୟ !

ସାମାନ୍ୟ ଜଡ଼ ପଦାର୍ଥ ମୁଠିଏ ଅରୁଆ ଚାଉଳ ଶ୍ରୀମନ୍ଦିରରେ ପାକଶାଳାରେ ରନ୍ଧନ ହେବା ପୂର୍ବରୁ ମେରୁତନ୍ତ୍ର ଦ୍ୱାରା ସ୍ୱୀକୃତ ପଦ୍ଧତି ଅନୁସାରେ ଯଜ୍ଞ ହୋଇ ସେଥିରୁ ବୈଷ୍ଣବାଗ୍ନି ଉଦ୍ଭବ ହୋଇଥାଏ । ବାମଦେବ ସଂହିତା (୯/୧୬) ଅନୁସାରେ ପାକଶାଳାରେ ଉତ୍ପନ୍ନ ହେଉଥିବା ସମସ୍ତ ଦୋଷ ସେହି ବୈଷ୍ଣବାଗ୍ନିରେ ଆହୁତି ଦେବା ମାତ୍ରକେ ନାଶ ହୋଇଥାଏ । ଏହା ତ ଅତ୍ୟନ୍ତ ରହସ୍ୟମୟ ! କାହାରି କାହାରି ମନରେ ରନ୍ଧନ ପ୍ରକ୍ରିୟାରେ ଦୋଷ ଥିବା କଥା ଉଠିଥିବା ସନ୍ଦେହକୁ ଏହି ଶାସ୍ତ୍ରୀୟ ମତ ହିଁ ଦୂର କରିଥାଏ । ଯଜ୍ଞରୁ ଉତ୍ପନ୍ନ ହୋଇଥିବା ବୈଷ୍ଣବାଗ୍ନି ଦ୍ୱାରା ହିଁ ଚୁଲିରେ ନିଆଁ ଧରାଯାଇଥାଏ । ଚୁଲିଗୁଡ଼ିକ ସମ୍ପୂର୍ଣ୍ଣ ଶାସ୍ତ୍ରୀୟ ମତରେ ବାମଦେବ ସଂହିତା (୯/୯) ଆଧାରରେ ତିଆରି ହୋଇଥାଏ । ତାହାର ପ୍ରସ୍ତୁତି ପଦ୍ଧତି ମଧ୍ୟ ଶାରଦା ତିଳକ ଗ୍ରନ୍ଥ ଅନୁସାରେ ସ୍ୱୀକୃତ । ତେଣୁ ଚୁଲିଗୁଡ଼ିକ ସାଧାରଣ ଚୁଲି ନୁହେଁ । ଏହା ଶାସ୍ତ୍ରମତରେ ନିର୍ମିତ । କାରଣ ତାହା ନହେଲେ ଜଗତ୍‌ମାତା ମହାଲକ୍ଷ୍ମୀଙ୍କ ରନ୍ଧନଯୋଗ୍ୟ ଚୁଲି ହେବ ନାହିଁ । ତେଣୁ ଚୁଲି ଗୁଡ଼ିକର ନିର୍ମାଣ ପଦ୍ଧତି ମଧ୍ୟ ଶାସ୍ତ୍ର ସମ୍ମତ ଓ ରହସ୍ୟପୂର୍ଣ୍ଣ । ସେହି ଚୁଲିମାନଙ୍କରେ ମାତା ମହାଲକ୍ଷ୍ମୀ ରନ୍ଧନ କରନ୍ତି ଯାହାକି ମହାପ୍ରଭୁ ନିଜେ ଭୋଜନ କରୁଥିବା କଥା ସ୍କନ୍ଦ ପୁରାଣ (୩୮/୨-୩-୨୦-୨୩-୨୪), ପଦ୍ମପୁରାଣ ଆଦି ଗ୍ରନ୍ଥମାନଙ୍କରେ ବର୍ଣ୍ଣନା

CC-0. In Public Domain. Digtized by Muthulakshmi Research Academy

ଅଛି । ଏହି ସ୍କନ୍ଦ ପୁରାଣ (୩୮/୪୯) ମତରେ ଅନ୍ୟ ମନ୍ଦିର ମାନଙ୍କରେ ପୂଜିତ ବିଗ୍ରହମାନେ ନୈବେଦ୍ୟ ଭୋଜନ ନକରି କେବଳ ଦେଖୁଥିବା ସ୍ଥଳେ ଶ୍ରୀମନ୍ଦିରରେ ନିଜେ ମହାପ୍ରଭୁ ଯେଉଁ ନୈବେଦ୍ୟ ଭୋଜନ କରନ୍ତି ତାହା ତ ଅମୃତ । ତାହା ରୁଚିକର ହେବା ସ୍ୱାଭାବିକ । ଏହାହିଁ ତ ଚରମ ରହସ୍ୟ ! ସାମାନ୍ୟ ଜଡ଼ ପଦାର୍ଥ ମୁଠିଏ ଚାଉଳ ରନ୍ଧା ହେବାଠାରୁ ଶ୍ରୀମହାପ୍ରସାଦ ହେବା ପର୍ଯ୍ୟନ୍ତ ଯେଉଁ ସଂସ୍କାର ହୁଏ ଅର୍ଥାତ୍ ଚାଉଳରେ ଶ୍ରୀଜଗନ୍ନାଥ ଚେତନା ଆରୋପିତ ହୁଏ ତାହାକୁ ଷଡ଼ଙ୍ଗ ସଂସ୍କାର କୁହାଯାଏ । ତାହା ଅନ୍ୟ କୌଣସି ମନ୍ଦିରରେ ହୁଏ ନାହିଁ । ଏହା ଶ୍ରୀମହାପ୍ରସାଦର ଅନ୍ୟତମ ଚରମ ରହସ୍ୟ । ରନ୍ଧନ ପୂର୍ବରୁ ଓ ନୈବେଦ୍ୟ ସମର୍ପିତ ହେବାପରେ ଶ୍ରୀମହାପ୍ରସାଦର ସୁଗନ୍ଧ ମାତା ମହାଲକ୍ଷ୍ମୀଙ୍କର ଉପସ୍ଥିତି ଓ ରନ୍ଧନର ପ୍ରମାଣ ଏହା ଅନ୍ୟ ଏକ ରହସ୍ୟପୂର୍ଣ୍ଣ ବିଷୟ ।

କୁଳାର୍ଣ୍ଣବ ତନ୍ତ୍ର ଅନୁସାରେ ଶ୍ରୀମନ୍ଦିରରେ ଶ୍ରୀମହାପ୍ରସାଦ ସେବନ ସମୟରେ ଭକ୍ଷାଭକ୍ଷ, ଜାତି ବିଚାର ନଥିବା ସବୁଠାରୁ ରହସ୍ୟପୂର୍ଣ୍ଣ ମନେହୁଏ । ଯଦି କେହି ବାଛବିଚାର କରେ ତାହାହେଲେ ସେ ନର୍କଗାମୀ ହୁଏ ବୋଲି ସୌଭାଗ୍ୟ ମଞ୍ଜୁଷା (ବଙ୍ଗଳା)ରେ ବର୍ଣ୍ଣନା ଅଛି । ମହର୍ଷି ଶାଣ୍ଡିଲ୍ୟଙ୍କ ମତରେ ଶ୍ରୀଗୋପାଳ ମନ୍ତ୍ରକୁ 'ମନ୍ତ୍ରରାଜ' ବୋଲି କୁହାଯାଇଅଛି । ସ୍କନ୍ଦ ପୁରାଣରେ ମଧ୍ୟ ମନ୍ତ୍ରରାଜ ଶ୍ରୀଗୋପାଳ ମନ୍ତ୍ର ବିଷୟରେ ଉଲ୍ଲେଖ ଅଛି । ଯେଉଁ ମନ୍ତ୍ରରେ କି ଶ୍ରୀଜଗନ୍ନାଥଙ୍କୁ ଭୈରବୀ ଚକ୍ରରେ ନୈବେଦ୍ୟ ସମର୍ପିତ ହୋଇଥାଏ । ଏହି 'ମନ୍ତ୍ରରାଜ'କୁ ସମସ୍ତ ସମ୍ପ୍ରଦାୟ ଶ୍ରେଷ୍ଠ ବୋଲି ସ୍ୱୀକାର କରିଛନ୍ତି । ଏହି ମନ୍ତ୍ର ପ୍ରୟୋଗ ଫଳରେ ଶ୍ରୀମହାପ୍ରସାଦ ସମସ୍ତ ଜାତି, ବର୍ଣ୍ଣ ଦ୍ୱାରା ଗ୍ରହଣୀୟ ହୋଇଅଛି । ଶ୍ରୀମନ୍ଦିରରେ ପଞ୍ଚଦେବ ପୂଜନ ଫଳରେ ସମସ୍ତ ସମ୍ପ୍ରଦାୟ ପରଂବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ନିକଟରେ ସମ୍ମିଳିତ ହୋଇଯାଇଛନ୍ତି । ଷଡ଼ଙ୍ଗ ସଂସ୍କାର ଫଳରେ 'ଅନ୍ନତ୍ୱ'ର ବିଲୋପ ଘଟି 'ବ୍ରହ୍ମତ୍ୱ' ଆରୋପିତ ହୋଇ ଶ୍ରୀମହାପ୍ରସାଦରେ ପରିଣତ ହୁଏ । ଏହା ଅତ୍ୟନ୍ତ ରହସ୍ୟପୂର୍ଣ୍ଣ । ଏହି ରହସ୍ୟର ସୂକ୍ଷ୍ମ ତତ୍ତ୍ୱକୁ କଅଣ ସହଜରେ ବୁଝିହେବ ? ସମାଜରେ ବହୁ କଠୋରପନ୍ଥୀଙ୍କର ଉପାସନା କ୍ଷେତ୍ରରେ କେଉଁ ଆବହମାନ କାଳରୁ ପ୍ରଭାବ ରହି ଆଜି ମଧ୍ୟ କେତେକ ସ୍ଥାନରେ ଜାତିଗତ ଭେଦଭାବ, ଉଚ୍ଚନୀଚ ଭାବନା ରହି ଆସିଥିଲେ ମଧ୍ୟ, ଶ୍ରୀମହାପ୍ରସାଦ ଏକତ୍ର ସେବନ କରିବାରେ କୌଣସି ଦ୍ୱିଧା ନ ରହିବା ଏହା କେବଳ ଚମତ୍କାରିତା ସୃଷ୍ଟି କରେନାହିଁ ରହସ୍ୟମୟ ବୋଲି ଅନୁଭବ କରିହୁଏ । ଯାହା ଅନ୍ୟତ୍ର ସମ୍ଭବପର ନ ହେଉଥିବା ସ୍ଥଳେ ଶ୍ରୀମନ୍ଦିରରେ ଶ୍ରୀମହାପ୍ରସାଦ ସେବନ କ୍ଷେତ୍ରରେ କିପରି ସମ୍ଭବପର ହୋଇପାରୁଛି ? ଏହା ରହସ୍ୟପୂର୍ଣ୍ଣ ନୁହେଁ କି ?

ଶ୍ରୀମନ୍ଦିରରେ ଶାସ୍ତ୍ରସମ୍ମତ ସମସ୍ତ ବିଧିବିଧାନରେ ଷୋଡ଼ଶୋପଚାର ଓ ପଞ୍ଚୋପଚାରରେ ନୈବେଦ୍ୟ ପୂଜା ହେଉଥିଲେ ମଧ୍ୟ ଅମୋଣିହାକୁ ଶ୍ରୀମହାପ୍ରସାଦରେ

CC-0. In Public Domain. Digtized by Muthulakshmi Research Academy

ପରିଣତ କରିବା ପାଇଁ ସର୍ପାମଣୋହି, ଚକ୍ରମଣୋହି ପଦ୍ଧତିରେ ମଧ୍ୟ ସମର୍ପଣ କରାଯାଇଥାଏ । ଯାନିଯାତ୍ରା ଓ ପର୍ବପର୍ବାଣୀ ସମୟରେ ଚଳନ୍ତି ପ୍ରତିମାଙ୍କର ପନ୍ତିଭୋଗ, ଦୈନନ୍ଦିନ ଶ୍ରୀମନ୍ଦିରରେ ଅଣସର ପିଣ୍ଡିରେ ବଲ୍ଲଭ ଭୋଗ, ଭୋଗମଣ୍ଡପ, ସ୍ନାନଯାତ୍ରାରେ ସ୍ନାନ ମଣ୍ଡପରେ, ଗୁଣ୍ଡିଚା ଯାତ୍ରାରେ ନବଯୌବନ, ଉଭା ଅମାବାସ୍ୟା ଓ ଶ୍ରୀଗୁଣ୍ଡିଚାରେ ଅଣସର ପିଣ୍ଡିରେ, ରଥ ଉପରେ, ଗୁଣ୍ଡିଚା ମନ୍ଦିର ସିଂହାସନ ତଳ ଓ ଭୋଗ ମଣ୍ଡପ, ବାହୁଡ଼ା ଯାତ୍ରା ଆଦିରେ ସମର୍ପିତ ନୈବେଦ୍ୟକୁ ମଧ୍ୟ ଶ୍ରୀମହାପ୍ରସାଦ କୁହାଯାଇଥାଏ । ସ୍ନାନମଣ୍ଡପରେ ଶ୍ରୀବିଗ୍ରହମାନଙ୍କ ସ୍ନାନ ଉଦ୍ଦେଶ୍ୟରେ ୧୦୮ ଗଡୁ ଜଳକୁ ଷୋଡ଼ଶୋପଚାରରେ ପୂଜା କରି ଶ୍ରୀମହାପ୍ରସାଦରେ ପରିଣତ ହେବାପରେ ସେଗୁଡ଼ିକ ମହାପ୍ରଭୁଙ୍କ ଉପରେ ଢଳାଯିବା ଏହା କଅଣ କମ୍ ରହସ୍ୟପୂର୍ଣ୍ଣ ? ଏହା କଅଣ ପୃଥିବୀର କେଉଁଠି ଦେଖିବାକୁ ମିଳିବ ଯେ, ଜଳ ମଧ୍ୟ ଷୋଡ଼ଶୋପଚାରରେ ପୂଜା ହୋଇ ଶ୍ରୀମହାପ୍ରସାଦରେ ପରିଣତ ହେବା ଓ ତାହା ପୁଣି ପରଂବ୍ରହ୍ମ ନିଜେ ଗ୍ରହଣ କରିବା, ଏହା ପ୍ରକୃତରେ କି ରହସ୍ୟମୟ ସତେ !

ଶ୍ରୀମନ୍ଦିରରେ ଥିବା ନୀଳଚକ୍ରକୁ ମଧ୍ୟ ପରଂବ୍ରହ୍ମ ଶ୍ରୀଜଗନ୍ନାଥ ବୋଲି ଗ୍ରହଣ କରାଯାଇଥିବା କଥା ନିମ୍ନରେ ବର୍ଣ୍ଣନା କରାଯାଇଅଛି ।

**ଚକ୍ରଂଦୃଷ୍ଟ୍ୱା ହରେର୍ଦୂରାତ୍ ପ୍ରାସାଦୋପରି ସଂସ୍ଥିତମ୍ ।**
**ସହସାମୁଚ୍ୟତେ ପାପାନ୍ନରୋ ଭକ୍ତ୍ୟାପ୍ରଣମ୍ୟତତ୍ ॥**

*(ବ୍ରହ୍ମପୁରାଣ ୪୯/୭୧)*

ଅର୍ଥାତ୍ ଶ୍ରୀମନ୍ଦିର ଉପରେ ଥିବା ହରିଙ୍କର ନୀଳଚକ୍ରଙ୍କୁ ଦୂରରୁ ଦେଖି ଭକ୍ତିରେ ପ୍ରଣାମ କଲେ ସହସା ପାପ ଦୂରେଇଯାଏ । ଏଠାରେ ନୀଳଚକ୍ରଙ୍କୁ ମହାପ୍ରଭୁଙ୍କ ସହିତ ସମାନ ଭାବରେ ଗ୍ରହଣ କରାଯାଇଛି । ସର୍ପାମଣୋହି ବା ଚକ୍ରମଣୋହିରେ କୌଣସି ମନ୍ତ୍ର ନ କୁହାଯାଇ କେବଳ ସମର୍ପଣ କରି ଶ୍ରୀବିଗ୍ରହଙ୍କ ଆଡ଼କୁ ବା ଚକ୍ର ଆଡ଼କୁ ଦେଖାଇଦେଲେ ମଧ୍ୟ ଉପାସ୍ୟ ସନ୍ତୁଷ୍ଟ ହୋଇ ନୈବେଦ୍ୟ ଗ୍ରହଣ କରିଥାନ୍ତି । ତାହା ପୁଣି ଶ୍ରୀମହାପ୍ରସାଦରେ ପରିଣତ ହୋଇଥାଏ । ଯେଉଁଠାରେ ଶାସ୍ତ୍ରୀୟ ବିଧି ଅନୁସାରେ ନୈବେଦ୍ୟ ସମର୍ପିତ ହୁଏ, ସେଠାରେ ପୁଣି ବିନା ମନ୍ତ୍ରରେ କେବଳ ସମର୍ପଣ କରିଦେଲେ ଶ୍ରୀମହାପ୍ରସାଦରେ ପରଣିତ ହେବା ରହସ୍ୟପୂର୍ଣ୍ଣ ମନେହୁଏ ନାହିଁ କି ?

ଶାସ୍ତ୍ରୋକ୍ତ ପଦ୍ଧତିରେ ରତ୍ନସିଂହାସନ ତଳେ ମଣ୍ଡଳ ଭିତରେ ନୈବେଦ୍ୟ ସମର୍ପଣ କରାଯିବା କଥା ଉଲ୍ଲେଖ ଅଛି । ଯଥା:-

**ନ ବାହ୍ୟେ ମଣ୍ଡଳାନାଂ ଚ ସ୍ଥାପନୀୟଂ କଦାଚନ**
**ଯଦାବାହ୍ୟେ ସ୍ଥିତଂ ଦୈବଂ ନୈବେଦ୍ୟଂ ମଣ୍ଡଳସ୍ୟ ଚ**
**ବହିଷ୍ଟୁର୍ଯ୍ୟାଦନ୍ୟଥା ଚେଦ୍ ଭୋଜ୍ୟଂ ତଦ୍ରକ୍ଷସାଦିଭିଃ**
**ଭୋଗସାଧନକାଲେଽପି ଭୁକ୍ଷଃ ଭବତି ଚେତ୍ ପୁନଃ ।**

*(ନୀ.ମ ୭/୧୦୭, ୧୦୮)*

CC-0. In Public Domain. Digitized by Muthulakshmi Research Academy

ଅର୍ଥାତ୍ ମଣ୍ଡଳ ବାହାରେ କୌଣସି ଦ୍ରବ୍ୟ ରଖିବେ ନାହିଁ । ଯଦି ମଣ୍ଡଳର ବାହାରେ କୌଣସି ଦ୍ରବ୍ୟ ରଖାଯାଏ ତେବେ ତାହା ଦେବତାଙ୍କ ଉପଯୋଗୀ ନୈବେଦ୍ୟ ହୋଇପାରିବ ନାହିଁ । ତେଣୁ ମଣ୍ଡଳ ବାହାରେ ଥିବା ଦ୍ରବ୍ୟଗୁଡ଼ିକ ବାହାର କରିଦେବାକୁ ହେବ । ଅନ୍ୟଥା ସେହି ଭୋଗଗୁଡ଼ିକ ଦେବଯୋଗ୍ୟ ନହୋଇ ରାକ୍ଷସଯୋଗ୍ୟ ହୋଇଯିବ । ଏଭଳି ବିଧାନ ଶାସ୍ତ୍ରରେ ବ୍ୟବସ୍ଥା ଥିଲେ ମଧ୍ୟ ଉପର୍ଯୁକ୍ତ ଭାବରେ ମଣ୍ଡଳ ଭିତରେ ନରଖି ବିନା ମନ୍ତ୍ରରେ କେବଳ ସମର୍ପିତ ହେଉଥିବା ନୈବେଦ୍ୟ ମଧ୍ୟ ମହାପ୍ରଭୁଙ୍କ ଦ୍ୱାରା ଗ୍ରହଣୀୟ ହୋଇ ଶ୍ରୀମହାପ୍ରସାଦରେ ପରିଣତ ହେଉଥିବା ଏହା ରହସ୍ୟପୂର୍ଣ୍ଣ ନୁହେଁ କି ? ନୈବେଦ୍ୟକୁ ଶ୍ରୀମହାପ୍ରସାଦରେ ପରିଣତ କରିବା ସମୟରେ ଏକ ପକ୍ଷରେ ଶାସ୍ତ୍ରର କଠୋର ନିୟମ ଥିବାବେଳେ ଅନ୍ୟପକ୍ଷରେ କଟକଣା ଲାଗୁ ନହୋଇ ମଧ୍ୟ ଶ୍ରୀମହାପ୍ରସାଦ ରୂପେ ସର୍ବତ୍ର ଗ୍ରହଣୀୟ ହେବା ଏହା ଅତ୍ୟନ୍ତ ରହସ୍ୟମୟ ମନେ ହେଉନାହିଁ କି ? ଶାସ୍ତ୍ରବିହିତ ନିୟମ ଅନୁସାରେ ଶ୍ରୀମନ୍ଦିରର ସମସ୍ତ ବିଧି ପ୍ରଚଳନ ପାଇଁ ଦ୍ୱାଦଶ ଶତାବ୍ଦୀରେ ଆଚାର୍ଯ୍ୟ ରାମାନୁଜ ଶ୍ରୀକ୍ଷେତ୍ରକୁ ଆସିଥିଲେ । ସମସ୍ତ ଶାସ୍ତ୍ରୀୟ ବ୍ୟବସ୍ଥାର କଟକଣାକୁ ନାପସନ୍ଦ କରି ଏକଦା ମହାପ୍ରଭୁ ତାଙ୍କର ବାହନ ଗରୁଡ଼ ପିଠିରେ ଆଚାର୍ଯ୍ୟଙ୍କୁ ବସାଇ ରାତାରାତି ଶ୍ରୀକ୍ଷେତ୍ରରୁ ବିଦା କରି ଆଉ ନଫେରିବା ପାଇଁ ତାଗିଦ କରିଥିବା କଥା ପ୍ରବାଦ ଅଛି । କାରଣ, ମହାପ୍ରଭୁଙ୍କ ଆବିର୍ଭାବ ରହସ୍ୟରେ ଶାସ୍ତ୍ରୀୟ ସମସ୍ତ ସଂସ୍କାରମୂଳକ ପଦକ୍ଷେପ ବାଧା ସୃଷ୍ଟି କରୁଥିଲା । ଶ୍ରୀକ୍ଷେତ୍ରରେ କେବଳ ବୈଦିକ ଧାରା ନୁହେଁ ତାଙ୍କର ଇଚ୍ଛା ହିଁ କାର୍ଯ୍ୟକାରୀ ହେବ । ଏହା କଅଣ କମ୍ ରହସ୍ୟପୂର୍ଣ୍ଣ ? ଏହି ସ୍ଥାନରେ ମହାପ୍ରଭୁ ଯେଉଁ ଧର୍ମ ପର୍ବତନ କରିଛନ୍ତି ତାହାହିଁ ପରମ ଧର୍ମ । କାରଣ ଧର୍ମ ଯେପରି ଆଚାରର ପ୍ରଭୁ, ସେହିପରି ଭଗବାନ ଶ୍ରୀଜଗନ୍ନାଥ ମଧ୍ୟ ଧର୍ମର ପ୍ରଭୁ ।

ଶ୍ରୀମହାପ୍ରସାଦର ରୂପାନ୍ତର ନିର୍ମାଲ୍ୟ ଓ କୈବଲ୍ୟ । ଏ ସମସ୍ତଙ୍କର ସ୍ଥାନ ଶ୍ରୀଜଗନ୍ନାଥଙ୍କ ସହିତ ସମାନ । ସେଥିପାଇଁ ଜନ୍ମରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ନିର୍ମାଲ୍ୟର ଆବଶ୍ୟକତା ରହିଥିବା ସ୍ଥଳେ ବିବାହ ନିର୍ବନ୍ଧଠାରୁ ନ୍ୟାୟ ନିଶାପ ପର୍ଯ୍ୟନ୍ତ, ବନ୍ଧୁତାରୁ ଆରମ୍ଭ କରି ଚିକିତ୍ସା ପର୍ଯ୍ୟନ୍ତ ସବୁଠି ଆବଶ୍ୟକତା ଥାଏ ଶ୍ରୀମହାପ୍ରସାଦର । ଶୁଭକାର୍ଯ୍ୟରୁ ଅଶୁଭକାର୍ଯ୍ୟ ପର୍ଯ୍ୟନ୍ତ ସବୁଠି ଲୋଡ଼ାଯାଏ ଶ୍ରୀମହାପ୍ରସାଦ ଯାହାକି, ମହାପ୍ରଭୁଙ୍କ ପ୍ରତିଭୂ ବା ପ୍ରତିରୂପ । ଜୀବନଚର୍ଯ୍ୟାରେ ପ୍ରତିଟି କ୍ଷେତ୍ରରେ ଆବଶ୍ୟକତା ଥାଏ ନିର୍ମାଲ୍ୟର । ଜାତୀୟ ସଂହତିର ମାଧ୍ୟମ ହେଉଛି ଶ୍ରୀମହାପ୍ରସାଦ । ସମଗ୍ର ଦେଶ ବିଦେଶରେ ଶ୍ରୀମହାପ୍ରସାଦର ମାନ୍ୟତା ସମାନ ଭାବରେ ରହିଥିବା କଅଣ କମ୍ ରହସ୍ୟପୂର୍ଣ୍ଣ ?

କୈବଲ୍ୟ ପ୍ରାପ୍ତି ଆଶାରେ ଘୋର ତପସ୍ୟାରତା ମା' ପାର୍ବତୀଙ୍କୁ ଶ୍ରୀମହାପ୍ରସାଦ ଦେବା ଉଦ୍ଦେଶ୍ୟରେ ମହାପ୍ରଭୁ ଆବିର୍ଭୂତ ହୋଇଥିବା କଥା ପୌରାଣିକ ଉପାଖ୍ୟାନରୁ ଜଣାପଡ଼େ । ସେହିପରି ଜୀବଜଗତର ମୋକ୍ଷ ପାଇଁ ମଧ୍ୟ ମହାପ୍ରଭୁ ଆବିର୍ଭୂତ ହୋଇ ଶ୍ରୀମହାପ୍ରସାଦ ମାଧ୍ୟମରେ ଭୁକ୍ତି ଓ ସାୟୁଜ୍ୟମୁକ୍ତି ଦେବା ପାଇଁ ନିଜେ ଆବିର୍ଭୂତ ହୋଇଥିବା

CC-0. In Public Domain. Digtized by Muthulakshmi Research Academy

ବିଷୟ ମହାପ୍ରଭୁ ତ୍ରିବାର ସତ୍ୟ କରିଥିବା କଥା ବିଭିନ୍ନ ଶାସ୍ତ୍ରମାନଙ୍କରୁ ଜଣାଯାଏ । ଏଣେ ମା' ପାର୍ବତୀରୂପୀ ବିମଳାଙ୍କ କୈବଲ୍ୟ ପ୍ରାପ୍ତି ଆଶା ପୂରଣ ଓ ତେଣେ ଜୀବଜଗତର ମୋକ୍ଷ ପ୍ରାପ୍ତି ଉଦ୍ଦେଶ୍ୟରେ ମହାପ୍ରଭୁଙ୍କ ଭୋଜନ କରିବା ପାଇଁ ଶ୍ରୀମହାପ୍ରସାଦର ସୃଷ୍ଟି । ଏହି ଶ୍ରୀମହାପ୍ରସାଦ ପ୍ରାପ୍ତିର ଲୋଭ ସମ୍ଭାଳି ନପାରି ଇନ୍ଦ୍ରାଦି ଦେବଗଣମାନେ ମଧ୍ୟ ମନୁଷ୍ୟ ରୂପ ଧରି ଶ୍ରୀମହାପ୍ରସାଦ ସେବନ କରିଥାଆନ୍ତି ବୋଲି ଶାସ୍ତ୍ରମାନଙ୍କରୁ ପ୍ରମାଣ ମିଳେ । ଏହା କଅଣ କମ୍ ରହସ୍ୟର କଥା ?

ଶ୍ରୀମନ୍ଦିରରେ ଅନ୍ନଦାନର ବ୍ୟବସ୍ଥା କାହିଁ କେଉଁ ଅନନ୍ତ କାଳରୁ ଚାଲିଆସିଛି । ଅନ୍ନଦାନର ତ ଉଦ୍ଦେଶ୍ୟ ହିଁ ସେଇଆ ଯେ, ଯିଏ ଜଗତର ଭର୍ତ୍ତା ସେହି ବିଶ୍ୱମ୍ଭରଙ୍କୁ ଅନ୍ନ ଦେଇ ତାଙ୍କର ଉଚ୍ଛିଷ୍ଟ ଶ୍ରୀମହାପ୍ରସାଦ ସମସ୍ତେ ପାଇ ମୁକ୍ତିଲାଭ କରିବା ଏହା କେତେ ରହସ୍ୟପୂର୍ଣ୍ଣ ସତେ ? କେବଳ ସେତିକି ନୁହେଁ ଏହା ମଧ୍ୟ ରହସ୍ୟପୂର୍ଣ୍ଣ ଯେ ଦେବଦେବୀଙ୍କ ଭଳି ପିତୃ ପୁରୁଷ ମଧ୍ୟ ଚାହିଁ ବସିଥାଆନ୍ତି ସେହି ବର୍ଷକର ଗୋଟିଏ ଦିନକୁ ଯେଉଁଦିନ ଶ୍ରାଦ୍ଧରେ ତାଙ୍କୁ ତାଙ୍କର ଔରସ ଶ୍ରୀମହାପ୍ରସାଦ ଦେଇ ସନ୍ତୁଷ୍ଟ କରିଥାଏ । ପତିତପାବନ ନାମ ବୋଲାଉଥିବା ଶ୍ରୀଜଗନ୍ନାଥ କୌଣସି ଜାତିର ଉଦ୍ଧାରକର୍ତ୍ତା ନୁହଁନ୍ତି । ବିଚାର, ଆଚାର, ବ୍ୟବହାର, ମାନସିକତାରେ ଯେ ପତିତ ଅର୍ଥାତ୍ ପାତକୀ ତାହାର ସେ ହେଉଛନ୍ତି ଉଦ୍ଧାର କର୍ତ୍ତା । ଯେଉଁ ପରଂବ୍ରହ୍ମ ଜଗତର ପ୍ରତ୍ୟେକ ଅଣୁ ପରମାଣୁରେ ବିଦ୍ୟମାନ, ଜୀବଜଗତର ପ୍ରତ୍ୟେକ ଜିନିଷ ଯାହାଙ୍କର ସୃଷ୍ଟି ତାଙ୍କ ନିକଟରେ ଜାତିଭେଦର ବାଛବିଚାର ରହିବ କେଉଁଠୁ ଯେ, ସେ କୌଣସି ନିର୍ଦ୍ଦିଷ୍ଟ ଜାତି (ପତିତ)କୁ ଉଦ୍ଧାର କରିବେ ? ସେ ପରା ସମସ୍ତଙ୍କର ଉଦ୍ଧାରକର୍ତ୍ତା । ଉଚ୍ଚନୀଚ ସମସ୍ତେ ଉଦ୍ଧାର ହୁଅନ୍ତି ସେହି ଶ୍ରୀମହାପ୍ରସାଦ ଅନ୍ନ ମୁଠିକରେ । ଅଶରୀରୀ ଆତ୍ମା ଯେଉଁମାନଙ୍କୁ ଶ୍ରୀମନ୍ଦିର ପ୍ରବେଶ ମନା, ସେମାନଙ୍କ ପାଇଁ ମଧ୍ୟ ମହାପ୍ରଭୁ ନିଜେ ରଥ ଉପରେ ଅଧରପଣା ପିଇ ସେହି ଅଧରହାଣ୍ଡିକୁ ତାନ୍ତ୍ରିକ ମତରେ ଉତ୍ସର୍ଗ କରାଇଥାଆନ୍ତି । ସେଇଥିପାଇଁ ଅଧର ହାଣ୍ଡିକୁ ବାଡ଼େଇ ଭାଙ୍ଗି ଦିଆଯାଇ ଅଶରୀରୀଙ୍କ ମୋକ୍ଷ ପାଇଁ ତନ୍ତ୍ରଶାସ୍ତ୍ର ମତେ ଉତ୍ସର୍ଗ କରାଯାଇଥାଏ । ଏହା କଅଣ କମ୍ ରହସ୍ୟପୂର୍ଣ୍ଣ ?

ଜଡ଼ତ୍ୱରେ ଶ୍ରୀଜଗନ୍ନାଥ ଚୈତନ୍ୟ ଆରୋପିତ ହେବାପରେ ଚାଉଳର ଅନ୍ନତ୍ୱ ଲୋପପାଇ ବ୍ରହ୍ମତ୍ୱରେ ରୂପାନ୍ତରିତ ହେବା ଓ ତାହା ଶ୍ରୀମହାପ୍ରସାଦରେ ପରିଣତ ହୋଇ ଜୀବକୁ ପରମ ସହିତ ସଂଯୁକ୍ତ କରିବାର ଅଦ୍‌ଭୁତ କ୍ଷମତା ସେହି ଶ୍ରୀମହାପ୍ରସାଦରେ ଥିବା କଥା ଲକ୍ଷ୍ୟକରି ଏକଦା ପୂଜ୍ୟପାଦ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଚମତ୍କୃତ ହୋଇଥିଲେ । ତାଙ୍କ ଭଳି ଭାରତବର୍ଷର ୫୯ ଗୋଟି ସମ୍ପ୍ରଦାୟର ଆଚାର୍ଯ୍ୟଗଣ ମଧ୍ୟ ସମୟ କ୍ରମେ ଶ୍ରୀଜଗନ୍ନାଥଙ୍କ ସହିତ ଶ୍ରୀମହାପ୍ରସାଦର ମହିମାକୁ ସ୍ୱୀକାର କରି ସମଗ୍ର ଭାରତବର୍ଷରେ ଥିବା ତାଙ୍କର ଶିଷ୍ୟମାନଙ୍କ ମଧ୍ୟରେ ଏହା ପ୍ରଚାର ପ୍ରସାର କରାଇ ଶ୍ରୀକ୍ଷେତ୍ରରେ ସେମାନଙ୍କର ସମ୍ପ୍ରଦାୟମାନଙ୍କର ଅନୁଶାସନ, ମଠ, ଆଖଡ଼ା ଆଦି ସ୍ଥାପନ

CC-0. In Public Domain. Digtized by Muthulakshmi Research Academy

କରିଥିଲେ । ସମୟ ଅନୁସାରେ ସେହି ୫୯ ଗୋଟି ସମ୍ପ୍ରଦାୟର ମଠ ମଧ୍ୟରୁ କେତେକ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ସେବା ସହିତ ଶ୍ରୀମହାପ୍ରସାଦ ମହିମାର ଅଖଣ୍ଡତା ବଜାୟ ରଖିବା ପାଇଁ ରାଜା ମହାରାଜଙ୍କ ଠାରୁ ଅମୃତମଣୋହି ସମ୍ପତ୍ତି, ଚୁଲି, ସେବା ଆଦି ପାଇଥିଲେ । ସମଗ୍ର ଭାରତବର୍ଷର ବିଭିନ୍ନ ପ୍ରଦେଶର ସନ୍ଥ ଆଚାର୍ଯ୍ୟଗଣ ଶ୍ରୀବିଗ୍ରହମାନଙ୍କର ସେବା, ଭୋଗପାଇଁ ହୁକୁମନାମା, ସନନ୍ଦ ଇତ୍ୟାଦି ପାଇ ଶ୍ରୀଜଗନ୍ନାଥ ଚେତନାର ପରିପ୍ରଚାର ସଙ୍ଗେ ସଙ୍ଗେ ଶ୍ରୀମହାପ୍ରସାଦର ମହିମା ପ୍ରଚାର କରିବା ଭକ୍ତମାନଙ୍କ ଦ୍ୱାରା ଆଚାର୍ଯ୍ୟଗଣ ଓ ଯାତ୍ରୀପଣ୍ଡାମାନଙ୍କ ମାଧ୍ୟମରେ ଅନ୍ନଦାନ କରାଇବା ପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରାଇବା ମଧ୍ୟ କିଛି କମ୍ ରହସ୍ୟପୂର୍ଣ୍ଣ ନୁହେଁ ।

ଶ୍ରୀମହାପ୍ରସାଦ ରୂପାନ୍ତରିତ ହୋଇ ନିର୍ମାଲ୍ୟ ବା କୈବଲ୍ୟରେ ପରିଣତ ହୋଇଥାଏ । ସେହି ଶ୍ରୀମହାପ୍ରସାଦର ପ୍ରଶସ୍ତି ୨୬ ଗୋଟି ସଂସ୍କୃତ ସାହିତ୍ୟ ଓ ଅନ୍ୟାନ୍ୟ ବହୁ ପ୍ରାଦେଶିକ ଭାଷାମାନଙ୍କରେ ଦେଖିବାକୁ ମିଳେ । ଏହି ବର୍ଣ୍ଣନା କଅଣ କମ୍ ରହସ୍ୟପୂର୍ଣ୍ଣ ? ଭାଷା ଅଲଗା ଥାଇ ସମସ୍ତ ସାହିତ୍ୟ ଗ୍ରନ୍ଥମାନଙ୍କରେ ଶ୍ରୀମହାପ୍ରସାଦ ପ୍ରଶସ୍ତି ସମ୍ବନ୍ଧରେ ଏକା ପ୍ରକାର ଭାବନା ଓ ବିଚାରର ସମାନତା ରହିବା ମଧ୍ୟ କିଛି କମ୍ ରହସ୍ୟପୂର୍ଣ୍ଣ ନୁହେଁ ତ ? ଅଳ୍ପ ହେଉ ବା ଅଧିକ । ଶୁଦ୍ଧଭାବରେ ହେଉ ବା ଅଶୁଦ୍ଧ ଭାବରେ ହେଉ କୌତୂହଳବଶତଃ ହେଉ ବା ଲୋଭବଶତଃ, ଭକ୍ତିରେ ବା କ୍ଷୁଧାରେ, ସନ୍ନ୍ୟାସୀ, ବାନପ୍ରସ୍ଥୀ ବା ଯେ କେହି ଯେ କୌଣସି ଭାବରେ ଶ୍ରୀମହାପ୍ରସାଦ ଟିକିଏ ପାଇଲେ ମଧ୍ୟ ତତ୍‌କ୍ଷଣାତ୍ ମୁକ୍ତି ପାଉଥିବାରୁ ତାହା ନିର୍ମାଲ୍ୟ ଅଟେ । ଯେଉଁ ବ୍ୟଞ୍ଜନ ମାତା ମହାଲକ୍ଷ୍ମୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇ ଶ୍ରୀବିଷ୍ଣୁଙ୍କ ଦ୍ୱାରା ଭୋଜନ କରାଯାଇଥାଏ ତାହା ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ନିର୍ମାଲ୍ୟ ରୂପେ ଖ୍ୟାତ ବୋଲି ବ୍ରହ୍ମର୍ଷିମାନେ ମତ ଦିଅନ୍ତି । ଯାହାର ସ୍ପର୍ଶରେ ସମସ୍ତ ଅପବିତ୍ର ପବିତ୍ରରେ ପରିଣତ ହୁଏ । ଯାହାର କଣମାତ୍ର ସେବନ ଦ୍ୱାରା କ୍ଷୁଧା ପ୍ରଶମିତ ହୁଏ ଏବଂ ଯାହା ଦର୍ଶନରେ ସଂସାରର ମହାପାପୀ ମଧ୍ୟ ନିଷ୍ପାପ ହୋଇଥାଏ । କନ୍ୟାଦାନ ପାଇଁ ନିର୍ବନ୍ଧ ସମୟରେ ଯାହାକୁ ସାକ୍ଷୀରୂପେ ଗ୍ରହଣ କରାଯାଏ, ଭଦ୍ରଲୋକମାନେ ଯାହାକୁ ପ୍ରମାଣ ଆକାରରେ ଗ୍ରହଣ କରିଥାଆନ୍ତି । ଚଣ୍ଡାଳ ମୁହଁରୁ ଖସି ପଡ଼ିଲେ ମଧ୍ୟ ଯେଉଁ ନିର୍ମାଲ୍ୟ ସଦା ପବିତ୍ର ବୋଲି ଉଲ୍ଲେଖ ଅଛି । ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ଡ. କିଶୋର ଚନ୍ଦ୍ର ମହାପାତ୍ରଙ୍କ ରଚିତ ''ନିର୍ମାଲ୍ୟ ସପ୍ତକମ୍'' ରେ ନିର୍ମାଲ୍ୟ ସମ୍ବନ୍ଧରେ ଅନ୍ୟାନ୍ୟ ଭାଷାମାନଙ୍କରେ ପ୍ରକାଶିତ ଗ୍ରନ୍ଥମାନଙ୍କ ପରି ସମାନ ଭାବନା ପ୍ରକାଶ ହୋଇଛି ତାହା ମଧ୍ୟ ''ନିର୍ମାଲ୍ୟ''ର ମହିମାକୁ ଅଧିକ ରହସ୍ୟମୟ କରିଦେଇଛି ।

ସେହି ବର୍ଣ୍ଣନାନୁସାରେ ଦାରୁବିଗ୍ରହ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୋଜନୋଚ୍ଛିଷ୍ଟ ପଦାର୍ଥ ହିଁ ନିର୍ମାଲ୍ୟ । ଭକ୍ଷ୍ୟ, ଭୋଜ୍ୟ, ଲେହ୍ୟ, ପେୟ, ତୋଷ୍ୟାଦି ମଧୁର ଅମୃତତୁଲ୍ୟ ଅନ୍ନବ୍ୟଞ୍ଜନାଦି ଯେଉଁଥିରେ କି ଘିଅ ପଡ଼ିଥାଉ ବା ନଥାଉ ଯଦି ତାହା ମହାପ୍ରଭୁଙ୍କୁ

CC-0. In Public Domain. Digtized by Muthulakshmi Research Academy

ନୈବେଦ୍ୟ କରାଯାଇ ମା' ବିମଳାଙ୍କୁ ସମର୍ପିତ ହୁଏ, ତାହା ଜଗତରେ ଶ୍ରୀମହାପ୍ରସାଦ ବୋଲି ପରିଚିତ ହୋଇଥାଏ । ସେହି ଶ୍ରୀମହାପ୍ରସାଦ ବାସି ହେଉ ପଛେ ତାହା ଶ୍ରଦ୍ଧା, ଭକ୍ତିରେ ଓ ଆନନ୍ଦରେ ଗ୍ରହଣ କରି ଭୋଜନ କରାଯାଇପାରେ । ସେଥିରେ ଉଚ୍ଛିଷ୍ଟ ଦୋଷ ମଧ୍ୟ ନଥାଏ । ସେହି ହରିଙ୍କର ପ୍ରସାଦକୁ ନିର୍ମାଲ୍ୟ କୁହାଯାଏ । ଏଭଳି ବର୍ଣ୍ଣନାମାନଙ୍କରୁ ସ୍ପଷ୍ଟ ହୁଏ ଯେ, ଶ୍ରୀମହାପ୍ରସାଦ କେବେହେଲେ ଦୂଷିତ ହୁଏ ନାହିଁ । ଏହା ସ୍ପର୍ଶ ଦୋଷ ରହିତ ହୋଇ ଦେବତାମାନଙ୍କ ପାଇଁ ଦୁର୍ଲ୍ଲଭ । ପ୍ରକୃତରେ ଏହା ଏକାଧାରରେ ଭେଦାଭେଦରହିତ, ସମସ୍ତ ବ୍ରତଚାରୀଙ୍କ ଭୋଜ୍ୟ, ମହାପାପନାଶନକାରୀ, ମହାଭୟ ନିବାରକ, ଭଗବଦ୍‌ସାନିଧ୍ୟକାରୀ, ପାଚକ ସଂସର୍ଗ ଦୋଷ ରହିତ, ସର୍ବରୋଗ-ଶାନ୍ତିପ୍ରଦ, ପୁତ୍ର ପୌତ୍ରାଦି ବର୍ଦ୍ଧକ, ଦାରିଦ୍ର୍ୟ ନାଶକାରୀ, ବିଦ୍ୟା ଓ ଦୀର୍ଘାୟୁ ପ୍ରାପ୍ତକାରୀ, ସମସ୍ତ ସମ୍ପଦ ଲାଭକାରୀ, ମୁକ୍ତି ଦାୟକ । ପିତୃପୁରୁଷଙ୍କ ଶ୍ରାଦ୍ଧଯୋଗ୍ୟ ଅତ୍ୟନ୍ତ ପବିତ୍ର ବ୍ରହ୍ମ ସଦୃଶ ନିର୍ବିକାର ବସ୍ତୁ ଅଟେ । ଏହା କିଭଳି ରହସ୍ୟପୂର୍ଣ୍ଣ ତାହା ଭାବିବା ମଧ୍ୟ ସମ୍ଭବପର ହେଉନାହିଁ ।

ଶ୍ରୀମହାପ୍ରସାଦ, ନିର୍ମାଲ୍ୟ ବା କୈବଲ୍ୟ ଯାହା ପାଇଲେ ମନ ଭିତରେ ପବିତ୍ରତା ବା ନିର୍ମଳତାର ଭାବ ଆସିଥାଏ ବୋଲି ସମସ୍ତ ଋଷିମୁନି, ଶାସ୍ତ୍ରକାର, ଲେଖକମାନେ ଉଲ୍ଲେଖ କରିଛନ୍ତି । ସେହି ଶ୍ରୀମହାପ୍ରସାଦ ଶ୍ରୀରାମ ବାଣ ଭଳି କେତେ ଶକ୍ତିଶାଳୀ, ଚମତ୍କାର, ଆଲୌକିକ ଓ ରହସ୍ୟପୂର୍ଣ୍ଣ ତାହା ସ୍ୱର୍ଗତ ଦିବାକର ଦାସଙ୍କ ଜଗନ୍ନାଥ ଚରିତାମୃତର ଏକୋଇଶି ଅଧ୍ୟାୟରେ ଉଲ୍ଲେଖ ଅଛି । ଯେଉଁଥିରେ କୁହାଯାଇଛି ଯେ, ଶ୍ରୀମହାପ୍ରସାଦ ଭୋଜନ କରିବା ତ ଦୂରର କଥା, ସେଥିରୁ ଟିକିଏ ଆଘ୍ରାଣ କରିଦେଲେ ମନରେ ଥିବା ସମସ୍ତ ପାପ ଦୂର ହୁଏ । ଆଖି ବାଟେ ଯଦି କୌଣସି ପାପ ସୃଷ୍ଟି ହୋଇଥାଏ ତାହା କେବଳ ମାତ୍ର ଶ୍ରୀମହାପ୍ରସାଦକୁ ଦେଖିଦେଲେ ଦୂର ହୋଇଯାଇଥାଏ । ଭକ୍ଷଣ କଲାମାତ୍ରକେ ସମସ୍ତ ପାପ ଦୂର ହୋଇଯାଏ । କେବଳ ସେତିକି ନୁହେଁ 'ପ୍ରସାଦ' ବୋଲି କାନରେ ଶୁଣି ଦେବାମାତ୍ରେ, ପାପ ଶରୀର ଛାଡ଼ି ଚାଲିଯାଏ । ସେହିପରି ଶ୍ରୀମହାପ୍ରସାଦ କଥା ସ୍ମରଣ କରିବା ମାତ୍ରେ ସମସ୍ତ ମିଥ୍ୟା ଦୁଷ୍କୃତ ଦୂର ହୋଇଯାଏ । ଶ୍ରୀମହାପ୍ରସାଦକୁ ଶରୀରର ବିଭିନ୍ନ ଅଙ୍ଗରେ ବୋଳି ଦେଲେ ଶରୀରରେ ଥିବା ସମସ୍ତ ପାପ ଦୂର ହୁଏ ।

ମନରେ ଅର୍ଜିଥିବା ପାପ- । ଆଘ୍ରାଣ କଲେ ହୁଏ ଲୋପ ॥
ଦୃଷ୍ଟି ମାର୍ଗରେ ଅର୍ଜିଥିଲେ- । ଦେଖିଲା କ୍ଷଣି ଯାଏ ଭଲେ ॥
ଆସ୍ୱାଦ ବୋଲି ମାତ୍ରକରେ । କରିବା ପାପକୁ ସଂହରେ ॥
ପ୍ରସାଦ ବୋଲି ଯେ ଶୁଣଇଁ । ତତ୍‌କାଳ ପାପ କ୍ଷୟଯାଇ ॥
ସ୍ମରଣ କଲା ମାତ୍ରେ ନୃପ । ମିଥ୍ୟା ଦୁଷ୍କୃତ ହୁଏ ଲୋପ ॥
ଶରୀରେ ଯେତେ ପାପ ଥାଇ । ଅଙ୍ଗେ ଲେପିଲା ଦୂର ହୋଇ ॥
ଅସଂଖ୍ୟ ପ୍ରସାଦ ଗଣିଆ । ବହି ଅଛନ୍ତି ବେଦବ୍ରହ୍ମା ॥

CC-0. In Public Domain. Digitized by Muthulakshmi Research Academy

ଶ୍ରୀ ଦିବାକର ଦାସଙ୍କ ଭଳି ଅସଂଖ୍ୟ ମହାପୁରୁଷ, ଭକ୍ତ, ଦାର୍ଶନିକ, ସନ୍ଥ, ମହନ୍ତ, ରାଜା ମହାରାଜା, ସେବକଗଣଙ୍କର ଶ୍ରୀମହାପ୍ରସାଦ ବିଷୟରେ ଅଲୌକିକ ଅନୁଭୂତି ଓ ଶାସ୍ତ୍ରମାନଙ୍କରୁ ଶ୍ରୀମହାପ୍ରସାଦର ଚମତ୍କାରିତା ଜଣାପଡ଼େ ।

ଉପର୍ଯୁକ୍ତ ମତେ ଶ୍ରୀମହାପ୍ରସାଦ ସମ୍ବନ୍ଧରେ ବିଚାର କଲେ ବେଳକୁ ବେଳ ଅଧିକରୁ ଅଧିକ ରହସ୍ୟମୟ ମନେହୁଏ ଯେ, ସେହି ମହାନିର୍ବାଣ ତନ୍ତ୍ରରେ ଉଲ୍ଲେଖ ଥିବା ବ୍ରହ୍ମାନ୍ନ ଠାରୁ ଅଧିକ ପବିତ୍ରୀତ ଓ ସମଧିକ ମହିମାନ୍ୱିତ ଭେଦଭାବ ଶୂନ୍ୟ ଶ୍ରୀଜଗନ୍ନାଥଙ୍କ ଭୁକ୍ତାବଶେଷ ଅନ୍ନବ୍ରହ୍ମ, ଅନ୍ୟ ସମସ୍ତ ଭୋଗ ବା ପ୍ରସାଦ ଠାରୁ ମହତ୍ତର ହେତୁ ଏହାର ନାମ ଶ୍ରୀମହାପ୍ରସାଦ । ବେଦାନ୍ତ ବର୍ଣ୍ଣିତ ଅନ୍ନମୟ କୋଷଠାରୁ ଜ୍ଞାନମୟ କୋଷ ପର୍ଯ୍ୟନ୍ତ ବ୍ରହ୍ମର ବିଭିନ୍ନ ସ୍ତର ଶ୍ରୀମହାପ୍ରସାଦ ସେବନ ଦ୍ୱାରା ପରିତୃପ୍ତ ଓ ଉତ୍‌ଫୁଲ୍ଲିତ ହୋଇଥାଏ । ଶ୍ରୀମହାପ୍ରସାଦର ମାହାତ୍ମ୍ୟ ସର୍ବତ୍ର ପରିବ୍ୟାପ୍ତ । ଶ୍ରୀମହାପ୍ରସାଦର ଅର୍ଥ କେବଳ ସନ୍ତୋଷ ନୁହେଁ ପରମ ସନ୍ତୋଷ, ପରମ ପ୍ରସନ୍ନତା, ପରମ ଆନନ୍ଦ । ନିର୍ମଳ ହୃଦୟ ହିଁ ପରମ ପ୍ରସନ୍ନତାର ଆଧାର । ଏଣୁ ଶ୍ରୀମହାପ୍ରସାଦ ପାଇଲାବେଳେ ମନରେ କୌଣସି ଜାତି ଧର୍ମର ସଂକୀର୍ଣ୍ଣତା ନଥାଏ । ଏଗୁଡ଼ିକ ମନ ଭିତରକୁ ପଶି ଆସିଲେ ମନର ନିର୍ମଳତା ଦୂରକୁ ଚାଲିଯାଏ । ତେଣୁ ପ୍ରସନ୍ନତା ମଧ୍ୟ ଆପେ ଆପେ ଦୂରେଇ ଯାଏ ।

ଗଭୀର ଭାବରେ ଚିନ୍ତାକଲେ ରହସ୍ୟମୟ ଲାଗେ କଳାଠାକୁରଙ୍କ ଚକାଆଖି । ଏହି ଚକାଆଖି ଯୋଡ଼ିକ ଯେପରି ବିସ୍ତୃତ ଓ ବିଶାଳ ଏବଂ ପ୍ରସନ୍ନତା ପ୍ରଦାୟକ ସେହିପରି ପ୍ରଶାନ୍ତ ଚିତ୍ତରେ ଶ୍ରୀମହାପ୍ରସାଦ ସେବନ କଲେ ମନୁଷ୍ୟର ସମସ୍ତ ପ୍ରକାର ସଂକୀର୍ଣ୍ଣତା ଭାବ ନଷ୍ଟ ହୋଇଯାଏ । ତା' ପରିବର୍ତ୍ତେ ମନରେ ସ୍ଥାନ ପାଏ ବିଶାଳତା ଓ ପ୍ରସନ୍ନତା । ସେ ମହାଭାବ ଦ୍ୱାରା ଦୀକ୍ଷିତ ହୁଏ । ଆକାଶ ଯେପରି ନିର୍ମଳ, ମହାନ୍ ଓ ବ୍ୟାପକ ସେଭଳି ବ୍ୟାପକତା, ପ୍ରସନ୍ନତା, ଅସଂକୀର୍ଣ୍ଣତା ଏବଂ ସମତା ହେଉଛି ପୂଣ୍ୟକ୍ଷେତ୍ର ଶ୍ରୀକ୍ଷେତ୍ରର ପରମ ସମ୍ପଦ । ଆନନ୍ଦରେ ଶ୍ରୀମହାପ୍ରସାଦ ଖାଇବା, ଆନନ୍ଦରେ ବୁଲିବା, ଆନନ୍ଦରେ ମହାପ୍ରଭୁଙ୍କୁ ଦର୍ଶନ କରିବା ଓ ମହାନନ୍ଦରେ ସେହି ମହାସତ୍ତାରେ ନିଜକୁ ଏକାକାର କରି ପରମାନନ୍ଦ ପାଇ ଅଖଣ୍ଡ ପରିପୂର୍ଣ୍ଣତା ଲାଭ କରିବା ହିଁ ଜୀବନର ଲକ୍ଷ୍ୟ ।

ଶ୍ରୀଜଗନ୍ନାଥ ଚେତନାରେ ଶ୍ରୀମହାପ୍ରସାଦର ଆଉ ଗୋଟିଏ ପରମ ରହସ୍ୟ ରହିଛି । ତାହାହେଲା ପରମାତ୍ମା ଶ୍ରୀଜଗନ୍ନାଥଙ୍କର ପ୍ରସନ୍ନତା ହିଁ ଜୀବର ଏକମାତ୍ର ଲକ୍ଷ୍ୟ ଓ ଧ୍ୟେୟ ବସ୍ତୁ । ତାହା ପାଇବା ପାଇଁ ତାଙ୍କୁ ସମର୍ପିତ ହୋଇଥିବା ନୈବେଦ୍ୟ ହେଉଛି ଆତ୍ମସମର୍ପଣ ଭାବର କେବଳ ପ୍ରତୀକ ମାତ୍ର । ଯାହା ସମର୍ପଣ କରିଦେଲେ ଯେଉଁ ଆତ୍ମାନନ୍ଦ ମିଳେ ସେଇଥିରୁ ହିଁ ଜୀବର ପରିପୂର୍ଣ୍ଣତା ଆସେ । ସେହି ପରିପୂର୍ଣ୍ଣତା ଆଣିଦିଏ ମାନସିକ ଶାନ୍ତି । ମହାପ୍ରଭୁ ସେହି ନୈବେଦ୍ୟକୁ ଗ୍ରହଣ କରି ଉଚ୍ଛିଷ୍ଟ କରିଦେଲେ, ଜୀବଜଗତ ତାକୁ ଶ୍ରୀମହାପ୍ରସାଦ ଆକାରରେ ଗ୍ରହଣ କରେ । ତାହାର

CC-0. In Public Domain. Digtized by Muthulakshmi Research Academy

ବ୍ୟାକରଣଗତ ଅର୍ଥ ହେଉଛି ଦୟା, ଅନୁକମ୍ପା, ଅନୁଗ୍ରହ, କୃପା, କରୁଣା । ଅର୍ଥାତ୍ ଯାହା ଉପରେ ମହାପ୍ରଭୁଙ୍କ କରୁଣା ହୁଏ, ସେ କୃପାକରି ତାକୁ ତାଙ୍କର ଉଚ୍ଛିଷ୍ଟ ଦେଇଥାଆନ୍ତି । ସେଇଥିପାଇଁ ତ ଶ୍ରୀକ୍ଷେତ୍ରର ଅନ୍ୟନାମ ହେଉଛି ଉଚ୍ଛିଷ୍ଟପୀଠ । ସେହି ମହାପ୍ରଭୁଙ୍କ ଉଚ୍ଛିଷ୍ଟ ଦ୍ରବ୍ୟ ହେଉଛି ଖାଲି ଆଖିକୁ ଦେଖାଯାଉଥିବା ବିଭିନ୍ନ ବ୍ୟଞ୍ଜନ ଶ୍ରୀମହାପ୍ରସାଦ । କିନ୍ତୁ ଖାଲି ଆଖିକୁ ଦେଖାନଯାଇ ମଧ୍ୟ ମଣିଷକୁ ଯାହା ମିଳେ ତାହା ହେଉଛି ଶାନ୍ତି । କେବଳ ଶାନ୍ତି ତ ନୁହେଁ, ତାହା ହେଉଛି ଆତ୍ମିକ ଶାନ୍ତି, ପରମ ଶାନ୍ତି, ଆଧ୍ୟାତ୍ମିକ ଶାନ୍ତି ଯାହା ପାଇବା ହିଁ ଜୀବର ପରମ ଓ ଚରମ ଲକ୍ଷ୍ୟ । ଯାହା ଥରେ ପାଇଗଲେ ସେ ସେହି ଆଖିରେ ଦୁନିଆଁକୁ ଆଖି ବୁଲାଇ ଦେଖିନିଏ । ଆଉ ସର୍ବତ୍ର ଦେଖେ, ମହାପ୍ରଭୁଙ୍କ ସୃଷ୍ଟିରେ କେବଳ ଶ୍ରୀଜଗନ୍ନାଥ ହିଁ ବିଦ୍ୟମାନ । ପରଂବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ବ୍ୟତୀତ ତାକୁ ଆଉ କିଛି ଦିଶେ ନାହିଁ । ତାହାହିଁ ତ ଶ୍ରୀମହାପ୍ରସାଦର ଚରମ ଓ ପରମ ରହସ୍ୟ ।

ଶ୍ରୀମହପ୍ରସାଦର ମହାସ୍ରୋତ ଭିତରେ ଥରେ ବୁଡ଼ିଗଲେ ନିଜକୁ ଭୁଲି ହୋଇଯାଏ । ଏହାହିଁ ତ ରହସ୍ୟମୟ । ଜୀବନର ସମସ୍ତ ଦୁଃଖ ଗ୍ଲାନି ଆପେ ଆପେ ଅପସରିଯାଏ । ଭକ୍ତମାନେ ସେହି ଶ୍ରୀମହାପ୍ରସାଦ ଟିକିଏ ତୁଣ୍ଡରେ ମାରି ମହାଭାବର ମହାସ୍ରୋତରେ ବୁଡ଼ିଯିବା ପାଇଁ ଧାଇଁ ଆସନ୍ତି ଆନନ୍ଦବଜାରକୁ । ସଦାନନ୍ଦର ସ୍ଥଳ ଏହି ଆନନ୍ଦବଜାର । ଏଠାରେ ଟିକିଏ ବି ଦୁଃଖ ବା ଅନୁଶୋଚନା ନଥାଏ । ମନର ଅବସ୍ଥା ଏପରି କାହିଁକି ହୁଏ, ଏହା ପ୍ରକୃତରେ ରହସ୍ୟମୟ ବୋଲି ମନେହୁଏ ନାହିଁ କି ? ଭଜନ ସମ୍ରାଟ ଭିକାରୀ ବଳଙ୍କ କଣ୍ଠରୁ ଝରି ଆସୁଥିବା ଭାବ 'ଚାଉଳରୁ ନିର୍ମାଲ୍ୟ ହୁଏ ଯେଉଁ ନିର୍ମାଲ୍ୟ ପାଇବା ପାଇଁ ଭକ୍ତ ବାଇଆ ହୋଇଉଠେ' ତାହା ଏଠାରେ ପ୍ରତିପାଦିତ କରୁନାହିଁ କି ? ସେହି ବାଇଆ ଭାବ ପ୍ରେମାନନ୍ଦ ନୁହେଁ କି ? ଶ୍ରୀକ୍ଷେତ୍ର ବ୍ୟତୀତ କାହିଁ ଅନ୍ୟ କେଉଁଠି ପ୍ରସାଦ ପାଇ କ'ଣ ଏଭଳି ପରମାନନ୍ଦ ବା ପ୍ରେମାନନ୍ଦ (ବାଇଆ ଭାବ) ମିଳୁଥିବାର ଉଦାହରଣ ଅଛି !

ଏହି କଥାଗୁଡ଼ିକ ବିଚାର କଲାବେଳେ ସ୍ୱାଭାବିକ୍ ମନ ଭିତରକୁ ଏହି ଭାବନା ଚାଲିଆସେ ଯେ, ପ୍ରକୃତରେ ତ ମହାପ୍ରଭୁ ଶ୍ରୀଜଗନ୍ନାଥ, ତାଙ୍କର ଲୀଳା, ତାଙ୍କର ମହିମା ଏବଂ ତାଙ୍କର ଶ୍ରୀକ୍ଷେତ୍ର ଏସବୁଗୁଡ଼ିକ ଯେପରି ରହସ୍ୟମୟ ତାଙ୍କର ଶ୍ରୀମହାପ୍ରସାଦ ମଧ୍ୟ ସେହିପରି ରହସ୍ୟମୟ । ତାଙ୍କର ଲୀଳା ଭଳି ତାଙ୍କର କୈବଲ୍ୟ ଲୀଳା ବା ଶ୍ରୀମହାପ୍ରସାଦ ଲୀଳା ମଧ୍ୟ ଅତ୍ୟନ୍ତ ରହସ୍ୟମୟ । ଧନ୍ୟ ପ୍ରଭୁ ଶ୍ରୀଜଗନ୍ନାଥ ! ଧନ୍ୟ ତୁମର ଶ୍ରୀମହାପ୍ରସାଦ ଲୀଳା ।

CC-0. In Public Domain. Digtized by Muthulakshmi Research Academy

# ସହାୟକ ଗ୍ରନ୍ଥସୂଚୀ


| | | |
|---|---|---|
| ୧. | ଶ୍ରୀମଦ୍ ଭାଗବତ ମହାପୁରାଣମ୍ | ଗୀତାପ୍ରେସ୍, ଗୋରଖପୁର |
| ୨. | ଶ୍ରୀମଦ୍ ଭାଗବତ | ଗୀତାପ୍ରେସ୍, ଗୋରଖପୁର |
| ୩. | ମନୁସ୍ମୃତି | ଚୌଖମ୍ବା ପ୍ରକାଶନ, ବାରାଣସୀ |
| ୪. | ଛାନ୍ଦଗ୍ୟୋପନିଷଦ | |
| ୫. | ବିଷ୍ଣୁପୁରାଣମ୍ | ଗୀତାପ୍ରେସ୍, ଗୋରଖପୁର |
| ୬. | ବ୍ରହ୍ମବୈବର୍ତ୍ତ ପୁରାଣମ୍ | ଚୌଖମ୍ବା ପ୍ରକାଶନ, ବାରାଣସୀ |
| ୭. | ପଦ୍ମ ପୁରାଣ (କ୍ରୀୟାଯୋଗସାର) | |
| ୮. | ସ୍କନ୍ଦ ପୁରାଣମ୍, ଉତ୍କଳ ଖଣ୍ଡ | ଖେମରାଜ ଶ୍ରୀକୃଷ୍ଣ ଦାସ, ମୁମ୍ବାଇ |
| ୯. | କପିଳ ସଂହିତା | ସମ୍ପାଦନା, କେଦାରନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର, ପ୍ରଥମ ସଂସ୍କରଣ, ୨୦୦୦ । |
| ୧୦. | ରୁଦ୍ର ଯାମଳ ତନ୍ତ୍ରମ୍ | |
| ୧୧. | ବାମଦେବ ସଂହିତା | ମୁକ୍ତିମଣ୍ଡପ ପଣ୍ଡିତ ସଭା, ଶ୍ରୀମନ୍ଦିର, ପୁରୀ |
| ୧୨. | ନୀଳାଦ୍ରି ମହୋଦୟଃ | ସଦ୍‌ଗ୍ରନ୍ଥ ନିକେତନ, ଶ୍ରୀମନ୍ଦିର, ପୁରୀ । |
| ୧୩. | ମହାପୀଠ ନିରୂପଣମ୍ | |
| ୧୪. | ପର୍ଶୁରାମ କଳ୍ପସୂତ୍ର | |
| ୧୫. | ମହାପୁରୁଷ ବିଦ୍ୟା | ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ |
| ୧୬. | ଭବିଷ୍ୟପୁରାଣମ୍ | ଚୌଖମ୍ବା ପ୍ରକାଶନ, ବାରାଣସୀ |
| ୧୭. | ଶାରଦାତିଳକମ୍ | ଚୌଖମ୍ବା ପ୍ରକାଶନ, ବାରାଣସୀ |
| ୧୮. | ମହାନିର୍ବାଣତନ୍ତ୍ରମ୍ | ଚୌଖମ୍ବା ପ୍ରକାଶନ, ବାରାଣସୀ |
| ୧୯. | ବୃହଦ୍ଧର୍ମପୁରାଣମ୍ | ଚୌଖମ୍ବା ପ୍ରକାଶନ, ବାରାଣସୀ |
| ୨୦. | ବୃହଦ୍‌ତନ୍ତ୍ରସାରମ୍ | ଚୌଖମ୍ବା ପ୍ରକାଶନ, ବାରାଣସୀ |


CC-0. In Public Domain. Digtized by Muthulakshmi Research Academy

୨୧. ମୁକ୍ତି ଚିନ୍ତାମଣିଃ — ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ

୨୨. ଶ୍ରୀବିଷ୍ଣୁସହସ୍ରନାମଃ — ଗୀତାପ୍ରେସ୍, ଗୋରଖପୁର

୨୩. କୁଳାର୍ଣ୍ଣବତନ୍ତ୍ରମ୍ — ଚୌଖମ୍ବା ପ୍ରକାଶନ, ବାରାଣସୀ

୨୪. ସୌଭାଗ୍ୟମଞ୍ଜୁଷା (ବଙ୍ଗଳା) — ଲେ-କୃଷ୍ଣାନନ୍ଦ ବ୍ରହ୍ମଚାରୀ

୨୫. ଓଡ଼ିଆ ଭାଗବତ — ମହାପୁରୁଷ ଅତିବଡ଼ି ଜଗନ୍ନାଥ ଦାସ

୨୬. ଲକ୍ଷ୍ମୀପୁରାଣ — ମହାପୁରୁଷ ବଳରାମ ଦାସ

୨୭. ଜଗନ୍ନାଥ ଚରିତାମୃତ — ଦିବାକର ଦାସ

୨୮. ବେଦ ଓ ପୁରାଣ ସାହିତ୍ୟରେ ଶ୍ରୀମହାପ୍ରସାଦ, ସଂଗ୍ରାହକ- — ✓ ପଣ୍ଡିତ ସଦାଶିବ କାବ୍ୟକଣ୍ଠ

୨୯. ଚୈତନ୍ୟ ଚରିତାମୃତ (ବଙ୍ଗଳା) — ଗୀତାପ୍ରେସ୍ ଗୋରଖପୁର

୩୦. ଉରେଷା ବର୍ଣ୍ଣନ (ଅହମିୟା ଭାଷା) — ଲେ- ଶ୍ରୀମନ୍ତ ଶଙ୍କରଦେବ, ଅନୁବାଦକ ✓କୁମାରକବି ଅରକ୍ଷିତ ପ୍ରଧାନ, ପ୍ରକାଶକ- ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀ ।

୩୧. ପୁରୁଷୋତ୍ତମ ଚନ୍ଦ୍ରିକା (ବଙ୍ଗଳା) — ଲେ- ଭବାନୀଚରଣ ବନ୍ଦୋପାଧ୍ୟାୟ ସମ୍ପାଦନା- ଗୌରାଙ୍ଗ ଚରଣ ଦାଶ

୩୨. ମାଦଳା ପାଞ୍ଜି, ରାଜଭୋଗ ଇତିହାସ — ଡ. ଆର୍ତ୍ତବଲ୍ଲଭ ମହାନ୍ତି, ବାଣୀବିହାର

୩୩. A manual of Jagannath Temple & Other Related Tests

୩୪. ୧୯୦୩ ମସିହାରେ ସାର୍ ଗେରେଟସ୍‌ଙ୍କ ରିପୋର୍ଟ

୩୫. ପ୍ରାକ୍ତନ ପୁରୀ ଜିଲ୍ଲାପାଳ- ସି. ଗ୍ରୁମ୍‌ଙ୍କର ୧୮୦୩ ରିପୋର୍ଟ

୩୬. ଶ୍ରୀମନ୍ଦିର ଅଭିଲେଖମାଳା — ସଂକଳନ- ✓ଜଗବନ୍ଧୁ ପାଢ଼ୀ, ପ୍ରକାଶକ- ଶ୍ରୀମନ୍ଦିର ପ୍ରଶାସନ, ପୁରୀ

୩୭. ପ୍ରାଚୀନ ଉତ୍କଳ (୧ମ ଭାଗ) — ଶ୍ରୀ ଜଗବନ୍ଧୁ ସିଂହ

୩୮. କୃପାସିନ୍ଧୁ ମିଶ୍ର ରଚନାବଳୀ — ଡଃ. ପ୍ରସନ୍ନ କୁମାର ସ୍ୱାଇଁ


CC-0. In Public Domain. Digtized by Muthulakshmi Research Academy

୩୯. ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ (ପ୍ରଥମ ସ୍ତବକ) ଉତ୍କଳ ପାଠକ ସଂସଦ, କଟକ

୪୦. ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ (ଦ୍ୱିତୀୟ ସ୍ତବକ) ଉତ୍କଳ ପାଠକ ସଂସଦ, କଟକ

୪୧. ଶ୍ରୀଜଗନ୍ନାଥ ଚେତନାର ଶାସ୍ତ୍ରୀୟ ଭିତ୍ତିଭୂମି ପ୍ରକାଶକ- ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ, ପୁରୀ

୪୨. ପୁରୀବୋଲି — ଡ. ସିଦ୍ଧେଶ୍ୱର ମହାପାତ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର

୪୩. ଶ୍ରୀଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ — ଲେ- ଶ୍ରୀ ସୂର୍ଯ୍ୟନାରାୟଣ ଦାଶ

୪୪. ଶ୍ରୀଜଗନ୍ନାଥଙ୍କ ସେବା ଓ ସେବକ ସମ୍ପାଦନା- ଦେଉଳ କର୍ମାଙ୍ଗୀ — ଡ. ବଂଶୀଧର ମହାନ୍ତି

୪୫. ପୂର୍ଣ୍ଣଚନ୍ଦ୍ର ଭାଷାକୋଷ — ଡ. ଗୋପାଳଚନ୍ଦ୍ର ପ୍ରହରାଜ

୪୬. ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି — ପ୍ରକାଶକ- ଓଡ଼ିଶା ସରକାର

୪୭. ଶ୍ରୀଜଗନ୍ନାଥ ସ୍ତୋତ୍ରରତ୍ନାବଳୀ — ଡଃ. ସୁରେନ୍ଦ୍ର କୁମାର ମିଶ୍ର, ଶ୍ରୀବିହାର, ପୁରୀ ।

୪୮. ଶ୍ରୀକ୍ଷେତ୍ର ମଠ ଐତିହ୍ୟ — ଡ. ସୁରେନ୍ଦ୍ର କୁମାର ମିଶ୍ର, ଶ୍ରୀବିହାର, ପୁରୀ

୪୯. ଶ୍ରୀଜଗନ୍ନାଥ ସେବା ସନନ୍ଦ — ଡ. ସୁରେନ୍ଦ୍ର କୁମାର ମିଶ୍ର, ଶ୍ରୀବିହାର, ପୁରୀ

୫୦. ଶ୍ରୀଜଗନ୍ନାଥ ଚେତନା- ସଂହତିର ସ୍ୱରଲିପି — ଡ. ସୁରେନ୍ଦ୍ର କୁମାର ମିଶ୍ର, ଗବେଷଣା ଅଧିକାରୀ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀବିହାର, ପୁରୀ

୫୧. ମଠ ସଂସ୍କୃତି — ଡ. ଭାସ୍କର ମିଶ୍ର, ଫ୍ରେଣ୍ଡସ୍ ପବ୍ଲିଶର୍ସ କଟକ-୨

୫୨. ଶ୍ରୀଜଗନ୍ନାଥ ସଂସ୍କୃତିର ଦିଗ ଓ ଦିଗନ୍ତ ୨ୟ ଭାଗ — ∨ବୈଦ୍ୟନାଥ ଗୋଛିକାର

୫୩. ମହାଲକ୍ଷ୍ମୀ, ମହାପ୍ରସାଦ, ମହାପ୍ରଭୁ — ଲେ- ଶ୍ରୀ ରବୀନ୍ଦ୍ର ନାରାୟଣ ମିଶ୍ର

୫୪. ଶ୍ରୀକ୍ଷେତ୍ରର ଅଜ୍ଞାତ ଅଧ୍ୟାୟ — ପଣ୍ଡିତ ହରିହର ମହାପାତ୍ର, ଏସ୍‌ବି ପବ୍ଲିକେଶନ୍‌ସ, କଟକ-୨


CC-0. In Public Domain. Digtized by Muthulakshmi Research Academy

୫୫. ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର, ପୁରୁଷୋତ୍ତମ ଲୀଳା ଓ ସଂସ୍କାର, ଓଡ଼ିଶା ପାଠ୍ୟପୁସ୍ତକ ପ୍ରଣୟନ ସଂସ୍ଥା, ଭୁବନେଶ୍ୱର ।

୫୬. ଉତ୍କଳ ପ୍ରସଙ୍ଗ- ଜୁଲାଇ ମାସ ରଥସଂଖ୍ୟା- ୨୦୦୮ ଓଡ଼ିଶା ସରକାର

୫୭. ଉତ୍କଳ ପ୍ରସଙ୍ଗ- ୨୦୦୭- ଓଡ଼ିଶା ସରକାର

୫୮. ଉତ୍କଳ ପ୍ରସଙ୍ଗ- ୧୯୯୮- ଓଡ଼ିଶା ସରକାର

୫୯. ନିର୍ମାଲ୍ୟ/ଶ୍ରୀଜଗନ୍ନାଥ ମିଶନ ମୁଖପତ୍ର- ୧୯୮୯, ଜାନୁଆରୀ-ମାର୍ଚ୍ଚ ସଂଖ୍ୟା

୬୦. ନିର୍ମାଲ୍ୟ/ଶ୍ରୀଜଗନ୍ନାଥ ମିଶନ ମୁଖପତ୍ର- ୧୯୯୦, ଡିସେମ୍ବର-ମାର୍ଚ୍ଚ ସଂଖ୍ୟା

୬୧. ନିର୍ମାଲ୍ୟ/ଶ୍ରୀଜଗନ୍ନାଥ ମିଶନ ମୁଖପତ୍ର- ୧୯୮୩ ଜୁନ୍-ଜୁଲାଇ ସଂଖ୍ୟା

୬୨. ନିର୍ମାଲ୍ୟ/ଶ୍ରୀଜଗନ୍ନାଥ ମିଶନ ମୁଖପତ୍ର- ୧୯୯୯ ସେପ୍ଟେମ୍ବର-ଅକ୍ଟୋବର

୬୩. ଶ୍ରୀମନ୍ଦିର (ରଥଯାତ୍ରା ବିଶେଷାଙ୍କ)- ୨୦୧୦ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ

ଓଡ଼ିଆ ସାହିତ୍ୟରେ ଶ୍ରୀମହାପ୍ରସାଦ- ଲେ- ରବୀନ୍ଦ୍ରନାଥ ପ୍ରତିହାରୀ

୬୪. ଶ୍ରୀମନ୍ଦିର (ରଥଯାତ୍ରା ବିଶେଷାଙ୍କ)- ୨୦୦୪, ଶ୍ରୀମହାପ୍ରସାଦର ପରିଭାଷା

୬୫. ଶ୍ରୀମନ୍ଦିର (କାର୍ତ୍ତିକ ସଂଖ୍ୟା)- ୨୦୦୪, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ

୬୬. ଶ୍ରୀମନ୍ଦିର ସମାଚାର- ୧୯୯୯- ପ୍ରକାଶକ- ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ

୬୭. ଶ୍ରୀଜଗନ୍ନାଥ ପତ୍ରିକା- ୧୯୯୩ ଜାନୁଆରୀ-ମାର୍ଚ୍ଚ

୬୮. ଗୁଣ୍ଡିଚା ମଙ୍ଗଳ- ନୀଳାମ୍ବର ଦାସ

୬୯. କାଞ୍ଚି କାବେରୀ- ଶ୍ରୀପୁରୁଷୋତ୍ତମ ଦାସ

(ବଙ୍ଗଳା ଲିପିରେ ଅନୁବାଦିତ ଓ ସଂକଳିତ ସୁକୁମାର ସେନ ଓ ସୁନନ୍ଦା ସେନ୍ କଲିକତା ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ)

CC-0. In Public Domain. Digtized by Muthulakshmi Research Academy

CC-0. In Public Domain. Digtized by Muthulakshmi Research Academy

CC-0. In Public Domain. Digtized by Muthulakshmi Research Academy

CC-0. In Public Domain. Digtized by Muthulakshmi Research Academy

ଶ୍ରୀ ରବୀନ୍ଦ୍ରନାଥ ପ୍ରତିହାରୀ

ଆଡ଼ଭୋକେଟ ଶ୍ରୀଯୁକ୍ତ ପ୍ରତିହାରୀଙ୍କର ୧୯୪୨ ମସିହାରେ ଶ୍ରୀଜଗନ୍ନାଥଙ୍କ ସେବକ ପରିବାରରେ ଜନ୍ମ। ସେ ମହାପ୍ରଭୁଙ୍କର ଜଣେ ନିଷ୍ଠାପର ପ୍ରତିହାରୀ ଓ ହଡ଼ପ ସେବକ। ସେ ଓଡ଼ିଶା ସରକାରଙ୍କ ଦ୍ୱାରା ମନୋନୀତ ହୋଇ ଦୀର୍ଘ ନଅ ବର୍ଷ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଦସ୍ୟ ଥିବା ସଙ୍ଗେ ସଙ୍ଗେ ବହୁବର୍ଷ ପର୍ଯ୍ୟନ୍ତ ପ୍ରତିହାରୀ ନିଯୋଗର ସଭାପତି, ସାଧାରଣ ସଂପାଦକ ଭାବରେ ଦାୟିତ୍ୱ ତୁଲାଇଥିଲେ। ବିଭିନ୍ନ ସାମାଜିକ, ସାଂସ୍କୃତିକ, ଶୈକ୍ଷିକ, ପରୋପକାର, ସେବାମୂଳକ ଓ ଗଠନ ମୂଳକ କାର୍ଯ୍ୟରେ ସେ ସର୍ବଦା ମଗ୍ନ। ଶ୍ରୀଜଗନ୍ନାଥ ଚେତନା ଆଧାରିତ ତାଙ୍କର ଦୁଇଟି ପୁଷ୍ପ "ଶ୍ରୀଦାରୁବ୍ରହ୍ମଙ୍କ ଲୀଳା ରହସ୍ୟ" ଓ "ଶ୍ରୀଦାରୁବ୍ରହ୍ମଙ୍କ ଆଙ୍କାମାଳ ରହସ୍ୟ" ଓ ବହୁ ପ୍ରବନ୍ଧ, ଆଲେଖ୍ୟ ତାଙ୍କର ଆଧ୍ୟତ୍ମିକ ଓ ବୌଦ୍ଧିକ ଚିନ୍ତନର ପରିଚୟ ଦିଏ।

ଶ୍ରୀଜଗନ୍ନାଥ ଚେତନାର ପ୍ରଚାର ପ୍ରସାର ପାଇଁ ଶ୍ରୀଯୁକ୍ତ ପ୍ରତିହାରୀ ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ନାମକ ଏକ ଜାତୀୟ ସଂସ୍ଥାର ମହାସଚିବ ଭାବେ କାର୍ଯ୍ୟରତ। ତାଙ୍କର କର୍ମ ନିଷ୍ଠା ଫଳରେ ମାତ୍ର ଅଳ୍ପ ଦିନରେ ଏହି ସଂସ୍ଥାଟି ସମଗ୍ର ଭାରତ ବର୍ଷରେ ଗ୍ରହଣୀୟ ହେବା ସଙ୍ଗେ ସଙ୍ଗେ ଦେଶ ବିଦେଶରେ ଥିବା ବିଭିନ୍ନ ଶ୍ରୀଜଗନ୍ନାଥ ମନ୍ଦିର ମଧ୍ୟରେ ଭାବଗତ ଐକ୍ୟ ସ୍ଥାପନ, ଗବେଷଣା, ଆଲୋଚନା ଚକ୍ର, କର୍ମଶାଳା, କେନ୍ଦ୍ରୀୟ ଗ୍ରନ୍ଥାଗାର ସ୍ଥାପନ, ପୁସ୍ତକ ପ୍ରକାଶନ ଦିଗରେ ଆମ ପ୍ରଦେଶରେ ପ୍ରଭାବ ସୃଷ୍ଟି କରିପାରିଛି। ମହାପ୍ରଭୁଙ୍କ ମହାନ କରୁଣାରୁ ତାଙ୍କର ଚେତନାର ଗଭୀର ଅଧ୍ୟୟନର ଫଳ ସ୍ୱରୂପ ଏହି ପୁସ୍ତକଟିର ଆତ୍ମପ୍ରକାଶ।

ପ୍ରକାଶକ

CC-0. In Public Domain. Digtized by Muthulakshmi Research Academy